ପର ବର୍ତ୍ତକ ସହଜ ଦ୍ୱୟର ରଣ । ପ୍ରକଟ କର ମର୍କଟବର ମରଣ ॥
ସକଳ ସମ୍ପଦ ଦତ୍ତକର ସଖର । କନ୍ୟ କଣ୍ଠ କର ଅବରଜ ସଙ୍ଗର ॥
ପ୍ରସ୍ରବଣଧର ପର ଯବ ଗମନ । ତବ ରଞ୍ଜନ ରଞ୍ଜଇ ସମସ୍ତ ମନ ॥
ଲଭଇ ମହତ ମହଇଭର ସମ । ଅନନ୍ତ ଉନ୍ନତ ଦନ୍ତ କଟକ ରମ୍ୟ ॥
ସମ୍ମର ସମ ଖଡଗ ଭଲ୍ଲ ଉଜ୍ଜ୍ୱଳ । ଚକ୍ରଖଗର ଗମନ ବଡ଼ଚପଳ ॥
ଅମର ନଗର ବତ ଗନ୍ଧର୍ବ ଘନ । ଅର୍ଣ୍ଣବ ଲକ୍ଷଣ ଚକ୍ରଧର ଶୟନ ॥
ଘନ ଲକ୍ଷ ସମ୍ବର ଧରଇ ଉଦର । ସକଳ ଚନ୍ଦ୍ର ମଣ୍ଡନ ସତ ଈଶ୍ୱର ॥
ଏମନ୍ତ ଅଚଳ ପର ଛଦ ସଦନ । ରଚନ ବର୍ଣ୍ଣନ ଦଶରଥ ନନ୍ଦନ ॥
ଭରତର ଅଗ୍ରଜ ଜଳଜ ପୟର । ସମସ୍ତ ସମ୍ପଦ ଉପେନ୍ଦ୍ର ଭଞ୍ଜର ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କଳାକଉତୁକ ।

ପ୍ରଥମ ଛାନ୍ଦ

ରାଗ—ରାମକେରୀ

କମଳଧର ହେ କମଳଧରଜାତ ନାୟକ ।
କମଳଧର ଯାର ରାମନାମ ସଦା ଧାୟକ ॥
କମଳା ସାକ୍ଷାତ କମଳାସାର ସୀତାନାୟକ ।
କମଳାସନ ଦିବ୍ୟରୂପେ ନନ୍ଦେ ପୁଷ୍ପଶାୟକ ॥
କଦମ୍ବ କଦମ୍ବ ଋଷିଏ ନାଶି ହେବା ଲୟକ ।
କଦମ୍ବଫୁଲକୁ ତ ତନୁ ଗୃହିଁ ଶୋଭା ସାୟକ ॥
କଳାପ କଳାପ ବହିନେ ଜଟା ଯେ ବଧାୟକ ।
କଳାପକନ୍ଦରେ ଗଞ୍ଜିତ ଧୃତ ଧନୁଶାୟକ ॥
କବନ୍ଧ ନୃହି କଉତୁକୀ ହେ କବନ୍ଧକ୍ଷୟକ ।
କବନ୍ଧ ଗତି ଯାହା କୋପ ଗୃହିଁ ଅତି ଭୟକ ॥
କର୍ବୁରନଗରେ କର୍ବୁରବାରବର ଶାୟକ ।
କର୍ବୁର ସ୍ତମ୍ଭନେ ସାଗରେ ବନ୍ଧ ଯେ ଉପାୟକ ॥
କବ କବରେ ଅଗୋଚର ଖ୍ୟାତ କୀର୍ତ୍ତିଚୟକ ।
କବ କରିଅଛି ହୋଇବ କବ ହେ ସଞ୍ଚୟକ ॥
କରୁଣାକର ହେ କରୁଣା କର ହୋଇ ହେତୁକ ।
କହିବ ଚନ୍ଦ୍ରାବଳୀ କୃଷ୍ଣକଳା କେଳିକୁତୁକ ॥
କଳାକଉତୁକ ଏ ଗୀତ ନାମ ହେବ ଖ୍ୟାତକ ।
କରୁଥିବେ ପ୍ରତିପାଦରେ ବାସ ଆଦ୍ୟ ପ୍ରାନ୍ତକ ॥
କଷ୍ଟକୁ ଜାଣିବେ ସୁକବି ଯେଉଁମାନେ ପ୍ରାଚକ ।
କ ଥାଉ ଭ୍ରମରେ ଯେ ଖଳ ସେହି ପରିପନ୍ଥିକ ॥
କଳି ନ ଥିବ ଅଭିଧାନମାନ ଶବ୍ଦମାନଙ୍କ ।
କଥା ପ୍ରସଙ୍ଗ ବୋଲାଇବ କଥା କହି ସେ ଲୋକ ॥
କଙ୍କଣଶିଳାକୁ ଜଳୌକା ନକ ହୋଏ ଦଂଶକ ।
କଉଶିକେ କିଛି ନ ଦିଶେ ହେଉଁ ପ୍ରାତଃଆଲୋକ ॥
କରଳ ବୁଧେ ମଧ୍ୟରେ କ ଫୁଟି ଦେଇ ଝଟକ ।
କଞ୍ଚୁକିନ ଇଳ ମଣିକ କହି ଗୋପକଟକ ॥
କରଣୀ ରହିକ କରଣେ ଛଡ଼ ଅଚ୍ଛନ୍ନ ନାକ ।
କଉଁଣିସି ସ୍ଥଳ ଉଦୟ ଯଥା ଇନ୍ଦ୍ରକାର୍ମୁକ ॥
କଇରବ କୋକନଦ କ ସନ୍ଧୀରେ ସ୍ଫୁଟକ ।
କଳାନିଧି ଭାନୁ ରଜନୀ ବନେ ସେହି ଛଟକ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କଳର ପଦ୍ମର ନରେଖି ଯହିଁ ଆସି ଟେରକ ।
କଳ୍ପ ହେଲା ଭାବ ପଲ୍ଲିର ହୋଇ ମହାଭୀରୁକ ॥
କରାଳୀ ଜଗତରେ ହୋଇ ନାରୀ ଶିଶୁ ଜାତକ ।
କଳକଣ୍ଠ ଦେଶଭାଷାରେ ଯୋଗ ଗୀତ ଗାୟକ ॥
କଳହପ୍ରିୟ ନଭେ ଗମେ ହୋଇ ବୀଣାବାଦକ ।
କଳୁଭ ଗୃହାନ୍ତ ବର୍ଗର କରିବଇଁ ଦେଶିକ ॥
କଦଳି ଚଞ୍ଚଳା ହରିତାମ୍ବରେ ଏହି ଶମ୍ଭକ ।
କରନ୍ତ୍ର ଚଞ୍ଚଳା ହରିତାମ୍ବରେ ଲୀଳା ରମ୍ୟକ ॥
କରଣେ ଚଞ୍ଚଳା ହରିତାମ୍ବରେ ଲୀଳା ବାଞ୍ଛକ ।
କର ପ୍ରଗୃଲେ ପୁନଃପୁନ ସେହି ଏହି ଲକ୍ଷକ ॥
କର କପାଁ କନ୍ଥ ମର୍କତେ ଅଙ୍ଗ ସହି ସ୍ଫଟିକ ।
କଳନ୍ଦ ଜଗତେ ଗଙ୍ଗାରେ ଏହି ପରିପାଠୀକ ॥
କରୁଁ ଦୃଷ୍ଟି ସ୍ନେହ ଜ୍ୟୋତିକ ଲୋଭୀ ଗୋ କଦମ୍ବକ ।
କବଳ ଆଣେ ଗୋପମଣି ଆଣେ ଅବଲମ୍ବକ ॥
କଳରବ କଳରବରୁ ଜଣା ଯାମ ଯାମକ ।
କରୁଁ ଲୋକନ ଚନ୍ଦ୍ରମଣି ନଶା ଦନ ବାରକ ॥
କଳନା ଲଙ୍କା କ ସେ ଶୂକ ମନ୍ଦୋଦରୀ ଦୀପକ ।
କଳ୍ପନା ଅଳକା ଧନଦ ବିଭୂଷିତ ପୁଷ୍ପକ ॥
କଉଶିକ ବାସ ସ୍ୱର୍ଗ କ ସିଦ୍ଧବନ ସିଦ୍ଧକ ।
କବିରେ ଉଦ୍ଦତ ବେନ କ ରାମାୟଣ ପୁସ୍ତକ ॥
କରସି ଏ ରାଧାଷ୍ଟପଦକୁ ମଧୁରତୁ ପ୍ରାପ୍ୟେକ ।
କଉରବପୁରୀ ପ୍ରଥମ ପୁଣି ଚନ୍ଦ୍ରହଂଠକ ॥
କରାଉଛୁ ଏତେ ପଦ୍ଧତ ସେ ସୁରଭି ପୂର୍ତ୍ତିକ ।
କରକଣକ ଦଣ୍ଡ ଛନ୍ଦ ବ୍ରଜ ଯହିଁ ଦୀପ୍ତକ ॥
କଳହେ ତାଳ ଗତରେ ଯେ ହୀନ ସେ ବିଶୁଦ୍ଧକ ।
କଳ ହେ କାଳ ଗତରେ ଯେ ଧନ ମନବୋଧକ ॥
କଣ୍ଟକରେ ସଦା ଅଟଇ ସେହି ଅଧରଷକ ।
କଣ୍ଟକରେ ପୁଣି ହୁଅନ୍ତ ହିମନ୍ତରେ ଭୂଷକ ॥
କଦାଚିତରେ ହୀନ ମନ୍ଦ ତହିଁ ନାହାନ୍ତ ଏକ ।
କରନ୍ତ ଏକ ଯଶ ଦାସେ ଦନ ମନ୍ଦ ଅନେକ ॥
କବି ଶିଷ୍ୟଗଣେ କରଣେ ଯହିଁ ରମାନାୟକ ।
କକ୍ଷକୃତ ନର ଲୀଳାରେ ବସ୍ତ ଧେନୁପାଳକ ॥
କରମେ ପୁତନା ଶକଟା ପୁଣି ତୃଣାବର୍ତ୍ତକ ।
କରି କ୍ଷୟ ବଳେ ହୋଇଲେ ବକାସୁର ଅନ୍ତକ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କରିବାକୁ କେଳି ଆରମ୍ଭ ବୃନ୍ଦାବନ ରାଜକ ।
କଶ୍ୟପସୁତଙ୍କ ମାନସ ନନ୍ଦନରୁ ଭାଜକ ॥
କଥନ ଶୋଭା ନୋହେକ ଯେ କ୍ଷଣେ କ୍ଷଣେ ବାଚକ ।
କର ନାମ କୀର୍ତ୍ତି ଚନ୍ଦ୍ରରଥ ଏ କ ରୁଚକ ॥
କଦମ୍ବ କଦମ୍ବ ତରୁଣ ତରୁ ନୋହେ କ୍ଷୀଣକ ।
କରିକର ଲୋକ ଲତାରେ ପୁଣି ପତ୍ର ପୂର୍ତ୍ତିକ ॥
କଳାକର ସୂର କିରଣ ଅଂଶୁମାତ୍ର ଭେଦକ ।
କରଷଣ କଲା ପରାୟେ ତହିଁ ଚମ୍ପୂ ଆଲୋକ ॥
କଳା-କମନରେ ଗଉର ପୁଂସ କ ଲମ୍ପଟକ ।
କରୁ ସନ୍ତରିଭୁ ନିବାସ ସର୍ବ ପୁଷ୍ପ ସ୍ଫୁଟକ ॥
କଥା ନ କହନ୍ତି ତରୁ ଯେ ତପୀ ଜଟାଧାରକ ।
କରମେ ସଫଳେ ଅଗସ୍ତି ଯହିଁ ପୁରୁସ୍ପୃଷ୍ଟକ ॥
କରିବାରେ ଗୁଳ୍ମ ଉଜ୍ଜ୍ୱଳ ସ୍ୟନ୍ଦନରେ ଠାଠିକ ।
କପଟ ଭେଦନେ ବିନାଶ ଯହିଁ କଂସସେନକ ॥
କଲାପୀ ନଟନ୍ତି ରଟନ୍ତି ଯହିଁ ପରପୁଷ୍ଟକ ।
କରଣେ ଗୁରୁପଣ ସ୍ଥିତ କ ନର୍ତ୍ତକ ଗାୟକ ॥
କର୍ଣ୍ଣିଲେ ତା ପୁଚ୍ଛ କର କ ଦେଖାନ୍ତି ଏ ହସ୍ତକ ।
କଙ୍କଣ କ ଅଳିମଣ୍ଡଳ ମରକତ ପୂର୍ତ୍ତିକ ॥
କପୋତକଣ୍ଠରୁ ଆଦରେ କିସ ମୃଦୁ ଆନକ ।
କଟା ଟିନ ନେତ୍ର ଚଞ୍ଚଳେ ଅତି ଶୋଭା ସ୍ଥାପକ ॥
କମନୀୟ ପୁଷ୍ପ ବେତାରେ ନବପୁଷ୍ପ ଅଶୋକ ।
କଟିହ ଝିଲିକା ଝଙ୍କାର ପୁଣି ତାଳ ମେଳକ ॥
କଳକଣ୍ଠ ଆଦ୍ୟ ଆକାରବନ୍ତ ସୂତ୍ରଧାରକ ।
କର ସଜଲେ ବୃକ୍ଷରାଜ ପଦ ସେ ଭଟ୍ଟାରକ ॥
କରି ଅଛି ଦେବୀ ସଙ୍ଗତେ ସହଚରୀ ଯୁକ୍ତକ ।
କରି ବିଶେଷ ବିବେଚନା ହେ ଆରମ୍ଭି କ ନାଟକ ॥
କଉଶଳ ପୁଣି ପୁଂନାଗ ବଟ ବଟ ପାତ୍ରକ ।
କଳାପେ ସୁନାରୀ ସୁମନା ଗଣିକା ଯେ ହର୍ଷକ ॥
କଉଁ ଜଳଧାଟେ ମରାଳ ଭେଦେ ଆମ୍ଭେ ମନକ ।
କର ପୁଷ୍ପେ ହାସ ମଲ୍ଲିକା କୁନ୍ଦ କାଶ ସାହକ ॥
କରପଲ୍ଲବରେ ଉନ୍ନତ ଠାରେ ମୁହିଁ କନକ ।
କମ୍ପେ ଏ କତବ ବୋଲି କ ନାଗେଶ୍ୱର ଚମ୍ପକ ॥
କଳ କଳ ଯାହା ହୁଅନ୍ତି କହନ୍ତି ଶାରୀ ଶୁକ ।
କର ନା ଶୋଚନା ଗନ୍ଧର୍ବ ବିଦ୍ୟାଧରରୁ ବୁକ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କରୁଛନ୍ତି ରସ ସୁମନ ଜାତ ବେନି ବନ୍ଧୁକ ।
କହି ରଦ ବେନି ଅଛୁ କି ଅଛୁ ତନି ପ୍ରିୟକ ॥
କମଳନ୍ଦ ବନ କାନନ ବନି ସମନ ଛକ ।
କହଣ କୁମୁଦ ଅମ୍ବୁଜ କୋଳ ପରିତୋଷକ ॥
କବରୀ ସଞ୍ଜିବନୀ ଦବା କଣୀ ପ୍ରାବୃକଳାକ ।
କରେ ସମ ବନେ ହରିର ଲୀଳା ଉଗ୍ର ସ୍ମାରକ ॥
କହିବ ଆନେ ବଟେ ବାଚ ଅର୍ଥ ବାଣ୍ଛି ଆର୍ଥିକ ।
କବି କୃତେ ପୂର୍ବେ ନାହିଁଟି ଶ୍ଳେଷ ଏ ବିଧି ଶ୍ଳୋକ ॥
କହିଲେ ଗୋପ ବୃନ୍ଦାବନ ଶୋଭା ଲବ ଲବକ ।
କବି ଉପେନ୍ଦ୍ର, ଭଞ୍ଜ ଯେ ସୀତା ରାମ ଭାବୁକ ॥

ଅଷ୍ଟମ ଛନ୍ଦ

ରାଗ—ବଙ୍ଗଳାଶ୍ରୀ

କଥା ହେଉ ବୋଲି କଲା ବିଧୁ ମଧୁମଙ୍ଗଳ ଅନୁକୂଳକ ।
କଳହଂସଗତି ଚନ୍ଦ୍ରାବଳୀ ଆଳୀ ଆଳିରେ ହେଉଁ ମେଳକ ॥
କବରୀ ସାଜିବା କୁସୁମ ତୋଳିବା ସୁମନ ଅଭିଳାଷକ ।
କଟିମେଖଳା ଘଣ୍ଟି ରଟି କୁରଙ୍ଗ ପ୍ରାୟେ ଗୃହେଁ ଆଘାତକ ॥
କଦମ୍ବ ସଖୀଙ୍କ ପଦ୍ମା ଆସୁଁ ଗଣବଣା ଏଣୀ ସଦୃଶକ ।
କହି ନାଠ ନକଠକୁ ଯାଇ ଗାଇ ଏ ଗୀତ ଗୃହୁଁ ବିଟୁକ ॥
କଲା ଯେ ଯାହାକୁ ଆଶ ସେ ତାହାକୁ କୁହଇ ସାହାପକ୍ଷକ ।
କଲମ୍ବେ ଅବଲମ୍ବେ କାମ ନାଶୁଛୁ ତା ବିନା ନାହିଁ ରକ୍ଷକ ॥
କହଇ ନୋହି ଘେନାଇ ସଙ୍ଗସହି ପୁଣ୍ୟ ହୁଅନ୍ତା ଅନେକ ।
କମଳା କହି ବସା ନାହିଁ କେ କାହା ବଶ ଶୁଣି ପ୍ରତନାକ ॥
କଲା ସିଦ୍ଧନାମା ତୋଷ କ୍ଷୀର ଶିବ ନାମେ କହିବା ଇଚ୍ଛୁକ ।
କହି ନ ଜାଣିଲେ ଗୋସାଇଁ ଶ୍ରବଣେ ବୋଇଲେ ବେଣୁବାଦକ ॥
କମଳା ନମାରେ ସଦା ବିପରୀତ ହେବାରେ ମୁହିଁ କାମ୍ୟକ ।
କହିବ ଶାରଣା କି ସେବା ଛମୁରେ ବୋଲି ସଖୀ ଇଙ୍ଗିତକ ॥
କହିବ କିସ ବରତନ ଯତନ ବୋଲି ସେ ପରିହାସିକ ।
କପର୍ଦ୍ଦିକା ବୋଲୁଁ ବୋଇଲା କପର୍ଦ୍ଦିଠାର ପ୍ରେମରିତୁ ଯାକ ॥
କଗ୍ରଥ ଭେଟ ଏକାନ୍ତେ ହରିଭାଷୀ ହେବ ଗୃହୁଁ ସର୍ଜ୍ଜନକ ।
କରୁଣା ଉଣା ଅଧିକରୁ ଜାଣିମା କରମ ବିପାକ ପାକ ॥
କହ୍ନାଇକ ନେଇ ନଆଳି ବିପିନେ କଲା ଆଣି ସଂସ୍ଥାପକ ।
କଗ୍ରଉ ବାଞ୍ଛା ଆନନ କାନନରେ ଗମେ ସଖୀ କେହି ଏକ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କତାଇ ବନମାଳିକ ପାଶେ ନେଇ ନବବାଳିକା ତିଳକ ।
କହଇ ନବମାଳିକା କରିବାକୁ ହେବ ଯେ ଆଜ ରୁଚକ ।
କରାଞ୍ଜଳି କରି ଗୃହ୍ଣୁ ଆରମ୍ଭିଲେ ମାଧବ ଯଥା ଯାଚକ ।
କରିଥିଲେ ରୁଦ୍ର ହେମପ୍ରତିମାରେ ଝଲବା ସ୍ୱର୍ଣ୍ଣପାଟକ ।
କହି ମୁଖେ କଥନୀୟ ଶୋଭା ତାର ଭଗ୍ୟେ ମୁଁ କରି ଅଲୋକ ।
କଣକ ମାତ୍ରେ ଦେବରୂପ ଧରିଲ ହୋଇଲ ଦୂର ପଲକ ।
କଳସେ ଅଛୁ ପିୟୂଷ ପରି ସବୁ ମୋହିନୀ ରୂପଧାରକ ।
କରିଲବୁ ତରଶୋଷେର ଶିରୀଷ-ଅଙ୍ଗିନା ମହାଯାତୁକ ।
କଲନ ଥିଲା ପିତୁଳାକୁ ଧଉଡ଼ି ପିତୁଳା ତୋତେ ଅମୃକ ।
କମନୀୟେ ତୋର ଲାଗି ରହିଅଛୁ ଲୌହ ସେ ତୁହି ଚୁମ୍ବକ ।
କଦଛୁ ବତ୍ସରୁଁ ଚକୁର ନରେଖି ଆନନ୍ଦଚନ୍ଦ୍ର ଗୃତକ ।
କରୁଣାନୀର ବରଷା ଆଗ ହେବ ପ୍ରେମ-ସଲିଳ ସେଚକ ।
କଲପେ ଜୀବତା ଜୀବ କରି ତୋତେ ନୋହିଲେ ନେବ ଅନ୍ତକ ।
କଲ ଧନ ତୁଲେ ଉଛେ ଡାକ ଦେଇ ତାହାକୁତ ଅଲପକ ।
କମଳଭବ ବରହି ରୂପେ ଜାତ ସଜୀବେ ଯହୁଁ ଦାହକ ।
କଦର୍ଥିତ ଚତ୍ତେ କାମନା ସିଦ୍ଧକୁ କୁଶଳ କଲି ଜନକ ।
କରିବୁ ଅବା ମାନସେ ଦେହାନ୍ତରେ ତପ କାମ ସଫଳକ ।
କପିଳ କୋପାଗ୍ନି ଦଗ୍ଧଜନେ ସେହି ଦେହେ ଜାହ୍ନବୀ ଶାନ୍ତକ ।
କରତା ସେ ବୃଦ୍ଧି ମଞ୍ଜିଷ୍ଠା ସ୍ୱଗକୁ କରିବ ଦନେ ଦନେକ ।
କଉଶେୟ ବାସେ ପିନ୍ଧାଇ କେବଳ ଦେବ ସିନ୍ଦୁରି ଅଂଶୁକ ।
କରିବ ବେଶେ ସେ ଅଳକା ଯେ ଯହିଁ ଥିବ ପ୍ରବାଳ ମାଣିକ ।
କପୋଳେ ଉରଜେ ଚନ୍ଦକ ଲେଖିବ ଗୋଳ ଗୋଳ ଗଇରିକ ।
କପାଳେ ଆନ ଚତା ଥିଲେ ପୋଛି ତା ଦେବ ସିନ୍ଦୁର ତିଳକ ।
କଞ୍ଜଜିତ ପାଦେ ରଞ୍ଜନ କରିବ ଅତ୍ୟନ୍ତ ରଙ୍ଗ ଜାବକ ।
କଳେବର ଯାକ ବୋଳି ଦେଉଥିବ ଚୂର୍ଣ୍ଣ କରିଣ ବାହ୍ଲିକ ।
କର୍ଣ୍ଣାବତଂଶ କରଣ ଦେଉଥିବ ମୁଁ କୋକନଦ କୋରକ ।
କବଳକୁ ତାମ୍ବୁଳକୁ ଭୁଞ୍ଜାଇବ କୋଳେ ବସାଇ କାଳକ ।
କଣ୍ଠରେ ପାଟଳ ଦଶି ପାଉଥିବ ତା ବୋଲ ପ୍ରତିବମ୍ବକ ।
କଚ ଶାମଳ ଚୂଡା କରି ଲୋଡାଇ ଆଶୁଥିବ କୁରୁବକ ।
କରବୀର ଫୁଲଗଭା କରୁଥିବ ସଜଡାଇ ଝିରାଣ୍ଡକ ।
କହୁଥିବ ଯେ ଅନଙ୍ଗ ରଙ୍ଗବନ୍ତୀ ଘୋଷାଇ ତା ଗୁଣ ସ୍ତୋକ ।
କମଳେ କମଳେ ମିଶିଲା ପ୍ରାୟେ ମୁଁ ତୋ ଅଙ୍ଗ ମିଶାଅଭକ ।
କହ୍ଲତ କରେ ହରିତବାସେ ହରି ଗଲେ ଯେନିବ ଚନ୍ଦକ ।
କଳାପି କଳାପ ମୁକୁଟେ ହୋଇବ କେତକୀଦଳ ଦଳକ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କଣ୍ଟକ ହୋଇବ ରୁଞ୍ଜ ଗୁଞ୍ଜ ପୁଞ୍ଜେ ମାଳ କରିବ ଚମ୍ପକ ।
କଙ୍କଣ କୁଣ୍ଡଳ ସୁବର୍ଣ୍ଣେ ଅଛନ୍ତି ଏଭାବେ ମୁହିଁ ଲମ୍ପକ ॥
କଣ୍ଠୁ ବୀଣା ଏକା ମୋହିବାରେ ପୁଣ ଜଣା ଯାଉ ରାଗ ଠେକ ।
କରିର ଶ୍ରୀ ଜାତ ବସନ୍ତେ ମୋ ଚିତ୍ତ ହେବ ଅତି ଉଲ୍ଲାସକ ॥
କଲ୍ୟାଣ କର ଉଦିତ ମାଳବରେ ହୋଇଲେ ସ୍ନେହ ଦାନକ ।
କଷ୍ଟ ମଣିବ ତାହାର ଅନ୍ତରକ ବଳା ଶୁଣି ଏ ମାଳକ ॥
କରୁଣାଠାରୁ କର ଅବଲମ୍ବନ ଭକ୍ତଙ୍କୁ କରି ଆଲୋକ ।
କହିଲେ ଚତୁରୀ ଶୃଙ୍ଗାରୀକ ତର୍କି ସଂସାର ସାର ରସିକ ॥
କଞ୍ଜେ ବଶ ନାନା ଫୁଲେ କେଳି ଅଳି ମାଳତୀ ପ୍ରତି ଅଧିକ ।
କହେ, ପାର୍ବତୀ ଅର୍ଦ୍ଧଅଙ୍ଗ କଲେହେଁ ଗଙ୍ଗା ବହନ୍ତି ମସ୍ତକ ॥
କମଳାଙ୍କ ବଶ ଗେହିଣୀରେ ହୋଇ ବହନ୍ତି ତାରିନାୟକ ।
କରିବ ସାତ ହତେ ଆଉ ସାତ ସ୍ୱାଧୀନଭର୍ତ୍ତୃ ଭୁ ଏକ ॥
କରନ୍ତେ ଶ୍ରବଣ ଏ ବାଣୀ ଦ୍ରବଣ ସୁନ୍ଦରୀ ଧରି ପୁଲକ ।
କହନ୍ତା କସ ମୋହନ୍ତା ବାମା ମନ ଲଜ୍ଜା ସଖୀ ନିବାରକ ॥
କଲାପ ଲକ୍ଷଣେ ନେତ୍ରକୋଣେ ଚୂଳ ହସି ଆଣିଲା ଭୃଟିକ ।
କରି ଦେଲା ପ୍ରାୟେ ଦୃଷ୍ଟି ଦଶିଗଲା ନୀଳା ମୁକୁତା କୋଟିକ ॥
କମ୍ବୁପାଣି ଧେନ ସାହା ହେଲା ମୋତେ ଝଟକାଇ କୌଶେୟକ ।
କଦନେ କରୁଁ ମଦନଶର କଲା ଛେଦନ ପ୍ରତିଶାୟକ ॥
କଲ୍ପଦନୁ ବାଳାଦର୍ଶନ ପୁରକୁ ନ ଗଲେ କୃଷ୍ଣ କ୍ଷଣକ ।
କରୁଁ ଗମନ ନନ୍ଦାନନ୍ଦ-ଦାୟିନୀ ବନେ ଖୋଜ ସମୁତ୍ସୁକ ॥
କରୁ ସଂଯୋଗ ଆଉ ଶ୍ୱେତ ଏକ୍ଷଣ ଉଦେ ଏଥି ପ୍ରକାଶକ ।
କଥା ପ୍ରସଙ୍ଗ ପ୍ରାୟେ ତେଉଁ କହ ଯେ ଦେଲା ଚୂହିଁ ବଦୁଷକ ॥
କର୍ଣ୍ଣମୂଳ ଗିରେ ହରି ହରିଣାକ୍ଷୀ ଦୂରଗତ ଆରମ୍ଭକ ।
କହି ଗଲେ ଯୋଗୀ ପୁଷ୍ପ ନେଇ ଆମ୍ଭେ ପୂଜିବାକୁ କିଅମ୍ବିକ ॥
କଉଶିକ ରାଗେ ବେଣୁଗୀତ ଶୁଣି ନନ୍ଦରାଣୀ ଗର୍ଭାନ୍ତକ ।
କଳୁଷ ଦୂର ପୂର୍ବରେ ଗିଳିଥିଲା ଅଘ ଗିଳୁଥିଲା ବକ ॥
କଳିଲେ କି କରି କୃଷ୍ଣ ବେଣୁ ବୋଲି କେ ଅବା ହେବ ଦୂଷକ ।
କପୋଳ ସ୍ତନ ମୟୂର ଭୁଜଙ୍ଗମ ଏକସ୍ଥାନେ ବଳସକ ॥
କହେ ଉପେନ୍ଦ୍ର ଭଞ୍ଜ ଏ ଗୀତରେ ଦୂଷଣ ନୋହୁ ଅନ୍ତକ ।
କରିଛୁ ଆଜନ୍ମ ପ୍ରଭୁ ଏ ବାଞ୍ଛାରେ ମୁଁ ଯେ ଦୂଷଣ ଅନ୍ତକ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଚିତ୍ରକାବ୍ୟ ବନ୍ଧୋଦୟ

ଦ୍ୱିତୀୟ ଛାନ୍ଦ

ରାଗ କେଦାର—ଚକ୍ରକେଳୀ ବାଣୀ

ଏଥି ଅନ୍ତରେ ମେଧାବୀ ସୁବୁଦ୍ଧି । ବୁଝ ଚିତ୍ରପ୍ରବନ୍ଧ ବନ୍ଧବିଧି ॥
ଛନ୍ଦମଞ୍ଜରୀ ଛନ୍ଦ ରତ୍ନାକର । ଯେତେ ବିଦଗ୍ଧମଣ୍ଡନ-ବିସ୍ତର ॥
ଶିକ୍ଷା ଥିଲା ଜନ ଦେଖ ଏ ପୋଥି । ହେବ ନୋହିଲେ ସିନା ଏଥି ମତି ॥
ଦ୍ୱିଜହୀନ ଜନ ଯଥା ଅଭଗ୍ନ ! ପୂଗ ଚର୍ବଣେ ମୁଖ ହୁଏ ଭଗ୍ନ ॥
ଏହା ଜାଣି ଜାଣି ଆଶି ବିସ୍ତର । ନ କହିବଟି ଗୀତ ଆଗ କର ॥
ଏବେ ଶୁଣ ସିନ୍ଧୁ ମଧ୍ୟ ନଗର । ସ୍ଥିତ ଯେତେ ରସିକ ଶ୍ରମାବର ॥
ଉପପତି ବନ୍ଧକୀଶ୍ରେଣୀ ସ୍ଥିତି । କେତେ ସାମାନ୍ୟ ଭୁଜଙ୍ଗ ଯୁବତୀ ॥
ଏମାନଙ୍କେ ପ୍ରୋଢ଼ା ମଧ୍ୟା ନବୀନା । ଚତୁରେ ଯେ କରେ ଯେତେ ସମ୍ଭାବନା ॥
ଅବନାରେ କେଉଁ ରସିକ ଭାଷି । ଦୂତୀ ଆଗରେ ବାଳା ଶୋଭାରାଶି ॥

ଅବନା

କଚଚୟ ନବଘନଉଜ୍ଜଳ । ଲପନ ତର ଅମଳକମଳ ॥
ଶଶଧର ଦରପଣ ଗଞ୍ଜନ । ଅକ୍ଷ ଖଞ୍ଜନ ଗଞ୍ଜନ ରଞ୍ଜନ ॥
କନକ ଚମ୍ପକ ବରବରନ । ହରଷସବଳ ଘନଜଘନ ॥
ରକତକମଳ ଚରଣ କର । ଉରଜ କଳଶ ଅମ୍ବରଧର ॥
ମଦକଳ କଳକଣ୍ଠ ବଚନ । ଗଜର ସମ ମନ୍ଥର ଗମନ ॥

ବନା

ବଙ୍ଗଦେଶେ ରହି କେବଣ ନାଗର । ବନାରେ ଭାଷଇ ଧନୀଙ୍କ ଠାର ॥
ଶୋଭାରେ ମୋହିପାରେ ସେ ଶୂଳକ । ନାହିଁ ନାହିଁ ଲୋକେ ଭୁଲା ବାଳକ ॥
ସାଧୁ ବିଧୁମୁଖୀ କେଳନଧାମୀ । ଲୀଳାବିଳାସିନୀ ଚନ୍ଦ୍ରାନାଶିନୀ ॥
ଶିରୀଷାଙ୍ଗୀ ନାରୀ ସାହା ମୋହର । ମୋହିନୀ ମୋତହାସ ବନ୍ଧୁଂଗୋରୀ ॥
ମୋ ପ୍ରାଣାଧିକା ସିନା ସେ ଭାବିନୀ । ସ୍ନେହାଧୀନ ବୀଣାବାଣୀ କାମିନୀ ॥
ଦ୍ୱିଅକ୍ଷରେ କେବଣ ପୁଂସବର । ଯୋଷା ପ୍ରଶଂସା କରୁଛି ବିସ୍ତର ॥

ଦ୍ୱିଅକ୍ଷର

ରସାରେ ସାର ସୁରସ ସରସୀ । ସଂସାରଶିରୀ ସୁରସସରସୀ ॥
ଏକାକ୍ଷରେ କେ ଋତୁ ସମୟରେ । ପ୍ରିୟା ରତି ରୀତି ଭାବନା କରେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଏକାକ୍ଷର

ହାହାହାହା ହା ହୁଁହୁଁହୁଁହୁଁହୁଁ ହୁଁ । ହାଁହାଁହାଁହାଁ ହାଁ ହୁଁହୁଁହୁଁହୁଁହୁଁ ହୁଁ ॥
ଯେମନ୍ତ କହେ ସୁରତେ ତରୁଣୀ । ତାଙ୍କ ପ୍ରିୟାମୁଖୁଁ ନ ଥିବେ ଶୁଣି ॥
ଦନ୍ତ୍ୟ ମୂର୍ଦ୍ଧଣ୍ୟ ତାଲବ୍ୟ କେ ପୁଂସ । ଭାବଇ ସୁନ୍ଦରୀ ଶୋଭନ ହାସ ॥

ଏ ସକାର ତ୍ରୟ

ସାଂଶ ଶଶୀ ଶିଷ୍ଟ ଶ୍ରୀଶେଷାଶେଷ । ସ୍ୱାଂଶ ଶଶୀ ଶିଶୁ ଶୀର୍ଷେଶ ଶ୍ରୀଶ ॥
ମୋହ ପାରେ ଈଷିତେ ମୋ ତରୁଣୀ । କହଅଛୁ ମୋତେ ସୁରତେ ରଣୀ ॥
ସଖୀ ଆଗେ ସଖୀ ଓଷ୍ଠ୍ୟ କେ କହ । ପ୍ରାଣସଖି ଆଉ ଜୀଇବ ନାହିଁ ॥

ସ ଓଷ୍ଠ୍ୟ

ଭୀମ ପ୍ରାଭବ ଭୂମିପ ପ୍ରାଭବେ । ବାଷ୍ପ ପ୍ରଭବ ଭବ ଭବ ଭାବେ ॥
ପୁଷ୍ପବଭବ ବପୁ ପ୍ରାପ୍ୟେ ପବ । ବପ୍ରଭା ପ୍ରଭୁଭାବ ଭାବ ଭାବ ॥
କେଉଁ ରସିକକୁ କହଇ ଦୂତୀ । କଣ୍ଠୋଷ୍ଠ୍ୟ ରସିକା ବିରହ ରୀତ ॥

କଣ୍ଠୋଷ୍ଠ୍ୟ

ଚନ୍ଦ୍ର ଚନ୍ଦନ ଅଙ୍ଗେ ଦେଲେ ନେଇ । ଅନଳ ସର ନାଗରୀ ଦେନଇ ॥
ନଳିନନାଳ ଦେଖିଲେ ଡରଇ । ଗରୁଡ଼ ଗରୁଡ଼ ସେ ଉଚ୍ଚାରଇ ॥
କ୍ଷିତିଶୟନ ତାର ନିରନ୍ତର । ନୟନରୁ ନ ରହେ ଲୋତକ ଧାର ॥
କ କରେଟି କହ ଏସନ ଜଣୀ । କଣ୍ଠରେ ଜୀଆଇ ଅଛୁ ସଜଣୀ ॥
ନିଶି ପ୍ରଥମ ଯାମରେ ଆବେଶେ । କେଉଁ ଦମ୍ପତି ସୁରତ ଲାଳସେ ॥
ମେଳ ହୋଇ ଭୋଳେ ପତି ତୋଳାକୁ । ଶୁହିଁ ଆଶିଲା ଏମନ୍ତ ମନକୁ ॥
ତୋ ବିନା ଆନ ନାହିଁ ବୋଲି ମୋତେ । କହୁଥାନ୍ତି ଏ କତବେ କେମନ୍ତେ ॥
ପ୍ରଥମା ଦ୍ୱିତୀୟା ଅଭିନ୍ନା କର । ଅଛନ୍ତି ମୁହିଁତ ଅପର ନାରୀ ॥
ରଖିଦେଲା ଲପନକୁ ଉରଜେ । ଲେଖି ବସିଲା ମହୀକ କରଜେ ॥
କମ୍ପାଇଲା ଅଧରସଙ୍ଗେ ସ୍ତନ । ଚଳଦଳ ଲାଗି ଯଥା ପବନ ॥
ମୁକ୍ତ କଲା ପାଣି ଗଣ୍ଡ ନୟନେ । ଈଶ କାତର ହୋଇଲା ଲୋକନେ ॥
ବୃଷ୍ଟି ଆରମ୍ଭିଲା ପ୍ରଶ୍ନ ଉତ୍ତରେ । ଅନୁଷ୍ଟୁପ ଶ୍ଲୋକ ଛନ୍ଦ ଗୀତରେ ॥

ଏ ପ୍ରଶ୍ନ ଉତ୍ତର

ତୋର ପ୍ରଥପଦ କେଉଁ ସଂସ୍କୃତେ ।	ତବ
ତୋର ଅସ୍ତ୍ରକେ ମାରଇ ଜଗତେ ॥	ରୂପ
ଦୀର୍ଘହୀନ ଆଡ଼ରେ କି ଭାରତୀ ।	ପ୍ରତି

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରବିଜାୟା କେ, କ୍ଷୋଭ କ ହୁଅନ୍ତୁ ॥ ଛାୟା-ରାଜତେ
ଆପଣାର କ ବାଣୀ ଦିବ୍ୟଭାଷେ । ମମ
ନୈଷଧଦ୍ୱୟେ ଷଷ୍ଠୀରେ କ ଆଭାଷେ ॥ ନୈଷଧୟୋଃ
ପ୍ରଜାପତି ବର୍ଣ୍ଣେ ଦିଅ ଇକାର । କଂ
ଲକ୍ଷ୍ମୀଲେଖି କର ତା ସାନୁସ୍ୱାର ॥ ମାଂ
ଖେଦଦେବାରେ କ ବୋଲନ୍ତି ଦିବ୍ୟେ । ଖେଦୟସେ
ସମ୍ବୋଧନେ ନାରୀରେ କ ସମ୍ଭବେ ॥ ମୁଗ୍ଧେ
ବ୍ୟର୍ଥଶବ୍ଦ ପ୍ରୟୋଗେ କ ଉତ୍ତର । ମୁଧା
ଷଷ୍ଠୀ ଏକୋକ୍ତିରେ କ ହରପର ॥ କାମସ୍ୟ
ମାରଶର ତୃତୀୟା ବିଭକ୍ତିରେ । ମାର୍ଗଣୈଃ
ପାଦପ୍ରାନ୍ତ ସଂସର୍ଗ ବିସର୍ଗରେ ॥
ଶ୍ଳୋକ ଅର୍ଥ ବୁଝି ରାମା ହରଷ ।
ଚତୁରଇଲା ଚୃହିଁବା ଆଦରଣ ॥
କେଉଁଧନୀ ନାଗର କୁଟ୍ଟିମିରେ ।
କହେ ଏମନ୍ତ ମଣ୍ଡୁକ ପ୍ଲୁତରେ ॥
'ଦେ'ଖ ଭି'ବ' ଅସ୍ତ 'ସୁ'ଖଦା ନି' ରେ ।
'ଆ'ସୁ ତୋ'ଆ'ଲୀ ପ୍ରା'ଣ'ରଖ' ମୋ'ରେ ॥
'ପା'ଶେଆ'ସ'ଗୋ ତା'କୁ' ବୋଳକର ।
ବିଜେକରି ରହିଛୁ ନେଏ ତେରି ॥
ଦୁଇ ଦୁଇ ବର୍ଣ୍ଣ ଛାଡ଼ି ଶମ୍ଭଳୀ ।
କହିବାରୁ ତାମନ ଗଲା ଜଳି ॥
ଜାଣିଲା ନାଗର ଏହୁ ଭାଷକୁ ।
ଦେବ ସୁନିଆଁ ଆଣ ମୋ ପାଶକୁ ॥
କେଉଁ ଦମ୍ପତି ଖେଳୁଥିଲା ପଣା ।
ମାନସ କରଣ ଅତି ଉଲ୍ଲସା ॥
ଖେଳ ଲାଗିଥିଲା ପାଶଁପଟରେ ।
ନାୟକ ଦାନ ପକାଇଲା ଖରେ ॥
ହରଷେ ଦ୍ୱିତୀୟା ହେଲା ବୋଇଲା ।
ହଇସ୍ତ୍ରନା ମନେ ଆନ ଘେନିଲା ॥
ଛାଡି ସେ ରସ ହୋଇଲା ବିରସ ।
ମୁଖେନ୍ଦୁ କଲା ନବ ଦିବସେଶ ॥
ପରିକର ପରଶ୍ରୀଙ୍କି କହି ।
ଚିନ୍ତାଚିତ୍ତ ନ କର ଯାଅ ସହି ॥
ଇକ୍ଷଣ ଉପମା ଥିଲା ବାରିଜ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସେ କ୍ଷଣରେ ତାଙ୍କୁ କଲି ବାରିଜ ॥
ଜାଣିଲି ନାୟିକ ଇରିଷା ମାନ ।
ଧନୀ ଘେନ ହେଲି ହେଠବଦନ ॥
କହେ ଚିବୁକ ଧରିକରି କରେ ।
ଶ୍ଳୋକୁ ଶାର୍ଦ୍ଦୂଳବିକ୍ରୀଡିତରେ ॥
କ ବ ରି ଶୋ ହେ ରେ ତୋ ମାନସରେ ।
ର ସ ସା ଭି ଳା ଷୀ ରଚି ରୂପରେ ॥
କରି ବଶ ରସାଶୋଭି ହେଲାରେ ।
ତୋଷି ମାର ନଚି ସବୁ ରେ ପରେ ॥
ହୋଇବାରୁ ସୁରେଶ ଯାର ଜାର ।
ହୋଇଥିଲେ ସେ ପଥରେ ପଥର ॥
କରୁଁ ତହିଁରେ ଆସ ଆସପଦ ।
ଗଲା ଶାପର ଅପବାଦ ବାଦ ॥
ଚିନ୍ତ ସେହି ଚରଣ-କଞ୍ଜ କଞ୍ଜ ।
ହୁଏ ଦୁଃଖ ଉପେନ୍ଦ୍ର ଭଞ୍ଜି ଭଞ୍ଜ ॥

ତୃତୀୟ ଛାନ୍ଦ

ରାଗ—ମାଳବ

ଏ ଅନନ୍ତରେ ଶୁଣ ଜନେ ଜଳନିଧିପୁରୀ ।
ସ୍ଥିତ ଯେତେକ ରସିକ ନାଗର ନାଗରୀ ॥
ଅନ୍ତର୍ଲିପି ବହିର୍ଲିପି ରସଯୁକ୍ତ ଗୀରେ ।
କଥା ହେଉଛନ୍ତି ଯେଉଁରୂପେ ପରସ୍ପରେ ॥
ଅନ୍ତର୍ଲିପିରେ କେ ପୁଂସ ପରବାସେ ଥାଇ ।
ବେନିବର୍ଣ୍ଣି ଗୋପ୍ୟ ଭାଷା ଚିଠାଉ ଲେଖଇ ॥
କମଳନୟନା ଅନାୟତ୍ତେ ମୁହିଁ ଆସି ।
ଅନେକ ଦୁଃଖ ପାଇଲି ହୋଇଣ ବିଦେଶୀ ॥
କୁମୁଦ ଚନ୍ଦ୍ର ପୀରତି ତୋର ମୋର ଥିଲା ।
ଏ ପରିଣ ନ ଯାଇଣ କପାଁଇ ରହିଲା ॥
ଲଡ଼ୁ ଲକ୍ଷେ ଦେବ ଗଣେଶଙ୍କୁ ହେଲେ ଭେଟ ।
ମନ୍ଥିବେ କି କାମବାମ ଏ ଘୋରସଂକଟ ॥
ଅବିରତେ ନୟନ-ମନରେ ଅଛୁ ରୁହି ।
ତ୍ରୁଟିକ ଶତେବରଷ ସମ ହୋଏ ସହି ॥
ମୋର ତୋ ବାହାରେ କାହିଁ ଅଛୁ ଆନ ଗତି ।
ଭଜନ କରଇ ତୋର ନାମ ସିନା ନିତି ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଉନ୍ନିଦ୍ର ହୋଇଣ ମୁଁ ବଞ୍ଚଇ ଯାମିନୀରେ ।
ହୃଦ ସ୍ଥିତ କରିଅଛୁ ତୋତେ କାମିନୀ ରେ ॥
ଭାବମାନ ଭାବି ଭାବି ହୁଅଇ ଆତୁର ।
ଅଶନ ବିଷ ସମାନ ବନପରି ପୁର ॥
ଗୀତେ ଯାହା ଅଛୁ ଏହା ବିସ୍ମର କରିବୁ ।
ତାହା ସ୍ନେହାଧିନା ତୁ କେବେ ନ ଆଚରିବୁ ॥
ପାଦାଦ୍ୟ ଦ୍ୱିବର୍ଣ୍ଣିରୁ ଜାଣିଲି ନାରୀଇଣ ।
ମନେ ମୁଁ ପଢ଼ୁଥିବଟି ରଜନୀ ଦିବସ ॥
ବଢ଼ଇ ଶୋଭିତ କରି ବଲ୍ଲଭୀଙ୍କ କୋଳେ ।
ଯେନ କେଉଁ ପୁରୁଷ ପଶ୍ଚୃରେ ଭାବଭୋଳେ ॥
କେ ହରିର କୁ-ମାର କେ ହରମନୋହାରୀ ।
କେ ନାରୀଜୀବ-ବାନ୍ଧବ ଶତ୍ରୁଙ୍କୁ କି କରି ॥
କି ବୋଲି ଯା ପ୍ରୀତି-ବଶ କାହା ନେଇ ଦିହ ।
ବସନ୍ତେ କେ ଶୋଭା-ବନ ବୟଃ ସାର କେହି ॥
କି ବୃଦ୍ଧି କରେ ଧ-ନ ଦିବସ ନାମ କିସ ।
କାହା ସାର ରଘୁ-ବୀର କେ ରମେ ସାରସ ॥
କେ ଉରସ୍ଥଳ ବି-ହାରୀ ପଥ କି ପଶ୍ଚିମେ ।
କେ କରେ ମନ ହ-ରଷ କେ ଖ୍ୟାତ ସଂଗ୍ରାମେ ॥
କେ ବଇଷ୍ଣବ ରସିକ ମନତୋଷକର ।
ବାମବର୍ଣ୍ଣେ ପ୍ରକାଶ ଏ ଅନ୍ତର୍ଲିପିକାର ॥
ରମଣୀ ବୋଇଲା ଏହୁ ଭଲା ମନବୋଧେ ।
ଲୋମ ବିଲୋମରେ ଗୋପ୍ୟ ବେନିବର୍ଣ୍ଣ ମଧ୍ୟେ ॥
ଏ ଅନ୍ତର୍ଲିପି ହୋଇଛୁ ଅତି ସୁରୁଚିର ।
ଅଷ୍ଟାକ୍ଷରେ ଖ୍ୟାତ 'ମାଧବ ବନବିହାରି' ॥

କହି ଏ ଅନ୍ତର୍ଲିପିକା ରସଧାମାବଶ ।
ରୌପ୍ୟବର୍ଣ୍ଣ ହୋଇଣ ଧାତୁଏ ଅଛୁ କିସ ॥ ରସ
କେଉଁ ଜୀବ ଚନ୍ଦ୍ରମାର ହୃଦୟଭୂଷଣ । ଶଶ
ଗଙ୍ଗାରେ କି କାମନା କରନ୍ତି ଅର୍ଥିଗଣ ॥ ଧାସ
ବଳକର କେଉଁ ଶସ୍ୟବୀଜ ଭକ୍ଷ ସତ । ମାସ
କି କରନ୍ତି ସୁନ୍ଦରୀକାମିନୀ ପୁଂସତତ୍ ॥ ବଶ
କେହ୍ନୁ କମଳବନର ସର୍ବଦା ନିବାସ । ସର
ବଟଠାରେ କିସ ପ୍ରକାଶଇ ବେଶ-ଭୂଷ ॥ ବର

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ମହାଦେବ ତପ ଭାଞ୍ଜି କେହୁ ଥିଲା ଯାଇ । ମାର
ବରଷାକାଳରେ ଜଳଧର କି ମୁଞ୍ଚଇ ॥ ଧାର
ବାଳକ କିସ ପ୍ରୟୋଗ କଲେ ଏକ ରାମ । ଶର
ରମଣୀ ବୋଇଲା ଷଡ଼ବର୍ଣ୍ଣେ ମନୋରମ ॥
ରସବତୀ ସମ୍ବୋଧନେ 'ରସଧାମାବଶ', ।
ଏ ଋତୁବର୍ଣ୍ଣେ ବର୍ଣ୍ଣିନା ଅଶେଷ ରହସ୍ୟ ॥

ପ୍ରବାସକୁ ଗମନ କରିବାବେଳେ ପତି ।
ଅନ୍ତର୍ଲିପିରେ କହୁଛି କେଉଁ ରସବତୀ ॥
ମୀନମାନଙ୍କର କେହୁ ସଦନ ଅଟଇ । ବନ
କରଠରେ କେହୁ ପ୍ରତିପାଳିତ ହୁଅଇ ॥ ପିକ
ରଜନୀ ପ୍ରକାଶେ କି କରନ୍ତି ପକ୍ଷିଆଳି । ରତି
ଶିବନୟନଅନଳେ କେହୁ ଗଲା ଜଳି ॥ ମାର
ସର୍ବକାଳେ କେହୁ ବସ୍ତୁକୋଳେ ମନୋହର । ରମା
ସଂସାରେ କେ କରୁଅଛି ପରଉପକାର ॥ ତରୁ
ଲଙ୍କାପୁରୀ ଧ୍ୱଂସ କଲା କେହୁ କୋପଚିତ୍ତେ । କପି
ଗ୍ରହମାନଙ୍କ ଗଣନା ସଂଖ୍ୟା ପୁଣ କେତେ ॥ ନବ
ସ୍ୱୟମ୍ବରେ ସଖୀ କି କହେ କନ୍ୟାକୁ ଚାହିଁ । ବର
ଛପନକୋଟି ଜୀବରେ ସାରସ୍ୱତ କେହି ॥ ନର
ଇଷ୍ଟଦେବତାଙ୍କୁ କିସ କହନ୍ତି ଯବନ । ପିର
କି ଘେନନ୍ତି ପ୍ରଜାଗଣଠାବରୁ ରାଜନ ॥ କର
ବାମନ କାହାର ପୁତ୍ର ହୋଇଣ ପ୍ରକାଶ । ଋର
ଶିଷ୍ୟକୁ କି ବୋଲି ଗୁରୁ କରନ୍ତି ଆଶିଷ ॥ ତର
ଯୁଦ୍ଧକାଳେ କେଉଁ ବାଣୀ ହୁଅଇ ପ୍ରଖ୍ୟାତ । ମାର
କୋକିଳ କରଇ କିସ ହୋଇଲେ ବସନ୍ତ ॥ ରବ
ବିପ୍ରଲବ୍ଧା ପ୍ରଭାତେ କରଇ କିସ କାନ୍ତେ । ମାନ
ଜୀବନମୁକ୍ତ କେ ପୁଣ କହ ଏ ଜଗତେ ॥ ତପା
ସାମ ଯଜୁ ଅଥର୍ବ କେ ଆଉ ବେଦ ସାର । ଋକ
ଏ ବସନ୍ତ ଋତୁରେ କେ ଶତ୍ରୁ କାମିଙ୍କର ॥ ପିକ
ନାୟିକ କହିଲା ବନ ପିକ ରତି ମାର ।
ହା ପଣ୍ଡିତା କଲୁ ଅଷ୍ଟ ଅକ୍ଷରେ ବିଚାର ॥

ରହ ବିଦେଶ ନ ଯାଇ କୋଳରେ ବସାଇ ।
ବକ୍ରକର ଏମନ୍ତ ପ୍ରିୟାକୁ ପଚାରଇ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସୁରଗଣ ଆଦ୍ୟେ ଖ୍ୟାତ କୁହଇ ଅସୁର । ସୁ
ବସୁଧା ପ୍ରାନ୍ତରେ ଅଛୁ ନୋହେ ପାରାବାର ॥ ଧା
ହାରର ମଧ୍ୟସ୍ଥ ସେହୁ କୁହଇ ତରଳ । ର
ବାସ ଅନ୍ତେ ବିରାଜିତ କୁହଇ ଅଞ୍ଚଳ ॥ ସ
ପୂର୍ବଦିଗ ଆଦ୍ୟେ ଅଛୁ ଉଦୟାଦ୍ରି ନୋହେ । ପୂ
ଅର୍ଣ୍ଣବ ମଧ୍ୟରେ ମଇନାକ ନୋହି ରହେ ॥ ର୍ଣ୍ଣ
କଶୋଣି ମଧ୍ୟ ମଣ୍ଡନ କୁହଇ ରସନା । ଶୋ
ଭାବ ଆଦ୍ୟରେ ସମ୍ଭବ କୁହଇ ଅଞ୍ଜନା ॥ ଭା
କଲପ ପ୍ରାନ୍ତରେ ଖ୍ୟାତ ପ୍ରଳୟ ସେ ନୋହି । ପ
ପୟୋଦ ମଧ୍ୟରେ ବିଦ୍ୟୁ ନୋହି ଝଟକଇ ॥ ୟୋ
ଅଧର ମଧ୍ୟରେ ଅଛୁ କୁହଇ ଅମୃତ । ଧ
ଶରୀରଶେଷେ ରୁଚିର ଚରଣ ନୋହିତ ॥ ର
ଗୀତେ ଯାହା ଅଛୁ ତାହା ପ୍ରକାଶ ହୋଇବ ।
ବୁଝି ଏ ଅନ୍ତର୍ଲିପିକା ମାନସ ମୋହିବ ॥
ରମା ବୋଇଲା ଏ ହେଲା ବଡ଼ ଚମତ୍କାର ।
ଖ୍ୟାତ ସୁଧାରସ ପୂର୍ଣ୍ଣ ଶୋଭା ପୟୋଧର ॥

କେ ରସିକ ଆଗେ ବସାଇ ନିଜ ବନିତାକୁ ।
ସ୍ନେହେ କହେ ପ୍ରଶ୍ନବଣ ଅନ୍ତର୍ଲିପିକାକୁ ॥
ମୋତିଦଶନ ଭୁ ମଣି ମୋର ମୁକୁଟରେ ।
ତୋ ପରି ପ୍ରୀତିଆ ଲେଖିବାକୁ ନାହିଁ ଗାର ॥
ବଳସି ରତିରେ ପୂର୍ଣ୍ଣ କର ମୋ କାମନା ।
ଅନାୟତ୍ତ ଏ ଯେନ ତୋର ମୁଁ ଚନ୍ଦ୍ରାନନ ॥
କାହିଁକି ମାଗିଲେ ବିପରୀତ କରୁ ନାହିଁ ।
ମତେ ପର ପରି କରୁ କି ରେ ପ୍ରାଣସହି ॥
ପଚାରୁଛି ମୋ ଶପଥ ପକାଇଣ ତୋରେ ।
ଆଦ୍ୟ ପ୍ରାନ୍ତ କରି କହ ବୁଝି ହରଷରେ ॥
ନାଗରୀ ବୋଇଲା ହସି ଏ ଅଛୁ ଏଥିରେ ।
ମୋର ତୋର ବିନା ଅନ୍ୟ ନାହିଁ ମହୀପରେ ॥

ଲୁକ୍କୁଟରଟିଲୁ ଶୁଣି କେଉଁ ବରାଙ୍ଗନା ।
ଭୁଜଙ୍ଗପାଶେଁ ଯିବାକୁ ହେଲା ତନମନା ॥
କର ଧରି ଯେନାଯେନ ବାଣୀ ପ୍ରଶଂସ କରେ ।
କଉତୁକେ ସ୍ଫୁଟ ହେବ ଅନ୍ତର୍ଲିପିକାରେ ॥

पुस्तकालय गुरुकुल काँगड़ी

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କହ ରାମା ରସିକ-ପୁରୁଷ କାହିଁ ବଶ । — ରସେ
ପ୍ରୀତ ପୁଂସ ଚିହ୍ନ ନାରୀ କି କରେ ପ୍ରକାଶ ॥ — ହସେ
ସେତୁ ରାମ କଲେ ଗିରି ବୁହାଇ କାହିଁରେ । — କୀଶେ
ନଥ ଗୁଣା ବେଶର ମଣ୍ଡିତ କେଉଁଠାରେ ॥ — ନାସେ
ମିତ୍ରଜନଙ୍କୁ ବସାଇ କେଉଁ ପ୍ରଦେଶରେ । — ପାଶେ
ସମସ୍ତ ପଢ଼ିଲେ କହ ଏଥୁଁ କି ବାହାରେ ॥
ସୁନ୍ଦରୀ ବୋଇଲା ରସ ଅକ୍ଷରେ ପୂରଛି ।
ରହ କି ନା ପାଶେ ଏଥୁଁ ଏତେ ବାହାରୁଛି ॥

କହଇ ଏକ ପୁରୁଷ ଶୁଣ ଚନ୍ଦ୍ରମୁଖି ।
ବୁଝ ଏ ଅନ୍ତର୍ଲପିକା ଦ୍ୱିଅକ୍ଷର ଲେଖି ॥
ପାତ୍ରଯୋଗ୍ୟ ହୁଏ କିସ ଜାଣିଲେଟି ନର । — ବର୍ତ୍ତୁର
ରାଗଦ୍ରବ୍ୟକୁ କି ବୋଲି ବୋଲନ୍ତି ସଂସାର ॥ — କଣ୍ଟକ
ବିଷ୍ଣୁ ହେଲେ କିରୂପ ତୃତୀୟ ଅବତାରେ । — ଶୂକର
କେହୁ ପୁଣି ବଡ଼ କୋମଳତା ଉପମାରେ ॥ — ବାରିଜ
ବରଷା ପ୍ରବେଶେ କି କରନ୍ତି ଖଗବଂଶ । — ନବାସ
କୂଟେ କୁରୁକୁଳକୁ କେ କରାଇଲା ନାଶ ॥ — ଶକୁନ
ସୁବର୍ଣ୍ଣକୁ ଭଲ କଷ କରେ କେଉଁ ଜାତ । — ସୁନାର
ଦୁର୍ଗାରୂପ କେଉଁ ଦୈତ୍ୟ ନିମିତ୍ତେ ପାର୍ବତୀ ॥ — ମହିଷ
ଶରୀର ମଧ୍ୟରେ ନିଶ୍ଚେଁ କେ ଅଟଇ ସାର । — ପବନ
ପକ୍ଷମାନ କାହାର କାଟିଲେ ବଜ୍ରଧର ॥ — ଅଚଳ
ଆଦିତ୍ୟଙ୍କୁ ଦେଖି କେହୁ ହୁଏ ବିକଶିତ । — ବନଜ
କାହାକୁ ପ୍ରଶଂସା ପଞ୍ଚେ କରନ୍ତି ଜଗତ ॥ — ସଜ୍ଜନ
ଜଗନ୍ନାଥଙ୍କର କାହାଠାରେ ପକ୍ଷପାତ । — ଭଗତ
କି ବୋଲନ୍ତି ଶିବ ଥାଇ ପ୍ରେତଙ୍କ ସଙ୍ଗତ ॥ — ପ୍ରେତେଶ
ମଧ୍ୟବର୍ଣ୍ଣ ବାହାର ହୋଇବା ଭାଷା ଜାଣି ।
ସ୍ନେହେ ଆଲିଙ୍ଗନ କଲା କୁରଙ୍ଗ ଈକ୍ଷଣୀ ॥
ବୋଇଲା ମନକୁ ଆସେ ବାହାରୁଛି ଏତେ ।
ତୁଷ୍ଟ କରିବାକୁ ନାହିଁ ବଚନ ଜଗତେ ॥
କେବଣ ପୁଂସ ବିଦେଶୁଁ ରମଣୀ ପାଶରେ ।
ଲେଖେ ବହିର୍ଲପି ସ୍ଥିତ ଅନ୍ତର୍ଲପିକାରେ ॥
ବାସବ ବିବାଦେ କି ଧଇଲେ' ଗିରିଧର ।
ଐଶ୍ୱର୍ଯ୍ୟେ ତୃପ୍ତି ନ କରେ କହ କେ ମନଇ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ମାରଣର କାଳରେ କି ହୁଅନ୍ତି କାମୁକ ।
କାମୁକ କି କରେ ଶୁଣି ଧନାଢ୍ୟ ଦମ୍ଭକ ॥
ଭକ୍ତ୍ୟେ ଦେଇ ପ୍ରଭୁ ବୋଲେ କି ତୋଷ ମନରେ ।
କି ଗତି କରନ୍ତି ଯୁବା ଯୁବତୀ ବୀଥିରେ ॥
ଭଣ ଅଭିମୁଖହଟେ ବସେ କେ ଦ୍ଵାରେ ।
କାହିଁ ନଦୀ ପାରି ହୋଇ ସଜ୍ଜନ ବନାରେ ॥
ନାଗରୀ ପଢ଼ି ନାଗର ଚରିତ୍ର ବଧାନ ।
ପୂରାଇ ନୟନେ ଲୁହ କଲା ଥନ ଥନ ॥
ପ୍ରାନ୍ତ ବେନି ବର୍ଣ୍ଣ ଆଦ୍ୟ ଅଷ୍ଟାକ୍ଷରେ ଚନ୍ତ୍ର ।
ଧନ ମୁଁ ମନେ ଥିବ ନା ବୋଲି ଲେଖି ଛନ୍ତି ॥

ପଲଙ୍କ-ଅଙ୍କେ କେ ପୁଂସ ବସାଇ ପ୍ରିୟାକୁ ।
ପଞ୍ଚାକ୍ଷରେ ପୁଚ୍ଛେ ଅନ୍ତେ ବହିର୍ଲିପିକାକୁ ॥
କହ ବନ୍ଧୁ ଚନ୍ଦ୍ରାକାର ବାଣୀ କି ବୋଲଇ । କେକା
ଭାରବାହ କି ଯବନଭାଷରେ କୁହାଇ ॥ ଶିକା
କେହ୍ନ ପାଟି ଚରାଇଲା କୃଷ୍ଣେ ଦ୍ଵେଷୀ ହୋଇ । ବକା
ବୃଦ୍ଧି ନଦୀରେ ଜୀବକା ଦାସଙ୍କର କେହ ॥ ନୌକା
ସମସ୍ତ ପଢ଼ିଲେ କେଣ କେଶବ ସମ୍ବାଦ ।
ହେବ ଦୁଇଦଗେ ଥାଇ ସମ୍ବୋଧନ ପଦ ॥
କତ କୃଷ୍ଣ ପୁଚ୍ଛେ ଭୃରେ କହ କେ ଚଞ୍ଚଳ ।
କୃଷ୍ଣ କେଣେ ପୁଚ୍ଛେ ପଡ ଜଳେ କେ ଚପଳ ॥
ଉକ୍ତି ପ୍ରତ୍ୟୁକ୍ତିରେ ଜାଣି ରମଣୀ ହସିଲା ।
କେଶବ ନୌକାରେ ଏତେ କଉତୁକ ହେଲା ॥
ଏକାନ୍ତ ସ୍ଥାନରେ ବସି ବେନି ସଖା କାହିଁ ।
ଏକ ମୁଖ ଚାହିଁ ଏକ ବଚନ କହଇ ॥
ଜାଣ ଦୁଇବର୍ଣ୍ଣେ ରାବି ନାମକୁ ଉଚିତ । ନଶା
ସୁନ୍ଦରୀର ପ୍ରଭୁ ବେନି ଅକ୍ଷରୁ ବିଦିତ ॥ ପତି
ପ୍ରକାଶିତ ଦ୍ଵିଅକ୍ଷରେ ରାଜା ଯହିଁ ରତ । ନୀତି
ଋଷି କ୍ରୋଧ ବାଣୀ ବେନି ବର୍ଣ୍ଣେ ହେବ ଖ୍ୟାତ ॥ ଶାପ
ଖେଳ ଗୋଟିଏ ହୋଇବ ବର୍ଣ୍ଣେ ବାହାର । ପଣା
ବାର୍ଷିକ ପୁଷ୍ପ ଦ୍ଵିବର୍ଣ୍ଣେ ଯେ ଗୋବନ୍ଦ ହାର ॥ ନୀପ
ମୁମୁକ୍ଷୁର କଷ୍ଟ ଦ୍ରବ୍ୟ ଦ୍ଵିବର୍ଣ୍ଣରୁ ହେବ । ତନ
ପୁରସଂଖ୍ୟା ପୁଣି ଆଦ୍ୟ ପ୍ରାନ୍ତେ ବାହାରିବ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରାତ୍ରିକି ଶ୍ଳେଷେ ଭାବିଲେ ହରିଦ୍ରା ପ୍ରଶସ୍ତ ।
ଚନ୍ଦ୍ରମା ହେବ ମିଶାଇ ପଢ଼ିଲେ ସମସ୍ତ ॥
ଏ ବହିର୍ଲିପିକା ବେଦଅକ୍ଷରେ ବନ୍ଧୁର ।
ଚତୁରୁଚିତ ଅତ୍ୟନ୍ତ ପଣ୍ଡିତ ବୃନ୍ଦର ॥
ଶୁଣି ଆରମିତ୍ର ହସି କହିଲା ଏ ଗୀର ।
ନଶାପଢରୁ ହୋଇଛି ଏତେକ ବାହାର ॥

କେହି ନାରୀ ସଙ୍ଗରେ ରଙ୍ଗରେ ଉପପତି ।
ବସି ଭାଷି ରହେ କହେ ଏମନ୍ତ ଭାରତୀ ॥
କର୍ଣ୍ଣସୁଖଦାୟିନୀ କେ ଆଦିତ୍ୟ ନନ୍ଦନ ।
ରତିଲାଲସୀ କେ ସୁଖ କରଇ ବର୍ଦ୍ଧନ ॥
ହରିଣନୟନା କେହୁ ସଂସାର ସର୍ଜ୍ଜଇ ।
ରହସ୍ୟବର୍ଦ୍ଧିନୀ କାହିଁ ରସ ପ୍ରବର୍ତ୍ତଇ ॥
ସଖି କେହୁ ଅଟଇ ନାରୀଙ୍କ ପ୍ରିୟକର ।
ମାନିନୀର କସ ଛଡ଼ାଏ ନାଗରବର ॥
ନରଇନ୍ଦ୍ରଜା ବସ୍ତ୍ରର କେହୁ ଅବତାର ।
ଶଶୀହାସି କେ ଭୂଷଣ ମହାଦେବଙ୍କର ॥
ଅନ୍ତର୍ଲିପି ଆଦ୍ୟେ ବହିର୍ଲିପି ପ୍ରାନ୍ତେ ଭାଷା ।
ବୁଝିଣ ସୁଦୟା କର ସରସିଜଦୃଶା ॥
ବସୁବର୍ଣ୍ଣେ ଖ୍ୟାତ ବୋଲି ରମଣୀ ଭାଷିଲା ।
ସ୍ନେହେ ମୃଦୁ ମୃଦୁ ହସି ଆଲିଙ୍ଗନ କଲା ॥
ପାଦାଦ୍ୟ ଦ୍ୱିବର୍ଣ୍ଣ ବାମ ଭାଗରେ ପ୍ରକାଶ ।
ଏଥୁଁ ବାହାରୁଛି କର ହରଷ ମାନସ ॥

କେ ମିତ୍ର ମିତ୍ରକୁ କହେ ହସି ହସି କର ।
କହ ଏ କୌତୁକକୁ ତୁ ସଖା ହେ ବନ୍ଧୁର ॥
ତାରା କାମ ରତ ଇନ୍ଦ୍ର ସୁରରକ୍ଷ ଆହେ ।
ଝାଉଁ ରୂପେ ଚନ୍ଦ୍ର ପ୍ରଭ କଞ୍ଜ ଶୋକ ଦହେ ॥
ପଦେ ହେବ ଦେବସ୍ତୁତି ଏ ଭାଷା ଚଉଦେ ।
ଅନ୍ତେ ହେବ ଦେବ ନାମ କବ ନାମ ଉଦେ ॥
ଏ ଅନ୍ତର୍ଲିପିକା ସାର ବୁଝିବ ବନ୍ଧୁର ।
କୋବିଦଙ୍କୁ କହୁଛି ବିନୟ ଭାବ କର ॥
ରାମଚନ୍ଦ୍ର ରକ୍ଷ ହେ ଉପେନ୍ଦ୍ର ଭଞ୍ଜ କହେ ।
ବୋଲନ୍ତେ ହରଷ ହେଲେ ସେହି ମିତ୍ର ଦୁହେଁ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଏ ଅଷ୍ଟାଳି ବନ୍ଧ

ପଞ୍ଚମ ଛନ୍ଦ

ରାଗ—ବଙ୍ଗଳାଶ୍ରୀ

ଏଥୁଅନ୍ତେ ଶୁଣ ସଂଖ୍ୟାବାନଗଣ ହୋଇକର ସାବଧାନ ।
ଦ୍ୱାରବତୀପୁରେ ଚତୁର ଚତୁରେ କହିବା ବନ୍ଧ ବିଧାନ ॥
ପ୍ରଭାତେ ଅଷ୍ଟାଳିପରେ ନିଦ୍ରା ତେଜି କେ ପ୍ରିୟ ପ୍ରିୟାଙ୍କୁ କୋଳେ ।
ବସାଇ ମାନସ ରସାଇ ଏ ଗୀତ ନିରତ ଗାଇଲା ଭୋଳେ ॥
ଜୟ କୃଷ୍ଣ ସୁବୟେ ଯାକେ ଶିଶୁତ୍ୱରୁ କାହ୍ନା ଭେଟାଇଲେ ଯମ ।
ମଞ୍ଚାରୁ ଉଠି କଂସର ସଉଚ୍ଛୁକେ କରେ କାହ୍ନା କଲେ ରମ୍ୟ ॥
ନାଶ ଭକ୍ତର କସ କରେ ଭଜିଲେ ତଥ୍ୟଭାବ ବିସ୍ତାରକ ।
ଶୋଭି କାହ୍ନା ରଣହତରେ ମଗଧ ସନ୍ଦୋହ ନୃପସ୍ଥାୟିକ ॥
ଶରେ ଅଣୁକେ ବୀରବାଣ ରୁଚକ ରକ୍ଷ ଷଣ୍ଡ ଭଦ୍ର ବୀର ।
ତର୍କ ରସ କେଉ ପୁଷ୍ପର ସୁଷମା ଦିବ୍ୟରୂପ କ ଷିତିର ॥
ଏ ଅଷ୍ଟ ବନ୍ଧ ହରିଯଶ ମଧ୍ୟରେ ଅନ୍ତର୍ଲିପି ଶିବ ନାମେ ।
ମଧ୍ୟରେ ବେନପା ରୁଣ୍ଡ ମେଷଯୁଦ୍ଧେ ହୋଇଛି ଲୋମ ବିଲୋମେ ॥

ରସିକହାରାବଳୀ

(ଜଗନ୍ନାଥଙ୍କ ବନ୍ଦନା, ବିଦ୍ୟାଧରପ୍ରତି ଇନ୍ଦ୍ରଙ୍କର ଶାପ ରସିକହାରାବଳୀର ଜନ୍ମ ଓ ତାହା ଶୋଭି ଶ୍ରବଣେ କୋଶଳଦେଶ ରାଜପୁତ୍ରର ବିବାହ ଇଚ୍ଛା ଏବଂ ସୁନ୍ଦରୀର ପରିଚିତା ଏକ ବ୍ରାହ୍ମଣୀଠାରୁ ତାହାର ସୌନ୍ଦର୍ଯ୍ୟାଦି ଶ୍ରବଣ ।)

ପ୍ରଥମ ଛନ୍ଦ

ରାଗ—ମଙ୍ଗଳଗୁଜ୍ଜରୀ

ଜୟ ଜୟ ଜଗନ୍ନାଥ ଦାରୁରୂପଧାରୀ ।
ନୀଳଗିରୀଶ ଗିରିଶ-ବନ୍ଦନୀୟ ହରି ॥
ମହାବଳ ବଳ-ଅବରଜ ଭଦ୍ରାଗ୍ରଜ ।
ଗରୁଡ଼ାସନ ସନକପୂଜ୍ୟ ଚତୁର୍ଭୁଜ ॥
ନୀରଦସୁନ୍ଦର ଦରହର ହରଷଦ ।
ଶମନ ମନରେ ଜାତ କରେ ମହାଖେଦ ॥
ସେ ପ୍ରଭୁ କମଳାକାନ୍ତ କାନ୍ତପଦ ଧ୍ୟାନେ ।
ଉପେନ୍ଦ୍ର ବୀରବର ଅଛି ତୋଷମନେ ॥

CC-0. In Public Domain. Gurukul Kangri Collection, Haridwar

ବର୍ଣ୍ଣିବି କରିବ ଉତ୍ତମ ଛାନ୍ଦଗୀତ ।
ରସସାର ଶୃଙ୍ଗାର ତହିଁରେ ହେବ ବ୍ୟକ୍ତ ॥
ଅନୁଭବରୁ ପ୍ରଖ୍ୟାତ ମାନସରଚନା ।
ଶୁଣ ସୁରସିକମାନେ ହୋଇଣ ସୁମନା ॥
ବସନ୍ତେ ଇନ୍ଦ୍ର ବିଜୟ ମଳୟ ଭୂଧରେ ।
ଅପସରୀ ଅପସର ଅଛନ୍ତି ଛାମୁରେ ॥
ନାରଦ ବୀଣାବାଦ୍ୟରେ ହୋଇ ସାବଧାନ ।
ଶୁଣୁଛନ୍ତି ମନ ଦେଇ ଉର୍ବଶୀଗାୟନ ॥
କେଦାର ରାଗ ଆଳାପ କରୁଛି ଅବଳା ।
ଏଣୁ ହୋଇଛନ୍ତି ବଳାରାତି ଅତି ଭୋଳା ॥
ଢ଼ାଳୁଥିଲା ଚାମର ଏକହିଁ ବିଦ୍ୟାଧର ।
ପୁଷ୍ପଶରବିକାରେ କମ୍ପିତ କଳେବର ॥
ପତନ ଶକ୍ର ଉପରେ ଏଣୁ ସେ କୁପିତ ।
ବୋଇଲେ ତୁ ଶାପ ଘେନ ମର୍ତ୍ତ୍ୟେ ହୁଅ ଜାତ ॥
ବଜ୍ରାଘାତ ପରାୟେ ସେ ବଚନ ମଣିଲା ।
ଶାପପ୍ରତିକାର କର ଯୋଡ଼ିଣ ମାଗିଲା ॥
କୃପାବଶେ ବୋଇଲେ ଉତ୍କଳେ ଜନ୍ମ ହୋଇ ।
କ୍ଷେତ୍ରରାଜେ ବହୁକାଳ ବିଷ୍ଣୁ ସେବ ତୁହି ॥
ବଂଶ ରଖି ଭୂମିରେ ଅମରପୁରେ ଆସ ।
ଏ ବଚନେ ବିଦ୍ୟାଧର ମନ୍ଦରେ ପ୍ରବେଶ ॥
ନିଜ ବନିତାକୁ ଘେନ ମହୀରେ ଜନ୍ମିଲା ।
ଜାତିସ୍ମର ହେବାରୁ କ୍ଷେତ୍ରରେ ବାସକଲା ॥
କେତେ କାଳ ବିଦ୍ୟାଧରୀ ସେବିଲା ବିମଳା ।
ଦିବ୍ୟସୁତା ପ୍ରାପତରେ ମନ ବଳାଇଲା ॥
ସେ ଦେବୀର ଏମନ୍ତ ପ୍ରତିଭା ଧାତା ଚିତ୍ତ ।
ଉତ୍ତମ ରାମା ନିର୍ମାଣେ ହେଲା ଚଞ୍ଚଳିତ ॥
ଦର୍ପଣୁଁ ଫୁଲ୍ଲ କମଳୁଁ ବାସ ବଳେ ହରି ।
ଚନ୍ଦ୍ରରୁ ଆହ୍ଲାଦ ନେଇଁ ଲପନରେ ଭରି ॥
ନୀଳୋତ୍ପଳୁଁ ନୀଳ ଖଞ୍ଜନରୁ ଚଞ୍ଚଳତା ।
ବିଶିଖୁଁ ତୀକ୍ଷଣ ଆଣି ଆଖି କଲା ଧାତା ॥
କାଳିନ୍ଦୀଜଳ ଜଳଦ ଠାରୁ ହରି କଳା ।
ଚାମର ନୀଳରୁଚିରୁଁ କୁଟିଳ ହରିଲା ॥
କେଶ କଲା ତାହା ବେଶ ହେବାପାଇଁ ପାଞ୍ଚି ।
ଫୁଲ କଙ୍କତିକା ପାଟସୂତ୍ର ଥିଲା ସଞ୍ଚି ॥

Digitized by Arya Samaj Foundation Chennai and eGangotri
CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଲବଣୀ ଶିରୀଷରୁ କୋମଳ ନେଇଁ ଦେହେ ।
ବିଦ୍ୟୁତହେମ ଚମ୍ପାକାନ୍ତି ହରିକାନ୍ତି ବହେ ॥
ଯେଉଁ ଅଙ୍ଗକୁ ଉପମା ଯେଉଁ ଦ୍ରବ୍ୟ ହୋଇ ।
ତହୁଁ ସାର ନେଇନ୍ତି ସେ ତନୁ କଲ୍ଲି ବିହି ॥
ଜନ୍ମ ଦେଲ୍ଲି ଆଣି ଅପସରୀର ଉଦରେ ।
ଅବନୀ ସୁନ୍ଦର ହେଲ୍ଲା ତାହାରଶୋଭାରେ ॥
କୋଟିବ୍ରହ୍ମାଣ୍ଡସୁନ୍ଦରୀ ବୋଲି ନାମ ଦେଲେ ।
ଯେତେ ଲୋକ ବାଲକାଳେ ବାଲାକୁ ଦେଖିଲେ ॥
ବିଜ୍ଞ ଯେ ବୋଇଲେ ଏ ରସିକହାରାବଳୀ ।
ପିତା ମାତାହିଁ ଡାକଲେ ବେନି ନାମେ ଛଳି ॥
ଜନମୁଖେ ଖ୍ୟାତ ହେଲ୍ଲା ମହୋଜ୍ଜ୍ୱଳ ଯଶ ।
ପାଇଲେ ନୃପନନ୍ଦନେ ଏଣେ ମନେ ତ୍ରାସ ॥
ପୂର୍ବେ କୋଶଳଦେଶର ନରେଶକୁମର ।
ଦ୍ୱିଜଙ୍କ ବଦନୁ ଶୋଭା ଶୁଣିଥାଇ ତାର ॥
ଗୁଣିଥାଇ ମୋର ସେ କି ହୁଅନ୍ତା ବାନ୍ଧବୀ ।
କରନ୍ତି ମୁଁ ପଦତଳେ ମହତପଦବୀ ॥
କେଡ଼େ ଶୋଭା କେତେ ତାକୁ ବୟସ ପର୍ବରେ ।
ଚିର କେ ହୋଇବ ଏହି କଥାତ ବିଶ୍ୱରେ ॥
ବିପ୍ରକାମିନୀଏ କହି ଆରମ୍ଭିଲ୍ଲା ତାକୁ ।
ମୁଁ ଯାଇଥାଇ ସେ ମନେ ରମାର ପୁରକୁ ॥
କହିଲ୍ ତାହାର ରୀତ ଶୁଣ ଶୋଭା ଲେଶ ।
ବିତଣପଦରେ ଏହି ଛାନ୍ଦ ହେଲ୍ଲା ଶେଷ ॥

(ପୁରୁଷୋତ୍ତମକ୍ଷେତ୍ର ଓ ଚନ୍ଦନଯାତ୍ରା ବର୍ଣ୍ଣନା)

ତୃତୀୟ ଛାନ୍ଦ

ରାଗ—ରାମକେରୀ

ଯେଉଁ କ୍ଷେତ୍ରରାଜ ବିରାଜମାନ ଗରୁଡ଼ଧ୍ୱଜେ ।
ଶ୍ରବଣେ ତରତ ଭୁରିତ ଜନ ଦୁରିତ ଗଞ୍ଜେ ॥
ଯେବଣ କଣ୍ଠକେ ଲୁଣ୍ଠକେ ବିଗ୍ରହକେ ମୁକତ ।
ମହାପ୍ରସାଦରେ ସାଦରେ ଲୋକମାନେ ଲଭନ୍ତି ॥
ଅଳପ କଳପବଟର ଯହିଁ ଛାୟା ଆଶ୍ରିତ ।
କଳପ କଳପ ନର କମର ତରିଲ୍ଲା ମତ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବନାଭୂଷାଭୁରେ ଚଭୁରେ କୁଣ୍ଡ ପତନେ ଯହିଁ ।
କାକର ହେଲ୍ କର ଗୃଧ୍ର କସ ବଗୃର ତହିଁ ॥
ଦକ୍ଷିଣ ଦକ୍ଷିଣସମୁଦ୍ର ପାପ କ୍ଷୀଣକୁ ତହିଁ ।
ଯମଦୂତଙ୍କର ବଡ଼ ଭୀ ବଡ଼ଭକ୍ତ ଅନାଇଁ ॥
ଅବିଦ୍ୟାଚକ୍ର ପ୍ରାପ୍ୟେ ଚକ୍ର ଚକ୍ର ନଶି ବିଯୋଗ ।
ପ୍ରସନ୍ନ ଦର୍ଶନେ କରାଇ ଅନ୍ତେ ସେ ସ୍ୱର୍ଗଭୋଗ ॥
ପତାକା ଅଞ୍ଚଳ ଚଞ୍ଚଳ ଡାକେ ପାପିଙ୍କୁ ଅବା ।
ଏ ନୀଳନଗ ନଗରକୁ ଆସ ଭଲ କରିବା ॥
ଯେତେ ଦୂର ଘଣ୍ଟାନନାଦ ଶୁଭେ ନଦରେ ନେଇ ।
ପକାଏ ଅନୃତ ଦୁଷ୍କୃତ ଗଲେ ଗଳଥା ଦେଇ ॥
ସୁମନ ମନରେ ଇଚ୍ଛନ୍ତି ତହିଁ ବେଢ଼ାଧାତକୁ ।
ଗମନରେ ନରେ ତେଜନ୍ତି ଶମନର ଭୟକୁ ॥
ଗିରିଶ ଆଜ୍ଞାରେ ଗିରିଶ ଅଷ୍ଟ କ୍ଷେତ୍ରରକ୍ଷକ ।
ଚଣ୍ଡୀ ରୁଣ୍ଡୀଭୂତ ଖଣ୍ଡିତ କରେ ଭୟ ଯେତେକ ॥
ଦୀନବାନ୍ଧବ ମାଧବର ତହିଁ ମାଧବମାସେ ।
ନୃପତିନନ୍ଦନ ଚନ୍ଦନଯାତ୍ରା ଦେଖେ ହରଷେ ॥
ନରେନ୍ଦ୍ର ତଡ଼ାଗେ କରୀନ୍ଦ୍ର ସୁରେନ୍ଦ୍ର ପରିହରି ।
ନାବରେ ଭାବରେ ବିଜୟ କରି ସୁଖେ ବିହରି ॥
ପଚ୍ଛେ ରହିଁ ସ୍ୱଚ୍ଛେ ବରହିପୁଚ୍ଛେ ଦ୍ୱିଜେ ସେବନ୍ତି ।
ରଞ୍ଜନ ବ୍ୟଜନ ସଜ୍ଜନ କରେ ଧରି ବିଞ୍ଚନ୍ତି ॥
ସଂସାରସାର ଘନସାରପିଚକା କେ ମାରଇ ।
କ୍ଷୀରନଦୀ ଧୀରଲହରୀ ପରି ଶ୍ରମର ଶୋହି ॥
ତରସେ ତରସେ ଦୁଷ୍ଟଙ୍କ ନାନା ପାପ ସ୍ମରଣୀ ।
ଚନ୍ଦ୍ରନିର୍ମିତ ଚନ୍ଦ୍ରସୂର୍ଯ୍ୟ ତାରେ ତାର ପ୍ରକାଶି ॥
ପ୍ରବଳ ଶୋଭନ ଧବଳଛତ୍ର ବର୍ଣ୍ଣି ନୁହଇ ।
ବଳରେ କବଳ ଧବଳକର ଶୋଭା କରଇ ॥
ଆଡ଼ମ୍ବର ମେଘାଡ଼ମ୍ବର କେତେ ଦେଖି ଅମ୍ବର ।
ଅମରପୁରେ ସମ୍ଭ୍ରବ ନାନା ବାଦ୍ୟ ନାଦର ॥
କପଟ ଦର୍ଶନ ଲମ୍ପଟ ବଟଗିରିକ ଗୃହିଁ ।
ଯେ ସୁଧୀ ସୁଧୀରେ ବୋଲନ୍ତି କ୍ଷେତ୍ରବରନ୍ତି ଏହି ॥
ବଧୂର ରଚିତ ମଧୁର କରି ଗାଆନ୍ତି ସାଧ ।
ଆଗତ ହୋଇଣ ନାଚନ୍ତି ଯହିଁ ଗଣିକାବଧୂ ॥
ମୁରଜ ଘାତକୁ ଉରଜ ଉରଜ ଯେ ଚମକେ ।
ନୂପୁର ମୋହିବୁଁ ବୋଲନ୍ତି ସେ କି ନୃତ୍ୟହମକେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଗୋପୀ ଗୋପୀନାଥ ସୁବେଶ ସବୁ ଆବେଶ ନୃତ୍ୟେ ।
ଅଛି ବିଦଗଧ ମାଗଧ ତୋଷେ ଚିତ୍ତ କବିତ୍ୱେ ॥
ହରି ହରି ଧ୍ୱନି ଉଚ୍ଚରିତେ ଶୁଭେ ଅନବରତେ ।
ଦଣ୍ଡଧର-ଦଣ୍ଡ ଖଣ୍ଡନ କରେ ଦଣ୍ଡିକମାନେ ॥
ଛନ୍ଦନ ସଦନମାନଙ୍କୁ କେହି କରିଅଛନ୍ତି ।
ବାସବାସରେ ସାମନ୍ତଙ୍କ କାମିନୀଏ ଦେଖନ୍ତି ॥
ବାତାୟନ ପାଶେ ନୟନ ଦେଇ ନିକଟେ ଚାହିଁ ।
ସଲୀଳ ସଲଲଭ୍ରମଣ ଜଗଦ୍ବନ୍ଧୁର ତହିଁ ॥
ହରି କି ତରଣୀକି ଆରୋହି ଖେଳେ ଏମନ୍ତ ଭାବି ।
ଏହିମତି ଯେନ ମତିରେ ଭବିକଲୁଁ ତାରିବ ॥
ଅତି ସୁକୁମାର କୁମାର ମାଗେ ଏକାଳେ ବର ।
ସୁତାମରସାକ୍ଷୀ ଗନ୍ଧର୍ବୀ ମୋତେ ପ୍ରାପତ କର ॥
ସେହି ଉତ୍ସବ ଦରଶନେ ମନ ଉଚ୍ଛନ୍ନ ହୋଇ ।
ଏ ରସେ ଉପେନ୍ଦ୍ର ଭଞ୍ଜ ବୀରବର କହଇ ॥

ଲାବଣ୍ୟବତୀ

ପ୍ରଥମ ଛାନ୍ଦ

ରାଗ—ନଳିନୀଗୌଡ଼ା

ରାମ ବିଭା ପ୍ରଥମଛାନ୍ଦ ବାଣୀରେ ମଙ୍ଗଳାଚରଣ

ଜୟ ଜୟ ଜୟ ରାମ ଜନକସୁଖଦ ।
ଭୀମ ହରଷ ଦାନରେ ସଦା ବିଶାରଦ ହେ ॥
ଚନ୍ଦ୍ରହାସେ ଶୋଭାକର ସମସ୍ତ କାଳର ।
ଲକ୍ଷଣବନ୍ତ ଅଲକ୍ଷ୍ୟ ମୁଖ ମନୋହର ଯେ ॥
କବିଭାରତୀଙ୍କ ଅଗୋଚର ଛବି ଯାର ।
ସୁମନାବୃନ୍ଦନନ୍ଦନ ଏଣୁ ନିରନ୍ତର ଯେ ॥
ମହାଶୟ ବଳରିପୁ ପରେ ତାପକର ।
ଛିଦ୍ରଭଙ୍ଗକୃତରୁ କାତର ଅରିପୁର ହେ ॥
ସହସ୍ରକର ଉନ୍ନତିହର ତେଜବାନ ।
ହରିପକ୍ଷ ସଦାନନ୍ଦ ତୋଷ ବିବର୍ଦ୍ଧନ ହେ ॥
ସେ ପ୍ରଭୁ କଞ୍ଜଚରଣେ କରି ତତ୍ପର ।
ଭଞ୍ଜ ବୀରବର କବି ମାନସ ଭ୍ରମର ହେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ମୂର୍ତ୍ତିମନ୍ତ କରି ମୃଦୁଗୀତ ବିସ୍ତରଇ ।
ଏଣୁ କରି ଥିବ ଅଲଙ୍କାର ଯୁକ୍ତ ହୋଇ ଯେ ॥
ପଦ ସରଳ ଧ୍ୱନିରେ ମାନସ ମୋହିବ ।
ଅଥିଜନପ୍ରବରଙ୍କୁ ଆନନ୍ଦ କରିବ ହେ ॥
ଡ-ର-ଳରେ ସାବର୍ଣ୍ଣ୍ୟ ଯା ବ୍ୟାକରଣେ କହି ।
ସୁରତେ କରଇ ଗୀତ ଏଣୁ ହିତପାଇଁ ଯେ ॥
ବୁଝାଇଲେ ଜଡ଼ଜନ ଭାବକୁ ପାଇବ ।
ଖଳ ଖର ଚତୁରାଙ୍କର ପ୍ରାୟ ନ ଗ୍ରାସିବ ହେ ॥
ମଧୁମକ୍ଷିଉଚ୍ଛିଷ୍ଟେ ଅମୃତାବର ସୁରେ ।
କରନ୍ତି ଯେମନ୍ତ ସାଧୁଜନେ ସେ ପ୍ରକାରେ ହେ ॥
ଦୋଷ ଥିଲେ ରସ ବଶୁ କରିବେ ଆଦର ।
ଏଣୁ ଅତିଶୟ ସଂଶୟକୁ କରିଦୂର ହେ ॥
ଏ ବିଚିତ୍ର ଚରିତ ରଚିତ ସୁମଧୁର ।
ଶ୍ରୁତି ବଦନରେ ପାନ କର ବୁଧନର ହେ ॥
ଦିନେ କଇଲାସେ ବସି ଏକାନ୍ତେ ଗଉରୀ ।
ପଶାରଙ୍ଗେ ରସିବାକୁ ସ୍ୱସଙ୍ଗେ ବିସ୍ତରି ହେ ॥
ଏକ କନ୍ୟା ଏଥିଭୁତେ ମନ ଜାତ ହେଉ ।
ସୁଷମାରେ ସମରେ ତ୍ରିଲୋକରେ ନ ଥାଉ ଯେ ॥
ଯେ ଜଗତଜନନୀ ସେ କଲେ ମନୋରଥ ।
ଜାତ ଦିବ୍ୟସୁନ୍ଦରୀ କାହିଁକି ହେବ ବ୍ୟର୍ଥ ହେ ॥
ଆଉ କି ପ୍ରଶଂସିବା ଉମାରୁ ଜନ୍ମ ଯା'ର ।
ଶାମୁକୁ ମୁକୁତା ଜାତ ହୋଇଲା ପ୍ରକାର ଯେ ॥
ବାଞ୍ଛାରୁ ଉତ୍ପତ୍ତି ବାଞ୍ଛାବତୀ ନାମ ଦେଇ ।
ଖେଳେ ବଳାଇଲେ ମତି ଦୁହେଁ ବସି ତହିଁ ଯେ ॥
ଏ ସମୟେ ଶୁଭିଲା ଡମ୍ବରୁ ଘୋର ନାଦ ।
ପାର୍ବତୀ ମତିରେ ଜାତ ଏମନ୍ତ ବିଷାଦ ଯେ ॥
ହରନେତ୍ର ପାତ ଯେବେ ହେବ ଏ ଶୋଭାଙ୍ଗୀ ।
ଯିବ ସିନା ମୋହର ସୁଭାଗୀପଣ ଭାଙ୍ଗି ଯେ ॥
ବିଷବୃକ୍ଷ ସ୍ଥାପି ନାଶ କରିବାର ଦୋଷ ।
ଏ ସଂସାର ଆମ୍ଭ ଖେଳଘରର ସଦୃଶ ଯେ ॥
କିଛିକାଳ ଅଗମ୍ୟ ଅରଣ୍ୟେ ଏହୁ ଥାଉ ।
ଜନ୍ମାନ୍ତେ ପୁରୁଷ ସଙ୍ଗ-ବିଳାସକୁ ପାଉ ଯେ ॥
ବନଦେବୀ ଜଣକୁ ଏମନ୍ତ ଆଜ୍ଞା ଦେଲେ ।
ସେ ନେଇ ଘୋର କାନନେ ପୁରେକ ରଚିଲେ ଯେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତହିଁ ରଖି କହିଲେ ଲଙ୍ଘିବୁ ଯେବେ ଦ୍ୱାର ।
କଷ୍ଟକାଳେ ପ୍ରାଣ ହତ ହୋଇବ ତୋହର ଯେ ॥
ଯେବଣ ପୁରୁଷ କର ଗ୍ରହଣ କରିବ ।
ଆନତକୁ ପ୍ରାପତରେ ସେ ପତି ହୋଇବ ଯେ ॥
ଏତେ କହି ସେ ଦେବୀ ହୋଇଲେ ତିରୋହିତ ।
ଗହନରେ ବାଞ୍ଛାବତୀ ଦିବ୍ୟପୁରେ ସ୍ଥିତ ଯେ ॥
ଏମନ୍ତରେ ଗଲା ତହିଁ କେତେ ସମ୍ବତ୍ସର ।
ପ୍ରଭାକର ନାମେ ଏକ କ୍ଷତ୍ରିୟକୁମାର ଯେ ॥
ତପ ତା ଅକଥନୀୟ ଦିବ୍ୟ ନାରୀ ଶ୍ରଦ୍ଧେ ।
ପଞ୍ଚାଗ୍ନି ସ୍ଥାପନ କରେ ତପର୍ତ୍ତୁ ମଧ୍ୟେ ଯେ ॥
ପ୍ରାବୃଟକାଳରେ ଗୃହୋଦରଇ ତ ଯଇ ।
ଝଂଝାବାତ ଜଳଘାତ କରକା ସହଇ ଯେ ॥
ଶୀତେ ଜଳଶାୟୀ ଭୂମିଶଯ୍ୟା ବସ୍ତ୍ର ହୀନେ ।
ମୃତ୍ତିକାଶଙ୍କର ପୂଜା କରେ ପ୍ରତିଦିନେ ଯେ ॥
ସେ ସୁକୃତରାଶି ଆସି ଫଳ ହୋଇ ତାର ।
କେଦାରେଶ୍ୱର ଦର୍ଶନେ କଲା ବଳାତ୍କାର ଯେ ॥
ଯାଉଁ ଯାଉଁ ସେ ଅଗମ୍ୟ ଅରଣ୍ୟେ ମିଳିଲା ।
ରତ୍ନମୟପୁର ଗୃହଁ ଚତ୍ୱରେ ଭାଳିଲା ଯେ ॥
କିନ୍ନରୀ କିନ୍ନର ବା କାହାର ଏଥି ସ୍ଥିତ ।
ଦେଖିବା ବସ୍ତୁରୁ ଦେଖେ ପ୍ରାଙ୍ଗଣେ ଯୁବତୀ ॥
ଚନ୍ଦ୍ରକୁ ନିନ୍ଦା କରୁଛି ମୁଖ ହାସ କାନ୍ତି ।
ସାରଙ୍ଗକୁ ନିନ୍ଦୁଛି ନୟନ ଭୃରୁପନ୍ତି ॥
ନାସା ଓଷ୍ଠ ମଧ୍ୟ ନିନ୍ଦେ ତରୁଣ ହନ୍ତକ ।
ଅପବାଦ ଅପସରଲକ୍ଷ ସେ ନାରୀକ ॥
ଅମର ସମ୍ପତ୍ତି ଲଭ ବଲୋକନ ପାଏ ।
ନାରୀରୂପ ପିଙ୍ଗୁଳା ଲେଖନ ହେଲା ନେଏ ॥
ସେ ପ୍ରେମମଞ୍ଜରୀ ଶୋଭା ପଞ୍ଜରୀ ହୋଇଲା ।
ପୁଂସନେଏ ଖଞ୍ଜରୀଟ ତହିଁରେ ରହିଲା ॥
ରାମ ଶବ୍ଦ ବହୁ ବଚନରେ କଲା ଜପ ।
ରମା ବିପରୀତ ସେହିକାଳେ ବହି କୋପ ଯେ ॥
ଶରୀର ମଧ୍ୟ ଲୋପକୁ ଶରୀର ମଧ୍ୟକୁ ।
ଯୋଖି ପ୍ରହାରିଲା ବସ୍ତୁରଣ ତା ବଧକୁ ॥
ତାକୁ ସ୍ମୃତ କଲା ତୋ ନାରୀରେ ଇଚ୍ଛା ମୋର ।
ଭାବ କି ହେଉଛି ପର ଏ ଆନ ପ୍ରକାର ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଜାଣୁ ନାହିଁ ଅଭିଧାନ ବିଧାନମାନଙ୍କୁ ।
କହନ୍ତି ବିଧୁ ଚନ୍ଦ୍ରମା ବିଷ୍ଣୁ କର୍ପୂରକୁ ॥
ଏକାଳରେ ପୁଂସଠାରେ ରାମା ଦୃଷ୍ଟିପାତ ।
ଜନ୍ମଅନ୍ଧ ନୟନକୁ ଲଭିଲେ ଯେମନ୍ତ ॥
ମନମଥମଥନେ ଥରିଲା ହେଲା ଜାନୁ ।
କଦମ୍ବକୋରକ ଶୋଭା ଲୁଟି କଲା ତନୁ ॥
ନେତ୍ରବଡ଼ସୀରେ ସେ ଧଡ଼ସି ଅନୁରାଗେ ।
ପୁରୁଷମନମୀନକୁ ଧରି ନେଲା ବେଗେ ॥
ସେକାଳେ ସୁବେଣୀମଣି ଧୀବର ହୋଇଲା ।
ଉରଜ କୁବେଣୀ ସଂପୁଟରେ ପକାଇଲା ॥
ସେ ସମୟେ ପୁରୁଷ କହିଲା ଯୋଡ଼ି କର ।
ହେ ରସଉଦୟା ସୁହୃଦୟା ଦୟା କର ॥
ତପତତପନୀୟାଙ୍ଗି ତପଫଳ ମୋର ।
ଦ୍ରହସିତେ ଇଷିତେ ସଫଳ କରି କର ॥
ଅତିଦୀନ କ୍ଷୀଣ ହୀନ ମୁଁ ମଦନଶରେ ।
ରକ୍ଷାକର କକ୍ଷା କରି କୁଟିଳାକ୍ଷା ବାରେ ॥
ଏ ବଚନେ ସୀତ୍କାର କଟାକ୍ଷେ ଅଣିଲା !
ରସିକା ଭଞ୍ଜିଲା ଭାବ ରସିକ ଜାଣିଲା ॥
ଏକେତ ଏକାନ୍ତ ଦୁଜେ ତରୁଣ ତରୁଣୀ ।
ଭେଟ ଯାହା ଲୋଡ଼ୁଥାଇ ଫୁଲଧନୁପାଣି ॥
ପଞ୍ଚବିଶିଖକୁ କେତେ ଲକ୍ଷ ଅବା କଲା ।
ଭିଲା ଲକ୍ଷ୍ୟ ନାଗର ନାଗରୀ ହୃଦ ହେଲା ॥
ପୁରୁଷ ନିକଟେ ଲଭିବାକୁ କୃଶକଟୀ ।
ଭାବବତୀ ମନେ କରି ଅଇଲା ପାଖେଟି ॥
ଯୁବାଦେହ ବହି ଏ ଉତ୍ସବୁଁ ବଡ଼ କରି ।
ଉତ୍ସବ ଭୋଗ କାହିଁଛୁ କେ କହ୍ନୁ ବଗୃର ॥
ଦଇବେ ଦେହଳୀ ବଳ ତ୍ରିବଳୀ ଶୋଭିତା ।
ଆଲିଙ୍ଗନ କଲା ପୁଂସ ହୋଇଣ ଲୋଭିତା ॥
ଚୁମ୍ବିବା ବେଳକୁ ମୁଖରାଜୀବ ତାହାର ।
ଜୀବହୀନ ହୋଇ ତା ରହିଲା କଳେବର ॥
ଚାହିଁ ତରୁଣ ଅରୁଣଓଷ୍ଠୀର ଏ ରୀତି ।
ବଦନପବନ କେତେ ଦତ୍ତ କଲା ଶ୍ରୁତି ॥
ଲୋତକ ଜଳରେ ଆଗ ଧୋଇ ଦେଲା ମୁଖ ।
ବୋଇଲା ମୁଁ ନ ମରି ଦେଖିଲି ଏତେ ଦୁଃଖ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଏ ସମୟରେ ଶୁଭିଲା ଅମ୍ବରୁ ଏ ବାଣୀ ।
ଗଙ୍ଗାସାଗର ସଙ୍ଗମେ ନ୍ୟାସ ପୁଂସମଣି ॥
ଏ ବଲ୍କଳିକ ଲଭିବୁ ନୃପସୁତ ହୋଇ ।
ଅନଲେ ନ ଦହ ସେହିଠାରେ ଯାଅ ଥୋଇ ॥
ଏ ବଚନେ ସନ୍ତାପକୁ କଛୁ ଶାନ୍ତ କଲା ।
ବଙ୍ଗଦେଶେ ଯାଇଁ ଗଙ୍ଗାସାଗରେ ନ୍ୟାସିଲା ।
କର୍ଣ୍ଣାଟଦେଶରେ କାଞ୍ଚୀନାମେ ନଗ୍ରସାର ।
ଶଶିଶେଖର ନାମରେ ତହିଁ ନରେଶ୍ୱର ॥
ଶଶିରେଖା ନାମେ ତାର ଯେ ପଟ୍ଟମହିଷୀ ॥
ପୁତ୍ରାର୍ଥେ ଅନେକବ୍ରତେ ତୋଷି କାଶୀବାସୀ ॥
ତା ଉଦର ଆକାଶରେ ପ୍ରକାଶ ହୋଇଲା ।
ଅକଲଙ୍କ କଲାନିଧି ପରାୟ ଶୋହିଲା ॥
ଆହ୍ଲାଦେ ଚନ୍ଦ୍ରଭାନୁ ତେଜ ଭାବ କରି ।
ଚନ୍ଦ୍ରଭାନୁ ନାମ ଦେଲେ ବିଚାରି ବିଚାରି ॥
ବେଦ ବେଦାନ୍ତେ ବିଧାତା ବ୍ୟାକରଣେ ହର
ସଙ୍ଗୀତରେ ନାରଦ ଶୃଙ୍ଗାରଶାସ୍ତ୍ରେ ମାର ॥
କବିପଣେ ଗଣେଶ ଜ୍ୟୋତିଷେ ବୃହସ୍ପତି ।
ଅଶ୍ୱାରୋହେ ମିହିର ଭୈରବ ପରି ଗତି ॥
ଧନୁର୍ଦ୍ଧରେ ଅର୍ଜ୍ଜୁନ ଗଦାରେ ବୃକୋଦର ।
ଦାନରେ କର୍ଣ୍ଣ ମାନରେ କୁରୁଦଣ୍ଡଧର ॥
ବଳିଷ୍ଠରେ ବଳୀ ଧାର୍ମିକରେ ଯୁଧିଷ୍ଠିର ।
ସୁନ୍ଦରପଣରେ ତାଙ୍କୁ ସେହି ପଟାନ୍ତର ॥
ମନ୍ତ୍ରୀ ଜ୍ୟୋତିଷ ସାଧୁତ ପୁରୋଧାକୁମାର ।
ନାମ ଗୁଣନିଧି ବସନ୍ତକ ପୁରନ୍ଦର ॥
ରତିଧ୍ୱଜ ସହିତେ ଏ ଚାରିମିତ୍ରହିଁତ ।
ନିଶି ଦିନ ଭିନ୍ନ ନୋହେ ଏହାଙ୍କ ସଙ୍ଗତ ॥
ହେ ରାମ କୃଷ୍ଣ ସୁନ୍ଦର କଳାପମଣ୍ଡନ ।
ରାଧାପତି ରତିହାସ ଅଘବନାଶନ ॥
ଉପେନ୍ଦ୍ର ଭଞ୍ଜ ବୀରବର ମନୋରଥ ।
ଏ ଗୀତ ପୂର୍ଣ୍ଣ ହେବାରେ କର ଏହା ସାର୍ଥ ଯେ ॥

ଦ୍ୱିତୀୟ ଛାନ୍ଦ

ରାଗ—ପଟହମଞ୍ଜରୀ

ଶୁଣ ହେ ସୁଜନେ ରସ କର୍ଣ୍ଣ ମନ ଲୋଭା ।
ରତ୍ନାକର ମଧ୍ୟରେ ସିଂହଳ ଦ୍ୱୀପ ଶୋଭା ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କହିବାର ନୋହେ ସେ କଟକ ଛଟକକୁ ।
ରତନ ଝଟକରେ ହସେ ଆନ କଟକକୁ ॥
ଅଛନ୍ତି ଧନଦସମ ଧନବନ୍ତମାନ ।
କର୍ଣ୍ଣେ ଶୁଣାଅଛୁ ସେମାନଙ୍କୁ ଏକା ଦାନ ॥
ଯେତେକୋଟି ସୁବର୍ଣ୍ଣ ଯାହାକୁ ମିଳେ ତହିଁ ।
ତେତେଗୋଟି କଲଶ ସେ ମନ୍ଦିରେ ବସାଇ ॥
ଗୋରୋଚନା ପ୍ରକାରେ ଯହିଁରେ ମୃଗମଦ ।
ନତ ଜୀର୍ଣ୍ଣବସନକୁ ବକନ୍ତି ପୁଳିନ୍ଦ ॥
କୁଙ୍କୁମ ଉକୁଟାଇ ହୁଅନ୍ତି ନାରୀ ଯହିଁ ।
ହରିଦ୍ରାରେ ଆଦର କରିବେ କାହିଁପାଇଁ ॥
ମାର୍ଗ ମାର୍ଜ୍ଜନେ ରଜ ନକର ଆଣିଯାଇ ।
ରଜନୀକର ଆଣନ୍ତି ଶକଟରେ ବହି ॥
ହରିତକୀପାଇଁ ତଆରଲେ ବୈଦ୍ୟକୂଳ ।
ଭାରବାହେ ଭାରରେ ଆଣନ୍ତି ଜାତିଫଳ ॥
ଶବରୀ ଶବରୀ ଶେଷୁଁ ଅରଣ୍ୟକୁ ଯାଇ ।
ହରିବଦାରିତ କରି-ମୋତି ପଡିଥାଇ ॥
ବଦରୀ ଆଦରେ ନେଇ ସରୋବରେ ଧୋଇ ।
ବିକା ତା ନ ଯିବ ବୋଲି ଆସନ୍ତି ପକାଇ ॥
ଖଣ୍ଡପରଶୁ ଧାରଣ ପୁରପରିଷ୍କାରେ ।
ନ ଦହନ୍ତି ଶାମୁକ ମୁକୁତା ବହ୍ନିନରେ ॥
ଯେଉଁ ହେମ କମନୀୟ କମ କରେ ହୋଇ ।
ସେ ଗ୍ରହଣୁ ବାରବାନେ ଦୃକପାତ ନାହିଁ ॥
ଶିଶୁକାଳରୁ ମେଧାବୀ ମଦନ ଶଲାକା ।
ଭକ୍ଷନ୍ତି ଲବଙ୍ଗ ନାଗବଲ୍ଲୀଦଳ ଏକା ॥
ଏଣୁ କଣ୍ଠରୋଧବାଧହୀନ ଦବ୍ୟତାନ ।
ଶିଖି ବସ୍ତୁ ଚରିତ କରନ୍ତି ଭ୍ରମି ଗାନ ଯେ ॥
ଗଜ ହସ୍ତ ଉପଜୀବ ଭ୍ରମନ୍ତି କେଦାରେ ।
ମାଗଗ ଜ୍ୟୋତକ କରି ଜବସ ମନରେ ॥
ବାସ କର ଗ୍ରହଣେ କରନ୍ତି ଯହିଁ ମଚ୍ଛ ।
ଭାବନ୍ତି ଏହୁ ପଥରେ ପଥରେକ ସ୍ୱଚ୍ଛ ଯେ ॥
ବନ୍ୟଜାତ ବନ ଗଜ ନ ଆଣନ୍ତି ବନ୍ଧୁ ।
ଅଶ୍ୱଶାଳେ ବନ୍ଧା ନୋହେ ସିନ୍ଧୁଜାତ ବନ୍ଧୁ
ମୂଷକରେ ନେପାଳୀ ପାଳନା ସୁଆଦରେ ।
ଗନ୍ଧମାର୍ଜାର ପୋଷିତ ବଡ଼ାଳ ପଦରେ ଯେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ମାଳଥାଳ ଦକ୍ଷିଣାବର୍ତ୍ତକ ବନା କମ୍ବୁ ।
ନ ଘେନନ୍ତି ଦେବାଙ୍କୁ ହରଚରଣେ ଅମ୍ବୁ ଯେ ॥
ଏକମୁଖୀ ରୁଦ୍ରାକ୍ଷ ଗ୍ରହଣ ଯୋଗୀ କରେ ।
ବାଳକେ କଣନ୍ତି ଦ୍ରାକ୍ଷା କେବଳ କୋଳରେ ଯେ ॥
ଖଡ଼ଗ ଚର୍ମଆଢ଼େଣୀ ଧାରଣ ନ ପାଇ ।
ଖଡ଼ଗଚର୍ମରୁ ଆନ ଚମ ନ ଯୋଗାଇ ଯେ ॥
ଯହିଁ ବ୍ରହ୍ମଜାତି ବଜ୍ରକବଚ ମିଳଇ ।
ବଜ୍ରକବଚ ରେ ଅନୁରାଗ ଥିବ କାହିଁ ଯେ ॥
ପଦ୍ମିନୀ ଜନମସ୍ଥାନ ପଦ୍ମାକର ପୁରୀ ।
ଆନଜାତି ନାରୀଏ ଯହିଁରେ ପରଗୃହୀ ଯେ ॥
କିନ୍ନରୀ ଗୀତ ଶ୍ରବଣ ଯହିଁ ନିତ ନିତ ।
ମହୀ ମଧ୍ୟେ ସ୍ୱର୍ଗ ସେ ହୋଇଛି ଉତପତ୍ତି ଯେ ॥
ସେ ନଗର ନରବର ନାମ ରତ୍ନେଶ୍ୱର ।
ବିଦ୍ୟୁଲତା ନାମେ ପଟ୍ଟମହିଷୀ ତାହାର ଯେ ॥
ପଞ୍ଚଶରସମେ ପଞ୍ଚସୁତ କଲେ ଜାତ ।
ଦିବ୍ୟକୁମାରୀ ପ୍ରାପତେ କରେ ନାନାବ୍ରତ ଯେ ॥
ଚୈତ୍ର ମଙ୍ଗଳବାରରେ ଆରମ୍ଭି ପୂଜାକୁ ।
ପଞ୍ଚମପାଳିରେ ତୋଷ କଲେ ଗିରିଜାଙ୍କୁ ॥
ବାଞ୍ଛାବତୀ ପିଣ୍ଡ ଥିଲା ଅଗମ୍ୟକାନନ ।
ଆପଣେ ଅମ୍ବିକା ଯାଇ କଲେ ସଂଜୀବନ ଯେ ॥
ବୋଇଲେ ସୁନ୍ଦରୀ ହସ୍ତ ରୁ ରସାଳ ଫଳ ।
ଆଜ୍ଞା ଅବଧାରିଲା ସେ ରାମା ତତକାଳ ଯେ ॥
କରେ ଘେନ ସ୍ୱପ୍ନାବେଶେ ମହାଦେବୀ କରେ ।
ଦେଇ ଗଲେ ସେ ଆମ୍ବକୁ ପାର୍ବତୀ ସତ୍ୱରେ ଯେ ॥
ଚେତ ଯୁବତୀ ଦେଖିଲା ହସ୍ତେ ଅଛି ଚୂତ ।
ତାହା ଭକ୍ଷି ମୃଗାକ୍ଷୀ ନାୟକ ସଙ୍ଗେ ରତ ॥
ଶୁଭବେଳେ ଗର୍ଭି ଦର୍ଭିହାସୀ ଶୁଭ୍ରକେଶୀ ।
କେତେଦିନ ଶୋଭି ତାର ଆନ ଆନ ଦଶି ଯେ ॥
କାନ୍ତି ସୁବର୍ଣ୍ଣି ଦୋହଦ ପାରଦ ମିଶିଲା ।
ରଜତପିତୁଳା ତୁଳା ଅବଲା ଦିଶିଲା ଯେ ॥
କ୍ଷୀଣ ଯାଇ ପୀନ ହେଲା ରେକସଂଖ୍ୟା କଟୀ ।
ଖସି ନିତମ୍ବବିମ୍ବକୁ ଆଶ୍ରେ କଲା ଶାଟୀ ଯେ ॥
ବେଶରେ ଆବେଶ ହେବା କ୍ରମଶେ ତୁଟିଲା ।
ଆହାରେ ବମନା ହୋଇ ଗଗନେ ଫଟିଲା ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବାହାର ହୋଇଲା ପତିବିହାରରୁ ମତି ।
ମହିଳା ମହୀଶନୟନେ ବଳାଇଲା ପ୍ରୀତି ଯେ ॥
ଦିବ୍ୟରୁଚିକି ରୁଚିଲା ମୃତ୍ତିକା ଭକ୍ଷଣ ।
ଚଞ୍ଚଳ ଚଳନମାନ ଛାଡିଲା ଈକ୍ଷଣ ଯେ ॥
ପୃଥୁରୋମାନୟନୀ ଉଦର ପୃଥୁତର ।
ଅତି ଶୋଭା ନାଭି ଲେଉଟିଲା ପରକାର ଯେ ॥
ନିଷ୍ଠୁର ଦିଶିଲା ଓଷ୍ଠ ତୁଟି ଯାଇଁ ରଙ୍ଗ ।
ଘନଘନ ଜୃମ୍ଭା ପୁନଃପୁନଃ ମୋଡ଼େ ଅଙ୍ଗ ॥
ଶ୍ୟାମଳ କୋମଳଅଙ୍ଗୀ ସ୍ତନଅଗ୍ର ବହି ।
ହରିଧରଶୃଙ୍ଗେ ଜଳଧର ପରି ଶୋହି ଯେ ॥
ଦଶମାସ ଶେଷ ରସବତୀ ଅଣକତି ।
ଉତ୍ତମ ଲଗ୍ନ ମଗ୍ନରେ ସୁତା ପ୍ରସବିତ ଯେ ॥
କବି ବର୍ଣ୍ଣିରେ କି ଗୁରୁମୁଖ ସଙ୍ଗେ ବାଦ ।
ଆଚରି ମଦନ ମହୀପତି ବହି ମଦ ଯେ ॥
ଉଦରଶୋଭା ଉଦଧି ମନ୍ଥିଲା ଉଦ୍ବେଗେ ।
ଉରଜ ମନ୍ଦର ବଳି ସର୍ପରଜ୍ଜୁ ଯୋଗେ ଯେ ॥
ତହିଁରୁ ଜାତ ଜଗତ-ମୋହିନୀ ସ୍ୱଭାବେ ।
ଅବଶ୍ୟ ହୋଇବେ ହର ତପୋଭଙ୍ଗ ଏବେ ଯେ ॥
ଧାତ୍ରୀ ଧରିତ୍ରୀଭୂଷାକୁ ନାଭିଚ୍ଛେଦ କରି ।
ଗଣକଗଣେ ବସିଣ ଜାତକ ବର୍ଣ୍ଣିରି ଯେ ॥
ସୂତିକାଗୃହରେ ଯେତେ ବିଧି ଶେଷ କଲେ ।
ଦଶବଂଶ ଦିନେ ଦୋଳୀଶୟନ ବହିଲେ ଯେ ॥
ଆସିଥିଲେ ବ୍ରହ୍ମର୍ଷି ଶୋଭା ରାଶି ଗୃହିଁ ।
ବର୍ଣ୍ଣିଲେ କେତେକଳ୍ପ ଶ୍ରମ କଲା ବହି ଯେ ॥
ମୁଖ ହେବ ଏମନ୍ତ ବର୍ଣ୍ଣିର ପଦ୍ମ ବିଧୁ ।
ହସ୍ତବଳା କରି ଆଗୁଁ ଗଢ଼ିଗଲା ସାଧୁ ଯେ ॥
ତହୁଁ ବସ ଆହ୍ଲାଦ ଦର୍ପଣରୁ ଝଳ ।
ଲହରୀରୁ କୁଟିଳ ଅଞ୍ଜନପୁଞ୍ଜ କାଳୀ ଯେ ॥
କୁରଙ୍ଗରୁ ତରଙ୍ଗ ବିଦ୍ରୁମ ରଙ୍ଗ ହରି ।
ଲବଣୀ ଶିରୀଷରୁ କୋମଳ ବଳେ ତୂଳ ଯେ ॥
ସୁବର୍ଣ୍ଣର ବର୍ଣ୍ଣ ଗଜ ହଂସଠାରୁ ଗତି ।
ଏରୂପେ ଉପମାବର୍ଗ ଯେତେକ ଅଛନ୍ତି ଯେ ॥
ବହି ସବୁଠାରୁ ସାରସାର ଭାଗ ଆଣି ।
ପୁରଃପ୍ରତିମା ପରି ରଚିଲା ରମଣୀ ଯେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କବି ଯେତେ ଥିଲେ ସୀତ୍କାର ତା ନ କଲେ ।
ବିଧାତା ବିଧାନି କାହିଁ ଏ ହେବ ବୋଇଲେ ଯେ ॥
ଦେଖି ପଦ୍ମ ଲପନଶୋଭାକୁ ଯାର ହାରି ।
ଚରଣତଳେ ଶରଣ ପଶିଅଛି ତରି ଯେ ॥
ପଦ୍ମଭୂ ଜାତ ସିନା ବିଧି ବିହିଲେକେମନ୍ତେ ।
ଏମନ୍ତ ସମ୍ମତ ହେଲା ସମସ୍ତଙ୍କ ଚିତ୍ତେ ଯେ ॥
ସର୍ବ ମତେ ସର୍ବ ଶୋଭାସ୍ଥାନ ବୋଲି ବାଳୀ ।
ଲାବଣ୍ୟବତୀ ନାମକୁ ଦେଲେ ଭାଳି ଭାଳି ଯେ ॥
ବଳକ୍ଷପକ୍ଷର କଳାକର କଳା ପରି ।
ଦିନୁ ଦିନ ଶୋଭା ବୃଦ୍ଧି ନରେନ୍ଦ୍ରକୁମାରୀ ॥
କେତେଦିନେ ଉଭା ଭିତ୍ତି ଧରି ବିମ୍ବାଧରୀ ।
କଟୀଗମନରେ ପୁଣି ମହୀ ଶୋଭାକରି ଯେ ॥
ରଜନୀକରବଦନା ରଜନୀକରରେ ।
କରଇ ଖେଳ ରଚନା ଶିଶୁଙ୍କ ସଙ୍ଗରେ ଯେ ॥
ରବି ରଥ ରଖେ ବଶ ହୋଇ ତା ସୁଷମେ ।
ଏଣୁ କରି ଦୀର୍ଘଦିନ ଜାଣିଲି ଗ୍ରୀଷମେ ଯେ ॥
ବର୍ଣ୍ଣସ୍ତୁକ ବର୍ଣ୍ଣକର୍ମୀ ଶିଳ୍ପୀ ହୋଇ ଗୋପ୍ୟେ ।
ନିର୍ମିଣ ବାରଣଦନ୍ତପିତୁଳା ତା ରୂପେ ଯେ ॥
ଉପି ଲେପି କୁଙ୍କୁମ ଦିଅନ୍ତି ନେଇ କରେ ।
ହେବ କି ନୋହିବ ସମ ଏମନ୍ତ ଶଙ୍କାରେ ଯେ ॥
ମନକୁ ନ ଆସି ଆରଦିନ ଚନ୍ଦ୍ରକର ।
ହୋଇ ଚନ୍ଦ୍ରେ ବିଚନ୍ଦ୍ର ଲେଖନ୍ତେ ଶୋଭା ତାର ଯେ ॥
ତଥାପି ସୁଷମା ସମା ପ୍ରତିମା ତ ନୋହି ।
ଶୋଭାକୁ ବର୍ଣ୍ଣିନ୍ତି କବି ବୃତ୍ତି କରି ତହିଁ ଯେ ॥
ଏମନ୍ତ ଯଶ ଜେମାର ଜଗତେ ଶୁଭିଲା ।
ଯୋଗିଜନମୋହନାସ୍ତ୍ର ମାର ଭିଆଇଲା ଯେ ॥
ଏ ବିଶ୍ୱରେ ମହେଶ ପାଷାଣ ହେଲେ କିବା ।
ଯୁବା ହେବାଯାଏ ଆଉ ଶରୀରେ ନ ଥିବା ଯେ ॥
ପଢ଼ାଶୁକେ ଶିଳ ଧୂପ କୋକିଳେ ବରଷା ।
ହୋଇଲା ପାଠପଠନ କାଳ-ମୃଦୁଭାଷା ଯେ ॥
ସରସ୍ୱତୀ ଗୋଚରରେ ବିଦ୍ୟା ଥିଲା ଯେତେ ।
ଦେଲେ କହି ସେ ଦ୍ୱନ୍ଦ୍ୱ ଗୁ ନ କରିବୁ ମୋତେ ଯେ ॥
ଲକ୍ଷ୍ମାପତି ମହର୍ଷୀଙ୍କ ଯେନ ଯଉବନ ।
ରଜା ଆସି ଆକର୍ଷିଲା ଅଙ୍ଗଦେଶମାନ ଯେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପାତ୍ର ମନ୍ତ୍ରୀ ନିତମ୍ବ ଜଘନ ଉରୁ ସତି ।
ଶାଢ଼ୀ ପାଇ ଏମାନେ ହୋଇଲେ କୃତକୃତ୍ୟ ଯେ ॥
କୁଚ ଅଙ୍କୁରିବାରେ ବସନ ଉଠେ ଦିଶେ ।
ହୃଦୟବେଦୀରେ ଅଭିଷେକକୁମ୍ଭ କି ସେ ଯେ ॥
ଏ ସମୟ ମାହୁନ୍ତ ସୁନ୍ଦରୀ ମତ୍ତକରୀ ।
ଅନ୍ତଃପୁର ଖୋପରେ ରଖିଲା ବଳେ ଧରି ଯେ ॥
ନେତ୍ରାଞ୍ଚଳେ ଚଞ୍ଚଳ ପ୍ରକାଶ ହେଲା ଆସି ।
ଚତୁରୀ ବଳି ଶୃଙ୍ଖଳୀମାନଙ୍କୁ ପ୍ରକାଶି ଯେ ॥
ଏ ପ୍ରଣିତ ଯୁବାଜିତ ଇଚ୍ଛା କରି ଭୀରୁ ।
ଶର ବନ୍ଧ ଶିଖେ କି ସଂସାରଗୁରୁଠାରୁ ଯେ ॥
ସୁନ୍ଦରୀ ସଂସାରେ ସେ ହେବାରୁ ଚକ୍ରବର୍ତ୍ତୀ ।
ଦେଲା କି ପ୍ରତିଅଙ୍ଗରେ ଭୂପତି ସମ୍ପତ୍ତି ଯେ ॥
କୁନ୍ତଳ ଦେଶରେ ଚୂଡ଼ା ଶୋଭା କରାଇଲା ।
ବିଦର୍ଭରେ ହାସକୁ ପ୍ରଭୁତ୍ୱପଣ ଦେଲା ଯେ ॥
ମାଳବରେ କଣ୍ଠକୁ ଭୂଷଣ କଲା ନେଇ ।
ଶୈଳରେ ଶୋଭିତ କଲା ଉରଜକୁ ଯହିଁ ଯେ ।
କାଞ୍ଚୀରେ ରଞ୍ଜନ କଲା ମଧ୍ୟକୁ ନିରତ ।
କନକକଟକେ କଲା ପାଦକୁ ପୂଜିତ ଯେ ॥
ମଣି ରମଣୀମଣିଙ୍କ ଶାଣ ଯଉବନ ।
ବହୁମୂଲ୍ୟ ପ୍ରଭାକୁ ବଢ଼ାଇ ଦିନ ଦିନ ଯେ ॥
ଉପମା ଆଣିବ କାହୁଁ ମହାକବି ହେଲେ ।
ସୁନ୍ଦରେ ଯାହାର ଅଙ୍ଗେ ସୁନ୍ଦରୀ ହୋଇଲେ ଯେ ॥
ଜୟ ଜଗନ୍ନାଥ ଗ୍ରାମ ଶ୍ରେୟର ନିଳୟ ।
ମୁନିଗଣ କାମଦାୟ ପଦ୍ମବାସିପ୍ରିୟ ହେ ॥
ଉପେନ୍ଦ୍ର ଭଞ୍ଜ ବୀରବରର ଭାବିତ ।
ନିର୍ଦ୍ଦୋଷରେ ଏହୁ ଗୀତ ହେଉ ସମାପତ ହେ ॥

ଚତୁର୍ଥ ଛାନ୍ଦ

ରାଗ—ଚିନ୍ତାଦେଶାକ୍ଷ । ରସକୋଇଲା ବାଣୀ

ଏଥି ଅନ୍ତେ ଶୁଣ ରସିକଜନେ । ଦିନେ ବିଚାର କଲେ ସଖୀମାନେ ।
ଆମ୍ଭ ସଜନୀ ଯେ ସୁନ୍ଦରୀ ସାର : ନାହିଁ ନୋହିବ ନ ଥିବ ସଂସାର ସେ ।
ପୂର୍ଣ୍ଣିତ ଶୋଭା ବୟସେ ଯେ ।
ଆମ୍ଭ ଲୋଚନକୁ କବି ବଚନକୁ ପବିତ୍ର କରିବା ବେଶେ ଯେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଏମନ୍ତ ଭାବ ଜଣାଇଲେ ଯାଇ । ଜନନୀ ଚର୍ଚ୍ଚିଲେ ଆଜ୍ଞା ତକାଇ ।
କି କର ତୁମ୍ଭେ ଜେମା ପାଶେ ଥାଇ । ସୁବେଶ ନୀତ ନ କର କିପାଁଇ ସେ ।
କେ ଜାଣେ କାହା ମାନସ ଗୋ ।
ତୁ ମନେ କରୁଛୁ ଭୂଷଣ ଭୂଷା ମୁଁ କାହିକି ହୋଇବ ବେଶ ଗୋ ॥

ରସବିଷୟ ଶ୍ରବଣ କରିବା । ବନ୍ଧପଟଳପଟକୁ ଚାହିଁବା ।
ଦିବ୍ୟ ଅଲଙ୍କାରେ ମଣ୍ଡନ ହେବା । ଏତେ କଥାରେ ବଶ ହୋନ୍ତି ଯୁବା ଯେ ।
ଶୁଣି ସୀତ୍କାର କରି ଯେ ।
ବ୍ୟାଧି ବନ୍ତର ବାଞ୍ଛିତ ଉପଚାର ବୈଦ୍ୟ ବହ୍ଲାର ପରି ଯେ ॥

ଭଙ୍ଗୀରୁ ଜାଣିଲେ ସଙ୍ଗିନୀବ୍ରାତ । ହେଲା କୋମଳଅଙ୍ଗୀ ଅଙ୍ଗୀକୃତ ।
ତାଙ୍କ ନୟନ ବିକାରରୁ ଜାଣି । ଚତୁରୀ ପରିବାରୀମାନେ ଜାଣି ଯେ ।
ଚାଙ୍ଗୁଡ଼ି ଭୂଷଣ-ପେଡ଼ି ଯେ ।
ଯତନ ରତନମଣ୍ଡନ ବସନ ବାଛିଲେ ସଜନୀ ଫେଡି ଯେ ॥

ମଞ୍ଜୁ ବିଦ୍ୟୁତ୍ରାଜି ପରାୟେ ରାଜି । ଚାହିଁଲେ ନୟନ ହୋଇବ ବୁଜି ।
ଅଳକାକୋଷେ ଥିବ ଅବା ତୁଲ୍ୟ । ହେଜି କରିବ ଧାତା ଅବା ମୂଲ୍ୟ ସେ ।
ଏକାଳେ ସଜାଡି ଆଣି ଯେ ।
ଫୁଲ-ଚାଙ୍ଗୁଡ଼ା ଚନ୍ଦ୍ରକ ପେଡା ଫେଡି ସୁବାସ ତଇଲ ପୁଣି ଯେ ।

ସଜବିଧି ସଜ ସଜନୀ ଦେଖି । ଆସନେ ବସାଇ ପ୍ରସନ୍ନମୁଖୀ ।
ଆଗେ ଦେଖାଇଲେ ମୁକୁର ମାଜି । ହାରି ନିର୍ମଳେ କି ଶରଣ ଭଜି ସେ ।
ଫେଡିଲେ କୋମଳ ବାଳ ଯେ ।
ବେଗରେ ତଇଲ ଯୋଗରେ ଶଇଳସ୍ନାନ କଲେ କୋମଳ ଯେ ॥

ଚରମେ ପଡି ମନୋରମ ଦଶେ । ମଧ୍ୟେ କି ନଶୀ ଦିନ ଦୁଇପାଶେ ।
ପ୍ରଭା ବୃଦ୍ଧି ଦେଖି ମୁଖଚନ୍ଦ୍ରର । ପଳାଇ ଯାଉଛି କି ଅନ୍ଧକାର ସେ ।
ସଖୀଏ ଜାଣନ୍ତି ବିଷେ ଯେ ।
ଚାମର ମୟୂରପୁଚ୍ଛ ଯା ଚାଳନ୍ତି ନଉଁଛଉଛନ୍ତି କେଶେ ଯେ ॥

ମର୍ଦ୍ଦଳାକାର କଙ୍କତିକା ଝୁଳି । କାଙ୍ଗୁଲି କମ ସୁଷମା ପିତୁଳୀ ।
ସୁସଞ୍ଚ ଘଞ୍ଚ ଦଶନଆବଳୀ । ଗଳିବ କି ନାହିଁ କୁନ୍ତଳ ଭାଳି ସେ ।
ଆଲୀ ଖଡିକା ଗଳାଇ ଯେ ।
ନଖେ ଠଙ୍କାର ଦେଇଣ ବେଶକାରୀ ଦେଲା କେଶ କୁଣ୍ଡିଆଁଇ ଯେ ॥

ମାଙ୍ଗଭାଙ୍ଗ ରଖି ଉତ୍ତମାଙ୍ଗରେ । ଆୟୃତ୍ କରି ସାମଳିଲା ଧୀରେ ।
କରେ ଧରି ମୂଳେ ଭିଡ଼ା ଭିଡ଼ନ୍ତେ । ଅଦ୍ଭୁତ ଉପମା ଜନ୍ମିଲା ଚିତ୍ତେ ସେ ।
କି କୋକନଦ ମଧ୍ୟରୁ ଯେ ।
ସ୍ରବୁଛି କାଳିନ୍ଦୀ ଦ୍ରବୁଛି ଶୃଙ୍ଗାର ହାହା ସେ ଅତ୍ୟନ୍ତ ଗୁରୁ ଯେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରଙ୍ଗଭଣ୍ଡି ଭର ଦ୍ରବ୍ୟ ଜୁଡ଼ାକୁ । ସଜାଉଲେ ଯୁବାଜ୍ଞାନବୁଡ଼ାକୁ ।
ତମ ବଦାର କି ହୋଏ ବାହାର । ପ୍ରଭାତେ ପ୍ରଭାବନ୍ତ ପ୍ରଭାକର ସେ ।
ବେନି ବନ୍ଧୁପାଶ ସିଦ୍ଧି ଯେ ।
ଯୋଗିଜନ ମନମୃଗ ବନ୍ଧନେ କି କଲେ କିଆପନ୍ଦୀ ବାନ୍ଧି ଯେ ॥

ସିନ୍ଦୂର ଗାର ସୀମନ୍ତରେ ଦେଲେ । ବନ୍ଧୁଳୁଦକୁ ବନ୍ଧୁ ହାଣିଥିଲେ ।
ଶୁଖି ନାହିଁ କି ସେ ରଥାଙ୍ଗ ଘାତ । ଆଜ ହୋଇଛି ରକତ ବ୍ୟକତ ସେ ।
ସେ କ୍ଷତ କ୍ଷତଜ ଚିହ୍ନ ଯେ ।
ଲାଲସେ ଆସେ ବଦନବନ୍ଧୁ ପାଶେ ନ ଗର୍ବସେ ଭୟ ପାଇ ଯେ ॥

ଜ୍ୟୋତିମୋତି ମଥାଜାଲି ମଣ୍ଡିଲେ । ନାହିଁ ଧଇର୍ଯ୍ୟ ଖଣ୍ଡିଲେ ।
କି ନୀଳମଣି ଧରଣୀରେ ଆସି । ଗବାକ୍ଷେ ଗଲା ପ୍ରକାଶିତ ଶଶୀ ଯେ ।
ଜୁଡ଼ାଜାଲି ଏ ସଦୃଶ ଯେ ।
ଶ୍ୟାମଳ କମଳକଳରେ କଲା କି ସେକ୍ଷଣ ସୁଧାବରଷା ଯେ ॥

ବଙ୍କଡଉଁରି ହେମଦୁବଟରି । ଦେବାରୁ ଦଶିଲା ଏମନ୍ତ ପରି ।
କାମ ଯମୁନାଜଳ କେଳି ଇଛି । ସୁବର୍ଣ୍ଣନାବ କ୍ଷେପଣୀ କରିଛି ସେ ।
ଡୁବ ଯା କମ୍ପିଲା ହୋଇ ଯେ ।
ଠାରେ କି ନାକ ନର ନାଗ ନଗରେ ଏ ସମାନ ଶୋଭା ନାହିଁ ଯେ ॥

ସହଜେତ କୁଞ୍ଚିତଅଳକା । ପକାଇଲେ ଭୃଙ୍ଗଶ୍ରେଣୀରେ ଡକା ।
ଦମ୍ଭ ଆରମ୍ଭ ବନାଶନ ଆଶେ । ମଞ୍ଜୁଳ କଲେ ଅବତଂସ ଶେଷେ ସେ ।
ଏମନ୍ତ ଚିତ୍ତରେ ଭାଳି ଯେ ।
ମର୍କତନଳୀରୁ ବାହାର ଯାଉଛି କି ଅଙ୍କ ଜ୍ୱଳିତ ଗୁଳି ଯେ ॥

ଅଳକା ଉର୍ଦ୍ଧ୍ୱେ ଝିଲମିଲମାଳୀ । ଝଟକେ ଝଟକେ ଖଞ୍ଜିଲେ ଆଳୀ ।
ଏମନ୍ତ ଅଦ୍ଭୁତ ନ ଥିଲା ଦେଖା । ବିନା ମେଘରେ ସ୍ଥିର ବିଦ୍ୟୁତରେଖା ସେ ।
ପାଶକେ ଯାଉଏ ତାରି ଯେ ।
ଇଚ୍ଛାରେ ନେତ୍ର ବନ୍ଦୀ ହେବ ମଣ୍ଡିଲା ଅନଙ୍ଗ ବଟବନ୍ଦକାରି ଯେ ॥

ଲଲାଟପଟ ଅର୍ଦ୍ଧଚନ୍ଦ୍ର ପରି । ମୃଗମଦ ତହିଁ ତିଳକ କରି ।
ରାହୁ ବାଦ ଇଚ୍ଛି ନିଶା-ନାୟକ । ଭୟାଇ ଆଣି ଆଡ଼େଣୀ ଶାୟକ ସେ ।
ରହିଛି ସଂଯତ ହୋଇ ଯେ ।
ଅଳକା ନୟମସୀମାକୁ ଲଙ୍ଘିଲେ ହାଣିବ ସଂଶୟ ନାହିଁ ଯେ ॥

କର୍ଣ୍ଣେ ତାଟଙ୍କ ମଣ୍ଡିଲେ ବର୍ତ୍ତୁଳ । କବ ଗୀଷ୍ପତ ନାମୁ ଆଣି ଧର ।
ଜୀବ ଭାର୍ଗବକୁ ବାନ୍ଧିଲା କି ସେ । ଆନନ ବେନିପାଶେ ବେନିପାଶେ ସେ ।
ନେତ୍ରାନ୍ତେ କରେ ତର୍ଜନ ଯେ ।
ଶ୍ରୁତରେ ଉପମା ନାହିଁତ ବୋଲନ୍ତି ତୁମ୍ଭେ କି କର ବର୍ଣ୍ଣନ ହେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରଚନ ଫୁଲ ଅଛହିଁ ଯତନ । ଝଲକେ ଝଲକା ଏ ଅନୁମାନ ।
ହର ମାରଙ୍କୁ ଭସ୍ମ କରଦେଲା । ଏକା ଛନ୍ଦ କ ରଚ ଠାରେ ଥିଲା ସେ ।
ଜଣି ଶୋଭିରେ ତାହାଙ୍କୁ ଯେ ।
ଲୋକେ ବଡାଇ ଜାଣିବାକୁ ଛଡାଇ ମଣ୍ଡନ କଲେ ଏହାଙ୍କୁ ଯେ ॥

ମଲ୍ଲୀକଢ଼ୀଚ ପରଂପରା କହି । ମଣ୍ଡିଲେ ବେନଖଞ୍ଜାପରି ସେହି ।
ଖଞ୍ଜିଲେ ସଜନୀ ଏହି ବବେକେ । ଭୁଲନ୍ତୁ ପୁଂସମନ ସଞ୍ଚରିକେ ସେ ।
ତହିଁ କେ ପଡବ ପୁଣି ଯେ ।
ବାଲୀ ବୋଲି ବାଳୀ ଗୁପତ ଶାଙ୍କୋଳୀ ପାଶରେ ରଖିଲେ ଆଣି ଯେ ॥

ନେଏ ଭ୍ରୁରୁ ବାଣ କମାଣ ଯୋଗେ । ମରମକୁ ଭେଦେ ବନା ପ୍ରୟୋଗେ ।
ଯାହା କଜ୍ଜଳ ଶାଣି ତହିଁ ଦେଲେ । ଆଉ କ ସଖୀ ସୃଷ୍ଟି ରଖିଥିଲେ ସେ ।
ବଡ଼ ଭଙ୍କା ସୁକୁମାରୀ ଯେ ।
କୁସ୍ରିତଜନକୁ ଏ ଶସ୍ତ୍ରେ ମାରବ ନ ବନ୍ଧେ ଏହା ବସୃର ଯେ ॥

ଶ୍ରବଣକୁ ଯାହା ଲଙ୍ଘି ଲାଗିଛି । ସେ କ ଆକ୍ଷିକ ଡାକ ଶିଖାଉଛି ।
ବ୍ରହ୍ମହତ୍ୟା ହେବ ଧାତା ବଧରେ । ତୋ ଅର କୁରଙ୍ଗ ହରତା ଧରେ ସେ ।
ପାରଲେ ତାହାଙ୍କୁ ମାର ଯେ ।
କାହିଁଛି କାହିଁଛି ବୋଲି ଖୋଜିବାରେ ଚଞ୍ଚଳଗତ କ ତାର ଯେ ॥

ଘୋଣାରେ ଦେଲେ ମୋତ ନାକଚଣା । ଠିକଣା କର ଏ ଉପଲକ୍ଷଣା ।
ମାର ନେବ ମନମୀନ ଓଠାର । ଥୋପ ଲଗାଇ କ ବଡ଼ଶୀ ଧର ସେ ।
ପୁଟକେ ମାଣିକ୍ୟ ଗୁଣା ଯେ ।
ଝଟକେ କ ଦଶେ ଅନଲ ଜ୍ୟୋତ ସେ ଛଟକେ କରୁଛି ବଣା ଯେ ॥

ଗଣ୍ଡେ ଗୃଣ୍ଡେ କର ମକରୀ ଝଳ । ମୁକୁରବମ୍ବେ କ ତମାଳବଲ୍ଲୀ ।
ତବୁକେ ଭ୍ରମରୀ ଓଷ୍ଠ ବନ୍ଧକୁ । ମଧୁ ନ ପିଏକ ଏହି ବବେକୁ ସେ ।
ନାସା—କୀର ଅଛି ଝମ୍ପି ଯେ ।
ବିମ୍ବ ହୋଇଥିଲେ ଜମ୍ବୁ ବୋଲି ମୋତେ ନ ପୁଣ ଚଞ୍ଚୁରେ ଗୃପି ଯେ ॥

କଣ୍ଠେ ଦଅନ୍ତେ ମୋତ ଗୃପସରୀ । ରହିଲେ ଉପମାଏ ଅପସରୀ ।
କ କମ୍ବୁ ଜଣିଲା ଯଶ ପ୍ରକାଶ । ମତ୍ତ କପୋତେ କ କରୁଛି ହାସ ସେ ।
ଯୋଡମାଳ କାଚମାଳୀ ଯେ ।
ଆଉ ମାଳୀଆଳ କେତେକ କହିବା ଯେତେକ ମଣ୍ଡିଲେ ଆଳୀ ଯେ ॥

ଫୁଲ ଲମ୍ବି କଲା ଚରମ ଶୋଭା । ଖେଳାଇବା ପାଇଁ ଭରମ ପ୍ରଭା ।
ଶରମେ କାମ କ ମଣ୍ଡନ କଲା । ନୀଳରଙ୍ଗ ପୀତବର୍ଣ୍ଣେ ଶୋଭିଲା ସେ ।
ବଚନ ଦୃଷ୍ଟି ପ୍ରକଟି ଯେ ।
କ ଇନ୍ଦୀବର ଶୋଣକଞ୍ଜ କୁମୁଦ ନର୍ମଳ ନଦୀରେ ଫୁଟି ଯେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରୋମାବଳୀକର ଅଛି ପ୍ରସାର । ଯଉବନ ଗଜ କୁଚ ଅମରି ।
ଶୈଳ ଘୋଡ଼ଣୀ କି ମଣ୍ଡନ ହାର । ପ୍ରବାଳମାଳା କି ବଉଳଝରି ସେ ।
ପଦକ ମାହୁନ୍ତ ସ୍ଥାନ ଯେ ।
ଧନ୍ୟ ଧନ୍ୟ ରାମା ସୁଷମା କଲେ ତା ଏହି ଉପମାକୁ ଘେନ ଯେ ॥

ବାଉଟିସାର ଭାବ ଦେଲେ ତାହି । ଜ୍ଞାନ ତାଡ଼ନକ ତାଡ଼କୁ ବହି ।
ଅଙ୍ଗୁଳ୍ୟଠାରେ ମଣିବନ୍ଧ ପଟ୍ଟେ । ଅଙ୍ଗୁଳ୍ୟ ମଣ୍ଡିଲେ ଅତ୍ୟନ୍ତ ସ୍ୱଚ୍ଛେ ସେ ।
ଦେଲେ ମରକତ ଚୂଡ଼ ଯେ ।
ସଖିମାନେ ପାଞ୍ଚ ଅଙ୍ଗୁଳ ଗ୍ରହିଁ । କଲେ ପାଞ୍ଚ ପାଞ୍ଚ ନାରାଚ ଏହି ॥

ପାଞ୍ଚ ନାରାଚ ଦାମ ଭ୍ରମରେ ଭମରେ ଭ୍ରମରେ କି ଅବା ଜଡ଼ ଯେ ।
ସଖିମାନେ ଭସ୍ମ ହେଲା ଦନ । ଥୋଇଲେ କି ଦେଖି ଏ ରମ୍ୟ ସ୍ଥାନ ସେ ।
ଭେଦିବ ପଞ୍ଚମନକୁ ଯେ ।
ପଞ୍ଚରତ୍ନ ଦେଇ ପୂଜା କରବା କି ବୋଲି ମୁଦ ଦେଲେ ତାକୁ ଯେ ॥

ହରତାଳ କାଳୀ ଘେନ ବନତା । ପଦ ଉପରେ ଉକୁଠାଇ ଚତା ।
ସୁନାକଚ୍ଛପ ବଧି ବିରଚନା । ଫୁଙ୍କିଲେ ତହିଁ ମରକତ ମୀନା ସେ ।
ବେଢ଼ରେ ସରୁ ଅଳତା ଯେ ।
ପାଟସୂତ୍ର-ଫାନ୍ଦେ ଫାନ୍ଦିଲା ତାହାକୁ କିବା କଉତୁକୀ ଧାତା ଯେ ॥

ହଂସକ ଯାହାଟି ଦେଲେ ତା ପାଦେ । ହଂସକୁ ଏମନ୍ତ କହିବ ନାଦେ ।
ଇଚ୍ଛାରେତ ସମ ନୁହ ଗତକ । ଭୀତ ନ ଲଭିବ କିଛି ଏତକ ସେ ।
ଗୁମ୍ଫେତ ପୋଷିଲା ପକ୍ଷୀ ଯେ ।
ଆକ୍ଷି ନ ଥିବାର ଚଏ ଲକ୍ଷିବାର ଗୁମ୍ଫର କି ଦୋଷ ଅଛି ଯେ ॥

ବଳା ପାଦେ ଅଛି ଅବଳା କେହି । ଏହି ବର୍ତ୍ତରେ କି ଖଞ୍ଜିଲେ ସହି ।
ହୋଇଅଛି ପୁଣି ଅତି ଝମକ । ଯୁବା ଚେତନା ଚମକ ଝମକ ସେ ।
ଖଞ୍ଜିଲେ ମଞ୍ଜୁ ମଞ୍ଜୀର ସେ ।
ନୂପୁର ନୂପୁରପର ଆତୁରକୁ ସ୍ମର କି ସାଜିଲା ତୂର ଯେ ॥

ଛଡ଼ାଇବ ସେ ଝିଙ୍କାରି-ଝଙ୍କାର । ବଢ଼ାଇବ ପୁଣି କାମ ବିକାର ।
ପ୍ରପଦେ ଦେଲେ ଝୁଣ୍ଟିଆ ବାଜେଣୀ । ନ ଜାଣି କାହିଁକି ଏତେ ସାଜେଣି ସେ ।
ସହଚରୀ ହୋଇ ଲୋଭି ଯେ ।
ଶାଢ଼ୀ ପାଲଟିବାପାଇଁ ସେ ଅବନୀଶୋଭା କରାଇଲେ ଉଭା ଯେ ॥

ବାହାର କଲେ ନୀଳ ଝୀନ ଶାଢ଼ୀ । ସିନ୍ଦୂରୀ ଧଡ଼ୀ ଫୁଲକଲଗା ପଡ଼ି ।
ରଖିଲେ ରହିବ ମୁଠା ଭିତରେ । ସତେ ରଖିଥିଲେ ବଂଶନଳରେ ସେ ।
ଉଞ୍ଚିଲେ କୁଞ୍ଚିଲେ ସଖୀ ଯେ ।
ବାନା ବଳ ଆଞ୍ଚି କାଛି ପିନ୍ଧାଇଲେ ଉପମାଏ ରୁଣ୍ଡ ଦେଖି ଯେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଉରଜେ ପଡି ମୋହିଲା ନେତ୍ରକୁ ।   ମୁଦି ଥୋଇଲା କି କଳାଛତ୍ରକୁ ।
ସ୍ଫୀତ ଦୁଇ ଲୁଚି ରୁଚି ଦିଶିଲା ।   ଯନ୍ତ୍ରତୁମ୍ବୀ କି ନୀଳକଣ୍ଠ କଲା ସେ ।
ତ୍ରିକୋଣ ଚେଲ ଜଘନେ ଯେ ।
ରୋମାବଳୀଦଣ୍ଡ ମଣ୍ଡନ ଚଳିଲ ପରାୟେ ପରତେ ମନେ ଯେ ॥

ନବଢ଼ ନୀବୀ ଛିବ ଗଲା ଜଣା ।   କାମମନ୍ଦିରେ ଜାଗ୍ରତକୁ ଠଣା ।
ରଚିଲେ କୁଞ୍ଚା ଆଗେ ଲମ୍ବି ପଡ଼ି ।   ଜାଣେ ମଦନ ଯାଉଥିଲା ପୋଡ଼ି ସେ ।
ଜୀବ ଦେବ କରେ ଶାନ୍ତ ଯେ ।
ଯୁବାଙ୍କ ଅଧୋଗତିକ ବର୍ତ୍ମ କି ତେମନ୍ତ ଏ ଧୂମ୍ରପନ୍ତ ଯେ ॥

ବାଜିବା ବେଳକୁ ଯେଉଁ ରସନା ।   ଯୋଗିଙ୍କ ବୋଲିବ ଯୋଗେ ରସନା ।
ଯୋଗୀଙ୍କି ବୋଲିବ ଯୋଗରେ ରସ ।   କଳାକେଳି ରତେ ଲଭି ବିରସ ସେ ।
ଭାବ କେଶରୀ କଟିକି ଯେ ।
ଅତି ହରଷରେ ବାନ୍ଧିଲେ ବାନ୍ଧବୀ ବାଜେଣୀ କ୍ଷୁଦ୍ର ଘଣ୍ଟିକି ଯେ ॥

ଭୁଞ୍ଜାଇଲେ ତହିଁ ଉତ୍ତାରୁ ପାନ ।   ଏକେ ଅଧର ଦୁଜେ ପରସନ୍ନ ।
ବିଦ୍ରୁମ ଉପି ରଙ୍ଗାଇଲେ ପୁନ ।   ଅରୁଣ କଲା କି ସିନ୍ଦୁରେ ସ୍ନାନ ସେ ।
ଶ୍ରୀକରେ ମୁକୁର ଦେଇ ଯେ ।
ହେଲା କି ନୋହିଲା ବୋଲି ପଚାରିଲେ ରମଣୀ ହସିଲା ହୋଇ ଯେ ॥

ଘୋଡ଼ାଇଦେଲେ ଯେ ଜରି ଘୋଡ଼ଣୀ ।   ଶମ୍ପାରେ ଆଚ୍ଛାଦିତ ନୀଳମଣି ।
ଗୋପଣ ତନ୍ତ୍ର ଅଭୁଲା ପିଭୁଲା ।   କେ କଲା କରି କେହି ସ୍ଥିର ହେଲା ସେ ।
ଅକ୍ଷିପକ୍ଷୀ ଅଠାକାଠି ଯେ ।
ଘୋଡ଼ାଇ ଦେଲେ କି ଏହି ଭାବନାରେ ଦିନା କେତେ ଥାଉ ସୃଷ୍ଟି ଯେ ॥

ହିରଣ୍ୟଚନରେ ଯେ କ୍ଷତକାରି ।   ଦାସବତ୍ସଳ ରାମ ନରହରି ।
ଧ୍ୟାନେ ଅଜିତ ଅଘ କରି ହତ ।   ଉପଇନ୍ଦ୍ର ବୀରବର ରଚିତ ଯେ ।
ଏ ରସିକସିନ୍ଧୁ ଗ୍ରନ୍ଥ ଯେ ।
କବି ସେ ଜାଣିବେ ଯେତେ ଶ୍ରମ ଏଥି ଏ ବେଶପେଷଲ ଛନ୍ଦ ଯେ ।

ପଞ୍ଚମ ଛାନ୍ଦ

ରାଗ—ବସନ୍ତ

ଏହି ସମୟରେ ସୁନ୍ଦରୀ-ଛମୁରେ ପ୍ରଭାମଞ୍ଜୁଳା ଜଣାଇଲା ।
ଅତି ମଧୁର ମଧୁଋତୁ ପ୍ରବେଶ କଚ୍ଛଦନ ହେଲା ହୋଇଲା ।
ଶ୍ରବଣ ।   କରି ନାହୁଁ ନବକାମିନୀ ।
ପିକବଚନେ ପୁନଃପୁନଃ ପ୍ରକାଶ କଲାଣି ଅନ୍ଧାର ଯାମିନୀ ॥

CC-0. In Public Domain. Gurukul Kangri Collection, Haridwar

ମଳୟଶିଖରଶିରୀ ତ୍ୟେଜି କରି ବହିଲାଣି ମନ୍ଦସମୀର ।
ସୁମନାଙ୍କୁ ବାସ ତ୍ୟେଜାଇ ନେବଟି ବୋଲି କହିଲାଣି ଭ୍ରମର ।
କେଶର ।   କେଶରେ ହେଲେଣି ମଞ୍ଜୁଳ ।
କେଶରେ ମଣ୍ଡନ କରିବା ଭଳିରେ ଫୁଟିଲେଣି କେତେ ବଞ୍ଜୁଳ ॥

ମଲ୍ଲୀ ମାଧବୀ ମକରନ୍ଦସାଧବୀ ହେଲେଣି ବାନ୍ଧବୀ କାନନେ ।
ତୁଷାର ନାଶ ଚାହିଁ ହାସ ପ୍ରକାଶ କଲେଣି ପଙ୍କଜ ଆନନେ ।
ହେଲାଣି ।   ଚର୍ଚ୍ଚରୀ ପ୍ରକଟ କଠକେ ।
ଅତନୁ ଫୁଲର ବଶିଖ କାର୍ମୁକ ଘେନ ତଜିଲାଣି କାମୁକେ ॥

ଦୋଳା ଲୀଳା ସରିଗଲାଣି ହରିର ଶରୀର ହେଲାଣି ସ୍ୱେଦକୁ ।
ଚନ୍ଦନ କର୍ପୂର ସୁଧାଲେପପୁର ବ୍ୟଜନ ବଢ଼ାଇ ମୁଦକୁ ।
ଚତୁର ।   ଜାଣି ନ ଥିବୁ ତୁ କପାଇଁ ।
ଅତି ଅଭିରାମ ଆରାମ ଦେଖିବା ବଜେ କରିବାକୁ ଜଣାଇ ॥

ସଜମାନକର ଜାଣି ସୀଉତ୍କାର ମାର୍ଗପରିଷ୍କାର ରଚିଲେ ।
ଅମଳ କମଳ କୋମଳ ଚରଣ ପୀଡ଼ା ନୋହିବାକୁ ପାଖିଲେ ।
ପମାରେ ।   ଗନ୍ଧସାର ଗୋଳି ସିଞ୍ଚିଲେ ।
ଯୁବତୀ ସେବତି ପାଖୁଡ଼ା ମିଶାଇ ଘନସାର ଚୂର ବିଞ୍ଚିଲେ ॥

ଝୀର ପରିଖ ବଞ୍ଚଣାପାନମୁଣା ସଜନୀ ସଜାଡ଼ିଲେ ତହିଁ ।
ମନ୍ତ୍ରିନନ୍ଦନା ଜଗତବନ୍ଦନାଙ୍କୁ କରଭର ଦେଇ ଉଠାଇ ।
ସୁନ୍ଦରୀ ।   ସୃଷ୍ଟିରାଜା ରାଜକୁମାରୀ ।
ବଚାର ଶ୍ୱେତ ଆତପତ୍ର ଟେକିଲେ ଚାମରଚାଳନ ପ୍ରଚାର ॥

କେଉଁ ପ୍ରବୀଣା ବୀଣାକୁ ବଜାଉଛି ଯାଉଛି ପ୍ରତୀତ ହେଉଛି ।
ବନ୍ଧୁରେ ବନ୍ଧୁରବୀଥିଟି ଏଥିରେ ସାବଧାନ ଥାଉ କହୁଛି ।
ଗମନେ   ଜେମାର ମ ମନେ କରଇଁ ।
ମନମଥ ରଥଯାତ୍ରା କି କରୁଛି ପଥ ମନୋରଥ ପୂରୋଇ ॥

ଲଲାଟ ଲପନ ଚାନ୍ଦ ଦରପଣ ଚକୁର ଚାମର ଯହିଁରେ ।
ତରଙ୍ଗ କୁରଙ୍ଗନୟନ ତୁରଙ୍ଗ କି ରଙ୍ଗ କରଇ ତହିଁରେ ।
କଳଶ ।   ଚକ୍ର କୁଚ ଶ୍ରୋଣୀ ଚଟୁଳ ।
କଟୀମେଖଳା ଘଣ୍ଟି ଯହିଁ ପ୍ରକଟି ଅଞ୍ଚଳ ପତାକା ଚଞ୍ଚଳ ॥

ଶୋଭା ଏ ବିଧିରେ ପ୍ରବେଶ ସଧୀରେ ପୀନସ୍ତନୀ ଏ ବିପିନରେ ।
ବୁଲିବା ଖେଳିବା କୁସୁମ ତୋଳିବା ଆରମ୍ଭିଲେ ତୋଷମନରେ ।
ତହିଁରେ ।   ଛଳ ଉକ୍ତିମାନ କହିଲେ ।
ଶୁଣି ପରଭୃତ ଚକିତ ସ୍ତବକିତ ମୁନିବଧୂ ତକ ବହିଲେ ॥

Digitized by Arya Samaj Foundation Chennai and eGangotri
CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କହେ ଏକ ନାରୀ ବିଶେଷେ ସୁନାରୀ ଏ ଦେଶରେ ବାସ କରଇଛି ।
ଭୃଙ୍ଗ କିଂପୁରୁଷ ଚଞ୍ଚଳମାନସ ଏଥି ତଥି ପୁଣ ଯାଉଛି ।
ତହିଁକି । ଛଳ କହିଲା କେଉଁ ଭୀରୁ ।
ମହାବିବେକୀ ହୋଇ ଭୁହ କପାଇଁ ମଧୁପ ନାମକୁ ବିସ୍ମରୁ ॥

ଏକକୁ ଚାହିଁ ଆରେକ ସଖୀ କହି ନିକଟେ ନାଗେଶ୍ୱର ମୋର ।
ବୋଇଲା ହୋଇଥାଇଟି ନାଗେଶ୍ୱର ସୁପର୍ଣ୍ଣରେ କର ଆଦର ।
ସେ ଛଳେ । ଚହିଲା ନାଗେଶ୍ୱର କହି ।
ସୁମନାଭୂଷଣ ଦମ୍ପତି ପାଇବ ତାପରେ ଯାଇ ଆରୋହି ॥

କେ କାହାକୁ କହେ ମୋହଠାଇଁ ସଖି ରଖିଥିବୁ ଏକା କରୁଣା ।
ଦେବବଲ୍ଲଭକୁ ଲଭିବାରୁ ତୋତେ ବିଧାତା କଲାଣି ଫୁରୁଣା ।
ସେ ଶୁଣି । ବୋଇଲା ଏକଥା ଛତରେ ।
ଖୋଜିଲେ ନ ପାଇ ମୁଁ ବନ୍ଧୁଜୀବକୁ ପଡିଲି ବିରହ ଦାଢ଼ରେ ॥

କେତେ ଚାତୁରରେ କହେ ସହଚରୀ ମୁଖକୁ ତାହାର ଅନାଇଁ ।
ବିଶ କରବୀରେ ହୋଇଲା ଉତ୍ତରେ ମଲ୍ଲି ମଲ୍ଲି ହେଉ କିପାଇଁ ।
ସେ ବୋଲେ । ଭଙ୍ଗିରେ ଅଳକ ଚେତାଇ ।
ନଆଲୀ ହେଲାଣି ଦେଖିଲା ଉତ୍ତରୁ ପଲାଶପାଶେ ଯା ଗମଇଁ ॥

କେ କହେ ଅଶୋକ ଲଭିଲୁ ସୁନ୍ଦର କେତକୀ ହେଲାଟି ମୋହର ।
ସେ କହେ ସୁବର୍ଣ୍ଣକାନ୍ତିହର ସେହି ଘୋଡ଼ାଇ ଯିବୁଟି ଶରୀର ।
ଏକାଳେ । ଆଉ ଜଣେ ଛଳ ପ୍ରକାର ।
ଦେଖାଇ ତରୁ କ୍ଷୁରଅନାପାଶକୁ ଯିବ କି ନ ଯିବ ପଚାର ॥

ଦେଖରେ ରସାଳବିଟପୀ ପ୍ରବାଳ ବକୁଳମାଳରେ ଶୋହୁଛି ।
ଶୋଭି ବନପ୍ରିୟ ଅବଲମ୍ବି ଥିଲେ ବହୁତ ରୋଲମ୍ବ ମୋହୁଛି ।
ଏମନ୍ତ । ଭାବି ବନେ କରୁଁ ବିଳାସ ।
ଘେନଣ ଚର୍ଚ୍ଚରୀବିଧି ସହଚରୀ ପାରିବାଇକାଏ ପ୍ରବେଶ ॥

ଦେଖି ହରଷ ଦୃଷ୍ଟିପାତେ ସାରସଜ୍ଜିତଗତ ରସପଣ୍ଡିତା ।
କମନୀୟକମ ଚଉତନା ଘେନ କାଞ୍ଚଲରେ ହେଲା ଶୋଭିତା ।
ବାନ୍ଧିଲା । ଭିତ ମଧ୍ୟେ ଶାଢ଼ୀପଣନ୍ତ ।
ଫଗୁମୁଣା ଖୋସି ହସିବାର ଚାହିଁ ସଖୀଏ ସାଜିଲେ ଭୁରତ ॥

ଉନ୍ମତ୍ତ ମତ୍ତକାଶିନୀ ସଙ୍ଗେ ରଙ୍ଗେ ତରଙ୍ଗେ ଖେଳିଲେ କାମିନୀ ।
ମହୀଆକାଶେ ଏକାବେଳେ ପ୍ରକାଶେ କି ଅବା ଅନେକ ଦାମିନୀ ।
କି ଅବା । ଚଳପୁଷ୍ପଲତା ହେମର ।
ମହା ଅନୁରାଗ ପରାଗବୃଷ୍ଟିରେ ହୋଇଅଛନ୍ତି ତତ୍ପର ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କାଞ୍ଚନ ଖଞ୍ଜନଗଞ୍ଜନ ନେତ୍ରୀଙ୍କ ଧକସୁହାଇ ସଧାଉଛି ।
ଆଉ ଅସାଧ ହୋଇ କେଉଁ ସଖିଙ୍କ ରହିଛି ମନରେ ଧାଉଛି ।
ନାହିଁ କି । ଏତେକ ବିବେକ ତାହାର ।
କୋଟିଏ ବ୍ରହ୍ମାଣ୍ଡ ଗୋଟିଏ ଭଙ୍ଗୀରେ ଜିଣିମା ଗୁମାନ ଯାହାର ॥

ମୁଠାରୁ ଫିଟି ଯିବାରେ ଏ ପ୍ରଣୀତ ଫଗୁ ଖେଳିବାରେ ଲଳନା ।
ବସନ୍ତରାଜା ବଶକୁ କି କରନ୍ତୁ ରଙ୍ଗପାଠଚେଲ ଶୃଳନା ।
ସେ ରଜ । ଯାଇଁ ଶୂନ୍ୟେ ରୁଣ୍ଡ ହୋଇଲା ।
ଅତ୍ୟନ୍ତ ଗୁଣିକ ଦିଗପରିବାର ମାଣିକ୍ୟଛିଏ କି ଧରିଲା ॥

କଙ୍କଣକ୍ୱଣିତଧ୍ୱନିରୁ ମଣିତ ଭୃଙ୍ଗ ଡିଣ୍ଡିମ କି ବାଇଲା ।
ଉଚ୍ଛବାଚ ବାଣୀ ମଙ୍ଗଳଗାନ କି ଅଭିଷେକ ବେଳ ହୋଇଲା ।
ସ୍ୱଭାବେ । କୁଚ ପୂର୍ଣ୍ଣକୁମ୍ଭ ରାଜିଛି ।
ଶିରୁ ଖେଳ ଚୂତପଲ୍ଲବ ସଂଯୁତ ହାର ଉପହାର ସାଜିଛି ॥

ରମଣୀ ରମଣୀୟ କଲେ ଅବରଗୁଣ୍ଡିରେ ମେ ବନସରଣୀ ।
ମହାମହିଳା! ଋତୁକାଳ ଲଭିଲା ଏସନ ମାନସକୁ ଆଣି ।
ସେ ଧୂଳି । କାହିଁ ପବନଯୋଗେ ଉଡ଼ି ।
ଶୁଭସୂଚକ କହ ଜଉତପ କି ଯାଉଛି ଶିରେ ବାନ୍ଧି ଶାଢ଼ୀ ॥

ପନ୍ନୀରନୀରେ କରନ୍ତରେ ପିଚକା ଖେଳନ୍ତେ ନୀରରୁହଦୃଶା ।
ମଞ୍ଜୁ ମଞ୍ଜୀର ଧ୍ୱନିରବ ମଧୁର ବସନ୍ତେ କରେ କି ବରଷା ।
ବିଜୁଳୀ । ପରି ଝଲ ଭୂଷାରତନ ।
ଅଙ୍ଗରଗେ ଅନ୍ଧଭୃଙ୍ଗ ଉଡ଼ିପଡ଼େ ହୋଏ କି କରକା ପତନ ॥

କୁଙ୍କୁମ ପିଚକା ବାଜି ଜରଜର ସୁନ୍ଦର ଉରଜ କାହାର ।
କନକାଚଳରୁ କିବା ହରତାଳପ୍ରବାହ ହେଉଛି ବାହାର ।
କର୍ପୂର । ଗୁଣ୍ଡି ମଣ୍ଡିତ କାହା ସ୍ତନ ।
ସୁବର୍ଣ୍ଣ ସ୍ୱୟମ୍ଭୁ ଶମ୍ଭୁଯୁଗଳ କି ହୋଇଲେ ଭସ୍ମ ବିଲେପନ ॥

କାହା କୁଚ ଫଗୁସଙ୍ଗରୁ ସୁସଞ୍ଚ ଏହିପାଞ୍ଚ ହୋଏ ମାନସେ ।
ହୃଦୟ-ସରୋବର ମଧ୍ୟେ ଉଦୟ କୋକନଦକଢ଼ୀଯୁଗ୍ମ ସେ ।
କାହାର । ଛିଡ଼ି ହାର ଖସେ ମୁକୁତା ।
ପୟୋଧର ଛଳେ କ୍ଷୀରବିନ୍ଦୁ ବୃଷ୍ଟି କରିବାରେ କି ସେ ଶୋଭିତ ॥

କାଶ୍ମୀରରଜ କେ ମାରନ୍ତେ ପାଲଟି ଗ୍ରୀବା ବକ୍ର କରି ଚାହିଁଲା ।
ମନ୍ଦମରୁତେ କି ଉଲଟି ନଳିନ ଅଳିସଂଯୁକ୍ତରେ ରହିଲା ।
କେ କାହା । ମୁଖେ କସ୍ତୁରୀ ପଙ୍କ ତାଳି ।
ମୃଗାଙ୍କ କଳଙ୍କ ଛଡ଼ାଇ ହେବାକୁ ବହିଯାଉଛି କିବା କାଳି ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କାହା ଲଲାଟୁଁ ସିନ୍ଦୂର ବହି ପଡ଼େ ସ୍ୱେଦ ହୋଇବାରୁ ଜନିତ ।
କେଶରାହୁ ଦନ୍ତଘାତକୁ ବ୍ୟକତ ଇନ୍ଦୁଦେହରୁ କି ରକତ ।
ସେକାଳେ । ଅତି ଚଞ୍ଚଳ ନେତ୍ରଗତି ।
ଦଗଧରିକୁ କି ଶ୍ୟାମଳ କୋମଳ କମଳେ ମଣ୍ଡନ୍ତି ଯୁବତୀ ॥

ରତ୍ନକରଣେ ଭାନୁପ୍ରଭା ପ୍ରକାଶି ଶ୍ରବଣେ ତାଟଙ୍କ ଟଳନ୍ତି ।
ପ୍ରମଦା ପ୍ରମୋଦଭରେ କି କରନ୍ତି ଅନଙ୍ଗେ ମଙ୍ଗଳଆଳତି ।
ଚଳିତ । ନାସିକା ମୋତି ଉରହାର ।
ବାଦେ ନୂପୁରନାଦେ କି ନାଚୁଛନ୍ତି ନର୍ତ୍ତକୀଗୁଣେ ଅହଙ୍କାର ॥

କେଉଁ ଲତାରୁ କୁସୁମ ଖସିବାରୁ ଏମନ୍ତ ହେଉଛି ପରତେ ।
ଧନ୍ୟ ଧନ୍ୟ ବୋଲି ପ୍ରଶଂସା କରି କି ରହି ବର୍ଷୁ ଛନ୍ତି ନରତେ ।
ପରାଗ । ଛଳେ ସିଞ୍ଚୁଛନ୍ତି କର୍ପୂର ।
ପଲ୍ଲବ ଛଳେ ପଣନ୍ତେ ବର୍ଷୁଛନ୍ତି ଉପକାର ଭୃତେ ତାଙ୍କର ॥

କେଉଁ କେଉଁ ତରୁ ତରୁଣୀମାନଙ୍କୁ ପକ୍ଷିନନାଦରେ କହନ୍ତି ।
ଏପରି ଉତ୍ସବ କେବେ ନୋହିଥିଲା ଦେଖି ନ ଥିବ ସୁରପତି ।
କେ ତରୁ । ଶାଖା ଲୋଟନ୍ତି ଫଳଭରେ ।
କି ପରିରମ୍ଭ ଆରମ୍ଭ କରୁଛନ୍ତି ରମ୍ଭୋରୁ ପାଦ ଲାଗୁ ଶିରେ ॥

ଏମନ୍ତବେଳେ ଏକସଖୀ କହିଲା ତିନପ୍ରହର ହେଲା ବେଳ ।
ସ୍ନାନମାନକୁ ଅବଧାନ ନୋହିଲା ଏତେକେ ରହି କୁତୂହଳ ।
ଶୁଣି ସେ । ସେ କଥା କଲେ ଅଙ୍ଗୀକାର ।
ଏହି ସମୟେ ଥୋକାଏ ଦାସୀ ଆସି ଘେନିଣ ମାର୍ଜ୍ଜନା-ସମ୍ଭାର ॥

ଅନନ୍ତ ଭୂଷଣ ବୃଷଧନୁଯୁତସହୃଦ ଭବତାପନାଶୀ ।
ଶ୍ରୀନିଳୟ ଦ୍ୱିଜରାଜବଦନୀୟ ଜନକସୁଖକୁ ପ୍ରକାଶି ।
ସୁମରି । ମନେ ସେ ରାମଚନ୍ଦ୍ର ଶିବ ।
କହେ ଉପେନ୍ଦ୍ର ଭଞ୍ଜ ବୀରବର ଯୁବାଜନ କର୍ଣ୍ଣଉତ୍ସବ ॥

ଷଷ୍ଠ ଛାନ୍ଦ

ରାଗ—ରାମକେରୀ

ମନ ଦେଇ ଶୁଣ କୋବିଦେ ନୃପସୁତା ସୁକେଶୀ ।
କାଳରେ ବକୁଳମୂଳରେ ପୀଠଉପରେ ବସି ॥
ସରସୀଶୋଭିତ ଅନାଇଁ ମନ ନେତ୍ର ଲୋଭିତ ।
ତଟ ଘଟନା ବଦ୍ଧ ମରେ ପକ୍ଷିପନ୍ତି ବର୍ଣ୍ଣିତ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କି ନୀଳଶାଢ଼ୀ ହଂସାବଳୀ ରଙ୍ଗଧଡ଼ି ହୋଇଛି ।
ଅବନିବନିତା ବସ୍ତ୍ରାରେ କିବା କଣିବା ଇଚ୍ଛି ॥
ପାବଛି ସ୍ୱଚ୍ଛ ସ୍ଫଟିକରେ ନୀରଣିର ପ୍ରଣିତ ।
ସୁବେଣୀ ପରଶ ଲଭ କି ତହିଁ ତ୍ରିବେଣୀ ଖ୍ୟାତ ॥
ଦୀପଦଣ୍ଡୀ ଲଭି ମରାଳପନ୍ତ ଦିଏ ଭଉଁରୀ ।
ବଡ଼ ବଡ଼ଭାଙ୍କ ବେଢ଼ି କି ଶୋଭା ଚୂର୍ଣ୍ଣିତଉଁରୀ ॥
ଜଳ ଜମ୍ବାଳ ଆବିଳରେ ଜନମନ ହରୁଛି ।
ଜଳ ନିର୍ମଳରେ ଆଦର ଆଦରଶୁଁ ସାରୁଛି ॥
ଗଭୀର ଗୁଣକୁ ପଣ୍ଡିତଠାରୁ ଗୃହୀତ କର ।
ନର୍ତ୍ତକୀଠାବରୁ ଭଉଁରୀ ଶିକ୍ଷା ପରି ଏହାର ॥
ଅମୃତ ସଙ୍ଗତେ ହୋଇଛି ମିତ ମଧୁରଗୁଣେ ।
ବଧୁର ସ୍ନେହକୁ ବଧୂର କରେ ଶୀତଳପଣେ ॥
କାମ ସରାଳୀରେ ପ୍ରକାଶମାନ ସୁଖଦାନରେ ।
କୁମୁଦରେ ଯେଣୁ ବଦିତ ତେଣୁ ହରପ୍ରକାରେ ॥
ସରଶୋଭା ଦେଖୁ ଦେଖୁ ସେ ସରେ ମର୍ଦ୍ଦନ ବିଧି ।
ବକ୍ଷପ୍ରମାଣ ଜଳେ ଯାଇଁ ବଳେ ଲାବଣ୍ୟନିଧି ॥
କିବା ବର୍ତ୍ତୁଳ ବିଚିତ୍ର ହେଲା ତୁମ୍ବୀ ବୁଡିଲା ।
ନ ବୁଡ଼ି ଶଇଳ ସକଳ ଉପରରେ ରହିଲା ।
କିସ ପୁଣ ଦେଖା ନ ଯାଇ ଯେବେ ଥାଇ ଜୀବରେ ।
ବିଷମ ସମସ୍ୟା ପୂରଣ ହେଲା ଏହି ଠାବରେ ॥
ଅପୂର୍ବ ଅମ୍ବୁଜ ମୁଖକୁ ଚାହିଁ ଭୃଙ୍ଗ ଚକୋର ।
ଚୁମ୍ବିବା ଲୋଭରେ ଧାଇଁଲେ ଶ୍ରୁତି ଚାହିଁ କାତର ॥
କେଶ ଦରଶନେ ରଥାଙ୍ଗ ଧାଇଁ ଆହାରବଶେ ।
ବିଚ୍ଛେଦ ଭୟରୁ ପଳାଇ ଗଲେ ନ ରହି ପାଶେ ॥
ନୟନ ଉତ୍କଳକଜ୍ଜଳଲାଞ୍ଛି ଅନାଇଁ ଦେଇ ।
ଗଭୀର ଜଳରେ ପଶିଲେ ମୀନ ଭୟକୁ ପାଇ ॥
ଭୃରୁ ନୟନ ନଆନକୁ ଚାହିଁ ଖଞ୍ଜନମାନେ ।
କୁରଙ୍ଗ ହୋ ଆମ୍ଭେ ମଲୁଇଁ ବୋଲି ଡାକିଲେ ସ୍ୱନେ ॥
ସମୃରେ ଜନନୀ ଅମ୍ବରେ ସେହିକାଳେ ପଶିଲେ ।
ହାସ ପରିହାସ ସରସ ଉକ୍ତିମାନ ଭାଷିଲେ ॥
ଦେଖରେ ନଳିନ ନଳିନୀ ନଳିନୀରେ ପୂରିତ ।
ଭ୍ରମନ୍ତି ଭ୍ରମରେ ଭ୍ରମରେ ଭ୍ରମରେ ଏ ଶୋଭିତ ॥
ବରାଳ ବରାଳ ଅଛନ୍ତି ମୀନ ଭକ୍ଷଣପାଇଁ ।
ରାଜୀବ ରାଜୀବନୟନା ଏଥି ଖେଳା କରଇ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସଜଳେ ଉଡ଼ୁପ ଦେଖ ରେ ହୋଇଅଛି ଶୋଭନ ।
ସଜଳେ ଉଡ଼ୁପବଦନ ଖେଳିବାକୁ ମୋ ମନ ॥
ନବୀନଜୀମୂତ ଜୀମୂତସ୍ତନା କଏ ଉଦିତ ।
ଏ ନୀଳକମଳ କମଳବନ୍ଧୁ ବହି ହେମନ୍ତ ॥
ଭୁବନ ଏଥିରେ ପୂରିତ ମୋହେ ସର୍ବଭୁବନ ।
ଜୀବନବନ୍ଧୁ ଏ ନଷ୍ଟପ୍ରାୟେ ପ୍ରାଣିଙ୍କର ଜୀବନ ॥
ଅହିମକର-ତାପ ନାଶେ ଶୋଭି ସାରସଚକ୍ରେ ।
ଅହି-ମକର-ତାପ ନାଶେ ଶୋଭି ସାରସ୍ ଚକ୍ରେ ॥
ବଣ ପ୍ରକାଶିବ ସୁମନସର ସୁମନସର !
ମହୀକି ଆଣିଲା ସୁମନସର ସୁମନଶର ॥
ମନ୍ତ୍ରିଜା ପୁଚ୍ଛିଲା ଜେମାକୁ ଗୂଢ଼ବର୍ଣ୍ଣେ ଏସନେ ।
ଏକାକ୍ଷରେ ଖ୍ୟାତ ଧରଣୀ କରଭୂଷା ଦ୍ୱିବର୍ଣ୍ଣେ ॥
ବୟସ ନାମ ଖ୍ୟାତ ମୁନି ଯାହା କରେ ସେ ହେବ ।
ପ୍ରାକର୍ମ ଦ୍ୱିବର୍ଣ୍ଣ ବଳେମେ ରାମକୁମର ହେବ ॥
ବ୍ୟସ୍ତେ ବସନ୍ତାଦି ପୂଲେକ ତହିଁ ତଠର ନାମ ।
ସମସ୍ତ ପଢ଼ିଲେ ହୋଇବ ଜଳେଥିଲା କୁସୁମ ॥
ଚତୁରୀ ଭୁଷିତେ ଜାଣିଲା ହସି କହିଲା ତହିଁ ।
କଂସକରିବର ପର୍ଯ୍ୟାୟେ ମୋତେ ପରତେ ହୋଇ ॥
'ଫଳ' ବେନବର୍ଣ୍ଣ ପ୍ରାନ୍ତରେ ଦେଲେ ମୁକୁତା ନାମା ।
ଶୁଣି ଧନ୍ୟ ବୋଲି ପ୍ରଶଂସା କଲେ ସକଳବାମା ॥
ଏ ବିଧିରେ ଭାଷି ଭାରତୀ ଜଳ କ୍ଷେପଣ କରି ।
ଦେଖିବା ନ ଥିଲା ଚଞ୍ଚଳା ବରଷିବାର ବାରି ॥
ଆଜ କି କୁସୁମନାରିଜରଜ ବହିଏ-ଲୀଳା ।
କରୁଚି ହେମନ୍ତ ଶୋଭିକୁ ପୁଣି ବହିଲେ ବାଳା ॥
ବୁଡ଼ କେ କାହାର ଚରଣ ଧରୁଁ ସେ ଜାଣି ଭାଷି ।
ଗଡରେ ଗଜ ଅଛି ବୋଲି ମୋତେ କୁମ୍ଭୀର ଗ୍ରାସି ॥
ନାରୀ ବାର ବାର ନୋହିଲେ ତହିଁ ଘଡଏ ଯାଏ ।
ହାସ କୁମୁଦ ନେତ୍ର ମୀନ ମୁଦ କମଳ ପ୍ରାୟେ ॥
ଉଦୟ କମଳପଲାଶ ନାଭି ଜଳଭଉଁରୀ ।
କର କୋକନଦ ସୁବାହୁ ଯହିଁ ମୃଣାଳ ସରି ॥
ବାଳୀ ଜଳେ ମିଳି କରନ୍ତି କେଳି ଏ ହୋଏ ଜଣା ।
ସଖୀ ସଙ୍ଗେ ମିଶି କ୍ରୀଡ଼ଇ ଯହିଁ ଚଞ୍ଚଳେକ୍ଷଣା ॥
କାହିଁକି ଏମନ୍ତ ବୋଇଲେ ବୋଲି କେବା ବୋଲିବ ।
ସୁଲକ୍ଷଣାକୁ ଏ ଲକ୍ଷଣା କାହୁଁ ସମାନ ହେବ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସ୍ନାନ ଅବଶେଷେ କୂଳକୁ କୁଳପାଳିକା ଆସି ।
ଗଉରଅଙ୍ଗରେ ଜଡ ସେ ଶାଢ଼ୀ ଏମନ୍ତ ଦିଶି ॥
ସ୍ଫଟିକବାଡ଼ ଫୁଟି ଦିଶେ କି ସେ ହେମପିଗୁଳା ।
ସ୍ତନସଂପୁଟେ କି ବାରଣଦନ୍ତ ପିଧାନ କଲା ॥
ଅତି ଜର ଜର ନୀରରେ ଯହିଁ ଏମନ୍ତ ଭାବ ।
ସେ ଚନ୍ଦ୍ରଶୀଳଶଇଳ କି ହାସଚନ୍ଦ୍ରରେ ଦ୍ରବ ॥
ବିନ୍ଦୁ ବିନ୍ଦୁ ଜଳ ରହିଛି ଶିରୁ କୁଟିଳବାଳେ ।
ତୁଷାର ବୃଷ୍ଟି କି ହୋଇଛି ନବତମାଳଦଳେ ॥
ନବଘନେ କିବା ଉଇଁଛି ତାର ତାରକାଶ୍ରେଣୀ ।
ମୋତି ପତନ କି ହୋଇଛି ନୀଳମଣିଧରଣୀ ॥
ଅଙ୍ଗ ଅଙ୍ଗନାର ପୋଛିଲେ ସଖୀମାନେ ସତ୍ୱରେ ।
କେଶ ପୋଛି ଦେଇ ଗଣ୍ଠିକି ଦେଲେ ଅଗ୍ରଭାଗରେ ॥
ଉଚ୍ଛି ଦେଲେ ପୀତାମ୍ବରକୁ ଉରୁସନ୍ଧିକି ରୁନ୍ଧି ।
ପିନ୍ଧି ନିତମ୍ବିନୀ ନବଢ଼େ ନୀବୀବନ୍ଧକୁ ବାନ୍ଧି ॥
ତୋଷ ହୋଇଲା ଗୋରିଦେହ ଆଲିଙ୍ଗନକୁ ପାଇ ।
ଯଦି ନ ଥିଲେ ଶାଢ଼ୀ ଥିଲା ପରି ଦିଶନ୍ତା ନାହିଁ ॥
ଜଣାଇଲେ ଏବେ ବନ୍ଦରେ ଯିବା ଅସ୍ତ ଦିନେଶ ।
ଜଗତିମୋହିନୀ ଜଗତୀପରେ ହେବୁ ସୁବେଶ ॥
ଶୁଣି କର କରପଲ୍ଲବ ଦେଇ ବକ୍ଷେ ସୁନ୍ଦରୀ ।
କାମକଳାକୁ ସେ ଆକ୍ଷେପି ସଜନୀକି ପଚାରି ॥
ହରି କରେ କିସ ଶୋଭିତ ରିନ୍ଦେ କେ ହୋଏ ଭିନ୍ନ ।
କାମେ କାମୁକ କି କରନ୍ତି ଭ୍ରମ କାହିଁ ଶୋଭନ ॥
କେ ବରଜ-ରାଜ ସଂସାରକରତା କେ ଅଟଇ ।
ନୃପତି ଆଗରେ କି ବୋଲି ପ୍ରତିହାରୀ ଡାକଇ ॥
କି ଶୋଭା କରେ ଚନ୍ଦ୍ରକରେ ତାରି କାହିଁ ଉଦିତ ।
ବିଷ୍ଣୁର ସର୍ବଦା ମଣ୍ଡନ କି କି କହ ତ୍ୱରିତ ॥
ସେ କହେ କମଳ ରଥାଙ୍ଗ ଦର ଗଦା ନନ୍ଦକ ।
ମଣିମା ହରିତ ଅମ୍ବର ବୋଲି ହୋଏ ବିବେକ ॥
ଶ୍ରବଣେ ପ୍ରଶଂସା ସଂସାରସାର ରମଣୀ କଲା ।
ସଦନେ ପ୍ରବେଶ ହୋଇ ସେ ପୁଣି ସୁବେଶ ହେଲା ॥
ଏଠାରୁ ଏ ଛନ୍ଦ ସମ୍ପୂର୍ଣ୍ଣ ଏତେ ଲକ୍ଷଣେ ଯୁକ୍ତ ।
ଶ୍ଳେଷରେ ଅଭଙ୍ଗ ସଭଙ୍ଗ ଭଙ୍ଗାଭଙ୍ଗହିଁ ବ୍ୟକ୍ତ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଚିତ୍ରବନ୍ଧ ଯମକ ରୂପକ ଆଶ୍ରୟରେ ଦୀପକ ।
ବହିର୍ଲିପି ଅନ୍ତର୍ଲିପିକା ଯେଣେ କର୍ଣ୍ଣରୋଚକ ।
ବାଳୀ ଛଳି ରାମ ବାମନମୂର୍ତ୍ତି ମନରେ ଧ୍ୟାୟି ।
ଉପେନ୍ଦ୍ର ବୀରବର ଯେ ଏହୁ ରସ କହିଲ ॥

ସପ୍ତମ ଛାନ୍ଦ

ରାଗ—ଭୂପାଳ

ଏଥୁ ଅନ୍ତେ ଶୁଣ ଜନେ ମନ ଦେଇ । ମନୋହର ବସନ୍ତଋତୁକୁ ଚାହିଁ ॥
ବିଜେ ଆରାମେ କର୍ଣ୍ଣାଟରାଜ ସୁତ । ସମୀପରେ ବସିଛନ୍ତି ଚତୁର ମିତ୍ର ॥
ସାବଧାନ ମଣିମା ଖୁଣ୍ଟିଆ ଡାକେ । ସେବା ନିପୁଣ ତହିଁ ଖଟଣି ଲୋକେ ॥
ଯଶ ବର୍ଣ୍ଣନା କରନ୍ତି ଭାଟେ ଶ୍ଳେଷେ । ଏକପଦରେ ଗୀତ କବିତ୍ୱ ବଶେ ॥
ଚନ୍ଦ୍ର ସେହି ଭୂଷଣ ବୀର ଦାନୀ । କୀର୍ତ୍ତି ନର୍ତ୍ତକୀ ତାର ହାର ଧୀର ମାନୀ ॥
ଯାନ ଜବ ଦେଖି ପର ଦର୍ପହାନେ । ପାଏ ସୁଖ ଭବନୀୟ ତନଦନେ ॥
ଭେଟେ କବି ଗୀତ କରି ବିବିଧରେ । ପ୍ରାନ୍ତଯମକ ଶୃଙ୍ଖଳା ଗୋମୂତ୍ରରେ ॥

ଦ	ର	ତ	ୟୃ	ହ	ର	ଧୀ	ର	ପ୍ର	ଶଂ	ସା	ର ।
ସା	ର	ଆ	ୟୃ	କ	ର	କ	ର	ଏ	ସଂ	ସା	ର ।
ସା	ର	ସା	ର	ସ	ତ	ଗ	ତି	ହେ	କୁ	ମା	ର ।
ମା	ର	ପ	ର	ଶ	ତି	ଅ	ତି	ସୁ	କୁ	ମା	ର ।

ହାଟ ଦେଖାଉଅଛନ୍ତି ନାଟ ତହିଁ । ଚଢ଼ି ବଂଶଶଳାକାରେ ଢୋଲ ବାଇ ॥
ନାଟ କରୁଅଛନ୍ତି ଗଣିକା ଆଳୀ । ଗୀତ ଗାଉଅଛନ୍ତି ଗୁଣିକେ ମିଳି ॥
ଗଜ ଅଶ୍ୱ ରତନ ବସନ ମାନ । ମୂଲ୍ୟ କରୁଛନ୍ତି ଜ୍ଞାନଶୀଳ ଜନ ॥
ରାଜାମାନେ ଗତ ଯୁଦ୍ଧକଥା ଭାଷି । କରୁଛନ୍ତି ସାଧନ ପଦାର୍ଥ ଆସି ॥
ବସନ୍ତକମୁଖ ଚାହିଁ ପରିହାସେ । ଏହି ସମୟରେ ଗୁଣନିଧି ଭାଷେ ॥
ତୁମ୍ଭ କନ୍ୟା ଲାଭ ହେଲା ଦ୍ୱୀପାନ୍ତରେ । କିଛୁ ଅପୂର୍ବ ପଦାର୍ଥ ଏ ଉତ୍ତରେ ॥
ଯୁବରାଜ ଛାମୁରେ ନ କଲ ଭେଟି । ଶୁଣି ସଲଜ୍ଜ ହୋଇ ସେ ବେଗେ ଉଠି ॥
ନିଜ ରମଣୀ ପାଶରୁ ନେଇ ହୀର । ଦେଲା ପଢ଼ା ଶୁଣି ସର୍ବେ ତୋଷଭର ॥
ଏହିକାଳେ ଜଣାଇଲା ବେତ୍ରକର । ଆସି ବୋଇତଆଲେକ ଅଛି ଦ୍ୱାର ॥
ବୋଲେ ସିଂହଳଦ୍ୱୀପୁଁ ଆସିଛି ମୁହିଁ । ଇଚ୍ଛା ମୋର ଯୁବରାଜ ଭେଟ ପାଇଁ ॥
ଶୁଣି ନୃପସୁତ କଲା ସ୍ୱୀକାର । ଆଣ ଛାମୁରେ ଭେଟାଇ ପ୍ରତିହାର ॥
ଶିରେ କର ଦେଇ ଭେଟି ଏତେ ଦ୍ରବ୍ୟ । ଦେଲା ପ୍ରମୋଦଚିତ୍ତରେ ସେ ସାଧବ ॥
ମେଷଚକ୍ଷୁ ନୀଳା ବ୍ରହ୍ମଜାତ ହୀରା । ତାର ମୁକ୍ତା କୁକୁଟଡିମ୍ବ ପରା ॥
ଅଛି ସୁମାଣିକ୍ୟ ପଦ୍ମରାଗ ଜାତ । ଅଣ୍ଟବକ୍ର ପ୍ରବାଳହିଁ ପନ୍ତ ପନ୍ତ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଚନ୍ଦ୍ରକାନ୍ତପାଷାଣ ନୀଳେନ୍ଦ୍ରମଣି । ଲକ୍ଷ୍ମୀନାରାୟଣ ଶିଳା ନୋହେ ଗଣି ॥
ଅଗ୍ର ଚନ୍ଦନ ଅଗର ଶ୍ରୀକର୍ପୂର । ଜଳୁ ପାତାଳ ଚୁଆ ପନୀରନୀର ॥
ସମର୍ଜ୍ଜ ଜୁଆଦ ଜାହ୍ନବୀଜଳ । ମନୋହର ବଂଶପତ୍ରି ହରିତାଳ ॥
ରୌପ୍ୟ ଇଚ୍ଛାକୁ ଫୁଲ ତୁଲରେ ଦେଇ । ଜମ୍ବୁନଦ ବିନା ଆନ ହେମ ନାହିଁ ॥
ମଣିପଦରେ ମିହିରମଣି ଲେଖ । ଦନ୍ତେ ଦନ୍ତିଦନ୍ତ ନଖେ ବ୍ୟାଘ୍ରନଖ ॥
ଚର୍ମ୍ମ ଆସନରେ ସାର ବୋଲିବାର । ଚର୍ମ୍ମ ଆଢ଼ଣୀ ଖଡ଼ଗଚର୍ମ୍ମ ବାର ॥
ଉନା ତରବାରି ବୁନ୍ଦ ଯମଦର । ଶଙ୍ଖ ଦକ୍ଷିଣାବର୍ତ୍ତକ ଶୁଦ୍ଧତର ॥
ଏକମୁଖୀ ରୁଦ୍ରାକ୍ଷରେ ସୁଶୋଭନ । ଚିରୁ କନକମୃଗ ଚର୍ଉଁରୀମାନ ॥
ଶୁଭ୍ରକାଗତ ଲାହୁରଦେଶଜାତ । ବାମ କାଞ୍ଚନ ନୀଳା ଅପରମିତ ॥
ସିନ୍ଧୁଜାତ ହୟ ଭାରବାହ ଖର । ବଙ୍ଗଜାତ ଗଜ ପାଠଭଲ କୀର ॥
ନେପାଳିକା ମୃଷିକା ସାଳଆ ଚିରୁ । ଲବଙ୍ଗର ଲତା ଜାତିଫଳ ତରୁ ॥
ଚକୋରକ ଦନଜ୍ଞାତା ପାରାବତ । କଳପନ ଶୁନଂଖରୀ ସୁରଞ୍ଜିତ ॥
ଲୋହ ଚୁମ୍ବକ ପରଶୁଗ୍ରାବ ଯହିଁ । ଦାସୀନେତ୍ର ଗଉଡ଼ିବେଶରେ ଶୋହି ॥
ଶୃଙ୍ଗକମାଣ ତୀର ଚିତକପତ୍ର । ଲାଗି କି ବଚନ ବଶ କରେ ନେତ୍ର ॥
ମାନଦରସାୟକ ଉତ୍ତମଫରୀ । ଅଛି ରୋପଣ ବନକେ ଚନ କରି ॥
ଦେଖି ଦ୍ରବ୍ୟ ପଦାର୍ଥ ସମ୍ମୋହନରେ । କରେ ସାଧୁକୁ ପ୍ରଶଂସା ସୁମନରେ ॥
ଏକଦେଶେ ଏ ନ ମିଳେ ବଚିରଲେ । କେଉଁ ଦେଶରୁ ଆଗତ ପଚାରିଲେ ॥
ସେ ବୋଇଲା ସିଂହଳ ଦ୍ୱୀପର ମୁହିଁ । ଏ ଦେଶକୁ ଆସିଛି ବାଣିଜ୍ୟ ପାଇଁ ॥
ଯେହୁ ଲାବଣ୍ୟବତୀ ସମ୍ଭବ ସ୍ଥାନ । ତହିଁ ଅପୂର୍ବ କେଉଁ ଦ୍ରବ୍ୟମାନ ॥
ଲକ୍ଷ୍ମୀପରିପୂରିତ ସେ ସବୁକାଳେ । ଏବେ ଅଧିକ ରାଜକୁମାରୀ ବଳେ ॥
ହେଉ ନାହିଁ ଯେ ଭରସା ତାହାଙ୍କର । ଏହା କହିବାକୁ ଛନ୍ଦ ଅନୁସର ॥
ହର ଉତ୍ସଙ୍ଗସଦନ ମୋର ଭୃଷ୍ଟ । ନୋହୁ ତାକୁ ନ କରିବୁ ଏ ମୋ ପୃଷ୍ଟ ॥
ଏ ବଚନ ଶ୍ରବଣେ ସେ ଚିରମିତ୍ରେ । ପରସ୍ପରେ ଠାଠାର ହେଲେ ନେତ୍ରେ ॥
ମନ୍ତ୍ରିସୁତ ବୋଇଲା ଭୃତ୍ୟକୁ ଚାହିଁ । ଦନ କେତେ ଭୋଗ ହୋ ପଚାର ଯାଇ ॥
ଏ ବଚନକୁ ଡାକିଲା ପ୍ରତିହାରୀ । ହୁଅ ସମସ୍ତେ ମେଲାଣି ନଜପୁରୀ ॥
ତାହା ଡାକ ପ୍ରମାଣେ ନର୍ଜନ ସଭା । ପୁଚ୍ଛେ ସାଧୁକୁ ନୃପଜ ହୋଇ ଲୋଭା ॥
ତୁମ୍ଭେ ଯାହା କହିଲ ହେ ଅଲୌକିତ । ସତେ ଏମନ୍ତ ସୁନ୍ଦରୀ ମର୍ତ୍ତ୍ୟେ ଜାତ ॥
ସେ ବୋଇଲା ଆମ୍ଭପରେ ଏତେ କଥା । ଯେନ ପ୍ରଥମପଦରେ ନାହିଁ ମିଥ୍ୟା ॥
ପର ଦ୍ରବ୍ୟ ପରସ୍ତ୍ରୀରୀ ହରଣକୁ । ଲେଖୁଁ ଶୁଭକର ତହୁଁ ମରଣକୁ ॥
ନାହିଁ ଖଳ ଦୁର୍ଜନ ନର୍ଦ୍ଧନ ଜନ । ଶୁଣିଲାର ପ୍ରସଙ୍ଗ ନ କହୁଁ ପୁନଃ ॥
ଦୂତ କବ ଭାଟ ବନଜଣୁ ଜଣେ । ନୋହୁଁ ଅଧିକ କହିବୁଁ କି କାରଣେ ॥
ଯାହା ସମେ ବ୍ରହ୍ମାଣ୍ଡଉଦରେ ବର । ନାହିଁ ଜଳଗଳିଦକୁ ପଞ୍ଚଶର ॥
ତାକୁ ସମାନ ଦେବାକୁ ଅଛି ଏହି । ଯାହା ଦର୍ପଣ ମଧ୍ୟରେ ଦଶେ ସେହି ॥
ତାକୁ ଏରୂପେ ନର୍ମାଣ କଲା ବହି । କୀଟ କାଠୁଁ ଯେମନ୍ତ ଅକ୍ଷର ହୋଇ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଯେତେ କବି ବର୍ଣ୍ଣିଛନ୍ତି ଯେତେ ନାରୀ । ଠିକେ କହି ରମ୍ଭାରତି ନୋହେ ସରି ॥
ବଡ଼ କରି ବୋଲନ୍ତି ଲାବଣ୍ୟବତୀ । ସେହି ଜନମ ହୋଇଣ ଅଛି କ୍ଷିତି ॥
ଯଥା ନ ଦେଖି ନ ଖାଇ ସୁଧା କାମ । ସବ୍ୱମତେ କହି ସ୍ୱାଦୁ ମନୋରମ ॥
ତଥା ଆଗୁଁ ଜାତ ହେବ ବୋଲି ବାମା । ଖ୍ୟାତ ହୋଇଲା ଲାବଣ୍ୟବତୀ ନାମା ॥
ଦାସ ଅଧର ଚାହିଁଲେ ଏ ସଂଶୟ । କରିଅଛି କାହା ଶୋଭା କେ ଉଦୟ ॥
ବାଳଅରୁଣ କି ସୁଧାସ୍ନାନ କରି । ଅନୁରାଗ ହରଷ ମିଶିଲା ପରି ॥
କିବା ମାଣିକ୍ୟକୁହିରୁଁ ମୋତି ଜ୍ୟୋତି । ଦଶେ ତଥା ଝଟକଇ ଦନ୍ତପନ୍ତି ॥
ସେ ଅଧରରେ ଶୋଭା ତାମ୍ବୁଳ ବୋଲ ! କେ କାହାକୁ ରଙ୍ଗ କଲା ହୋଏ ଗୋଳ ॥
ହାହା ରଦନ ସେ କାଲେ କି ସୁନ୍ଦର । ସିନ୍ଦୂରରେ ମାଜିଲା କି ଘନସାର ॥
ବୋଲ ଚୋବିବାବେଳେ ଦଶଇ ଗଲେ । ଫଗୁପିଚକା ଯେମନ୍ତ କାଚନଳେ ॥
କଲେ ଥାଇ ପାନପିକ କି ମଞ୍ଜୁଳ । ପକ୍ୱନାଗରଙ୍ଗ ପ୍ରାୟ ଗଣ୍ଡସ୍ଥଳ ॥
ଅଙ୍ଗେ ଅଛି ନବପୁଷ୍ପ ନବପକ୍ଷୀ । ଏକ ଏକ ଅଙ୍ଗେ ଲାଖି ରହେ ଆଖି ॥
ଭିଆଇଛି ସୃଷ୍ଟି ଆଣି ଶୋଭାସାର । ଜଗଜ୍ଜୟ ଜଙ୍ଗମମୂରତି ମାର ॥
ଅଥ ମନ୍ମଥର ମନ ଭେଦଶର । ମରମକୁ ଭେଦିବାରେ ମନୋହର ॥
ହର ପଥର ହେଲେ କାତର ଘୋଟି । ଯେବେ ଏଥର ଯିବ ହୃଦୟ ଫୁଟି ॥
ରୂପ ଚୁମ୍ବକଶିଳର ମିତ୍ର କି ଏ । ହୃଦୁଁ କାଢ଼ି ନେବ ମନ ଲୋହ ପ୍ରାୟେ ॥
ବରବର୍ଣ୍ଣିନୀ ବର୍ଣ୍ଣନା କରି ଯେତେ । ଉପମାଙ୍କ ଲାଭ ତାହା ହାନି ତେତେ ॥
ଭାବ ହାବ ଲୀଳା ବିଳାସାଦି ଚନ୍ତ । ଯାହା ଅଙ୍ଗେ ହୋଇଛନ୍ତି ମୂର୍ତ୍ତିମନ୍ତ ॥
ତାହା ଶୋଭା କହିଲେ ସରିବ କାହିଁ । ପୂର୍ବେ ନ ଥିଲା ନୋହିବ ଏବେ ନାହିଁ ॥
ରାଜା କହିଛି ଜେମାକୁ କର ବର । ମୋର ମିତ୍ର ମନ୍ତ୍ରିକି ହୋଇଛି ଭାର ॥
କନ୍ୟା ଅନୁରୂପେ ଆଉ ବର ନାହିଁ । ମନ ପ୍ରଧାନ ବରିବାକୁ ଅଛି ତହିଁ ॥
ଶୁଣି ମନ୍ତ୍ରିସୁତ କଲା ଏ ଉତ୍ତର । ଆମ୍ଭ ନୃପତିସୁତ ନୂତନମାର ॥
ହୋଇବ କି କାର୍ଯ୍ୟ ଉଦଯୋଗ କଲେ । ଶୁଣି ଶୁକ ପଡ଼ିଦେଲା ସେହିକାଳେ ॥
ସୁଧାପାନ କଲା ରାହୁ ଉପାୟରେ । ପ୍ରୀତି ହୋଇଅଛି ଚନ୍ଦ୍ର କୁମୁଦରେ ॥
ଗୁଞ୍ଜି ତୁଲା ହୋଇଛି ସୁବର୍ଣ୍ଣ ତୁଲେ । କର୍ମ ସବୁ ଉଚ୍ଚ ନୀଚ ପାଞ୍ଚ ବଳେ ॥
ଶୁଣି କୁମାର ବଡ଼ ଆଶ୍ଚର୍ଯ୍ୟ ଯେବେ । ବୋଲେ ତୁହି ଦେଖିଛୁ କି ମେଧାବନୀ ॥
କୀର କହିଲା ସେ ରସାଭୂଷା ଯୋଷା । ଶିଶୁକାଳରୁ ମୁହିଁ ତାହାଙ୍କ ପୋଷା ॥
ଶୁଣି ଚଞ୍ଚୁ ଚରଣକୁ ଧରି ତାର । ପୁଣ ଧରିଲା ବୋଇତିଆଲ କର ॥
ରାମା ନାମେ ମୋହନ ଉଚ୍ଚାଟ ଘର । ରୂପେ କି ଥିବ ନୋହୁଛି ସେ ଗୋଚର ॥
ତୁମ୍ଭ ବଚନ ବସନ୍ତଋତୁ ହେଲା । ତାହା ଯୋଗୁଁ ଆଶାତରୁ ପଲ୍ଲବିଲା ॥
କଲେ ନିରାଶ ହୋଇ ଗ୍ରୀଷ୍ମକାଳ । ତାକୁ ଜାଳିଦେବଟି ବିରହାନଳ ॥
ଶୁଣି ସେ ବୋଇଲେ କୀର ହୁଅ ସ୍ଥିର । ଆମ୍ଭମାନଙ୍କୁ ଯେବେ ଉପାୟ କର ॥
ପରବେଶ ହେଲେ ପୁଷ୍ପକାଳ ସାର । ପିକ ନ ଲଭଇ ନିକି ସରକାର ॥
ଏ ବଚନେ ଶାନ୍ତ ଲଭି ସେହ୍ନ ପୁନଃ ॥ ଖଡ଼ ପକାଇ କଲେ ଶକୁନମାନ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସାଧୁତକୁ ତହିଁ ଅନୁକୂଳ ହେଲେ । ବିଜ୍ଞବ୍ରହ୍ମଚାରୀ ଜଣେ ସଙ୍ଗେ କଲେ ॥
ଶୁଭେ ସେକାଳେ ଆତାୟୀବାଣୀ ଭ୍ରମେ । ଗଲା ଦକ୍ଷିଣେ ଦ୍ୱିଜ ଗୋମାୟୁ ବାମେ ॥
ପଛୁଁ ପବନ ବହିଲା ହୋଇ ସ୍ୱଚ୍ଛ । ଗୋପୀ ଧୀବରୀ ଡାକିଲେ ଦଧି ମାଛ ॥
ଆଶା ବଢିଲା ଶୁଭସୂଚକ ଜାଣି । ଛନ୍ଦ ସମାପତ ଦୋଷ ପୁଂସମଣି ॥
ନୀଳାଶୋହିତଶରୀର ଦରହାରୀ । ଶ୍ରୁତନସ୍ତାରକ କୀର୍ତ୍ତିଖ୍ୟାତକାରୀ ॥
ମୀନମୂର୍ତ୍ତି ରଘୁପତି ଶ୍ରୀପତିର । ଭାବେ ଉପେନ୍ଦ୍ର ଭଞ୍ଜ ବୀରବର ॥

ଅଷ୍ଟମ ଛନ୍ଦ

ରାଗ—ମଙ୍ଗଳଗୁଜ୍ଜରୀ

ଏଥୁଅନନ୍ତରେ ରସ ଶୁଣ ସୁଜନ ।
ମନ୍ତ୍ରୀଙ୍କ ଡାକି ସିଂହଳଦ୍ୱୀପ-ରାଜନ ॥
ବୋଇଲା କିଶୋରଦଶା ପ୍ରାପ୍ତ କୁମାରୀ ।
କର ବେଗେ ବର ଦେବା ବିବାହ କରି ॥
ଶୁଣିଲେ ସୁନ୍ଦରୀ ଶୋଭା ହରି ତୋଷରେ ।
ହରି ନେଇଯିବେ ଅବା ବଧି ବଳରେ ॥
ନୃପତି ହୋଇ ପ୍ରମାଦ ସମ୍ପତ୍ତିବାଧ ।
ଶିଷ୍ଟସ୍ନେହ ତୁଟିଗଲେ ସେ ହେବେ କ୍ରୋଧ ॥
ଶୁଣି କରଯୋଡ଼ି କହେ ଶଚିବ ତହିଁ ।
ମୋହ ବିସ୍ତରକୁ ବର ଦିଶୁ ନାହିଁ ॥
ଶିବଙ୍କୁ ଦେଲେ ପାର୍ବତୀ ଶାପ ପଡ଼ିବ ।
ଭସ୍ମଭୂଷଣ-ଅଙ୍ଗେ ଏ କେହି ଜଡ଼ିବ ॥
ଚନ୍ଦ୍ର ତ କ୍ଷୀଣ କଳଙ୍କୀ ତହିଁ କି ସୁଖ ।
ଅଶ୍ୱିନୀକୁମାର ହେଲେ ତୁରଗ ମୁଖ ॥
କୁସୁମଧନୁ ଅତନୁ ଅଛୁ ଆଉ କେ ।
ଚିତ୍ରପଟ ଦେଖାଇବା ମାନବଲୋକେ ॥
ତୂର୍ଣ୍ଣ ନରବରପନ୍ତ କରିବା ଆଣି ।
ଇଚ୍ଛାବର ବରୁ ପଛେ ରମଣୀମଣି ॥
ଭୂପତିବର ତହିଁକି ହେଲେ ସମ୍ମତ ।
ମାନବେ ଲେଖା ନ ଗଲା ସୁନ୍ଦରୀ ଚିତ୍ର ॥
ଜ୍ଞାନାନନ୍ଦ ନାମେ ଏକ ସନ୍ନ୍ୟାସୀ ଥିଲା ।
ଶଚିବ ପ୍ରତିରୁ ମାୟା ସମୀପେ ଗଲା ॥
ସେକାଳେ ସେ ବିଶ୍ୱକର୍ମା ଏକତ୍ୱମନେ ।
ନିର୍ମିଣୁଛନ୍ତି ପ୍ରତିମା ଜେମା ସମାନେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଜଗତମଞ୍ଜୁ ମଞ୍ଜୁଷମଧ୍ୟେ ପ୍ରତିମା ।
ଦର୍ପଣେ ଫୁଟି ଦିଶୁଛି ବାଳା ସୁଷମା ॥
ଏକାଳେ ସନ୍ନ୍ୟାସୀ କରି ସାମ ଗାୟନ ।
ଲାବଣ୍ୟବତୀ ସ୍ୱରୂପ ଘେନିଲା ଦାନ ॥
ଦାନ କଲାବେଳେ ମାଗି କହିଲେ ଏତେ ।
ଆମ୍ଭ ବିକାଣିବୁ ଖ୍ୟାତ କରି ଜଗତେ ॥
ସୀତ୍କାର କରି ଯୋଗୀ ବାହୁଡ଼ି ଆସି ।
ଦେଖାଇ ସ୍ୱରୂପ ମନ୍ତ୍ରୀମତିଙ୍କ ତୋଷି ॥
ସେ ବୋଇଲେ ଧର୍ମତାତ ଆମ୍ଭେ ତୁମ୍ଭର ।
ଆମ୍ଭ ବୋଲେ ଏହା ଘେନ ଭ୍ରମ ସଂସାର ॥
ଦେଖାଇ ଭୂପତିଗଣେ ବଶ କରିବ ।
ଦୋଷଗୁଣ ସୁନ୍ଦରପଣକୁ ବୁଝିବ ॥
ଏ ବଚନେ ଶିଷ୍ୟ କରେ ପେଡ଼ାବୁହାଇ ।
ଶୁଣ ଏବେ ଏତେ ଦେଶ ଭ୍ରମିଲା ସେହି ॥
ଯେଉଁ ଦେଶେ ଯେଉଁ ରୂପେ କଲେ ଆଦର ।
କହୁଥାଇ ଗୃହିଁ ମହୀପତି ନିକର ॥
କୁନ୍ତଳେ କୁନ୍ତଳବର୍ଣ୍ଣେ ସାରିଲେ ଦିନ ।
ମନ୍ତ୍ରିଜନ ମନ୍ତ୍ରପରି ନିମିଷହୀନ ॥
ନିଷେଧ ନିଷେଧ ଆନ ଲୋକନ କଲେ ।
ମାଳବରେ ମାଳ କରି ତାହା ଜପିଲେ ॥
ମଘରେ ମଘବାପଦ ପାଇଲା ପରି ।
ବିଦେହ ବିଦେହଶରେ ହୋଇଲେ ଧାର ॥
କନ୍ୟାଉଜ କନ୍ୟା ଉଜ ଶୁଭିଲା ବାଣୀ ।
ମରୁଦେଶ ମରୁ ରମ୍ଭା ଏମନ୍ତ ଭଣି ॥
ଅଙ୍ଗରେ ଅଙ୍ଗନା ଅଙ୍ଗ ପ୍ରଶଂସା କଲେ ।
ଏହି ରମ୍ଭା ବୋଲି କଳି କଳିଙ୍ଗେ ହେଲେ ॥
ଧାତା ହଠ ଏହି ମରହଠ ବଗୃର ।
ସଉରାଷ୍ଟ୍ରେ ଭାଷି ସଉଦାମିନୀ ସ୍ଥିର ॥
ଗୃଲେ ନଗୃଲେ ଘୋଡ଼ାଇ ରଖିବା ଚିନ୍ତା ।
ଦ୍ରାବିଡ଼େ ନିବିଡ଼େ ଆଲିଙ୍ଗନେ ମମତା ॥
ଗୁଜୁରାଟ ଚାନ୍ଦବଦନେ ଦେଖିବା ଇଚ୍ଛା ।
ବିଦର୍ଭିରେ ଦର୍ଭିହାସୀ ଦର୍ଶର ବାଞ୍ଛା ॥
ଉତ୍କଳେ ଉତ୍କଳ ହୋଇ ବିରହେ ଭାସି ।
ଗଉଡ଼ୀ ଏ ଗଉରବ ଗଉଡ଼େ କରି ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ନେପାଳେ କପାଳେ ଥିଲେ ପାଇବା ଭାବ ।
ମାଗଧେ ମାଗଧମୁଖେ ବର୍ଣ୍ଣାଇ ଛବି ॥
କୁଞ୍ଜଗଲେ ଗଲେ ବାନ୍ଧି ବୁଲିବା ସ୍ନେହୀ ।
ବଙ୍ଗାଳୀ ଗାଇ ଉପମା-ବଳୀକି ଦେଇ ॥
ଲୋମଶ ଲୋମହର୍ଷିତ ଦେଖି ଦ୍ୱିରଦ ।
କଳେବରେ କଳେବରେ ଆନନ୍ଦ ଜାତ ॥
କେରଳେ ଭାବେ କେରଳମାୟାଁ ହୋଇବ ।
ଜମନ ମନରୁ ଭିନ୍ନ ନୋହିଲା ଭାବ ॥
ସିନ୍ଧୁରେ ଭାସିଲେ ସିନ୍ଧୁରେ ସେ ଝାସିବ ।
ସିନ୍ଧୁରଗମନା ପ୍ରତିଅଙ୍ଗେ ମିଶିବ ॥
ବାଳା ଭୁଲାପି ଭୁଲାକୁ ଚାହିଁ ସରାଗେ ।
ପିଙ୍ଗୁଳା କରି ରଖିଲେ ନୟନଯୁଗେ ॥
ବିଦଗଧେ ବିଦଗଧ କାମ ଦହନେ ।
ସେ ଭାବନ ନ ଛାଡ଼ିଲେ ରଜନୀ ଦିନେ ॥
କେବୋଲେ ପଟ୍ଟ କି ଏ କାହାର କପଟ ।
ଦେଖିଲେ କର୍ଣ୍ଣିର ଚିତ୍ତ ହୋଏ ଲମ୍ପଟ ॥
କେ ବୋଲେ ଏ କେହି ହେଲା ଦମ୍ଭ ରହିଲା ।
ଶାତକୁମ୍ଭକୁମ୍ଭଉରନାକୁ ବହିଲା ॥
କେ ବୋଲେ ସତେ କାମିନୀ ଅଛୁ ଏମନ୍ତେ ।
କେମନ୍ତେ ଗଢ଼ିଲା ବିହି ଆୟୁଷ କେତେ ॥
କେ ବୋଲେ ସତେ ଏରୂପେ ଥିଲେ ତରୁଣୀ ।
ଏତେକାଳେ ଅଳଂକୃତା ହେଲା ଧରଣୀ ॥
କେ ବୋଲେ ମୋହନ ମୂର୍ତ୍ତିମନ୍ତ ହୋଇଲା ।
ସକଳ ସୁନ୍ଦର ଅଙ୍ଗେ ଘେନି ଅଇଲା ॥
କେବୋଲେ କି ଆନ ନୋହେ ନେଏସୁକୃତ ।
ଦେଖିଲାଇଁ ଲାବଣ୍ୟବତୀର ଆକୃତି ॥
ବିଚାରଲେ ଯୁବାସୃଷ୍ଟି କିବା ପ୍ରଳୟ ।
ହୋଇଲା ହୋଇଛି ଉତପାତ ଉଦୟ ॥
ବିଦ୍ୟୁସ୍ଥିର ଇନ୍ଦୁ ଚର ନିଶି ଦିବସ ।
ଅମଳିନ ହୋଇତ ନଳିନ ବିକାଶ ॥
ପୁଣି ବିଚାରଲେ ବଳଭୂମି ବିଚାର ।
ଅଙ୍ଗେ ଅନଙ୍ଗ ରହିଲା କି ଦୁର୍ଗ କରି ॥
ଦେଖ ଏ ପ୍ରତ୍ୟକ୍ଷ କଥା କରିକି ହରି ।
ମାରେ ଏତେ ଆରୋହିଛି ହରିକି କରି ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଦର୍ଶନେ ଗଞ୍ଜନ ଯୋଗ ଅଟେ ଦେ ଇଛି ।
କଞ୍ଜପରେ ରଞ୍ଜନ ଖଞ୍ଜନ ହୋଇଛି ॥
ଯେ ନିର୍ମାଣ କେତେ ଅନୁମାନ କି ତାର ।
ନୋହେ ସେ ପୁରୁଷ କେତେ ଥୟ ତା କର ॥
ହେଲେ ହୋଇଥିବ ଅବା ବିଧାତାମାତା ।
ମନେ ମନାସିବା କଥା ହୁଅଇ କି ତା ॥
ପ୍ରୟୋଗେ ଅସୁରୀ ସୀତାସଦୃଶ ପରି ।
ଏ ରୂପକୁ ଅଛି କି ସେ ନିର୍ମାଣ କରି ॥
ଏମନ୍ତେ ଗିମା ପ୍ରଶଂସା ସଂସାରେ ଖ୍ୟାତ ।
ନୃପତିସମୂହ ହେଲେ ଉଚ୍ଛନ୍ନଚିତ୍ତ ॥
ମନକୁ ପ୍ରେଷିତ କଲେ ସିଂହଳଦ୍ୱୀପ ।
ଶୟନେ ଦେଖିଲେ ସ୍ୱପ୍ନ ବାଳାସ୍ୱରୂପ ॥
ଅସର ପାଇ ବନ୍ଧିଲା କୁସୁମଶର ।
ସାରିଲେ ଉଷୀରବାଟୀ ଶିଶିରକର ॥
ଶିଶିରକରରେ ରବି ଛବି ପାଇଲେ ।
ନବପଲ୍ଲବଶୟନ କରି ଶୋଇଲେ ॥
ଦ୍ୱିଜ ରୁଣ୍ଡୀଭୂତ କରି ଚଣ୍ଡୀବରଣ ।
ପ୍ରତିଦିନ କରିବାରେ ହେଲେ ନିପୁଣ ॥
ଶମ୍ଭାଗୋଷ୍ଠୀ ଅନୁକମ୍ପା ଭରିବା ପାଇଁ ।
ଶିବେ ଗୋଦୋହନ କରି ଚମ୍ପା ଚଢ଼ାଇ ॥
ଆଜନ୍ମସୁଖୀ ନୟନେ ଦେଖିବା ପାଇଁ ।
ଗଣେଶଙ୍କୁ ଲଡ଼ୁ ଦେବା ଗଣନ କାହିଁ ॥
କାମଶାସ୍ତ୍ର ଦେଖି ସ୍ତ୍ରୀବଶୀକରଣ ।
କଲେ ମନ୍ତ୍ର ଅଉଷଧ ମଣି ଭିଆଣ ॥
ଶୋଭା ଅର୍ଥେ ମଣ୍ଡି ହେଲେ ରତ୍ନାଳଙ୍କାରେ ।
ପଉଣ୍ଡ୍ରିକ ବାସୁଦେବ ହେଲା ପ୍ରକାରେ ॥
କେତକୀଫୁଲ ବାଞ୍ଛିତ ଯଥା ମଧୁପ ।
ତଥା ନୃପମଣ୍ଡଳ ବାଳାରେ ଲୋଲୁପ ॥
ନ ତୁଟିଲା ପୁଣି ଆଶା କେବେ ତାଙ୍କର ।
ବିରହିଣୀନାୟିକା ହିବଳୀ ପ୍ରକାର ॥
ଉଚ୍ଚତରୁଫଳେ ଖର୍ବେ ଆଶାୟୀ ପରି ।
ଲାବଣ୍ୟବତୀ ନାମକୁ ମନ୍ତ୍ର କରି ॥
ବାଳା ପ୍ରତିଅଙ୍ଗ ଶୋଭା ମାନସେ ଥାଇ ।
ଆପଣା ଶୋଭାକୁ ଆଦରଣରେ ଚାହିଁ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବାହ୍ୟରେ ରରମ୍ୟ ସେ ଅନ୍ତରେ ବ୍ୟାକୁଳ ।
ଭସ୍ମଆଚ୍ଛନ୍ନରେ ଥାଇ ଯଥା ଅନଳ ॥
ବିଚକ୍ଷଣ ଜନ ପେଷି ସିଂହଳଦ୍ୱୀପେ ।
ପ୍ରୀତି ଲଗାଇଲେ ରତ୍ନେଶ୍ୱର ମହୀପେ ॥
ଲାବଣ୍ୟବତୀ ସ୍ୱରୂପ ଆସିବା ଘୋଷ ।
ଆଗୁଁ ପ୍ରକଟ ହୋଇଲା କର୍ଣ୍ଣାଟଦେଶ ॥
ଚନ୍ଦ୍ରଭାନୁ ଭାବ ଯାହା ସାଧୁତ କହି ।
ତାକୁ କେ ନିର୍ମାଣି ରୂପ କେ ପଟେ ଲିହି ॥
ରୂପକାର ରଙ୍ଗାଜୀବ ମର୍ତ୍ତ୍ୟରେ କାହିଁ ।
ମନକୁ ଆସେ ମଘବାଭୁବନେ ନାହିଁ ॥
ହୋଇଥିଲା ମୋ ନେତ୍ରର ବିଧାତା ଋଣୀ ।
ଶୁଝିବ ବୋଲି କି ଆଣେ ପ୍ରତିତରୁଣୀ ॥
ଗୁରୁଦ୍ରୋହୀ ପୁଣ ସ୍ୱର୍ଗ ଭୋଗ ପାଇଛି ।
ସାତସିନ୍ଧୁ ତଳୁ ଭିତରରେ ରହିଛି ॥
ପକ୍ଷହୀନା ହୋଇଅଛି ଗଗନଗତି ।
ଜଳଉପରେ ଶଇଳ ଭାସିଅଛନ୍ତି ॥
ଯେଉଁ ଦଇବେ ହୋଇଛି ଏତେ ବିଧାନ ।
ସେହି ଦଇବେ ହେଲା କି ବାଳାରତନ ॥
ଜ୍ୟେଷ୍ଠେ ତୃଷିତ ଚାତକ ଯେମନ୍ତ ହୋଇ ।
ଜଳଦ ଦର୍ଶନେ ତନମନ କରଇ ॥
ଆଷାଢ଼େ ଘନଦୁର୍ଦ୍ଦିନ ଚକୋରପନ୍ତି ।
ଆଶା ଯେହ୍ନେ ଶରଦ ଆଗମେ କରନ୍ତି ॥
ସ୍ୱରୂପ ପ୍ରବେଶ ତଥା ଟେକିଲା ଆଶା ।
ଅସର ହୋଇଲା ତେଣୁ ବାସର ନିଶା ॥
ପାଶ୍ୱେଥାଇ ପିଠିଆଇ ମନକୁ ମୁଦେ ।
କର୍ଣ୍ଣ ଡେରେ ଯଥା ମୃଗ ଘଣ୍ଟିଶବଦେ ॥
ସପ୍ରେମ ନୟନ ସେହି ଦିଗକୁ ଟେକି ।
ନିରେଖେ କାଗତଚକ ଯଥା କୁହୁକୀ ॥
ନିଦ୍ରା କ୍ଷୁଧା ବାଧା କରିପାରିଲେ ନାହିଁ ।
ଅଳପ ଅନୁରାଗ କି ହୋଇବ କହି ॥
ବିନୟାକପୂଜ୍ୟ ସଦାଶିବ ତୋଷଦ ।
ସୁମନସଗଣର ଯେ ହରେ ବିଷାଦ ॥
ଉପେନ୍ଦ୍ର ଭଞ୍ଜ ବୀରବର ବଂଶରେ ।
ଏ ଗୀତ ଶେଷ କରିବ ତାଙ୍କ କୃପାରେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଏକାଦଶ ଛାନ୍ଦ

ରାଗ—ଚୋଖି

ଏଥୁଅନ୍ତେ ଶୁଣ ରସ ଗ୍ରୀଷମେ ନିଶି ପ୍ରବେଶ ଉଦୟ ତାର—ଜୀବେଶ
ହେଲେ ଆକାଶେ ।
ଚନ୍ଦ୍ର-ସୁଖଚକ୍ର-ନକ୍ର ଛେଦନେ ହୀରକଚକ୍ର ଫିଙ୍ଗିଛି ତାତସିନ୍ଧୁରେ କାମ କି ଟେଷେ ।
ବେଶ ହେବ କି ରାତ୍ରି ବାଳୀ । ସ୍ଫଟିକପେଟୀରେ କିବା କସ୍ତୂରୀ ଦଳି ॥

ଆଜ୍ଞା କି ବିଭାବରୀକି ହୋଇବ ବିଭା ବର କି ମଲ୍ଲୀମାଳା ଦେଇ ବଧୂ କରଣେ ମଣି ।
ଏ ବଚନ ସ୍ୱୟମ୍ବର ନାୟିକା ବରିଲା ବର ଏତେକାଳେ ଦେଖାଗଲା ଏକଥା ପୁଣି ।
ରବିକରେ ମଜ୍ଜାମହଲା । ତାପି ହୋଇଥିଲା କି ଚନ୍ଦନ ଲେପିଲା ॥

ଶୀତଳ ଯାହା କିରଣ ପରସ୍ପରେ ସମୀରଣ ରଣରଣ ମିଶ୍ରପଣ ଘେନ କି ଏବେ ।
ବିରହୀମୁଣ ବିରହୀଠାରେ ଆଦରିଲା ସେହି ସେ ଅଛି ଯା ଗର୍ଭେ ତହୁଁ ଜାତ ସ୍ୱଭାବେ ।
ପୁଂସ ଶୋଇ ସୁଧାଚନ୍ଦ୍ରର । ଚନ୍ଦ୍ରଚାହିଁ ହୋଇଲା ଅଧିକେ କାତର ॥

ହାସ ନାସା ଗତି ଶ୍ରୁତି ବଚନ ରମ୍ୟତା ପ୍ରୀତି ଏକାନ୍ତ ହେବାଦ ଯେତେ
କଥା ସୁମରେ ।
ସ୍ୱରଭଙ୍ଗ ପ୍ରବଳରେ ଭାଷା କେ ବର୍ଣ୍ଣେ ଉଚ୍ଚରେ ତଥାପି ବାଲାଭାବନା ଥାଇ ତହିଁରେ ।
ସବର୍ଣ୍ଣାଦି ଶବଦ ଶୁଣି । ସାଧୁ ଶୁକ ଅଇଲେ କି ହୁଅଇ ଗୁଣି ॥

ଯେମନ୍ତ ଦେଖିଛି ଚିତ୍ରେ ତେମନ୍ତ ଦିଶଇ ନେତ୍ରେ କେମନ୍ତେ ଲଭିବ ମୂଳ ଚିତ୍ରର ଏହି ।
ଯେବେ ଏ ଯୁବା ବୟସେ ଦିବ୍ୟରାମା ନାହିଁ ପାଶେ କି ଲାଭ ତହୁଁ ନୃପତିସମ୍ପତ୍ତି ଥାଇ ।
ଆରତେ ସେ ଚନ୍ଦ୍ରଲା ଶିବ । ତାକୁ ଦେଖାଅ ନୋହିଲେ ଯାଉ ଏ ଜୀବ ॥

ତେଣେ ନୃପତିନନ୍ଦିନୀ ରୁଚିରତର ଚାନ୍ଦନୀରାତ୍ରେ ମଣ୍ଡି ଚାନ୍ଦନୀ ଚନ୍ଦ୍ରକୁ ଚାହିଁ ।
ପଦ୍ମିନୀ ହେଲା କାତର ଭଜି ମଦନବିକାର କରଇ ଚିତ୍ତେ ଦୀର୍ଘର ଶ୍ୱାସ ପକାଇ ।
ମୋହ ସମ କରମହୀନ । କାହିଁ ପତିସଙ୍ଗ ନାହିଁ ଲଭି ଯୌବନ ॥

ସୁବର୍ଣ୍ଣସମାନ ନାରୀ ବିନୟ ଟାଙ୍ଗଣାପରି ବିରହଅନଳେ ହୋଇଥାଇ ଯେ ଦହି ।
ଭାବଜଳଯୁକ୍ତବଶେ କୋଳକଷଟିରେ କଷେ ପରଶ ରସାଣ ପ୍ରୀତି ବାନ ବଢ଼ାଇ ।
କମ କରି କରଇ ଭୋଗ । ବଣିକ ଗୁଣିକପ୍ରିୟ ବହି ସରାଗ ॥

ଦୁର୍ଗା ମୋ ଦୁର୍ଗତି ହର ଏମନ୍ତ ବ୍ୟାକୁଳ ତାର ହର ଉମା ଦୟା କଲେ
ସେ ନାରୀ ପୁଂସେ ।
ନିଦ୍ରାବଶରେ ସ୍ୱପନ ଦେଖିଲେ ସତି ବିଧାନ ଏକଯୋଗିନୀ ପ୍ରବେଶ କୁମାର ପାଶେ ।
କର ଧରି ନିଦ୍ରା ଭାଙ୍ଗିଲା । ଗଗନମାର୍ଗେ କୁମାରୀପୁରକୁ ନେଲା ॥

ବୋଇଲା ଲାବଣ୍ୟବତୀ ଅଟଇ ଏହି ଯୁବତୀ ଚାନ୍ଦନୀରେ ଶୋଇଅଛି ଯେ ପଲ୍ୟଙ୍କର ।
ସଖୀ ବେଢ଼ି ଚାରିପାଶେ ଜ୍ଞାନହୀନ ନିଦ୍ରାବଶେ ମନାଇ ପାରିଲେ ଭୋଗ କର ନାଗର ।
ଏତେ କହି ହେଲା ଅନ୍ତର । ଶୋଭା ଚାହିଁ ଲୋଭ ହୋଇ ଉଭା କୁମାର ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ମନେ ପାଞ୍ଚେ ମଞ୍ଚେ ଜାତ କାହିଁକି ଏ ଅଦ୍ଭୁତ ଏବେ ଜାଣିଲି ମୋହର ନୟନଭାଗ୍ୟେ ।
ଏ ବର୍ଣ୍ଣି ସୁବର୍ଣ୍ଣିକମ ହୁଅନ୍ତା କି ତାରତମ ଭିନ୍ନ ଜାଣି ହେଲା ସିନା ରତନ ଯୋଗେ ।
ହରଷ ଏମନ୍ତ ସ୍ୱରୂପ ।   ଏତେକାଳଯାଏ ହୋଇଥିଲା ଏ ଗୋପ୍ୟ ॥

ଏକା ଏ ନୋହେ ହରଷ ପୁଣି ମିଶିଛି ସରସ ମିଳିଛି ଶୋଭା ବିଶେଷ ଦୀପ୍ତିକି ଯେନ ।
ସୁବାସ ମନ୍ଦର ଏହି ଦିଶୁଅଛି ବ୍ୟକ୍ତ ହୋଇ ବହିଲା ସୁକୃତ କରିଥିଲା ଅବନୀ ।
ଭାବ ହାବ ଲୀଳା ପ୍ରସନ୍ନ ।   ହୁଅନ୍ତି ଯାହାପ୍ରସାଦେ ସେ କି ସମାନ ॥

ଅଣିମାଦିସୁଖଦାୟୀ ଶୋଇଅଛି ଅଣିଆଇଁ ପଲ୍ୟଙ୍କଅଙ୍କରେ ଦିଶେ ଏମନ୍ତ ଶୋଭା ।
ରସାଣ ରଜତବାଢ଼େ କନକଲତା କି ଜଡ଼େ ବିଶଦ ଘନରେ କି ସେ ଚପଳା ପ୍ରଭା ।
ବାମାକର କପୋଳତଳ ।   କେନ୍ଦୁପଲ୍ଲବେ ଥୁଆ କି ଫୁଲ୍ଲକମଳ ॥

ଭୁଜବାରୁ ଶୋଭା ନେତ୍ର କି ନୀଳେନ୍ଦୀବରପତ୍ର ଉଲଟାଇ ଦର୍ପଣେ
ଥୋଇଛି କୁତୁକେ ।
କି ଅବା ଖଞ୍ଜନ ଯୁଗ ନିଶ୍ଚଳ ହେବାରୁ ଯୋଗ ଅଞ୍ଜନ ଅଠାକାଠିରେ ଏକାବେଳକେ
ମୀନରାଶି ଉଦୟ ଆସି ।   ମୃଗାଙ୍କଅଙ୍କରେ ହେଲା ପରାୟେ ଦିଶି ॥

ବାମା ବାମଦେବ ଦୁଇ ଯେଣୁ ତ୍ରିପୁରବିଜୟୀ ଦ୍ୱନ୍ଦ କରି ପୂର୍ଣ୍ଣଚନ୍ଦ୍ର ଦ୍ୱିଭାଗ କଲେ ।
ଖଣ୍ଡେ ଖଣ୍ଡେ ଭାଲ ଦେଶେ କୀରତି ପ୍ରକାଶ ଆଶେ ନିଶ୍ଚେଁ ପ୍ରମୋଦ ମାନସେ
ଆଣି ବହିଲେ ।
ଯେନଅଛି ଚନ୍ଦନପାଟୀ ।   ଲୋକନେ ଏହି ଉପମା ମନେ ପ୍ରକଟି ॥

ଝିଲମିଲମାଳୀ ପାନପତ୍ରିରେ ଅତି ଶୋଭନ ମାର ମଙ୍ଗଳ ପଲ୍ଲବତୋରଣୀ ପରି ।
କଉରିକୁରୁଳୀ ଝଳ ବାଟେ ଚନ୍ଦେ ଆଳିଆଳୀ ପକ୍ଷ ଗୃଳ କିବା ଉଡ଼ି ଯିବାକୁ ତ୍ୱରି ।
ମୁକୁତା ସୀମନ୍ତ ଉପରେ ।   କାଳନ୍ଦୀମଧ୍ୟେ କି ବହେ ଜାହ୍ନବୀଧାରେ ॥

ଶ୍ରଦ୍ଧାରୁ କରିଛି ଯୋଷା ଚୂର୍ଣ୍ଣିତକୁରଳକୁ ଖୋଷା ଦିଶୁଛି ଯହିଁ ଚଉଁରୀ ରହି ଭଉଁରୀ ।
କେତୁ ମୁଣ୍ଡଗୁଣ୍ଡେ ପଶି ଗଲାଣି ଶରଦଶଶୀ କେବଳ କରଣ ଦିଶୁଅଛି ମାଧୁରୀ ।
ଆଡ଼ଖୋଷା କୁସୁମ ତୋରା ।   ହାହାକାରକର ରୁଣ୍ଡୀଭୂତ କି ତାରା ॥

ଗଣ୍ଡଖଣ୍ଡପରେ ପଦ୍ମରାଗତାଟଙ୍କର ସଦ୍ମ ଚନ୍ଦ୍ରଠାରେ ସାନ୍ଦ୍ରସ୍ନେହୀ ଆରଦ୍ରା କସେ ।
କରେ ବିପରୀତ ରତି ସେପରି ହୋଏ ପ୍ରତୀତ ମିଶିଣ ସେ ଜ୍ୟୋତି ଆସି
ଫୁଟିଲେ କି ଦିଶେ ।
ଜଣାଉଛି ରସିକା-କର୍ଣ୍ଣି ।   ତୋ ଶୋଭା ଯଶ ହେଲାଣି ମହୀରେ ପୂର୍ଣ୍ଣି ॥

ଅଛି ବଜ୍ରମଲ୍ଲୀକଢ଼ୀ ବିଧାତା କି ବଜ୍ରେ ଗଢ଼ି ସୁନ୍ଦରୀସଂସାରେ ଇନ୍ଦ୍ର କରି ଦେଇଛି ।
ଧଇର୍ଯ୍ୟ-ବୃତ୍ର-ଅସୁର ନାଶ କରଣ ଏଥିର ସ୍ଥିରଗମନା କି ସ୍ଥିର ହୋଇ ରହିଛି ।
କହୁଛି ଝଲକା ଝଲକ ।   ମୁହିଁ ରଖି ନାହିଁ ସୁର ନେବେ ପଲକ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପୀନ କଳ ପୂରି ତୁଣ୍ଡେ ପୁଣି ଫୁଟି ଦଶେ ଗଣ୍ଡେ ମୁକୁରେ ଜବା କୁସୁମ ପ୍ରତିବିମ୍ବେ କି ।
ଶ୍ୱାସବଶେ ଫୁଲେ ଘୋଣା ତହିଁ ଲୀଳା ନାକରଣା ଉତ୍‌ଫୁଲ୍ଲ ତିଳଫୁଲକୁ
ଭୃଙ୍ଗ ଚୁମ୍ବେ କି ।
ଥୋପିପଡ଼େ ରଙ୍ଗ ଅଧରେ । ଭସ୍ମହୀନ ପକ୍ୱବିମ୍ବେ ମନ ନ ଧରେ ॥

ଦନ୍ତଉଦଧି ମନ୍ଥନ ଅଚଳସ୍ତନ ଚନ୍ଦନ ଲେପନ ହୋଇ ଶୋଭିନ ବସନ ଗଳି ।
ସୁଧାକୋଷ ବେନି ଆଣି ତାଙ୍କି କି କାଚତାଙ୍କୁଣୀ ଭଳି ଦୟିତ ଭୋଗକୁ ରଖିଛି ବାଳୀ ।
ସ୍ଫଟିକପ୍ରାସାଦ ସଦୃଶୀ । ନବଘନ କାନ୍ତି ଅଛି ତହିଁରେ ମିଶି ॥

ଯାଉଁଳ ତାଡ଼ ସଜାଡ଼ି କଳି ଆଣି ଶଙ୍ଖଚୂଡ଼ି ସପୀତରେ ଘେନିବାରୁ କାନ୍ତି ଅଧିକା ।
ସ୍ଫୀତେ ମୀତେ କରସ୍ଥିତ ନଖେ ମଞ୍ଜୁ ମଞ୍ଜୁଆଡ଼ ଚର୍ଚ୍ଚିତ ହୋଇଛି ପୁଣି ବୃନ୍ଦ ତାରକା ।
ତୁମ୍ବୀ ଦଣ୍ଡସାର ଉଆଇ । ବୀଣା ହେବ ଗୁଣ ଆଣି ଯାଇଛି ବହି ॥

ଶାଢ଼ୀଧଡ଼ୀ ପତି ଜଡ଼ି ନିବିଡ଼େ ନୀବୀ ନିବାଡ଼ି ଅଛି କେତେ ଛନ୍ଦେ ଉତ ବିବେକ ଭଳି ।
କବିଦମ୍ଭୁବୁଧର ପବିଛବି ମନୋହର ଚତୁମତ୍-ଦ୍ୱିରଦ-ବନ୍ଧନ-ଶିକୁଳି ।
ଉପମା ବୁଡ଼ାଇବା କୂଟେ । ଶୋଭାନଦୀ କି ଭଉଁରି ଦେଇ ପ୍ରକଟେ ॥

ନିତମ୍ବ ନଗମ ସ୍ଥାନ ପାଶ ପାତିଛି ମଦନ ଧରିବାକୁ ଅକ୍ଷିପକ୍ଷୀ କରି ମମତା ।
କଳେଣି ନୟନ ମନ ନୀବୀରେ ତାର ସଦନ ହେଲେ ସେ ନୀବୀସଦନ ଏ ସଂଶୟ ତା ।
ଅବକାଶ ରଖିଲା ନାହିଁ । ଆଉ ଶୋଭାଦେଖିବାକୁ ଉଚ୍ଛନ୍ନ ଯହିଁ ॥

ଭଜ ନ ଭଜୁ ବାନ୍ଧବୀ ଆଗ ମୁଁ ନିଦ୍ରା ଭାଙ୍ଗିବି ତନୁ ହେଲେ ଛୁଇଁ ଥିବ ଏ ବଡ଼ ଲାଭ ।
ଯେ ପାରେ ବାଳା ମନାଇଁ ନଶେଁ ମର୍ତ୍ତ୍ୟେ ଇନ୍ଦ୍ର ସେହି ମନରେ ଭାବନା କରି
ପରମଶୁଭ ।
ଜାନୁ ଧରି ଦେଲା ଝୁଲାଇ । ପୁଂସକର ଲାଗି ନିଦ୍ରା ବିନାଶ ହୋଇ ॥

ଉଠି ଭାଙ୍ଗନ୍ତେ ଅଳସ କି ଶୋଭା କୁଚକଲଶ ଟେକି ହୋଏ କି ମେରୁକୁ
ଜିଣିବା ଗର୍ବେ ।
ଊର୍ଦ୍ଧ୍ୱେ ଛନ୍ଦି କର ବେନି ଶୋଭା ଲପନକୁ ଘେନି ଚନ୍ଦ୍ରେ କି ବନ୍ଧୁପରଶି
ହୋଇଲା ଏବେ ।
ମୁଖ ଜୃମ୍ଭାବଶେ ପଙ୍କଜତ । ଦରବିକଶିତ କୋକନଦ ଯେମନ୍ତ ॥

ନୟନେ ଚଞ୍ଚଳ ମିଶେ ଗଣବଣୀଏଣୀ କି ସେ ଶରପ୍ରାୟ ଯାଇ ପୁଂସଲଖେ ପଡ଼ିଲା ।
ସେ ସୁନ୍ଦର ପାରିବାର ରସରତନଆକର ମୀନପ୍ରାୟ ହୋଇ ତହିଁ ବେଗେ ବୁଡ଼ିଲା ।
ଲାଜେ ମୁଖ ନୁଆଇଁ ଘନେ । ସମ୍ଭାବନା କଲାପ୍ରାୟ ଉଠିଲା ଛନ୍ଦେ ॥

ଭାଳୁଛି କୁହଇ ମାର ନାହିଁ ଫୁଲଧନୁଶର ସୁଧାକର ନୋହେ ତହିଁ କଳଙ୍କ ଅଛି ।
ଆଉ ଦେବତାମାନଙ୍କୁ କାହିଁ ଆଣିବା ମନକୁ ମୋହର ସୁକୃତ ଏ ପୁରୁଷ ହୋଇଛି ।
ମୋର ପୁଣି ସୁକୃତ କେତେ । ଏମନ୍ତ ଶୋଭା ହେବାକୁ ଜାତ ଜଗତେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ନିକଟେ ଗୋକୁଳେ ହରି ମୋହନରୂପକୁ ଧରିଥିଲେ ନାଶ କରିଛନ୍ତି ଅବନୀଭାର ।
ଏତେବେଗେ ଅବତାର କିପାଁ ହୋଇବ ତାଙ୍କର କି ମୂର୍ତ୍ତିମନ୍ତ ଉପମାଦ୍ରବ୍ୟଙ୍କ ସାର ।
ଏରୂପେ ବିଚାରୁ ସୁକେଶୀ । କ୍ଷୀର ନୀର ପ୍ରାୟେ ମନ ପୁରୁଷେ ମିଶି ॥
ଏକାଳେ କରି କୋରକ କରି ତରୁଣୀତିଳକ ବୋଇଲା ହେ ଜୀବେଶ୍ୱର ବିନୟେ ଘେନ ।
ଚରଣେ ଅଳତା ପରି ପଟ୍ଟେ ପଟ୍ଟେ ଷଟ୍‌ପଦ ଅନୁସରି ଥିବାକୁ ମୋ ହେଉଛି ମନ ।
ମୋତେ ଦିଅ ବସନଭାଗ୍ୟ । ହେଲଣି ସବୁମତେ ମୁଁ କୃତାର୍ଥ ଯୋଗ୍ୟ ॥
ଯେବେ ମୋର ଭାଗ୍ୟ ନାହିଁ ତୋତେ କି ପାରନ୍ତି ଚାହିଁ ବିଶେଷତ ତନୁ ଛୁଇଁ
ଏ କଥା ଭାବ ।
ମୋ ମତେ ମୁଁ ତୋ ସେବକ ହେଲିଣି କାମ-ପାବକ ଜାଣିଲେ ଏହୁ ଅଯଶ
କାହାକୁ ହେବ ।
ବିନୟ ପ୍ରଶଂସାକୁ ବାଣୀ । ନାହିଁ ମୁଁ କି କହିବି ତୁ ଦୟାଳୁମଣି ॥
ମିଥ୍ୟା ନୋହେ ନିଦ୍ରାବ୍ୟାଜେ ନେଇ ଯମଦାଢ଼କୁ ଯେ ରଖିଥିଲୁ ପଦ୍ମକୋଷୁଁ
କରି ବାହାର ।
ହୃଦରେ ମାରି ଓଠାରି ଘେନିଗଲୁ ଝଟକରି ଦେଖି ମୁକୁରେ ରୁଧିରେ ହୋଏ ଜର୍ଜ୍ଜର ।
ହାସ ଔଷଧୀଶ ପ୍ରକାଶ । ନ କଲେ ନବୀନା ଗଳସିନା ବିନାଶ ॥
ଯେ ରମଣୀ ଚନ୍ଦ୍ରମଣି ହୋଇଲା ଏମନ୍ତ ମଣି ଚିତ୍ତେ ଚନ୍ଦ୍ରେ ଦ୍ରବୀଭୂତ କଲା ନାଗର ।
ହାସ ପୂରିଲା ପରାୟେ ଶ୍ରୀମୁଖ ପ୍ରସନ୍ନ ହୋଏ ହେଲା ଜାଣି ବକ୍ରନେତ୍ରେ ତା ସୀତ୍କାର ।
କର ଧରି ଶିରେ ଲଗାଇ । କୋଳ କରି ସୁରସିକ ପଲ୍ୟଙ୍କେ ନେଇ ॥
ବସି ବସାଇଲା କୋଳେ ଲପନ ଚୁମ୍ବିବା ବେଳେ ଜେମାକରେ ଦେଲା ବେଗେ
ରତନମୁଦି ।
ଜେମା କାଢ଼ି ମୋତିମାଳା ଲମ୍ବାଇଲା ପୁଂସଗଳା ପରସ୍ପର ବରଣେ ହୋଇଲେ
ପ୍ରମୋଦୀ ।
ସେକାଳକୁ ଅସ୍ତ ଚନ୍ଦ୍ରମା । କୁମାର ସ୍ୱରୂପେ ବାଡ଼େ ଲେଖି ପ୍ରତିମା ॥
ଦେବୀ ଯେ ମାୟା ହରିଲା ବୀରକୁ ସ୍ୱପ୍ନରେ ନେଲା ରଜନୀ ବିନାଶ ନିଦ୍ରା
ସେକାଳେ ହତ ।
ବଜ୍ର କିପାଁ ନ ପଡ଼ିଲା ଏ ଦଣ୍ଡ କାହିଁକି ହେଲା ପିଶୁନ ଧାତା କି କଲା ଦାରୁଣ କୃତ ।
ରାମ ବୋଲି ବିସ୍ମୟ ହୋଇ । ଉପଇନ୍ଦ୍ର ବୀରବର ଏ ରସ କହି ॥

ପଞ୍ଚଦଶ ଛାନ୍ଦ

ରାଗ—ବସନ୍ତଭୈରବ

ଶୁଣ ଜନେ ଏଣୁ ବିଧାତାକୁ ବଡ଼ ବୋଲି ।
ବ୍ୟାଜେ ଧନ ଅର୍ଜ୍ଜନେ ଅନେକ ଦେଶ ବୁଲି ଯେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସିଂହଳଦ୍ୱୀପେ ପ୍ରବେଶ ହେଲା ନଟବର ।
ଲୋକବଶକାରୀ ସେ ବନୋଦ ନାମ ତାର ଯେ ।
ହସ୍ତେ ତାଙ୍କି କାଖେ ଯାକଅଛି ସର୍ପପେଟୀ ।
ଦେହେ ଘଷି ହୋଇଛି ଚନ୍ଦନପରି ମାଟି ଯେ ॥
ମଲ୍ଲବଦ୍ୟପଣ୍ଡିତ ଫଳଛି ବାହୁବେନ ।
ତହିଁତ ଶୋଭତ ଯେ ମୟୂରଚୂଳ ଯେନ ଯେ ।
ବକ୍ରଜୂଡ଼ାକୁ ବେଢ଼ିଛି ଅଏଁଲାଇଫୁଲ ।
ଉଦର ଧରଛି ଭଲା କଳା ଓରମାଲ ଯେ ।
ସୁନାମୋଡଆ ପନସକଡ଼ିଆ କୁଣ୍ଡଳ ।
ଦୋହଲ ଶୋଭା କରୁଛି ତା ଗଣ୍ଡମଣ୍ଡଳ ଯେ ॥
ହସୁଁ ଦଶେ ସୁନାଖିଲ ଝଲ ଝଲ ଦନ୍ତେ ।
ପାନେ ପାଚ ଯାଇଛି ସେ ଜମ୍ବୁଫଳ ମତେ ଯେ ।
ସିନ୍ଦୂର ଚଢାଇ ତା ହଟକେଶ୍ୱରପଣେ ।
ବଭୂତ ଘଷି ହୋଇଛି ଯୁଗଳ ଲକ୍ଷଣେ ଯେ ।
ବକ ଶାମଳ ବାନା ତା ଭୁଜଙ୍ଗ ପଇତା ।
ମହା ମହା ଗୁରୁମାନଙ୍କର ଦର୍ପହନ୍ତା ଯେ ॥
ରୁଣ୍ଡିକଳା ଚରଣେ କର କଙ୍କଣରେ ।
ବରାଜଛି ହେମବାଲୀ ବାମଶ୍ରବଣରେ ଯେ ।
ପିନ୍ଧିଛି ପଟମୀଫେଟା ଫର ମୀମୀ କର ।
ରଙ୍ଗପାଟ ଖଣ୍ଡଆଏ କଟୀରେ ମାଧୁରୀ ଯେ ।
ବେଢ଼ିଛନ୍ତି ଶିଷ୍ୟ ଉପଶିଷ୍ୟ ବେଶ ହୋଇ ।
କେ ତଉତନା କେ ପାଗ ମୁଣ୍ଡେ ମଣ୍ଡିଆଇ ଯେ ॥
ପିନ୍ଧି ଚଲନାକାଛକୁ ବାନ୍ଧିଛନ୍ତି ତାହି ।
ଭାଲେ କାଳୀ ଟତା କେ ବଭୂତ ଭୂଷାଦେହୀ ଯେ ।
ବହିଛନ୍ତି ସେ ଦୀର୍ଘଶଳାକା ଆଦ ତୋଲ ।
ଘଟ ବାଟ ଅରଟୀ ରଣପା ଯେ ମଞ୍ଜୁଳ ଯେ ।
ମଧ୍ୟବର୍ତ୍ତୀ ପ୍ରେମରୂପା ନାମେ ନଟୀସାର ।
ବୟସରେ ଷୋଡ଼ଶୀ ବେଶରେ ମନୋହର ଯେ ॥
ସେ ବଟପୀ ବଟପ ଧଇର୍ଯ୍ୟ ବଟପିକ ।
ଛେଦନେ କୁଠାର ପରି ମନରେ ତରକ ଯେ ।
ଚତ୍ତେ କର ଧରବାକୁ ଦର୍ପଣ ଝଟକ ।
ମୁଖ ମାଠ ତଇଲେ କରଛି ଜକ ଜକ ଯେ ।
ଅଙ୍ଗେ ସଙ୍ଗ କରଅଛି ସେ ବନହଳଦୀ ।
କାନ୍ତି ହୋଇଛି ପାଚଲାଆମ୍ବ ପ୍ରତଦ୍ୱନ୍ଦୀ ଯେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କଉଁରିରେ ଅଳକାକୁ ନୂତନେ ଖଣ୍ଡିଛୁ ।
ଫୁଲଗୁଡ଼ାଏ ଜୁଡ଼ାରେ ଯତନେ ମଣ୍ଡିଛୁ ଯେ ।
ଦଣ୍ଡିଛୁ ସେ ଜଳଦ ବକାଳୀ ମହୋଜ୍ଜ୍ୱଳ ।
କହିଲ କର ଦେନଛୁ ନୟନେ କଜ୍ଜଳ ଯେ ।
ମୃଗ ହୋଇଲାକୁ ଅଛି ଚଞ୍ଚଳବୃତ୍ତି ।
ଖେଳାଭୂମିଯାକ ବାନ୍ଧି ଦେଇଛି କସ୍ତୁରି ଯେ ।
ଅଭ୍ରତା ଶୁଭ୍ର ହୋଇଅଛି ଭାଲପଟ ।
ଭାନୁକର ଲାଗି ଝଟକଇ ଝଟ ଝଟ ଯେ ।
ଜଳେ କି ତହିଁ ଜ୍ୱଳନ କାମ ଡାଳୀ ବହି ।
ଆସୁଥିଲା ଉପମାକୁ ସେ ବାମା ଲଭଇ ଯେ ।
ଶରଲକ୍ଷ କଟାକ୍ଷ ତା ପାଇଁ ଯୋଡରାଜି ।
ବାନ୍ଧିବା ଭୟେ ଥରଲେ ମୃଗଚର୍ମ ତେଜି ଯେ ॥
ବେନପୁଟରେ ତା ଗୁଣା ନାକଚଣା ଅଛି ।
ନାସାଦଣ୍ଡି ଫୋଡ଼ାଇ ଗୁଣାଏ ଲଗାଇଛି ଯେ ।
ତନପୁଟରେ ମୋତେ ରତ୍ନବଚକ୍ଷଣାଗଣେ ।
ନାରୀ ନାହିଁ ବୋଲି ଚହ୍ନ ବହୁଛି ଆପଣେ ଯେ ।
ସୁନାମଲ୍ଲୀକଢ଼ୀ ଫୁଲଜାଲପଟିଆମ ।
ବାଳାରେ କରିଛି ଶ୍ରବଣକୁ ମନୋରମ ଯେ ॥
ତହିଁରେ ହଲାଇ ସେ ଝଲକ ଝଲକାକୁ ।
ଆସ ବୋଲି ପାଶକୁ ଡାକଇ ପୁରୁଷଙ୍କୁ ଯେ ।
ଅଧରେ ଯେ କରିଅଛୁ ପାନରଙ୍ଗ ସଙ୍ଗ ।
ପ୍ରବାଳ ଉପିଲା ଥୋପି ପଡ଼ଇ କି ରଙ୍ଗ ଯେ ।
କୁଟାଇଛି ଚବୁକେ ମକ୍ଷିକା ଗୃରୁଚିହ୍ନ ।
ଓଷ୍ଠେ ମଧୁ ସଞ୍ଚିବାକୁ କି ସେ ଉପସ୍ଥିତ ଯେ ॥
ଲାକ୍ଷା ଚିଞ୍ଚାରସେ ପକ୍ୱଇଛି ଦନ୍ତରାଜି ।
ଦେଉଛି ସେ ପାଚଲା ଡାଳିମ୍ବମଞ୍ଜି ଗଞ୍ଜି ଯେ ।
କାଚମାଳୀ ମୋତିମାଳୀ କଣ୍ଠିମାଳୀ ମଞ୍ଜୁ ।
କମ୍ବୁକଣ୍ଠେ ଲଗାଇଅଛି କି କୁନ୍ଦାରକୁ ଯେ ।
ନବଘନ ଦେଲା ପ୍ରାୟ ଗିରଶୃଙ୍ଗ ଗିଳି ।
ଉଚ୍ଚକୁଚେ ଶ୍ରଜଡ ହୋଇଛି ନୀଳଚେଲୀ ଯେ ॥
କକ୍ଷଭୁଜ ଅର୍ଦ୍ଧକୁ ବୋଲି ସେ ଅଛି ଗ୍ରାସି ।
କାଳନ୍ଦରୁ ମୃଣାଳ ବାହାର ପରା ଦଶି ଯେ ।
ସେ ଭୁଜେ ବାନ୍ଧିଛି ରୂପାସୂତା ବଦମାଳୀ ।
ପାଣିରେ ତା ପାଣିକାଚ ମିହ୍ନା କଡ଼ିଆଳୀ ଯେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅଞ୍ଜନଟିକେ ରଞ୍ଜନା କରଜ ପାପୁଲି ।
ଦର୍ପଣବସାମୁଦିରେ ଦୀପିତ ଅଙ୍ଗୁଳି ଯେ ॥
ଅଛି ଜଙ୍ଘିତଳେ ଭିଡ଼ି ଦେଇ କଟୀଡୋରେ ।
ପିନ୍ଧିଛି ସେ ଅତଲସଲହଙ୍ଗା ଉପରେ ଯେ ।
ବାନ୍ଧିଅଛି କ୍ଷୁଦ୍ରଘଣ୍ଟି ବାଜେ ଝମଝମ ।
କର୍ଣ୍ଣେ ଉପର୍ଣ୍ଣ ଜଣ୍ଟିଜଡ଼ିତ ସୁଷମ ଯେ ।
ରଣଝଣ ହୋଏ ଖଞ୍ଜାପାହୁଡ଼ ଚରଣେ ।
ଡାକେ ରସିକେ ସଞ୍ଚିତ ଧନ ବତରଣେ ଯେ ॥
ମୁଦି ଲଗାଇଛି ଭିନ ଭିନ ପ୍ରପଦରେ ।
ଧରିଛି ଅମୃତ ଘଷାଧନ ବେନି କରେ ଯେ ।
ଏମନ୍ତରେ ନଟ ନଟୀ ଗଜଦ୍ୱାରେ ଯାଇଁ ।
ଦେଖିବାକୁ ଲୋକେ ଛନ୍ତି ସଙ୍ଗତେ ଗୋଡ଼ାଇ ଯେ ॥
ସିଂହଦ୍ୱାରେ ବସି ବଜାଇଲେ ଢୋଲ ତୂରୀ ।
ନୃପତିସମ୍ମୁଖରେ ଯାଇଁ ଜଣାଇଲେ ଦ୍ୱାରୀ ଯେ ।
ହେ ବିଭୋ ବନ୍ଧୁ-କୁମୁଦ-ବନ୍ଧୁ ମହାରାଜ ।
ଆସିଛି ଇନ୍ଦ୍ରଜାଲିକ କର୍ଣ୍ଣାଟ ତା ରାଜ୍ୟ ଯେ ।
ଶୁଣି ତୁମ୍ଭ ଦାତୃଗୁଣ କରିବାକୁ ହଟ ।
ଆସୁ ବୋଲିବାକୁ ଚାହିଁ ନୃପତିମୁକୁଟ ଯେ ॥
ଚାହିଁ ଦେଲେ ପ୍ରତିହାରୀ ଦଶବଂଶ ଧାଇ ।
ସମ୍ମୁଖରେ ସେ ଭେଟାଇଲେ ନଟ ନଟୀ ନେଇଁ ଯେ ।
ରାଜା ପଚାରିଲେ ଆହେ କି କି ବିଦ୍ୟା ଜାଣ ।
ସେ କହିଲା ଦ୍ୱୀପେଶ୍ୱର ସାବଧାନେ ଶୁଣ ହେ ।
କୁହୁକ ଗୋଟିକାଞ୍ଜନ ସ୍ତମ୍ଭନ ମୋହନ ।
ବଶ ଉଚ୍ଚାଟନେ ଜାଣ ମୁଁ ଭୋଜରାଜନ ଯେ ॥
ଗଦ ପଦେ ବିଷଝାଡ଼ ନ ମୁଁ ଧନ୍ୱନ୍ତରୀ ।
ଗୁରୁଏ ଦେଇଛନ୍ତି ମୋତେ ମହାଗୁରୁ କରି ଯେ ।
ମାୟା ରଚନରେ ମୟ ପରି ମୋତେ ଦେନ ।
ପୁଣ ଏ ଅଙ୍ଗନାସାରେ ଗୁଣ ଅକଥନ ଯେ ।
ନୃତ୍ୟ ଦେଖିଲେ ବାସବ ରମ୍ଭା ପାସୋରିବେ ।
ଗାନ ଶୁଣିଲେ ବୀଣାକୁ କଏଁ ପ୍ରଶଂସିବେ ହେ ॥
ଆମ୍ଭ କୁଳଧର୍ମ ବିଦ୍ୟାରେତ ନାହିଁ ସରି ।
ତୁମ୍ଭେ କି ଆଜ୍ଞା କରୁଛ କହ ଦଣ୍ଡଧାରି ହେ ।
ନୃପତି ବୋଇଲେ ରହ କରିସାରୁଁ ସନ୍ଧ୍ୟା ।
ରାମାୟଣ ଦେଖାଅ ଜାଣିବା ତୁମ୍ଭ ବିଦ୍ୟା ହେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କେତେବେଳେ ହେଲା ତହିଁ ସନ୍ଧ୍ୟା ଅବଶେଷ ।
ରାଜା ଅବରୋଧନାରୀ ଜଗତୀ ପ୍ରବେଶ ଯେ ॥
ବଡ଼ ବଡ଼ଭୀମସ୍ତକ ମଣ୍ଡିଲା କୁମାରୀ ।
କେବଳ ଅଛନ୍ତି ସଙ୍ଗେ ପ୍ରିୟ ସହଚରୀ ଯେ ।
କହନ୍ତି କଣ୍ଠାନ୍ତଗତ ଏ ପାଶ୍ୱ ସ୍ୱଭାବ ।
ରାମଚରିତ ଦେଖିଲେ କାମ ପୂର୍ଣ୍ଣ ହେବ ଯେ ।
ଏହିକାଳେ ଜାଳିକ ବୋଇଲା ନେଇ ବୁଜ ।
ନେଇ ବୁଜନ୍ତେ ରଚିଲା ସେ ମାୟାସମାଜ ଯେ ॥
ତହିଁ ଲୋମୋଦ୍ଗମ ଜନେ ଲୋମପାଦ ବୋଲେ ।
ଜରତୀ ରତାରେ ଋଷ୍ୟଶୃଙ୍ଗ ଆସି ହେଲେ ଯେ ।
ସେ ଦେଶରେ ବୃଷ୍ଟି କଲା ତୁଷ୍ଟି ହେଲେ ରାଜା ।
ଶାନ୍ତା କାନ୍ତା ଦେଇକରି କଲା ଦିବ୍ୟପୂଜା ଯେ ।
ଦଶରଥ ମନୋରଥ ସାର୍ଥ ହେବାପାଇଁ ।
ସେ ମୁନିଙ୍କ ଘେନିଗଲେ ରଥରେ ବସାଇ ଯେ ॥
ଚରୁ ଚରୁ ସ୍ୱରୂପେ ହୋଇଲେ ପଦ୍ମନାଭ ।
କଉଶଲ୍ୟା କୈକୟୀ ସୁମିତ୍ରା ଭକ୍ଷ ଗର୍ଭି ଯେ ।
ଅଭିରାମ ଶ୍ରୀରାମ ଶୁଭରତ ଭରତ ।
ସୁଲକ୍ଷଣ ଲକ୍ଷ୍ମଣ ଶତ୍ରୁଘ୍ନ ହେଲେ ଜାତ ହେ ।
କ୍ରତୁ ରକ୍ଷା ହେତୁ ବିଶ୍ୱାମିତ୍ର ଆସି ନେଲେ ।
ବନେ ତାଡ଼କା ଶମନ ଭୁବନେ ପେଷିଲେ ହେ ॥
ସୁବାହୁ ସୁବାହୁତଳେ ମାରି ମାରିଚଙ୍କୁ ।
ଆକାଶରେ ଶରେ ଉଡ଼ାଇଲେ ଯେ ଯଶଙ୍କୁ ଯେ ।
ପଥରେ ପଥରେ ନାରୀ କରି କଲେ ମୋଦ ।
ଦାସବତ୍ସଳ ଦାସରେ ଧୁଆଇଲେ ପଦ ଯେ ।
ଖଣ୍ଡପରଶୁକୋଦଣ୍ଡ ବେନି ଖଣ୍ଡ କରି ।
ସୀତାବିବାହ ନିର୍ବାହ ନୃପଦର୍ପ ହରି ଯେ ॥
ବଜ୍ରପରି ଭୃଗୁପତିଭ୍ରୁଗୁଳ୍ମ ଭେଦିଲେ ।
ଅଭିଷେକ କରିବା ମମତା ପିତା କଲେ ଯେ ।
ମନ୍ଥରାମନ୍ଥନେ କାନ୍ତାନୁଜ ଘେନି ସଙ୍ଗେ ।
ବିଚିତ୍ର ଚିତ୍ରକୂଟରେ ବିହରିଲେ ରଙ୍ଗେ ଯେ ।
ବକ୍ର କଲେ ଶକ୍ରସୁତଚକ୍ର ନେତ୍ରରାଜ ।
ଭରତ ପ୍ରବୋଧି ସୁବୁଦ୍ଧିରେ ଗିରି ତେଜ ଯେ ॥
ବୀରାପୁଟେ ବିରାପୁଟେ ବଧ ବିସ୍ତରିଲେ ।
ଅମଳାନବସ୍ତ୍ର ବ୍ରହ୍ମଶସ୍ତ୍ରଙ୍କୁ ପାଇଲେ ଯେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଦଣ୍ଡକାରଣ୍ୟକୁ ମଣ୍ଡି ସୂର୍ପଣଖା ଦଣ୍ଡି ।
ଖର ଖର ଦୂଷଣ ତ୍ରିଶିର ଶିର ଖଣ୍ଡି ଯେ ।
ହେମସାରଙ୍ଗରଙ୍ଗରେ ଲଙ୍କା ଦଣ୍ଡଧାରୀ ।
ସୀତା ସୀତାଂଶୁମୁଖୀଙ୍କ ଉଟଜରୁ ହରି ଯେ ॥
ଫଳଦାନେ ମୋକ୍ଷଫଳ ଲଭିଲା ଶବରୀ ।
କ୍ଷୀରପାନେ ବରବରଜର ବାଞ୍ଛା ପୂରି ଯେ ।
କାମ କାମନାକୁ ମୁନି ଚତ୍ତେ ଜନ୍ମାଇଲେ ।
ପମ୍ପାସରେ କୋକଶୋକକାରକ ହୋଇଲେ ଯେ ।
ମିତ୍ରବଂଶୀ ମିତ୍ର ବସି ମିତ୍ରପୁତ୍ରସଙ୍ଗେ ।
ଭେଦି ଶାଳ ଦୁନ୍ଦଭିଅସ୍ଥି କି ଗୃଳେ ରଙ୍ଗେ ଯେ ॥
ଶାଖାମୃଗରାଜ ମୃଗରାଜକୋଟିବଳ ।
ଶର ଶରଭରେ କଲେ ବିନାଶ ଚପଳ ଯେ ।
ମାଲ୍ୟବନ୍ତ ଧରଣୀଧରରେ ପୁରି ରହି ।
ରଘୁବୀର ବିରହେ ବରଷାକାଳ ବଞ୍ଚି ଯେ ।
କୁକ୍କୁଟକୁ ମୁକୁଟ ସେ ଗିରିକୂଟେ ଦେଇ ।
ଲଭି ବଲ୍ଲଭୀ ଉଦନ୍ତ ଦୂତ ପଠାଇ ଯେ ॥
ଜଳେ ସେତୁ କଲେ ଶିଳେ ନଳେ ଦେଇ ଯତ୍ନ ।
ଲଙ୍କା ବେଢ଼ି ଶଙ୍କା କରାଇଲେ ଦୈତ୍ୟବଂଶ ଯେ ।
ବିଷଧରପାଶତ୍ରାସ ନାଶ କଲି ବିଷ ।
ଅନିକିନୀ ଅନେକ ହୋଇଲେ ରଣେ ନାଶ ଯେ ।
ଘଣ୍ଟାକର୍ଣ୍ଣ ଘଟତ୍ୟାଗ ଅତିକାୟ କ୍ଷୟ ।
ପୁରୁହୂତଜିତ ହତ ବ୍ରହ୍ମାସ୍ତ୍ର ଉଦୟ ଯେ ॥
ହନୁମାନ ଗନ୍ଧମାଦନ ଗମନ ଲୀଳା ।
ଭରତ ଉଦନ୍ତ ପ୍ରାପ୍ତ ଲକ୍ଷ୍ମଣ ଜୀଇଲା ଯେ ।
ଶ୍ରୀରାମଚନ୍ଦ୍ର ନରେନ୍ଦ୍ର ଶର-ଦର୍ପ ନେଇ ।
ଲଙ୍କପତି-ଅଙ୍କପେଟୀ ଭିତରେ ପୂରାଇ ଯେ ।
ଅଭୀଷଣ ବିଭୀଷଣେ ଅଭିଷେକ କରି ।
ବଇଦେହୀ ଦହି ଅନଳରେ ହେମ ପରି ଯେ ॥
ପୁଷ୍ପକରେ ପୁଷ୍କରେ ସବଳେ କଲେ ଗତି ।
ଯୋଦ୍ଧାବର ଅଯୋଧ୍ୟାରେ ହୋଇଲେ ନୃପତି ଯେ ।
ଦେଖାଉଁ ଦେଖାଉଁ ରାମାୟଣ ମହୋତ୍ସବ ।
ଚନ୍ଦ୍ରବଦନୀଙ୍କ ଦେଖାଇଲା ଅନୁଭବ ଯେ ।
କର୍ଣ୍ଣାଟରାଜନନ୍ଦନ ରାମ ଆଗେ ଉଭା ।
ବିଶ୍ୱମ୍ଭର ଆଗେ ବିଶ୍ୱକେତୁ ଯଥା ଶୋଭା ଯେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କୁମାରୀଙ୍କ ଶୁଭୁଛି ଏମନ୍ତ ଜଣାଉଛି ।
ଆନ ବରେ ମୋର ପ୍ରୟୋଜନ ନାହି କିଛି ଯେ ॥
ହେ ରାମ ଶ୍ୟାମ ସୁନ୍ଦର ଅଛି ଦତ୍ତ କରି ।
ସୁଗ୍ରୀବଙ୍କୁ ତାରା ବିଭୀଷଣେ ମନ୍ଦୋଦରୀ ଯେ ।
ଲାବଣ୍ୟବତୀ ଯୁବତୀଶିରୋମଣି ମୋର ।
ମନୋହାରୀ ହୋଇବ ଏମନ୍ତ କୃପା କର ହେ ॥
ସେ ନବନା ବିନା ଆନେ ନ ରସେ ମୋ ମନ ।
ଦହନ କରୁଛି ମୋତେ ମଦନଦହନ ହେ ।
ପ୍ରଭୁ ତୁମ୍ଭେ ବିରହବେଦନା ଅନୁଭବି ।
ନ ଦେନଲେ ଆଉ କାହା ଆଗେ ଜଣାଇବ ଯେ ।
କରୁଣାଲୋକନେ ରାମ ଅସ୍ତୁ ବାଣୀ ଭାଷି ।
ଦେଖି ଶୁଣି ଏମନ୍ତ ସେ କମ୍ବୁରୀସୁବାସୀ ଯେ ॥
ଆଳୀକି ଦେଖାଇ ଦେଲା ଅଙ୍ଗୁଳି ଦେଖାଇ ।
ସ୍ୱପନସମ୍ପତ୍ତି ପତି ପୁରୁଷ ମା ଏହି ଯେ ।
ସଖୀ ବୋଇଲା ସୁନ୍ଦରସୃଷ୍ଟି-ପୁରନ୍ଦର ।
ଏଥର ଅଇଲେ ପାଶେ ଏ ଉପାୟ କର ଯେ ।
ଉଦ୍ଧତଙ୍କୁ ବର୍ଜିତ ନ କର କମ୍ବୁକଣ୍ଠି ।
ଭେଟିଁ ଦେବୁ ଅଞ୍ଚଳେ ଅଞ୍ଚଳେ ଦୃଢ଼ ଗଣ୍ଠି ଯେ ॥
ଯେଉଁ ରତି ରସ ବଶ କରଇ ବ୍ରହ୍ମାଙ୍କୁ ।
ଅଧିକ କି କହିବା ପୁରୁଷ ଭ୍ରମରଙ୍କୁ ଗୋ ॥
ସଜନୀଏ ମଧୁର ବଚନେ କହି କହି ।
ଜଗତୀ ପ୍ରବେଶ ସେ କୁମାର ଗୃହିଁ ଗୃହିଁ ଯେ ।
କୁମାରୀ ବର୍ତ୍ତରେ ସ୍ୱପ୍ନ ସଙ୍ଗ ଦିନ ନିଶି ।
ସେହି ଶୁଭଲଗ୍ନ ଦେନ ବାହୁଡ଼ି କି ଅସି ଯେ ।
ଏମନ୍ତେ ସେ ରସିକ ପ୍ରକାଶେ ବଚନକୁ ।
କିଣିଲୁ ଧନ ଜୀବନ ମନ ଲୋଚନକୁ ଗୋ ॥
ମଧୁ ବିନା ମଧୁପର ଆନ ଗତି ନାହିଁ ।
ବିଧୁ ବିନା ଆନେ କି କୁମୁଦ ପ୍ରକାଶଇ ଗୋ ।
ବନ୍ଧୁ ବିନା ଆନ ଗତି ନାହିଁ ମୋ ଜଗତେ ।
ଆନକୁ ନ ବର ଏକା ବରିବୁ ତୁ ମୋତେ ଗୋ ।
ଏତିକି ମାଗୁଣି ମୋ କେତକୀବରନାକୁ ।
ସେ କୁମର କରୁଁ ଏ ବିନୟ ରଚନକୁ ଯେ ॥
ସଖୀ ବୋଲେ ଆମ୍ଭ ସଖୀ ସତ୍ୟର ଜନନୀ ।
ବରଣ ଯେ କରିଛି ମୁକ୍ତାମାଳ ଦେନ ଯେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କୋଟିକଳ୍ପେ ଏ କଥା ହୋଇଛି ନକ ଆନ ।
ଧନ ତେଜ ଗଙ୍ଗାଜଳେ ଗୃତକର ମନ ଯେ ।
ତୁମ୍ଭେ ପୁରୁଷେ ସହଜେ ଚନ୍ଦ୍ରମା ପ୍ରକାର ।
ତାରିପତି ହୋଇଲେ କୁମୁଦେ ଭୋଗକର ଯେ ॥
ଚନ୍ଦ୍ରମୁଖୀକି ରଖିଛୁ ସଖୀ ଥିଲା ଲାଜ ।
ମନେ କରେ ଗଳାରେ ବେଢ଼ାଇ ଦେବ ଭୁଜ ଯେ ।
ଜାଣି ତାହା ସହଚରୀ ଅନ୍ତର ହେବାକୁ ।
କୁହୁକକୁଶଳ ହରି ନେଲା ସେ ମାୟାକୁ ଯେ ।
କୁମାର କୁମାରୀ ଖିନ୍ନ ଆନକୁ ନ ଦଶି ।
ରାମାୟଣ ଚରିତେ ସମସ୍ତେ ହେଲେ ତୋଷୀ ଯେ ॥
ପଟ ହାଟକ କଟକ ଘୋଟକ ରତନ ।
ହାଟ ବାଟ ଜୁରି ଶାଢ଼ୀ ବାସ କଲେ ଦାନ ଯେ ।
ଯେତେ ଲୋକ ଦେଖୁଥିଲେ ଦେଲେ ସର୍ବ ଜୁରି ।
ସବୁରୂପେ ପୂର୍ଣ୍ଣ ହେଲା ମନୋରଥ ତାର ଯେ ।
ବ୍ୟାକୁଳେ ଅନଳେ ଦଗ୍ଧ କୁଟିଳକଟାକ୍ଷା ।
ଶତ୍ରୁମିତ୍ର ଦେଲା ପ୍ରାୟ ମୋହ କଲା ରକ୍ଷା ହେ ॥
କେତେବେଳେ ଏମନ୍ତ ରହିଲା ଭାବମୟୀ ।
ଜନନୀ ହକାରି କେତେ ଦଣ୍ଡକୁ ବଖାଇ ଯେ ।
ଏଉତ୍ତରୁ ଶଙ୍କା ଉପୁଜାଇ ଦେଲେ ଆଳୀ ।
ଗୁପତ କଥା ପ୍ରକଟ ହେଲା ନବବାଳ ଗୋ ।
ତୁ ରାଜକୁମାରୀ ତୋତେ ହେବ ବଡ଼ ଲାଜ ।
ସରବ ଆମ୍ଭ ମହତ୍ତ୍ ନ ପାଇବୁ କାର୍ଯ୍ୟ ଗୋ ॥
ହଳାହଳ ପାନେ ପ୍ରାଣରକ୍ଷା ବାଞ୍ଛା କରୁ ।
ସନ୍ନିପାତକୁ ସେହିତ ହୁଏ ସିନା ଭିରୁ ଗୋ ।
ତେଜ ରୋଗ ଜନମିଲେ ଆଉ ରକ୍ଷା କାହିଁ ।
ଚତୁରୀର ଏତେକ ବିବେକ ହେଉ ନାହିଁ ଗୋ ।
ଏହି ବଡ଼ ଭୟ ତା ନଗୂଢ଼ ହୋଇକରି ।
ପଳାଇଲା ପ୍ରାଣକୁ ରଖିଲା ବଳେ ଧରି ଯେ ॥
ନଟ ଯାଇ କେତେଦିନେ କର୍ଣ୍ଣାଟେ ପ୍ରବେଶ ।
କୁମାରକୁ କହିଲା ଦୁର୍ଲ୍ଲଭ କନ୍ୟା ବଶ ଯେ ।
ନାମ ଦେଶ ପଚାରିଲେ ତାହି ପ୍ରକାଶିଲା ।
କୁମାର ବଚ୍ଚରେ ମୋର ସୁକୃତ ଦଶିଲା ଯେ ।
ଅଧିକରୀନ୍ଦ୍ର ପାରିନ୍ଦ୍ର ଅଯୋଧ୍ୟା ନରେନ୍ଦ୍ର ।
ଭାବ ଛନ୍ଦ ଶେଷ କଲା ଭଞ୍ଜ ଉପଇନ୍ଦ୍ର ଯେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଊନବିଂଶ ଛାନ୍ଦ

ରାଗ—କନଡ଼ା

ଶୃହିଁ ମନ୍ତ୍ରୀଦେବ ହସ୍ତରେ ପତ୍ରିକା ବହି ପୁଲକିତ ଗାତ୍ରକୁ ।
କର ନଉଛଳ ବେନ ନେତ୍ରକୁ ।
ଚଞ୍ଚଳେକ୍ଷଣୀ ଅଞ୍ଚଳେ ଭିର କର ପାଏତା କଲା ପତ୍ରକୁ ସେ । ସୁନ୍ଦରୀ ।
ଯେହ୍ନ ଶିରେ ଲଗାଇଲା ସତ୍ୱରେ । ଶଶୀ କରଗତ ଚନ୍ଦ୍ର ଚତ୍ରରେ ।
ମୁଦରେ କୁମୁଦହାସକୁ ପ୍ରକାଶି ମୁଦ ଭାଙ୍ଗିଲା କି ତରେ ସେ ସୁନ୍ଦରୀ ॥
ଯୋଖିଲା ଏମନ୍ତ ଦେଖିଲା ଅଲକ୍ତେ ଲେଖିଲା ଅକ୍ଷରପନ୍ତିକି ।
କେଉଁ ପୁଟଠେ ରଙ୍ଗ କଲା ମୋହକି ।
ବଢ଼ିଲା ଆନନ୍ଦସାଗର ପଢ଼ିଲା ରସଗର୍ଭିଭାରତୀକି ସେ । ସୁନ୍ଦରୀ ।
ଅଛି ସଉନ୍ଦର୍ଯ୍ୟବତୀ ମୁନିଧୈର୍ଯ୍ୟକର୍ମାକାର ଶର୍ମାଗଉର ।
ମନ୍ତ୍ରୀ ମହଲାର ଚର୍ମାଚଉର ।
ଯାହା ସୁଷମା ସମାନ ନୋହି ହରଅଙ୍ଗେ ଲୁଚିଲା ଗଉରୀ ରେ । ସୁନ୍ଦରୀ ।
ଯେଣୁ ପରମାନନ୍ଦସୁଦାୟୀ । ଦୀପ୍ତି ମଣ୍ଡିତ ସ୍ନେହ ସୁଧାମୟୀ ।
ଶୋଭାସିନ୍ଧୁ ଜାତ ରମା କି ଚନ୍ଦ୍ରମାଛୁଡ଼ୁ ନାହି ଏ ସଂଶୟ ରେ । ସୁନ୍ଦରୀ ॥
ଶୋଭା ପ୍ରଶଂସାରେ ସଂସାରେ ଜଣେ ଭି ନାହିଁ ତୋ ରୂପ ସମସର ।
ଉପମାଏ ରହିଲେ ଅପସର ।
ବରବର୍ଣ୍ଣିନା ବର୍ଣ୍ଣିନା ମୁଁ ନ କଲି ଏହି କଥାକୁ ବର୍ଷର ରେ । ସୁନ୍ଦରୀ ।
କବିଗଣେଶ ଗଣେଶ ହୋଇବ । ଶେଷବଦନକୁ ପୁଣି ବହିବ ।
ବିଧାତା ଆୟୁଷ ପାଇଲେ ତୋ ଶୋଭା ଲେଶ ଶେଷ ବା କହିବ ରେ । ସୁନ୍ଦରୀ ॥
ସୁରନଗରୀନାଗରୀଶିରଭୂଷା ଯୋଷାରତନ ରସାଳସି ।
କେତେ ବାର ଗଙ୍ଗାରେ ଥିଲ ଝାସି ।
ଶିର ଦେଇଣ ଶିଶିରକରଶିର ମନାଇବ ପୁଣ୍ୟ ଦର୍ଶିରେ । ସୁନ୍ଦରୀ ।
ହେଲି ଜଣାଣ ଦେବା ଯୋଗ୍ୟ ମୁହିଁ । ଏ ପୁଣ୍ୟରୁ କି ଏଡ଼େ ଭାଗ୍ୟ ହୋଇ ।
ପ୍ରଭୁ ସେବକକୁ ବଡ଼ କରେ ତୋର ଅନୁଗ୍ରହ ଫଳ ଏହି ରେ । ସୁନ୍ଦରୀ ॥
ରଙ୍ଗରାଜୀବଚରଣରେ ଶରଣ ପଶିଲି ଏ ଯେନ ଭରସା ।
ଗଜ ନୋହି ରେ ତୋ ଗତିସଦୃଶା ।
ଶରଣେ କାରଣ କଲୁ ଅଙ୍ଗୀକାର ବାରଣଗତି ପ୍ରଶଂସା ରେ । ସୁନ୍ଦରୀ ।
ଆଶା କେବେହେଁ ନୋହିବ ଛେଦିତ । ଶ୍ରବଣରେ ହୋଇଲଣି ମୋହିତ ।
ରସଉଦୟା ସୁହୃଦୟା ଦୟାଳୁ ନାମ ଜଗତେ ବଦିତ ରେ । ସୁନ୍ଦରୀ ॥
ମନ ମୀନ ହୃଦସରୋବରେ ଥିଲା କଟାକ୍ଷ ବଡ଼ଶୀ ପକାଇ ।
ତୋର ମୁଖ ମନୋରମ ମନ୍ଦରେ । ମୋର ନୟନେ ରହିଲେ ବନ୍ଦରେ ।
ବନ୍ଦୀ ହୋଇଲେ ତ ଏ ଦୁହିଙ୍କ ମୁଖ କଥନ ନୋହେ ବନ୍ଦରେ ରେ । ସୁନ୍ଦରୀ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବିରହ ଅନଳ ପ୍ରଜ୍ଜ୍ୱଳିତ ଅଛି ମୋତେ କରିବ ବୋଲି ଦାହ ।
କିପାଁ ନ ଦହେ ଯେଣେ ମୁଁ ସନ୍ଦେହ ।
ତୋ ପ୍ରେମନୀର ହୃଦୟରେ ପୂରିଣ ଯେଣୁ ଜରଜର ଦେହ ରେ । ସୁନ୍ଦରୀ ।
ଜୀବ ନେବ କାମ ଅଛୁ କଠୋଳ । ଯତ୍ନ କରି ରଖିଛୁ ଏହା ଭଳ ।
ତଳଗଲେ ଘଟ ତଳ ଯିବ ସିନା ପରିପୂର୍ଣ୍ଣ ସ୍ନେହବାରି ରେ । ସୁନ୍ଦରୀ ॥
ଅବଧାନେ ଅଛୁ ଦେବାରେ ଦେବତା ଭୋଗ ଦାନ୍ତରେ ବିହୀନ ।
ହୋଇବାରୁ ଉରୁରମ୍ଭାରେ ସ୍ନେହୀ । ମୋକ୍ଷପଦ ନୀବୀରେ ଅଛି ରହି ।
ଆଉ ଦୁର୍ଲ୍ଲଭ ହୋଇ ତୋତେ କେ ଅଛି କେବଳ ଦୁର୍ଲ୍ଲଭ ଗୁହ୍ୟ ରେ । ସୁନ୍ଦରୀ ॥
ଗୁଣସରିତ ସଂଗ୍ରହକୁ ସାଗର ବିଗ୍ରହ ନିଶ୍ଚୟ ତୋହର ।
ସତେ ରସରତନର ଆକର ।
ତହିଁ ମହଣିଯୋଗ ଏବେ ପଡ଼ିଛୁ ମନ୍ଥନେ କୃତାର୍ଥ କର ରେ । ସୁନ୍ଦରୀ ।
ଘନେ କୁଙ୍କୁମ ଚନ୍ଦନେ ଅହି ଥିଲେ ଭୟରୁ ଶୀତଳ ପବନ ।
ତହିଁ ସେନେହ ଛାଡ଼ନ୍ତି କି ଯେନ ।
କର୍ମକୁ ଶୀହିଁ ନିର୍ଦ୍ଦୟ ହେଲେ ତୋତେ ଛାଡ଼ି ନ ପାରିବ ଧନ ରେ । ସୁନ୍ଦରୀ ।
କାମ କରୁ ପଛେ କଲେ ଅଶୁଭ । ଶମ୍ଭୁ ପ୍ରାୟେ ମୋର ଆଶା ଆରମ୍ଭ ।
ହରି ଆଦି ଦେବେ ବିରୋଧୀ ହୋଇଲେ ଛାଡ଼ଇକି ସୁଧାଲୋଭ ରେ । ସୁନ୍ଦରୀ ॥
ହୃଦକେଦାରରେ ଅନୁରାଗବୀଜ ଅଛି ଯତ୍ନ କରି ବୁଣିଛୁ ।
ଭଲକାଳ ହେଲା ଯହୁଁ ଜାଣିଛୁ ।
କ୍ରମେ ସେ ଅଙ୍କୁର ଘନରସ ବୃଷ୍ଟି ବିହୀନେ ଦୁଃଖୀ ହୋଇଛୁ ରେ । ସୁନ୍ଦରୀ ।
ନ କରିବ କି କରିବ ବରଷା । ପଚ୍ଛେ ତୁ ଯେ ମହାଜ୍ୟୋତିଷ ଯୋଷା ।
ନାସିକାମୋତି ବୃହସ୍ପତି ଚଳନଯୋଗକୁ ଠେକିଛୁ ଆଶା ରେ । ସୁନ୍ଦରୀ ॥
ଅଛୁ ଯେଉଁ ଜୀବ ବୀଣାଜିଣାବାଣୀ କିଣା ଅଙ୍ଗଦେଶେ ତୋହର ।
କେତେ ଭରସା ସନ୍ତାପ ବ୍ୟାଧିର ।
ଶମନପାଶେ ଉଚ୍ଛନ୍ନ ପଣେ ଧରି ନେବାପାଇଁ ତତପର ରେ । ସୁନ୍ଦରୀ ।
କଲି ଗୋଚର ମୋର ଦୋଷ ନାହିଁ । ହେବ କାହାକୁ ଏ ଅଯଶ ସହି ।
ତୋତେ ଏମନ୍ତ ବୋଲିବା ଅଧିକାର ମୁଁ ପୁଣି ପାଇଲି କାହିଁ ରେ । ସୁନ୍ଦରୀ ॥
ନବବନିତା ଅପୂର୍ବ ପୁଷ୍ପଲତା ପ୍ରକାଶ ଷୋଳକଳାତ ଫଳ ।
ଛଳପୁଷ୍ପ କୁନ୍ଦ ଶ୍ୱେତ କମଳ ।
କୁମୁଦ ବଧୂଲି ପାଟଳୀ ନିଆଳି ଚମ୍ପା ଶିରୀଷ ଉତ୍ପଳ ରେ । ସୁନ୍ଦରୀ ।
ଷଣ କୁସୁମ ଅଶୋକ ମନ୍ଦାର । ଭେଟିଭୃଙ୍ଗ ମୁଁ ଚୁମ୍ବନେ ଆତୁର ।
କେତକୀବରଣା ନାମ ଅଙ୍ଗୀକାର କଲେ ସରିଲାଟି ମୋର ରେ । ସୁନ୍ଦରୀ ॥
ଅନଙ୍ଗ ବିନ୍ଧିବା ଇଚ୍ଛା କରି ତୋରେ ବିନ୍ଧି ନ ପାରୁଥିବ ବାଣ ।
ଶୋଭା ଅନାଇ କ୍ଷୀଣ ହେବ ଗୁଣ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ମୁଁ କି ଉପାୟେ ତୋ ଦରଶନଯାଏ ଜୀଇବି କହିବୁ ପୁଣ ରେ । ସୁନ୍ଦରୀ ।
ବଞ୍ଚିଥିଲେ ଅଛି ଏତେ କାରଣ । ଲକ୍ଷ ଲେଖିବି ଧରି ତୋ ଚରଣ ।
ଚନ୍ଦ୍ର ଗ୍ରହିଁ ତୁ ଯେ ପ୍ରଶଂସା କରିବୁ ସେ ବାଣୀ ହେବ ଶ୍ରବଣ ରେ । ସୁନ୍ଦରୀ ॥
ଗଭାକୁ ଶୋଭା ହେବା ଭଳି କୁସୁମ ଗୁନ୍ଥି ଦେଉଥିବ ସୁଗନ୍ଧେ ।
ଶିବଗନ୍ଧେ କରିବ ସବୁ ରନ୍ଧେ ।
ଆଗ କି ମାଗିବି ସେବା ଜାଣି କୃପା କରୁମିନା କୃପାପାନ୍ଧେ ରେ । ସୁନ୍ଦରୀ ॥
ଇଚ୍ଛା ମନ ଭିତରେ ଦେହ ରହୁ । ଏ ନୋହିଲେ ବିଧାତା ପକ୍ଷ ହେଉ ।
ଯାଇଁ ତୋ ପାଶେ ମୋ ସେବା ଦେଖାଇବା ଯୋଗ ବେଗ ହୋଇ ହେଉ ରେ ।
ସୁନ୍ଦରୀ ।

କ୍ଷିତି ଥିଲେ ନରପତି ଶୋଭିପାଇ ରାତି ଥିଲେ ଚନ୍ଦ୍ର ଉଜ୍ଜ୍ୱଳ ।
ପଦ୍ମ ଥିଲେ ସରୋବର ମଞ୍ଜୁଳ ।
ଯେନ ସେହିମତ ଯୁବତୀକଣ୍ଠରେ ଥିବା ଯୁବାର ମଙ୍ଗଳ ରେ । ସୁନ୍ଦରୀ ।
ଲଭି ନାହିଁ ଯେ ବଲ୍ଲଭିସୁରସ । ମହାସମ୍ପତ୍ତି ଥାଇ ହେବ କିସ ।
ନୟନ ନ ଥାଇ ଦେବ ଦରଶନେ ଗଲା ପ୍ରାୟ ଉପହାସ ରେ । ସୁନ୍ଦରୀ ॥
ଯେନ ରେ ଯୁବତୀପରଶ-ପରଶୁ ପୁରୁଷ ଲୋହ କରେ ହେମ ।
ଭଙ୍ଗୀବଚନ ହିମଧାମ ସମ ।
ହୃଦୟସ୍ଥଳ ଚନ୍ଦ୍ରକାନ୍ତ ମଣିର ଦ୍ରବୀଭୂତକୁ ସେ କ୍ଷମ ରେ ସୁନ୍ଦରୀ ।
ଏହା ଶୁଣିଛି ରସିକବଦନ । ଅନୁଭବ ନାହିଁ ମୋର ଏମାନ ।
କି କରି ଜାଣିବି କରିଜଡଗଡ଼ କରିବୁ ଏ ଅବଧାନ ରେ । ସୁନ୍ଦରୀ ॥
ଶିରଫୁଲ ଗଭା କେତେକାଳ ଶୋଭା କି ଶୀତଳକାରୀ ଚନ୍ଦନ ।
ଏ ବଚନ କି ତୋଠାରେ ବନ୍ଦନ ।
କି ବୋଲି ବୋଲିବି ମଶାରିମଶକ ପରାୟ ଭ୍ରମୁଛି ମନ ରେ । ସୁନ୍ଦରୀ ।
ବନ୍ଧୁଧନ ତୋତେ ରେ ପ୍ରେମଶୀଳା । ବୋଲିବି କି ନାହିଁ ଚତୁର ରସିଲା ।
ଗଲେ ପ୍ରାଣ ରହି ବନ୍ଧୁ ଧନ ଦୂର ଥିଲେ ଅଛି ଏ ଶୁଣିଲା ରେ । ସୁନ୍ଦରୀ ॥
ଅତିଦାରିଦ୍ର ମୁଁ ବହିଏବଣିଜ କରିଛି ଉପାୟ ବଳରେ ।
ଭଲ ମନ୍ଦ ଅଛି କି କପାଳରେ ।
ଦଇବ ଯେ ତୁହି ସେ ତୋତେ ଗୋଚର ଦୟାରେ ଲଗା କୂଳରେ ରେ । ସୁନ୍ଦରୀ
ମାର ତସ୍କର ଯେନ ଦର ଅଛି । ପ୍ରାଣଧନ ଲୁଟିବାକୁ ଜଗିଛି ।
ଅଷ୍ଟସାତ୍ତ୍ୱିକ୍ୟ ଅଣଗୃସ ପବନ ଛନ୍ନ ଭ୍ରମେ ପକାଉଛି ରେ । ସୁନ୍ଦରୀ ॥
ନେନେ କର୍ଣ୍ଣିକୁ ଆକ୍ଷେପ କରି ବଳି ଦ୍ୱିବିଧେ କରିକୁ ବନ୍ଧନ ।
ହାସେ ହରିଚନ୍ଦ୍ର ଦର୍ପ ଦଳନ ।
ଜୀମୂତବାହନପଦ ଦରଶନ ଜନେ କରିଅଛୁ ଦାନ ରେ । ସୁନ୍ଦରୀ ।
ଦେଖି ଭେଟାଇଲା ନିଶାର୍ଦ୍ଧେ ପଲ୍ୟଙ୍କେ କରିଥିଲୁ ବାଳା ଶୟନ ।
ହା ହା କି ଶୋଭା ଦେଖିଲା ନୟନ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସେହି ଦୂତିକେ କୋଟି କୋଟି ମଘବାସମ୍ପତ୍ତି କରନ୍ତୁ ଦାନ ରେ । ସୁନ୍ଦରୀ ।
ଯେବେ ଚର ହୁଅନ୍ତା ସେ ମୁହୂର୍ତ୍ତ । ଯୁବା ବୃନ୍ଦେ ହୋଇଥାନ୍ତି ସାମନ୍ତ ।
ଭୀରୁ ଉରୁ ଛୁରିଁ ଝୁଲାଇ ଦେବାର ନୋହେ ଇତର ସୁକୃତ ରେ । ସୁନ୍ଦରୀ ॥
ନିଦ୍ରା ବିନାଶ ଅଳସଭର ଯେନ କଷାଇତ ନେତ୍ର ଚାତୁରୀ ।
ମୋତେ ବକ୍ରେ ଅନାଇଲୁ କି କରି ।
ଅନୁରାଗଜଳେ ବୁଡ଼ାଇ କମଳ ବେଗେ ଢାଳିଦେଲୁ ପରି ରେ । ସୁନ୍ଦରୀ ।
ଲଜ୍ଜାବଶରୁ ରସିକା ସିହାଣି । ଚାହିଁ ନ ଚାହିଁଲା କଲୁ ଚାହାଣୀ ।
ଉଡ଼ି ପୂର୍ଣ୍ଣଚନ୍ଦ୍ର ମଣ୍ଡଳୁଁ ମନ୍ଦରେ ବସିଲା ପରାୟେ ପୁଣି ରେ । ସୁନ୍ଦରୀ ॥
ବିନୟରେ ମୋ ଲୟ ଦେଇ ଉଦୟ କଲୁ ଯେ କରୁଣା କଣ୍ଠିତ ।
ପ୍ରାଣ ରଖିଲୁ ସେ ସୁଧା ସଞ୍ଚିତ ।
ମାଣିକ୍ୟ କୁହରେ ହୀରା ଝଟକିଲା ପରି ସ୍ମିତହାସ ଜାତ ରେ । ସୁନ୍ଦରୀ ।
ମୋର ଜନ୍ମାନ୍ତେ ଖଣ୍ଡତପ ଥିଲା । ସେହି ସମୟେ କରି ନାଶ ହେଲା ।
ବଢ଼ିବାରୁ ମହାସନ୍ତାପ ନୟନ ମନେ ଆନ ନ ରୁଚିଲା ରେ । ସୁନ୍ଦରୀ ।
ଚତୁରୀ ଚାଟୁକୁ ଚାତୁରୀ କରି ଯେ ଯେତେ ବାଣୀ କହି ଯୁଗତେ ।
ସେ କି ସମ ହେବ ନାହିଁ ଜଗତେ ।
କର ଯୋଡ଼ି ମୁଁ ଜଣାଉଛି ସନ୍ଦେଶ ଦୋଷ ନ ଧରିବୁ ଚିତ୍ତେ ରେ । ସୁନ୍ଦରୀ ।
ସବୁ ସଖିଙ୍କି ସଙ୍ଗୋଳା ମୋହର । ତୁମ୍ଭ ସଙ୍ଗତେ ଜଣେ ମୋତେ କର ।
ମନ ମନାଇଁ ଅବକାଶ ଅନାଇ ଯେନାଇଁ କହି ଛାମୁର ରେ । ସୁନ୍ଦରୀ ॥
ବେଗେ ଦୂତକୁ ମେଲାଣି ଦେଇ ଦେବ ଶ୍ରୀହସ୍ତସନ୍ତକ ଲେଖିକୁ ।
ପାଇ ପାଇ ମୁଁ ଅଲେଖ ସୁଖକୁ ।
କୃଶ ହେଲେ ଆଶାଦଣ୍ଡ ଅବଲମ୍ବନ କରି ଯଉଡ଼ି ଦୁଃଖକୁ ରେ । ସୁନ୍ଦରୀ ।
ଯିବ ଜୀବତେ ପ୍ରଭୁର ଛାମୁକୁ । ବ୍ୟଥା କହି ଦର୍ଶାଇବ କାମକୁ ।
ଏତକ କାମନା ଏ ବିନା ନଜାନା ମିଳୁଛି ଯାହା କର୍ମକୁ ରେ । ସୁନ୍ଦରୀ ॥
ବଳିଆର ଯେ ତ୍ରିବଳୀଶୋଭିନୀକ କହିବାକୁ ଅଛି ଆନ୍ତର ।
ପ୍ରୀତି ବିରୋଧୀ ଯେତେ ସହଚରୀ ।
ଦଇବେ ହୋଇବେ ପ୍ରବୋଧ କରିବୁ ତାହାଙ୍କର କର ଧରି ରେ । ସୁନ୍ଦରୀ ।
ପର ଉପକାର ଯଶ ଥୋଇଲେ । ଦେଖ ମହାଦେବ ବିଷ ଖାଇଲେ
ଦେଖ ଭୃତ୍ୟପଦ ହୃଦେ ଧରି ହରି ଭାବଗ୍ରାହୀ ବୋଲାଇଲେ ରେ । ସୁନ୍ଦରୀ ॥
ଦେଖିଲା ଦ୍ୱିଜକୁ ସେ ମୋଦକଲାପ । ମନେ ଏ କଥା କରି ସଙ୍କଳପ ।
ଏହାରଠାରେ ଏ ହାର ଥିଲେ ଦେଖି ଜାଣନ୍ତି ମିନା ସନ୍ତାପ ସେ । ସୁନ୍ଦରୀ ॥
ପ୍ରତିଉତ୍ତର ପତର ଦେଇ ତାଙ୍କୁ କାତରସାଗରୁ ଉଦ୍ଧର ।
କହେ ଏକାଳେ ବ୍ରହ୍ମଚାରୀ ଦୀନ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅନୁନୟ ଲେଖ ଛାନ୍ଦ ପୂର୍ଣ୍ଣି ହେଲା ରସିକ ଉଲ୍ଲାସ କର ହେ । ସୁଜନେ ।
ରାମ ଲକ୍ଷ୍ମଣ ଅମ୍ବୁଜବଦନ । ବୃଷାସନଙ୍କର ଯେହୁ ବନ୍ଦନ ।
କହେ ଉପେନ୍ଦ୍ର ଭଞ୍ଜ ବୀରବର ତାଙ୍କ ପାଦେ ଦେଇ ମନ ହେ । ସୁନ୍ଦରୀ ॥

ବଂଶତ ଛାନ୍ଦ

ରାଗ—ଚିନ୍ତାଭୈରବ

ଆଣି କାଗଜକୁ ନବବାଳୀ । ଅନୁରାଗୁଁ ନ ଲେଖିଲା କାଳୀ ।
କୁଙ୍କୁମେ ଲିଖିତ ବର୍ଣ୍ଣ କନକବର୍ଣ୍ଣ ଭଲ ଆଲୀଙ୍କ ନାମରେ ଛଳ ସେ । ସୁନ୍ଦରୀ ॥
ବଳେ ବୀରବର ଭୂପସୁତ । ଗଣେଶ୍ୱର ସମାନେ ପଣ୍ଡିତ ।
ଗୁଣରେ ନାହିଁତ ଅବନୀମଣ୍ଡଳେ ଏଣୁ କରି ଗୁରୁ ପ୍ରଶଂସିତ ହେ । ସୁନ୍ଦର ॥
ମହାମହ ମନୋହର ଧାମ । ଆମ୍ଭେ ବୋଲୁ ଅଛୁଁ ଅନୁପମ ।
ହେମ ତୁଲେ ଗୁଞ୍ଜ ତୁଳନା ପରାୟେ ଯାହା ଇଚ୍ଛା ବୋଲନ୍ତୁ ସେ କାମ ହେ । ସୁନ୍ଦର ॥
ଦାତାପଣ କର୍ଣ୍ଣେ ଅଛୁଁ ଶୁଣି । ତହିଁକ ଲକ୍ଷ ଦେବାକୁ ପୁଣି ।
ଯାଚକ ମାନସ ଏରୂପେ ସନ୍ତୋଷ ଏକା ଏହାର ହେଉ ଧରଣୀ ହେ । ସୁନ୍ଦର ॥
ପଶୁ ବଧ କରିବାରେ ଅରି । କର ଯଶକୁ ଅଛି ବିସ୍ତାରି ।
ଦୟାଳୁ ଗୁଣତ ନୁହଇ ଜାଣିମା ତୁମ୍ଭେ କେଡ଼େ ପରଉପକାରୀ ହେ । ସୁନ୍ଦର ॥
ଯାହା ରତନ କୋଷ ସଞ୍ଚିତ । ସଦା ଅଭୁଟ ସମଦବତ ।
ଏହି କଥା ମାନ ବଚନ ମଣିଲୁ ସେହି ଦେହରାର ନେଇ କ ଚତୁର ହେ । ସୁନ୍ଦର ॥
ସ୍ୱପ୍ନେ ଦେଖାଦେଲେ ଯେଉଁ ନିଶା । ହୋଇଥିଲା ସେ ଦିନ ସୁଦଶା ।
ଜଳ କଳଶ ଚନ୍ଦ୍ରବିମ୍ବ ଧରିବା ପରି ଯେହ୍ନ କରୁଥିଲା ଆଶା ହେ । ସୁନ୍ଦର ॥
ଏବେ ଦଇବେ ହେଲା ସେ ସତ । କେହି ନୋହିବ ପୁଣି ଲୋଭିତ ।
ଜୀବନ ଯିବା ପାଇଁରେ ନ ପାଇଲେ ଏହି ବାଣୀ ହୋଇବ ବଦିତ ହେ । ସୁନ୍ଦର ॥
ଯାର ପହଣ୍ଡକ ଶତେକୋଶ । ତାର ମେରୁ ଲଙ୍ଘିବାକୁ ଆଶ ।
ଜଳେ ସଗରସୁତ ପ୍ରାୟେ ସଜୀବେ ତାପାନଳେ ନୋହେ କ୍ଳେଶ ନାଶ ହେ । ସୁନ୍ଦର ॥
ହରି ହର ସୁପ୍ରସନ୍ନ ଥିବ । ମାର ପୁରନ୍ଦର-କରୀ ହେବ ।
ଭାଗ୍ୟ ଭଗୀରଥ ହୋଇ ଯେବେ ତବ ସ୍ନେହ-ଗଙ୍ଗାଜଳେ ମଜ୍ଜାଇବ ହେ । ସୁନ୍ଦର ॥
ଭବେ ମଣ୍ଡି ଅନାଇ ଯାହାକୁ । ଏକା ବର ବରିବ ଏହାକୁ ।
ତାକୁ ସେ ଏକାନ୍ତେ ରସିବ ବୋଇଲେ ବାଳା ନ ଛାଡ଼ିବ ଉତ୍ସାହକୁ ହେ । ସୁନ୍ଦର ॥
ଛଳେ ସେ ଦୟା ସଜ୍ଜଳରାଶି । ନ କରିବେ ମୋତେ ନିକ ଦାସୀ ।
ଯେନାଇ କହିବା କଥା ଏ ନୁହଇ ଯେନ ତୁମ୍ଭଙ୍କୁ କେମନ୍ତ ଦଶି ହେ । ସୁନ୍ଦର ॥
ଦୂତ ସଙ୍ଗେ ଅଇଲେ ଦେଖିବ । କଥା ଯଥାର୍ଥ କେ ବା ଲେଖିବ ।
କୃଶକଟୀ ଆଗେ ପାଷେଟି ଯିବାର ବଧି ସ୍ତିରୀ କରିଛି ଦନିବ ହେ । ସୁନ୍ଦର ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଫୁଲ ଭୃଙ୍ଗର ଭୃଙ୍ଗ ଫୁଲର । ଫୁଲ କରନ୍ତି କି ଅଭିସାର ।
କରି ପ୍ରତିନିଧି ମନକୁ ପେଷିଛୁ ତାହା ସଙ୍ଗେ ଏବେ ବିଜେ କର ହେ । ସୁନ୍ଦର ॥
ଯେବେ ନାହିଁ ଏତେ ଅନୁଗ୍ରହ । ଜେମା-ନେନେଏ କିପାଁ କଲି ଗୃହ ।
ତୁମ୍ଭ ପୁରତ ଅଳକାରୁ ଅଧିକ ତହିଁ ରମ୍ୟ ହେଲା କି ଏ କହ ହେ । ସୁନ୍ଦର ॥
ହୃଦବନେ ଥିଲି ମନମୃଗ । ତହିଁ ବିରହଅନଳ ବେଗ ।
ପଳାଇ ତୁମ୍ଭ ଶୋଭାବନେ ପଶିଲି ତହିଁ ନାହିଁ ପରି ଏ ଉଦ୍‌ବେଗ ହେ । ସୁନ୍ଦର ॥
ପ୍ରତିଭା ବିସ୍ମର କରିବ ମନ । ସ୍ମରଣରହିଁ ଏହି ବିଧାନ ।
ପ୍ରକଟି କୁଜ୍ଝଟୀ ତପନକୁ ଘୋଟି ନାଶ କରିଦେଇ ପଦ୍ମବନ ହେ । ସୁନ୍ଦର ॥
ପରଶ୍ରୀ ସେ ଜନକୁ ମାରେ । ଈଶ୍ୱରଙ୍କୁ ମାଧ ଜ୍ୱାଳା କରେ ।
ତୁମ୍ଭେ ବଳବନ୍ତ ଅବଳା କୋମଳା ଆମ୍ଭ ପ୍ରାଣସଜନୀ ବେଭରେ ହେ । ସୁନ୍ଦର ॥
ରାମା ତୁମ୍ଭ ସ୍ନେହୀ ହେଲାଠାରେ । ବିରହ ଯେ ଅଙ୍ଗଭୋଗ କରେ ।
ଏ ଦଶା କାହାକୁ ହେବ ମନେ ମନେ ବସି ଭାବନା କରିବ ଥରେ ହେ । ସୁନ୍ଦର ॥
ଜାତି ପଦ୍ମିନୀ ହାସକୁ ଚାହିଁ । ନିତି ମହା ହ୍ରାସ କରୁଥାଇ ।
ଚନ୍ଦ୍ର ସେ ହିଂସାରେ ସାନ୍ଦ୍ର ହୋଇ ଏବେ ଚନ୍ଦ୍ରତନୁକୁ ଦେଉଛି ଦହି ହେ । ସୁନ୍ଦର ॥
ଛାଣପରି ଇନ୍ଦ୍ରଜାଲମାୟା । ସବୁ ଦିଗେ ଦେଖାଇଛି କାୟା ।
ମାୟା କରି ମୋହିବାକୁ ତୁମ୍ଭଠାରେ ବାଲା ହୋଇ ନାହିଁ କି ବିନୟ ହେ । ସୁନ୍ଦର ॥
କେତେ କୁସୁମ ଜଗତେ ନାହିଁ । ରବିକର ନ ପାରଇ ସହି ।
ତଳେ ସେଫାଳିକା ଏ ନବମାଳିକା ତଥା ବେଦନା ସହି ଜୁହଇ ହେ । ସୁନ୍ଦର ॥
ତୁମ୍ଭ କୀର୍ତ୍ତିଚନ୍ଦ୍ରମା ଉଦିତ । କୁଳ-କୁମୁଦ କୁଳ ମୋଦିତ ।
ତାତ ସିନ୍ଧୁ ମାତ ଚକୋର ଉଲ୍ଲାସି ନୀରେ ପଣ୍ଡିତ କଲି ଜଗତ ହେ । ସୁନ୍ଦର ॥
ନୃପସୁତ-ତାରାମଧ୍ୟେ ଶୋହି । ପରି ତସ୍କରକୁ ଭୟ ଦେଇ ।
ଆମ୍ଭ ସଜନୀ ରଜନୀଠାରୁ କାମତମ ନ ଖଣ୍ଡିଲ କାହିଁ ପାଇଁ ହେ । ସୁନ୍ଦର ॥
ଭାନୁ ଭଜିଲେ ମିହିରମଣି । ଯଥା ଅଗ୍ନି ଜାତ କରେ ପୁଣି ।
ତୁମ୍ଭ ପୀରିତିବଶରେ ମହାବ୍ୟଥା ତଥା ପାଉଅଛି ରମଣୀମଣି ହେ । ସୁନ୍ଦର ॥
ଆମ୍ଭସଖୀ ଅତି ସ୍ନେହାଧୀନ । ଛାଡ଼ିବ କି ହେଲେ ହୀନମାନ ।
ଅନଳେ ଦହିଲେ ସୁବାସକୁ ନିକି କେବେ ଛାଡ଼ଇ ଚନ୍ଦ୍ର ଚନ୍ଦନ ହେ । ସୁନ୍ଦର ॥
ମନେ କରିଅଛି ପଙ୍କଜାକ୍ଷୀ । ମଲି ପ୍ରୀତିରେ କପୋତ ପକ୍ଷୀ ।
ଧନ୍ୟ ଶବଦିତ ସେରୂପେ ରହିବ ଆଗ ସ୍ନେହୀରେ ତାହାକୁ ଲେଖି ହେ । ସୁନ୍ଦର ॥
ମହାଶଙ୍କା ହୋଏ ଏହା ଭାବି । ବୀରଯଶେ ବର୍ଣ୍ଣିଛନ୍ତି କବି ।
ଅତି କଠିନ ଉରସ୍ଥଳେ ବାଜିଲେ ସବୁରୂପେ ହତ ହୁଏ ପବି ହେ । ସୁନ୍ଦର ॥
ନାରୀ ବୋଧ ଏହା ଶୁଣିକରି । ହୋଇଥିବ ନାରିକେଳ ପରି ।
ଦୟାଶୀଳ ନାମ ନୋହିଲେ କାହିଁକି ହୃଦେ ଅଛି ଘନରସ ପୂରି ହେ । ସୁନ୍ଦର ॥
ଚନ୍ଦ୍ରମାର ଅଶ୍ୱିନୀକୁମାର । ଏମାନେ ଯେ ପରମ ସୁନ୍ଦର ।
ଏ ମୂର୍ତ୍ତି ହୋଇ କ୍ଷିତିରେ ଉତପତ୍ତି ବୋଲି ପ୍ରଶଂସା ଖ୍ୟାତି ତୁମ୍ଭର ହେ । ସୁନ୍ଦର ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶୋଭି ଶୃହିଁ ଶିଳା ଦ୍ରବୀଭୂତ । କର ଉଚ୍ଛନ୍ନ ଯୁବାର ଚିତ୍ତ ।
ନୃପନନ୍ଦନୀର ବ୍ୟାଧି ନାଶ କଲେ ଆମ୍ଭେ ଜାଣିବୁଁ ଏ କଥା ସତ ହେ । ସୁନ୍ଦର ॥
ସେହୁ ଗୁଣ ବିଶ୍ରାମ ମଣ୍ଡପ । କାହିଁ ସ୍ମୃତ ତାଙ୍କ ଅନୁରୂପ ।
ଆମ୍ଭ ସଖୀ ଯା ତୁମ୍ଭର ବୋଲାଇବ କେଉଁ ସ୍ଥାନେ କରିଥିଲା ତପ ହେ । ସୁନ୍ଦର ॥
ଆଉ ଅଧିକ ଜଣାଇ କିସ । କ୍ଷମା କରିବା ଜଣାଣ ଦୋଷ ।
କିମ୍ପା ମୋହ ସ୍ତମ୍ଭ ପ୍ରତିବନ୍ଧ ଯେନ ଲେଖି ନ ପାରିଲା ରାମାଙ୍କୁଶ ହେ । ସୁନ୍ଦର ॥
ଶିବରାତ୍ରି ନାମରେ ଉତ୍ସବ । ରାମେଶ୍ୱର ଦେଉଳେ ରେ ହେବ ।
ଯେବେ କରୁଣା ଅରୁଣାଧରୀଠାରେ ଥିବ ସେଠାକୁ ବିଜେ କରିବ ହେ । ସୁନ୍ଦର ॥
ପଡ଼େ ପତଙ୍ଗ ସେନେହ ଧରି । ଯଥା ଅନଳ ତାହାକୁ ଜାଣି ।
ବିଜେ ନ କଲେ ଏ ପୀରତି କୀରତି ଖ୍ୟାତ ହୋଇବଟି ସେହିପରି ହେ । ସୁନ୍ଦର ॥
ଲେଖି ଏରୂପେ ପତ୍ରିକା ବାଳା । ମନ୍ତ୍ରିନନ୍ଦନା ହସ୍ତକୁ ଦେଲା ।
ପାଠ କରି ଯେନ ରସଗର୍ଭିଭାଷା ଅତି ତୃପତି ହୋଇ ମୁଦିଲା ସେ । ସୁନ୍ଦରୀ ॥
କରିବନ୍ଧନ ରୂଚିରଚୀରେ । ଜତୁ ଦେଲା ଯତନେ ଉପରେ ।
ଦୁର୍ଗା ମାଧବ ସୁମର ବ୍ରହ୍ମଗିରି-କରେ ଦେଲା ଅତି ହରଷରେ ସେ । ସୁନ୍ଦରୀ ॥
କୀର ସହିତେ ଦ୍ୱିଜର ଆଗେ । ସଖୀମାନେ କହିଲେ ସରାଗେ ।
ବେଗେ ଆଗମନ ନ କଲେ କୁମାର ରାମା ହେଲାନ୍ତି ଶମନଭୋଗେ ହେ । ସୁନ୍ଦର ॥
ଯହିଁ ଯେନଣ ଅମୂଲ୍ୟ ମୁଦ । ଦୁଇ ଦ୍ୱିଜ ହୋଇଲେ ପ୍ରମୋଦ ।
ମେଲାଣି ହୋଇ ସାଧିତକୁ କହଣ କରି ହରିଙ୍କି ମଙ୍ଗଳପ୍ରଦ ହେ । ସୁଜନେ ॥
ଯେନ କାଞ୍ଚିଶୋଭିନୀ ଉଦନ୍ତ । କାଞ୍ଚୀପୁରରେ ଗମନ ତୁରିତ ।
ଉପଇନ୍ଦ୍ର ଭଞ୍ଜ ବୀରବର ଚିତ୍ତ ଭିଙ୍ଗ ରାମ ପାଦପଦେ ରତ ହେ । ସୁଜନେ ।

ଦ୍ୱାବିଂଶ ଛାନ୍ଦ

ରାଗ—କାମୋଦୀ

ଦେଖି ନବକାଳିକା ବିକାଳିକାମାଳିକା ଆଲୀ କାଳିକାକାନ୍ତ ସ୍ମର ।
ରକ୍ଷା କେମନ୍ତ କରି କରିବା ମତ୍ତକରିଗତିକ ଏମନ୍ତ ବିଚାରି ସେ । ସହଚରୀ ।
ଭିବେ ବଞ୍ଚିଲେ ଏ କାଳକୁ । କଥା ଥିବ କାଳକାଳକୁ ।
ଏକେତ କ୍ଷୀଣ ଦିନ ହେଲା ଦୁର୍ଦ୍ଦିନ ଦିନ ନ ଲଭିଁ ବଲ୍ଲଭମେଳକୁ ରେ ॥
ହିତ ଆନମାନଙ୍କୁ ସତ କାମିଜନଙ୍କୁ ଅହିପରି ଅହିତ ଏହି ।
ହିତ କୃଶାନୁ ସାନୁମାନରୁ ଭାନୁଭାନୁ ତାପରୁ ନିସ୍ତରିଲା ମହୀ ରେ । ସହଚରୀ ।
ବିରହାନଳ ହୃଦସ୍ଥଳେ । ଜଳେ ସେ ହିତ ନୋହେ ଜଳେ ।
କରୁଛି ଜାତ ଜାତବେଦକୁ ସତ ଶତହ୍ରଦା ଛଳରେ ଘନକୋଳେ ରେ ।
ଯେଉଁ ସୁନ୍ଦରୀ ଦନ୍ତଭୃତରୁ ଗଣ୍ଡ ଧରି ଧରଣୀ ଶୟନ କରିଛି ।
କଣ୍ଠେ ଜୀବନ ବନପୂର୍ଣ୍ଣିନୟନ ଘନ ଘନ ନିଃଶ୍ୱାସକୁ ଛାଡ଼ୁଛି ରେ । ସହଚରୀ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପକାଇ ଆପଣା ଅଙ୍କର । ଲୋଡ଼ିଲେ ନ ଲାଗଇ କର ।
ଯେହ୍ନେ ଏତେ ଦୁର୍ବଳ ଝଞ୍ଜାନଳ ପ୍ରବଳ ଉଡ଼ିଯାଉଛି ଯତ୍ନ କର ରେ ॥
ଘୋଟୁଁ ଘଟକୁ ମାର ଚିନ୍ତେ ଘଟକୁମାର ପିକଡାକକୁ ଶୁଣି ଯେହ୍ନେ ।
ଏ ନାଦ ସହି ସହି ହୋଇ ମହାବିରହୀ ରହିବନ୍ତି ଜୀବନେ କେହି ରେ । ସହଚରୀ ।
ସ୍ତନତଟେଲେ କର୍ପୂରି କର । ଦେବ ତା ଏ ଉପାୟ କର ।
ପୟୋଧରକୁ ଧର ବକ୍ଷ୍ୟର ପୟୋଧର ଗ୍ରାସେତି ପୁରୋଦରେ ଭର ରେ ॥
କର ପିକକୁ ମୂକ ମକମକ ଶାମୁକ କାମୁକ ଚମକକୁ ନଚେୟ ।
ରାମା ହେବାକୁ ଶିବା ଶିବାଗଣ ପୋଷିବା ଶିବାଙ୍କୁ ମନାଇବା ବ୍ରତେ ରେ । ସହଚରୀ ।
ତୋଷି ଖଣ୍ଡପରଶୁଧର । କାନ୍ତ ଲେପାଅ ସୁଧାପୁର ।
ଧନକୁ ଉପର୍କ୍ଷର ଧନକୁ କି ବକ୍ଷ୍ୟର ପେଷ ତା ନ ପର୍କ୍ଷର ଶ୍ୟର ରେ ॥
ଦେଖ କେକିକଳାପ ନାଚେ ଠେକ କଳାପ ବିପ୍ରଲାପ କରୁଛ କେତେ ।
ଏହାର କି ଲବଧ କର ଅବଧ ବଧ ବ୍ୟାଧଙ୍କୁ କହିବା କି ହଟେ ରେ । ସହଚରୀ ।
ପର୍ଣ୍ଣବାଡ଼ ଲଗୁଡ଼ ପାଶ । ଘେନ କରନ୍ତୁ ବେଗେ ନାଶ ।
କର ଯୁଁ ପଦ୍ମଗୋଦ୍ର ବ୍ୟଞ୍ଜନ ଆତପତ୍ର ଦେବାଙ୍କୁ ଦେବାକୁ ମନାସ ରେ ॥
ନୁହ ଏଥେଁ ଉଦାସ ଦାସ କରିବା ଦାସ ଆଣୁ ସେ ପାଶେ ପାଶେ ଧରି ।
ଡାକେ କାଳକଣ୍ଠକ ବିରହିଣୀକଣ୍ଠକ ଯାଉ ତା ଉତପାତ ସନ୍ଧ ରେ । ସହଚରୀ ।
ଉପାଡ଼ିବା ପୁଷ୍ପଲତାକୁ । ବିମନା ନ କରନ୍ତୁ ତାକୁ ।
ସୁମନା ରେ ସୁମନାଲୋଭୀ ଭୃଙ୍ଗ ସୁମନା ହୋଇ ଚାପିବେ ସୁମନାକୁ ରେ ॥
ମରାଳ ମାନସକୁ ଯାଉଛି ମାନସକୁ ଏ କଥା କେବେ ନ ଆଣିବ ।
ଯାର ନାହିଁ ଜୀବେଶ ତାର ଜୀବ ଜୀବେଶ ଦେଶରେ ପ୍ରବେଶ କରିବ ରେ । ସହଚରୀ ।
ପକ୍ଷ ପକ୍ଷରୁ ଉଡ଼ି ଯାଇ । ଛଡ଼ିଦେବା ଉପାଡ଼ିତାହିଁ ।
ଆମ୍ଭ ନେତ୍ର-ସମ୍ପତ୍ତି ପତିସଙ୍ଗତି-ଗତି ପାଇବାଯାଏ ଥାଉ ରହି ରେ ॥
ଜାତ ହୋଏ ସ୍ଫୋଟକ ଯେ ଝଟକ ହାଟକତନୁରେ ଲାଗିଲେ ଚନ୍ଦନ ।
ଏ ମହୋଜ୍ଜ୍ୱଳ ଜଳ ଜ୍ୱଳନ ଜନ୍ମସ୍ଥଳ ଛୁଇଁଲେ କରିବ ଦହନ ରେ । ସହଚରୀ ।
ଏହାକୁ ଯତ୍ନ କରିଥିବା । ଭ୍ରମରେ ଚକ୍ଷୁରେ ନ ନେବା ।
ହତ ଉଶୀର ବାଟି କଲା ପରାୟ ବାଟି ଜଳାକବାଠୀକ ନାଶିବା ରେ ॥
ଏ ଦୁରନ୍ତ ଦର୍ଦ୍ଦୁର ଚେତନା କରେ ଦୁର ଭଦୁର କାହିଁ ଆନେ ପଢ଼ି ।
କରମକୁ ଏହାର ହରହାର ଆହାର ଗରୁଡ଼ କଲା କବା ଲୋଡ଼ି ରେ । ସହଚରୀ ।
‘ଅରଜଅଛି ଏ ଉପ୍ଲବ । ଗରଜି ଗରଜି ମରିବ ।
କେ ହେବ ଏ ବରଦ ହୋଇ ସିଂହ-ଶରଦ ନୀରଦ-ଦ୍ୱିରଦ ଭାଙ୍ଗିବ ରେ ॥
ଏ କାଳ ଏକା ଏକାକୀରେ ପକାଇ ତକା ବିଦ୍ୟୁତ୍‌ଫଡ଼କା ଅଛି ବହି ।
କି କଲେ ଗିରି ଠେକା ଚିତ୍ତ-ଚମକ-ଠେକା କରକା ମାରୁଛି ତୁହାଇ ରେ । ସହଚରୀ ।
ଏହି କାମନା ପଉରୋଷେ । ଏହା ଉଆଇଅଛି ରୋଷେ ।
ଯଥା ନୀପଜାଳକ ତଥା ପରିପୁଲକ ପୂରୁ ସୁତନ ତନୁଦେଶେ ରେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଯେମନ୍ତ ନୀରଧାର ତେମନ୍ତ ନିରନ୍ତର ନୀର ନୀରଜ-ନେତ୍ରୁ ବହି ।
ଯଥା ପଙ୍କିଳା ମହୀ ମହିଳାଗଣ୍ଡ ସେହି ପ୍ରତି ପ୍ରତିଦିନରେ ହେଉ ରେ । ସହଚରୀ ।
ପିକ ପ୍ରାୟ ବାଣୀ ନ ଫୁଟେ । ଅଙ୍ଗାର ପ୍ରାୟ ଚିନ୍ତା ଘୋଟେ ।
ମାର-ମାର୍ଗଣଗଣ ପ୍ରହାରେ ପୁଣ ପୁଣ ମାଳତୀ ସଙ୍ଗେ ହୃଦ ଫୁଟେ ରେ ॥
ହେଉ କାନ୍ତ ଗୁଣିତ ସପତିହିରବତ ପଦ୍ମବତ ହେଉ କ୍ଳାନ !
ରଖିଛୁ ସବୁଠାର ଏହି ପ୍ରକାରେ ଠାର ଧୈର୍ଯ୍ୟ-କୁଠ କୁଠାର ଘନ ରେ । ସହଚରୀ ।
ଯେତେ ଉପାୟ ଭାଳିଲିଁ । ସେ ଚରିତ କିଛି ନୁହିଁ ।
ବୁଦ୍ଧି ସରିତ ଭୂରିତକୁ ଘେନ ବାରିତ ନ ପଡ଼ି ଆନ କି କରିବ ରେ ॥
କେ ପୁଣି ବେଗେ ଯିବ ଜୀବଧବେ କହିବ ଜୀବଧବେ ହେଉଛି ଜୀବ ।
କେଉଁ କାର୍ଯ୍ୟ ଭଜିବ ପଛେ ଯେମନ୍ତ ଯିବ ନ ଦେଖିବ ମୁଖରାଜୀବ ରେ । ସହଚରୀ ।
ତୁମ୍ଭେ ଚନ୍ଦ୍ର ସେ ଜୀବଞ୍ଜୀବ । ଶୁଣିବା ଉପାୟ ସଜିବ ।
ଉଚିରେ ଥିଲେ ଜୀବ ଏ ଶୁଭ ଅରଜିବ ଆସିବା ବଳମ୍ବ ତେଜିବ ରେ ॥
ପୁଣି ପୂରିଲା ଏହିକାଳେ ହା ରବେ ତହିଁ ନ ସହି ସହୀ ଗଲେ ଧାଇଁ ।
ଅଛି କି ନାହିଁ ଭୁଲା କରଣେ ପ୍ରାଣ ଭୁଲା ଜାନୁ ବର୍ତ୍ତୁଳା ନାସେ ଦେଇ ସେ । ସହଚରୀ
ଚିତ୍ରପିତୁଳା ପ୍ରାୟ ରହିଁ । ଟେକି ଫୁଙ୍କିଲେ କର୍ଣ୍ଣ ଦୁଇ ।
ଅର୍ଣ୍ଣ ପର୍ଣ୍ଣରେ ସିକ୍ତ ଶୀର୍ଣ୍ଣକଟିକ ବକ୍ଷି ଲଲାଟେ ଚନ୍ଦନ ଚୂର୍ଣ୍ଣ ଦେଇ ସେ ॥
ଚଣ୍ଡୀଖଣ୍ଡ ଖଣ୍ଡନେ ଚଣ୍ଡୀ ମନାସି ମନେ ଗ୍ରହଶାନ୍ତିକ ବର୍ତ୍ତିଲେ ।
ପୀତବସନ କାର୍ତ୍ତସ୍ୱର ବହ୍ନିତ ଆର୍ତ୍ତସ୍ୱରେ ଭୂମୁରେ ଉଗ୍ରଗିଲେ ସେ । ପ୍ରାଣସହି ।
ଭାଳନ୍ତୁ ପାଇ ଆଉ ଜୀବ । ଆମ୍ଭ ଉରକୁ ଆଉଜିବ ।
ତେତେବେଳେ ଚେତନ ପାଇ ରମାରତନ ଧୀରେ ବୋଇଲା ଶିବ ଶିବ ସେ ॥
ସଖୀ ଏମନ୍ତ ମତ୍ତକାଶିନୀ ଚିତ୍ତହିତ ନିମନ୍ତେ ବଚନ ରଚିତ ।
ପ୍ରସ୍ଥାନ କାନ୍ତ କାନ୍ତ କଲେ ଉଦନ୍ତ ଦନ୍ତଶୋଭନୀ କହିଲେ ସାଧୁତ ରେ । ସହଚରୀ ।
ରହିଛନ୍ତି କେରଳଦେଶେ । ନର୍ମଦାନଦୀ ବୃଦ୍ଧିବଶେ ।
ଗୁଣମଣି କି ଗୁଟେଶ ସନ୍ତାପିତ ଦ୍ୱିଗୁଣେ ଫଗୁଣେ ହେବେ ପରବେଶେ ରେ ।
ଏହୁ ପ୍ରମାଣ ମାଣବକମୃଗାକ୍ଷି ପ୍ରାଣ ପ୍ରାଣକୁ ଚେତେଦନ ରଖ ।
ସମ ଅନୁରାଗରେ ନାହିଁ କେଉଁ ନଗରେ ସେହି ନାଗରେ ସାର ଲେଖ ରେ । ସହଚରୀ ।
ମହିତ ଯେ ଅଟନ୍ତି ସେହି । ତୋ ହିତ ଶୁଣିବାରୁ ସହି ।
ମରଣକୁ ବରଣ କରିବେ ରଣରଣ ବାଣଗଣଚାପକୁ ବହି ରେ ॥
ଏ ବାଣୀ ତତକ୍ଷଣ ପରାଣକୁ ରକ୍ଷଣ କ୍ଷଣକାନ୍ତିକାନ୍ତିର ହେଲା ।
ନୀଣାକ୍ଷିଣୀ ବଚନା ସୁଲୋଚନା ଶୋଚନା ରଚନା କଛି ଶାନ୍ତ କଲା ସେ । ସହଚରୀ ।
ଜାଗରିତ କ୍ଷଣଦା ବାସରେ । ହୋଇଣଛନ୍ତି ତା ପାଶରେ ।
ଫୁଲ ନାଗରନାଗରକୁ ହେଲା କବଚ ଦରଶନ ଲୋଭ ଯହିଁରେ ॥
ଘନଘୋଷ ଘୋଷଣ ଷଣ୍ମୁଖଦୂଷଣକାନ୍ତ ଶୁଣି ସେ ଦନ ମନେ ।
ତେଜ ମହୀଶୟନ ପ୍ରକାଶି ବାତାୟନ ନୟନ ନବେଶେ ତକ୍ଷଣେ ସେ । ସହଚରୀ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ମାନଙ୍କୁ ଭୂଷଇ ଏ ଭୂଷ । ବାହାରେ ମୃଦୁସ୍ମିତ ପେଷ ।
ହେଲେ କି ମାନବେଶଯୁତ ଆଜ ପ୍ରବେଶ ଏ ଦେଶ କୁହଁ ଏ ସନ୍ଦେଶ ରେ ॥
ପୁଂସ-ଦୃଶ ସଦୃଶ ଯେନ ସାରସ ରସକଳା ଚୁମ୍ବନ ଦଏ ରସି ।
କର ମୃଣାଳନାଳ ମାଳ ତମାଳମାଳମଞ୍ଜୁଳା ବସି ନାମ ଘୋଷି ସେ । ସୁକୁମାରୀ ।
କାନ୍ତିଛଳେ ପିନ୍ଧେ ଅମ୍ବର । ହାସ ଛଳେ ଯେନେ କର୍ପୂର ।
ହୋଇ ତଭାବମୟ ନେଲା ଘନସମୟ ରକ୍ଷା ହେଲେ ସଜନୀବାର ସେ ॥
ଶରଦକାଳେ ସୁଧାକରକର ବସ୍ତ୍ରାଭୂଷାକୁ ଦେଖାଇ ନ ଦେଲେ ।
ତୁହିନ ତୁହିନ ନ ପୁନ ହେତୁହିନ କରବ ବୋଲି ବର୍ଣ୍ଣିଲେ ସେ । ସହଚରୀ ।
ପଦ୍ମିନୀ ପଦ୍ମବାସୀ ସଖୀ । ପଦ୍ମନୟନୀ ପଦ୍ମମୁଖୀ ।
ପଦ୍ମକର ପଯ୍ୟୃତ ପଦ୍ମପଦ ଉଦର ପଦ୍ମକୋଷ ଉରଜେ ଯୋଖି ସେ ॥
ଶୁକ ପୋତ କପୋତ ରତ ଶୀତମରୁତ କମ୍ପିତ କରୁଥାଇ ପୁନ ।
ଏ ଚନ୍ଦ୍ରା ଅଦଭୁତ ଚିତା ହୃଦେ ସଂଭୃତ ସଜୀବେ ସଜନୀ ଦହନ ହେ । ସାଧୁଜନେ
ଏ ଛାନ୍ଦ ଏବେ ହେଲା ଶେଷ । ବୁଧବୋଧକ ଏ ରହସ୍ୟ ।
ସୁମର ଉପଇନ୍ଦ୍ର କହଇ ଉପଇନ୍ଦ୍ର ଭଞ୍ଜ ବୀରବର ଏ ରସ ଯେ ॥

କୋଟିବ୍ରହ୍ମାଣ୍ଡସୁନ୍ଦରୀ

ପ୍ରଥମ ଛାନ୍ଦ

ରାଗ—ମଙ୍ଗଳଗୁଜ୍ଜରୀ

(ମଙ୍ଗଳାଚରଣ)

ଶୁଣ କୋବିଦେ ଭରତଖଣ୍ଡେ ପୁଣ୍ୟଧାମ ।
ଯେଣୁ ନାରାୟଣଦେହୀ ତେଣୁ ସେହି ନାମ ହେ ॥
ଗୀର୍ବାଣମତେ ନିର୍ବାଣ ସାରୂପ୍ୟକୁ ଦେଇ ।
ସାକ୍ଷୀ ପକ୍ଷୀ କରନ୍ତି ପ୍ରତିମାରୂପେ ଥାଇ ଯେ ॥
ଯେ ବ୍ରହ୍ମହତ୍ୟା-ପାତକ-ନପାତକ ମହୀ ।
କପାଳମୋଚନ ବିଲୋଚନ ସାକ୍ଷୀ ଯହିଁ ହେ ॥
ଆସି କାଶୀଶ୍ୱର ବାସ କଲେ ଏହା ଜାଣି ।
ଅନ୍ୟ କ୍ଷେତ୍ର ସମସ୍ତଙ୍କ ଏ ମସ୍ତକମଣି ହେ ॥
ଏଣୁ କ୍ଷେତ୍ର-ନରେନ୍ଦ୍ର ପଦତ ସମ୍ଭାବିତ ।
ବିନାଶେ ଭୁଜଙ୍ଗ-ଦୋଷ ତାକୁ କେତେମାତ୍ର ହେ ॥
ଅବିଦ୍ୟା-ବିଷମ-ଆଶୀବିଷଘାତି ଜନେ ।
ଜ୍ଞାନାଞ୍ଜନେ ପରାଧୀନେ ସେ ସ୍ଥାନ ଗମନେ ହେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶ୍ରୀମହାପ୍ରସାଦ ଗଦ ପଦ ଘଣ୍ଟଘୋଷ ।
ଭକ୍ଷଣେ ଶ୍ରବଣେ ଯେ କଲ୍ମିଷ-ବିଷ ନାଶ ହେ ॥
ଉନ୍ନତ ପ୍ରାସାଦରାଜ ପତାକା ଉଡ଼ାଇ ।
ଏ ପ୍ରଦେଶେ ସମବର୍ତ୍ତୀପଣ ନାହିଁ ନାହିଁ ହେ ॥
ବଟରାଜା ଶାଖା ଯେନ ନିଗମ ସାକ୍ଷାତ ।
ପାପ-ତାପ-ପଶୁ ନାଶ ସୁକର୍ମ ଉଦିତ ଯେ ॥
ସେ ଦୁର୍ଗ-ପରିଖା ତୀର୍ଥରାଜ ଗର୍ଜନରେ ।
କହେ ଅବଗାହେ ପାପବ୍ୟୂହ ଦହ ନରେ ହେ ॥
ଦହି ସବୁ ବାଡବରେ ଦେବ ଏ ପକାଇ ।
ଏ ଦରବଶରୁ ଦୂରୁ ଦୁରିତ ପଳାଇ ହେ ॥
ସେ କମ୍ବୁ କଟକ ରାଜା ନାମ ଜଗନ୍ନାଥ ।
ଗୃହବର୍ତ୍ତି ଚତୁର୍ବର୍ଗ ଦେବାକୁ ସମର୍ଥ ହେ ॥
ଭକ୍ତି ଦେବା ଗୁପ୍ତ ହୋଇଅଛି ଯୁକ୍ତାକ୍ଷରେ ।
ବୈଷ୍ଣବ ବିହୀନେ କେବା ଜାଣିବ ସଂସାରେ ହେ ॥
ପାଦେ ବନ୍ଦେ ସାର୍ବଭୌମ ବୋଲିବା କି ଯଶ ।
ବୃଷାସନଙ୍କର ଶିର ଲଗିବାକୁ ଆଶ ହେ ॥
ଯାହା କଟାକ୍ଷ-କୁଠାର ପତନମାତରେ ।
ଅନେକ ଦୁଃଖ-ଅନୋକହକୁ ଛେଦ ପାରେ ହେ ॥
ସେହି ପାଦପଦ୍ମାସନୀ ପାଟମହାଦେବୀ ।
ଅଷ୍ଟଐଶ୍ୱର୍ଯ୍ୟଦାୟିନୀ ଅଷ୍ଟଶକ୍ତି ସେବ ହେ ॥
ଭରସା କର ଆସନ୍ତୁ ଦୂରଦେଶୁଁ ପ୍ରାଣୀ ।
ଆରତଭଞ୍ଜନ ଦୀନବନ୍ଧୁ ନାମ ଶୁଣି ହେ ॥
କର ଯୋଡ଼ି ଛାମୁରେ ଜଣାଇ ପକ୍ଷଧବ ।
ଆର୍ତ୍ତଜନ ଗୁହାରକ ସାବଧାନ ହେବ ହେ ॥
କୋଟି-କନ୍ଦର୍ପ-ଲାବଣ୍ୟ-ମୂର୍ତ୍ତି ଦରଶନ ।
ଦେବାକୁ ସୁବେଶେ ବିଜେ ରତ୍ନସିଂହାସନ ହେ ॥
ଶିରେ ହେମ-ରତନ-ମୁକୁଟ ସପ୍ତଶାଖା ।
କରୁଣା-ସିନ୍ଧୁରେ କି ବଡ଼ବାନଳ ଶିଖା ହେ ॥
କିପାଇଁ ସାର୍ଥ ନୋହିବ ଏମନ୍ତ ବିଗୃର ।
ପୁଣି ମଞ୍ଜୁଳ କୁଣ୍ଡଳ ମକର ଆକାର ହେ ॥
ପ୍ରବାଳତରଣୀ ଦୃଷ୍ଟି ରଙ୍ଗାଧରେ ଅଛି ।
ବିଶେଷ ଯହିଁ ଲାବଣ୍ୟଲକ୍ଷ୍ମୀ ସମ୍ଭବିଛି ହେ ॥
ଦଶଅବତାର ଲୀଳା ଯାହା ବିରଚନ ।
ଜନଙ୍କୁ ଦେଖାନ୍ତୁ ଯୁଗାନ୍ତର କଥାମାନ ହେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସ୍ନାନ ଗୁଣ୍ଡିଚ୍ଚ ଏ ବେନି ସ୍ୱୟଂଲୀଳା ଯାର ।
ପତିତପାବନ ଅର୍ଥେ ପ୍ରାସ ଦୁଁ ବାହାର ହେ ।
ଜ୍ୟେଷ୍ଠ ପୌର୍ଣ୍ଣମାସୀ ପୂର୍ବନିଶି ଅବଶେଷେ ।
ସେବକେ ଉତ୍ସୁକେ ମିଳି ମହାପ୍ରଭୁ ପାଶେ ହେ ।
ସେ କାଳକୁ ଅନୁସରି ଯାତ୍ରୀ ନର ନାରୀ ।
ଯେ ଯାହାର ନିତ୍ୟକର୍ମ ତ୍ୱରା ହୋଇ ସାରି ହେ ।
ହରି ହରି-ଦ୍ୱାରେ ମିଳି ହରି-ଧ୍ୱନି କଲେ ।
ହରିତ ପୂରିତ ତ୍ୱରିତରେ ତହିଁ ହେଲେ ହେ ।
ପଡ଼ିଲା ତୁଳୀ* ପାହାଡ଼ା ବିଜୟ ନିମନ୍ତେ ।
ବାଜିଲେ ମେଘା ମୃଦଙ୍ଗ ମର୍ଦ୍ଦଳ ସହିତେ ହେ ।
କଂସାଳ ତାଳ କର୍ଣ୍ଣାଳ ପଟହ ଝର୍ଝରୀ ।
ମୋ ପରେ ବିଜେ କରିବେ ଭାବ ତୋଷ ଧରି ହେ ।
ନୋହିବେ ସର୍ବଙ୍କ କପାଁ ବ୍ରହ୍ମ-ପରିକର ।
ଜାଣିଲେ ନିଶ୍ଚୟ ପ୍ରଭୁ ଦକ୍ଷିଣ-କୁଞ୍ଜର ହେ ।
ପୂର୍ବଜରେ ପୂର୍ବଗଜ ଭାବ ଉପୁଜାଇ ।
ପହଣ୍ଡି ବିଜୟ କଲେ ଝୁଲାଇ ଝୁଲାଇ ଯେ ।
ଏମନ୍ତ ନୋହିଲେ କି ପ୍ରାସାଦ-ଦଣ୍ଡି ତେଜି ।
ମଣ୍ଡପ-ସର ଅବଗାହରେ ଚିତ୍ତ ମଜ୍ଜି ହେ ।
ସାର ଗନ୍ଧସାର-ପଙ୍କେ ଭୂଷିତ ହୋଇବେ ।
ଜନ-ପଙ୍କ-ପଙ୍କଜ-ବନକୁ ଉଜାଡ଼ିବେ ହେ ।
ସବୁଦିନେ ଲୀଳାସ୍ଥାନ ନୀଳମହୀଧର ।
ଭକ୍ତିଭାବ-ରଜ୍ଜୁରେ ବନ୍ଧନ ଅଛି ଯାର ହେ ।
ଜଡ଼ ଯେତେ ଛନ୍ତି ଏତେ ଭାବ କି ଜାଣିବେ ।
ବାହୁଡ଼ିବା ବେଳେ ବେଶେ ବ୍ୟକତ ହୋଇବେ ହେ ।
ଭବ-ସାଗର-ସୁବର୍ଣ୍ଣ-ତରଣୀ ବଗ୍ପୃର ।
ସୁଭଦ୍ରାଙ୍କୁ ବିଜେ କରାଇଲେ ତଥା ଧରି ହେ ।
ତାପ-ତ୍ରୟ-ଭାଣ୍ଡ-ଭଞ୍ଜନକୁ ଦଣ୍ଡବର ।
ସୁଦରଶନଙ୍କ ବିଜେ ସେହି ପରକାର ହେ ।
ଇନ୍ଦ୍ରପଦଦାତା ଯେ ରାଜାଧିରାଜେଶ୍ୱର ।
ବିଜେ କରେ ଦ୍ୱିଜେ ଦେଇ ନିଜ କରଭର ହେ ।
ଢାଳନ୍ତି ଚାମର ଶ୍ୱେତଛତ୍ର ଟେକା ତହିଁ ।
କ୍ଷୀର-ସାଗର-ଲହରୀ ଭ୍ରମ ଉପୁଜାଇ ହେ ।

---

* A pillow of silk case.

6

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଗହଳ ହୋଇଣ କଳାଚ୍ଛବ ଶୋଭା ଦିଶି ।
ତୁଙ୍ଗ ଶିଖରୀ ପରେ କି ଜଳଦ ଆକର୍ଷି ହେ ॥
ପତାକା ବ୍ୟାଜନ୍ତି ତେଜେ ଶୂନ୍ୟେ ନୀରଧାର ।
ସ୍ୱେଦଚ୍ଛଳେ କରେ ନରତନୁ ଜରଜର ହେ ॥
ଚଞ୍ଚଳାଖେଳା ଚଳବା ଖଦ୍ଧ ପୀତବାସ* ।
ତୃଷିତ ଦ୍ୱିଜ-ଚାତକ ଜଳପାନେ ତୋଷ ହେ ॥
ଏ ପ୍ରମାଣ ବରହଣ ପୁଚ୍ଛ ଟେଣ୍ଟ ଚଳ ।
ନିଶାଣ-ମଣ୍ଡୁକ-ନାଦେ ଦିଗନ୍ତ ଉଚ୍ଛୁଳ ଯେ ॥
ପ୍ରଭୁ ଚଳନ ଶବଦ ଜନିତ ସ୍ତନିତ ।
ପୁଷ୍ପାଞ୍ଜଳି-ବକାବଳୀ ଉଡ଼ି ଖସେ ସତ ହେ ॥
ଏମନ୍ତେ ସ୍ନାନମଣ୍ଡପେ ସିଂହାସନ ପର ।
ବିଜେ ମହାପ୍ରଭୁ ଯେନ ଭଗ୍ନି ସହୋଦର ହେ ॥
ନାଗ ନର କିନ୍ନର ଗନ୍ଧର୍ବ ଛନ୍ତି ଗୃହିଁ ।
ଅନେକ କନକଘଟେ ପୂର୍ଣ୍ଣି କରି ତହିଁ ହେ ॥
ଡାଳିଲେ ଭୂସୁରେ ନୀର ଶ୍ରୀମୁଖମଣ୍ଡଳେ ।
ଧାରମାନ ପତନ ହୋଇଲା ମହୋଲ୍କଲେ ହେ ॥
କି ମେରୁ-ହୀର-ମାରଗ-ହେମ-ଶୃଙ୍ଗ ଖସି ।
ଜାହ୍ନବୀ ଯମୁନା ହରତାଳ-ଧାର ଆସି ଯେ ॥
ଲେପନ ଚନ୍ଦନ ଖସି ଦିଶିଲା ଏମନ୍ତ ।
ସେ ତନୁଶୃଙ୍ଗୁ କି ଜାତ ତରଳ-ରଜତ ଯେ ॥
ଦେଖିଲା ଆଖିରେ ଦରିଦ୍ରତା ନ ରଖିଲା ।
ମନହିଁ ଦୁଃସହ ଦୁଃଖମାନ ଉପେକ୍ଷିଲା ହେ ॥
† ହରି ଚନ୍ଦନ ସଙ୍ଗରୁ ସେହି ବୋଲି ଯେନ ।
ବିଗ୍ରହଲେ ହେବେ ଏତ ବାଞ୍ଛାବରଦାନୀ ହେ ॥
ସବୁରୂପେ ଏ ଉପମା ଉତ୍ତମ ସମ୍ଭବେ ।
ବିରାଜିତ ଭୁଜ-ଶାଖା ଅଧର-ପଲ୍ଲବେ ହେ ॥
ଭକ୍ତି ମୁକ୍ତି ଫଳ ଅଛି ନ ଦେଖନ୍ତି କେହି ।
ସ୍ୱଭାବରେ ବ୍ରହ୍ମ-ଦାରୁ ବ୍ୟସ୍ତପଦେ ରହି ହେ ॥
ସୁରଭିର ସ୍ଥାନ ସେନାପଟା ବଳକଳ ।
ଯାହା ପଦେ ସଦା ଟଳଟଳ ଗଙ୍ଗାଜଳ ହେ ॥

---

* Yellow Cloth.

† A pun—first, Hari besmeared with *Chandana* ; and second, Harichandana—the heavenly tree.

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଭାଗ୍ୟରୁ ଏ ଉପମାକାରକ ମୁଁ ଯେ ହେଲି ।
ପୁଲକିତ-ଶରୀରେ ହରିରେ ସ୍ତୁତି କଲି ହେ ॥
ମହିମା ଅନନ୍ତ ପ୍ରଭୋ ମହିମା ଅନନ୍ତ ।
ମନୋହାରୀ ସହୋଦର ହୋଇ ଯାର ଖ୍ୟାତି ହେ ॥
ଅରି-ଦର-କର ବିଭୋ ଅରି-ଦର-କର ।
ଯୁଗେ ଯୁଗେ ଧରି ନାନାବିଧ ଅବତାର ହେ ॥
ବିଭୀଷଣ-ଅଘ ବିଭୀଷଣ-ଅଘ-ହର ।
ସ୍ଥାନ କରି ଦେଲ ଲଙ୍କା ନିଜ କଳେବର ହେ ॥
ଭବ-ବିରଞ୍ଚି-ପୂଜିତ ହେ ଭବ-ବିରଞ୍ଚି ।
ଶୁଚି-କବଳିକ ସଦାନନ୍ଦ ସଦାଶୁଚି ହେ ॥
ରଚିବି "କୋଟିବ୍ରହ୍ମାଣ୍ଡ-ସୁନ୍ଦରୀ" ଚରିତ ।
ସୁଜ୍ଞାତ ସୁମନାପରି ହୋଇବ ଏ ଗୀତ ହେ ॥
ସୁରଭିରେ ମୋହିତ-ମାନସ ହେବେ ଦିବ୍ୟ ।
ଗୁଣବନ୍ତେ ହୃଦେ ମାଳା କରିଣ ଧରିବେ ହେ ॥
ରସିକ-ଭ୍ରମରେ ହେବେ ରସ ଘେନି ବଶ ।
ନିର୍ଗୁଣେ ଘେନିଲେ ନ ଘେନିଲେ ଅଛି କିସ ହେ ॥
କବି ଉପେନ୍ଦ୍ର ତବ କୃପାରେ ହୋଇଛି ।
ଏତେ ମନୋରଥ ସାର୍ଥେ କି ସଂଶୟ ଅଛି ହେ ॥

ଦ୍ୱିତୀୟ ଛାନ୍ଦ *

ରାଗ—ମାଳବ । ଚୋଖୀ ବାଣୀ

(ଚମ୍ପାନଗରୀ ବର୍ଣ୍ଣନା ଓ କୋଟିବ୍ରହ୍ମାଣ୍ଡସୁନ୍ଦରୀର ଜନ୍ମବୃତ୍ତାନ୍ତ)

ପୁରାଣ ଅଭିଧାନ ଜାଣିଥିଲେ । ଜାଣି କିସ ହେବ ବିହୃଦ ହେଲେ ॥
ସାବଧାନ ହୋଇ ସୁବୁଦ୍ଧିଗଣ । ନଗରବର୍ଣ୍ଣନା ମନକୁ ଆଣ ॥
ଚମ୍ପା ସେ ରସା-ଯୋଷା ଶିରେ ବହି । ଶିବ ତହିଁରେ ଗୁରୁତର-ସ୍ନେହୀ ॥
ଜନ-ମନୋହର ସୁବାସ ଅଛି । ଭ୍ରମର ଅବଲମ୍ବ ନାହିଁ କିଛି ॥
ଦେଖିବାରୁ ଯାହା ରୁଚିରରୁଚି । ଶଙ୍କା ଲଭି ଲଙ୍କା ଅଳକା କାଞ୍ଚୀ ॥
ତରୁ ତରୁଣୀରେ ଶରଣ ଭଜି । କମ୍ପ ସ୍ତମ୍ଭ ଉକା ତେବେ ନ ତେଜି ॥
ବଡ଼ଭି ବଡ଼-ଭୀ † ଜନମ କରେ । ହରିହୟ ହରି-ହୟ ଚତ୍ୱରେ ॥

---

* Pun all throughout with reference to *Champa* flower and Champa town.

† The pun on *bara-bhī* is often repeated *Bara-bhī*=a mansion and great fear.

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବଇଜୟନ୍ତକୁ ଜିଣିବ ବୋଲି । ବଇଜୟନ୍ତରେ ଛନ୍ଦନ ଭଲି ॥
ବିତାନ ଏସନ ପ୍ରସନ୍ନ ଧରେ । ଯେସନ ଗଗନ ନିଶାକାଳରେ ॥
ଚନ୍ଦ୍ରମଣ୍ଡଳ କରେ ପ୍ରକାଶିତ । ପୁଣି ତାର ତାର-ରାଜି ରାଜିତ ॥
ଯେଉଁ ପୁର ହଠ ଅମରାବତୀ । ଉପରେ କରନ୍ତୁ ଆକ୍ଷେପ ଅତି ॥
କେତେ ରମ୍ଭା-ଉରୁ ବସି ଅଛନ୍ତି । ଅଇରାବତ ଗଡ଼ାଗଡ଼ି ଦିଅନ୍ତି ॥

ଦଶମ ଛାନ୍ଦ

ରାଗ—କଉଶିକ

(ସୁନନ୍ଦର ବନବିହାର)

ଏହି ଦିବସେ ମଧୁର ମଧୁ-ମାସେ ମଧୁର ମଧୁ-କଣ୍ଠ-ଭାଷୀ ।
ସୁଧାଂଶୁ-ପ୍ରଭା ସୁଧା-ପୂରେ ବସୁଧା-ମଣ୍ଡନା ସୁଖେ ଥିଲା ବସି ।
ଚାହିଁ ସ୍ତନକୁ । କି ଯେନ ମର୍ଦ୍ଦଳ ବଜାଇ ।
ଖେଳିବା ଗୋ ପଣା ତପସ୍ୟା-ଭଙ୍ଗିନୀ ସଙ୍ଗିନୀଙ୍କ ଚାହିଁ ବୋଲଇ ॥
ଶଶୀ-କଳା କଳା-ଲାଳସୀ ସୁନ୍ଦରୀ-କଳାପେ ପ୍ରକାଶିଲା ଛଳ ।
ଜଗତେ ଯୁଗତେ ପ୍ରାବୃଟ ଆଗତେ ପ୍ରକଟ ହୁଅଇ ସେ ଖେଳ ।
ଏକାକାର ସେ । ବିଦିତ ମିଥୁନ ହେବାରେ ।
କଞ୍ଜ-ଦ୍ୱିଜର କାଠି ନରେ ଆନନ୍ଦ ଦାନତ ପାଣି ଢାଳିବାରେ ॥
ଦେଖୁଁ ଦେଖୁଁ କରେ ସୁମନା ଉତ୍ଫୁଲ୍ଲ ପୁନଃପୁନଃ ବିଦ୍ୟୁ ପ୍ରଚାର ।
କେତେବେଳେ ସେହି ଅଚଳ ଭଜଇ ଚଳ ପ୍ରଚଳ ଘନ-ସାର ।
ମାର ପ୍ରତାପ । ଘୋଷ ଅଧିକରେ ପ୍ରକାଶ ।
ସେ କାଳ ହୋଇଲେ ସେ ଖେଳ ଖେଳିବା ନ୍ୟାୟବଳେ ହୁଅ ଆବେଶ ॥
ବସନ୍ତେ ହୁଏ ଦ୍ୱିଗୁଣିତ ଏକ ପ୍ରାୟେ ସମୟ ରାଜା ହୋଇ ଜାତ ।
ପାଞ୍ଚ ମନୋଭବ ଅଧିକ ହୁଅଇ ଶଶୀ-ବରେ ସେ ପ୍ରଶଂସିତ ।
ଏତେ ସୁଖଦ । ଗନ୍ଧର୍ବ ଲୀଳାମାନ ରଚ ।
ତରଣୀ ପ୍ରଭା ନାଗେଶ୍ୱର ଶୋଭାକୁ ବଢାଇ ପଦଗରେ ରୁଚ ॥
ବାଳା କହିଲା ହେଲା ପର ବରଷ ବୀର-ରସ ସିନା ସେ ସହି ।
ବାଣୀ ବାଣୀଜା ଭଷିଲା ମୁଁ ହେଜୁଛୁଁ ଯୋଷା ଈର୍ଷ୍ୟା ଅଛୁ ତହିଁ ।
ଶୁଣି ରମଣୀ । ବେଗ ଅଧୋମୁଖୀ ହୋଇଲା ।
ଏ କାଳେ ମିଳି କାଦମ୍ବିନୀ ନବୀନ-ନିତମ୍ବିନୀ ଆଗେ ବୋଇଲା ॥
କଉଶିକୀ ତଟ ନିକଟ ଅଟବ ମଧ୍ୟେ ବ୍ରଜଲୀଳା ହେଉଛୁ ।
ଗୁଣ-ନିଧାନ ସାବଧାନୀ ହୁଅ ରେ ଦେଖି ଯିବାକୁ ମୁଁ କହୁଛୁ ।
କହ କେମନ୍ତ । ମତ୍ତକାଶିନୀ ପଚାରିଲା ।
ଚତୁରୀ ସଖୀ ବହୁତ ଚାତୁରୀରେ ଗୁରତେ ବାଣୀ ଉଚ୍ଚାରିଲା ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶୁଣ ରେ ରୁଚିରାଙ୍ଗିକା ଚନ୍ଦ୍ରାବଳୀ ବିରାଜିତ ଅନୁପମରେ ।
କୁଞ୍ଜରେ ଲଳିତା ବିଶାଖା କ୍ରୀଡ଼ିତ ଇନ୍ଦୁରେଖା ଚିତ୍ରା ରମ୍ୟରେ ।
ଅଛି ସୁଦେବୀ । ପୁଣ ତୁଙ୍ଗବିଦ୍ୟା ନିପୁଣେ ।
ଭାବନ୍ତି ରଙ୍ଗଦେବୀ ଚମ୍ପକଲତା ମଧୁସୂଦନର ଭ୍ରମଣେ ॥
ମଞ୍ଜରୀ-ବାର ସେବିତ ନିରନ୍ତର ଅଶେଷ ଗୋପୀରେ ସେ ଶୋଭେ ।
ମଦନ ତହିଁ ମୂର୍ତ୍ତିମନ୍ତ ହୋଇଛି ଦଇବେ ବେଣୁଧ୍ୱନି ଶୁଭେ ।
ଆମ୍ଭ ପ୍ରଦେଶେ । ସୁମନ ସୁଦାମ ହୋଇବ ।
କିଙ୍କିଣୀ ପ୍ରବଳ ବଳ ହୋଇ କରି ନାନା ବିଳାସ ପ୍ରକଟିବ ॥
ଶ୍ରୋତରେ ସେ ସୁଖ-ସରିତ ସ୍ରୋତରେ ସତ୍ୱରେ ଚିତ୍ତ ମଜ୍ଜାଇଲା ।
ଧରି ସଖୀ କର ଧରିତ୍ରୀ-ଶୋଭି ଯେ ଉଭା ଚତ୍ୱର ଶୋଭା କଲା ।
କେହି ମୟୂର । ପୁଚ୍ଛ ଭ୍ରମର କେ ଡାକିଲେ ।
କେ ତହିଁ ପହଣ୍ଡ ମଣାଇ ଜଣାଇ ଅଣାଇ ବୀଣା କେ ବାଇଲେ ॥
ପୁଷ୍ପରାଗ ପତନରେ ସୁଯତନ ଯେଉଁ ସରଣି ହୋଇଥିଲେ ।
ଦ୍ୱିଜର ଅନୁରାଗୀ ସୁକୁମାରୀଙ୍କ ସେ ଦଗେ ବଜେ କରାଇଲେ ।
ବନେ ଜବନେ । ମିଳୁଁ ବୋଇଲା ଦିବ୍ୟବାଳା ।
ବିଟପ ବିଟପୀ ଏଥିତ ବହୁତ କହୁଁତ ଥିଲୁ ଆନ ଲୀଳା ॥
ବାଣୀଜା କଲା ପ୍ରମାଣ ମାଣବକ-ମୃଗ-ଜାତ-ନେତ୍ରା ଉତ୍ତର ।
ଏଥିରେ ବାଳା କାଳାନ୍ତରେ ଅଛି ରେ ଏହି ବିହାର ବ୍ୟବହାର ।
ଥିବା ବେଳରେ । ସୁମନା-ବଳୀ ମନୋହରେ ।
ପ୍ରକର ବିରଞ୍ଚି ଲାଳସ ଗଣିକା ଭବେ ସୁବାସ ହରିବାରେ ॥
ଶଶୀକଳା କଲା ସେ କଥା ସମ୍ମତ ଏମନ୍ତ କହିଲା ସେଥିରେ ।
ଇନ୍ଦ୍ର ତପସ୍ୱିନୀ ଯେନ ବହୁନେତ୍ର ଶୋଭି ହୋଇଥିଲା ଏଥିରେ ।
ଯାହା ପ୍ରେରିତ । ସେ ଭାବେ ଦେଖାଇଲା ଛଳେ ।
କେ କେଉଁ ମହୀରୁହ ଲତା ଅନାଇ ଚହଲାଉଥିବ ରାମା ବୋଲେ ॥
ପୁନ୍ନାଗ ନାଗର ଦେଖ ରେ ବୋଲି କେ ଦେଖାଉଁ ଅଙ୍ଗୁଳିରେ କରି ।
ଏହିତ ତରୁ ତରୁଣ-ଶ୍ରେଷ୍ଠ ନୋହେ ତରୁଣୀ-ରତନ ପଚ୍ଚିରି ।
ମଲ୍ଲୀ ବୋଲନ୍ତେ । କାହିଁକି ବୋଲି ସେ ହସଇ ।
ମାଧବୀଙ୍କ ତହିଁ ମାଧବୀ ବୋଲନ୍ତେ ଏହି ମଧୁପୁର ଭାଷଇ ॥
ଆଣିମି ଭଣି ସୁସ୍ୱରେ ନାଗେଶ୍ୱରେ ତାର ସନ୍ନିଧେ ଯାଉଁ କେହି ।
ମଥାକୁ ତାଳି ଏ କଥା ପୁଚ୍ଛା କଲା କଥା-ପ୍ରସଙ୍ଗ ହେଲୁ କେହି ।
ସେହି ବୋଇଲା । ଅଣିମି ସୁପର୍ଣ୍ଣେ ଭରସା ।
ଭାଷାକୁ ଭାଷା ମିଶିବାରୁ ହେଲା ଯେ ଏତିକ ଭାଷିଲା ସୁଦୃଶା ॥
ଚମ୍ପା କହ ନା ଜଗତ-ବନ୍ଦନାକୁ ସମ୍ପାଦିବ ସିନା ଏସନ ।
ଆମ୍ଭ ନଗର ନଗରୂପ ହେଲା କି ବୋଲି ଯେ କହିବ ବହନ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବୋଲେ କେ ତହିଁ । ହୋଇ ଏ ମୌଗ୍ଧ୍ୟ ପ୍ରକାଶିଛି ।
କେ କହେ ନୋହେ ଏ ପରମପଣ୍ଡିତା ମନକୁ ନାନାର୍ଥ ଆଣିଛି ॥
ଏମନ୍ତ ରହସ୍ୟ ବଶ ହସ ହସ ହଂସପନ୍ତି ପ୍ରାୟେ ଗମନ ।
ସମସ୍ତେ ସୁବେଶ ପ୍ରବେଶ ହୋଇଲେ ମାଙ୍ଗଲ୍ୟାଙ୍କ ଥିଲା ବିପିନ ।
କାଦମ୍ବିନୀ ଯେ । ଯତନେ କଢାଇ ନେଉଛି ।
ବିଧିରେ ବିଧିଙ୍କର ଆଜ୍ଞା ଅବଜ୍ଞା ନୋହିବ ଏ ହେତୁ ହୋଇଛି ॥
ସେ ବନ ଧନ୍ୟ ସମାନ ନାହିଁ ଅନ୍ୟ ସେବିତ ପୁଣ୍ୟବନ୍ତ ଜନ ।
ଶୁକ ପିକଯୂଥ କଥୟନ୍ତି ଚୈତ୍ରରଥ ନନ୍ଦନର ଜନନୀ ।
ସତ ଏ କଥା ।. ପ୍ରସବ ସୁଲକ୍ଷଣ ଅଛି ।
ଫୁଲ ପତନ ସ୍ତନ-ନାରିକେଳରେ ପୟ ପରିପୂର୍ଣ୍ଣ ହୋଇଛି ॥
ଉପକୁଲ୍ୟା ଆଦି ଉପକରଣକୁ ଅଛି ଏ ଗର୍ଭଗତ କରି ।
ତମାଲ-ଦଲ କୁନ୍ତଳ ବାନ୍ଧି ନାହିଁ ଅତପ-ସ୍ନେହୀ ସ୍ନାନ ସାରି ।
ଦିବ୍ୟ ବାସରେ । ଅଛି ସେ ଆଚ୍ଛାଦନ ହୋଇ ।
ଉଡ଼େ ପୁଷ୍ପରଜ ବ୍ୟାଜ ନିଜ ଦେହୁଁ କୁଙ୍କୁମ ଥିଲା ଉହୁ ଠାଇ ॥
ଏ କଥା ବୃଥା ହୋଇଥିଲେ ଶୋଭିତ ଲଭିଥାନ୍ତା କପାଁ ସେ ସ୍ଥଳେ
ଭସ୍ମ ଦ୍ୱିରଦ-ରଦ-ଚୂର୍ଣ୍ଣ କତବେ ନାଭି କୁରଙ୍ଗ-ନାଭି ଛଳେ ।
ଯକ୍ଷ ଅମରେ । ପୁରେ ଘେନଗଲେ ଏ ବର୍ଣ୍ଣୁ ।
ଋତୁପତି ପ୍ରିୟବତୀ ଯୁବତୀ ଏ ପାଳିତ ନ ପାରିବ ଶିଶୁ ॥
ତହିଁ ଶ୍ରୀହିଁ ଗୋଷ୍ଠୀ ଶ୍ୟାମଳା ଅବଳା ମେଳା ତପସ୍ୱିନୀ ତରକ ।
ଅବନୀ-ବନିତା ଗଭି ଶୋଭି ପୀତ ନୀଳ ଅମ୍ଳାନ-ମାଳାରେ କି ।
ଅଛି ମଧ୍ୟରେ । କେତକୀ-ଦଳ ଝଁରଏତ ।
ସେହି ସୁବାସରେ ପାଶକୁ ଭ୍ରମରଶ୍ରେଣୀ ହେଉଛନ୍ତି ଆଗତ ।
ସେକ୍ଷଣି ମିଳି ସୁଲକ୍ଷଣୀ ମିତଣୀ ସଙ୍ଗେ ମାଙ୍ଗଲ୍ୟାଙ୍କୁ ଓଲଗି ।
କଲ୍ୟାଣ କଲେ ସେ ଉଲ୍ଲାସେ ହୁଅ ତୁ ସୁଭାଗୀ ତାହାର ଶୋଭାଙ୍ଗି ।
ଯେହ୍ନେ ଜନ୍ମିବ । ଜାଣି ଗର୍ବହତେ ମଦନ ।
କି ନେତ୍ର-ନେତ୍ର-ଜାତବେଦରେ ଦହନ ହୋଇଲା ବହନ ॥
ପୁଚ୍ଛା କଲା କେହି ବାଞ୍ଛାଦ୍ରୁମ ହୋଇ ତୁମ୍ଭେ ବାଞ୍ଛା ପୂର୍ଣ୍ଣ କରିବ ।
କହିବ ସେ କାହିଁ ଜନ୍ମୁଛି କି ନାହିଁ କି ଦେବ ଦାନବ ମାନବ ।
ହେଲେ ବଞ୍ଚନ । ଜେମା ଜାଣିମ ମିଥ୍ୟା ଭବ ।
ସେ ଭାଷି ଆମ୍ଭ ମନେ ଏତ ଆଭାସି ଏ ପୁରେ ଅବଶ୍ୟତ ଥିବ ॥
ଥିବ କପାଁ ଅଛି ଅଛିଦ୍ରେ ଏ ପୁରେ ଜାଣୁଥାଇ ଏଣୁ ଚନ୍ଦ୍ରମା ।
ଅସମାନ ମାନୁ କରେ ତନୁ ତନୁ ସକଳ କଳଙ୍କର ସୀମା ।
ସେହି ହୋଇବ । ବୋଇଲେ ଅବଧୂତୀ ଥିଲେ ।
ଯା ଘେନ ସୁନ୍ଦରକୁଳେ ଅଧୋମୁଖୀ ଭାନୁ-ତନୁଜେ ବୋଲାଇଲେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପୁଷ୍କରତୀର୍ଥେ ଭାସ୍କର ଉପରାଗେ ସରାଗେ ସ୍ନାନ ଦାନ ଅର୍ଥେ ।
ଥିଲେ ସେ ଯାଇ ସଙ୍ଗତେ ମଣ୍ଡାଇ ନେଲେ ଅନୁପମ ପଦାର୍ଥେ ।
ହାହା ଶୋଭନ୍ତ । ପୁଷ୍ପକେତୁ ନାମ ତାହାଙ୍କୁ ।
ପାଟଳୀପୁତ୍ର ନୃପତିପୁତ୍ର ହେବ ଦମ୍ପତି ଲଭିଲେ ଏହାଙ୍କୁ ॥
ବୋଲି ଦେଖାଉଁ ଯେ କରନ୍ତି କରକ-ବୀଜ-ବିଜିତ-ଦଶନାର ।
ପୁଲକ ଅଙ୍କୁରେ ମୁକୁରେ ଯେ ଥିକ କରେ କପୋଳ ତତପର ।
ନୀପ-କୋରକ । ଧଇଲା କି ରସଲତିକା ।
ଜୃମ୍ଭାରେ ଅଧର ଏହି ଶୋଭା ଧରେ ଫୁଟେ ଅବା ଜବା-କଳିକା ॥
ବିଶ୍ୱରୁ ତୃତୀୟା ପ୍ରମଦା ପ୍ରୀତିୟା ହୋଇଲା ଶ୍ୱରୁ ସରୁକଟି ।
କଲ୍ୟାଣୀ ବଦତି ଶୁଣ ଗୋ ସୁଦନ୍ତି କଲ୍ୟାଣ ସତ ହୋଇଲାନ୍ତି ।
ପ୍ରତିଉତ୍ତର । କଲେ କି ହେବ ସତ ହୋଇ ।
ପୁନରୁକ୍ତି ହେଲା କି କି ପରକାରେ ବାରେ ଦେବା ଆମ୍ଭେ ଦେଖାଇ ॥
ଦେଖାଇବ ଏକା ଲେଖାଇବ ନାହିଁ ତାଠାରୁ ବିନୟପତର ।
ଲେଖାଇବ ଯେବେ ବିନୟପତ୍ରିକା ରଖାଇବ ଏକା ପାଶର ।
ଦୀକ୍ଷା ଦେଲା ଯେ । କୃତାର୍ଥ କରିବ ନାହିଁ କି ।
ତନ ସଙ୍ଗିନୀ ଇଙ୍ଗିତ ଉକ୍ତି ଯେନ ଭାଷିଲେ ନୋହିବ କାହିଁକି ॥
ବିଦ୍ୟା-ବିଶାରଦା ସାରଦା ଏକାଳେ ମାଙ୍ଗଲ୍ୟା ଚିତ୍ରପୁଂସ ମନେ ।
ପ୍ରବେଶ ଆବେଶ କରାଇଲେ ମାୟାରଚନେ ବେନି ଦରଶନେ ।
ଯେହି ଦୁହିଙ୍କି । ଶୁଭିଲା ଦଇବ ବଚନ ।
ବାଳକ ପ୍ରଥମପତି ଶ୍ୱରବର୍ତ୍ତୀ ମନୋରଥ ପରନ୍ତେ ବିଧାନ ॥
ଆଶ୍ଚର୍ଯ୍ୟ ପୁରୁଷ ଏ କାର୍ଯ୍ୟେ ଲାଳସ ଯୋଗରେ ଜାଣିଲେ କଲ୍ୟାଣୀ ।
କଲ୍ୟାଣୀ ଉଦ୍ୟମ ଉଦୟ କଳନ ଏହା ଅଭ୍ରତପୁଂସ ଜାଣି ।
ମୂର୍ତ୍ତିମନ୍ତ ଯେ । ସେ କାର୍ଯ୍ୟ ବିଧାତା ସମ୍ମୁଖେ ।
ଏଣୁ ସେ ବେନି ହୃଦୟ ଆଦରଣେ ଆଦରେ ପ୍ରତିବମ୍ବ ସୁଖେ ॥
କାଳ-କାନ୍ତ-ହର କାଳୀ-କାନ୍ତ ହର କାଳ କରିବେ ଏ ଉତ୍ସବ ।
ଦେଖା ଦେଖି ହୋଇ ଲେଖା ଲେଖି ହୋଇ ନୟନେ ନୟନେ ରଖିବ ।
ବୋଲି ନୃପଜା । ନୃପଜ ପୁରେ ପଠିଆଇ ।
ଦୀନବନ୍ଧୁ ନାମ ଥିଆଉଁ ଥିଆଉଁ ଦିନବନ୍ଧୁ ଦେଖା ନ ଯାଇ ॥
ବହିଲା ତାପର ପ୍ରଶଂସା ଶଶାଙ୍କ ଦହିଲା କଲା ଅପଘନ ।
ଲୋକନେ ମନୀଷା ନିଶା ବ୍ରହ୍ମନିଶା କଷାୟିତ ନୋହେ ଲୋଚନ ।
ସେତୁ ହେତୁରେ । ବିଚିତ୍ରକର୍ମା ରଘୁନାଥ ।
ତାଙ୍କ ଧ୍ୟାନରେ ଉପଇନ୍ଦ୍ର ବିଚିତ୍ର ଚରିତ ରଚନେ ସମର୍ଥ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଦ୍ୱାଦଶ ଛନ୍ଦ

ରାଗ—ବରାଡ଼ି । ଆଷାଢ଼ଶୁକ୍ଳ ବାଣୀ

(ସୁନୟନର ବେଶ ରଚନା)

ଖଳ ବାଳକେ ଏ କଥାପ୍ରସଙ୍ଗ । ତାଙ୍କ ଚିତ୍ତ କାହିଁ ସୁଗୀତେ ସଙ୍ଗ ।
ଯେ କବି ଅର୍ଥୀ ପଣ୍ଡିତ ସୁହୃଦ । ରସିକ ସେହି ଘେନମେ ଏ ଛନ୍ଦ ।
        ବ୍ୟସ୍ତ-ଅଲଙ୍କାର । ମଣ୍ଡନ-ବିଧି ନିର୍ଦ୍ଦୋଷ ବର୍ଣ୍ଣିବ ॥
ଉତ୍ପ୍ରେକ୍ଷା ଉପମା ରୂପକ ଘେନ । ବକ୍ରୋକ୍ତି ଶ୍ଳେଷ ଅଭିପ୍ରାୟ ଘେନ ।
ଦତ୍ତ ଚ୍ୟୁତାକ୍ଷର ଉଦୟ କାହିଁ । ବୁଝି ସଂଖ୍ୟାବାନ * ଅଯୁକ୍ତ ନାହିଁ ।
        ନିତ ସାରିବାକୁ । ସଖୀଗଣେ ବେଢ଼ି ନୃପ-ଜେମାକୁ ॥
ସୁଉରଜା-ବଲ୍ଲୀ ଭଳି ଏ ବାଳା । ବିଶୁଦ୍ଧ ହେମ ପୂରଟ-ପିତୁଳା ।
ଦିବ୍ୟ ପୀଠ ଗୁଳ-ପାଦେ ବସାଇ । ହରିଦ୍ରା ଲେପ ଦେଇ ଉହ୍ନି ଠାଇ ।
        ପତନ ସେ ରେଣୁ । କର-କରତେ ଘରଷଣ ଯେଣୁ ॥
ନୂତନେ ଦହିତ ବିରହାନଳେ । ହେବାରୁ ଜାଣି ମଜ୍ଜାଇଲେ ଜଳେ ।
ତୈଳ-ଯୋଗ-ତେଲ ଛଳ ରସାଣ । ପାଇ କାନ୍ତି ମହୋଜ୍ଜ୍ୱଳ ଦ୍ୱିଗୁଣ ।
        ତହୁଁ ନେଇ ପୁରେ । ବସାଇ ବେଶ କରିବା ବର୍ତ୍ତରେ ॥
ଶିଳ୍ପକାରକାଏ କହିଲ ତହିଁ । ମହା ମହୀପତି-କୁମାରୀ ଗୁହି ।
କନ୍ଦା ଅଲଙ୍କାରେ ହେବାର ଶୂନ୍ୟ । ଅଲଙ୍କାରେତ ହୋଇଲୁ ନ ଧନ୍ୟ ।
        ଅଲକାରେ ତୋତେ । ଅଲଙ୍କାର କର ଲେଖୁଁ ସମସ୍ତେ ॥
ତାର ଏମନ୍ତ କହି ଭଙ୍କା-ଆଳୀ । ବେଶ ସମ୍ଭାରମାନ ଘେନ ମିଳି ।
କେ କରେ ମାଜି ମୁକୁର ଦେଖାଇ । ମୁଖ ବିମ୍ବ ଧରି ବିମ୍ବ ବୋଲାଇ ।
        ବୋଇଲା ଯେ ଜଣେ । ଦରପଣ ସିନା ବହେ ଈକ୍ଷଣେ ॥
ଏ କଥା କହିବାର ତାତ୍ପର୍ଯ୍ୟ । ଅଧିକ ବସ୍ତ୍ର ବାସେ ଶିରୋଧାର୍ଯ୍ୟ ।
ଫେଇ ସୁଗନ୍ଧ ଧୂମେ ଧୂପ ଦେଇ । ଗଜଦନ୍ତ-କଙ୍କତିକା ଚଳାଇ ।
        ସେ ଏମନ୍ତ ଦିଶି । ଜଳଦ ପରେ ଧାମେ ଅର୍ଦ୍ଧଶଶୀ ॥
ଭଲ୍ଲ ଭଲ୍ଲ ବେଣୀ ହେଲା ଏ ବୃଷ୍ଟି । କୁରୁଣ୍ଟକ ଗଣ୍ଠି କହ୍ଲାର ଫୁଟି ।
ରାଜହଂସପକ୍ଷ ମୋତି-ସୀମନ୍ତ । ହୀରା-ପିହାଣିଆ ଅଗ୍ରରେ ତଥି ।
        ବଣା ଏକ ହଂସୀ । କାଳିନ୍ଦୀ ସ୍ରୋତେ ଯାଉଅଛି ଭାସି ॥
ସୁନାରୀମାନେ ଝିଲମିଲମାଳୀ । ବେନି ପାଶେ କଲେ ଉତ୍ତଂସ ଝୁଳି ।
କଲେ ଅଲକା-ଦାଣ୍ଡେ ହାଟ ପରି । ପ୍ରସରିଲା ସ୍ୱର୍ଣ୍ଣ ରତ୍ନ ପସରି ।
        ଚନ୍ଦ୍ର-ଝୁମ୍ପା ତହିଁ । କାହା ମାନସ ହର ନେଉ ନାହିଁ ॥ †

---

* ସଂଖ୍ୟାବାନ୍, ପଣ୍ଡିତ । The toilet described is still in vogue in Orissa.

† Names of various ornaments may be noted.

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଭୀରୁ ନୟନ ହାବ ଅଳଙ୍କାର । ବଶୀକରଣ ମଣି ତୋଳା ତାର ।
ଅସ୍ତ୍ର ଭାବେ ଦେଲେ କଜ୍ଜଳ ଆଣି । କେତେ ଅପୂର୍ବ କଲେ ବଷେ ଜାଣି ।
ସେ ମହା ଉଜ୍ଜ୍ୱଳ । ହେଲା ମୋହିବ ଭୁବନ-ମଣ୍ଡଳ ॥
ଘେନଲେ ଦ୍ୱିଜ-ଶୋଭନୀ ଏ ବାମା । ସର୍ବ-ରସୁ ପର୍ବ-ପୂଜା-ପ୍ରଥମା ।
କଲେ ମଲ୍ଲୀକଢ଼ୀ ଫୁଲେ ଅର୍ଚ୍ଚନା । କର୍ଣ୍ଣି-ଟାଟଙ୍କ ଆଳତ ରଚନା ।
ସୁବାସ ଚନ୍ଦନ । ଗନ୍ଧ ମିଶ୍ରିତ ଜଳକେ ବନ୍ଦନ ॥ *
କରି ସେ ଅତି ଜ୍ୟୋତି-ମୋତି ଗୁରୁ । ନାସା କୁରମାରୁ ହୋଇଲେ ଗୃରୁ ।
ପାଣି ଅଞ୍ଜଳି କରି ମୁଦ୍ରାମାନ । ଦେଖାଇ ଅଙ୍ଗୁଳି ଧଇଲେ ପୁନ ।
ଭୋଗ କରି ତହିଁ । ତାମ୍ବୁଳ ବଟିକା ହରଷେ ଦେଇ ॥ †
ଉରଜ ମହେଶ ଉନ୍ନତ ପାରି । ନୀଳ-ଶୈଳ ଗଣ୍ଡ-କୁଣ୍ଡ ଘୋଡାଇ ।
ହାର ଦେଇଁ ଗଙ୍ଗାଧର ହୋଇଲା । କେ ବୋଲିଁ କେ ବୋଲେ କେତେଁ ନୋହିଲା ।
ଏ ପୁଂନାଗ-ମାଳା । ସମ୍ଭାବିତ ଯହିଁ ତହିଁ ରହିଲା ॥
ଜ୍ୟୋତିର୍ବିଦା ଭଷି ଏ ଶୋଭା-ରାଶି । ନକ୍ଷତ୍ର-ମାଳା ଯୋଗେ ଶୋଭା ଦଶି ।
ପୁଣି ଚନ୍ଦ୍ର ଭୋଗ କରେ ଏ ନିତ୍ୟ । ଶଉରି ସଙ୍ଗରେ ସଭେଦ କୃତ ।
ଦେବ ତାଡ ଭୂଜେ । ଉଦିତ ହେବ କବି ଦୃଷ୍ଟି ଉର୍ଜେ ॥ ‡
କି ଦୃଷ୍ଟି ବୋଲି ପଚାରିଲା କେହି । ବୋଲେ ମରକତେ ନିର୍ମିତ ସେହି ।
ଘନାଳିଙ୍ଗନେ ଶାଖା ସ୍ଥିର ପରି । ଦଶି ହୋଇବ ଯେ ନୟନ-କାରି ।
ଝିଂଠ କରି ଦେଲେ । ସେହି ଶୋଭାକୁ ପ୍ରତ୍ୟକ୍ଷେ ଦେଖିଲେ ॥
ସୁମନାମାନେ ମାନସେ ବିଚାରି । ଲାବଣ୍ୟ ସିନ୍ଧୁ ନଷ୍ଟେ ଏ ନାଗରୀ ।

---

* ଦ୍ୱିଜ-ଶୋଭନୀ (ଦନ୍ତ-ଶୋଭନୀ) ଶମ୍ଭା ଶୋଭନୀ (ଶୋଭାବତୀ) ସଖୀମାନେ ମନରେ ଘେନଲେ—ଅମ୍ଭେ ଦ୍ୱିଜ (ବ୍ରାହ୍ମଣ), ଏ ବାମା ସର୍ବରସ୍ତ [କାମ]ର ପର୍ବ (ଅର୍ଣ୍ଣିନପର୍ବ) ପୂଜାପ୍ରଥମା, ଅତଏବ ମଲ୍ଲୀକଢ଼ୀ ଫୁଲରେ ଅର୍ଚ୍ଚନା (ପୂଜା) କଲେ (କାନରେ ମଲ୍ଲୀକଢ଼ୀ ଏବଂ କର୍ଣ୍ଣଫୁଲକୁ ଦେଲେ), କର୍ଣ୍ଣି-ତାଟଙ୍କ ଆଳତି ହେଲା ତାକୁ ରଚନା କଲେ (କାନରେ ତାଟଙ୍କ ଦେଲେ), ସୁଗନ୍ଧମିଶ୍ରିତ ଜଳକେ ଯାହା ବନ୍ଦନ କଲେ ସେ ସୁବାସ ଚନ୍ଦନ ହେଲା ତହିଁରେ ବନ୍ଦନ [ପୂଜା] କଲେ ।

† ପାନବଡ଼ାବା ପାନଖିଲି ହରଷେ ଦେଲେ ।

‡ ଜ୍ୟୋତିର୍ବିଦା (ଜ୍ୟୋତିଷବୁଦ୍ଧିବତୀ) ଭଷିଲା—ଏ ଶୋଭାରାଶି (ସୁନ୍ଦରୀ) ରାଶି=Constellation ତୁଲ୍ୟଶୋଭା that is ଶୋଭାମୟୀ । ପୁଣି ସେ ରାଶିରେ ଶଉରି (ଶନୈଶ୍ଚର) ସଙ୍ଗରେ ଚନ୍ଦ୍ର ଭୋଗକରେ, ଦେବତାଡ଼ [ସନ୍ଧ୍ର] ଭୂଜେ (ମଙ୍ଗଳଠାରେ) କବି (ଶୁକ୍ର) ଦୃଷ୍ଟି ଉର୍ଜେ (ଉଚ୍ଚରେ) ଉଦିତ ହୁଏ ; ଏ ସଉରି (ଉରସହିତ) ସ୍ତନ ସଙ୍ଗରେ ଚନ୍ଦ୍ର (ସୁବର୍ଣ୍ଣହାର) ଭୋଗ କରେ ଏଠାରେ ଭେଦରେ ଶଉରି ସଉରି ହେଲା, ଏହା ଭୂଜରେ ତାଡ଼ ଦେବ ସେ ଭୂ [ପୃଥ୍ୱୀରେ] ତାଡ଼ନ [ଭୂଜର 'ଜ' ତ୍ୟଜି, ତାଡ଼ରେ 'ନ' ଦତ୍ତ] ଦେବ ଏବଂ କବିମାନଙ୍କର ବର୍ଣ୍ଣନା ଦୃଷ୍ଟି ଉଚ୍ଚରେ ଉଦିତ ହେବ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କରି ମକରୀ ଭୁରତେ ସଜିତ । ଭରମ-କଣ୍ଠକେ କରେ ସଂଯୁତ ।
ପୁଣି ସେ ସତ୍ୱର । ପୟରେ ଲୀଳା ଦେଇ ହଂସକର ॥ *
ବୋଇଲେ ଧୁନ ମେଳ ହେବାବେଳେ । ଦେବ ଯୁବା-ଧୈର୍ଯ୍ୟବୁଡ଼ାଇ ହେଲେ ।
ଗମ୍ଭୀର-ଗୁଣ-ନିପୁଣା ଏ ପୁଣି । ମୀନ ନୟନ ତରଙ୍ଗ ତ୍ରିହାଣି ।
କମନୀୟ ଶିରୀ । ସବୁ ପ୍ରକାରେ ଅଛୁ ଜାତ କରି ॥ †
ଚତୁରୀ ସଖୀଏ ମଞ୍ଜୁ ମଞ୍ଜିର । ଖଞ୍ଜି ପାଦେ ବୋଲେ ଅନ୍ଦୁ ଏହାର ।
ହେମ-କରଣୀ ଏ ତରୁଣୀ ସତ । ଯଉବନ-ମଦେ ହେଲା ଏ ମତ୍ତ ।
ଲଜ୍ଜା-ଅଙ୍କୁଶରେ । ଶାନ୍ତ ଭଜିବ ସିନା ଅନଶରେ ॥
ଦେଇ କେ କହେ ଏ ମୁଦିର ନାଦେ । ନୀଳକଣ୍ଠ ବଶ ହେବେ ପ୍ରମୋଦେ ।
ଯୋଗ ବନା ଭୋଗେ କରିବେ ମତି । ଉଦ୍ଦୀପନକାରୀ କାଳର ରୀତି ।
ଆଲମ୍ବନ ଭାବ । ଛୁଇଁଛୁ କେମନ୍ତେ ଦମ୍ଭ ରହିବ ॥ ‡
ପଦ୍ମିନୀ ବେଶ ଯଥୋଚିତ ବାସ । ପିନ୍ଧାଇ ସଜନୀ ହୋଇଲେ ତୋଷ ।
ବୋଇଲେ ଦେଖିଲା ଜନ ନୟନ । ହେବତ ନିରତନ-ନିକେତନ ।
ଛଳଲା କେ ଭାବେ । ରସିକା ଲାସିକା ହୋଇଲା ତେବେ ॥
ଏ ବଧୂ ରସନିଧି ବେଶ ସାର । ନିଜ ବ୍ୟାପାରେ ଗଲେ ଶିଳ୍ପକାରୀ ।
ଏ କାଳେ ଦ୍ୱିଜେ ଭାଷି ରାମ ଘୋଷ । ବନ-ବିହାରେ ହୋଇଲେ ଲାଳସ ।
ଉପଇନ୍ଦ୍ର ଘୋଷେ । ଶ୍ରୀରାମ ଇନ ଅଘ-ତମ ନାଶେ ॥

---

* ସୁମନା (ପଣ୍ଡିତା) ସଖୀମାନେ ବିଚାରିଲେ ଏ ନାଗରୀ ନିଶ୍ଚେ ଲାବଣ୍ୟ-ସିନ୍ଧୁ, ଅତଏବ ସମୁଦ୍ରରେ ମକରମତ୍ସ୍ୟ ସଜିତ ହୋଇଥିଲା ପରି ଗଣ୍ଡରେ ମକରୀଚିହ୍ନକୁ ଭୁରତେ ସଜିତ କଲେ, ସମୁଦ୍ର ଭ୍ରମର (ଭ୍ରମ=ଜଳଭଉଁରୀ) ଏବଂ କଣ୍ଠକେ [ଲବଣରେ] ସଂଯୁତ ହେଲାପରି ହସ୍ତକୁ ଭରମକଣ୍ଠକେ (ସ୍ୱର୍ଣ୍ଣକଙ୍କଣରେ) ସଂଯୁକ୍ତ କଲେ, ପୁଣି ସମୁଦ୍ର ପୟରେ (ଜଳରେ) ହଂସକର (ରାଜହଂସର) ଲୀଳା ହେଲାପରି ସତ୍ୱର ପୟରେ [ପାଦରେ] ହଂସକ (ପାଦାଭରଣ) ଦେଇ ତାହାର ଲୀଳା କରାଇଲେ । **Notice that ହଂସ and ଭଉଁରୀ as are not noticeable in the sea, have been introduced.**

† କହିଲେ—ସମୁଦ୍ରରେ ଧୁନ (ନଦୀ) ମେଳ ହେଲା ବେଳେ (ବର୍ଷାକାଳରେ) ସୃଷ୍ଟିକି ବୁଡ଼ାଇ ଦେଲାପରି ଚରଣରେ ପାଦାଭରଣଧୁନ ମେଳ ହେଲାବେଳେ ଏ ଲାବଣ୍ୟସିନ୍ଧୁ ଯୁବାମାନଙ୍କର ଧୈର୍ଯ୍ୟ ବୁଡ଼ାଇ ଦେବ, ସମୁଦ୍ର ଗମ୍ଭୀର, ଏ ଗମ୍ଭୀରଗୁଣନିପୁଣା, ମୀନ ପରି ନୟନ, ତରଙ୍ଗପରି ଛଟକ ତ୍ରିହାଣି, ଶିରୀ (ଲକ୍ଷ୍ମୀ) ପରି କମନୀୟ ଶିରୀ (ମନୋହର ଶୋଭା) ସୁତରାଂ ସମୁଦ୍ର ଲକ୍ଷଣକୁ ସବୁ ପ୍ରକାରେ ଜାତ କରିଛୁ ।

‡ ପାଦରେ ମୁଦ୍ରି ଦେଇ କେ କହେ—ଏ ମୁଦିର [ମେଘ] ନାଦରେ ନୀଳକଣ୍ଠ [ମୟୂର] ପ୍ରମୋଦ ହେଲା ପରି ଏ ମୁଦ୍ରିର ନାଦରେ ନୀଳକଣ୍ଠ (ଶିବ) ପ୍ରମୋଦ ହେବେ, ଯୋଗ ବନା ଭୋଗରେ ମତି କରିବେ । ବର୍ଷାକାଳର ରୀତି ଉଦ୍ଦୀପନକାରୀ ହେଲାପରି ସୁନ୍ଦରୀର ନବଯୁବା କାଳର ରୀତି ଉଦ୍ଦୀପନକାରୀ ହୋଇଛି ଏବଂ ଶିବ ପ୍ରଭୃତିଙ୍କ ଚିତ୍ତକୁ ଆଲମ୍ବନ (ଆଶ୍ରୟଭାବ) ଛୁଇଁଛି, କେମନ୍ତେ ଦମ୍ଭ ରହିବ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବଂଶ ଛନ୍ଦ

ରାଗ—ବଳହଂସକେଦାର ଓ ଭୂପାଳ *

ବୁଦ୍ଧସାରସେ ବେନି ରାଗ ରୁଚିର । ନୀରକ୍ଷୀରମିଶ୍ରିତ ଦ୍ୱିରୁକ୍ତି ବାର ଯେ ।
ଶୁକ କହିବାରତି ଶୃଙ୍ଗାରୀ ସ୍ୱର । ସାରୀ ଅଗ୍ରତେ ମୃଦୁତରହିଁ କରି ଯେ ।
ନାଗରମଣି ସାର ଶୂର-ଶ୍ରୀ-ଧାମ । ନାହିଁ ଶ୍ରୁତରେ ତାହା କୀରତି ସମ ଯେ ।
ସୁନା ସାଦୃଶ କାନ୍ତି କି ମନୋରମ । କାମିନୀଚୟ ଧୈର୍ଯ୍ୟ ହରିକୁ କ୍ଷମ ଯେ ।
ଲୋକେ କେଶରୀ ବୋଲି ସ୍ତୁତି କି ଭଣି । କରି ଅରି ଜୟ କୁମ୍ଭଧରେ ପୁଣି ଯେ ।
ବିଧିର ଚିତ୍ତଦୁଃଖ ସେ ପାଇଲି ଯେ । ବଂଶ ଜୋଗାରେ ବୋହି ବଞ୍ଚନା ଖୋଜେ ଯେ ।
ସୁମନସର ପାତେ କି ଦରଭୃତେ । ଚନ୍ଦ୍ର ସୁନ୍ଦର ଚିତା ଚମକେ କେତେ ଯେ ।
ନୀର ତେଜି ବନରେ ଆଦରହୀନ । ରତନବରବେଶେ ନ ବଳେ ମନ ଯେ ।
ତା ପଲ୍ଲବ ଶୟନେ ନ ଆସେ ନିଦ୍ରା । ଲେଖ ନେତ୍ର-ସମ୍ପତ୍ତି ଶରଧା ସଦା ଯେ ।
ବିରହେ ଭାସି ସେ ଯେ ସରସୀ ତର । ଆନ ନ ଦେଖେ ପ୍ରତିଆଶାରେ ତାର ଯେ ।

---

* ଏ ଛନ୍ଦରେ ପୁଷ୍ପକେତୁ ପକ୍ଷରୁ ଶୁକ ବଳହଂସକେଦାର ରାଗରେ ଓ କୋଟିବ୍ରହ୍ମାଣ୍ଡସୁନ୍ଦରୀ ପକ୍ଷରୁ ସାରୀ ଭୂପାଳରାଗରେ କହୁଅଛି । ଏଥିରେ ଦୁଇଜଣଙ୍କର ଉକ୍ତି ମିଶ୍ରିତ ହୋଇଛି ।

ପୁରୁଷପକ୍ଷ—ନାଗରମଣି (ସ୍ତ୍ରୀପକ୍ଷ) ନାଗ+ରମଣୀ, (ନାଗରଶ୍ରେଷ୍ଠ) ସାର ଶୂର-ଶ୍ରୀ-ଧାମ (ସ୍ତ୍ରୀ) ସୁରଭି+ଧାମ । ଶ୍ରୁତରେ=ଶାସ୍ତ୍ରରେ (ଶୁଣିବାରେ). କୀର୍ତ୍ତି=(କି+ରତି) ସୁନାସାଦୃଶ= ସୁନା+ସାଦୃଶ (ସୁନାସା+ଦୃଶ) ।

କେଶରୀ (କେ+ଶରି), କରି=doing and କରୀ=Elephant, ମଧ୍ୟ for ମଧ୍ୟଲୋକ +waist, ବିଧୀର+ବିଧି-ରଚିତ, ବଞ୍ଚନା is used to mean ଉପାୟ ।

1st ମନସର=ମନର, 2nd ସୁମନସର=ପୁଷ୍ପର, ଦରଭୃତେ for fear, ଚିତା=ଚିହ୍ନ ।

ପୁ—ତା (ତାକୁ) ପଲ୍ଲବଶୟନେ (ପଦ୍ମପତ୍ର ଶଯ୍ୟାରେ) ଲେଖ (ଜାଣ) ସରସୀ (ପୁଷ୍କରିଣୀରେ) ଭାସିଲାପରି ବିରହରେ ଭାସଇ, ତାର (ସୁନ୍ଦରୀର) ପ୍ରତ୍ୟାଶା ବ୍ୟତୀତ ଆନ ତର (ଗତି) ନ ଦେଖେ ।

ସ୍ତ୍ରୀ—ତାପ ହେତୁ ଶୟନରେ ଲବମାତ୍ର ନିଦ୍ରା ନ ଆସଇ, ଲେଖ (ଦେବତାମାନଙ୍କର) ନେତ୍ରସମ୍ପତ୍ତିରେ (ଅପଲକ ହେବାରେ) ସଦା ଶଙ୍କା ପ୍ରକାଶ କରୁଛି, ପ୍ରତିଆଶାରେ (ପ୍ରତିଦାଗରେ) ତାର (ପୁରୁଷର) ଆନନ (ମୁଖ) ଦେଖଇ, ସରସିତର (ରସିକର) ଶେଯେ ପଡ ହେ କୀର ବୋଲି ଭାଷଇ ।

ପୁ—ଆଗମ ନ ଯାଇଛି (ପ୍ରାପ୍ତି ଆଶା ଯାଇ ନାହିଁ) ଗୃହାନ୍ତେ ଦଶଇ, ଏ ଯେତେ ଲଭିଲା ଭରସାରେ ସନ୍ତୋଷେ ବସଇ, ପାଞ୍ଚଇ ମୋହର ପକ୍ଷଜନମୁଁ (ଡେଣା ଜାତ ହେଉ) ଉଡି କରି ଯାଇ ସତେ (ଅବଶ୍ୟ) ତାକୁ ପାଇବ, ତା ଅଧରାମୃତ ମତେ ନଷ୍ଟେ କାରଣ ହେବ ।

ସ୍ତ୍ରୀ—ଆଗ ତା ପାଖକୁ ମନ ଯାଇଛି, ଗୃହାନ୍ତେ ଦଶେ (ଦଶମାନଙ୍କରେ) ଲଭି (ପାଇବା= ଦର୍ଶନ) ଲାଭ ହେଉଛି, ପାଞ୍ଚଇ ରସାରେ (ପୃଥିବୀରେ) ସନ୍ତୋଷରେ ମୋହ ବଶରେ ଅଛି ଏପରି ପକ୍ଷଜନ (ପ୍ରାଣସଖା)କୁ ସତେ ପାଇବ ? ଅଧରା (ଧରା ନ ଦେଲେ) ମତେ ନଷ୍ଟେ ମୃତ (ମରଣ) କାରଣ ହେବ ।

ପୁ—କାମନା ସଫଳରେ ଗୁରି କରିବ (ଦୂତ ପଠାଇବ), ପ୍ରତିଭାଷର (ପ୍ରତିକଥାରେ) ଏହିତା ଥାଇ—ସେ କି ରସନିଧି ! ଦେବକୀକୁମାର (ଶ୍ରୀକୃଷ୍ଣଙ୍କୁ) ସ୍ତୁତି କରଇ ।

ସ୍ତ୍ରୀ—କାମନାଶ ଫଳରେ କରି+ବର୍ତ୍ତିର, ପ୍ରତିଭାଷ (ପ୍ରତ୍ୟୁତ୍ତର) କରିବାକୁ କୀର (ଶୁକ) ସନ୍ନଦ୍ଧଥାଇ ହୋଇଛି । ଆହେ କରୁଣାକର କୁମାର (ରାଜପୁତ୍ର)କୁ ଦେବ କି ?

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଆଗମ ନ ଯାଉଛୁ ଗୃହାନ୍ତେ ଦଣେ । ଲଭିବା ଭରସାରେ ସନ୍ତୋଷେ ବସେ ଯେ ।
ପାଞ୍ଚେ ପକ୍ଷ ଜନମୁଁ ପାଇବ ସତେ । କଷ୍ଟେଁ ଅଧରାମୃତ କାରଣ ମତେ ଯେ ॥
କାମନା ସଫଳରେ କରିବ ଗୃର । କ ରସନାୟ ଥାଇ ପ୍ରତିଭାଷର ଯେ ।
ଦେବକୀକୁମାରକୁ କରଇ ସ୍ତୁତି । ଆହେ କରୁଣା କରମୁଁ ଅତିଆର୍ତ୍ତି ଯେ ॥
ଚନ୍ଦ୍ରକାନ୍ତମୁହାଁଙ୍କ ଦ୍ରବିଲ ଗୃହିଁ । ହା ସେ ଚନ୍ଦ୍ରପ୍ରତିଭା ଧିଆନ ଏହି ଯେ ।
ଭ୍ରମରଙ୍କୁନୟନୀ ପୁଣି ଯେ ସ୍ୱଚ୍ଛେ । ମତେଭଗତ ସ୍ନେହେ ତାରିବ ପୁଚ୍ଛେ ଯେ ॥
କର ଯେ ଠୁକ୍କ ଖେଡ ଘାନ ସେ ସାର । ତନୁହୀନଶୋଭନ ଜ୍ଞାନତା ହାରି ଯେ ।
ହା ସ୍ୱବର ତା ପାଶ ସୁହୃଦେ ଛନ୍ନ । ରଜନୀକର କରେ ଶୟନ ଯେନ ଯେ ॥
କରେ ଗଉରୀପତି ସେବାରେ ପ୍ରେମ । ମାଳକରେ ଆଦର ଜପଇ ନାମ ଯେ ।
ଶିବଦେବ ଅଭୟ ଦେବାରେ ଧ୍ୟାୟି । ଈଶ ପରାଧୀନରେ ଏମନ୍ତ ହୋଇ ଯେ ॥

ପୁ—ସେ ଚନ୍ଦ୍ରକାନ୍ତମୁହାଁ (ଚନ୍ଦ୍ରସୁନ୍ଦରମୁଖୀ) ଙ୍କ ଗୃହିଁ ମୁଁ ଦ୍ରବିଲି ବୋଲି କହୁଅଛି । ହା ! ସେ ଚନ୍ଦ୍ରପ୍ରତିଭା (ସୁବର୍ଣ୍ଣବର୍ଣ୍ଣା) ଏହି ଧ୍ୟାନ କରୁଛି । ପୁଣି ସ୍ୱଚ୍ଛରେ ମିତ୍ରଙ୍କୁ ପୃଚ୍ଛଇ—ସେ ଭ୍ରମରଙ୍କୁନୟନୀ (ଚଞ୍ଚଳ ମୃଗଲୋଚନା) ମତେଭଗତ ସ୍ନେହରେ ମୋତେ ତାରିବ କି ?

ସ୍ତ୍ରୀ—ମୁହିଁ ଚନ୍ଦ୍ରକାନ୍ତମଣି କି ? ତାଙ୍କର ଚନ୍ଦ୍ରପ୍ରତିଭା ସଦୃଶ ହାସରେ ଦ୍ରବିଲି, ଧୀ (ବୁଦ୍ଧି) ଅନ ହୋଇଗଲା ଏହି କଥା କହି ପୁଣି ସେ ରଙ୍କୁନୟନୀ (ମୃଗନେତ୍ରୀ) ଭ୍ରମ ହୋଇ ସ୍ୱଚ୍ଛରେ ପାଶସ୍ଥିତ ଶୁକକୁ ପୃଚ୍ଛଇ—ଭଗତ (ଭକ୍ତି) ସ୍ନେହରେ ମୋତେ ତାରିବ କି ?

ପୁ—ସେ (ପୃଥ୍ୱୀରେ) ଘନ ହୋଇ କର କପାଳରେ ଠୁକ (ମାରୁଛି), ତନୁ (ଦେହ) ହୀନ ଶୋଭନ (ଅଶୋଭା) ହୋଇଅଛି ଜ୍ଞାନତା (ଚେତନା) ହାରିବାରୁ ତା ପାଶରେ ଥିବା ସୁହୃଦେ ହା ସ୍ୱବର (ହାୟ ହାୟ ଧ୍ୱନି କରି) ଛନ୍ନ ହେଉଛନ୍ତି, ଦେହଦାହ ଶାନ୍ତ ନିମିତ୍ତ ରଜନୀକର (କର୍ପୂର)ରେ ଶୟନ କରଇ ଏମନ୍ତ ଯେନ ।

ସ୍ତ୍ରୀ—କରଜେ (ନଖରେ) ଖେଡ ଠୁକ ସେ ଦନ ସାରୁଛି, ତନୁହୀନ-ଶୋଭନ (କନ୍ଦର୍ପ ପ୍ରାୟେ ସୁନ୍ଦର) ପୁଷ୍ପକେତୁଠାରେ ତାହାର ଜ୍ଞାନ ରହିଛି, ତା ସୁହୃଦେ (ଉତ୍ତମ ହୃଦୟରେ) ଥିବା ହାରବର (ଉତ୍ତମ ମାଳାକୁ) ପାଶ କରି ଛନ୍ନ ହେଉଛି, ରଜନକର (ଧୂଳିରେ) ଶୟନ କରେ ଏମନ୍ତ ଯେନ ।

ପୁ—ମାଳିକରେ (ମାଳୀହାର) ଗୌରୀପତି ସେବାରେ ପ୍ରେମ କରଇ, ଆଦରରେ ନାମ ଜପଇ, ଶିବଦେବ (ସୁଖଦାତା ପ୍ରଭୁ ମହାଦେବଙ୍କୁ) ଅଭୟ ଦେବା ନିମିତ୍ତ ଧ୍ୟାୟି ଈଶପର—ଅଧୀନରେ= କାମାଧୀନ ହୋଇ ଏମନ୍ତ ହୁଅଇ ।

ସ୍ତ୍ରୀ—ଗୌରୀ (ଗୌରାଙ୍ଗୀ) ପତିସେବାରେ ପ୍ରେମ ପ୍ରକାଶ କରଇ, କରେ ମାଳୀ ଧରି ଆଦରରେ ନାମ ଜପଇ, ହେ ଅଭୟଦେ (ଅଭୟବରଦାୟିନୀ—ଅମ୍ବିକେ) ! ବାରେ (ଥରେ) ଶିବ ଦେବ (ମଙ୍ଗଳ ଘଟାଇବ) ବୋଲି ଧ୍ୟାୟି, ସେ ଈଶ-ପରାଧୀନରେ (ପତିପରାଧୀନ ହୋଇ) ଏମନ୍ତ ହୁଅଇ ।

ପୁ—ସଦା ମାନସର (ମାନସସରୋବରରେ) ହଂସ ପରି ସୁଗତି (ସୁଗମନା) ମନରେ ରତ (କ୍ରୀଡ଼ା) କରୁଛି । ଘନରେ (ମେଘଠାରେ) ସ୍ଥିତ ସ୍ତୋକ (ଚାତକ) ସ୍ନେହ ତୁଟଇ କି ? ତାର ଜୀବନ (ଜଳ) ବିନା ରକ୍ଷା ଅଛି କି ? ସେହିପରି ସୁରମଣୀ (ଉତ୍ତମାସ୍ତ୍ରୀ) ଚନ୍ଦନ-ସୁବାସୀ ଏକମାତ୍ର ଗତି ସିନା ।

ସ୍ତ୍ରୀ—ସଦା ହଂସସୁଗତି (ହଂସଗମନାର) ମାନସ ମନ ସୁନ୍ଦରଠାରେ ରତ ହୋଇଛି, ତାହାର ଘନରେ (ନିବିଡରେ) ତାଠାରେ ସ୍ନେହ ସ୍ଥିତ ହୋଇଛି, ସେ ସ୍ତୋକ (ଅଳ୍ପ) ସ୍ନେହ କି ଏହିଜରେ ତୁଟିଯିବ । ତାର ଆଉ ଜୀବ (ଜୀବନ) ରକ୍ଷାର ଉପାୟ ଅଛି କି ? ଚନ୍ଦନସୁବାସୀ ନବୀନାର ସେ ଶୂରମଣି (ବୀରଶ୍ରେଷ୍ଠ) ଏକମାତ୍ର ଗତି ସିନା ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସଦା ହଂସଯୁଗତ ମାନସରତ । ସ୍ତୋକ ସ୍ନେହ କି ଗୁଣ୍ଠି ଘନରେ ସ୍ଥିତ ଯେ ।
ଅଛୁ କି ତାର ରକ୍ଷା ଜୀବନ ବନା । ସୁରମଣି ଚନ୍ଦନସୁବାସୀ ସିନା ଯେ ।
ସୁରତରଙ୍ଗିଣୀରେ ମଜ୍ଜିବା ମତ । ଇଚ୍ଛେ ଏହା ତାହାର ଜନ୍ମାନ୍ତ ପ୍ରୀତ ଯେ ।
ମୁ କତକ ଲଭିବ ସୁକୃତ ଥିଲେ । ଭାବନୀରତରସେ ଜର୍ଜ୍ଜର ଭଲେ ଯେ ।
ଈଷିତ ଯିବା ନାହିଁ ଦେହଳୀ ବଳ । ଯୁଗଳ ବସିବାର ପ୍ରସନ୍ନ ଭଲ ଯେ ।
ଖଟି ମିତେ ପକାନ୍ତି ନିଶ୍ୱାସ ଖର । ଅବା ଜୀବ ପବନେ ଉଡ ଏ ଡର ଯେ ।
ଆହା ରତନରୁଚେ ବିଷଦକର । ଏକାକୀ ଭିତଭର କପୋଳେ କର ଯେ ।
ତାହା ପରାପତ ମୋ ହୋଇବ କେହି । ମୋହିତ ସେ ସଂସାରେ କି ସ୍ନେହ ବହି ।
ରସିକବର ନୋହିଁ ସୁମନ ବାରେ । ବରବର୍ଣ୍ଣିନା କଣ୍ଠଗତକ ସ୍ମରେ ଯେ ।
କହେ ରସାଳସିରେ କୋକିଳ ବାଣୀ । ଶତ କୋଟି ଲକ୍ଷ୍ୟ ସେ ଚିତ୍ତକୁ ଅଣି ଯେ ।

ପୁ—ଦେହଳୀ (ଦ୍ୱାରବନ୍ଧ) ବଳି ଯିବା ଶକ୍ତି ଈଷିତ (ବାଞ୍ଛିତ) ନାହିଁ, ପ୍ରସନ୍ନ (ପ୍ରଫୁଲ୍ଲଭାବରେ) ଯୁଗଳ ହୋଇ ବସିବାର ଭଲଇ, ଏମନ୍ତ ଦେଖି କେବେ ଏ ଶୁଭଯୋଗ ଘଟିବ ବୋଲି ମିତେ (ମିତ୍ରମାନେ) ଖଟି (ଖଡ଼ି) ପକାନ୍ତି ଏବଂ ଖରନିଶ୍ୱାସ ଦେଖି ଡର ହୁଏ ଏ ପବନେ (ଏ ନିଶ୍ୱାସପବନ ସହିତରେ) ଜୀବ ଅବା ଉଡ଼ି (ପ୍ରାଣ ଅବା ଉଡ଼ି ଯିବ) ।

ସ୍ତ୍ରୀ—ଦୁଃଖରେ ଭାଷିବା ଈଷିତ (ଈଷି ଈଷି ବଚନତ) ଦେହଳୀ ବଳି ଯିବାକୁ ନାହିଁ, ଶିବାର ପ୍ରସନ୍ନ ଭାଳି ଲବ ସମସ୍ତ ଯୁଗସମାନ ବୋଧ ହେଉଛି, ଏ ଅବସ୍ଥାରେ ମିତେ (ସଖୀମାନେ) ଖଟି (ସେବା କରି କରି) ବସ୍ତ୍ରସ୍ୱରେ ଖରନିଶ୍ୱାସ ପକାନ୍ତି, ଅତକ୍ଷୀଣ ହୋଇଛି ପବନରେ ଅବା ଉଡ଼ି ଯିବ ସେମାନଙ୍କର ଏ ଡର ହେଉଛି ।

ପୁ—ଭିତଭର (ଭୟାଧିକ୍ୟ) ହେତୁ କପୋଳେ କର ଦେଇ କହେ ଆହା ହେ ରତନରୁଚେ (ରତ୍ନକାନ୍ତି) ବିଷଦକର (ଚନ୍ଦ୍ର) ମୁ ଏକାକୀ, ତାହା (ସେ ସ୍ତ୍ରୀର) &c. ସେ ସଂସାରରେ ମୋ ହିତ (ମୋର ହିତକାରିଣୀ), ମୋଠାରେ କି ସ୍ନେହକୁ ବହୁଛି ।

ସ୍ତ୍ରୀ—ବିଷ-ଦକର (ବିଷ ଭୟରେ) ଆହାରତ ନ ରୁଚଇ, ଏକାକୀ ଦୁଃଖରେ ଭିତ୍ତିଭର (କାନ୍ଥକୁ ଆଉଜି) କପୋଳେ କର ଦେଇ ବସଇ, ତାହା ପରା ପତ କେହି ହୋଇବ, ସେ ସଂସାରରେ ମୋଠାରେ ସ୍ନେହ ବହି ମୋହିତ ହୋଇଛନ୍ତି କି ?

ପୁ—ସେ ରସିକବର ବାରେ (ଥରେ) ସୁଦ୍ଧା ସୁମନ (ସୁଖୀ) ନୋହି, ସେ ବରବର୍ଣ୍ଣିନା କଣ୍ଠଗତକ ସ୍ମରଣ କରୁଛି, କହୁଛି ରେ ରସାଳସି ! ରେ କୋକିଳବାଣି, ଏହିପରି ଶତବାର କୋଟିବାର ଲକ୍ଷ୍ୟ (ଲକ୍ଷଣାବୋଧ୍ୟ କଥାମାନଙ୍କୁ) ସେ ଚିତ୍ତକୁ ଅଣୁଛି ।

ସ୍ତ୍ରୀ—ସେ ରସି କରି ସୁମନବାରେ (ପୁଷ୍ପସମୂହରେ) କବର (କେଶବେଶ) ନୋହି ବର (ପତି ପୁଷ୍ପକେତୁର) ବର୍ଣ୍ଣିନା କରି ଗତକ (ଉଦ୍ଧାର ଉପାୟକୁ) ସ୍ମରଣ କରୁଛି, ରସାଳଶିରେ (ଆମ୍ରବୃକ୍ଷ ଉପରେ) କୋକିଳବାଣୀ କହେ, ତାକୁ ଶତକୋଟି (ବଜ୍ର) ଲକ୍ଷ୍ୟ (ତୁଲ୍ୟ) ସେ ଚିତ୍ତକୁ ଅଣୁଛି ।

ପୁ—ନିଶ୍ଚେ ସେ ପଦ୍ମିନୀ ରାଜକନ୍ୟାର କରଗ୍ରହଣ କେବେ କରିବ ଏହି ଶୋକରେ ଦ୍ରବ ମୃଣାଳ ସୁମନା (ପଦ୍ମପୁଷ୍ପକୁ) ଜେମାର ବାହୁ ଏବଂ କରତଳ ବିଚାରି କରରେ ଧରି ଠେକଇ ଏଣୁ ଉଦରସ୍ଥାନରେ ପଦ୍ମର ସୁପର୍ଣ୍ଣରେ (ଉତ୍ତମ ପତ୍ରରେ) ଆଦର କରି ଭାବରେ ଶଯ୍ୟା କରଇ । ପଦ୍ମପତ୍ର ପୟର (ଜଳରେ) ସରଞ୍ଜନ ହୋଇଥାଏ ବୋଲି ତହିଁରେ ପାଣି ସିଞ୍ଚଇ ।

ସ୍ତ୍ରୀ—ସୁମନା (ସଖୀମାନେ) କରଗ୍ରହଣ (ହାତରେ ଧରିଥିବା ମୃଣାଳକୁ ଠେକିବାରେ ପଦ୍ମିନୀ (ରାଜଜେମା) ଶୋକେ ତାକୁ ନିଶ୍ଚେ ଦ୍ରବକର (ଦର୍ବୀକର=ସର୍ପ) ବୋଲି ବୁଝଇ, ଏଣୁ ଆଦର କରି ସୁପର୍ଣ୍ଣରେ (ଗରୁଡକୁ) ଭାବେ (ଭାବନା କରଇ) ପୟ (ଜଳ) ଯୁକ୍ତ ମୃଣାଳକୁ ସର୍ବାଙ୍ଗ ରସରଞ୍ଜନ (ବିଷମନ୍ତ୍ରିତ) ସର୍ପ ବିଚାରଇ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ନଶ୍ଚେଁ ପଦ୍ମିନୀ କରଗ୍ରହଣ ଶୋକେ ।   ଦ୍ରବ କର ମୃଣାଳ ସୁମନା ଠେକେ ଯେ ।
ସୁପର୍ଣ୍ଣିରେ ଆଦର ଏଣୁଟି ଭବେ ।   ପଯ୍ୟୃରସରଞ୍ଜନ କରଛୁ ଏବେ ଯେ ॥
ଯୁବା ଯା ନୂପୁରକୁ ମଣ୍ଡିବା ପ୍ରୀତି ।   ରମା ନା କରେ ସାର ଭୋଗ ଏ ମତି ଯେ ।
ଧର ତାର କେଶକୁ ଯତନ କଲେ ।   ହେବ ହରଷ ସାରସେକ୍ଷଣୀ ଭଲେ ଯେ ॥
ଅନୁରାଗୀରତନ ମନ ଏ ଭାବ ।   ଘନସ୍ତନିତ ଯୋଗେ ଜୀବନ ଯିବ ଯେ ।
ଚିତ୍ତ ଭବ ମୋହିନୀ ମାୟାରେ ଲୀନ ।   କରମ ସେ ଉଦୟ କରବ ପୁନଃ ଯେ ॥
ଘୋର ବେଦନା ସହି ଗୋଚର ନୋହି ।   ରସ ସଂଯୋଗ ହୋଇ ମିଳୁତ ନାହିଁ ଯେ ।
ବଳି ଚିତ୍ତ ଯେମନ୍ତ ଉତ୍ସୁକ ମେଳେ ।   ହେବ ସୁମନାବର ଉତ୍ସବ ଭଲେ ଯେ ॥
ସିଦ୍ଧି କର ଯେ କାବ୍ୟ ଅର୍ଥ ସେ ଯୋଡ଼ି ।   ଅଛନ୍ଦ୍ର ହାସେ ଆଦ୍ୟ ରସରେ ଜଡ଼ି ଯେ ।
କହେ ଉପେନ୍ଦ୍ର ବର୍ଣ୍ଣିଭଙ୍ଗୀରୁ ବାର ।   ଛାନ୍ଦ ଗଙ୍ଗା ଯମୁନା ସଙ୍ଗମ ପରି ଯେ ॥

ତ୍ରୟୋବିଂଶ ଛାନ୍ଦ

ରାଗ—କଲ୍ୟାଣଆହାରି

କାଦମ୍ବିନୀ କାଦମ୍ବିନୀ-ଜିତ-କେଶୀ ପୁରତେ ଏକାଳେ ପ୍ରବେଶ ।
ଦେଖିଲା ଶତପତ୍ର-ପତ୍ର-ନୟନା ପ୍ରେମପତ୍ର ଯେନ ଆବେଶ ।
ସେ ଗତ । ଆଗତ ତୁଳକ କାକତ ।
ମଞ୍ଜିଷ୍ଠାରସ ସହିତ ସ୍ଥାଳୀ ଆଣି ବାଳୀ ଆଗରେ କଲା ସ୍ଥିତ ॥

ପୁ—ଯୁବା ପୁଷ୍ପକେତୁ ଯା (ଯାହାର) ପାଦରେ ନୂପୁରକୁ ମଣ୍ଡିବାକୁ ପ୍ରୀତି କରୁଛି, ଏବଂ ମତରେ ଭାବୁଛି—ସେ ରମା ଯେବେ ନା କରେ ତେବେ ତାର କେଶକୁ ବାନ୍ଧିବାକୁ ଯତ୍ନ କଲେ ସାରସେକ୍ଷଣୀ (ପଦ୍ମନୟନା) ଭଲେ ହର୍ଷ ହେବ, ଏ ସାରଭୋଗ ।

ସ୍ତ୍ରୀ—ସେ ରମା ଯୁବା ଜାନୁପୁରକୁ ମଣ୍ଡିବାକୁ ପ୍ରୀତି କରୁଛି, ନାକରେ (ସ୍ୱର୍ଗରେ) ଏ ଭୋଗ ସାର ବୋଲି ମତରେ ଭାବୁଛି । ତାରକେଶକୁ (ଚନ୍ଦ୍ରଙ୍କୁ) ଧରିବାକୁ ଯତ୍ନ କଲେ ସାର (ଉତ୍କୃଷ୍ଟ) ହର୍ଷ ସେହିକ୍ଷଣି ଭଲେ ହେବ କି ?

ପୁ—ଅନୁରାଗୀରତନ ରାଜପୁତ୍ରର ମନର ଏହି ଭାବ—ଘନସ୍ତନୀ ଯୋଗେ (ସଂଯୋଗରେ) ଏ ଜୀବ (ପ୍ରାଣ) ନ ଯିବ, ଭବ (ଶିବଙ୍କର) ଚିତ୍ତ ମୋହିନୀ ମାୟାରେ ଲୀନ ହୋଇଛି, ସେ ପୁନଃ କର୍ମକୁ ଉଦୟ କରିବ ଅର୍ଥାତ୍ ରାଜକନ୍ୟାର ସଂଯୋଗ ସୁଖ ମିଳିବ ।

ସ୍ତ୍ରୀ—ସେ ଅନୁରାଗୀର (ଅନୁରାଗିଣୀ ରାଜକୁମାର) ପୁରୁଷଠାରେ ତନ୍ମୟ ହେବା ହେତୁ ଏ ଭାବ ହେଉଛି, ବର୍ଷାକାଳ ହେଲେ ଘନସ୍ତନିତ (ମେଘଗର୍ଜନ) ଯୋଗେ ଜୀବନ ଯିବ, ଚିତ୍ତଭବ (କାମର) ମୋହିନୀ ମାୟାରେ ମନ ଲୀନ ହୋଇଛି, କ୍ରମଶେ (କ୍ରମେ କ୍ରମେ) ସେ ପୁଣି ଭାଗ୍ୟ ଉଦୟ କରିବ ।

ପୁ—ସେ ଯେଉଁ ଘୋର ବେଦନା ସହିଛି ତାହା ଆଉ କାହାକୁ ଗୋଚର ହେଉ ନାହିଁ, ସଂଯୋଗ (ମିଳନ) ରସ ମିଳୁ ନାହିଁ । ମୋର ସୁମନାବର (ଇନ୍ଦ୍ର) ଉତ୍ସବ ହେବ ଭଳି ବଳିରାଜା ଚିତ୍ତ ଯେମନ୍ତ ଉତ୍ସୁକରେ ମେଳ ହୋଇଛି ସେହିପରି ଏ ସୁମନାବର (ସ୍ତ୍ରୀଶ୍ରେଷ୍ଠ) ରାଜକନ୍ୟାର ମିଳନ ଉତ୍ସବକୁ ଭଳି ଉତ୍ସୁକ ହୁଅଇ ।

ସ୍ତ୍ରୀ—ତାର ଘୋର ବେଦନା ସଖୀ (ସଖୀମାନଙ୍କୁ) ଗୋଚର ହେଉ ନାହିଁ, ଶୃଙ୍ଗାରରସ ଶ୍ରୀ-ଯୋଗ (ମଙ୍ଗଳଯୁକ୍ତ) ହୋଇ ମିଳୁ ନାହିଁ, ପୁରୁଷଠାରେ ଯେମନ୍ତ ଚିତ୍ତ ବଳି ଉତ୍ସୁକରେ ମେଳ ହେଉଛି ତେମନ୍ତ ସେ ସୁମନା (ରାଜକନ୍ୟା) ବର (ପତି) ଉତ୍ସବ କେବେ ହେବ ଭାଳୁଛି ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କହିଲି ଦକ୍ଷିଣ ପବନ ବହିଲି ହିମରଜ କରି କ୍ଷେପଣ ।
ଏ ଉତ୍ତରୁ ଘନରସଯୁକ୍ତ ହୋଇଁ ନ ବହିବ କି ସମୀରଣ ।
ଶ୍ରବଣେ । ହୃଦୟ ପଦ୍ମ ବିକଶିଲା ।
ପଦ୍ମିନୀ ଯାମିନୀରୂପ ତ୍ରପା ତୁଟି କୃପା-ପ୍ରଭାତ ପ୍ରକାଶିଲା ॥ *
ଲେଖିଲା ଯାହା ପଦେ ପଦେ ସେ ଇନ୍ଦ୍ରପଦେ ସ୍ଥାପିବ କୁମାରକୁ ।
ସଜନୀ ବେନି ବର୍ଣ୍ଣ ଯେନି ବୋଇଲେ ମଧ୍ୟମଣି ହେବ ହାରକୁ ।
ଶୁଣି ତା । ଶଶୀକଳା ପାଶ ହୋଇଲା ।
ପାଇ ନାହିଁ କି ଗୋ ତରଳଭାବକୁ ତାହି ସିନା ହେବ ବୋଇଲା ॥ †
ଉପାୟ-ଉପାୟିକା ଉପାଧ୍ୟାୟୀ ଯେ ମୁଦ ମୁଦାଇଁ ହସ୍ତେ ଧରେ ।
ଗୁଟିବିଦ୍ୟା-ବିଦ୍ୟା ଅବଧୂତୀ ମିଳି ଧଇଲେ ତାର କର କରେ ।
ସେଠାରୁ । କଥା ପରସ୍ପରେ ଗମନେ ।
ପୁଷ୍ପପୁର ରାଜକୁମାର ବିହାର ଉପବନେ ସ୍ଥିତ ଜବନେ ॥ ‡
ଦେଖିଲେ ଆରାମ ଅତି ଅଭିରାମ ଯେ ଦେଖିବ ଏହି ପ୍ରତୀତ ।
ମନରୁ ଉପୁଜି ରତି କାମ ମୂର୍ତ୍ତିମନ୍ତେ କି ବିଭି ହେଉଛନ୍ତି ।
କୋକିଳ । ଗାୟକ ଉଚ୍ଚେ ଗାଏ ଗୀତ ।
ଝିଙ୍କାରି-ଝଙ୍କାର ଖଞ୍ଜରୀଟ ପ୍ରାନ୍ତହତ ସୁବାଦ୍ୟରେ ବଦିତ ॥
ଶୁକ ଭରଦ୍ୱାଜ ବେନିକୁଳ ଦ୍ୱିଜ ଶ୍ରୁତି-ମଞ୍ଜୁ-ବାକ୍ୟ ଉଚ୍ଚାରି ।
ମଲ୍ଲୀକଳୀ-ଶଙ୍ଖ ଅସଂଖ୍ୟ ଅନେକ କନକ ମଧୁରୀ ମାଧୁରୀ ।
ମଧୁପ । ଚୁମ୍ବନେ ଧ୍ୱନି କରେ ଜାତ ।
ମରୁତ ଅଧିକାରୀ ଯେନି ସୁବାସ ରଙ୍ଗଣୀଠାରୁ ଗତାଗତ ॥
ସୁକୁଞ୍ଜକୁଟିର ଛାୟାମଣ୍ଡପର ତଳେ ବେଦିକାତ ନିର୍ମାଣ ।
ସ୍ଫୁଟ କୁରୁବକ ପାଟକ ଦୀପକ ପଲ୍ଲବ ପାଟକୁଞ୍ଜାଗଣ ।
କେତକୀ । ମାଳୀ ଦେଇଥିବା ମୁକୁଟ ।
କ୍ରମୁକ ନାରିକେଳ ପରିପୂରିତ ଶାଳିକ ସୁରଭି ପ୍ରକଟ ॥

---

* କହିଲି—ଗ୍ରୀଷ୍ମକାଳୀନ ଉତ୍ତପ୍ତ ଦକ୍ଷିଣ ପବନ ହିମରଜ (କର୍ପୂର ଧୂଳି) କ୍ଷେପଣ କରି ଶୀତଳ ହୋଇ ବହିଲା, ଏ ଉତ୍ତରୁ ବର୍ଷାକାଳରେ ଘନରସ (ମେଘଜଳ) ଯୁକ୍ତ ହୋଇ ସମୀରଣ ନ ବହିବ କି ? ଅନ୍ୟାର୍ଥ—ତୋତେ ବିରହିଣୀ କରିଥିବା କାନ୍ତ ଦକ୍ଷିଣ (ଅନୁକୂଳ) ହୋଇ ହିମରଜ (କର୍ପୂର ଧୂଳି) କ୍ଷେପଣ କଲା ସଦୃଶ ପ୍ରେମପତ୍ରିକା ପ୍ରେରଣ କଲା, ଏ ଉତ୍ତରୁ ଘନରସ (ନିବିଡ଼ ରସବଚନ) ଯୁକ୍ତ ଉତ୍ତରପତ୍ରିକା ନ ଯିବ କି ? ଏ କଥା ଶ୍ରବଣରେ ପଦ୍ମିନୀ ରାଜପୁତ୍ରୀର ଯାମିନୀରୂପ ତ୍ରପା (ଲଜ୍ଜା) ତୁଟି କୃପାରୂପ ପ୍ରଭାତ ପ୍ରକାଶ ହେଲା, ହୃଦୟପଦ୍ମ ବିକଶିଲା ।

† ସଜନୀବେନି (ସଖୀଦ୍ୱୟ) ବର୍ଣ୍ଣ ଯେନି (ପତ୍ରଲିଖିତ ବର୍ଣ୍ଣମାନ ପଢ଼ି) ବୋଇଲେ କୁମାରର ହାରକୁ ଏ ପତ୍ର ମଧ୍ୟମଣି ହେବ । ତାହା ଶୁଣି ଶଶୀକଳା ପାଶ ହୋଇଁ କହିଲା—କୁମାର ତରଳ (ଚଞ୍ଚଳ) ଭାବକୁ ପାଇ ନାହିଁ କି ? ଏ ତାହି (ତରଳ=ହାରମଧ୍ୟମଣି) ସିନା ହେବ ? ଅର୍ଥାତ୍ ସେ. ସୁନ୍ଦରୀଠାରେ ଯେପରି ଅନୁରାଗୀ ହୋଇଛି, ତହିଁରେ ଏ ପତ୍ର ପାଇଲା କ୍ଷଣି କଣ୍ଠରେ ଲମ୍ବାଇବ ।

‡ ଉପାୟଉପାୟିକା=ବହୁଉପାୟ ପଣ୍ଡିତା । ଗୁଟି=ଅଦୃଶ୍ୟରୂପେ ଗମନାଗମନ କରି ପାରି-ବାର ଔଷଧ । ଗୁଟିବିଦ୍ୟାବିଦ୍ୟା=ଗୁଟିବିଦ୍ୟା ନିପୁଣା ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ହାରିଦ୍ର ସିନ୍ଦୂରୀ ପକ୍ୱଫଳ ଧରି ସହକାର ଶୋଭି ବିଶେଷେ ।
ଗବୟଶୃଙ୍ଗ ସଂପୁଟରୟ ମଧ୍ୟୁଁ ସ୍ୱର୍ଣ୍ଣ ମାଣିକ୍ୟ ଜ୍ୟୋତି ଦିଶେ ।
ଅକ୍ଷତେ ।   ବେନି ବଂଶରେ ଜାତ ଦୋଷ ।
ବ୍ରାହ୍ମଣୀରେ ପୁଣି ବନ୍ଦିତ ହୋଇଛି ସାର ଅନୁରାଗ ପ୍ରକାଶ ॥
ହିଙ୍ଗୁଳୀ କପର୍ଦ୍ଦୀ ବୀଜ କରକର ରଙ୍ଗାଜୀବୀ ଜୁଟେ ଦେଖାଇ ।
ଶୁଦ୍ଧାନ୍ତ ପ୍ରକାରେ ପ୍ରାକାର ଯହିଁରେ ଆବାପଠାରେ ସମ୍ଭବଇ ।
ଯତନେ ।   ପରାଗ-କର୍ପୂର-ପଟନେ ।
ଶେଫାଳିକା ଆଲୀ ସଜାଡ଼ି ସଂଯୋଗ ହେବାକୁ ଶଯ୍ୟାକୁ ସୁମନେ ॥
ମଧ୍ୟେ ସରସୀ ନୂତନେ ରସାରସି ରସିକ ରସିକା ଯେମନ୍ତ ।
ନୀଳୋତ୍ପଳଦଳ ଚଳଦ୍ଭୃଙ୍ଗାଞ୍ଚଳ ମୀନ ଚଞ୍ଚଳେ ତାଳେ ନେତ୍ର ।
ଆଚ୍ଛନ୍ନ ।   ସେ କାମ-ଶର୍ବରୀ ବଶରେ ।
ଠୁଳ ଶୈବାଳ ତୁଳ ଅଳିଆବଳୀ ବେଣୀ ଚଳିତ କମ୍ପଣିରେ ॥
ଏସନ ବନସରଣିରେ କୁସୁମଶର-ଭରେ ହୋଇ ଉଚ୍ଛନ୍ନ ।
ଚତୁର ଚମ୍ପା ମଧ୍ୟ ଚନ୍ଦ୍ର-ବେଦରେ ଚତୁର କରିଛି ଶୟନ ।
ଯେ ପୁରେ ।   ଜୀବନ ସେ ତଳରେ ରହି ।
କଳାକର କଳାକର ଶୁଭ୍ର ଅଭ୍ର ଅର୍ଦ୍ଧ ଉଦୟ ପରି ହୋଇ ॥
ଜଟିଳା ଭଣି କଂନରେଶନନ୍ଦିନୀ-ପାଠପଠନୀ ପରି ଦଶ ।
ପଣ୍ଡିତା ବୋଲେ କହିବାରୁ ଅକ୍ଷରେ କାଟି ରଖ ଗୋ ଏକାଦଶ ।
ଯେ ଛଳ ।   ଏ ନଗରେ ତୁମ୍ଭ ନିବାସ ।
ପୁନରୁକ୍ତି ହୁରୁଁ ଆଗତ କଦର୍ଥେ ଯଦର୍ଥେ କହି ହେବ କିସ ॥
ତଥାପି କହିବା ତୁମ୍ଭେ କେ କହ ଯେ କହେ ମୁଁ ସ୍ୱର୍ବୈଦ୍ୟଭଗିନୀ ।
ବୃଦ୍ଧ-ଅନ୍ଧକ ଅନ୍ତଃପୁର ଅବଳା ବିଭ୍ରମରୋଗ-ବିଳାସିନୀ ।
ଶୁଣି ତା ।   ଭଣିଲା ଆମ୍ଭ ବାଳାମଣି ।
ଅଦ୍ଭୁତେ କି ଦେଖି ଭୃଙ୍ଗପତିକୃତ ଭୃଙ୍ଗ ଲାଗିଲା ପ୍ରତି ଆଣି ॥
ବାରବାର ସର ଦରେ ତା ଶୟନ ବର୍ଜି ନାହିଁ ଚନ୍ଦ୍ରବଦନେ । *
ଭଜ ବହିତ ଘନବାର ସୁକେଶୀ ତକୁଲୁ ନ ବାଞ୍ଛି ସଘନେ ।
ତପତ ।   ସଦା ରହିଅଛି ଶରୀରେ ।
ବ୍ୟାଧି ଜନନ କି ଗୋଚର କୁହଇ କରେ ଚନ୍ଦ୍ରାଙ୍କୁ ଯେ ବଧିରେ ॥
କହେ ଏ ପଦ ହରିବ ସପ୍ରୟୋଗେ ଏ ତାପ ଶାନ୍ତିକ ତାପସୀ ।
ବୃଦ୍ଧି ନଦୀରେ ତୃଣ ପ୍ରାୟେ ଭାସିଲା କଲୁଣି ଭାଷିଲା ବିଦୁଷୀ ।
ପୁଣି ସେ ।   କାହିଁରୁ କଲ ବୋଲି ପୁଛି ।
ସ୍ନାନ କାସାରୁ ସମ୍ପ୍ରତି ସଂପୁଟରୁ ବୋଲନ୍ତେ ବୋଲେ ଭନ୍ତେ ଅଛି ॥

* The poet asks that a letter to be dropped here and added there arbitrarily to bring about different meanings in the text; for instance, ଶୟନ has to be made ନୟନ, ସର has to be made ନାର, etc.

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କି ଅଛି ଗିରେ ଛଳିଲା ଧୀରେ ଯେହ୍ନେ ସୁନ୍ଦର ନବ ସରସୀତ ।
ତା ହୃଦପଦ୍ମ ସଙ୍ଖା ପାଣି ପରଶ ଅଙ୍ଗସ୍ଥ ଶୀତରଙ୍କ ହିତ ।
 ଶ୍ରବଣେ । ନୃପଜ ମନ୍ତ୍ରୀଜ ଏ କଥା ।
ବିଦ୍ୟାନିଧିଙ୍କ ସନ୍ନିଧିଙ୍କ ଯିବାକୁ ସମ୍ମତେ ଠେକ ଗ୍ଳ ମଥା ॥
ସେ ଯାଇ ବୋଇଲା କି ଭାଗ୍ୟ ହୋଇଲା ସର୍ବଙ୍କା ବଞ୍ଛିତ ଆଗତ ।
ନ ଥିଲା ନାହିଁ ନୋହିବ ଚନ୍ଦ୍ରରୂପେ ଦେଖିଲା ଆମ୍ଭ ନୃପସୁତ ।
 ଚନ୍ଦ୍ରରେ । କଳେବର ନିଶ୍ଚେ ନିର୍ମିତ ।
ଦ୍ୱିତୀୟା ଚତୁର୍ଥୀ ଅଷ୍ଟମୀ ପୂର୍ଣ୍ଣିମୀ ଚନ୍ଦ୍ର ଏକାବେଳେ ଉଦିତ ॥
ସେ ଚନ୍ଦ୍ର ମଧ୍ୟେ ଅମଳଭାବ ବହି କମଳ କରିଛି ଭୁବନ ।
ମହା ଅଦ୍ଭୁତ ସ୍ୱିତ ଏ ଦୁଇମତ ସମ୍ମତ କରୁଅଛି ମନ ।
 ଅଣୁଏ । ବହିଛି କୃଷ୍ଣତଲ ମାଳେ ।
ବେନି ଶିଖରୀ ତହିଁ ପରେ ମାଧୁରୀ ନଳ ରଖିଲା ପ୍ରାୟେ ଜଳେ ॥
ସେ ପୁଣି ସୁବର୍ଣ୍ଣ ଚମ୍ପାମାଳା ଦେଲା ଗଳାରେ ପକାଇ ଥୋଇଛି ।
ସତ୍ୟରେ ଦ୍ୱାପର କ୍ରମେ କଳି କରି ଆଉ ଯୁଗ ଯେଣୁ ନୋହୁଛି ।
 କାମନା । ପୂର୍ବେ ଯେ ମଣ୍ଡପ ମଧ୍ୟରେ ।
ଯୁକ୍ତି ଅପୂର୍ବ ତନୁଖେଦ ଅବସ୍ଥା ହିତ ପ୍ରାନ୍ତେ ଅଛି ଏଥିରେ ॥
ମନ୍ଦ ଭଲ ଦୁଇ ହାସ ନେତ୍ରେ ଥୋଇ ସେ ବଧୂ ଡାକୁଛି ସର୍ଗଙ୍କୁ ।
ଏଥୁଁ କି ହୋଇବ ଏ ପ୍ରଶ୍ନ କହିବ ପୁଂସକୁ ତାରିବ ଉଦ୍ବେଗଁକୁ ।
 ଊର୍ଦ୍ଧ୍ୱକୁ । ଗ୍ଲହିଁ ସର୍ବଙ୍କା କହେ ଜବ ।
ପୂଚ୍ଛା କଲ ଯା ହୋଇଛି ଦିବ୍ୟ ରୁକ୍ଷ ଏ ଜୀବ ଏକନାମ ହେବ ॥
କେତେ ବିଶ୍ୱକର୍ମୀ ନିର୍ମିଣେ ମୋହନପ୍ରତିମା ସେ ବଶ ହେବାର ।
ଗୁପତମନ୍ତ୍ରର ଆମ୍ଭଠାରେ ଅଛି ଦେବା ଜପ କରୁ କୁମାର ।
 ଫଳଦ । ଏମନ୍ତ ପ୍ରକାରେ ହୋଇବ ।
ବହିବା ମାର ତେଜବ ଧନୁ ଶର ଏ ତା ବଲ୍ଲଭୀଙ୍କ ଲଭିବ ॥
ଦ୍ୱିଜ ଶୁଣି ଅବଧାନ କର ବୋଲୁଁ ଆର ବାମା କର ଧଇଲା ।
କରୁଣା ଧରି ଅରୁଣାଧରୀଠାକୁ ଆଗ ଯିବା ଗ୍ଳ ବୋଇଲା ।
 ଉତ୍ତର । ପ୍ରାପତ ଭୀରୁକୁ ମନ୍ତ୍ରରେ ।
ଆମ୍ଭେ ଲକ୍ଷଣାଙ୍କ ଜନ ସିନା ବେନି ଲକ୍ଷଣା ଦେଲା ସୁମନାରେ ॥ *
କଲା ସେ ପ୍ରମାଣ ମାଣବକ-ମୃଗନେତ୍ରାର ହେଲା ମାଣବକ ।
ତୂର୍ଣ୍ଣେ ଭାଷେ ସେ ପୂର୍ଣ୍ଣେ ମାଳା ପାଇବ ନିଶ୍ଚେ କର ଏହି ବିବେକ ।

---

* ଅରୁଣାଧରୀଠାକୁ ଆଗ ଯିବା ଗ୍ଳ ବୋଲିବାରୁ ସେ ଉତ୍ତର କଲା—ଭୀରୁକୁ (ସୁନ୍ଦରୀଙ୍କ) ମନ୍ତ୍ରରେ (ଏକମନ୍ତ୍ର) ପ୍ରାପ୍ତି ହୋଇଛି, ଆମ୍ଭେ ଏକଲକ୍ଷଣାଙ୍କଜନ ଅର୍ଥାତ୍ ସ୍ତ୍ରୀ ଲୋକ ସିନା, ତାକୁ ବେନିଲକ୍ଷଣା (ସ୍ତ୍ରୀ ପୁଂସଲକ୍ଷଣା=ପୋଠା) ସୁମନାରେ (ପୁଷ୍ପ ମଧ୍ୟରେ) ଥୁଇ ମନ୍ତ୍ରରୂପ ଚିହ୍ନାଉ ଦେଲିଣି ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତେବେଟି । ଧବଳପକ୍ଷ ପକ୍ଷ ପାଇ ।
ସକଳରୂପେ ଉଦେ ହେଲେ ଇନ୍ଦୁ କ ସକଳ କଳା ପୂର୍ଣ୍ଣ ନୋହି ॥ *
କୁମାରବର ନାମ ସାର୍ଥ ତାଠାରେ ଏ ପଦକୁ ଅଛୁ ଆଚରି ।
ବର୍ଣ୍ଣେକ ପଲଙ୍କ ଦ୍ୱିବର୍ଣ୍ଣ ଆତଙ୍କ ଜନମାଇ ଦବାଶଙ୍କରୀ ।
ପ୍ରାନ୍ତର । ଦୁଇବର୍ଣ୍ଣ କେହି ସହିର ।
କୋଟିବ୍ରହ୍ମାଣ୍ଡସୁନ୍ଦରୀର ହୋଇବ ନିରନ୍ତରେ ଏହି ବଗ୍ରର ॥ †
କୁରଙ୍ଗରେ କରି ସୁଧାଂଶୁ ଏ ବେନି ନାମ ଯୁକ୍ତ ନାମ ସୁମରି ।
କହେ ଉପେନ୍ଦ୍ର ଭଞ୍ଜ କବି ବୀରବର ପଦରି ଯେ ମାଧୁରୀ ।
ଏ ଛନ୍ଦେ । ଧ୍ୱନି କାକୁ-ଉକ୍ତି ରୂପକ ।
ଶ୍ଳେଷ ଲୁପ୍ତବର୍ଣ୍ଣ ଚ୍ୟୁତଦତ୍ତାକ୍ଷର ଅନ୍ତର୍ଲିପିକା ଆଦି ତର୍କ ॥

ପଞ୍ଚବିଂଶ ଛନ୍ଦ

ରାଗ—ଚିନ୍ତାଦେଶାକ୍ଷ, କାମ୍ବିକାମୋଦୀ, ମାଳବଗଉଡ

ଆସାର ସଘନ କାଳ ହୋଇ ଉଦୟ ।
ଅଶିତ ପରବଳରୁ ଦରଶମୟ ॥
ସ୍ତନିତ ହିଁ ସ୍ଫୁଟ କାଳକଣ୍ଠ ସରୁତ ।
ଅଚିରପ୍ରଭା ହିଁ ତାର ଦଶେ ଦଶେତ ॥

---

* ସେ ପ୍ରମାଣ କଲା ମାଣବକମୃଗନେତ୍ରୀର (ଶିଶୁମୃଗନେତ୍ରୀର) ପାଇବା ମାଣବକ (ଅର୍ଦ୍ଧମନ୍ତ୍ର) ମାଣବକ (ଅର୍ଦ୍ଧମାଳ) ପରି ହେଲା । ତହୁଁ ସେ ତୂର୍ଣ୍ଣେ (ଶୀଘ୍ର) ଭାଷିଲା—ଯେବେ ଅର୍ଦ୍ଧମାଳ ପାଇଲଣି ତେବେଟି ପୂର୍ଣ୍ଣେମାଳା ନିଶ୍ଚେ ପାଇବ ଏହି ବିବେକ କର । ଧବଳପକ୍ଷ (ଶୁକ୍ଳପକ୍ଷ) ପକ୍ଷ (ସହାୟ) ପାଇ ସକଳରୂପେ (କଳାସହିତରୂପରେ) ଇନ୍ଦୁ ଉଦୟ ହେଲେ ସକଳ କଳା ପୂର୍ଣ୍ଣ ନୁହଇ କି ? ଅର୍ଥାତ୍ ଅପୂର୍ଣ୍ଣଚନ୍ଦ୍ର ପୂର୍ଣ୍ଣ ହୁଏ ।

† ତାଠାରେ କୁମାରବର ନାମ ସାର୍ଥକ ହୋଇଛି, ଏଣୁ ଏ ପଦକୁ ଆଚରିଛି—[ଅନ୍ତର୍ଲିପି]—ବର୍ଣ୍ଣେକ (କୁମାରବର ନାମର ଏକବର୍ଣ୍ଣ (କୁ = ପୃଥ୍ୱୀକି) ପଲଙ୍କ କରିଛି ଅର୍ଥାତ୍ ତଳେ ଶୋଇଛି, ଦବାଶଙ୍କାରେ ଦ୍ୱିବର୍ଣ୍ଣ (ମାର) ଆତଙ୍କ (ଭୟ) ଜନ୍ମାଇଛି, କେହିଁ (କପରି) ପ୍ରାନ୍ତର ଦୁଇବର୍ଣ୍ଣ (ବର) କୋଟିବ୍ରହ୍ମାଣ୍ଡସୁନ୍ଦରୀର ହୋଇବ ନିରନ୍ତର ଏହି ବଗ୍ରର ହେଉଛି ।

This piece exhibits great verbal skill, as has been noticed in the introduction. As it is, the poem describes the rainy season; if however the initial letters of all the lines be dropped, the poem in another metre becomes a description of the winter season; and again if the first two letters of the lines be dropped, the summer season is described in a third metre.

L. 1.—(1) ଆଷାର—ସଘନ=ଯାହାରେ ନିବିଡ଼ ; (2) ସାରସ—ଘନ (ଘ୍ନ)=ପଦ୍ମନାଶକାରୀ; (3) ରସଘ୍ନ=Dry summer.

L. 2.—(1) ଅସିତ—(not white, i.e. darkness) ପ୍ରବଳରୁ ଦର୍ଶମୟ (like ଅମାବସ୍ୟା) ; (2) ସିତ reduced to ଶୀତ..ଦର (white as conch-shell) ଶମୟ to be read as ସମୟ (3) ତପର ବଳରୁ (because of ତପ or ତାପ=heat) ଦର (fearful) ସମୟ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

L. 5. କେକୀର ସଙ୍ଗୀତରେ କାମୁକ ଉଲ୍ଲାସ ।
ଧରମଣି ଆଚ୍ଛାଦନେ ଘନ ବିଳାସ ॥
ନିପବନ ସୁଖ-ଦାନକର ରଭସେ !
ସ୍ତୋକରଠ ମସୃଣଂ ଯେ ଝିଲ୍ଲିକା ବସେ ॥
ସେ ଅହି ମକର ହର ଚିତ୍ତ ମୋହିଲା ।
ନଧୀ ବଶ ସଲିଳେ ଅଧିକ ହୋଇଲା ॥
ନୀଡ଼ ରଚିତ କାମରେ ବିଯୋଗୀ ଶଙ୍କି ।
ଘେନ ହା ରବିର ସେ ଯେ ଆସି ବିଷଙ୍କି ॥
କୀରତରୁ ଶୃରୁ ଫୁଲସରେ ମଣ୍ଡିନ ।
ଦମ୍ପତି ରସକାରକ ବିଦେଶୀ ଛନ୍ନ ॥
ଅଶନପାତ ପରିସେ ଏକା ଗୋତ୍ରରେ ।
ସୁମଂତ୍ରପାହିତ ପାନ୍ଥ ଭୀରୁ ବିଶ୍ୱରେ ॥
କାଶ ସୁରଭି ସୁମନା ପ୍ରକାଶ ହୋଇ ।
ମଧୁପ ରମ ଗୋଚକ ନିବାସ ତହିଁ ॥
ପଣାରଙ୍ଗ ସ୍ଥାନେ ସ୍ଥାନେ ହେଲା ମଞ୍ଜୁଳ ।
ଦୁର୍ଦ୍ଦିନବରେ ଅବି ରତରେ ଚଞ୍ଚଳ ॥

L. 3.—(1) ସ୍ତନିତ (ମେଘଗର୍ଜ୍ଜନ) ହିଁ (ଅବ୍ୟୟ)....କାଳକଣ୍ଠ (pea-cock); (2) ନିତ (said to be ତଗର flower)....କାଳକଣ୍ଠ (ଶୁକ); (3) ତହିଁ (for that reason)....କାଳକଣ୍ଠ (କୋକିଳ)

L. 4.—(1)....ତାର=ଉଜ୍ଜ୍ୱଳ; (2) ତାର=ନକ୍ଷତ୍ର ଚିରପ୍ରଭା; (3) ର–ପ୍ରଭାରେ= sun's rays=ଉଜ୍ଜ୍ୱଳ ।

L. 5.—(1) Easy; (2) କୀର=ଶୁକ; (3) ରସ-ଗୀତରେ (ଙ୍ଗୀ reduced to simple ଗୀ).

L. 6.—(1) ଧର=mountain; (2) easy; (3) easy.

L. 7.—(1)....ରଭସେ=ଶୀଘ୍ର; (2) ପବନ ସୁଖ-ଦାନ- (ଦାନ=ଛେଦନ) କର.. (3) Indicates ବନବିହାର

L. 8.—(1) ସ୍ତୋକରଠ (ଶୃଭକର ଶବ୍ଦ) becomes ମସୃଣ; ଝିଲୀକା fireflies sit (on trees understood); (2) କରଠ=କାକ is ମସୃଣ on account of ଝିଲୀକା or ଝଲକ of the sun; here ବଶେ to be substituted for ବସେ; (3) ରଠ—sound is sweet all about as the ଝିଲୀକାs are creaking (cricket).

L. 9.—(1) ଅହିମକର—ଅହି+ମକର, ହର (ଭେକ); (2) ଅହିମ-କର, ହର (ସ୍ୱର୍ଣ୍ଣିକରଣ); (3) ହିମ-କର–ହର (ଚନ୍ଦ୍ର-କିରଣ)

L. 10.—For the second season ଧୀ of ନଧୀ to be read as ଦ and ଶ of ବଶ to be ସ, to get ଦବସ; ସଲିଲ to be read ସଲୀଳେ (*adv*); (3) object wanting and the word ଚିତ୍ତ is to be indented to get some meaning.

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଘନବୃଶତଙ୍କୁ ଝଟିତରେ ପ୍ରକାଶେ ।
ଧନ୍ମିସାର ଭଦ୍ର ଶ୍ରୀଯୁକ୍ତକ ପରଶେ ॥
ସ୍ୱସଂକେତକୀ ବହେ ଉତ୍ଫୁଲ୍ଲ ପୁଲକ ।
ବନ୍ଧ୍ୟ ସହକାର ଯେ ଭ୍ରମରେ ମେଳକ ॥
ଅଭୟେ କାଳକଣ୍ଠକ ଦଳେ ବିରହୀ ।
ବାମାନିଆଳୀ ଯେ କାନ୍ତେ ସୁମନ ବହି ॥
ଭେକୀ ତବ ସ୍ଫୁଟ ଘନେ ହରେ ସୁଚିତ୍ତ ।
ବକଂକ କେଳି ପ୍ରକଟ ହେଲା ବହୁତ ॥
ବିରହରେ ଏ ସମୟେ ଚନ୍ଦ୍ରା କାତର ।
ସୁକୁମାର ତନୁ ତାପି ଦକାନଶିର ॥
ଆନ ଜ୍ଞାନ ହୀନଦଶା ବେଭାରେ ହୋଇ ।
ଘନରସେ କାନ୍ତାଲିଙ୍ଗନକୁ ଧ୍ୟାଇ ॥
L. 33. ସଂତାପିକ ମଞ୍ଜୁ କଳରବେ ନାଦଇ
ଆପଦରେ ସ୍ୱରଭଙ୍ଗ ପୁଲକ ବହି ॥

L. 11.—(1) Construction fails. The line has to be read with additional words in the brackets ନାଡ଼ ରଚିତ (ଦେଖି) . . . . ଶକ୍ତି (—ତ-ହେଲା); (2) ତର-ଚିତ=ତରଯୁକ୍ତ ଚିତ, etc.

L. 12.—(1) ହାର ବର or good ହାର when placed on bed (ଶେଜେ) is doubted if it is a snake; (2) read ନ as ନା, the falling of ନୀହାର is doubted if it is ବିଷକ poison that has *come* (ଅସି=ଅସିଅଛି with change of ସ); (2) ହା-ରବ is made considering 'ର' or ଅଗ୍ନି (fire) or sun's rays to be as poison.

L. 13.—(1) ଖାର-ତରୁ (ଅର୍ଜ୍ଜୁନ ବୃକ୍ଷ); (2) ର ତରୁ on account of amourous feeling; (3) easy.

L. 14.—For the 3rd meaning ଚରସକାରକ=ଚରସ୍କାରକ ।

L. 15.—(1) ପଶ୍ୱଶେ or ପ୍ରାଣେ=ପୀଡ଼ାଦାୟକ ହୁଏ ଏକା=only, ଗୋବରେ on the mountain; (2) ସନ୍ନିପାତ (Crisis in fever) ପଶ୍ୱ=like, ଗୋବରେ= ବାଟରେ; (3) like ନିପାତ (ମରଣ), ଗୋବରେ=କୂପରେ ।

L. 16.—(1) ଭୀରୁପାନ୍ଥ mutters ସୁମନ୍ତ୍ର and says ପାହି=save me; (2) the orthodox commentary on it stands as—ପାନ୍ଥ, ଏକା (ବିୟୋଗୀ) ହୋଇ ଗୋବରେ (ପଥରେ) ବିଚରିଲେ—ଏକସ୍ଥାରୁ ଭୀରୁ (ସ୍ତ୍ରୀ) ମନ୍ତ୍ର ପଢ଼ ପା (ରକ୍ଷ କରିବାକୁ) ହିତ ଅଟେ, (3) ପାନ୍ଥ ଭୀରୁ=ବିରହିଣୀ ସ୍ତ୍ରୀ, ନିପା (ଲଜ୍ଜାକୁ) ହିତ or ହିତକର ବିଚରେ ।

L. 33 and 34.—ସନ୍ତାପିକ (ମନସ୍ତାପଯୁକ୍ତ) ହେବାରୁ ମଞ୍ଜୁ (ମନୋହର) କଳରବେ (ମୟୂରଧ୍ୱନିକ) ନିନାଦ କରନ୍ତି । ବିଚ୍ଛେଦ ଆପଦରେ ସ୍ୱରଭଙ୍ଗ ଏବଂ ପୁଲକ (ରୋମାଞ୍ଚକୁ) ବହନ୍ତି ।

ତାପିକ (କାମତାପଯୁକ୍ତ) ହେବାରୁ ମଞ୍ଜୁ କଳରବେ (ପାରାଧ୍ୱନିକ) ନିନାଦ କରନ୍ତି । ଶୀତର ପଦରେ (ଆସ୍ପଦତ୍ୟରେ) ପୁଲକ (କମ୍ପ) ବହିବାରୁ ସ୍ୱରଭଙ୍ଗ ହୁଅଇ ।

ପିକର ମଞ୍ଜୁ (ମନୋହର) କଳରବେ (ମଧୁରଧ୍ୱନିକ) ନିନାଦ କରନ୍ତି ଦରେ (ଭୟରେ) ସ୍ୱରଭଙ୍ଗ ହୁଅଇ, ଦେହ ପୁଲକ (କମ୍ପକୁ) ବହଇ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ହେତୁହୀନସିଦ୍ଧି କର ହେ କାଳକାନ୍ତ ।
ସ୍ୱପ୍ରାସ ବଧିରେ ହୋଇବାରୁ ସହିତ ॥
ଦର୍ଦ୍ଦୁରତ ମନ୍ଦଜନ୍ମା କୁବୁଦ୍ଧି ମନ୍ତ୍ରୀ ।
ସେହି ମକରକେତନେ ମେଳ ଉନ୍ନତ ॥
ଭାବ ଛଳବଚନ ଏ ପ୍ରକାରେ କହି ।
ପଥର ସମତରେ ସେ କଷଣ ସହି ॥
ଗଜଗତି ସୁଶୋଭାର ନାମ ଜପଇ ।
ମନୀଷା କରେ ଅରୁଚ ପ୍ରକାଶ ଯହିଁ ॥

L. 35 and 36.—ସ୍ୱ ଆପଣାର ମନରେ ପ୍ରାସ (ପୀଡ଼ା) ଦେବା ଭଳି ବଧିରେ (ବଧାନମାନଙ୍କରେ) ବର୍ଷାକାଳ ସହିତ ହେବାରୁ କହିଲେ ହେ କାନ୍ତ (ମନୋହର) ବର୍ଷାକାଳ ! ତୁମ୍ଭେ କାଳ (ଯମ) କି ? ନୋହିଲେ ହେତୁହୀନ (ଜ୍ଞାନହୀନ) ଦଶାକୁ କାହିଁକି ସିଦ୍ଧି କରୁଛୁ ।

ପ୍ରାସ (ମନରପୀଡ଼ା) ହେତୁ ବଧୀରେ (ଅଧୀରତାରେ) ସହିତ ହେବାରୁ କହିଲେ ରେ ଶୀତକାଳ ! ସମସ୍ତଙ୍କୁ ତୁ ହୀନକାନ୍ତ (ଅସୁନ୍ଦର) କରିବାରୁ ତୋର ତୁହିନ ନାମକୁ ସିଦ୍ଧି କରୁଛୁ କି ? ଶୀତକାଳର ନାମ ତୁହିନ ।

ସ (ପବନ) ବଧୀରେ (ବିଶେଷ ଧୀରତାରେ) ସହିତା ହୋଇ ବହିବାରୁ କହିଲେ, ରେ କାଳକାନ୍ତ (ବସନ୍ତକାଳ) ! ତୁ ହୀନସିଦ୍ଧି କି କାହିଁକି କରୁଛୁ ଅର୍ଥାତ ବିରହୀ ବିରହିଣୀମାନଙ୍କୁ ଅଧିକ ପୀଡ଼ା ଦେଉଛୁ ।

L. 37 and 38.—ଦର୍ଦ୍ଦୁର (ଭେକ)ତ ମନ୍ଦଜନ୍ମା (ନୀଚଜନ୍ମା) ଅଟେ, ସେହି ମକରକେତନେ (ଜଳରେ) ମେଳ ହେବାରୁ ଉନ୍ନତିକି ଲଭି କୁବୁଦ୍ଧି ମନ୍ତ୍ରୀ ପଦ ହୋଇଛି ।

ରେ ଶୀତକାଳ ! ମନ୍ଦ (ଦୁର୍ଭାଗ୍ୟ) ଜନ୍ମାଇବାକୁ ତୁ କୁବୁଦ୍ଧି ମନ୍ତ୍ରୀ ପଦ ଦୁରନ୍ତ (ଦୁରନ୍ତ) ହୋଇ ହିମକରକେତନେ (ଚନ୍ଦ୍ରମଣ୍ଡଳରେ ଗୃହ କରି ରହିବାରେ) ଉନ୍ନତରେ ମେଳ ହୋଇଛୁ ।

ରେ ମନ୍ଦଜନ୍ମା (କୋକିଳ) ! ତୁ ମକରକେତନେ (କନ୍ଦର୍ପସଙ୍ଗେ) ମେଳ ହେବାରୁ ଉନ୍ନତିକି ଲଭିଛୁ ।

L. 39 and 40.—ଭାବ (ଭାବନା କର) ଏ ପ୍ରକାରେ ଛଳ (ଗୁରୁତ୍ୱ) ବଚନକୁ କହି ପଥରର ସମତରେ (ସମାନତରରୂପରେ) ସେ କଷଣକୁ ସହିଲେ ।

ଏ ପ୍ରକାରେ ବଛଳ (ବତ୍ସଳ=ସ୍ନେହଯୁକ୍ତ) ବଚନକୁ କହି ଥର (କମ୍ପର) ସମତ୍ତରେ (ମତ୍ତତା ସହିତରେ) ସେ କଷଣକୁ ସହିଲେ ।

ଏ ପ୍ରକାରେ ଛଳ (ବ୍ୟାଜ) ବଚନକୁ କହି ରସମତ୍ତରେ (ରସରେ ମତ୍ତ ହୋଇ) ସେ କଷଣକୁ ସହିଲେ ।

L. 41 and 42.—ସଜଫୁଲ ଗଜଗତି (ଗଜଗମନା) ସୁଶୋଭାର (ସୁନ୍ଦରର) ନାମ ଏବଂ ଗଜଗମନା ସଜଫୁଲୀ ସୁଶୋଭାବ (ଉତ୍ତମ ଅଟେ ସୌନ୍ଦର୍ଯ୍ୟ ଯାହାର=ସଜଫୁଲର) ନାମ ଜପଇ । ଆଉ ଯହିଁ ମନୀଷା (ବୁଦ୍ଧି=ବାଞ୍ଛା) କରେ ତହିଁ ଅରୁଚି ପ୍ରକାଶ ହୁଅଇ ।

ଯହିଁ (ଯେଉଁ ଶୀତକାଳରେ) ନିଶାକରେ (ଚନ୍ଦ୍ରଠାରେ) ଅରୁଚି ପ୍ରକାଶ ହୁଅଇ ସେ କାଳରେ ଜଗତି (ସଂସାରରେ) ସୁଶୋଭାର (ସୁନ୍ଦରର) ନାମ ସଜଫୁଲ ଏବଂ ସୁଶୋଭା (ସୁନ୍ଦରର) ନାମ ସଜଫୁଲୀ ଜପଇ ।

ଯେଉଁ କାଳରେ ଶାକରେ (ବସନ୍ତରେ ଗୁଡ଼ଜାତଦ୍ରବ୍ୟ ବ୍ୟାଧି ଜନ୍ମାଏ) ଅରୁଚି ପ୍ରକାଶ ହୁଏ ସେ କାଳରେ ତୁମ୍ଭେ ତୁମ୍ଭଙ୍କ ନାମକୁ ଗତ (ଉଦ୍ବାସେପାୟ) ବୁଝି ଜପ କରନ୍ତୁ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

L. 43. ବିଜନିତ ଶୋକପୂର୍ଣ୍ଣ ଚାହେଁ ଆଶାରେ ।
ସେବି ଶେଷରଞ୍ଜନ ହର ବାହି ସ୍ମରେ ॥
ନୀରଜନକରେ ସେ ଶୟନ ରଚନା ।
ଋଷିବାରେ ସ୍ତୁତଗିରେ କରେ ଅର୍ଚ୍ଚନା ॥
ବ୍ୟଜନ ରସିତ ଉପକରଣଜାଲେ ।
ଉତପନ ଗର ବୃଦ୍ଧି ଅବ୍ଜ ମୃଣାଳେ ॥
ରସନାଥ ପ୍ରତିମା ସେ ତାହାର ହେଲେ ।
ବକ ହେବ ଭାବଲୟ ବାଣୀ ଶୁଣିଲେ ॥
ବସ୍ତ୍ର ବରଣ କରିବା ମାନସେ ଚିନ୍ତି ।
ଉପଚାର ବାର୍ତ୍ତା ଏ କଥାରେ ଆରତି ॥

L. 43 and 44.—ବିଜନିତ (ବିଶେଷରେ ଜାତ) ହେବା ଶୋକରେ ପୂର୍ଣ୍ଣ ହୋଇ ଆଶାରେ (ଜଳଧାରିଙ୍କୁ) ଚାହାନ୍ତି, ଶେଷରଞ୍ଜନ (ବାସୁକୀଭୂଷଣ) ହର (ଶିବଙ୍କୁ) ସେବି ବାହି ବାହି ବୋଲି ସ୍ମରଣ କରନ୍ତି ।

ପୂର୍ଣ୍ଣଶୋକ ଜନିତ (ଜାତ) ହେବାରୁ ଆଶାରେ (ଦିଗମାନଙ୍କୁ) ଚାହାନ୍ତି, ବିଷେ କଣ୍ଠ ହର (ସୂର୍ଯ୍ୟରେ) ନେତ୍ର ସରଞ୍ଜନ ଯାହାଙ୍କର ଏମନ୍ତ ଯେ ଶିବ ତାଙ୍କୁ ବାହି ବାହି ବୋଲି ସ୍ମରଣ କରନ୍ତି ।

ନିତ (ନିତ୍ୟ) ଶୋକପୂର୍ଣ୍ଣ ହୋଇ ଆଶା କରି ଚାହାନ୍ତି, ଶେଷରଞ୍ଜନ (ଅନୁଗ୍ରହପୂର୍ଣ୍ଣ) ହର (ଶିବଙ୍କୁ) ବାହି ବାହି ବୋଲି ସ୍ମରଣ କରନ୍ତି ।

L. 45 and 46.—ସେ ନୀରଜନକରେ (ପଦ୍ମପତ୍ରସମୂହରେ) ଶୟନ (ଶଯ୍ୟା) ରଚନା କରନ୍ତି । ସ୍ତୁତଗିରେ ଈଶ କହୁଁ କହୁଁ ଋଷିବାରେ (ଋଷିସମୂହରେ) ଶିବଙ୍କୁ ଅର୍ଚ୍ଚନା (ପୂଜା) କରନ୍ତି ।

ରଜନକରେ (ଧୂଳିରେ) ସେ ଶୟନ ରଚନା କରନ୍ତି, ସ୍ତୁତଗିରେ ଶିବାରେ (ପାର୍ବତୀଙ୍କ) ଅର୍ଚ୍ଚନା (ପୂଜା) କରନ୍ତି ।

ସେ ଶୟନ ରଚନା କରି ଶୋକଯୋଗୁଁ କରେ (ଜଳକୁ = ଅଶ୍ରୁକୁ) ଜନି (ଜାତ) କରନ୍ତି । ବାରେ (ବାରମାନଙ୍କରେ) ସ୍ତୁତଗିରେ ଦେବତାଙ୍କୁ ଅର୍ଚ୍ଚନା (ପୂଜା) କରନ୍ତି ।

L. 47 and 48.—ବିରହତାପରୁ ଉପକରଣଜାଲେ ବ୍ୟଜନ ରସିଲେ । ଅବ୍ଜ ଏବଂ ମୃଣାଳରେ ଗର ବୃଦ୍ଧି ଉତ୍ପନ୍ନ ହେଲା ।

ଯେଉଁ ଶୀତକାଳରେ ଜନମାନେ ଶୀତୋପକରଣସମୂହରେ ରସିଲେ ସେ ସମୟରେ ଅବ୍ଜ (ଚନ୍ଦ୍ର) ଏବଂ ମୃଣାଳ (ବେଣାଚରରେ) ତପନ ଏବଂ ଗର (ବିଷ) ବୃଦ୍ଧି ହେଲା ।

ଉପକରଣସମୂହରେ ଆଉ ନ ରସିଲେ, ଅବ୍ଜମୃଣାଳେ ପନ୍ନଗ (ସର୍ପ) ବୃଦ୍ଧି ଜାତ ହେଲା ।

L. 49 and 50.—ରସନାଥ ପ୍ରତିମା ସେ, ମୁଁ ତାହାର ହେଲେ ଏବଂ ଭାବଲୟ (ଭାବପୂର୍ଣ୍ଣ) ବାଣୀ ଶୁଣିଲେ ବକ ହେବ ବୋଲି ପରସ୍ପର ବିଚାରିଲେ ।

ସନାଥ (ଐଶ୍ୱର୍ଯ୍ୟଯୁକ୍ତ) ପ୍ରତିମା ସେ, ମୁଁ ତାହାର ହେଲେ ଏବଂ ଭାବଲୟ (ଭାବପୂର୍ଣ୍ଣ) ବାଣୀ ଶୁଣିଲେ କ ହେବ ପରସ୍ପର ବିଚାରିଲେ ।

ନାଥ ପ୍ରତିମା ସେ ମୁଁ ତାହାର ହେଲେ ଏବଂ ବାଣୀ ଶୁଣିଲେ ଭାବଲୟ (ଭାବମୋହିତ) ହେବ ବିଚାରିଲେ ।

L. 51 and 52.—ଦେବାର୍ଚ୍ଚନା ନିମିତ୍ତ ବସ୍ତ୍ର ବରଣ କରିବାକୁ ମନରେ ଚିନ୍ତା କଲେ, ବର୍ତ୍ତମାନର ଉପଚାର କେବଳ ବାର୍ତ୍ତା ଏହି କଥାରେ ଆର୍ତ୍ତିଯୁକ୍ତ ହେଲେ ।

ପରସ୍ପରକୁ ପାଇଲେ ପ୍ରବରଣ (ଶୀତନିବାରଣ ବସ୍ତ୍ର) ପ୍ରାପ୍ତେ କରିବାକୁ ମାନସରେ ଚିନ୍ତା କରନ୍ତି, ବାର୍ତ୍ତା ପଚାରି ଏହି କଥାରେ କେବଳ ଆର୍ତ୍ତିଯୁକ୍ତ ହୋଇଛନ୍ତି ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

L 53. ସୁବାସ ସୁମନେ ପାଶ ହେବାରେ ଧାୟି ।
ଉପାହିତ ରସନାଥ ସର୍ବଦା ସେହି ॥
ନବରସଜ୍ଞାତା ନାହିଁ ସଙ୍ଗ ତାହାର ।
ସହିତ ରସରେ ଯୁକ୍ତ ଅନୁକ୍ଷଣର ॥
ସୁକବି ରଚନେ କଷ୍ଟ ତ୍ରିକାଳ ଛନ୍ଦେ ।
ବସୁଦେବତୋଷଦାତା ଉପେନ୍ଦ୍ର ବନ୍ଦେ ॥
ବିଖ୍ୟାତ ରସରେ ଇଚ୍ଛି ଲୁପ୍ତବର୍ଣ୍ଣର ।
ସୁମନରେ ମୋଦେ ତନଚ୍ଛନ୍ଦ ବିସ୍ତର ॥

ମୀନନୟନୀ ଲୟ ଯେମନ୍ତ ଧୀରେ ଯେ । ପୁଂସଲୟ ଦ୍ରିମାରେ ସେହିପ୍ରକାରେ ।
ନାରୀ-ପୁରୁଷେ ସାର ଏ ବେନି କି ଯେନାଯେନ ଯେନ ଅବନି ।
ଜାତ ହୋଇଲେ ମିତ ମିତଣୀ ପ୍ରଶଂସା କରେ ଯେ ॥
ଏହି ସମୟେ ନୃପନନ୍ଦନ ନୃପନନ୍ଦନା ପ୍ରୀତି ବନ୍ଦନ
ସଖା ସଖୀଙ୍କ ଆଗେ କଥନ ରସ ରହସ୍ୟେ ଯେ ।
ପୀରତି ସୂର୍ଯ୍ୟ ଚନ୍ଦ୍ର ହୋଇଛୁ ସେ ମୁଁ ସୁଶୀଳ ସୁଶୀଳା ଇଚ୍ଛି
ଦିନ ରଜନୀ ଉଦୟ ଅଛୁ ପରଣ ବଶେ ଯେ ।

ବରଣ କରିବା ବିଷୟ କେବଳ ଚିନ୍ତା କରନ୍ତୁ ଏବଂ ପୁରନାର୍ଥ କଣ ଏହି କଥାରେ ଅତିଁଯୁକ୍ତ ହୋଇଛନ୍ତୁ ।

L. 53 and 54.—ସୁବାସସୁମନେ ପାଶ ହେବାରେ (ନିକଟରେ ଫୁଟିବାରେ) ସର୍ବଦା ଧ୍ୟାଇଲେ ସେହି ରସନାଥ ସଙ୍ଗରେ କପରି ଉପାହିତ (ମିଳନ) ହେବ ।

ବାସେ (ବସ୍ତ୍ରରେ) ଏବଂ ସୁମନେ (ପୁଷ୍ପମାଳାରେ) ପାଶ ବୃଦ୍ଧି ହେବାରେ ଧ୍ୟାଇଲେ ସର୍ବଦା ସେହି ରସନାଥ ପାହିତ (ଉଦ୍ଧାରକର୍ତ୍ତୃତ) ।

ସେ ସୁମନେ (ଉତ୍ତମମନରେ) ପାଶ ହେବା ବିଷୟରେ ଧ୍ୟାଇଲେ ସର୍ବଦା ସେହି ରସନାଥ ହିତ ।

L. 55 and 56.—ପୁରୁଷ ମୋହର ନବରସଜ୍ଞ (ନୂତନ ରସଜ୍ଞ) ସୁନ୍ଦରୀ ସଙ୍ଗ ନାହିଁତା, ସ୍ତ୍ରୀ ମୋହର ନବରସଜ୍ଞାତା (ନବରସ=ପଣ୍ଡିତ) ରାଜପୁତ୍ରର ସଙ୍ଗ ନାହିଁ, କପରି ଅନୁକ୍ଷଣ ତାହାର ସହିତ ରସରେ ଯୁକ୍ତ ହେବ ।

କେବେ ତାହାର ସଙ୍ଗ ହେବ, ହିତ ହେବା ରସରେ ଅନୁଯଣ ଯୁକ୍ତ ହେବ ଏକଥା କହିବାକୁ ବର୍ତ୍ତଜ୍ଞାତା (ବର୍ତ୍ତମାନଙ୍କର କଥା ଜାଣିବା ଲୋକ) କେହି ନାହିଁ ।

ପୁରୁଷ ରସଜ୍ଞ (ରସନିପୁଣା) ସଙ୍ଗ ନାହିଁତା, ସ୍ତ୍ରୀ ରସଜ୍ଞାତା (ରସନିପୁଣ) ପୁରୁଷ ସଙ୍ଗ ମୋହର ନାହିଁ ଅତଏବ ଅନୁକ୍ଷଣ ଭରସରେ (ଉଜ୍ଜ୍ୱଳଭାବରେ) ଯୁକ୍ତ ହୁଅନ୍ତୁ ।

L. 57 and 58.—ବସୁଦେବତୋଷଦାତା=ଶ୍ରୀକୃଷ୍ଣ । ସୁଦେବତୋଷଦାତା=ଉତ୍ତମରୂପେ ଦେବତାମାନଙ୍କର ତୋଷଦାତା ରାମଚନ୍ଦ୍ର । ଦେବତୋଷଦାତା=ବିଷ୍ଣୁ ।

L. 59 and 60.—ଲୁପ୍ତବର୍ଣ୍ଣର=ଅକ୍ଷରଲୋପରେ । ସୁମନେ=ଉତ୍ତମ ମନରେ । ନରେ ମୋଦେ ଲୁପ୍ତବର୍ଣ୍ଣର ଛନ୍ଦମାନଙ୍କୁ ତରସେ (ଶୀଘ୍ର) ବିସ୍ତର କର ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଦେଖ ବିରହାନଳ ଜାତ କରଇ ଯେ । ଲେଖ କ୍ଷଣ କ୍ଷଣକେ ଦ୍ରବାଇ ଦେଇ ଯେ ।
ଦ୍ୱିମଣି କେଉଁରୂପେ ମିଶିଲା ପ୍ରାଣୁ ଅଧିକ ପରକୁ କଲା
ଏ ଚମତ୍କାର କାହୁଁ ଶିଖିଲା ବିଧାତା ବିହି ଯେ ॥ *
କହିଲେ ସଖା ସଖୀ ତାଙ୍କର ଯହୁଁ ବିହିଲା ଏ ଚମତ୍କାର
ତହୁଁ ବିହିବ ବେନି ଶରୀର ଜଡବା ଭାବ ଯେ ।
ଦୁହେଁ ଦୁହିଙ୍କ ପତି ହୋଇବ ଲକ୍ଷ୍ୟକୁ ଆଉ ପ୍ରୀତି ନ ଥିବ
ନିଶି ଦିବସ ସରିବ ଲବ ପ୍ରାୟ ସ୍ୱଭାବ ଯେ ।
ଭୃଙ୍ଗ ପୁଷ୍ପ ସ୍ନେହରେ ଅଛି କି ଶଙ୍କା ଯେ । ଶୁଣି ମୂକ ରସିକ ଭାଷେ ରସିକା ଯେ ।
କଣ୍ଟକ ରହି ସଂଯୋଗ ନାହିଁ କେତକୀ ମଧୁବ୍ରତର ତହିଁ
କୁରଙ୍ଗରଙ୍ଗ ଯେମନ୍ତ ହୋଇ ଜନ୍ମାଇ ଦକା ଯେ ॥ †
ବୋଇଲା ଆଲୀ କପିଁଇ ଭଲୁ ନୋହିଲା ହୁଏ କରମବଳୁଁ
କରିଅଛନ୍ତି ସମୁଦ୍ର ଚଲୁ କେବଳ ନରେ ଯେ ।
ନରେ ସମୟେ ଇନ୍ଦ୍ର ହୋଇଛି ନରେ ଧରଣୀ ଟେକି ଧରିଛି
ଏ ସ୍ୱୟମ୍ବରେ ସୁଯୋଗ ଅଛି କୁମରବରେ ଯେ ।
ସୀତା ରାମ କଲେଟି ପୂର୍ବକାଳରେ ଯେ । ଜଳେ ଗିରି ବନ୍ଧନ କୀର୍ତ୍ତି ବାନରେ ଯେ ।
ବିଷୟ ହୋଇଛି ତ ଅନ୍ତର ଚନ୍ତ ସେ ବେନି ପଦ୍ମପୟର
ଉପେନ୍ଦ୍ର କୀରବର ଭ୍ରମର ସଦା ତଥିରେ ଯେ ॥ ‡

ଅଷ୍ଟବିଂଶ ଛାନ୍ଦ

ରାଗ—ବସନ୍ତବରାଡି

ବଙ୍କ ସୁଜନ ରଞ୍ଜନ ପଦମାନ ମାନସେ କରିବ ବିଚାର ।
ଅଳ୍ପ ବ୍ୟୁତ୍ପତ୍ତି ଉତ୍ପତ୍ତି ନରପନ୍ତ ବାନରମୁଷ୍ଟି ପରକାର ।

*—ଏହି ସମୟରେ ନୃପନନ୍ଦନ ଏବଂ ନୃପନନ୍ଦନା ପରସ୍ପର ପ୍ରୀତିକି ବନ୍ଦନ (ପ୍ରଶଂସା କରି) ରସରହସ୍ୟେ (ରସକୌତୁକରେ) ସଖା ସଖୀଙ୍କ ଆଗରେ କଥନ କଲେ—ଆମ୍ଭ ପ୍ରୀତି ସୂର୍ଯ୍ୟ ଚନ୍ଦ୍ର ପରି ହୋଇଛି, ସେ ସୁଶୀଳ (ସୂର୍ଯ୍ୟକାନ୍ତ ମଣି) ସୁଶୀଳା (ଚନ୍ଦ୍ରକାନ୍ତ ମଣି) କି ଇଚ୍ଛା କରନ୍ତି, ଦିନରେ ଓ ରଜନୀରେ ଉଦୟ ହୁଅନ୍ତି, ତାଙ୍କ ସ୍ପର୍ଶବଶରେ ସୂର୍ଯ୍ୟକାନ୍ତମଣିରୁ ଅଗ୍ନି ଜାତ ହୁଅଇ, ଚନ୍ଦ୍ରକାନ୍ତମଣି ଦ୍ରବଇ । ସେ ମୁଁ ସୁଶୀଳ ସୁଶୀଳାକୁ ଇଚ୍ଛା କରୁଛୁଁ, ଦିନ ରଜନୀ ପରି ଆଶା ନିରାଶାର ଉଦୟ ହେଉଛି, ସେ ଚିନ୍ତା ସ୍ପର୍ଶବଶରେ ଦେଖ କେବେ ବିରହାନଳ ଜାତ କରୁଛି, କ୍ଷଣକ୍ଷଣକେ ଦ୍ରବାଇ ଦେଉଛି । ପରସ୍ପର ବିରୋଧୀ ଦ୍ୱିମଣି (ସୂର୍ଯ୍ୟକାନ୍ତମଣି ଓ ଚନ୍ଦ୍ରକାନ୍ତମଣି) ଭାବ କେଉଁରୂପେ ମିଶିଲା, ପରକୁ ପ୍ରାଣରୁ ଅଧିକ କଲା । ବିଧାତା ଏ ଚମତ୍କାର କାହୁଁ ଶିଖି ବିହିଲା (ବିଧାନ କଲା) ।

†—ଭୃଙ୍ଗ ଓ ପୁରୁଷର ପରସ୍ପର ସ୍ନେହ ବିଷୟରେ କି ଶଙ୍କା (ସନ୍ଦେହ) ଅଛି ? ଶୁଣି ରସିକ ମୂକ ହେଲା ଓ ରସିକା ଭାଷିଲା—ରେ ସହି ! କଣ୍ଟକ ରହିବାରୁ କେତକୀ ମଧୁବ୍ରତର (ଭ୍ରମରର) ସଂଯୋଗ ହୁଏ ନାହିଁ, କୁରଙ୍ଗରଙ୍ଗ (ମୃଗପୁଚ୍ଛ ଛେଦନ ନିୟମ) ଯେମନ୍ତ ହୋଇ ଦକା (ଭୟ) ଜାତ କରଇ ।

‡—ଅଗସ୍ତ୍ୟ ସମୁଦ୍ରକୁ ଚଳୁ କରି ଦେଇଥିଲେ । ନହୁଷନୃପତି ଇନ୍ଦ୍ର ହୋଇଥିଲେ । ଅର୍ଜୁନ ଧନୁହୁଳରେ ପୃଥ୍ୱୀକି ଟେକି ଧରିଥିଲେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସ୍ୱତନ୍ତ୍ର । ନାହିଁ ଆମ୍ଭେ ବଡ଼ ଏ ଗର୍ବ ।
ଏ ଗୀତ ସବିତା ପଦ ପ୍ରଭାବରେ ତାମସ ତମସ ନାଶିବ ॥
ବିରାଜମାନ ନାରାଜ ଧନୁର୍ଦ୍ଧର ରାଜବଂଶୀ-ରାଜନଙ୍କର
କନ୍ୟାରତ୍ନ ଲଭି ଆବେଶେ ସୁବେଶେ ପ୍ରବେଶ ଚମ୍ପାବତୀପୁର ।
ଗୃହିଁଲେ । ଅମ୍ବରେ ରହିଲେ ସ୍ତବଧେ ।
ବ୍ରହ୍ମାଣ୍ଡଭାଣ୍ଡ ତୂର୍ଣ୍ଣରେ ପୂର୍ଣ୍ଣ ହେଲା ଯେଉଁ ବୀରତୂର ଶବଦେ ॥
କୁଞ୍ଜର କୁଞ୍ଜର ପୁଞ୍ଜର ଗମନେ ସୁମନେ ସୁମନେଶ ଭାଳେ ।
ପକ୍ଷହନ୍ତା ମୁହିଁ କାହା ପକ୍ଷ ପାଇ ଅଚଳ ଅଚଳାରେ ଚଳେ ।
ସଭଙ୍ଗ । ଅଭଙ୍ଗ ରୂପକକୁ ଧ୍ୟାୟି ।
ଦନ୍ତ-କଟକ ତୁଙ୍ଗ ପୃଥୁଳକାୟ ଶିକଳା-ଧାତୁଧାରେ ଶୋହି ॥ ୧
ସିନ୍ଧୁ ଜାତକୂଳେ ପ୍ରବଳ ତରଙ୍ଗେ ବାଡ଼ବ ରଙ୍ଗେ ଭ୍ରମବନ୍ଧ ।
ସିନ୍ଧୁଜାତକୁଳେ ପ୍ରବଳ ତରଙ୍ଗେ ବାଡ଼ବ ରଙ୍ଗେ ଭ୍ରମ ବନ୍ଧ ।
ତତ୍ତ୍ୱରେ । ସର୍ବାଯମକ ଭାବ ଇଚ୍ଛି ।
ମେଳ ତ୍ରିବେଣୀ ରଙ୍ଗ ଦଶେ କି ବର୍ଷେ ଅକାଳେ ପ୍ରଳୟ ହେଉଛି ॥ ୨
ରଥେ ଘନ ଘନପଥେ ଯେ ଗମନ ଅମ୍ବରମଣ୍ଡନେ ରୁଚିର ।
ଚନ୍ଦ୍ର-ଦର୍ପଣ ଝଟ ଝଟ ଝଟକେ ନେତ୍ର ଅଟକ ନିରନ୍ତର ।
ପ୍ରକଟ । ଚନ୍ଦ୍ର କଟକଟ ରଟରେ ।
କେକୀ ଟେକ ପୁଚ୍ଛ ଗଣକ ଗଣିଲେ କି ହେଉଛି ଭୂଜସ୍ତମ୍ଭରେ ॥ ୩

୧—କୁଞ୍ଜରକୁଞ୍ଜରପୁଞ୍ଜର (ହସ୍ତିଶ୍ରେଷ୍ଠମାନଙ୍କର) ଗମନରେ ସୁମନେଶ (ଚନ୍ଦ୍ର) ସୁମନରେ ଭାଳଇ,—ପର୍ବତ ସବୁର ମୁଁ ପକ୍ଷହନ୍ତା, ସେ ଅଚଳ ଏବେ କାହା ପକ୍ଷ (ସହାୟ) ପାଇ ଅଚଳା (ପୃଥ୍ୱୀରେ) ଚଳଇ । ଏଠାରେ ସଭଙ୍ଗ ଅଭଙ୍ଗ ଦୁଇ ପ୍ରକାର ରୂପକରୁ ଧ୍ୟାୟି ହସ୍ତୀ ଦନ୍ତ-କଟକ (ଦନ୍ତବଳୟ) ଓ ଶିକଳା ରେ ଶୋଭିତ, ପୁଣି ତୁଙ୍ଗ ପୃଥୁଳକାୟ । ପର୍ବତ ଦନ୍ତ (ଶୃଙ୍ଗ) ଓ କଟକ (ଗିରି-ନିତମ୍ବ) ରେ ଶୋଭିତ, ପୁଣି ତୁଙ୍ଗ ଏବଂ ପୃଥୁଳକାୟ । ଦନ୍ତ-କଟକ ଓ ଶିକଳା-ଧାତୁଧାରଠାରେ ସଭଙ୍ଗ ଏବଂ ତୁଙ୍ଗ ଓ ପୃଥୁଳକାୟଠାରେ ଅଭଙ୍ଗ ।

୨—ସେ ସ୍ଥାନ ସିନ୍ଧୁପର ହୋଇଛି,—ସିନ୍ଧୁ ପ୍ରବଳ ତରଙ୍ଗେ କୂଳରେ ଏବଂ ବାଡ଼ବରଙ୍ଗେ ଓ ଭ୍ରମ (ଜଳଭଉଁରି) ବନ୍ଧକ ମଧ୍ୟରେ ଜାତ କରଇ । ଏଠାରେ ସିନ୍ଧୁଜାତକୁଳେ (ସିନ୍ଧୁଦେଶ ଜାତ ଘୋଟକମାନେ) ଏବଂ ବାଡ଼ବ (ଅନ୍ୟାନ୍ୟ ଘୋଟକମାନେ) ପ୍ରବଳ ତରଙ୍ଗେ ରଙ୍ଗେ ଭ୍ରମବନ୍ଧ (ଚକ୍ରଦେବା ବନ୍ଧ) କରୁଛନ୍ତି । ଚିତ୍ତରେ ଏପରି ସର୍ବଯମକ ଭାବକୁ ଇଚ୍ଛୁଥାଇ । ପୁଣି ରଙ୍ଗବଶେ (ଧଳା କଳା ରଙ୍ଗ ବର୍ଣ୍ଣ ହେତୁ) ଭାବୁଥାଇ—ଏ କି ବର୍ଷେ (ବର୍ଷୟ), ତ୍ରିବେଣୀ ମେଳ ହୋଇ ଅକାଳେ ପ୍ରଳୟ ହେଉଛି କି ?

୩—ରଥେ (ରଥସବୁ) ହେଲା, ମେଘ ଘନପଥେ (ଆକାଶରେ) ଗମନ କରଇ, ଏ ଘନପଥେ (ନିବଡ଼ରୂପେ ପଥରେ) ଗମନ କରୁଛି ; ସେ ଅମ୍ବରମଣ୍ଡନେ (ଆକାଶକୁ ଭୂଷଣ କରିବାରେ) ରୁଚିର ଏ ଅମ୍ବରମଣ୍ଡନେ (ବସ୍ତ୍ରମଣ୍ଡନରେ) ରୁଚିର ମେଘରେ ଥିବା ବିଜୁଳୀପରି ରଥରେ ଥିବା ଚନ୍ଦ୍ରଦର୍ପଣ ଝଟଝଟ ଝଟକରେ ନିରନ୍ତର ନେତ୍ରଗତି ଅଟକ କରୁଛି ; ମେଘଗର୍ଜ୍ଜନ ସଦୃଶ ପ୍ରକଟ ହେଉଥିବା ଚକ୍ରର କଟ କଟ ରଟରେ କେକୀ ବର୍ଷାକାଳ ହେଲା—ବୋଲି ପୁଚ୍ଛକୁ ଟେକିଲେ । ଏସବୁ ଦେଖି ଗଣକ ଗଣିଲେ—ଭୂଜ (ମଙ୍ଗଳ) ସ୍ତମ୍ଭରେ ଅଛନ୍ତି ବର୍ଷାର ଆଗମ କିପରି ହେଉଛି । ମଙ୍ଗଳ ସ୍ତମ୍ଭ ହେଲେ ବର୍ଷା ହୁଅଇ ନାହିଁ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ମନ୍ତ୍ରୀବର ବେଶ କହେ ନୃପବର୍ଗ ଅଭିଧାନ ବର୍ଣ୍ଣାନନ୍ଦଙ୍କୁ ।
କାନ୍ତ୍ୟାଦି କାଣ୍ଡ ପ୍ରକାଶ ଉନଶ୍ଳୋକ ଜିତ କୃତ-ଶ୍ଳୋକବୃନ୍ଦଙ୍କୁ ।
ଉତ୍ତମ । ବର୍ଣ୍ଣି ଉଜ୍ଜ୍ୱଳ ସର୍ବେ ତହିଁ ।
ଉପବନ ହେବ ସ୍ୱଭାବେ ପୁସ୍ତକ ଲେଖାଭାବେ ଦେବା ରଖାଇ ॥ ୧
ରାଜା ସମ୍ମତ ଏରୂପେ ଶେଷପତ୍ର ଚିହ୍ନ ଉଦୟ ହେବା ଅଛି ।
ଗୁଣ ସଂଯୋଗରେ ପୂଜନ କରିବା ଗଣେଶ୍ୱରଜାତ ଆସୁଛି ।
ସଚିବ । ଜାଣିଲି ଯେ ଯେତେ ରାଜନ ।
ତେତେ ଆଦର କରି ରଖି ଉଦ୍ୟାନେ ରହି ବାସ ଦେଲି ବହନ ॥ ୨
ସେ ବନ ନନ୍ଦନ ସମାନ ବନ୍ଦନ ସଦା ସୁମନାବର ଥାଇ ।
ପାଶେ କଉଶିକୀ ସେ ମନ୍ଦାକିନୀ କି ସୁରସନ୍ତାପକୁ ହରଇ ।
ଦେଖନ୍ତି । ରାଜନେ ଦୁହିଙ୍କ ଶୋଭନ ।
କରନ୍ତି ସଲ୍ଲିଳେ ପରଭୃତ ସ୍ୱନ ସଲିଳେ ପରଭୃତ ସ୍ନାନ ॥ ୩
ଖେଳୁଛନ୍ତି କଳକଣ୍ଠ ଚଳୁଛନ୍ତି କଳକଣ୍ଠ ଅବିରତର ।
କାହିଁ କୁମୁଦ ଗନ୍ଧସାର ଷଟ୍ପଦ କାହିଁ କୁମୁଦ ଗନ୍ଧସାର
ଭ୍ରମରେ । ରଞ୍ଜିତ ଭ୍ରମରେ ରଞ୍ଜିତ ।
କେ ମଧୁର ବାସ କେ ମଧୁର ବାସ ବେନି ମଧୁର ବାସ ସତ ॥ ୪

୧—ରାଜପୁତ୍ରମାନେ ପ୍ରବେଶ ହେବାର ଦେଖି ମନ୍ତ୍ରିବର ବର୍ଣ୍ଣାନନ୍ଦ ରାଜାଙ୍କୁ ବେଗ କହିଲେ—ଏ ନୃପବର୍ଗ ଅଭିଧାନଶାସ୍ତ୍ର ହେଲେ ; ଅଭିଧାନ କାନ୍ତ୍ୟାଦି ବର୍ଗ କାଣ୍ଡ ଉନଶ୍ଳୋକ ଏବଂ ଜିତ (ଉତ୍କୃଷ୍ଟ) କୃତଶ୍ଳୋକବୃନ୍ଦକୁ ପ୍ରକାଶ କରୁଥାଏ, ତହିଁରେ ଉତ୍ତମ ବର୍ଣ୍ଣି ଓ ସର୍ବେ (ସର୍ବନାମ) ଉଜ୍ଜ୍ୱଳ ହୋଇଥାଏ । ରାଜପୁତ୍ରମାନେ ପରିଚ୍ଛଦବର୍ଗ କାନ୍ତ୍ୟାଦି (ମନୋହର ବେଶ ଭୂଷାଦି), କାଣ୍ଡପ୍ରଭୃତି ଶସ୍ତ୍ରାଦିରେ ପ୍ରକାଶ ହୋଇଛନ୍ତି, ବୀରପଣରେ ଉନଶ୍ଳୋକ ଜିତ, କୃତଶ୍ଳୋକ (ଧାର୍ମିକ), ସର୍ବେ ଉତ୍ତମବର୍ଣ୍ଣି (ଜାତି) ଏବଂ ଉଜ୍ଜ୍ୱଳ ଏମନ୍ତ ରାଜବୃନ୍ଦଙ୍କୁ ଉପବନ ସ୍ୱଭାବେ ପୁସ୍ତକ ହେବ ତହିଁ ଲେଖାଭାବେ (ଅକ୍ଷରଧାଡ଼ି ଲେଖିବାରୂପରେ ଶ୍ରେଣୀବଦ୍ଧ କରି) ରଖାଇ ଦେବା ।

୨—ଏ କଥାରେ ରାଜା ସମ୍ମତ ହୋଇ ଏରୂପେ କହିଲେ—ପୁସ୍ତକର ଶେଷପତ୍ରରେ ଚିହ୍ନ ଉଦୟ ହୁଏ ଅର୍ଥାତ୍ ଶେଷପତ୍ର ଚିହ୍ନିତ ହୁଏ ଓ ସେ ଗୁଣ (ଡୋରି) ସଂଯୋଗରେ ଗଣେଶ୍ୱରଯାତ (ଗଣେଶ ଚତୁର୍ଥୀରେ) ପୂଜନ ହୁଏ । ଏଠାକୁ ଗଣେଶ୍ୱରଜାତ (ରାଜଗଣେଶ୍ୱର ବାପ୍ତିସାଗର ରାଜାଙ୍କ ପୁତ୍ର ପୁଷ୍ପକେତୁ) ଆସୁଛି, ସେ ସପତ୍ର (ଯାନସହିତ) ହୋଇ ଚିହ୍ନ (ଆଶ୍ଚର୍ଯ୍ୟରୂପେ) ଉଦୟ ହେବାର ଅଛି, ଅତଏବ ସେ ରାଜପୁତ୍ରକୁ ଓ ଅନ୍ୟମାନଙ୍କୁ ଗୁଣ ସଂଯୋଗରେ (ଶୌର୍ଯ୍ୟାଦି ଗୁଣାନୁସାରେ) ପୂଜନ କରିବ ଉଚିତ ହେଉଅଛି । ଏମନ୍ତ ଶୁଣି ସଚିବ ଯେ ଯେତେ ରାଜା ତାହାତ ଜାଣିଲି, ତାଙ୍କୁ ତେତେ ଆଦର କରି ଉଦ୍ୟାନେ ରଖି ବହନ ରହିବାସ ଦେଲି ।

୩—ସେ ବନ ନନ୍ଦନ ସମାନ ବନ୍ଦନ (ବନ୍ଦନୀୟ) ହୋଇଛି । ନନ୍ଦନ ବନରେ ସଦା ସୁମନାବର (ଇନ୍ଦ୍ର) ଥାଏ, ଏଠାରେ ସୁମନାବର (ଉତ୍କୃଷ୍ଟପୁଷ୍ପମାନ) ଅଛି । ସେ ବନ ପାଶେ ଥିବା କୌଶିକୀନଦୀ ମନ୍ଦାକିନୀ କି ? ମନ୍ଦାକିନୀ ସୁର (ଦେବତାମାନଙ୍କର) ସନ୍ତାପକୁ ହରଇ, ଏ ସୂର (ସୂର୍ଯ୍ୟଙ୍କର) ସନ୍ତାପକୁ (କିରଣତାପକୁ) ହରୁଛି । ରାଜାମାନେ ଦୁହିଙ୍କ ଶୋଭାକୁ ଦେଖୁଛନ୍ତି । ବନରେ ପରଭୃତ ସଲ୍ଲିଳେ ସ୍ୱନ କରନ୍ତି ; ନଦୀରେ ପରଭୃତ (ରାଜାଙ୍କ ପାଳିତ ଲୋକମାନେ) ସ୍ନାନ କରନ୍ତି ।

୪—ଅବିରତର ବନରେ କଳକଣ୍ଠ ଖେଳୁଛନ୍ତି, ନଦୀରେ କଳକଣ୍ଠ (ହଂସମାନେ) ଚଳୁଛନ୍ତି

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ମାଳତୀପୁର ମାଳତୀ ଫୁଲ ତୋଳୁଁ ସେ ବନେ ମାଳିକା ରଚନେ ।
ଲକ୍ଷ ନୃପତି ଲକ୍ଷ୍ୟ ଲୋଭେ ପ୍ରବେଶ ଶୁଣି କେତେ ଦେଖି ଲୋଚନେ ।
ବାହୁଡ଼ୁଁ । ମଗଧଦେଶ ମନ୍ତ୍ରୀସୁତ ।
ଯେଉଁ ଫୁଲ ମାଗି ଯହିଁରେ ସରାଗୀ ନୃପଜାଠାରେ ହେବ ଖ୍ୟାତ ॥ ୧
ପଚାରିଲାକୁ ଉତ୍ତାରିଲା ପ୍ରସନ୍ନ-ଆନନେ ସେ କେଳିକାନନେ ।
ନରନାୟକ ଯେତେକ ପୃଥ୍ୱୀଯାକ ପୂରି ଗଲେ ତହିଁ ସଦନେ ।
ଦେଖି ମୁ । ଜାଣିଲି ଚିନ ତଥ୍ୟ କରି ।
ସମ୍ପଦେ ମଦେ ପ୍ରମୋଦେ ବୀରପଦେ ଅଧିକ କହୁଛି ବିଚାରି ॥
ନଷ୍ଟେ ତ୍ରିପୁର ଜିଣିଛି କାଶୀଶ୍ୱର କୁହାଇ କାଶୀଶ୍ୱର ସେହି ।
ବିଦେହରାଜା ଅସିଅଛି ବିଦେହରାଜା ଏଥି ଏ ଯେନ ନାହିଁ ।
କୋଦଣ୍ଡ । କାଣ୍ଡ ଯହିଁରେ ତା ନମୀଣ ।
ସେ ପୁର ନୃପଜ ବିଜେ ଚନ୍ଦ୍ରପ୍ରଭା ସ୍ୱଭାବେ ସେ ଜ୍ୟୋତିରିଙ୍ଗଣ ॥
ଗୁରୁ କବି ଛବି ମିତ୍ରବେନି ବେନି ପାଶେ ଥିଲେ ମୋତେ ଦିଶିଲା ।
ଦୃଷ୍ଟି ଏ ତହୁଁ ଗୋଟିଏକ ଖସିଲା ମୋର ନିକଟକୁ ଆସିଲା ।
ମୋ ନେତ୍ର । ମୀନ ସୁଖ ଭୋଗ ଆଣିଲା ।
ମାଗିଲା ସୁଗନ୍ଧ ଫୁଲ ଯେତେ ଦେଲି ତହିଁରୁ କିଛି ନ ଘେନିଲା ॥
ମୁଁ ବୋଲନ୍ତେ ଯାହା ଇଚ୍ଛା ତାହା ନିଅ ଉଦ୍ବେଗେ ଉଲ୍ଲାସକୁ ବହି ।
ଗୁନ୍ଥିଲା ଗଣି ନେଇ ଚମ୍ପାବତୀଶ ସୁତାରେ ବୀରବଶ କହି ।
ମୋହୁଛି । ଭୁବନ ବର୍ଣ୍ଣମଙ୍ଗଳରେ ।
ସେଠାରେ ବସି କି ରସିକ କୁମାର ଶିରମଣ୍ଡନ କଲା ଧୀରେ ॥ ୨
ମିଥ୍ୟା କହି ପୁରି କି କରି ଜାଣିଲା ଘେନମ ବା ହୃଦଭାଗରେ ।
ଫୁଲ ମାଗିବା ପୁରୁଷେ ପଚାରୁଛି ତୁମ୍ଭ ଗୃହ କେଉଁ ନଗରେ ।

(ଯହିରୁ ଛନ୍ତି) । କାହିଁ କୁମୁଦ (ସମ୍ଭାର ବା ଧାତକୀ ବୃକ୍ଷ) ଗନ୍ଧସାର (ଚନ୍ଦନବୃକ୍ଷ) ସ୍ୱାଦ (ସ୍ୱାଦଦାତା) ହୋଇଛି ଓ କାହିଁ (ନଦୀର କେଉଁଠାରେ) କୁମୁଦର ଗନ୍ଧ ସାର ହୋଇଛି । ବନ ଭ୍ରମରରେ ସଜତ ନଦୀ ଭ୍ରମରେ (ଜଳଉର୍ମିରରେ) ସଜତ । କେ (ବନ) ମଧୁର (ବସନ୍ତକାଳର) ବାସ ଓ କେ (ନଦୀ) ମଧୁର (ଜଳର) ବାସସ୍ଥାନ । ସତ'ଦୁହେଁ ମଧୁର (ସୌନ୍ଦର୍ଯ୍ୟର) ବାସସ୍ଥାନ ।

୧—ମାଳିନୀପୁର (ଚମ୍ପାପୁର) ମାଳିନୀ ମାଳିକାରଚନେ ସେ ବନରେ ଫୁଲ ତୋଳୁଁ, ଲକ୍ଷସଂଖ୍ୟକ ନୃପତି ଲକ୍ଷ୍ୟଲୋଭେ (ଲକ୍ଷ ବିନ୍ଧିବା ଲୋଭରେ) ପ୍ରବେଶ ହେଲେ । ମାଳିନୀ କେତେ ରାଜାଙ୍କ ନାମ ଶୁଣି ଓ କେତେ ରାଜାଙ୍କୁ ଲୋଚନେ ଦେଖି ବାହୁଡ଼ୁଁ, ମଗଧଦେଶ ମନ୍ତ୍ରିସୁତ ଯେଉଁ ଫୁଲ ମାଗି ଯହିଁରେ ସରାଗୀ (ସ୍ନେହୀ) ହେଲା ତାହା ମାଳିନୀ ଯାଇ ନୃପଜାଠାରେ କହିବାବେଳେ ଖ୍ୟାତ ହେବ ।

୨—ବତିଶଟି ଚମ୍ପାଫୁଲ ଗଣିନେଇ ସୁତାରେ ଗୁନ୍ଥି—ବୀରବଶ କହିବା ଭଙ୍ଗିରୁ ଏହି ଅର୍ଥ ପ୍ରକାଶ ହେଲା ଯେ ଚମ୍ପାବତୀଶ-ସୁତାରେ (କୋଟିବ୍ରହ୍ମାଣ୍ଡସୁନ୍ଦରୀଠାରେ) ବୀର (ରାଜପୁତ୍ର) ବଶ ହୋଇଛି । ଆଉ ଦେଖିଲି ବର୍ଣ୍ଣମଙ୍ଗଳରେ (ରୂପଶୋଭାରେ) ଭୁବନ ମୋହୁଛି ଏପରି ଏକ ରାଜକୁମାର ମଧ୍ୟ ସେଠାରେ ବସିଛି, ସେ କି ରସିକ, ସେ ମାଳାକୁ ନେଇ ଧୀରେ ଶିରମଣ୍ଡନ କଲା ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କହୁଛୁ । ହସିଲା ହୋଇ ସେ ମୃଦୁଳେ ।
ଗୁରୁବର୍ଣ୍ଣେ ଗୁରୁଅଙ୍ଗ ହେବ ତଳେ ପାଟଳିପଦର ଆଣିଲେ ॥ ୧
ମୋ ସଦ୍ମେ ଥିଲା ପୋଠା ପରି ଗୋଟାଏ ତହିଁ ଦିଶେ ସେ କହୁଥିବ ।
ଜାତ ନଳିନୀ ଖଟଣି ମାଳିନୀ ଏ ତେଣୁ ବିରଚିଲେ ଏ ଭାବ ।
ବାଳା ଯେ । ପକ୍ୱରସାଳ ପରି ଦେହୀ ।
କଣ୍ଠ ପ୍ରବେଶ ଶ୍ରବଣରେ କନକ-କଣ୍ଟକୀଫଳ ଲକ୍ଷ୍ୟ ବହି ॥ ୨

ବୈଦେହୀଶବିଳାସ

ପ୍ରଥମ ଛାନ୍ଦ

ରାଗ—ପାହାଡ଼ିଆକେଦାର

ବନ୍ଦଇ ୧ ଦୀନବାନ୍ଧବ ହରି ଯେ ତମ—ଚକ୍ର ଖଣ୍ଡନକାରୀ ସଦା କମଳା ନନ୍ଦ ବିସ୍ତାର ସ୍ୱଭାବେ ୨ ଇନ । ବିଭୁ ୩ ଅନନ୍ତ ଅଙ୍କବିହାରୀ କରପ୍ରତାପ ଯାର ସଞ୍ଚରି ନିଶାଚରଙ୍କ ଉଲ୍ଲାସ ହରିପୂଜେ ସୁମନ । ବଇନତେୟ ଯାହା ଅଗ୍ରତେ ସ୍ଥିତ । ୪ ବଇକୁଣ୍ଠ ପକ୍ଷକ-ଲୋକ ତୋଷିତ । ବିକାଶ ଅଖଣ୍ଡିତ ମଣ୍ଡଳେ ସିଂହଭାବରେ କ୍ରୀଡ଼ିତ-କାଳେ ଭବେ ୫ ତରଣୀ ହୋଇ ମଞ୍ଜୁଳେ ଗିରିଉଦିତ । ୬ *

ବିହିତ ଯେହ୍ନୁ ରୋହିତମୂର୍ତ୍ତି ଶ୍ରୁତି—ରଞ୍ଜନକାରକ ଅତି ହଂସ ହୋଇଣ ଯାହା ପ୍ରଶସ୍ତି ଅଛୁ ପ୍ରବର୍ତ୍ତି ଯେ । ବିରାଜରୂପ ଯାହାର ପୁଣି ଦ୍ୱିଜଚକ୍ର ଯା ଦର୍ଶନ ଗୁଣି ଆମୃଭୂ-ପର ସଂସାରେ ଭଣି କି ଶୁଭ୍ର କୀର୍ତ୍ତି ଯେ । ବୁଧଜନକଶିରଭୂଷଣ ଯେହି ଯେ । ବିନୟରୁ ସେ ଆନ ବାଣୀ ନ କହି ଯେ । ବଳି ଯାହାକୁ ସର୍ବଦା ନାହିଁ ଦ୍ୱୀପ ପ୍ରସନ୍ନକରତା ସେହି ପୁଣିତ ଧର୍ମସ୍ୱରୂପ-ଗ୍ରାହୀ କି ସ୍ରୁତି ତହିଁ ଯେ । †

୧—ପୁର=ନଗର । ମୃଦୁଳ=କୋମଳ । 'ପାଟଳିପଦ'ର ଗୁରୁବର୍ଣ୍ଣେ (ଚତୁର୍ଥବର୍ଣ୍ଣ 'ପ'ଠାରେ) ତଳେ ଗୁରୁଅଙ୍କ (ହ୍ରସ୍ୱଉକାର) ଚିହ୍ନ ଆଣିଲେ ନଗର ନାମ (ପାଟଳିପୁତ୍ର) ହେବ ।

୨—ସଦ୍ମ=ଗୃହ । ମୋ ଗୃହରେ ଏକବର୍ଷ କାଳ ରହିଥିବା ପୋଠା ପରି ଜଣେ ସେଠାରେ ଦିଶିଲା, ଜାତ ନଳିନୀ (ପଦ୍ମିନୀଜାତ ରାଜକେମାର) ଏ ଖଟଣି ମାଳିନୀ ଏମନ୍ତ ସେ କହୁଥିବ । ରସାଳ= ଆମ୍ବ । କଣ୍ଠ ପ୍ରବେଶ ଶ୍ରବଣରେ=କଣ୍ଠ ସମୟରେ ପ୍ରବେଶ ହେବାର ଶୁଣି । କନକକଣ୍ଟକୀଫଳ= ସୁବର୍ଣ୍ଣପନସ । ଲକ୍ଷ୍ୟ=ତୁଲ୍ୟ ।

In adoration of Visnu and Surya, hence double meaning throughout.

* ୧ ଦୀନ ଓ ଦିନ ; ୨ ପ୍ରଭୂ ଓ ସୂର୍ଯ୍ୟଙ୍କର ନାମ ; ୩ ରାକ୍ଷସ+ପେରକ ; ୪ ବିଷ୍ଣୁ, ଇନ୍ଦ୍ର ; ୫ ନୃସିଂହରୂପରେ, ସିଂହରାଶିରେ ; ୬ ନୌକା ସୂର୍ଯ୍ୟ ।

† Pun on ଶ୍ରୁତି and ସ୍ରୁତି, (pathway) ବିଷ୍ଣୁ, ସୂର୍ଯ୍ୟ ; ଦ୍ୱିପ=Elephant and ଦ୍ୱୀପ=Island or land.

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବିଷ୍ଟରଶ୍ରବା ବ୍ରହ୍ମାଣ୍ଡେଶ୍ୱର ପରମପଦ ଭଜିଲ୍ଲ ନର ଲଭେ ଏ ଯେନ ଗ୍ରନ୍ଥ ଆଦ୍ୟର ଭିବତ ତାଙ୍କୁ ଯେ। ବିଶ ଯାହାରଠାରୁ ଉତ୍ପତ୍ତି କବି ବର୍ଗରେ ସେ ଦେବେ ସ୍ତୁତି ବିଧାନ କରି ଅତି ସୁମତି ଆଣି ମନକୁ ଯେ। ବର୍ଣ୍ଣି ଅଭଙ୍ଗ ସଭଙ୍ଗରେ ଏ ଶେଷ ଯେ। ବୁଝି ସ୍ଥାନସ୍ଥାନକେ କରି ପ୍ରକାଶ ଯେ। ବଳାଇ ଚିତ୍ତ ଅନବରତ ଭାଗ୍ୟ ଗ୍ରହଣ-ତାରକମନ୍ତ୍ର ସୀତା ଶ୍ରୀରାମଚରିତ ଗୀତ କୃତେ ଲାଳସ ଯେ।

ବାଲ୍ମୀକି, ବ୍ୟାସ କବି ଯହିଁରେ ମହାକାବ୍ୟ କେ ପୁରାଣ କରେ ମହାନାଟକ ବାତସୁତରେ ହେଲେ ରଚିତା ଯେ। ବିହିଲେ କାବ୍ୟ ଯେ କାଳିଦାସେ ଚମ୍ପୂ ରଚନା ଭୋଜନରେଶେ କୃପାସିନ୍ଧୁ ଏ ଗୀତ ପ୍ରକାଶେ ଛାଡ଼ିଲି ଚିନ୍ତା ଯେ। ବିବେକହିଁ ଉଦୟ ଏମନ୍ତ ଧ୍ୟାୟି ଯେ। ବ୍ୟୋମେ ତାରକା ଯେବେ ଝଲକୁ ଥାଇ ଯେ। ବିଭାବରୀରେ ଜ୍ୟୋତିରିଙ୍ଗଣଗଣ ଜ୍ୟୋତିକି ଦେଖାନ୍ତି ପୁଣି ସୁଜନେ ସାବଧାନରେ ଶୁଣି ଛନ୍ଦ ରଚିଲିଁ ଯେ।

ବିଦ୍ୟୁତ୍‌କେଶ ବଂଶରେ ଜାତ ସୁମାଳୀ, ମାଳୀ ଯେ ମାଲ୍ୟବନ୍ତ ସ୍ୱର୍ଗ ଲୁଣ୍ଠନେ ଅହି-ଅହିତ ଧିଆନ କରି ଯେ। ବିଧୁ-ସମରେ ଜ୍ୟୋତି ଜ୍ୱଳିତ ବିଧୁ-ସମରେ ହେଲେ ଆଗତ ସେ ଆରୋହିତ ଅହି-ଅହିତ ଗଦାକୁ ଧରି ଯେ। ବିଜାଇଣ ଶଙ୍ଖାରି କରଣେ ଘାତ ଯେ। ବଧ କଲେ ଶଙ୍ଖାରି ଦ୍ୱିତୀୟଭୃତ ଯେ। ବଡ଼ଭୀ ଲଭି ପାତାଳେ ଲୁଚି ଲଙ୍କା ବଡ଼ଭିପୁରକୁ ମୁଞ୍ଚି ଲଙ୍କା ଯେ ଦଣ୍ଡପାଣିରେ ରଚି ଭୟ ଯେମନ୍ତ ଯେ।

ବାହାର ପୁନ୍ୟଜନେ ହୋଇଲେ ବିହାର ପୁଣ୍ୟଜନେ ବିହଲେ ରଞ୍ଜନ ପୁଣ୍ୟଜନ କୁବେରରେ ସେ ଦୀପ୍ତିମାନ ଯେ। ବାସ ନଗର ପାଶ ନଗର ନଗର-ତଳେ କରି ସହିର ଜଗତ-ତାତ-ସୁତ-କୁମର କଲେ ସେ ସ୍ଥାନ ହେ। ବହୁ ସମୟ ଅନ୍ତେ ଏହିପ୍ରକାର ଯେ। ବାର୍ତ୍ତା ପାଇ ସୁମାଳୀ ଏମାନ ଗୃହେ ଯେ। ବିଶ୍ରବା-ଋଷିର ସନ୍ନିଧିକନେଲ୍ଲ ଦୁହିତା ରସନାଧିକ ଶୋଭିରେ କରେ ସେ ଧିକ ଧିକ ନାସ୍ତିମାତରେ ଯେ।

* * * * * * * * *

ବାମା ଓଳଗି ସନମତ କରଇ ଯେ। ବହ୍ନି ସାକ୍ଷିରେ ବିଭାବ ବଢ଼ାଇ ଯେ। ବେଗେ ସୁରତ-ରତ ସନ୍ଧ୍ୟାରେ ସନ୍ଧ୍ୟାମଠୀ ସେ ତାର ଗର୍ଭିରେ ଜାତ ହୋଇଲେ ରକ୍ଷଣୀରେ ସୁତ ତନୟା ଯେ।

ବିଂଶତିଭୁଜ ଦଶାନନରେ କି ଦଶା ଦେବ ଦେବ କମ୍ପରେ ନର ନାଗରେ ଧରଣୀ ଥରେ ହେଉଁ ପତନ ଯେ। ବିକଟରୂପ ପ୍ରକଟ ଅତି ରକତ ପରି ବ୍ୟକତ କାନ୍ତି ଘଟଣ ଘଟ ସଦୃଶ ଶ୍ରୁତି ଭୈରବ ସ୍ୱନ ଯେ। ବଧିରତା ନିକଟେ ଶୁଣିଲ୍ଲ ଜନ ଯେ। ବିଗତ ଯେ ଭୀଷଣେ ତନ ନନ୍ଦନ ଯେ। ବୋଲାଇଲେ ସେ ଦଶବଦନ, କୁମ୍ଭ-ଶ୍ରବଣ ଯେ ବିଭୀଷଣ ନନ୍ଦନୀ ସୂର୍ପଣଖାର ନଖ ସର୍ପସମାନ ଯେ।

ବୃଦ୍ଧି ଯତନୁ ଦିନକୁଦିନୁ ଗିରି ସମରେ ଦଶିଲ୍ଲ ତନୁ ଗିରିଷମରେ ଏ ଅନୁମାନୁ ନୁହଇ ଆନ ଯେ। ବିଶାଳ ମହାଶାଳ କି କରି ସାନୁ ସମାନେ ଉନ୍ନତ ଶିର

CC-0. In Public Domain. Gurukul Kangri Collection, Haridwar

पुस्तकालय गुरुकुल काँगड़ी

Digitized by Arya Samaj Foundation Chennai and eGangotri

କୃଶାନୁ ପରି ତେଜନକର ଜ୍ୱଳିତ ଯେନ ଯେ । ବଦ୍ୟମାନ କ୍ରୋଧର ତଥା ଲୋଚନ ଯେ । ବର୍ଦ୍ଧମାନକରିତା ଜୀବ ଶୋଚନ ଯେ । ବୁଲିଲେ ପୁରେ ପୁରେ ସ୍ୱଚ୍ଛରେ ମାତିଲେ ନାନା ଦ୍ରବ୍ୟ ଭକ୍ଷରେ ଗଲା ଦ୍ୱାଦଶ ସମ୍ୱତ୍ସରରେ ଯେ କୁମ୍ଭକର୍ଣ୍ଣ ଯେ ।

ବହୁତ ଜନ ଜୀବନ ନେଇ ଉତ୍ତରକୁରୁ ପ୍ରଦେଶେ ଯାଇ ଉତ୍ତର କ୍ରୂରତର ନ ସହି ଇନ୍ଦ୍ରେ ନ ମାନ ଯେ । ବଜ୍ରଘାତକୁ ମଣି ଇତର ଉପାଟି ଦନ୍ତ ଐରାବତର ପ୍ରହାରେ ମୋହି ସୁରଈଶ୍ୱର ପଳାଇ ଯେନ ସେ । ବଭୀଷଣ ପକ୍ଷରେ ଦ୍ୱନ୍ଦ ରଚିତ ଯେ । ବପ୍ରାଣେଶୁର ସ୍ଥାନେ ଦଶାସ୍ୟ ଗତ ଯେ । ବଚଜାମଣ୍ଡଳରେ ତପସ୍ୟା ଜଗଜ୍ଜୟୀତେ କରି ମନୀଷା ଅଶନହୀନେ ଦିବସ ନିଶା କାଳ ବଞ୍ଚିତ ଯେ ।

ବଖନ ଭାଲ ଲେଖନବର୍ଣ୍ଣି ମୁଣ୍ଡ ପ୍ରଚଣ୍ଡାନଳେ ଦହନ କରଣ କଲା ଜ୍ୟେଷ୍ଠ ପଠନ କଷ୍ଟ ଅତ୍ୟନ୍ତ ଯେ । ବଲ୍ଲକୀ ଭବେ ଭୂଜ ମୂର୍ଦ୍ଧାରେ ସେ ଦଣ୍ଡ ତୁମ୍ବୀ ଭବେ ଶ୍ରଦ୍ଧାରେ ଧମନୀ ଗୁଣ କରି ବେଧାରେ ବନସ୍ପୃହୀ ଗୀତ ଯେ । ବାଉଁ ଗାଉଁ ହୋଇଲେ ଆସି ପ୍ରସନ୍ନ ଯେ । ବର କାମନାପୂର୍ତ୍ତି କଲେ ପ୍ରଦାନ ଯେ । ବର୍ତ୍ତିବୁ ଯୁଗ ଲୁପନଗଣ୍ଡା ବରଣୀ ହେବ ବ୍ରହ୍ମାଣ୍ଡେ ଖଣ୍ଡା ସୀତାହରଣ ନିମନ୍ତେ ମରଣ କାରଣ ଜାଣ ରେ ।

ବେଭରେ ସୀତା ବହୁ ଯୋଷିତା ଯେ ହୋଇଥିବ ଜନକସୁତା ବହୁତ ରାମ ପରକାଶିତା ଯେ ଦାଶରଥି ଯେ । ବାଗ୍ଦେବୀ ଆସି ବସିଲେ ଗଳେ କୁମ୍ଭକର୍ଣ୍ଣର ବରଦକାଳେ ନିଦ୍ରା ମୁଁ ଯିବ ବୋଲି ତପଲେ ମାଗିଲା ତଥି ଯେ । ବସ୍ତରକ ନ ପୂରୁଁ ଉଠିବୁ ଯେବେ ରେ । ବଧ ଅବଶ୍ୟ ହେବ ତୋହର ତେବେ ରେ । ବସ୍ତୁଭକତ ହୋଇ ଅମର ଜଗତ ମଧ୍ୟେ କରି ବିହାର ଗତ ପଦ୍ମଜ ଦେଇ ଏ ବର ସାନୁଜେ ଜଟବ ଯେ ।

ବାହୁଡ଼ ତହୁଁ ପାତାଳେ ରାଜ ନିକଷାତ୍ମଜପୁଞ୍ଜକୁ ସାଜି ବେଢ଼ିଲେ ଲଙ୍କା କୁବେର ତେଜି ଗଲା ସେ ପୁର ଯେ । ବମାନେ ନେଲା ସବ ସମ୍ପତ୍ତି ବମାନେ ଯଥା ଗଗନେ ଗତି ସେ ମନୋରଥର-ରଥ ପ୍ରାପତି ଇଚ୍ଛି ସମର ଯେ । ବଣ୍ୟେ ଉତ୍କଟପ୍ରଭା ପ୍ରକଟ କରି ଯେ । ବଧୂବୃନ୍ଦ ବଧୂକୁ ଗ୍ରାସିଲା ପରି ଯେ । ବଣ୍ଠକେଉରେ ହୋଇ ଅଦମ୍ଭା ଶୋଭା-ଆରମ୍ଭା ରମ୍ଭା ସୁରମ୍ଭା ଉରୁକୁ ହରି, ହୋଇଲା ବିଭା ମୟ-କୁମାରୀ ଯେ ।

ବୃଷସଦୃଶ ସୁରଭି ଆଳୀ ଗୋଷ୍ଠ ଗୋଷ୍ଠୀରେ କଲା ସେ କେଳି, ପ୍ରଜାପତିଙ୍କ ସମାନେ ହେଲ ଅନେକ ସୁତ ଯେ । ବର୍ଣ୍ଣିବା କିସ ଜ୍ୟେଷ୍ଠକୁମାର ଜାତ ରତିକ ଶୁଣି କୁମାର ଛାଡ଼ି ସେ ମେଘନାଦ ଉପର ପଡ଼ି ଅଚେତ ଯେ । ବଳେ ମେଘନାଦକୁ ତାହାର ସ୍ୱନ ଯେ । ବହେ ସେ ମେଘନାଦ ନାମ ପ୍ରଧାନ ଯେ । ବନ-ବେଷ୍ଟିତ ସ୍ଥାନରେ ରହି ସିଂହ ଶାର୍ଦ୍ଦୂଳ ବଳଶ୍ରେଷ୍ଠ ହୋଇ ବଇର-ମୃଗ-ପିଶିତ ଧାୟୀ ଆଉ ନନ୍ଦନ ଯେ ।

ବାମକରରେ ହୋଇଣ ବାମ ବାମଦେବର-ଗିରି କୁସୁମପରି ଉପାଟି ଧରଣେ କ୍ଷମ ହେବା କାଳର ଯେ । ବାହାର ଦରବଶେ ଏ ସ୍ୱର ଈଶ୍ୱରଠାରୁ ଗିବଶେଶ୍ୱର

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଦେଖିଲେ ପଞ୍ଚଦ୍ୱିଗୁଣ ଶିର ସେ ବିହିବାର ଯେ । ବିଶେଷତ ଲେଖିଲେ ଈକ୍ଷଣ କର ଯେ । ବିଳାସକୁ ଦୈତ୍ୟର ସ୍ୱର୍ଣ୍ଣନଗର ଯେ । ବିଲୋକ ରୌପ୍ୟନଗରେ ସ୍ଥିତ ଉପୁଜି ଯାଇ ଏ ତୃଣାଚ୍ଛିତ ଭୋଗତ ବେନିଜନେ ବିଭୂତି ଆନ ପ୍ରକାର ଯେ ।

ବିହୁଁ କୃପାଣ ସାଧନ କରେ ଛେଦନ ଶଙ୍କା । ଜମ୍ବୁ ପ୍ଲକ୍ଷରେ ଆରମ୍ଭି ହୋମକର୍ମ କୁଶରେ ବହନ ଛିତ ଯେ । ବାତୁଳୀ ଧରୁଁ କ୍ରୋଞ୍ଚ ଚମକେ, ଭୋଜନ କାଳେ ଉଦ୍ଭିଦ ଶାକେ, ଶୟନେ ଗୁଳୀ କରଣେ ଶଙ୍କେ ଶାଲ୍ମଳୀ ନିତ ଯେ । ବିହୁଁ ଦେବପୂଜନ ପୁଷ୍କରେ ଭୟ ଯେ । ବିଲେ ଉପାଡ଼ି ନେବ ହୋଏ ଉଦୟ ଯେ । ବିଭୋଗ କରପ୍ରତାପେ କର କରନ୍ତି ହେଲେ ପ୍ରଜାଆକର ପୃଥ୍ୱୀମଣ୍ଡଳ ରାଜାନକର, ମହାଦୁର୍ଜ୍ଜୟ ଯେ ।

ବେଦମଣ୍ଡିରେ ମତି ବଳାଇ ଦେଲା ସେ କନ୍ୟା ତନୁ ଜଳାଇ ମୋ ହେତୁ ମୃତ୍ୟୁ ଏ ପାଶ ପାଇ ତହୁଁ ତପଲେ ଯେ । ବୋଲି ମର୍କଟ ନନ୍ଦ ନନ୍ଦୀରେ, ଆନନ୍ଦ ହର ତଳପ୍ରହାରେ ବୋଲେ ସେ ହେଉ ପ୍ରାଭବ ତୋରେ ବାନର ବଳେ ଯେ । ବାଥିଲା ଆରଣ୍ୟକକୁ ଅଯୋଧ୍ୟାପୁରେ ଯେ । ବିରାହବରେ ଅତି ମାୟାଯୁଦ୍ଧରେ ଯେ । ବିଶେ ମୋ ନାଶ ଯିବୁ ଅବଶ୍ୟ ନର ଅବଜ୍ଞା କଲୁ ରାକ୍ଷସ, କହିଲା ତହୁଁ ସେହି ମହାଣ ହତକାଳରେ ଯେ ।

ବିଇଜୟନ୍ତ ଯାହା ଜଗତି ବିଇଜୟନ୍ତ ଚଞ୍ଚଳେ ଛିତ, ମୋତେ ଏ ବାନ୍ଧି ନେବାକୁ ଗତି କରେ ନଭରେ ଯେ । ବିକର୍ତ୍ତନର ରଥ ହାବୋଡ଼ି ଭଗନେ ମଧ୍ୟଗମନ ଛାଡ଼ି ବେନିଅୟନ ଚଳନେ ଜଡ ଚତ୍ତ୍ନର୍ଭିରେ ଯେ । ବୃଥା ଏ କଥା ନୋହେ ବୁଝ ବିଗ୍ରହ ଯେ । ବୋଲାଇଛି ସେ ମେଘଦଣ୍ଡ ପାଚେରୀ ଯେ । ବିଇରପୂର ଦୁର୍ଗମଦୁର୍ଗ ଯହିଁ ପରୀଖ ସାଗର ଆଗ ଏପରି ହୋଇପାତାଳ ସ୍ୱର୍ଗ ସେ ଥିକ କରି ଯେ ।

ବଳୀ ଏକରେ ସେ ତ ରୁଚିର ବିହୃତ ବଳୀ ଛିନ୍ନ ଏଥିର ସେ ଗୃରୁ ଶେଷରଙ୍ଗେ ଏ ତର ଅଶେଷ ରଙ୍ଗେ ଯେ । ବିସଇ ସୁନାସୀରେକ ତହିଁ ଏ କେତେ ସୁନାଶୀରରେ ଶୋହି ଏପରି ହୋଇ ଚନ୍ଦ୍ରରଥହୁଁ କେବଳ ବର୍ଗେ ଯେ । ବଡ଼ ବଡ଼ ଦାନବ ପୂର୍ବରେ ଥିଲେ ଯେ । ବିଡ଼ାଇକ ଏରୂପେ କରି ନ ଥିଲେ ଯେ । ବିରଚି ବୀରବର ଉପେନ୍ଦ୍ର ଭଞ୍ଜ ସ୍ୱଚ୍ଛନ୍ଦେ ବିଚିତ୍ର ଛାନ୍ଦ ଚଉ ନଷ୍ଟିନ୍ତ ନୀଳାଦ୍ରିଚନ୍ଦ୍ର ଧ୍ୟାନ ସର୍ପିଲେ ଯେ ।

ତୃତୀୟ ଛାନ୍ଦ । ଆଦ୍ୟଯମକ

ରାଗ—ରାମକେରୀ

ସୀତାଜନ୍ମ

ବିଦୂଷ ହେ ଶୁଣ ରଞ୍ଜନରସ ମନକୁ ଦେଇ ।
ବିଦୂଷଣ ରାଜସମାନେ ଧର୍ମସ୍ୱରୂପ ସେହି ॥
ବିଦିତ ମିଥିଳା ନୃପତି ନାମ ଜନକ ତାର ।
ବିଦଗ୍ଧଦଗରେ ହୋଇଛି ଖ୍ୟାତ ଯଶ ଯାହାର ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବିଦଗଧ ଯଜ୍ଞକର୍ମରେ ସର୍ବଦାରେ ସେ ଅଛି ;
ବିଦଗଧ-ଚିତ୍ତ ପ୍ରାପତ ନୋହିବାରେ ଦୁହିତା ॥
ବିଶାଳ ମଖଶାଳା କ୍ଷେତେ ଦିନେ ଚଷୁଁ ଅବନୀ ;
ବିଷାଶାପୁଁ ମୁକ୍ତ ପାଇଣ ମେନା ନାମେ କାମିନୀ
ବସି ବିମାନରେ ଗଗନେ କରୁଅଛି ଗମନ ।
ବଶୀଭୂତ ଶୋଭା ପ୍ରଭାରେ ହରେ ଜନନୟନ ॥
ବୁଧଜନକ କି କଳଙ୍କହୀନେ ପୂର୍ଣ୍ଣ ସମ୍ପଦେ ।
ବୁଧଜନ କରେ ପରତେ ନଭେ ଦିବସେ ଉଦେ ॥
ବିଷଭାଷା ସେ ମଣ୍ଡିବାରେ ଚିତ୍ତ ଅଛି ଉଦ୍ବେଗ ;
ବିଷଭାଷା ଏହି ତରଙ୍ଗେ ଡାକିବାରେ ଅପାଙ୍ଗ ॥
ବିହରତ ପୁନଃପୁନଃ କି ସୁଧା ପିଇ ଚକୋର ।
ବିହରତରେ ସେ ବିହୁଛି ନଷ୍ଟେ ଏ ମନୋହର ॥
ବଳାଗ୍ରତପୁରମଣ୍ଡନା ଶୋଭା ଜନକ ଗୃହିଁ ।
ବଳାଇଲେ ଚିତ୍ତ ମୋ ସୁତା ପୁଣ ହୁଅନ୍ତା ଏହି ॥
ବାଳାରୁଣାଧରୀ କହିଲେ ଜାଣି ତାହାଙ୍କ ଚିତ୍ତ ।
ବାଳାଏ ଏକ୍ଷଣି ଅଭୁତେ ହୋଏସିନା ପ୍ରାପତ ॥
ବଳାହକଁ ଜନ୍ମ ହୋଇଲେ ପରା ଈଶ୍ୱରଭିରୁ ।
ବଳାହକେ ବିଦ୍ୟୁ ପ୍ରକାଶ ପ୍ରାୟେ ଗନ୍ଧବତୀରୁ ॥
ବାଣୀ ଯେ ଏପରି ଲାଙ୍ଗଳ ଅଗ୍ରେ ଜାତ ମଞ୍ଜୁଷେ ;
ବାଣିଜ୍ୟେ ରତ୍ନସଂପୁଟକ ଲଭ୍ୟ ପରା ମଞ୍ଜୁ ସେ ॥
ବିଶ୍ୱମୋହିନୀଏ ତା ମଧ୍ୟେ ଦେଖି ମହା ହରଷ ।
ବିଶ୍ୱକର୍ମା କୃତ କୃତ୍ରିମପୁତ୍ରୀ କି କଳବଶ ॥
ବସୁନ୍ଧରାଭବା ଜନକ କୋଳ କର ସ୍ୱଭାବ ।
ବସୁ ଧରିଲେ କୃପଣେ କି କୃପାଳୁ ଦଇବ ॥
ବିଶ୍ୱସୃକ ଏକ କରଛି ଧରି ଶୋଭାଚୟକୁ ।
ବିଶ୍ୱକେତୁ କେତୁ ବାନ୍ଧିଲେ ଜାଣି ଜଗଜ୍ଜୟକୁ ॥
ବହୁ ଋଷି ତାଙ୍କ ସଙ୍ଗତେ ମେଳ ହୋଇ ଯେ ଥିଲେ ।
ବହୁ ସୀତା ନାମ ଏ ସୀତା ଯୋଗେ ଜାତ ବୋଇଲେ ॥
ବିଖ୍ୟ ସନମତ ପୃଥ୍ୱୀଭବା ପାର୍ଥିବୀ ଏହି ।
ବିଖ୍ୟରେ ମିଥିଳା ଉଦ୍ଭବକାରୀ ମୈଥିଳୀ କହି ॥
ବିଦେହଜାୟା କୋଟିଏକ ହେଲେ ସମ କି ଆଉ ।
ବିଦେହ ଦେଶରେ ଉଦ୍ଭବ ବଇଦେହୀ ବୋଲାଉ ॥
ବିଦୂଷ ଜନକ ପାଳନେ ବୋଲାଇବ ଜାନକୀ ।
ବିଦୂଷଣ ଶୋଭା ଜେମାର ଆଉ ସମ ଆନ କି ?

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବାସରେ ଉତ୍ପଳ କି ଲକ୍ଷ ପାରିଜାତକ ଗୁଚ୍ଛ ।
ବାସରେ ଚହଟେ ଯୋଜନ-ଗନ୍ଧା ନାମହିଁ ସ୍ୱଚ୍ଛ ।
ବଡ଼ଭି ଉପରେ ଦୋଳରେ ରଖି ଧାତ୍ରୀ ପାଳିତ ।
ବଡ଼-ଭ୍ରୀ ଉପମାମାନଙ୍କ ଅସମାନରୁ ଜାତ ॥
ବନନ୍ଦ୍ର କି ହେମ ଶଯ୍ୟନେ ଦୁର୍ଗା ରୂପାପଲ୍ୟଙ୍କେ ।
ବନର୍ଗତ ଆନ ଉପମା ସେହିକାଳେ ପଲକେ ॥
ବାଳିକା ଲୀଳା କଉତୁକେ ଅନ୍ତଃପୁରସ୍ଥ ମୋହି ।
ବାଳ କି ଶୈବାଳ କମଳକୋଷ ଉପରେ ଶୋହି ॥
ବାଡ଼ବର ଚନ୍ଦ୍ରପ୍ରତମା ପର ଧର ତା ଉଭା ।
ବାଡ଼ବର ମଧ୍ୟେ ପକାଅ ଆନ ସମାନ ଶୋଭା ॥
ବିଡ଼ମ୍ବ ନୂତନମଞ୍ଜରୀ ଦଳିତ କି ପବନେ ।
ବିଡ଼ମ୍ବଣ ଅନ୍ୟ ଦୃଷ୍ଟି ଯେ ଠେଲ ଠେଲ ଗମନେ ॥
ବଚକୁ ବାଚକେ ନ କହୁଁ ପୁଣି ଶୁଣି ଉତ୍ସାହି ।
ବଚକୁ ପିଇଲା ପଢ଼ିଲା ଶୁକ ମୂକରେ ରହି ॥
ବାଳୀ ସେ ଖେଳିଲା ଶିଶୁଙ୍କ ସଙ୍ଗେ କ୍ରମ କ୍ରମରେ ।
ବାଳଶେ ଲକ୍ଷିବେ ସେକାଳେ ରମ୍ଭା ରମା ସମରେ ॥
ବେଣୀ ଶୃଙ୍ଗିରେ ଶୁକଳ ରଙ୍ଗଫୁଲେ ଯତନ ।
ବେଣୀବିମୁକ୍ତ କି ନଭରୁ ହେଉଅଛି ପତନ ॥
ବିଳମ୍ବିତ କର୍ଣ୍ଣେ କୁଣ୍ଡଳ କି ସେ ଶାଙ୍କୁଳୀବଳା ।
ବିଳମ୍ବିତ-ଦମ୍ପତିଚିତ୍ତରେ ଦେବ ଗୃହୁଁ ମୋହିଲା ॥
ବୟକଲା କାହିଁ ଏ ରୀତିମାନ ସୁନ୍ଦରୀମଣି ।
ବୟସଙ୍ଗତିକ ପ୍ରକାଶି ଆନ ପ୍ରକାରେ ଅଣି ॥
ବଭିକାଳେ ନାରୀ ଯେମନ୍ତ କନ୍ୟାଳଙ୍କାର ମୁହିଁ ।
ବଭାବନା ହେଲା ତହିଁରେ ନବବିଳାସ ରହିଁ ॥
ବସନ୍ତଦୂତ ଧ୍ୱନି କଲାବେଳେ କେତେ ଇଙ୍ଗିତ ।
ବସନ୍ତରାଗରେ ଆଳାପ ତହିଁ କରଇ ଗୀତ ॥
ବସନ୍ତବସନେ ଗଣ୍ଡିକି ଦେଇ କନ୍ଧେ ପକାଇ ।
ବସନ୍ତବସନ ମୋହିବ ଏହି ଗୁମାନ ବହି ॥
ବନ୍ଦନ କରେ ନାନା ଛନ୍ଦେ ମୀବା ସେ ପୁନଃ ପୁନଃ ।
ବନ୍ଦଚନ୍ଦ୍ରପଟ ଏକାନ୍ତେ ଗୃହିଁବାରେ ସୁମନ ॥
ବନ୍ଧ ଯାହାକୁ ବଡ଼ ବୋଲି ସଉନ୍ଦର୍ଯ୍ୟେ ଧରାରେ ।
ବନ୍ଦୀ ପରି ହୋଇ ରହିଲା ଅବରୋଧେ ଧରାରେ ॥
ବଳା ହଂସକ ନାଦେ ଗତି ବଢ଼ାଇ କି ଶୁଣାଇ ।
ବଳାତ୍କାରେ, ମନ୍ଦ ଶରଣେ ଗଜ ହଂସ ଜିଣଇ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବାରଣବୃଷା ଗର୍ବ ଖର୍ବ କରି ଉରୁ ଦୀପିତ ।
ବାରଣଦନ୍ତ କୁନ୍ଦାସ୍ତମ୍ଭ କି କୁଙ୍କୁମ ଲେପିତ ॥
ବାହୁ ଶୋଭା ଗୃହିଁ ମୃଣାଳ କଣ୍ଟକକୁ ବହିଲା ।
ବାହୁଟି ତାଡ଼ରେ ଜାଣିଲି ସେ ପୂଜାକୁ ପାଇଲା ॥
ବ୍ରହ୍ମାଣ୍ଡରେ ନାହିଁ ସେ ହସ୍ତ ତୁଲ କହିବା ତର୍କେ ।
ବ୍ରହ୍ମା ଯେଣୁ ଦେଲା ଅଙ୍ଗୁଳି କରି ନାମ କଠକେ ॥
ବଭୂଷେ ସେ ଭୂଷା ନିଶ୍ଚୟ ସର୍ବ ସୁନ୍ଦରୀ କରେ ।
ବଭୂ ସେ ଜାନକୀ ଅଙ୍ଗୁଳୀ ତାଙ୍କୁ ଆମ୍ଭେ ଏଠାରେ ॥
ବନ୍ଧଆ ମନ୍ତ୍ରନେ ଶ୍ରବଣେ ତାଳପତ୍ର ଘଉଡ଼ି ।
ବନ୍ଧଆ ନୋହି କି ସେ ଯିବ ଯେଉଁ ନୟନ ପଡ଼ି ॥
ବାଳୀ ଝଲକାଦି ସୁଫୁଲ ମଲ୍ଲୀକଢ଼ି ବଶେଷେ ।
ବାଳୀ ଝଲକାଇ ଯେମନ୍ତ କହି ନୋହିବ ଶେଷେ ॥
ବନ୍ଧା ସୁମନରେ ଜୁଡ଼ା ଯେ ଧୈର୍ଯ୍ୟ ଉଜୁଡ଼ା ସେହି ।
ବନ୍ଧା ସୁମନକୁ ପକାଇ ନେବ କେ ମୁକୁଳାଇ ॥
ବଶେଷେ ଚଞ୍ଚଳ ଈକ୍ଷଣ ବାଣ ସେ ଗତାଗତ ।
ବଷେ ସେ ଯୁକ୍ତ କି ଅଞ୍ଜନେ ଯେଣୁ ଅତି ଜ୍ୱଳିତ ॥
ବାଙ୍କବାର ଭୟେ କୁରଙ୍ଗ ମୀନ ବନେ ପଳାଇ ।
ବାଙ୍କବାର ଗତାଗତ ସେ ଗତି ଶିଖିବାପାଇଁ ॥
ବର୍ତ୍ତୁଳମୁକୁତା ଚଳିତ ନାସାପୁଡ଼ା ସେ ଫୁଲେ ।
ବର୍ତ୍ତୁ କେ ତା ଗୃହିଁ ଆଜନ୍ମ ବ୍ରହ୍ମଚାରୀ ହୋଇଲେ ॥
ବନ୍ଧୁ କରିବାର ଇଚ୍ଛିଲା ଯେଣୁ ଅଧର ତୁଲେ ।
ବନ୍ଧୁକ ନାମହିଁ ରହିଲା ତେଣୁ ରକ୍ତକ ଫୁଲେ ॥
ବଧୂଲୀ ଅଧର ବୋଲିବା ଯୁକ୍ତ, ଅର୍ଥରେ ଆନ ।
ବଧୂ କରେ ତହିଁ ଉପରେ ହାସ ପ୍ରକାଶମାନ ॥
ବଭର୍ତ୍ତି ମୋତିପନ୍ତିଦନ୍ତ ଓଷ୍ଠ ମାଣିକ୍ୟପାନେ ।
ବଭବ ଶୋଭାର କେ କହୁ ଯେ ବଚନ ବଚନେ ।
ବଭୂଷଣ ନାନାପ୍ରକାରେ ଯେତେ କରନ୍ତି ନିତି ।
ବଭୂଷଣ ପରା ତହିଁକି ଦଶେ ସୁନ୍ଦରୀଜ୍ୟୋତି ॥
ବଦନରେ ଚନ୍ଦ୍ର ଦର୍ପଣ ପଦ୍ମ ନଉଷ୍ଠଇବା ।
ବଦନରେ ଏହି ଉକ୍ତିକି ଆନ କି ଲକ୍ଷ ଦେବା ॥
ବରବର୍ଣ୍ଣିନ ରସଲତା ନବପୁଷ୍ପବତୀ ସେ ।
ବରଣ କରିବା ଜନକ କହେ ଯତିଙ୍କ ପାଶେ ॥
ବାଉଲେ ବାଲ୍ମୀକି ଠେକିବ ଯେହ୍ନୁ ଶିବଚାପକୁ ।
ବାରଜଗନ୍ନାକୁ ପ୍ରଦାନ ନିଷ୍ଠେ କରିବା ତାକୁ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବୋଧ ଜନକ ହରଧନୁ ସ୍ୱୟମ୍ବର ରଚିତ ।
ବୋଧକର ମୁଖେ ବିଖ୍ୟାତ ନୃପଗଣେ ଆଗତ ॥
ବାସ କରନ୍ତୁ ସେହି ସୀତାଲୀଳା ସଦା ମୋ ହୃଦ ।
ବାଷଠୀପଦେ ଉପଇନ୍ଦ୍ର ଭଞ୍ଜ କହେ ଏ ଛାନ୍ଦ ॥

ଅଷ୍ଟମ ଛାନ୍ଦ

ରାଗ—କାଳୀ

ସୀତା-ରୂପ ବର୍ଣ୍ଣନ

ବିଜୟି ବୀର ! ବିଜୟ କର ଯିବା ମିଥିଳାପୁର ।
ବାହାର ହୋଇ ବିହାର ତହିଁ କରନ୍ତି ମୁନିବର ।
ବଇଦେହୀ ଯେ ସୁନ୍ଦରୀବ୍ରଜେ ଅମୂଲ୍ୟଚୂଡ଼ାମଣି ।
ବର୍ତ୍ତମାନ ସେ ଭୂତ ଭବିଷ୍ୟେ ନାହିଁ ନୋହିବ ପୁଣି ॥
ବଶୀକରଣମୂର୍ତ୍ତି ଧାରଣ ଉଚ୍ଛାଟନ ତା ଗୁରୁ ।
ବିଧି ସୁନ୍ଦରୀପୁରନ୍ଦରୀ ଯେ ତାହାଙ୍କୁ ବୋଲିବାରୁ ।
ବିହିଲା ବିହି ପ୍ରଭା ଏ କାହିଁ ଶୋଭାସଂଗ୍ରହ ପାଇ ।
ବିଣା ବିବେକ ପଣ୍ଡିତଲୋକମାନଙ୍କୁ କରି ଦେଇ ॥
ବିଗ୍ରହକାନ୍ତି କି ଝଟକନ୍ତି କନକ ଅନାଇଲା ।
ବାନ ବଢ଼ାଇ ଅଗ୍ନିକି ଡେଇଁ ଶିଳେ କଷାଇ ହେଲା ।
ବଣିକଶ୍ରେଣୀ ଅସମ ଜାଣି ହେଲେ ପ୍ରହାରଦାନୀ ।
ବସାଇ ଗୁଳେ ରତିଏ ବୋଲେ ତେତିକ ଲକ୍ଷ୍ୟ ଘେନି ॥
ବିଚରଜ୍ୟୋତି ଲଭି ସେ ଭିତ୍ତି ବିଦ୍ୟୁ ଲକ୍ଷଣ ଏତେ ।
ବୁଜି ଈକ୍ଷଣ ହୁଏ ତକ୍ଷଣ ଯାହା ଦର୍ଶନମାତ୍ରେ ।
ବିଡ଼ାଇହୀନ କଣ୍ଟକ ପର୍ଣ୍ଣ ମଧ୍ୟରେ ଦରେ ଲୁଚି ।
ବାସ ସମେଳ କେତକୀ ଫୁଲ କେତେ ମନକୁ ରୁଚି ॥
ବାହ୍ଲୀକଚୂର୍ଣ୍ଣି କରି ସେବନ ମନକୁ ମନାଇଲା ।
ବରବର୍ଣ୍ଣିନୀ ଜଗଦ୍ବନ୍ଦନା ଏଣୁ କି ବୋଲାଇଲା ।
ବରବର୍ଣ୍ଣିନୀ କବି ରଚନା ବୋଲାଇ ତର୍କ ହୋଏ ।
ବିଲକ୍ଷ ସ୍ମରପ୍ରିୟାଟି ସ୍ମର ରତି ନାମକୁ ପାଏ ॥
ବହୁଁ ସମୁଦ୍ର ମନ୍ଥନ ଚନ୍ଦ୍ର ଜନମ ଯେଉଁକାଳେ ।
ବିହୀନ କ୍ଷୀଣ କଳଙ୍କେ ଜାଣ ନିର୍ମଳ ହୋଇଥିଲେ ।
ବଦନେ ଜାନକୀର ସମାନ ମନ ଜାଣିଛି ବିହି ।
ବିମ୍ବ ବେଷ୍ଟନ ନୋହିଲା ବର୍ଣ୍ଣି ଭିବେଟି କାଟି ଦେଇ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବିନଜ ଆଦରଶ କି ବାଦ ରଚି ହୁଅନ୍ତେ ଯୋଗ ।
ବିସ୍ତାର ଆହା କି ଫୁଲ୍ଲ ଆହାହ୍ଲାଦ ସୁବାସ ମୁଖ ।
ବିଲୋଳ ଚଳ ସୁଧାକଲ୍ଲୋଳ ଲାବଣ୍ୟସରିତରେ ।
ବିକାଶ ହାସ କରଇ ହାସ ହୀରକୁ ନିରନ୍ତରେ ॥
ବିଧୁ ବଧୂର ଗର୍ବରୁ ଚୂର ପବିତ୍ରଦ୍ରବ୍ୟ ଦର୍ଭି ।
ବିକଶିତରେ ସେ ଇଷିତରେ ନ ଲଭିଲା ସନ୍ଦର୍ଭି ।
ବିକଶିତ ଯେ କୁମୁଦପୁଞ୍ଜେ ଦୀନେ ସଙ୍କୋଚ ବହି ।
ବୁଡ଼ଣା ନୀରେ ପଡ଼ି ଲାଜରେ ଦୃଢ଼ ଆୟୁଷୁଁ ଜୀଇ ॥
ବିସ୍ଫାରିତ ତା ଲୋଚନ ଗତାଗତ କରଇ ଡୋଳା ।
ବିଲକ୍ଷ ଭୃଙ୍ଗ ସରୋଜେ ସଙ୍ଗ ହୋଇ ଶିଖେ ସେ ଲୀଳା ।
ବାଡେ ଚଳଇ ନୀଳୋତ୍ପଳହିଁ ସେ ଛବି ଲକ୍ଷ ହେଜି ।
ବାଳକ କରେ ସାରଣୀ କରେ ଖେଳା ତରୁଣ ତେଜି ॥
ବକ୍ରଭ୍ରୂଲତା ନିକଟେ ସ୍ଥିତା ଗୃହିଁ କମାଣେ ରହି ।
ବିଶିଖ ଗତି କରୁଅଛନ୍ତି ପକ୍ଷ୍ମ ପକ୍ଷକୁ ବହି ।
ବର୍ତ୍ତି ଦ୍ୱିବିଧୁଁ ଶାଣିତ ସାଧୁ ହିଙ୍ଗୁଳ କଳା ଶଙ୍ଖେ ।
ବହୁରୂପାଏ ଆନ ପରାୟେ ଯଥା ଆପଣା ସୁଖେ ॥
ବିପିନଘନେ ପଶି ବହନେ ଚଣ୍ଟିଲେ ହାରି ମୃଗ ।
ବଂଶରେ କେହି ସେ ସମଧାୟୀ ମରି ଇନ୍ଦୁରେ ଯୋଗ ।
ବାଞ୍ଛିତ କର୍ମହୀନର ଶ୍ରମ କଲେ ପ୍ରାପତ କାହିଁ ।
ବିମଳ ପଦାର୍ଥକୁ ସର୍ବଦା ସମଳ କଲା ଯହିଁ ॥
ବସିଲେ ଭୁଲେ ଦଇବବଲେ ଗୁଞ୍ଜି କି ରହି ପ୍ରାୟେ ।
ବିନମୀଷ ଯେ ମୀନସମାଜେ, ଗଞ୍ଜନ କମ୍ପେ ଭୟେ ।
ବୁଡ଼ାଇ ରାଗକୁଣ୍ଡରେ ବେଗ ବେଗ ଅପାଙ୍ଗ ଟାଳି ।
ବଡ଼ିଶ ପରି ନିଏ ଓଠାରି ମନ-ମୀନକୁ ବାଳୀ ॥
ବିଲୋକ କରି ଅଳକ ପରି ଏଥିକି ସମ ନୋହି ।
ବେତାଳ ଭଇରବକୁ ଧାୟୀ ଖଡ୍ଗୁ ପ୍ରହାର ବହି ।
ବାସ ଲଲାଟ ପଟ୍ଟରେ ପଟ ଆଉ ତା କି ଲକ୍ଷିବା ।
ବିଗଳିତାଙ୍କ ଅର୍ଦ୍ଧଶଶାଙ୍କ ଯୋଖିବା ନ ଯୋଖିବା ।
ବଡ଼ିମା-ତତ-ଶୋଭାର ଶ୍ରୁତି ବିଶ୍ରାମ ଖଟ ଦୋଳି ।
ବୋଲି ପାଟଳୀ ପା ବୋଲୁଁ ଟଳି ତାର ଉପମା ଫୁଲି ।
ବର୍ଜିତ ସାର ଦୀର୍ଘଈକାର ହ୍ରସ୍ୱ ତ ସାନ ହେଲା ।
ବୁଦ୍ଧିକି ପାଶ କରନ୍ତେ ପାଶ ଗର୍ଭରେ ବୁଡ଼ିଗଲା ।
ବରସ୍ୱେହାର ନାସାଡ଼ମ୍ବର ଇଚ୍ଛା କଲାକ୍ଷ୍ମ ଶୁକ ।
ବିନା ଦୋଷରେ ଶିଙ୍କୁଳ ଛନ୍ଦେ ଶାଙ୍କୋଳୀ ଦିଏ ଲୋକ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବିହଗସିନା ହୋଇ ଉନ୍ମନା ପାରିଲା ନାହିଁ ପାଖି ।
ବିନତାସୁତ ସିଦ୍ଧି ଉନ୍ନତି ଗତିହିଁ ଗଜେନ୍ଦ୍ର ରତି ।
ବୁଝାଇ ତଳ ଅସମେ ତଳସୁମନ ବହି ନାମେ ।
ବିମ୍ବ କି ତୁଣ୍ଡ ଉପମା ପୁଣି ନମୀଣ ପଶୁଚର୍ମେ ।
ବେଣୁ ବରୁଣ ଯେନଣ ଜାଣ ସମୁଦ୍ର ମଧ୍ୟେ ପଶେ ।
ବ୍ୟାଳ ଗ୍ରାସ ତ ମଳୟବାତ ଭୁଲି ହେଲାକୁ ଶ୍ୱାସେ ।
ବାଳା ଅଧର ଅରୁଣ ସାର ଛବି ବହିବା ସ୍ମର ।
ବାଳ ଅରୁଣ ଯେନ ଅରୁଣ ପଦ୍ମାନୁରାଗେ ପୂର ।
ବିରଙ୍ଗ ସେହି ଦଣ୍ଡକେ ହୋଇ ସନ୍ତାପ ବିଭୂଷଣ ।
ବହେ ସନ୍ଧ୍ୟାରେ ମାଣିକ୍ୟ, ଧରେ ଜ୍ୟୋତିଙ୍କ କର ଋଣ ।
ବିତୁଳ ତେବେ ମଣ୍ଡି ଅର୍ପିବେ ପୁଣିହିଁ ସେ ବ୍ୟବସ୍ଥା ।
ବାଳ ବୃଦ୍ଧର ଯଥା ପାସୋର ଦିନ ଦିନକ କଥା ।
ବୋଲିବା କାହୁଁ ମନ୍ଦାର ଆଉ ଧରିଛି ମନ୍ଦ କାଳୀ ।
ବୈରାଗୀ ହେବ ବିଶ୍ୱର ବିମ୍ବ ଭସ୍ମ ହେଲାନି ବୋଲି ।
ବିଦ୍ରୁମ ଯହିଁ ଲୁଚି ମରିଲ ସୂଚିକା ବ୍ୟାଜେ ହୃଦ ।
ବନ୍ଧୁଜୀବ ଯେ ଅଳ୍ପକେ ଭଜେ ମଳିନ ନ ସମ୍ବାଦ ।
ବୈଭବ ଶୁଭେ ଲଲାଟେ ଶୋଭେ ନାରୀର ଯେ ସିନ୍ଦୂର ।
ବିହାଇ ଯେତ ପରେ ଦଳିତ ଗୁପତି ସମ୍ପୁଟେର ।
ବଜ୍ର ଦଶନ କଚ୍ଛ ପ୍ରସନ୍ନ ହରଣେ କରୁଁ ଚିନ୍ତା ।
ବସାଇ ଶାଣେ କର୍ତ୍ତପ୍ରମାଣେ ଦଣ୍ଡ ଦିଆଇ ଧାତା ।
ବୋଧିଲ ଶୁକ୍ତିଭବ ଉତ୍ପତ୍ତି ନୋହୁଁ ମୁଁ ଦନ୍ତଦାସ ।
ବିମୁକ୍ତ ହୋଇ ମୁକ୍ତା ବୋଲାଇ ତାର କି ହେଲା ନାଶ ।
ବାଳିକା ରଦ ଖେଦିଦ କୁନ୍ଦକଳିକା ହୃଦ ଫୁଟି ।
ବୀଜ ଦେଖାଇ ସମାନ ନୋହି ଦାଡ଼ିମ୍ବଫଳ ଫାଟି ।
ବୃକ୍ଷରେ ଲମ୍ବେ ଲପନ ନମ୍ରେ ଏତିକି ଲଭି ଲୋଭ ।
ବିଅର୍ଥ ହେଲା ଚଣ୍ଡୁଲମାଳା ନାହିଁ ଝିଟିକପ୍ରଭ ।
ବନ୍ଦାଇ ମିତ ଶାରଦା ନତ ହୋଇ ବଚନ ଭୁଲେ ।
ବାଣୀ ଭାରତୀ ଯେ ସରସ୍ୱତୀ ଦୁହିଁଙ୍କି ଲୋକେ ବୋଲେ ।
ବଲ୍ଲକୀ ତାର ଭୁଲ କି ସ୍ୱର ପରବଶେ ସେ ଜାତ ।
ବନପ୍ରିୟହିଁ କୁହୁ ଯା କହି ଅନ୍ଧାର ଦିଶି ସତ ।
ବଡ଼ ମଧୁର ଦ୍ରାକ୍ଷାରୁ ଗିର ସେହି ଗତିଭୁକ୍ତିସ୍ଥାନ ।
ବର୍ଣ୍ଣିଥିଲେ ତା ଗୁଣକୁ ପିତା ଆନ ଚରିତମାନ ।
ବିବୁଧାଶନ ଅମୃତ ପାନ ହୋଏ କେବଳ ମୁଖେ ।
ବିବେକି ! ଯେନ ଶ୍ରବଣେ ପାନ ଯାହା କରନ୍ତି ସୁଖେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବିଭର୍ତ୍ତି ରସସାର ବିଶେଷ ଚିବୁକ ଦିବ୍ୟପାତ୍ର ।
ବିଧାତାଙ୍ଗୁଳି ଚିହ୍ନରେ ଝଳି ନାରଙ୍ଗ କେତେମାତ୍ର ।
ବିହି ତ୍ରିରେଖା ତ୍ରିପୁରେ ଦେଖା କଣ୍ଠକୁ ନାହିଁ ଲକ୍ଷେ ।
ବ୍ରତ ବାଞ୍ଛିତ କପୋତବ୍ରାତ ଖଳୁ ଶିଳାକୁ ଭକ୍ଷେ ॥
ବ୍ୟକ୍ତ ଲକ୍ଷଣାମାନଙ୍କୁ ତୃଣା ମୁଖମଣ୍ଡଳେ କରିଁ ।
ବିଳାପି ଶିଖୀ ଚମରୀ ଦେଖି କହନ୍ତି କେଶ ଗୁରୁ ।
ବିରହୀ ଏଣୀ ପୁଚ୍ଛକୁ ଆଣି ଉତ୍ପାଟି ଛେଦ ଜନେ ।
ବିକ ଏତିକ ମୂଲ୍ୟ ବୋଲି କି ଦେଖାନ୍ତି ଏ ଭୁବନେ ॥
ବିବେକୀ ଯେହି ସେ ନଉଁଥିଲ ତାଳିବା ବ୍ୟାଜେ କେଶେ ।
ବ୍ୟୋମଧୂମକୁ ତାହା ସମକୁ ଲକ୍ଷିବା କି ମାନସେ ।
ବିରାବ କରି ନୋହେ ମୁଁ ସରି ବୋଲି ଉଦୟକାଳେ ।
ବିଷ୍ଣୁ ସେ ରାହୁ ଉପମା ଯେହ୍ନୁ ଚକ୍ରରେ ଛେଦ ଦେଲେ ॥
ବିକର୍ତ୍ତନଜା ସେ ସମେ ମଲ୍ଲା ବୀଚି ଲୁଣ୍ଠିତେ ସ୍ନେହୀ ।
ବିଷ ଯେ କଳା ସଙ୍ଗମେ ମେଳା କାଳେ କାଳୀୟ ବହି ।
ବିନାଶେ ଆଶା ପ୍ରବେଶେ ଆଷାଢ଼ ଯେ ଆବିଳପ୍ରଦା ।
ବିଶ୍ୱ ଲୋଚନ ରୋଚନ ଯେନ ତମସ ନୋହେ କଦା ॥
ବିବର୍ଣ୍ଣିଂ ତୁଳ ତମାଳଦଳ ବୋଲି କି ପୁରସ୍କାର ।
ବେଭାରେ ପରିଣତ ସେ ଧରି ଝଡ଼ାଇ ବାରମ୍ବାର ।
ବିଷ୍ଣୁ-ପଦହିଁ ନୀଳତା ବହି ଚିକୁର ତୁଳ ସ୍ନେହେ ।
ବିଧେ ତା ଧୂଳି ଧୂଷର କରି ବାତ କି ଗର୍ଜେ ନୋହେ ॥
ବିହିଲେ ନୀଳ ଗରଳ ସେ ତୁଳ ବାଞ୍ଛାରେ ମହାଦେବେ ।
ବିଗ୍ରହ ଉମା ନୋହେ ସେ ସମା ବେଢ଼ଇ ବାହୁ ଭବେ ।
ବିଜିତ ସେ ଯେ ସୀତା ସୌନ୍ଦର୍ଯ୍ୟେ ଏମନ୍ତ ଯେନ ଚିତ୍ତ ।
ବଦେ ଗଉରୀ ପଦରେ କରି ସୁନ୍ଦରୀମଣି ମିତ ॥
ବାରତ ସୀମା ବାଡ଼ ଉପମା ଅଳକା ମୁଖ କେଶେ ।
ବେଳାରେ ବ୍ୟାପୀ ଗଙ୍ଗାର ତପୀ ମୂକ, ତରିବା ଆଶେ ।
ବୋଧ ରାଘବେ ଏ ଦେଖିଥିବେ ଏତିକ ବାତାୟନେ ।
ବିଂଶ ପଦେ ଏ ଛାନ୍ଦ ଛନ୍ଦେ ଉପେନ୍ଦ୍ର ତୋଷମନେ ॥

ନବମ ଛାନ୍ଦ

ରାଗ—ଚୋଖି

ରାମଚନ୍ଦ୍ରଙ୍କ ମିଥିଳାଗମନ

ବିଟଳକୁ ଆଲିଙ୍ଗନ କରି ଜାହ୍ନବୀ ଶୋଭନ ହରେ ସୁର-ବର ତାପ ଗୁରୁଧାରା ସେ ।
ବହେ ମକର-କେତନ ଉଚ୍ଛନ୍ନ ରଥ ସମାନ ପୂରିତ ହୋଇଛି ପୁଣି ଅଶେଷ ରସେ ।
ବିଦ୍ୟ ହୈମବତୀ ପଦରେ । ବିଷକଣ୍ଠ ତୋଷଦାନୀ ବେନି ମତରେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବିଷ୍ଣୁପଦୀ ବିଷ୍ଣୁପଦ ଈକାର ଭେଦ ଶବଦ ତରଣୀର ଗତାଗତ ତହିଁ ଉଚିତ ।
ବିଶାରଦ ସେ ସାମନ୍ତ ମତିରେ ଦାସ ସେବିତ ତାଙ୍କୁ ନ ଶୁଣନ୍ତେ ରଘୁନାଥ କଥିତ ।
ବିଷଧର ପ୍ରାୟେ କି ଗୁହ । ବେଲେ ନେଇ ତାଳି ଶୁଣ ଉଦାର ନୋହି ॥
ବିଧିର କୁହିଲି ଗୀର ବୋଇଲା ତହିଁ ଧୀବର ଶୁଣିଲିଣି ପଥର ପଥର ଅବଳା ।
ବାଲି ପଡ଼ି ତୋ ଚରଣୁ ଆଶଙ୍କା ଉପୁଜେ ଏଣୁ ନଉକା ନାୟିକା ହେଲେ ବୁଡ଼ିବ
ଭେଲା ।

ବୃତ୍ତି ଏ ମୋ ପୋଷେ କୁଟୁମ୍ବ । ବସାଇ ନ ଦେବ ପାଦ ନ ଧୋଇ ନାବ ॥
ବଢ଼ାଇ ଦେଲେ ପଦ୍ମର ଭାବଗ୍ରାହୀ ରଘୁବୀର ପଦ୍ମରେ କ୍ଷାଳିତ କରି ବସନେ ପୋଛି ।
ବ୍ରହ୍ମାରେ ଧୌତ ଯେ ପଦ ନୋହିଛି ଶିବ ବିଷାଦ ନ ପାଇ ଚରଣାମୃତ ପାନକୁ ଇଚ୍ଛି ।
ବିଜ୍ଞାନୀ କୈବର୍ତ୍ତ ଧୋଇଲା । ବିଶେ ପତିତପାବନ ନାମ ରହିଲା ॥
ବିଶ୍ୱ ପଲ୍ଲବ ନାବରେ ପଦ ବିକଳ୍ପ ମନରେ ପ୍ରତିହାରୀ ପରିରେ ମଣାଇ ବସାଇ ।
ବିଶ୍ୱାମିତ୍ରଙ୍କୁ ଶ୍ରୀରାମ ପଚାରିଲେ ଗଙ୍ଗା ନାମ ଭାଗିରଥୀ କିପାଁ ହେଲା କହି ଗୋସାଇଁ ।
ବିଷ୍ଣୁ ନଖକୋଣେ ଏ ଥିଲା । ବାମନାବତାରେ ଭଗୀରଥ ଆଣିଲା ॥
ବିଧିପୂର୍ବ କରି ଋଷି ସମସ୍ତ ଚରିତ ଭାଷି ତରୀ ତ ତ୍ରିରିତ ଯାଇ ଲାଗେ କୂଳର ।
ବିହାରୀ ହେଲେ ମାର୍ଗର ମାର୍ଗଣ-କମାଣ ଧରି ମାର୍ଗଣ ଶୋଭିଲେଶକୁ କନ୍ଦର୍ପ ଯାର
ବିଦେହମଣ୍ଡଳେ ପ୍ରବେଶ । ବୀର ବେନି ପୁରି ସାର ମୋହନ ପୁଂସ ॥
ବିପଣିରେ ଥିଲା ଜନେ ଭାବନା କଲେ ଦର୍ଶନେ ଆଗତ କି ଧାତା ହରି ମଧ୍ୟରେ ହରି ।
ବିଭଞ୍ଜନ ଶିବଧନୁ କରି ମରକତତନୁ ବିଭା ହେବେ ସୀତା ନିଶ୍ଚେ ଜନ୍ମିଛି ଶିରୀ ।
ବିଶ ଏ ରମ୍ୟରେ ମାନସ । ବିଜେ ରାମ ଅଦଭୁତେ ଶୁଭେ ଏ ଘୋଷ ॥
ବିଭ୍ରମୁଁ ଏ ଶବ୍ଦ ଚିତ୍ତେ ରାକା ହୋଇଗଲା ଶ୍ରୁତେ ନାରୀଏ ଭାଳିଲେ କେହି ସେ
ରୂପବନ୍ତ ।

ବିଳିଇ କବି ମାନସ ନାମ ପଚ୍ଛିତ ପ୍ରକାଶ ଅଖଣ୍ଡଚନ୍ଦ୍ର ଏ ହୋଇବାର ଉଚିତ ।
ବୋଧିବେ ନୟନ-ଚକୋରୀ । ବିଶେଷ ଶୋଭା ପୀୟୂଷ ପାନ ବିସ୍ତାରି ॥
ବିବୁଧାଳୟ ଜଗତି ସ୍ଥିର ନାରୀ-ସୁରୀ ଭ୍ରାନ୍ତି ସୁମନା ମନମୋହନ ଛବି ଯାହାର ।
ବିଳୁ ବାହାରିଲା ପରି ନାଗ-ନାଗରୀ ବିଗୁରି ମଣି-ଭୂଷଣୀ ମଧ୍ୟରୁ ଯେତେ ବାହାର ।
ବେଭାରେ ତ ମାନବୀ ସର୍ବେ । ବିଶ୍ୱଧାତ୍ରୀ ପରେ ଲୀଳା ଯାର ସମ୍ଭବେ ।
(ପକ୍ଷେ) ବିଶୁଦ୍ଧ ବିପୁର ଲୀଳା ତହିଁ ସମ୍ଭବେ ॥
ବାମା କାଲେ ଭାନୁ-ବାମା ପ୍ରସବ ସୂନୁ ସୁଷମା ଲକ୍ଷିତ ହୁଅନ୍ତା ଆନ ଆନନ ପ୍ରଭା ।
ବରନ ବସନ ଧରେ ନୀଳ ପୀତ ପରସ୍ପରେ ସ୍ମର ମଧୁ ଆଲିଙ୍ଗନ ବହିଲା ଶୋଭା ।
ବିହ୍ୱଳିତ ଦମ୍ପ ଅନାଇ । ବାସ କଲା ଚିତ୍ତ ରାମ ଲକ୍ଷ୍ମଣେ ଯାଇଁ ॥
ବାଡ଼େ ଯେ ଆଉଜି ରହି ଚିତ୍ରପ୍ରତିମା କି ସେହି ନିରବଲମ୍ବିନୀ କି ଇନ୍ଦନପିଙ୍ଗଳା ।
ବିନ୍ଦିକୀ ସ୍ୱଭାବ ଲୁଟି ପତିବ୍ରତା କଲେ ହଟି ସ୍ମୃତି ମହତସୃଷ୍ଟି ତାଙ୍କୁ ରଖିଲା ।
ବୋଲନ୍ତି କି କାହା ଶୁଣନ୍ତି । ବିଜ୍ଞାତ ନୋହେ ମାଦକୀ ରେତାଆକୃତି ॥
ବୈଦେହୀ ବିମଳଦେହୀ କମଳକେଶରେ ନାହିଁ ସହୀ ସହିତରେ ଥିଲେ ମଣ୍ଡି ଅଣ୍ଟାଳୀ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବହୁ ଲୋକକେ ପ୍ରଶଂସା କଲାଙ୍ଗେ କଲେ ଲାଳସା ଗତରେ ଗଉରବତା ନେଇ ନ
ଟାଳି ।

ବର ଦେବରେ ଯେ ମନାସେ । ବର ଦେବର ହେବାକୁ ମାନସେ ଘୋଷେ ॥
ବାମଲୋଚନ ସ୍ଫୁରିତା ବାମମୋହନ ବିଧାତା ପାଞ୍ଚୁ, ପୁଲକ-ପୁଲକ କପୋଳେ ଦିଶି ।
ବୃଦ୍ଧବୟସ୍ୟସଙ୍ଗୀବର ଭଙ୍ଗିବ ଏ ଧନୁବର ମନରେ ଏମନ୍ତ କର ତା ଜାଣି ଭଷି ।
ବ୍ୟକତ ଏମନ୍ତ ବଚନ । ବିଶ୍ୱାସ ନିଶ୍ୱାସ ହାସ ନାସା ଆନନ ॥
ବୃକୋଦର ବାସବର ଦିଗଦନ୍ତୀ ମନୋହର ବିହର ମଖଶାଳରେ ପ୍ରବେଶ ବେଳେ ।
ବଂଶିକ ରାଜା ମାନସ ମଧ୍ୟରୁ ଧୈର୍ଯ୍ୟ ସାରସ ଅପ୍ସରଣେ ଦରଶନେ ଉଡ଼ାନ୍ତି ନେଲେ ।
ବିଚିତ୍ର-କର୍ମୀଙ୍କ ଆଲୋକେ । ବିଦେହ ରାଜା କୌଶିକେ ପୁଚ୍ଛିଲେ ଏକେ ?
ବୋଇଲେ ମୁନି ବୃଦ୍ଧ ଦଶରଥ ବେନି ସୁତ ବନେ ତାଡ଼କା ବିନାଶି ରଖି ମୋ ଯାଗ
ବିନ୍ୟସ୍ତ କରି ଚରଣ ଗୌତମ-ନାରୀ ତାରଣ ଶିବଚାପ ଦେଖିବାକୁ ଏବେ ଉଦ୍ବେଗ ।
ବୋଇଲେ ଦେଖିଲେ ଦେଖନ୍ତୁ । ବାଳ କୁମାରେ କି ହେବ ଏହାଙ୍କ ହେତୁ ॥
ବ୍ୟଗ୍ରପନ୍ନ କଲେ ନେଇ ତପନବଂଶିକ ତହିଁ ସଭାରେ ଲୋଭି ଅନାଇ ନୃପସକଳ ।
ବିଦର୍ଭି, କର୍ଣ୍ଣାଟ, ଭୋଟ, ସଉରାଷ୍ଟ୍ର, ମରହଟ୍ଟ, କୁନ୍ତଳ, କେରଳ, ଚୋଳ, ସିନ୍ଧୁ, ଉତ୍କଳ ।
ବାହ୍ଲିକ, ତୁରସ୍କ, ନିଷେଧ । ବଙ୍ଗ, ଅଙ୍ଗ, କଳିଙ୍ଗ, ତୈଲଙ୍ଗ, ମଗଧ ॥
ବେଦ, ଚେଦ, ମଦ୍ର, ମତ୍ସ୍ୟ, ଦ୍ରାବିଡ଼, ଗଉଡ଼, ମ୍ଲେଚ୍ଛ, ଆରବ, ମାଳବ, କଚ୍ଛ, କୁରୁ,
ପଞ୍ଚାଳ ।
ବନାଉଜ, କନାଉଜ, କାଶ୍ମୀର, କାମେରି, କୁଞ୍ଜଗଳ, ଡାହାଳ, ଲୋମଶ, ପୁଣ୍ଡ୍ର,
କୋଶଳ ।

ବେଲାଉଲ ଆଦି ଏ ଠିକ । ବିଶେଷି କହିବା କେତେ କହେ ଜନକ ॥
ବିନିନ୍ଦ୍ୟ ଭୂପତିମାନେ ବହୁଦିନୁ ଅଭିମାନେ ବସି କି କାରଣେ ଧନୁ ଅଣ ନ କହି ।
ବ୍ୟାଜଦମ୍ଭ ପରି ପ୍ରତେ ଏବେ ଦଶରଥସୁତେ ଆସିଛନ୍ତି ଦେଖିବାକୁ ବଳାଇ ସ୍ନେହ ।
ବୋଇଲେ ଆଣିବା ସେ ଚାପ । ବିଦନ୍ତେ ଅଣାଅ କହେ ନୃପକଳାପ ॥
ବଳବନ୍ତ ଏକୁଁ ଏକ ଆଜ୍ଞାକୁ ମଲ୍ଲ ଅନେକ ଯତ୍ନେ ଓଟାର ଆଣିଲେ ମଞ୍ଜୁଷ ଗୋଟି ।
ବ୍ରହ୍ମାଣ୍ଡଯାକ ଧରିଲେ ଚଳନ୍ତା ନାହିଁ ଯେ ଟଳେ ଚକ୍ର କଚ୍ଛଟ ହୁଂକାର ନଭେ ପ୍ରକଟି ।
ବାକ୍‌ଚାତୁରୀ ମଲ୍ଲସ୍ଥଳର । ବାଣାସନ ଆସିଲା ବିଳମ୍ବ ନ କର ॥ *
ବଳବାନେ ଅଧିକ କେ ଜାଣୁଁ କଷନ୍ତି କାର୍ମୁକେ ସମ୍ଭଳେ ହୋଇଲ ସିନା ସୁବର୍ଣ୍ଣ
ସଙ୍ଗେ ।
ବିଲ୍ଲଦେହୀକ ଯେ ଆମ୍ଭେ ଭୂଷଣକର୍ମ ଆରମ୍ଭେ କନ୍ୟା-ରତ୍ନ ସଙ୍ଗେ ଯୋଗ କରିବୁଁ
ତେବେ ।

ବିତ ଶ୍ରୋତେ ଗଲେ ସମସ୍ତ । ବ୍ୟାଘ୍ର ପତନ ଯନ୍ତ୍ରାକୁ ଚାହିଁଲା ମତ ॥ †
ବିଭାବସୁ ବିଭାବସୁ ଏକସ୍ଥାନେ ଏ କି ବର୍ଣ୍ଣୁଁ ଭାବ ନେଇ ବୁଝି ମୁଖ ପଚ୍ଛକୁ କଲେ

* ପେଡ଼ା (ଧନୁ ରହିବାର ପେଡ଼ା) ; ମିଥିଳାରାଜ ଜନକ ; ଧନୁ ।
† ଧନୁ ; କୁଳୀନ, ସୁନା ; ବଣିକ, ବିଦେହରାଜ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବିଳ ନିଦ୍ରା ହରି ବୃଷ ବିଳ ନିଦ୍ରା ହରି ବୃଷ ଦେଖି ଯଥା ପଳାୟିତ ତଥା ହୋଇଲେ ।
ବାସେ ଯାଇ କେତକୀ ପାଶେ । ବସେ ପଲାଶେ ଭୃଙ୍ଗାଳି କି ଶୋଭା ଭୂଷେ ॥ *
ବୈରାଗ୍ୟ ଆକୁଳ-ଜଳେ ଭାସିଲେ ଭୂମିପକୁଳେ ଭାଷିଲେ ଜନକ ରାମ ଶ୍ରୀରାମ ବେଗେ ।
ବିତାଇ ସୁମିତ୍ରାବସ୍ତ୍ର ନାହିଁ ସୁମିତ୍ରାର ସ୍ୱଚ୍ଛ ନମ୍ରେ ଧଇଲେ ବାଛିବେ ରୂପେ ଓଳଗେ ।
ବିଶ୍ୱାମିତ୍ର ନେତ୍ରରୁ ଜାଣି । ବାହାରଭେ ଶସ୍ତ୍ର ଦେଇ ଲକ୍ଷ୍ମଣ ପାଣି ॥ †
ବିକ୍ରମଗତିକି ବହି ଶରଧା ରାମଙ୍କୁ ରହିଁ କେଶରୀ ଗିରି ମଧ୍ୟରୁ ସେହି ସ୍ୱଭାବେ ।
ବିରାଜମୂର୍ତ୍ତି ଯେ ଧୃତ ମଞ୍ଜୁ ମଞ୍ଜୁଷରୁ ହତ ଧନୁ ଆକର୍ଷି ଆଣିଲେ ପନ୍ନଗ ଭାବେ
ବକପୁଷ୍ପମାଳା ମାଳିକ । ବିକ୍ରୟିକୁ ରାଙ୍ଗଡାରୁ ଠେକିଲା ଦୃକ ॥ ‡
ବିଗୂଢ଼ବଶେ ଓଠାରେ ପ୍ରଚଣ୍ଡମଲ୍ଲ ହସ୍ତରେ ଏରଣ୍ଡଦଣ୍ଡ ପଡ଼ିଲା ପରି ଭାଜିଲା ।
ବ୍ରହ୍ମାଣ୍ଡଭାଣ୍ଡ ପୂରିତ ପ୍ରଳୟକାଳେ ଏକଇ ରାଶିମେଘ ଗର୍ଜିଲା ଶବଦ ଗଜ୍ଜିଲା ।
ବିବୁଧେ ମୂର୍ଚ୍ଛିତ ଚେତାରେ । ବେଳେ ପ୍ରାଣ ଅମୃତ ରଖିଲା ବଳରେ ॥
ବସୁଧାଭୃତେ ଟଳିଲେ ବସୁଧାଭୃତେ ଚଳିଲେ ସେହି ତରଳିତ ଧାତୁ ଧାରା ହେଲାଟି ।
ବିଳ-ନିର-ବିଳ ବିରି ଆନ କି ହୋଇବ ମୋର ଭାବେ ଶତକୋଟି ଶତକୋଟିତ ବୃଷ୍ଟି ।
ବିତନ୍ତ୍ର କି ନରେ କିନ୍ନରେ । ବିଚେତନ ହେଲେ ଯହିଁ ନାରକି-ନରେ ॥
ବିଭୃଷ୍ଟ ଯେ ବ୍ରହ୍ମରାଶି ଧ୍ୟାନ ତହିଁକ ବିରାଡ଼ ବିଭୃଷ୍ଟ ଯେ ବ୍ରହ୍ମ ରାଜମୁଖୁଁ ବେଦହିଁ ।
ବିଖଣ୍ଡନ ଚଣ୍ଡୀମାନ ଈଶରେ ସ୍ନେହୀ ନ ଦେନ ବିଖଣ୍ଡନ ଚଣ୍ଡୀ ମାନ ଈଶରେ ସ୍ନେହୀ ।
ବାହାରନ୍ତେ ବ୍ରହ୍ମାଣ୍ଡ ଫୁଟି । ବିରବ ସମସ୍ତଙ୍କର ଜ୍ଞାନ ପ୍ରକଟି ॥
ବୀରେଶ୍ୱର କରି ପୂଜା କଲା ସେ ମିଥିଳା ରାଜା ବସାଇ ରଘୁତ୍ତମଙ୍କୁ ସିଂହାସନରେ ।
ବିନାୟସେ ଦେବେ ଆସେ ରାମ ଦର୍ଶନ ଲାଳସେ, ଶବ୍ଦ ଶୁଣି ରାବଣ ମିଳିଲା ସେଠାରେ ।
ବୀର ସେ ବାହୁଡ଼େ ବିରସେ । ବିପ୍ରାଳିଶ ପଦେ ଛନ୍ଦ ଉପେନ୍ଦ୍ର ଭାଷେ ॥

ଦଶମ ଛାନ୍ଦ

ରାଗ—ରସକୋଇଲି

ସୀତାଙ୍କର ବେଶ

ବିଭୂ-ଷଣ-ପୁଷ୍ପେ § ଯା କାନ୍ତ ଜାଣ । ବିଭୂଷଣ କରି କନ୍ୟାକୁ ଆଣ ।
ବାରଣଶିରେ ‖ ପଦ ଦେଇ ଆସୁ । ବରଣ କରି ରାମ ମନ ତୋଷୁ ସେ ।
ବୋଲି ଦେଲେ କଉଶିକ ଯେ ।
ବୋଲି ଦେଲା ପ୍ରାୟେ ଗୋଲି ଚନ୍ଦନଙ୍କୁ ହୋଇଲେ ରଘୁବଂଶିକ ॥
ବିଧାନ ହୋଇଛି ଯା ନାମ ସୀତା । ବର୍ଣ୍ଣିନେ ଶୋଭା ଅତି ମଧୁରତା ।

* ସୂର୍ଯ୍ୟ; ଅଗ୍ନି ; ଗର୍ତ୍ତ ଅର୍ଥାତ୍ ଗହ୍ୱର ; ସିଂହ ; ଷଣ୍ଢ ; ଗର୍ତ୍ତ ; ସର୍ପ ; ମୂଷା ; ପଦ୍ମ ।
† ବିରକ୍ତି, ବିବେକ ; ରାଜାମାନେ ; ଉତ୍ତମମିତ୍ର, ପ୍ରଧାନ ଶତ୍ରୁ (ସୁମିତ୍ର-ଅରି) ; ହସ୍ତ ।
‡ ସାହସିକଗମନ ବା ନିର୍ଭୀକଗମନ ; ସିଂହ ; ବିରାଟମୂର୍ତ୍ତି, ଗରୁଡ଼ ; ମନୋହର ; ପେଡ଼ା ; ସର୍ପ ; ଗଇଶଫୁଲର ମାଳା ।
§ ହେ ବିଭୂ, ଷଣପୁଷ୍ପେ, **i.e.** ଶଣ **flower.** ‖ ହସ୍ତୀ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବୁଡ଼ି ନେଇ ଆଜ ହେବ ପବନ । ବଶେଷେ କର୍ଷି ଦେଇ ହୃଦକ୍ଷେନ ସେ ।
ବୁଣିଲାଣି ସ୍ନେହ ବୀଜ ଯେ ।
ବଚୃରୁ ଏମନ୍ତ ଜନକ ସମ୍ମତ ଶୁଣିଲେ ସଖୀସମାଜ ଯେ ॥
ବେଶକାରୀ ତାଙ୍କ ପୀଠେ ବସାଇ । ବେଶ ବରଚଲେ ଚତୁ ରସାଇ ।
ବମ୍ବ ଦେଖାଇଲେ ଛାମୁରେ କେହି । ବମ୍ବାଧରୀ ଆଡ଼ମ୍ବରକୁ ବହି ସେ ।
ବନ୍ୟାସ କଲେ କୁନ୍ତଳ ଯେ ।
ବତନ ମଣି ନୀଳମଣି ପ୍ରତିଭା ଉର୍ଦ୍ଧ୍ବେ ପ୍ରକାଶିତ ତଳ ଯେ ॥
ବଲେପି ଅଳ୍ପ ତରଳ ଶ୍ୟାମଳ । ବାରଣଦନ୍ତ ପ୍ରସାଧନୀ ଶୃଙ୍ଖଳ ।
ବଭବସୁଜା କଲ୍ଲୋଳରେ ଭାସେ । ବକଶି ଆସିଲା କୁମୁଦ କ ସେ ସେ ।
ବାନ୍ଧିଲେ ଜୁଡ଼ା ଯତନେ ଯେ ।
ବନ୍ଦୀ ହୋଇଲା ମର୍କତକୁବେଣୀରେ ବନ୍ଦୀ ହେବେ ମନମୀନେ ଯେ ॥
ବଗୁଳ ମଥାମଣି ମାଣିକ୍ୟର ବଭାଗ ସୀମନ୍ତ ସିନ୍ଦୂରଗାର ।
ବନ୍ଦବସ୍ତ୍ରେ ଭିଡ ପାଟସୂତ୍ରରେ । ବଧୁ ଲୁଦ ଗଲ ମିତ୍ର ହସ୍ତରେ ସେ ।
ବଥିବଶେ କବା ପଡ଼ି ଯେ ।
ବକୁଳଗର୍ଭିକ ସୁଧା ଉଚ୍ଛୁଳୁଛି ଭୟରୁ ନ ଦେଇ ଛାଡ଼ି ଯେ ॥
ବଭୂଷୀ କଆପନ୍ନୀ ମୋହଜାଲ । ବପିନେ ତମାଳର କବା ଝାଳ ।
ବନ୍ଧନ କୃତ ପାଶ ଜାଲ ଦୂର । ବଶିଖ ଝରକାଠିକ ଦେଖାଇ ସେ ।
ବକ୍ରଉଡ଼ିଗହି ଧନୁ ଯେ ।
ବାନ୍ଧିବ ଧୈର୍ଯ୍ୟମୃଗକୁ ବନ୍ଧିବାକୁ ଏଠାରେ କରେ ଅତନୁ ଯେ ॥
ବବଧ କୁସୁମମାଳା ଖଞ୍ଜନ । ବ୍ୟୋମେ ଇନ୍ଦ୍ରଧନୁ ପ୍ରଭା ଗଞ୍ଜନ ।
ବହୁଁ ଚନ୍ଦ୍ରଝୁମ୍ପି ଝିଲମିଲକା । ବଭବରୀ ପ୍ରାନ୍ତ ସ୍ଥିତ ଅଳକା ସେ ।
ବେନି ସପ୍ତଋଷି ଶଶୀ ଯେ ।
ବମୋହିତ କରେ ମନ ଏକାବେଳେ ପଡିଲା ପରିପ୍ୟେ ଖସି ଯେ ॥
ବେଣ୍ଟୁଲା ଶ୍ରବଣେ ସଖୀ ଖଞ୍ଜିଲେ । ବକ୍ରେ ବ୍ୟାକୁଳ ଅଗ୍ନି ଜାତ କଲେ ।
ବହିତ ଫୁଲ ତହିଁ ସ୍ଫୁଟ କରି । ବଳୀକ ଭଜ ବୋଲି ବାଳ ଠାରି ସେ ।
ବନ୍ଧଆ ବକ୍ର ଉଡ଼ିର ଯେ ।
ବଚ୍ଛେଦ ବୁଡ଼ାଇଦେବ ଯୋଗୀ ଯୋଗ ଜନିତ ଦୂର ପ୍ରକାର ଯେ ॥
ବଧାଯୃକ ଚନ୍ଦ ଭାଲପଟରେ । ବନକ ଛଟେ କସ୍ତୂରୀ ସିନ୍ଦୂରେ ।
ବଶ୍ୱକୁ ତିଳକେ କରିବ ବଶ । ବଧୃତ ଏ ଯେନ ତିଳକ ଭାଷ ସେ ।
ବେନି ହୀରାଅବତଂସ ସେ ।
ବର୍ଣ୍ଣି ଆସି ମୂକ କବା ଗୁରୁ କବ ସେହି ଚନ୍ଦ୍ରକର ଯଶ ଯେ ॥
ବଶୃଷୀ ମାଣିକ୍ୟ ଗୁଣା ମୁକୁତା । ବେନି ପୁଟେ ଦେଇଁ ନାସା ଶୋଭିତା ।
ବଦନକୁ ଗୃହି ଚନ୍ଦ୍ରଙ୍କୁ ଗୃହି । ବମଳ ଏହି ତ ସମଳ ସେହି ଯେ ।
ବ୍ୟଭିଗୃହୀ ହେଲେ ପରା ସେ ।
ବଥିରେ ଆରଦ୍ରା ଚନ୍ଦ୍ରରେ ଆରଦ୍ରା ରୋହିଣୀ ଏ ବେନି ତାରା ଯେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବଲ୍ଲଭ ରଥେ ଯା କେତୁ ମକର । ବଲ୍ଲଭୀ ରଥେ ତା ମକରୀକର ।
ବିବେକୀ ସଜନୀ ସୌନ୍ଦର୍ଯ୍ୟ ଗୋଳେ । ବଳେ ଛଡ଼ାଇ ଦେଖାଇ କପୋଳେ ସେ ।
ବିନ୍ଦୁଏ ମୃଗମଦରେ ଯେ ।
ବିଚିହ୍ନେ କେ ଚିବୁକେ ମଧୁମକ୍ଷିକା ଏ ସ୍ମିତ ସଙ୍ଗ ଭଙ୍ଗରେ ଯେ ॥
ବଡ଼ଶୀ ସାରଣୀ ଲକ୍ଷ ସେ ନେତ୍ର । ବିଲମ୍ବିତ କଲେ ଅଞ୍ଜନସୂତ୍ର ।
ବିହାର ପକ୍ଷ୍ମପେଡ଼ାରୁ ପଳାଇ । ବିଳ-ଶ୍ରୋତେ କି ଦମ୍ଭ-ଦଂଶ-ଅହି ସେ ।
ବିଷେ କି ନ ଜାଣି ତତ୍ତ୍ୱ ସେ ।
ବିକାଶ ମୀନରାଶି ବେନି ପାରୁଶେ ହେଲା ବେନି ଧୂମକେତୁ ଯେ ॥
ବିବରଣରେ ମୋତିଗୁପସନ୍ନି । ବିତର୍କ ତହିଁରେ ଦେଗେ ପ୍ରସନ୍ନ ।
ବାନ୍ଧି ତଣ୍ଡୁଳବତ ପାଣିବତ । ବନ୍ଦୀ ହେଲା ପଦ୍ମ ପାଶରେ ସତ ସେ ।
ବହୁଲ ମାଳକ ରଞ୍ଜି ଯେ ।
ବନ୍ଦନା ଅଛି ଶଙ୍ଖ ବୋଲି ଯାହାକୁ କେ ତାହା ପାରିବ ଭାଞ୍ଜି ଯେ ॥
ବ୍ୟବସ୍ଥା କଲେ ବାହୁ ଦଣ୍ଡବନ୍ଧ । ବିନତ ସ୍କନ୍ଧ ଛନ୍ଦ ପ୍ରତିବନ୍ଧ ।
ବଳୟ ତାଡ଼ସାରକୁ ନିଯୋଗି । ବକ୍ଷୋଜ କୁମ୍ଭିକା ଥିବାରୁ ଲାଗି ସେ ।
ବିପୁଳ ବାହୁ ଯୁଗଳ ଯେ ।
ବାଜୁ—ବନ୍ଧ ଦେଇ ମୁଦ ଦେଲେ ତାକୁ ନୋହିଲା ଲକ୍ଷ ସକଳ ଯେ ॥
ବଲ୍ଲୀ ପରି ଗିରି ଲକ୍ଷରୁ ମାତ୍ର । ବିଦୃଷ୍ଟି ସ୍ଥାନରେ କି ପୁଷ୍ଟି ଚିତ୍ର ।
ବିଭୂଷୀ ସ୍ୱର୍ଣ୍ଣଜଞ୍ଜୀ ନୀଳଶୈଳୀ । ବିଳସାଇ ହାରି ବିଚିତ୍ର ଝୁଲି ସେ ।
ବିନ୍ଧ୍ୟ ମନ୍ଦର ଘୋଡ଼ାଇ ଯେ ।
ବିଦ୍ୟୁ ଧାରକେ ଘନଧାରେ ବଳାକାପନ୍ତିଏ ମିଳି କି ତହିଁ ଯେ ॥
ବଳା ଗୁଳାକୋଟି ଖଞ୍ଜିଲେ ପାଦେ । ବୋଲିବ ଗୁଳାକୋଟି ଗୁଞ୍ଜ ନାଦେ ।
ବିଗୂଢ଼ ହଂସକ କରେ ଗମନ । ବି ଗୂଢ଼-ସ୍ୱନ ହଂସକ ମଣ୍ଡନ ସେ ।
ବନ୍ଧୁର ମାର୍ଗ ଜଣାଉଁ ଯେ ।
ବର୍ଣ୍ଣିଭେଦ ସିନା ଝୁଣ୍ଟିଆ ଖୁଣ୍ଟିଆ ପ୍ରପଦେ ରଖିଲେ ତହୁଁ ଯେ ॥ *
ବେଢ଼ରେ ପାଦରେ ଲେଖିଲେ ଲାକ୍ଷା । ବାରି ହେଲା ବେନି ରଙ୍ଗ କି ଦ୍ରାକ୍ଷା ।
ବିକଶିତ କୋକନଦ ମଧ୍ୟର । ବେଢ଼ି ଭ୍ରମେ କି ସରସ୍ୱତୀ ନୀର ସେ ।
ବଂଶନଳରେ ଥିବାର ଯେ ।
ବାଛି ପିନ୍ଧି ଦୁର୍ବାଦଳ—ନୀଳଚେଲ କୋଳ ଲିଛି ଶ୍ରୀସ୍ତମର ଯେ ॥ †
ବସନାଞ୍ଚଳ ଯେ ଚଳିଲେ ବେଗେ । ବସ ନା ଠାରେ ସେ ଯୋଗିଙ୍କି ଯୋଗେ ।
ବିଭଙ୍ଗେ ତାହା ଆଗେ କୁଞ୍ଚି ରଖି । ବ୍ୟକ୍ତ ନୋହୁ ଉରୁ ଫୁଟିଏ ପାଖି ସେ ।

---

* ନୂପୁର ; ଉପମାସମାଜ ବା ଉପମାସମୂହ ; କନ୍ଦଭ ; ଗୂଢ଼ସ୍ୱନ ଅର୍ଥାତ ସ୍ୱନଗର୍ଭକ ; ପଦାଗ୍ର ।

† ଅଲତା ; ନିପୁଣ ରଙ୍ଗ ଅର୍ଥାତ ଗାଢ଼ ବା ମୌଳିକ ରଙ୍ଗ ; ରକ୍ତପଦ୍ମ ; ଦୂର୍ବାଦଳ ପରି ସ୍ନିଗ୍ଧ ଅର୍ଥାତ ମନୋହର ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବାନ୍ଧି କଟିରେ କଙ୍କିଣୀ ଯେ ।
ବାଜି କଣି କଣି ଚିତ୍ତ ନେବ କଣି ଚାହିଁବେ ନୟନ ଏଣୀ ଯେ ॥ *
ବେଳା ଜାଣିବାକୁ ସଖୀ ବସାଇ । ବିଟିକା ନାଗବଲ୍ଲୀର ଭୁଞ୍ଜାଇ ।
ବିଭ୍ରମ ନୋହିଲା ଅତିଶୟରେ । ବାଳରବି ଦ୍ୟୋତି ଜବା କି ଧରେ ଯେ ।
ବତିଶଲକ୍ଷଣ ପୁତ୍ରୀ ଯେ ।
ବିଧାନ ଉପମା ଚିତ୍ତ ଚାତୁରୀକି ଲକ୍ଷ ଲକ୍ଷ ଦଣ୍ଡ କରି ଯେ ॥
ବିଭୂଷା ହେମ ରତ୍ନ ଯେତେ କହି । ବାଳାମଣି ଶାଣ ରସାଣ ତହିଁ ।
ବିଦଳି ଅଞ୍ଜନ କସ୍ତୁରୀ କଣୀ । ବିଧୁ ବର୍ଣ୍ଣ ଉଜ୍ଜ୍ୱଳ ଦଶି ସେ ।
ବିଦେହଜା ପଦ ଗୁଣି ଯେ ।
ବିଂଶତି ପଦେ ଏ ଛାନ୍ଦ ଉପେନ୍ଦ୍ର ଭଞ୍ଜ ବୀରବର ଭଣି ଯେ ॥

ଏକାଦଶ ଛାନ୍ଦ

ରାଗ—ବସନ୍ତ ବରାଡ଼ୀ

ସୀତା—ସ୍ୱୟମ୍ବର

ବେଳଶୁଭଦରେ ପ୍ରବେଶ ଆଦରେ ବେଶ ସଖୀ ଏ ସାରିଥିଲେ ।
ବକ୍ଷରେ ସୁମନା ଶ୍ରୀ—କରେ ସୁମନା ସୁମନା—ମାଳା ନେଇ ଦେଲେ ।
ବୋଇଲେ । ବଶକ ଏ କଳାଭୃଙ୍ଗର ।
ବସି ଦଶରଥ—ସୁତ ଜାନୁ—ରଥ ଯେ ମନୋରଥ ସାର୍ଥ କରି ॥ †
ବେଷ୍ଟିତତର ତରଳାକ୍ଷୀଙ୍କ ତାରତାର ପରିଧିଙ୍କ ବିଧୁରେ ।
ବିଧିରେ ମଙ୍ଗଳବିଧିରେ କେ ହୁଳହୁଳୀକି ବହିଲେ ବିଧିରେ ।
ବିଞ୍ଚନ୍ତି । ବିଧୁଚୂର୍ଣ୍ଣି କେହି ଆଗରେ ।
ବଜାଇ ହେଜାଇ ମାର୍ଗ କେ ପ୍ରବୀଣା ବୀଣା ଧରି ଅନୁରାଗରେ ॥ ‡
ବିଳସି ବିଳସି ଗର୍ବୀଳସୀ ହଂସୀ ମନ୍ଥରଗମନ ଗତିରେ ।
ବର ସନ୍ନିଧିକି ସେ ଶୋଭନଧିକି ନେଇଁ ଧିକଧିକ ରତିରେ ।
ବିହିଲେ । ବସୁମତୀପତି ସକଳେ ।
ବିଧାତା ବିଧାନୀ ଇଷ୍ଟଟନିଧାନୀ ନୋହେ ସାବଧାନୀ ହୋଇଲେ ॥
ବର୍ଯ୍ୟା ପ୍ରଭଙ୍ଗି କୋଣିଆଇ ଅନାଇ ସେ ଭଙ୍ଗି ଧୈର୍ଯ୍ୟ ଭାଙ୍ଗି ଦେଲା ।
ବାହୁଡ଼େ ହୁଡ଼େ ସେ ପଥରେ ମନ୍ଥରେ ମନ ପାଳଟି କରି ନେଲା ।

---

* ପଣନ୍ତ ବା ଲୁଗାକାନି ; ଜାନୁ ; ମୃଗୀ ।

† ପଣ୍ଡିତା ବା ସୁଚତୁରୀ ; ସଖୀ ; ମାଳତୀ ପୁଷ୍ପମାଳା ।

‡ ଅତିଶୟ ବେଷ୍ଟନ ଅର୍ଥାତ୍ ଘନ ବା ସୁନ୍ଦରଭାବରେ ବେଢ଼ି ; ଚଞ୍ଚଳାକ୍ଷୀ ; ଉଜ୍ଜ୍ୱଳ ତାରକା ; ମଣ୍ଡଳ ବା ବେଷ୍ଟନ ; ଚନ୍ଦ୍ରଙ୍କୁ ; ଉଚ୍ଚରେ (ବ—ଧୀରେ ବ ବା ବଗଡ ଧୀରତା ଯହିଁରୁ ଅର୍ଥାତ୍ ଉଚ୍ଚ) ; କର୍ପୂରଚୂର୍ଣ୍ଣ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବାହୁର । ବିମଳ ଚମ୍ପାଦାମ ଭାବ ।
ବାହୁଡ଼ାଇ ଧନ ଋଣ ଦେବା ଦିନ ଦେବାକୁ ବିଚାରେ ରାଘବ ! *
ବର୍ତ୍ତୀ ହୋଇ ଗଲା ଯୁବତୀରତନ ନେତ୍ରରୋଗ ଗଲା ନିବର୍ତ୍ତି ।
ବିସ୍ମାପନ ରତି ଜାଳକ ଯେମନ୍ତ ଦେଖାଇ ହରଇ ଚିତ୍ତ ।
ବାଳାର । ବିଲୋକନ ସେହି ପ୍ରକାର ।
ବିସର୍ଜନେ ସଭା ରାଜନେ ଗମିଲେ ସ୍ଥିତ ରାମ ଆରାମପୁର ॥ †
ବିଭାମଙ୍ଗଳ କାଲି ପରି କରିବା ବିଶ୍ୱାମିତ୍ରେ କହେ ଜନକ ।
ବିରୋଧିଲେ ଶୁଣି ସେ ବାଣୀ ଲକ୍ଷ୍ମଣ କି ବିଭା ନ ଜାଣି ଜନକ ।
ବିହିତୁ । ବିହିନ ଶତାନନ୍ଦ ହେଲେ ।
ବିଂଶପଦେ ଶେଷ ଶେଷଶାୟୀ ଚନ୍ଦ୍ର ଉପଇନ୍ଦ୍ର ଭଞ୍ଜ କହିଲେ ॥

ବୈଦେହୀଶବିଳାସ

ଚତୁର୍ଦ୍ଦଶ ଛାନ୍ଦ ରାଗ—ମଙ୍ଗଳଗୁଜ୍ଜରୀ ‡

ରାମ-ବିବାହ

ବିହରଣ ଭଙ୍ଗି ବିଭିଦନ ମୂଳ କରି ।
ବିଶୁଦ୍ଧ ତାରା ଲଗ୍ନକୁ ଜ୍ୟୋତିଷେ ବିଚାରି ଯେ ।
ବର୍ଦ୍ଧକିଚୟ କି ମୟ ବିଶ୍ୱକର୍ମୀ ଗୁରୁ ।
ବେଦିକା ମଣ୍ଡପ କଲେ ଅତିଶୟ ଚାରୁ ଯେ ॥
ବଇକୁଣ୍ଠପୁରୁଁ ରଥ ପଡ଼ିଲା କି ଖସି ।
ବଇକୁଣ୍ଠପୁର-ସଭା ଶୋଭନକୁ ହସି ଯେ ॥
ବିହରିତ ହରିତବସନ ହୋଇଛନ୍ତି ।
ବ୍ୟୁତ୍ପନ୍ନ ତଳରେ ଉପରେ ରମ୍ଭା ସ୍ଥିତି ଯେ ॥
ବିଭ୍ରମିଲା ଚିତ୍ତ ଛାୟାମଣ୍ଡପକୁ ଚାହିଁ ।
ବେଢ଼ି ରହିଲା କି ସୁରସଭା ଆସି ତହିଁ ଯେ ॥
ବିନ୍ୟସ୍ତ ସୁମନମାଳରେ ଅବିରତ ।
ବାଞ୍ଛା-କଳ୍ପଦ୍ରୁମ ପରି ଫଳରେ ସଂଯୁକ୍ତ ଯେ ॥
ବରଣ ବରୁଣାଳୟ ପ୍ରାୟ ବେଷ୍ଟନରେ ।
ବିଦିତ ଚିହ୍ନ ମକର ଗଙ୍ଗା ଯମୁନାରେ ଯେ ॥

---

* ଚମ୍ପାମାଳ ; ମହାଦେବ, ପଦ୍ମ ।

† ନେତ୍ରାଞ୍ଜନ ବା ନେତ୍ରରୋଗର ଏକପ୍ରକାର ଔଷଧ ; କୁହୁକ ; ଉପବନସ୍ଥିତ ଗୃହ ।

‡ **Pun on many words, all throughout.**

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବେନ ନରେଶ୍ୱରଙ୍କର ମଣ୍ଡିତ ନଗରେ ।
ବିହାଇଲେ ଗନ୍ଧଷଣ ମହା ଉତ୍ସବରେ ଯେ ॥
ବ୍ରାହ୍ମଣୀ ସାତ ସଅଳଙ୍କାର କରି ତହିଁ ।
ବସ୍ତ୍ରପାଟ ଲଲାଟେ ସିନ୍ଦୂରଚିତା ଦେଇ ଯେ ॥
ବିଯୋଗିଲେ ଚନ୍ଦ୍ର ଦୀପ୍ତିମାନ କୁମ୍ଭରାଶି ।
ବନ୍ଧୁରତାରେ ଧନିଷ୍ଠା ହୋଇ ପରଶଂସି ଯେ ॥
ବିଷମେଷୁ ସୂର୍ପ ଯୁକ୍ତ ନାରିକେଳ ଡିରେ ।
ବିରହିଣୀପ୍ରାୟ ଦିବାକୀର୍ତ୍ତି-ନାରୀ ଧରେ ଯେ ॥
ବିଜୁଳିତ ଦୀପେ ଯେ ସରିତଙ୍କଣ ପରି ।
ବେଶ୍ୟାବାର ସଙ୍ଗୀତମନ୍ଦିର ଶୋଭା ଧରି ଯେ ॥
ବୀଣା କଣ୍ଠ ପୟୋଧର ମର୍ଦ୍ଦଳ ରଞ୍ଜିତ ।
ବିସ୍ତାରି ନୃତ୍ୟ ନର୍ତ୍ତକୀ ନେଇ ଖ୍ୟାତ ଗୀତ ଯେ ॥
ବାହାରୁ ଯେ ମୁଖର—ରସନା ସ୍ୱନ କଲେ ।
ବିସ୍ତାରେ ଅନ୍ତଃପୁରସ୍ଥ ବିବିଧମଙ୍ଗଳେ ଯେ ॥
ବାରଶିନ ନଳପ୍ରାୟ ନିଷେଧ ଅଧିପ ।
ବାଯିବାରେ ରଜି ବାଦ୍ୟ ସାଦିଙ୍କ ସ୍ୱରୂପ ଯେ ॥
ବନ୍ଧୁରାୟେ ଗୃହୁଁ ଛନ୍ତି ଘଣ୍ଟି ମୃଗ ପରି ।
ବିଶିଷ୍ଟଭୂ ବନଜନ୍ୟ ସମ୍ବରକୁ ଧରି ଯେ ॥
ବନ୍ଦିଲେ ଦେବୀ ଦେବଙ୍କୁ ପରସ୍ପରେ ଯାଇଁ ।
ବର କନ୍ୟା ଗନ୍ଧଷିଲେ ଗନ୍ଧ ପୁଷ୍ପ ଦେଇ ଯେ ॥
ବିଯୋଗ ନିଦ୍ରାରେ ଭୃତ୍ୟ ନିଶା ଥାଉଁ ଯାମେ ।
ବୁଢ଼ି ବହି ପରଭୃତ୍ୟ ପରିକ୍ଷିତ ନାମେ ଯେ ॥
ବସିବାସ୍ଥାନେ ପୂଜାଇ ଲବଣଗୃମଣି ।
ବ୍ରତଗୃହୀ ପରି କରି ଗୃହ ସୁକୁମାରୀ ଯେ ॥
ବେଗେ ଯାଉ ଦିବସ ଏ ବଶ ବର କନ୍ୟା ।
ବିରକ୍ତ ହେଉଁ ଏ ରକ୍ତବତ ଭାନୁ ଧନ୍ୟା ଯେ ॥
ବ୍ୟାସକ୍ତ ଅନୁରାଗରେ ସବିତା ଏ କାଳେ ।
ବିଳପୁଷ୍ଟି ବୋଲି ନିଜ ନିବାସକୁ ଚଳେ ଯେ ॥
ବୁଡ଼ାଇକି ସିନ୍ଧୁଜଳେ ତାମ୍ରପାତ୍ର ରବି ।
ବିଭା ସୀତା ରାମର ନିକଟ ଯାତା ଭାବି ଯେ ॥
ବାରଧିନ ଉଦେ ଅଙ୍କ ଦୁର୍ବାଦଳ ଭରି ।
ବନ୍ଦାଇବି ରୂପାସ୍ଥାଳୀ ପ୍ରାଚୀନାରୀ ଧରି ଯେ ॥
ବିଭବେ ଉତ୍ସବ ହେଲା ବେନରାଜାଦ୍ୱାରେ ।
ବର୍ଣ୍ଣାରିଭୁ ମୂର୍ତ୍ତିମନ୍ତେ କବି ଅନୁସରେ ଯେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବୃନ୍ଦ ବୃନ୍ଦ ଦଶିଲେ ଜଳଦ କରିବର ।
ବ୍ୟୋମ ପୂର୍ଣ୍ଣ ସ୍ତନିତ ପଟହ ନାଦ ତାର ଯେ ॥
ବଗଳିତ ଜଳଧାରା ଯହିଁ ଦାନ ଜଳ ।
ବଜ୍ରନିର୍ଘୋଷ ନାଗରାବାଦନ ଚହଳ ଯେ ॥
ବ୍ୟୂହ ଭୟାଳୁହିଁ ଅଶ୍ୱ ଚଞ୍ଚଳ ହୁଅନ୍ତ ।
ବୈଶମ୍ପାୟନଙ୍କ ଚନ୍ତା ମାଗଧଙ୍କ ସ୍ତୁତି ଯେ ॥
ବାଲ୍ମୀକ ନଳୀ କି ଇନ୍ଦ୍ର କୋଦଣ୍ଡ ହାବେଳ ।
ବହ୍ନିକଣ ଜାତ କି ଖଦ୍ୟୋତ ଦଶେ ଝଳ ଯେ ॥
ବଦ୍ୟୁତ-ଚଞ୍ଚଳ-ପୀତ-ପିଙ୍ଗଳ ଉଚ୍ଛଳ ।
ବଭ୍ରମେ ଶତକପତ୍ର ଚୂତ ଶ୍ରେଣୀମାଳ ଯେ ॥
ବକ ଶଙ୍ଖ ଦାତ୍ୟୂହ ମୟୂରୀ କଙ୍କ ଭେରୀ ।
ବର୍ଷାଭୂ ଟମ୍ମକନାଦେ ଦଶଦିଗ ପୂରି ଯେ ॥
ବ୍ୟାଖ୍ୟାନ ଶାମ୍ବୁକନାଦ ଦାସୀ-ହୁଳହୁଳୀ ।
ବଳସିତା ଇନ୍ଦ୍ରଗୋପ ବେଶ୍ୟା ପାଟଶ୍ରେଳୀ ଯେ ॥
ବଷଦ ଶିଳୀନ୍ଧ୍ର ଛତ୍ର ସହଜେ ଦଶିଲେ ।
ବାଣାଳୀ ଜାଲ ଜୁଇତ ସତ ଫୁଟିଗଲେ ଯେ ॥
ବରହଣ ନର୍ତ୍ତକ ନର୍ତ୍ତନ ପ୍ରକାଶିତ ।
ବ୍ୟାପେ ଦୁର୍ଦ୍ଦିନ କୁହୁକ ଜାଲକରେ ସତ ଯେ ॥
ବର୍ଷୋପଳ ପାତ ଦାତା ରଜତ ପ୍ରଦାନ ।
ବାହାର ପୁର ଗିରିରୁ ହେଲେ ଝର-ସୈନ୍ୟ ଯେ ॥
ବବର୍ଦ୍ଧନ ରାଜମାର୍ଗନଦୀ ହେଲା ତହିଁ ।
ବଭରଣ ଉଷ୍ଣୀଶ ହଣ୍ଡୀରମାନ ଯହିଁ ଯେ ॥
ବୀରତରୁ ପୁଷ୍ପବନ୍ତ ହୋଇ ସମଧୂପ ।
ବେନକୂଳ ବେନପାଶେ ସ୍ଥିତ ବୃକ୍ଷଦୀପ ଯେ ॥
ବୀଥୀ ବେଗରେ ଗମନ ଲଭିଲା ସେ ଶାନ୍ତ ।
ବନ୍ଦ ସିଂହଦ୍ୱାରରେ ଏମନ୍ତ ବ୍ୟୂହପଣ୍ଡ ଯେ ॥
ବଦେଶୀ ପାନ୍ଥ ପ୍ରଧାନଜନ ତତ୍ର ଯାନ ।
ବାହନ ତେଜ କଲେ ସେ ସଦନ ଗମନ ଯେ ॥
ବେଶ୍ମସ୍ଥା ମୁଦୁପୁଲିଏ ନଉଛର ଅନ୍ନ ।
କରିଲେ ବର ଶାଳକେ ଦଶିଲେ ତେସନ ଯେ ॥
ବବାହ ସ୍ଥାନରେ ପରବେଶେ ବସାଇଲେ ।
ବ୍ରହ୍ମା ଆଚାର୍ଯ୍ୟ ବେଦକେ ଯୁଗଗୁଗ ହେଲେ ଯେ ॥
ବଶିଷ୍ଠ ଶତାନନ୍ଦ, କାଶ୍ୟପ କଉଶିକ ।
ବାମଦେବ ଗଉତମ, ଜାବାଳି ବାଲ୍ମୀକ ଯେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବହି ରଚତ ଶାଳକେ ଧୂଆଇଲେ ପଦ ।
ବହି ଅନଳ ଗଗନେ ଚମକି ବନୋଦ ଯେ ।
ବ୍ରବୃଷ୍ଟି ଅନ୍ତରେ ପାଠ କୁଇଁଟି ବଶରେ ।
ବଭବଣ୍ଡୁ ପଦ୍ମନୀର ହୋଏ ପରଷ୍ପରେ ଯେ ॥
ବରଗିଲେ ସୁଯଜ୍ଞୋପବୀତ ଦୃଷ୍ଟି ତହିଁ ।
ବପ୍ରଲବ୍ଧ ହୋଇଥିଲେ ଆଣିଲେ ବୋଧାଇ ଯେ ।
ବାଞ୍ଛାକଳ୍ପଦ୍ରୁମ ପାଶେ କାମଧେନୁ ମିଳେ ।
ବାମନେତ୍ରୀ ଦକ୍ଷିଣ କରଇ ବସାଇଲେ ଯେ ॥
ବସୁନ୍ଧରା ପରାୟେ ଅଙ୍ଗଣ ନବଖଣ୍ଡ ।
ବଭାବରୀ କି ଅମ୍ବରେ ତାରାପନ୍ତ ବୁଣ୍ଡ ଯେ ।
ବୃକ୍ଷ ସ୍ତମ୍ଭେ ରାଜେ ଫଳବନ୍ତ ହୋଇ ସେହି ।
ବାନ୍ଧବ କୁମୁଦର କି ସୁଧା ପ୍ରଭା ବହି ଯେ ॥
ବ୍ରହ୍ମା ଆନନକୁ ଯେ ହୋଇଲା ଅନୁରୂପ ।
ବେଦବାକ୍ୟେ ପୂର୍ତ୍ତି ହୋଇ ଚଉରମଣ୍ଡପ ଯେ ॥
ବପ୍ରେ ଲକ୍ଷିତ ହୋଇଲେ ତାଙ୍କ କର ସଙ୍ଗେ ।
ବଷ୍ଟର ତାମ୍ବୁସ୍ଥପାତ୍ରୀ ସ୍ତ୍ରବ ସ୍ତ୍ରତ ଯୋଗେ ଯେ ॥
ବରକନ୍ୟାଙ୍କୁ ବୋଲନ୍ତି ଈଶ୍ୱର ପାର୍ବତୀ ।
ବାନ୍ଧିକଲ ସେ ମୁକୁଟ କର କି ଏହିମତ ଯେ ॥
ବର୍ଦ୍ଧିତ ପୁଣ ଏ ଗୋତ୍ରବଂଶବର ଖ୍ୟାତ ।
ବଶୀଣ୍ଡି ଭିତହିଁ ହୋଏ କାମର ଉଦିତ ଯେ ॥
ବୈଶାଳେ ଶୂଳ ଭରମ ଉପୁଜ ତା ଥିବ ।
ବଳା ଡମ୍ବରୁ ନାଦକୁ ଶୁଣି ପଳାଇବ ଯେ ॥
ବୀତହୋତ୍ର ଲାଜାହୋମ କରୁ ଲଜ୍ଜାବଳୀ ।
ବଳଲେ ବସ୍ତ୍ରେରେ କାହିଁ ହୋଇବା ସମ୍ମାନ ଯେ ॥
ବନ୍ଦାଇଲେ ଦୁହିଙ୍କର କର ସେ କୋବିଦେ ।
ବାମା ପୁଂସ ଏକକର ସେ ଦମ୍ପତପଦେ ଯେ ॥
ବପ୍ର ଦୁହିତା ଏ ତହିଁ ପରବେଶ ହେଲେ ।
ବପଦପାଶ ଫିଟିଲା ପାଞ୍ଚ ଫିଟାଇଲେ ଯେ ॥
ବାହାଇଲେ ଗଣ୍ଠିଆଳ ଅଳଙ୍କୃତ ହୋଇ ।
ବଶ୍ୱକେତୁ ରଣାରମ୍ଭେ କି ସେ ଶାଢ଼ି ପାଇ ଯେ ॥
ବରାଟକେ ଅନ୍ତଃପୁରେ ଯୂତ ଖେଳାଇଲେ ।
ବଳବନ୍ତ ଅବଳା ଧରଷି ନ ପାରଲେ ଯେ ॥
ବୃଦ୍ଧିନନ୍ଦୀ ତଟତରୁ ଉପୁାଟି ରସାଇ ।
ବେତସ ମଧ୍ୟରେ କିଛି କରି ନ ପାରଇ ଯେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବହ୍ନିଁ ପଞ୍ଚଗ୍ରାସୀ ହସ୍ତ ସ୍ଥାଳରୁ ନ ଗୃହ୍ଲ ।
ବଳୟେ ରାମମୂରତି ଦଶନ୍ତେ ମୈଥିଳି ଯେ ॥
ବାଉ ବିଧୁବିମ୍ବେ ଯଥା ଚକୋର ସୁସ୍ନେହୀ ।
ବସି ପତ୍ରାଚ୍ଛନ୍ନବୃକ୍ଷେ ଟେକି ନ ଅନାଇ ଯେ ॥
ବଢ଼ିଲା ଏ ବିଧାନ ଶାଶୁଏ ବନ୍ଦାଇଲେ ।
ବିତରଣ ଅମୂଲ୍ୟ ରତନମାନ କଲେ ଯେ ॥
ବାରବରଭଞ୍ଜ ସୀତା ରାମଙ୍କୁ ଧ୍ୟାୟିଲା ।
ବାଷଠିପଦେ ଏ ଛାନ୍ଦ ଶେଷକୁ ବହିଲା ଯେ ॥

ସପ୍ତଦଶ ଛାନ୍ଦ

ରାଗ—ଧନାଶ୍ରୀ

ଶ୍ରୀରାମ-ବନବାସ

ବସି ବଶିଷ୍ଠ ଜାବାଳି ବାମଦେବ କାଶ୍ୟପ ସୁମନ୍ତ୍ର ଘେନି ।
ବୋଲେ ଦଶରଥ ମୋର ମନୋରଥ ମଣ୍ଡାଇବ ରାଜଧାନୀ ।
ବୀରବୃନ୍ଦରେ ଇନ୍ଦ୍ର । ବସୁ ନୃପପଦେ ରାମଚନ୍ଦ୍ର ॥
ବ୍ରହ୍ମା ସର୍ଜ୍ଜନାରେ ବ୍ରହ୍ମାଣ୍ଡେ କାହିଁଛୁ ଆଉ ମୋ ତନୟ ସରି ।
ବାମେ ବାମଦେବଧନୁକୁ ଭାଙ୍ଗିଲା ବାମେ ଭୃଗୁପତି ହାରି ।
ବସୁପତି ସମସ୍ତ । ବସନ୍ତୁ ସେବିବେ ସେବକମତ ॥
ବୋଇଲେ ସୁମନ୍ତ୍ର ସେ ପୁଣି ଏମନ୍ତ ଶୁଝିବେଟି ପିତୃଋଣ ।
ବଧ କାରକ ଅନରଣ୍ୟରାଜାର ବଧରେ ହେବେ ନିଗୁଣ ।
ବେଧା ବିଧାନ ପୁଣି । ବୈବସ୍ୱତବଂଶୀ ତୋଷ ଶୁଣି ॥
ବୁଝିଲେ ଲଗ୍ନ ମଗ୍ନ ହୋଇ ଶୁଝିଲେ ମଙ୍ଗଳଦାନରେ ତହିଁ ।
ବୃହସ୍ପତି ରାଶି ଅଷ୍ଟମେ ବଳସି ନୃପତି ହୋଇବେ କେହି ।
ବାମଦେବ ଉତ୍ତର । ବକ୍ତା ବଶିଷ୍ଠ ହେବ ଈଶ୍ୱର ॥
ବଷେ କି ପୁଚ୍ଛେ ରାଜା ବୀର୍ଦ୍ଧେ କହିଲେ ହେବେ ଦିବ୍ୟ ଭୂତଭୋଗୀ ।
ବନଶ୍ରବଣକୁ ଜାଣିବେ ପୃଷ୍ଠକ ମଣ୍ଡନେ ହୋଇ ସରାଗୀ ।
ବୋଲୁ ଅଛୁଁ ଏମନ୍ତ । ବୋଧ ନରଦେବ ଦେବଦତ୍ତ ॥
ବାର୍ତ୍ତା ପାଇ ମାତାମାନେ ହରଷିତା ସୀତା ତୋଷ ନୁହେ କହି ।
ବିଧୁଦର୍ଶନେ ଯଥା ସିନ୍ଧୁ କଲ୍ଲୋଳ ଅଧିକରେ ଲୋଳ ବହି ।
ରଣ ଅଭିଷେକରେ । ବେଳେ ଦେଖି ହେବା ସେପ୍ରକାରେ ॥
ବଲ୍ଲଭେ ପାଞ୍ଚିଲେ ସୁଲଭେ ଧେନୁ ଯେ ହେବେ ଆମ୍ଭ କ୍ଷୀରବତୀ ।
ବାସବାଦ ଦେବେ ଆମ୍ଭ ବାଦୀ ଏବେ ନାଶ ନୋହିଲା ଏ ମତି ।
ବ୍ରହ୍ମାସମୀପେ ଗଲେ । ବିଭ୍ରମ ସେ କୈକେୟୀଙ୍କି କଲେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବିପଣିରେ ଶୁଣି ରାମ-ରାଜା ବାଣୀ ବାହୁଡ଼େ ମନ୍ଥରା ଦ୍ୱିଷା ।
ବାରି ଭରିଅଛି ନୟନଯୁଗଳେ ଗଳେ ପ୍ରାଣ ଥିଲା ପରି ।
ବୃକ୍ଷ କାଟିଲା ପ୍ରାୟେ । ବିପତ୍ତି ତା ଅଗ୍ରତେ ହୁଏ ॥
ବୋଲେ ଠେକି ଏ କି ଭରତଜନନୀ କହି ଅଛି ତହିଁ ଜିବ ।
ବଡ଼ସୁଭାଗୀ ବୋଲାଉ ରେ ଶୋଭାଗିଁ ଭଙ୍ଗିଗଲା ତୋ ଗରବ ।
ବେର କି ହୁଏ ତୋର । ବିଷପ୍ରାୟ ଧାରେ ମୋ ଶରୀର ॥
ବିବେକ ଧାର୍ମିକ ଶୋଭି ପ୍ରଶଂସାରେ ସଂସାରେ ଜଣେ ନ ଗଣି ।
ବାଟୁଳି ଯାହାର ବଜ୍ରରୁ ଅଧିକ କି ବର୍ଣ୍ଣିବା ତାର ବାଣ ।
ବିଦିତ ସେ ନନ୍ଦନ । ବୋଲିବୁ ବା ବୟସରେ ସାନ ॥
ବଳିଷ୍ଠ ଦାନବେ ପୂର୍ବଦେବ କହି ଅନୁଜ ଦେବତା ଇନ୍ଦ୍ର ।
ବୋଲାଇ ସପତ୍ନୀ ଯେ ଯାହାର ପ୍ରୀତି କେହି ହୋଇ ନାହିଁ ସାନ୍ଦ୍ର ।
ବଶ କରି ନୃପତି । ବୁଦ୍ଧି ଥିଲେ ବୋଧି କ୍ଷିତିପତି ॥
ବିହ୍ୱଳିତମତି କିତବେ ଅହଲ୍ୟା ଦୂଷଣ ଲଭିଲା ପରି ।
ବଦନ ମାଡ଼ି ଶୟନ-ସଦନରେ ନୟନରେ ପୂରି ବାରି ।
ବିଜେ ନୃପ ଏକାଳେ । ବନ୍ଧୁ ବନ୍ଧୁ ବୋଲିଣ ଡାକିଲେ ॥
ବିଷବୈଦ୍ୟ ପଦ ନ ମାନିଲା ପ୍ରାୟ ସ୍ୱଭାବେ ଭେଗିନୀ ସେହି ।
ବହ୍ନି ସେନହରେ ପତଙ୍ଗ ପ୍ରକାରେ ପାଶେ ପରବେଶ ତହିଁ ।
ବୋଧେ ଚିବୁକ ଧରି । ବିନାଦୋଷେ ପ୍ରଣୟିନୀ ଗୋରି ॥
ବିପ୍ରେ ଇନ୍ଧନ ଦେଖି ମନ୍ତ୍ରେ ପୂଜିଲେ ସେ ଯଥା ନ କହେ କଥା ।
ବରଦ ହୋଇଲା ପ୍ରାୟ ସ୍ୱପନରେ ବସି ନ ଠେକିଲା ମଥା ।
ବାରେ ମୋତେ ତୁ ଚାହାଁ । ବନ୍ଧୁ ଦେବ ମୁଁ, ମାଗିବୁ ଯାହା ॥
ବୋଲୁଁ ନରପତି ବୋଇଲା ଯୁବତୀ ତିନିବାର ସତ୍ୟ କଲେ ।
ବୃକାସୁର ତାହା କରି ନିଜଶିରେ ଯଥା ଦେଲା ହରି ବୋଲେ ।
ବିଧି କଲା ନୃପତି । ବିଶ୍ୱମୋହିନୀ ନାରୀଙ୍କ ପ୍ରୀତି ॥
ବାହିଲି ରଥ ସ୍ତ୍ରୀରି ହୋଇ ସମରସମରେ ନାହିଁ କି ମନ ।
ବିହିଲି ସତ୍ୟ ସୂତ ହୋଇ ତୋଷିଲୁ ତୋ ସୂତ ହେବ ରାଜନ ।
ବାଲ ବାଲୁକାଖେଳ । ବିଧିରେତ ଆନ ତୁମ୍ଭ ବୋଲ ॥
ବସୁଧାପତିପଦ ରାମେ ଉଚିତ ନୋହେ ସେ ଜାମାତା ତାର ।
ବନେ ହରୁ ଦିନ ଚଉଦବରଷ ପୁତ୍ର ରାଜା ହେଉ ମୋର ।
ବାମାବଚନ ଶୁଣି ବିଜ୍ଞାନ ସେ ଜ୍ଞାନେ କହେ ବାଣୀ ॥
ବିରେଚନ ନାରୀ ଛଦ୍ମେ ହୋଇ ହରି ରାଜିବ ଯେମନ୍ତେ ହରି ।
ବିଧି ସିଧି କରି ମୋର ସେହିରୂପେ ତୁହି ଥିଲୁ ଅବତରି ।
ବୋଲି ଏତେ ମଉନ । ବିଭୋଜନେ ହରିଲେ ସେ ଦିନ ॥
ବେଳାକୁ ନ ଲଙ୍ଘେ ସତ୍ୟେ ପାରବାର ଯଥା ତାକୁ ନ ଲଙ୍ଘିଲା ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବିଷ ଭକ୍ଷଣେ ବିରୂପାକ୍ଷ ପରିଚୟେ ମୁକେ ସମ୍ମତି ଦର୍ଶିଲା ।
ବଡ଼ ସନ୍ତୋଷ ରାଣୀ । ବିଜ୍ଞ ଶ୍ରୀରାମ ଡକାଇ ଆଣି ॥
ବିଦଳା ପ୍ରଥମେ ପିତାର ସତ୍ୟକୁ ରଖିବ କି ନାହିଁ ସାଧୁ ।
ବଂଶେ ଯାହାର ଭଗୀରଥ ସମ୍ଭବ ଉଦ୍ଧରଲେ ପିତୃ ଦଗ୍ଧୁଁ ।
ବୋଲେ ରାମ ବହନ । ବିଷୟ କି କର ଅବଧାନ ॥
ବନେ ତୁମ୍ଭେ ଯିବ ଭରତ ହୋଇବ କୋଶଳପତି କୁଶଳେ ।
ବେଶକୁ ଇଙ୍ଗୁଦୀ ରୁଦ୍ରାକ୍ଷ ବିଭୂତି ଥୋଇଦେଲା ଆଣି ତଳେ ।
ବାଳୀ ସାଜି ମନ୍ଥରୀ । ବେଗେ ଶ୍ରୀରାମ ସମ୍ମତି କରି ॥
ବୈଦେହୀ ଲକ୍ଷ୍ମଣ ପ୍ରବେଶ ତତ୍କ୍ଷଣ ସଙ୍ଗେ ଯିବାକୁ ଆତୁରେ ।
ବଶିଷ୍ଠାଦି ପାଦେ ପ୍ରବେଶ ହୋଇଣ ଦଶରଥଙ୍କୁ ପଚାରେ ।
ବିଭାବରୀ ପ୍ରାନ୍ତରେ । ବିଭୁ ହୁଅନ୍ତେ ପର ରାଜ୍ୟରେ ॥
ବିଭାକରକୁଳେ ନାସତ ହୋଇଲା ସତ୍ୟ କରିବାରେ ମୁହିଁ ।
ବିବେକ ମୋର କୈକେୟୀ ପୂର୍ବଜନ୍ମେ ପିଶାଚୀ ଥିଲା କି ହୋଇ ।
ବାକ୍ୟ ଯେତେ ମୁଖରେ । ବୈଶ୍ୱାନରହିଁ ଜଳେ ତହିଁରେ ॥
ବିଦୁଷେ ଧୀରେ, ରାଜାଗିରେ କହିଲେ ଏ କଥା ପ୍ରମାଣ ହେବ ।
ବହୁଳବ୍ରତ ଫଳଦ ଧର୍ମ୍ମଦତ୍ତ ଦେବଦରଶନେ ଥିବ ।
ବଇକୁଣ୍ଠ ପ୍ରତିମ ବସତିରେ ଦେଖା ହେଲା କ୍ଷମ ॥
ବିଧିର ପ୍ରାୟ ଯହିଁ ଲୟ ଆବେଶ ତହିଁ ସେ କାହିଁ ନ ରସେ ।
ବିହନ ଗହନଗାମୀ ହେଉ ରାମ ଶିଶୁ-ପାଠ ପରି ଘୋଷେ ।
ବଳଭୁ ଯେସନ । ବନପ୍ରିୟମଧ୍ୟେ କରେ ସ୍ୱନ ॥
ବଂଶନଳୀରେ ରଖି ଲେଖି ବସନ ଦେଲେ ସୀତା ପାଇଁ ଆଣି ।
ବହିଲେ ସେ ପାଦ ଲକ୍ଷ୍ମଣ ଇକ୍ଷ୍ୱାକୁକୁଳର ଯେ ଚୂଡ଼ାମଣି ।
ବାହାରିଲେ ସେ ତନ । ବଧୂ ବୋଧନ୍ତି ରାମଜନନୀ ॥
ବିପିନରେ ପୀନ-ଉରଜା ଅପୂର୍ବଦ୍ରବ୍ୟ ଦେଖି ନ ମାଗିବୁ ।
ବେନି ସହୋଦର ମଧ୍ୟରେ ଆଦର ବିପଥରେ କରିଥିବୁ ।
ବାଷ୍ପେ ଛନ୍ନିଲା ଉର । ବାଣୀ ନ ସ୍ଫୁରେ କଣ୍ଠୁ ତାଙ୍କର ॥
ବୋଇଲେ ସୁମିତ୍ରେ ପୁତ୍ରେ ସେବିଥିବୁ ଶ୍ରୀରାମ ମାନସ ଜାଣି ।
ବନନ୍ତେ ସର୍ବଶର୍ବରୀକ ହରିବୁ ହୋଇ ଧନୁଶରପାଣି ।
ବଧୂ ଯାଉଛି ସଙ୍ଗେ । ବଡ଼ମାୟାବୀ ରାକ୍ଷସ ପୂରେ ॥
ବିମାନେ ବସାଇ ନେବାରେ ସୁମନ୍ତ୍ର ଯିବାରେ ଦେଖିଲେ ଜନେ ।
ବିସ୍ମୟ ହୋଇଲେ ପଛେ ଗୋଡ଼ାଇଲେ ନନ୍ଦା ବହିଲେ ରାଜନେ ।
ବୃଦ୍ଧସମୟେ କପାଁ । ବାମାଠାରେ ଏଡ଼େ ଅନୁକମ୍ପା ॥
ବୈଶାଖ ହୋଇଲା ମନ୍ଥରା ଅଯୋଧ୍ୟା ଭଣ୍ଡେ ଥିଲା କ୍ଷୀରପୂର ।
ବଲ୍ଲଭୀ କୈକେୟୀ ମନ୍ଥନରୁ ନବନୀତ ବିଶେଷ ବାହାର ।
ବନବାସିଙ୍କି ଦେଇ । ବହ୍ନିଲୋଚନ ଅଶନ ପାଇଁ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପଞ୍ଚବିଂଶ ଛାନ୍ଦ

ରାଗ—ଶଙ୍କରାଭରଣ

ରାମଚନ୍ଦ୍ରଙ୍କ କୁଟୀର ପ୍ରତ୍ୟାଗମନ

ବାଜି ବାଜିବାରେ ତ୍ରାହି ଲକ୍ଷ୍ମଣ ଶବଦ ।
ବିରଚନେ ରାମ ରାମ ହୋଇଲେ ସ୍ତବଧ ।
ବିହ୍ୱଳିତ ନର-ବାଣୀ । ବିପଦ ନ ପୁଣ ଉପସ୍ଥିତ ହୁଏ ଶୁଣି ॥
ବିକଳ କେମନ୍ତ ଚନ୍ଦ୍ର ସେ ନ ମାରୁଁ ମରି ।
ବସିଲା କଳଙ୍କ ହୋଇ ଅଙ୍କେ ସେହିପରି ।
ବଧ ମୋହଯୋଗୁଁ ଏହି । ବିଶେ କଳଙ୍କ ନ କରୁ ରାମଚନ୍ଦ୍ର ମୁହିଁ ॥
ବିରହୁଁ ମାୟାମୃଗର ଜ୍ୟୋତି ବାହାରିଲା ।
ବପୁରେ ସେ ଦୂଷଣରିପୁର ମିଶିଗଲା ।
ବଡ଼ ସୁକୃତ ଶବର । ବାହୁଡ଼ିଲେ ଭାର କରି ସୁମନସବର ॥
ବାଟରେ ଅନୁଜ ଭେଟ ମତି ବିରସିତା ।
ବୋଲେ ବୀର ସୀତା କାହିଁ କଲୁ ତ ଏକତା ।
ବକ୍ଷୁଁ ହୋଇଲେ ଅନ୍ତର । ବହିଲ ଯେ ଥର ଭୟେ ହୃଦୟ ପଥର ॥
ବୋଇଲେ ସୁମିତ୍ରାସୁତ ଶୁଣ ରଘୁରାଣ ।
ବିଣା ହେଲେ ଜଣାଥାଉଁ ତୁମ୍ଭ ବୀରପଣ ।
ବାଣୀ ମୋର ନାମେ ତ୍ରାହି । ବିକାଶରୁ ସରୁମଧ୍ୟା ଭୀରୁ ଭୟ ବହି ॥
ବୈଦେହୀ ପ୍ରମାଣ ଫଳେ କଟୁକର ଜାତ ।
ବିଦାରିତ ହୃଦକ୍ଷେତ୍ର ସୀତାନାମ ସତ ।
ବିନା ଭକ୍ଷୁଁ ଜନେ ବାମା । ବାଣୀ ସୁଧା ବୋଲେ ସୁରମତେ ନୋହେ ସମା ॥
ବିଜ୍ଞ ଯେଣୁ ଯୋଗୀ ତେଣୁ ଶ୍ରଦ୍ଧାରେ ନ ଶୁଣି ।
ବୋଲେ ରାମ ଶିବରୁ କେ ବଡ଼ଯୋଗୀ ପୁଣି ।
ବହି ଅର୍ଦ୍ଧଅବୟବେ । ବିଦୁର ଶଙ୍କାରେ ଶୁଣୁଛନ୍ତି ରାମ ଦବେ ॥
ବଚନ ଦୀର୍ଘ ରଚନ ସତ୍ୱର ଗମନ ।
ବାଳା ଅନୁସରି ନ ଆସିବା ଦେଖି ଛନ୍ନ ।
ବିସ୍ତୃରନ୍ତ ସ୍ନେହାଧୀନା । ବିମନା ନୋହେ ସଦୋଷେ ଏବେ ଦୋଷ ବିନା ॥
ବୃକ୍ଷ କରୁଣାରେ ସେ ନରାଣ ଫଳ କାହିଁ ।
ବନ୍ଧୁ ସ୍ୱାଧୀନଭର୍ତ୍ତୃକା ବୋଲି ଯେବେ ମୁହିଁ ।
ବାଡ଼େ ଲେଖିଥାଇଁ ସ୍ମର । ବୋଲୁଥାଇ ଲେଖ ତବାଧୀନ ଭର୍ତ୍ତା କରି ॥
ବିରହୋତ୍କଣ୍ଠିତାସାର ନାଗରୀ ରତନ ।
ବିସ୍ତୃରିତ ଥାନ୍ତା ନବ ଭାବମାନ ।
ବଚନ କେ ମୁଁ ତାହାର । ବିଜନେ କବରୀ ଆଣି ଆସିଛୁ ଚଉଁରୀ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବାସକସଜ୍ଜା ହୋଏ ମୁଁ ପାଶୁଁ ଗଲାକ୍ଷଣେ ।
ବେଶ ସାରି ଶଯ୍ୟା କରି ନିରେଖେ ପ୍ରାଙ୍ଗଣେ ।
ବିପ୍ରଲବ୍ଧା ହୋଇ ଧନ । ବିକାଶକୁସୁମ କାଳେ ତେଜି କେଳି ସ୍ଥାନ ॥
ବାର ବାର ଅଭିସାର ମୋ ପାଶେ ପଣ୍ଡିତା ।
ବିପରୀତ ମାଗିବାରେ ହୁଅଇ ଖଣ୍ଡିତା ।
ବିଧି ପ୍ରୋଷିତଭର୍ତ୍ତୃକା । ବାନ୍ଧବୀଙ୍କୁ କରିବାକୁ କରୁଅଛୁ ଦକା ॥
ବିହିଥିବାରେ ଶରୀର ଜୀବନଛିଣ୍ଡରୀ ।
ବିହିବ ନାହିଁ କଳହାନ୍ତରିତା ଶୃଗୁରୀ ।
ବିବର୍ଜିତ ପ୍ରିୟାହୃଦ । ବିଚ୍ଛନ୍ଦରେ କେମନ୍ତେ ସେ କଲା ଆସପଦ ॥
ବୋଇଲେ ଦେହଳୀ ପାଶେ ମୃଗଭାର ଥୋଇ ।
ବାସ ବେହର କି କରି ନିବାରିବୁ ତୁହି ।
ବିଳମ୍ବୁଁ ମୋ କର ହଠ । ବିଧାନ ଯେ କରିଅଛୁ ଲୁଚିବା କପଟ ॥
ବିଲୋପ ନୋହିବୁ ରସବତୀ ପୁରି ତମେ ।
ବିଧିରେ ପ୍ରସନ୍ନମୁଖୀ ହାସ ହାସି କ୍ରମେ ।
ବିସ୍ତାରିତ କରି ପାଣି । ବେଶ୍ଣେ ପଶି କୋଳକୁ ଆସ ରେ ପ୍ରିୟା ଭଣି ॥
ବୋଲିଥିଲୁ ଆଣ ଏକା ମୃଗଚର୍ମ୍ମ ପୁଚ୍ଛ ।
ବାଛି ବାଛି ତୋଳି ଆଣିଅଛୁ ପୁଷ୍ପଗୁଚ୍ଛ ।
ବସ ସେ ଅଜିନେ ବେଗେ । ବାନ୍ଧିଇଁ ମୁଁ କୁନ୍ତଳ ଭ୍ରମର ଫୁଲ ଯୋଗେ ॥
ବିହିଛୁ ଶଙ୍କା ଚଉଁରୀ ଦେଇ ମୋର ହସ୍ତ ।
ବିଦାଇବେ ରତିବାକୁ କି ପୁରୁଷାୟିତ ।
ବୋଲିବାକୁ ନାହିଁ ତାହିଁ । ବୋଇଲା ବଚନ ଆନ ହୋଇଛୁ ମୋ କାହିଁ ॥
ବନ୍ଧୁ ତୁହି ଧନ ତୁହି ପ୍ରାଣ ତୁହି ସତେ ।
ବନ୍ଧୁଧନ ଦୂର କରି ଅଣିଛୁ ସଙ୍ଗତେ ।
ବିଗତ ତୁ ହେଲେ ରକ୍ଷା । ବ୍ରହ୍ମାଣ୍ଡରେ କଳୂପରେ ଅଛୁ ସୁକଣ୍ଠାକ୍ଷା ॥
ବସଇ ହୃଦୟେ ଦୟା କଠିନ ଉରଜ ।
ବନ୍ଦ୍ୟ ଜଗତରେ ଜ୍ୟେଷ୍ଠ ଅଟଇ ସହଜ ।
ବିକର୍ମରୁ ମୋର ହେଜ । ବିରଗେହା ଏମନ୍ତ ଭାବକୁ ଅଛୁ ଭଜି ॥
ବିନତ ଇଙ୍ଗିତ ଛଳ ବଚନ ପ୍ରକାଶି ।
ବେଲେ ନ ପାରିଲେ ଯହୁଁ ବାଳା ମନ ତୋଷି ।
ବ୍ୟର୍ଥ ବାଞ୍ଛିଲେ ପଣ୍ଡିତ । ବୁଝାଇଲା ପ୍ରାୟ ଶାସ୍ତ୍ର ହୋଇଲା ତେମନ୍ତ ॥
ବିକତା ଲକ୍ଷ୍ମଣେ କି ଜାନକୀ କ୍ଷୀଣକୁକ୍ଷୀ ।
ବିରୂ ହେଲା ରାକ୍ଷସୀ କପଟେ ଗଲା ଭକ୍ଷି ।
ବାଧ ବୋଲି ସ୍ତିରୀ ହତ୍ୟା । ବଧ ନ କଲାକ୍ ଶୁଝାଇଲା ବଇରତା ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବିଧାତା ନିର୍ମାଣ କଲା କେ ଆନ କରିବ ।
ବୋଲୁଁ ପିତା ହା ରାମ ହା ରାମ ଗଲା ଜୀବ ।
ବେଳ ପଡ଼ିଲା ଲକ୍ଷ୍ମଣ । ବୋଲୁଁ ହା ରାମା ହା ରାମା ଯିବ ମୋ ପରାଣ ॥
ବିରତ କରିଣ ତୋତେ କୃପାସିନ୍ଧୁ ମିତ ।
ବୋଲଇ ଯେ ପ୍ରଥମୁ ପୀୟୂଷ କରି ଜାତ ।
ବଶ କରି କଲୁ ଶିବ । ବିଷ ଜନ୍ମାଇଲୁ ଆନ ଅର୍ଥେ ପାରି ଯିବ ॥
ବୋଲନ୍ତି ଯେ ଚନ୍ଦ୍ର ଶଶୀ କର୍ପୂର ହାଟକ ।
ବାର ଶଶୀ ମାତ୍ର କରେ ଜଗତ ଆଲୋକ ।
ବିଧ୍ୱଂସଇ ତମ ଘୋର । ବିବେକରତନ ଧନ ମନେ ବେଳେ ନର ॥
ବସନ୍ତ ଋତୁର ଅନ୍ତ ହୋଇନାହିଁ ଗୋର ।
ବଚନ କୋକିଳ କପାଁ ଛାଡ଼ିଲା ମାଧୁରୀ ।
ବେଳୁଁ ବେଳୁଁ ସେ ଅଧିକ । ବିଭ୍ରମ ଜନ୍ମି ପାଦପେ ବିନୟସର୍ଜକ ॥
ବଲ୍ଲୀ ଆଲିଙ୍ଗନ ତ ଭ୍ରମର ନାହିଁ ଭଳି ।
ବିୟୋଗୀ ହେଲ ବିଶେଷେ ଅନୁସରିଥିଲି ।
ବାଳୀ କାହିଁ ଗଲା ଭାଷ । ବିକଶିତପୁଷ୍ପେ ତ ନିର୍ଦ୍ଦୟ ହୋଇ ହସ ॥
ବୋଲାଉଛ କେ ରସାଳ କେ ପୁଣି ଅଶୋକ ।
ବିଭୀତକ କେହି କରି ତୁମ୍ଭ ମଧ୍ୟେ ଓକ ।
ବିନା ରସ ମୁଁ ହୋଇବି । ବୁଡ଼ି ଶୋକରେ ଭୀତକ ହୋଇ ଦିନ ନେବି ॥
ବୋଲାଅ ଯେ ଫଳବନ୍ତ ମୋ ପ୍ରତି ଆଶାରେ ।
ବିଫଳ ହୋଇଣ କିଏ ହୋଇବ ସଂସାରେ ।
ବିହୃଦ ମୁଁ ନୋହେଁ ମିତ । ବିହି ବୋଲି ତୁମ୍ଭେ ଜଟା ମୁଁ ବହିଛି ସତ ॥
ବିମୋଦିତ ଏକ ପତ୍ର-ବାସ ସୁମନରେ ।
ବଲ୍କଳ ପିଧାନ ପୁଣି ଶାଖା ରଞ୍ଜନରେ ।
ବିଳସିତ କରେ ଖଗ । ବାର୍ତ୍ତା କହି ମୋ ପ୍ରିୟାର ନାଶ ହେ ଉଦ୍ବେଗ ॥
ବାତେ ପଲ୍ଲବ ଚଳିଲେ ଯେଉଁ ମାର୍ଗେ ନଗେ ।
ବିବେକ ଏ ଠାରନ୍ତି ଅଛି କି ଏହି ଦିଗେ ।
ବାସ ନିକଟେ ଋଷିଙ୍କ । ବିଶୁଦ୍ଧବାକ୍ୟକୁ ଶିଖିଛନ୍ତି ଶାରୀ ଶୁକ ॥
ବୋଲନ୍ତେ ରାମ ରାଘବ ଦାଶରଥି ତହିଁ ।
ବିବେଚନା ନାମ ଧରି ଡାକେ କି ବୈଦେହୀ ।
ବେଗି ହୋଇ ଦେଖି ମାର୍ଗ । ବୈଷ୍ଣବ ସରସୀ ପ୍ରାୟ ଚକ୍ରଚିହ୍ନେ ଯୋଗ ॥
ବିଦନ୍ତି ଭ୍ରାତେ ସୁଦନ୍ତି ସୁଦନ୍ତିଗମନୀ ।
ବଳେ ବସାଇ ସ୍ୟନ୍ଦନେ କେ ଗଲା କି ଘେନି ।
ବାରି-ରାଶି ମଧ୍ୟେ ମୋର । ବିହିବ ଫଟାଇ ଧନ କରି ନେଲା ଜର ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବାଣିଜ୍ୟ ବିହୀନେ କେହି ଜୀବନ ପୋଷିବ ।
ବର୍ଷ୍ଣ ଶିଳେ କାହା ତନୁ ସୁବର୍ଣ୍ଣ କଷିବ ।
ବାରବାନରୁ ସେ ଫାଇଁ । ବୁଦ୍ଧି ରତି ଲଭି ମନ ଅନୁରୂପେ ଯାଇ ॥
ବହ୍ନିଲା ମାନସ ଝିଲ୍ଲିକା—ସ୍ୱନ ଶୁଣି ।
ବାଜୁଛି ନୂପୁର ସଂଦ୍ରାବ ଯୋଷାମଣି ।
ବେଗି ପୁଣି ଏତେ ଭଣି । ବିଭଞ୍ଜନ ରଥକୁ ଦେଖିଲେ ଶୃପପାଣି ॥
ବିଲୋଲ ଚିତ୍ତ ମୋ ଶୁଭକର୍ମେ ଏ ଭଗନ ।
ବାମା ଶ୍ରେର ମଦ ତାକୁ କରେ କି ଗମନ ।
ବଦେ ଭ୍ରମର କଙ୍କିଣୀ । ବିରତବାରୁ କି ରଣ ରଣ ପୁଣି ପୁଣି ॥
ବାଣୀ ଶୁଣାଇବା ଭଳି ରହି ରହି ଡାକି ।
ବନ୍ଧୁ ରସସିନ୍ଧୁ ରସାଭୂଷା ବୋଲି ଠେକି ।
ବକ୍ରୁଗୁଳେ ବଧୂ ଗୁଳୁଁ । ବିଦ୍ୟମାନ କବି ହୃଦପାଦ୍ମେ ଲଘୁ କଲୁ ॥
ବ୍ରହ୍ମା ଯହିଁ ଜାତ ତାକୁ ଦଳନ୍ତୁ ପାଦରେ ।
ବନାଉ ଶାଠୀ ଧଠୀରେ ସିଂହକୁ ମଧ୍ୟରେ ।
ବିପକ୍ଷର ଜୀବନକୁ । ବଳାଇଛୁ ମୋର କରେ ଦେବାର ମନକୁ ॥
ବୋଲି ବୋଲି ଯାଉଁ ଏହା ଜଟାୟୁ ପୁଚ୍ଛିତ ।
ବିଜ୍ଞାନ ହତ ଅନ୍ତରେ କହିଲା ଏମନ୍ତ ।
ବିଭୋ କୋଦଣ୍ଡଧାରଣ । ବୈଦେହୀ ଯେନ ଗଲାଟି ଲଙ୍କାକୁ ରାବଣ ॥
ବିବାଦେ ମୁଁ ଭାଙ୍ଗିଲି ଶତାଙ୍ଗ ମୋତେ ହାଣି ।
ବସାଇ ପୁଷ୍ପକେ ଯେନ ଗଲା ରାମାମଣି ।
ବିଯା ମଧ୍ୟରୁ କପୋତୀ । ବନୀକର ଜାଲେ ଯଥା ଲୁବ୍ଧକେ ନାଥନ୍ତ ॥
ବିଜେ କର ଦକ୍ଷିଣେ ଦକ୍ଷିଣ ଭୂମେ ଗୁଣେ ।
ବଂଶକର ପ୍ରାଣ କ୍ଷୀଣ କର ତୀକ୍ଷ୍ଣବାଣେ ।
ବୋଲି ବିସର୍ଜିଲା ଜୀବ । ବିହାୟସେ ରହି ଦିବ୍ୟରୂପେ କଲା ସ୍ତବ ॥
ବିମଳ ହୋଇ ଲଭିଲା ସେ ପରମଗତି ।
ବହ୍ନି ଯୋଗ କଲେ ଶବ ସ୍ୱୟଂ ରଘୁପତି ।
ବାସବରେ ବନ୍ଦ୍ୟ ଯେହି । ବିପ୍ରପୋଷ୍ୟ ପୁତ୍ର ପ୍ରାୟ ପ୍ରେତକ୍ରିୟା ବହି ॥
ବହିଲା ପ୍ରାୟେ କଳନ୍ଦ ପର୍ବତୁଁ କାଳିନ୍ଦୀ ।
ବକ୍ଷଃସ୍ଥଳେ ପଡ଼େ ଅଶ୍ରୁ ଗଲେ କାନ୍ଦି କାନ୍ଦି ।
ବିୟାଳିଶ ପଦେ ଛନ୍ଦ । ବିରଚନ ବୀରବର ଚନ୍ଦ୍ର ରାମଚନ୍ଦ୍ର ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅଷ୍ଟାବିଂଶ ଛାନ୍ଦ

ରାଗ—ଦେଶାକ୍ଷ । ଚକ୍ରକେଳିବାଣୀ

ସୁଗ୍ରୀବଙ୍କ ସଙ୍ଗେ ମିତ୍ରତା

ବୋଲେ ସୁଗ୍ରୀବେ ରାମ କ୍ଳେଶଭାଷା । ବେନି ଜନେ ପଡ଼ିଛୁ ଏକଦଶା ॥
ବିଭାବସୁବଂଶେ ଜାତ ଆମ୍ଭର । ବିଦିରେତ ତୁମ୍ଭେ ତାଙ୍କ କୁମର ॥
ବସୁଁ ଅଯୋଧ୍ୟା କସ୍ମିନ୍ଦା ରାଜନ । ବିଭୂତିରେ ବନେ ହେଲା ସଦନ ॥
ବାମାବିଚ୍ଛେଦ ପରଧରଷଣେ । ବଞ୍ଚୁ ଦନ ଫଳ-ମୂଳ-ଭକ୍ଷଣେ ॥
ବଞ୍ଚି ଅନୁଜ ମନ୍ତ୍ରୀ ପ୍ରବୋଧନେ । ବୋଧ ହୋଇ ରହିଥାଇଁ ଜୀବନେ ॥
ବାଧା ମାତା ଭ୍ରାତାରେ ଉପୁଜିଛୁ । ବଇରିଙ୍କ ସାଧିବା ଇଚ୍ଛା ଅଛୁ ॥
ବ୍ୟବହାରେ ମିତ୍ର ହେବା ଉଚିତ । ବୋଲେ ସୁଗ୍ରୀବ ଶୁଣ ରଘୁସୁତ ॥
ବୁଲି ଧରଣୀ ନିର୍ଭୟରେ ତୁମ୍ଭେ । ବାଳିଡରେ ଗିରିରେ ଲୁଚୁଁ ଆମ୍ଭେ ॥
ବଳବନ୍ତ ହେଲେ ଯଥା କେଶରୀ । ବଧେ ଗଜାଦି ଶରଭକୁ ଡରି ॥
ବହି ପାରିବ କେଉଁ ଉପକାର । ବୋଲ ମିତ୍ର ହେବା ତୁମ୍ଭ ଅମ୍ଭର ॥
ବୋଲେ ରଘୁବୀର ଶୁଣି ଉତ୍ସୁକେ । ବିନ୍ଧି ପକାଇବି ବାଳୀ ବାଣକେ ॥
ବ୍ରହ୍ମଲୋକେ ଥିଲେ ସୀତା ଖୋଜାଇ । ବାଦ ରଚନେ ଆଣିମି ସେ କହି ।
ବୀର ଏରୂପେ ମୋର ସଙ୍ଗେ ଅଛୁ । ବାଳଭାନୁ ଜନ୍ମୁ ତେଜଁ ଧରିଛୁ ॥
ବୋଲା ବୋଲି ସେ ହୋଇ ଏତେମାତ୍ର । ବହ୍ନି ସାକ୍ଷୀ କରିଇଁ ହେଲେମିତ୍ର ।
ବୋଲୁଁ ଶତ୍ରୁକୁ ଦେଖାଅ ରାଘବ । ବୋଲୁ ଅଛୁ ସବନଯେ ସୁଗ୍ରୀବ ॥
ବନ୍ଧିବାକୁ ଇଚ୍ଛା ଯେବେ ବାଳିକ । ବଳ କଷ ଦୁନ୍ଦୁଭି ଅସ୍ଥି ଟେକ ॥
ବଜ୍ଜେ ରାମ ଶୁଣି ସେ ସନ୍ଧିଅର । ବୃଦ୍ଧାଙ୍ଗୁଳିକ ବାମଚରଣର ॥
ବିନ୍ୟସ୍ତ ଯେ କଲେ ଅସ୍ଥିଗିରିରେ । ବନରୁହେ କରବର ପରିରେ ॥
ବେଗେ ତୋଳେ ଅନାୟାସେ ଯେମନ୍ତେ । ବହାୟାସେ ଫିଙ୍ଗିଦେଲେ ତେମନ୍ତେ ॥
ବରେ ଶୁଭନ୍ତେ ଶବଦ ତାହାର । ବ୍ୟୋମେ ଦୃଷ୍ଟି କସ୍ପିନ୍ଦାବାସିଙ୍କର ॥
ବିତର୍କିତେ ସେ ମଇନାକ ଉଡ଼ି । ବଜ୍ରଧାଏ ବହୁତଦୂରେ ପଡ଼ି ॥
ବିକଳ୍ପିତା ଉପୁଜିଲା ସୁଗ୍ରୀବେ । ବଡ଼ଗରୁ ଏ ହୋଇଥିଲା ପୂର୍ବେ ।
ବପା ଆଦି ମାଂସ ଚର୍ମେ ସମ୍ପୂର୍ଣ୍ଣ । ବିନାଶିତ ପୂର୍ତ୍ତବଶେ ସେମାନ ॥
ନିବସ୍ଥାନ କରଣେ ଶୁଷ୍କଭାବ । ବହେ ବାଳୀ ତେବେ ଏବେ ରାଘବ ॥
ବୋଲେ କଥାଏକ ଅଛି ଆହୁର । ବଜ୍ରୁଁ ଆଣ୍ଠୁ ସପ୍ତଶାଳ ମାଧୁରୀ ॥
ବାଳୀ ଜାତେ ଭାରି ମଣୁ ବସୁଧା । ବଳ ଅଧେ ରଖିଛୁ ତହିଁ ବେଧା ॥
ବହେ ତୁଲପାତ୍ର ରହେ ସମାନେ । ବିଭାଗରେ ଗୁରୁଦ୍ରବ୍ୟ ଯେସନେ ।
ବିନ୍ଧି ଭେଦ ନ ପାରନ୍ତି ରୁଦ୍ରାଦି । ବାଣକରେ ପାରିବ ଯେବେ ଛେଦି ॥
ବିରାଧାରି ବୋଇଲେ କାହିଁ କାହିଁ । ବଳମୁଖଶ୍ରେଷ୍ଠ ନେଇ ଦେଖାଇ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

(ନାଗବନ୍ଧ)

"ବିଶାଳତା ପବି ଦୃଢ଼ ସେବନ । ବୃକ୍ଷବୃତ ଶତପତ୍ର ରଞ୍ଜନ ॥ ୧
ବକ୍ରେ ରହି ସଶୋଭି ଧୃତା ସେହି । ବହି ନାଗ ଗାଢ଼ ତରୁ ବିଶଇ ॥ ୨
ବପ୍ର ତାରତର ସାର ନବୀନ । ବିଷ ସପ୍ରଭିରେ ବିହଗହୀନ ॥ ୩
ବନରୁହପଦ ପ୍ରତଳ ବଳ । ବନସ୍ଥିରତ ସର୍ପ ସପ୍ତଶାଳ ॥" ୪
ବ୍ୟାଳ ସଳଖି ହେଉଁ ରଘୁବୀର । ବାଣ ପ୍ରୟୋଗ କଲେ ଯେ ସତ୍ୱର ॥ ୫
ବୃକ୍ଷ ସାତ ଭେଦି ଭେଦି ପର୍ବତେ । ବାହୁଡ଼ିଲା ସେ ମାର୍ଗଣ ତ୍ୱରିତେ ॥ ୬
ବିସ୍ମି ମଣି ଚନ୍ଦ୍ରବନ୍ଧେ ସୁଗ୍ରୀବ । ବିନତ ସେ ଅଦ୍ଭୁତ ଦେଖି ଯେବ ॥

(ରଥବନ୍ଧ)

"ବିଭୁ ଖରପର ମେଳ ସାଧବ । ବଦ୍ଧସାଳ ମେଘତନୁ ଭା-ରବ ॥ ୭
ବୀର-ଭା ନୁତ କ ସ୍ୱ ଭୂପ୍ରସବ । ବୀଶପ୍ରଭୁ ସ୍ୱତରେ କ ବିଭାବ ॥ ୮
ବିଭାବକରେ ଖେଦ ଭେଦ ପବି । ବିପଦଭେଦନ ତାର ପଦବୀ ॥ ୯
ବଦପର ତାପସ ଦତ୍ତ ହବି । ବିହିତ ଦଶରୂପ ରଖ ଭୂବି ॥ ୧୦
ବୋଲି ଓଳଗି ହୋଇଲା ବାହାର । ବେନି ସୋଦର ମନ୍ତ୍ରୀଏ ସଙ୍ଗର ॥
ବାଟେ ଯାଉଁ ଦେଖିଲେ ଦିବ୍ୟସରେ । ବାଦ୍ୟନାଦ ଶୁଭେ ଜଳଭିତରେ ॥
ବିଚାରିତ ବୋଇଲେ ରାମଚନ୍ଦ୍ର । ବକ୍ତା ଶୁଣି ପ୍ଲବଗକୁଳଚନ୍ଦ୍ର ॥
ବନୌକାଏ ନାମ ତା ମନ୍ଦକର୍ଣ୍ଣୀ । ବିରଚଇ ତପସ୍ୟା ବସି ବନ ॥

---

୧ ସେ ସପ୍ତ ସାଲବୃକ୍ଷ ଅଧିକ ମୋଟତ୍ୱକୁ ଧାରଣ କରିଛି ଓ ବଜ୍ରତୁଲ୍ୟ କଠୋରଗୁଣରେ ସେବିତ ହୋଇଛି, ଆଉ ବୃକ୍ଷସାତ ଆବୃତଭାବେ ଅର୍ଥାତ୍ ମଣ୍ଡଳାକୃତ ହୋଇ ରହିଥିବାରୁ ସପ୍ତଦଳ ପଦ୍ମ ପ୍ରାୟ ରଞ୍ଜନୀୟ ହୋଇଛି ।

୨, ୩ ସେ ବୃକ୍ଷସବୁକୁ ଏକ ନାଗସର୍ପ ଗାଢ଼ରୂପେ ବହିଁ ବନ୍ଧଭାବରେ ଗୁଡ଼ାଇ ହୋଇ ରହି ଥିବାରୁ ପ୍ରାଗର ପରିବେଷ୍ଟିତ ଦୁର୍ଗପରି ବୃକ୍ଷ ଅତିଶୟ ଶୋଭାକୁ ଧାରଣ କରିଛି, ନୂତନ ମଜ୍ଜାସାରଯୋଗେ ଦେହର ଉଜ୍ଜ୍ୱଳକାନ୍ତି ଅଧିକ ହୋଇଛି, ଆଉ ସର୍ପର ଗରଳପ୍ରଭାରେ ସହିତ ହୋଇଥିବାରୁ ପକ୍ଷୀବିହୀନ ହୋଇଛି ।

୪ ରାମଚନ୍ଦ୍ର ପଦ୍ମପାଦରେ ସର୍ପକୁ ପ୍ରତଳ ଅର୍ଥାତ୍ ପୁଞ୍ଚାଇ ଦିଅନ୍ତେ ସର୍ପର ବଳ ନ୍ୟୂନ ହୋଇ-ଯିବାରୁ ସେ ବନସ୍ଥିରେ ରତ ହେଲା ।

୫, ୬ ତେତକବେଳେ ସର୍ପ ସଳଖି ହେବାରୁ ସପ୍ତଶାଳ ସଳଖଭାବରେ ଧାଡ଼ିହୋଇ ରହିଗଲା । ଏହିସମୟରେ ରାମଚନ୍ଦ୍ର ଶୀଘ୍ର ଶର ପ୍ରୟୋଗ କଲେ । ଶର ।

୭ ତୁମ୍ଭେ ଜଗତ୍ପ୍ରଭୁ, ଖରରାକ୍ଷସର ହନ୍ତକ, ପତିବ୍ରତା ସୀତା ସଙ୍ଗେ ତୁମ୍ଭର ମେଳ, ତୁମ୍ଭେ ସପ୍ତଶାଳଭେଦକ, ମେଘତନୁ, ସୂର୍ଯ୍ୟଙ୍କପ୍ରାୟ ତେଜସ୍କର ।

୮ ତୁମ୍ଭେ ବୀରପ୍ରଭାରେ ବନ୍ଦ୍ୟ, ସ୍ୱୟଂ ସନାତନ ବିଷ୍ଣୁ, ଭୂପ୍ରସବା ଅର୍ଥାତ୍ ପୃଥିବୀରେ ଜନ୍ମଗ୍ରହଣ କରିଛ, ତୁମ୍ଭେ ଗରୁଡ଼ର ପ୍ରଭୁ, ତୁମ୍ଭଙ୍କୁ ସ୍ୱତସିଦ୍ଧଭାବେ ବ୍ରହ୍ମା ଧ୍ୟାନ କରନ୍ତି ।

୯ ବିଭାବକରେ ଅର୍ଥାତ୍ ଭକ୍ତମାନଙ୍କଠାରେ ଜାତ ହେବା ଖେଦକୁ ଭେଦନ କରିବା ବିଷୟରେ ତୁମ୍ଭେ ବଜ୍ରପରି, ଅତଏବ ତୁମ୍ଭର ବିପଦଭେଦନ ଉପାଧି ଦେଦୀପ୍ୟମାନ ହୋଇଛି ।

୧୦ ତୁମ୍ଭେ ଯାଗାଦି ନିମିତ୍ତ ଜ୍ଞାନଶ୍ରେଷ୍ଠ ତାପସମାନଙ୍କୁ ଘୃତ ଦାନ କରିଛ କିମ୍ବା ତୁମ୍ଭେ 'ପରତାପବିଦ' ପରଦୁଃଖଜ୍ଞାତା, ସୁତାନ୍ତତ ତୁମ୍ଭଙ୍କୁ ସଦତ ହେଉଛି ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବଳାତ୍କାରେ ଏ ଇନ୍ଦ୍ରପଦ ନେବ । ବାର ବାର ଶଙ୍କ ଭୟ ସମ୍ଭବ ॥
ବାର ବାରବଧୂଙ୍କୁ ପେଷି ଦେଇ । ବାରଜୀର ବୁଦ୍ଧି ସେ ତାଙ୍କୁ ଗୃହିଁ ॥
ବାର ମଧ୍ୟେ ପୁର ସୁରଶିଳ୍ପୀ ଯେ । ବାରସ୍ମିତ ଲକ୍ଷ୍ୟ କରି କଳ୍ପି ଯେ ॥
ବଶ କରି ସେ ନୃତ୍ୟ-ଗୀତେ ମନ । ବାଜେ ମର୍ଦ୍ଦଳ ତାଳ ତାଳିମାନ ॥
ବୁଝି କ୍ଷତ୍ରୀୟବର ବୋଲି ଯାଇ । ବନପଥଦ୍ୱାରରେ ସ୍ଥିତ ହୋଇ ॥
ବୀରଡାକ ସର୍ଜିଲା ଅତି ଠାଣ । ବର୍ଷା ବନା ଗର୍ଜେ କି ମେଘ-ଦ୍ରୋଣ ॥
ବିଣା ବିବେକ ହେଲେ ପୁରଜନେ । ବାଳୀ ଥିଲା ଯେ ମଧ୍ୟାହ୍ନଶୟନେ ॥
ବାରୁଣୀକି ପାନହିଁ କରିଥିଲା । ବାରୁଣୀରେ ଶବ୍ଦ ଶୁଣି ଧାଇଁଲା ॥
ବଜ୍ରମୁଠେ ସୁଗ୍ରୀବ-ଦମ୍ଭଶୃଙ୍ଗ । ବିଭଞ୍ଜନେ ବାହୁଡ଼ିଗଲା ବେଗ ॥
ବିଲୋକିଲେ ଏତିକି ନୃପଧାତ୍ରୀ । ବିଦ୍ୟୁ ଝଟକି ଲୀନ ହେଲା ପରି ॥
ବିପଥ ଯେ ଶୁଷ୍କନଦୀ ଭାନୁଜ । ବଢ଼ିଜଳ ପଡ଼ି ଶୀଘ୍ର ସହଜ ॥
ବିଶ୍ରାମକୁ ନ ପାଇ କେଉଁଠାରେ । ବିଲୀନ ସେ ଗିରି-ଗୁହା-ସାଗରେ ॥
ବାହୁଡ଼ାବିଜେ ଦାଶରଥି କହି । ବଳ କିଛି ନାହିଁତ ମିତ୍ରଦେହି ॥
ବାତାତ୍ମଜ ବାଣୀ କଲା ପ୍ରକାଶ । ବ୍ରହ୍ମପ୍ରଳୟଜଳେ ମେରୁ ନାଶ ॥
ବୁଲି ଋଷ୍ୟମୂକେ ଖୋଜି ନ ପାଇ । ବିବରକେ ସେ ଠାବ କଲେ ଯାଇ ॥
ବୃଷଦଂଶ ଭୟେ ଯଥା ଇନ୍ଦୁରୁ । ବାହାରଇ ନାହିଁ ନିଜ-ବିବରୁ ॥
ବୋଧ ନ ଘେନି ସେ ଏମନ୍ତ ବୋଲି । ବୁକଚମକେ ଆଉ ଗଲେ ମଲି ॥
ବ୍ୟର୍ଥେ ନ ଅରିଜ ପଶୁପାତକ । ବେଳେ ଗଲି ନ ବୁଝି ଯେଣୁ ବାକ ॥
ବିଷ ଖାଇଛି ଜାଣି ଜାଣି କେହି । ବର୍ତ୍ତିଥିଲେ ସମସ୍ତ ଭୋଗ ହୋଇ ॥
ବିଚେଷ୍ଟାଙ୍କୁ ଦେଖି ରଘୁନନ୍ଦନ । ବଳ ଦେଲେ କରିଣ ଆଲିଙ୍ଗନ ॥
ବ୍ୟାଘ୍ର ବିପିନେ ଯଥା ଲୁଚିଥାଇ । ବାହାରଇ କ୍ଷୁଧାର୍ତ୍ତେ ରଡ଼ି ଦେଇ ॥
ବେନିଭ୍ରାତ ଏକମୂର୍ତ୍ତି ବହନ୍ତି । ବାରି ନୋହିଲେ ବୋଲି ରଘୁପତି ॥
ବନମଲ୍ଲୀମାଳା କରି ରଚନ । ବିଲମ୍ବାଇ କଣ୍ଠରେ କଲେ ଚିହ୍ନ ॥
ବିତାସର ପର୍ଯ୍ୟେ ଧ୍ୱନିମନ୍ତ୍ର । ବେଗେ ଯାଇ ନଗରପାଶେ ସ୍ଥିତ ॥
ବୃକ୍ଷାନ୍ତରେ ରହିଲେ ରଘୁଗଣ । ବସାଇଣ କୋଦଣ୍ଡଗୁଣେ ବାଣ ॥
ବ୍ୟାଧ ଜଗି ଯେମନ୍ତ ଜଳଘାଟ । ବାତାସନ ଆଗମନେ ଲମ୍ପଟ ॥
ବିସ୍ମୟ ଯେ କିଷ୍କିନ୍ଧାବାସୀ ଗୃହିଁ । ବୋଲେ ପିତୃବାସ ହେଲା କି ତହିଁ ॥
ବୋଲେ କେ ଖଗବହ ପକ୍ଷ ଥିବ । ବିଶେଷରେ ତେଜଚକ୍ର ସମ୍ଭବ ॥
ବୋଲେ ଅପୂର୍ବ ଶିବ ହେବ କେହି । ବିଭୂଷଣେ ଫୁଲ-ମାଳୀ ସେବଇ ॥
ବୋଲେ କେ କର୍ମ ଉଦୟହିଁ ଖ୍ୟାତ । ବିଅରେ ହଂସ ତୋଷଦାନେ ସ୍ୱତ ॥
ବୋଲେ କେହି ବନୌକାସାର ଏହି । ବାଞ୍ଛା ! ଭସ୍ମ ତଗାରେ କି କରଇ ॥
ବିକର୍ତ୍ତନସୁତ ଏହି ସମୟେ । ବାଳି ଆସ ରେ ବୋଲି ଡାକ ଦଏ ॥
ବୋଲଉ ତୁ ମହୀଶ ଏ ଭୁବନ । ବକ୍ଷଭେଦ ସକାର ଏବେ ଘେନ ॥
ବିଭେଦନ ରହିବ ଚରମରେ । ବୀରଶାର୍ଦ୍ଦୂଳ ମୁଖ-ପତନରେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବର୍ଣ୍ଣି ଅଧିକ ମହୀଶ ପଦରେ । ବହାଇବା ଯେ ମହୀଶୟନରେ ॥
ବର୍ଷାମୁଖେ ଶୁଣି ଯଥା ସ୍ତନିତ । ବହି ଗରବ ଶରଭ ପ୍ରମତ୍ତ ॥
ବଡ଼ାଇରେ କେ ମୋ ଆଗେ ଗର୍ଜଇ । ବଦାରଣେ ନ ଜାଣି ମୃତ୍ୟୁ ଡେଇଁ ॥
ବାଲୀଶ ତ ତଥା କୋପେ ଗମିତ । ବାଲି ଶତପ୍ରକାରେ ନିଷେଧିତ ॥
ବାଲୀଶ ତ ନୁହି ଯେଣୁ ସୁଚିତ୍ତ । ବାଲିବରିଷ୍ଠ ଦ୍ୟୂତେ ସଦା ଜିତ ॥
ବାଦେ ସହାୟ ସେ କାର ପାଇଛୁ । ବାସରକେ ବେନଥର ଧାଇଛୁ ॥
ବଡ଼ିଥିବ ପରୀକ୍ଷା କରି ସେହି । ବଡ଼ଶବ୍ଦେ ଶୁଭିଲା ଅଜ କାହିଁ ॥
ବ୍ୟୋମେ ଦୁନ୍ଦୁଭିଅସ୍ଥି ଉଡ଼ାଇଲା । ବଦ୍ଧ ଅବା ସପ୍ତଶାଳ ଥୋଇଲା ॥
ବଦନ ମୋ ଚନ୍ଦ୍ର ପରି ତାଟଙ୍କ । ବୃହସ୍ପତି ଶୁକ୍ର ପରି ଝଟକ ॥
ବଧୂ ଥାଉଁ ସେ ତାରା ନୋହୁ ଅସ୍ତ । ବାସ ପ୍ରସାରି ମାଗୁଅଛୁ କାନ୍ତ ॥
ବଲ୍ଲଭୀର ବଚନ ନ ଘେନିଲା । ବାୟୁବେଗେ ଦୁର୍ଗଦ୍ୱାରେ ମିଳିଲା ॥
ବରାହବର ଦ୍ୱୀପୀ ଭେଟାଭେଟି । ବରାହବ ରଚଣ ଯଥା ରଟି ॥
ବିବାଦୀ କି ଶଉରୀ କୁଞ୍ଜ ଦୁଇ । ବଧ୍ୟମୃଗୀ ଭାରିବଶେ କମ୍ପଇ ॥
ବ୍ୟାଳ ଯୁଗ୍ମ କି ଖେଳି ଗଡ଼ାଗଡ଼ି । ବୃକ୍ଷ ପାଷାଣ ତନୁ ଲାଗି ଛୁଡ଼ି ॥
ବାଳି ସୁଗ୍ରୀବ ଉପରେ ଦଶିଲା । ବାଜ ଶୁକକୁ କି ମାଡ଼ି ବସିଲା ॥
ବାଣ ପ୍ରହାରେ ଦେଖି ଦୂଷଣାରି । ବୁକ ଫୁଟି ପୃଷ୍ଠେ ମୁନ ବାହାରି ॥
ବଜ୍ରଧାଦ୍ରରେ ଯେସନେକ ହୋଇ । ବାରଣେନ୍ଦ୍ର ଦଶନ ଭେଦ ରହି ॥
ବୋଲି ଅଙ୍ଗଦ ତକ୍ଷଣେ ଡକିଲା । ବିନା କାରଣେ ଅଙ୍ଗ ଦତ୍ତ ହେଲା ॥
ବଭ୍ରୁରାଜ ମୂଷିକ କରି ଯମ । ବନ୍ଧନରେ ପାଶରେ ଯଥା କ୍ଷମ ॥
ବାହୁ ଟେକି ହସ୍ତରେ ପେଲି ଦେଇ । ବରୋଚନନନ୍ଦନ ଉଭା ହୋଇ ॥
ବାହାରିଲେ ଲକ୍ଷ୍ମଣ ରାମ ଯେନ । ବୃକ୍ଷାନ୍ତରୁ ଯେ ସସଙ୍ଗସେନାନୀ ॥
ବ୍ୟାଘ୍ର ବନ୍ଧ ପକାଇ କଚ୍ଛଦୂରେ । ବେଢ଼ି ଦେଖନ୍ତି ଯାଇ ଯଥା ନରେ ॥
ବାନରେଶ ପାଶେ ଥିଲେ ଦେଖିଲା । ବପୁବନ୍ତ ଦର୍ପକ ଏ ଯୋଖିଲା ॥
ବର୍ତ୍ତିଲା ଦର୍ପକ ଏ ଅଗ୍ରତେ । ବଳବାନ ସୁନ୍ଦର ଯେ ଜଗତେ ॥
ବସୁନ୍ଧରା ଚୂଡ଼ାମଣି ମର୍କତ । ବରଜିବା ଜ୍ୟୋତି ଏବେ ବ୍ୟକତ ॥
ବୋଲନ୍ତେ କେ ତୁମ୍ଭେ ବୋଇଲେ ଶ୍ରୀରାମ । ବଂଶେ ରଘୁନୃପତିର ଜନମ ॥
ବସୁମତୀରେ ଭାରି ହେଲେ ଦୁଷ୍ଟେ । ବସୁଁ ପଞ୍ଚରେ ଏହିକଥା ପୁଷ୍ଟେ ॥
ବୁଲି ବନରେ ବିରାଧ କବନ୍ଧ । ବଳସହିତେ ଖର କଲୁଁ ବଧ ॥
ବାତାୟୁଏ ହୋଇ ଆହୁଁ ମାରୀଚ । ବନ୍ଧୁଁ ତାହାକୁ ଗୋଡ଼ାଇ ନାରାଚ ॥
ବସନ୍ତୁଁ ସେ ପ୍ରାଣ ବାହି ଲକ୍ଷ୍ମଣ । ବତ କଲା ଭ୍ରାତ ଗଲା ତକ୍ଷଣ ॥
ବାମା ସେନେହେ ସଙ୍ଗେ ଆସିଥିଲା । ବୈଶ୍ରବଣ ଏକା ଦେଖି ହରିଲା ॥
ବନତାକୁ ଖୋଜୁଁ ଋଷ୍ୟମୂକରେ । ବଡ଼ ଦୀନ ଦନବନ୍ଧୁ କୁମରେ ॥
ବହିଁ କରୁଣା ମିତ୍ର ଯେ ହୋଇଲୁଁ । ବୈରି ମିତ୍ରର ବୋଲିଣ ମାଇଲୁଁ ॥
ବାଲୀ ବୋଇଲା ତୁ ଦାଶରଥି କି । ବୃଦ୍ଧବାନରେ ନାଶିଲୁ ଏଥିକି ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବିପ୍ରା ଜଣି ଯାହାର ଗ୍ରହ ଖଞ୍ଜି । ବିସ୍ମରିଛୁ କୀରତିକି ସହଜ ॥
ବିମର୍ଦ୍ଦନ-କ୍ଷତ୍ରିୟ ଭୃଗୁବର । ବାଦେ କ୍ଷମ ନୋହିଲାତ ତାହାର ॥
ବିଂଶବାହୁ ତୋର ଦାରିବରିତ । ବାଦ ତା ସଙ୍ଗରେ ଆଗ ନ କର ॥
ବିଷଦଂଶ ରୂପରେ ଗୁପ୍ତେ ରହି । ବାଣେ ବିନ୍ଧିକି ଦେହେ ରହେ ସେହି ॥
ବିଡ଼ାଳିକ ରକ୍ଷଣେ ଆପଣାର । ବୋଲିଦେଲେ ରାମଚନ୍ଦ୍ର ଏ ଗିର ॥
ବଳ କୋଟିସିଂହର କି ବାନରେ । ବିହେ ବସେ ରାଜନପଦବୀରେ ॥
ବହେ ସିନ୍ଧୁରେ କି ନିତ ତର୍ପଣ । ବାମା ଅନୁଜଭ୍ରାତର ହରଣ ॥
ବୃଜିନକୁ ଛେଦ ତୋ କଙ୍କପତ୍ରେ । ବଧି ଜଣକୁ ରିଣ ଦେଲୁଁ ମିତ୍ରେ ।
ବୃଦ୍ଧି କଲନ୍ତିର ହୋଇ ପ୍ରଦତ୍ତି । ବଧିବେ ସେ ରାବଣ-ପୁତ୍ର-ନାତି ॥
ବୋଲିଛନ୍ତି ସୀତା ଆଣି ଦେବାର । ବଳୀ ବୋଇଲା କ୍ଲେଶରେ ହେବାର ॥
ବିକ୍ଲେଶରେ କେ ମୋ ବିନା କରିତା । ବ୍ରହ୍ମାଣ୍ଡେ ସେ ଏକା ମୋରେ ବନିତା ॥
ବିଭାକର ତେଜସ୍ୱୀ ଯଥା ହେଲେ ବିଧୁନୁଦ କେବଳ ଗ୍ରାସେ ଭଲେ ॥
ବିଶଲ୍ୟକୁ କରିବା ରାମ ଭାଷି । ବିରିକୁଣ୍ଡକୁ ମୋତେ ବାଟ ଦର୍ଶି ।
ବିରିକୁଣ୍ଡ ତୁ ହେଲୁ ନାଶହେତୁ । ବର୍ଷିବନ୍ତେ ଅବଧି ହୋଏ ମୃତ୍ୟୁ ॥
ବୋଲୁଁ କପିଈଶ ଆସେ ଅଙ୍ଗଦ । ବାର୍ତ୍ତା ପାଇ କହେ ଲଭି ବିଷାଦ ॥
ବିତନ୍ଦ୍ରେକ ପୂର୍ବରେ ହୋଇଥିଲା । ବିନ୍ଧ୍ୟବିରୋଧୀ ସମୁଦ୍ର ପିଇଲା ॥
ବିତନ୍ଦ୍ରେକ ଏବେ ତୋହଶରିରେ । ବିଭେଦିତ ହୋଇଲା ତୀକ୍ଷ୍ଣଶରେ ॥
ବିଷ୍ଣୁ ମଧୁକଇଟଭ ପାତାଳେ । ବିନାଶରୁ ଏ କୀର୍ତ୍ତି ବଳାଇଲେ ॥
ବରବରାହ ମୂରତି ଧରିବା । ବଡ଼ ନୋହେ ହିରଣାକ୍ଷ ମାରିବା ॥
ବଳି ହିରଣ୍ୟଦାରଣୁ ଏ ଯଶ । ବଳୀ ପାତାଳେ ରଖିବା ରହସ୍ୟ ॥
ବଳୀ ଭୂତ ଭବିଷ୍ୟ ବର୍ତ୍ତମାନେ । ବଳମୁଖେଶ ସମ କେ ଭୁବନେ ॥
ବଳି ଦଶଦିଗକୁ ଦଶଶିର । ବଳିଅଛୁ ମନ ଏବେ ଦେବାର ॥
ବିଷ୍ଣୁ ଏହି ବୋଲିଣ କପୀଶ୍ୱର । ବିଲମ୍ବାଇ ସୁଗ୍ରୀବ ସୁଗ୍ରୀବର ॥
ବାସ୍ତ୍ରୋଷ୍ପିତ ଦେଲା ରତ୍ନମାଳାକୁ । ବାହୁ ଧରି ସମର୍ପି ଅଙ୍ଗଦକୁ ॥
ବାହୁଲେୟ କି ଶର ନେଇଁ କ୍ରୌଞ୍ଚୁ । ବାହୁଜେଶ ଉପାଟି ଶର ରଚିଁ ॥
ବିଶେଷେତ ତପ ପ୍ରଭା ହୋଇଲା । ବିନର୍ଗତ ଜୀବନରେ ରହିଲା ॥
ବିଚଞ୍ଚଳ ନେତ୍ରମୀନ ସ୍ତବଧ । ବିକଶିଲା ନାହିଁ ହାସ କୁମୁଦ ॥
ବାଳ-ବିରେ ଯେମନ୍ତ ଶୁଷ୍କହ୍ରଦ । ବାର୍ତ୍ତାବହୁ ତାରା ଶୁଣି ବିଷାଦ ॥
ବାଳ ଫିଟି ଲୋଟେ ପୃଷ୍ଠେ ଧାବନ୍ତେ । ବାରିଦ କି ଖେଳେ ହେମପର୍ବତେ ॥
ବକ୍ଷ ଖସିଲା ପରି ପୁଷ୍ପ ପଡ଼େ । ବାଷ୍ପଜଳ ନୟନଯୁଗୁଁ ଗଡ଼େ ॥
ବିଧୁଥାନୁ ଦ୍ରବ ବହି କଳଙ୍କ । ବକ୍ତ୍ର ପାଶେ ଚଞ୍ଚଳିତ ତାଟଙ୍କ ॥
ବିକାରେ କି ବାତର ଶୋଭା ଜଳେ । ବେନି ନିର୍ମଳତର ତାର ତଳେ ॥
ବକ୍ଷୋଜରୁ ଖସେ ହାର ମୁକ୍ତା । ବସୁନ୍ଧରା-ନୀରବିନ୍ଦୁ ଶୋଭିତା ॥
ବୈବସ୍ୱତପୁରେ ଗଲ ଏ ସ୍ୱର । ବିଧବା କରି ମୋତେ ପ୍ରାଣେଶ୍ୱର ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବେଳ ଅସ୍ତ ହୋଇଲା ପ୍ରଭାତରେ । ବୋଲି ପଡ଼ିଲା ବାଳିର ଉପରେ ॥
ବଳାହକଁୁ ଛୁଡ଼ିପଡ଼ି ବିଜୁଳି । ବଳାହକ ଉପରେ କିବା ଖେଳି ॥
ବିଲୋକନ କରଣ ରଘୁବୀର । ବିଚାରିଲେ ବାନରୀ ଅସୁନ୍ଦର ;
ବୋଲନ୍ତି ଯେ ଜନମାନେ ସଂସାରେ । ବିଲକ୍ଷିତ କେଉଁ ରମ୍ଭା ଏହାରେ ॥
ବୋଲାଇଲା ଏଥିକି ନାମ ତାରା । ବିହି ବହୁଁ ହୋଇଲା ନେତ୍ରତାରା ॥
ବାଳିବାଳି ଶ୍ରୀରାମେ ଅନାଇଲା । ବାଣୀ-ବାଣ ବ୍ୟାକୁଳେ ଯୋଗ କଲା ॥
ବିଚ୍ଛେଦ ଯେ କଲ ମୋ ବଲ୍ଲଭର । ବାଳାଭୋଗ ସଂପୂର୍ଣ୍ଣ ନୋହୁ ତାର ॥
ବ୍ୟଥା ଉପୁଜାଇ ରଘୁନାଥଙ୍କେ । ବାଳି-ବାନ୍ଧବା କାନ୍ଦିରୁ ଅଧିକେ ॥
ବିଧବା ଭୁ କପିଁାଇ ହେବୁ ଲୋକେ । ବସ ସୁଗ୍ରୀବ କୋଳେ ଅଭିଷେକେ ॥
ଜିସୁଁ ପ୍ରହ୍ଲାଦ ଇନ୍ଦ୍ରପଦ ଲଭି । ବୃଷା ଥାଉଁ ଶଚୀ ତାର ବଲ୍ଲଭି ॥
ବଧୂ ଅଧିକ କ ଶାଶୂଠାବରୁ । ବୋଧି ତାକୁ ବାଣୀ ଏହି ନ୍ୟାସରୁ ॥
ବାନରେନ୍ଦ୍ର ମିତ୍ରକୁ କର ମୋଦେ । ବିହି ଯୁବରାଜ ପଦ ଅଙ୍ଗଦେ ॥
ବିଦ୍ୟ ପଟ୍ଟମହିଷୀ ତାରା ହୋଇ । ବନ୍ଧ୍ୟା ସାଧ୍ୱୀପଦରେ ବର ପାଇ ॥
ବିଦନକୁ ମିତ୍ରର ଗୃହଁ ଭାଷେ । ବଡ଼ ଦୁଃଖୀ ହୋଇଛନ୍ତି ବନବାସେ ॥
ବିଚ୍ଛେଦିତ ହୋଇ ପ୍ରିୟବତୀରେ । ବିଚ୍ଛେଦିତ କିତରେ ସ୍ମର-ଧୀରେ ॥
ବର୍ଷଁ ବରଷାଯାକ ରହି ପୁରେ । ବାଧୀ ହେବା ଲଙ୍କେଶେ ତଦୁତ୍ତରେ ॥
ବର୍ଷା ବଞ୍ଚୁ ଆମ୍ଭେ ବାଲ୍ୟବନ୍ତରେ । ବୋଲି ବଜେ ଲକ୍ଷ୍ମଣ ସଙ୍ଗତରେ ॥
ବୃତ ସେନାମାରେ ହୋଇ ସୁଗ୍ରୀବ । ବାହୁଡ଼ାଇଁ ଦେଲେ ପଥୁଁ ରାଘବ ॥
ବଳ ସାଜି ଆସ ନ ବଳୁଁ କଣ୍ଠା । ବୋଲି ସୌମିତ୍ରେୟ ବାଣୀ ପ୍ରକଟ ॥
ବିଭାବସୁବଂଶିକ ହୂରୀ ହୋଇ । ବସା ମାଲ୍ୟବନ୍ତରେ କଲେ ଯାଇଁ ॥
ବିଧ୍ୱଯାତ୍ରୀରୁ ହତ ହେଲେ କୀର୍ତ୍ତି । ବିଖ୍ୟାତବେ ଅସୁରନାଶ କୀର୍ତ୍ତି ॥
ବସୁମତୀଧରରେ ଶ୍ରେଷ୍ଠ ସାର । ବୋଲାଇଲା ରଚୁଁ ରାମ ବିହାର ॥
ବିଗତଦୁଃଖ ସୁଗ୍ରୀବ ସୁରଙ୍ଗେ । ବିଳସିତ ଯେ ତାରା-ରୁମା-ସଙ୍ଗେ ॥
ବିମଳିନ ଛିଏ-ଭ୍ରମରପୁଞ୍ଜ । ବିରାଜିତ ଭ୍ରମଣରେ ସହଜ ॥

ତ୍ରୟସ୍ତ୍ରିଂଶ ଛାନ୍ଦ

ରାଗ—ଘଣ୍ଟାରବ

ସୀତା-ଅନ୍ୱେଷଣ

ବିଭୂଷା ଜଟାମୁକୁଟ । ବଜେ ମାଲ୍ୟବନ୍ତକୂଟ ।
ବେଢ଼ିଛନ୍ତି ଚଉକତ ଯୂଥପତ କ ଆଜ୍ଞା ଦେବେ ସମ୍ରାଟ ॥
ବାରବେନଲୋକେ ସାର । ବୀରଧୁ ଖ୍ୟାତ ଯାହାର ।
ବୋଲନ୍ତି ସୁଗ୍ରୀବେ ପ୍ରିୟା ଖୋଜ ଏବେ ଦଶେ ଦଶେ ଯାନ୍ତୁ ଚର ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବଳ-ବନ-ଗିର-ପୁରେ । ବଳସନ୍ତୁ ଲୋଡ଼ିବାରେ ।
ବିଳମ୍ବ ନ କର ସନ୍ଦେଶ ସମସ୍ତଦେଶରୁ ଆଣନ୍ତୁ ଖରେ ॥
ବଡ଼େ ଯେ ରାବଙ୍କୁ ବହି । ବୋଲାଇ ରାବଣ ସେହି ।
ବନ୍ଦୀ କରଛୁ କେ ରମଣୀମଣିଙ୍କ ସମୂଳ କରିବା ତାହି ॥
ବସିବା ସ୍ଥାନ ଅହୁର । ବଣା ହେବ ସେହିପର ।
ବାସ କୁଳଠାର ସ୍ଥିତ ଡାକିନୀର ରକ୍ଷଗ୍ରାମ ଲଙ୍କାପୁରୀ ॥
ବାଦ କନକନଗରେ । ବହନ୍ତାଇବା ବେଗରେ ।
ବାରୁଧାଚଳେ କି ସମୁଦ୍ର ସେକୂଳେ ଯିବାକୁ ସଂଶୟ କରେ ॥
ବୈଦେହୀ ସୀତା ମୋ ରାମା । ବୈଦେହୀ ବଣିକବାମା ।
ବସ୍ତୁପଦୀ ସୀତା ଗୁଡ଼କାରଗୃହସୀତାରେ ନୋହି ବିଭ୍ରମା ॥
ବୁଝିବ ପୁଣି ସହଜେ । ବହେ ଷଡ଼ନାମ ସେ ଯେ ।
ବୈଦେହୀ ଜାନକୀ ମୈଥିଳୀ ପାର୍ଥିବୀ ଯୋଜନଗନ୍ଧା ସୀତା ଯେ ॥
ବ୍ରହ୍ମାଣ୍ଡେ ନ ଥିଲା ସରି । ବିପାକକର୍ମୁ ମୋ ହୋରି ।
ବିନନ୍ଦ୍ୟରେ ନିନ୍ଦ୍ୟ ଉପମା ଦେବାକୁ ହୋଇଲା ସମାନ କରି ॥
ବିଧାତାବିଧାନୀ ନୋହି । ବୁଧ କବି ଥିଲେ କହି ।
ବହି ଈରଷା ତା ସର୍ଜନା ଉପମା ଦିଆଇ ବିଚ୍ଛେଦ ବହି ॥
ବଡ଼ିଣ ଚୂର୍ଣ୍ଣକୁନ୍ତଳ । ବଳଥିବ ଅର୍ଦ୍ଧଭାଲ ।
ବକ୍ଷୋରୁହେ ମୁଖ ମେଳ କରିଥିବ ଏ ଦୃଷ୍ଟିକୁଟେ ସଫଳ ॥
ବିଭାବରୀ ଅବଶେଷେ । ବିଧୁନ୍ତୁଦ ଅଳ୍ପଗ୍ରାସେ ।
ବାରୁଣୀ-ଅଚଳଚୂଳେ ପୂର୍ଣ୍ଣଶଶୀ ପ୍ରଭାହୀନ ଯଥା ଦିଶେ ॥
ବଳ ଶୋଭା ରୋମାବଳୀ । ବର୍ଣ୍ଣି କୁଚ ପାଣ୍ଡୁ ଝଳ
ବଲ୍ଲକୀ ଉରେ ଆଉଜାଇ ଶାରଦା ଚନ୍ଦ୍ରା ରାଗ ଗୁଣା ଭାଳ ॥
ବିମଳନୟନୁ ଜଳ । ବହି ପଡ଼ୁଥିବ ତଳ ।
ବଜ୍ରଳତ ଶଙ୍ଖ ନୀଳ ହିଙ୍ଗୁଳରେ ଶାୟୁକୁଁ ସଖେ କି ଫଳ ॥
ବନ୍ଧୁଗୃହାଣି ସନ୍ଧାନ । ବିଫଳୁ ନ ଥିବ ଧେନ ।
ବାଣାସନ ଭ୍ରୂରୁ ଭିରୁର ଅଞ୍ଜନ ସିଞ୍ଜିନୀ ହେବାରୁ ଶୀର୍ଣ୍ଣ ॥
ବାଜ ଖରଶ୍ୱାସ ତାର । ବିରଙ୍ଗ ଭଜ ଅଧର ।
ବିମ୍ବଫଳ ପାତ ଶୁଖିଗଲା ରୁଚ କରିଥିବ ଅଙ୍ଗୀକାର ॥
ବଶୀର୍ଣ୍ଣରେ ସୁକୁମାରୀ । ବହିଥିବ ମଧ୍ୟ-ଶିରୀ ।
ବିଗ୍ରହିଛି ଗୃରୁ ମଧ୍ୟ ଅଛି ସରୁ ହୋଇଥିବ କାହାପରି ॥
ବୋଲିବ ଯେତେ ଯୁବତୀ । ବିରହିଣୀ ଏହି ମତି ।
ବିଗତ ଚନ୍ଦନେ ପଲ୍ଲବଶୟନେ ନ ଥିବ ଯେ ଧେନ ମତି ॥
ବାମଦେବବାମା କେତେ । ବିଭାତ ସମା ଜଗତେ ।
ବନ୍ଧୁ ସଙ୍ଗତେ ମୋ, ସେତ ଅର୍ଦ୍ଧଅଙ୍ଗୀ ବିରହୀ ହେବେ କେମନ୍ତେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବାକ୍ୟ ବନ୍ଦ ହୋଇଥିବ । ବରଷାପିକ ସ୍ୱଭାବ ।
ବୃକ୍ଷ ହେବ ତୁମ୍ଭେ ମୋ କଥା ଶ୍ରବଣ ଜମ୍ବୁ ପାନ କରାଇବ ॥
ବାରତା ଶୁଣିଲେ ମୋର । ବଦନେ ପ୍ରସନ୍ନ ତାର ।
ବହ୍ନି ଆଣ୍ଠୁ ମଧ୍ୟେ ଦୃଢ଼ କରି ଶିଳେ କଷ୍ଟିଡ଼ି ଦେବ ମୁକୁର ॥
ବହିବାକୁ ଶାନ୍ତ ରଙ୍ଗେ । ବୀର ସାତ ସାତ ସଙ୍ଗେ ।
ବସନ୍ତ ପୂର୍ବରେ ପଦ୍ମାକ୍ଷୀଣଙ୍କୁ ନାଶ ଅର୍ଥେ ପେଷି ବେଗେ ॥
ବିଭେଦନେ ଦୁଃଖରାଶି । ବାରୁଣୀଙ୍କ ଶୌର ପେଷି ।
ବର୍ଗେ ଉତ୍ତରେ ଶତବଳୀ ଅବଳା-ବଳଦ ହେବା ମନାସି ॥
ବାଳୀ ଆନନ୍ଦକରଣେ । ବାଳିନନ୍ଦନ ଦକ୍ଷିଣେ ।
ବିଘ୍ନ ନାହିଁ ଅନୁମାନ ହନୁମାନ ମାନଘ୍ନ ହେବ ବୀକ୍ଷଣେ ॥
ବାର୍ତ୍ତା କହେ ରାମ ନେଇ । ବନ୍ଧୁ ଦେଖ ସିନ୍ଧୁ ତେଇଁ ।
ବିଶ୍ୱାସ ନ କଲେ ଆଶ୍ୱାସ କରି ତୁ ଏହି ମୁଦ୍ରିକାକୁ ଦେଇ ॥
ବିଶ୍ୱାସ ଏଣେ ନ କଲେ । ବୋଲ ଚିତ୍ରକୂଟ ଶୈଳେ ।
ବିଚିତ୍ର ଚିତ୍ରକ ଗୈରିକେ ପରା ଲେଖିଥିଲେ ତବ ଭାଲେ ॥
ବଳସୁଁ ଯେ କାକଶିଶୁ । ବଡ଼ଭୟେ କୋଳେ ପଶୁଁ ।
ବିରାଜ ତୋ ତତା କାନ୍ତହୃଦେ କାନ୍ତ ତୋ ଭାଲେ ସେ ହୃଦପାଁଶୁ ॥
ବାରୁଣୀ ପ୍ରାଚୀ ମାଧୁରୀ । ବେନ ସ୍ଥାନ ସନ୍ଧ୍ୟା ପରି ।
ବିମ୍ବ ସବିତାର ଚନ୍ଦ୍ରକର ତାର କଥା ହେଲ ସ୍ନେହ ଭରି ॥
ବଦାଇଁ ଦେବୁ ପାବନ । ବହୁଁ ମଧୁଶଯ୍ୟା ବେନ ।
ବହ୍ନି ସାକ୍ଷୀ କରି କଲ ନୃପମଙ୍କୁ ଚିତ୍ତେ ଥିବ ଏକା ଧେନ ॥
ବଡ଼ ଚତୁରୀ ସେ ସତ । ବୋଲନ୍ତେ କିସ କହତ ।
ବୋଲିବ ବୋଲିଛି ଆନ-ଆନନଙ୍କୁ ନ ଚାହିଁବ ଶ୍ରଦ୍ଧାଯୁକ୍ତ ॥
ବହି ସ୍ୱରୂପ କନ୍ଦର୍ପ । ବଶୀକରଣଙ୍କୁ ଆପ ।
ବସାଇ ଚାପରେ ଉନ୍ମାଦ ମୋହନ ରୋପ ମିଳିଲେ ସମୀପ ॥
ବୋଲିବ ଏଥିକୁ ଯାହା । ବାନ୍ଧ ଗଣ୍ଠି କରି ତାହା ।
ବାଣିଜ୍ୟ କରିବା ସେହି ସୁବର୍ଣ୍ଣରେ ନାଶ ହୋଇବ ଉତ୍ସାହା ॥
ବରଷାଯାଏ ନୋହିବ । ବିଯୋଗ ଭରସା ଦେବ ।
ବଲ୍ଲଭଜ୍ଞାନୁସିଂହାସନାଭିଷେକୀ ଏଥି ଭିତରେ ହୋଇବ ॥
ବୋଲିବ ନ କର ଚିନ୍ତା । ବଧେ ରାବଣର ସୀତା ।
ବିରାଧ-ବଧ ପରଶୁରାମ-ଗର୍ବ-ଖର୍ବ ତବ ବିଲୋକିତା ॥
ବେଳ ହେଉ ଶୁଭ ସର୍ବ । ବରଦ ଦୁର୍ଗା ମାଧବ ।
ବାରିଧିସୁତା ନରସିଂହ ହୁଅନ୍ତୁ ଠାବ କରି ବାହୁଡ଼ିବ ॥
ବାହାର ତାରାନନ୍ଦନ । ବାତଜ ଗନ୍ଧମାଦନ ।
ବୈଦ୍ୟ କପିଙ୍କ ତାରାକ୍ଷ ଜାମ୍ବବାନ ନଳ ନୀଳ ବଦ୍ୟମାନ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବିହରିଲେ ଦିଶେ ଦିଶେ । ବାନରଦୂତେ ରଭସେ ।
ବିଶେଷ କଣ୍ଟକ ଗ୍ରାମ ଘୋଷ ପକ୍ୱଣାଦି ତହିଁ ବାସେ ବାସେ ॥
ବସୁଧାଭିତରେ ନ ଛାଡ଼ି । ବଡ଼ ସାନ ଆଦି ଲୋଡ଼ି ।
ବିବରେ ବିବରେ ଶୃଙ୍ଗେ ଶୃଙ୍ଗେ ରଙ୍ଗେ ଖୋଜି ଗଲେ ଦୁଃଖ ପଡ଼ି ॥
ବନେ ବନେ ପୁଣି ଲୋଡ଼େ । ବୃକ୍ଷେ ବୃକ୍ଷେ କ୍ରୋଡ଼େ କ୍ରୋଡ଼େ
ବିଭାକର ଉଦେ ହୋଇବା ସ୍ଥାନକୁ ଯେଉଁ ସ୍ଥାନେ ଯାଇଁ ବୁଡ଼େ ॥
ବାରିଦ ଶୀତ ବସନ୍ତ । ବିରତିବା ଯାଏ ଗତ ।
ବାହୁଡ଼େ କି ଦିଗ ଦୂତ ମାସପୂର୍ତ୍ତି କାହିଁ ନ ଦେଖିଣ ସତୀ ॥
ବିଶ୍ୱପୂର୍ବ କରି ପୂର୍ବ । ବିରତା କଥିତ ସର୍ବ ।
ବିହିଲେ ଉତ୍ତର ଉତ୍ତର, କହିଲେ ପ୍ରତୀଚୀର ପ୍ରସ୍ତାବ ॥
ବୃକ୍ଷକ ନାମରେ ରମ୍ୟା । ବେନି ଫୁଲ ଜଳଧାମା ।
ବାମା-ନେତ୍ରସ୍ଥିତ, ଲତା-ମୁଖ-ଜାତ, ଠିକ ମହାପଦ୍ମ ନାମା ॥
ବପୁସାର ଆଦି କରି । ବିଲୋକି ବାର୍ତ୍ତା ପଚାରି ।
ବଳିଦାନଯୋନା ଏକା ଦେଖି ନାହୁଁ କାହିଁ ଅଛୁ କୁଙ୍କୁମାକ୍ଷୀ ॥
ବିସ୍ମୟେ ରାମ ନିର୍ବାକ । ବୋଲେ ପ୍ଳବଗନାୟକ ।
ବଳାହକ ହୋଇ ଦକ୍ଷିଣଦୂତେ ସେ ତୋଷିବେ ଚିତ୍ତଚାତକ ॥
ବଜ୍ର ଅଙ୍ଗଦ ସମ୍ଭବ । ବିଦ୍ୟ ଜରତ ଜାମ୍ବବ ।
ବର୍ଣ୍ଣି ନୀଳ ପବମାନ ଜାତ ମେଳ ଘନରସ ଉପୁଜିବ ॥
ବୋଧନ୍ତେ ଶ୍ରୀରାମ ହସି । ବିକାଶେ ଶିଶିର ଆସି ।
ବ୍ୟାଘ୍ର ପ୍ରାୟେ ଜାଡ଼ ମାଡ଼ିବସୁଁ ଲୋକେ ମୋଡ଼ି ହୋଇ ଲଷି ଭାଷି ॥
ବାସର ଶିଶୁ ସମରେ । ବଢ଼ି ଆସଇ କ୍ରମରେ ।
ବାଣୀ ଶୁକପୋତ ରୁତ ପ୍ରକାଶିତ କଉତୁକ ସୁରମ୍ୟରେ ॥
ବିଗତଶଯ୍ୟା ପ୍ରାତରେ । ବୁଡ଼ା କରେ ସାଧୁ ନୀରେ ।
ବୃଜିନ ଦୋଷ ନାହିଁ ବୋଲି ଆମ୍ଭର ମାଧବ ନାମ ଉଚ୍ଚାରେ ॥
ବର୍ତ୍ତୁଳ ଲାଙ୍ଗଲୀଫଳ । ବିଚନ୍ଦ୍ର ଚନ୍ଦ୍ରେ ଉଜ୍ଜ୍ୱଳ ।
ବକ୍ଷୋଜ ଏରୂପେ ଧରିବା ବିଚାରି ପୂଜିଲେ କିଶୋରକୁଳ ॥
ବାଲ୍ୟଅବସ୍ଥା ସେବନ୍ତୀ । ବିସର୍ଜି କି ପୁଷ୍ପବନ୍ତୀ ।
ବିହି ରାଗ ଅନ୍ତ ତରୁଣ ଧାତୁକୀ ଅନୁସରଣ ଝିଣ୍ଟିତ ॥
ବିରହୀ ସୁମନା ହତେ । ବିଷ ମଧୁଲିଟବ୍ରାତେ ।
ବ୍ୟଥିତ ତେଜି ସମସ୍ତେ ରସେ ମଜ୍ଜି ଅନବରତରେ ମାତେ ॥
ବିହରୁ ଦକ୍ଷିଣଗିରେ । ନାଟେ ଏକ ମହାସୁରେ ।
ବିରୋଧୀ କେଶ ଭୁଜ ପାଦ ଧରିଣ ମାରେ କଫୋଣିପ୍ରହାରେ ॥
ବୁଲି ବୁଲି ଶ୍ରମ ପାଇ । ବିଲେକ ଭେଟିଲେ ଯାଇ ।
ବ୍ୟାଳ ସାହସ ଗୁହାମାଳା ସଦୃଶ ପ୍ରବେଶ ତହିଁ ଝସାଇଁ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବୈକୁଣ୍ଠ ଖଣ୍ଟ ପର । ବଲୋକତ ଏକ ପୁରୀ ।
ବସିଛି ରାମାଏ ଲାବଣ୍ୟଧାମାଏ ନାନାରତ୍ନକଣ୍ଠ ସର ॥
ବାଳ ଅଳକ ଶ୍ରେମାଳୀ । ବକ୍ରଡୋଳା ଭ୍ରୂବଲ୍ଲୀ ।
ବାରବାର ନୀଳମଣି ମରକତଶ୍ରେଣୀରୁ ଦଶଇ ଝଳ ॥
ବଡ଼ିମ୍ବ ଓଷ୍ଠ ନେତ୍ରାନ୍ତ । ବନଜ ଚରଣ ହସ୍ତ ।
ବଦ୍ରୁମ ମାଣିକ୍ୟ ଅମୂଲ୍ୟ ଛବିରେ ଚିତ୍ତ ହୁଏ ଅନୁରକ୍ତ ॥
ବକାଶ ହାସ ଦଶନେ । ବଘଟେ ନଖ ପ୍ରସନ୍ନେ ।
ବଜ୍ରମଣି ମୋତିପନ୍ତ୍ର ଅପଘନ-କାଞ୍ଚନେ ଜଡ଼ି ଯତନେ ॥
ବୋଲେ କେ ନୋହେ ଏ ରାମା । ବଧାତା ପୂଜାପ୍ରତିମା ।
ବାଞ୍ଛିତ ତ୍ରିପୁରମୋହେ ତନପୁଷ୍ପ ଦେଇ କରୁଛି ସୁଷମା ॥
ବାଂ ଅଛି ମହମହ । ବଦନ ସରସୀରୁହ ।
ବରଳ ଅଙ୍ଗୁଳି ନଶ୍ଚେ ଚମ୍ପାକଳୀ ଶିରୀଷ କୋମଳଦେହ ।
ବୋଲେ କେ ମନ୍ତ୍ରେ ସଜୀବ । ବ୍ୟର୍ଥ କୁହଇ ଏ ଧ୍ରୁବ ।
ବସେ ସ୍ଥାନେ ସ୍ଥାନେ ଖଞ୍ଜନ ମକ୍ଷିକା ଚକ୍ରବାକ ଅସମ୍ଭବ ॥
ବଗ୍ଧ୍ରଁ ବୋଇଲେ ବାଳୀ । ବାନରେ କାହିଁର ମିଳି ।
ବୋଇଲେ ଶ୍ରୀରାମଦୂତ ଆମ୍ଭେ ଖୋଜୁଅଛୁଁ ବନେ ମଇଥିଳୀ ॥
ବଡ଼ ତୃଷାର୍ତ୍ତୀ ହୋଇଲୁଁ । ବବରକୁ ଚାହିଁ ଦେଲୁଁ ।
ବଷ୍ଟିରେ ନୀରେ ଜରଜର ତହିଁରୁ ବାହାରେ ଆମ୍ଭେ ପଶିଲୁଁ ॥
ବନାଶ ହେ ତୃଷା କ୍ଷୁଧା । ବାନରେ ବୋଇଲା ମୁଗ୍ଧା ।
ବୁଜ ନେଇ ଯାଅ ବଦୃଶ୍ୟପୁରରୁ ସ୍ୱୟଂପ୍ରଭା ମୁହିଁ ସିଦ୍ଧା ॥
ବଂଶଭୁଜପୁରେ ନେଇ । ବନ୍ଦୀ କରୁଛି ବୈଦେହୀ ।
ବୋଲକୁ ତାହାର ଆଚରଣ କର, ବନ୍ଧ୍ୟଗିରିପରେ ଶୋହି ॥
ବଦୃଶ୍ୟନ୍ତେ ତହିଁ ଦଶ । ବହିଲେ ଖରନିଃଶ୍ୱାସ ।
ବହୁଁ କୁଶଶଯ୍ୟା ଅଙ୍ଗଦ ସମ୍ପାତି ପାଶ୍ୱଲା କରିବ ଗ୍ରାସ ॥
ବଦୁଁ ସେ ଆତ୍ତମାନଙ୍କୁ । ବାର୍ତ୍ତା କହ ଶ୍ରୀରାମଙ୍କୁ ।
ବନାଶ ତାହାଙ୍କ କାର୍ଯ୍ୟରେ ଜଟାୟୁ ଲଭେ ପରମଧାମକୁ ॥
ବହଗ ପକ୍ଷରେ ତାଙ୍କୁ । ବଧିଲା କେ ଜଟାୟୁକୁ ।
ବ୍ୟବସ୍ଥିତେ ସର୍ବ କହୁଁ ବୋଲେ ଟେକନଅ ହେ ମୋତେ ସ୍ନାନକୁ ।
ବାଜ ପଲ୍ଲବଲା ତାର । ବକ୍ଳେଶେ ଛୁଉଁ ସେ ବୀର ।
ବସାଇ ପୃଷ୍ଠରେ ଲଙ୍କା ଦେଖାଇଲା ସୁମେରୁ ଆସି କୁମର ॥
ବେନ ଗଲେ ହିମାଳୟେ । ବଶ୍ଚେ ଅଷ୍ଟ କଷ୍ଟମୟେ ।
ବନଦ୍ରେ ରଜନୀ ନଏ ରଘୁପତି ଶୀତାର୍ତ୍ତେ ସୀତାର୍ଥେ ଲୟେ ।
ବପୁ ଏକେ ଥରଥର । ବାଜେ ପଞ୍ଚଶର ଶର ।
ବଳବନ୍ତକୁ ଏତେଦୂର କରଇ କି ନୋହିବ ଅବଳାର ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବେନି ବେନି ମେଳ ହୋଇ । ବାନ୍ଧେ କେ ପାଶ ନ ଥାଇଁ ।
ବିନ୍ଧେ କେ ଦେହ ବହ୍ନିନେ କ୍ଷତ ବିନା ହୃଦୟମଧ୍ୟେ ଭେଦଇ ॥
ବିଚାରିଲେ ରାମଚନ୍ଦ୍ର । ବାସ୍ତବପଦେ ଏ ଛାନ୍ଦ ।
ବୋଲେ ଉପେନ୍ଦ୍ର ମାସ ଲେଖି କୃଶ ବୈଦେହୀଶୋକରେ ସାନ୍ଦ୍ର ॥

ପଞ୍ଚତ୍ରିଂଶ ଛାନ୍ଦ

ରାଗ—ଚିନ୍ତାଭୈରବ

ଅଶୋକବନରେ ରାବଣ ଓ ସୀତା

ବୁଧେ ଶୁଣିମା ହେଉ ସୁମତି । ବଇଶ୍ରବଣେ ଲଙ୍କଦେବତୀ ।
ବହିଲା ସମ୍ବେଶ ହେଲାଟି ଜୀବେଶ ବାର୍ତ୍ତା ପ୍ରବେଶ ଜାନକୀକଟରେ ॥
ବିଂଶାକ୍ଷ ।

ବସି ସ୍ୱପନ ଚେତ କମ୍ପନ । ବାହାରିଲା ସେ ଅଶୋକବନ ।
ବହୁତ ଦହୁଡ଼ୀ ଅନ୍ଧାର ଘଉଡ଼ି ଶୁଭେ ମଣିମା ମଣିମା ସ୍ୱନ ସେ ॥
ବଥୀରେ ।

ବୁଲାଉଛି ଚକ୍ର ପ୍ରାୟେ ନେତ୍ର । ବହି ଶୂଳ ଗଦା ଅସିପତ୍ର ।
ବିଂଶାର୍ଦ୍ଧ ଆନନ ଶୋଭା ଆନ ଆନ ଆନ ନ ଲଙ୍ଘେ ଯା ଦେବଗୋତ୍ର ସେ ॥
ବିଂଶାକ୍ଷ ।

ବଡ଼ଭାକ ଉଠି ଯାଉଁ ଦୁଷ୍ଟ । ବଡ଼ଭାରେ ସୀତା କଲେ ପୃଷ୍ଠ ।
ବିଷୟମାନ ଅତିଶୟ ସଂଶୟ ନଷ୍ଟ ହେବ ଭାବ ହେଲା ହୃଷ୍ଟ ସେ ।
ବାତଜ ।

ବସେ ପାଶେ ହୋଇ ମଧୁବ୍ରତେ । ବାଣୀ ସରସ ଶର କି ଶ୍ରୁତେ ।
ବସଇ ଭାଷଇ ଦୈତ୍ୟ, ନ ବସଇ କିପାଁ କୃପା ମୋହଠାରେ ଚିତ୍ତେ ରେ ॥
ବରାଙ୍ଗି ।

ବଦାନ୍ୟ ଯେ ଲୋକେ ହୋଇଥାଇ । ବୁଝି ତାକୁ ଦାନ କି ନ ଦେଇ ।
ବିଧିରେ ତୁ ନିଧିରୂପା ରସନିଧି ମୁଁ ଯେ ତୋହର ସନ୍ନିଧିସ୍ଥାୟୀ ରେ ॥
ବରାଙ୍ଗି ।

ବିଭାକର ବଲ୍ଲଭା ପଦ୍ମିନୀ । ବିଳସଇ ସେ ମଧୁପ ଘେନି ।
ବିଭାକରବଂଶି ପ୍ରିୟା ତୁ ପଦ୍ମିନୀ ମୁଁ ମଧୁପ ହୁଅ ରସଦାନୀ ରେ ।
ବରାଙ୍ଗି ।

ବାରି ପାଶକୁ ତୃଷାର୍ତ୍ତୀ ଯାଇ । ବିଚାରିତ କରେ ସେ କି ନାହିଁ ।
ବାରିଦବାରିରେ ଆଶାୟୀ ଚାତକ ତୃଷା ନିବାରେ ତୁଷାର ପିଇ ରେ ॥
ବରାଙ୍ଗି ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବହ୍ନି-ନାୟିକା-ବଲ୍ଲଭ ଶଙ୍କା । ବହ୍ନି ବିମୁଖ ପାର୍ଶ୍ୱ ରସିକା ।
ବିପ୍ରଲବ୍ଧା ସମ ସୁସମ ସମସ୍ତେ ହେବେ ହେଲୁ ସ୍ୱାଧୀନଭର୍ତ୍ତୃକା ରେ ॥

ବରାଙ୍ଗି ।

ବିଂଶୁଁ ସପ୍ତାଧିକ ତାରାପତି । ବିଧୁ ରୋହିଣୀ ତା ପ୍ରିୟବତୀ ।
ବିକୃତ ନୁହ ମୁଁ ସୁକୃତ କରୁଛୁ ତୋହୋ କୃତ ରସେ ମୋର ପ୍ରୀତ ରେ ॥

ବରାଙ୍ଗି ।

ବାଣୀ ବାଣ ମୋହୋର ହୋଇଲା । ବ୍ୟଥା ସୀତାଙ୍କୁ ଦେଲା ଜାଣିଲା ।
ବେଦମତି-ମତ ନ ପୁଣ ଯୁବତୀ ଶାପ ଦେବ ଏ ଭୟେ ଉଠିଲା ସେ ॥

ବିଂଶାକ୍ଷ ।

ବୋଇଲା ସେ ଏମାସେ ରମଣି । ବଲ୍ଲଭଙ୍କୁ ନ ପାଇଲେ ଆଣି ।
ବିଧିବ ଅବଧି ଚନ୍ଦ୍ରହାସ ଘେନ ଚନ୍ଦ୍ରହାସଶୋଭି ଥା'ଅ ଜାଣି ରେ

ବରାଙ୍ଗି ।

ବହୁମୂଲ୍ୟ ରତ୍ନ ଯୋଗୀଠାବେ । ବନ୍ଧା ହୋଇଥାଇ କରେ ଢେବେ ।
ବଳ କରିବା କରଣି ତାର କାହିଁ ପଡ଼େ ତସ୍କର କରରେ ଯେବେ ରେ ॥

ବରାଙ୍ଗି ।

ବାହୁଡ଼ିଲା ସେ ସକ୍ରୋଧ ହୋଇ । ବାଟେ ରାକ୍ଷସୀମାନଙ୍କୁ କହି ।
ବଶତ ନୋହିଲା ସ୍ନେହରେ କହନ୍ତେ ଏବେ ରହରେ ଭୟ ଦେଖାଇ ସେ ॥

ବାମାଙ୍କୁ ।

ବୋଲନ୍ତି ବାହୁଡ଼ିଣ ନିଶାଚରୀ ବେଢ଼ି ଭୟଙ୍କରରୂପ ଧରି ।
ବାଣ୍ଟ ପଳ ପଳ କରି ଏହା ପଳ ଗିରେ ଉପଳ ତାଡ଼ ଉଛାଡ଼ ସେ ॥

ବାମାଏ ।

ବଶ ନୋହେ ଏ ରାଜାଧିରାଜେ । ବଡ଼ପଣ ଦେଖାଇଛୁ ଧୈର୍ଯ୍ୟେ ।
ବାୟସୀ ହଂସ-ପ୍ରେୟସୀ ଯୋଗ କାହିଁ ବର୍ଣ୍ଣି ଅଶିତ ଶିତ କି ଭଜେ ଗୋ ॥

ବାମାଏ ।

ବ୍ୟବହାର ଏହା ଶୁକ ପରି । ବଳସନ୍ତା ସୁବର୍ଣ୍ଣପଞ୍ଜରୀ ।
ବନଭବନ ଭୁବନ ଏକା କରେ ଭଲା ପଢ଼ାଇଛୁ ଜଟାଧାରୀ ଗୋ ॥

ବାମାଏ ।

ବୋଲୁ ଅଛୁ ଏକା ରାମରାମ । ବନ୍ଦୀମୋକ୍ଷଣେ ହେବ କି କ୍ଷମ ।
ବିବେକ ପ୍ରତର ପକ୍ଷୀ ବନଗୃହୀ ବାଇ ପଶୁ ଗୃହ ଏ ସୁସମ ଗୋ ॥

ବାନ୍ଧବ ।

ବୋଧି ବିଜଟା ତାହାଙ୍କୁ ରଖି । ବୋଲେ ସୀତା ଶିତାଂଶୁସୁମୁଖୀ ।
ବରୁଣଦିଗେ କି ତରୁଣଅରୁଣ ଉଦେ ହୋଇଛୁ କେ ଅଛ ଦେଖି ଗୋ ॥

ବାମାଏ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବିକଶିତ୍ତ କି ଶିଖରିଶିଖେ ବିନା ଜଳରେ ପଦ୍ମ ତା ସୁଖେ ।
ବିନ୍ଧନ ଆଶାବନ୍ଧରେ କି କୁଞ୍ଜର ଶୁଣା ପ୍ରବନ୍ଧ କି ମୂର୍ଖମୁଖେ ଗୋ ॥
ବାମାଏ ।

ବିଲ୍ଲ ପଢ଼ି ବା ଏମାନ ହେବ । ବଇଦେହୀ ଚିତ୍ତ ନ ଠେଲିବ ।
ବିନା ଶ୍ରୀରାମରେ କୋଟିଏ କାମରେ ଏତ ପାମରେ କି ସମ୍ଭବିବ ଗୋ ॥
ବାମାଏ ।

ବୋଲି ମଉନ ଜାନକୀ ହେଲେ । ବିଭାବରୀ ଶେଷ ଏହି କାଳେ ।
ବିରଞ୍ଚି ନାରଦ ତୁମ୍ବୁରୁ ଲଙ୍କାରେ ସେବା ବିରଚିବାକୁ ଆସିଲେ ସେ ॥
ବେଗରେ ।

ବେଦ ବୀଣା ସ୍ତୁତି ଆରମ୍ଭଣେ । ବୋଲେ ଦ୍ୱାସ୍ଥ କେଉଁ ବଡ଼ପଣେ ।
ବିଷୟ ନ ଜାଣିହୁଅ କଳକଳ ରହି ସକଳେ ମଉନେ କ୍ଷଣେ ହେ ॥
ବିବୁଧେ ।

ବିଶେଷ କି ବୋଲୁଁ ବୋଲେ ତ୍ୱରିତ । ବ୍ୟାଘ୍ର ରାଜା ଅନ୍ତର୍ଗତେ ଜାତ ।
ବୈଦେହୀ ପାଚନ ରସ ରତ୍ନାକର ବିରଚନକୁ ଅର୍ଚ୍ଚନ ଚିତ୍ତ ହେ ॥
ବିବୁଧେ ।

ବ୍ରହ୍ମା ବୋଲେ ତେବେ ସନ୍ନିପାତ । ବିନାଶନେ ତେଜ ହୁଏ ସତ ।
ବିହିଲ ଭଙ୍ଗୀ ତ ନ ବୁଝି ଇଙ୍ଗିତ ଜାଣ ପରା ସଙ୍ଗୀତ ସାହିତ୍ୟ ହେ ।
ବିଧାତଃ ।

ବିଧ୍ୱଂସନ ତମସ କ୍ରମଶେ । ବିକର୍ତ୍ତନ ଉଦେ ହୋଇ ଆସେ ।
ବିଶ୍ୱଚରିତ୍ରୀ ଉଲୁଠାଇ କସ୍ତୁରୀ ଘେନେ କୁଙ୍କୁମ ବିତୁରୀବଶେ ସେ ॥
ବିଗହେ ।

ବୃଷା ବାହାର ଚଢ଼ି କୁଞ୍ଜର । ବ୍ୟକତ କି ତା ଶିର-ସିନ୍ଦୂର ।
ବିହି ରଙ୍ଗାମ୍ବରେ ଛତ୍ର ଆଡ଼ମ୍ବରେ ଅମ୍ବରେ କି ଦିଗପରିବାର ସେ ॥
ବିରାଜେ ।

ବାହାରିଲେ ଐନ୍ଦ୍ରୀ ଏ ଆନନ୍ଦ । ବାଜେ ଦେବାଳୟେ ଶଙ୍ଖବୃନ୍ଦ ।
ବିହ୍ୱଲେ କ୍ରୋଡ଼େ ଲୁଚିଲେ ରବିଚରେ ନ ମୁହ୍ୟିଲେ କଦା ଭୟ ହୃଦ ସେ ॥
ବାସରେ ।

ବୀକ୍ଷଣ ଏ ସମୟକୁ କଲେ । ବିଭୀଷଣେ ମନ ବଳାଇଲେ ।
ବିଗତ କର୍ବୁରୀ ଗୁପତ ଜଗତରଞ୍ଜନୀର ପାର୍ଶ୍ୱରୁ ହେଲେ ସେ ।
ବେଗରେ ।

ବୃଦ୍ଧଗଣ୍ଡକୀ ନଦୀ ସ୍ନାନରେ । ବଳାଇଲେ ଚିତ୍ତ ତତପରେ ।
ବିଳମ୍ବ ଗମନ ପ୍ରଲମ୍ବକୁନ୍ତଳା ଅବଲମ୍ବ ଏହି ମନୋହରେ ସେ ॥
ବୈଦେହୀ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବିଶେଷିତ ଗର୍ଭାଳସୀ ହଂସୀ । ବିନଜମୀଦଳେ କି ବିଳସି ।
ବାହୁ ଲମ୍ବିତ କୁଚ ଚକ୍ର ଚୁମ୍ବିତ ମୃଣାଳକୁ ଏହି ଲକ୍ଷ ଆସି ସେ ।

ବୈଦେହୀ ।

ବେଣୀ ଅଳପ ତରମେ ତଳେ । ବସି ମୟୂର ପୁଚ୍ଛ କି ଚାଳେ ।
ବେନି ତୋଳାହିଁ ନ ଚାହିଁଲି କି ଶୋଇଲି ହୋଇ ଭୃଙ୍ଗ ଖେଳେ ସେ ।

ବାରକେ ।

ବାନ୍ଧି ଜାତେ ଇନ୍ଦୁ ନିଷ୍କଳଙ୍କା । ବଦନରେ ଛାଡ଼ି କି ସେ ଶଙ୍କା ।
ବଢ଼ିଲେ ଜଡ଼ିଲେ ଘୋଡ଼ିଲେ ଭାଲାର୍ଦ୍ଧ ବେଢ଼ି ଚକୋରପନ୍ତି ଅଳକା ସେ ।

ବୈଦେହୀ ।

ବିଚଳିତ ନାସା ଶ୍ୱାସବଳେ । ବସି ଊର୍ଦ୍ଧ୍ୱେ କି ଶୁକ ଚଞ୍ଚଳେ ।
ବିମ୍ବାଧର ଶୁଷ୍କ ଧରଣୁ ଧରଷେ ନାହିଁ ଏହି ଉପଲକ୍ଷ ମିଳେ ସେ ।

ବୈଦେହୀ ।

ବକ୍ଷୋଜ ତଳେ ରୋମାଳୀ ସାଧୁ । ବିଜନସ୍ଥାନ ହୃଦ ବିଶୁଦ୍ଧୁଁ ।
ବାହୁଡ଼େ ସରଧା ଶରଧାରେ ଉଠରେ ସଜି ଅବା ରାମ-ପ୍ରେମ-ମଧୁ ସେ ।

ବୈଦେହୀ ।

ବିଲକ୍ଷି ଏମାନ ହନୁମାନ । ବିଚାରି ଏ ଅନୁମାନମାନ ।
ବିଶ୍ରାମି ଏକ ତରୁତଳେ ତରୁଣୀ ଏଥି ଉତ୍ତରୁ ଅମୃତପାନ ସେ ।

ବହୁଳେ ।

ବୋଲେ ଦାଶରଥି ଚାପଧାରୀ । ବନ ଦଣ୍ଡକେ ପୁଣି ବିହରି ।
ବହେ ନାମ ରାମ ଶ୍ରୀରାମ ରାଘବ ରାମଚନ୍ଦ୍ର ରାମଭଦ୍ର କହି ସେ ।

ବଧାତଃ ।

ବନ୍ଧୁ ପ୍ରାଣର ପୃଥ୍ୱୀକୁମାରୀ । ବିସର୍ଜନ୍ତି କି ଦବା ଶବରୀ ।
ବିଚକ୍ଷଣ ସେ ଲକ୍ଷଣରେ ରକ୍ଷଣ ଭ୍ରାତ ଲକ୍ଷ୍ମଣହିଁ ଅନୁସରି ହେ ।

ବଧାତଃ ।

ବାଳା ଗଳାମାଳା ହୋଇଥିଲି । ବିଚ୍ଛେଦଣ କେ ତା ଚୋରି କଲି ।
ବାରତା ଶ୍ରବଣ ରାବଣ ଦ୍ରବଣ କ୍ରମେ ସୁଗ୍ରୀବ ସଂଯୋଗ ହେଲି ହେ ।

ବଧାତଃ ।

ବେନି ଚେତନକୁ ପ୍ରାଣ ଜାତ । ବିମଳନେ ହୋଇଛୁ ମିଳିତ ।
ବୋଲନ୍ତି ଜାଣୁ ରମଣୀମଣିକି ହୃଦେ ମଣି ଆଣିଲେ ଏ ସତ ହେ ।

ବଧାତଃ ।

ବାଳୀ ମୃତ୍ୟୁପିଣ୍ଡ ହୋଇଥିଲି । ବଚ ସଂଜୀବନୀମନ୍ତ୍ର ହେଲି ।
ବାହିଲି ଜାଡ଼ୀ ଶୁକ୍ରକଣ୍ଠେ ରହିଲି ନାହିଁ କହିବାର ଆରମ୍ଭିଲି ସେ ।

ବୈଦେହୀ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବାବୁ କେ ତୁମ୍ଭେ ପାଶକୁ ଆସ । ବେଗେ ପୂର୍ଣ୍ଣ କର ମୋର ଆଶ ।
ବଚନ ସଲିଲ ସେଚନ ରଚନ ତାପମୋଚନକୁ ହେଲା ଲେଶ ସେ ॥

ବିଶେଷ ।

ବିପୁବନ୍ତ ଦୁର୍ଲ୍ଲଭ ମର୍କଟ । ବିଲୋକଣ ହୁଅନ୍ତେ ପ୍ରକଟ ।
ବିଗ୍ରହରେ ଲମ୍ପଟ ଏ ନିଷ୍ଟେ କପଟ ବହେ ଅମୂଲ୍ୟ ପଟମୁକୁଟ ଏ ॥

ବାନର ।

ବିହୁଁ ସ୍ଖଳିତ ନ କହୁଁ ଗିର । ବିଗ୍ରହିଲା ସେ ପାବନ ଧୀର ।
ବୋଲେ ସ୍ମରରାମାଧିକସ୍ତୁକୁମାରଅଙ୍ଗେ ବାତକୁମାର ମୁଁ ସ୍ମର ଗୋ ॥

ବୈଦେହୀ ।

ବସନରେ ରଖିଥିଲା ମୁଦ୍ରା । ବିଶ ପାଖୁ ଫେଡ଼ି ଦେଲା ମୁଦ୍ରା ।
ବେଗରେ ଆଦରେ ଶିରେ ଥୋଇ ଦରେ ଗ୍ରେହି କଲା ହୃଦରେ ସମ୍ବାଦ ସେ ॥

ବୈଦେହୀ ।

ବୋଲି ଦେଲା ତହୁଁ ହନୁମନ୍ତ । ବିଖ୍ୟାତିବା କହିବା ଗୁପତ ।
ବିରସ ହରଷ ବିବାଦ ସାରସ-ଆନନରେ କରାଇଲା ଜାତ ସେ ॥

ବାତଜ ।

ବଦେ କ୍ରୀଡ଼ୁଁ ଚନ୍ଦ୍ରକୂଟାଚଳେ । ବହୁଁ ଗଇରିକେ ତିଲା ଭାଲେ ।
ବିଜନ୍ୟ ଭୟରେ କାଶନଚୟରେ ଲଗାଇଛ ପ୍ରିୟବକ୍ଷସ୍ଥଳେ ଗୋ ॥

ବୈଦେହୀ ।

ବାସରକରେ ଅବନୀଶୋଭି । ବିଣ୍ଡି ଜଗେଥିଲ ମୃଗନାଭି ।
ବଲରେ ମିଥ୍ୟା କି କବଲ ଅର୍ଥରେ ବିମ୍ବାଧରେ କ୍ଷତ କଲା ଲୋଭୀ ସେ ॥

ବାୟସ ।

ବଲ୍ଲଭ ହିଁ କହିଛନ୍ତି ତାହି । ବିଘାତକ ପଦ ହେଲା ଯହିଁ ।
ବୋଲି ମିଥ୍ୟା ଏ ସେ ଶବଦ ବଦନେ କହିବାକୁ ମୁଁ ସ୍ତବଦ ହୋଇ ଗୋ ॥

ବୈଦେହୀ ।

ବିଭା ଦିନାନ୍ତେ ମଧୁଶୟନେ । ବିଧୁନନ ନ ରଚୁଁ ସୁମନେ ।
ବିଧି କରିଛି ନବୀନା ରାମ ବିନା ବିନ୍ୟାଶିବ ନାହିଁ ଚିତ୍ତ ଆନେ ଗୋ ॥

ବୈଦେହୀ ।

ବୋଲେ ନିଃସଂଶୟ ସୀତା ଗିର । ବିଶ୍ୱାସୀ ତୁ ବଡ଼ ପ୍ରଭୁଙ୍କର ।
ବୋଇଲୁ ନାହିଁତ ସେ କଥା ବିହିତ ସାକ୍ଷୀ ରହି ତ କେ ସେ ସ୍ଥାନର ହେ ॥

ବାତଜ ।

ବହେ ଉତ୍ତର ସେ ସତ୍ୟସନ୍ଧ । ବୋଇଲେ ସେ ନ ବୋଇଲେ ସିଦ୍ଧ ।
ବିଭ୍ରମ ଏଥିତ ଦେଉଛି ବ୍ୟଥିତ ଦୀପ ସିନା ସ୍ଥିତ ପୁରମଧ୍ୟ ଗୋ ॥

ବୈଦେହୀ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବିଚ୍ଛେଦକୁ ଭୁଲିପାରି କହି । ବେନି ଦ୍ରବ୍ୟକୁ ଭୁଲିଲେ ସହି ।
ବିସ୍ମୃର ପ୍ରସ୍ମୃରେ ପସ୍ମୃରେ ଯାହାକୁ ଯେହୁ ଛାଡ଼ିଲା ସେ ଊଣା ପର ଗୋ ॥
ବୈଦେହି ।

ବିନଶ୍ୟତି ହେବ ଏତେ କହି । ବିବେକୀରେ କି କହିବ ମୁହିଁ ।
ବିଜେ କର ମୋର ସ୍କନ୍ଧରେ ହରିବ ତାପ ବିହରିବ ଭେଟି ହୋଇ ଗୋ ॥
ବଲ୍ଲଭେ ।

ବୋଲେ ଜାନକୀ ତୁମ୍ଭେ କି କହ । ବୃକ୍ଷେ ଡେଇଁଲା କପିତ ନୁହ ।
ବଳାତ୍କାରେ ବଳପ୍ରବଳ ଅବଳା ଆଣିଲାକୁ ଊଣା ସତ୍ୟ ସ୍ନେହ ହେ ॥
ବାତଜ ।

ବାଧ ପ୍ରଭୁବୀରଧୀକୁ ହେବ । ବେନି ବିଷୟ ତଉର୍ଦ୍ଧେ ଯିବ ।
ବହି ରାମଚନ୍ଦ୍ର ଦୁର୍ବହସାଗର ତର ବିହନ କୀରତି ଥିବ ହେ ॥
ବାତଜ ।

ବିକାଶିଲ ନାହିଁ ପ୍ରତିଆଶା । ବେଢ଼ି ଦୁର୍ଦ୍ଦଶା ଅନ୍ଧାରନିଶା ।
ବିଳସାଇଲ ପ୍ରତିପଦ ଆସ୍ପଦ ହେବ ଦ୍ୱିତୀୟଭାବ ସଦୃଶା ହେ ॥
ବାତଜ ।

ବିଶ ମଧୁପ କାହୁଁ ଲଭିବ । ବୁଝି ଶିବରାଏ ସମ୍ଭବିବ ।
ବିଭୀତକୀ ହୋଇ ପାତକୀ କେତକୀ ସୁକାନ୍ତିରେ ଛିଣ ଭୋଗ ହେବ ହେ ।
ବାତଜ ।

ବିଦୁଁ ଦୁରତେ ପାବନ କହି । ବେଦ ଶଙ୍ଖାସୁର ଯେ ଗ୍ରହିଲ ।
ବିଶ୍ୱାଇ ପାରିଲା ଲୁଗ୍ରିଲ ସିନ୍ଧୁରେ ସୁଖ ରଗ୍ରିଲ ଧିଡାରେ ସେହିଗୋ ॥
ବୈଦେହି ।

ବିଧୁରତା ଯେତେ ଦିନ ଥିଲା । ବିସ୍ପଠାରେ ପୁଣ ସମ୍ଭବିଲା ।
ବେନି ବେନି ଭାବ ପ୍ରଭାବ ସ୍ୱଭାବ ମୋକ୍ଷ କେଉଆଶେ ନ ପାଇଲା ଗୋ ॥
ବୈଦେହି ।

ବେନି ଜନଙ୍କ ଚେଷ୍ଟା ତୁମ୍ଭର । ବୁଝି କରିଛି ଏହିବିସ୍ତର ।
ବିଧାତା ସଂସାରସାର ପ୍ରଶଂସାର ବହି ବସିଲା ଏକଶରିର ଗୋ ॥
ବୈଦେହି ।

ବିସ୍ମୃଇଲା ପୁରୁଷେ କରିବ । ବାମା ଏପରି କାହୁଁ ଆଣିବ ।
ବିଭବରେ ଶୋଭରେ ପ୍ରଭରେ ସ୍ନେହରେ ଗୁଣେ ଦ୍ୱିମୂର୍ତ୍ତି କଲା କି ଭବ ଗୋ ॥
ବୈଦେହି ।

ବପୁ ଗ୍ରହିଁ ବିସ୍ମୃରେଁ ତୁମ୍ଭର । ବିରହି ଯେ ଠକ ବଣିଜାର ।
ବେଗେ ରୂପ୍ୟ ଦେଇ ଜାତରୂପ ନେଇଯୋଁ ସ୍ୱରୂପ କାମଅନ୍ଧାର ଗୋ ॥
ବୈଦେହି ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବିକରିତୁଁ ତିବ ଧିବ ଚିତ୍ତ । ବର୍ଣ୍ଣି ପାଲଟି ଅଛି ଦୁଃଖିତ ।
ବ୍ୟକତ କରି ସ୍ଫଟିକ ମରକତ ନେଲ ଅଶକତ ଅଛିଅନ୍ତ ଗୋ ॥
ବୈଦେହୀ ।

ବେଳବର୍ଣ୍ଣି ଅମୂଲ୍ୟ ପଦାର୍ଥ । ବ୍ୟାପି ପରସ୍ପରେ ହୃଦପଥ ।
ବହିଁ ରଚନ ସ୍ୱର୍ଣ୍ଣମାଳା ଯତନ ତନମନ ଯେଣେ ମନୋରଥ ଗୋ ॥
ବୈଦେହୀ ।

ବୋଲେ ଜାନକୀ ତା ବାଣୀ ଶୁଣି । ବଖ୍ୟାତ ହୋ ଆଣି ରାମ ଆଣି ।
ବଳଲେ କଣ୍ଠ ବଳଷ୍ଠ ରକ୍ଷନାଥ ବଳବତ କରବଟି ପୁଣି ହେ ॥
ବାତଜ ।

ବେଦନାକୁ କି କହିବ ଦେଖ । ବନ୍ଧୁ ଦୀନବନ୍ଧୁ ମୁଁନାରକ୍ଷ ।
ବୋଲି ରମଣୀଶିରୋମଣି ତା ଶିରୋମଣି ଦେଇ ଭିକ୍ଷେ ରଖ ରଖ ହେ ॥
ବାତଜ ।

ବନ୍ଦାଇଲେ ଏ ରତ୍ନ ଶ୍ୱଶୁରେ । ବଦ୍ୟମାନ ପଦାର୍ଥ ଏ ପୁରେ ।
ବସନସ୍ଥିତ ସ୍ୱସନସୁତ କଲ ସୁପ୍ରସନ୍ନବଦନୀ ଦେବାରେ ସେ ॥
ବହ୍ନେ ।

ବୋଲେ ମେଲାଣି ହୋଇଲି ମୁହିଁ । ବ୍ୟଥା ତେଜ ସୁଧାକରମୁହିଁ ।
ବଦତ କଥା କାଲକାଲ ହୋଇବ କାଲକାଲ ଏକା ଥାଅ ଧାଇଁ ଗୋ ॥
ବୈଦେହୀ ।

ବୋଇଲେ ଯେ ଜନକକୁମାରୀ । ବୃଷାଞ୍ଜନ ଯାରେ ଅନୁସରି ।
ବନ୍ଦୀ ମୁଁ ତାହାରେ ବନ୍ଦୀ ପରକାରେ ବନ୍ଦଲେ ସେ ପାରବେ ନିସ୍ତାର ହେ ॥
ବାତଜ ।

ବଧାତାରହିଁ ନାହିଁ ଆୟୁତ୍ତ । ବେଦ ପଢ଼େ ଅନୁସରି ନିତ୍ୟ ।
ବସ୍ତୁ ମାତର କାତର ନୋହିଛନ୍ତି କଷ୍ଟ ଅନ୍ତରକୁ ଧାଇଁ ଚିତ୍ତ ହେ ॥
ବାତଜ ।

ବାତାତ୍ମଜ ସତ୍ୟ ବୋଲି ଯାଇ । ବୀରବର ଉପଇନ୍ଦ୍ର କହି ।
ବାସ୍ତରପଦ ଛନ୍ଦ ବୁଧସମ୍ପଦ ମୂର୍ଖବପଦକାରକ ଏହି ହେ ॥
ବସ୍ତୀର୍ଣ୍ଣେ ।

ଦ୍ୱିଚତ୍ୱାରିଂଶ ଛନ୍ଦ

ରାଗ—କୌଶିକ

ହନୁମାନର ବୌତ୍ୟ

ବୁଝ ବୁଧ ଯୁଦ୍ଧ ନ ପାଇଲ ଜନ ପଟିଙ୍କାରେ ଉଠେ ଜଳ ।
ବର୍ତ୍ତନ୍ତେ ଅଜଙ୍କ କପିଗଣ ରଣ ମଧ୍ୟେ ଆମ୍ଭେ ଥିଲେ ମିଳି ସେ । ବୋଲେ ।
ବୀରମାନେ ରାଜା ନାଶ କଲେ । ବେଢ଼ ଗଡ଼େ ଯାହାନ୍ତି ରଖିଲେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବାଜୀ ଝପଟକୁ ଗଜ ଚହଟକୁ ସ୍ଥାନ ନୋହି ଜନ୍ତା ଜନ୍ତ ।
ବୁଲଇ ନାହିଁତ ଅସ୍ତ୍ରଶସ୍ତ୍ରମାନ ଏଘେନ ଯେତେକ ହସ୍ତ ସେ । ବୋଲେ ।
ବଂଶଲୋଚନ ରାବ ପାହିଲେ । ବକ୍ରେ କରବ ବସ୍ତ୍ରାରସ୍ଥଳେ ॥
ବନଦ୍ରେ ମୋଦେ ବଷାଦେ ନଶୀ ନେଲେ ଉଷାରୁ ସମରେ ସାଜେ ।
ବଦନଚହଲେ ମଦନ-ସୁନ୍ଦର ପ୍ରସନ୍ନ ଶ୍ୱସନାତ୍ମଜେ ସେ । ବୋଲେ ।
ବକ୍ରମ ଭୁ ଲଙ୍କା ଆଉ ବେଳେ । ବ୍ରହ୍ମଶର ନାଅ କରତଳେ ॥
ବଧାନ କରଇ କରୁଣାନଧାନ ସୁଷେଣେ ଚଟାଉ ଦେବଲେ ।
ବସିଛୁ ଜଗତ ଉପରେ ରାବଣ ହନୁମାନ ଯାଇ ମିଳେ ସେ । ବୀର ।
ବୋଲେ ଉଠ ଉଠ ବଂଶକର । ପ୍ରଭୁ ଆଜ୍ଞା ଘେନ ଲଗା ଶିର ॥
ବୈଦେହୀ ନ ସମର୍ପିଲେ ମୃତ୍ୟୁ ଏଥି ଚହ୍ନିଥା ମାର୍ଗଣ ଏହି ।
ବୋଲେ ରାବଣ ମାର୍ଗଣ ବୋଲି ତାକୁ ଆଗୁଁ ଚହ୍ନେ ଚହ୍ନ ଦେଇରେ । ବାଇ
ବୋଲି ହେଜ ପାଉ ନାହିଁ ତୁହି । ବେଳେ ବେଳେ ମାଗି ପଠିଆଇ ॥
ବାର୍ତ୍ତା ଯା ଲେଖିଛୁ ଆଜ୍ଞାପତ୍ର ନୋହେ ଜଣାଣ ସେ ଦେଇଥିବ ।
ବ୍ରହ୍ମାନପ୍ତା ସୁତ କୁବେର ମୋ ଭ୍ରାତ ପୁତ୍ର ଜଣିଛୁ ବାସବ ରେ । ବାଇ ।
ବନବାସୀ ସେ ତା ଦୂତ ତୁହି ! ବାରେ ଶୁଣିମା ପଢ଼ ଶୁଭାଇ ॥
ବସେ ସମାନେ ଲାଙ୍ଗୁଳ ଚକ୍ରାକୃତେ ପଠନ ଶ୍ଳେଷ ବଚନ ।
ବପୁବନ୍ତନାମେ ରାମ ବୋଲାଇଙ୍କୁ ରାଜରାଜତ୍ୱ ଘେନ ସେ । ବଳ ।
ବମର୍ଦ୍ଦନେ ଆମ୍ଭେ ଗୁଣଶାଳୀ । ବଧିପୂର୍ବେ ଦରନାଶେ ଝଳ ॥
ବଦନ୍ତ କେୟୂରବଜୟୀ ଆମ୍ଭଙ୍କୁ ନରସିଂହ ତେବେ ଏବେ ।
ବସୁନ୍ଧରା-ଶିଖା ସୀତା-ରମ୍ୟପ୍ରେମରସରେ ବଶ ସ୍ୱଭାବେ ସେ । ବଦେ ।
ବଡ଼ ଲାଜ ରାବଣାରପଦେ । ବେନଅର୍ଥ ଯେଣୁ ନ ସମ୍ଭାଦେ ॥
ବୋଇଲା ରାବଣ ଜାଣିଲି ଜଟିଳ ହୋଇଛୁ ପ୍ରକାଶେ ତାହି ।
ବଜୟୀ ରଣେ ମୁଁ ବଜୟ କରୁଛୁ ଆଜ ଥାଉ ସଜ ହୋଇ ତା । ବୋଲେ ।
ବେଗେ ବକ୍ରମୀ ନଭେମଣ୍ଡଳେ । ବାୟୁପୁତ୍ର ରାମପାଶେ ମିଳେ ॥
ବଗ୍ରହ ବଚନମାନଙ୍କୁ କହନ୍ତେ ସୁଗ୍ରୀବ ସୈନ୍ୟ ସଜାଇ ।
ବାଜଣିଆ ବଳ ଲଙ୍କାରୁ ବାହାର ଏକାଳେ ବାଦ୍ୟ ବଜାଇ ସେ । ବ୍ୟାପେ ।
ବଳ ସାଜ କ ମେଘକଳାପେ । ବ୍ୟକ୍ତ ଥିଲେ ଦୁର୍ଗନଗାଧିପେ ॥
ବଇଜୟନ୍ତ ପୀତ ସ୍ୱତ ବଦ୍ୟୁତ ପନ୍ତ ପ୍ରକଟ ସେ ସଙ୍ଗେ ।
ବରହଣଗଣ ନୃତ୍ୟକଲା ପ୍ରାପ୍ୟେ ଆସନ୍ତ ପଦାନ୍ତ ରଙ୍ଗେ ସେ । ବାଜେ ।
ବଦ୍ୟ ଘଣ୍ଟି ଶାମୁକ ସମାଜେ ସେ । ବଦାଉ କ ପକ୍ଷକମ୍ପ ସାଜେ ॥
ବାର୍ଦ୍ଧିଏ ଏମନ୍ତ ବୁଦ୍ଧି ପ୍ରକଟିତ ଶ୍ୟନ୍ଦନ କୁମ୍ଭୀ ତୁରଙ୍ଗେ ।
ବହିତ୍ର କୁମ୍ଭୀର ମହାମୀନମାନ ଗଢ଼ କରନ୍ତ କ ରଙ୍ଗେ ସେ । ବାଜୀ ।
ବାରସାଧୀ ସଦୃଶ ବରାଜ ! ବାସ ଉଷ୍ଣୀଷ ହଶ୍ରୀର ସାଜ ॥
ବାରବ୍ୟାଳଜାଳ କଚ୍ଛପ ମଞ୍ଜୁଳ ସାବେଲୀ ଆଡ଼ଣି ବହି ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବ୍ୟୂହପତି ହୁଏ ଭ୍ରମେ ଚକ୍ରାକୃତି ପୁଚ୍ଛନ୍ତି ଶ୍ରୀରାମ ଚାହିଁ ଏ । ବ୍ୟୂହ ।
ବିଧାନରେ ଶ୍ରେଷ୍ଠ କେ କେ କହ । ବିରାଜନ୍ତି ଯଥା ମହାଗ୍ରହ ॥
ବିଭୀଷଣ ଭଣି ଶୁଣ ରଘୁମଣି କାହାକୁ କରିବ ପୃଚ୍ଛା ।
ବ୍ରହ୍ମାଣ୍ଡ ଏକେ ଏକେ ଜିଣିପାରନ୍ତି ଅଷ୍ଟଦଶଗଣ୍ଡା ବୀର ହେ । ବୀର ।
ବଜ୍ରଜିତ ପ୍ରଥମ କୁମର । ବାରିଦରୁ ଜନ୍ମ ରତି ଘୋର ॥
ବୋଲନ୍ତି ଯେହୁ ଅତିକାୟ ସେ ସୁରେ ସମରେ ନାଗରେ ନାହିଁ ।
ବିବୁଧେ ମହାପାର୍ଶ୍ୱ ପାର୍ଶ୍ୱରେ ନ ବସନ୍ତି ଭୟ ବହି ସେ । ବୀର ।
ବଡ଼ ଦରଦାତା ମହୋଦର । ବାମେ ଠେକି ପାରିବ ମନ୍ଦର ॥
ବିଷରୁ ବିଷମ ସ୍ଥୂଳଜଙ୍ଘ-ଶର ଘାତବେ ହର ହୋଇଲେ ।
ବଣ୍ଡ ଧୂମ୍ରାକ୍ଷ ଧୂମ୍ରମୟ କରିବ ସାୟକ ଏକ ବିନ୍ଧିଲେ ହେ । ବୀର ।
ବହେ ମିତ୍ରଘ୍ନନାମ ଯେ ସାର । ବିଘ୍ନକରେ ମିତ୍ର ତାରତର ॥
ବାଜନ୍ତି କାଳଘଣ୍ଟା ଯମଘଣ୍ଟା ଘଣ୍ଟୀ ଯମ ଉପଯମ ଭାବି ।
ବଜ୍ରଦଂଷ୍ଟ୍ର ଦନ୍ତୁରଗଡକୁ ଏକା ଲକ୍ଷ ହୋଇଅଛି ପବି ହେ । ବୀର ।
ବ୍ୟକ୍ତ ମହାରାବଣ ନାମର । ବାଞ୍ଛେ ମହିମ ବିଷ୍ଣୁ ଉପର ॥
ବୋଲନ୍ତି ଦୈତ୍ୟବଳ ଅନଳ ଗତିରେ ନୀଳଠଣା ବେଢ଼ ଦେଲେ ।
ବାଣାସନ ଗୁଣ ଧନ୍ୱ ତନଜଣ ଦେଇ ରଣକୁ ଧାଇଁଲେ ଯେ । ବୃକ୍ଷେ ।
ବସିଥିଲେ ତହିଁ କପିମୁଖ୍ୟ । ବେଗେ ଉପାଡ଼ି ଧାଇଁ ତା ଦକ୍ଷେ ॥
ବେନସୈନ୍ୟ ଭେଟି ଅଟବି ସାମାନ କଣ୍ଟକଭାବେ ଅଗମ୍ୟ ।
ବିହରେ କେଶରୀ ସିଂହ ବେନି ବନେ ବହନ୍ତି ଏତର୍କେ ସମ କେ ! ବନେ ।
ବିଭ୍ରାଜିତ ଗବୟ ଗମନେ । ବନେ ଶାର୍ଦ୍ଦୂଳ କ୍ରୀଡ଼ାକୁ ଘେନେ ।
ବନକେ ତାଳମ୍ବ ଜାମ୍ବୁବ ପନସ ଚନ୍ଦନହିଁ ମନୋରମ ।
ବନକରେ ମେଘନାଦ ଶୁକ କଙ୍କ ମଣ୍ଡଳୀ ଯେ ହୁଏ ରମ୍ୟ କେ ! ବନେ ।
ବିପତନ ଶାଖା ଅବଚ୍ଛନ୍ନେ । ବନେ ଖଡ୍ଗ ଆଡ ଯାତ ଘନେ ॥
ବାରିଦେ ବାରିଦ ମେଳ ହେଲା ପ୍ରାୟେ ଋକ୍ଷ ରାକ୍ଷସଙ୍କ ଦ୍ୱନ୍ଦ ।
ବିରଷେ କେ ତହିଁ ଉପଳ କେ କରେ ଆୟୁଧ କୁଳଶେ ଭେଦ ସେ । ବେନି ।
ବିକାଶନ୍ତି ତହିଁ ଘୋରଧ୍ୱନି । ବିଗ୍ରହରୁ ଜଳଧାରା ଦାମି ॥
ବିଶେଷ ଚଞ୍ଚଳା ଗତି କେ ଘେନନ୍ତି ଅଚଳାଲିଙ୍ଗନ କେତେ ।
ବହିବାରୁ ତହିଁ କଲ୍ଲୋଳ ସରିତ ପ୍ରକଟ କବନ୍ଧ ନୃତ୍ୟେ ସେ । ବାରେ ।
ବିଲୋକନକୁ ଆନ ନ କରେ । ବଦ୍ୟ ତରଣି ଯୁକ୍ତ ବାସରେ ॥
ବାଧୀ ଅଷ୍ଟସେନା ଯୂଥପତି ସଙ୍ଗେ ରାଜପୁତ୍ର ଏକ ଏକ ।
ବାହିନୀମାନେ ଜଗଜ୍ଜେଠିମାନଙ୍କେ ଏ ବିଧି ରଣରଚକ ସେ । ବଳୀ ।
ବ୍ୟାଘ୍ର ବ୍ୟାଘ୍ର କି କରନ୍ତି କଳି । ବୃଷ ବୃଷ କି ବିରୋଧୀ ମିଳି ॥
ବିଭୀଷଣ ମିତ୍ରଘ୍ନ ରବିସୁତ ମହୋଦର କଲେ ଦ୍ୱନ୍ଦ ।
ବାଳି-ତନୟ ଅତିକାୟ ମାରୁତି ମହାପାର୍ଶ୍ୱର ବାଦ ସେ । ବୁଝ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବହ୍ନିସୁତ ସ୍ଥୂଳଜଙ୍ଘ ଯୁଝି । ବଜ୍ରଦଂଷ୍ଟ୍ର ନଳ ରଣମାଝି ॥
ବେଢ଼ି ଶକ୍ରପରପନ୍ତି ଆଦ ଅଷ୍ଟରଥୀ ଦଗଦନ୍ତ ସମ ।
ବିରାଜେ ତଥିମଧ୍ୟରେ ଦାଶରଥି ଶୋଭା ରହୁଣାକୁ ରମ୍ୟ ସେ । ବେଳେ ।
ବିବସ୍ୱାନ ପ୍ରଭା ନ ଛାଡ଼ିଲେ । ବିବୁଧଙ୍କ ହୃତ ସବୁକାଳେ ॥
ବିପତ୍ତି ଲଞ୍ଛିତ ଲକ୍ଷ୍ମଣ ରାବଣେ ଝାମ୍ପି କାଳୀ-ପ୍ରଭା ଲଭି ।
ବସ୍ତ୍ରମାଳୀ ଭୋଗିବର-ଜ୍ୟେଷ୍ଠ ପୁଣ କଞ୍ଚୁକରେ ଯେଣ୍ଡୁ ଶୋଭି ସେ । ବନ୍ଧ ।
ବେଗେ ମନ୍ତ୍ରକଙ୍କପତ୍ର ସନ୍ଧ । ବିଷପ୍ରତିଜ୍ଞା ଝାଡ଼ିଲେ ଶୋଷି ॥
ବାରେ ବାରେ କଲା ଯେତେକ ପ୍ରୟୋଗ ନ ବାଜିଁ ଛେଦିଲେ ଗାତ୍ରେ ।
ବାରଣୀ ଜାଣଇ ଯତ୍ନ ବୋଲ ଗୁଣି ହୋଇଲା ତାହାର ତତ୍ତ୍ୱେ ସେ । ବୀର ।
ବ୍ୟାକୁଳରେ ଛାଡ଼ି ରଡ଼ି ଘୋର । ବ୍ରଣ ପୂରିଲା ଯହିଁ ଶରୀର ॥
ବିସ୍ତାର ପଞ୍ଚତ୍ୱ ଏହିକ୍ଷଣି ହେବ ପଞ୍ଚମନେ ଏହା ଚିନ୍ତ ।
ବାମେ ଥାଇ ବାମ ହୋଇ ଇନ୍ଦ୍ରଜିତ ପ୍ରହାରେ ଅମୋଘଶକ୍ତି ସେ । ବେଗେ ।
ବସୋଇଲା ଯେ ଲକ୍ଷ୍ମଣ ଅଙ୍ଗେ । ବିଜ୍ଞାନ ସେ ଯଥା ଛୁଇଁ ନାଗେ ॥
ବଂଶାକ୍ଷ ଦେଖି ସୁଖୀ ରଥୁଁ ଓହ୍ଲାଇ ତୋଳୁ ନ ଟଳ ଲିତାଏ ।
ବାସୁକୀ ବନା ଧରଣୀଧରଣଙ୍କୁ କ୍ଷମ କ ମହୀଲତାଏ ସେ । ବିଧା ।
ବହିଁ ମାରୁତ ହୋଇ ସକ୍ରୋଧା । ବାହୁଡ଼ିଲା ଛାଡ଼ି ଦଶମୂର୍ଦ୍ଧା ॥
ବିନୟରେ ଲୟ ପବନତନୟ ଟେକି ଘେନଗଲା ବହି ।
ବାତ ଉଡ଼ାଇ କି ବିକୁଣ୍ଠର ଏକ କୁଣ୍ଠକୁ ଏ ଲକ୍ଷ୍ୟ ବହି ସେ । ବାଞ୍ଛି ।
ବାମଦେବାଦ୍ରିରୁ ଗରୁ ଅଛୁ ସେ । ବଳ ଏତେ ତା କପି ନେଉଁଛୁ ସେ ॥
ବାଲିଅନୁଜ ବିଭୀଷଣ ସୁଷେଣ ଜାମ୍ବବ ଲକ୍ଷ୍ମଣ ତୁଲେ ।
ବାଟେ ଯାଉଁ ସେ ସୁବଳଙ୍କୁ ଚେତନା ପାଇଁ ଯୁଦ୍ଧକାମ କଲେ ସେ । ବୀର ।
ବୋଧି କପିରାଜ କଲେ ଧୀର ସେ । ବ୍ୟାପେ କୋପ ରଘୁନାୟକର ସେ ॥
ବରଷିବ ନାହିଁ ତେତେ ନୀର ଘନ ଶର ପ୍ରହାରଲେ ଯେତେ ।
ବଦଶଦଶଙ୍କୁ କୁଝିଟି ଝଟିତ ଘୋଡ଼ାଙ୍କ ନାହିଁ ତେମନ୍ତେ ସେ । ବୈର ।
ବଳଯାକ କାଣ୍ଡପୂର୍ତ୍ତି କରି ସେ । ବିରାଜିଲେ ସେ ସ୍ୱର୍ବିଭୂପର ସେ ॥
ବିରକ୍ତେ ରକ୍ତେ ଜରଜର କବଚ ଭିନ୍ନବଚନ ସ୍ଫୁରିତ ।
ବିଦ୍ରାବଣ କଉଣପଗଣ ହେଲେ ଚରମେ ଜନିତ ଘାତ ସେ । ବାମ ।
ବିଚ୍ଛେଦନ କଲେ ଧ୍ୱଜସ୍ତୋମ ସେ । ବେପଥୁ ତ ଗାତ୍ରରେ ଜନମ ସେ ॥
ବଡ଼ିଲାନଦୀ ଭେଳକରେ ମେଳକ ହୋଇଣ ନମ୍ରେଜ ଯଥା ।
ବୃଶ୍ଚିକ କର୍କଟ ଭାସି ଯାଉଁଥାନ୍ତି ରଥେ ଲଙ୍କପତି ତଥା ସେ । ବକ ।
ବ୍ୟୂହ ବସିଥିଲା ଲକ୍ଷ ତର୍କ ସେ । ବାସବାରିଆଦ ରଥୀଯାକ ସେ ॥
ବାନରେ ଭୟଦ ଭୂତପ୍ରାୟ ହୋଇ ଶାଖାପ୍ରସ୍ତର ପତନେ ।
ବଳାଇ ଦ୍ୱାର ବାହୁଡ଼େ ରାମଚନ୍ଦ୍ର ବଜେ ସୁବେଳରେ ଘନେ ସେ । ବୀର ।
ବର ଲକ୍ଷ୍ମଣ ନମେ ପୟର ସେ । ବଡ଼ ଅଂଶଙ୍କା ମାନସୁଁ ଦୂର ସେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବୋଲନ୍ତି ଶ୍ରୀରାମ ଅଟନ୍ତି ଉତ୍ତମ ଭୁଜଙ୍ଗ ଭୁମ୍ଭୁଲେ ସେ ହୁନ୍ ।
ବିଭୀଷଣ ତୋତେ ଯେ ଶକ୍ତି ମାଇଲା ଲକ୍ଷ୍ମଣେ ଯେ ଶକ୍ତି ବହି ହେ । ବୀର ।
ବଞ୍ଚାଇଲୁ ତୁ ଖଗଦ୍ରକାର ହେ । ବାଜି ଅନୁଜ ମୋହ ମୋହର ହେ ॥
ବୋଇଲେ ଲକ୍ଷ୍ମଣ ଶୁଣି ତା ତତ୍କ୍ଷଣ ପାର୍ଶୁଂ ପ୍ରହାର ଅଜାଗେ ।
ବାଣାସନ ଛୁଇଁ ନୟମ କରୁଛି ତାହା-ସମର ମୋ ଭାଗେ ସେ । ବୀର ।
ବୋଲୁ କୋପେ କମ୍ପେ କଳେବର ସେ । ବଜେ ଯାଇଁ ଶିଖରଶିଖର ସେ ।
ବରସେ ରଥୁଁ ଓହ୍ଲାଇ ସଭା କରି ବସି ରାବଣ ଭାଷିଲା ।
ବହୁତକାଳବୃନ୍ଦେ ଅଛି ଅଛୁକ ଏ ଗୋଲଯୁଦ୍ଧ ଦେଖିଲା ଏ । ବୀର ।
ବେନଭ୍ରାତ ସମ୍ପଧନ୍ୱୀ ଯୋଧୀ ଏ । ବଳବନ୍ତେ ଏକେ ଏକେ ସିଦ୍ଧି ଏ ॥
ବୋଲେ କେ ଥିଲ ତ୍ରିପୁର-ହରରଣେ ବୋଲେ କେ ତାରକାହବେ ।
ବୋଲେ କେ ଥିଲ ଚଣ୍ଡୀଯୁଦ୍ଧେ ନୋହୁଛି ଏ ଦ୍ୱନ୍ଦ୍ୱନୋହିବ କେବେ ହେ । ବୀର
ବୃଷଧ୍ୱଜ-ବଷ୍ଟୁ-ଦୁର୍ଗାଙ୍କର ହେ । ଶାନ୍ଧବାକୁ କାହିଁଛି ସହିର ହେ ॥
ବୃଷଭ ଖଗେନ୍ଦ୍ର ସିଂହ ଐରାବତେ କପିଙ୍କ ପ୍ରାକର୍ମ ନାହିଁ ।
ବୋଲୁଁ ଇନ୍ଦ୍ରଜିତ ବୋଇଲା ଦଣ୍ଡେକ ନ ସହିଲ କାହିଁପାଇଁ ମୁଁ । ବୀର ।
ବୀର ସାନୁଜକୁ ଶକ୍ତି ସନ୍ଧି ମୁଁ । ବଡ଼ ଯତକ ଆଣନ୍ତି ବାନ୍ଧି ମୁଁ ॥
ବାର୍ତ୍ତାବହେ ଆସି ଏ ସମୟେ ଭାଷେ ଶକ୍ତି ଚର୍ମେ ନ ଫୁଟିଲା ।
ବାଜିବାତବେଗରେ ତେଜରେ ମାତ୍ରକ କ୍ଷଣେ ମୋହ ହୋଇଥିଲା ସେ । ବୀର ।
ବାଟେ ଚେତନା ହୋଇଲା ତାର ସେ । ବଦ ପ୍ରତିଜ୍ଞା କଲା ଅପାର ସେ ।
ବଇଶ୍ରବଣ ପୁତ୍ରମୁଖ ଶୁହାନ୍ତେ ବୋଇଲା କୃପାଣ କଷି ।
ବର୍ତ୍ତିବେ ନାହିଁ ଏଥର ରଣେଏକ ସହ ଶେଷହେଉ ନଶୀ ହେ । ବହେ ।
ବୀରବର ଏ ରସସମୂହେ ହେ । ବସୃାଳଶପଦ ଚଉ ମୋହେ ହେ ॥

୪୮ଶ ଛାନ୍ଦ

ରାଗ—ପଞ୍ଚମବରାଡ଼ୀ

ଗୋପଜୀବନଚଉଷଶାବାଣୀରେ—ରାମରାବଣ ଯୁଦ୍ଧ

(The fight has been compared with game of dice; hence double meaning of many words will be met with. For ଦତ୍ତାକ୍ଷର and ଚ୍ୟୁତାକ୍ଷର trick, see introduction.)

ବିଳାସ ଅଛରେ ସେହି ଚଉରପାଳରେ ଶୋହି କଟସାର ସାରରେ ମାରଣ ।
ବିଛପାତ ଯୋଗ ପୁନ ଦଶପ୍ରମୁଖରେ ଦାନ କାଠପଡନହିଁ ଅନୁକ୍ଷଣ ଯେ ।
ବଶାରଦ । ବେଢ଼ି ଲୋକେ ମାର ମାର ସ୍ୱନେ ।
ବଳ ନାହିଁ ବଡ଼ ରଙ୍ଗେ ଖେଳ ସଭଙ୍ଗ ଅଭଙ୍ଗେ ଦତ୍ତ ଚ୍ୟୁତାକ୍ଷରେ ଅତ ଘନେ ସେ ।
ବଦ୍ୟ ସିନ୍ଧୁ ପରଂପରା ଲବଣ ଯେ ଇକ୍ଷୁ ସୁରା ଘୃତ ଦଧି ଦୁଗ୍ଧ ପୟ ସାତ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବିଳମ୍ବ ବିଷ୍ଟରେ ଉଦେ ଅଧିକ ରକ୍ତସମୁଦ୍ରେ ତହିଁ ଏଥିମଧ୍ୟେ ଦ୍ୱୀପ ସ୍ଥିତ ଯେ ।
ବିଶାରଦ । ବଦତି ରାମ ଲକ୍ଷ୍ମଣ ତଥା ।
ବିଲକ୍ଷିତ ମାର୍ଗ ତିରେ ନିବିଡ଼ ହୋଇଁ ତମିରେ ତରଣି ବୁଡିବା ନୋହେ ବୃଥା ସେ ॥
ବେଷ୍ଟନେ ଯୋଟିଲେ ଯୂଥପତି ସେନା ଦଶରଥସୁତ ଘନାଘନଶୋଭି ଘରେ ।
ବରଷି ଘନ ପ୍ରସ୍ତର ଧରଣୀ କଲେ ପ୍ରସ୍ତାର ବଜ୍ର ଶରପାତ ନିରନ୍ତରେ ଯେ ।
ବଂଶବାହା । ବହି ସ୍ତମ୍ଭୀଭୂତଙ୍କୁ ଶରୀରେ ।
ବିହୀନପକ୍ଷ ହୋଇଲା ଅଚଳପଦବୀ ନେଲା ଶଙ୍କା ଜାତ ସତ୍ୱର ଚୂର୍ଣ୍ଣିରେ ସେ ॥
ବିଭୀଷଣ ଯେ ପ୍ରବେଶ କର୍ମ କରିବାରେ ଶେଷ ଲକ୍ଷ୍ମିକାମେ ସେ ମାନ୍ତ୍ରିକ ଦ୍ୱିଜ ।
ବିନୌକାବର ଲକ୍ଷ୍ମଣ ଶାଖାକୃତ ଘୋଷେ ଗୁଣଶୁଦ୍ଧିରସେ ଦୀପ୍ତଅଗ୍ନି ତେଜ ଯେ ।
ବିରାଜିତ । ବାଣଶରାସନ ଶ୍ରୁବ ଶୃତ ।
ବିଗ୍ରହମଣ୍ଡଳ କୁଣ୍ଡ ସ୍ୟନ୍ଦନ ସମିଧରୁଣ୍ଡ ଦଶାନନ ପଶୁଦଶା ପାଞ୍ଚ ଯେ ॥
ବିଭୀଷଣ ଦୂରଦର୍ଶୀ ଅଭିତ ଖଗ ଗରସି ସଜୀବେ ଫଳ ଖଣ୍ଡନ ଯହିଁ ।
ବିଭେଦିତ କଉଶିକ ମନ୍ତ୍ରିତ ପତ୍ରୀ ଅନେକ ମହା ଆକୁଳିତ ବିଂଶବାହୁ ସେ ।
ବିସ୍ତରିଲା । ବିଶିଖନିଦ ଘନ ସମୂଳେ ।
ବିଲ୍ଲୀବେନ ପୁଣ ଛାଡ଼ି ଏବେ ମହାତରୁ ଲୋଡ ଦାଢ଼ ଭଙ୍ଗିବି ମୁଁ ଶକ୍ତିଶିଳେ ଯେ ॥
ବିକ୍ରଦଶ କଥା କିସ ଦିଗପାଳେ କି ପ୍ରକାଶ ଏକଦେ ଆଶ୍ରିତ ସୁନାଶିର ।
ବ୍ରହ୍ମାସ୍ତ୍ର କୃଶାନୁଭବ କାଳବିଭୂତି ପ୍ରଭବ ଶବଦେ ଶର ଅତ୍ୟନ୍ତ ଘୋର ଯେ ।
ବାରୁଣୀରେ । ବିଶ ସ୍ୱର୍ଣ୍ଣନତ ପୁଣ୍ୟଜନ ।
ବରିଇଶ ପିତାମହ ପୁରୁଷତ ନାଗବ୍ୟୂହମଧ୍ୟରେ ପ୍ରଧାନ ହୋଇଁ ଧନ୍ୟ ସେ ॥
ବୁଲାଇଁ ଏହି ସମସ୍ତ ଏକଘନୀ ଯେନ କାଯ୍ୟ ବିଡ଼ାଇଁ ବନ୍ଧ୍ୟଶଖରିଶିଖେ ।
ବିଧି ଜଳଲ୍ପଉରେ ବୋଲେ ବିଭୀଷଣେ ମାରେଁ ଶିଶୁ ଲକ୍ଷ୍ମଣ ନ ରହି ମୁଖେରେ ।
ବସ୍ତ୍ରଳ ସେ । ବେଭିରେ ଦାସର ହେଲେ ଆଗ ।
ବିଳେ କର୍ଣ୍ଣ ନାସିକାର କାକୋଦର ପରକାର ଶରପୂର୍ଣ୍ଣ କଲେ ବେଗ ବେଗ ଯେ ॥
ବୈରାଗ୍ୟେ ହୋଇଲା ଧାଡି ଆଗପଛେ ଗତାଗତ ଶକ୍ତି ଜ୍ୟୋତିସ୍ଫୁଲ୍ଲେ ଆସେ ଘୋଟି ।
ବନପୋଡ଼ି ହୁତାଶନେ ବିନାଶନେ ଯଥା ଜନେ ବୃକ୍ଷ ତଥା ସୁଗ୍ରୀବାଦି ପିଣ୍ଡି ଯେ ।
ବାରିବାହ । ଶରେ ରାମ ଜଳ ବରଷନ୍ତି ।
ବିନ୍ଧିଲେ ଲକ୍ଷ୍ମଣ ଯେତେ ଭିନୁଉଦିତେ ଖଦ୍ୟୋତେ ଝିଲ୍ଲିକହୀନ ସେ ସେହିମତ ଯେ ।
ବେଳୁଁ ବେଳୁଁ ପ୍ରଭାକର ଶକ୍ତିକ ପକ୍ଷେନକର ନିଦ୍ରିତପ୍ରାୟେ ମୁଦ୍ରିତ ଆକ୍ଷି ।
ବିଳମୁଖସାରେ ତହିଁ ଚରମେ ବଦନ ଥୋଇଁ ନିବାଜ୍ଞ-ଖଗରେ ହେଲେ ଲକ୍ଷି ସେ ।
ବିଚେତନ । ବଳୀ ଲକ୍ଷ୍ମଣ ହେଲେ ପତନ ।
ବିକ୍ରେ ଗିରି ଭେଦମତେ ବାସବ ପୃଥ୍ୱୀସହିତେ ଫୁଟି ପାତାଳକୁ ଦେଲା ମୁନ ସେ ॥
ବେନିବଳ ଲୋକାଲୋକ ଭୁଲ ପାଶେ ନିର୍ମଳକ ପାଶେ ହୋଇଁ ଅନ୍ଧକାର ଯୁକ୍ତ ।
ବିବେକ ଦଶକନ୍ଧର ଅନନ୍ତକୁ ଅନ୍ତକର କାଳ ଅଚ୍ୟୁତ କରିବ ଚ୍ୟୁତ ଯେ ।
ବାହୁଡ଼ାଇ । ବିମାନକୁ ରାଘବ ସଲ୍ଲିଲେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବିକ୍ରମିଲେ ଅବଧିରେ ଜୀବଗ୍ରାସେ ତତପରେ ରହେ ଦେଖି ଗଡ଼ଦ୍ୱାରସ୍ଥଳେ ଯେ ॥
ବିକଳ ସକଳ ରୂପେ ମିଳିଲେ ଭୃତ ସମୀପେ ଛିଦ୍ର ଉତ୍ତାନେ ଯେମନ୍ତ ଦଣ୍ଡ ।
ବିଲୋକି ଶକ୍ତି ଉତ୍ପାଟ ବୋଲୁଁ ଗୃଲେ ଉପିଭଟ୍ଟ ସମସ୍ତ ଟଳେ ଅବନିଖଣ୍ଡ ସେ ।
ବିସ୍ମିତରେ । ବାମକରେ ଧରି ଉତ୍ପାଟିଲେ ।
ବାରଣ ସନାଳକଞ୍ଜପରି ସେ କରି ବିଭଞ୍ଜି ମାରୁତି ଅଙ୍ଗଦ ମାଡ଼ିଥିଲେ ଯେ ॥
ବୁଦ୍‌ବୁଦ ଜମ୍ଭାଳେ ଜାତ କ୍ଷତଜ ଜାତ ତେମନ୍ତ ପଦ୍ମାକରଛବି ସେ ସୁନ୍ଦର ।
ବନଜ ବଦନ ନୀଳଉତ୍ପଳ ନେତ୍ର ଶୈବାଳ ବାଳ କୋକନଦ ପଦ-କର ଯେ ।
ବୀଚି ବାହୁ । ବନାଚଳିତ କୁମୁଦହାସ ।
ବିକାଶ ଲେସହିଁ ନାହିଁ ଦନଭାବ ଭଜି ତହିଁ ପ୍ରକଟ ଯହିଁ ସୁହୃଦବଶ ଯେ ॥
ବକ୍ଷସ୍ଥଳେ ଦେଖି ଗର୍ତ୍ତ ରଥାଙ୍ଗ ଲକ୍ଷ ଭୂଷିତ ରଥାଙ୍ଗରଜନୀ ହୋଇଥିଲା ।
ବ୍ୟାଧ କ୍ରବ୍ୟାଦ ଜୀବନହରଣେ କେହି ଚେତନ ରହିଛି ଏହି ବଚନ ହେଲା ସେ ।
ବନବାର । ବିକଳ ଅଧିକ ହୋଇ ଭୋଗ ।
ବିଦୁଷ ଆଦ୍ୟଗନ୍ଧବ ନାମାର୍ଦ୍ଧରେ କଲେ ରବ ବଡ଼ ମୁଁ ନାଶ ନୋହିଲି ଆଗ ସେ ॥
ବସାଉଁ ଜାନୁଶଯ୍ୟନ ମର୍କଟଶରୀରଙ୍କୁ ସ୍ୱର୍ଣ୍ଣ ଗଣ୍ଡଶୈଳ କି ଖସି ପଡ଼ି ।
ବହିତ ନେତ୍ର ଗହ୍ୱରୁ ନିର୍ଝରନୀର କି ଗୃରୁ ହୃଦୟ-ପ୍ରପାତେ ଗଲା ଜଡ଼ି ସେ ।
ବାଣୀ ନ୍ୟାସୁଁ ବୈଦ୍ୟଚନ୍ଦ୍ର ସୁଷେଣ ତ୍ୱରିତ ।
ବିନାଶ ନୋହିବା ପଦ ବିକାଶି ହୃଦକୁମୁଦ ଚକ୍ଷୁଚକୋର ସ୍ରବବାସ୍ପିତ ସେ ॥
ବୋଲୁଁ ଆଣ ଅଉଷଧି ଗନ୍ଧମାଦନେ ପ୍ରସିଦ୍ଧି ଉତ୍ତରଭାଗେ ସେ ସେନା ତାଙ୍କ ।
ବ୍ରହ୍ମାକେଳନଗେ ଅଛି କଣା ଥାଉଁ ଜଣେ ବାଛି ଆଣ ଭଣ ଦୂରଲେଖି ଶଙ୍କି ଯେ ।
ବୋଲନ୍ତ୍ର ଯେ । ବକୁକ୍ଷିବଂଶୀ ଜଣିବା ଚିହ୍ନ ।
ବୋଇଲା ସେ ସଦାଗତିତନୟ ତ ସଦାଗତି ଶୁଣି ଓଲଗି ଗମି ମାରୁତି ଯେ ॥
ବାର୍ତ୍ତାପାଇ ଲଙ୍କପାଳ କାଳନେମିଙ୍କ ତତ୍କାଳ ମଣାଇଣ ସକଳ ପ୍ରେଷଣ ।
ବେଗେ ଗନ୍ଧନଗକୂଳେ ନର୍ମିଣି ଶମ୍ଭୁଦେଉଳେ ତପୀରୂପେ ବସିଛି ଆପଣ ସେ ।
ବତାସ କି । ବହଇ ଯାଉଁ ପବନସୁତ ।
ବିଘ୍ନ ଯିବାକାର୍ଯ୍ୟେ ହେବ ଏସରେ ନ ମନ୍ତ୍ରି ଶିବ ନ ଦେଖି ଗଲେ ଏଗିରକୁତ ସେ ॥
ବିଶୋଉଁ ଏକଥା ଶ୍ରୋତ ହେଉଁ ସରସି ରସିତ ନକ୍ରରୂପା ଧରନ୍ତେ ପୟର ।
ବୁଡ଼ି ପୟରେ ତପଲେ ଚରନ୍ତେ ପକାଇ କୂଳେ ରୁଚିରବତୀ ଯୁବତୀବର ସେ ।
ବୋଇଲା ଯେ । ବ୍ରହ୍ମାଙ୍କୁ ଏ ମୋଦେହ ତରାଉଁ ।
ବିଷ୍ଟୁର ପରଶୃରକ ତୁମ୍ଭେ ହେଲ ମୋ ତାରକ ମାର ରାବଣସେବକ ଏହୁ ଯେ ॥
ବିଧୀରେ ତା ବଧଶାଳୀ ବଧି-କେଳିଗୋଟେ ମିଳ ଭାବ ବ୍ରହ୍ମପଦ ବପିନରେ ।
ବିଶଲ୍ୟ ଖୋଜୁଁ ସେ ଶଲ୍ୟ-ପଶୁସ୍ୱଭାବରେ ଶଲ୍ୟ ଶର ମାରି ରଳ ସାବର୍ଣ୍ଣରେ ସେ ।
ବିଦ୍ୟାଧରେ । ବୁଧେ ଏ ଲକ୍ଷଣା ଏଣ କର ।
ବିଧାରେ ସେ ସାନୁମାନ ଶତଯୋଜନ ଭଗନ ମୁଷ୍ଟିପ୍ରହାରେ ତାହାଙ୍କୁ ମାରି ସେ ॥
ବାସୁକି ଶିରସେ ଯଥା ଧରିଛି ଧରଣୀ ତଥା ଗିରି ସେ ବହି ଆକାଶେ ଆସେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବିଷ୍ଣୁରଥ ସୁଧା ହରି ସ୍ୱର୍ଗରୁ ଆସିଲାପରି ବୃତେ ଶ୍ରବଣ ରାବଣ ପେଶେ ଯେ ।
ବଳବନ୍ତ । ବଳ ଦଶସହସ୍ର ସଂଖ୍ୟାରେ ।
ବିହାୟସରେ ଭେଟିଲେ ରବିଙ୍କ ପ୍ରାନ୍ତେ ଘୋଟିଲେ କାଳକେୟଗଣ ପରକାରେ ସେ ॥
ବିପ୍ର ତର୍ପଣ ମାରଣ କରାଦ୍ର ପାଦ ଧାରଣ ପଦ ପ୍ରହରଣ ପ୍ରକାଶିଲା ।
ବିଶେଷ ତୋଷ ଦେବତା ପିତାମହ ଏ ମମତା ମୋ ସୃଷ୍ଟିରେ ଏଦେଖା ନ ଥିଲା ଯେ ।
ବିମର୍ଦ୍ଦନ । ବପୁ ଉପରୁ ତଳକୁ ଆସି ।
ବ୍ୟୋମକେଶ ଆକାଶର ମଳିନ ପୁଷ୍ପନକର ଖସିପଡ଼ିଲାର ପରି ଦିଶି ସେ ॥
ବର୍ତ୍ତିନା ଭାନୁ ହୋଇଣ ପ୍ରଭାରେ ଦକ୍ଷିଣାୟନ ତେଜି ଉତ୍ତରାୟଣ ବର୍ତ୍ମରେ ।
ବଡ଼ ଯୋଧା ଅଯୋଧ୍ୟାର ଉପରେ ଗମନ କରି ଭ୍ରମେ ଭରତ ଭ୍ରମେ କନାରେ ସେ ।
ବାଟୁଳିଏ । ବିଘାତକୁ ଖସି ଅଳ୍ପ ମୂର୍ଚ୍ଛା ।
ବସୁଧାଭୃତେ ମୂର୍ଦ୍ଧାରେ ଧାରଣ ଉଠି ସତ୍ୱରେ ରାବୀ କେତେ ଅଛୁ କଲା ପୁଚ୍ଛ ସେ ॥
ବିଷୟ କି ତରତର କଶୀଥିଲା ତ ପଚରି ଭରତ ଭାଷୁଁ ମାରୁତି ଉକ୍ତି ।
ବିସମ ଲଙ୍କାପୁରରେ ବାଦକୃତ ରାବଣରେ ରାମ ଲକ୍ଷ୍ମଣେ ଭେଦତ ଶକ୍ତି ସେ ।
ବିଧୁ ଚୂହିଁ । ବୀର କୈକେୟୀ ଭାଷେ ରଭସେ ।
ବିଗ୍ରହ ଡାକିନୀସ୍ଥାନେ କିମର୍ଥେ ଭାଷ ଏମାନେ ଶୋଭା ଅର୍ଜୁନାର ମୃଗ କେ ସେ ଯେ ॥
ବାୟୁଜ କଲା ଉତ୍ତର ରକ୍ଷସ୍ଥାନ ଲଙ୍କାପୁର ରାମ ଯାହାଶରୀରେ ଆଶ୍ରିତା ।
ବିଭାନ୍ତେ ଯେ ଜିଣି ରାମ ବନେ ବନ୍ଧଯାଉଁ ରାମ ରାବଣ ନେଲା ଚୋରାଇ ସୀତା ଯେ ।
ବ୍ରହ୍ମାଣ୍ଡରେ । ବିଦିତ ସେ ଦାଶରଥି ରାମ ।
ବାଳୀ ବଧି ସୁଗ୍ରୀବର ମିତ୍ରତା ବୃତବାନର ସିନ୍ଧୁ ତରି ଶୈଳେ ପରେ ବାମ ଯେ ॥
ବାଚକ ତାଙ୍କ ଅନୁଜ ଭରତ ମୁଁ କି ଆଶ୍ଚର୍ଯ୍ୟ ଶୁଣିଲି ହରିବଲ୍ଲଭି ନେଇ ।
ବଣ୍ଟିକ ଅଛୁ ଲୁଚିଇଁ ତୃଣାଙ୍କୁରେ ଭେଦ ହୋଇ ଗଣ୍ଡକର ଦେହ ତଥା ଏହି ଯେ ।
ବାତସୁତ । ବୋଲେ ଏମନ୍ତ ନୋହେ ଏମନ୍ତ ।
ବାରିଧିରେ ଲକ୍ଷ୍ମୀ ଗୁପ୍ତ ମନ୍ଦରମନ୍ଥନେ ଖ୍ୟାତ ମେରୁ ଭେଦେ ଐରାବତଦନ୍ତ ଯେ ॥
ବିଷାଦ ସାଦରେ ବେନ ପରାକ୍ରମ ହାନି ଘେନ ବଡ଼ାଇ ରଖି ନିୟମ କଲେ ।
ବିକ୍ରମି ନଭେ ପାବନ ପ୍ରବେଶ ଯୁଦ୍ଧ-ଅବନୀ ବେନମନ୍ତ୍ରୀ ଗିରି ଉତ୍ତରିଲେ ଯେ ।
ବୃକ୍ଷ ଚଢ଼ି । ବିମର୍ଦ୍ଦି ତୋଳି ତହିଁର ପତ୍ର ।
ବିହନ୍ତେ ନାସ ଅଜ୍ଞାନ ନାଶ ଲ୍ଲାନ କ୍ଷତଚିହ୍ନ ଉଠିଲେ ଶୀଘ୍ରେ ସୁମିତ୍ରାସୁତ ॥
ବିସନ୍ତେ ସେ ଜଡ଼ ଶକ୍ତିଘାତ ତୁଟି ବିକାଶନ୍ତ ରାମ ନନ୍ଦନ ମନ୍ଦନ ଆସ୍ୟ ।
ବିରସ ତେଜି କୁମୁଦପ୍ରଭୃତି ଲଭିଲେ ମୋଦ ଲକ୍ଷଣଯୁକ୍ତ ଜ୍ୟୋତି ପ୍ରକାଶ ସେ ।
ବାର୍ତ୍ତା ଶୁଣି । ବିଶ୍ରବାସୁତ ଖର ନିଃଶ୍ୱାସୀ ।
ବିଧାତାଦ୍ରି ଶୃଙ୍ଗ ସ୍ଥାନେ ଥୋଇଯାଉଁ ହନୁମାନେ ସୈନ୍ୟ ପେଷୁଁ ଲାଙ୍ଗୁଳେ ସେ ଧ୍ୱଂସୀ ॥
ବିଭାବରୀ ଶେଷକାଳେ ସ୍ଫୁରିତ ଶଙ୍ଖ ମଙ୍ଗଳେ ସ୍ଥୂଳଜଙ୍ଘଙ୍କୁ ତାମ୍ବୂଲେ ତୋଷି ।
ବିରଚିଲା ଗଳାକ୍ଷଣେ ତମୁସଙ୍ଗେ ତୀକ୍ଷ୍ଣବାଣେ ମର୍କଟ ପ୍ରକଟ ହେବା ତ୍ରାସି ସେ ।
ବୃକ୍ଷ ଗ୍ରାବ । ବହି ଓଗାଳିଲା ଆସି ମୀଳ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବିଶ୍ୱକର୍ମାସୁତ ହନୁମନ୍ତ କପିପତିସୂନୁ ସମୀରବେ ଆରମ୍ଭେ ଭୁମୂଳ ଯେ ॥
ବିଧୁନୁଦ ବାଳିପୁତ୍ର ଜ୍ୟୋତିହୀନ ଚନ୍ଦ୍ରନେତ୍ର ମୋଚକକର୍ଣ୍ଣି ପାବନ ଶାର୍ଦ୍ଦୂଳ ।
ବଳପୁଷ୍ଟି ନଳ ତହିଁ ଉଲ୍ଲୁକେ ବିଘାତ ବହି ଧରି ଏହି ବେକଯ୍ୱନ ଶୀଳ ଯେ ।
ବିଲୋକକରେ । ବୀର ସ୍ଥୂଳଜଙ୍ଘ ଘୋରତର ।
ବର୍ଷାଘନ ଘନ ଶରଦରେ ଖର ନୀଳ ଦୂର କୁନ୍ଦ ଫୁଟିଲା ଭୁହନ ଗିରି ସେ ॥
ବ୍ୟାଖ୍ୟାନ ଶିଶିରେ ଶୀର୍ଣ୍ଣ ସାରସ ପ୍ରଭୃତି ସ୍ୱନ ମଧୁମତ୍ତ ସେହି ତପବଲେ ।
ବିଭାବସୁବଂଶ ଯୋଗେ ପ୍ରକାଶମାନରୁ ନଗେ କାଳହିତ ଶେଷ ତତକାଳେ ସେ ।
ବୈଦେହୀଶ । ବିଭୀଷଣେ ପୃଷ୍ଠକଲେ ଏ କେ ।
ବିକଳା କୁମ୍ଭକର୍ଣ୍ଣିରୁ ଏତ ଇନ୍ଦ୍ରଜିତଠାରୁ ରଥ ଆଣି ପକାଇତରେ ଟେକ ଯେ ॥
ବଳ କ୍ଷୟ୍ୱାତିଥି ଯୋଗ ଧୁଆଁଇଁ ସେନାନୀବର୍ଗ ଉପୁଜାଇଲା ଇତର କୀର୍ତ୍ତି ।
ବିଖ୍ୟାତ ଉତ୍ତର ଇନ୍ଦ୍ରମତିନନ୍ଦନ ଏ ଇନ୍ଦୁମତ ତପପର ଗତମୀତ ଯେ ।
ବିଧ୍ୱଂସନ । ବିଭୁ ଦରଶନ ଦରଶେ ।
ବୋଲଇ ଏ ସ୍ଥୂଳଜଙ୍ଘ ଠୁଳ ସକଳ ପ୍ଲବଙ୍ଗ ବଳେ ଆଣି କଲା ଏକଠାରେ ସେ ॥
ବିଦାଶି ହୋଇବା ଶାପ କରାଇ କଣ୍ଟୁରାପଦ୍ୱିରଜ ପାତ ତଥା ରାବଣି ଏ ।
ବୋଲୁଁ ରାମ ପ୍ରଭୁତ୍ତର ରହିଲା ବୃକ୍ଷମାତର ହେଲା ପଲାଶ ହିତ ସମୟେ ଯେ ।
ବାର୍ତ୍ତା ପାଇଁ । ବିସ୍ମିରତା ନୈକେଷାତନୟେ ।
ବିଷ୍ଣୁପଦକୁ ବିସ୍ମୟେ ଗୃହୁଁ ଶଙ୍କି ଦେବତାଏ ନିପୁଣ ସ୍ୱର୍ଗେ କରେ ବିଜୟେ ଯେ ॥
ବଦନ କରୁଁ ମହୀକ ସେ ଭଟେ ତର୍ଜେ ଅହିକ ଏକ୍ଷଣି ମୋତେ କେ ଆଉ ଧରୁ ।
ବିବେକ ଉଦୟ ଚିତ୍ତେ ଦଇବେ ହୋଇଁ ଉଚିତ ଆଗ ରଘୁନାଥ ଶରୁଁ ତରୁ ଯେ ।
ବିପକ୍ଷରେ । ବିଜେ ସୁବେଳ ଗିରି ଉପରେ ।
ବିତଶପଦେ ରଞ୍ଜନ ଛନ୍ଦ ବୁଝିବ ସୁଜନ କୃତ ଉପଇନ୍ଦ୍ର ବୀରବରେ ଯେ ॥

୪୮ଶ ଛାନ୍ଦ

ରାଗ—ଚଳଘଣ୍ଟା କେଦାର

ମନ୍ଦୋଦରୀର ଉକ୍ତି

ବୋଇଲା । ବସି ପୁରେ ବଶୀଭୂତ ବାମାରେ ଲଙ୍କେଶ ଯେ ।
ବିପତ୍ତି ଉତ୍ପତ୍ତି ଏ ସମ୍ପତ୍ତି ଗଲା ନାଶ ଯେ ॥
ବୋଇଲା । ବଂଶତରୁ ପରା ବଂଶ ପଲ୍ଲବେ ତରୁଣ ଯେ ।
ବସନ୍ତ ରାମବଶରେ ହିତ ପୁଣ ପୁଣ ଯେ ॥
ବୋଇଲା । ବ୍ୟାଧିଭାବ ସୀତାଭାବ ହୃଦୟେ ଉଦୟେ ଯେ ।
ବିଶେଷ ଶେଷ ହେବାର ଉପାୟ ନ ପାଏ ଯେ ॥
ବୋଇଲା । ବିଲ୍ଲଭିଶ୍ରେଷ୍ଠ ତା ଲଭି ଭରଷା ରଖାଇ ଯେ ।
ବିହି ତହିଁ ତ ଭେଷଜ ସଞ୍ଜନିତ ଏହି ଯେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବୋଇଲ୍ଲ । ବ୍ୟାଘ୍ରବୃଦ୍ଧି ସୀତାମ୍ବୁଧିରତା ରତା ମୁଞ୍ଚି ଯେ ।
ବଢ଼େ ବଭୂତବଭୂଷା କନ୍ୟାଦାନ ରଚ ଯେ ॥
ବୋଇଲ୍ଲ । ବନବାସିରସିକା ରସିକା ନୋହିଥିବ ଯେ ।
ବନ୍ଧୁଜୀବ ବୋଲବାକୁ ବନ୍ଧୁ ଜୀବ ଭାବ ଯେ ॥
ବୋଇଲ୍ଲ । ବାସ ବାସକୀରଙ୍ଗରୁ ରଙ୍ଗ ଛନ୍ଦେ ଅଳ ଯେ ।
ବଧୀରେ ବଧିରେ ଶୋଭା ରୂପେ ଅଛୁ ଭୁଲ ଯେ ॥
ବୋଇଲ୍ଲ । ବହିଛୁ ଶୋଭାଆରମ୍ଭା ରମ୍ଭାଗୁଲେ କେଳ ଯେ ।
ବଢ଼େ ଯେତେ ସୁନ୍ଦରୀ ସେ ପୁରନ୍ଦରୀଭଳ ଯେ ॥
ବୋଇଲ୍ଲ । ବାଳକ ନୁହ ଜମ୍ବାଳମଧ୍ୟରେ ନ ମଜ୍ଜ ଯେ ।
ବମଳ ଉଜ୍ଜ୍ୱଳଜଳ ଛାଡ଼ି ମହାରାଜ ଯେ ॥
ବୋଇଲ୍ଲ । ବାଣୀ ବାଣୀ କେ ତହିଁରେ ପ୍ରମାଣ ପ୍ରମାଣ ଯେ ।
ବନତାଗଣ ଜନତା କରେ ପୁଣପୁଣ ଯେ ॥
ବୋଇଲ୍ଲ । ବଚନେ ବଂଶବାହୁ ଯେ ବାହୁଙ୍କେ ହସିବେ ଯେ ।
ବୀରପଣେ ସମର୍ପଣେ ତୃଣ। ସବଭାବେ ଯେ ॥
ବୋଇଲ୍ଲ । ବଇର ଦେହେଁ ଇରଷା ବହି ନ ମାନବେ ଯେ ।
ବନାଶନ ବନ୍ଧୁଜନ କ ଜୀବେ ରାଜବେ ଯେ ॥
ବୋଇଲ୍ଲ । ବଦେହ-ରାଜନସୁତା ବଦେହଯୋଷାରେ ଯେ ।
ବପୁଶୋଭା ଅଧିକାରେ ଧିକ୍କାରେ ସଂସାରେ ଯେ ॥
ବୋଇଲ୍ଲ । ବାହ୍ୟରେ ସେ ରସାଳସା ରସାଳସଦୃଶ ଯେ ।
ବରନାରୀ ନାରକେଳ ଅନ୍ତରେ ସରସ ଯେ ॥
ବୋଇଲ୍ଲ । ବନତା ମୁଁ କଠିନତା ପ୍ରକାଶି ମୋହରେ ଯେ ।
ବହେ କୋମଳତା ପ୍ରେମଲତା ଗ୍ରମଠାରେ ଯେ ॥
ବୋଇଲ୍ଲ । ବତକିଁ କେତକୀପର ଧାତକୀ ଭ୍ରମରେ ଯେ ।
ବସିବ ଶିବଶିରଷି ରସି କଶାକରେ ଯେ ॥
ବୋଇଲ୍ଲ । ବାଣୀଏ ଅନୁରକ୍ତରେ ରକ୍ତବାର୍ଦ୍ଧି-ଜେମା ଯେ ।
ବୃହସ୍ପତି-ରାମାପର ମନାଇଁ ଚନ୍ଦ୍ରମା ଯେ ॥
ବୋଇଲ୍ଲ । ବପକ୍ଷରେ ସୁରରେ ଅସୁରପକ୍ଷ ଯେନ ଯେ ।
ବଲକ୍ଷକର ବପକ୍ଷ କର୍ମବଳ ମାନ ଯେ ॥
ବୋଇଲ୍ଲ । ବାହୁଡ଼ାଇ ନ ଜଡ଼ାଇ ଏପାରେ ମାନସ ଯେ ।
ବହିତ ଅଙ୍କରେ ଅଙ୍କ ପ୍ରକାଶରେ ଦୃଶ୍ୟ ଯେ ॥
ବୋଇଲ୍ଲ । ବନାଶ ବହୁତକଳା ରହି ସେ କଳାକେ ଯେ ।
ବୃଦ୍ଧି ବନ୍ଦନୀୟ ବନ୍ଦାପନା-କାଳେ ଲୋକେ ଯେ ॥
ବୋଇଲ୍ଲ । ବୋଲବ ଅବା ସେମାନ ଈଶାନମଣ୍ଡନ ଯେ ।
ବର୍ଷ୍ମସୁଧା ସୁଉଜ୍ଜ୍ୱଳ ଜଳଧିନନ୍ଦନ ଯେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବୋଇଲ୍ଲ । ବରସିତା ଯୋଷିତା ସିନା ସେ ସୀତା ଦିଅ ଯେ
ବିଳସିତେ ଉଲ୍ଲସିତେ ଏ ସମ୍ପଦେ ଥାଅ ଯେ ॥
ବୋଇଲ୍ଲ । ବର୍ଦ୍ଧନ ମୂଳଧନରୁ କଳାନ୍ତରବତ ଯେ ।
ବିନୟ ଯେନବ ହେବ ତନୟ ବହୁତ ଯେ ॥
ବୋଇଲ୍ଲ । ବୈଶ୍ରବଣ ଶ୍ରବଣରେ କି କହୁ ରମଣି ଯେ ।
ବିପଣୀ ଏ ସଂସାର ତହିଁର ସାରମଣି ଯେ ॥
ବୋଇଲ୍ଲ । ବଡ଼କୃପଣ ଚଉରପଣ କର ଆଣି ଯେ ।
ବିସର୍ଜିବ ଜୀବ ସତେଜବ କେବେ ପୁଣି ଯେ ॥
ବୋଇଲ୍ଲ । ବୁଧ ବିବୁଧଗଣରେ ଅମୂଲ୍ୟତ ସତ ଯେ ।
ବୋଲିବା ରମଣୀମଣି ଏବେ ସମ୍ଭାବତ ଯେ ॥
ବୋଇଲ୍ଲ । ବନେ ଗଲ୍ଲ ଖଞ୍ଜରୀଟ ଖଞ୍ଜି ଆଦ୍ୟେ ବହି ଯେ ।
ବାଣ ତୋଳା ଚଞ୍ଚଳତ ଚଳତକୁ ଚାହିଁ ଯେ ॥
ବୋଇଲ୍ଲ । ବଡ଼ିମା ସେ ରଙ୍ଗରେ କୁରଙ୍ଗ କଲ୍ଲ ମୃଗ ଯେ ।
ବୋଲିବା କବି କବିତ୍ୱେ ସେ ବଡ଼ ଅଯୋଗ୍ୟ ଯେ ॥
ବୋଇଲ୍ଲ । ବିଲକ୍ଷ ଲକ୍ଷ ଯେତେକ ବିଲକ୍ଷବତୀକ ଯେ ।
ବାମାପାସ ପାଶ ହୋଇ ବାନ୍ଧିଛୁ ମତିକ ଯେ ॥
ବୋଇଲ୍ଲ । ବରାଙ୍ଗୀ ତାରକାଶୋଭି ନାରକାସୁରଜା ଯେ ।
ବିହି ନ ବିହିବ ସମେ ସୁସମେ ବୋଲି ଯା ଯେ ॥
ବୋଇଲ୍ଲ । ବିଦ୍ୟୁଜ୍ଜିହ୍ୱ କି ବିଦୁଷ ବିଦ୍ୟୁକାନ୍ତିପ୍ରଭା ଯେ ।
ବିଧାମି ଶୋଭିନଧାମି ସାବଧାମି ହେବା ଯେ ॥
ବୋଇଲ୍ଲ । ବାହୁଡ଼ାଅ ମହୀଜାମହିଳା ନେଉ ଯତ ଯେ ।
ବୋଲିବା ତାକୁ ଭିଆଉ ଆଉ ଏକ ମୂର୍ତ୍ତି ଯେ ॥
ବୋଇଲ୍ଲ । ବଂଶଲୋଚନ ବଚନ ଦେହୁଁ ଜାତ ଛଇ ଯେ ।
ବର୍ଣ୍ଣି ସୁବର୍ଣ୍ଣି ହୋଇଲେ କଳା କାନ୍ତି ହୋଇ ଯେ ॥
ବୋଇଲ୍ଲ । ବାରି ସେ ନବାରି ତୃଷାର୍ତ୍ତିର ତୃଷା ପାରେ ଯେ ।
ବଶ ହେବକି ମୁଁ ମୃଗ ମୃଗତୃଷ୍ଣାଠାରେ ଯେ ॥
ବୋଇଲ୍ଲ । ବିଜ୍ଞାନ ନାଶେ ସୁଜ୍ଞାନ ଉଦୟ ଏମନ୍ତ ଯେ ।
ବନିତାୟେ ଶୁଣ ଏବେ ନିତାନ୍ତ ଚରିତ ଯେ ॥
ବୋଇଲ୍ଲ । ବୈକୁଣ୍ଠ ନ ମାନୁଁ ଆମ୍ଭେ ବୈକୁଣ୍ଠ-ପାଳିତ ଯେ ।
ବୈକୁଣ୍ଠଦ୍ୱାସ୍ଥ ବିଜୟ ଜୟ ବେନି ଭ୍ରାତ ଯେ ॥
ବୋଇଲ୍ଲ । ବିଷ୍ଣୁମନୋରମା ରମା ଏକାନ୍ତରେ ସ୍ଥିତ ଯେ ।
ବେଦବାଦୀ ସନକାଦି ଦରଶନ-ଅର୍ଥୀ ଯେ ॥
ବୋଇଲ୍ଲ । ବରୋଧୁଁ ବରୋଧୁଁ ଦ୍ୱାର ନ ମାନି ସେ ମାନୀ ଯେ ।
ବଳେ ପ୍ରାଭବ ଉଭବ କଲୁଁ ଆମ୍ଭେ ବେନି ଯେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବୋଇଲା । ବୋଇଲେ ବହି ଶୂର ଅସୁରରୂପ ସତ ଯେ ।
ବୋଲାଇବ ବସ୍ତୁଦ୍ୱେଷୀ ଏ ଦଇବ କୃତ୍ୟ ଯେ ॥
ବୋଇଲା । ବାସରେ ବାସରେ ଋଷିସଙ୍ଗ ମଧୁହାସ୍ତି ଯେ ।
ବାସରେ ଅଙ୍ଗବାସରେ ବେଶରେ ମାଧୁସ୍ତି ଯେ ॥
ବୋଇଲା । ବଜେ କମଳା କମଳା କମଳାକ୍ଷୀ କରୁଁ ଯେ ।
ବଧୂରପାସ ବଧୂର ଉଦୟ ଆଚରୁଁ ଯେ ॥
ବୋଇଲା । ବୋଇଲେ କର୍ବୂରକାନ୍ତ କର୍ବୂରନଧ୍ୱଜା ଯେ ।
ବାହନ ବହ କର୍ବୂର ରୂପ ଏଥୁଁ ଯା ଯା ଯେ ॥
ବୋଇଲା । ବନଜମୁଖରେ କରୁଁ ମୁଁ ଖରେ ଗୁହାସ୍ତି ଯେ ।
ବୋଇଲେ ସେ ଲେଶେ ଦୋଷ ନାହିଁତ ତୁମ୍ଭର ଯେ ॥
ବୋଇଲା । ବନ୍ଦିତ ନାହିଁ ବନ୍ଦୀବତ ରଖ ଭାଷି ଯେ ।
ବହୁ ମର୍ତ୍ତ୍ୟରୂପ ବହୁମୂଲ୍ୟ ରତ୍ନ ବେଶୀ ଯେ ॥
ବୋଇଲା । ବଇଦେହୀ ସେହି ରମା କ୍ଷମା ଜାତକଲ୍ଲା ଯେ ।
ବେଦମତି ବମତ ଧର୍ଷଣେ ମୋର ଥିଲା ଯେ ॥
ବୋଇଲା । ବୈଳିଥିଲା ମୋ ହେତୁଁ ଅମରଣନ୍ଦ ମର ଯେ ।
ବଳେ ବଳେଶୟପଥି ଗୁପ୍ତ ଶ୍ରୀଶଙ୍କର ଯେ ॥
ବୋଇଲା । ବସ୍ତୁ ମୋ ମାରଣେ ଅଭିରାମ ରାମମୂର୍ତ୍ତି ଯେ ।
ବୈକୁଣ୍ଠ ହମ୍ପତ୍ତିକ ଏ ସମ୍ପତ୍ତି ବପତ ଯେ ॥
ବୋଇଲା । ବଷୟରେ ଚତୁର ଚତୁରଭୁଜେ ଗୁରୁ ଯେ ।
ବହି କରେ ଶଙ୍ଖାର ଶଙ୍ଖାରରୂପ ଧରୁଁ ଯେ ॥
ବୋଇଲା । ବର୍ଷ୍ମରେ କନ୍ଦର୍ପଦର୍ପ କରୁଥିଲୁଁ ଲୋପ ଯେ ।
ବହିଲୁଁ ସେହି ଉଭୟ ଭୟଙ୍କର ରୂପ ଯେ ॥
ବୋଇଲା । ବୋଲାଉ ହିରଣ୍ୟାସୁର ହିରଣ୍ୟାକ୍ଷ୍ୟ ପୂର୍ବେ ଯେ ।
ବରାହ ନୃହର ହର ହର ପ୍ରାଣ ତେବେ ଯେ ॥
ବୋଇଲା । ବହ୍ନିରେ ପକାଇ ନବ ଶିର ନବନବ ଯେ ।
ବଖାନ ଲେଖନ-ଭାବ ପଠନ ସ୍ୱଭାବ ଯେ ॥
ବୋଇଲା । ବର ମରକତ ଜାତରୂପ ରୂପ ଦୁଇ ଯେ ।
ବଚନ୍ଦ ଚନ୍ଦ୍ରପଠକୁ ଲେଖାଇ ଦେଖାଇ ଯେ ॥
ବୋଇଲା । ବଧାନ ନାୟକ ଏକ ପ୍ରଧାନ ପଦକ ଯେ ।
ବଚ୍ଛେଦକ ମୁଁ ସୁନାସ୍ତି ଲୋଭି ଦକଦକ ଯେ ॥
ବୋଇଲା । ବୋଲିଥିଲା ବହି ବହି ଏ ସ୍ୱର୍ଣ୍ଣଶ୍ରେଣୀ କ ।
ବଂଶଯାକ ଦଣ୍ଡଧର ଦଣ୍ଡ ପାଅ ତର୍କି ଯେ ॥
ବୋଇଲା । ବଭୀଷଣ ପଳାଇଛୁ ଇଚ୍ଛୁ ଗତ କଥା ଯେ ।
ବଲ୍ଲଭ ବୋଲି ନ ଲଭ ମୋରେ ମନୋବ୍ୟଥା ଯେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବୋଇଲି । ବିଳାସବତୀ ଯୁବତୀ ବିଷ୍ଟୁପୁରେ ମୋର ଯେ ।
ବିଙ୍କା ଉପପତି ପରି ଉପପତି କର ଯେ ॥
ବୋଇଲି । ବିନାଶନେ ହୁତାଶନେ ଯେବେ ଦେବ ହ୍ରାସ ଯେ ।
ବ୍ୟର୍ଥପ୍ରସଙ୍ଗ ମୋ ସଙ୍ଗ ପାଇବାର ଆଶ ଯେ ॥
ବୋଇଲି । ବାରିଦ ବାରି ଦାନରେ ପ୍ରମତ୍ତ ଚାତକୀ ଯେ ।
ବିହରଇ ସୁରନଦୀ ସୁରସେ ଆଉ କି ଯେ ॥
ବୋଇଲି । ବିପ୍ରରାଜପୂଜନ-ନାରାଜ ମୋକ୍ଷ ଦାତା ଯେ ।
ବିଭ୍ରମୁ ଯୁଗତେ ଗତେ ପାତାଳେ ମୁଁ ସ୍ଥିତା ଯେ ॥
ବୋଇଲି । ବିଲୋକିତ ଆଲୋକିତ ପୁରି ମୁହିଁ ତୋଳେ ଯେ ।
ବାମା ପୁଂସ ମଣ୍ଡପେ ମଣ୍ଡନ ପସାଖେଳେ ଯେ ॥
ବୋଇଲି । ବିଭାତକି ଚନ୍ଦ୍ରମାର ରତି ମାର ମୂର୍ତ୍ତି ଯେ ।
ବାଣୀ ନ୍ୟାସେ କେ ଅନ୍ୟାସେ ସେ ଭାରତି ରତି ଯେ ॥
ବୋଇଲି । ବିଷ୍ଣୁମହିମା ଏ ମହୀବନ୍ଧାଶର ବଶ ଯେ ।
ବେନଖଣ୍ଡ ମହୀଲତା ମହିଳା ପୁରୁଷ ଯେ ॥
ବୋଇଲି । ବିଦୃଷ୍ଟି ଏ ଶ୍ରୁତିକଥା ଶ୍ରୁତିକଥା ପରି ଯେ ।
ବିନୋଦୀ ସାରଙ୍ଗରେ ଶାରଙ୍ଗ-ଶର-ଧାରୀ ଯେ ॥
ବୋଇଲି । ବିଭେଦନେ ମାର୍ଗଣ ସେ ଗଣେ ଦିବ୍ୟଦେହୀ ଯେ ।
ବିହାୟସେ ବିହାରୀ ସେ ବିମାନ ଆରୋହୀ ଯେ ॥
ବୋଇଲି । ବନେ ଲକ୍ଷଣପତନେ ତତକ୍ଷଣ ବାଞ୍ଛି ଯେ ।
ବଡ଼ପାତକୀ ଆତଙ୍କୀ ମୁଁ ସୀତା ଅଣିଛି ଯେ ॥
ବୋଇଲି । ବିଧି ଚତୁରଲପନ କଳପନା ଜାଣ ଯେ ।
ବ୍ରହ୍ମପ୍ରଳୟରେ ତାର କ୍ଷୟ ହୋଏ ପୁଣ ଯେ ॥
ବୋଇଲି । ବ୍ୟୁତପନ୍ନ ଆୟୁଷ ଛପନଗଣ୍ଡା ଯୁଗ ଯେ ।
ବାହୁଡ଼ାଇ ହୁଡ଼ିବକି ଏଡ଼େ ଶୁଭ ଯୋଗ ଯେ ॥
ବୋଇଲି । ବଲ୍ଲଭିବ୍ରାତଙ୍କ ଅଶ୍ରୁଜାତକୁ ଅନାଇଁ ଯେ ।
ବହନ ଆତଙ୍କ ପରନପାତକ ମୁହିଁ ଯେ ॥
ବୋଇଲି । ବହି ଚନ୍ଦ୍ରହାସ ଚନ୍ଦ୍ରହାସ ଝମକାଇଁ ଯେ ।
ବିଚ୍ଛେଦିବି ଶତ୍ରୁ ରଣେ ଶରଣ କେ ନାହିଁ ଯେ ॥
ବୋଇଲି । ବାର୍ଦ୍ଧିଦତ୍ତବାଳୀ ବାଳକ ସେ ଅଛି ବଧ୍ୟ ଯେ ।
ବାଳୀଶା ପ୍ରିୟା ତୁ କୁଠ କର କୁଠୀ ବାନ୍ଧି ଯେ ॥
ବୋଇଲି । ବ୍ୟାଘ୍ରବର ଶବର ମାରନ୍ତି ଗୁଳିଯୋଗେ ଯେ ।
ବିହନ୍ତୁ କି ଦନ୍ତୀକି ବିବାଦ ରଚ ଆଗେ ଯେ ॥
ବୋଇଲି । ବାସ୍ତବପଦରେ ଛନ୍ଦ ଭଞ୍ଜ ଉପଇନ୍ଦ୍ର ଯେ ।
ବିଶ୍ୱର ଅନୁସରଣ ଅନୁପ୍ରାସେ ସାନ୍ଦ୍ର ଯେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

୪୯ ଶ ଛାନ୍ଦ

ରାଗ—ବଙ୍ଗଳାଶ୍ରୀ

ରାବଣ ବଧ

ବୀର ବିଭୀଷଣ ଥାଉଁ ଯେ ବେଗରେ ସମ୍ଭାରେ ସୈନ୍ୟ ଅଣାଇଁ ।
ବିକ୍ରମାଳୀ ବିକ୍ର ମାଳୀ ଅସ୍ତ୍ର ଶସ୍ତ୍ର ବସ୍ତ୍ର ଅଳଂକାର ଦେଇ ॥
ବେଗେ ତନଦଗେ ଭିନ୍ନ ଭିନ୍ନ କରି କରି ହରି ରଥ ପେଶି ।
ବହୁତ ମାହୁନ୍ତ ରାଉତ ସାରଥୀ ରଥୀ ବସି ଅଣୀ କଶି ॥
ବାହିନୀ ହୋଇ ବାହିତ ଯାନମାନ ମାନବଶେ ପୁତ୍ରମାନେ ।
ବୁଦ୍ଧି ଶାଖାମୃଗ ମୃଗ କରି ଜଗି ମାରିବା ବ୍ୟାଧସମାନେ ॥
ବଳ ପରବଳ ଚିହ୍ନିଁ ପରବଳ ମାର ମାର ଆଜି ଭଣେ ।
ବାନର ନର ସିନା କେତେ ମାତର ମନ୍ଥିବ ଥିବ ମୁଁ ରଣେ ॥
ବାଦ୍ୟବାଜଣା ଜଣାଅର୍ଥେ ନ କରି ପରସ୍ପରେ କଥା ନୋହି ।
ବିପିନ ପୀନଶିଳାପନ୍ତେ ସେ ଦ୍ୱିପୀ ପ୍ରାୟେ ଅବଦିତ ହୋଇ ॥
ବାହାରେ ବାହାରେ ବଂଶବାହା ବାନ୍ଧି ବଇରିବଭ୍ରାଟବାନା ।
ବଶି ପୁଷ୍ପକରେ କରବାଳକରେ କରଇ ସୁରେ ତର୍ଜନା ॥
ବିଗ୍ରହ ରଙ୍ଗ ଚତୁର ଚତୁରଙ୍ଗ ସଙ୍ଗର ବହି ସଙ୍ଗର ।
ବଳଲା ଅନଳଗଡ଼ କରି ନୀଳ ଦୁର୍ଗମ ଦୁର୍ଗ ସଦ୍ୱର ॥
ବିରାଧାରି ଧନୁର୍ଦ୍ଧାରୀ ଜାମ୍ବବାନ ମଙ୍ଗଳାରୋପଣ ବହି ।
ବଇରି ମାର ଗଉଣି ଲଭ ବୋଲି ଗଉଣିଚନ୍ଦ୍ରକ ଦେଇ ॥
ବିଜେ କରୁକରୁ କରୁଣାସିନ୍ଧୁର ବେନପାଶେ ଦୃଷ୍ଟିପାତ ।
ବର୍ଣ୍ଣି ନୀଳ ଶ୍ୱେତ କଳିତ ସିନ୍ଧୁର ଘୋଟକ ଘୋଟକ ଏତ ॥
ବିରୋଧେ ସାଗରରୋଧେ ଦଣେ ପନ୍ଥେ ରଥମୟ ଏ ସମୟେ ।
ବିଭୀଷଣ କହି ଭୀଷଣ ରାବଣ କପଟ ଆଜି ଉଆଏ ॥
ବିଳାସରେ ନେଇ ମାରୀଚମାରିବ ଜାଣି ଉଲ୍ଲାସରେ ଧାଇଁ ।
ବନ୍ଦନ ବାଳିନନ୍ଦନ ହନୁମାନ ନଳ ଅଭିମାନ ଧାୟି ॥
ବିଶ୍ୱର ଚିର ଯୂଥପତି ସେ ଯୂଥ ଯୂଥ କରି ସୈନ୍ୟ ନେଲେ ।
ବେଗେ ମିଶି ଗୋମୂତ୍ର ସର୍ବାଜମକ ଶୃଙ୍ଖଳାଛନ୍ଦ ମଞ୍ଜୁଳେ ॥

ଏପଦ ଗୋମୂତ୍ରଚ୍ଛନ୍ଦ

ବାଜି ବାଣ ହୃଦଘାତ କୁନ୍ତପାତ ଗର୍ତ୍ତ ଶବ ବାଧୀ ରହି ।
ବାଜିଗଣ ପାଦଧୃତ ହତଚେତ ଆର୍ତ୍ତରବ ସାଧୀ ବହି ॥

ଏପଦ ସର୍ବାଯମକ

ବିଦାରଣ ହେଲେ ସେ ବଳ କୁଞ୍ଜରେ ପ୍ରହାରଣେ କରି ଦନ୍ତୀ ।
ବିଦାରଣ ହେଲେ ସେବଳ କୁଞ୍ଜରେ ପ୍ରହାରଣେ କରିଦନ୍ତୀ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଏପଦ ଶୃଙ୍ଖଳା

ବିରଥି ରଥିର ମନ ମନ କପି କପୀଶ ଶ-ବଶ ବର ।
ବିରଷକ ବର ଶକତି କତିର ତିରସ୍କର କର ବୀର ॥
ବିଲୋମ ଲୋମ ମେଷଯୁଦ୍ଧ ପ୍ରକାରେ ସଂଗ୍ରାମ ପ୍ରଧାନ କର ।
ବୃକ୍ଷ ଗଦା ଶର ସଦା ରିକ୍ଷ ରକ୍ଷ ଅବିଶ୍ରାମରେ ପ୍ରହାର ॥

ବିଲୋମ ଅନୁଲୋମ

ବୀର ଯେତେ ସେନା ବାର ରସା ସାର ରବା ନାଶେ ତେତେଜ ରବି ।
ବିହେ ତିଜ ପୁତ୍ର ତିରତମ ମତି ରତି ବିପୁଜିତ ହେବ ॥

ବୃକ୍ଷବନ୍ଧ

ବିଶାଳ ଶାଳ ତାଳଜାଳ ଠେକ ଯେ କଣ୍ଟକ ଜୀବଧବ ସେ ।
ବିହି କରେ କପି କକ୍ଷାବନ୍ତ ବଡ଼ ବିରଷେ ଗୋଷେ ଶେଷେସେ ॥

ଗଦାବନ୍ଧ

ବିଦା ସଦା ମୋଦା ଗଦା ଗିରଧର ବର ତାର ତାହି ବିହି ।
ବିହି ମହୀ ମନ୍ଦିରନ୍ଦ ଛନ୍ଦ କନ୍ଦ କହି ନୋହେ ତାହି ବିହି ॥

ଶରବନ୍ଧ

ବୀର ଶରଭର ଖରଖଣ୍ଡି ଖର ଖରକର ତାର ତାର ।
ବାର ବାର ବାଜିବାର ତର ତର ହଟି ହଟି ହର ହର ॥
ବିଘାତି ଦୈତ୍ୟଶ୍ରେଣିରେ ହୋଇଥିଲେ ଶଉର ପ୍ରମୁଖ ଗହେ ।
ବିଡ଼ଦାନ ବଳେ ପ୍ରଧାନଙ୍କ ମେଳେ ଧୂମ୍ରବାଗତିକ ବହେ ॥
ବିକ୍ରମି ନୋହିଲା ପ୍ରଥମମଥନେ ମହାପାରୁଷ ପାରୁଷେ ।
ବିଷୁଧା ସୁଦ୍ଧା ପୂରିତ ହୋଇଗଲା ଯମଘଣ୍ଟ-ନାଦଯଶେ ॥
ବିକୁକ୍ଷିବଂଶୀ ଦେଖି ଭୂଷିଅଭୂତସମ୍ଭୂତ ହେଲାତ ଏହି ।
ବ୍ରୀଡ଼ଣା କୁଶଅଗ୍ର କୁଶବନ୍ଧୁରେ ସିନ୍ଧୁରେ ଯାହାକୁ ନୋହି ॥
ବିଭୀଷଣ ଶୁଣି ଭୀଷଣ ମର୍କଟଜାଲରେ ମର୍କଟଜାଲ ।
ବନ୍ଦନ କର ନିଧନ ବିଶ୍ରବା ରହିବ ଏ କେତେକାଳ ॥
ବିପକ୍ଷ ମାରିଁ ମାରୁତି ଯେନ କପି ବାମେ ସେ ସାହା ମୋହର ।
ବିଜୟୀ ଲକ୍ଷ୍ମଣ ଅଙ୍ଗଦସୁକେଶ ଆଗେଆଗେ ବିଜେ କର ॥
ବିଦୃଶ ପାଶଜନ ତମ ରଞ୍ଜନ ରଜନୀର ଜାତ ଜ୍ୟୋତି ।
ବିସ୍ତୀର୍ଣ୍ଣ ପଞ୍ଚଭାଷାରେ ବୁଝି ଜନେ ଯୁକ୍ତ ରଥବନ୍ଧ ରୀତି ॥

ଏଠାରୁ ଶୃରପଦ ରଥବନ୍ଧ

ବିଦ୍ୟାରମ୍ୟ ଓକ ତର ତଳଲିତ ରୂପାପଞ୍ଚିତ ଉନ୍ନତ ।
ବିଷ୍ଣୁ ଲଭ୍ୟ ଶୁଭ ଅନନ୍ଦିତ ଶଶୀ ପ୍ରଭା ସାରସ୍ୱତ ନିତ୍ୟ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବିଦୋଷକାଶ୍ରୟା ପ୍ରଲଘୁତନତ ହେବ ଖସି ପ୍ରଭା ନଭୁଁ ।
ବିନାୟକମାନ୍ୟ ତାପସଂହରକ ଉଦୟକ ସମରଭୂ ॥
ବ୍ୟାକୁଳୁଁ ରାବଣ ମନ ଛିନ୍ନକାରୀ ପୁଷ୍ପକ ପରେ ବିଳସୁଁ ।
ବାମେ ଦେବସୂତ ପ୍ରିୟବାହି ଚାର ଚାଳନ ଲୀଳାରଭସୁଁ ॥
ବିବରବର୍ଣ୍ଣିକ ତୁଙ୍ଗାସାର ଧ୍ୱଜ ତୁରିତାବସ୍ଥଳ ଛବି ।
ବିବିଧରେ ଭୂଳ ତରୁଧର ବ୍ୟୂହ ପ୍ରକାଶ ବିରୁଚ ରବ ॥
ବିକ୍ରମି ସାରଥିବାକ୍ୟେ ଦାଶରଥି ରଥାରୋହେଁ ବିଭୀଷଣ ।
ବିଲୋକିଲା ନେତ୍ରେ ନିର୍ବାଣେ ଜଡ଼ିଲା ଜୟ ଭାଷିଲେ ଗୀର୍ବାଣ ॥
ବୁଝି ଚିତ୍ତ ଦେଇଁ ଉଚିତ ଏ ଗୀତ ରଚିତ ସର୍ବକୋବିଦେ ।
ବୋଲେ ଉପେନ୍ଦ୍ର ଭଞ୍ଜ ଶେଷ ହେଲା ଛାନ୍ଦ ବୟାଣୋଇପଦେ ॥

୫୧ ଛାନ୍ଦ

ରାଗ—କନଡ଼ା

ଅଗ୍ନି ପରୀକ୍ଷା

ବଲ୍ଲଭ ଦୁର୍ଲ୍ଲଭ ସନ୍ଦେଶ ଲଭନ୍ତେ ସୀତା ଈଷିତ-ହାସ-ବଶ ।
ବେଶ ହେବାରେ ନୋହିଲା ଆବେଶ ।
ବିଚ୍ଛେଦ-ବିପତ୍ତି ଦରଶନେ ପତି ମତିକି କରି ପ୍ରବେଶ ସେ । ବିରାଗୀ ।
ବସି ସୁକାସନେ କରୁଁ ଗମନ । ବେଢ଼ି ରାବଣ ମହାଦେଈମାନ ।
ବିରହବିରହ ଚାମର ଆଲଟ ଖେଦ କରନ୍ତି ଚାଳନ ସେ । ବନିତା ॥
ବିହାରି ବାରିଥଳହରିଣୀ ଯେମନ୍ତ ତହିଁ ବିହରି ଶିରୀ ଆସେ ।
ବନଜନୀଲତା କି ପାଶେ ଭାସେ ।
ବିଚିତ୍ର ତରଣୀ ମଞ୍ଜୁଳଧାରଣୀ ହିନ୍ଦୋଳା ଦୋଳାୟିତ ସେ ଯେ । ବିଦୁଷେ ।
ବେଣିକର ଗତି ମଧ୍ୟଚହଟ । ବୋଲିବାର ମଣିମା ଭେକରଟ ।
ବୋଇଲେ ରାମ ଚଳାଇଁ ଆଣ ଦେଖି ପାସୋରନ୍ତି ସର୍ବେ କଷ୍ଟ ଯେ । ବେଗରେ
ବାଟେ ଦ୍ୱିବିଦ କହିଲା ଏ ଉଦନ୍ତ ସୁଦନ୍ତଶୋଭୀ ଶୁଣି ଭାଲେ ।
ବିଭୁ ବିରାଗୀ ମୋହଠାରେ ହେଲେ ।
ବନଜନୀଦଳେ ଗର୍ଭୀଳସୀ ହଂସୀ ଚାଳିବା ଚାଳକ ଦଳେ ସେ । ବିରାଗୀ ।
ବାସେ ଲୋଭୀ ହୋଇଁ ଭୃଙ୍ଗମଣ୍ଡଳୀ । ବୁଲେ ଚନ୍ଦ୍ରଛବିରେ ଘୋଷଣାଲୀ ।
ବିଶେଷ ଶୋଭାରେ କୀରତ କି ରତିକି ରତିରେ ଛେଦେ ଭାଲସେ । ବିଦୁଷେ ॥
ବିଚାରିଲେ ସର୍ବେ ନେତ୍ରପାତ ମାତ୍ରେ ବିଧାନ କଲା କେ ଏହାକୁ ।
ବିଲୋକନ ନ କଲାଇଁ ତାହାକୁ ।
ବୋଲନ୍ତି ଯାହାକୁ ଭୂଷଣଭୂଷଣା ଆନ ଉପମା ଏହାକୁ ହେ । ବିଧାତା ।
ବୁଦ୍ଧି କେତେ ତୋ ନିର୍ମାଣ ଏହାର । ବଣା ଧୈର୍ଯ୍ୟ ଉର୍ବଶୀରେ ଯାହାର ।
ବାସ୍ତୋଷ୍ଟିତ ଯେବେ ଦରଶନେ କଲୁ ନ କଲୁ ସେହି ପ୍ରକାର ହେ । ବିଧାତା ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବାମଦେବ କନ୍ୟା ଗଉରୀଙ୍କ କାଳୀ-ବୋଲନ୍ତି ଥିଲା ଏ ସଂଶୟ ।
ବଳେ ସୁବର୍ଣ୍ଣ ଶତେ ଗୁଣ କାୟ ।
ବାଳୀରଚନସ୍ଥଳଙ୍କ ଅନୁଯାୟୀ ଯେଣୁ ହେବେ ଉପମେୟ ହେ । ବିଧାତା ।
ବର୍ଣ୍ଣେ ଏମନ୍ତ ପରରେ ତାଂହାଙ୍କୁ । ବାମା ନାହିଁତ ଉପମା ଦେବାକୁ ।
ବିସର୍ଜିଲା ପ୍ରାଣ ନ ମୁଖ୍ୟ ରାବଣ ବିପୁରେ ଭ୍ରମି ଥିବାକୁ ହେ । ବିଧାତା ॥
ବଦନଶୋଭାକୁ ଚାହିଁ ମହୀଜାର କଳାକର ନାଶ ବହିଲା ।
ବିଧୁରେ ତ ବିବେକ ନ ରହିଲା ।
ବେଦଜଡ଼ ସିନା ଅନନ୍ତେ ପୁଚ୍ଛିବ ଅନନ୍ତ ତାଙ୍କୁ ହୋଇଲେ ହେ । ବିଧାତା ।
ବୋଲିବାକୁ ସ୍ୱୀପଦରେ ସମ୍ଭବେ । ବିନାୟକମତରୁ ସୀତା ଠାବେ ।
ବରବର୍ଣ୍ଣିନୀ ବିଗ୍ରହା ଉତ୍ତମା ରାମା ହୋଇଛନ୍ତି ତା ଭାବେହେ । ବିଧାତା ॥
ବାଛି ବାଛି ଲଙ୍କପତି ଆଣିଥିଲା ସଂସାର-ସାର ସୁନ୍ଦରୀଙ୍କି ।
ବିଦେହଜା ତହିଁ ରାଜାଭିଷେକୀ ।
ବିଶ୍ୱରୁ ଏସନ ତା ବିଶ୍ୱରୁ ଦର୍ଶନ ଲଭେ ରାମସନ୍ନିଧିକ ହେ । ବିଧାତା ॥
ବୋଲେ ସତ୍ୟବାଦୀ ହୋଇ ଏ ଗିର । ବିରଧିକୁ ବିନାଶ କଲ ପର ।
ବିଭ୍ରବସୁପତି ପଦ୍ମିନୀ ମଧୁପେ ରସିତା ଏ ଶ୍ଳେଷ କର ଗୋ । ବିରାଗୀ ॥
ବୈଦେହୀ ଗୁଣଗର୍ବିତା ହୋଇ ଭଷେ ସୁବର୍ଣ୍ଣ ବର୍ଣ୍ଣିନା ଯାହାରେ ।
ବୋଲିଁ ଶୁଣି ହୃଦ ଅଛି ତହିଁରେ ।
ବୋଧିଲେ ଲେଖକେ ସିନା ହୋଇଁ ମୁହିଁ କହିଛି ଆନ ପ୍ରକାରେ ହେ । ବିଶ୍ୱର
ବୀତହୋଏ ପରୀକ୍ଷା ଜଣା ତାର । ବୋଲିଁ ସାଧନୀ କଲେ ସୀଉକାର ।
ବଣିକଭାବେ ଇନ୍ଧନକୂଟେ ଅଗ୍ନି ଯୋଗେ ଝାସିଲେ ସତ୍ୱର ସେ । ବିରାଗୀ ॥
ବିକଳେ ସକଳେ ଭାଳେ କି କରୁଣା ନ ଜାଣେଏ ବଡ଼ ଦାରୁଣ ।
ବେଧାବିଧାନ ହୁଅଇ ପ୍ରମାଣ ।
ବହ୍ନି ବହ୍ନି ବୋଲି ନଗର ଜଳାଇ ସେକାଳେ କଲେ କରୁଣ ସେ । ବୀରେନ୍ଦ୍ର ।
ବିଭାକରମଣି ସେ ହୋଇଥିଲେ । ବିଧୁମଣିଭାବ ପୁଣି ବହିଲେ ।
ବକ୍ଷବିଶ୍ୱରେ ପ୍ରୀତରେ ଦୁଇ କଥା କହିଲେ ପୁଣି ଦ୍ରବିଲେ ସେ । ବିକଳେ ॥
ବାଳଣବଚନେ ଜୀବନ ତେଜିବା ଉଚିତ ହୋଇଲା ତୋହର ।
ବୁଡ଼ିଗଲା ସୃଷ୍ଟି ଏବେ ମୋହର ।
ବୋଲାଇଲ କି ନାହିଁ ଚନ୍ଦ୍ରମା ହୋଇଲେ ଆନଅର୍ଥେ ଦୋଷାକରରେ । ବିରାଗୀ
ବଂଶାକ୍ଷ କି ତୋତେ ଛୁଇଁଲ ଭାଜନ । ବିବେଚନା କରଣ ମନେ ଘେନ ।
ବିଳମ୍ବ ଅବଲମ୍ବକୁ ତ୍ୟଜ ତ୍ୟଜ ନ କର କ୍ଳଶାନୁଧ୍ୟାନରେ । ବିରାଗୀ ॥
ବାରିଦଅଙ୍କରେ ଲୀନ ହୋଇ ଥାଇ ପ୍ରକାଶଇ ଯଥା ଚଞ୍ଚଳା ।
ବିକାଶିବୁ ମୋ ଭାଗ୍ୟ ସେହିଲୀଳା ।
ବୋଲିବାକୁ ଜଳମଗ୍ନ ଜନ ପ୍ରାୟେ ବାହାର ହେଲେ ନିର୍ମଳା ସେ । ବିରାଗୀ
ବେଢ଼ିଥିଲା ଜନେ ଜୟ ଘୋଷିଲେ । ବିଧି ବ୍ରହ୍ମମୁଖୁଁ ମୁକ୍ତ ଭାଷିଲେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବିହାୟସରୁ ବିହାୟସ ପରାଏ ସେ କାଳେ ଖସି ଆସିଲେ ଯେ । ବିବୁଧେ ।
ବିଦିତ ଶିଖି ପଞ୍ଚାସ୍ୟ ଆଦି କରି ପରେତରାଟ ବରୁଣହି ।
ବାସବର ତ ପରିମଳ ଶୋହି ।
ବିଳସନ୍ତା ହେଲେ ମୟୂରେ ଗନ୍ଧର୍ବେ ମରୁତେ ଅପୂର୍ବ ନୋହି ସେ । ବିଦୁଷେ ।
ବିଚିତ୍ର ଏ ଅଜଜାତେ ରୁଚିର । ବୋଲେ ଶ୍ରୀ ତ୍ୟକ୍ତ କରିବା ବେଭାର ।
ବିଷ୍ଣୁ ତୁମ୍ଭେ ରାଜକୁମାର ସ୍ୱଭାବେ ଯୁବାବୟସରେ ସାର ହେ । ବରିର ।
ବୃଷାଞ୍ଜନ କହି ବାସୁକୀ ଶ୍ରୀ ଯେହି ତୁମ୍ଭେ ମୋହପର ଭୋଗରେ ।
ବସୁନ୍ଧରା ଫୁଟିଜାତ ଯୋଗରେ ।
ବହ୍ନି ଯାହାକୁ ଜୀର୍ଣ୍ଣ କରି ନ ପାରେ ଆନ କେଧର୍ଷିବ ତାରେ ହେ । ବଗ୍ନିର ।
ବୋଲେ ରାଘବ ଜନ-ଅପବାଦ । ବିଧ୍ୱଂସିଲୁଁ ଭଲ ଏକ ମନ୍ଦ ।
ବିଣ୍ଡମୂର ଯେବେ ମୁହିଁ ମୋତେ ତେବେ ସେବବେ ଭୂଦେବବୃନ୍ଦ ହେ । ବିନୟେ ।
ବ୍ରହ୍ମା ବୋଇଲେ ମୋପୁତ୍ର ଶିବ ବୋଲେ ମୋମିତ୍ର ଜାଣି ଅନୁସରେ ।
ବିହରିବେ ତାଙ୍କ ପୁତ୍ର ସେବାରେ ।
ବର୍ତ୍ତିବେ ସୈନ୍ୟ ରକ୍ଷ ଦୁଷ୍ଟବହ୍ନିନ ତେବେ ଆଜ୍ଞା ପାଳନରେ ହେ । ବିବୁଧେ ।
ବୃଷ୍ଟି ସୁଧା ଯେ ବସନ୍ତ ମରୁତ । ବଣେ ସମସ୍ତ କଲା ପଲ୍ଲବିତ ।
ବଂଶ ଦୁଷ୍କର ମୃତ୍ୟୁଭାବେ ରହିଲେ ଥିଲା ଜନେ ଆଚମ୍ବିତ ହେ । ବିଦୁଷେ ।
ବ୍ୟାପାରେ ବଳ ବିନଦ୍ର ଜନ ଯଥା ଯୁଦ୍ଧାର୍ଥେ ତଥା ସର୍ବେ ଧାଇଁ ।
ବେନଦିଗ ମନ୍ତ୍ରୀ ଏ ନବର୍ତ୍ତିଇଁ ।
ବାହୁଡ଼ିଲେ ସୁରେ ସର୍ବେ ଅଯୋଧ୍ୟାକୁ ଜବେ ଯିବା କେହି କହି ହେ । ବୀରେନ୍ଦ୍ର ।
ବିଭୀଷଣପ୍ରୁଷ୍ପକ ସମର୍ପଇ । ବଇହୀଙ୍କି ମନ୍ଦୋଦରୀ ତହିଁ ।
ବିଳୋଇ ରହିଲେ ଶ୍ରୀରାମ ସବଳେ ବସନ୍ତେ ଗଗନେ ଯାଇସେ । ବିଧାନ ।
ବର୍ଣ୍ଣି ବର୍ଣ୍ଣିନେ ଅମରବରମଣି ମରକତ କରି ଯାହାରେ ।
ବାଚକ ସେ ପ୍ରିୟାରେ ସ୍ନେହିଦରେ ।
ବସିବା ଦମ୍ପତି ସମ୍ପତିରେ ରଥେ ପ୍ରତେ ନଥିଲା ମନରେ ରେ । ବାନ୍ଧବ ।
ବାଳାମଣି ଶୁଣି କଲେ ଉତ୍ତର । ବିପତ୍ତିକ ସାକ୍ଷୀ ପୁଣି ଏମୋର '
ବିରସ ହରଷ ସ୍ମରଣକୁ ଦରଶନ କଲା ଦଇବର ହେ । ବାନ୍ଧବ ।
ବିଦର୍ପକର ଦର୍ପକର ରୁଚ ଯେ ଭରତ ରଚସେ ବିଚବେ ।
ବହେ ତୃଣାଙ୍କୁର ମେରୁ ତୋଗାବେ ।
ବନ୍ଧ ବନ୍ଧନ ନଳହେତୁ ଜଳରେ ତଥା ରହିଛନ୍ତି ଗୋଟେଏ ରେ । ବାନ୍ଧବ ।
ବରୁଣର ପ୍ରସନ୍ନ ମନେ ଧାଇଁ । ବହି ଏସ୍ଥାନେ କୁଶଶଯ୍ୟା ମୁହିଁ ।
ବାମାକ୍ଷୀ ଭାଷେ ଅଶୋକବନ ଦଶେ ଏଥେଁ ମୁ ମଞ୍ଚିରେ ଶୋଇଁ ହେ । ବାନ୍ଧବ ।
ବ୍ୟବସ୍ଥିତେ ଦେଖ ମାଲ୍ୟବନ୍ତକେଶି ମାଲ୍ୟବନ୍ତ ରାମ କଥିତ ।
ବଞ୍ଚିବାରେ ବରଷା କ ବ୍ୟଥିତ ।
ବରଗିଲୁଁ ଦୂତ ତୋପାଣେ ଉଦନ୍ତ ଘେନ ସେ ବାହୁଡ଼ି ସ୍ଥିତ ରେ । ବାନ୍ଧବ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବୃକ୍ଷ ଶିଂଶପା ଏ ସେ ସୀତା ବୋଲି । ବ୍ୟଥାବଶେ ମୁଁ ଯଥା ଆଶ୍ରା କଲି ।
ବାରତା ପାଇଁ ତା ତଳେ ଆଶାବୃଦ୍ଧି ଆଶାମାନ ଗୃହୁଁ ଥିଲି ହେ । ବଲ୍ଲଭ ॥
ବିକୁକ୍ଷିବଂଶୀ ବୋଲନ୍ତି କ୍ଷୀଣକୁକ୍ଷି ଅଙ୍ଗନା ଏ ରୁଷ୍ୟମୂକ ଦର୍ଶି ।
ବ୍ୟାପିଥିଲା ସନ୍ତାପ ତମନଶୀ ।
ବାୟୁଜ ଅରୁଣ ସହମିତ୍ର ସଂପାଦରେ ହୃଦପଦ୍ମ ତୋଷି ରେ । ବାନ୍ଧବ ।
ବିନ୍ଧ କଉଶିକଭବ ଗୁପ୍ତରେ । ବଇଦେହୀ ପ୍ରମାଣ ତାହା କରେ ।
ବିହୀନ ମୁଁ ଚନ୍ଦ୍ର ତାର ଭୂଷଣରେ ଦୀନ ହୋଇଁ ଏହି ଠାରେ ହେ । ବାନ୍ଧବ ॥
ବିଚ୍ଛେଦ ଥିଲା ଦମୃତରୁ ତରୁଣି ବିଚ୍ଛେଦ ପରଶୁ ତୋହର ।
ବାହୁବନ୍ଧେ ପଡ଼ିଲୁଁ କବନ୍ଧର ।
ବିନାଦର କଲା ସୋଦର ଏସ୍ଥାନେ ଗିର ଆଦର ରାମର ଯେ । ବିରାଗୀ ।
ବୋଲେ ତୁମ୍ଭେ ବଳବନ୍ତକେଶରୀ । ବିଗୃର ମୁଁ ଅବଳା ସୁକୁମାରୀ ।
ବିଲୋକନ କରିବା ପଞ୍ଚବଟୀକି ଏହିସିନା କଷ୍ଟକାରୀ ହେ । ବାନ୍ଧବ ॥
ବାହୁଜବର ବୋଇଲେ ବନଦୋଷ ବାନ୍ଧବ ମନରେ ନ ଘେନ ।
ବଣିଜର ଭାବ କର ବର୍ଦ୍ଧନ ।
ବିସାଇ ବିଚ୍ଛେଦ ତୁଲପାଦେ ତୁଳ ଦେଲା ସିନା ପ୍ରେମଧନରେ । ବାନ୍ଧବ ।
ବାରେ ନରେଖ ଚନ୍ଦ୍ରକୂଟଗିର । ବିନୋଦକୁ ଥିଲୁ ଏଥେଁ ଆଦର ।
ବୋଲୁଁ ଭରଦ୍ୱାଜବନେ ମିଳେ ରଥ ରହି ବୋଲି ଯେଣୁ ସ୍ମର ସେ । ବୀରେନ୍ଦ୍ର
ବ୍ୟୋମରେ ଅମରେ ଗମନ୍ତି କି ଋଷିକୁମରେ ମନେ କରିଥିଲେ ।
ବଳ ବିବଧରେ ନ୍ହୁଁ ଦେଖିଲେ ।
ବଳ ତରସ୍କାର ବିବକ୍ରମ ତହିଁ ଦେଖି ଗୁରୁଙ୍କୁ କହିଲେ ସେ । ବିଦୁଷେ ।
ବ୍ୟଗ୍ର ହୋଇ ପୂଜନ କଲେ ଆସି । ବେଳୁଁବେଳ ହୋଇଲେ ଅତି ତୋଷୀ ।
ବିଭିନ୍ନକର ହିରଣ୍ୟପ୍ରଭ ରଙ୍ଗେ ସେ ନରକେଶରୀ ଭାଷି ସେ ॥
ବିସାଇ ଆଶ୍ରମେ ଆସନେ ଶୁଣିଲେ କାନ୍ତାବିଚ୍ଛେଦ କଷ୍ଟ ଖେଦ ।
ବଧ କରିବା କବନ୍ଧ କ୍ରବ୍ୟାଦ ।
ବିନ୍ଧ ସପ୍ତଶାଳ ସୁଗ୍ରୀବ ସପକ୍ଷ କପୀନ୍ଦ୍ର କରିବା ଭଦ ହେ । ବିଦୁଷେ ।
ବାରିପରେ ମହୀଧର ଭାସିବା । ବଂଶସହିତେ ରାବଣ ନାଶିବା ।
ବହିଲା ଗର୍ବ ସର୍ବ ମୋରେ ହୋଇଛି ଶୁଣି ମୁନି ପ୍ରଶଂସିବା ଯେ । ବାତଜ ॥
ବନ୍ଦ୍ୟ ବନ୍ଦନୀୟ ଜାଣି ତାର ମନ ବାରୁଣୀବନେ ପଠିଆଇଁ ।
ବିଚ୍ଛନ୍ଦରେ ମହାଭୁଜ ଦେଖାଇ ।
ବିନ୍ଧାଣ ମଲ୍ଲସ୍ତମ୍ଭରେ କଲାପ୍ରାୟ ଯୁଦ୍ଧାରମ୍ଭେ ଫୁଟି ରହି ସେ । ବାତଜ ।
ବିଭାବରୀ ସମ୍ମୁଖରେ ଯେମନ୍ତ । ବନରୁହରେ ବନ୍ଦୀ ମଧୁବ୍ରତ ।
ବିମୁକ୍ତ କରାଇ ରାମନାମ ପ୍ରଭା ସ୍ମରଣ ହୋଇ ପ୍ରଭାତ ସେ । ବିଦୁଷେ ॥
ବୋଧକଲେ ପ୍ରଭୁ ଭେଟ ଆସି ତେଜସ୍ୱୀନେ ଦେଇ ଏହି ଲକ୍ଷିତ ।
ବ୍ୟାଘନାସାଚ୍ଛିନ୍ନ ଘାତେ ବ୍ୟଥିତ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବିମର୍ଦ୍ଦନେ କ୍ଷମ କଦା ନୋହେ ହୋଏ କି ତାପ୍ରାକର୍ମ ନିନ୍ଦିତ ହେ । ବାତଜ ।
ବିଘ୍ନସ୍ଥାନେ ଯା ରଭସ ବାସିତ । ବିଜୟ ତୁ ହୁଅ ଆହୁଁ ଜଗତ ।
ବୋଲଣ କୈକେୟୀ ପାଶକୁ ପ୍ରେଷିତ ଜାଣିବାପାଇଁ ଉଦନ୍ତ ସେ । ବୀରେନ୍ଦ୍ର ।
ବଦାଇଥିଲେ ଶୃଙ୍ଗବେରପାଳକ ମେଳ ହୋଇ ରାଗ ଜାଣିଲା ।
ବରାଟକ ବିନା ଗିରେ କିଣିଲା ।
ବ୍ୟୋମନାସିକା ପରି ହୋଇ ଆକାଶେ ବିଳାସ ପ୍ରକାଶ କଲା ସେ । ବାଜତ ।
ବଲ୍ମୀକରୁ ଯେମନ୍ତ ଇନ୍ଦ୍ରଚାପ । ବ୍ୟାପି ନଭରେ ଧରେ ପ୍ରଭାରୂପ ।
ବିତନ୍ଦ୍ରିତା ଦେଖି ଅଯୋଧ୍ୟାଗମନେ ଉତ୍ସୁକ ଶବରାଧିପ ହେ । ବିଦୁଷେ ।
ବିଭର୍ତ୍ତି କରନ୍ତି ଭରତ ଭରତଖଣ୍ଡ ଲକ୍ଷନୃପ ସସୈନ୍ୟ ।
ବିହେ ନନ୍ଦୀଗ୍ରାମ ଲକ୍ଷ ଏସନେ ।
ବିହିତ ତାରକା ନଭପ୍ରାନ୍ତବମ୍ବେ ଜଳପାତ୍ରକେ ଯେସନେ ହେ । ବିଦୁଷେ
ବିତର୍କଇ ତା ଦେଖି ହନୁମନ୍ତ । ବୈମାତୃକରେ ଲକ୍ଷ୍ମଣ ଭରତ ।
ବାସିତ ପୁଷ୍ପ ସେ ଏ କଣ୍ଟକପତ୍ର ଏକା କେତକୀରୁ ଜାତ ହେ । ବିଧାତ ।
ବୋଲବୋଲ ହେଉଁ ଲଙ୍କାକଟକାଇ ଲଗ୍ନ କେଉଁଦିନ ଶ୍ରବଣେ ।
ବିବେକତା ଲାଗିଲି ସୁଲକ୍ଷଣେ ।
ବାହ୍ୟ କର୍କଶ ଦେଖାଇ ରସଗର୍ଭି ହୋଇଗଲା ତତକ୍ଷଣେ ସେ । ବାତଜ ।
ବ୍ୟୋମୁ ଋଷି ଭରତେ ପ୍ରଣପତ୍ୟ । ବିଗ୍ରହରେ ଦେଖି ସେହୁ ଜଡ଼ିତ ।
ବାର୍ତ୍ତା କି ବାର୍ତ୍ତା ପୁଚ୍ଛନ୍ତି ଜୟ କରି ପ୍ରଭୁ ବିଜୟ ଭୂଷିତ ସେ । ବାତଜ ।
ବାରବାମାମୁଖୁଁ ଯାତ୍ରୀ ଶୁଣି ଭଣି ଜନଯୃବିଗଣ ଆସିଲେ ।
ବାଣୀ ସଲକ୍ଷଣନ୍ତିକି ଭାଷିଲେ ।
ବୋଇଲେ ରାମଚନ୍ଦ୍ର ଉଦେ ପୂର୍ତ୍ତିରେ କ୍ଷୀଣେ ସିନା ମୁଖ୍ୟଥିଲେ ସେ । ବାତଜ ।
ବିଧାଇକି ବହୁତରୂପେ ଦେଇ । ବିଶ୍ୱରନ୍ତେ ପାଶ୍ଚେଟିଯିବା ତହିଁ ।
ବିମାନେ ଗଗନେ ଆସନ୍ତ ସିନା ସେ ସ୍ୱନାମଲକ୍ଷରେ ବହି ସେ । ବାତଜ ।
ବିନୌକାଆଶ୍ରମେ ପୁଷ୍ପକାଳ ଶେଷ କରି ଅଶେଷ ତୋଷଭରି ।
ବଲିଦେହୀଭୋଗରେ ତତପର ।
ବିଗତ ଅନଙ୍ଗଜ୍ୱର ସନ୍ନିପାତ ଭୟ ଶ୍ୟନ୍ଦନ ବିହାର ସେ । ବୀରେନ୍ଦ୍ର ।
ବାଦ୍ୟ ଶୁଭନ୍ତେ ଧରଣୀ ଉଚ୍ଛୁଳ । ବାହୁ ଊର୍ଦ୍ଧ୍ୱେ ନୃପତିବୃନ୍ଦ ତୋଳ ।
ବିହିତ କାକତଟକୀ ରକ୍ଷ୍ୟଧୃତ କୁରୁଙ୍କୀ କି ଦୃଷ୍ଟିଶାଳୀ ସେ । ବିଦୁଷେ ।
ବାଲ୍ୟଅବସ୍ଥା ସୁମରଣା କର୍ଣ୍ଣରେ ସାରଣୀ ଫିଙ୍ଗିଲା ପରେ ।
ବିମାନ ଯେ ଋଷିଆସି ସଭିରେ ।
ବିଲସି ପାରାବତ ବୃକ୍ଷେ ବସିବା ପରାୟେ ସ୍ଥିତ ମହୀରେ ସେ । ବିମାନ ।
ବ୍ୟୋମକେଶ ବୋଲନ୍ତି ତ୍ରିଲୋଚନ । ବୁଝିବାରେ ଉପମା ବିଦ୍ୟମାନ ।
ବିଭୂଷି ଥିଲେ ପାରିଜାତମାଳକୁ ଋଷି ସେ ହେଲାପଡନ କି । ବିଦୁଷେ ।
ବିନ୍ଧାଇ କି ଚୂଡ଼ା ରସା ରସାଳସା ଆକାଶ-ବେଶକାଞ୍ଚି-ବଶେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବିରାଜଇ ବୃକ୍ଷପ୍ରଭିଜାଲେ ସେ ।
ବିନ୍ୟସ୍ତ କର୍ପୂର କାଠିକ ସୁକରେ ରାମଗର୍ଭି ଦିବ୍ୟବାସେ ସେ । ବିଦୁଷେ ।
ବାହାରନ୍ତେ ସେ ରଥୁଁ ରଘୁମଣି । ବିକାଶେ କି ପୂର୍ବାଦ୍ରିରୁ ତରଣି ।
ବିପ୍ର ନୃପତି କଲାପ କରାଞ୍ଜଳି ନିଉଁଛଳ ସ୍ତୁତି ଭଣି ହେ । ବିଦୁଷେ ॥
ବଡ଼ଦେଉଳ ଅଗ୍ରତରେ ଗୁଣ୍ଡିଚାରଥ ଯେ ଦେଖିଛି ତରକ ।
ବିଲୋକନେ ବିଳାସୀ ସର୍ବଲୋକ ।
ବିଦିତ ନରେଶେ ଉତ୍ସବ ସେଠାରେ ଏ ନବ ଦିନ ସଂକ୍ଷକ ହେ । ବିଦୁଷେ ।
ବେନି ସୋଦର ନମସ୍କାର ଅନ୍ତେ । ବିଧୂ ନେଇ ଆନନ୍ଦେ ମାତୃବ୍ରାତେ ।
ବିଶେଷତ ଶୁଭରତ ସୁ ଭରତ ଶ୍ରୀରାମ କଟାକ୍ଷପାତେ ହେ । ବିଦୁଷେ ॥
ବାନରପତିରେ କେଶରୀ ସରରେ ନରପତିବଧୂ ଆଦରେ ।
ବିପ୍ରବଧୂ ସୁଷେଣ ଜାମ୍ବବରେ ।
ବିଭୀଷଣେ ରାମ ଆଗ୍ୟର ପ୍ରଗ୍ୟର ପ୍ରଶଂସିତ ସମସ୍ତରେ ସେ । ବିଦୁଷେ ।
ବାଚକ ସେ କୃତାର୍ଥ ହେଲୁଁ ସର୍ବ । ବିଜେ ସଭାରେ ସଂଭ୍ରରେ ରାଘବ ।
ବିରତ ସ୍ନାନ ତରତ ସେ ଅନ୍ତରେ ସୁମନ୍ତ୍ର-ସୁମନ୍ତ୍ର ଭାବ ହେ । ବିବୁଧେ ।
ବର୍ଦ୍ଧକବର୍ଦ୍ଧନ ଶୋଭା ଅଯୋଧ୍ୟାରେ ସେ ଦିନୁଁ ଅତିଯତ୍ନେ କରୁଁ ।
ବିଶ୍ୱକର୍ମା ବାଞ୍ଛିତକୃତେ ଗୁରୁ ।
ବିଜ୍ୱଳିତ ସେ ତ ଅନନ୍ତମଣିରେ ଅନନ୍ତ ମଣିରେ ଗୁରୁ ଏ । ବିଦୁଷେ ।
ବିସ୍ତରଣା ଏ ଅଳକାଶୋଭିତା । ବଲଧବ୍ୟ ଅବସ୍ଥା ଆଲିଙ୍ଗିତା ।
ବିଶେଷ ଅଳଙ୍କାର ମୁଖ୍ୟ ଗଣିକ କେବଳ କରଣ ତନ୍ତ୍ରା ଏ । ବିଦୁଷେ ॥
ବୋଲଇ ଯେ ଲଙ୍କା ତହିଁ କରୁ ଶଙ୍କା ତାପୁଷ୍ପ ଲଙ୍କାକେଶୁଁ ଖସି ।
ବିମଳନ ପତନ ହୋଇ ଦିଶି ।
ବିପୃଷ୍ଠା ଯହିଁ ଅମରାବତୀ କହିଁ ବାର୍ଦ୍ଧକ୍ୟ ସ୍ୱଭାବ ଦିଶି ହେ । ବିଦୁଷେ ।
ବସେ ଭୋଗବତୀ ପଦତଳରେ । ବିଶ୍ୱାସିତ ଦାସୀଭାବ ବଳରେ ।
ବିଲୁଣ୍ଠି ଯେହି ନାମେ ମର୍ତ୍ତ୍ୟେ ନାହିଁ ତାଗୁଲେ ଗୁଲେ ଗୁଲରେ ହେ ॥
ବିନ୍ୟ କୈକେୟୀ ପାଦୁକାଙ୍କୁ ଥୋଇ ରଘୁବଂଶଈଶ ସମ୍ମୁଖରେ ।
ବିହ ନୃପପଦଙ୍କୁ ତତପରେ ।
ବାସୁକୀ ବିନା ଧରାଭାର ଧାରଣ ଆନ ସୋଦରେ କି ଚରେ ହେ । ବୀରେନ୍ଦ୍ର ।
ବୋଲୁଁ ଶତ୍ରୁଘ୍ନ ଯଥାର୍ଥ ଉଚ୍ଚାର । ବୋଲେ ସୁମନ୍ତ୍ର ହେଉ ଏ ସେପର ।
ବିଷ୍ଣୁଙ୍କୁ ଅନୁସର ବ୍ରହ୍ମା ଯେମନ୍ତ ସୃଷ୍ଟିପାଳନାକୁ କର ହେ । ବୀରେଶ ॥
ବଶିଷ୍ଠ ବଶିଷ୍ଠ ଗୁରୁପୁଷ୍ପାଯୋଗେ ଅଭିଷେକ ତେବ ଭାଷିତ ।
ବାମଦେବ କହି ହେଲେ ଏମନ୍ତ ।
ବନେ ଦୂଷଣ ନାଶିଅଛ ଅନୁଜପ୍ରସୂଦୂଷଣ ହରତ ହେ । ବୀରେନ୍ଦ୍ର
ବିଭୁ ଅଙ୍ଗୀକୃତେ ଏହା ଶୁଣିଲେ । ବାୟୁପୁତ୍ରଙ୍କୁ ଜାମ୍ବବ ଭଣିଲେ ।
ବାଲଖିଲ୍ୟାସହ ସନକାଦି ମୁନି ଗଙ୍ଗାଦିଜଳ ଆଣିଲେ ହେ । ବିଦୁଷେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବିଭିନ୍ନକଲେ ଷଷ୍ଠା ଯହୁଁ ହରିବ ଅରଣ୍ୟବିହାର ଅନ୍ତର ।
ବସିବାକୁ ସମ୍ରାଟ-ପଦବୀର ।
ବିଭୂଷି କୁନ୍ତଳଦେଶ ପୁଷ୍ପପୁର ଅଙ୍ଗଦେଶ ମନୋହର ହେ । ବିଦୁଷେ ।
ବହି ଅନନ୍ତଶୋଭା ମହୀଧାର୍ଯ୍ୟେ । ବିଧୁ ନକ୍ଷତ୍ରମାଳାରେ ବିରାଜେ ।
ବୋଇଲେ କନ୍ଦର୍ପ କୋଟିଏ ଗୋଟିଏ ଦର୍ଶନେ ଜନସମାଜେ ହେ ।
ବାଦ୍ୟଶବଦର ଗମକ ଚମକ ଦାନବେନ୍ଦ୍ର ଦାନ କରଣ ।
ବିସ୍ମରିଲେ ମାଇଲେଣି ରାବଣ ।
ବାଜଣା ସାଜଣା କାହିଁକି ଏଣିକି ମାରିବା ଇଚ୍ଛେ ଲବଣ ସେ । ବୀରେନ୍ଦ୍ର ।
ବ୍ୟାଳଶ୍ରେଷ୍ଠ ଦେଖିବା ଅଭିଷେକ । ବୋଲ୍‌ବଳ ହୋଇ ଯିବା ଉତ୍ସୁକ ।
ବଚନେ ଭବିତ ଲୋଚନେ ଦେଖିବେ ମହାଭାଗ୍ୟବନ୍ତ ଲୋକ ହେ । ବିଧିରେ ।
ବାଜି ଗଜ ରଥ ପତ୍ତି ଚତୁରଙ୍ଗ ପରଂପରା ହୋଇ ଏ ଥିଲା ।
ବିଧି ଏକ ନୂତନ ତହିଁ ହେଲା ।
ବାନର ଋକ୍ଷ ରାକ୍ଷସଙ୍କର ମେଳ ହିଂସାହୀନ ରାମଲୀଳା ହେ । ବିଦୁଷେ ।
ବଇଜୟନ୍ତୀ ଉଡ଼େ ବ୍ରାତ ବ୍ରାତ । ବନ୍ଦୀବୃନ୍ଦ ବନ୍ଦନରେ ଉନ୍ମତ୍ତ ।
ବିଭୀଷଣ ସୁଗ୍ରୀବାଦି ମହୀପତି ଯାନମାନ ଆରୋହିତ ହେ । ବିବୁଧେ ।
ବିଭ୍ରାଜ ହେଲେ ବିଭୁ ବନକକିରୀଟ ମର୍କତମଣି ସତ ରାମ ।
ବିଧିରେତ ଅଯୋଧ୍ୟା ନିଜଧାମ ।
ବପୁଷ୍ମନ୍ତେ ମୁକ୍ତ ହୋଇବେ କିଞ୍ଚିତେ ଭାବିଲେ ଜନମି ପ୍ରେମ ହେ । ବିଦୁଷେ ।
ବିପ୍ରାଳଣପଦେ ଛନ୍ଦ ମଧୁର । ବୋଲେ ଉପେନ୍ଦ୍ରଭଞ୍ଜ ବୀରବର ।
ବୈବାହିକ ହେବେ ନ ବୁଝିଲଜନେ ତହିଁକି କେଉଁ ବିସ୍ମୃର ହେ । ବିବୁଧେ ।

ଗୀତାଭିଧାନ

It is interesting to note that with reference to the finals, and not with the initials, that the alphabetical order has been maintained in the following list of words :—

ଗୀତ ଅଭିଧାନ ହୋଇ ସାବଧାନ ଶୁଣ ସୁଜନେ ସନ୍ତୋଷେ ।
ଅମର ତ୍ରିକାଣ୍ଡ ଯାଦବ ଶାଶ୍ୱତ ମେଦିନୀ ବର୍ଣ୍ଣପ୍ରକାଶେ ।
ପ୍ରଚୁର ଶବଦ ଯେତେ ତା କହିବା ଛାଡ଼ି ଅପ୍ରଚୁରମାନ ।
ବୁଝାଇଲେ ମୂର୍ଖେ ବୁଝିବେ ଅକ୍ଲେଶେ ସ୍ୱଭାବେ କୋବିଦଜନ ।
କଠାରୁ କ୍ଷଯ ଏ ପ୍ରାନ୍ତାକ୍ଷର ଯେନ ବର୍ଗ ବର୍ଗ ଏ ହୋଇବ ।
ଏକା ଶବଦକୁ ନାନାର୍ଥେ ବୁଝାଇ କବିଙ୍କି ପ୍ରମୋଦ ଦେବ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କ ବୋଲି ପବନ, ଜଳକୁ, କ ବୋଲି ବ୍ରହ୍ମାଙ୍କୁ, ଶିରକୁ, ସତ ।
କୁ ବୋଲି କୁତ୍ସିତକଥାକୁ, ପୃଥ୍ୱୀକି, ଶୁଣ ବୁଧେ ଦେଇ ଚିତ୍ତ ॥
ଅର୍କ ବୋଲି ଅର୍କପର୍ଣ୍ଣୀକି, ରବିଙ୍କି, ତାମ୍ର, ସ୍ଫଟିକ, ଇନ୍ଦ୍ରକୁ ।
ଅଙ୍କ ବୋଲି ଜାଣ କ୍ରୋଡ଼, ଚିହ୍ନ, ପାପ, ଦୁଃଖ, ଦୂଷଣ, ରେଖାକୁ ॥
କର୍କ ଶୁକ୍ଳ, ଅଶ୍ୱ, ସଲିଳ, କର୍କଟ, ଅନଳ, ଘଟ, ଦର୍ପଣ ।
କାକ ଅଛି ବୃଷଭେଦେ, ବୃଷଭେଦେ କାକ ରତିବନ୍ଧ, ଦ୍ରୋଣ ॥
କୋକ କହନ୍ତି ଚକ୍ରବାକ, ଇହାମୃଗ, ବିଷ୍ଣୁ, ଖର୍ଜ୍ଜୁର, ଦର୍ଦ୍ଦୁର ।
ଶୁକ କହି ବ୍ୟାସସୁତଙ୍କୁ, ରାବଣମନ୍ତ୍ରୀକି, ଶୁକ ଯେ କୀର ॥
ଲଙ୍କା ବୋଲିଇ ଯେ ଦୈତ୍ୟପୁରୀ, ଶାଖା, ଡାକିନୀ, କୁଳଟା, ନାମ ।
ଚକ୍ରୀ ଘଟକାର, ଚକ୍ରୀ ଭୁଜଙ୍ଗମ ; ଚକ୍ରୀ ଯେ ପୁରୁଷୋତ୍ତମ ॥
ଶୁକ୍ର ଦୈତ୍ୟଗୁରୁ, ଶୁକ୍ର ଜ୍ୟେଷ୍ଠମାସ, ଶୁକ୍ର ଅଗ୍ନି, ଶୁକ୍ର ରେତ ।
ରଥପଦରେ ; ଯେ ଆୟୁଧ, ବୃନ୍ଦରେ, ଚକ୍ରବାକେ, ଚକ୍ର ଉକ୍ତ ॥
ଏକ ବୋଲନ୍ତି ଯେ କେବଳ, ଶ୍ରେଷ୍ଠକୁ ; ଜନ, ଭୁବନକୁ ଲୋକ ।
ନାକ ବୋଲିଇ ଯେ ସ୍ୱର୍ଗପୁର ; ସ୍ତୋକ ଆକାଶ, ଅଳ୍ପ ଚାତକ ॥
କଙ୍କ ଯେ ବୋଲିଇ ଲୋହପୃଷ୍ଠ, ଯମ ; ପଦ୍ୟ, କୀର୍ତ୍ତି, ନାମ ଶ୍ଳୋକ
ଟଙ୍କ ବୋଲି ନୀଳେ, କପିତ୍ଥେ, ଖନତ୍ରେ ; କର୍ଦ୍ଦମ, ପାତକ, ପଙ୍କ ॥
ବକ ବୋଲି ବକପୁଷ୍ପେ, ବଲାକାକୁ, ବକ ପୂତନାଅଗ୍ରଜ ।
ବିତର୍କକୁହେତୁ, ଶାସ୍ତ୍ରକୁ, ବାଞ୍ଛାକୁ, ତର୍କ ବୋଲିକର ହେଜ ॥
ରାକା ବୋଲିଇ ଯେ ରଜସ୍ୱଳାନାରୀ, ପୌର୍ଣ୍ଣମାସୀ, ନଦ୍ୟନ୍ତରେ ।
ପାକ ବୋଲି ପରିଣତକୁ, ଉମ୍ବକୁ, ପକ୍ୱକୁ, ରାକ୍ଷସାନ୍ତରେ ॥
ଅଶୋକ ବୋଲନ୍ତି କେଳିପାଦପକୁ, ପୁଣି ଶୋକହୀନନରେ ।
ଅଳକା କୁବେରପୁରୀ, ଯେ ଅଳକା ପୁଣି ଚୂର୍ଣ୍ଣକୁନ୍ତଳରେ ॥
ଆନକ ପଟହ, ଆନକ ଭେରୀ, ଯେ ଆନକ ଭସ୍ତ୍ରରେ, ଉକ୍ତ ।
ଅମ୍ବିକା ବୋଲିଇ ଧୃତରାଷ୍ଟ୍ରମାତା, ଅମ୍ବିକା ପାର୍ବ୍ବତୀ ଖ୍ୟାତ ॥
ମେଚକ ମୟୂର ପୁଚ୍ଛ, ଯେ ମେଚକ ଶ୍ୟାମଳ ବର୍ଣ୍ଣ, ଯେ ଧ୍ୱାନ୍ତ ।
ମଣ୍ଡୂକ ବୋଲନ୍ତି ଭେକକୁ ମଣ୍ଡୂକ ବୋଲିଇ ପୁଣି ପର୍ବ୍ବତ ॥
କାଳିକା ବୋଲିଇ ମେଘସମୂହ, ଯେ କାଳିକା ଚଣ୍ଡିକା, ଜାଣ ।
ଜନକ ବୋଲନ୍ତି ତାତକୁ ; ଜନକ ନୃପତିଭେଦରେ ଘେନ ॥
ପେଚକ ହସ୍ତିଲାଙ୍ଗୁଳ, ଯେ ପେଚକ ବୋଲିଇ ବାୟସାରାତି ।
ଉଲୂକ ବୋଲିଇ ଦିବାନ୍ଧ, ଉଲୂକ ଭାରତଯୋଦ୍ଧାରେ ବର୍ତ୍ତି ॥
କୃପକ ବୋଲି କୁକୁନ୍ଦରେ, ତୈଳକୁ, କୃପକ ଗୁଣବୃକ୍ଷକ ।
ତାରକ ମନ୍ତ୍ର, ତାରକ ଦୈତ୍ୟଭେଦେ, ପୁଣି ତାରକ ନାବିକ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତାରକା ନାମ କହନ୍ତି କନୀନିକା, ତାରକା ତାରା ବୋଲାଇ ।
ଆଲୋକ ଶବ୍ଦ ଦ୍ୟୋତରେ, ଲୋକନରେ, ବନ୍ଦିଭାଷଣେ ବର୍ତ୍ତଇ ॥
ବାହ୍ଲିକ ବୋଲାଇ କୁଙ୍କୁମ, ବାହ୍ଲିକ ହିଙ୍ଗୁ, ଯେ ବାହ୍ଲିକ ଦେଶ ।
ବର୍ତ୍ତିକ ନେତ୍ରରୋଗନାଶ ଔଷଧି, ବର୍ତ୍ତିକ ପକ୍ଷିବିଶେଷ ॥
କଳଙ୍କ ବୋଲି ଲାଞ୍ଛନକୁ, କଳଙ୍କ ବୋଲି ଯେ ଅପବାଦକୁ ।
ସୂଚକ ଶବ୍ଦ ଶୁଭରେ ପ୍ରବର୍ତ୍ତଇ, ସୂଚକ ବୋଲି ଖଳକୁ ॥
ପୃଥୁକ ଶବ୍ଦ ପୃଥିବୀରେ, ଚିପିଟେ, ପୃଥୁ ନୃପଭେଦେ, ଜାଣ ।
ଖନକ ବୋଲାଇ ଇନ୍ଦୁର, ଖନକ ସିନ୍ଧିଚଉରରେ ପୁଣ ॥
ନାୟକ ବୋଲି ଶ୍ରେଷ୍ଠକୁ, ପୁରୁଷକୁ ; ଶାୟକ ଖଡ୍ଗ, ଶର ।
ବଞ୍ଚକ ଶବ୍ଦ ଶୃଗାଳରେ ପ୍ରବର୍ତ୍ତେ, ବଞ୍ଚକ ନାସ୍ତିକ ନର ॥
ଜମ୍ବୁକ ବୋଲି ଶୃଗାଳକୁ, ନୀଚକୁ, ଜମ୍ବୁକ ଜଳଈଶ୍ୱର ।
କଞ୍ଚୁକ ନାମ ସର୍ପଚର୍ମେ, ଔଷଧେ, କଞ୍ଚୁକ ବାର ବାଣର ॥
ଚଷକ ନାମ କୃଷକେ, ପ୍ରବର୍ତ୍ତଇ ଚଷକ ଯେ ମଦ୍ୟପାତ୍ର ।
କୀଚକ ବଂଶଭେଦେ ଅଛି, କୀଚକ ବିରାଟଶାଳକ ଶଠ ॥
କୁଳିକ ନାମ ନାଗଭେଦେ, କୁଳିକ ଉତ୍ତମକୁଳରେ ଭଣି ।
ନରକ ନାମ ଭୂମିପୁତ୍ର, ଦୈତ୍ୟରେ, ନରକ ନିରୟେ ଗଣି ॥
ତକ୍ଷକ ବୋଲାଇ ବର୍ଦ୍ଧକୀ, ତକ୍ଷକ ଅଷ୍ଟକୁଳାନାଗେ ଘେନ ।
କଣ୍ଟକ ବୋଲାଇ କ୍ଷୁଦ୍ରଶତ୍ରୁ, ରୋଗ, କଣ୍ଟକ ଲଗ୍ନକୁ ଗଣି ॥
ଇକ୍ଷ୍ୱାକୁ ବୋଲାଇ କ୍ଷୁଦ୍ରତୁମ୍ବିକା, ଯେ ସୂର୍ଯ୍ୟବଂଶନରେଶ୍ୱର ।
ଆତଙ୍କ ବୋଲାଇ ରୋଗସନ୍ତାପକୁ, ଆତଙ୍କ କାମୁକ, କ୍ରୂର ॥
ଚୌରକ ସୁବର୍ଣ୍ଣ, ଚୌରକ ଚୌର୍ଯ୍ୟ, ଯେ ଚୌରକ ବୋଲାଇ ଶ୍ୱାନ ।
କରକ ଦାଡ଼ିମ୍ବ, କମଣ୍ଡଳୁ ବାରି, ନାରିକେଳଫଳ ଘେନ ॥
ତେଜକୁ, ଶ୍ରେଷ୍ଠକୁ, ଔଷଧିକ, ବୃକ୍ଷଭେଦକୁ, ବୋଲି ତିଳକ ।
ବିନ୍ଦୁ, ରୋମାଞ୍ଚ, ହରିତାଳ, ପ୍ରସ୍ତର, କ୍ରମେ ବୋଲନ୍ତି ପୁଲକ ॥
ପୁଷ୍ପକ କୁବେରରଥ, ନେତ୍ରରୋଗ, ପୁଷ୍ପକ ରଥ କଙ୍କଣ ।
ପୁଷ୍ପକ ଶକଟ, ପୁଷ୍ପକ କଳିକା, ପୁଷ୍ପକ ଯେ ରସାଞ୍ଜନ ॥
ବାଳିକା ବୋଲାଇ ପତ୍ରକାହାଳି, ଯେ ବାଳିକା କର୍ଣ୍ଣଭୂଷଣ ।
ବାଳିକା ବୋଲନ୍ତି ବାଳାକୁ, ବାଳିକା ବାଲୁକା, ଏଳାରେ, ଘେନ ।
ରସିକା ରତିବିଚକ୍ଷଣା ରମଣୀ, ଇକ୍ଷୁଲତା, ଗୁଡ଼ଫଳ ।
ରକ୍ତକ ଅମ୍ଲାନ, ବନ୍ଧୁକ ଯେ ଅନୁରାଗୀ, ସୁରଙ୍ଗଦୁକୂଳ ॥
ରୁଚକ ବୀଜପୂର, ଦନ୍ତୀ, କପୋତ ; ପୁତ୍ରିକା ପିତୁଳୀ, ସୁତା ।
ଭ୍ରମକ ରୋଗ, ବଡ଼ଙ୍ଗ ; ହେମ, ଧୂର୍ତ୍ତ, ଜମ୍ବୁକେ, ହୁଅଇ ଯୁକ୍ତା ॥
କନକ ସୁବର୍ଣ୍ଣ, କନକ ଚମ୍ପାଯେ, କନକ ନାଗକେଶର ।
କନକ ପୁଂନାଗ, କନକ ସୁନାଖି, ପୁଣି କନକ ଧୁସ୍ତୁର ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପ୍ରିୟକ, ମୃଗ ପ୍ରିୟକ ଯେ କଦମ୍ବ, ପ୍ରିୟକ ପ୍ରିୟଙ୍ଗୁ ହୋଇ ।
ପ୍ରିୟକ, ପ୍ରୀତ, ଶାଳତରୁ, ପ୍ରିୟକ ଚନ୍ଦ୍ରଠାରେ ପ୍ରବର୍ତ୍ତଇ ॥
କଟକ ସମୁଦ୍ରଲବଣ, ବଳୟ, ଦ୍ୱିରଦଦନ୍ତମଣ୍ଡଳ ।
ସାନୁନିତମ୍ବ, ରାଜଧାନୀ, ଏତେକ କଟକଶବ୍ଦେ ମଞ୍ଜୁଳ ॥
କୌଶିକ ବିଶ୍ୱାମିତ୍ର, ଇନ୍ଦ୍ର, ନକୁଳ, ପୁଣି ପେଚକ, ଗୁଗ୍‌ଗୁଳ ।
ବିଷବୈଦ୍ୟ ନାମ କୌଶିକ କୌଶିକ, ନଦୀ, ଚଣ୍ଡୀ ନାମ ଭଲ ॥
ମାଳିକା କହି ମାଳିକାକୁ ; ପୁତ୍ରୀଙ୍କି ସପ୍ତଲା ନଦୀଭେଦକୁ ।
ଯମକ ବୋଲି ସଂଯମକୁ, ଯମକୁ, ପୁଣି ଶବ୍ଦାଳଙ୍କାରକୁ ॥
ରୂପକ ବୋଲି ମୂର୍ତ୍ତିକି, ନାଟକକୁ, କାବ୍ୟାଳଙ୍କାରେ ରୂପକ ।
ମଲ୍ଲିକା ହଂସ, ତୃଣଶୂନ୍ୟ, ଗଣିକା ବେଶ୍ୟା, ଯୂଥିକାକୁ, ଲେଖ ॥
ପଦ୍ମକ ହିଁ ପଦ୍ମକାଷ୍ଠ, ହସ୍ତୀମଦବିନ୍ଦୁ, ଯେ ବ୍ୟୁହପଦକ ।
ପ୍ରତିଅଙ୍ଗ, ପ୍ରତିକୂଳ, ବଲ୍ମୀକ, ଏ ତିନିଙ୍କି ବୋଲି ପ୍ରତୀକ ॥
ପଲ୍ୟଙ୍କ ବୋଲି ମଞ୍ଚକୁ, ପର୍ଯ୍ୟଙ୍କକୁ, ପଲ୍ୟଙ୍କ ଯେ ପର୍ଯ୍ୟସ୍ତିକା ।
କେତନ, ସୌଭାଗ୍ୟ, ନାଟକାଙ୍ଗ, ଯେନ ତିନିଙ୍କି ବୋଲି ପତାକା ॥
ବଳାହକ ବୋଲି ଜଳଦ, ମେଘକୁ, ଅଷ୍ଟକୁଳାନାଗେ ପୁଣ ।
ନନ୍ଦଘୋଷ, ହୟ, ଇନ୍ଦ୍ରାଶ୍ୱ, ଅସୁର ବଳାହକ ନାମ ଜାଣ ॥
କପର୍ଦ୍ଦକ ବୋଲେ ଧୂର୍ଜ୍ଜଟିଜଟାକୁ, ବରାଟକେ, ସର୍ବନର ।
ବିନାୟକ କହି ତାର୍କ୍ଷ୍ୟ, ସଜ୍ଜନକୁ, ବିନାୟକ ଗଣେଶ୍ୱର ॥
ବରାଟକ କହି କପର୍ଦ୍ଦିକ, ପୁଣି ବରାଟକ ବୀଜକୋଷ ।
ସରଟ, ମୟୂର, ଚରଣାୟୁଧକୁ, କୃକବାକ ହିଙ୍କଭାଷ ॥
ଯୂଥୀ, ଅମ୍ଳାନଝିଣ୍ଟୀ, କୁରୁଣ୍ଟକ, ଶୋଣରେ, ଯେ କୁରୁବକ ।
କୌଲେୟକ ଶ୍ୱାନକୁଳ, କୁଳୀନ ; ଯେ ମଣିଭେଦେ ଗୋମେଦକ ॥
ଜୈବାତୃକ ବୋଲି ଚନ୍ଦ୍ରଙ୍କୁ, ତୃଣକୁ, ଦୀର୍ଘାୟୁଙ୍କୁ ସର୍ବମତେ ।
ଭୟାନକ ବ୍ୟାଘ୍ର, ରାହୁ, ଭୟଙ୍କର, ଅଛି ନବରସଗତେ ॥
ମଣ୍ଡଳକ ବିମ୍ବ, ବୃନ୍ଦାରକ, ଶ୍ରେଷ୍ଠ, ମଣ୍ଡଳକ, ଶୋଭି ସୁର ।
ପୁଣ୍ଡରୀକ ନାମ ବହେ ପଦ୍ମ, ବ୍ୟାଘ୍ର, ଅନଳକୋଷ, କୁଞ୍ଜର ॥
ମାଣବକ ବୋଲି ବାଳକୁ, ଇନ୍ଦୁକୁ, ମାଣବକ ଅର୍ଦ୍ଧହାର ।
ବୈତାଳିକ ବୋଲି ଶିଳ୍ପୀ, ବେତାଳକୁ, ବୈତାଳିକ ବୋଧକର ।
ବିଦୂଷକ ବୋଲି ଗୃଢ଼ବଟୁକୁ, ଯେ ପରନିନ୍ଦକକୁ, କହି ।
ଶାଳବୃକ ନାମ ଶୃଗାଳ, କୁକ୍କୁର, ବାନରେ, ଶାଳକ, କହି ॥
କର୍ତ୍ତୃଣକ ବୋଲି ସ୍ଥୂଳଙ୍ଗକୁ, ଗନ୍ଧ, ବ୍ୟବହାରଣୀ, କ ଗଣେ ।
ସୌଗନ୍ଧିକବୋଲି କହ୍ଲାର, ପଦ୍ମକୁ, ଗନ୍ଧଦ୍ରବ୍ୟରେ, ପାଷାଣେ ।
ଆଚ୍ଛୁରକ ନାମ ବହେ ବହାୟସ, କରଳଘାତେ, ଯେ ସବେ ।
ସ୍ୱବସନ୍ତ ବୋଲି ମାଧବୀଲତାକୁ, ଆହୁର ମଦନୋତ୍ସବେ ॥

ଇତି କାଣ୍ଡ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଖ ଶବ୍ଦ ବର୍ତ୍ତେ ଇନ୍ଦ୍ରିୟେ, ସୁଖେ, ସ୍ୱର୍ଗେ, ଆହୁର କ୍ଷିତ, ଗଗନେ ।
ଶଙ୍ଖ ସଂଖ୍ୟାରେ କପାଳ, ଅସ୍ଥି, କମ୍ବୁ, ନିଧି, ଦୈତ୍ୟ, ଅଭିଧାନେ ।
ଶିଖୀ ବୋଲନ୍ତି ଅଗ୍ନିକି, ମୟୂରକୁ ; ନଖ କରରୁହ, ଶୁକ୍ତି ।
ନଖୀ ଗନ୍ଧଦ୍ରବ୍ୟ, ନଖୀ ସିଂହ, ଶ୍ୱାନ, ନଖୀ ତପସ୍ୱୀ, ବୋଲନ୍ତି ॥
ଶାଖା ବୋଲି କହି ଦ୍ରୁମଶାଖା, ପକ୍ଷ, ବାହୁକ, ବେଦଭାଗକୁ ।
ଶିଖା ବୋଲନ୍ତି କାକପକ୍ଷୀ, ଶିଖା ଯେ ଜ୍ୱାଳାକୁ, କେକିପୁଚ୍ଛକୁ ॥
ବୋଲନ୍ତି ଲେଖ ଦେବତାଙ୍କୁ, ପଂକ୍ତିକି ; ମୁଖ ପ୍ରାରମ୍ଭେ, ବଦନେ ।
ବିମୁଖ କହି ଶୃଗାଳରେ, ଇଣ୍ଡରେ, ଗତଭେଦନେ, ନର୍ତ୍ତନେ ॥
ବିଶିଖ ବୋଲି ଶରକୁ, ଅମରକୁ ; ବିଶାଖା ଗୋପୀ, ନକ୍ଷତ୍ର ।
ବୈଶାଖ ମନ୍ଥନଦଣ୍ଡ, ଯେ ବୈଶାଖ ମାସଭେଦେ ହୋଏ ଯୁକ୍ତ ॥
ବିଶାଖ ବୋଲନ୍ତି ତର୍କିକୁ, ପୁଣି ଯେ ବିଶାଖ ଯେ ମହାସେନ ।
ସୁମୁଖ ବୋଲି ଯେ ଗରୁଡ଼କୁ କହି ନାଗ ପ୍ରଭେଦରେ ଯେନ ॥
ଅଗ୍ନିମୁଖବୋଲି ଦେବତା, ବିପ୍ରଙ୍କୁ, ଅଗ୍ନିମୁଖ ଭଲ୍ଲାତକ ।
ଶିଳୀମୁଖ ବୋଲି ଭ୍ରମରକୁ ଶିଳୀମୁଖ ବୋଲିଏ ଶାୟକ ॥
ଇନ୍ଦୁଲେଖା ବୋଲି ଶଶିକଳାକୁ ଯେ ସୋମଲତାକୁ ଆହୁର ।
ସର୍ବତୋମୁଖ ବୋଲନ୍ତି ମହାଦେବ, କ୍ଷେତ୍ରଜ୍ଞ, ଆକାଶ, ବାରି ॥

ଇତି ଖାନ୍ତ

ଗୋ ବୋଲି ଜଳକୁ, ନେତ୍ର, ପୃଥିବୀକି, ନାରୀକୁ, ସୁରଭିକି ।
ନାଗ ବୋଲନ୍ତି ପର୍ବତକୁ, ବୃକ୍ଷକୁ, ନଗ ବୋଲି ଏ ଦୁହିଙ୍କି ॥
ଅଙ୍ଗ ବୋଲନ୍ତି ଶରୀରକୁ, ଦେଶକୁ ; ଖଡ୍ଗ ଗଣ୍ଡକ, କୃପାଣ ।
ସୂର୍ଯ୍ୟ, ଗ୍ରହ, ଦେବ, ନାରାଚ, ବିହଙ୍ଗ, ଖଗ ବୋଲି ଏତେ ଜାଣ ॥
ପୂଗ ବୋଲି ଯେ କ୍ରମୁକକୁ, ବୃନ୍ଦକୁ ; ତ୍ୟାଗ ଯେ ଦାନ, ବର୍ଜନ ।
ଭୃଙ୍ଗ ବୋଲନ୍ତି ପୁଂନାଗକୁ, ଉଚ୍ଚକୁ ; ଇଙ୍ଗ ଯେ ଅଦ୍ଭୁତ, ଜ୍ଞାନ ।
ଭଗ ବୋଲନ୍ତି ସ୍ୱର୍ଗକୁ ମାହାତ୍ମ୍ୟକୁ କୀର୍ତ୍ତିକି ଯୋନିକି ପୁଣ ।
ଭଗ ବୋଲନ୍ତି ସଙ୍ଗତକି, ବୀର୍ଯ୍ୟକୁ, ଭଗ ସୌଭାଗ୍ୟ, ନିର୍ବାଣ ॥
ଭଙ୍ଗ ବୋଲନ୍ତି ବିପର୍ଯ୍ୟୟ, ଲହରୀ, ରୋଗଭେଦେ ଅଛି ଭଙ୍ଗ ।
ନୃତ୍ୟ, ସମର, ଲୋହିତବର୍ଣ୍ଣି, ଧାତୁଭେଦକୁ କହନ୍ତି ରଙ୍ଗ ॥
ରାଗ ଅନୁରାଗ, ଲୋହିତବର୍ଣ୍ଣି, ଯେ କେଦାର ଆଦିକି କହି ।
ଭୋଗ ଶବଦ ସୁଖ, ଧନ, ଶରୀର, ଫଣାଠାରେ ପ୍ରବର୍ତ୍ତଇ ॥
ଭୃଗୁ ନାମରେ ଯେ ମୁନିଏ ଅଛନ୍ତି ଭୃଗୁ ଶୁକ୍ର ସାନୁମାନ ।
ମୃଗ ବୋଲି ଶିଶୁ, କୁରଙ୍ଗ, ନକ୍ଷତ୍ର, କରିଭେଦେ, ପୁଣି ଯେନ ॥
ଲିଙ୍ଗ ଆତ୍ମାଭେଦେ ବ୍ୟାକରଣେ କହି ଶମ୍ଭୁ ; ଶେଫଚିହ୍ନେ ବର୍ତ୍ତି ।
ଶୃଙ୍ଗୀ ଗୋମୃଗାଦି, ପର୍ବତ, ସୁବର୍ଣ୍ଣ, ମୀନ, ଔଷଧି ବୋଲନ୍ତି ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଯୁଗ ସତ୍ୟାଦି, ରଥ, ଅଙ୍ଗେ କହନ୍ତି ଯୁଗଳ ବୋଲାଇ ଯୁଗ ।
ଉଗ୍ର ବୋଲି କହି ଶିବଙ୍କୁ ଭୟୃକୁ ; ଗାଥା ଯୂଥ ବେନି ବର୍ଗ ॥
ବଙ୍ଗ ବୋଲି ରଙ୍ଗ, ମାରଣେ, ପ୍ରଦେଶେ, କାର୍ପାସେ, ବାର୍ତ୍ତାକୀବୃକ୍ଷେ ।
ଫଲ୍ଗୁ ଉତ୍ଫୁଲ ସୁନ୍ଦର ଫଲ୍ଗୁ ସାନନଦୀକି ବୋଲି ପ୍ରତ୍ୟକ୍ଷେ ॥
ନାଗ ବୋଲନ୍ତି ଯେ କ୍ରୂରକୁ, କୁଷ୍ଠକୁ ନାଗ ମାତଙ୍ଗ, ଉରଗ ।
ଶୃଙ୍ଗ କହି ଭୃଗୁଦ୍ଧିକୁ, ଶିଖରକୁ, ପଦ୍ମ, ବିଷାଣ ଯେ ଶୃଙ୍ଗ ॥
ଆଭୋଗ ବୋଲନ୍ତି ବରୁଣଛତ୍ରକୁ ପୂର୍ଣ୍ଣତା ପୁଣି ଆଭୋଗ ।
ଆଶୁଗ କାଣ୍ଡ, ପବନ ; ଉଚ୍ଛିନ୍ନତା, କ୍ରମୁକ ଫଳ ଉଦ୍ବେଗ ॥
କଳିଙ୍ଗ ଭୂମି, କର୍କାରୁ, ଯେ ଧୂମ୍ୟାଟ, କୁଟଜ, ପୂତିକରଞ୍ଜ ।
କଳିଙ୍ଗ ବୋଲି ନଦୀ, ଦେଶ, କଳିଙ୍ଗ ଭୁଜଙ୍ଗମ, ମତ୍ତଗଜ ॥
ପରାଗ ବୋଲାଇ ପୁଷ୍ପରାଗ, ପୁଷ୍ପରେଣୁ, ଧୂଳି, ଗନ୍ଧସାର ।
ବରାଙ୍ଗ ବୋଲାଇ ଭଗ, ଗୁଦ, ଗୁଡ଼ତ୍ୱକ ଯେ, କୁଞ୍ଜର, ଶିର ॥
ପନ୍ନଗ ଅହି, ଔଷଧିଭେଦେ ଅଛି, ଶିଦ୍ଗରେ, ଭଗ, ଭୁଜଙ୍ଗ ।
ପତ୍ରାଙ୍ଗ ରକ୍ତଚନ୍ଦନ, ନଦୀଭେଦେ, ସ୍ୱପଚ ଗଜ, ମାତଙ୍ଗ ॥
ରଥାଙ୍ଗ ବୋଲନ୍ତି ଚକ୍ର, ଚକ୍ରବାକ : ମୃଦଙ୍ଗ ମୁରଜ, ଘୋଷ ।
ପ୍ଳବଗ ମର୍କଟ, ମଣ୍ଡୂକ, ସାରଥି, ନାବିକ, ଦିବସଈଶ ॥,
ପୁନ୍ନାଗ ବୋଲନ୍ତି ସୁବେଶେ, ତାଗଲେ, ପାଣ୍ଡୁ, ନାଶେ, ଜାତୀଫଳେ ।
ପୁନ୍ନାଗ ଦେବବଲ୍ଲଭତରୁ, ନରଶ୍ରେଷ୍ଠ ନାମ ସବୁକାଳେ ॥
ପତଙ୍ଗ ବୋଲନ୍ତି ସୂର୍ଯ୍ୟଙ୍କୁ ପକ୍ଷିଙ୍କି ଶଲଭକୁ ବୁଧଜନ ।
ସଙ୍ଗର, ଶଙ୍କର, ସଜଳ, ସଂଭୋଗ ; ଭୋଗ ପୁଣି ନଧୁବନ ।
ପଦ୍ମ, ମୃଗ, ଶଙ୍ଖ, ରଜନୀ, ଚନ୍ଦ୍ରମା, ଧନୁ, ସୁବର୍ଣ୍ଣ, ଚାତକ ।
ହଂସ, ମନ୍ମଥକୁ, ଯେନଣ ଶାରଙ୍ଗ ନାମ ବହନ୍ତି ଏତେକ ॥
ରକ୍ତାଙ୍ଗ ବିଦ୍ରୁମ, ମଙ୍ଗଳ, କାମୀ, ଯେ ହେମାଙ୍ଗ ଗରୁଡ଼ ବିଧି
ଉପରାଗ ଶବ୍ଦ ଗ୍ରହଗ୍ରସ୍ତେ, ଗ୍ରହକଲ୍ଲୋଳେ ପୂର୍ଣ୍ଣ ଏ ସିଦ୍ଧି ॥
ଛତ୍ରଭଙ୍ଗ ବୋଲି ବୈଧବ୍ୟଜନରେ ସ୍ୱତନ୍ତ୍ର ନୃପନାଶକୁ ।
କଥାପ୍ରସଙ୍ଗ ବୋଲନ୍ତି ବିଷବୈଦ୍ୟ ଆହୁର ଯେ ବାକ୍ଳଶକୁ ।

ଇଢ ଘାନ୍ତ

ଅଘ ବୋଲି କଂସମଲ୍ଲକୁ ପାପକୁ ପୂଜାବିଧି ମୂଲ୍ୟ ।
ବ୍ୟାଘ୍ର ବୋଲନ୍ତି ଶାର୍ଦ୍ଦୂଳକୁ ଶ୍ରେଷ୍ଠକୁ ଯେନ ବୃନ୍ଦ ଦେବ ବଳ ॥
ମୁଘ୍ର ବୋଲନ୍ତି ଯେ ଦେହଜାନଲକୁ, ମୁଗ୍ଧ ଅଗ୍ନି, ଅସ୍ତ୍ର ନାମ ।
ଶୀଘ୍ର ବୋଲି କୃଷ୍ଣାଗୁରୁକୁ ବେଗକୁ ଔଷଧିଭେଦେ ଜାଣିମ ॥
ଅନଘ ବୋଲି ନିଷ୍ପାପକୁ ଶୋଭକୁ ; ପ୍ରତିଘ ପ୍ରଘାତ, କ୍ରୋଧ ।
ମହାମୂଲ୍ୟରେ ନାୟିକଠାରେ ଦିଏ ମହାର୍ଘ ଶବ୍ଦ ପ୍ରସିଦ୍ଧ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପରିଧି ଅଛି ଶସ୍ତ୍ରରେ ଯୋଗଭେଦେ ; ପରିଧି କାଚକଲଶ ।
ନିଦାଘ ବୋଲନ୍ତି ଗ୍ରୀଷ୍ମସମୟକୁ ସ୍ୱେଦଜଳଠାରେ ଭାଷ ॥

ଇତି ଘାନ୍ତ

କଚ ବୋଲି ଗୁରୁପୁତ୍ରକୁ କେଶକୁ ; କାଚ ନେତ୍ରରୋଗ, ମଣି ।
କ୍ରୌଞ୍ଚ ବୋଲି ଦ୍ୱୀପ, ପର୍ବତ, ବିହଗବିଶେଷକୁ ଲୋକେ ଗଣି ॥
କୁଚ ଭ୍ରୂ, ଉରଜ, କଠିନ, କୈତବ ; ଚର୍ଚ୍ଚା ଯେ ଚିନ୍ତା, ପୂଜନ ।
କାଞ୍ଚୀ ବୋଲି ପୁର, ମେଖଳାଦାମକୁ ବୋଲନ୍ତି ସୁବୁଦ୍ଧିଜନ ॥
ତ୍ୱଚ ଚର୍ମ, ଗୁଡ଼ତ୍ୱକକୁ ବୋଲନ୍ତି ; ନୀଚ ବାମନ, ପାମର ।
ରୁଚି ଦୀପ୍ତି ; ଶୋଭା, କାନ୍ତି, ଅଭିଲାଷ, ବଚ ବାଣୀ, ବୃକ୍ଷ, କ୍ଷୀର ॥
ବୀଚି ବୋଲନ୍ତି ସ୍ୱଳ୍ପକୁ ତରଙ୍ଗକୁ ; ମୋଚ ଶାଲ୍ମଳୀ, କଦଳୀ ।
ଶୁଚି ଗ୍ରୀଷମକୁ ପବିତ୍ରକୁ ଶୁଚି ଅଗ୍ନିକ ଶୁକ୍ଳକୁ ଛଳ ॥
ଶୁଚି ବୋଲି ପର୍ବତେକ ଗ୍ରୀଷସେକ ଶୁଚି ବହ୍ନିକୁ କହନ୍ତି ।
ଶୁଚି ନାମ ବହେ ଶୃଙ୍ଗାର, ଆଷାଢ଼, ଶୁଚି କ୍ଷୁଦ୍ରାୟୁଧେ ବର୍ତ୍ତି ॥
କଣାଚ ବୋଲନ୍ତି ପୁଷ୍ପବତୀଲତା, ଗୁଞ୍ଜି, ସଙ୍କଠ ସହିତେ ।
କବଚ ବୋଲି ସେହ୍ନାକୁ ପର୍ଯ୍ୟଠକୁ ମଦ୍ୟଭାଣ୍ଡକୁ ଯୁଗତେ ॥
ପ୍ରପଞ୍ଚ ବୋଲି ବ୍ୟେରକୁ ବିସ୍ତାରକୁ ; ନମୁଚି ଅସୁର ସାର ।
ମରୀଚି କିରଣ ; ସପ୍ତର୍ଷି, ଜାଣ ବିପଞ୍ଚୀ ବୀଣା ବିହାର ॥
ମାରୀଚ କକ୍କୋଳ, ଯାଜକ, ଦ୍ୱିଜ ଯେ ମାୟାକୁରଙ୍ଗ ଅସୁର ।
ସଂକୋଚ ବୋଲି ଯେ ବନ୍ଧ, କୁଙ୍କୁମକୁ ; ବିରଞ୍ଚି ବିଧି, ଶ୍ରୀଧର ॥

ଇତି ଚାନ୍ତ

ଅଚ୍ଛ ବୋଲି ସ୍ଫଟିକକୁ ଭଲ୍ଲୂକକୁ ; ଗୁଚ୍ଛ ଯେ ସ୍ତବକ ହାର ।
ସ୍ୱଚ୍ଛ ନିର୍ମଳ, ଅଭିମୁଖ ; ମ୍ଳେଚ୍ଛ ଯେ ଅପଭାଷଣ, ପାମର ॥

ଇତି ଛାନ୍ତ

ଜ୍ୟା ବୋଲନ୍ତି ସରସ୍ୱତୀଙ୍କି ନଭକୁ ପିଶାଚକୁ ଗଗନକୁ !
ଜ୍ୟା ବୋଲି ପୃଥ୍ୱୀକି ଜ୍ୟା ବୋଲି ଗୁଣକୁ ଜନେ ଆଣିମ ମନକୁ ॥
ଅଜ ବୋଲନ୍ତି ବିଷ୍ଣୁ, ଶିବ, ବିଧାତା, ଛାଗ, ସୂର୍ଯ୍ୟବଂଶନୃପ ।
ରାଜା ନୃପତି, ଚନ୍ଦ୍ରକୁ, କହି ରାଜା କ୍ଷତ୍ରିୟ, ଯକ୍ଷକଳାପ ॥
ବଜ୍ର ବୋଲି ହୀରା, କୁଳିଶ ; କୁଜ ଯେ ମଙ୍ଗଳ, ନାରକାସୁର ।
ବାଜୀ ବୋଲନ୍ତି ଯେ ଅଶ୍ୱକୁ ପକ୍ଷିଙ୍କି ବାଜ ବୋଲଇ ଯେ ଶର ॥
ଊର୍ଜ୍ଜ ବୋଲି କାର୍ତ୍ତିକକୁ, କାନ୍ତି, ଉତ୍ସାହକୁ, ବଳ, ପ୍ରାଣ ବେନି ।
କଞ୍ଜ ବୋଲି ଯେ ବିରଞ୍ଚି କୁନ୍ତଳକୁ ସୁଧାକୁ ପଦ୍ମକୁ ଘେନି ॥
କୁଞ୍ଜବୋଲନ୍ତି ନିକୁଞ୍ଜକୁ ହନୁକୁ କୁଞ୍ଜ ବୋଲି ହସ୍ତିରଦେ ।
ବ୍ରଜ ବୋଲନ୍ତି ବଲ୍ଲଭ, ବୃନ୍ଦକୁ ; ଯେ କୁବ୍ଜ ଲୁବ୍ଧ ବୃକ୍ଷଭେଦେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଦ୍ୱିଜ ବୋଲନ୍ତି ବ୍ରାହ୍ମଣ, କ୍ଷତ୍ରି, ବୈଶ୍ୟ ଦ୍ୱିଜ ବିହଙ୍ଗ, ରଦନ ।
ଧ୍ୱଜ ବୋଲାଇ ଯେ ସ୍ୱସ୍ତିକ, ପତାକା, ଖଟ୍ୱାଙ୍ଗ, ଚିହ୍ନ, ମୋହନ ॥
ରଜ ଶବ୍ଦ ରେଣୁ, ରାଗ, ଶାନ୍ତି, ବ୍ରଜ, ଗୁଣାନ୍ତରେ ପ୍ରବର୍ତ୍ତଇ ।
ରଜ୍ଜୁ ବୋଲି ବେଣ, ଦାମେ ; ପ୍ରଜା ବୋଲି ଲୋକ, ସନ୍ତାନକୁ କହି ॥
ବୀଜ ବୋଲନ୍ତି ଯେ ହେତୁକୁ, ବୀର୍ଯ୍ୟକୁ, ବୀଜ ଅଙ୍କୁର କାରଣ ।
ସ୍ୱଜ ବଧ୍ୱ, ରୁଦ୍ର, ସ୍ୱଜ ବୋଲି ସ୍ୱେଦ, ଶୋଣିତ, ପୁତ୍ରକୁ ଗଣ ॥
ବାଜ ଅଛି ପକ୍ଷିଭେଦେ ବାଜ ବୋଲି ପକ୍ଷନିସ୍ୱନ ବେଗକୁ ।
ଖଞ୍ଜ ପଙ୍ଗୁ, ଭଣ୍ଡ, ଗିର, ଖଞ୍ଜ ବୋଲି ଛନ୍ଦ, କୁଟିଳ, ଅଙ୍କକୁ ॥
ଅଣ୍ଡଜ ବୋଲି ମୃଗମଦେ, ସରଟେ, ଭୁଜଙ୍ଗମେ, ଖଗେ, ଝଷେ ।
ଅଙ୍ଗଜ ବୋଲି ରୁଧିରେ, ପଞ୍ଚଶରେ, ପୁତ୍ରଠାରେ, ପୁଣି କେଶେ ॥
ପଦ୍ମ ଚନ୍ଦ୍ର ଶଙ୍ଖ ବ୍ରଜହିଁ ଜଳ ଏ ପାଞ୍ଚ ବୋଲନ୍ତି ଅମ୍ବୁଜ ।
ଦେଶବିଶେଷ ଶଙ୍ଖ ହସ୍ତିଭେଦରେ ବୋଲନ୍ତି ଅଛି କାମ୍ବୋଜ ॥
କାମ୍ବୋଜ ବୋଲି ନାଗରଙ୍ଗପାଦପେ ସୋମବଲ୍କେ ଅଭ୍ୟନ୍ତରେ ।
ବୋଲି କରଜ, କରଞ୍ଜକୁ ନଖକୁ ; ବାହୁଜ କ୍ଷତ୍ରିୟେ କରେ ॥
ପରଞ୍ଜ ଶବ୍ଦ ତୈଳଯନ୍ତ୍ରେ କ୍ଷୁରକାଫଳେ ଫେନଳେ କହନ୍ତି ।
ଗିରିଜା ବୋଲି ପାର୍ବତୀ ମାତୁଳଙ୍ଗେ ହିମଜା କାନ୍ତି ପାର୍ବତୀ ॥
କାଶ୍ମୀରଜ ନାମ ବହଇ କୁଙ୍କୁମ, କୁଷ୍ଠ, ଅତିବିଷାବୃକ୍ଷ ।
ଜଘନ୍ୟଜ ବୋଲି କନିଷ୍ଠେ କୁକ୍ଷୂଲେ ଅହି ଉଦକେ ପ୍ରତ୍ୟକ୍ଷେ ॥
ଯମ ଯୁଧିଷ୍ଠିର ବୁଧ ଏ ତିନିହେଁ ବୋଲନ୍ତି ଯେ ଧର୍ମରାଜ ।
ଭୃଙ୍ଗରାଜ ବୋଲି ମାର୍କବ ଭ୍ରମର ପକ୍ଷିବିଶେଷରେ ହେଜ ॥
ବୋଲାଇ ଯକ୍ଷରାଜ ଧନପତି ଯେ ମନ୍ତ୍ରୀ କନକବନ୍ଧନ ।
ଭରଦ୍ୱାଜ ବୋଲି ମୁନିଏ ଅଛନ୍ତି ବ୍ୟାଘ୍ରାଟ, ବିହଙ୍ଗ ପୁନଃ ॥
ରାଜରାଜ ସୁଧାକରଣ, କୁବେର, ରାଜରାଜ ଚକ୍ରବର୍ତ୍ତୀ ।
କ୍ଷୀରାବ୍ଧିଜ ସିନ୍ଧୁଲବଣ, ମୁକ୍ତା, କ୍ଷୀରାବ୍ଧିଜ ନିଶାପତି ॥

ଇତି ଜାନ୍ତ

ଝଂଝା ବୋଲି କହି ଧ୍ୱନିବିଶେଷକୁ ପୁଣି ପବନଭେଦକୁ ।
ଅମ୍ବୁଜକଣବର୍ଷଣଠାରେ ଦେଇ ପୁଣି ଝଂଝା ଶବ୍ଦକୁ ॥

ଇତି ଝାନ୍ତ

ଆଜ୍ଞା ବୋଲି ଅବଧାନକୁ ସନ୍ଦେଶେ ବିଭୂତିକ ପ୍ରୟୋଜନେ ।
ସଂଜ୍ଞା ବୋଲନ୍ତି ନାମକୁ ଗାୟତ୍ରୀକି ରବିପତ୍ନୀକି ଚେତନେ ॥
ଅଜ୍ଞ ବୋଲି ଜଡ଼ ମୂର୍ଖକୁ ; ରାଜ୍ଞୀ ଯେ ରାଜପତ୍ନୀ ସୂର୍ଯ୍ୟଭାର୍ଯ୍ୟା ।
କୃତଜ୍ଞ କୁକ୍କୁର ମର୍ଯ୍ୟାଦା ; ସର୍ବଜ୍ଞ ଶିବ ବୁଧ କରି ହେଜା ॥

ଇତି ଞାନ୍ତ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଇଷ୍ଟ ବୋଲନ୍ତି ପୂଜିତଙ୍କୁ ଶ୍ରେଷ୍ଠଙ୍କୁ ଇଷ୍ଟ ଯାଗ ଅଭିଳାଷ ।
କୂଟ ଗଜଗଣ୍ଡ ଶ୍ରୋଣୀ କଟୁରସ ଲତାଭେଦ ଗ୍ରାମ୍ୟଭାଷ ॥
କୂଟ କପଟ, ଗିରିଶୃଙ୍ଗ ; ବୋଲିଇ କୁଟୀ ସୁରାଘଟ ବାସ ।
କୋଟୀ ଅଛି ଧନୁଅଗ୍ରରେ ସଂଖ୍ୟାରେ ଋଷିପ୍ଲକ୍ଷେ ଜଟାଭାଷ ॥
ଗୃଷ୍ଟୁ ବୋଲନ୍ତି ଗୃପଙ୍କୁ ଉଦରକୁ ବୀରମାନଙ୍କ ଆସନେ ।
ପଟ ବୋଲି ଯେ ପିଆଳପାଦପକୁ ଚତ୍ରପଟକୁ ବସନେ ॥
ଘଟ ଶରୀର କୁମ୍ଭ ଘଟ ବୋଲନ୍ତି ଲଗ୍ନକର ମୂଳ ବେନି ।
ତ୍ଵଷ୍ଟା ବୋଲି ଦେବଶିଳ୍ପିକ ତୀକ୍ଷ୍ଣକୁ ଆଦିତ୍ୟକୁ ପୁଣି ଧେନି ॥
ପଟୁ ବୋଲି ନୀରୋଗଙ୍କୁ ଚତୁରଙ୍କୁ ପଟୋଳକୁ ଲବଣକୁ ।
ପଟୁ ବୋଲି କମ୍ବଳକୁ ଚକ୍ଵଣକୁ ଦେବଗଣ ପାଷାଣକୁ ॥
ଯଷ୍ଟି ବୋଲନ୍ତି ଭୁଜଙ୍କୁ ଲଗୁଡ଼କୁ ପୁଣି ଯଷ୍ଟି ଶସ୍ତ୍ରହାର ।
ବଟ ବୋଲନ୍ତି ଯେ ଶିଖରୀ, ଲବଣ, ଶିଶ୍ନ, ମୂଷିକ, ଖଦିର ॥
ହୃଷ୍ଟ ରୋମାଞ୍ଚିତ, ବିସ୍ମିତ, ହରଷ ; ସ୍ଫୁଟ ଯେ ପ୍ରଫୁଲ୍ଲ ବ୍ୟକ୍ତ ।
ମୁକ୍ତି ନିଃସୃତ ପାଦସ୍ଫୋଟ କର୍କଟୀଠାରେ ସ୍ଫୁଟ ଶବ୍ଦ ବ୍ୟକ୍ତ ॥
ସୃଷ୍ଟି ବୋଲି ନିର୍ମିତଙ୍କୁ ସ୍ଵଭାବକୁ ; ସଟା ଯେ ଜଟା କେଶର ।
ଋଷ୍ଟି ବୋଲି କୃପାଣଙ୍କୁ ଅଶୁଭକୁ ନଷ୍ଟାବସ୍ଥ ବୈଶ୍ଵାନର ॥
ଦୃଷ୍ଟି ବୋଲନ୍ତି ଲୋଚନକୁ ବୁଦ୍ଧିକୁ ଦୃଷ୍ଟି ଦୃଷ୍ଟି ବୋଲନ୍ତି ଦର୍ଶନେ ।
ଦୃଷ୍ଟ ବୋଲନ୍ତି ବରାହ, ଘର୍ଷଣକୁ ତୀରେ କ୍ଷେପେ ଘଟେ ଘନେ ॥
ଅବଟ ବୋଲନ୍ତି କୁହରକୁ ପୁଣି ଗର୍ତ୍ତ କୂପରେ ଅଖିଳେ ।
କର୍କଟ ବୋଲି ରାଶି ପକ୍ଷିଭେଦରେ କୁଳୀର ଶାଲ୍ମଳୀଫଳେ ॥
ଅରିଷ୍ଟ ବୋଲାଇ ଲସୁନ ଫେନିଳ କାକ କଙ୍କ ଷଣ୍ଢାସୁର ।
କୁକ୍କୁଟ ନିଷାଦ ତାମ୍ରଚୂଡ଼ ତୃଣ ଉଲ୍କା ଯେ ଶୂଦ୍ରକୁମର ॥
କରଟ ରାଜଗଣ୍ଡ ଯେ ନିନ୍ଦ୍ୟଜୀବ କୁସୁମ୍ଭ ଯେ ବାଦ୍ୟଭେଦ ।
ଧାରାଟ ଗୃତକ ତୁରଙ୍ଗ ; ଚକ୍ରାଟଧୂର୍ତ୍ତ ବ ପୁଣି ବିଷବୈଦ୍ୟ ॥
ତ୍ରିକୁଟ ବୋଲନ୍ତି ସିନ୍ଧୁଲବଣକୁ, ତ୍ରିକୂଟ ପର୍ବତାନ୍ତରେ ।
ତ୍ରିକୂଟା ଶବ୍ଦ ବ୍ରତତୀ ସୂକ୍ଷ୍ମେଳାରେ ତ୍ରିବୃତାରେ ମଲ୍ଲିକାରେ ॥
କର୍ଣ୍ଣାଟ ନାମ ଗାୟକ ଚନ୍ଦ୍ରକର ; ମର୍କଟ ଲତା ବାନର ।
ଶୈଳାଟ ବୋଲନ୍ତି ଦେବଳ, ସିଂହ, ଶୁକ୍ଳକାଚ, ଯେ ଆବର ॥
ପଣ୍ଡିତ ବ୍ରାହ୍ମଣୀପୁତ୍ର ଯେ କାମୁକ ଦାସୀ ତନ କୁଣ୍ଡଲଟ ।
ପ୍ରିୟ ବିଭ୍ରମଙ୍କୁ ବେଶ୍ୟାଙ୍କୁ ସମସ୍ତେ ବୋଲନ୍ତି ଯେ କାମକୁଟ ॥
ପରପୁଷ୍ଟ ପରଭୃତ, ବାରନାରୀ ; ଶିପିବିଷ୍ଟ ଖଳ, ଶିବ ।
ଦଶନ ଦଷ୍ଟ ବୋଲାଇ ଯେ ନିଃଶ୍ୱାସ ଆହୁରି ଅଧରରୁଦ୍ଧ ॥

ଇତି ଟାନ୍ତ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କଣ୍ଠ ବୋଲନ୍ତି ଗଳାକୁ ସୁସ୍ୱରକୁ, କଣ୍ଠ ଯେ କର୍ମଣ୍ୟ ମୁଖୀ ।
ଜ୍ୟେଷ୍ଠ ବୋଲିକର ଶ୍ରେଷ୍ଠେ ଅତିବୃଦ୍ଧେ ମାସାନ୍ତରେ ପୁଣି ଲେଖି ॥
ଜ୍ୟେଷ୍ଠା ବୋଲ୍ଲିଇ ପତ୍ନୀ ଏକ ନକ୍ଷତ୍ର ଷଷ୍ଠୀ ତିଥି କାତ୍ୟାୟିନୀ ।
ଦାରୁହରିଦ୍ରାକୁ ମାନ ପ୍ରକର୍ଷକୁ କାଳେ ଦଗେ କାଷ୍ଠା ଘେନ ॥
ଶଠ ବୋଲନ୍ତି ଯେ ମଧ୍ୟସ୍ଥ ପୁରୁଷ ଧୂର୍ତ୍ତ ଧୂସର ସହିତେ ।
ବଣ୍ଠ ବାମନକୁ ଆୟୁଧ ; ଗୋଷ୍ଠି ଯେ ସଭା ସଂଲାପ ଯୁଗତେ ॥
କମଠ କଚ୍ଛପ ଭାଣ୍ଡଭେଦେ ଅଛି, କର୍ମଠ ଶିଘ୍ର ଚୁଟୁକ ।
ବରିଷ୍ଠ ମହିନ ତାମ୍ରକୁ ବୋଲନ୍ତି ; ବୈକୁଣ୍ଠ କୃଷ୍ଣ ଯେ ଶକ୍ର ॥
ଜରଠ କର୍କଶ ପାଣ୍ଡୁରେ କହନ୍ତି ଧୂବକୁ କହନ୍ତି ପୁଣି ।
କଳଧ୍ୱନି, ହଂସେ ପାରାବତେ ପିକେ କଳକଣ୍ଠ ବୋଲି ଗଣି ॥
ଚଟକ, ମୟୂର, ଖଞ୍ଜନ, ମହେଶ, ଦାତ୍ୟୂହ, ଯେ କାଳକଣ୍ଠ ।
ଜମ୍ବୀର, କପିତ୍ଥ, ନାରଙ୍ଗ, ଭୁରଞ୍ଜି ଏ ବୃକ୍ଷହେ ଦନ୍ତଶଠ ॥
କାଳପୃଷ୍ଠ କହି କଙ୍କବିହଙ୍ଗକୁ, ପୁଣି କର୍ଣ୍ଣ ଶରାସନେ ।
ଧୂତକଣ୍ଠ ବୋଲି ବପ୍ର କପୋତକୁ, ପୁଣି ପ୍ରକାଶ ଖଞ୍ଜନେ ॥
ହାରକଣ୍ଠ କହି ହାର ଯୁକ୍ତଗଳେ, ହରିକଣ୍ଠ ବନପ୍ରିୟେ ।
ପୂତିକାଷ୍ଠ ବୋଲି ସରଳତରୁକୁ, ଦେବଦାରୁବୃକ୍ଷେ କହେ ॥

ଋଛ ଠାନ୍ତ

କାଣ୍ଡ ତରୁସ୍କନ୍ଧ, ଦଣ୍ଡ, ସ୍ତମ୍ଭ, ହୟୂଭେଦ, ଭାଗ, ଶର, ନୀର ।
କୁଣ୍ଡ ଆଳ୍ବାଳୟ, ଦେବଜଳାଶୟ, ଜାରଜାତକ କୁମ୍ଭର ॥
କୁଣ୍ଡୀ ନଗ୍ର, କମଣ୍ଡଳୁ ଯେ ବୋଲ୍ଲିଇ ; କ୍ଷ୍ୱେଡ ନା ଧ୍ୱନିବିଶେଷ ।
ଖେଡା କୁଟିଳ, ଲୌହିତବର୍ଣ୍ଣି, ବିଷ, ଶଳାକା, ଯେ ସିଂହଘୋଷ ॥
କ୍ରୋଡ଼ ଶିରକ୍ରୋଡ଼, ପାଦପ, ଅବଟ, କ୍ରୋଡ଼ ଉତ୍ସଙ୍ଗ ବରାହେ ।
ଖଣ୍ଡ ବୋଲି ଇକ୍ଷୁବିକାରେ ସକଳେ ମଣି, ଦୋଷେ ପୁଣି କହେ ॥
ଗଣ୍ଡ ଗଣ୍ଡକ, ଗ୍ରହ, ଯୋଗ ପ୍ରଭେଦ କପୋଳ, ହୟୂ, ଭୂଷଣ ।
ଜଳ-ନିମ୍ନସ୍ଥାନ ଚହ୍ନକୁ ପୁଣି ଯେ ଗଣ୍ଡ ବୋଲିକର ଜାଣ ॥
ଗୁଡ଼ ଗୋଳକ, ମତ୍ତଗଜ, ସନ୍ନହ ; ଗୁଡ଼ ଯେ ଇକ୍ଷୁବିକାର ।
ଗଡ଼ ମୀନ, ଦୁର୍ଗ, ଗଣ୍ଡାନାଭି, ବୃଦ୍ଧ, ପାମର, ଜାତିଭେଦର ॥
ଚଣ୍ଡ ତନ୍ତ୍ରୀ, ତୀକ୍ଷଣ, ଦୈତ୍ୟଭେଦେ ; ଚଣ୍ଡ ଯମ ପରିଜନେ ।
ଦଣ୍ଡ ଲଗୁଡ଼ ପ୍ରକାଣ୍ଡ ବ୍ୟୂହ ଭେଦ କାଳ ମଥନ ଯେ ସୈନ୍ୟେ ॥
ଚଣ୍ଡୀ କାତ୍ୟାୟିନୀ କୋପବତୀନାରୀ ; ପାଣ୍ଡୁ ନୃପ, ରୋଗଭେଦ ।
ଷଣ୍ଡ କ୍ଳୀବ ଧୀର ; ନୃତ୍ୟରଙ୍ଗେ ପାତ୍ରେ ପ୍ରବର୍ତ୍ତିଇ ଭାଣ୍ଡପଦ ॥
ମୁଣ୍ଡ ରାହୁଗ୍ରହ ମୂର୍ଦ୍ଧନୀ ମୁଣ୍ଡିତ, ମୁଣ୍ଡ ଅଛି ଦୈତ୍ୟାନ୍ତରେ ।
ଷଣ୍ଡ ବୋଲନ୍ତି ଯେ ପଦ୍ମସମୂହକୁ, ଷଣ୍ଡ ଶବ୍ଦ ଗୋପତିରେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବ୍ୟାଡ଼ ହିଂସ୍ରପଶୁ, ସର୍ପ, ପଣ୍ଡିତା, ଯେ ବଧବା, ମୂଷିକପର୍ଣ୍ଣୀ ।
ବଡ଼ ନିବଡ଼ ଦେହମାନ ସିହ୍ଲକ ପଣ୍ଡ ବୋଲି କରି ଯେନ ॥
କୁଷ୍ମାଣ୍ଡ ମାୟା, ସ୍ତ୍ରୀ, କର୍କାରୁ ; କୋଦଣ୍ଡ ନୃପ ଭ୍ରୂଭୂଷଣ ସତ ।
ଦାନ୍ତ ଦେଶଭେଦ ମୁଖ ଯେ ଗାରଡ଼ ବିଷ ମନ୍ତ୍ର ମରକତ ॥
ଚନ୍ଦ୍ରଡ଼ୀ ଉମ୍ବ ଚମ୍ପାବୃକ୍ଷ ; ନିର୍ଗୁଣ୍ଡି ସେଫାଳିକା, ସିନ୍ଧୁବାର ।
ପ୍ରଚଣ୍ଡ ବୋଲି ଦୁର୍ବହ ପ୍ରତାପକୁ ପୁଣି ଶ୍ୱେତକରବୀର ॥
ମାର୍ତ୍ତଣ୍ଡ କ୍ରୋଡ଼, ଆଦିତ୍ୟ, ଭୁଜଙ୍ଗ, ଯେ ମାର୍ଗ ଗୋମୟ ମଣ୍ଡଳ ॥
ବରଣ୍ଡ ଶସ୍ତ୍ର ଶାରିକା ମୂଳଶାଖା ଅସ୍ତ୍ରକୁ ପ୍ରକାଣ୍ଡ ଭାଳ ॥
ଚକ୍ରବାଡ଼ ବୋଲି କମଣ୍ଡଳୁ, ଚକ୍ରବାଡ଼ ଲୋକାଲୋକ ଗିରି ।
ଦେବବାଡ଼ ବୋଲି ଗନ୍ଧ ହୁତାଶନେ ଦେବତାଡ଼ ଖଗ୍ରଖଣ୍ଡି ॥

ଇତି ଡାନ୍ତ

ଦୃଢ଼ ବୋଲି ସ୍ଥୂଳେ, ନିତାନ୍ତେ, ପ୍ରଗାଢ଼େ, ଦୃଢ଼ ପୁଣି ବଳବନ୍ତ ।
ଷୋଢ଼ା ଷୋଡ଼ଶୀ ତ୍ରିଯାମା ; ଗୂଢ଼ ବୋଲି ଗହ୍ୱର ହିସରେ ଉକ୍ତ ॥
ମୂଢ଼ ମୂର୍ଖ, ବାଳଶିଶୁ, ଶୁଷ୍କଶୋଭ ; ବାଢ଼ ପ୍ରତିଜ୍ଞା ଯେ ଦୃଢ଼ ।
ବ୍ୟୂଢ଼ ପୃଥୁଳ ସମୂହକୁ ବୋଲନ୍ତି ; ମୁଦ୍ରିତ ଘନ ପ୍ରଲୀଢ଼ ॥
ବ୍ରତ ଦଣ୍ଡ ମାସ ମଳୟ ପର୍ବତ ପୂର୍ଣ୍ଣିମା ଏତେ ଆଷାଢ଼ ।
ବିରୂଢ଼ ବୋଲି ଅଙ୍କୁରିତ ଜାତକୁ ; ଗର୍ହିତ ଗୁପ୍ତ ବିଗୁଢ଼ ॥

ଇତି ଢାନ୍ତ

ଅଣୁବ୍ରୀହିଭେଦେ ସୂକ୍ଷ୍ମେ କହି ; ବଂଶୀ ବଂଶ ନୃପ ଏକ ବେଣୁ ।
କଣା ପିପ୍ପଳୀ ଜୀରକ ମକ୍ଷିକା ଯେ କୁମ୍ଭୀରରେ ପୁଣି ଜାଣୁ ॥
କଣ ଲବ ଧାନ୍ୟ ଅଂଶକୁ ବୋଲନ୍ତି ; କାଣ କାକ ଏକନେତ୍ର ।
ପ୍ରାଣ ବୋଲନ୍ତି ଗେଳ, ଜଳ, ଅନଳ, ଜୀବ, ଦେହସ୍ଥ ମାରୁତ ॥
ଦ୍ରୋଣ କାକଭେଦେ, ଦ୍ରୋଣ ଆଚାର୍ଯ୍ୟ ; ଯେ ବାଣ ବଳିସୁତ ଶର ।
ବାଣା ବହୁମୂଲ୍ୟ ନୀଳ ଝିଣ୍ଟି ; କ୍ଷଣ ଶିବସୈନ୍ୟ ଯେ ନିକର ॥
ଗୁଣ ସିଞ୍ଜିନୀ ବିବେକ ପ୍ରଧାନ ଯେ ; ବୀଣା ବଲ୍ଲକୀ ବିଦ୍ୟୁତ ।
ରଣ କ୍ୱଣ କ୍ୱଣ ସମର , ଭ୍ରୂଣ ଯେ ଶିଶୁ ଗର୍ଭ ଏ ବୋଲନ୍ତି ॥
ବେଣୀ କେଶବେଶ ନଦ୍ୟନ୍ତରେ ପୁଣି ଖଗ୍ରଖଣ୍ଡି ପାଦପରେ ।
ଶ୍ରେଣୀ ପଂକ୍ତି ଶିଳ୍ପୀ ; ମଣି ବୋଲନ୍ତି ଯେ ମୁକ୍ତା ଆଦି ନୃପାନ୍ତରେ ॥
ଦ୍ରୋଣୀ କାଷ୍ଠାମ୍ବୁବାହିନୀ ଗୁରୁସୁତ ; ବାଣୀ ଭାଷା ସରସ୍ୱତୀ ।
କର୍ଣ୍ଣ ରବିସୁତ ଶ୍ରୁତିକ କହନ୍ତି ; ବର୍ଣ୍ଣ ଲିପି ଜାତି କାନ୍ତି ॥
କୃଷ୍ଣ ବୋଲନ୍ତି ଶ୍ୟାମବର୍ଣ୍ଣ ଅର୍ଜୁନ କାକ ; ବିଷ୍ଣୁ ବ୍ୟାସସୁତ ।
କୃଷ୍ଣା ଦ୍ରୌପଦୀ ଉଷଣା ଦ୍ରାକ୍ଷା ; ନାଳୀକର୍ଣ୍ଣ ଯେ ଜନ ବିକ୍ଷିପ୍ତ ॥

CC-0. In Public Domain. Gurukul Kangri Collection, Haridwar

ତୀକ୍ଷ୍ଣ ସମୁଦ୍ରଲବଣ ବିଷ ଲୋହ ; ଜନ୍ତୁ ଶକ୍ର ଯେ ପଦାର୍ଥ ।
ବୃଷ୍ଣି ଯାଦବ ପାଷଣ୍ଡ ଚଣ୍ଡ ମେଷ ଗୃହଠାରେ ହୋଏ ଅର୍ଥ ॥
ଅରୁଣ ବୋଲାଇ ସୂର୍ଯ୍ୟ ସାରଥି ଯେ ରକ୍ତବର୍ଣ୍ଣ ଆହୁର ।
କୃପଣ କୂର୍ମ କୁତ୍ସିତକୁ ବୋଲନ୍ତି ; କୃପାଣ ଖଡ଼୍ଗ ଛୁରୀ ॥
କାରଣ ହେତୁ କର୍ମକର୍ତ୍ତା ; କାୟସ୍ଥ ବଣ୍ଟି ଆଦି ଏ କରଣ ।
ଅରୁଣା ବୋଲଣ ତ୍ରିବିଷ ମଞ୍ଜିଷ୍ଠା ତ୍ରିବୃତା ଶ୍ୟାମାକୁ ଗଣ ॥
ତରଣି ଭାନୁ କୁମାରୀ ନାବ କାମ ; କରୁଣା କୃପାଦିଭେଦ ।
ପ୍ରାକାର ବେଷ୍ଟନ କନ୍ୟାଦିବରଣେ ପ୍ରସିଦ୍ଧ ବରଣ ଶବ୍ଦ ॥
ବରୁଣ ତରୁଶାକ ପାଶୀ ; ବାରୁଣୀ ପଶ୍ଚିମ ଯେ ସୁରା ଦୁର୍ବା ।
ପଟୋଳ ମୂଳେ ବଲ୍ଲୀରେ ବିହଙ୍ଗରେ ରମଣ ପଦ ଘେନିବା ॥
ଲକ୍ଷ୍ମଣ କଳଙ୍କ ରାମଭ୍ରାତ କୁରୁରାଜସୁତ ସୁଲକ୍ଷଣ ।
ଲକ୍ଷଣ ସାମ୍ୟ ; ମନୋହାରୀ ଲକ୍ଷ୍ମଣା ବୋଲି ବରାଠକୁ ଆଣ ॥
ଶ୍ରବଣ ବୋଲନ୍ତି କର୍ଣ୍ଣ ନକ୍ଷତ୍ରକୁ : ଶ୍ରାବଣ ପାଷଣ୍ଡ ମାସ ।
ଶ୍ରୀପର୍ଣ୍ଣୀ ବୋଲି କାଶ୍ମୀର ଅଗ୍ନିମନ୍ଥ ପଦ କୁମ୍ଭିକାକୁ ଭାଷ ॥
ସାରଣ ରାକ୍ଷସାନ୍ତରେ ନୃପଭେଦେ ; ସରଣୀ ଯେ ମାର୍ଗ ପଙ୍କ୍ତି ।
ସୁଷେଣ ବୋଲନ୍ତି କରମର୍ଦ୍ଦତରୁ କେଶବ ସୁଗ୍ରୀବମନ୍ତ୍ରୀ ॥
ସୁପର୍ଣ୍ଣ କହି ସ୍ୱର୍ଣ୍ଣଚୂଡେ ଗରୁଡ଼େ କୃତମାଳପାଦପକୁ ।
ହରଣୀ ବୋଲି ହରିଣୀକି ମୃଗୀକି ଜମ୍ବୁନଦ ପ୍ରତିମାକୁ ॥
ଶ୍ରୀକୃଷ୍ଣା ଅଗୁରୁ ବରାଠରମଣୀ ; ମୃଗ ପାଣ୍ଡୁର ହରିଣ ।
ଶୃଙ୍ଗ ଗୈରଶୃଙ୍ଗ ଅଜଶିଙ୍ଗ କ୍ଷୀରକାକୋଲୀ ନାଗ ବିଷାଣ ॥
ବ୍ରାହ୍ମଣୀ ଦ୍ୱିଜପତ୍ନୀ ଭାର୍ଗୀ : ଭୂଦେବ ଦେବଭାଗ ଯେ ବ୍ରାହ୍ମଣ ।
ସିନ୍ଧୁ ସୈନ୍ଧବ ଦୈତ୍ୟଭେଦ ସହିତେ ଭେଦରେ ଅଛି ଲବଣ ॥
ବିଷ୍ଣୁ ଅଭୀରୁ ନାରାୟଣ ; ଅସୁର ମହାଦେବ ବିରହାଣ ।
ରକ୍ତରେଣୁ ବୋଲି ପଳାଶକଢ଼ୀକି ସିନ୍ଦୂରରଜକୁ ପୁଣ ॥
ଚୂଡ଼ାମଣି ବୋଲି ଶିରୋରତ୍ନକୁ, ପୁଣି କାକଚଞ୍ଚୁଫଳେ ।
ଅଶ୍ୱିନୀ ଆଦି ନକ୍ଷତ୍ରକୁ ଦୁର୍ଗାଙ୍କୁ ଦାକ୍ଷାୟଣୀ ବୋଲି ବୋଲେ ॥
ତୈଳପର୍ଣ୍ଣୀ ଶବ୍ଦ ମଳୟଜେ, ସିହ୍ଲ, କରେ, ଶ୍ରୀବାସେ ପ୍ରବର୍ତ୍ତେ ।
ଶିଖରଣୀ ରୋମାବଳୀ ନାରୀରତ୍ନ ପୁଣି ମଲ୍ଲିକା ପ୍ରବର୍ତ୍ତେ ॥

ରତ ଶାନ୍ତ

ରତ ବୋଲି ତୂଳ ସଂଖ୍ୟାକୁ ମଦନବଲ୍ଲଭୀକି ସୁରତକୁ ।
ରତ ଅନୁରାଗ ପ୍ରୀତ ; ରତ ବୋଲି ସୁରତ ଗୁହ୍ୟ ଦୁହିଁଙ୍କି ॥
ଖଣ୍ଡ ଲବଣ ଧୂସର ବଟ ଏହି ତିନିହେଁ ବୋଲାନ୍ତି ଧୂର୍ତ୍ତ ।
ଚନ୍ଦ୍ରମଣି, ସୂର୍ଯ୍ୟମଣି, ପ୍ରାଣନାଥ, ଲୋହ, ଯେନ ଏତେ କାନ୍ତ ॥

Digitized by Arya Samaj Foundation Chennai and eGangotri
CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କାନ୍ତ ବୋଲନ୍ତି ପ୍ରତିଅଙ୍ଗ, ନାରୀ ; ଯେ ପ୍ରସାଦ ଯଶ ଏ କୀର୍ତ୍ତି ।
କ୍ଷିତି ନିବାସ, ସେ କ୍ଷିତି କ୍ଷୟ ନାମ କାଳଭେଦେ, ଅଛି କ୍ଷେତ ।
କ୍ରତୁ ଯଜ୍ଞ ମୁନି, କାନ୍ତି ଶୋଭା ରୁଚି, କେତୁ ଯେ ପତାକା ଗ୍ରହ ।
କୃତ୍ତି କରଣ ହିଂସା ଚର୍ମ କୃତ୍ତିକା ତାରା ଭୂର୍ଜେ କୃତି କହି ।
ଗୁପ୍ତି ବଚନ କାରା ଗୃହ, ଗମନ ଜ୍ଞାନପଥ ତିନି ପନ୍ଥ ।
ଘୃତ ଜଳ ଆଜ୍ୟ, ସୁମନା ସଗୋତ୍ର ଜନ୍ମ ଜନ ନାମ ଜାତି ।
ଧାତା ବିଧାତା ପାଳକ, ତ୍ରେତାଯୁଗନାମ ଅଗ୍ନିତ୍ରୟ ହୋଇ ।
ଦନ୍ତ ଶୃଙ୍ଗ କୁଞ୍ଜ ଦଶନ ଏ ତିନି ଦନ୍ତ ଗିରି ଗଜେ କହି ।
ଦାନ୍ତ ଦମିତ କ୍ଳେଶ ସହି, ଦିତି ଯେ ଖଣ୍ଡନ ଦୈତ୍ୟଜନନୀ ।
ଦୀପ୍ତି ବିଭାଷିତ ଦଗ୍ଧ, ଜ୍ୱଳିତ ଯେ ଦ୍ୱିଜ ଶୋଭା ରଶ୍ମି ଯେନ ।
ଧାତୁ ବିଷୟ ଶବ୍ଦ ଯୋନି ଗୈରିକ ମନଃଶିଳାଦି ସହିତ ।
ପ୍ରୀତି ଯୁଗାନ୍ତରେ ମୋଦକ କହନ୍ତି ସୁରପତି ନାମ ଉକ୍ତ ।
ପତି କହି ସାମନ୍ତଙ୍କୁ ବଲ୍ଲଭଙ୍କୁ, ପତ୍ତି ବୋଲନ୍ତି ପଦାତି ।
ଭୀତି କୁତ୍ସ୍ୟ ଭୟ ଦୁହିଁଙ୍କି କହନ୍ତି, ଭୂତି ଯେ ଭସ୍ମ ସମ୍ପତ୍ତି ।
ଭୂତ ଋଷି ଆଦି ସର୍ବ ଜନ୍ତୁ, ଭୂତ ପିଶାଚାଦିଗଣ ଭୂତ ।
ମୁକ୍ତି ମୋଚନ ମୋକ୍ଷକୁ ବୋଲି ମୋକ୍ଷ ମୋଚନ ବୋଲନ୍ତି ମୁକ୍ତ ।
ଭକ୍ତି ବିଭାଗ ସେବାକୁ କୋଳି, ଭକ୍ତି କଲା ଜନ ଅନ୍ନ ଭକ୍ତ ।
ପୋତ ବୋଲନ୍ତି ଶିଶୁଙ୍କୁ ବହିତ୍ରଙ୍କୁ, ରସ ସୁଗନ୍ଧ ଏ ତିକ୍ତ ।
ଲତା ବଲ୍ଲରୀ ପ୍ରିୟଙ୍ଗୁ ଜ୍ୟୋତିଷ୍ମତୀ ଦୁର୍ବା ମାଧବୀ କସ୍ତୁରୀ ।
ରୀତି ସ୍ୱଭାବ ପିତ୍ତଳ, ଶ୍ରୁତି କର୍ଣ୍ଣ ବେଦ, ଶକ୍ତି ଶସ୍ତ୍ର ଗୌରୀ ।
ସୀତା ବୋଲନ୍ତି କର୍କରୀ ଗଙ୍ଗା ରାମଭାର୍ଯ୍ୟା ଲାଙ୍ଗଳପଦ୍ଧତି ।
ସୁତ ପୁତ୍ର ବୁଦ୍ଧଙ୍କର ଯେ ପାରଦ ମୁନିପ୍ରଭେଦ ସାରଥି ।
ଶୀତ ହିମଗୁଣ ଶୀତଳ ଅଳସ ଧବଳ ଶ୍ୟାମଳ ଶୀତ ।
ଶ୍ୱେତ ଶୁକ୍ଳବର୍ଣ୍ଣ ପୁଣି ଦ୍ୱୀପଭେଦ ଅଦ୍ରିଭେଦରେ ଅଛନ୍ତି ।
ଋତୁ ସମୟ ଅରନ୍ଧ, ଶୁକ୍ତି ଶଙ୍ଖ ନଖ ଯେ ମୁକ୍ତାସ୍ଫୋଟ ।
ଲେଖାଲେଖନେ ତଳକେ ଅଭୁତରେ ବନ୍ଧେ ଚନ୍ଦ୍ର ଶବ୍ଦ ସ୍ଫୁଟ ।
ଚନ୍ଦ୍ରା ଆଖୁପର୍ଣ୍ଣୀ ସୁଭଦ୍ରା ଗୋଦୁଗ୍ଧା ଚନ୍ଦ୍ରାନକ୍ଷତ୍ର ଗଣନେ ।
ଧାତ୍ରୀ ମାତା ଉପମାତା ଆମଳକୀ ପୃଥ୍ୱୀକି କହନ୍ତି ଜନେ ।
ଛତ୍ର ଶିଲୀନ୍ଧ୍ର ଆତପତ୍ର ବୋଲଇ ; ଗୋତ୍ର ସଗୋତ୍ର ଶିଖରୀ ।
ନେତ୍ର ବସ୍ତ୍ରଭେଦ ରଥ ଯେ ନୟନ ; ମିତ୍ର ଯେ ସୁହୃଦ ହରି ।
ଅମୃତ କହି ଯଜ୍ଞଶେଷେ ପୀୟୂଷେ ସଲିଳେ ଘୃତେ ଆହୁର ।
ଅମୃତ କହି ଅଯାଚିତେ ଅମୃତ ମୋକ୍ଷଦେବେ ଧନ୍ୱନ୍ତରି ।
ଅମୃତା ପଥ୍ୟା ଆମଳକୀ ଗୁଳୁଚି ଅମୃତା ଯେ ଭଲ୍ଲାତକ ।
ଅନନ୍ତଶବ୍ଦ ଅପ୍ରମେୟଆକାଶ ଶ୍ରୀହରି ନାଗନାୟକ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଜଗତ ଭୂମି ମ୍ଳେଚ୍ଛଜାତିଭେଦ ; ଭୂଭୃତ ନୃପପର୍ବତ ।
ଜଗତୀ ଅଛି ଛନ୍ଦଭେଦେ ; ଜଗତ ଜନ ଅବନୀ ଜଗତ ॥
ଜୀମୂତ କହି ଗିରି ଜଳଧରକୁ ପୁଣି ଯେ ଖଗ୍ରାଖଗ୍ରୀଙ୍କ ।
ପ୍ରସୂତ ପ୍ରସ୍ତାର କୁଙ୍କୁମ ତନୟ ଜଘନ ଅର୍ଦ୍ଧାଞ୍ଜଳିଙ୍କ ।
ଗୋପତି ବୋଲନ୍ତି ନୃପତି ଭାସ୍କର ବୃଷଭ ଯେ ଶିବପତ୍ନୀ ।
ଜୟନ୍ତ ବୋଲନ୍ତି ଭୀମ ଇନ୍ଦ୍ରପୁଅ ଜୟାବୃକ୍ଷ କାକ ଧେନ ॥
ପଳିତ ଶୈଳଜ କର୍ଦ୍ଦମ ତାପ ଯେ ସଫର ବାଳ ଗଳିତ ।
ଦେବୀ ମୁନି ଆଦି ମତ୍ସ୍ୟଭେଦ ବୃକ୍ଷ ଶିଖର ନାମ ପର୍ବତ ।
ପ୍ରବୃତ୍ତି ବୋଲି ପ୍ରବୃତ୍ତି ଯେ ଭବନେ ପ୍ରବାହେ ମଳ ଉତ୍ସର୍ଗେ ।
ପ୍ରକୃତି ବୋଲି ମାୟାଙ୍କୁ ରତିପତ୍ନୀ ସିହ୍ଲକ ଯେ କବିବର୍ଗେ ।
ପାର୍ବତୀ ବୋଲନ୍ତି ଅମ୍ବିକା ଗୋପାଳ ପୁତ୍ରିକାଭେଦରେ ଧେନ ।
ଭାରତୀ ବୋଲି ବଚନ ସରସ୍ୱତୀ ପକ୍ଷିଭେଦରେ ଯେ ମାନ ॥
ଭରତ କହି ନାଟ୍ୟଶାସ୍ତ୍ରଭେଦରେ ରାମାନୁଜେ ଦେଶାନ୍ତରେ ।
ରୈବତ ରାଜା ରୈବତ ଗିରିରେ ଯେ ରୈବତ କହି ଶଙ୍କରେ ॥
ରେବତୀ ମାତୃଭେଦେ ପ୍ରାନ୍ତତାରକା ହଳଧରମନୋହାରୀ ।
ରୋହିତ ରକ୍ତ ଇନ୍ଦ୍ରଧନୁ କୁଙ୍କୁମ ଦୁରନ୍ତ ପାନ ଚମରୀ ॥
ବାସନ୍ତୀ ବୋଲନ୍ତି ପାଟଳୀ ଯୂଥିକା ମାଧବୀ ଯେ କ୍ରମେଳକ ।
ବାସନ୍ତ ବଟ ବହିଏକୁ ବୋଲନ୍ତି ବାସନ୍ତ ବୋଲନ୍ତି ପିକ ॥
ଶ୍ରୀପତି ଶ୍ରୀହରି ନୃପ ଶୁଦ୍ଧାନ୍ତଃପୁର ମଧ୍ୟ କକ୍ଷାନ୍ତର ।
ସଂବର୍ତ୍ତ ପ୍ରଳୟକାଳ କପିଞ୍ଜଳ ଅଛି ଏକ ମୁନିବର ।
ରଜତ ଶୁକ୍ଳହାର ରୌପ୍ୟ ବୋଲନ୍ତି ; ମରୁତ ଦେବତା ବାତ
ଘାତକୁ ନରକାନ୍ତରକୁ ମିତ୍ରକୁ ବୃନ୍ଦକୁ କହି, ସଂଘାତ ॥
ସନ୍ତତି ଗୋତ୍ର ପଂକ୍ତି ପୁତ୍ର ; ମହତୀ ବଲ୍ଲକୀ ସମୁଦ୍ରସ୍ନାନ ।
ସଂଗତ ବିନୟ ଧ୍ୱନିଙ୍କ ବୋଲନ୍ତି ସଂଗତ ସଂଗମ ଜ୍ଞାନ ।
ସୁନୀତି ଶୋଭା ଧ୍ରୁବମାତା ; ସୁକୃତ ମଙ୍ଗଳ ସତ୍ୟବଚନ ।
ହସନ୍ତୀ ଅଙ୍ଗାରଧାନୀ ମଲ୍ଲିକା ଯେ ଶାକିନୀ ନାମ ପ୍ରମାଣ ॥
ହରୀତ ମୁନିଭେଦ ପକ୍ଷୀଭେଦରେ ; ହାରୀତ ପୁଣି କୈତବ ।
ହାରିତ ଦଗ ପୁଣି ବର୍ଣ୍ଣ ; ହରିତ ଦୁର୍ବାବନକୁ ଧେନବ ॥
ଐରାବତ ଅଭ୍ର ମାତଙ୍ଗ ନାରଙ୍ଗ ଲକୁଚ ନାଗ ପ୍ରଭେଦ ।
ଋଭୁଦର୍ପ ଇନ୍ଦ୍ରଧନୁ ଐରାବତ ସୌଦାମିନୀଙ୍କ ଯେ ଦବ ॥
ଗନ୍ଧବତୀ ପୃଥ୍ୱୀ ଏକ ଗୁରୁ ବ୍ୟାସମାତା ସୁରା ନାମ ଜାଣ ।
କ୍ଳିଷ୍ଟ ଋଭୁ ଶବ୍ଦ ପିକ ଆଳାପରେ ସୁରତ ଧ୍ୱନିରେ ଆଣ ॥
ଚନ୍ଦ୍ରକାନ୍ତ ଚନ୍ଦ୍ରମଣି କଇରବ ପଲ୍ଲବିତ ଦ୍ରାକ୍ଷାପଦ ।
ପୁଷ୍ପବନ୍ତ ଅଛି ବିଦ୍ୟାଧର ଭେଦେ ଦିଗଦନ୍ତୀ ପୁଷ୍ପବନ୍ତ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଭୋଗବତୀ ଧବ ହରିପୁର ନାମ ଲକ୍ଷ୍ମୀପତି ନୃପ ହରି ।
ହୈମବତୀ ସ୍ୱର୍ଣ୍ଣଗିରି ହରୀତକୀ ଶ୍ୱେତବଚ ଗଙ୍ଗା ଗୌରୀ ॥
ବସନ୍ତଦୂତ ଚୂତ ପିକ ପଞ୍ଚମରାଗକୁ ଜନେ କହନ୍ତି ।
ପାଟଳୀବୃକ୍ଷ ମାଧବୀ ଲତା ଦୁହେଁ ପ୍ରମାଣ ବସନ୍ତଦୂତୀ ॥
ମୂର୍ଦ୍ଧାଭିଷିକ୍ତ ଶତବ ଯେ କ୍ଷତ୍ରିୟ, ମନ୍ତ୍ରୀପତିରେ ପ୍ରସିଦ୍ଧି ।
ସମୁଦ୍ର-ନବନୀତ ସଙ୍କେତରେ ପୀୟୂଷ ଯେ କଳାନିଧି ॥

ଇତି ତାନ୍ତ

ଅର୍ଥ ନାନାର୍ଥ ଧନ ; କନ୍ଥା ମୃଣ୍ମୟ ଭିତ୍ତି ପ୍ରାବରଣାନ୍ତର ।
ଗ୍ରନ୍ଥ ପୁସ୍ତକ ଦ୍ରବ୍ୟ ରଥ ; ସ୍ୟନ୍ଦନ ବେତସ ଯେ କଳେବର ॥
ବନ୍ଧନ ଛନ୍ଦଗ୍ରହ ପାର୍ଷ୍ଣି ପନ୍ଥ ଏ ଗ୍ରନ୍ଥ ବୋଲନ୍ତି ସ୍ୱଭାବେ ।
କୋଥ ନେତ୍ରରୋଗ ସଙ୍କଟ ; ଗାଥା ଯେ ଶ୍ଳୋକ ଭାଷାନ୍ତେ ସମ୍ଭବେ ॥
ପୃଥୁ ପୀନକପର୍ଦ୍ଦ କୃଷ୍ଣଜୀରା ଯେ ଅଗ୍ନି ଏକ ନରେଶ୍ୱର ।
ପ୍ରୋଥା ହୟଘୋଣା କଟୀମଧ୍ୟ ; ମନ୍ଥ ମନ୍ଥନ ଯେ ଦିବାକର ॥
ପାଥ ଅର୍କ ଅଗ୍ନି ଜଳ ; ସକ୍ଥ ବୋଲି ମଧୂଚ୍ଛିଷ୍ଟକୁ ଅନ୍ନକୁ ।
ବସ୍ତି ଗୃହାଙ୍ଗପ କ୍ତି ଗ୍ରନ୍ଥ ବୋଲନ୍ତି ମୀନଭେଦକୁ ସାନୁକୁ ॥
ଅତିଥି ବୋଲି ଅଭ୍ୟାଗତ ପୁଣି ଯେ ଅତିଥି କୁଶ କୁମର ।
ବମଥୁ ବୋଲନ୍ତି ବମନ ବମଥୁ ଅଦ୍ଭୁତ କରଣୀକର ॥
ଅଶ୍ୱତ୍ଥି ଅଶ୍ୱ ପୌର୍ଣ୍ଣମାସୀ ତିଥି ଯେ ଅଶ୍ୱତ୍ଥ ପିପ୍ପଳ ଦ୍ରୁମ ।
ପ୍ରମଥ ବୋଲନ୍ତି ହରୀତକୀ ମହାଦେବପରିକର ନାମ ॥
ବରୂଥ କହନ୍ତି ରଥଗୁପ୍ତିକ ଯେ ; ବରଥ ହର୍ମ୍ମ୍ୟ ସଦନ ।
ବୋଲନ୍ତି ମନ୍ମଥ କାମ ଚନ୍ତା ପୁଣି ; କପିତ୍ଥ ତରୁ ସଦନ ॥
ବ୍ରାହ୍ମୀ ଗୁଲୁଞ୍ଚି ଆମଳକୀ ସୂକ୍ଷ୍ମୈଳା କାଙ୍କୋଳ ଏ ପାଞ୍ଚ ବୃକ୍ଷ ॥
ହରୀତକୀ ତରୁଗଣ ଯେନ ସାତେ ବୟଃସ୍ଥା ନାମ ପ୍ରତ୍ୟକ୍ଷ ॥
ଚିତ୍ରରଥ ବୋଲି ଗନ୍ଧର୍ବେ ଅଛନ୍ତି ପ୍ରଭାକର ଚିତ୍ରରଥ ।
ମଧୁପ ପାଦପ ତୃତୀୟ ଆଶ୍ରମ ଜନେ ବୋଲି, ବାନପ୍ରସ୍ଥ ॥

ଇତି ଥାନ୍ତ

କନ୍ଦ ଅଛି ଆଖୁଭେଦେ ମୂର୍ତ୍ତିଭେଦେ କପିଯୂଥରେ ଗଣନା ।
ଖନ୍ଦ କୃଷ୍ଣାକୁଞ୍ଜେ ଔଷଧିଭେଦରେ ; ରୋଗ ଶସ୍ତ୍ର ଗଦା ସିନା ॥
ଛଦ ଦଳ ପକ୍ଷ ଗ୍ରନ୍ଥି ପର୍ଣ୍ଣୀ ; କ୍ଷୋଦ ବୋଲନ୍ତି ପେଷଣ ଧୂଳି
କର୍ପୂରଧୂଳି ଜଳ ହେମ କାମ୍ପିଲ୍ଲ ଏ ପାଞ୍ଚକୁ ଚନ୍ଦ୍ର ବୋଲି ॥
ଇନ୍ଦ୍ର କୁଟଜ ସୁରପତି ; ରୁଦ୍ର ଯେ ମହାଦେବ ଭୟଙ୍କର ।
ମନ୍ଦ ଅଗ୍ନି ଅଳ୍ପକ ମୂଢ଼ଜନ ମନ୍ଦ କାକ ଶନୈଶ୍ଚର ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସାଦୀ ଶବ୍ଦକୁ କହନ୍ତି ରଥୀମାନେ ଅଶ୍ୱାରୋହୀ ହସ୍ତି ପକ ।
ପାଦ ଚରଣ କିରଣ ଶ୍ଳୋକ ଅଙ୍କ ତରୁମୂଳ ଯେ ବିବେକ ॥
ମଦ ବୋଲିକରଗବକୁ ମଦକୁ କୁଞ୍ଜରମଦକୁ ତର୍କ ।
ବନ୍ଦୀ ବୋଲଇ ବନ୍ଦନକଲାଜନ ଆବର ସ୍ତୁତିପାଠକ ॥
କୁମୁଦ କାର୍ତ୍ତିକମାସ ଦିଗଦନ୍ତୀ କପିଯୂଥପ କୁମୁଦ ।
କେକୀ ମାର୍ଜାର ଛାଗଳ ଏ ତିନିଙ୍କି ଜନେ ବୋଲି ମେଘନାଦ ॥
ମୁକୁନ୍ଦ ବୋଇଲେ ବୁଝାଏ ବିଷ୍ଣୁଙ୍କୁ ନିଧିକ ରତ୍ନଭେଦରେ ।
ଶରଦ ଶବ୍ଦ ପ୍ରବର୍ତ୍ତେ ଦେବ ଜଳ ବର୍ଷାନ୍ତ ଋତୁ ବତ୍ସରେ ॥
ଶାରଦ ବୋଲି ସପ୍ତପର୍ଣ୍ଣ ତରୁକୁ ତୋୟ ପିପଳୀକି ଘେନ ।
ଷଡ୍‌ବିନ୍ଦୁ ବୋଲି କୀଟଭେଦେ ଷଡ୍‌ବିନ୍ଦୁ ବୋଲି ଗୋବିନ୍ଦକୁ ମାନ ॥
ଅଷ୍ଟାପଦ ନାମ ବହଇ ଫଳକ ଶରଭ ଶକଟ ହେମ ।
କୁଲ୍ୟ ସମସ୍ତ ରତ୍ନଭେଦେ ଅଛି ଯେ କୁରୁବିନ୍ଦ ହୋଇ ନାମ ॥
ଜନପଦ ବୋଲି ଜନପଦକୁ ଯେ ଜନପଦ ଜନଦେଶ ।
ତମୋନୁଦ ଶବ୍ଦ ଚନ୍ଦ୍ର ଦିବାକର ବହ୍ନିଙ୍କଠାରେ ପ୍ରକାଶ ॥
ମୁଚୁକୁନ୍ଦ ବୃକ୍ଷଭେଦେ ମାନ୍ଧାତାତନୟେ ଅଛନ୍ତି କହି ।
ମେଘନାଦ କେକୀ ରାବଣନନ୍ଦନ ବରୁଣ ପୁଣି ବୋଲଇ ।
ବିଷ୍ଣୁପଦ ବୋଲି କ୍ଷୀରୋଦେ ଆକାଶେ ବିଷ୍ଣୁପଦ ଗଙ୍ଗାନୀରେ ।
ଶଶବିନ୍ଦୁ ବିଧୁ ବାସୁଦେବ ଶଶବିନ୍ଦୁ ଅଛି ନୃପାନ୍ତରେ ॥
ଶତହ୍ରଦା ନାମ ବହେ ସୌଦାମିନୀ ପୁଣି ଶତହ୍ରଦା ପବି ।
ବୋଲେ ଶତାନନ୍ଦ ଗୌତମପୁତ୍ରକୁ ଦେବକୀସୁତକୁ କବି ॥

ଇଧ ଦାନ୍ତ

ବୁଧ ପଣ୍ଡିତ ଲବ୍ଧବର୍ଣ୍ଣ ଅଜନ ବୁଧ ଚନ୍ଦ୍ର ସୁତ ଗ୍ରହ ।
ମଧୁ ପୁଷ୍ପରସ ମଧୁ ଗୁଡ଼ଦ୍ରୁମ ବସନ୍ତଋତୁକୁ କହ ॥
ପୁଣି ମଧୁ ହୋଇ ଦୈତ୍ୟେକ ଅଛଇଁ ମଧୁ କ୍ଷୌଦ୍ର ଚୈତ୍ରମାସ ।
ବିଧୁ ଘନସାର ସୁଧାକରଣକୁ ଚନ୍ଦ୍ର ବିଧୁ ପୀତବାସ ॥
ବନ୍ଧ ବୋଲଇ ବନ୍ଧୁକ ବନ୍ଧୁ ମିତ୍ର ବାନ୍ଧବ ବୋଲଇ ବନ୍ଧୁ ।
ବମଥୁ ଭେଦ ସମୁଦ୍ର ନଦୀ ଭେଦ ଏତେକ ବୋଲଇ ସିନ୍ଧୁ ॥
ବିଧି ବୋଲି ନିୟନ୍ତାକୁ ବିଧାନକୁ ପରମେଷ୍ଠିଙ୍କି ଆହୁର ।
ରାଧା ବିନ୍ଦୁ ମାସ ବର୍ଣ୍ଣ ତନ୍ତ୍ରଭେଦ ନକ୍ଷତ୍ର ବ୍ରଜସୁନ୍ଦରୀ ॥
ସାଧୁ ସଜ୍ଜନ ଶୋଭନ ସିଦ୍ଧୌଷଧି ଯୋଗଭେଦ ଦେବଯୋନି ।
ସ୍ନିଗ୍ଧ ସ୍ନେହଯୁକ୍ତ ଚିକ୍କଣ ସ୍କନ୍ଧ ଯେ ନାୟକ ଶାଖା ସେନାନୀ ॥
ସୁଧା ଅମୃତ ଚୂର୍ଣ୍ଣ ସନ୍ଧିସୁଭଗ ପୁଣି ସୁଘଟନା ।
ଲବ୍ଧ ଲାଳସ ; ବ୍ୟାଧ ନାମ ପୁଷ୍ପଯେ ମୂର୍ତ୍ତିଶୋଭା ଏ ଗଣନା ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପରିଧି ନାମ ଯଜ୍ଞୀୟ ହେମଶାଖା ଉପସୂର୍ଯ୍ୟକେ ପ୍ରବର୍ତ୍ତି ।
ମାଗଧ ଯେ ଭାଟ ବୈଶ୍ୟ କ୍ଷତ୍ରିବର ; ମାଗଧି ଉଷଣା ଯୂଥୀ ॥
କବନ୍ଧ ଯେ ଅପମୂର୍ଦ୍ଧ କଳେବର ରକ୍ଷାନ୍ତର ବାହୁଜଳ ।
ନିଷେଧ କଠିନ ନିଷେଧ ଦେଶକେ ପୁଣି ଯେ ଏକ ଶଇଳ ॥
ସୁଗନ୍ଧ ବୋଲଇ ବାଲୁକା ବୃକ୍ଷ ଯେ ; ଇଷ୍ଟଗନ୍ଧ ଯେ ସୁଗନ୍ଧ ।
ଯୋଜନଗନ୍ଧା ପଦ ସୀତା କସ୍ତୁରୀ ବ୍ୟାସମାତାଠାରେ ସିଦ୍ଧି ॥

ଇତି ଧାନ୍ତ

ଘନ ଯେ କାଂସ୍ୟତାଳାଦି ବ୍ୟଗ୍ର ଦୃଢ଼ ଜଳଦ ମୁକ୍ତା ମୁଦ୍ଗର ।
ଜ୍ୟୋତ୍ସ୍ନା ଚନ୍ଦ୍ରାତପ ମୁକ୍ତି କଶି ପଟୋଳିକାକୁ ବୋଲନ୍ତି ନର ॥
ତନୁ ଅଳପ ବିରହ ଯେ ; କୃଶାନୁ ଭାନୁ କିରଣ ମିହିର ।
ଦାନ ଗଜମଦ ଯାଗପାଳନ ଯେ ଦାନ କାମ ଛେଦନର ॥
ଧନୁ ଗମ୍ଭାରି ରାଶିଭେଦ କୋଦଣ୍ଡ ; ଗୋଧନ ବିତ୍ତ ଏ ଧନ ।
ମାନ ଅଭିମାନ ନୃତ୍ୟଶେଷେ ; କୋଷ ରାଶିଭେଦ ମତ୍ସ୍ୟ ମୀନ ॥
ମୁନି ଅଗସ୍ତି ପିଆଳ କିଂଶୁକ ଯେ ଇଙ୍ଗୁଦୀ ବୁଧ ଯଯାତି ।
ଯୋନି ଆକାର ସ୍ମରପୁର ; ହୀନ ଯେ ବିବଶ ଦୁଃଖୀ ବୋଲନ୍ତି ॥
ରତ୍ନ ଜାତିଶ୍ରେଷ୍ଠ ମଣି ; ଲଗ୍ନ ରାଶି ଉଦୟ ଲକ୍ଷିତ ଶକ୍ତ ।
ବନ ନୀର ଗୃହ ଅରଣ୍ୟ ବୋଲଇ ; ସାନୁ ଯେ ଅରଣ୍ୟପ୍ରସ୍ଥ ॥
ସ୍ୱପ୍ନ ପ୍ରସୁପ୍ତ: ବିଜ୍ଞାନ ଦର୍ଶନ ଯେ ଶ୍ୟେନପକ୍ଷ ଯେ ପାଣ୍ଡବ ।
ହନୁ ହଠ ବିଳାସିନୀ ଗଣ୍ଡଭାଗ ; ସୂନୁ ପୁତ୍ରାନୁଜ ରବ ।
ଅଞ୍ଜନ ବୋଲଇ ରସାଞ୍ଜନ ଦିଗଦନ୍ତି କଜ୍ଜଳ ସୋଦର ।
ଅର୍ଜ୍ଜୁନ ଧବଳ ପାର୍ଥ କାର୍ତ୍ତବୀର୍ଯ୍ୟ କ୍ଷୀରତରୁ ଯେ ମୟୂର ॥
ଅର୍ଶୋଘ୍ନ ନାମ ତାଳମୂଳୀ ଲସୁନ ; ନିର୍ମଳ ଚାଳ ଅମ୍ଳାନ ।
ଅଶନି ଚଞ୍ଚଳା ବଜ୍ର ; ଗଜସ୍କନ୍ଧ ପୀଠ ଏ ବେନି ଆସନ ॥
ଉଦ୍ୟାନ ବନପ୍ରଭେଦ ପ୍ରୟୋଜନ ନିଃସରଣ ଭୁଜଙ୍ଗମ ।
ବାୟୁଭେଦରେ ଭଗତେ ଦୟାବନ୍ତେ ଉଦ୍ଧାନ ବୋଲି ଯେନମ ॥
କମନ ବୋଲନ୍ତି କାମୁକ୍ୟକମ ଯେ ଅଶୋକ ପାଦପ ଧାତା ।
କାନନ ବୋଲି ବିପିନ ଗୃହ ବଧୂ ବଦନ ହୋଏ ଗଣିତା ॥
କାଞ୍ଚନ ସୁନାରୀ ଚମ୍ପା ନାଗେଶ୍ୱର ହରିଦ୍ରା ଯେ ଉଦୁମ୍ବର ।
କେଶର ଧୁସ୍ତୁର କନକ କାଞ୍ଚନ କାଞ୍ଚନ ଶବଦେ ଧର ॥
କେତକ ଗୃହନିମନ୍ତ୍ର ପତାକା ଯେ ; ଦାମିନୀ ଭ୍ରୂ ବଲ୍ଲରୀ ।
ଖଞ୍ଜନ ବୋଲି ସର୍ପେ ଖଞ୍ଜରୀଟରେ ; ଜୀବନ ଯେ ପ୍ରାଣ ବାରି ॥
ଖଡ୍ଗୀନ ବୋଲଇ ଗଣ୍ଡକ ଖଡ୍ଗୀନ ବୋଲି ଖଡ୍ଗଧର ଯେନ ।
ଜଘନ ବୋଲଇ ଶ୍ରୋଣିପୁରଭାଗ ଜଘନ ଦୈବଜ୍ଞ ଜ୍ଞାନୀ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତମୋଘ୍ନ ସୂର୍ଯ୍ୟ ବହ୍ନି ଇନ୍ଦୁ ଶଙ୍କର ବିଷ୍ଣୁ ବୁଧ ଅଭିଧାନ ।
ଦର୍ଶନ ନୟନ ସ୍ୱପ୍ନ ବୁଧ ଧର୍ମ ଉପଲବ୍ଧ ଯେ ଦର୍ପଣ ॥
ଧଶନ ଶିଖର ଦନ୍ତ ବୋଲନ୍ତି ଯେ ଦଶନ ଯେ ଲତାବର ।
ନନ୍ଦନ ବାସବ ଉଦ୍ୟାନ ନନ୍ଦନ ନାମ ହର୍ଷକ କୁମର ॥
ନଳିନୀ ପଦ୍ମିନୀ ସ୍ତ୍ରୀଶ୍ରୀ ପଦ୍ମଲତା ନଦୀ ସିନ୍ଧୁ ସରୋବର ।
ପବନ ଦାରୁଣ ରଣ କୁମ୍ଭକାର ପାକସ୍ଥାନ ଯେ ସମୀର ॥
ପଦ୍ମିନୀ ପଦ୍ମଲତା ନାରୀ ଚନ୍ଦନ ମଳୟଜ କପିସାର ।
ପୂତନା ଅସୁରୀ ହରୀତକୀ ରୋଗ ପ୍ରଭେଦ ସେନ ମାତର ॥
ପ୍ରସୂନ ସନ୍ତୁଷ୍ଟ ସୁର ପ୍ରସୂନ ଯେ ପ୍ରସବ ଯେ ପୁଷ୍ପ ଫଳ ।
ଭୋଗିନୀ ସର୍ପିଣୀ ନୃପସ୍ତ୍ରୀ ; ଭୁବନ ଗହନ ଜଗତ ଜନ ॥
ମଦନ କାମ ଚୂତଦ୍ରୁମ ଧୁସ୍ତୁର ସିକ୍ଥକ ଯେ ପଟ୍ଟବାସ ।
ମାଳିନୀ ମାତୃକା ମାଳାକାର ନାରୀ ନଦୀଭେଦରେ ପ୍ରକାଶ ॥
ଯବନ କହି ଯବନେ ଯମେ ଦେଶଭେଦେ ବନ୍ଧନ ଏ ସତ ।
ରଜନୀ ରାତ୍ରି ହରିଦ୍ରା ଯେ ନଳିନୀ ଜତୁକାରେ ପୁନ ଉକ୍ତ ॥
ମିଥୁନ ଯେ ଯୁଗ୍ମ ରାଶି ଭେଦ ରକ୍ତଚନ୍ଦନ ରମ୍ୟ ରଞ୍ଜନ ।
ସୁମନା କହି ପୁଷ୍ପକୁ ମାଳତୀକ ଆଧାରେ ଦେବରେ ଧେନ ॥
ଲଳନା ଯାମିନୀ ନାଡ଼ୀଭେଦେ ଅଛି ଲଳନା ଯୁବତୀବର ।
ବାମନ ଖର୍ବ ଦିଗଦନ୍ତିଭେଦରେ ବାମନ ନୀଚ ପାମର ॥
ବିମାନ ବୋଲନ୍ତି ଚକ୍ରବର୍ତ୍ତିପୁର ବିମାନ ଯେ ବ୍ୟୋମଯାନ ।
ଯଜ୍ଞଉଲ୍ଲୋଚ ବିସ୍ତାର ଛନ୍ଦଭେଦେ ଲୋକେ କହନ୍ତି ବିତାନ ॥
ଶମନ ଶାନ୍ତି ଧବ ଯମ ; ଶକୁନ କୁରୁମନ୍ତ୍ରୀ ବିହଙ୍ଗମ ।
ଶ୍ୱସନ ଶ୍ୱାସ ମାରୁତକୁ ବୋଲନ୍ତି ଶ୍ୱସନ ମଦନ ଦ୍ରୁମ ॥
ଶୟନ ସୁରତ ନିଦ୍ରା ଶଯ୍ୟା ଛନ ; ଶକୁନ ପକ୍ଷୀ ଶକୁନ ।
ଶଙ୍ଖିନୀ ଶ୍ୱେତ ଚୂତ ବଧୂପ୍ରଭେଦ ଚୋର ପୁଷ୍ପ ସିନ୍ଧୁଧେନ ॥
ଶୋଭନ ସୁନ୍ଦର ଯୋଗଭେଦ ; ଅଛି ସଦନ ଜନମନ୍ଦର ।
ବୃଜିନ କଲୁଷ କୁଟିଳ କୁନ୍ତଳ ବେଦନାକୁ ବୋଲେ ନର ॥
ଅବଲଗ୍ନ ମଧ୍ୟ ଲଗ୍ନ କୁଚନ୍ଦନ, ପତ୍ରାଙ୍ଗ ରକ୍ତ ଚନ୍ଦନ ।
କାତ୍ୟାୟନୀ ଉମା ବିଧବା ଯେ ଯୋଷା ; ମୁନି କାନ୍ତି କାତ୍ୟାୟନ ॥
କୁମ୍ଭ ଯୋନି ଦ୍ରୋଣ ବଶିଷ୍ଠ ଅଗସ୍ତ୍ୟ ଘନାଘନ ମେଘ ଗଜ ।
ନିଧୁବନ କମ୍ପ ରତ ; ଚନ୍ଦ୍ରଭାନୁ ବୋଲନ୍ତି ଅନଳସୂର୍ଯ୍ୟ ॥
ପ୍ରତିଯତ୍ନ ଶବ୍ଦ ସଂସ୍କାର ଲାଳସ ଗ୍ରହଣରେ ଯେ ପ୍ରକାଶି ।
ପୟସ୍ୱିନୀ ଧେନୁ ନିଶା ନଦୀ ; ତପସ୍ୱିନୀ ଋଷି ଜଟାମାଂସୀ ॥
ପୁଣ୍ୟଜନ ଯକ୍ଷ ରାକ୍ଷସ ସଜ୍ଜନ ମଦୟିତ୍ନୁ କାମମଦ ।
ଘୋଷୟିତ୍ନୁ ବିପ୍ର ପିକ ; ଗଦୟିତ୍ନୁ କାମୁକ କୃଷ୍ଣ ଆତ୍ମଜ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶିଖଣ୍ଡିନୀ ବୋଲି ପୃଥ୍ୱୀକାଲତାକୁ କୁଞ୍ଜପୁଞ୍ଜେ ମୟୂରୀକ ।
ଶିଖଣ୍ଡିନୀ ପୁଣି କଲଅଭସାକ୍ଷୀ ଶିଖଣ୍ଡିନୀ ପୁଣି କେକୀ ॥
ସଂଯମନୀ ଯମନଗରୀ ସଂଯମ ବନ୍ଧନ ବ୍ରତକୁ ବୋଲି ।
ସରୋଜିନୀ ପଦ୍ମାକର ପଦ୍ମଲତା ସରୋଜିନୀ କରବାଳୀ ॥
ଅଗ୍ନି ଚନ୍ଦ୍ର ସୂର୍ଯ୍ୟ ପ୍ରହ୍ଲାଦ କୁମର ବୋଲନ୍ତି ଏ ବିରୋଚନ ।
ମେରୁ ଜମ୍ବୁଦ୍ରୁମ ହରିଚକ୍ର ଶକ୍ରପୁର ନାମ ସୁଦର୍ଶନ ॥

ଇତି ନାନ୍ତ

ରୂପ ସ୍ୱଭାବ ସୌନ୍ଦର୍ଯ୍ୟ ଯେ ଶୁକ ନାଟକାଦି ଶବ୍ଦାଲଙ୍କାର ।
କଳ୍ପ ନଷ୍ଟ ନ୍ୟାୟଶାସ୍ତ୍ର ଯେ ସଂବର୍ତ୍ତ ପୁଣି ଯେ ବ୍ରହ୍ମବାସର ।
କପି ଶିଳ୍ପିକା ଶାଖାମୃଗ କେଶବ ଗୋପ ଗୋପାଳଗଞ୍ଜନ ।
ତପକ୍ଷେୟ କ୍ଲେଶ ସନ୍ତାପ ଗ୍ରୀଷମ ରୋଗ ରୋପଣ ଯେ ବାଣ ॥
ତ୍ରପା ଯେ ଲକ୍ଷ୍ମୀ କୁଳଟା ; ଅମ୍ବୁଗର୍ଭି କୂପ ପୁଣି ଗୁଣବୃକ୍ଷ ।
ବାଷ୍ପ ଭସ୍ମ ଅଶ୍ରୁପୁଷ୍ପ ଯେ ଆର୍ତ୍ତବ ବକାଶ ପୁଷ୍ପ ପ୍ରତ୍ୟକ୍ଷ ॥
ଆବାପ ପରିକ୍ଷେ ଆଲବାଲ ବୋଲି ଉଡୁପ ଚନ୍ଦ୍ର ତରଣି ।
କଚ୍ଛପୀ ବଲ୍ଲକୀ ଭେଦ ପାଦାନ୍ତ ଯେ କଚ୍ଛପୀ ତୂଳ ପ୍ରମାଣି ॥
କଳାପ ସମୂହ କେକୀପୁଚ୍ଛ କାଞ୍ଚୀ ଭୂଷଣ ପୁଣି ତୂଣୀର ।
ବିଟପ ବିଟ ସ୍ତମ୍ବ ଶାଖା ବିସ୍ତାର ପଲ୍ଲବ ଯେ ନାରକେଳ ॥
ରକ୍ତପା ଜଳୌକା ଡାକିନୀ ରାକ୍ଷସ କୁଣପ ଦୁର୍ଗନ୍ଧ ଶବ ।
ଜିହ୍ୱାପ କୁକ୍କୁର ମାର୍ଜ୍ଜାର ; ପ୍ରତାପ ତାପ ତେଜକୁ ଧେନବ ॥
ବହୁରୂପ ଶିବ ବିଷ୍ଣୁ ମନସିଜ ସରଟ ଯେ ନୃତ୍ୟକାର ।
ହେମପୁଷ୍ପ ଜବା ଅଶୋକ ଯେ ମେଘପୁଷ୍ପ ବଷ୍ଟୁ ହୟ ନୀର ॥

ଇତି ପାନ୍ତ

ଗୁମ୍ଫା ବାହୁ ଅଳଙ୍କାର ; ରେଫ କହି ରକ୍ତବର୍ଣ୍ଣି ଯେ କୁତ୍ସିତେ ।
ଶେଫ ତରୁମୂଳ ଖୁର ; ଶିଫାରେ ଯେ ସ୍କନ୍ଧ ନାସିକା ସହିତେ ॥

ଇତି ଫାନ୍ତ

କମ୍ବୁ ଶମ୍ବୂକ ଶଙ୍ଖ ଗଜ ବଳୟ ; ଖର୍ବ ସଂଖ୍ୟକ ବାମନ ।
ବିମ୍ବ ପ୍ରତିବିମ୍ବ ମଣ୍ଡଳ ବିମ୍ବିକାଫଳ କୃକଳାସ ଯେନ ॥
କଦମ୍ବ ନୀପ ସମୂହକୁ ସିଦ୍ଧାର୍ଥ ; କଳମ୍ବ ଯେ ନୀପସାର ।
ପ୍ରଲମ୍ବ ପ୍ରଲମ୍ବନ ହାର ପ୍ରଭେଦ କୁଚ ଅଙ୍କୁର ଅମ୍ବର ॥
ହେରମ୍ବ ଗଣେଶ ମହେଶ ପର୍ବତ ; କାଦମ୍ବ ସରଟ ହଂସ ।
ଗନ୍ଧର୍ବ ମୃଗ କୋକିଳ ତୁରଙ୍ଗମ ଖେଚର ଗାୟକବଂଶ ॥
ନିତମ୍ବ ସ୍ତ୍ରୀକଟୀପଶ୍ଚଭାଗ ରୋଧ ସାନୁରେ ପ୍ରଖ୍ୟାତ ପୁଣି ।
ଦ୍ୱିଜିହ୍ୱ ନାମକୁ ଉରଗେ ବହନ୍ତି ଦ୍ୱିଜିହ୍ୱ ଖଳକୁ ଗଣି ॥

ଇତି ବାନ୍ତ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କୁମ୍ଭ ଅଛୁ ହସ୍ତି ମୂର୍ଦ୍ଧାଙ୍କେ ରାଶିରେ କୁମ୍ଭକର୍ଣ୍ଣ ସତ ।
କୁମ୍ଭ କାମୁକ ବାରନାରୀ ମୂର୍ଖ ଯେ କୁମ୍ଭ ଗୁଗ୍ଗୁଲରେ ଉକ୍ତ ॥
ଜମ୍ଭ ଇନ୍ଦ୍ରଶତ୍ରୁ ଦନ୍ତ ଜମ୍ଭୀର ଯେ ; ଜୃମ୍ଭ ପ୍ରକାଶ ଜୃମ୍ଭଣ ।
ଦମ୍ଭ କୈତବ କଳ୍ପଦ୍ରୁମ କୁଳଶ ସର୍ପକୁ ମିଶାଇ ଗଣ ॥
ସ୍ତମ୍ଭ ଜଡ଼ ତୃଣ ସ୍ୱଭୂ ବ୍ରହ୍ମା ହର ; ଶମ୍ଭୁ ବୁଧ ମହେଶ୍ୱର ।
ରମ୍ଭା କଦଳୀ ଅପସରା ସଭା ଯେ ଜନଗୋଷ୍ଠୀ ଦୃଢ଼ ଗାର ॥
ନାଭି ମୃଗ ନୃପ ଚକ୍ରୀ ମଧ୍ୟ ଏକ ଅଙ୍ଗ କସ୍ତୁରୀ କାମୁକ ।
ଶୁଭ ଯୋଗ ଯୋଷା ବଭ୍ରୁ ବୋଲି ପ୍ରଭୁ ମହାଦେବଙ୍କୁ ଯେ ତର୍କ ॥
କକୁଭ ଅର୍ଜୁନ ଦ୍ରୁମ ବୀଣାଅଙ୍ଗ କକୁଭ ବୋଲାଇ ଦଶ ।
ଦୁର୍ଲ୍ଲଭ ଦୁଃଷ୍ପ୍ରାପ୍ୟ କଚ୍ଚୁରପାଦପ ; ଦୁନ୍ଦୁଭି ବାଦ୍ୟ ରାକ୍ଷସ ॥
ବଲ୍ଲଭ ଦୟିତ କୁଳୀନ ଅଶ୍ୱ ଯେ ନକୁମ୍ଭ ଦନ୍ତ୍ରକା ଦୈତ୍ୟ ।
ବିଶ୍ରମ୍ଭ ବୋଲିଣ କେଳି କଳହରେ ବିଶ୍ୱାସେ ପ୍ରଣୟେ ଉକ୍ତ ॥
ସୁରଭି ସଲ୍ଲକୀ ମାତୃକ ଚମ୍ପକ ବସନ୍ତ ଯେ ଜାତିଫଳ ।
ସୁରଭି ବୋଲାଇ ସୁଗନ୍ଧ ସୁବର୍ଣ୍ଣ ଶର ଧନୁ ଗନ୍ଧୋତ୍ପଳ ॥

ଇତି ଭାନ୍ତ

ମା ଲକ୍ଷ୍ମୀ ଆକାଶ ; ଉମା ହରପ୍ରିୟା ; ରମା ହରଦ୍ରା ଅତୁସୀ ।
ଊର୍ମ୍ମି ବୋଲି ଭଙ୍ଗ ଉତ୍କଣ୍ଠା ପୀଡ଼ାକୁ ସଙ୍କୋଚ ପୀଡ଼ାରେ ଭାଷି ॥
କ୍ଷମା ଅବନୀ ତିତିକ୍ଷା ; ମୋକ୍ଷ ବଳ ବସନ କୌଷେୟ ବାସ ।
ଗୁଲ୍ମ ସ୍ତମ୍ଭ ତରୁ ପ୍ଳୀହା ସୈନ୍ୟ ; ଘର୍ମ୍ମ ଗ୍ରୀଷ୍ମ ସ୍ୱେଦ ରଶ୍ମି ଭାଷ ॥
ଦ୍ରୁମ ପାରିଜାତ ଦ୍ରୁମ ମହୀରୁହ ଦ୍ରୁମ କିଂପୁରୁଷେଶ୍ୱର ।
ଧର୍ମ୍ମ ସୋମ ଚନ୍ଦ୍ର ଅହିଂସା ସବିତା କ୍ରତୁ ଯେ ପୁଣ୍ୟ ଆଚାର ॥
ପଦ୍ମ କମଳ ନିଧିଭେଦ ସଂଖ୍ୟା ଯେ ହସ୍ତୀ ମଦବିନ୍ଦୁ ହୋଇ ।
କୁଳୀଶ ବୃକ୍ଷ ଚକ୍ରାନ୍ତେ ଯେ ଗର୍ଭିକ କୈତବକୁ ନେମି କହି ॥
ବ୍ରାହ୍ମୀ ବଚନ ସୋମବଲ୍ଲୀ ଶାରଦା ବ୍ରାହ୍ମୀ ପଞ୍ଜିକା ଯେ ହ୍ରାସ ।
ଭ୍ରମ ହେମ ଅଙ୍ଗ ଭ୍ରମଣ ବିଭ୍ରମ ଭ୍ରମ କୁନ୍ଦ ସୁମନସ ॥
ଭୀମ ଦ୍ୱିତୀୟ ପାଣ୍ଡବ ମହାଦେବ ଭୀଷଣ ଅମ୍ଳବେତସ ।
ଭୀଷ୍ମ ଦେବବ୍ରତ ଭୟଙ୍କର ; ଯମ ଗ୍ରହରେ ସଂଯମେ ଭାଷ ॥
ଯମ କାମ ଶନି କୃତାନ୍ତ ଯମକ ରଶ୍ମି ଗ୍ରହଣ କରଣ ।
ରାମା ନାରୀ ହେଙ୍ଗୁ ରମା କାନ୍ତ ରକ୍ତ ହର ଦଶ ପୁଣି ଶୋଣ ॥
ରାମ ରାଘବ ବରୁଣ ପର୍ଶୁଧର ମୃଗଭେଦ ହଳାୟୁଧ ।
ରାମ ଶୋଭନୀୟ ବାସ୍ତୁକ କୁଷ୍ଠରେ ରାମ ଶବଦ ପ୍ରସିଦ୍ଧ ॥
ଶ୍ୟାମ ବଟ ବୁଦ୍ଧତାରକ ବାରିଦ ପିକ ପୀତ କାଳବର୍ଣ୍ଣ ।
ଶ୍ୟାମ ଯେ ଯମୁନା ରଜନୀ ଅଙ୍ଗନା ଶଶୀ ସିନ୍ଧୁ ଯେ ଲବଣ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶ୍ୟାମ ସାର ହୁଏ ଔଷଧି ପ୍ରିୟଙ୍କୁ କଳିକା କୃଷ୍ଣବୃନ୍ତା ।
ସୋମ ଚନ୍ଦ୍ର ନୀର ବାତ ପିତୃ ଦେବ ବଂଶଭେଦ ସୋମଲତା ॥
ସୋମ ବାନର କୁବେର ଘନସାର ସୂକ୍ଷ୍ମ କେତକ ସୁବାସ ।
ହିମ ତୁଷାର ଶୀତଳ ସୀମା ଘାଟ ସ୍ଥିତ କ୍ଷେତ୍ର ଅଣ୍ଡକୋଷ ॥
କୁସୁମ ନେତ୍ରରୋଗ ଫଳ ପୁଷ୍ପ ଯେ କୁସୁମ କାଳ ସ୍ତ୍ରୀରଜ ।
କୃତ୍ରିମ ଲବଣ ଭେଦରେ କୃତ୍ରିମ ନାମରେ ରୂଢ ଦେହଜ ॥
କୁଟ୍ଟିମ କୁଟ୍ଟିମ ତଳ୍ପ କରବାଳ ତଳିମ ପୁଣି ବିତାନ ।
ନିଗମ ବୋଲି ମନ୍ତ୍ରଣାକୁ ବେଦକୁଁ ଅଗମ୍ୟ ବୈଶ୍ୟସଦନ ॥
ମଧ୍ୟମ ମଧ୍ୟଜ ସ୍ୱର ମଧ୍ୟଦେଶ ଅବଲଗ୍ନ ଯେ ଅଙ୍ଗୁଳି ।
ପ୍ରବଳ ପଲ୍ଲବ ବଦ୍ରୁମ ପଞ୍ଚମସ୍ୱର ରାଗଭେଦେ ଭଲ୍ଲି ॥
ବିଲୋମ ପ୍ରତିଲୋମ ଯେ ଭୁଜଙ୍ଗମ ବିଲୋମ ବରୁଣ ଶ୍ୱାନ ।
ଅନୁପମା ଅତି ଉତ୍ତମା ଯେ ଦିଗକରିଣୀ ଭେଦରେ ଘେନ ॥
ସାର୍ବଭୌମ ଦିଗଦନ୍ତୀ ଚକ୍ରବର୍ତ୍ତୀ ପ୍ଲବଙ୍ଗମ କପି ଭେକ ।
ମହାପଦ୍ମ ନାଗନିଧି ; ଦଣ୍ଡ ଯାମ ଦିବସ ପୁଣି ଅନ୍ତକ ॥

ଇତି ମାନ୍ତ

ଅର୍ଯ୍ୟ ବୈଶ୍ୟ ଶିଳାଜତୁ ଅଳ୍ପକ୍ଷୟ କଳ୍ପ ବେଶ୍ମ ତାପତ୍ରୟ ।
ଗୁହ୍ୟ କପଟ କୂର୍ମ ଗୁହ୍ୟ ସୁପଥ ରହ ଯେ ଗ୍ରନ୍ଥ ନାମାୟ ॥
ପ୍ରିୟ ହୃଦୟ ଶରୀର ପ୍ରାଣେଶ୍ୱର ପୂଜ୍ୟ ପୂଜିତ ଶ୍ୱଶୁର ।
ବୀର୍ଯ୍ୟ ସାମର୍ଥ୍ୟ ପ୍ରଭାବ ତେଜ ଶୁକ୍ର ; ସୂର୍ଯ୍ୟ ଅର୍କପର୍ଣ୍ଣୀ ସୁର ॥
ମୟ ଦୈତ୍ୟ ଶିଳ୍ପୀ ଅଶାନ୍ତରେ କହ ମୟ ତୁରଙ୍ଗନକର ।
ସାୟଂ ଦିନାନ୍ତ ; ବିଶିଖ ହାର୍ଯ୍ୟ ବିଭୀତକ ହରିଣୀ ନେତ୍ରର ॥
ଅଭୟା ଦୁର୍ଗା ହରିତକୀ ଅଭୟା ଉଶୀର ନିର୍ଭୟ ଜନ ।
ଆତ୍ରେୟ ପୁଷ୍ପବତୀ ମୁନି ଆତ୍ରେୟୀ-ନଦୀପ୍ରଭେଦରେ ଘେନ ॥
କ୍ଷତ୍ରିୟ ରୋଗ ବାହୁଜ ପରଦାରରତା ଚକ୍ରସ୍ଥକ ତୃଣ ।
ଗାଙ୍ଗେୟ ଭୀଷ୍ମ ସୁବର୍ଣ୍ଣ ଯେ ; ଜଟାୟୁ ଗୁଗ୍ଗୁଳ ସମ୍ପାତି ସାନ ॥
ଚାମ୍ପେୟ ବୋଲନ୍ତ ଚମ୍ପକ ସୁବର୍ଣ୍ଣ କିଞ୍ଜଳ୍କ ନାଗକେଶର ।
ପ୍ରଣୟ ବିଶ୍ରମ୍ଭ ପ୍ରେମ ; ପ୍ରଳୟ ଯେ ମୃତ୍ୟୁ ମୂର୍ଚ୍ଛା କଳ୍ପାନ୍ତର ॥
ବଜୟ ଅଜୟ ପାର୍ଥ ତୀର୍ଥଭେଦ ବିନୟ ଶିକ୍ଷା ପ୍ରଶାନ୍ତ ।
ସମୟ ଶପଥ କାଳ ଦ୍ୱିତୀୟାଦି ପତ୍ନୀ ବେନି ତଥ୍ୟ ଧ୍ୱାନ୍ତ ॥
ଧନଞ୍ଜୟ ଅଗ୍ନି ପାର୍ଥ ନାଗଭେଦ ଧନଞ୍ଜୟ ଦେହାନଳ ।
ହିରଣ୍ମୟ ଖଣ୍ଡ ନାମ ହିରଣ୍ମୟ ନାମ ଯେ ସୁରଶ୍ରେଷ୍ଠର ॥
ରୌହିଣେୟ ବୁଧ ହଳୀ ; ଫଳୋଦୟ ଲାଭ ଯେ ତ୍ରିଦଶାଳୟ
ଜଳାଶୟ ବୋଲି ଜଳାଧାରେ କହ ଉଶୀର ଯେ ଜଳାଶୟ ॥

ଇତି ଯାନ୍ତ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ର ବୋଲି ଅଗ୍ନିକ ତୀକ୍ଷ୍ଣକୁ ; ରୈ ବୋଲି ସ୍ୱର୍ଣ୍ଣକୁ ବତ୍ତକୁ ସତେ ।
ଶ୍ରୀଲକ୍ଷ୍ମୀ ସମ୍ପତ୍ତି ଭାରତୀ କେଶବ ରବ ଶୋଭା ବେଶକୃତେ ।
ଅରି ଚକ୍ର ଶତ୍ରୁ ଅର ଚକ୍ରଙ୍ଗେ ଯେ ସତ୍ୱରେ ପ୍ରବର୍ତ୍ତି ଅଛୁ ।
କର କରକା କରଣ ଭାଗଧେୟ ହସ୍ତରେ ହୋଇଣ ଅଛୁ ॥
କାରୁ ଶିଳ୍ପୀ ବର୍ଦ୍ଧକର୍ମୀ ଶକ୍ର ଦେବ ମୃଗ ଯେ ମାୟାକାରକ ।
କୀର ଶୁକ କ୍ଷୁଦ୍ର ଅଧମ ଯେ ; କ୍ରୂର କୃପଣ ଅଳ୍ପ ନାସ୍ତିକ ॥
କ୍ଷୀର ଦୁଗ୍ଧ ନୀର ; କ୍ଷାର ରସାନ୍ତର ଭସ୍ମ କାଚ ଯେ ଲବଣ ।
ଖର ଗର୍ଦ୍ଦଭ ତୀକ୍ଷ୍ଣ ; ଖୁର ଯେ କୁଳଦଳ ସର୍ପ ବୋଲି ଜାଣ ॥
କ୍ଷୁର ବୋଲନ୍ତି ଯେ ଛେଦନ ଦ୍ରବ୍ୟକୁ କୋକିଳାକ୍ଷକୁ ଗୋକ୍ଷୁରେ ।
ଗୌର ବୋଲି ଶ୍ୱେତ ପୀତ ରକ୍ତେ ଚନ୍ଦ୍ରେ ବିଶୁଦ୍ଧେ ନାଗକେଶରେ ॥
ଗୌରୀ କନ୍ୟା ଉମା ଗୋରଚନ କ୍ଷିତି ହରିଦ୍ରା ପ୍ରିୟଙ୍ଗୁ ନଦୀ ।
ଚାରୁ ଶୋଭା ବୃହସ୍ପତି ବର୍ଦ୍ଧକର୍ମୀ କୁତ୍ସିତ ଶିଳ୍ପିକ ଭାଷି ॥
ଗୁରୁ ପିତୃଜନ ଦୁର୍ବହ ଯେ ଗୁରୁ ଦୀକ୍ଷାଦାତା ସୁରାଚାର୍ଯ୍ୟ ।
ତାର ବୋଲି ବିଶୁଦ୍ଧକୁ ମୁକୁତାକୁ ଦାନବ ଦୀପ୍ତିକ ହେଜ ॥
ତାରା ଅକ୍ଷିମଧ୍ୟ ନକ୍ଷତ୍ର ଗୀଷ୍ପତି ବାଲିଭାର୍ଯ୍ୟା ମନୋହାରୀ ।
ପୁର ପାଟଳୀ ଗୁଗ୍ଗୁଳ ଜଳାବର୍ତ୍ତ ଦେବ ସଦନ ନଗରୀ ॥
ବର ଜାମାତା ଦେବକୃପା ବଲ୍ଲଭ ଶ୍ରେଷ୍ଠ ଯେ ଶିଙ୍ଗ କୁଙ୍କୁମ ।
ବାର ବୋଲି ଗଜବନ୍ଧନୀ ବାଲୁଙ୍କା ଜଳକୁ ଜନେ ଘେନମ ॥
ସର ଗୁନ୍ଦ୍ରବାର୍ତ୍ତା ନୀର ଶର ଜାଣ ସରୋବରକୁ ସଲିଳ ।
ସାର ସ୍ଥିରାଂଶ ଉତ୍ତମ ବଳଶିର ଅଙ୍କ ଯେ ମସ୍ତକ ହଳ ॥
ସ୍ଥିରା ଭୂମି ଶାଳପର୍ଣ୍ଣୀ ; ମୋକ୍ଷହାର ଯୁଥ ମୁକ୍ତାମୟମାଳୀ ।
ସ୍ୱରୁ ପୁଗ ଖଣ୍ଡ କୁଳଣ ; ସ୍ଥାର ଯେ ବକକଣ୍ଠେ କୁଲୁଦେ ବୋଲି ॥
ହର ଚନ୍ଦ୍ର ସୂର୍ଯ୍ୟ ପବନ ମଘବା ବିଷ୍ଣୁ କରଣ କେଶରୀ ।
ଯମ ମର୍କଟ ମଣ୍ଡୂକ ଶୁକ ଅଛି ଏ ପୁଣି ବୋଲନ୍ତି ହରି ॥
ଅମର ଦେବତା କାର୍ପାସ ଗୁଳୁଚି ସ୍ଥୂଣା ଦୁର୍ବା ଇନ୍ଦ୍ରପୁର ।
ଅଧର ଓଷ୍ଠ ହୀନ ଅସ୍ଥିବସ୍ତୁ ଯେ ; ଶୁକ୍ର କ୍ରତୁ ଅଧାହାର ॥
ଅମ୍ବର ବୋଲଇ ଆକାଶ ବସନ ଅମର ସୁଗନ୍ଧାନ୍ତର ।
ଅଙ୍ଗାର ପ୍ରଫୁଲ୍ଲ ସନ୍ତୁଲ ଭୂମିଜ ଲୋମ ବିକାଶ ଅଙ୍କୁର ॥
ଅକ୍ଷର ବିଷ୍ଣୁ ମହାଦେବ ଦେବ ଯେ ; ଅସୁର ଅଗ୍ନି ଦାନବ ।
ଆଧାର ଅଧିକରଣ ଆଳବାଳ ପରଶା ପୁଣି ଘେନବ ॥
ସାର ଧାରା ସୁହୃଦ ବେଗେ କହ ; ଅସୁର ଦୈତ୍ୟ ମିହିର ।
ଈଶ୍ୱର ଶମ୍ଭୁ ସ୍ୱାମୀ ନାଟ୍ୟ ମନ୍ମଥଦାରୁ ମହତ ଉଦାର ॥
ଉତ୍ତର ବିରାଟସୁତ ଦିଗଭେଦେ ଉତ୍ତର ପ୍ରତିବଚନ ।
କର୍ବୁର ପାପ ଅସୁର ସ୍ୱର୍ଣ୍ଣ ଜଳ ପୁଣି ଦ୍ରାବିଡ଼ ଘେନମ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କର୍ବୁର ଦୁର୍ଗା ଶବ୍ଦବିଶେଷ ବୋଲଇ ବାରଦ ଗ୍ରୀବା କନ୍ଧର ।
କରୀର ଘଟ କରବୀର ତରୁ ଯେ କରୀର ବଂଶ-ଅଙ୍କୁର ॥
କବରୀ କେଶବେଶ ଶମ୍ଭୁକାମିନୀ ; କୁବେର ବୃକ୍ଷେ ଧନଦେ ।
କୁମାର ଯୁବରାଜ ଶିଶୁ ସେନାନୀ ବରୁଣଦ୍ରୁମ କୋବଦେ ॥
କାବେରୀନଦୀ ପୁଣ୍ୟନାରୀ ହରଦ୍ରା କମୀରଜାତ ଯେ ବଂଶ ।
କୁମାରୀ ଦୁର୍ଗା ଅପରାଜିତା କନ୍ୟା ସହାଜମ୍ବୁରେ ପ୍ରକାଶ ॥
କୁହର ବଲ ଗହ୍ୱର ନାଗାନ୍ତର ଗାନ୍ଧାରଭେଦେ ସସୁର ।
ଧାତୁକ ପାଟଳୀ କେଶ ମତ୍ତଗଜ ଶ୍ରୀରଙ୍କ ନାମ କୁଞ୍ଜର ॥
କେଶର କିଂଜଳ୍କ ନାଗେଶ୍ୱର ହିଙ୍ଗୁ ପୁଣି ପୁନ୍ନାଗ ବକୁଳ ।
କେଶରୀ ବୋଲଣ ସିଂହ ପଦ୍ମ ନାଗକେଶ୍ୱର ନାମକୁ ଭଲ ॥
କଶୋର ଅଶ୍ୱଶାବକ ଅବସ୍ଥା ଯେ ତୈଲପର୍ଣ୍ଣୀ ପ୍ରଭାକର ।
କେଦାର ରାଗିଣୀ ବସ୍ଥାନ ବପ୍ର ଯେ ମୁନ ଗ୍ରନ୍ଥିକା କୁକ୍କୁର ॥
ଝର୍ଝର କଳିଯୁଗ ବାଦ୍ୟ, ତୁଷାର ; ହିମ ଶୀତଳ ଶୀକର ।
ଚମରୀ ମୃଗ ; ମଞ୍ଜରୀ ଯେ ଚାମର ବାଳବ୍ୟଞ୍ଜନ ଚାମର ॥
ଚକୋର ପକ୍ଷି ବୃକ୍ଷଭେଦ ଉରଗ ଚଳଶୈଳ ଯେ ଚକୁର ।
ବାଦ୍ୟ ଭାଣ୍ଡେ ଅଦ୍ରଭେଦେ ମଣ୍ଡୁକ ଯେ ଅଭଧାନରେ ଦର୍ଦୁର ॥
ନାଗର ମୁସ୍ତକ ବଦଗ୍ଧ ନଗର ଭବକୁ ବୋଲନ୍ତି ଜନେ ।
ନର୍ଜର ଦେବ ଜରାମୁକ୍ତ ; ନର୍ଜରୀ ଗୁଲୁଚି ଯେ ଶାଲୀପର୍ଣ୍ଣୀ ॥
ସନ୍ଦୋହ ସଂସାର ଆୟବ୍ୟୟ ଧନନାଥକ କହ କୁବେର ।
ପ୍ରଖର ହୟ ସନ୍ନାହ ଅଶ୍ୱତରୁ ଅତି ତୀକ୍ଷଣ କୁକ୍କୁର ॥
ପ୍ରବର ସନ୍ତତି ଗୋତ୍ର ; ପ୍ରକର ଯେ ଶ୍ରେଷ୍ଠ ବୃନ୍ଦ ବକୀର୍ଣ୍ଣିତା ।
ପାଣ୍ଡୁର ଧୂସର ବର୍ଣ୍ଣିରେ ; ପ୍ରସ୍ତର ପାଷାଣ ମଣିରେ ଉକ୍ତା ॥
ପୁଷ୍କର କରହସ୍ତାଗ୍ର ଖଡ୍ଗଫଳ କୁଷ୍ଠିବନ୍ଧ ସରୋରୁହ ।
ପୁଷ୍କର ଗଗନ ଜଳତୀର୍ଥଭେଦେ ଦ୍ୱୀପଭେଦରେ ଯେ କହ ॥
ପୀବର କଚ୍ଛପ ପୃଥୁଳ ବନ୍ଧୁର ଶୋଭା ନତାନତ ପଥ ।
ଭ୍ରମର କାର୍ମୁକ ଭୃଙ୍ଗ ଯେ ; ମନ୍ଦର ବହୁଳ ମନ୍ଥ୍ୟ ପର୍ବତ ॥
ମନ୍ଦାର ସୁରପାଦପ ପାରିଭଦ୍ର ଅର୍କପର୍ଣ୍ଣୀ ହସ୍ତୀ ଧୂର୍ତ୍ତ ।
ମନ୍ଦର ପୁର ନଗ୍ର ସିନ୍ଧୁ ; ମନ୍ଥର ମନ୍ଥନ ଯେ ଅଳସିତ ॥
ମଞ୍ଜରୀ ତିଳକ ସ୍ଥୂଳ ମୁକ୍ତାଲତା ମଞ୍ଜରୀ ବୋଲଇ ହାର ।
ମୁଦର କାମୁକ ମେଘ ; କାମ ମୃଗ ବୁଦ୍ଧି ସବତା ମିହର ॥
ବଧୁର ବୋଲନ୍ତି ନାଗର ଧୀରକୁ କୌରବମନ୍ତ୍ରୀ ବିଦୁର ।
ବିଶ୍ଳେଷ ରଚନା ବିଚ୍ଛେଦ ଏ ତିନ କଥା ବୋଲଇ ବିଧୁର ॥
ବର୍ବର ଭୂଷଣ ଗର୍ଜ୍ଜ ଯେ ବର୍ବର ଗରୁଡ଼େ ଭାଷନ୍ତି ନର ।
ଶର୍କରାନ୍ୱିତ ପ୍ରଦେଶକୁ ଦୁଗ୍ଧକୁ ଫେନକୁ ବୋଲି ଶର୍କର ॥

पुस्तकालय गुरुकुल काँगड़ी

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବିହାର ଭ୍ରମର ସ୍କନ୍ଧ ରିପୁ ପୁଣି ପୁଂସ ଅଳପ ବିହାର ।
ଶବର ମ୍ଲେଚ୍ଛ ଜାତିଫଳ ; ଶଙ୍କର ସମୟ ହେମ ଶିଶିର ॥
ଶିଖର ଦ୍ରୁମାଗ୍ର ପୁଲକ ଦାଡ଼ିମ୍ବ ଦ୍ୱିଜାଭ ମାଣିକ୍ୟ ଶୃଙ୍ଗ ।
ସମ୍ବର ଦୈତ୍ୟ ମତ୍ସ୍ୟ ମୃଗବିଶେଷ ଶୈଳ ସକଳ କୁରଙ୍ଗ ॥
ଶୃଙ୍ଗାର ସୁରତ ନାଟ୍ୟ ରସ ; ଗଜ ମଣ୍ଡଳ ଚୂର୍ଣ୍ଣ ସିନ୍ଦୂର ।
ସିନ୍ଦୂର ତରୁ ରକ୍ତ ଚୂର୍ଣ୍ଣ ସିନ୍ଦୂର ଲୋଚନୀ ରଙ୍ଗ ଅମ୍ବର ॥
ଅଳଙ୍କାର ବୋଲି ହାବାଦିକ କହି ଅଳଙ୍କୃତ ଅଳଙ୍କାର ।
ଅବତରଣି ପୁଷ୍କରିଣୀ ତୀର୍ଥ ଯେ ଏ ତନହେଁ ଅବତାର ॥
ଆଡ଼ମ୍ବର ବୋଲି ଗଜ ଘୋଷ ; କାଳ ରୌପ୍ୟ ରୋଗ ଔଦୁମ୍ବର ।
ପୀତ ମସ୍ତକ ଧୂମ୍ୟାଟ ବିହଙ୍ଗମ କରଞ୍ଜିକ କର୍ଣ୍ଣିକାର ॥
ଗିରିସାର ନାମ ମଳୟପର୍ବତ ଲୌହ ବଙ୍ଗ ପୁଣି ବହି ।
ଘନସାର ବୋଲି କର୍ପୂର ଦକ୍ଷିଣାବର୍ତ୍ତକ ରବିଙ୍କି କହି ॥
କୃଷ୍ଣସାର ମୃଗ ଶିଂଶପା ବୃକ୍ଷ ଯେ ; ଅହି ବିଷ୍ଣୁ ଚନ୍ଦ୍ରଧର ।
କ୍ଷେପଣ ଉଲଙ୍ଗ ଅନ୍ଧକାର ମହେଶ୍ୱର ନାମ ଦିଗମ୍ବର ॥
ଦ୍ୱୈମାତୁର ଜରାସନ୍ଧ ଗଣପତି ; ନୃପ ଯମ ଦଣ୍ଡଧର ।
ଧରାଧର ଗିରି ବିଷ୍ଣୁ ଘନୋପଲ ; ନାସୀର ଯେ ଧରାଙ୍କୁର ॥
ନଭଚର ବିହଙ୍ଗମ ବିଦ୍ୟାଧର ବାରି ସହଜ ଭାସ୍ୱତ ।
ନିଶାଚର ଫେରୁ ପେଚକ ଭୁଜଙ୍ଗ ରାକ୍ଷସରେ ହୋଏ ଉକ୍ତ ॥
ନୀଳାମ୍ବର ଜାଣ ରେବତୀରମଣ ରାକ୍ଷସ ଯେ ଶନୈଶ୍ଚର ।
ପରିକର ନାମ ବହଳ ପର୍ଯ୍ୟଙ୍କ ସମୁଦାୟ ପରିବାର ॥
ପୟୋଧର କୋଷ ହାର ନାରିକେଳ ବକ୍ଷୋରୁହ ବାରିବାହ ।
ଶତାବରୀ ବୋଲି ଶଚୀଙ୍କ ଆଭୀରୀଲତାକୁ କୋବିଦ କହ ॥

ଲତ ସ୍ୱନ୍ତ

ଅଳି ସୁରା ଭୃଙ୍ଗ, ଆଳୀ ସଖୀ ସେତୁ ପଂକ୍ତି ; କୀଳ ଦାରୁ କ୍ଷେତ୍ର ।
କଳା ଚନ୍ଦ୍ରାଂଶୁ କଳନା କାଳମାନ ଚତୁଃଷଷ୍ଠୀରେ ଉକ୍ତି ॥
କାଳ ମୃତ୍ୟୁ ; ମହାକାଳ ଶ୍ୟାମ ବରଣ ସମୟ ପିତୃପତି ।
କଳି କଳହ କଳିଯୁଗ ; କାଳିକା କୀଟ ଭୁଜଗ ପାର୍ବତୀ ॥
କୁଳ ଜନପଦ ଗୋତ୍ର ଜାତିଗଣ କୂଳ ସୈନ୍ୟ ଯେ ପୃଷ୍ଠରେ ।
କୋଳ କୁବଳ ପିପ୍ପଳୀ ଭେଳାଶନେ ଚିତ୍ର ଉତ୍ସଙ୍ଗ ଶୂକରେ ॥
ଗୋଳା ଗୋଦାବରୀ କୁଳଟା ଦୁର୍ବା ; ଯେ ଚଳା ନାମ ଲକ୍ଷ୍ମୀ କମ୍ପ ।
ଜଳ ହ୍ରୀବେର ନୀରଜାଳି ଗବାକ୍ଷ ଧନାୟୁ ବୃନ୍ଦ ଯେ ଜପ ॥
ତାଳ ଚପେଟ ତନ୍ତ୍ରୀଘାତେ କାଂସ୍ୟାଦି ବାଦ୍ୟ ଝଂଜ ତୃଣ ରାଜା ।
ନଳ ପୋଟ ନଳଜପିତ ଦେବ ଯେ କପିଶ୍ରେଷ୍ଠେ କର ହେଜା ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ନୀଳବର୍ଣ୍ଣ ଗିରି ନିଧିଭେଦ ଗିରିଭେଦରେ ଯେନ ସୂଚନ୍ତେ ।
ବଳ କନ୍ଦରସ ଦୈତ୍ୟ ହଳୀ କାକସୈନ୍ୟ ପ୍ରାକର୍ମ ଉଚତେ ॥
ବଳ ଉପହାର ଦୈତ୍ୟ ଇନ୍ଦ୍ର ବଳବନ୍ତ ଗୃହଦ୍ୱାର ଅଙ୍ଗ ।
କୁନ୍ତଳ ଅଭକ ମୂର୍ଖ ହ୍ରୀବେରରେ କାଳ ଶବ୍ଦ କର ସଙ୍ଗ ॥
ବାଳୀ ବୋଲି ବାଳା ଅଳଙ୍କାର କପିନାଥ ବେଳା କାଳ ଦୁଲ ।
ଭଲ୍ଲ ଭଲ୍ଲୁକ ଶସ୍ତ୍ରଭେଦେ ଭଲ୍ଲ ଯେ ତେଜ ଲଲାଟକୁ କହି ॥
ବ୍ୟାଳ ଦୁଷ୍ଟ ଗଜ ସର୍ପ ଶ୍ୱାପଦ ଯେ ; ବିଲ ଛିଦ୍ର ଗୁହା ବେନ ।
ଶାଳୀ କଳମ୍ବାଦ ପତ୍ନୀଭଗ୍ନୀ ପୁଣି ଗନ୍ଧମାର୍ଜାରକୁ ଯେନ ॥
ଶୀଳ ସ୍ୱଭାବ ପାଷାଣ ; ଶୂଳ ରୋଗ ଆୟୁଧ ମୃତ୍ୟୁ କେତନ ।
ହାଲା ବିଷ ସୁରା ହାଲା ବୋଲଇ ଯେ ବଳାସାଦ ଅବଜ୍ଞାନ ॥
ଉଜ୍ଜ୍ୱଳ ପ୍ରଦୀପ ଶୃଙ୍ଗାର ବିଷାଦ ପ୍ରକାଶ ଲୋକକୁ ଭାଷି ।
ପ୍ରସ୍ତର ରତ୍ନ ଶର୍କରାଠାରେ ପୁଣି ଉପଳ ଶବଦ ଆସି ॥
କପିଳ ବର୍ଣ୍ଣ ଭଦ ମୁନିପ୍ରଭେଦ ; କମଳା ବରସ୍ତ୍ରୀ ରମା ।
କମଳ ତାମ୍ର ଜଳ ପଦ୍ମ ଭେଷଜ ଆକାଶେ ମୃଗେ ଯେନମା ॥
କପିଳା ରେଣୁକା ଶିଂଶପା ପ୍ରଭେଦ ପୁଣ୍ଡରୀକର କରିଣୀ ।
କରାଳ ଉତ୍ତୁଙ୍ଗ ଦନ୍ତୁର ଭୂଷଣ ସର୍ଜ୍ଜରସ ତୈଳେ ଗଣି ॥
କନ୍ଦଳ ଉପରାଗ ନବଅଙ୍କୁର କଳଧ୍ୱନି ସଂଖ୍ୟା ଜାଣ ।
କନ୍ଦଳ ମୃଗ ଗୁଳ୍ମ ପୁଣି ; କଦଳୀ ରମ୍ଭା ପତାକା ହରିଣ ॥
କାକୋଳ ବୋଲଇ ସରଳ କାକ ଯେ କାକୋଳ ନଗରାନ୍ତର ।
କୁଶଳ ମାଙ୍ଗଲ୍ୟ ସୁକୃତ ପର୍ଯ୍ୟାପ୍ତ ; କୀଲାଳ ଜଳ ରୁଧିର ॥
କୁବଳ ବଦରୀଫଳ ମୁକ୍ତାଫଳ ପୁଣି କୁବଳ ଉତ୍ପଳ ।
ପାଣି ବଳୟ କର୍ଣ୍ଣଭୂଷା କାଞ୍ଚନ ଗୁଳୁଚ ବଲ୍ୱ କୁଣ୍ଡଳ ॥
ଗରଳ ମାନ ବିଷ ତୃଣମୂଳ ଯେ ; କୁଣ୍ଡଳୀ ସର୍ପ ବଣିକ ।
ତରଳ ଚଞ୍ଚଳ ହାରମଧ୍ୟମଣି ଶିଶ୍ନ ଦବସନାୟକ ॥
ଜଟିଳା ପିପ୍ପଳୀ ଜଟାମାଂସୀ ଜଟାଯୁକ୍ତ ଚନ୍ଦ୍ରସେନମାତା ।
ତମାଳ ଶବଦ ତିଳକେ କୃପାଣେ ତାପିଞ୍ଛେ ବରୁଣେ ଉକ୍ତା ॥
ତଣ୍ଡୁଳ ଧାନ୍ୟାଦ ବିଡ଼ଙ୍ଗ ; ତାମ୍ବୁଳ ପୁଣି ନାଗବଲ୍ଲୀପର୍ଣ୍ଣ ।
ଦୁକୂଳ କ୍ଷୌମବସ୍ତ୍ର ବୃକ୍ଷ ଉତ୍ତମ ଶୁକ୍ଳ ସୁନ୍ଦରକୁ ଯେନ ॥
ତୁମୁଳ ରଣସଙ୍କୁଳ କଳଦ୍ରୁମ, ନକୁଳ ଜନ୍ତୁ ପାଣ୍ଡବ ।
ମଙ୍ଗଳ କୁଶଳ ଗ୍ରହ ମଙ୍ଗଳ ଯେ ଶିତଦୁର୍ବା ଉମା ଭବ ॥
ଚଞ୍ଚଳା ତଡ଼ିତ ଲକ୍ଷ୍ମୀ ଯେ ଚଞ୍ଚଳା କାମୁକ ବାତ ତରଳ ।
ଚପଳା ପୁଂଶ୍ଚଳୀ ପିପ୍ପଳୀ ଦାମିନୀ ଭୁବନ ଶୀଘ୍ରେ ଚପଳ ॥
ମଣ୍ଡଳ ଦ୍ୱାଦଶଦେଶକୁ କହନ୍ତି ମଣ୍ଡଳ କୋଷ୍ଠୀ ପରିଧି ।
ମଞ୍ଜୁଳ ଶୋଭା ଜଳତରଙ୍ଗ ତଳ ବନ୍ଦୀ ଚୈର ଗ୍ରହ ବ୍ୟାଘ୍ର ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ମାତୁଳ ବ୍ରୀହିଭେଦ ମାତାଭ୍ରାତା ଯେ ; ତା-ଭାର୍ଯ୍ୟା ଶଣ ମାତୁଳୀ ।
ତାଳମୂଳୀ ଆଖୁପର୍ଣ୍ଣୀ ବଳଭଦ୍ର ଗୃହଗୋଧିକା ମୁଷଳୀ ।
ରସାଳ ସିହ୍ଲକ ଗୋଳ ଇକ୍ଷୁଚୂତ ରସାଳ ରସନା ଦୁବା ।
ରମିଳ ରମଣ ମଦନ ; ଲାଙ୍ଗୁଳ ପୁଚ୍ଛ ସେଫଙ୍କୁ ଧେନବା ।
ଲାଙ୍ଗଲୀ ତୋୟ ପିପ୍ପଳୀ ଗୋବାରଣ କାମପାଳ ନାରକେଳ ।
ମେଖଳ ଖଡ୍ଗ ବନ୍ଧନ କାଞ୍ଚିମାଳା ନିତମ୍ବ ସ୍ଥୂଳ ଅଞ୍ଚଳ ।
ବିପୁଳ ପୃଥୁଳ ଅଗାଧ ପଶ୍ଚିମ ଭୂଧର ମେରୁପର୍ବତ ।
ଅମଳ ସମ୍ପୃଳ ସଚ୍ଛର ସକଳ ଖଣ୍ଡ ଦୃତ ବର୍ଣ୍ଣେ ଉକ୍ତ ।
ଶ୍ୟାମଳ ଶ୍ୟାମ ବର୍ଣ୍ଣେ କହି ; ଶୈବଳ ପଦ୍ମକାଷ୍ଠେ ଯେ ଶୈବାଳ ।
ଗ୍ରନ୍ଥାନ୍ତରେ ପଶୁଭେଦେ ଶ୍ରେଷ୍ଠଙ୍କୁ ବ୍ୟାଘ୍ରଙ୍କୁ କହି ଶାର୍ଦ୍ଦୂଳ ।
ଅକ୍ଷମାଳା ବୋଲି ଅକ୍ଷସୂତ୍ରଙ୍କୁ ଯେ ଅକ୍ଷମାଳା ଅରୁନ୍ଧତୀ ।
କଳକଳ ବୋଲି କୋଳାହଳକୁ ଯେ ସାଳନିର୍ଯ୍ୟାସେ କହନ୍ତି ।
କୁତୂହଳ ବୋଲି ପ୍ରଶସ୍ତକଥାକୁ କଉତୁକ କୁତୂହଳ ।
ଗିରିଚ୍ୟୁତ ସ୍ଥୂଳୋପଳ ଲଲାଟକୁ ବୋଲନ୍ତି ଯେ ଗଣ୍ଡଶୈଳ ।
ଗନ୍ଧଫଳ ବୋଲି ଚମ୍ପାକଳିକାକୁ ପ୍ରିୟଙ୍ଗୁ ପୁଣି ବୋଲାଇ ।
ଭସ୍ମତୋଳ ବୋଲି ଗ୍ରାମକୂଟେ ହିମେ ପାଂଶୁବରଷଣେ କହି ।
ମୁକ୍ତାଫଳ ଶବ୍ଦ କର୍ପୂରେ ମୌକ୍ତିକେ ଲବଣ ଫଳରେ ବ୍ୟକ୍ତ ।
ମଦକଳ ଶବ୍ଦ ମଦରଙ୍ଗେ ବାକ୍ୟମତ୍ତେ ଦଗେ ହୋଏ ଉକ୍ତ ।
ହସ୍ତୀ ଅଭ୍ର ମାତଙ୍ଗଜ ଶଙ୍ଖ ନାଗ ବନାୟୁକେ ବଦ୍ୟମାନ ।
ହରିତାଳ ଧାତୁଭେଦକୁ ବ୍ୟୋମ ଯେ ରେଖାକୁ ମିଶାଇ ଗଣ ।

ଇତି ଲାନ୍ତ

କବି ବାଲ୍ମୀକୀ ଶୁକ୍ର ସଂଖ୍ୟାବାନ ଯେ ଖଳ କୀର ପରମାଣ ।
ଜୀବ ପ୍ରାଣୀ ପ୍ରାଣ ଜୀବକା ପାଦପ ପ୍ରଭେଦ ପୁଣି ବୃଷଣ ।
ଛବି ଶୋଭନ କିରଣ ; ଜବା ବେଗବନ୍ତ ତନ୍ତ୍ରୀ ସୁମନସ ।
ଦେବନୃପତି ଦେବତା ମେଘ ତରୁ ଧବଳଭେଦ ପ୍ରାଣେଶ ।
ଧ୍ରୁବ ଶଙ୍କୁ ହର ସୁବଟ ବସ୍ତ୍ର ଯେ ଯୋଗ ମୁନି ଧ୍ରୁବ ବୀଜ ।
ଭବ ସଂସାର କ୍ଷେମ ହର ଉତ୍ପତ୍ତି ସତ୍ତାପ୍ରାପ୍ତି ପୁଣି ହେଜ ।
ଭାବ ସ୍ୱଭାବ ଅଭିପ୍ରାୟ ଭାବନା ଚେଷ୍ଟା ରସାଦି ଭବାଦି ।
ଲେଶେ ବନାଶେ ଛେଦନେ ରାମସୁତେ ଲବ ଶବଦ ସମ୍ବାଦ ।
ଦେବୀ ଦୁର୍ଗାଦି ନୃପସ୍ତ୍ରୀ କ୍ଷିପଲତା ; କାବ୍ୟ ଶୁକ୍ର ଗ୍ରନ୍ଥସାର ।
ପ୍ଲବ ପ୍ଲବନ ସ୍ୱପଚ ଭେକ ଭେଳା ପର୍କଟୀ ଦ୍ରୁମ ବାନର ।
ଶିବ ମୋକ୍ଷ ହର ଗ୍ରହଯୋଗଭେଦ ସୁଖ ଶୋଭା ଜଳ ଧେନ ।
ଜବା ଝିଣ୍ଟା ମଲା ଆମଳକୀ ଗୌରୀ ଫେରୁ ପିଶାଚକୀ ମାନ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶ୍ରୁବ ହୋଏପାଏ ଶଲ୍ଲକୀ ଦର୍ବୀ ଯେ ହରଦ୍ରା ଦାରୁ କୁହାଇ ।
ମୌର୍ବୀ ଶିଞ୍ଜିନୀ ଧରଣୀ ଶବ୍ଦ ବୋଲି କୁଣପ ସନ୍ଧାନ ହୋଇ ॥
କେଶବ ବିଷ୍ଣୁ କେଶବ କୈତବ ଯେ ବୋଲାଇ ଛଦ୍ମଧୂସ୍ତୁର ।
ଉଦ୍ଧବ ଯଦୁଙ୍କ ମନ୍ତ୍ରୀ ମହୋତ୍ସବ ; ବାନ୍ଧବ ମିତ୍ର ସୋଦର ॥
ପଲ୍ଲବ କିଶଲୟ ଶିଙ୍ଗ ଶୃଙ୍ଗାର ଅଲକ୍ତରାଗରେ ବର୍ତ୍ତି ।
ଭାର୍ଗବ ଶକ୍ର ଶୁକ୍ର ଧନୁ ପରଶୁରାମଙ୍କୁ ଜନେ ଭାଷନ୍ତି ॥
ଭାର୍ଗବୀ ରମା ଉମା ଦୁର୍ବା ଷ୍ଟାରତ ଭେଦରେ ଭାଷଣ ହର ।
ମାଧବ ବିଷ୍ଣୁ ବୈଶାଖ ଯେ ମାଧବ ଯାଦବବଂଶେ ବଗ୍ରୁର ॥
ମାଧବୀ ମଧୁ ଶର୍କରା ବାସନ୍ତ ଯେ ମାଧବୀ ସୁରା ତୁଲସୀ ।
ରାଜୀବ ମୀନ ପଦ୍ମ ମୃଗ ରାଘବ ରଘୁବଂଶେ ଝସେ ଭାଷି ॥
ବଡ଼ବା ଦ୍ୱିଜଯୋଷିତ କୁମ୍ଭ ଦାସ ବଡ଼ବା ଯେ ଅଶ୍ୱନାରୀ ।
ଘୋଟକ ପାତାଳ ବ୍ରାହ୍ମଣ ବଡ଼ବାନଳେ ବଡ଼ବା ଆଦର ॥
ସୁଗ୍ରୀବ ନନ୍ଦଘୋଷହୟ ସୁଗ୍ରୀବ ପୁଣି ଶାଖାମୃଗେଶ୍ୱର ।
ସୈନ୍ଧବ ମଣିମନ୍ଥ ନାମ ସୈନ୍ଧବ ଲବଣ ତୁରଙ୍ଗସାର ॥
ଉପପ୍ଳବ ରାହୁଗ୍ରହ ଯେ ମାଧବୀ ତରଣି ସିହ୍ଲକ ଆଣ ।
ଜୀବଞ୍ଜୀବ ବୃକ୍ଷଭେଦ ଚକୋରକୁ ଦ୍ୱିପଦ ନାମ ପ୍ରମାଣ ॥

ଇତି ବାନ୍ତ

ଅଂଶପ୍ରଭା ପ୍ରାଣ କରଣ ବୋଲାଇ ; ଆଶୁ ଶୀଘ୍ର ଧାନ୍ୟାନ୍ତର ।
କାଶୀ ବାରାଣସୀପୁର ; କାଶ ପୁଷ୍ପ ; କୀଶ କପି ଦିଗମ୍ବର ॥
କୁଶ ଦ୍ୱୀପ ଜଳ ଦର୍ଭ ରାମସୁତ ; ଈଶ ପ୍ରଭୁ ମହେଶ୍ୱର ।
କ୍ଲେଶ ଦୁଃଖ ଦଶା କ୍ଷୟ କ୍ଲେଶନାମା ବାଳ ବରୁଣ କୁବେର ॥
କୋଷ କୋରକ ଖଡ଼ଗପିଧାନ ଯେ ଦ୍ରବ୍ୟସଂଗ୍ରହସଦନ ।
ଦୃଶ୍ୟ ଦର୍ଶନ ନେତ୍ର ବୁଦ୍ଧି ; ନାଶ ଯେ ନିଧନ ତାପ ଜୟିନ ॥
ପାଶ ପାରୁଷ କେଶବେଶ ବନ୍ଧନ କର୍ଣ୍ଣପୂର ପୁଣି ପାଶ ।
ନିଶା ବୋଲି ଦାରୁହରଦ୍ରାକୁ ଜାଣ ଗୁଡ଼ତ୍ୱକ ସାତ୍ୱଂଶ ॥
ଆଦର୍ଶ କହି ଦର୍ପଣକୁ ଟୀକାକୁ ପ୍ରତିପୁସ୍ତକକୁ ପୁଣି ।
କର୍କଶ କାମ୍ପିଲ୍ଲ କଠିନ ନିର୍ଦ୍ଦୟ କ୍ରୂର ସାହସିକେ ଘେନି ॥
ବାଳଶ ନାମ ଶିଶୁ ମୂର୍ଖେ କହନ୍ତି ; ଶୈବଳ ବଟ ଭୂତେଶ ।
ବିକାଶ ବିକଚ ପ୍ରକାଶ ବୋଲାଇ ; ମୁନି ମେଷ ଯେ ଲୋମଶ ॥
ଖଣ୍ଡପର୍ଶୁ ନାମ ବହେ ପର୍ଶୁରାମ ଶଙ୍କର ଚୂର୍ଣ୍ଣଲେପନୀ ।
ଜୀବତେଶ ଯମ ବଲ୍ଲଭ ବୋଲାଇ ; କ୍ରୂର କୃଶ ଖଳ ଶନି ॥
ନାଗପାଶ ବନ୍ଧ ଆୟୁଧ ; ଦରଶ ପୂର୍ଣ୍ଣିମାସୀ ପଞ୍ଚଦଶୀ ।
ପରବେଶ ବୋଲି ପରଧିକ ବେଷ୍ଟନକୁ ସର୍ବମତେ ଭାଷି ॥

ଇତି ଶାନ୍ତ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଉଷା ବାଣସୁତା ରାତ୍ରିଶେଷ ଋଷି ମୁନି ଧୀମନ୍ତ ଦେବତା ।
କର୍ଷ କର୍ଷଣେ ମାନଭେଦେ ; ଘୋଷ ଯେ ବ୍ରଜବଲ୍ଲୀ ନାମେ ଉକ୍ତ ॥
ବୃଷ ଧର୍ମ୍ମ ବଳୀବର୍ଦ୍ଦ ରାଶିଭେଦ ଶ୍ରେଷ୍ଠ ମୂଷିକ ଛାଗଳ ।
ବୃଷା ମୂଷିକପର୍ଣ୍ଣୀକି ଇନ୍ଦ୍ର ମେଷ ଭ୍ରାନ୍ତ ବୃଦ୍ଧ କାମପାଳ ॥
ପୀୟୂଷ ଦଧି କ୍ଷୀର ସୁଧା ; ପୁରୁଷ ପୁଂସ ପୁଂନାଗ ପାଦପ ।
ମହିଷୀ ଲୁଲାପ ରାଜସ୍ତ୍ରୀ ; ପ୍ରଦୋଷ ସନ୍ଧ୍ୟା ଦୋଷରେ ପ୍ରଦୋଷ ।
କଳୁଷ ଆବିଳ ପାପ ରୋଗ ତାପ ଅପରାଧ ଯେ କିଲ୍ବିଷ ।
କଲ୍ମଷ କାଞ୍ଜିକ ପାବକ ଯେ ; ନାଗ ନୃପ ବଟଭେଦ ନହୁଷ ॥

ଇତି ଷାନ୍ତ

ବୋଲି ଶୁଭଙ୍କୁ ଆତ୍ମାଙ୍କୁ ଧନଙ୍କୁ ପ୍ରିୟଙ୍କୁ ଯେ ସେ ସ୍ୱଜାତି ।
ସ୍ୱବେଶ ରଚନା ଭାରତୀ କମଳା ଶୋଭା ତ୍ରିବର୍ଗସମ୍ପତ୍ତି ॥
ତ୍ରାସ ଭୟ ମଣି ଦୋଷ ; ଦାସ ଭୃତ୍ୟ ଶୂଦ୍ରଙ୍କ ଆତ୍ମା ଧୀବର ।
ଦାସୀ ଚେଟୀ ଝିଣ୍ଟି ; ନାସା ଯେ ନାସିକା ଅଧଦାରୁଣୀ ଆବର ॥
ବସୁ ଭେଦ ଅଗ୍ନି ପ୍ରଭାକର ପ୍ରସୂ ପୁଣି ଯେ ଅଶ୍ୱ ଜନନୀ ।
ଭାସ ପ୍ରଭା ପକ୍ଷିଭେଦେ ; ମାଂସ ମେଦ କଙ୍କୋଳ ଜଠାଙ୍କୁ ଘେନ ॥
ରାସ କୋଳାହଳ ଗୋପୀକ୍ରୀଡ଼ାଭେଦ ; ବ୍ୟାସ ଯେ ମୁନି ବିସ୍ତୃତ ।
ରସ ଶୃଙ୍ଗାର ବିଷ ବୀର୍ଯ୍ୟ ପାରଦ ଦ୍ରବ୍ୟ ଧାତୁ ରାଗ ଉକ୍ତ ॥
ରସ କେଳି ଜଳ ଦେହ ; ରସନା ଯେ ମଲ୍ଲିକୀ ଭୂମି ଏ ରସା ।
ମିଷି ଶତପୁଷ୍ପ ଅଜମୋଦା ମାସ ; କରଣୀ ରମଣୀ ଯୋଷା ॥

ଇତି ସାନ୍ତ

ହ୍ରୀ ଲଜ୍ଜା ହୀ ବେର କଷ୍ଟ ଭାବନା ; ହେ ଶ୍ରେଷ୍ଠଙ୍କୁ ଯେ ସମ୍ବୋଧନ ।
ବହ୍ନି କେକୀ ଅଗ୍ନି ଅହି ସର୍ପଙ୍କୁ ଯେ ବୃତ୍ରାସୁର ନାମ ଘେନ ॥
ସହା ପୃଥିବୀ କୁମାରୀ ତରୁ ସହା ବିପୁଳ ଏହି ପାଦପ ।
ବ୍ୟୂହ ଅକ୍ଷି ରଣପଙ୍କ୍ତିରେ ବ୍ୟୂହ ଯେ ବୋଲାଇ ପୁଣି କଳାପ ॥
ବାହ ବାହାନ ଅଶ୍ୱ ; ଗୁହ ଶବରରାଜା ଗୁହ କାର୍ତ୍ତିକେୟ ।
ଦେହୀ ଦେହବନ୍ତ ; ଧରଣୀ ବୋଲାଇ ମହୀ ମହାଗର୍ବବୟ ।
ରହ ରହସ୍ୟ ଏକାନ୍ତ ଶ୍ରେୟ ଶ୍ରେଷ୍ଠ ଶାଖା ସିଂହ କଣ୍ଠୀରବ ।
ରୁହ ମଳ ଆନ ରୁହ ବୋଲି କର ଜନମ ଏକଙ୍କୁ ଭାବ ॥

ଇତି ହାନ୍ତ

ଋକ୍ଷ ଭଲ୍ଲୁକ ନକ୍ଷତ୍ର ଗିରିଭେଦ ; ଯକ୍ଷ ଗୁହ୍ୟକ କୁବେର ।
କକ୍ଷ ମହିଷ ବାହୁମୂଳ କକ୍ଷ ଯେ ଗ୍ରହ ପଶ୍ଚାତ ଅଞ୍ଚଳ ॥
କକ୍ଷ ପ୍ରକୋଷ୍ଠ କାଞ୍ଚୀ ଗଜ ରଜ୍ଜୁ ଯେ ; କକ୍ଷା ରଥ ଭାଗ ପୁଣି ।
ଦ୍ୱିସନ୍ତ୍ରା ଜଟା ଗର୍ଭଭାଣ୍ଡ ଅଶ୍ୱତ୍ଥ ପ୍ଲକ୍ଷ ବୋଲି କରି ଗଣି ॥
ଦକ୍ଷ ପଟୁ ପ୍ରଜାପତି ତାମ୍ରଚୂଡ଼ ; ଧ୍ୱାଂକ୍ଷ ମତ୍ସ୍ୟରାଜ କାକ ।
ପକ୍ଷ ମାସାର୍ଦ୍ଧସହାୟ ପାର୍ଶ୍ୱ ଗ୍ରହ ସାଧ୍ୟ ବିରୋଧେ ବଦ୍ୟକ ॥

ଇତି କ୍ଷାନ୍ତ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

Typical Selections from Oriya Literature

SECTION III.

LATER MEDIEVAL
OR
MARHATTA PERIOD.

(1750—1803)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଓଡ଼ିଆ ସାହିତ୍ୟ-ପରିଚୟ

ଦାର୍ଢ୍ୟତାଭକ୍ତି ରସାମୃତ ।

BY RAMA DAS.

ବଣ୍ଟମ୍ବର ଦାସ

ଯେ ଭରତଖଣ୍ଡ ମଣ୍ଡଦେଶ । ଢେଙ୍କାନାଳରେ ତାର ବାସ ॥
ଜାତିରେ ବଣିଆ କରଣ । ତାର କୁଟୁମ୍ବ ତିନିଜଣ ॥
ତାହାର ନାମ ବଣ୍ଟମ୍ବର । ଭକତପଣେ ବଳୀୟାର ॥
ଭାରଯା ନାମ ତା ରେବତୀ । ପତିର ଆଜ୍ଞା ନ ଲଙ୍ଘନ୍ତି ॥
ପୁତ୍ରର ନାମ ରଘୁନାଥ । ପିତାର ଚରଣେ ଭକତ ॥
ଆପଣା ନାମ ବଣ୍ଟମ୍ବର । ବଣ୍ଟି ସାଗରୁ ଗତି ପାର ॥
ଏମନ୍ତେ ତିନିଜଣ ଥାନ୍ତି । ଶ୍ରୀକୃଷ୍ଣପାଦେ ଦେଇ ମତି ॥
ନାମ ଭଜନ ଅପ୍ରମିତ । ନିତ୍ୟେ ପଢ଼ନ୍ତି ଭାଗବତ ॥
ଯେ କହେ ପ୍ରଭୁ ନାମ ରସ । ତାକୁ ବୋଲନ୍ତି ଦଣ୍ଡେ ବସ ॥
ଯାହାର ମୁଖୁଁ ନାମ ଶୁଣି । ଶ୍ରୀଗୁରୁ ପ୍ରାୟ ତାକୁ ମଣି ॥
ଯୋଗୀ ସନ୍ନ୍ୟାସୀ ବ୍ରହ୍ମଚାରୀ । ବ୍ରାହ୍ମଣ ବୈଷ୍ଣବ ଭିକାରୀ ॥
ଯେ ଅଭ୍ୟାଗତ ଅବଧୂତ । ଦ୍ୱାରେ ତା ହେଲେ ଉପଗତ ॥
ତାହାଙ୍କୁ ଅନ୍ନ ବସ୍ତ୍ର ଦାନେ । ତୋଷନ୍ତି ବିନୟ ବଚନେ ॥
ନାହିଁ ବୋଲିବା ମୁଖୁଁ ତାର । କେବେହେଁ ନୁହଇ ବାହାର ॥
ଏମନ୍ତେ କେତେଦିନ ଅନ୍ତେ । ତା କୀର୍ତ୍ତି ପୂରିଲା ଜଗତେ ॥
ସକଳେ କଲେ ଧନ୍ୟ ଧନ୍ୟ । ହୋଇଲେ ସର୍ବଲୋକେ ମାନ୍ୟ ॥
ଏମନ୍ତ ସମୟରେ ପୁଣ । ଦଇବ ଘଟସୂତ୍ର ଶୁଣ ॥
ଅତିଥି ଜମାଉତ ହୋଇ । ଅଇଲେ ତୀର୍ଥ ଯିବାପାଇଁ ॥
ଭିକ୍ଷାର ଅର୍ଥେ ଗ୍ରାମପୁରେ । ମାଗନ୍ତି ବୁଲି ଦ୍ୱାରେ ଦ୍ୱାରେ ॥
ଲୋକେ ବୋଲନ୍ତି ତାଙ୍କୁ ଚାହିଁ । ଶୁଣ ହେ ବୈଷ୍ଣବ ଗୋସାଇଁ ॥
କରଣ ନାମେ ବଣ୍ଟମ୍ବର । ବିଜୟ କର ତାର ଘର ॥
ଅବଶ୍ୟ ତୋଷିବେ ଭୋଜନେ । ଶୁଣି ଚଳିଲେ ସାଧୁମାନେ ॥
ଦ୍ୱାରେ ତା ହୋଇଲେ ପ୍ରବେଶ । ଦିବସ ଆସି ହେଲା ଶେଷ ॥
ଡାକିଲେ ଆହେ ବଣ୍ଟମ୍ବର । ଆମ୍ଭ ଚରଣ୍ଟ ବେଗେ କର ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସାଧୁଙ୍କ ବଚନ ଶୁଣିଣ । ଘରୁ ବାହାର ତତକ୍ଷଣ ॥
ଦେଖିଲା ସାଧୁବୃନ୍ଦ ତୋଳେ । ପ୍ରଣାମ କଲା ପାଦତଳେ ॥
ଉଠି କପାଳେ କର ଦେଲା । କି ଆଜ୍ଞା ହେଉଛି ବୋଇଲା ॥
ଅତିଥେ ବୋଇଲେ ହୋ ଶୁଣ । ଆମ୍ଭ ଚରଣ୍ ବେଗେ ଆଣ ॥
ହାଣ୍ଡି ଚାଉଳ ମୁଗଜାଇ । ଘୃତ ନବାତ ଦୁଧ ଦହି ॥
କାଷ୍ଠ ପରିବା ଆଦି ଯେତେ । ଏ ସବୁ ଆଣ ହେ ତୁରିତେ ॥
ଆମ୍ଭ ଚରଣ୍ ବେଗେ କର । ପୁଣ୍ୟ ତୁ ପାଇବୁ ଅପାର ॥
ତାହା ଶୁଣିଣ ଚଳିଗଲା । ମନ୍ଦିରେ ପ୍ରବେଶ ହୋଇଲା ॥
ପୁତ୍ର ଭାରିଯାଙ୍କୁ କହିଣ । ସକଳ କରି ଆୟୋଜନ ॥
ସାଧୁଙ୍କ ପାଶେ ନେଇ ଦେଲା । ଘୃତ ମାତ୍ରକ ନ ପାଇଲା ॥
ବୋଇଲା ସାଧୁବୃନ୍ଦେ ଶୁଣ । ଛାମୁରେ କରୁଛି ଜଣାଣ ॥
ସମସ୍ତ ଦ୍ରବ୍ୟ ଆଣି ଦେଲି । ଘୃତମାତ୍ରକ ନ ପାଇଲି ॥
ଶୁଣି ବୋଇଲେ ସାଧୁଗଣ । ପବିତ୍ର ନୁହଇ ଭୋଜନ ॥
ଘୃତ ବିହୀନେ ଯେ ଖାଇବ । ପ୍ରଭୁଙ୍କ ଅଯୋଗ୍ୟ ହୋଇବ ॥
ତୋ ଦ୍ରବ୍ୟ ଲେଉଟାଇ ନିଅ । ତା ଶୁଣି ବିସ୍ମୟର ପୁଅ ॥
ଅନେକ ବିନୟ ସେ କଲା । ଭୂମିଷ୍ଠ ହୋଇ ଜଣାଇଲା ॥
ହେ ପ୍ରଭୁମାନେ ଶାନ୍ତ ହୁଅ । ବେଗେ ରନ୍ଧନ କର ଯାଅ ॥
ଘୃତ ଆସିବ ଚିନ୍ତୁ ଚିନ୍ତୁ । ଅବଶ୍ୟ ଦେବେ ଦୀନବନ୍ଧୁ ॥
ତା ଶୁଣି ଅତିଥେ ସୁଚିତ୍ତେ । ଚଳିଲେ ରାନ୍ଧିବା ନିମନ୍ତେ ॥
ଘରକୁ ପିତା ପୁତ୍ରେ ଗଲେ । ବସିଣ ବିଚାର ସେ କଲେ ॥
ଯେ ସାଧୁ ପର ଉପକାରେ । ମିଥ୍ୟା କହିଣ ଚୋରି କରେ ॥
ଏଥିରେ ଦୋଷ ନାହିଁ କିଛି । ବୋଲି ଶାସ୍ତ୍ରରେ କହିଅଛି ॥
ଘୃତ ନ ମିଳିଲାତ କାହିଁ । ଚୋରାଇ ଯିବା ଏଥିପାଇଁ ॥
ନୋହିଲେ ଅତିଥି ସମସ୍ତେ । ଭୁଞ୍ଜିବେ ନାହିଁ କଦାଚିତେ ॥
ଏମନ୍ତ ବୋଲି ବାପ ପୋଏ । କରେ ଧଇଲେ ଖଣନ୍ତାଏ ॥
ଆବର କାତି ଗୋଟି ଧରି । ଚଳିଲେ ଗୋବିନ୍ଦ ସୁମରି ॥
ରାତ୍ର ପ୍ରହରକ ଭିତରେ । ଭେଟିଲେ ଭାଗ୍ୟବନ୍ତ ଘରେ ॥
ତକ୍ଷଣେ ସିନ୍ଧି କାଟି ଧରି । ଚଳିଲେ ଗୋବିନ୍ଦ ସୁମରି ॥
ପିଅର ଜଗିଛି ବାହାରେ । ପୁତ୍ର ଖୋଜଇ ପଶି ଘରେ ॥
ଅନେକ ଧନ ରତ୍ନମାନ । ଦେଖି ନ ଛୁଅଁଇ ନନ୍ଦନ ॥
ଘୃତର ବିନା ଦ୍ରବ୍ୟ ଯେତେ । ହସ୍ତେ ନ ଧରେ କଦାଚିତେ ॥
ଏମନ୍ତେ ଖୋଜନ୍ତେ ଭବନ । ଦେଖିଲା ଘୃତ ଭାଣ୍ଡମାନ ॥
ବହି ଆଣିଲା ଭାଣ୍ଡଦୁଇ । ସିନ୍ଧିରେ ଦେଲାକ ଗଳାଇ ॥
ଏମନ୍ତ ସମୟେ ସାଧତ । ଚେତନା ପାଇଲା ତ୍ୱରିତ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଦେଖିଲା ସିନ୍ଧିଗାତ ଘରେ । ଚୋରହିଁ ଗଳୁଛି ସିନ୍ଧିରେ ॥
ପବନୁ ବେଗେ ଧାଇଁଗଲା । ଚୋରର ଚରଣ ଧଇଲା ॥
ବେନି ଚରଣ ବେନି ହାତେ । ଧରି ଝିଙ୍କିଲା କୋପଚିତ୍ତେ ॥
କୁମର ବୋଇଲା ଭୋ ତାତ । ଧରା ପଡ଼ିଲା ସିନ୍ଧିଗାତ ॥
ସାଧୁତ ଝିଙ୍କୁଛି ପୟର । ତୁମ୍ଭେ ପାରିଲେ ଝିଙ୍କ ଶିର ॥
ଶୁଣି ପିଅର ମୁଣ୍ଡଧରି । ଟାଣିଲା ଗୋବିନ୍ଦ ସୁମରି ॥
ଦୁହେଁ ଝିଙ୍କିଲେ ଦୁଇକତି । ପୁତ୍ର ରହିଲା ମଧ୍ୟବର୍ତ୍ତୀ ॥
କେଉଁଣି ଆଡ଼କୁ ନୋହିଲା । ତା ଦେଖି କୁମର ବୋଇଲା ॥
ସ୍ୱରୂପ ଶୁଣ ଆହେ ତାତ । ଏଥର ସରିଲା ମହତ୍ତ୍ୱ ॥
ରାଜ ଯଦ୍ୟପି ପାଇ ଯିବ । ତହିଁ ସାଧୁତ ଦଣ୍ଡ ଦେବ ॥
ସାଧୁଙ୍କ ସେବାହିଁ ନୋହିବ । ଏତେକ କଷ୍ଟ ବ୍ୟର୍ଥ ହେବ ॥
ଏଥକୁ ବିଚାର ନ କର । କାଟିଣ ନିଅ ମୋର ଶିର ॥
ସାଧୁମାନଙ୍କ ସେବା ହେଉ । ଆମ୍ଭର ମହତ୍ତ୍ୱ ନ ଯାଉ ॥
ମୁଣ୍ଡ ନ ଥିଲେ ପିଣ୍ଡ ଏଥେଁ । ଚିହ୍ନା ନ ଯିବ କଦାଚିତେ ॥
ଏଥିରେ ନ କର ତୁ ହେଳ । ମୋ ମୁଣ୍ଡ ଘୃତ ଘେନି ଚଳ ॥
ଶୁଣି ପିତୃର କାତି ଧରି । ମନରେ କୃଷ୍ଣ ଚିନ୍ତା କରି ॥
ଛେଦନ କରି ପୁତ୍ର ଶିର । ଲୁଚାଇ ରଖିଲା କାଖର ॥

ରାଜାକୁଳଶିଖର

ଏମନ୍ତେ ରାଜା ଏକଦିନେ । ବିଜୟ ରତ୍ନସିଂହାସନେ ॥
ସୈନ୍ୟ ଅଛନ୍ତି ପଟୁଆରି । ଗଜ ତୁରଙ୍ଗ ଆଦିକରି ॥
ସଭା ମନ୍ତ୍ରାଇ ନୃପଗଣ । କରିଅଛନ୍ତି ବେହରଣ ॥
ସାଧୁ ବୈଷ୍ଣବ ଆଦି କରି । ବିପ୍ର ସନ୍ନ୍ୟାସୀ ବ୍ରହ୍ମଚାରୀ ॥
ଦେଶୀ ବିଦେଶୀ ଏ ସଂସାରେ । ସମସ୍ତ ଗୋଷ୍ଠୀ ସେହିଠାରେ ॥
ଶ୍ରୀହରି ରସ କଥାମାନ । କହୁଅଛନ୍ତି ସାଧୁଜନ ॥
ରାଜା ଶ୍ରବଣ ତାହା କରି । ଅଛନ୍ତି ଦେହ ବୁଦ୍ଧି ହାରି ॥
ଏମନ୍ତ ସମୟରେ କଥା । ଶୁଣ ସୁମନ ମହାରଥା ॥
ଶ୍ରୀ ଗୁରୁଦେବ ତାହାଙ୍କର ବିଜୟ କଲେ ସେହିଠାର ॥
ଦେଖି ସେ ରାଜା ଅତିତୋଷେ । ମିଳିଲେ ଯାଇଁ ଗୁରୁପାଶେ ॥
ସାଷ୍ଟାଙ୍ଗେ କରି ଦଣ୍ଡବତ । ଉଠି କପାଳେ ଯୋଡ଼ି ହସ୍ତ ॥
ଅତି ବିନୟ ଭାବ ହୋଇ । ଗୁରୁଙ୍କୁ ଦିବ୍ୟାସନ ଦେଇ ।
ଦେଖି ସେ ନୃପତିର ଭାବ । ଆସନେ ବସି ଗୁରୁଦେବ ॥
ରାଜାଙ୍କୁ ବସ ହୋ ବୋଇଲେ । ଶୁଣି ନୃପତି ବିଜେ କଲେ ॥
ଶ୍ରୀଗୁରୁ ଆଜ୍ଞା ପାଇ ବସି । ପୁଣି ଶ୍ରୀହରି ଭାବେ ରସି ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଏମନ୍ତ ବେଳେ ମାଛି ଗୋଟି । ଉଡ଼ି ସେ ଅଇଲା ଚହଟି ॥
ବସିଲା ରାଜାର କପାଳେ । ରୁଧିର ପିଏ କୁତୂହଳେ ॥
ରାଜା ଅସୁଖଭାବ ହୋଇ । ଶ୍ରୀହସ୍ତେ ଦେଲେକ ଉଡ଼ାଇ ॥
ଲଲାଟେ ଶ୍ରୀହସ୍ତ ବାଜିଲା । ମାଛି ତକ୍ଷଣେ ଉଡ଼ିଗଲା ॥
କପାଳୁଁ ଦଣ୍ଡବତଧୂଳି । ଝଡ଼ି ପଡ଼ିଲା ମହୀସ୍ଥଳି ॥
ତା ଦେଖି ଗୁରୁଦେବ ହସି । ମଥା ପୋଛଣ ମୌନେ ବସି ॥
ତାହା ଜାଣିଲେ ନୃପମଣି । ସେତ ବିବେକଚୂଡ଼ାମଣି ॥
ତକ୍ଷଣେ ଉଠି ଉଭା ହୋଇ । ଜଣାନ୍ତି ଗଦଗଦ ହୋଇ ॥
ମୁଖ ମଳିନ କି ନିମନ୍ତେ । ଏ କଥା ଆଜ୍ଞା ହେଉ ମୋତେ ॥
ତା ଶୁଣି ଗୁରୁଦେବ ଭଣି । ଶୁଣ ହେ ନୃପତିଅଗ୍ରଣୀ ॥
ଯେ ଜନ ଶ୍ରୀଗୁରୁ ଛାମୁରେ । ସାଷ୍ଟାଙ୍ଗେ ଦଣ୍ଡବତ କରେ ॥
ତା ଅଙ୍ଗେ ଲାଗେ ଯେତେ ଧୂଳି । ତେତେ ଜନ୍ମର ପାପ ଦଳି ॥
ଯେ ଧୂଳି ଦେଖି ଯେଉଁ ନର । ହସ୍ତରେ ଝାଡ଼ି କରେ ଦୂର ॥
ତାର ପାତକ ହୋଏ କେତେ । ବିଚାରି କର ହୃଦଗତେ ॥
ତୋର ଶ୍ରୀହସ୍ତ ବାଜିବାରୁ । ଧୂଳି ଝଡ଼ିଲା କପାଳରୁ ॥
ତେଣୁ ପୋଛିଲୁଁ ଆମ୍ଭେ ମଥା । ତୁ କି ନ ଜାଣୁ ମହାରଥା ॥
ଶୁଣି ନୃପତି କମ୍ପମାନ । ବଦନୁଁ ନ ସ୍ଫୁରେ ବଚନ ॥
କେତେହେଁବେଳେ ରହିଁଦେଲେ । ଗୁରୁଙ୍କୁ ପାଶେ ନ ଦେଖିଲେ ॥
ଉଭାଇ ରାଜା ସଭାମୁଖେ । ପୁଚ୍ଛିଲେ ଅତି ମନୋ ଦୁଃଖେ ॥
ହେ ମହାସଭାଜନେ ଶୁଣ । ମୋ ପାପ ହୁଏ ଯା ପ୍ରମାଣ ॥
ଶ୍ରୀଗୁରୁଦ୍ରୋହ ଦୋଷ ମୋର । କେମନ୍ତେ ହେବ ଏବେ ଦୂର ॥
ଏଥକୁ ଦେଖ ଶାସ୍ତ୍ରପଥ । କିବା ଲେଖିଛି ପ୍ରାୟଶ୍ଚିତ୍ତ ॥
ନୋହିଲେ ମରିବ ଅବଶ୍ୟ । ଏ ରାଜପଦେ ନାହିଁ ଆଶ ॥
ଏମନ୍ତ ଶୁଣି ବିପ୍ର ଭଲେ । ପ୍ରବନ୍ଧ ଫିଟାଇ ପଢ଼ିଲେ ॥
ହେ ରାଜା ଶୁଣ ସାବଧାନେ । ଗୁରୁଚରଣେ ଯେଉଁମାନେ ॥
ସାଷ୍ଟାଙ୍ଗେ ଦଣ୍ଡବତ କରି । ଛାମୁରେ ରହନ୍ତି ଉଭାଇ ॥
ତା ଅଙ୍ଗେ ଥାଇ ରେଣୁ ଯେତେ । ତେତେ ଜନମ ପରିଯନ୍ତେ ॥
ସଞ୍ଚରି ଥାଇ ଯେ କଲୁଷ । ତକ୍ଷଣେ ହୋଏ ସର୍ବନାଶ ॥
ବଡ଼ିମାପଣେ ଯେଉଁମାନେ । ସେ ରେଣୁ ଝାଡ଼ନ୍ତି ଅଜ୍ଞାନେ ॥
ତାଙ୍କ ସୁକୃତ ଆଉ ନାହିଁ । କେବଳ କଥାଏ ଅଛଇ ॥
ଏମନ୍ତ କରି ଯେବେ ପାରି । ସେ ଗୁରୁଦ୍ରୋହ କର୍ମୁଁ ତରି ॥
ତମ୍ବା ପଟାଏ ଗଢ଼ାଇବ । ଦ୍ୱାଦଶହାତ ଦୀର୍ଘ ହେବ ॥
ପ୍ରସ୍ଥ ଯେ ତିନିହାତ ଜାଣ । ଚଉକେ ବହଳ ପ୍ରମାଣ ॥
ପୋତାଇ ତମ୍ବା ଗୃହଖମ୍ବ । ସେ ପଟା କରିଥିବ ଦମ୍ଭ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅଙ୍ଗାର ଅଗ୍ନି ତଥିତଳେ ॥ ଦେଇଣ ମହାଯନ୍ତ୍ର ଜାଳେ ॥
ସେ ପନ୍ଥା ତାତ ଅଗ୍ନିପ୍ରାୟ । ଦଶିବ ଅତି ଘୋରମୟ ॥
ତହିଁରେ ଶତଅଷ୍ଟ ବାର । ପ୍ରଣାମ କରିବ ସେ ନର ॥
ତେବେତ ଗୁରୁଦ୍ରୋହ ଦୋଷ । ତା ଦେହୁଁ ହୋଇବ ବିନାଶ ॥
ନୋହିଲେ ଆନେ ନାହିଁ ପାର । ଏହା ଲେଖିଛି ବେଦବର ॥

SONGS.

By

SADANANDA KABISURYA.

(1)

ରାଗ ଝିଞ୍ଜୋଟି—ତାଳ ଆଠତାଳୀ

ବାରିଜାକ୍ଷୀ ମନରୁମାନ ବାରି ଦେ ରେ ।
ଦେଖ କାଳ ହେଲା କଳା ବାରିଦ ରେ । ପଦ
ଦାସ-ନାଶରେ ମାନସ । ବଳୁଛି ଯେବେ ନାରୀଶ ।
କରଜ-ନାଗଚ ମାରି ତରି ଦେ ରେ ॥
ତୋ ଚରଣ ସେବା ଭଳି । ନୋହିଲି ଯେବେରେ ଆଳି ।
ଗାଳି ଦଆଇ ମହତ ସାରି ଦେ ରେ ॥
ଏବେ ବନ୍ଧୁ ଅନାଥରେ । ଦୟାଥିଲେ ଅନାଥରେ ।
କରୁଣା କଟାକ୍ଷନେତ୍ରେ ଠାରି ଦେ ରେ ॥
ମହିଳା-ମଣି ଜଗତେ । ତୋ ବିନା ସାହା କେ ମୋତେ
ମାର-ମୁଖୁଁ ବଞ୍ଚାଇବ ଗାରି ଦେ ରେ ॥
ଦ୍ୱିଜ କବିରବି-ବାଣୀ । ଶୁଣି ସେ ରମଣୀମଣି ।
ସ୍ନେହେ ଦ୍ରବ ବହିଗଲା ବାରି ଦେ ରେ ॥

(2)

ରାଗ ତୋଡ଼ୀ—ତାଳ ଏକତାଳୀ

ଦେଖାରେ ମୁଖ ଟିରେ ସୁଖସଦନା । ଘୋଷା
ମାନକ ମାନହିଁ ବାନ୍ଧବୀ ତୋହର ପାଲଟପାଖ ରଖାରେ ।
ଏଣୀ-ବିଲୋକନୀ ଏଣିକି କେଣିକି ମୁଖୁଁରୁ ନୃତ୍ୟ ଶିଖାରେ ॥
କେଶରି ତୋ ସରି ମଧ୍ୟ-ଗୁଳୀ କଟି ହେବକିତଦ୍ୱଲେଖାରେ ।
ତୋଷ ବହି ନିଜଦାସର ଦୋଷକୁ ମୁଖୁଁରୁ ନୃତ୍ୟ-ଶିଖାରେ ॥
ହର ମନୋହର ସାର ପୟୋଧର ଚନ୍ଦ୍ର ବିଚନ୍ଦ୍ର ଲେଖାରେ ।
ଯାବକରଞ୍ଜିତ ପାଦଦଳଗତ ତୋ ଅନୁରାଗ ଶିଖାରେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

(3)

ମାତ ଜନନୀ ଗୋ, ଯାଉଛୁ ବନେ, ଚଉଦ ବରଷେ ଫେରି ମୁଁ ଆସିବି
ବଞ୍ଚିଥିଲେ ତୋ କଲ୍ୟାଣେ ଜୀବନେ । ଘୋଷା ।
ପ୍ରଭାତୁ ଉଠି ସେବା କେ ଦେବ, ନୀଳମଣି ବୋଲି କିଏ ଡାକିବ
ଆଦର କରି କେ କୋଳେ ବସାଇବ, କେ ମୁଖ ଚୁମ୍ବିବ ତବ ବଦନେ
ବାଳକ ଅବସ୍ଥା ବଡ଼ କଠିନ, କେତେ ଯତନେ କରିଛୁ ପାଳନ
ଏକାଳେ ବିଧାତା କରୁଅଛି ଭିନ୍ନ, କୃପାକରିଥିବ ଦାସେ ସୁମନେ ।
କେବଳ ଦୁଃଖ ରହିଲା ମୋ'ମନେ, ସେବା କରିନାହିଁ ଶ୍ରୀପଦେ ଦିନେ
ହୋଇ ପରବାଣ ନାହିଁ ମୋତେ ଦିନେ, କି କହିବେ ମୋତେ ସ୍ୱୟମ୍ଭୁବନେ ।
ନମସ୍କାର କରି ମାତା ପୟରେ, ନମି ସୀତା ଲକ୍ଷ୍ମଣ ସହିତରେ
କୈକେୟୀ ମାତା-ଭାଷାକପଟରେ, ଅସ୍ତାଚଳେ ହରି ଗଲେ ଯେମନେ ।
ସଦାନନ୍ଦ ଦାସ ଭଣେ ଏ ଶୋକେ, ପ୍ରଣମିଲେ ପାଦେ ଅଯୋଧ୍ୟା ଲୋକେ
ଆକୁଳେ ଜପିଲେ ରାମଙ୍କୁ ଥୋକେ, ନ ରହିଲେ ଦଣ୍ଡେ ଆଉ ମଦନେ ।

(4)

ସବୁଦିନେ ନାହିଁ ଗୋ ଦୂତି, ଶୃନ୍ଦନୀ ରୀତି ଭାବ ପୀରତି । ପଦ ।
ନୂଆ ନୂଆ ବସନ, କରିଥାନ୍ତି ଆଦରମାନ,
ନୂଆଠାରୁ ଯହୁଁ ପୁରୁଣା ହୁଅଇ ତାହାକୁ କରନ୍ତି ମସାଲବତି ।
ନୂଆ ନୂଆ ପଥର, କରିଥାନ୍ତି ଗଳାର ହାର,
ନୂଆଠାରୁ ଯହୁଁ ପୁରୁଣା ହୁଅଇ ସେହିତ ଦିଶଇ ମଳିନ ଜ୍ୟୋତି ।
ନୂଆ ନୂଆ ପୀରତି, କରିଥାନ୍ତି ଆଦରମତି,
ନୂଆଠାରୁ ଯହୁଁ ପୁରୁଣା ହୁଅଇ ବାହାରେ ଦେଖିଲେ ମୁହ ପୋତନ୍ତି ।
ସଦାନନ୍ଦ ବିପ୍ରକହନ୍ତି, ସବୁଦିନେ ନାହିଁ ପୀରତି,
ସବୁଦିନେ ଯଦି ପୀରତି ଥାଆନ୍ତା, କୀରତି-ପତାକା ଉଠାଇଥାଆନ୍ତି ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବିଦଗ୍ଧଚିନ୍ତାମଣି

BY ABHIMANYA SAMANT SINGHAR

ପ୍ରଥମ ଛାନ୍ଦ

ରାଗ—ମଙ୍ଗଳ

ଅପ୍ରାକୃତ ପ୍ରେମମୂର୍ତ୍ତି ଜୟ ରାଧା-ହରି ।
ଅବ୍ୟକ୍ତ-ଲୀଳାକୁ ବ୍ୟକ୍ତ କରି ଅବତରି ହେ ॥
ଆଦି-ଅନାଦି-କାରଣ ନିର୍ଗୁଣ ସଗୁଣ ।
ଆମ୍ନାଗମ ସନାତନ ବ୍ରହ୍ମନିରୂପଣ ହେ ॥
ଈଶ୍ୱର ସ୍ୱତନ୍ତ୍ର ସ୍ୱୟଂ ଭଗବାନ ତୁହି ।
ଇଚ୍ଛାମୟ ସର୍ବଶକ୍ତିମନ୍ତ ତତ୍ତ୍ୱ ବହି ଯେ ॥
ଈଶ-ଶେଷାଦି-ସେବକ ସେବ୍ୟ ଏକା ତୁହି ।
ଇଷ୍ଟ ଅଭିଷ୍ଟଦ ଦୟାନିଧି ଭାବଗ୍ରାହୀ ଯେ ॥
ଉତ୍ପତ୍ତିପାଳନାନ୍ତ ତୋ ଭ୍ରୂଭଙ୍ଗୀବିକାରେ ।
ଉତପ୍ଳୁତ ତନ୍ତୁବାୟୁସୂତ୍ର ପରକାରେ ଯେ ॥
ଊର୍ଣ୍ଣନାଭିବତ ଖେଳୁ ଇଚ୍ଛାଶକ୍ତି ବଳେ ।
ଉଦ୍ଭବ ହୋଇ ତୁ ଧର୍ମ୍ମ ସ୍ଥାପୁ କାଳେ କାଳେ ହେ ॥
ଋକ ସାମ ଯଜୁର୍ବେଦ ଶ୍ରୁତିଶାସ୍ତ୍ରଭେଦେ ।
ୠପ ଗୁଣ ଯଶଃ ଅଛୁ ଅଶେଷସମ୍ବାଦେ ଯେ ॥
ରୁଚିର ଚରଣନଖଛଟାର ମହିମା ।
ଋକ୍ଷସଂଖ୍ୟାକଳ୍ପେ କଳ୍ପି ନ ପାରିଲେ ବ୍ରହ୍ମା ଯେ ॥
ଌବ୍ଧକ ତାରକ ବ୍ରହ୍ମ-ହରଗର୍ବହର ।
ଌଣ୍ଠାଇପାର କୃପାରେ ମୁକତିଭଣ୍ଡାର ହେ ॥
ଌଠି ଅଳି କରି କୋଳପାଇଁ ଯଶୋଦାଙ୍କୁ ।
ଲୋଲୁପ ଗୋପୀବଦନାମ୍ବୁଜପୀୟୂଷକୁ ଯେ ॥
ଏମନ୍ତ ମହିମାବନ୍ତ ପ୍ରେମଭକ୍ତିରସ ।
ଏକ ନିଷ୍ଠେ ଅଭିମନ୍ୟୁ କବି କରେ ଆଶ ଯେ ॥

ଇଚ୍ଛାବଶ୍ୟ । ଦୈନ୍ୟବୋଧିକା । ପ୍ରାର୍ଥନାମୟୀ । ଲାଳସାମୟୀ ।

ଐଶ୍ୱବତଗତ ଅଣିମାଦି ଭୋଗ ମୁକ୍ତି ।
ଐଶ୍ୱର୍ଯ୍ୟାଦିରେ ମୋ ଚିତ୍ତ ନୋହିବ ଆସକ୍ତି ହେ ॥
ଔଷଧୀଶାନନ ହେ ମାଗୁଛି ପଦ ଧରି ।
ଓ କରିବ ଆହୋ ଦାସ ଡାକିଲେ କିଶୋରୀ ହେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଔଦାର୍ଯ୍ୟ ଗାମ୍ଭୀର୍ଯ୍ୟାଦି ନିପୁଣ ପାଦାଶ୍ରିତେ ।
ଔଷଧ ସେ ମୋର ତୁମ୍ଭେ ବଶ ହେବ ସତେ ହେ ॥
ଅନନ୍ତ କୋଟି ବ୍ରହ୍ମାଣ୍ଡ ଈଶ୍ୱରୀ ଈଶ୍ୱର ।
ଅକୈତବ କରୁଣାକୁ ପରୀକ୍ଷା କର ହେ ॥
ଅନନ୍ତସିଦ୍ଧି ମୋହର ତୁମ୍ଭ ପାଦାଚିନ୍ତ ।
ଅବଧ୍ନେ ହେଉ ସର୍ବଦା ଆଜ୍ଞା କର ଦତ୍ତ ହେ ॥

ଅନୁକ୍ରମଣି ।

କାମନାକଳପତରୁ ଚିନ୍ତାମଣି ନାମ ।
କଳ୍ପିଛି କବିତ୍ୱେ ବର୍ଣ୍ଣିବାକୁ ତବ ପ୍ରେମ ହେ ॥
ଖଗପତି ପୂର୍ଣ୍ଣ କର ଏ ମୋର ମାନସ ।
କ୍ଷିତିପାବନ ମଙ୍ଗଳ ବର୍ଣ୍ଣିବି ତୋ ଯଶ ହେ ॥
ଗୁଣଗ୍ରାହକେ ଗାଇବେ ଚିନ୍ତନ୍ତି ସୁପ୍ରେମ ।
ଗୀତ ହେବ ବିଦଗଧ ଚିନ୍ତାମଣି ନାମ ହେ ॥
ଘୃଣାରେ ଘୋଷିଲେ ନର ପାଇବେ ନିର୍ବାଣ ।
ଘୃତବତ ରସିକହୃଦକୁ ରବ ଜାଣ ହେ ॥
ଙଆଁସ-ଅନ୍ଧାର-ଅଜ୍ଞାନକୁ ଏ ଚନ୍ଦ୍ରମା ।
ଙହ୍ଲାଁ ରବ ଏ ଧୀରଚନ୍ଦ୍ରସୁଖସୀମା ହେ ॥
ଚନ୍ଦ୍ରରୁ ଶୀତଳ ସ୍ୱାଦୁ ସୂର୍ଯ୍ୟରୁ ବିମଳ ।
ଚରିତ ଗଙ୍ଗାନିର୍ମଳ ସିନ୍ଧୁରୁ ଅଥଳ ହେ ॥
ଛନ୍ଦାର୍ଥିକ ଦମ୍ଭଧରଚରଣକୁ ପବ ।
ଛଇଳଲୋକର ନବଗୁଣବନ୍ତି ଛବ ଯେ ॥

ଲକ୍ଷଣ ।

ଯମକାଦି ଚିତ୍ରକାର୍ଯ୍ୟପ୍ରବନ୍ଧେ ପ୍ରବନ୍ଧ ।
ଯଥା ଜାତ ଧନ୍ଦା ଏଟି ବୁଧମନବୋଧ ହେ ॥

ବୁଧ ଅଜ୍ଞବୋଧ ।

ଝଳ ମାର୍ଗ ପାଇବେ ପଥିକେ ହେଲେ ଶ୍ରମୀ ।
ଝଗଡ଼ବାଟେ ପଶିଲେ ମୂର୍ଖେ ହେବେ ଭ୍ରମି ଯେ ॥
ନ୍ୟାୟାଦି ଶାସ୍ତ୍ର ପୁରାଣ ବେଦାଗମ କାବ୍ୟ ।
ନ୍ୟାସ କଲ ଲୋକର ଏ ହୋଇବଟି ଭାବ୍ୟ ହେ ॥
ଟାଣଟଣା ତର୍ପଣ ନାରଦ କଲାପର ।
ଟେକଓଜ ଭାଜିବ ଅବଶ୍ୟ ଶ୍ରମ କର ହେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଠକ ନୋହେ ଗୁରୁ ଲୁଷ୍ଟ ବରିଷ୍ଟବେ ଯେହ୍ନ ।
ଠିକେ ଏଥି ମର୍ମ୍ମ ଜାଣିପାରିବେଟି ସେହ୍ନ ଯେ ॥
ଡାକ କହୁଛି ମୁଁ ରାଗମାର୍ଗ ଭକ୍ତଜନେ ।
ଡେର କର୍ଣ୍ଣ ସସ୍ନେହତ କର ମୋ ବର୍ଣ୍ଣନେ ହେ ॥
ଡମ୍ଫପଣେ ବର୍ଣ୍ଣୁଛି ମୁଁ ଗୋବିନ୍ଦଚରିତ ।
ଡଗ ଡମାଳ ହେଲେହେଁ ସାକ୍ଷାତେ ଅମୃତ ହେ ॥
ଅମ୍ବୁ ଯେ ହେଉ ସେ ହେଉ ଶାଳଗ୍ରାମ ସ୍ନାନେ ।
ଅଗ୍ରାହ୍ୟ କାହାର ପାଦୋଦକ ନାମ ଜ୍ଞାନେ ହେ ॥
ତତ୍ତ୍ୱ ଏପରିରେ ଭାବ ଏ ଗୀତେ ରସିବ ।
ତୁଚ୍ଛ ମୋ ବଦନୁ ଚ୍ୟୁତ ବୋଲି ନ କରିବ ହେ ॥
ଥୋକେ ଛଳ ହେବ ଦ୍ରାକ୍ଷା ଗୁଡ଼କୃତ ଥାକ ।
ଥୋକେ ପାକ ନାରିକେଳ ଖର୍ଜୁର ରୋଚକ ହେ ॥
ଦ୍ରବ୍ୟ ଅଦ୍ରବ୍ୟ ଭାଷାରେ ପଦ ହେବ ସିଦ୍ଧି ।
ଦେଖ ମହାଜନମାର୍ଗପରମ୍ପରା ବୁଝି ସେ ॥
ଧ୍ୱନି ବଣଇ ସାକ୍ଷାତେ ଉପମା ଅନୁମାନ ।
ଧରି ବିଚାରିଲେ ହେବ ଏଥି ଅର୍ଥଜ୍ଞାନ ହେ ॥
ନୀରସ ଗୋରସ ପରିପାକ ପରି ହୋଇ ।
ନିଷ୍ଠା ବେଳୁଁବେଳ ବୃଦ୍ଧି ହେବ ସ୍ୱାଦୁ ହୋଇ ହେ ॥
ପ୍ରେମ ପରିପାକ ଧୀର ଘନ ପରିଯୁତ ।
ପାଣି ଖାର କ୍ଷୀର ଦୂର କରନ୍ତି ଏକତ୍ର ହେ ॥
ଫନ୍ଦା ମୁଁ କରୁଛି ଏହି ଘେନ ଗୁମ୍ଫ ପଦ ।
ଫୁଲ ପରି ଶିରୋଧାର୍ଯ୍ୟ ହେବ ମୋର ପଦ ହେ ॥
ବିବେକ ଗ୍ରାହକ କୋଟି କବି ଆସ୍ଥ ଘେନ ।
ବର୍ତ୍ତି ଥିଲେ କବି କବିତ୍ୱ କି ହେବ ମ୍ଳାନ ହେ ॥
ଭାବେ ବୈଶ୍ୟ ପରାୟେ ମୁଁ ମେଳିଛି ପସରା ।
ଭାବ ସମ ଦ୍ରବ୍ୟକୁ ଗ୍ରାହକ ଲୋଡ଼ା ପରା ହେ ॥

ଖେଳଲୀଳା ।

ମଧୁରା-କବିତ୍ୱଦୋଷ ପସରାରେ ଥାଇ ।
ମଣ୍ଡିବେ ନାହିଁ କି ଖଳେ ତାହା ନକ ଧାୟି ହେ ॥
ଯଥା ଜାତ ବୁଦ୍ଧି ଶୁନାପୁଚ୍ଛ ପ୍ରାୟ ଘେନ ।
ଯଥୋଚିତେ ନୋହେ ତାଙ୍କୁ ନନ୍ଦନ ବନ୍ଦନ ହେ ॥
ରାହୁ ବଡ଼ ବୋଲିବାକୁ ବିଧୁନ୍ତୁଦ ହେଲେ ।
ରସନନ୍ଦୁକେ ସେପରି ବୋଲନ୍ତି ଅଖିଳେ ହେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଲୋଭ ନ ଥିଲେହେଁ ସର୍ପପରାୟ ଦଂଶନ୍ତ ।
ଲୀଳା କରି ରସ ଦେଲେ ବିଷ ଉଦ୍ଗାରନ୍ତି ହେ ॥
ବାଇ ବୋଲିବେତ ବହୁ ନିନ୍ଦିଲେ ତାହାଙ୍କୁ ।
ବଡ଼ତନ୍ତ୍ର ନୋହେ ପିପିଳିକା ବିନାଶକୁ ହେ ॥
ସୁଜନେ ଆଦର ମିତ୍ର ପରି ଏ କବିତ୍ୱ ।
ସର୍ବ ସୁମନାସୁରସ କରନ୍ତି ଏକତ୍ର ହେ ॥
ସରଧା ପରାୟ ଅଳ୍ପ ବୁଦ୍ଧି ଶକ୍ତିହୀନ ।
ସଂସାରେ କେବଳ ମଧୁକୋଷ କୀର୍ତ୍ତି ଘେନ ହେ ॥
ସ୍ୱାଦ ଆସ୍ୱାଦନ କଲେ ଚିତ୍ତ ମଗ୍ନ ହେବ ।
ସଂସାର-ସାଗର-ବୁଡ଼ା ବିଧ ବ୍ୟାଧି ଯିବ ହେ ॥
ହରେ କୃଷ୍ଣ-ରାମ ନାମ ଯହିଁ ସେହି ଚିତ୍ତ ।
ହରଷେ ରସିବେ ଘେନ ସାଧବେ ଏ ଗୀତ ହେ ॥
କ୍ଷମାନିଧି କୃଷ୍ଣ ଅବଧାନରେ ପୂର୍ତ୍ତି କର ।
କ୍ଷମେ ଭଣେ ଅଭିମନ୍ୟୁସାମନ୍ତସିଂହାର ହେ ॥

ଦ୍ୱିତୀୟ ଛାନ୍ଦ

ରାଗ—ମଙ୍ଗଳ । ସଙ୍ଗମତଆଖି ବାଣୀରେ

ଆଦ୍ୟଯମକ

ଧୀରେ ଧୀରେ ଶୁଣ ଏ ଉତ୍ତରୁ ଚରିତ ।
ପୁଣ୍ୟ ପୁଣ୍ୟଜନେ କଲେ ସଂସାରୁ ହତ ॥
ମହୀ ମହୀଶଙ୍କ ତାପ ଅମାପ ହେଲା ।
ନାଗ ନାଗରେ ଅବନୀ ବୁହା ନ ଗଲା ॥
ପର ପରଜାଙ୍କ ବିତ୍ତ ହରିଲେ ବଳେ ।
ସୁର ସୁରଦ୍ୱେଷୀ ତ୍ରାସେ ବିରସ ହେଲେ
ନରଙ୍କ ନରକ ଅତିଶୟ ହୋଇଲା ।
ତପ ତପସ୍ୱନ୍ତଙ୍କର ଥୟ ନୋହିଲା ॥
ବିଧିରେ ବିଧୀରେ ମୁନି ଯାଇ କହିଲେ ।
ଅଶୂର ଅସୁରଦର୍ପେ ଦେବେତ ହେଲେ ॥
ଲୋକେ ଲୋକେଶ ଯେ ଦୟା କରି ବିଚାର ।
ଶର୍ବ ସର୍ବ ସୁରମୁନି ଘେନ ବାହାର ॥
ଚତ୍ତେ ଚନ୍ତେ କ୍ଷୀରସିନ୍ଧୁତୀରେ ବିଧାତା ।
ହର ହରଷରେ ହରି ସକଳ ଚିନ୍ତା ॥
ଅନନ୍ତ ଅନନ୍ତଶୟନରେ ତା ଜାଣି ।
ଲୋକେ ଲୋକେ ଜନମି ତାରିବ ମୁଁ ପୁଣି ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ନନ୍ଦରେ ନନ୍ଦରେ ଥାଅ ବସ୍ଥରେ କହି ।
ଶିତାଂଶୁଗାଙ୍ଗଜ ପ୍ରେମ ହେଲେ ଯେ ତହିଁ ।
ବ୍ରହ୍ମା ବ୍ରହ୍ମାଣ୍ଡକରତା ଆଦେଶ ପାଇ ।
ଚତ୍ରେ ଚନ୍ତ୍ରେ ଏରୂପେ ଜନ୍ମିବେ ଗୋସାଇଁ ।
ସୁମନସ ସୁମନସ ବଧାତା ହୋଇ ।
ଦର ଦରଧର ବନାଶିବେ ବୋଲଇ ।
ଅଗ୍ର ଅଗ୍ର ଧର ହର କରିବେ ନାଶ ।
ଶ୍ରବଣେ ଶ୍ରବଣେ ସୁର ମୁନିଏ ତୋଷ ।
ଜୟ ଜୟ କହି ନିଜପୁରକୁ ଗଲେ ।
ସାତ୍ତ୍ୱ ସାତ୍ତ୍ୱ କୁଳେ-ଜାତ ହିଛିଲେ ।
ଦେବକୀ ଦେବ କନ୍ୟର ତାରଣପାଇଁ ।
ଜନନବାସ ଜନମୀବାସକୁ ଧାୟି ।
ଲୋକେ ଲୋକେ ଜନ୍ମବାଦ ପ୍ରକାଶ କରି ।
ଧରା ଧରାଜାତ ମାତ ଧରାର ପୁତ୍ରୀ ।
ଜନକ ଜନଙ୍କ ନ ଜାଣିବାରେ ନେଇ ।
ଗୋପେ ଗୋପ୍ୟ ନନ୍ଦଘରେ ବହନ ଥୋଇ ।
ନନ୍ଦନନ୍ଦନ ଯେ ମାୟା ଆଶ୍ରିତ ହୋଇ ।
ଜାତ ଯାତନାକୁ ଥିଲେ ସୁତତ୍ତ୍ୱ ପାଇ ।
ଅଙ୍ଗ ଅଙ୍ଗ ଘନ ବନ୍ଧୁପ୍ରାୟେ ମିଶିଲା ।
ପର ପରମାତ୍ମାରେ କି ଜୀବ ପଶିଲା ।
ଶକ୍ତି ଶକ୍ତିମନ୍ତ ତାହେ ପାଲଟି ଦେଲେ ।
ମାୟା ମାୟାରେ ତା ବସୁଦେବ ଯେ ନେଲେ ।
କଂସ କଷଣ ବହିଲା ପ୍ରାତେ ତା ଜାଣି ।
ଖରେ ଖରେ ଅନ୍ତର୍ଦ୍ଧାନ ସେ ଠାକୁରାଣୀ ।
ଅନ୍ତ ଅନ୍ତଧର ତୋର ଜାତ ଭୂଲୋକେ ।
ଜୀବ ପିବ ଦୁଷ୍ଟଙ୍କର ଶୂନ୍ୟରେ ଡାକେ ।
ଶ୍ରବଣେ ଶ୍ରବଣେ କଂସ ଦେବୀଭାରତୀ ।
ବୁଦ୍ଧି ବୁଦ୍ଧି ବସ୍ତୁ ବାଦେ କଲା ସେ ମତ ।
ବଳଭଦ୍ର ବଳଭଦ୍ର ରୋହିଣୀସୁତ ।
ଅନନ୍ତ ଅନନ୍ତମୂର୍ତ୍ତି ଆଗହିଁ ଜାତ ।
କୃଷ୍ଣ କୃଷ୍ଣମୂର୍ତ୍ତି ଧରି ପୁଣି ଜନ୍ମିଲେ ।
ଯଶୋଦାୟ ଯଶୋଦାୟକାରୀ ସେ ହେଲେ ।
ଶିତାଶିତାମ୍ବୁଜମୁଖଯୁଗଳ ଦେଖି ।
ଜନନୀ ଜନ-ନୟନ ଅତ୍ୟନ୍ତ ସୁଖୀ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରାମ ରାମ-ଶ୍ୟାମ-ବାଲ-କାଳ ପାଳନ ।
ଶେଷ ଶେଷ କରିବେ କି କଲେ କଥନ ।
ଆନ ଆନନ୍ଦକୁ ଲକ୍ଷ୍ୟ ଦେବାର ନୋହେ ।
ଜନ ଜନକ ଜନନୀ ମନକୁ ମୋହେ ॥
ପୂତନାମା ପୂତନା ମାରଣକୁ କଲେ ।
ଶକଟସଙ୍କଟରୁ ନିଃଶଙ୍କେ ତରିଲେ ॥
ତୃଣା ତୃଣାବଳୀ ପରିହେଲା ବିନାଶ ।
ବତ୍ସା ବତ୍ସାରଖାଠାରେ ହୋଇଲା ନାଶ ॥
ବକବକନ୍ଧ ଚିରିଲେ ଦ୍ୱିଫାଳ କରି ।
ଅଘ ଅଘମରଷଣ ତାଳୁ ବିଦାରି ॥
ଯାମଳା ଯାମଳା ପୂର୍ବଶାପୁଁ ତରିଲା ।
ବୃଷ ବୃଷଶ୍ରେଷ୍ଠ ହରି ହସ୍ତରେ ମଲା ॥
ଧେନୁକ-ଧେନୁକପାଲ ତାଳାର୍ଥେ ନାଶି ।
ଫୁଟି ଫୁଟିଲାର ପରି ନାଶିଲେ କେଶୀ ॥
କାଳୀ କାଳିଆଚରଣେ ଦଳି ହୋଇଲା ।
ଧରଧରଣରେ ଇନ୍ଦ୍ର ବାଦେ ହାରିଲା ॥
ବିଧୀରେ ବିଧିରେ ବତ୍ସାହରଣେ ଗଞ୍ଜି ।
ଗୋକୁଳ ଗୋକୁଳସୁତ ହୋଇଲେ ରଞ୍ଜି ॥
କଦମ୍ବ କଦମ୍ବତଳେ ନାଶିଲେ ରାମ ।
କନ୍ଦରେ କନ୍ଦରେ ଗୃପି କଲେ ଯେ ସମ ॥
ବ୍ୟୋମ ବ୍ୟୋମପଥେ ନେଇ ମୁଥରେ ମାରି ।
ପ୍ରଲମ୍ବ ପ୍ରଲମ୍ବକେଶ ଧରି ସଂହାରି ॥
ନନ୍ଦ ନନ୍ଦର ଧାରଣ-ବନ୍ଧରୁ ତାରି ।
ଜାତବେଦ ଜାତବେଦ ଗର୍ଭେ ସଂହରି ॥
ମହୀ ମହିମାକୁ ଦେଖି ହେଲା ହରଷ ।
ଗଣେଶ ଗଣେଶରେ ସେ ହେବ କି ଶେଷ ॥
ହେଲା ହେଲାରେ ଏମାନ ବାଲ୍ୟ ପୌଗଣ୍ଡେ ।
କବି କବି ହେଲେ କହି ନୋହିବ ଭୁଣ୍ଡେ ॥
ନ-ବରଷେ ନବରସେ ବଳିଲା ମନ ।
ଆର ଆରମ୍ଭନ୍ଦେ ତାହା ଶୁଣ ସୁଜନ ॥
ବିଦଗଧ ବିଦଗଧଚିନ୍ତାମଣି ଏ ।
ଶ୍ୟାମ ସାମନ୍ତସିଂହାର କରିଲ ଲକ୍ଷ୍ୟେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତୃତୀୟ ଛାନ୍ଦ

କୃଷ୍ଣଙ୍କର କୈଶୋର ବର୍ଣ୍ଣନା । ଅନ୍ତ୍ୟାନୁପ୍ରାସ

ରାଗ—ରସକୋଇଲି

କୃଷ୍ଣ ପଉଗଣ୍ଡକାଳ ଅନ୍ତରେ । ନବକିଶୋର ବୟ ଆଗତରେ ।
ଶୋଭା ବିଚେଷ୍ଟା ବାହାର ଭିତରେ । ଦୀପ୍ତିମନ୍ତ ହେଲେ ସ୍ଥାନ ସ୍ଥିତରେ ସେ ।
ଯେସନ ଧୀମନ୍ତେ ଚିତ୍ତରେ ହେ ।
କ୍ରମେ କ୍ରମେ ଦିନୁ ଦିନୁ ଆନ ଆନ ରୀତି ଖ୍ୟାତି ଅତୀତରେ ଯେ ।
ଗତି ମତିରୁ ଚଞ୍ଚଳ ଅଧୀରେ । ପଳାଇ ରହିଲେ ନେତ୍ରବାସରେ ।
ବ୍ରୀଡ଼ା ବିଗ୍ରହ ରହିଲା ବକ୍ଷରେ । ସୁରସଙ୍କୁ ମନ ଭଜିଲା ଧୀରେ ସେ ।
ନୋହେ ରଚନ ବକ୍ଷରେ ଯେ ।
ସମସ୍ତ ଭଙ୍ଗିମା ଗୁଣ ସାର୍ଥ କଲେ ରହି ଆପଣାସିଦ୍ଧିରେ ଯେ ।
ସଂସାର ସାରକାନ୍ତିକି ଆଣିଲା । ଅମୃତ ମିଶାଇ ବାଟି ଛାଣିଲା ।
ବହି ଏ ମୂରତିକି ନିର୍ମାଣିଲା । ମର୍କତରଣାଣିରେ ରଣାଣିଲା ସେ ।
ଉପମା ସୃଷ୍ଟି କଣିଲା ଯେ ।
ମୋହନମନ୍ତ୍ରରେ ଜୀବନ୍ୟାସ କରି ସାର ସଂସାରେ ଜାଣିଲା ସେ ।
ଇନ୍ଦ୍ରନୀଳମଣି ହୁଳ ଦର୍ପଣ । ଯୋଖ କରିବା ଯେବେ ପଣ ପଣ ।
ତେବେ ତାହାର କାନ୍ତି ବଡ଼ପଣ । ହାରି କାନ୍ତିକି ହେବ ସମର୍ପଣ ସେ ।
ତହିଁ ଲାବଣ୍ୟ ଗୋପଣ ଯେ ।
ଚତ୍ରଭଙ୍ଗିମାନ ଗାତ୍ରସଙ୍ଗୀ ହେଲା ମୂର୍ତ୍ତିମନ୍ତରେ ଆପଣ ଯେ ।
ଦେଖିବ ଯେବେ ସେ ଶୋଭା ମୂରତି । ଶିବଙ୍କୁ ପ୍ରଶଂସା କରିବ ରତି ।
ପଞ୍ଚାନନା କଲେ ପଞ୍ଚବରତୀ । ମୋ ଛତି ହୁଅନ୍ତା ସିନା କରନ୍ତି ସେ ।
ଅନାଇଁ ପଞ୍ଚବରତୀ ସେ ।
ଆରତୀ ହୋଇ କେ ସୁରତି ଇଚ୍ଛାରେ କରିବ ନାହିଁ ପୀରତି ଯେ ।
କଳାକମଳ ମର୍କତଆରଶି । ଆନନ ମନ ନଏ ଆକରଷି ।
ଦେଇ ନ ପାରି ଉପମା ଭରସି । ଭଙ୍ଗିରେ ଯୋଗିଜନ ଯିବ ରସି ସେ ।
ସ୍ମିତ ସୁଧାକୁ ବରଷି ଯେ ।
ଭରି ଘନରସ ଉଛୁଳାଇ ଦେଲେ ନାଗହ୍ରୀହୃଦସରସୀ ଯେ ।
କ୍ରମେ ବଢ଼ନ୍ତେ ସୁଷମାତରଙ୍ଗ । ଆଶ୍ରୟ କଲେ ଆସି ନାନାରଙ୍ଗ ।
ଈକ୍ଷଣ ଚଞ୍ଚଳେ ଜିଣେ କୁରଙ୍ଗ । ମଦବିଘୂର୍ଣ୍ଣିତ ଅଳପ ରଙ୍ଗ ସେ ।
ଭ୍ରୂଲତା କାମଶାରଙ୍ଗ ଯେ ।
ଇଙ୍ଗିତ ଭଙ୍ଗିମା ପ୍ରସଙ୍ଗେ ନାରଇ ଗଞ୍ଜିବା ପାଇଁ ଶାରଙ୍ଗ ଯେ ।
ଯା ଶୋଭା ରଙ୍ଗିମା ନେତ୍ରପଥରେ । ପଡ଼ିଯାଇଁ ବନ୍ଧୁସ୍ତକର ଥରେ ।
ଅଣଆୟତ୍ତରେ ହୃଦୟ ଥରେ । ଅବଧି ବୁଦ୍ଧି ରହିଲା ଏଥରେ ସେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଦ୍ରବତ ହେଲେ ପଥରେ ଯେ ।
ଗଉତମ କଲେ ଉତ୍ତମ ଏ ବାଞ୍ଛା ହେଲା ଅମରନାଥରେ ଯେ ॥
ବାଳକାଳଖିତ କ୍ରମେ ଛୁଟିଲା । ବାଳକସଙ୍ଗରୁ ମତି ହଟିଲା ।
ସମବୟ ସଖା-ପ୍ରୀତି-ଘଟିଲା । ଗୃଗୁପ୍ତ କଥାମାନ ପ୍ରକଟିଲା ସେ ।
କାମେ ଚେଷ୍ଟା ଚହଟିଲା ଯେ ।
ପତି-ବ୍ରତା-ମତି ଧୂର୍ତ୍ତ ସଖୀଙ୍କ ସମୂଳ କରି ଲୁଟିଲା ସେ ॥
କୈଶୋର ଗୁରୁ ଯେ ଭଙ୍ଗିମାବାର । ନତ ନତ କଳା ଶିଖାଇବାର ।
ଇଙ୍ଗିତରଙ୍ଗେ ନେଇ ଠାରିବାର । ମନ୍ଦହାସରେ ଭାଷା କହିବାର ସେ ।
ପ୍ରୀତିଗୀତ ଗାଇବାର ଯେ ।
ମତ୍ତବୃଷଗତି ଗଜଗତିମତି ହେଲା ମନ ମୋହିବାର ଯେ ॥
ସ୍ନେହ ବଳିଲା ତନୁ ଯତନରେ । ଭୂଷାମଣ୍ଡନ ହେଲେ ରତନରେ ।
ଜଡ଼ା ସଜାଡ଼ି ଦିବ୍ୟ ସୁମନରେ । ରମିଲେ ରଙ୍ଗପୀତବସନରେ ସେ ।
ମନ ପାନ ଚନ୍ଦନରେ ଯେ ।
ସଙ୍ଗିସଙ୍ଗରେ ସଙ୍ଗୀତପ୍ରସଙ୍ଗରେ ଲୋଭ ଜାତ ସୁମନରେ ଯେ ॥
ନବଯୁବତୀପ୍ରେମ-ଲମ୍ପଟରେ । ଛଳ ଫୁଲର ଗଳନ୍ତ୍ରବାଟରେ ।
କାମାମନଙ୍କୁ ହରନ୍ତି ନାଟରେ । କଣ୍ଠର ବୋଲନ୍ତି କାହ୍ନା-ନାଟରେ ସେ ।
ଜଗନ୍ତି ଜଳଧାଟରେ ଯେ ।
ସୁନ୍ଦରପୁରନ୍ଦର ଦାନ ହରନ୍ତି ଆକଟରୁ କପଟରେ ସେ ॥
ଭଙ୍ଗି ବିଷୟରେ କୃଷ୍ଣ ଗଣ୍ଡିଆ । କାହା କଟିସ୍ଥିତେ ଦେଖି ମାଠିଆ ।
ବୋଲନ୍ତି ବନ୍ଧୁ ମୁଁ ତୋର ବେଠିଆ । ପାଣି ଆଣିବାକୁ ମୋତେ ପଠିଆ ଗୋ ।
ଶୁଣି ଗୋପୀ ହୋଇ ଠିଆ ଯେ ।
ହସିଲା ଭାଗିଲା ବଡ଼ିଲାକୁ କାହ୍ନୁ ହେଲୁ ଏଡ଼େ ଅପାଠିଆ ରେ ॥
ଜଗି ଦଧି ବିକଯିବା ବାଟକୁ । ଗୋପୀଙ୍କି ମାଗନ୍ତି ଦାଅ ଘାଟକୁ ।
ନେବି ମୁଁ ତନୁ ତନୁପୁରଟକୁ । ଏତେ କହି ଯାଇଁ ଧରନ୍ତି ଘଟକୁ ସେ ।
କେ ବୋଲେ ଏତେ ନଟକୁ ଗୋ ।
ସଜନ କହ ଗୋରସ ଦେବା ବାଟ ଛାଡ଼ି ଏଯିବା ହାଟକୁ ଗୋ ॥
କେ ତହୁଁ ବୋଲେ କର ଆକଟକୁ । ଜାଣିନାହିଁକି ଏ କଂସରାଟକୁ ।
କେ ବୋଲି କାଲି ବୁଝିବା ନାଟକୁ । ଖୁଆଇବ ମାଡାହାତେ ଛଟକୁ ସେ ।
କେ ବୋଲେ ନନ୍ଦଗୃଟକୁ ଗୋ ।
ମୂର୍ଚ୍ଛିଲେ ଏ ଗୋପେ କେଉଁ ଗୋପୀ ପୁଣି ରଖି ପାରିବ ଘଟକୁ ଗୋ ॥

ଔଦାର୍ଯ୍ୟ ଭଙ୍ଗି

କେ ବୋଲେ କି କହୁଛ ଏ ବଟକୁ । ମୁହିଁ ନ ଲଗାଅ କେହି ଏଟକୁ ।
ଭଲ ବୁଝିଛ କି ଏହି ଖଣ୍ଡକୁ । ଜାଣି ନାହିଁତ ତାହା କପଟକୁ ସେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ନେଲା ପୂତନାଘଟକୁ ଯେ ।
ନାସ୍ତି ନାଶିବାକୁ ଆସିଛି ମଲ୍ଲଙ୍କ ବାନ୍ଧିସିନା ମୁକୁଟକୁ ଯେ ॥
କରରେ ଦେଇ କରପଲ୍ଲଠିକ । କହୁଛନ୍ତି କାହ୍ନୁ କେଉଁ ପେଣ୍ଠୀକ ।
ତୁ ମୋର ସମାନ ହୃଦଗଣ୍ଠିକ । ମନେ ନ ରଖିବୁ କଥା ଗଣ୍ଠିକ ସେ ।
ମୋର ଜାନୁ ବଲଠିକ ଯେ ।
ଦେଇ ବଳେ କର ମହାଦେବ ମୋର, ନ ଦିଅ ଲଜ୍ଜେ ପିଠିକ ଗୋ ॥

ସ୍ନେହଭଙ୍ଗୀ

କେଉଁ ଗୋପୀ କହେ ମୁଖ ହଲାଇ । କି କହୁଛ କାହ୍ନୁ ଛାତି ଫୁଲାଇ ।
ବଡ଼ପଣ ଦେବୁଁ ସିନା ଭୁଲାଇ । ଚନ୍ଦ୍ରଦାନ ମାଗୁ ନେଇ ବୁଲାଇ ସେ ।
ମଲେତ ଆମ୍ଭେ ମଲାଇଁ ହେ ।
ଜୀବ ଥିଲେ ଦେଖାଯିବ ଗୋପୀପାଦମୁଦରେ ନେବା ମୂଲାଇ ଗୋ ॥

ଗର୍ବଭଙ୍ଗୀ

କେ କହଇ ହଇ ଚୋର ବଡ଼ାଇ । ରାଜା ଅଗେ କହି ଦେବୁଁ ଛଡ଼ାଇ ।
ନନ୍ଦର ସମ୍ପତ୍ତି ଦେବୁଁ ବୁଡ଼ାଇ । ଦେବୁଁ ଗର୍ବେଶ୍ୱର ପଣ ଛଡ଼ାଇ ସେ ।
ମନ୍ଦରୁଁ ଦେବୁଁ ତଡ଼ାଇ ଯେ ।
ଏତେ ଗରବ ଗୋପୀଙ୍କି ଘାଟ ମାଗୁ ନନ୍ଦର ଗୋରୁ ଅଡ଼ାଇ ଯେ ॥

ତର୍ଜନଭଙ୍ଗୀ

ଯେବେ ପରାଣ ଥିବ ଏ ପିଣ୍ଡରେ । ଆଉ ଦିନେ ନ ଯିବୁଁ ଏ ଦାଣ୍ଡରେ ।
କେଉଁ ପ୍ରୟୋଜନ ଏତେ ଦଣ୍ଡରେ । ଚାଲ ଗୋ ବାହୁଡ଼ି ଯିବା ଗୃଣ୍ଡରେ ସେ ।
ମାତିଛି ଫୁଲକାଣ୍ଡରେ ଗୋ ।
ଚଣ୍ଡ ହୋଇ ଦେଖ ବିଖଣ୍ଡ କହୁଛି ମଧୁର ନାହିଁ ତୁଣ୍ଡରେ ଗୋ ॥

ବରକ୍ତଭଙ୍ଗୀ ଉକ୍ତି

କୃଷ୍ଣ କହନ୍ତି ଯେ କର ତର୍ଜନା । ଏରୂପେ କହି ଯେ ଆଉ ଗର୍ଜନା ।
କୂଟ କପଟ ବଚନ ସର୍ଜନା । ଆପଣା ଇଚ୍ଛାରେ ଦଣ୍ଡ ଅର୍ଜନା ସେ ।
ମାନ ମହତ ବର୍ଜନା ଗୋ ।
ଅନ୍ୟାୟ କାହାର ମାରନ୍ତୁ ପବର ଛାମୁରେ ହେଉ ମାର୍ଜନା ଗୋ ॥

ସ୍ନେହଭଙ୍ଗୀ ଉକ୍ତି

ଶୁଣି ଗୋପୀ ସର୍ବେ ହେଲେ ହରଷ । ହୃଦରେ ପୂରିଲା ପ୍ରେମସୁରସ ।
ବୋଇଲେ ବିକୀ ଆସିବୁଁ ଗୋରସ । ଦେଖି ଯାଉଥିବୁଁ ମୁଖସାରସ ସେ ।
ବଢ଼ାଇଲ ନୀତ ରସ ଯେ ।
ତୁମ୍ଭ ବାଞ୍ଛା ପ୍ରତିବନ୍ଧିବାକୁ ଆମ୍ଭ ହୃଦ ହେଲା ଆଦରଣ ଯେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କୃଷ୍ଣ ଧରିଲେ ଯେ ଗୋପୀଙ୍କ କର । ବୋଇଲେ ମୁଁ ତୁମ୍ଭ କୀଣା କଙ୍କର ।
କରଧାରିଣୀ ପରି ମୋତେ କର । ସମାନ ମୁହିଁ ପଦଧାବକର ସେ ।
ତୁମ୍ଭ ବଚନ ଶାକର ଗୋ ।
ବିନା ମୋ କାମନା ଆନ ନାହିଁ ବନ୍ଧୁ ଛୁଉଁଛି ଚରଣଙ୍କର ଗୋ ॥
ପରସ୍ପରେ ଏହିରୂପେ କହିଲେ । ହସି ଗୋପୀ ବକ୍ରନେତ୍ରେ ଚାହିଁଲେ ।
ଜଗତମୋହନ ମନ ମୋହିଲେ । ଗୋପୀଙ୍କ ହୃଦରେ କୃଷ୍ଣ ରହିଲେ ସେ ।
ପ୍ରୀତି ଆରମ୍ଭ ପାଇଲେ ଯେ ।
ଭାବ ସନ୍ଧାନ ବିଧାନ ବରଧନ ମାନସେ ଜାଣି ରହିଲେ ଯେ ॥
ଦିନୁ ଦିନୁ ବଢ଼ାଇଲେ ପୀରତି । ହଟନାଟ କାହିଁ କେତେ କରନ୍ତି ।
ସେ ନଗରେ ଯେତେ ପତିବରତୀ । ତାହାଙ୍କର ମନ ହେଲା ଆରତ ସେ ।
ଧରି ନୋହିଲା ଧୀରତ ଯେ ।
ଲାଜ ଦୂର କଲେ ରତିପତି ନତି ସ୍ତୁତି ଦେବାରୁ କରତ ଯେ ॥
କେବେ କୃଷ୍ଣ କାହାପୁରେ ପଶନ୍ତି । କେଉଁ ଗୋପୀ କେଉଁଠାରୁ ଆସନ୍ତି ।
କେ କାହାର ଗୁଣଗଣ ଘୋଷନ୍ତି । କେ କାହାଠାବକୁ ଦୂତୀ ପେଷନ୍ତି ସେ ।
କେ କଣ୍ଠ ଲାଗି ବସନ୍ତି ଯେ ।
ଆସନ୍ତି ରସନ୍ତି ମିଶନ୍ତି ହସନ୍ତି ଭାଷନ୍ତି ରସେ ଭାସନ୍ତି ଯେ ॥
ବ୍ରହ୍ମା ଶିବ ପରଜନ ଯାହାର । ସେ କରନ୍ତି ନାନା ରଙ୍ଗେ ବିହାର ।
ସେ ପ୍ରଭୁଙ୍କୁ ମୋର କୋଟି ଜୁହାର । ଧୀରଜନଙ୍କର ହୃଦୟ ହାର ସେ ।
ବୋଲେ ସାମନ୍ତସିଂହାର ଯେ ।
କୃଷ୍ଣଲୀଳା ଗୀତ ଶୁଣିଲେ ମନକୁ ହରିବ ନାହିଁ କାହାର ଯେ ॥

ଚତୁର୍ଥ ଛାନ୍ଦ

କିଶୋରୀଙ୍କ ଜନ୍ମ

ରାଗ—କଲ୍ୟାଣଆହାରୀ

ଧୀରେ ହେନ ରାଧା ଜନ୍ମାଦି ଉତ୍ସବ ତତ୍ତ୍ୱ ସାଧୁଶାସ୍ତ୍ରେ ଖୋଜିବ ।
ବୃଷଭାନୁ ଭାନୁବଂଶୀରାଜ ହେଜ ଦନୁଜ କଂସରେ ବିଭାବ ।
ଅବନ୍ତି ତେଜି ଗୋକୁଳ ଯାବଟରେ ।
ରହି କନ୍ୟାସ୍ପଦେ ଗୋକୁଳ ସଂପଦେ ବୃତ୍ତି କଳ୍ପତରୁତଳରେ ।
ତାଙ୍କ ମହିଷୀ କୀର୍ତ୍ତିଦା ନାମ ରସି ଶ୍ରୀ ଗୋପେଶ୍ୱର ସେବାଫଳେ ।
ଉଦର କ୍ଷୀରସାଗରରୁ ପରମା ମହାଲକ୍ଷ୍ମୀଙ୍କ ଜାତ କଲେ ।
ଦୁର୍ବାସା ଜାତକ ବିଧି ସିଦ୍ଧିମନ୍ତ ।
ର ରଶ୍ମି ରସି ଅଗ୍ନି ବୀଜ ଅଧିକା ହେନ ରାଧିକା ନା ଦେଲେତ ।
ଶ୍ରୀମତ ଉନ୍ନତ ଜାଣି ପୂର୍ଣ୍ଣମାସୀ ଶ୍ରୀମତୀ ନାମ ପୁଣି ଦେଲେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବୃନ୍ଦା ବୃନ୍ଦାବନେଶ୍ୱରୀ ସାର୍ଥ କରି ନାମ କଳ୍ପିତ ବର୍ଣ୍ଣିଲେ ।
ଜନକ ରସ ରସବତୀ ବୋଇଲେ ।
ଜନନୀ ବିନୋଦିନୀ ନାମ ବିନୋଦଭାବ ଆନନ୍ଦେ ଦତ୍ତ କଲେ ।
ଦ୍ରିଗଦ ନେଇ ବିମୁଦ୍ରିତ ହେବାରେ ଜନକ ଜନନୀ ବରଷ ।
ଜାଣି ପୂର୍ଣ୍ଣିମାସୀ ଆସିଣ ଯଶୋଦା ଘେନାଇ ହେଲେ ପରବେଶ ।
କୃଷ୍ଣଙ୍କୁ କାଖରେ ଘେନ ନନ୍ଦରାଣୀ ।
ବିଲୋକନେ ବିଲୋକିଲେ କୃଷ୍ଣମୁଖ ପ୍ରଥମେ ଶୁଭ ସୁଲକ୍ଷଣୀ ।
କୃଷ୍ଣ ସର୍ବେନ୍ଦ୍ରିୟ ଆହ୍ଲାଦିନୀ ସର୍ବେନ୍ଦ୍ରିୟ ଆନନ୍ଦବର୍ଦ୍ଧନ ।
କୃଷ୍ଣ ଅଧରାମୃତ କ୍ଷୀର ପ୍ରଥମେ ଯଶୋଦା କରାଇଲେ ପାନ ।
ଏ କଥା ସନ୍ଧିନୀକଳାପ ସମ୍ମତ ।
ଜନକ ଜନନୀ ସେହି ଦିନୁ ଦିନୁ ଦିନୁ ଆନନ୍ଦ କଲେ ମତି ।
ସୁରଙ୍ଗ ବାଙ୍କିଆରେ ରଙ୍ଗା ଦୋଳନ ଶୋଭନ ଏସନ ମାନିଲି ।
ପହୁଡ଼ି ରମା ଉମାମୂର୍ତ୍ତି ବର୍ଣ୍ଣିଁ ପ୍ରବାଳ ପଲ୍ୟଙ୍କେ ଅଛିଲ ।
ଲାଳନା ପାଳନା ଦିନୁ ଦିନୁ ପାଇ ।
କଳାନିଧିକଳା ବୃଦ୍ଧି ବିଧି ରସନିଧି ସୁଷମା ବିରାଜଇ ।
ଅଙ୍ଗୁଳି ଅଙ୍ଗୁଳି ଧରି ଚାଲିବାର ବଡ଼ ବିଚିତ୍ର ଶୋଭା ଗୃହେଁ ।
ରତିପତି ମତି କଳ୍ପିଲା ଜଗତ ଏହା ସାହାରେ ଦେବ ମୋହି ।
ଶଙ୍କର ଜିଣିବାରେ କେତେ ମାତର ।
ହରମନ ହରିବାକୁ ଏ ଅମୋହ ଅସ୍ତ୍ର ଭିଆଣ ବିଧାତାର ।
କାନ୍ଥରେ ଲୁଚିଲି ଲୁଛି କ୍ଷଣକରେ କରେ ଧୂଳି ଗାତ୍ର ମଣ୍ଡନ ।
ଗୋରଜ ପତନ କେତକୀ ପତନ ଶୋଭାକୁ କରଇ ଦଣ୍ଡନ ।
ଶ୍ରୀ ମୁଖ ସ୍ୱେଦ ଜନିତେ କି ସୁନ୍ଦର ।
ମୃଗାଙ୍କଅଙ୍କରୁ ଅମୃତ ବିନ୍ଦୁ କି ପ୍ରତିରେମୋହମ ପ୍ରଚୁର ।
ପଞ୍ଚସମ୍ବତ୍ସରେ ବିଦ୍ୟା ଆଦ୍ୟାରମ୍ଭ ଦମ୍ଭ କୁମ୍ଭ ଭଙ୍ଗି ଆଚରି ।
ଅସମାନ ମାସରେ ଯେ ସମାପତି ସମସ୍ତ କଲେ ହେତୁ କରି ।
ବିଦ୍ୟା କି ସ୍ୱୟଂସିଦ୍ଧ ମହାବିଦ୍ୟା ସେ ।
ବାଣୀ ଋଣୀ ହୋଇଥିଲେ ପୁଣି ଗୁଣି ହୋଇଲେ ସକଳ ମାନସେ ।

ଷଷ୍ଠ ଛାନ୍ଦ

ଅପୂର୍ବାନୁପ୍ରାସ, ନାମାସ୍ୱାଦନ

ରାଗ—କଳସା

ଆନନ୍ଦେ କୋବିଦେ ପିଅ ଏ ରସ ଶ୍ରବଣେ ।
ଆଦିକନ୍ଦ ଶ୍ରୀରାଧିକା ଶ୍ରୀନାମ ଶ୍ରବଣେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଆଜ୍ଞାଦନ ଧନ୍ୟ ମୋର କରନ୍ତୁ ବିସ୍ତର ।
ଆପ୍ତୀ କୃପା କରି କଲେ ଏ ନାମ ପ୍ରସ୍ତର ॥
ଆଶ୍ଚର୍ଯ୍ୟ ସେ ରମା ବୋଲି ଯେଉଁ ବେଦ ବର୍ଣ୍ଣି ।
ଆକଳନ କରୁଥାଇଁ କେମନ୍ତ ତା ବର୍ଣ୍ଣି ॥
ଆତ୍ମଭୂତ ଅଜ୍ଞଜନ ନୟନବେନକ ।
ଆନନ୍ଦ ତଟିନୀ ତଟ ଘଟନା ଏ ନକ ॥
ଆସୁଛି ମନକୁ ରତି ପୀରତି ମୂରତି ।
ଆସିଛି ପବିତ୍ର କରିବାକୁ ଏ ଧରିତ୍ରୀ ॥
ଆଦ୍ୟ ବେଦପଦ ଅନୁରାଗ ଜୀବର କି ।
ଆନ ତୁଳନା କେ ଦେବ କାହିଁରୁ ତରକି ॥
ଆଖି ଧନୁ ଶର ଦୃଷ୍ଟି କରଇ ଅତନୁ ।
ଆତ୍ମା ଅବଶୁଁ ବିବର୍ଣ୍ଣ ହୋଇଗଲା ତନୁ ॥
ଆରମ୍ଭ ଦମ୍ଭ ଭାଜିଲା ନ ରହି ହୃଦରେ ।
ଆସକତ ପର ତନୁ ହେଲା ଚନ୍ଦ୍ରାଙ୍କୁରେ ॥
ଆସି କି ଅମୃତରସ ପଡ଼ିଲା ମୁଖରେ ।
ଆସ୍ୱାଦନ୍ତି ରାଧାନାମ ସେବଧିରେ ଖରେ ॥
ଆବେଶେ ଲେହନ୍ତି ଓଷ୍ଠ ସେ ନାମ ସ୍ୱାଦରେ ।
ଆଚ୍ଛନ୍ନ କରନ୍ତି ପୁଣି ବାଣୀ ସ୍ନେହାଦରେ ॥
ଆଉଜିଲେ ସଖାଙ୍କ ଉରକୁ ବେଣୁଧର ।
ଆରତ ଶ୍ୱାସେ ବିରଙ୍ଗ ଦିଶିଲା ଅଧର ॥
ଆତଙ୍କ ହୋଇ ସଖାଏ ଛନ୍ଦେ ପଚାରନ୍ତି ।
ଆତ୍ମହୃଦ କାହିଁ ପାଇଁ ଦେଉଛ କରତି ॥
ଆନ କିଛି ବିଶ୍ୱାଇ କହନ୍ତେ ରସେଶ୍ୱର ।
ଆଶବଶେ ବଲେ ବାହାରଇ ରାଧାସ୍ୱର ॥
ଆଶୟରୁ ବିଷୟ ଜାଣିଲେ ସଖାବାର ।
ଆସ୍ପଦ ବଚନମଧୁ କଲା କହିବାର ॥
ଆଖି ଠାରି ସୁଦାମ ବୋଲେ କି ହେଉଅଛି ।
ଆନ କେ ବୋଇଲା ତୁ ନ ଜାଣୁ ବିଷେ କିଛି ॥
ଆନନ କୁଆଇଁ ଲାଜେ ବସିଲା ସୁବଳ ।
ଆର୍ତ୍ତ କରାଇଲା ମନ କୃଷ୍ଣ ପ୍ରେମ ବଳ ॥
ଆର୍ଦ୍ରହୃଦୟ ସଖାସମୂହ ହୋଇଲେ ।
ଆଶ୍ୱାସି ଗୋବିନ୍ଦଗାନ୍ଧି ପ୍ରବୋଧି ବୋଇଲେ ॥
ଆରଷେ ଶୁଣିକୁଁ ଏହି ସ୍ଥାନ ଚନ୍ଦ୍ରାମଣି ।
ଆତୁର ହୋଇ କାହିଁକି ହୁଅ ଚନ୍ଦ୍ରାମଣି ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଆମ୍ଭ ବାଞ୍ଛା ପୂର୍ଣ୍ଣ ହେବ ତୁମ୍ଭର ନିକଟେ ।
ଆଦ୍ୟା ସାହା ହୁଅନ୍ତି ଅତ୍ୟନ୍ତ ସଂକଟେ ॥
ଆଶ୍ୱାସି କହନ୍ତି କୃଷ୍ଣ ଧୈର୍ଯ୍ୟ ହେବାରେ ।
ଆରମ୍ଭିଲୁଁ ଚେଷ୍ଟା ତୁମ୍ଭ ମନ ଜାଣିବାରେ ॥
ଆହୁରି କି ଜଣା ନାହିଁ ହସି କହେ ମଧୁ ।
ଆଜନ୍ମ ତୋ ସଙ୍ଗୀ ମୁଁ ଶିଖିଛୁ ପ୍ରେମମଧୁ ॥
ଆଣି କଣ୍ଠୁର ନ ବୋଲ ଆପଣ ଗାତ୍ରରେ ।
ଆକ୍ଷେପ କରି ବାହଲେ ଗୋବିନ୍ଦ ନେତ୍ରରେ ॥
ଆରତିଭଞ୍ଜନଲୀଳା ନ ଯାଉ ମୋ ମନୁ ।
ଆକଳ୍ପନା କରିଲ ଯେ କବି ଅଭିମନ୍ୟୁ ॥
ଆ ପୂର୍ବାନୁପ୍ରାସ ଛାନ୍ଦ ପ୍ରାନ୍ତଯମକରେ ।
ଆବେଗ ହୋଇଲା ଏ ତୋଷିବ ରସିକରେ ॥

ଅଷ୍ଟମ ଛାନ୍ଦ

ବାଳରଉଦ୍ଭଶାବାଣୀରେ । ଉପୂର୍ବାନୁପ୍ରାସ

ରାଗ—ଆହାରି

ଉଷତରେ ଶୁଣ ହେ ସୁଧୀରେ ଧୀରେ । ଉ ପୂର୍ବହିଁ ପ୍ରାନ୍ତଯମକରେ କରେଁ ॥
ଉତ୍ତମା ଯେ କୃଷ୍ଣନାମ ରସେ ରସେ । ଉଠି ଯାଇ ନ ପାରି ଅବଶେ ବସେ ॥
ଊର୍ଦ୍ଧ୍ୱନିଶ୍ୱାସ ଛାଡ଼ିଲ ଘନ ଘନ । ଉପରକୁ ଚାହିଁ ହୋଏ ଛନ୍ନ ଛନ୍ନ ॥
ଊଣା ସର୍ବ ଅଭିଳାଷ ଦିନୁ ଦିନୁ । ଉପବାସରେ ସୁତନୁ ତନୁ ତନୁ ॥
ଉନ୍ନିଦ୍ରରେ ହେଲା ପ୍ରତିଦିନ ହୀନ । ଉଲ୍ଲସଇ ଗାତ୍ର ନେତ୍ର ଥନ ଥନ ॥
ଉଚ୍ଛୁଳିଲ ନୟନରୁ ବାରବାର । ଉରଜରେ ପଡ଼ି ହେଲା ଜରଜର ॥
ଉଦ୍ଭାବିତ ପ୍ରେମେ ହୃଦ ଗରଗର । ଉଦେ ସାତ୍ତ୍ୱିକ ହେବାରେ ଥରଥର ॥
ଉଚ୍ଚାରଣେ କୃଷ୍ଣ ଅବିରତ ରତ । ଉଠେ ଗାତ୍ରରେ ଚମକ ଶତଶତ ॥
ଉର ଉପରୁ କଲେ ବାହାର ହାର । ଉଦ୍ବେଗରେ ବାଣୀ କହେ ତରତର ॥
ଉପାସ୍ୟ ଯେ କୃଷ୍ଣ ନାମ ମରମର । ଉଦାସିନୀ ନ ଜାଣେ ଅସାର ସାର ॥
ଉରୁଶୋଭିନୀ ଏକାନ୍ତେ ଚିନ୍ତେ ଚିତ୍ତେ । ଉପୁଜଇ ଚେଷ୍ଟାମାନ କେତେ କେତେ ॥
ଉତ୍କରଷ ତତ୍ତ୍ୱଜାତ ହେଲେ ହେଲେ । ଉଦ୍ଭାବିତ ଏ ଚେଷ୍ଟା ପ୍ରବଳେ ବଳେ ॥
ଉତ୍କଣ୍ଠିତା ବଳପଡ଼େ ବାରବାର । ଉପତାପରେ ବଢ଼େ ହୃଦର ଦର ॥
ଉପାୟୃତ ଏଥିକି ସହିତ ହିତ । ଉଦ୍ଦାମରେ କହିଲେ ଲଜ୍ଜାତ ଜାତ ॥
ଉରୁପଣ ଯିବ ଅପ୍ରମିତ ମତ । ଉଚ୍ଚବାଚ ହେବତ ବଷତ ସତ ॥
ଉଦକାଶଙ୍କ୍ୟେ ପଡ଼ିବ ଜୀବ ଯିବ । ଉଚିତେ ଏ ହେବ କି ଦଶିବ ଶିବ ॥
ଉଡ଼ିଯିବ ମୋ ନିନ୍ଦା ଏ ପୁଞ୍ଜି ପୂର । ଉଗ୍ର ହୋଇ ଉଡ଼ିବ ଆତୁର ତୁର ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଉପନିଷଦେ ହେବାପବାଦ ବାଦ । ଉଗ୍ର ହର ମୋରଏ ଆପଦ ପଦ ॥
ଉତ୍ତରକୁ ହେବ ସୀମସ୍ଥାନ ସ୍ଥାନ । ଉଦଯୋଗ ଦକ୍ଷିଣ ଗମନ ମନ ॥
ଉଡୁକାନ୍ତମୁଖୀ ଚନ୍ତା କରୁ କରୁ । ଉଚ୍ଛନ୍ନ ତା ମନ ଦମ୍ଭ ଧରୁ ଧରୁ ॥
ଉର୍ଣ୍ଣନାଭସୂତ୍ର ମାନସରୁ ସରୁ । ଉପରାଣକୁ ମଣେ ନଗରୁ ଗରୁ ॥
ଉଦଧିରେ ଯେମନ୍ତ ତରଙ୍ଗରଙ୍ଗ । ଉପପ୍ଳୁତ ଚତ୍ତେ ସେ ପ୍ରସଙ୍ଗ ସଙ୍ଗ ॥
ଉତ୍ସର୍ଗ ଯେ ହୋଇଲା ଆଶତ ସତ । ଉତ୍ଥିତ ତା ହୃଦରୁ ବହ୍ନିତ ହୃତ ॥
ଉହାଡ଼ରେ ସେ କୃଷ୍ଣଳହତ ହତ । ଉପଯୋଗତାପକୁ ସେହତ ହତ ॥
ଉପାଧିକ ତେଜିଲା ସୁମତ ମତ । ଉପଜୀବ କୃଷ୍ଣ ଗଜଗତ ଗତ ॥
ଉହୁଁ ଲକ୍ଷି ବାହାର ମୁଖରେ ଖରେ । ଉପବନ ନ ରସେ ଅଧୀରେ ଧୀରେ ॥
ଉତ୍କଣ୍ଠନ୍ତେ ତାଳ ସୁସଙ୍ଗୀତ ଗୀତ । ଉତ୍ସବକୁ ନ ମଣେ ରୁଚତ ଚତ୍ତ ॥
ଉଚ୍ଛୁରରେ ବଢ଼ାଇଲା ମୀତ ନତ । ଉଷ୍ଣ ଶଶକରତ ଅଗ୍ରତ ଗତ ।
ଉଦନ୍ତ ଯେ ଯେଣେ ବୋଲେ କୃପ କୃପ । ଉଦ୍ଦେଶଣାରୁ ବଢ଼େ ପ୍ରତାପ ତାପ ॥
ଉତ୍ପୂଲାକ୍ଷୀ ଦୁଃଖ ଅସମ୍ଭାର ଭାର । ଉଦ୍ଧତରେ ବୋଲେ ସହ ଧର ଧର ॥
ଉଭା କହଇ ସେ ପୁର ଥରେ ଥରେ । ଉଦ୍ଦାମ ସେ କରେ ଆଚ୍ଛନ୍ନରେ ନରେ ॥
ଉତ୍ପ୍ରୋଧରୁ ଏ ଖିତକ ସହି ସହି । ଉଦ୍ଦାମ ଏ ନୋହେ କହେ କେହି କେହି ॥
ଉତପାତ ଏକ ଖିତ କହ କହ । ଉତ୍କଟ ଏ କଥା ନୁହେ ରହ ରହ ॥
ଉଜ୍ଜ୍ୱଳାଙ୍ଗରେ କେ ନେଲା ହର ହର । ଉଦାରତା ଅଛୁ ଜବାଧର ଧର ॥
ଉରଗରୁ ଗରୁତା ନଶ୍ୱାସ ଶ୍ୱାସ । ଉଜ୍ଜ୍ୱଳରେ ଇଚ୍ଛା କ ନ ଭାଷ ଭାଷ ॥
ଉପର କ ଆମ୍ଭେ ଗୋ ରମଣୀମଣି । ଉତ୍ତରତ ନ କହ କ ଗୁଣି ଗୁଣି ॥
ଉପପତ ଇଚ୍ଛି କ ଏମନ୍ତ ମତ । ଉଦ୍ଦୀପନ ହେତୁ କେ ବଧିତ ଧୀତ ॥
ଉପତାପେ ବୁଡ଼ିଲୁ ଆଗୁରେ ଗୁ ରେ । ଉଦ୍ଧବ କେ ହୋଇ ପ୍ରଭୁ ରେ ଭୂରେ ॥
ଉକ୍ତି ନ ଦେଲେ ଶୁଣି ସଂଗୀର ଗିର । ଉପକ୍ରୋଶେ ନତ ସୁଦାସୀର ଶିର ॥
ଉଦ୍ୟତ ସନ୍ଦେହରେ ଆଲୀ ଆଳି । ଉପଲକ୍ଷ କଲେ ମନେ ଭାଳି ଭାଳି ॥
ଉପଇନ୍ଦ୍ର—ପଦ ଅଭିମନ୍ୟୁ ମନୁ । ଉପେକ୍ଷା ଯେ ନୋହିବତ ଦନୁ ଦନୁ ॥
ଉତବାସନା ମୋର ସାଗର ଗର । ଉଦ୍ଧରଣ କର ଏଥୁଁ ଧରଧର ॥

ଦଶମ ଛନ୍ଦ

ବାଳତଉଦ୍ଧଶାବାଣୀରେ କୃଷ୍ଣ ପଟ୍ଟ—ବଲୋକନ । ଅଦ୍ୟପ୍ରାନ୍ତାନୁପ୍ରାସ

ରାଗ—ଆହାର ।

ଧୀରେ ଶୁଣ ଏ ଉତ୍ତରୁ ଯେତେ ରସ । ଧୀରେ ଭାଳ ବଶାଖା ହୋଇ ବରସ ॥
ବରଜଯାକରେ କରେ ଅନ୍ୱେଷଣ । ବରବରନାର ଯିବାକୁ କଷଣ ॥
ଦନେ ନାନ୍ଦମୁଖୀ ଭେଟ ସୁଯୋଗରେ । ଦିନେ ବଶାଖା କହଇ ତା ଆଗରେ ॥
ସଜନୀକ ଆମ୍ଭର କ ବ୍ୟାଧି ହେଲା । ସଜ ଲାଗି ଆଦର କଲେଣି ହେଲା ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପୂର୍ଣ୍ଣିମାସୀ କୃଷ୍ଣନାମ ଶୁଣାଇଲେ । ପୂର୍ଣ୍ଣଚନ୍ଦ୍ରାରେ ରାଧାଙ୍କୁ ଭସାଇଲେ ॥
ଶ୍ରବଣ କରି ସେ ନାମ ହୃଦେ ଧରି । ଶ୍ରବଣ କାହିଁ ନ ଦେଲେ ଜବାଧରୀ ॥
ଆନ ଆନକୁ କୁହଇ ତା ବାହାର । ଆନନ୍ଦ କି ହେବ ହୃଦେ ବହି ହାର ॥
ବରସାଧ୍ୱୀ ତୁମ୍ଭେତ ପୁଣି ସୁଜାଣ । ବରାଙ୍ଗୀ ହିତପାଇଁ କି କହୁ ଜାଣ ?
ହସି କହେ ନାନ୍ଦୀମୁଖୀ ଏ ବଚନେ । ହଂସୀଗତି ବ୍ୟାଧି ଯିବ ଏ ପାଚନେ ॥
ନାଗର କୃଷ୍ଣସଙ୍ଗତେ ମିଳାଇବ । ନାଗକେଶର ସୁରସେ ମଜ୍ଜାଇବ ॥
ରୁଚି ପଦ୍ମିନୀ ମୂଳ ତହିଁ ପଡ଼ିବ । ରୁଚିର ପରିପାକରେ ସଜାଡ଼ିବ ॥
ସୂଚିକା ରସ ସଂଯୋଗ କରି ବଟୀ । ଶୂଚି ହୋଇ ପିଅ ରାଧେ କହିବଟି ॥
ଯିବ ଦେହଦାହ ତାପ ଏହାଙ୍କର । ଜୀବନହଙ୍ଗୀ ତୁମ୍ଭେ ସହ୍ମିନକର ॥
ବିଶାଖା କହେ ଏ ଦ୍ରବ୍ୟ ସୁଦୁର୍ଲ୍ଲଭ । ବିଶାରଦ ବୈଦ୍ୟ ବିନା କି ସୁଲଭ ॥
ଅଣି ଦେଲେ ନାନ୍ଦୀମୁଖୀ ଏ ବଚନେ । ଆସି ସୁପଦାର୍ଥେ ଦେବ ତା ଗୋଚନେ ॥
ପୁରକୁ ନେଇଁ ଶ୍ରୀକୃଷ୍ଣପଟ ଆଣି । ପୁରତେ ମେଲନ୍ତେ ଚାହେ ସେ ସିହାଣୀ ॥
ବିଧାନ କେ କଲା ବିଶାଖିକା ଭାଷେ । ବିଧାତାକୃତ ପରି ସତ ନ ଆସେ ॥
ସତ କି ଏ ପଟମୂର୍ତ୍ତି କି କପଟ । ସନ୍ତୃପ୍ତ ନୋହିବ କେ ଦେଖିଲେ ପଟ ॥
ଧୀରେ ଶୁଣି ନାନ୍ଦୀମୁଖୀ କହେ ଗିର । ଧୀରେ ଘେନ କାନ୍ତ ଏହି ତୋ ସଙ୍ଗିର ॥
ତାତ ଦତ୍ତକଳାଦକୁ କହିଛନ୍ତି । ତା-ତଳପାତଳେ ରାଧା ରହିଛନ୍ତି ॥
ପରମେଷ୍ଠୀ ପୂର୍ବେ କରୁଥିଲା ସେବା । ପରମପଟ ସେ ଲଭିଥିବ ଅବା ॥
ପରସନ୍ନେ ଦେଇଥିଲେ ମୋ ପିତାଙ୍କୁ । ପରତେ ମୁଁ ତାତ କହିବାରେ ତାଙ୍କୁ ॥
ଭାଷିଲା ବିଶାଖା ଏହା ଯା ବୋଇଲା । ଭାସିଲାଜନକୁ କୂଳେ ଲଗାଇଲ ॥
ଅନନ୍ଦ ସେ ପଟ ଘେନ ଏହା ଭାଷି । ଆନନ ପ୍ରସନ୍ନ କରି ପିକଭାଷୀ ॥
ପୁରେ ପ୍ରବେଶ ଯାଇଁ ରାଧାର ବେଗେ । ପୂରେ ହା ରବେ ସେ ପୁଣି ଉଦବେଗେ ॥
ଶତଦଳନେତ୍ରା ମୁଖ କଲା କରୁ । ସତ ଉରରୁହେ ଗୋପ୍ୟ କରୁ କରୁ ॥
ସହୀ ବେଢ଼ି କରୁଛନ୍ତି ଉପଚାର । ସହି ନୋହେ କେ ବୋଲେ ଏ କି ? ପଚାର ॥
ସଜସରୋଜ ବଦନ କରି ନତ । ସଜନୀ ଅନବରତେ ଅଜ୍ଞାନ ତ ॥
ଜଟିଳା ପୃଚ୍ଛନ୍ତେ ସଖୀ ବ୍ୟାଧି ଛଳେ । ଜଟିଲେ ସେ ଶ୍ରୀରାଧାର ସ୍ନେହବଳେ ॥
ଏହିକାଳେ ବିଶାଖ କହିଲ ଯାଇଁ ॥ ଏ ହୀନ କଥା ତୁମ୍ଭର ନ ଯୋଗାଇ ।
କୁଳଟାମାନଙ୍କୁ ନୋହେ ଏ ଦୂଷଣ । କୁଳସ୍ତ୍ରୀରୀତିକି ଏ ଅଭୂଷଣ ।
ଜାତ ରାଧାବାକ୍ୟ ଧୈର୍ଯ୍ୟ ନ ରହଇ । ଜାତବେଦବତ ହୃଦକୁ ଦହଇ ॥
ବାସବମୋହିର ଶୁଣି ଏ ଭାରତୀ । ବାସରୁ କାଢ଼େ ବିଶାଖା ସେ ମୂରତି ॥
ଅନାଇଁ ସେ ପଟ ରାଧା ସ୍ତମ୍ଭୀଭୂତ । ଅନାୟତ୍ତେ କହେ ଏ କି ଅଦଭୁତ ॥
ମାନସ ମୋର ନେଲାତ ଆକରଷି । ମାନ ରଖିବ କେ ପୁଣ ଏଥି ରସି ॥
ଅଛିନା ଏରୂପ ମିଛେ ଦେଖାଇଲ । ଅଛିଦ୍ର ଲୋଭତ ମୋର ବଢ଼ାଇଲ ॥
ବ୍ରହ୍ମାସୃଷ୍ଟିରେ ନାହିଁ ଏ ଅନୁରୂପ । ବ୍ରହ୍ମାଣ୍ଡ ବାହାରେ ପ୍ରତେ ଏ ସ୍ୱରୂପ ॥
ସର୍ବକଳାବନ୍ତ ଏ ପୁରୁଷୋତ୍ତମ । ସର୍ବପର ଦେଖିଲେ ଛାଡ଼ିବ ତମ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅବଶେ ନାସ୍ତି ଅବଧ ଲହି ବହି । ଅବଧ ବଧକୁ ଅଛି ଏହା ବହି ॥
କରଇ ବସ୍ତ୍ରର ଏହୁ ଅଚ୍ଛନ୍ଦ । କର ଥୟ କେଡ଼େ ଯେ ଲେଖିଲା ଛନ୍ଦ ॥
କାମ ପୀଡ଼ା ନ ଥିବ ଯାହାର ଚିତ୍ତେ । କାମନା କରୁଛି ଶଙ୍କା ସେ ରତିତେ ॥
ପୁରୁଷ ଅବଶ ହେବ ଦେଖି ତାର । ପୁରୁଷାର୍ଥ ଧନ୍ୟ ଯେ ଲେଖିଛି ତାର ॥
ଘନରସ ମୂର୍ତ୍ତିମନ୍ତ ଏ ସାକ୍ଷାତ । ଘନ ଏ ରୂପ କି କରୁଅଛି ଖ୍ୟାତ ॥
ମଦନାର୍ବୁଦେ ଲକ୍ଷକୁ ନୋହେ ସମ । ମଦନ ସରଯିବ ଚାହିଁ ସୁଷମ ॥
କି ଚନ୍ଦ ଭଙ୍ଗୀମାରୂପ ପ୍ରାଣ ହରେ । କିଞ୍ଚିତ ଚିତ୍ତ ନ ରହେ ମୋ ଦେହରେ ॥
ସେ ସ୍ୱରୂପ ମୋ ଦେହେ ମିଶାଅ ଥରେ । ଶେଷ ହେଉ ତାପ ଦେଖି ତନୁ ଥରେ ॥
ବାର ବାର ଧରଇ ଉର ଉପରେ । ବାରବଧୂ ତାପ ଊଣା ତତପରେ ॥
ଆପଯୁକ୍ତ ନେଇ ପୁଣି କରୁଁ ତଳେ । ଆପଣା ମୂରତି ଦେଖେ ପାଦତଳେ ॥
ଭାଲେ ଧନ୍ୟ ଧନ୍ୟ ମୋର ପୁଣ୍ୟ ବର । ଭାଲେ ଲିହିଥିବ ଏହା ବେଦବର ॥
ସଜନୀ ଦେଖିଲେ ମୁଁ ହେଲି ଆରତ । ସଜଡ଼ାଇ ଆଣିଲେ କି ଏ ମୂରତ ॥
କଳ୍ପକେ ଏ ମୂରତ କି ଲେଖାଯିବା । କଳ୍ପେ କଳ୍ପନା କରି କେ ସରଜିବ ॥
ଦୃଷ୍ଟି ସୃଷ୍ଟି ଗମ୍ୟ କାହିଁ ଏ ଅଛି କି । ଦୃଷ୍ଟି ଶ୍ରୁତିଭେଦ କରିବେ କିଛି କି ॥
ସରଜନା ନ ଥିଲେ ଦେଖା ନ ଯାଏ । ସରସେ ମନକୁ ମୋର ଏ ମଜ୍ଜାଏ ॥
କାନ୍ତ ମୋ ଏ ହେବ ହେବ ମୁଁ କିଙ୍କରୀ । କାନ୍ତବଦନା କହିଲେ ସତ୍ୟ କରି ॥
ଅପ୍ରାପ୍ତ ହେଲେ ଆଶାରେ ଜୀବ ଯିବ । ଅପ୍ରାରବ୍ଧ କର୍ମ ମୋର କେ ଭୁଞ୍ଜିବ ॥
ସୁମତି ଏମନ୍ତ ପାଶ୍ୱେ ବମନରେ । ସୁମରଣା କରି ମନ୍ତ୍ରେ ଉଚ୍ଛନ୍ନରେ ॥
ଅଭିନବବଧୂ ରାଧା ଶ୍ରୀଚରଣ । ଅଭିମନ୍ୟୁ କବି କରେ ସୁମରଣ ॥
ତନ୍ତ୍ରପଟ ଦରଶନ ଛନ୍ଦ ସରେ । ଚନ୍ଦ ଆଦ୍ୟ ପ୍ରାନ୍ତ ଯମକ ରସରେ ॥

ଚତୁର୍ଦ୍ଦଶ ଛାନ୍ଦ

ଚନ୍ଦ୍ରାବଳୀ ଭାବ-ଭାବନା ଦୂତ ପ୍ରେରଣ । ଆଦ୍ୟଯମକ ପଞ୍ଚାକ୍ଷର

ରାଗ—ବାଳୀ ।

ଶ୍ରବଣେ ଧୀରେ ଶ୍ରବଣେ ଧୀରେ ଲଭିବ ମହାନନ୍ଦ ।
ଭାବ ନିରତ ଭାବନୀରତ ହୋଇ ପରମାନନ୍ଦ ॥
ଭାସନ୍ତ ରସେ ଭାଷନ୍ତ ରସେ ମିତ ଆଗରେ ବସି ।
ଗୁଣୀତିଳକ ଗୁଣି ତିଳକ ଯୁଗ ହୋଇଲା ଆସି ॥
ଦର ସନକ ଦରଶନ କଲେତ ପାଇବେ ମାରେ ।
ତାର ମୂରତ ତାର ମୁଁ ରତ ଲକ୍ଷିବ କି ଗୁଣରେ ॥
ମୋହନାଶର ମୋହନା-ଶର ଜନମିଅଛି ସେହି ।
ପର-ଶଂସାରେ ପରସଂସାରେ କହିବ ସେହି ମୁହିଁ ॥
ଚନ୍ଦ୍ରାବଳୀକି ଚନ୍ଦ୍ରା-ବଳୀ କି ହାର ଶରଣ ନଖେ ।
ଦରପଣତ ଦର ପଣତ ପାଇବ ଯୋଖି ମୁଖେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କି ସୁମନରେ କି ସୁ ମନରେ ମନାଇଥିଲି ହରି ।
ତାର ଆଲୋକ ତାର ଆଲୋକ ହେଲା ସେ ପୁଣ୍ୟେ ମୋର ॥
ସୁରମଣୀଙ୍କ ସୁ ରମଣୀଙ୍କ ଚିତ୍ତ କି ମୋହିବାର ।
ରତି ଭାରତୀ ରତି ଭାରତୀଙ୍କ ସେତ ଅଲଙ୍କାର ॥
ମୋହ ନିମିତ୍ତ ମୋହିନୀ ମିତ ଜନମିଅଛି ଆସି ।
ଆନନ ଭାବ ଆନ ନ ଭାବ ସେ ମନ ବନ୍ଦିପାଶୀ ॥
ସୁନ୍ଦରପଣ ସୁ ଦରପଣ ଦେଖି ପାଇବେ ଦର ।
ଆନନ ରସି ଆନ ନ ରସି ଯୋଗୀ ଇଚ୍ଛିବେ ଘର ॥
ଅପସରୀ କି ଅପସରି କି ନ ଯିବେ ମାନେ ମ୍ଲାନେ ।
ଅଳକାପନ୍ତି ଅଳକାପତି ଦେଖି ମଞ୍ଜିବେ ଛନ୍ଦେ ॥
ମନମଥର ମନ ମନ୍ଥରଗମନା ମୋହିପାରେ ।
ନ ବନାଶେ କି ନବୀନା ସେ କି ଆନକୁ ଲୋକନରେ ॥
ସୁଧିଆନ କରୁ ଧୀ ଆନ କରୁଅଛି ମୋର ତା ଛବି ।
କୁସୁମଶର-କୁସୁମଶର ହେଲାତ ଆସି ପବି ॥
ଜୀବନ ଯିବ ଜୀବନଜୀବ ନ ହେଲେ ଚନ୍ଦ୍ରମୁହିଁ ।
ସୁନାସୀରତ ସୁନାସୀ ରତି ପାଇଲେ ହେବ ମୁହିଁ ॥
ଗତି କି କଲି ? ଗତିକି କଲାବତୀ ଆସିବା ବେଳେ ।
ସୁମତି ହରି ସୁମତିହରି ନେଲା ମୋର ସେ କାଳେ ॥
ଦର୍ପକରସେ ଦର୍ପକର ସେ ଭାଷିଲି ତାକୁ ଚାହିଁ ।
ଅଙ୍ଗନାବର ଅଙ୍ଗ ନାବର ବିନା ତରିବ କେହି ॥
ସେ ହିତ ଦଶେ ସେହିତ ଦଶେ ନୟନ ପାଶେ ମୋର ।
କେହି ତରକ କେ ହିତର କି ଜାଣ ଉପାୟ କର ॥
ବିଚାର କରି ବିଚାର କରଗତ ଛାମୁକୁ ପେଷ ।
ବିଦେହୀ ଶରେ ବି-ଦେହ ସରେ ମୋର ପୂରାଅ ଆଶ ॥
ହସର ଭାଷ ହସର ଭାସ ସକଳ ସଖୀ ଶୁଣି ।
ବିରସ ତେଜ ବୀର ସତେଜ ହୁଅ ବୋଇଲେ ବାଣୀ ॥
ଗୋବରଧନ ଗୋବରଧନ କାନ୍ତାଙ୍କୁ ଲେଖ ଲେଖ ।
ମାନବୀ ସେତ ମାନ ବଣ୍ଟେତ ଦେଖିବ ଚୁମ୍ବ ମୁଖ ॥
ଚିନ୍ତେ ବାମାର ଚିତ୍ତେ ବା ମାର ପ୍ରବେଶ ହୋଇବ କି ।
ପରମଦାର ପରମଦାର ରମଣୀ କରିବ କି ॥
ନବରମଣି-ନବରମଣୀ ଅଛି ଶ୍ରୀଦାମ ଯାଉ ।
ଶଂଖାର ଗୁଣ ସଖାର ଗୁଣ ଏତେକ କହି ଥାଉ ॥
ଭାବର ଲେଖଭାବର ଲେଖନ କରି ମିତେ ଦେଲେ ।
ମାଧବ ଭାଷି ମାଧବ ଭାସି ଯାଅ ଏ ଶୁଭ ବେଳେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସେ ଉତ୍ତରକୁ ସେ ଉତ୍ତରକୁ ମାନି ବହନ ଗଲା ।
ଅଙ୍ଗନାଶରେ ଅଙ୍ଗନାଶରେ ସେ ପୁରେ ଶୁଣାଗଲା ॥
ରଞ୍ଜନକର ରଜନୀକରମୁଖୀ ବୋଲେ ଗାଏରେ ।
ହା ଗିବହିଁ ତ ହାରି ବହିତ ନ ପାରେ ଅବଶରେ ॥
ସଜ୍ଜନଙ୍କର ସଜ୍ଜନକର ମଣଇ ପରି ଭାର ।
ବରଷାରସ ବରସାରସନଯୁଗକୁ ବନ୍ଦେ ତାର ॥
ରସିକା ମରେ ରସି କାମରେ ସଜନୀ ଆଗେ ଭଣେ ।
ପଶୁପସୁତ ପଶୁପସୁତକୁ ଘର କେଉଁ ଗୁଣେ ॥
ନାଗରମଣି ନାଗ ରମଣୀ ଦେଖିଲେ ଭୁଲିଯିବେ ।
ସୁରସମ୍ପଦ ସୁରସପଦ ଛୁଇଁଲେ ଅରଜିବେ ॥
ସୁରତରୁଣୀ ସୁରତରୁଣୀ ହୋଇବେ ଦରଶନେ ।
ମାନ ବଙ୍କ ସେ ମାନବୀ କ ସେ ବଳେ ଭଜିବେ ଛନ୍ନେ ॥
କଂକଣୀବର କ କର ବରଜରାଜପାଦେ ହେବ ।
ସଙ୍ଗୀନକର ସଙ୍ଗମୀକର ନୋହିଲେ ପ୍ରାଣ ଦେବ ॥
ସାର ସମ୍ପଦ ସାରସପଦ ପାଇ ମୁଁ ଛାଡ଼ି ଦେଲି ।
ମନ୍ଦାକ୍ଷରେତ ମନ୍ଦାକ୍ଷରେତ ସର୍ବାଙ୍ଗ ନ ଦେଖିଲି ॥
ଧ୍ରୁବଲୋକରେ ଧ୍ରୁବଲୋକରେ ପୂରନ୍ତା ପଛେ ନନ୍ଦା ।
ବଧିର ବା ମୁଁ ବ-ଧୀର ବା ମୁଁ ସେକାଳେ ହେଲି ଧନ୍ଦା ॥
ନ କଲି କୋଳ ନକଳ କୋଳସ୍ତ୍ରିରି ଗଣନା ହେଲି ।
ଭା-ବରଧନେ ଭାବର ଧନେ କଣତ ନ ବୋଇଲି ॥
ଭାବମୂରତ ଭାବ ମୁଁ ରତ ପାଇବ କ ଉପାୟେ ।
କୁସୁମଧନୁ କୁସୁମ ଧନୁ ଟାଣୁଛୁ କର୍ଣ୍ଣଯାଏ ॥
ଧରମ ହତ ଧର ମହତ କଥାଏ କହୁଁ ସହି ।
ଏ ମନ୍ତ୍ରରତ ଏମନ୍ତ ରତ କେ ଦେଲା ଚନ୍ଦ୍ରମୁହିଁ ॥
କାନ୍ତ ବରତ କାନ୍ତବରତ ଛଡ଼ାଇ ଦେଲା ତୋର ।
ପରମନଶା ପରମ ନଶା ପରିଚ୍ୟେ ଅଗୋଚର ॥
ପରମ ନର ପରମନର ବଶକୁ କରିପାରେ ।
ସେବ ଶଙ୍କର ସେ ବଶକର ହେଲେ ବା ହୋଇପାରେ ॥
ଶତକୋଟିତ ଶତ କୋଟିତ ହୋଇଲା ମିତ ଗିର ।
ପରବେଶତ ପରବେ ସତ ହୋଇଲା କୃଷ୍ଣଚନ୍ଦ୍ର ॥
ଭାବର ମିତ ଭାବରମିତକାଳେ ଚଟାଉ ଦେଲା ।
ବତର କରୁଁ ବତରକରୁ ସିହାଣୀ ଜାଣିଗଲା ॥
ଉରୁପଣତ ଉରୁପଣତ ପ୍ରସାର ଲେଖ ଘେନ ।
ପୀୟୂଷକର-ପୀୟୂଷ କରଗତ ପରିଚ୍ୟେ ମାନ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ମୁଦ ଶ୍ରବଣେ ମୁଦ ଶ୍ରବଣେ ହୋଇବ ଧୀର ନରେ ।
ବିଦଗ୍ଧ ଚିନ୍ତା ବିଦଗ୍ଧଚିନ୍ତାମଣି ହରିବ ଖରେ ॥
ପୂତନାମାର ପୂତନାମାରଣାଦି ଗୁଣଙ୍କୁ କହି ।
ଆନନ୍ଦରତ ଆନ ଦରତ ଅଭିମନ୍ୟୁର ନାହିଁ ॥

ସପ୍ତଦଶ ଛାନ୍ଦ

ଶ୍ରୀକୃଷ୍ଣ ଉତ୍କଣ୍ଠା ବନଭ୍ରମଣ ଓ ବଂଶୀପ୍ରାପ୍ତି ନିୟମ

ରାଗ—କଲ୍ୟାଣ ପଡ଼ିତାଳ

(କ)

କଚଟତପ ନିୟମ ଏ ଛାନ୍ଦ । କର ବିଚାର ବୁଦ୍ଧିରେ କୋବିଦ ।
କ୍ରମେ କ୍ରମେ ପୁଷ୍ପଋତୁ ହଟିଲା । କାଳ ପର୍ଯ୍ୟେ ଗ୍ରୀଷମ ଘୋଟିଲା ।
କରନ୍ତି, ଶଙ୍କା ସକଳଲୋକ । କଲା ରସ ଉଷ୍ଣା ଯେଣୁ ଅଧିକ ॥
କରନ୍ତି ରତାନ୍ତ ନାୟିକାଶ୍ରିତ । କଳେବରେ ସ୍ୱେଦ ରଞ୍ଜନ ଅତି ।
କଲା ବ୍ୟଜନ ରଞ୍ଜନ ମନଙ୍କୁ । କଣ୍ଠ ମଣେ ଚିତ୍ତ ମିତ୍ରକରଙ୍କୁ ।
କଣ୍ଟିତ, ବାସେ ସ୍ନେହ କୁହୁଳ । କମନୀୟ ପୟୋଧରୁ ଖସିଲ ॥
କେବଳ ଦ୍ୱିଜଚନ୍ଦ୍ର ପର ଗଣ୍ଡ । କାନ୍ତର ହିତ ହେଲା ଖଣ୍ଡ ଖଣ୍ଡ ।
କର୍ପୂର ଚନ୍ଦନଙ୍କୁ ମନ ବଳେ । କମଳେ ହସି ଆନେ ନ ରସିଲେ ।
କରାଏ, ସ୍ୟନ୍ଦନୀରେ ବିହାର । କରେ ମଳ ମୁଖେ ବିକାଶିବାର ॥
କମଳେ ସ୍ୱାଧୀନଭର୍ତ୍ତୃକାଶିରୀ । * କୁମୁଦିନୀ ପ୍ରୋଷିତନାୟିକା ସରି ।
କାନ୍ତର୍ଥିନୀ ପରି ବିଟପୀବାର । କାନ୍ତବନ୍ତକାଳ ସୁନାୟିଙ୍କର ।
କାନନକୂଦ ବିଯୋଗି ପରି । କୃଶାଣୁ ଜାତ ହୋଇବାରୁ କରି ॥
କଙ୍କିଣୀ ପରି ଝିଙ୍କାରୀଙ୍କ ରଟ । କୁରଙ୍ଗଧ୍ୱନି ରସନା ପ୍ରକଟ ।
କରି ଆଣନ୍ତି କାଳ ବିପରୀତ । କପୋତନାଦେ ହିଁ କୃତ ବିଦିତ ।
କୁଣ୍ଠିତ, ପିକରୁତ ଉଦିତ । କଞ୍ଜ ଚୁମ୍ବନେ ମଧୁପ ପ୍ରମତ୍ତ ॥

(ଚ)

ଚିନ୍ତ ଏପରି ଦେଖି ଭକ୍ତ ଧୀରେ । ଚଟାଉ ଗୋବିନ୍ଦ ପଡ଼ା ଉତ୍ତରେ ।
ଚଞ୍ଚଳ ମାନସ ହେଲା ସନ୍ତତ । ଚନ୍ଦ୍ରାବଳୀଭବେ ଦେବାରୁ ଚିତ୍ତ ।
ଚେତନା, ବୁଡ଼ିଯାଏ ଲବକେ । ଚେତ ଭ୍ରମନ୍ତି ଭ୍ରମେ ବନଯାକେ ॥
ଚତୁର ସଖାଙ୍କ ସଙ୍ଗେ ଭ୍ରମୁ ଭଙ୍ଗ । ଚିତ୍ରଜଶରେ କମ୍ପୁଅଛି ଅଙ୍ଗ ।
ଚଳି ନ ପାରି ବଂଶୀବଟ ତଳେ । ଚତୁରବର ଶ୍ରମେ ବିଜେ କଲେ ।
ଚରିତ, ଚିତ୍ତେ ହେଲା ରାଧାର । ଚମକଲା ଛାତି ଥରକୁଥର ॥

---

* ଯେଉଁ ନାୟିକାର ପୁରୁଷ ସର୍ବଦା ବଶୀଭୂତଥାଏ ତାକୁ ସ୍ୱାଧୀନଭର୍ତ୍ତୃକା ବୋଲଯାଏ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଚନ୍ଦ୍ରବଦନ ବତୃଚନ୍ଦ୍ର ମନେ । ଚଞ୍ଚଳା ବଶ ହୋଇବ କେସନେ ।
ଚନ୍ଦ୍ରାରେ ତା ଲାଗି ଯାଉ ଜୀବନ । ଚଡ଼କ ମୋ ଶିରେ ହେଉ ପତନ ।
ଚତୁର-ଚକ୍ର ଶୁଣି ହସିବେ । ଚମ୍ପାଙ୍ଗୀ ବଶ ନ କଲେ ଭାଷିବେ ॥
ଚନ୍ଦ ଏ ନାରୀ ବଶ ନୁହେ ଯହିଁ । ଚରାଚର ଭାର ହରିବ କେହି ।
ଚଉଦଲୋକ ଦୈତ୍ୟଭୋଗ ହେଉ । ଚକ୍ର ଧରି ମୁଁ ନ ମାରିବ ଆଉ ।
ଚତୁରମୁଖ ଜାଣିଲା ଧ୍ୟାନେ । ଚକିତ ଗୋବିନ୍ଦ କାମଦହନେ ॥
ଶ୍ମିକର-ଗୋରୀ କିଶୋରୀ ଲାଗି । ଚଇତନ ଦମ୍ଭ ଯାଉଛି ଭାଗି ।
ଚେତାଇବ ମୁଁ ଚରିଏ ପୂର୍ବର । ଚରଣେ ଖଟିବେ ଚତୁରୀବାର ।
ଚପଳେ, ବଧୂ ବତୃର ଏତେ । ଚଢ଼ାଇ ଚଢ଼ି ଅଇଲେ ତ୍ୱରିତେ ॥

(ଠ)

ଠେକି ଚରଣତଳେ ପଡ଼ି ବିହି । ଟିକକେ ଉଠି କହେ ହଟି ରହି ।
ଠଙ୍କଧର ପାଦେ କିଙ୍କର ଯାର । ଠାଇବ କେ ଆଜ୍ଞା ସଂସାରେ ତାର ।
ଠଇଛି, କାହିଁ ପାଇଁ ହରଷ । ଠେକି ଆନନ୍ଦ ସେ ବିଷୟ ଭାଷ ॥
ଠାହରେ ପତୃର କି ପ୍ରଜାପତି । ଠେଙ୍କେ ବିଦାରୁଛି ମଦନ ସ୍ଥିତି ।
ଠାଣୁଛି କର୍ଣ୍ଣଯାଏ ଶରାସନ । ଠାଳି ଦେଉଛି ମୋ ଧୈର୍ଯ୍ୟ ଗୁମାନ ।
ଠାଣକି, ଅଛି କହନ୍ତି ହରି । ଠୋପ ରାଧା ମୋ ମନ ମତ୍ତ କରି ॥
ଠାପରି ଯୋଗ୍ୟକେ କହିଲେ ବିହି । ଠାକି ରହିଛି ତୋ ଆଜ୍ଞାକୁ ମୁହିଁ ।
ଠେକାଇବ ତୁମ୍ଭେ ରସିକଛତି । ଠଙ୍କାରିବ କି ଗୁଣ ରତିପତି ।
ଟିକାଏ, ଦୈନ୍ୟ ହୁଅ ବନ୍ଦୀଙ୍କୁ । ଠାଣ ମୋହନବଂଶୀ ପାଇବାକୁ ॥
ଠୋକି କେ ଗୋପେ ରହିବେ ତା ଶୁଣି । ଠାଉ ଠାଉ ହେବେ ସୁରରମଣୀ ।
ଠଳଠଳ ହେବ ମେରୁଭୂଧର । ଟିକି ଦନୁ ହେବେ କଣା ତୁମ୍ବର ।
ଠହକ-ହାସୀ କିଶୋରୀ ମନ । ଠବ ପରି ରସେ ବୁଡ଼ିବ ଧେନ ॥
ଠୋପି ଗୋରନା ଧେନ କପୋଳେ । ଟିକା ଦେଖି ମୋହ ହେବେ ଅଖିଳେ ।
ଟିକଟିକ ହେବ ଯୁବତୀସ୍ଥିତି । ଠାଙ୍ଗଣା ସେ ସୁନାକୁ ତୁମ୍ଭ ପ୍ରୀତି ।
ଠମକ, ବଜା ପ୍ରୀତି ରଚିବେ । ଠପଠପ ଭାଷା କେତେ ସହିବେ ॥

(ତ)

ତା ଶୁଣି ଗୋବିନ୍ଦ ଆତୁର ହେଲେ । ତ୍ୱରିତେ ବନ୍ଦୀଙ୍କୁ ପ୍ରାର୍ଥନା କଲେ ।
ତତକ୍ଷଣେ ବଂଶୀ କରେ ପ୍ରବେଶ । ତା ଦେଖି ଗୋବିନ୍ଦ ବଡ଼ ହରଷ ।
ତହିଁର, ତତ୍ତ୍ୱ ବ୍ରହ୍ମା କହିଲେ । ତନ୍ତ୍ର ଯନ୍ତ୍ର ମନ୍ତ୍ର ଚେତାଇ ଦେଲେ ॥
ତ୍ରୈଲୋକ୍ୟମୋହନଚରଣେ ନମି । ତତକ୍ଷଣେ ବିହି ସ୍ୱପୁରେ ଗମି ।
ତହୁଁ ଗୋବିନ୍ଦ ହରଷ ବିରସେ । ତପନଜା-ତୀରେ କଦମ୍ବ-ପାଶେ ।
ତ୍ରୈଲୋକ୍ୟ-ନାଥ ବିଜୟ କଲେ । ତରୁମାନଙ୍କୁ ବିଭ୍ରମେ ବୋଇଲେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତୁମ୍ଭେ କି ଜାଣ ବୃଷଭାନୁସୁତା । ତ୍ରିଭୁବନେ ଯେ ବର ବନିତା ।
ତାହାଙ୍କୁ ମୋତେ ବେଗେ ଆଣି ଦିଅ । ତରାସ କାମଦେବର ତୁହାଅ ।
ତା ପାଦ, ହୃଦେ ପଦକ କରି । ତରିବି କାମ-ପ୍ରେତ-ଭୟ ବାରି ॥
ତପସୀପ୍ରିୟଗୋଷ୍ଠୀ ବରଜ ଜାଣି । ତଳପତନ ପଦ୍ମପଦ୍ମ ଆଣି ।
ତୀର୍ଥପାବନ ସ୍ୱ ଉଦରେ ଲଦନ୍ତି । ତଦାକାରଭାବ କ୍ଷଣେ ଭଜନ୍ତି ।
ତକ୍ଷଣେ, ଚେତି ବୋଲନ୍ତି ଆହା । ତରୁଣୀତିଳକ ନୋହିଲା ସାହା ॥
ତୁଳା ଅଙ୍ଗୀ ଅଙ୍ଗୀକାର ନ କଲା । ତୁଚ୍ଛ ଜୀବ କାହିଁ ପାଇଁ ରହିଲା ।
ତା ସଙ୍ଗ ସ୍ୱର୍ଗ ଅପବର୍ଗସୀମା । ତ୍ରିପୁରସାର ସୁଖପ୍ରତିମା ।
ତପସ୍ୟା, ପୂର୍ବେ ନାହିଁ ମୋହର । ତା ଚରଣେ କେହି ହେବ କିଙ୍କର ॥

(ପ)

ପରମପବିତ୍ର ନାମ ଉଚ୍ଚର । ପାପୀ ପରାଣ ଯା ଯା ବେଗ କରି ।
ପାଇବୁ ରସିକମୁଖେ ପ୍ରଶଂସା । ପରଲୋକେ ନ ପାଇବୁ ଦୁର୍ଦ୍ଦଶା ।
ପ୍ରମଦା, ଶିର ମୁକୁଟମଣି । ପ୍ରାଣର ପ୍ରାଣ କି ସେ ସୁଲକ୍ଷଣୀ ॥
ପରମଦାରୁଣ ମଦନକାଣ୍ଡେ । ପିଣ୍ଡ ଖଣ୍ଡ ଖଣ୍ଡ କଲା ଉଦ୍ଦଣ୍ଡେ ।
ପବି ପତନ ହେଉ ନାହିଁ ମୁଣ୍ଡେ । ପ୍ରିୟେ ଦାହ ଦାହ ଉଚାରୁ ତୁଣ୍ଡେ ।
ପଣ୍ଡିତ-ଧ୍ୱାଣ ଏମନ୍ତ କହି । ପଡ଼ିଲେ କ୍ଷଣେ କ୍ଷଣେ ମୋହ ଯାଇ ॥
ପବନ ଲାଗି ପାଇଲେ ଚେତନା । ପୁଣି ବୋଲନ୍ତି ହାହା ରେ ନୂତନା ।
ପରଚେ ହୋଇ ନ ପାରଲେ ତୋଚେ । ପ୍ରଭୁପଣ ବନ୍ଧୁ କରନ୍ତୁ କେତେ ।
ପରକ୍ଷୀ, ନୋହିଲୁ ମୋ ସେବାକୁ । ପାପୀ ପାଇବ କାହିଁ କୃତାର୍ଥକୁ ॥
ପାଞ୍ଚୁ ଥାଇ ଧନ ପାଇବ ଯେବେ । ପରଜନ ପରି ହୋଇବ ତେବେ ।
ପାଦେ ଯାବକ ଲେଖି ମନାଇବ । ପିକଭାଷିକି ମୁଁ ଏହା ଭାଷିବ ।
ପରମ, ଗୁଣଗ୍ରାହୀ ତୁ ପରି ; ପାଖେ ରଖ କରି ସେବକ ଧୀରି ॥
ପୁରୁଷୋତ୍ତମ ଭାବନା ଏପରି । ପାରିବକେ କହି ଶରୀର ଧରି ।
ପରସନେ ଯେନ ସୁଜନଜନେ । ପୁରୁଷଶେଖର ଭାବଭାବନେ ।
ପଣ୍ଡିତ, ଅଭିମନ୍ୟୁ ବରସ । ପାଞ୍ଚବର୍ଗାଦରେ ଏ ଛାନ୍ଦ ଶେଷ ॥

ଊନବିଂଶ ଛାନ୍ଦ

ଦ୍ୱିଭଙ୍ଗୀ ଅନୁପ୍ରାସ

ରାଗ—ତଗମୁକ୍ତାବଳୀ

ଜଗଦ୍ବାନ୍ଧବ ଲୀଳା ସାଧବ ଜନେ ଶୁଣ ଦେଇ ମନ ।
ଯହୁଁ ସୁମନା ଗଲେ ବମନା ହେଲେ ଶ୍ରୀ ନନ୍ଦନନ୍ଦନ ॥
ଚନ୍ଦ୍ରାମୂରତି ଚନ୍ଦୁ କରତି ପକାଉଛୁ କାମ ଛତି ।
ଲଭିବା ଆସେ ବୁଦ୍ଧି ନ ଆଶେ ଚନ୍ଦ୍ରାଭର ମତି ଅତି ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଏହି କାଳରେ ସେହି ସ୍ଥଳରେ ସବ୍ୟା ସଖୀ ପରବେଶ ।
ଦେଖି ଗୋବନ୍ଦ ସେ 'ଅରବନ୍ଦବଦନାକୁ ହସ ହସ ॥
ଚନ୍ଦ୍ରା ସଜନୀ ହେବ ରଜନୀକରମୁଖ ବଚ୍‌ରଲେ ।
କ୍ଷଣଉଦରୀ କାହା ସୁନ୍ଦରୀ ଏକା ବୁଲୁ ପଚ୍‌ରଲେ ॥
ସବ୍ୟା ହସିଲା ମନେ ଭାଷିଲା ଶୁଣ ହେ ନାଗରବର ।
ରସବଗ୍ରହ ହୋଇ ନଗ୍ରହ ଅନୁଗତଜନେ କର ॥
ତୁମ୍ଭ ଆଶରେ ମଦନଶରେ ଚନ୍ଦ୍ରାବଳୀ ଆସି ସରେ ।
ତବ ଉତ୍ତର ମୋହମନ୍ତ୍ର ଜାଣିଲୁଁ ଆମ୍ଭେ ବଚ୍‌ରେ ॥
ଆଶା ଦେଖାଇ ନ ଦେଲେ ଖାଇବାକୁ ଅପରାଧ ହିନା ।
ନ ଥିଲୁଁ ମଣି ରସିକମଣି ଯୁବତପରାଣ ଯେନା ॥
ତୁମ୍ଭ କାତର ପ୍ରେମଉତ୍ତର ଶୁଣି ଆମ୍ଭେ ବଶ ହେଲୁଁ ।
ସେ ଯୁବତକ ତୁମ୍ଭ ପ୍ରୀତକ କେତେମତେ ମଣାଇଲୁଁ ॥
ବୁଢ଼ୀ ଆକଟ ମହାସଂକଟ ବଟି ବ୍ୟାଧିଶାନ୍ତ୍ର ଛଳେ ।
ପଦ୍ମ ବୁଦ୍ଧିରେ ତପନଧିରେ ଆଣିଅଛୁଁ ବଳେ ବଳେ ॥
ପୂଜ ଗଉରୀ ଚମ୍ପାତଉଁରୀ ବେଗେ ଯିବେ ନଜପୁର ।
ସକଳ ମିତେ ତୁମ୍ଭ ନମିତ୍ତେ କରୁଛୁଁ ଏତେ ବଚ୍‌ର ॥
ଉମାତୀର୍ଥରେ ଅଛନ୍ତ ଥରେ ଜଣାଇଲ ଶ୍ରୀଷ୍ଠମୁରେ ।
ଆଉ ଭରସା ନାହିଁଟି ରସାମୋହୀକ ଆଣିବୁଁ ବାରେ ॥
ଶୁଣି ମୋହନ କଣ୍ଠୁଁ ବହନ ହାର ଉପହାର ଦେଲେ ।
ମୋ ଜୀବଦାନ ଦେଲୁ ନଦାନ ଆତୁର ମନେ ବୋଇଲେ ॥
ଉଚ୍ଛାର ଜୟ କଲେ ବଜୟ ସବ୍ୟା ସଙ୍ଗେ-ସଙ୍ଗେ ହର ।
ଉମାବାସରେ ମିଳ ଆଶରେ ବସିଲେ ମୁରଲୀଧାରୀ ॥
ଏହି କାଳରେ ସଖୀମେଳରେ ବଜେ କଲେ ଚନ୍ଦ୍ରାବଳୀ ।
ଅତ ମୋଦରେ ଜୟନାଦରେ ସଖୀ ଦେଲେ ହୁଳହୁଳ ॥
ଦେଖି ପୁରତେ କାମ ଆରତେ କୃଷ୍ଣତନୁ କମ୍ପମାନ ।
ଅଧୋବଦନେ କମ୍ପି ମଦନେ ଚନ୍ଦ୍ରାବଳୀ ଛନ୍ନ ଛନ୍ନ ॥
ଭଦ୍ରା ବଚନ କଲା ରଚନ କି ଯୋଗେ ଅଇଲୁ ଆଜ ।
ନୋହିଁ ଦର୍ଶନ ଉମା ପ୍ରସନ୍ନ ଭେଟିଲୁ ରସିକରାଜ ॥
ରମଣୀବର ନଜ ହୃଦର ବ୍ରଜରାଜସୁତ ସିନା ।
ଛାଡ଼ ଅନ୍ତର ଚନ୍ତା ସତରବୟସୀ ପୂରୁ କାମନା ॥
କରୁଣାକର ଏକାଳେ କର ଧର କରନ୍ତ ବନତ ।
ଆରେ ରମଣୀମୁକୁଟମଣି ଯେନ ଏ ଦୀନଭକତ ॥
ଗଜେନ୍ଦ୍ରଗତ ତୋ ବନା ଗତ ଆନ ନାହିଁ ମନେ କର ।
ଦେଖା ଦନରେ ଜୀବଧନରେ ହୋଇଛୁ କଣା କଙ୍କର ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସଖୀ ଚତୁରବର ଆତୁର ଜାଣନ୍ତେ ଅନ୍ତର ହେଲେ ।
ସେହୁ ଦମ୍ପତି ସୁଖସମ୍ପତ୍ତି ବୃଷ୍ଟି ହେଲା ବଗୃରଲେ ॥
ପ୍ରସଙ୍ଗାର୍ଥରେ ରସ ଏଥିରେ ନୋହିଲା ଅତି ରଞ୍ଜନ ।
ଧର୍ମ୍ମଙ୍କ ଧୀରେ ଘେନ ହେ ଧୀରେ ବିଭଙ୍ଗୀ ଯମକ ସ୍ଥାନ ॥

ବଂଶସ୍ଥ ଛନ୍ଦ

ରାଗ—କଳସା

ଧୀରେ ଧୀରେ ଧୀରେ ଘେନ ଏଥି ଦେଇ ଶ୍ରୁତି ।
ଧରଧର ଧରଣୀଶୋଭିଙ୍କି କହୁଛନ୍ତି ଯେ ॥
ସତ ଶତ ଶତକୋଟି ଘାତ ଜାତ ଶର ।
ବାର ବାର ବାରଣଗମନା ମାରେ ମାର ॥
ଥର ଥର ଥରଇ ଥରକୁ ଥର ଅଙ୍ଗ ।
କର କରକରଦନା ମାର-ଦର ଭଙ୍ଗ ॥
ସ୍ମର ସ୍ମର ସ୍ମରପଦା ଥିଲେ ସେ ନାହାନ୍ତି ।
ଭାବ ଭାବ ଭାବବତୀ ବିନା କେ ମୋ ଗତି ॥
ଜୀବଂଜୀବ ଜୀବଦୁଃଖ ଚନ୍ଦ୍ରେ ଯେମନ୍ତ ।
ଜୀବ ଯିବ ଜୀବନଜନେନ୍ଦ୍ରେରେ ତେମନ୍ତ ॥
ସରସ ରସର ଆଶାୟୀ ମୁଁ ମୀନ ବତ ।
ଘନ ଘନ ଘନରସଦାୟିନୀ କରତ ॥
ମନ ମନମନଧ୍ୱନି ଶ୍ରବଣ ଲଚ୍ଛଇ ।
ଆନ ଆନ ଆନନେ ବହୁଛି କାହିଁ ପାଇଁ ॥
କନକନ କନକାଙ୍ଗୀ ମୃଗୀ ପରି ତୁହି ।
ଦରଦର ଦରକଣ୍ଠି ଗୁଣକୁ ନ ବହି ॥
ଜର ଜ୍ୱର ଜର-ଅନ୍ତେ ସ୍ୱେଦ ପୂର ତନୁ ।
ଝର ଝର ଝରଇତ ଲୋତକ ନୟନୁ ॥
ତର ତର ତରଳାକ୍ଷୀ ହାସ ଦେଖିବାରେ ।
ବଧୂ ବଧୂ ବଧୂଲୀଅଧର କପାଁ ମୋରେ ॥
ତାର ତାର ତାରପତିମୁଖ ଟେକ ମିତ ।
ଗର ଗର ଗରକଣ୍ଠପର କଲ୍ପନାତ ॥
ଆନ ଆନ ଆନନକୁ ନ ରଚେ ମୋ ମନ ।
ହର ହର ହର ମନ ନେଇଛୁତ ମନ ॥
ଶୁଚ ଶୁଚ ସୁଚରକୁ ଦେଇ ଦାନ କର
ଚନ୍ତା ଚନ୍ତା ଚନ୍ତାମଣି ରସ ତାଳ ହର ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଯାର ଯାର ଜାର ପ୍ରୀତି ତାର କଏ ରୀତି ।
ଅନା ଅନା ଅନାୟତ୍ତେ କମ୍ପୁଛି ମୋ ଛାତି ।
ଭାଷ ଭାଷ ଭାଷଇ ନ ଭାସଇ ସୁମନା ।
ସରୁ ସରୁ ସରୂପା କୃପାରେ ମୋ ବେଦନା ॥
ହାରେ ହାରେ ହାରେ ବନ୍ଧୁ ଛନ୍ଦନ୍ତି ପ୍ରୀତିରେ ।
ଭିନ୍ନ ଭିନ୍ନ ଭିନ୍ନକଳାକେଳି କର ନା ରେ ॥
ଧରା ଧରା ଧରାପରା କହୁ ଏ ବଧିରେ ।
ଗୁଣି ଗୁଣି ଗୁଣିମଣି ଶୁଣି ରହିଁ ଧୀରେ ॥
ହର ହର ହରପଦ ହଳ ହୃଦେ ଚନ୍ତ୍ର ।
ଦନ ଦବ ଦାନ ଅଭିମନ୍ୟୁ ନେଉ ନାଥ ଯେ ॥

ଦ୍ୱାବିଂଶ ଛାନ୍ଦ

ପ୍ରାନ୍ତାନୁପ୍ରାସ ଶ୍ରୀକୃଷ୍ଣଙ୍କ ବଂଶୀଧ୍ୱନି

ରାଗ—ଆନନ୍ଦ, ଚକ୍ରକଳବଙ୍ଗଲତା ବାଣୀରେ

ଧୀରେ ଶୁଣ କୃଷ୍ଣରସ ବାଣୀକ । ସ୍ୱାଦୁ ସମାନରେ ସୁଧା ଆଣିକ ।
ସୁନ୍ଦରି, ରାଧାଗୁଣ-ଶ୍ରେଣୀକ । କୃଷ୍ଣ ନ ପାରନ୍ତି ରଖି ଆଣିକ ॥
ଲଭିଲେ ବରଜ ନବବାଳୀକ । ସୁଖେ ଭୋଗ କଲେ ଚନ୍ଦ୍ରାବଳୀକ ।
ତେବେହେଁ, ନିତ ବନମାଳିକ । କାମ ଦେଲା ଚନ୍ତାଙ୍କପାମାଳିକ ॥
ଦେଖିବାରୁ କୃଷ୍ଣ ଦୁଃଖରାଶିକ । ଚନ୍ତା ପ୍ରାପ୍ତ ହେଲା ପୂର୍ଣ୍ଣିମାସୀକ ।
କହନ୍ତି, ହସି ଗିରିଧାରୀଙ୍କି । କହୋ ନାଗରେନ୍ଦ୍ର ଏ ଚାତୁରୀ କି ॥
କୋଟି କାମ ଶୋଭା ଊଣା ଯହିଁକ । ସେ ତନୁ ମଳିନ ଦିଶେ କାହିଁକ ।
ନନ୍ଦଇ, ମୁଖ କଳାନିଧିକ । କପାଁ ଭଜୁଛି ବିରସବିଧିକ ॥
ହୋଇ ଅଛଇ ଅତନୁବ୍ୟାଧି କ ? ଦେଇ ମନ କେଉଁ ରସନିଧିକ ।
ନ କହ, ମୋତେ କାହିଁ ପାଇଁ କ । ଦେବା ଔଷଧ ମଦନବ୍ୟାଧିକ ॥
ଦେଖି ତବ ମୁଖ ତୃଷା ନାଶୀ କ ? ରମା ଲୋଭ ଛାଡ଼ି ଦେବେ ହରିଙ୍କି ।
ଧରିବ, ଆଉ କେବା ଧୃତିକ । ଧନ୍ୟ ଯେ ମୋହିଲା ତୁମ୍ଭ ମତିକ ॥
ଇଚ୍ଛା ଏଷ୍ଟର ବ୍ରଜରମଣୀକ । ଦେଖି ମୁଖ ଧରନ୍ତି କେ ଆଣିକ ।
ନାହିଁ ସେ, ତୁମ୍ଭମାନ ଶୁଣି କ ? କା ଦମ୍ଭ ବଳନ୍ତି ପବ ଆଣିକ ॥
ଧନ୍ୟ କହିବା ନା ସେ ଛତିଳକ । ହେଲା ମୋହନ ମୋହିବା ଭଳିକ ।
ବୋଲ ହେ, ଚିତ୍ତ ଦେଲ କାହିଁକ । ଜାଣିଲେ ବୁଦ୍ଧି କହିବା ତହିଁକ ।
ଦେବା ଶିକ୍ଷା ମନ୍ତ୍ର ଯନ୍ତ୍ର ବିଧିକ । ଆକରଷିବ ଦେବ ବାମାଦିକ ।
ଅଙ୍ଗନା, ବାମପାଦ ଧୂଳିକ । ମନ୍ତ୍ରି ମଣ୍ଡିବ ନିଜ ମଉଳିକ ॥
ନିର୍ବୀଜ ରତି ପୀରତି ଧୂତିକ । କୁସୁମ ବାଣାୟୁ ନମ ଏତିକ ।
ଏ ଧୂଳି, କାମରାଜଭେଳିକ । ମୋହ ନୋହିବ ଅବଳାବଳୀକ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କାମ ବୀଜ ନାରୀନାମ ଯେତକ । ବର୍ଣ୍ଣବ୍ୟତ୍ୟୟ ମିଶାଇ ତେତକ ।
ମିଳାଉଁ, କାମ ଅଷ୍ଟାକ୍ଷରୀଙ୍କ । ବଂଶୀ ବୋଇଲେ ରହିବେ ନାରୀ କି ?
କାମ ଜଗନ୍ମୋହନମନ୍ତ୍ର ରୀତକ । ଅସାଧ୍ୟ ତିନଲୋକ ଯୁବତୀକ ।
ଦଳିବ, ଦ୍ରବ ପର ଆଣିକ । ମୋହିବାର ତୁଚ୍ଛ ଇନ୍ଦ୍ରାୟଣୀକ ।
ଶୁଣି କୃଷ୍ଣ ଚାହିଁ ହସି ଆୟୀକ । ବୋଇଲେ କି ଭାଗ୍ୟ ମୋର ଆଜିକ ?
କହିଲ, ଯାହା ଦିବ୍ୟ ବାଣୀକ । କିଣିଲ କିଣିଲ ବେଣୁପାଣିକ ।
ବୋଧି ବନ୍ଦା କରି ଭଗବତୀଙ୍କି । କିଶୋରୀଭାବରେ ଦେଇ ମତିକ ।
ବିଜୟେ, ହଳପ୍ରିୟ କଟକ । ପରୀକ୍ଷିବାକୁ ମୁରଲୀରୀତକ ।
ନଟବରବେଶ ମୋହେ କ୍ଷିତକ । କେକୀ ଚନ୍ଦ୍ରିକା ଚୂଡ଼ା ସଙ୍ଗତକ ।
ମାନନ୍ତି, ତାହା ପରି ତହିଁକ । କବି ତୁଳନାକେ ଦେବକାହିଁକ ।
ଗୁଞ୍ଜାରାପାନ୍ତି ଅଳକାବଳୀକ । ମକରକୁଣ୍ଡଳ ଗଣ୍ଡସ୍ଥଳୀକ ।
ଶୋଭଇ, ଘନଶ୍ୟାମକାନ୍ତିକ । ଦେଖି ସୁର-ଆଖି ଲଭେ ଗତକ ।
ନାସେ ଚାରୁ ଗଜମୋତି ଛବିକ । କେଉଁ ଅନ୍ୟ ଲକ୍ଷ ଦେବ କବିକ ।
କଦମ୍ବ, ପଦ୍ମ ମୋତିମାଳକ । ଶୋଭା ହେଲେ ପାଇ ହୃଦସ୍ଥଳୀକ ।
ପୀତବାସପିନ୍ଧା ପରିପାଟିକ । ଉଦର ଧରନ୍ତି କ୍ଷୀଣକଟିକ ।
ସୁବେଶ, ସାରଶୋଭାକୁ ଟିକ । କହିଆସିବ କି କୋଟିପାଟିକ ।
ଦେଖି ସେକାଳ ତ୍ରିଭଙ୍ଗୀଠାଣିକ । ମୋହି ନୋହିବେ ହରରମଣୀ କି !
ଅଧରେ, ହାସ ଉପମା ନକି । ଅନୁରାଗ ସୁଧା କରେ ବାନ୍ତିକ ।
ଯୋଖି ଅଧରେ ମୋହନବଂଶୀକ । ମୋହ-ମାଦକ ଗଲେ ବରଷି କି ।
ବାଦନ, ଚାରୁ ସ୍ୱରଗୋଟିକ । ମାରଣର ସୃଷ୍ଟି ଗଲା ଘୋଟିକ ।
ସିଂହରଡ଼ି ପ୍ରତେ ଦିଗଦନ୍ତିଙ୍କି । ନାଗ ଭୟେ ଗର୍ଜେ ଖଗପତିକ ।
ରାକ୍ଷସେ, କଲେ ମହାଭୀତକ । ଭାଳିଲେ ଏ ସୁଦର୍ଶନ ଗତି କି !
ଶତକୋଟି ଭୟ ହେଲା ଗିରିଙ୍କି । ମଙ୍ଗଳେ ପୂରିଲା ସୁରପୁରୀକ ।
ପ୍ରକାଶେ, ଅଲୌକିକ ଶକ୍ତିକ । ଚହ୍ନିପାରିବ କେ ବଂଶୀଉକ୍ତିକ !
ଯମୁନା ପାଣି ଠେକେ ଉଜାଣିକ । ପଥରେ ଦ୍ରବିଲେ ବନ ପାଣିକ ।
ସ୍ଥକିତ, କଲା ଜୀବପନ୍ତିକ । ଶୁଷ୍କତରୁ ଯୋଗ୍ୟ ଜୀବତିକ ।
ଶିଥିଳତା କଲା ଗାଢ଼ ନୀବୀକ । ଭାଙ୍ଗେ ପତିବ୍ରତା ଦମ୍ଭ-ପବିକ ।
ସ୍ଥକିତ, କରାଇଲା ରବିକ । ଦିବାତରେ କଲେ ଗତି ଭୂବିକ !
ଆଗ ଗ୍ରାସିଲା ଯୁବା ରମଣୀଙ୍କି । ବିବେକ ସେ ପିଙ୍ଗାଇଲା ପାଣିକ ।
ସମ୍ଭାଳି, ନ ପାରିଲେ ବୁଦ୍ଧିକ । ମଣିଲେ ଅସେ କାଳ ଜଳଧିକ ।
ଯା ଧ୍ୱନି ମୋହେ ବ୍ରହ୍ମାଣ୍ଡାବଳୀକ । ତହିଁ ନାଗରୀ ପାରିବେ ବଳିକ ।
ଗୋଟିକ, ସ୍ୱର ଦହେ ଧୃତିକ । ସପତସ୍ୱରରେ ହେବ ବର୍ତ୍ତିକ ।
ଚିନ୍ତ ସେ ମୋହନ ବଂଶୀଧାରିଙ୍କି । ରାଧାମୋହନ ବ୍ରଜବିହାରିଙ୍କି ।
ବୋଲଇ, ଅଭିମନ୍ୟୁ ପାତକୀ । ତୋ ଭାବେ ଥିବ ସଦା ମୋ ମତିକ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସପ୍ତବିଂଶ ଛାନ୍ଦ

କିଶୋରୀ ଶୋଭା କୃଷ୍ଣ ଛାମୁରେ ଦୂତୀର କଥନ—ପୂର୍ବାନୁପ୍ରାସ

ରାଗ—ରସକୋଇଲି

ବିରଜବନ୍ଧୁ ହେ ପଚାର ଯାହା । ବିଧିମଧ୍ୟରେ କେ କହିବ ତାହା ।
ବର୍ଣ୍ଣିବାପାଇଁ କି ଯା ଶୋଭା ଗୁଣ । ବିଧିସୃଜକ ଚତୁର୍ମୁଖ ଘଟନ ସେ ।
ବାମଦେବ ପଞ୍ଚାନନ ଯେ ।
ବାହୁଲେୟ ଋତୁଆନନେ ଗାୟନ କରୁଛନ୍ତି ପ୍ରତିଦିନ ଯେ ॥
ବିଶେଷ ବଦନ ଶେଷ ହୋଇଲେ । ବିଧିମୋହିନୀ ଗୁଣ ବର୍ଣ୍ଣିବା ଛଳେ ।
ବର୍ଣ୍ଣିନ କରୁଁ ହେଲା ଲୀଳାୟିତ । ବର୍ଣ୍ଣିନ ଲୋଭେ ଦ୍ୱିଜିହ୍ୱ ହେଲାତ ସେ ।
ବିଶ ଶୋଭା ଗୁଣେ ହୋଇ ଯେ ।
ବିଚିତ୍ର ଚକ୍ଷୁଃଶ୍ରବା ହୋଇଗଲେ ସେ ସୁଖ ଆସ୍ୱାଦନ ପାଇ ଯେ ॥
ବିନାୟକ ବିକ୍ରତୁଣ୍ଡ ହୋଇଲେ । ବିଭାତି ଲବ ବର୍ଣ୍ଣିନ ପାରିଲେ ।
ବିଚିତ୍ର କବି ଏକଦୃଷ୍ଟି ହେଲେ । ବାଚସ୍ପତି ଗଣା ଗଣକେ ଗଲେ ସେ ।
ବିଶ୍ରମେ ଶାରଦା ମନେ ଯେ ।
ବାଣୀସ୍ୱରୂପା ହେଲେ ନିନ୍ଦାବଚନ ପାଇ ଅଖିଳବଚନେ ଯେ ॥
ବିକୃତ ରୂପ ଧରିଲେ ଗଉରୀ । ବଳି ନ ପାରି ସୁଷମାରେ ହାରି ।
ବିଧୁଶେଖର-ଶରୀରେ ଲୁଚିଲେ । ବହି ଧବଳ ଅଙ୍ଗ ଦ୍ରବି ଗଲେ ସେ ।
ବ୍ରୀଡ଼ା ପାଇ ଅଷ୍ଟନଖ ଯେ ।
ବନଜା ଦର ଆଦିରୂପ ଧରିତ ରହିଲେ ପଦ ଆଶ୍ରୟ ଯେ ॥
ବିଷ୍ଣୁ ପାଟରାଣୀ ସପତ୍ନୀ ଡରେ । ବାସ କଲେ ଗୁଣମଣି ଅଙ୍ଗରେ ।
ବଡ଼ କେ ଆଉ ବ୍ରହ୍ମାଣ୍ଡମଣ୍ଡଳେ । ବିଲକ୍ଷ ହେବ ସେ ଶୋଭାକୁ ଛଳେ ସେ ।
ବାସବ ଦେଖି ଭୁଲିଲେ ଯେ ।
ବିଜ୍ଞଜନଙ୍କର କ୍ରୋଧହିଁ ସେ ବିର ଗଉତମ ଭିଲ କଲେ ଯେ ॥
ବିଲକ୍ଷ ଦେବାକୁ ନାହିଁତ ସ୍ଥାନ । ବୋଲିବା କି ପ୍ରତିବିମ୍ବ ସମାନ ।
ବିଚେଷ୍ଟା ପରିତନ୍ତ୍ରେତ ବୋଲିବା । ବାତୁଳ ହେଲେ ବା ତୁଳ କରିବା ସେ ।
ବର୍ଣ୍ଣି ବସିଲେ ତା ଗୁଣ ଯେ ।
ବାଇ ବଦନେ ବ୍ୟାକରଣ ପଢ଼ିଲେ ହୁଅଇ କିସ ଲକ୍ଷଣ ଯେ ॥
ବିଧିକାନ୍ତିସାର ପୀୟୂଷେ ଗୋଳି । ବିଧି ବନାଇଛି ଶୋଭାପିତୁଳି ।
ବରଦୀପ୍ତ ଠାଣଣାରେ ଝଳିଲି । ବିଚକ୍ର ହେମ ରଣାଣେ ଶାଣିଲି ସେ ।
ବିଗ୍ରହ ଲାବଣ୍ୟମୀରେ ଯେ ।
ବୁଡ଼ାଇ ଥୋଇ ଜୀବନ୍ୟାସ କରିଛି ପରା ମୋହନମନ୍ତ୍ରରେ ଯେ ॥
ବତିଶଲକ୍ଷଣା ଗୁଣନିପୁଣା । ବିଶ୍ୱକେତୁ କେଳିକଳା ପ୍ରବୀଣା ।
ବିଧି ଅଷ୍ଟବିଂଶ ଅଳଙ୍କାରର * । ବାସ ବିଚେଷ୍ଟା ବିଶେଷ ଭଙ୍ଗୀର ଯେ ।

* ରସପଞ୍ଚକରେ ଅଷ୍ଟବିଂଶ ଅଳଙ୍କାରର ଲକ୍ଷଣ ଅଛି ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବିଶେଷ କୃପାନିଧାନୀ ଯେ ।
ବିରଙ୍ଗୀ ପ୍ରେମ ବୈଭବ ଭଣ୍ଡାର ଶୋଭାପ୍ରଭା-ବିରଧନୀ ଯେ ॥
ବିବେକୀ ଶାନ୍ତା ସୁଶୀଳା ଅଲୟଳା । ବିଶେଷ ମଦନଶାସ୍ତ୍ର କୁଶଳା ।
ବିଡ଼ ତାର୍କିକୀ ସୁଜନବତ୍ସଳା । ବାରିନିଧିର ଗଭୀର ଛଇଳା ଯେ ।
ବାଲା ସୁଧାସ୍ୱାଦୁଭାଷୀ ଯେ ।
ବିରପରସନ୍ତାନନୀ ଆହ୍ଲାଦନୀ ମନ୍ଦହ୍ୟଟକ-ସୁହାସୀ ଯେ ॥
ବସିଲେ କହି ତାହା ଗୁଣ ଲେଶ । ବୟସ ଶେଷରେ ହୋଇବ ଶେଷ ।
ବିଗତ ହୋଇଗଲେ ତନକାଳ । ବର୍ଣ୍ଣିବା ଭଲ କେବା ପାଦତଳ ସେ ।
ବୋଲୁଛୁ ଯେତେକ ମୁହିଁ ଯେ ।
ବୋଲନ୍ତି ସୁଧାକୁ ସ୍ୱାଦୁ ଯଥା ଜନେ ତଥା ଏ କଥାକୁ କହି ଯେ ॥
ବିରଙ୍ଗୀକୁଟ-ମଣ୍ଡଳ ମୁକୁଟ । ବ୍ରହ୍ମାଣ୍ଡଭାଣ୍ଡର ସାର ପ୍ରକଟ ।
ବୋଲିବାକୁ ମୁଖ ଲାଜ ପାଉଛି । ବର ଉପମାକୁ କରୁଛି ଛିଛି ସେ ।
ବିରସ ବଦନ ଆଣି ଯେ ।
ବିଧୁ ବନଜ ଦର୍ପଣ ପଣ ଦେଲେ ପାଇବେକି ଆଣି ଯେ ॥
ବାଳୀ ତଳ ଗାଳିଦେଲା ଭାଷାକୁ । ବୋଲିବା କି ସୁଧା ସ୍ୱାଦୁ ଲକ୍ଷକୁ ।
ବିକଳ କଲା ଭୁଲା ବୀଣା ବାଣୀ । ବନ୍ଧୁତ୍ୱ କଲେ କି ପିକରେ ଗଣି ସେ ।
ବିରହକାଳରେ ଥିବା ଯେ ।
ବରବରନା ବରନକୁ ଉପମା କନକଚମ୍ପକ ଦେବା ଯେ ॥
ବିଭୂଷିତର ଭୂଷିତ ବିଗ୍ରହ । ବିଶେଷ ଅଳଙ୍କାର ଅଳଙ୍କାର ।
ବିଚିତ୍ର ଲାବଣ୍ୟ ଜନମସ୍ଥଳ । ବାଞ୍ଛାନିଧି ଭାବଲତିକା ମୂଳ ସେ ।
ବିଶ୍ୱକର୍ମୀଗୁରୁ ଧନୀ ଯେ ।
ବର ଉପମାମାନ ଦାନକାରିଣୀ ଭଙ୍ଗୀ ଗୁଣ କୃତାର୍ଥିନୀ ଯେ ॥
ବିଶ୍ୱପବିତ୍ର ପ୍ରେମରସପାତ୍ରୀ । ବିଧାତା ବିଧାନ ନିତି କରନ୍ତି ।
ବିଜ୍ଞାନିକା-ଦମ୍ଭ-ବାସ କଉତୁକୀ । ବ୍ରହ୍ମାଣ୍ଡ ବିଜୟୀ ଶର ନାଗରୀ ସେ ।
ବିରଯୁବା ମୋହଫାନ୍ଦ ଯେ ।
ବିଲୋକନ ଜନ ଆନନ୍ଦସାଗର ବୃଦ୍ଧିକି ଶ୍ରୀମୁଖ ଚନ୍ଦ୍ର ଯେ ॥
ବାରଣଗତି ମୂର୍ଦ୍ଧାପଦ ଦାତା । ବନିତା ସଙ୍ଗୀତନୀତି ପଣ୍ଡିତା ।
ବିଚକ୍ଷଣ ଯୁବା ମୋହପଦାର୍ଥ । ବିଶ୍ୱକେତୁ ପାପ ତାପ କୃତାର୍ଥ ସେ ।
ବୋଲିବା କି ପୁରୁଷାର୍ଥ ଯେ ।
ବଡ଼ କଠିନ ଶ୍ଳୋକ ମୂର୍ଖମୁଖରେ ଯେମନ୍ତ ହୁଅଇ ଅର୍ଥ ଯେ ॥
ବିଶ୍ୱସୃଜ କର ସାର୍ଥ ପାଇଁକି । ବିକଳ୍ପି ଶ୍ରୀରାଧା ଚନ୍ଦ୍ରମୂର୍ତ୍ତିକି ।
ବିଶେଷ କାନ୍ତିସାର ସୁଧା ଗୋଳି । ବାର ବାର ଛାଣି କରି ନିର୍ମିଳ ସେ ।
ବିନାଏ ଆଗ ଅସାର ଯେ ।
ବିଗ୍ରହ ହାତବଳା କଲା ଯାହା ସେ ହେଲେ ଅପସରୀବାର ଯେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବନାଇଲା ମଧ୍ୟଭକ୍ତଙ୍କ ପୁଣି । ବିଦ୍ୟୁ ଉମା ରତି ବରତରୁଣୀ ।
ବଡ଼ସାର ଭାଳି ଦ୍ୱିଭାଗ କଲା । ବିଚକ୍ଷେ ରମା ରୂପ ବନାଇଲା ଯେ ।
ବର୍ଣ୍ଣବର୍ଣ ବସି କଲା ଯେ ।
ବିଚକ୍ଷ ତନୁତଳପାତଳ ଗୁଳ ଭଳିତ କେହି ନୋହିଲା ଯେ ॥
ବୃଥାଶ୍ରମ ହେଲା ବର୍ଣ୍ଣର ରଙ୍ଗେ । ବେଗେ ଫିଙ୍ଗିଦେଲା ସକଳ ଦିଗେ ।
ବରୁଣାଳୟେ ରମା ଅପସରି । ବନେ ରତି ହିମାଳୟେ ଗଉରୀ ସେ ।
ବନା ରହିତ ଭାଗକ ଯେ ।
ବଧୂ ହେଲା କୁଶଦ୍ୱୀପେ ପଡ଼ି କରି କହିବା କେତେ ତା ଠେକ ଯେ ॥
ବ୍ରହ୍ମା କର ଧୌତ ଜଳପତନେ । ବିଶ୍ୱ ମଧ୍ୟେ ଜାତ କେତେ ବିଧାନେ ।
ବୃକ୍ଷ ପକ୍ଷୀ ଜୀବ ଫୁଲ ପଟଳ । ବିଚକ୍ଷ ମଞ୍ଜୁଳ ଲାବଣ୍ୟସ୍ଥଳ ସେ ।
ବର୍ଣ୍ଣଙ୍ଗୀ ଉପମା ଭଳି ଯେ ।
ବିଧି ରଚନା କଳ୍ପନା ଆନ ନୋହେ ଏଣୁ କରି ମନେ କଳ ଯେ ॥
ବାଛି ଉପମାକୁ ବୋଇଲେ ଛି ଛି । ବଡ଼ ପୁରୁଷାର୍ଥ ତାକୁ ଦେଉଛି ।
ବହିଥିଲୁ ଦେହ ଯହିଁପାଇଁ କି । ବିଶେଷେ ଯୋଗ୍ୟ ନୋହିଲୁ ତହିଁକି ସେ ।
ବିଦୂଷେ ଧନ୍ୟ ବୋଇଲେ ଯେ ।
ବସୁଧା ବିଶୁଦ୍ଧା ଉପମାଆଭାସେ ଛି ଛି ହେଲେହେଁତ କଲେ ଯେ ॥
ବରପତିବ୍ରତା ଶିରମୁକୁଟ । ବନଜପଦ ଲଳିତ ଦୁର୍ଘଟ ।
ବିଷ୍ଣୁପଦୀ ତାରା ତାରା ଅହଲ୍ୟା । ବାଳୀ ଦ୍ରୌପଦୀ ମନ୍ଦୋଦରୀ ଲୀଳା ସେ ।
ବଲ୍ଲଭବତୀ ବୋଲନ୍ତି ସେ ।
ବର୍ଣ୍ଣିର ଏହା ନୀତି ଆତ୍ମା ନନ୍ଦନ କରୁଥିବେତ ସେ କତି ଯେ ।
ବଚନ ଦୂତୀର ଶୁଣି ଏମନ୍ତ । ବନମାଳୀ ହୃଦେ ବାଜିଲା କୁନ୍ତ ।
ବୋଇଲେ ସୁଧାରେ ସ୍ନାନ କରାଇ । ବଜ୍ର ପ୍ରହାରିଲୁ ମୁଣ୍ଡେ କପାଇଁ ଯେ ।
ବିଶେଷେ ଆଶାତରୁକୁ ଗୋ ।
ବଚନରଚନେ ବଢ଼ାଇ ବଢାଇ କାଟିଲୁ କେଉଁ ଯଶକୁ ଗୋ ॥
ବୋଇଲା ଦୂତୀ ହେ ନାଗରମଣି । ବଲ୍ଲଭୀ-କୁଚ-ମହୀଧର ଜଣି ।
ବିଣ୍ଡକେତୁ ଫୁଲଶର ନ ଭେଦେ । ବନିତା ଦମ୍ଭ ଏଣୁ ଅଛି ହୃଦେ ସେ ।
ବର ଉପାୟ ଶଙ୍କିଲେ ହେ ।
ବାଳାମଣି ହୃଦ-ପଥରକୁ ପାଣି କଲେ ହୋଇବ କୁଶଳେ ହେ ॥
ବ୍ୟଥାଏ କଥାରେ କୃଷ୍ଣକୁ ଦେଇ । ବିଦା ହୋଇ ଦୂତୀ ପୁରେ ଚଳଇ ।
ବରଜବର ଆତୁରସାଗରେ । ବୁଦ୍ଧି ଉଚ୍ଛନ୍ନ ଲହରୀ ପଖରେ ସେ ।
ବିଶେଷେ ଭ୍ରମ ଭଉଁରୀ ଯେ ।
ବୁଡ଼ାଏ ଉଠାଏ ରାଘବ କାମୀର ଭବ ଦଶା ଭୟ କରି ଯେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବ୍ରହ୍ମାଣ୍ଡେଶ୍ୱର ଯାହା ଅଂଶୁ ଜାତ । ବିବଶ ରସରେ ହେଲେ ଏମନ୍ତ ।
ବଢ଼େ ଦଗଧ ସୁନାପ୍ରୀତିମାନ । ବିତନ୍ତ୍ୟ ସ୍ୱଇଚ୍ଛା ପ୍ରୀତି ହଜାନ ସେ ।
ବିଗ୍ରହ ସାଧିବେ ଘେନ ହେ ।
ବିଦର୍ଭିହାସୀ ରାଧା କୃଷ୍ଣ ଭାବନେ ଯାଉ ଅଭିମନ୍ୟୁ ଦିନ ହେ ।

ଅଷ୍ଟବିଂଶ ଛନ୍ଦ

ଆଦ୍ୟପ୍ରାନ୍ତାନୁପ୍ରାସ

ରାଗ—ଘଣ୍ଟାରବ

ସରସେ ଛନ୍ଦ କରିବି । ସନ୍ତ ମାନସ ହରିବି ।
ସଞ୍ଚାରି ଗମନେ ଗୋବିନ୍ଦ ବିମନେ ବୋଲନ୍ତି କେହି ଚହିବି ।
ସୁମନସେ ମନାଇବି । ସୁମନସ ବଢ଼ାଇବି ।
ସୁମନା ଆନନ ଆନନ୍ଦସଦନ ଦର୍ଶନ ଅବା ପାଇବି ।
ସନ୍ତୋଷ ହେବାକୁ ଦେବୀ । ସୁରଙ୍ଗ ମନ୍ଦାର ଦେବି ।
ସଗ୍ରଗ ନବୀନା ନ କଲେ ତା ବିନା ଜୀବନ ନିକି ନ ଦେବି ।
ସକଳ ଶାସ୍ତ୍ର ଖୋଜିବି । ସବୁ ଉପାୟ ବର୍ଜିବି ।
ସ୍ୱବଶ ତାହାକୁ ନ କଲେ ଦେହକୁ ପ୍ରୟାଗରେ ବିସର୍ଜିବି ।
ସତେହେଁ ଯେବେ ପାଇବି । ସଂସାରେ ସାର ହୋଇବି ।
ସମସ୍ତ ଲୋକରେ ମୁହିଁ ରସକରେ ନୃପଛତ୍ର ଠେକାଇବି ।
ଶୁଭାଙ୍ଗୀଭଙ୍ଗୀ ଦେଖିବି । ସୁଭାଗ୍ୟ ନେତ୍ରେ ଲକ୍ଷିବି ।
ସୁନାଶୀରପଦ ସୁନାସୀର ପଦତଳେ କାହିଁକି ଲେଖିବି ।
ସାର ବଚନ ଶୁଣିବି । ସାରଙ୍ଗେ କପାଁ ଗଣିବି ।
ଶାରଦା-ବୀଣାକୁ ମନ ଫୁରୁଣାକୁ ପାଣିକି କପାଁ ଆଣିବି ।
ସୁନ୍ଦରୀ-ମୁଖ ଗୃହିଁବି । ସୁଧାଂଶୁକୁ ନ ଗୃହିଁବି ।
ଶୁଣିଲ ତୋ ଦାଉ ମୋତେ ନ କମ୍ପାଉ ଏବେ ସେ କାଳେ କହିବି ।
ସୁନାଙ୍ଗୀ ସଙ୍ଗ ପାଇବି । ସୁନାଗର ବୋଲାଇବି ।
ସୁମନଶର ଶରାସନ ନ ଧର ଏଥର କି ଛଳାଇବି ।
ସମ୍ଭୋଗ ରଙ୍ଗେ ସର୍ଜିବି । ସୁନାଦ ବଳା ଖଞ୍ଜିବି ।
ଷଟ୍‌ପଦନାଦ ବାଦନ ସମ୍ବାଦ କି ବୋଲି ସତେ ତର୍ଜିବି ।
ସୁମନ୍ଥ ଅଙ୍ଗେ ଜଡ଼ିବି । ସୁଧାସମୁଦ୍ରେ ବୁଡ଼ିବି ।
ସୁବାସ କର୍ପୂର ଚନ୍ଦନ ଆଦର କାହିଁ ପାଇଁ ନ ଛାଡ଼ିବି ।
ଶ୍ରୀପଦେ ଲାକ୍ଷା ରଞ୍ଜିବି । ଶ୍ରୀପଦ ସବୁ ଅର୍ଜିବି ।
ଶ୍ରୀମୁଖ ଅନାଇଁ ମୁହୂର୍ତ୍ତେ କପାଇଁ ଗରୁଡ଼ଗ୍ରୀଷ୍ଟ ବର୍ଜିବି ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସେବାସ୍ନେହ ବଢ଼ାଇବ । ଶେଯ ଶୁଆ ଛଡ଼ାଇବ ।
ସେ କୋମଳାଙ୍ଗୀଙ୍କ ଆନନ୍ଦଦାୟୀଙ୍କ ଛାତରେ ପହୁଡ଼ାଇବ ॥
ସ୍ୱାଭିଳାସ ନ ଏଡ଼ିବ । ଶାଢ଼ୀପରାଏ ଜଡ଼ିବ ।
ସାହିତ୍ୟପଠିନୀ ଗହଣଖଟଣି ଛାଇ ପ୍ରାୟ ନ ଛାଡ଼ିବ ॥
ସୁଲକ୍ଷଣାଙ୍କୁ ଚାହିଁବ । ଶୁଭ ଆଉ କି କହିବ ।
ସୁର ଆଚରଣ ପଣଙ୍କୁ ସେ କ୍ଷଣ ଲକ୍ଷଣେ ଦାନ ବାହିବ ॥
ସଗରେ କୋଳ ରଚିବ । ସବୁ ସମ୍ପତ୍ତି ସମ୍ପିବ ।
ସରିତ ସାଗର ଅଭେଦ ହେବାର କେଉଁ ଅଧିକ ପାଞ୍ଚିବ ॥
ଶରୀର ସାର୍ଥ କରିବ । ସର୍ପବନ୍ଧ ଆଚରିବ ।
ସକମ୍ପା ଶ୍ରୀମୁଖେ ଛାଡ଼ ଛାଡ଼ ଦୁଃଖେ ବୋଇଲେ କିସ କରିବ ॥
ସତ୍ୟ ଆଗ କରାଇବ । ସଙ୍ଗେ ଖେଳେ ହରାଇବ ।
ସନାଦ କଙ୍କିଣୀ କଟିତଟେ ପୁଣି ଜୀବ ଥିବ ଭରାଇବ ॥
ସୁମତିଙ୍କ ଛଳାଇବ । ଶୁଝିବାକୁ ବଳାଇବ ।
ସୁହିନବସନା ବୋଲିବ ସଚେନା ? ଋଣୀ ହେବୁ ଚଳାଇବ ॥
ସୁମତି କର ଧରିବ । ଶୁଣି କଙ୍କିଣୀ ତରିବ ।
ଶୁଣି ମୋହ ଭାଷା ବଳା ଖଞ୍ଜି ଯୋଷା ଚରଣ ଧରି ବାରିବ ॥
ସୁବେଣୀ ନାଟ ଦେଖିବ । ସୁମେରୁ ପଦ୍ମେ ରଖିବ ।
ସୁମତି ମୋ ବାଣୀ ଶୁଣି ନାସାମଣି ନଚାଇବ ପରଖିବ ॥
ଶପଥ ମୋର ଭାଷିବ । ସପ୍ତ-ନ-ବୟା ତୋଷିବ ।
ସପ୍ତକନୀ ନାଦ ଶୁଣି ମୁଁ ଆନନ୍ଦ-ରସସାଗରେ ଭାସିବ ॥
ସେ ଅନ୍ତେ ବାସ ହରିବ । ସ୍ନେହରସ ବର୍ଷିବ ।
ସେ ବ୍ୟାଜ ରୋଦନେ ଆନନ ଧ୍ୱନନେ ଆନ ଦେଲେ କି କରିବ ॥
ସାରଣା ଆଗ କରିବ । ଶାଢ଼ୀ ଦେବା ଆଚରିବ ।
ଶାତକୁମ୍ଭଗୋରୀ ବୋଲି ସତ କରି କାମନାକୁ ନ ବାରିବ ॥
ସଖିନୟ ମୁଁ ହୋଇବ । ସତ୍ୟ ଏତେ କରାଇବ ।
ଶଶଙ୍କରଣରେ ତୃଷ୍ଟିପ୍ରାଙ୍ଗଣରେ ବପରୀତେ ମଙ୍ଗାଇବ ॥
ସୁମନେ ବେଶ ସାଜିବ । ସୁମକରୀ ସରଜିବ ।
ସୁପଦାବଳୀଙ୍କ ଲେଖନେ ବାଳୀଙ୍କ ମନାଇ ନଖ ମାଜିବ ॥
ସୁଗ୍ରୀଷ୍ମ ଦେଖି ଡରିବ । ସୁମନ ମନ ହରିବ ।
ସୁମନବନରେ ଜଳଯନ୍ତ୍ର ପୁଟରେ ବସି ଦିନକୁ ସାରିବ ॥
ଶ୍ରୀଖଣ୍ଡ ସ୍ତନେ ଲେପିବ । ଶ୍ରୀଉର ଉରେ ସ୍ଥାପିବ ।
ଶ୍ରୀଅଙ୍ଗ ଶୀତଳ ପାଇଁ ଗ୍ରୀଷ୍ମକାଳ ତାପେ ଆଉ ନ ତାପିବ ॥
ଶ୍ୟାମା ମତି ବଢ଼ାଇବ । ସାମୁଦ୍ରିକ ପଢ଼ାଇବ ।
ସାର ଏ ବରଷା ବୋଲି ରସାଳସା କଣ୍ଠେ ବାହୁ ବେଢ଼ାଇବ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶରଦ ଯହୁଁ ଦେଖିବ । ସରୋଜାକ୍ଷୀଙ୍କ ଲେଖିବ ।
ସରୁଛୁ ମୁଁ ଭୂରେ ତୁ ପର ପ୍ରଭୁ ତେ ମୋ ଜୀବ କେହି ରଖିବ ॥
ସ୍ନେହେ ତାଙ୍କୁ ଦ୍ରବାଇବ । ସେହିକ୍ଷଣି ଅଣାଇବ ।
ସେ ସଙ୍ଗୀତରଙ୍ଗ କରିବ ଅନଙ୍ଗ-ମୁଖେ କାଳି ଲଗାଇବ ॥
ଶୀତଳଋତୁ ପାଇବ । ଶିବାରିଙ୍କ କମ୍ପାଇବ ।
ସ୍ମିତହାସେ ଠାରି ଦେବ ଏ ଶର୍ବରୀ ବହ୍ନିହୃତ ଜଣାଇବ ॥
ସିହାଣି ପାଦେ ଖଟିବ । ଶୀତ କଲ୍ପିତ ବଟିବ ।
ଶୀଘ୍ରରେ ପଣନ୍ତ ଘୋଡ଼ାଇଲେ ମୁଁତ ଶିଶିରଭୟ କାଟିବ ॥
ସାର ଋତୁକୁ ଚାହିଁବ । ଶାରଙ୍ଗୀ କରେ ବାଇବ ।
ସାର ପିକମାନ କରି ଗୀତଗାନ ମୋ-ଗୁଣ ଦେଇ କହିବ ॥
ସୁମତି କର ଧରିବ । ସୁମନ ତୋଳା ବାଛିବ ।
ସୁମତି ଏ ରୀତି କଲେ ଦାସ ଗତି କସ ଆଉ ପଚାରିବ ॥
ସେ ବନେ ଭ୍ରମୁଁ ଚାହିଁବ । ସେବକପଣ ବହିବ ।
ଶେଷାଞ୍ଚଳ ଧରି ଶ୍ରମ ସ୍ୱେଦ ବାରିବାର ଭାଗ୍ୟ କି କରିବ ॥
ଶେଯହିଁ ସଜାଡାଇବ । ସେବତୀଙ୍କ ପଡ଼ାଇବ ।
ସେତ ସୁକୁମାରୀ ବାଧିବାକୁ ଡରି ବୃନ୍ତ ଯତ୍ନେଛଡ଼ାଇବ ॥
ସୁମନେ ପଙ୍ଖା ରଚିବ । ସୁମରିଁ ଧନେ ବାନ୍ଧିବ ।
ସୁମତି ତା ଜାଣି ମାଗିଲେ ତା ପୁଣି କେଉଁ ବ୍ୟାଜ ବରତିବ ॥
ସୁମନା ମନ ବାରିବ । ସୁଶୀଳା କର ଧରିବ ।
ସୁକାନ୍ତି ଏ ଦେହ କାହାର ନ କହ ଏହି ବଚନେ ତରିବ ॥
ଶତଦଳ ଛନାଇବ । ସଖୀ ମୁଖ ଅନାଇଁବ ।
ସଦା ପ୍ରସନ୍ନତା ଥିବ ନା ବନତା ବୋଇଲେ ଲଜ୍ଜ ପାଇବ ॥
ସେକ୍ଷଣି ପାଦ ଧରିବ । ସେ ଚଳିଲେ ନ ଡରିବ ।
ସେବକର ଦୋଷ କ୍ଷମା ହେଲା ଭାଷ କହି ଦୋଷ ଉଛାରିବ ॥
ସତେ ମୁକତି ପାଇବ । ଶଶରୁ ସୁଧା ପିଇବ ।
ସ୍ୱପନସମ୍ପତ୍ତି ଭୋଗକୁ ପ୍ରାପତ ହେବ ପ୍ରତେ ଜନ୍ମାଇବ ॥
ସାର ଯଶ ରଖାଇବ । ସୁଧା ସୁଖ ବଢ଼ାଇବ ।
ସାମନ୍ତ ସିଂହାର ବୋଲେ ଦାମୋଦର ରାଧା ତୁଲେ ମିଳାଇବ ॥

ଊନବିଂଶ ଛାନ୍ଦ

କୃଷ୍ଣରୂପ ବର୍ଣ୍ଣନ—ଅବନା ନିୟମ

ରାଗ—କାଳୀ

ସଜ୍ଜନଗଣ କର ଶ୍ରବଣ ନନ୍ଦନନ୍ଦନ ଅଙ୍ଗ ।
ବ୍ରଜକଳଧ ମଦନଶସ୍ତ୍ର ଉଚ୍ଛନ୍ନ ଭକ୍ତ ରଙ୍ଗ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସଜଳ ନବଘନ ସମ୍ଭବ-ବର ନବରଞ୍ଜନ ।
କୃଷ୍ଣ କମଳ ପ୍ରଫୁଲ୍ଲଦଳ ମରକତଗଞ୍ଜନ ॥
ରମ୍ୟ କଜ୍ଜ୍ୱଳ-ବର ଉଜ୍ଜ୍ୱଳ ତମସଚୟ ଜୟ ।
ଭ୍ରମର ସ୍ୱଚ୍ଛ ମସ୍ତକ କଚ ବର୍ଦ୍ଧନ ସ୍ମରଭୟ ॥
ବରହ ବର ମଣ୍ଡନ କର ନବପଲ୍ଲବ ସଙ୍ଗ ।
ଅର୍ଦ୍ଧ ଚନ୍ଦ୍ରକ କମଳସ୍ରକ ବନ୍ଧନ ଛନ୍ଦରଙ୍ଗ ॥
ରତ୍ନ ସଂଯୁତ ମକରବତ ଶ୍ରବଣ ଅବତଂସ ।
ରମ୍ୟ ଅଞ୍ଜନ ଅକ୍ଷରଞ୍ଜନ କରଇ ମନ ବଶ ॥
ମଦନ ମନ ଅକ୍ଷ-ବନ୍ଧନ ପରତକ୍ଷ ଲପନ ।
କଳଙ୍କହତ ଚନ୍ଦ୍ରମହତ କରଇତ ଦଳନ ॥
କଜ୍ଜଳବର୍ଣ୍ଣ ପଦ୍ମ ଯତନ ଘଟନ ଅଘଟନ ।
ମର୍କତ ଦରପଣର ଦର ପଣତ ଅଯତନ ॥
ପବନବହ ଯର ସଂଗ୍ରହ ସହ ଅର୍ଣ୍ଣବ ଫଳ ।
ଚନ୍ଦ୍ରର ଖଣ୍ଡ ପ୍ରଫୁଲ୍ଲ ଗଣ୍ଡ ଦର୍ପକ ଦର୍ପସ୍ଥଳ ॥
ପଲ୍ଲବରଙ୍ଗ ଅଧର ଭଙ୍ଗ କରଇ ପରତକ୍ଷ ।
ମନ୍ଦ ସରସ ପ୍ରକଟ ହସ ଅମୃତତ ଅଲକ୍ଷ ॥
କଣ୍ଠତ ଦରମହତହର କଳରବ ଗଞ୍ଜନ ।
ପଦ୍ମକଦମ୍ବ ରତନ ଦମ୍ଭ ହରକ ସ୍ରକ ଯତ୍ନ ॥
ଉର ମର୍କତ ଅରରବତ ଅଲକ୍ଷତ ଲକ୍ଷଣ ।
ଗଜପ୍ରମତ୍ତ କର ସଂଯତ ହସ୍ତ ଦଣ୍ଡ ଘଟନ ॥
ପତଙ୍ଗକୃତ ରଙ୍ଗ ବ୍ୟକତ କରପତ୍ର ପ୍ରକଟ ।
ମଧ୍ୟର ସମ ବଜ୍ରଉପମ ଏଣଇନ୍ଦ୍ର ଅଘଟ ॥
ଉଦର ଶତପତ୍ରର ଶତ ପତ୍ର ମହତ ହର ।
ବର ଚରମ ଫଳକ ରମ୍ୟ ଗରବ ଖର୍ବ କର ॥
କନକ ଯତ୍ନ ଜୟ ବସନ ସନକ ଦମ୍ଭହର ।
ମଧ୍ୟମଣ୍ଡନ ସ୍ୱନ ମଦନ ମନ ଧନ ଚଉର ॥
ଘନଜଘନ ମଲ୍ଲମର୍ଦ୍ଦନ ସ୍ତମ୍ଭ ଦମ୍ଭ ତସ୍କର ।
ତଳର ଜଙ୍ଘ ଖଡ଼ଗ ଶୃଙ୍ଗ ଗଜବନ୍ଧନ କର ॥
ଚରଣତଳ ରଙ୍ଗକମଳ ମଦ ମର୍ଦ୍ଦନକର ।
ପଦର ବକ୍ର ଛନ୍ଦନ ଶକ୍ର ମନ ଆକର୍ଷଭର ॥
ବକ୍ର ମଧ୍ୟର କଣ୍ଟକରର ଶଙ୍କର ଦମ୍ଭ ହର ।
ନଟବରତ ବଲ୍ଲଭବ୍ରତ ମମ ମନର ହର ॥
ଜଗତନର ସଦ୍ରବ କର ବଂଶଯନ୍ତ୍ରଧର ।
ଦମ୍ଭଭଞ୍ଜନ ମନରଞ୍ଜନ ଶ୍ରବଣ ଜନଙ୍କର ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପଥର ତରଳଇତ ସ୍ୱର ସରସ ପ୍ରଚରଣ ।
ମରଣଗଚ୍ଛ ପଲ୍ଲବ ସ୍ୱଚ୍ଛ ବସନତ ସ୍ଖଳନ ॥
ଚନ୍ଦ୍ର ତପନ ଜଳ ପବନ ପତଙ୍ଗ ସ୍ତମ୍ଭକର ।
ମମ ଧଇର୍ଯ୍ୟ ମନ ମନଜ ଦୃଢକର ମନ୍ତ୍ରର ॥
ସଙ୍ଗ ସଂଘଟ ଇଚ୍ଛଇ ଘଟ ଘଟକ କମଳଜ ।
କର ସଂଘଟ ବର ଲମ୍ପଟ ଅକ୍ଷମନର ଭଞ୍ଜ ॥
ଜୟ ଶଙ୍କର ବର ଶଙ୍କର ଦତ୍ତ ସଂଗତ କର ।
ବଲ୍ଲଭ ପଦ ସ୍ୱର୍ଣ୍ଣ ସମ୍ପଦ ବର ଅମରକର ॥
ମନ କମ୍ପଇ ବଚ ଜଳ୍ପଇ ସତତ ଧରଧର ।
ଅସମଛନ୍ଦ ଅଙ୍କର ଧନ୍ଦ ଶ୍ରବଣ ଜନଙ୍କର ॥
ନନ୍ଦନନ୍ଦନ ଜଗଦ୍ବନ୍ଦନ ପଦଦ୍ୱନ୍ଦ ଯତନ ।
ମନ ସନ୍ତତ ଶରଣବନ୍ତ ଶକ୍ରଜୟନନ୍ଦନ ॥

ତ୍ରୟସ୍ତ୍ରିଂଶ ଛନ୍ଦ

ସିଂହାବଲୋକନ କୃଷ୍ଣଙ୍କ ସ୍ୱପ୍ନାନ୍ତର ବିଳାପ

ରାଗ—ବଙ୍ଗଳାଶ୍ରୀ

ଧୀରେ ଏ ଛନ୍ଦ ଆନନ୍ଦସିନ୍ଧୁଚ୍ଛନ୍ଦ ବିସ୍ତୃରଣା କର ଧୀରେ ।
ଧୀରେ ଭାବନ କଲେ ହେଉ ଚେତନା ଗୋବିନ୍ଦ ସୁଶୟନରେ ॥
ଶୟନରେ କି ମୁଁ ସ୍ୱପନେ ଦେଖିଲି ନାଗରୀମୁକୁଟମଣି ।
କୁଟ ମଣି କି କନକ କୋଳେ ଧରିଥିଲି ସୁଧାରସେକ୍ଷଣି ॥
ସୁଧାର ସେକ୍ଷଣି ହେଲି ହରାଇଲି ସୁରବର ସମ୍ପତ୍ତିକି ।
ସୁରବର ସମ୍ପତ୍ତିକି ନ ଲଭିଲି ପାଇଁ ତାର ମୁଁ କଟଙ୍କ ॥
ତାର ମୁକତ କି ବଚନ ରେ ଅଛି ଅମୃତ ରସନିଧିରେ ।
ସନ୍ନିଧିରେ ଧୀରେ ଜଣାଣ ମଣାଣ ନ କଲି ବିହିବଶରେ ॥
ସରେ ତା ଗୁଣଗଣ ଭାବି ଏଠାରେ ଶରଣ ପାଏ କାହାର ।
ଏକା ହାର ହୃଦେ ଚିହ୍ନି ବିବେକନେତ୍ର ଭାବେ ହେଲି ସୁନାଶୀର ॥
ଭାବେ ସୁନାସୀର ଅନୁଗ୍ରହ ହେଲା ମାର ନା କୁସୁମଶର ।
ମାର-ନା କୁସୁମଶର ଯେ ବୋଲିଛି ଛୁଟିଛି ବିବେକ ତାହାର ॥
ବିବେକ ତାହାର ତରଣି ତରଣି ମଦନ ରତ୍ନାକରକୁ ।
ରତ୍ନାକରକୁ ଦେଇ କରେ ହରଲା କି କହିବ ଦଇବକୁ ॥
ବଙ୍କୁନେତ୍ରୀକି ମନାଇଁ ନ ଶୁଣିଲି ସୁରତେ କିଙ୍କିଣୀ ବଳା ।
କିଣି ବଳାରିତ ପଦବୀ ଦିଅନ୍ତା ସୁଜଘନ ବରଭୁଲା ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଘନବରଭୁଲ ରହିସାନୁସ୍ତନ ମାନସତ ହରି କର ।
ମାନ ସତ ହରି କରନ୍ତା ହରନ୍ତୁ ଧରି ପଦସାରସର ॥
ପଦ ସାର ସରଜାକ୍ଷୀ ପଦଚନ୍ଦ୍ର ମାନ୍ଦ୍ରକରେ ପରିପତି ।
ପରି ପତିତବାଣୀ ସେ ଅଙ୍ଗୀକାରେ ହୁଅନ୍ତା ଦୀନସମ୍ପତ୍ତି ॥
ପତିତପାବନ ପୁରତେ ବପତି ପରି ଥିବ ମାନସତ ।
ମାନ ଶତଚନ୍ଦ୍ର ଅକ୍ଷଭାବେ ଲୋଭି ତନୁ ବସନର କ୍ଷତ ॥
ବଶ ନରକୃତ ଯେନ କି ବହିତ ଭାସିବ ଭାବ ନିରତେ ।
ଭାଷିବ ଭାବକ ! ରତେ କିଣ ମୋତେ ବାକ୍ ନାଗରୀ ଜଗତେ ॥
ନାଗରୀଜଗତେ ମୋର ବୋଲ ହେଉ ଭବିଷ୍ୟ କେଉଁରାଜକୁ ।
ଉ ରାଜକୁମାରୀ ପରିଚ୍ଛର କଲେ ଜଥିବା କବରକୁ ॥
ବନ୍ଦିନେତ୍ରୀକି ଏରୂପେ ମନାଇବା ସୁଭାଗ୍ୟ ଦଶୁ ନାହିଁତ ।
ସୁନାହିତ ତନୁକାନ୍ତିକି ନୀରସ ସ୍ତନ ସୁନାଗରପ୍ରୀତି ॥
ସୁନାଗରୀ ଆତଯାତଭଙ୍ଗୀ ସଙ୍ଗୀ ହସିବାର ସୁଗତିକି ।
ହଂସୀବାର ସୁଗତିକି କରି ଜାଣେ ହସେ ହରର କରିକି ॥
ହରର କରି କି ଲକ୍ଷଣ ମନକୁ ଖସିଯାଉ ପଲ୍ୟଙ୍କରୁ ।
ପଲଙ୍କରୁ ସେ ଗୃହିଣୀ ଯାଉନାହିଁ କେତେ ଅନା କଳା କରୁ ॥
କରୁ ନଥି ହରାଇଲ ଭାଗ୍ୟଶେଷ କି ପତନରୁ ତିଳୁକେ ।
ରୁଚି ବୁକେ ଶମ୍ଭୁସେବା ଦ୍ରୋହ ଫଳେ ହେଲ ମୁଁ ଦୀନ ରସିକେ ॥
ମୁଦ ନ ରସି କେହି କାର ସଙ୍ଗତେ ହରବା ଆନ ନ ଦଶେ ।
ହରବା ଆନନ ଦଶେ ଦେଖାଇଛୁ ସତେ ସେ ମାନସେ ଆସେ ॥
ସେ ମାନସେ ଆଣେ କରି ଭସାଉଛି ତାରୁ ବେଳେ ଉରୁ କୋଳେ ।
ଉରୁ କୋଳେ ଥିଲେ ସରିତସାଗରେ ହସିବ ଅଭେଦ ବଳେ ॥
ବଳେ ତହିଁକି ହାରକୁ ଅଙ୍ଗହାର କରି ଦେଇଛି ଜୀବନ ।
ଛି ଜୀବନ ଭିନ୍ନ ସହି ରହିଅଛୁ ନ ଲଭି ସୁଦରଶନ ॥
ଭି ସୁଦରଶନ କର ହର ଦିଅ ସଦାଶିବ ଗଉରୀକି ।
ସଦାଶିବ ଗଉରୀଙ୍କି ହସିବ କି କୋଳେ ଧରି ବାଳବୀକି ॥
ଧରି ବାଳ ବଳ ହେଲା ଦାସ ସିନା ବାହୁପାଶେ ସତତରେ ।
ସତତରେ ରଖିଥିଲେ ଅକ୍ଷି ଥିବ ଗୃରୁ ଶ୍ରୀମୁଖ ବଧୂରେ ॥
ଧୂରେ ଥାଇଁ ଭୃଙ୍ଗ କତକ ନଥିଲ ବାସ ପେଷି ପଦ୍ମନୀତ ।
ପଦ୍ମନୀତ ବନ୍ଧୁ ସେ ଖ୍ରୀତ ନୋହୁଛି ହେଲ ଭାବନୀରତ ତ ॥
ଭାବ ନିରତତ ବରତନ ମୋର ଚନ୍ଦ୍ର ଶ୍ରୀପଦ କିଂକର ।
ଚନ୍ଦ୍ର ଶ୍ରୀପଦ କି କରର ଧରିଲେ ଉ ସାଗର ଅମୃତର ॥
ଶର ଅମୃତର ଗୁଣା କର ଦନମଣିଟି ସନ୍ନିପାତରେ ।
ନିପାତରେ ମୋର କି ହାନ ନୋହିବ ସଖିଙ୍କୁ ସୁଧା ହାସରେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶରେ ସାର ମୀର ପର ମଣି ଭ୍ରମେ ନାମ ମାତ୍ର ପଶୁପତି ।
ପଶୁପତି ହେଲେ ନ ଥାନ୍ତା କି ମୋର ଅଙ୍ଗେ ଗଉରୀ ବିଭୂତି ।।
ଗଉରୀ ବିଭୂତି ମଣ୍ଡନ ଭୂଷଣ କରେତ ରଜନୀକର ।
କରେତ ରଜନୀକର ମଣ୍ଡି ହେଲ ଉରେ ତାର ନାଗେଶ୍ୱର ।।
ତାର ନାଗେଶ୍ୱର ହୃଦେ ବିରାଜଲ୍ ଧୃତ କରକମଳର ।
କମଳର ଧୃତକର ମୋର ପୁଣି ସେ ରଥୁ କନ୍ଦରପର ।।
ପର ମୁହିଁତ ହୋଇଛି ତାର ଏବେ ବୋଲନ୍ତି ସେ ଶଙ୍କରତ ।
ଶଙ୍କରତ ମୋର ନାହିଁ ତାହାଙ୍କର ରମ୍ୟ ସୁବାସ ହରତ ।।
ସୁବାସ ହରତ ବାସ ମୁଁ ସେ ଧୃତ ସୁରତରଙ୍ଗିଣୀବର ।
ସୁରତରଙ୍ଗିଣୀ ବରଣ ହାରରେ ଆନ ଧିଆନ ନ କର ।
ଧିଆନ ନ କର କାହିଁକି ନ ଭାଳ ମୁହିଁ ସତ ବିଯୋଗିରେ ।
ବିଯୋଗିରେ ମୋତେ ଗଣିତ ପାରୁଛୁ ବନ୍ଧୁ ସାହା ନୋହିବାରେ ।।
ବାରେ ଏପରି ଦୁଃଖଦ ହେଲେ ଧନ ସହିବ କି ବିଦେହରେ ।
ବିଦେହରେ ତୁଲା ଶିରୀଷ କି ତୁଲା ପୂର୍ଣ୍ଣି ସେ ଘନରସରେ ।।
ସେ ଘନ ରସରେ ଶରଧୀଶ ମୁହିଁ ବିଚ୍ଛେଦୁଁ ଦିନ ସରେ କି ।
ବିଚ୍ଛେଦୁ ଦୀନ ଶରେ କି ଯଶଃ ଅଛୁ ସରେ ଗୁଣିତଳକ କି ?
ପୁଣି ତଳକ କି କର ଦିନ ନେବ ଏ ବାସକୁ ଭାବନାରେ ।
ଭାବ-ନା, ରେ ସହି କହିବେ ଆହ୍ନର ଧେନବ କେହି ମନରେ ।।
ନରେଶଦୁଲଲା ସେବକବତ୍ସଲା ପୁଣି କୃପାନିଧିବର ।
ନିଧିରେ ଦେବା ତୁଲ୍ୟ କି ମୋର ବନ୍ଧୁ ପ୍ରେମବିତରଣୀ ସାର ।।
ବିତରଣୀ ସାରସାକ୍ଷୀ ମୋର ନାହିଁ ଭାସିବ ମାର ଜୀବନେ ।
ଭାଷିବ ମାର ଜୀବନେ କି ଦୋଷରେ ମୁଁତ କିଙ୍କର ସୁମନେ ।।
କିଙ୍କରସୁମନେ ପରାପର ବୁଦ୍ଧି ପ୍ରୀତକି ଏ ପରମାଦ ।
ପରମାଦକୀ ପରା ହୋଇ ବିହ୍ୱଳଭାଳନ୍ତେ ଭାଜିଲା ମୁଦ ।।
ମୁଦନ୍ତି ଆକ୍ଷି ଦେଖିବା ଅବା ପୁଣି ତନ୍ମୟତ ବିଭାବରେ ।
ବିଭାବରେ ତତ୍ତ୍ୱଭତରେ ଦେଖାନ୍ତେ ମଣି ମାନ ସମାନରେ ।।
ମାନସ ମାନରେ ମଣ୍ଡନକରିବା ଭାସୁଛି ଜୀବ ଜୀବନ ।
ଭାସୁଛି ଯିବ ଜୀବତ ଭାଲୁ ଭିନ୍ନ ତା ମୂରତ ଅଲୋକନ ।।
ରତ ଆଲୋକନ କି ସୁଖ ଭାଳଲେ ପାପ କଲୁ ଲୋକନରେ ।
ଲୋକନରେ ଦେଖି ବଲେ ହେବା ଯାର ମୂର୍ଚ୍ଛି ରହିଛୁ ତାହାରେ ।।
ହା ରେ ଜୀବ ଯା ରେ ବନ୍ଧୁ ଗଲା ପଥେ ପାଇବୁଟି ସୁଗତକି ।
ସୁଗତକି ତେଜି ରହିଛୁ ଅର୍ଜିବୁ ବିଶେଷତ ତପତକି ।।
ସତତ ପତ୍ତକି ଯୁବତୀରତନ ବିଚ୍ଛେଦନ ହେବାରତ ।
ବିଚ୍ଛେଦ ନ ହେବାରତ ସାର ତହୁଁ ଯୀ ବକା ମନା ମାନତ ।।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କାମନାମାନତ ଏ ବିଧିରେ ଧୀରେ କରୁଁ ହରି ବିଚେତନ ।
ବିଚେତନରେ ଦେଲେ ଯେନ ଏଷ୍ଟନ୍ଦ ଚନ୍ଦ୍ରସିଂହାବଲୋକନ ॥
କନକାଙ୍ଗୀ ରାଧା ଘନଶ୍ୟାମ କୃଷ୍ଣ ଯୁଗଳପଦ ସାରସେ ।
ରସେ ଅଭିମନ୍ୟୁ ସାମନ୍ତସିଂହାର ମନ ଅଳି ମଧୁରସେ ॥

ଚତୁର୍ବିଂଶ ଛାନ୍ଦ

ଶ୍ରୀକୃଷ୍ଣ ସ୍ୱପ୍ନାନ୍ତର ବିଳାପ

ରାଗ—ଧନାଶ୍ରୀ

ପ୍ରଥମ ବିରୋଧାଭାସ । ଧୀରେ ଅଧୀରେ ଗୋବିନ୍ଦ ଥିଲେ ଶୟନରେ ।
ଚେତ ଅଚେତ ଭାଜିଲେ ପ୍ରାତ ପବନରେ ।
ଭାଷନ୍ତି ନ ଭାଷନ୍ତି ଅଙ୍ଗନା ବର ଧେନ ।
କାମ ନିଷ୍କାମରେ କିପାଁ କରୁ ଧ୍ୟାନ ଗ୍ଲାନ ।

ଦ୍ୱିତୀୟପଦ ବିରୋଧାଭାସ । କାନ୍ତଗତଅଛୁତ ନାହିଁତ କାନ୍ତ ଗତ ।
ଛଳୁଇ ମୂରଛତ ନ ଛଳୁଇ ମୁଁ ରତ ।
ଅଛୁ ଧିଆନରେ ବନ୍ଧ ନାହିଁ ଧୀ ଆନରେ ।
ଭାଷେଁ ଅନା ଥରେ ମୁଁ ନ ଭାଷେଁ ଅନାଥରେ ॥

ରୂପକ । ଧନ ମୁଖଚନ୍ଦ୍ରମାକୁ ମୋ ନେତ୍ର ଚକୋର ।
ପଦ ସାରସ ମଧୁକୁ ମାନସ ଭ୍ରମର ।
ମୁଁ ଧ୍ୟାନକୁ ସେ ଧନ ଅଛଇ ମନେ ଭାବି ।
ବର ସଫଳ କୃତକୁ ସେହି ମହାଦେବୀ ॥

ମହାରୂପକ । ଦେହ ପଞ୍ଜୁରୀ ପରାଣ ସାରୀ ଜୀବାତୁ ସେ ।
ମନ ମୀନ ପ୍ରେମବନ ବର୍ଦ୍ଧନୀ ଆଭା ସେ ।
କାମ ତାପ କୃପା ଗଙ୍ଗା କୂଳରେ ଶିବ ଅଛି ।
ରସରତ୍ନ ମନକୋଷ ନିଧାନୀ ମଣିଛି ॥

ମହା ମହା ରୂପକ । ଘନରସଦାମିନୀ ପ୍ରେମସାଗରୀ ନାଗରୀ ।
କଳାନିଧି ଶୁଚପଦ ବର୍ଦ୍ଧନେ ଶର୍ବରୀ ।
ପରମାନନ୍ଦ ସୁଖକୁ ଦେବାରେତ ଶିରୀ ।
କଞ୍ଜନେତ୍ର ରୋଚନକୁ ସତତ ଗଉରୀ ॥

ସଭଙ୍ଗ ଶ୍ଳେଷ । ଚିନ୍ତାମଣି ଲଭିବାର ହେଲା ଅର୍ଥ ଭିନ୍ନ ।
ଭାବନୀରତନ ଲଭିଥିବାରୁ କି ଧ୍ୟାନ ।
ମନ୍ଦାକ୍ଷରେ କାହାମୁଖ ତୁ ଚାହିଁବୁ ନାହିଁ ।
ଧୀ ଆନରେ ତା ପରି ରସିବୁଁ ଅବା କାହିଁ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅଭଙ୍ଗ ଶ୍ଳେଷ ।

ଭାବବତ୍ସଲଲକ୍ଷଣୀ ସୁରତରଙ୍ଗିଣୀ ।
ଶ୍ରୁତପଦ ଦାସେ ହୃତ ବିବନ୍ଧତା ବାଣୀ ।
ମନୁ କେତେ ଯିବ ଗୁଣିତିଳକ ନାକରେ ।
ନାଗରମଣି ଶ୍ରୀପଦଦାସହିଁ ଲୋକରେ ॥

ଭଙ୍ଗାଭଙ୍ଗ ଶ୍ଳେଷ ।

ଦୀନତାପ ବିନାଶନ ପାଇଁକି ସେ ହରି ।
ଉତ୍କଳିତ ନୋହୁଛି ଅଚ୍ଛିତ ବିଭାବରୀ ।
କୁମୁଦକାରୀ ସତ ବିଚ୍ଛେଦ ତମ ବାରି ।
ସର୍ବ ଶିରୋଧାର୍ଯ୍ୟ ପୁଣି ଆହ୍ଲାଦକାରୀ ॥

ନବମପଦ ସ୍ତବକତ
ସ୍ତବଅର୍ଥ ।

ରାମନୟନାନନ୍ଦଜା କୁଧରଜା ରୁ କି ।
ବିଭବେ ସାରଙ୍ଗ ବିମୋଦନ ନୋହିବୁ କି ।
ହରି କରେ ନାଗରୀକି ମୁଦ ଦେବ ନାହିଁ ।
ସୁମନସରେ ଶାରଙ୍ଗ ରଞ୍ଜନକୁ ବହି ॥

ଦଶମପଦ କୁସୁମିତ
ଛନ୍ନଅର୍ଥ ।

କଳାବନ୍ତ ଛବିଧର ପ୍ରିୟ ନ ରୁଚନ୍ତି ।
ଅମୃତ ପରି ପତିକି ତାପ ବିମୁଞ୍ଚନ୍ତି ।
ରସନା ବାଦ ନବୀନା ଆନନ ଇଚ୍ଛନ୍ତି ।
ହରିଚନ୍ଦନ ଦାତା କି ଆହ୍ଲାଦେ ମଣନ୍ତି ॥

ବକ୍ରୀତ ଶ୍ଳେଷାନ୍ତର ଶ୍ଳେଷ ।

ଭାବେ ହରି ଆମନକୁ ବିମନ କୁମୁଦ ।
ହରିଭବେ ବା ଧରି କି କାରଣୀ କୁମୁଦ ।
କୁମୁଦ କରି ସୁଖଦ ବହୁ ହରିପଦ ।
କୁମୁଦ କରି ସୁଗତି ହରି ଇଚ୍ଛୁ ଖେଦ ॥

ଲକ୍ଷଣା ଶ୍ଳେଷ ।

ମନ୍ଦାର ଅଧର ଚଲ୍ଲବାରତ ଦେଖିଛି ।
ପୟୋଧର ଅମ୍ବର ଆଚ୍ଛନ୍ନେ ବିରାଜିଛି ।
ଘନରସ ବୃଷ୍ଟି କାହିଁପାଇଁ ହେଉ ନାହିଁ ।
ବିଦେହ ତାପ ବିଲୋପ ହେବା ବନ୍ଧୁ କେହି ॥

ଏକ ପ୍ରଦେଶ ଶ୍ଳେଷ
ନିରର୍ଥକ ।

ଶରବ୍ୟୟ କରୁଛି ପାମର ମାର ଉର ।
ତନ୍ତା ବ୍ୟାକୁଳ ଆକୁଳ ତାପକୁ ଲବର ।
ସୁରସ ଭାବନା ବିନା ଜୀବିକାତ ନାହିଁ ।
ସମଦଶା ଯେନ ଦୁଃଖୀ ମିତ ମୋର ତୁହିଁ ॥

ବ୍ୟଞ୍ଜନ ଶ୍ଳେଷ
ଅପ୍ରୟୋଜନାର୍ଥ ।

ସୁରସନାଥ ରେ ଦାସ ଆସ ବୋଲୁ ନାହିଁ ।
ଦର୍ପକରଣରେ ଛେଦ ଦେଲ ଗୃହିଁ ଗୃହିଁ ।
ଭାବର ଧନିକପାଇ ହେଉଛି ମୁଁ ଦୀନ ।
କୃତାର୍ଥ ପଦବୀ ଥରେ କରୁ କନା ଦାନ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅବନା ।
ମଦମତ୍ତ ଉନ୍ନତଗଜ ମସ୍ତକ ବତ ।
ଉଲ୍‌ଟ ତବଲ୍ ରମ୍ୟ ମଣ୍ଡପତ ସତ ।
ଦନ୍ତଶଠ ବରକତ ବନଧର ଯହ୍ନ ।
ପ୍ରକଟ କନକଘଟ ଘଟନ ତ ସ୍ତନ ॥

ବନା ।
ଧୀରେ ଧୀରେ ବେଳେ ଦେ ରେ ଛଟକ ମୋ ଯୋକ୍ଷି ।
ଦଶେ ଦଣ୍ଡ ଆସୁ ନାହୁଁକି ଦୋଷେ ସୁମୁଖି ।
ଭାବେ ଭାବନୀକ ଭାବଛୁ ମୁଁ ଏାହ ହେବ ।
ନାଶିଲେ ତୁ ମୂରୁଛ ବା ମୁଁ କେହ୍ନ ପାରବ ॥

ସଶ୍ଳେଷକ ।
ଭାବ ମୁଁ ମୋ ପାପେ ଭବ-ବାମାଭାବେ ଭ୍ରମେ ।
ଭ୍ରମ ଭବ ଭବ ବପୁ ଭାଭାବ ବଭ୍ରମେ ।
ବବପୁଭବା ବାମାମା ପ୍ରେମେ ବା ବଭାବ ।
ଭବେ ପୂର୍ବଭୂପ ବୈଭବ ପ୍ରାଭବ ଭାବ ॥

ବସ୍ୱରନଶ୍ଳେଷକ ।
ଚରଣ ଶରଣ ରଣରଣ ଦରହର ।
ଯତନ ରତନ ଘନ ସ୍ତନତ ରଙ୍କର ।
ଅଙ୍ଗ ଅନଙ୍ଗର ଶର ସଦନତ ସତ ।
ନୟନ ଦର୍ଶନ ଜନରଞ୍ଜନ ସତତ ॥

ପୁନରୁକ୍ତିବଦାଭାସ ।
ରାଜ-ନୃପତନନ୍ଦନା ସହଜେ ତୁ ପରା ।
ତନୁ ଅଳ୍ପଦାନରେ କୃପଣ ନୋହୁ ଧୀରା ।
ସ୍ୱର ଦର୍ପକବାଣରେ ମରାଲ କ ଯଶ ।
ଯର ଶତ୍ରୁଙ୍କୁ କେବେହେଁ ନ ଦେଇ ପୌରୁଷ ॥

ପୁନରୁକ୍ତି ବଦାଭାସ ।
ହରିବାର କରତାପ କମଳ ନାଶଇ ।
ହରିବାର କର କୃପା ତାପ ବିନାଶଇ ।
ହର ବାରଣ-ସୁଗତ ବୋଲନ୍ତି ସମସ୍ତେ ।
ହର ବାରଣ ସୁଗତ କରନ୍ତୁ କେମନ୍ତେ ॥

ତର୍କସନ୍ଧ ।
ଭାବ ନରତରେ କାମିନୀରତରେ ମନ ।
ଜୀବନ ଯିବ ଅପୂର୍ବ କୃପା କଲେ ଧନ ।
ମୀନନୟନ କୁମୁଦ ହାସରେ କ ଭାବ ।
ବିରହେ ବିରହୀ ଧ୍ୟାନ ଅଛି କ ନ ହେବ ॥

ଲକ୍ଷଣାତର୍କ ।
ସମୀର ମଧ୍ୟ ଇକାର ହର ଇଚ୍ଛା କର ।
ଅନଳ ମଧ୍ୟରେ ଦେଇ ପେଷିଛୁ କ ଗୋର ।
ଅବସ୍ଥିତ ଅବସ୍ଥିତ କଲୁ କାହିଁ ପାଇଁ ।
ଅମୃତ ଆଦ୍ୟରେ ପରା ବନ୍ଧୁଅଛୁ ଦେଇ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶ୍ଳେଷରୂପକ ଛଳ ଲକ୍ଷଣ-
ଶଯ୍ୟାଭାସ ସଙ୍କର ।

ସୁନାସୀର-ଦାସ ନ କି ଧନ ବିନା କ୍ଲେଶ ।
ଘନରସଦା ତୁ କାମ ଦହେ ପ୍ରେମକୃଶ ।
ନାଗରମଣିତ ମଧ୍ୟ ମଧୁକରବତ ।
ସୁରତରଣୀ ମୋହିତ ଧନ ତୁହି ସତ ॥

ବିଚିତ୍ର ଲକ୍ଷଣା ।

ଆସ୍ୟକଞ୍ଜେ ବସା ନେତ୍ର ଖଞ୍ଜରୀଟ ଯୁଗ ।
ଦେଖି ଭଲେ ଅଙ୍ଗ ଦେଶ ହେବ କି ମୋ ଭୋଗ ।
ଘଷିଁ ଉରଜ ବସନ ତହିଁରେ ତ ଭାବ ।
ଗଉରୀ ପ୍ରସନ୍ନେ ଶିରୀଭୋଗୀ କି ନୋହିବ ।

ଲକ୍ଷଣା ।

ଅନୁଗତେ ଅସ୍ଥି ଭସ୍ମ ବହନ୍ତି ଶଙ୍କର ।
ଭ୍ରମେ ବର ଗଙ୍ଗା ପତ୍ନୀ ଶାନ୍ତନୁଙ୍କର ।
ପଦ୍ମ କାନ୍ତେ ଅଛି ଭୃଙ୍ଗେ ପଦ୍ମିନୀର ପ୍ରୀତି ।
ଅନୁଗତ ଅଙ୍ଗୀକୃତ ଧୀରେତ ପାଳନ୍ତି ॥

ଦୃଷ୍ଟାନ୍ତର ।

ଆଶନାଶ ଦୋଷ ଶଶି ଅଙ୍କେ ଅଛି ଦେଖ ।
ଚନ୍ଦ୍ର ଚକୋରଗଣ ପଦ୍ମ ଭୃଙ୍ଗରେନ ଲେଖ ।
ବିନ ବିନା ମୀନ-ଦିନ କ୍ଷୀରେ ସରେ ନକ ।
ପବି ଥିଲେ ଘନ ଆଶାଗୃତକ ଡେକେ କି ।

ଲକ୍ଷଣାଉପମା ଦୃଷ୍ଟାନ୍ତର
ରୂପକ-ସଂକର ।

ନେତ୍ର ଶରଘାତେ ହୃଦ ବ୍ୟଥାରୋଗୀ ମୁହିଁ ।
ଚୁମ୍ବକେ ବାହାର କର ଲୋହଫଳ ସହି ।
ନିରୁଜ ହୋଇବି ମୁଁ ଅଧରାମୃତ ପାନେ ।
ସ୍ତନ ମାତୁଲଙ୍ଗ ଅଛି ଭୋଗ ବିରୋଚନେ ।

ଅଶାସ୍ ଉପମା ।

ମୁଖ ନେତ୍ର ଓଷ୍ଠ ରଦ ଗଣ୍ଡ ସୁଚିବୁକ ।
ଶ୍ରୁତି କେଶ ବାସ ସ୍ତନ ପାଦ ପାଣି ନାକ ।
ଜାତି କାନ୍ତି ସଙ୍ଗୀ ସୁମାନସରେ ପୂଜିତ ।
ଶାରଙ୍ଗସଙ୍ଗି ରଙ୍ଗକୁ ବର୍ଦ୍ଧିନୀ ନୋହିତ ॥

ଚତୁର୍ବିଧ ସଙ୍କରାନୁଭୂତ ।

ଅଳ୍ପରସଭୋଗୀ ହେବେ ଭ୍ରମର ଚକୋର ।
ଅଳ୍ପପୂଜନେ ଶୋଭନ ହେବେ ସର୍ବସୁର ।
ଅରୁଣ ଲୋକନେ ମୁଦ କୁମୁଦ ହୋଇବ ।
ବିପରୀତ କଥାରେ ସୁଗତି ନ ମିଳିବ ॥

ଅଦ୍ଭୁତୋପମା ।

ଲତାରେ ଫଳିଛି ବେନି ଶଇଳ ସୁଫଳ ।
କମଳରେ ବହୁଅଛି କାଳିନ୍ଦୀର ଜଳ ।
ବିଧୁର ଅରୁଣ ଅରୁଣରୁ ବିଧୁ ଜାତ ।
ତାପୁଁ କମ୍ପ କମ୍ପୁ ସ୍ୱେଦ ଦେଖି ବିଜନତ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅପଶବ୍ଦାଭାସ ।

ସୁକରଜା ତନୁଭୋଗ ହରଲାତ ବଧି ।
ସେ କୁକର ହୋଇ କଲା ଏଡ଼େ ମନ୍ଦବୁଦ୍ଧି ।
ଦାନବରପତି ପଦ ଦେଇ ନେଲା କେହି ।
କସ ସ୍ୱଭାବକୁ ଅବା ପ୍ରଶଂସିବ ମୁହିଁ ॥

ମହାଯମକ ।

ରମ୍ଭା ଉରୁବଶୀ-ବାର ଆଶି କ ଲୋକରେ ।
ରମ୍ଭାଉରୁ ବସିବାର ଆଣିକ ଲୋକରେ ।
ଖରେ ହଂସ ଗତି ରହେ କାନ୍ତ ଆଲୋକରେ ।
ଖରେ ହଂସଗତି ରହେ କାନ୍ତ ଆଲୋକରେ ॥

ସର୍ବାଯମକ ।

ବିଭାବରେ ହରବର ସୁମନର ଶରେ ।
ବିଭାବରେ ହରବର ସୁମନର ସରେ ।

ଛଳ ।

ଭୂରେ ପ୍ରଭୁରେ କି ଯଶ ଦାସର କ୍ଳେଶରେ ।
ରସଜ୍ଞମୀ ହସିବେଟି ଆଶା ବିନାଶରେ ।
ଜୀବଧନ କରିବାର ପାଇଁ କି ବାଞ୍ଛିତ ।
ଜୀବଧନ କଢ଼ି ନେବାକୁ ଇଚ୍ଛା ଅଚ୍ଛିତ ॥

ଗୁରୁ ଲଘୁ ବର୍ଣ୍ଣନାଭାସ ।

ବର୍ଣ୍ଣି ସ୍ୱର୍ଣ୍ଣି ମୂର୍ତ୍ତି ବୃତ୍ତି ଅଚଳ ଜଗତେ ।
ବ୍ୟର୍ଥ ଅର୍ଥୀ ପୃଥ୍ୱୀ ଅର୍ଥୀ ହୃଅନ୍ତ୍ର ଜଗତେ ।
ବିଷ୍ଟୁ ଜିଷ୍ଟୁ ଭର୍ଗ ସ୍ୱର୍ଗ ଭୃଙ୍ଗ ବନ୍ଧୁ ଭୋଗେ ।
ଭୁକ୍ତି ମୁକ୍ତି ଅଳ୍ପ କଳ୍ପଲତା କୃପାସଙ୍ଗେ ॥

ସ୍ୱରସଂଯୋଗାଭାସ ।

ପକ୍ଷ ଅକ୍ଷ ପରେ ଈଶ ଋତସ୍ମୃତ ହର ।
ଉରୁଉତ୍କଳକୁ ଋତଋପା ଦାନ କର ।
ଲୃଟିଲୃକ ଏକା ଐକ୍ୟ ଭାବନାକୁ ମନ ।
ଓଜ ଔଷଧି ଅଙ୍ଗରେ ଅଚ୍ଛ କର ଦାନ ॥

ଉପମାବୈଚିତ୍ର ।

କାନ୍ତିଗୁଣରେ ଶଉରୀ ହେବ କି ଯତନ ।
ମଧୁରକୁ ସୀତା ଯେନ ନୋହିବ ସମାନ ।
କାମବିନୋଦରେ ରତି ହେବ କି ରଞ୍ଜନ ।
ଲାଳିତ୍ୟରେ ବାଣୀ ଆଣି କେତେକ ଶୋଭନ ॥

ଅନ୍ତର୍ଲିପିନ୍ୟାସ ।

ଗୃହବେଦନାମ ତନ ବର୍ଣ୍ଣରେ ରଚନା ।
ମଧ୍ୟ ଦାନ କଲେ ସେ ମୋ ଗୃହବର୍ଗ ସିନା ।
ଗୃହଦେବୀ ନାମ ଏହି ବିଧିରେ ବିଧାନ ।
ବୈତରଣୀ ହେଲେ ହେବ କେ ମୋର ସମାନ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବହିର୍ଲିପି ।
ସୁଦରଶନବହକ ବନା ଗତ ନାହିଁ ।
ଅପୂର୍ବ ବାଞ୍ଛିତ ପଦାର୍ଥହିଁ ଅଛୁ ତହିଁ ।
ବିମୁଦନ ନାନାପର ପ୍ରସଙ୍ଗେ ହୋଇବ ।
ଅସ୍ତ୍ର ବ୍ୟସ୍ତ୍ର ବର୍ଣ୍ଣ ହେଲେ ଭାବ ଜଣାଯିବ ॥

ଶୃଙ୍ଖଳାସିଂହାବଲୋକନ ।
କଞ୍ଜଚନ୍ଦ୍ର ଦରପଣ ବଦନ ରଞ୍ଜନ ।
ଜନହରଷ ଜନକ ବର ପରସନ୍ନ ।
ସନକ ମନ ବଶକସଦନତ ହସ ।
ହଂସଗମନ ରଖଇ ଦର୍ଶନ ତରସ ॥

ମଣ୍ଡୂକପ୍ଲୁତଶୃଙ୍ଖଳା ।
ବର ବାରଣଗମନା ମନାଉଛୁ ଅନା ।
ଅନାସୃତ୍ତରେ ସୁମୁହିଁ ମୁହିଁତ ବମନା ।
ମନାକ କରୁଣା କର କରକଦଶନା ।
ସନାଥ ହେବ କରତ ରତ ପାଇ ସିନା ॥

ଗଙ୍ଗାସ୍ରୋତଶୃଙ୍ଖଳା ।
ବରରସଶର ରସାସାରରସସହ ।
ହତତ ସେ ସେବବ ଭ୍ରୁ, ଭ୍ରୁ, ବବତ ତହିଁ ।
ହ୍ରୀନନର ରସସଦା ଦାସସଦା ଦାହ ।
ହତେ ତେବେ ବେଶେ ସେବ ବୀର ରସେ ସେହ ॥

ସର୍ବାଙ୍ଗପାଦଶୃଙ୍ଖଳା ।
ଶାରଙ୍ଗରଙ୍ଗତ ଗତରୁ ତରୁଣୀ ରୂଣୀ ।
ବାତପତ୍ରପର ପରମରମଣୀ ମଣି ।
ଧମୀର କରତ ରତ ରତର କରକ ।
ବହିତ ହତହିଁ ତହିଁର ହ୍ରୀରକ ରଙ୍କ ॥

ବର୍ଣ୍ଣନାବଚିତ୍ର ।
ଗଞ୍ଜନରେ ସଂହନନଭଞ୍ଜ କଞ୍ଜନରେ ।
ସଠରେ ଅଲକ୍ଷ ଉମା ମତ୍ତ ବଉରେ ।
କଚଠଚପ ଗଜଡ଼ଦବ କଲେ ଅର୍ଥେ ।
ଗଜଡ଼ଦବ କଚଠଚପ କଲେ ଅର୍ଥେ ॥

ଭବର ଧନ ଭ ବନ୍ତେ ଅବରତ ତହିଁ ।
ଅଭିମନ୍ୟୁ ଏ ଭାବନା ତେଜିବ କି କେହି ।
ପାଞ୍ଚ ଚଉର ଏ ଛନ୍ଦ ଗଣନା ଏତକି ।
ବାଇଶ ଭାବସମୁଦ୍ର ବଇବେ ସେବା କି ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପଞ୍ଚବିଂଶ ଛାନ୍ଦ

ଶ୍ରୀକୃଷ୍ଣ ବିଳାପ ଶୁଣି ମିତ୍ରଉକ୍ତି

ରାଗ—ଚକ୍ରକେଳୀ

ଏକବର୍ଣ୍ଣାନୁପ୍ରାସ । ସନ୍ତଜନ ଯେନ ଏ ଦିବ୍ୟ ରସ ।
ସଖା ଶୁଣି ଗୋବିନ୍ଦ ଚିନ୍ତାଭିଷ ॥
ଦ୍ୱିବର୍ଣ୍ଣାନୁପ୍ରାସ । ଚିର ନ ସହି ପୁଚ୍ଛନ୍ତେ ଉତ୍ତର ।
ଚିରକଲେ ଦେଖି ମହାକାତର ॥
ତୃତୀୟ ବର୍ଣ୍ଣାନୁପ୍ରାସ । ଭାବରଙ୍କ ଅଙ୍ଗେ ଦଶା ଭାବର ।
ଆଶାରସେ ନେତ୍ରୁଁ ଜାତ ଆସାର ॥
ଚତୁର୍ଥ ବର୍ଣ୍ଣାନୁପ୍ରାସ । ହାସବଦନେ ନାହିଁ ହା-ଶବଦ ।
ଯେ କୁମୁଦନ୍ତ ସେ ଭଜେ କୁମୁଦ ॥
ପଞ୍ଚାକ୍ଷରାନୁପ୍ରାସ । କାମିନୀରତେ ସେ କାମୀ ନରତେ ।
ଭାବ ରଚତେ ସେ ଭାବରଚତେ ॥
ଉପମାନୁପ୍ରାସ । ମିତେ ପୁଚ୍ଛିଲେ କହ ଏ କି ବାକ୍ୟ ।
ଏତେ ଦୁଃଖଦ ହେବାକୁ କେ ଶକ୍ୟ ॥
ବିଶ୍ୱମୋହିତ ଯାକୁ ନୋହେ ଚିତ୍ର ।
ଧୃତିହାରି କି ତାର ରାମା ମାତ୍ର ॥
କ୍ଲିଷ୍ଟକ୍ଲିଷ୍ଟରେ ଗୋବିନ୍ଦ କଥନ ।
କ୍ଲେଶ କି ବୋଲ ଯାଉଛି ଜୀବନ ॥
ବ୍ୟାଧିବନ୍ତର ବାଞ୍ଛା ମଉଷଧି ।
ବ୍ୟକ୍ତ କର ଭେଟାଇଥିବେ ବିଧି ॥
ନବନାଗରୀ ପ୍ରେମସୁଧା ସିନ୍ଧୁ ।
କୋଳେ ଥିଲା ଏକ୍ଷଣି ହେଲା ଛିନ୍ନ ॥
ନେତ୍ର ଭ୍ରମର ମୁଖକଞ୍ଜେ ମଗ୍ନ ।
ଚିତ୍ତ ସରଘା ରସପାନେ ଲଗ୍ନ ॥
କୃତ ସୁକୃତ ଏତ ମିତଗର ।
ବୃଥା ଚିନ୍ତା ସ୍ୱପ୍ନକୁ ଏତେ କର ॥
ପ୍ଲୁତଭଙ୍ଗୀ ସଙ୍ଗିର ଜାଣି ହର ।
କୃଷ୍ଣ ଯୋଗଭଙ୍ଗୀ ଭାବ ସୁମର ॥
ଶଶ ପାଳକାଣ୍ଡ ଦଣ୍ଡ ପ୍ରମାଣି ।
ଯାଯା ତା ଗଳ୍ପପଥେ ପ୍ରାଣ ଭଣି ॥
ଛୁଛି ଏହା ବୋଲଇ ମିତେ ଭାଷି ।
କୁନ୍ଦରଶୋଭିନୀକି ମନାସି ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସେ ସେନେହ ମିଳିବ ଥିଲେ ଜୀବ ।
ବଇଶ୍ରବଣବିଭୂତିଙ୍କ ଦେବ ॥
ଗୋଗୋଷ୍ଠକୁ ଗୃହ ବସି ଭାଳିବା ।
କୈ କୌଶଳା ସେ କ କରି ଜାଣିବା ॥
କଙ୍କଣକୁ ନ ଚେଜ ମଧୁ ଭଣି ।
କଙ୍କକାକ୍ଷା କଲେ ଶୁଭ ଆଣି ।
ବର୍ଗାନୁପ୍ରାସ । କଞ୍ଜନୟନ ଅଛୁ ହୃଦେ ହାର ।
ଚମତ୍କାର ଏ ସ୍ୱପ୍ନ ଅଙ୍ଗୀକାର ॥
ଝଲ୍ଲଅଛି ଏଥିପାଇଁ ଧୀରତ୍ତ ।
ତଥ୍ୟ କାହିଁ ଯେନନ୍ତା ଆମ୍ଭ ମତ ॥
ଘର ପତ୍ନୀ ଆମ୍ଭ ଗିର ନ ଧର ।
ଖରେ ବୃନ୍ଦାବନକୁ ବଳେ କର ॥
ଛଳ ଛଳନବର କୁଞ୍ଜେ ନେଲେ ।
ଠକପଣେ ହାରକୁ ଚନ୍ଦାଇଲେ ॥
ଥୟ ଜାଣିଲେ ସେ ହାର ଯାହାର ।
ଫରକ୍ତରେ ନ ବୋଇଲେ ଉତ୍ତର ॥
ଅଙ୍ଗ ଅଙ୍ଗନାବର ରକ୍ଷା କରୁ ।
ଆର୍ତ୍ତି ଆହ୍ଲାଦନୀ ବେଗେ ହରୁ ॥
ଇଚ୍ଛା ଇଙ୍ଗିତଶୀଳା ପୂର୍ଣ୍ଣ କରୁ ।
ଈତସ୍ତ୍ରତ ଈନ୍ଦୀଗଞ୍ଜିତ ହରୁ ॥
ଉରୁଶୋଭିନୀ ମାନସରେ ବସୁ ।
ଊଛସ୍ତନା ପଦଗଣକୁ ଆଶ୍ୱାସୁ ॥
ଋଷିମୋହିନୀ ରକ୍ଷା କରୁ ଶିର ।
ୠଚରୂପା ଲଲାଟ ରଖୁ ମୋର ॥
ଌଳିତାଳକା ଶ୍ରୁତିଙ୍କ ଉଦ୍ଧାରୁ ।
ୡକର୍ଣ୍ଣୀ ମୋ ଭୂଲତା ସ୍ଥାନ କରୁ ॥
ଏଣୀନୟନୀ ନୟନରେ ରସୁ ।
ଐଗବତଗତି ନାସେ ବଲସୁ ॥
ଓଷଧୀଶାନନୀ ପାଳୁ ଗଣ୍ଡକୁ ।
ଔଦାର୍ଯ୍ୟା ଯେ ରଖୁ ମୋର ଓଷ୍ଠକୁ ॥
ଅଂଶୁଶୋଭିନୀ ରସୁ ରସନାକୁ ।
ଆର୍ଯ୍ୟା ଆଦର ରହୁ ବଦନକୁ ॥
କମ୍ବୁକଣ୍ଠୀ ଚବୁକେ କରୁ ବାସ ।
ଖଞ୍ଜନାକ୍ଷୀ ଉଦ୍ଧରୁ କଣ୍ଠଦେଶ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଗଜଗମନା କଙ୍କେ ବଙ୍କେ କରୁ ।
ଘନଜଘନା ବାହୁକୁ ଉଦ୍ଧରୁ ॥
ଉତ୍ପଳଦ କରୁ କର-କରଣ ।
ଚକ୍ରନିତମ୍ବା ଉରୁ ବିମୋକ୍ଷଣ ॥
ଛଳବଚନା ରଖୁ କକ୍ଷ ବକ୍ଷ ।
ଜଗଦ୍ବନ୍ଦନୀ ଉଦରକୁ ରକ୍ଷ ॥
ଝଲ୍ଲବରନା ନାଭିବିଳାସିନୀ ।
ଞ୍ୟାୟୃନ ଧାମୀ ମୋ ପୃଷ୍ଠମଣ୍ଡନୀ ॥
ଟଳଟଳଗମନା ମଧ୍ୟେ ବସୁ ।
ଠଣଚରଣା ନିତମ୍ବ ଆକର୍ଷୁ ॥
ଡରନାଶିନୀ ସଘନଜଘନେ ।
ଢକାବଜା କୃପାଳୁ ଉରସ୍ଥାନେ ॥
ଷଣହେମ ସୁମନାଙ୍ଗୀ ଜାନୁରେ ।
ତନୁପାତଳୀ ବହରୁ ଜଙ୍ଘାରେ ॥
ଥୟୃମନା ଗୁଲୁଦେଶେ ବସନ୍ତ ।
ଦମ୍ଭହରା ପଦରେ ରହନ୍ତୁ ନିତ ॥
ଧରଣୀଶପୁତ୍ରୀ ରଖୁ ଅଙ୍ଗୁଳି !
ନବଘନକେଶୀ ରଖୁ ପାଦନଳି ॥
ପଦ୍ମିନୀ ଯେ ପାରୁଶ ରକ୍ଷା କରୁ ।
ଫଣୀବେଣୀଶୋଭୀ ଊର୍ଦ୍ଧ୍ୱ ଆବୋରୁ ॥
ବନ୍ଧୁ ରହନ୍ତୁ ବିବେକବଖ୍ତରରେ ।
ଭବପରଦରହାରୀ ଭାବରେ ॥
ମଦାଳସା ମହନ୍ତପ୍ରେମେ ମତ୍ତ ।
ଯଶଉଦୟା ନାନାସୁଖେ ଭକ୍ତ ॥
ରସନଥର ସରସ କରନ୍ତୁ ।
ଲଳିତାଙ୍ଗୀ ବନ୍ଧୁକୁ ରସିବନ୍ତ ॥
ବରବରନା ରଖିବ ଶୟନେ ।
ଶ୍ରୀମତୀ ଯେ ଉଦ୍ଧରୁ ରାତ୍ର ଦିନେ ॥
ସରୁକଟି ସ୍ୱପନେ ହେଉ ସଙ୍ଗ ।
ସରୋଜାକ୍ଷୀ ଜାଗ୍ରତେ କରୁ ରଙ୍ଗ ॥
ହରହର ଭାବ ମୁଦ ଏମନ୍ତ ।
କ୍ଷତହରଣୀ କଶିରେ ଯେମନ୍ତ ॥
ସିଦ୍ଧିପ୍ରଦ ଶ୍ରୀରାଧାକୃଷ୍ଣପଦ ।
ଧୀରେ ସୁମର ଲଭିବ ଆନନ୍ଦ ॥
ରଚେ ସାମନ୍ତସିଂହାର ଅଧୀନ ।
ସ୍ତବନରେ ସଦା ରହନ୍ତୁ ବଚନ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଷଟ୍ତ୍ରିଂଶ ଛନ୍ଦ

ଶ୍ରୀକୃଷ୍ଣ ବିଭ୍ରମ ବିଳାପ ଉକ୍ତି । ବର୍ଣ୍ଣାମାନୁପ୍ରାସ

ପ୍ରଥମପଦ ଏକାନ୍ତ ଅନୁପ୍ରାସ

ରାଗ—କାମୋଦି

ଘେନ ଆହେ ଅନଘ ସୁରମ୍ୟଛନ୍ଦ ଅଘନାଶନ ପ୍ରେମରସ ଶ୍ଳାଘ ।
ରସିକଜନ ରାଘବର ଆନନ୍ଦ ଓଘ ଘନରସଦାୟକ ମେଘ ହେ । ବଞ୍ଜିସିଂହ ।
ଅଖିଳଜନଙ୍କର ଅଘ । ଛାଗ ବିନାଶନକୁ ବାଘ ।
ମହା ଅଜ୍ଞାନ ସିଂହନନକଷ୍ଟନେ ମାଘ ଭଜ ଦୁଃଖସାଗର ଲଙ୍ଘ ହେ ।

ଯୁଗ୍ମାନ୍ତାନୁପ୍ରାସ

କୃଷ୍ଣ ବୃନ୍ଦା କାନନ ମଧ୍ୟେ ବସି ଆନନ ଭାବନ୍ତି ରାଧାର ସନ୍ତତ ।
ଶରବାର ମାରର ପଡ଼ିଲା ଭଙ୍ଗୁରର ସମକୁ ବଳଲା ଘାତତ ଯେ । ବୋଲିଁ ହାହା ।
ଛିନ୍ନ ହେଲେ ଯେ ମନ୍ତ୍ର ରୁରୁ । ଆଶ୍ରୟୀ ହୋଇଲେ ତରୁରୁ ।
କଷ୍ଟଇ ସିଂହନନ ଚନ୍ଦ୍ରାବାଣୀ ଜନନ ଗୁଣ କୀର୍ତ୍ତନ ସୁଭୂରିରୁ ସେ ।

ମଧ୍ୟାନୁପ୍ରାସ

ଆହା ନବରମଣୀମଣି ତୋ ଗୁଣ ଗୁଣି ଏ ଜୀବ କି ମୋ ଯିବ ।
ସତେ ଭାଗ୍ୟ ଦଶିବ ଶିବ କି ପ୍ରକାଶିବ ଶିବପରତ ନ ମାଇବ ରେ । ନବବଧୂ ।
ତୋତେ ସୁମର ମରବାର । ମୁକତ କରକ ସଂଗ୍ୱର ।
ନ ହେଲେ ତୋର ପଦ୍ମପଦକ କି ସମ୍ପଦପଦ ପାଇବ ଜୀବ ଛାର ରେ ।

ଛେକାନୁପ୍ରାସ

ତୋହ ପ୍ରାପ୍ତି ଆଶରେ ବାଞ୍ଛାବନ୍ତ ପାଶରେ ତପ ସାଧିବ ନିରାଶରେ ।
ଶ୍ରୀପଦସାରସରେ ଗଣା ହେବ ଦାସରେ ତେବେ ମୁଁ ଲେଖା ପୁରୁଷରେ ରେ ।
ସୁଯଶରେ ।
ମୋନାମ ରସଆରଷରେ । ରହିବା ରସକବସରେ ।
ବନ୍ଧୁ କୃପାଲେଶରେ ପ୍ରେମପଉରୁଷରେ କଷ୍ଟାଇବ ରତଇଶରେ ରେ ।

ଅନ୍ତର୍ନିହିତାନୁପ୍ରାସ

ନବୀନା ବନା ମୁହିଁ ସନ୍ନ୍ୟାସ ନ୍ୟାସ ବହି ଧ୍ୟାନ ଆନ ନ କରିବ ।
ଭଙ୍ଗୀର ଗୀର ସ୍ମର ଜୀବତବନ୍ତ କର ଭୁବନ ବନଭୂ ଫେରିବ ରେ । ଭାବବନ୍ତ ।
ଶ୍ରୀପଦ ପଦ୍ମଧୂଳି ଦେବ । ବିଭୂତ ଭୂତ ବା ସେ ହେବ ।
ନରତ ରତ ନାମେ ମଜ୍ଜିବ ଜୀବ ପ୍ରେମେ କନ୍ଦର୍ପ-ଦର୍ପ କି କରିବ ରେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଏକାକ୍ଷରାଦ୍ୟଯମକ

ଝଲ୍ଲ ମୁଖ ନଳିନ ଝଷଜିତ-ନୟନ ଝଷକେତନ ଶରଧର ।
ଝରଝର କରତ ଝରୁଥାଇ ଅମୃତ ଝଟକ ହାସରେ ତୋହର ରେ । ଝଲକାଙ୍ଗି ।
ଝଙ୍କାର ବୀଣାଜିଣା ଗିର । ଝନନ କଙ୍କଣୀ ମଧୁର ।
ଝର୍ଝର ସୁହଂସକ ଝଲକାଦ ଏ ଦକ ଝଟିତ ମୋହେ ତନପୁର ରେ ॥

ଦ୍ୱିତୀୟ ବର୍ଣ୍ଣାଦ୍ୟଯମକ

ଗଗନାଦ ବିଲୋକ ସୁମୁଖ ସୃଷ୍ଟିଯାକ ଛୁଛୁ କରୁଛୁ ମନେ ଭାବ ।
ମମତା ସଦା ମୋର ନାନା ଭଙ୍ଗିମା ତୋର ବବଧ ମତେ ଦେଖୁଥିବ ରେ । ବଦଗଧା
ମୁଁ ମୁମୁକ୍ଷୁବତ ହୋଇଛୁ । ଶଶ ଶଶିନ୍ୟାୟେତ ଅଛୁ ।
ଶେଷେ ସେବାତ ନାହିଁ ସୁମୁଖ ହେବ କାହିଁ ଧୀ ଧୀର ଏ ଧେନ ନୋହୁଛୁରେ ॥

ଏ ପଦ ଆଦ୍ୟଯମକ

ସରଳ ସୁହୃଦୟେ ସର ସତା ଉଦୟେ ଶରଣବତ୍ସଳା ନପୁଣ ।
ସୁରଙ୍ଗ ଗୃରୁଦୃଷ୍ଟି ଶରକୁ କଲୁ ବୃଷ୍ଟି ସରସ କୃପା ମିଶାଇଣ ରେ । ସରଳାକ୍ଷି ।
ସରଞ୍ଜନ ହାସ ପୀୟୂଷ । ସରଜ ସିଞ୍ଚି କଲୁ ଦାସ ।
ସର ଉଲଟ ଦାମୀ ସରଳେଁ ହେବ ହାନ ଶରବପର କଲେ ନାଶ ରେ ॥

ଦ୍ୱନ୍ଦ୍ୱାଦ୍ୟଯମକ

ବରବରନା ଅଙ୍କୁ ଦଶେଦଶେ ଦଶୁଛୁ ମାର ମାରଣା ମାରୁଅଛୁ ।
ଅସ ଆଣ ନ ନାଶ ତୋଷ ତୋ ସଞ୍ଚାଦାସ ବସ ବଶ ହୋଇ ମାଗୁଛୁ ରେ । ଜୀବଜୀବ
କରୁ କରୁଣା ରଣା ଏବେ । ଲୋକେ ଲୋକେ ହସିବେ ତେବେ ।
ରସି ରସିକାବର ଭାଷ ଭାଷ ମଧୁର ତାର ତାରକାଶୋଭ ଏବେ ରେ ॥

ଦ୍ୱିରୁକ୍ତିଯମକ

ସ୍ୱେଦର ଗମଗମ ବଦନ ତମତମ ଦଶଇ ଶ୍ରୀତ ଆନ ଆନ ।
ଶରୀର ଝମଝମ ହୃଦୟ ଦମଦମ କାମ କରୁଛୁ ଘନଘନ ରେ । ବାରବାର ।
ଲୁହ ବହଇ ଧାରଧାର । ଗତ ହେଲାଣି ଥରଥର ।
ପ୍ରେମରେ ଗରଗର ଡାକୁଛୁ ହର ହର ଭାସୁଛୁ ବନ୍ଧୁ ଧର ଧର ରେ ॥

ଯୁଗ୍ମଯମକ

ସୁକଳା କରକର-ହାସ ସୁଧାର ଧାର ହରେ ଜୀବ କାତରତର ।
ମୋ ତାପବାର ବାର ଭୁତ ସଂସାରସାର ସୁଯଶକୁ ବସ୍ତାର ତାର ରେ । ପ୍ରାଣପ୍ରାଣ
ନ ବହ ଗୁଣ ଦର ଦର । ଦୁର୍ଗତ ଅଦେହର ହର ।
କୃପାରେ ବରବରନ ଭୁ କଙ୍କର କର ନୋହଲେ ନାହିଁ ଧରଧର ରେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅନୁଚ୍ଛନ୍ଦଯମକ

ରମଣୀମଣି ସାରସର ସାର ସଂସାର ଶାରଙ୍ଗ ରଙ୍ଗ ବରଧନ ।
ଧନର ନ ରସିବା ଶିବାଇ ବାଇ ଦେବା ଦେବାଦ ବାଦର କି ମାନ ରେ । ମାନନୀର ।
ନୀରସ ରସଦା ହେବାର । ବାର ତରତରେ ବିହର ।
ହରଷ ରସଭାବ ଭାବ ନବମ ଯିବ ଜୀବର ବର ସୁଖଘର ରେ ॥

ସମସ୍ତଯମକ

କୁନ୍ଦର କୋରକର ସୁନ୍ଦର ସୁରଦର ଦୂନ୍ଦର ହରପର ଶର ।
ଭଙ୍ଗୀର ପରସ୍ପର ସଙ୍ଗୀର ଗିର ବରଯୋଗର ଧୀର ପୁର ପ୍ରେର ରେ । ଦରହର ।
ଭ୍ରୁ ମାର ବର ଶରଧର । ରମାରତର ତର ହର ।
ଶିବାର ପୁରତର ସେବାର ପରସ୍ପର ହେବାର ବର ବର ଚୋର ରେ ।

ଯମକ

ବାରଣଗତି ସାରଚରଣ ଫନ୍ଦା ମୋର ଶରଣରକ୍ଷିଣୀ ବୋଲାଅ ।
ମାରଣ କରେ ମାର କାରଣ ନାହିଁ ମୋର ତାରଣ ଧନ ମୋର ହାଅ ରେ । ମରଣକୁ
ବରଣ କରିଅଛି ମୁହିଁ । ହରଣ କର କୃପା ବହି ।
ତୃରଣଦମ୍ଭ ପଦ ସ୍ମରଣ ମୁଖ ଛବି ସ୍ଫୁରଣ ଆନ ଦଶ ନାହିଁ ରେ ॥

ଆଦ୍ୟନ୍ତଯମକ

ସୁରମଣି ଅସୁର ସୁରତାପ ନାଶର ଶାରଙ୍ଗ ମୁହିଁ ଭ୍ରୁ ଆସାର ।
ବାରଣ ଦୁଃଖବାର କରକଦନ୍ତ କର ଧରମ କରଣ ଉଦ୍ଧର ରେ । ରସାସାର ।
ବରଷା ସୁନାଗଣ୍ଡି କର । ହରଷେ ଦୂଦଦାହ ହର ।
ତରଣ ଅନୁଚର ନରବନ୍ଧ୍ୟ ଧନୀର ପାର କର ଭୀ ଅକୂପାର ରେ ॥

ବିବୃତ୍ତଯମକ

ବନ୍ଧୁ ମାନବୀ ସେତ ଯେତେ ମାନବୀ ସେତ ହେବ ମାନ-ବଶେତ ଧ୍ୱଂସି ।
ରମା ତନୁ ପାତଳୀ ସମେ ତନୁପାତଳୀ ଭୁଲ ତନୁପାତଳ ନାଶି ରେ । ସୁବିଳାସି ।
ମୋହେ ରମ୍ଭା ସୁ-ରମଣୀକ । ସେ କି ସର ସୁରମଣୀଙ୍କ ।
ଧନତ ସୁର ତରୁ ଭୁଲ ଭ୍ରୁ ସୁରତରୁ ଲକ୍ଷିତ ସୁରତରୁଣୀଙ୍କ ରେ ॥

ସାରଯମକ

ନାଗ ରମଣୀଗଣ ନାଗର ମଣି ଗଣନା ନୋହି ଦେହଣ ପୂଜବେ ।
ସଦାଶିବ ଗଉରୀ ସଦାଶିବ ଗଉରୀ ଦେଖିଲକ୍ଷଣି ତେଜ ଦେବେ ରେ । ଶଶଦୃଶି ।
ଉରୁବଶୀ ଉରୁବସି କି । ତିଲୋତ୍ତମା ତିଲୋତ୍ତମା କି ।
କଳାକର ସୁନ୍ଦର କଳାକର ସୁନ୍ଦର ପାଇବ ଶ୍ରୀମୁଖ ବିଲୋକ ରେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସମପାଦଯମକ

ହରି ଭାବର ଧନ ସଦା ଇଚ୍ଛାର ଧନ ହେବୁ ହରି ଭାବରଧନ ।
ବନ୍ଧୁ ଜୀବଜୀବନ ନୋହିଲେତ ନିଦାନ ମୋର ବନ୍ଧୁ ଯିବ ଜୀବନ ରେ । ହା ସୁଦେହା ।
ଭାରତୀ ସମ କି ଭାରତୀ । ସୁରତି ତୁଲ କି ସୁରତି ।
କିଂକରୀ ତବ ରତି ହେବେ ଦେଖି ମୂରତି ବିନା କି କରି ତବ ରତିରେ ।

ଧ୍ୱନିଯମକ

ସରସ ରସ ରତି ରସର ସର ସତରିଜରିଜ ରିଜୀବ ତୋଷେ ।
ସାର ସାର ସାରତ ରସାର ସାରସାତ ମାନ ମାନ ମାନସ ତସେ ରେ । ଜୀବଜୀବ ।
ରତି ରତି ରତିନ ସୁତ । ତରତର ତରୁଣୀ ଭୁତ ।
ରହି ରହି ରହିସେ ହରି ହରି ହରଷେ ଭାଷି ଭାଷି ଭାସିଲି ମୁଁ ତ ରେ ।
ଶ୍ୟାମ ପ୍ରେମ ଉନ୍ମାଦେ କାମବାମ ପ୍ରମାଦେ କରି ହରି ଚିନ୍ତା ଏପରି ।
ଲବ ଭାବନ୍ତୁ କଳ୍ପେ ଜୀବ ଥିବ ସଂକଳ୍ପେ ଦେବ ଭାବ କି ପ୍ରାଣେଶ୍ୱରୀ ହେ । ଧୀରବର ।
ଶେଷ ବଂଶପଦେ ଏ ରସ । ବୁଧବୋଧକ ଅଙ୍କ ବଷ ।
ହେମ ଯମକମାଳା କର୍ମ କର୍ମକରିଲା ଅଭି ଅଭିମନ୍ୟୁ ମାନସ ହେ ॥

ଊନଚତ୍ୱାରିଂଶ ଛାନ୍ଦ

ରାଧା ବିଶାଖା ପ୍ରତି ପ୍ରତ୍ୟୁକ୍ତି

ରାଗ—ଆଷାଢ଼ଶୁକ୍ଳ ବରାଡ଼ୀ

ଧୀର ଚନ୍ଦ୍ର ହୃଦପଦ୍ମ ମିହିର । ରସିକ ରସ ରତନ ଭଣ୍ଡାର ।
ଗ୍ରାହକ ପ୍ରେମ ବାଣିଜ୍ୟ ପସରା । କାମକାମଦା ଚିନ୍ତାମଣି ପରା ।
ଏ ଛନ୍ଦ ଗାରିମା । ପ୍ରୀତି ଆନନ୍ଦସିନ୍ଧୁକୁ ଚନ୍ଦ୍ରମା ॥
ନ ଲଭିବାରୁ ଗୋବିନ୍ଦ ପିରତି । ଅଧୀରେ ଧୀରରତନ ଆରତି ।
କହନ୍ତି ଧରି ବିଶାଖାଙ୍କ ହାତ । କହ ପିରତି କି ଜାତି ପଦାର୍ଥ ।
କାହିଁ ଏ ଅରଜି । କେଉଁ ଦରବ ଏହା ଉପାରଜି ॥
କହେ ସଖୀ ଶୁଣ କିଶୋରୀମଣି । ବିଧି ରଚନାକି ପିରତି ପୁଣି ।
ଅବ୍ୟୟ ଅକ୍ଷୟ ନିତ୍ୟ ପଦାର୍ଥ । କେ ଜାଣିବ ପ୍ରୀତି ଶବଦ ଅର୍ଥ ।
ଅଜାତ ଇନ୍ଦ୍ରିୟ । ବଳେ କରନ୍ତି ପିରତି ଆଶ୍ରୟ ॥
ସମାନ ବୁଦ୍ଧି ବୟଃ ଶୋଭାଗୁଣ । ସ୍ୱଚ୍ଛ ଆର୍ଦ୍ର ସ୍ୱଭାବ ଲକ୍ଷଣ ।
ରସ ରହିତନ୍ତା ଗ୍ରାହକାଶକ୍ତି । ଏତେ ଲକ୍ଷଣେ ଯୁକ୍ତ ଯେଉଁ ବ୍ୟକ୍ତି ।
ସଂଯୋଗ୍ୟସମ୍ବନ୍ଧ । ହୃଦେ ଜାତ ହୋଏ ପ୍ରଣୟବନ୍ଧ ॥
ନିକୃଷ୍ଟଠାରେ ସ୍ଥାୟୀ ବିମ୍ବବତ । ମଧ୍ୟଭକ୍ତରେ ପ୍ରତିବିମ୍ବ ଖ୍ୟାତ ।
ଅକ୍ଷୟ ଅକ୍ଷୁଣ୍ଣ ଅଙ୍କୁରହିତ । ଉତ୍ତମ ଜନ ମନରେ ଉଦିତ ।
ଅମୃତଁ ଆହ୍ଲାଦ । ଲଭିବାରୁ ହୃଦେ ପୂର୍ଣ୍ଣ ଆନନ୍ଦ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଆହୁରି ଶୁଣିଛ ପ୍ରଣୟବୀଜ । ହୃଦାଳବାଳେ ପୋତେ କାମରାଜ ।
ନବଯୁବାକାଳେ ଅଙ୍କୁର ହୋଏ । ସୁରସ ବୃଷ୍ଟି ସଂଯୋଗକୁ ପାଏ ।
ତିନି ବିଧି ଲେଖା । ହାବ ଭାବ ପରିହାସ ବିଶାଖା ॥

ନାନାକ୍ରୀଡ଼ା କ୍ଷୁଦ୍ରଡାଳ ପ୍ରସର । ଭଙ୍ଗୀ ଚାତୁର୍ଯ୍ୟ ପଲ୍ଲବ ବିସ୍ତାର ।
ସୁଖ ସୁମନ ରାଗାମୃତ ଫଳ । ଆନନ୍ଦ ଆସ୍ୱାଦନେ ମତ୍ତ ଭୋଳ ।
ଦୁର୍ଜୟ ମାଦକ । ଛାଡ଼ଇ ନାହିଁ ଜୀବ ଥିବାଯାକ ॥

ସଂସାରେ ଏ ଦେହ ମନ ଆୟତ୍ତ । ସେ ମନ ପୁଣି ଗୋ ଇନ୍ଦ୍ରିୟରତ ।
ଇନ୍ଦ୍ରିୟ ପୁଣି ଗୋ ପ୍ରକୃତିବଶ । ପ୍ରକୃତି ସ୍ୱଭାବବଳେ ପ୍ରକାଶ ।
ମଦନଅଧୀନ । ଏମାନେ ସବୁ ହୁଅନ୍ତି ଯେନ ॥

ସେ ମଦନ ପୁଣି ସୁରତିବଶ । ସୁରତି ହୁଏ ପ୍ରୀତିରୁ ପ୍ରକାଶ ।
ଭାବ ସମ୍ବନ୍ଧ ପ୍ରୀତି ଆଲମ୍ବନ । ନାନାକ୍ରୀଡ଼ାରୁ ପ୍ରୀତି ଉଦ୍ଦୀପନ ।
ତହୁଁ ସୁଖ ଜାତ । ତହୁଁ ଆନନ୍ଦ ହୁଅଇ ସମ୍ଭୃତ ॥

ତହୁଁ ମୋହନସାଗର ସରିତ । ମାଦକ ଲହରି ତହିଁରୁ ଜାତ ।
ଆହ୍ଲାଦାମୃତ ତହିଁରୁ ଜନମ । ତହୁଁ ମୋହନ ନିଧି ଉତପନ୍ନ ।
ତାହା ଯେ ଲଭଇ । କିଛି ନ ଗଣେ ଗିର୍ବାଣେଶ୍ୱର ହୋଇ ॥

ଯେ ଯେତେ ପରତେ ହୋଏ ପ୍ରୀତିକ । ସଂଯୋଗେ ସୁଖ ସେ ଲଭେ ତେତିକ
ବିୟୋଗେ କୋଟିଗୁଣେ ଦୁଃଖ ଦିଏ । ଏ ଦୁଇ ସ୍ୱଭାବ ତାର ଉଦୟେ ।
ଅନୁଭବୀ ଜନେ । ଦୁଃଖ ସୁଖ କହି ନୋହେ ବଚନେ ॥

କୋଟିବ୍ରହ୍ମାଣ୍ଡ ସୁଧାସିନ୍ଧୁ ସାର । ସଂଭୋଗକାଳେ ସେ ଛାର ଛୁକାର ।
କୋଟିବ୍ରହ୍ମାଣ୍ଡ ଦୁଃଖସିନ୍ଧୁ ଲବ । ବିଚ୍ଛେଦକାଳକୁ ତୁଲ ନ ହେବ ।
କ୍ରୋଡ଼ଗତ ସର୍ପ । ଅଗ୍ନି ଆଚ୍ଛାଦନ ତାପ ଅଳପ ॥

ସେ ପୀରତି ଆପେ ହୁଅଇ ବିଧି । ଅବିଧି ବିଧିମାନଙ୍କରେ ସିଦ୍ଧି ।
ପର ଆପଣା ଚିହ୍ନାଇ ନ ଦିଏ । ମନକୁ ଜ୍ଞାନ ଅଗୋଚର ହୋଏ ।
ଥାଉ ସୁଖବାର । ଦେହ ପରାଣକୁ ମଣଇ ପର ॥

ଜଗତେ ଅପକୀର୍ତ୍ତି ହାଟ ବସେ । କଳଙ୍କପସରା ତହିଁ ବିଶେଷେ ।
ଜାତି କୁଳ ଜ୍ଞାନ ମାନ ବିକଇ ! ଚିନ୍ତା ଉଚ୍ଛନ୍ନ ରତନ କିଣଇ ।
ନିନ୍ଦା-ଢୋଲ ବାଜେ । ନରତେ ତ୍ରପା-ଫଳ କିଣି ଭୁଞ୍ଜେ ॥

କ୍ଷଣ କ୍ଷଣକେ କେତେପର ହୋଇ । ଭାବ-ଜଳଧି କଲ୍ଲୋଳ ଉଠଇ ।
କ୍ଷଣେ ବୁଡ଼ାଏ କ୍ଷଣକେ ଉଠାଏ । ଏକ ଯାଉଁ ଯାଉଁ ଆରେକ ପାଏ ।
ଭାବ ସାବଲ୍ୟତା । କେତେମତେ ଚିତ୍ତେ ଦିଅଇ ଚିନ୍ତା ॥

ସମ୍ଭୋଗେ ରୀତିମାନ ଆନ ଆନ । ଭିତରେ ଆନନ୍ଦ ବାହାରେ ମାନ ।
ତ୍ରପା କୃପାବେନ ଅକ୍ଷପଲକେ । ହାସଶ୍ଳେଷ ଓଷ୍ଠେ ଜାତ ଲବକେ ।
କୁହଇ ସେ କଳି । ରାଗ ସରାଗ ଲୀଳା ବଳାବଳି ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅପ୍ରାକୃତ ପ୍ରେମ ଯା-ନାମ କାମ । ଆୟତ୍ତ ରହେ କି ସେ ହେଲେ ବାମ ।
ପରବଶ ହୋଏ ଯାହାର ଜୀବ । ତାର କି ରହେ କୁଳ କ୍ରିୟା ଭାବ ।
ମନେ ଘେନ ଧୀରି । ପ୍ରୀତି ଯେ କଲା ସେ ଗଲାଟି ମରି ॥

ଅନଳ କୁହଇ ଦେହ ଦହଇ । ଅସ୍ତ୍ର କୁହଇ ମରମେ ଭେଦଇ ।
କୁହଇତ ଜଳ ବୁଡ଼ାଏ କୂଳ । କୁହଇ ମାଦକ କରେ ବିହ୍ୱଳ ।
କୁହଇ ବଡ଼ଶୀ । ବଳେ ମନ-ମୀନ ନିଏ ଆକର୍ଷି ॥

ପଦାର୍ଥ ଜ୍ଞାନ କଲେ ନ ଘଟଇ । ସ୍ୱାଦୁ ଆସ୍ୱାଦନ କରି କୁହଇ ।
ଦେଖି ନ ଥାଇ ରୂପ ନୟନେତ । ସତତ ମୋହିତ କରଇ ଚିତ୍ତ ।
ଦେହ ଥିଲେ ତାର । ନ ଥାନ୍ତା ଆଉ ପ୍ରୀତିଆ-ସଂସାର ॥

ନିଜ ନିଜ ସୁଖ ମନେ ମନାସି । ସର୍ବେନ୍ଦ୍ରିୟ ରହେ ପ୍ରୀତିକି ରସି ।
ନ ପାଇ ଧନ ବିକ ହୋଏ ପ୍ରାଣ । ସଂସାର ସୁଖଯାକ ଗଣା ତୃଣ ॥
ପ୍ରୀତିଆ ପୀରତି । ସର୍ବ ଭୂତମୟ ପ୍ରାୟ ଦଶନ୍ତି ॥

ବଡ଼ କଠିନ ସେ ପ୍ରୀତି ପାଳିବା । ତୀକ୍ଷ୍ଣଅସିଧାରେ ପଥ ଚାଲିବା ।
ଶୂନ୍ୟ ଆରୋହଣଠାରୁ କଠିନ । ପବନ ଫାନ୍ଦେ ଧରିବା ଲକ୍ଷଣ ।
ପ୍ରୀତି ରକ୍ଷାଠାରେ । ଯଥା ପାରଦ ରଖିବା ମୁଠାରେ ॥

ଲାଖଘୋଡ଼ା ନବନୀତସୁଆର । ପ୍ରଚଣ୍ଡାନଳପଥେ ଚାଲିବାର ।
ତହିଁ କିକରି ରହିବ ଶରୀର । ତହୁଁ ଅଧିକ ପ୍ରୀତି ପାଳିବାର ।
କହୁଛି ଏତିକି । ଦୂରୁଁ ଜୁହାର ପୀରତିରୀତିକି ॥

ପ୍ରଥମେ ପ୍ରୀତି କରିବାର ମନ୍ଦ । ପର ପ୍ରୀତି କୋଟିଗୁଣେ ପ୍ରମାଦ ।
ଶୋଭାବନ୍ତ ଗୁଣବନ୍ତ ପୀରତି । ସେ ପୁଣି ପ୍ରମାଦେ ପ୍ରମାଦ ଅତି ।
ପଥିକ ପରତେ । ଜୀବନଯିବା ଅଉଷଧିସଙ୍ଗେ ॥

ବାରିଦ ଅନଳ ପ୍ରାୟ ପୀରତି । ସଂଯୋଗେ ବାରଣ କରି କୁହନ୍ତି ।
ଦୁହେଁ ନିର୍ବିଶେଷ ହେଲେ ସରଇ । ଉଭୟ ପ୍ରୀତିଆ ତେମନ୍ତ ହୋଇ ।
ଜୀବ ଥିବା ଯାକେ । ବାରଣ ପ୍ରୀତି କରିପାରିବ କେ ॥

ଯେତେଣେ ଚାହିଁଲେ ତେତେଣେ ସେହି ଦିଶେ । ଚକ୍ଷୁ ବୁଜିଲେ ହୃଦରେ ପ୍ରକାଶେ ।
ନିଦ୍ରା ଅଇଲେ ସ୍ୱପନେ ଦେଖଇ । ଜାଗରେତ ଥିଲେ ଜ୍ଞାନହିଁ ନ ଥାଇ ।
କାୟ ମନୋବାକ୍ୟେ । ତା ବିନା ସାର ନ ଗଣେ ତ୍ରିଲୋକେ ॥

ଯାହା ବୋଇଲେ ତାହା ନାମ ସ୍ଫୁରେ । ନାନା କର୍ମ କରେ ସେହି ହେତୁରେ ।
ପାଦ ପାଣି ମୁଖହାସ ନୟନ । ଉଦର ଉରଜ ବାହୁ ପ୍ରସନ୍ନ ।
ପଦ୍ମ ବିଲୋକନେ । ତଦଭ୍ରାଷ ଜ୍ଞାନ ଜନିତ ମନେ ॥

ଗୁରୁଜନମେଳେ ଥିଲେ ଆକଟେ । ପ୍ରୀତି ଆପ୍ରତିଭା ଦ୍ରବ ଲମ୍ପଟେ ।
ଅଶ୍ରୁଭଙ୍ଗ ହାସ ପୁଲକ ସ୍ନେହ । ଏକୈକ ପ୍ରଦେଶେ ଦହଇ ଦେହ ।
ଲଜ୍ଜା ସ୍ନେହ ଘେନ । ଉଦେ ହୋଏ ବଳାତ୍କାରେ ସଜନ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବନ୍ଧାଇବ ଯେ ହାସ୍ୟରେ ସ୍ଥିତିକ । ମତି ବଳାଇବ ସେହି ପ୍ରୀତିକ ।
ଜୀବନ ଯାହା ସ୍ୱ ଆୟତ୍ତେ ଥିବ । ସେହିତ ପ୍ରୀତିପଥେ ପାଦ ଦେବ ।
ପ୍ରୀତି ମହାପାପ । କୃତାର୍ଥ ହେତୁ ପ୍ରେମମନ୍ତ୍ରଜପ ॥
ଶୁଣି ମିତଣୀ ବାଣୀ ଧୀର ଧୀରେ । ପର୍ଚ୍ଚରନ୍ତି ସ୍ନେହଭରେ ଅଧୀରେ ।
କେଉଁ ଗ୍ରାମରେ ଗୋ ପୀରତି ନାହିଁ । କହିଲେ ତହିଁକି ଯିବଇଁ ମୁହିଁ ।
ବେଗେ କହ କନା । ପ୍ରୀତିପାସୋରି ମନ୍ତ୍ର ଅଛି ନା ॥
ଏମନ୍ତ ପାପକ ମନ୍ତ୍ରୀ ସହିଲା । କେଉଁ କୁବୁଦ୍ଧି ଏଥିକି ଆଣିଲା ।
ଅକାଳକାଣ୍ଡ ପ୍ରୀତିମୁଣ୍ଡେ ପଡ଼ୁ । ପ୍ରପଞ୍ଚ ପ୍ରୀତି ହାତ ଗୋଡ଼ ଛୁଡ଼ୁ ।
ପରମ ପଦାର୍ଥ । ଧୀରେ ବୋଲନ୍ତି ପାଇ କେଉଁ ଅର୍ଥ ॥
ଏକେ ଅବଳା ଦୁର୍ଜ୍ଜେପରବଶ । ଜାତି କୁଳ ଲଜ୍ଜ ବୃଦ୍ଧି ବିଶେଷ ।
ଦାଣ୍ଡଦେହଲୀ ଦୃଷ୍ଟି-ଅଗୋଚର । ପ୍ରୀତି ବେଦନା ତହିଁ ବଳିଆର ।
ରସରେ ଆସଇ । ତୃଷା-ତୃଷ୍ଣା ଅନାୟତ୍ତ କରଇ ॥
ବିଶାଖା କହଇ କୃଷ୍ଣନାଗର । ପଦ୍ମିନୀ ମୂଳ ସଂଯୋଗ ହେବାର ।
ରସ ପରିପାକ ଘଟନା ଯୋଗେ । ଶୁଚିମନ୍ତ ହୋଇ ପିଅ ସଂସର୍ଗେ ।
ଦେହଦାହ-ଜ୍ୱର । ଧୂର୍ଜ୍ଜଟିବିପାକ୍ଷ ବହନ କର ॥
ହାହା ଏହା କେ କହିଦେବ ରାଧା । ବିମୋହ ହେଲେ ପାଇ ପ୍ରେମବାଧା ।
ସଖୀ ଜଳ ସିଞ୍ଚି ସାନ୍ତ୍ୱନା କଲେ । ଧଇର୍ଯ୍ୟ କର ମନାଇ କହିଲେ ।
ବୋଲନ୍ତି କଶୋରି । ଯା ଯା ଜୀବନ ବହନ ବାହାର ॥
ଏତେ କଦର୍ଥନାପାଉ କାହିଁକି । ଶଶ ଶଶି ପ୍ରାପ୍ତ ହେତୁ ନାହିଁକି । *
କୁମ୍ଭକାରକୀଟ † ଦୀକ୍ଷା ରୂ ବହ । କୃଷ୍ଣ ଦେହ ପାଇଁ ନଷ୍ଟିନ୍ତେ ରହ ।
ଶ୍ୟାମନାମଧର । ଯାଯା ଅନୁକୂଳ କର ବାହାର ॥
ପୁଣି କହନ୍ତି ସଜନୀଙ୍କ ଗୃହିଁ । ଜୀବନ ଯିବାର ସନ୍ଦେହ ନାହିଁ ।
ସଖୀପଣପୁଣି ଏତିକି କର । ଶ୍ୟାମପଦଧୂଳି ବୋଳ ମୋ ଶିର ।
ତାଙ୍କ ଚିତ୍ରମୂର୍ତ୍ତି । ଦେଖାଇ ଥାଅ ପାଉ ନେଏ ଗତି ॥
ଜୀବନ ଗଲେ ଏତିକି କରିବ । ଶ୍ୟାମନାମ ମୋ-ହୃଦରେ ଲିହିବ ।
ଶ୍ୟାମରୂପ ମୃତ୍ତିକାରେ ଲିଦାଇ । ଶ୍ୟାମବସନ ଅଙ୍ଗରେ ଘୋଡ଼ାଇ ।
ଶ୍ୟାମଗତିପଥେ । ମୋ ଶବ ପୋତିବ ଆପଣା ହସ୍ତେ ॥

---

* ଶଶ—ମୃଗବିଶେଷ [ଅର୍ଥାତ୍ ଠେକୁଆ] ଚନ୍ଦ୍ରମଣ୍ଡଳକୁ ଓ ଚନ୍ଦ୍ର କିରଣ ମରୀଚିକାକୁ ଜଳ ଆଶା କରି ପିଇବା ଇଚ୍ଛାରଖି ତୃଷାର୍ତ୍ତରେ ଧାଇଁ ଧାଇଁ କିଛି ଦୂରରେ ମରିଗଲା । ସମସ୍ତ ବିବେଚକମାନେ ବିଚାର କଲେ ମୃଗ ଶଶର ପରମାୟୁ ଥିଲା କେବଳ ଚନ୍ଦ୍ରଙ୍କୁ ଗ୍ରହ ଆଶାରେ ଧାଉ ଧାଉ ମରିଗଲା ଅତଏବ ଏହି ଚନ୍ଦ୍ରଙ୍କ ଅଙ୍ଗରେ ସର୍ବଦା ବସିଥାଉ । ସେହିଦିନଠାରୁ ଚନ୍ଦ୍ର କଳଙ୍କୀ ହେଲେ । ଏପରି ଜନପ୍ରବାଦ ।

† କୁମ୍ଭକାରକୀଟ ଯେ ଭ୍ରମର [ଅର୍ଥାତ୍ ଯେଉଁ ଭ୍ରମର କାନ୍ଥ ଇତ୍ୟାଦିରେ ବାସ କରିଥାନ୍ତି] ସେ ଯେଉଁ କୀଟକି ପୋକ ଇତ୍ୟାଦି ମାରି କରି ଆଣନ୍ତି ସେ ପୋକ ମଲାବେଳେ ଯେଉଁରୂପକୁ ଦେଖି ଥାନ୍ତି ସେହି ଦେହକୁ ପୁନଶ୍ଚ ଲଭନ୍ତି । ଏପରି ପ୍ରବାଦ ଅଛି ।

ପୁସ୍ତକାଲୟ
गुरुकुल काँगड़ी
CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଯେବେ ଏମନ୍ତ କରି ନ ପାରିବ । ତମାଲେ କୋଳ କରାଇ ଥୋଇବ ।
କୃଷ୍ଣବଂଶୀ ଶୁଭୁଥିବ ଯେଣିକି । କର୍ଣ୍ଣ ଡେରି ଦେଇଥିବ ତେଣିକି ।
ସବୁ ସଜନୀଙ୍କି । ହାତ ଧରି ମୁଁ ମାଗୁଛି ଏତିକି ॥

ପ୍ରୀତିଆ-ପୁରେ ନାଗରି ବଜାଇ । ପାପ ପ୍ରୀତିକି ଦେବ ନିବର୍ତ୍ତାଇ ।
ମୋପରି ପ୍ରୀତି ଦୁଃଖ କେହି ନୋହୁ । ପ୍ରୀତିପରଲୋଭ ସଂସାରୁ ରହୁ ।
ଏତେ କହି ଧନୀ । ଚନ୍ଦ୍ରାବିମୋହେ ଭଜିଲେ ଅବନୀ ॥

ତପ୍ତଲୋହପାଏ ମତ୍ସ୍ୟ ପରାୟେ । ତନୁ ବିଚେଷ୍ଟା ହୋଇଲା ଉଦୟେ ।
କ୍ଷୀରସିନ୍ଧୁ କି ମନ୍ଥଇ ମନ୍ଦର । ତେମନ୍ତ ହେଲା ହୃଦୟ ଭିତର ।
ପ୍ରାଣ ସନ୍ତାପିତ । ଯଥା ଗର୍ତ୍ତଜୀବ ଧୂମଧୂପିତ ॥

ଦେଖି ସଖୀକୁଳ ହେଲେ ଆକୁଳ । ବହନ ଧୂଳି ଝାଡ଼ି କଲେ କୋଳ ।
ଜଳ ସିଞ୍ଚା ବିଞ୍ଚା ବିଚାର ତୂର୍ଣ୍ଣେ । ଗୋବିନ୍ଦନାମ ଶୁଣାଇଲେ କର୍ଣ୍ଣେ ।
ମୃତ୍ୟୁସଞ୍ଜୀବନୀ । ସେହି କାଳକୁ ତା କଲେ ସଜନୀ ॥

ଯୁବା ଯିବା-ଜୀବ ବାହୁଡ଼ା ବଳେ । ଗଣ୍ଡପାଳିରେ ପୁଲକ ବିରାଜେ ।
ଦେଖି ସଖୀଏ ଧଇର୍ଯ୍ୟ ହୋଇଲେ । ନାନା ଉପଚାର ପ୍ରଚାର କଲେ ।
ଚେତ କହେ ଧନୀ । ମୋ ପ୍ରତି ଆଶା ଛାଡ଼ ଗୋ ସଜନୀ ॥

ପ୍ରାଣସଜନୀର ଶୁଣି ଏ ବାଣୀ । ଧଇର୍ଯ୍ୟ ଧରିବ କେଉଁ ମିତଣୀ ।
ହୀନ ଅଭିମନ୍ୟୁ ଜୀବନ ଯାଉ । ପ୍ରୀତିବେଦନା ଭଗାରି ନ ପାଉ ।
ଉମା ମହେଶ୍ୱର । ମୋ ବିନତି ଯେନ ଏତିକି କର ॥

ଏକଚତ୍ୱାରିଂଶ ଛାନ୍ଦ

କୃଷ୍ଣ ନାମ କୀର୍ତ୍ତନ ; ନାମ ରୂପକ

ରାଗ—କେଦାରକାମୋଦୀ

ଗୋବିନ୍ଦ ଗୁଣାବଳୀମିଶ୍ର ଏ ଛାନ୍ଦ । ଧୀରଚନ୍ଦ୍ର ହୃଦୟପଦ୍ମ ଆନନ୍ଦ ଯେ ।
ଅଜ୍ଞାନ ଅନ୍ଧକାର କ୍ଷୟକାରକ । ଅରସିକ କୁମୁଦ ମୁଦହାରକ ଯେ ॥
ଗୋବିନ୍ଦ ଶୋଭାଗୁଣ ନାମ ରତନେ । ବାଣିଜାର କଶୋରୀ ମଣି ଯତନେ ଯେ ।
ଆଶାର୍ଣ୍ଣବରେ ମେଳ ଚିତ୍ତ-ପୋତକୁ । ଇଚ୍ଛେ ସଂଯୋଗ-ଅନୁକୂଳବାତକୁ ଯେ ॥
ବୋଲନ୍ତୁ ହା ହା ଗୋପ ଗଗନଚନ୍ଦ୍ର । ଗୋପିନୀ-ଆଶା-ମୃଗୀ ବନ୍ଧନ-ଫାନ୍ଦ ହେ ।
ନାଗରୀଚିତ୍ତ ମତ୍ତ-ଦ୍ୱିରଦ-ଝୋପ । ଯୁବତୀପରମାଦ ମାଦକକୂପ ଯେ ॥
ବାରିନୟନ ମୀନଧରା ଧୀବର । ମାନ-ତରୁ ଛେଦନ ତୀକ୍ଷ୍ଣ କୁଠାର ହେ ।
ସଦା ମାନସ ଅଭିଳାଷ ସଦନ । ରସାମୃତଦାୟକ ନବୀନଘନ ଯେ ॥
ପତିବରତୀ ମତି ସମ୍ପତ୍ତି ଚୋର । ଚେତନାହତକାରୀ ମୋହନାଶର ଯେ ।
ଗର୍ବ-ପର୍ବତ ଖର୍ବକାରକ ପବି । ମନ୍ଦାକ୍ଷ-ଅନ୍ଧକାରଛେଦକ ରବି ଯେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କଉଳବୃତ୍ତି-ବ୍ରତ ସିନ୍ଧୁ କୁମ୍ଭଜ । ସୁବଂଶୀଧ୍ୱନି ମନ୍ତ୍ରଦୀକ୍ଷା ଆଚାର୍ଯ୍ୟ ହେ ।
ଚେତନା-ଚନ୍ଦ୍ରମାଙ୍କୁ ସିଂହିକାସୁତ । ମହତ ବୃତ୍ରାସୁର ଶଚୀଦଇତ ହେ ॥
ବିଶ୍ୱକାମିନୀ ମନମୋହମନ୍ତ୍ର । ମଦନାନଳ ଜାଳିବାର ଯନ୍ତ୍ର ହେ ।
ବିବେକ ମହାବନ-ପୋଡ଼ା ଅନଳ । ନୟନଭୃଙ୍ଗ ରଙ୍ଗସ୍ଥଳକମଳ ହେ ॥
ଆଶାବିଟପୀ ପଲ୍ଲବିତ-ବସନ୍ତ । ଭାବରାଜ୍ୟ ପୀରତି-ପ୍ରଜା ସାମନ୍ତ ହେ ।
ରସ ସଂସାର ସରଜନା ଲୋକେଶ । ମଦନଶାସ୍ତ୍ରକୃତନିପୁଣ ବ୍ୟାସ ହେ ॥
କାମାକ୍ଷିନୀମାନଙ୍କ ଡୋଳାପିଚୁଳା । ସ୍ମର-ସିନ୍ଧୁତରଣେ ଅଭୟଭେଳା ହେ ।
ମନ-ମୀନର ତାପହରା ଭୁବନ । ହୃଦ-ପଙ୍କଜ ମୁଦକାରୀ ତପନ ହେ ॥
ମଦନ ଦ୍ୱିଜ ଇଷ୍ଟପୂଜା ପିତୁଳ । ପ୍ରେମ-ବିହନ ତଳିଁପତନସ୍ଥଳୀ ହେ ।
ନୟନ-ବିମୋହନ ଚିତ୍ର ଭୂମିକା । ଶୋଭାବନ୍ତ ସୁରେନ୍ଦ୍ର ଜଣା ପତାକା ଯେ ॥
ଚିତ୍ର ଲାବଣ୍ୟ ଭଙ୍ଗିସିନ୍ଧୁ କଲ୍ଲୋଳ । କେଳିକଳାକନ୍ଦଳୀ ଜନମସ୍ଥଳ ଯେ ।
ଅଶେଷ ଗୁଣାବଳୀ ତାରା ଗଗନ । ସୁଖରତନ ଦାତା ଜଳନିଧାନ ହେ ॥
କାମି କାମିନୀ କାମକଳ୍ପଲତା । ହୃଦୟ ବିକୁଣ୍ଠ ପୀଠଦେବତା ହେ ।
ମଦନ ଯମ ଭୟ ବାରଣାମୃତ । ପ୍ରେମ ମହାଜନଙ୍କ ସୁଖ ବୋଇତ ହେ ॥
ଅଙ୍ଗନାଅଙ୍ଗଜରୀ ପିନାକଧାରୀ । ବିଯୋଗବ୍ୟାଧିହରା ଶ୍ରୀ ଧନ୍ୱନ୍ତରୀ ଯେ ।
ଅନଙ୍ଗପ୍ରେତ ରସକେଦାର ଗଦ । ପ୍ରେମାହି ବିଷ ଭାରସମ୍ଭାର ପଦ ହେ ॥
ପୀରତି ଅଙ୍ଗନାର ଭାଲ ସିନ୍ଦୂର । ଲୀଳା ନାୟିକା ହୃଦମଣ୍ଡନ ହାର ହେ ।
ରତି ରମଣୀ ଶ୍ରୁତିଯୁଗ ତାଟଙ୍କ । କ୍ରୀଡ଼ା ସୁନାରୀ ହୃଦଭୂଷା ପଦକ ହେ ॥
ବିରାଗୀଅଙ୍ଗଦେଶଭୋଗ ଈଶ୍ୱର । ଜାନୁ ବଇଠିବିଜେ ବଡ଼ ଠାକୁର ହେ ।
କୁଳୁରମଳୟଗିରି ଗୁରୁ ଅନିଳ । ଆନନ୍ଦ ତରୁ ବର ଲାବଣ୍ୟ ଫଳ ହେ ॥
ରସିକନୀମଉଳି କୁସୁମମାଳୀ । ଆହ୍ଲାଦ ଫୁଲବନ ରୋପଣ ମାଳୀ ହେ ।
ବିଳାସ କ୍ଷୀରସିନ୍ଧୁ ବର୍ଦ୍ଧନ ଚନ୍ଦ୍ର । ବଦନାମ୍ବୁଜ ମକରନ୍ଦ ମାକନ୍ଦ ହେ ॥
ସନ୍ତାପିନୀ ହୃଦୟ ଚନ୍ଦ୍ର ଚନ୍ଦନ । ଦୁଃଖିନୀ ଦୁଃଖ ବିମୋଚନ କାଞ୍ଚନ ଯେ ।
ସଂଯୋଗ ଇଚ୍ଛାବତୀ ବାଞ୍ଛାରତନ । ଅନୁରାଗ ଚନ୍ଦ୍ରମା କ୍ଷୀରନିଧାନ ହେ ॥
ମାନିନୀ ମାନସୃଷ୍ଟି ପ୍ରଳୟଜଳ । ଦଶାଗ୍ରାହି ଆଗ୍ରହ କୁଶଳ ଶୂଳ ହେ ।
ଜାନୁ-କନ୍ଦର-କେଳିପ୍ରିୟ କେଶରୀ । କଣ୍ଠରୁଚି ମାକନ୍ଦ ବିଭୋଗୀ ହରି ହେ ॥
ଯଉବନୀ ଉରଜ-କରି-ମାହୁନ୍ତ । ଅଧରସୁଧାଭୋଗୀ କଶ୍ୟପସୁତ ହେ ।
ରତିସଂଗ୍ରାମ ମନଭେଦ ସାୟକ । ପ୍ରଣୟ ଯକ୍ଷବିଧି ବିପ୍ରଚୃରକ ହେ ॥
ନିବନ୍ଧ ପରିବନ୍ଧ କୃତଜ୍ଞ ମଲ୍ଲ । ମର୍ମ୍ମ-ମୃଗଭେଦନ ତୀକ୍ଷଣ ଭାଲ ହେ ।
ବଲ୍ଲଭଚିତ୍ତ ହଂସ ମୀନସରସୀ । ଅମରନାରୀ ନେତ୍ର ମନ ବଡ଼ଶୀ ହେ ॥
ଅନୁଗତ ଯୁବତୀ ବିଧୁକଳଙ୍କ । ପ୍ରୀତିବାଣିଜ୍ୟହାଟ ଦଆ-ଟମକ ଯେ ।
ଦମ୍ଭ ଆରମ୍ଭ କୂଳବୁଡ଼ା କୀଲାଲ । ଜ୍ଞାନ ଚଢ଼ାଇଧରା ବିଚିତ୍ର ଜାଲ ହେ ॥
ଯୁବତୀଜନତୃଷ୍ଣା-ପତଙ୍ଗ ଦୀପ । ମାନସ ରସକୂପ ଉଚ୍ଛ୍ୱାସରୂପ ହେ ।
ଚଞ୍ଚଳା ମନ ମତ୍ସ୍ୟାଧାର କୁଟବେଣୀ । ଦୀପକ ଦର୍ପଣର ବ୍ୟାଘ୍ରବାରଣୀ ହେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଯୁବାହୃଦୟ ବିଧୁଶିଳ କୁମାରୀ । ଓଜବସନ କସ୍ତୁରିବା କସ୍ତୁରୀ ହେ ।
ମର୍ଯ୍ୟାଦା ହିବ ଦ୍ରବିକାରୀ ତରଣି । ଲୋକ ଅପେକ୍ଷା ଲୋହ ଚୁମ୍ବକମଣି ହେ ॥
ପ୍ରୀତିନନ୍ଦା ଅବନୀ-ଧାରଣ ଶେଷ । ପ୍ରୀତିଜୟୀ ଗାଳ ଭସ୍ମଭୂଷା ମହେଶ ଯେ ।
ଅନୁରାଗମାଣିକ୍ୟ ଚିହ୍ନାବଣିକ । ଗୋପିନୀ ଆଲିଙ୍ଗନ ମୋତିଗ୍ରାହକ ହେ ॥
ଦେହ ପଞ୍ଜରୀ ଜୀବ ସାର ଜୀବନ । ପ୍ରେମ ବଣିଜାରଙ୍କ ସୁଖ ଅୟନ ହେ ।
ଭାବ ସ୍ୱରୂପସରଜନ ବିନ୍ଧାଣି । ବିଭୋଗ ସ୍ୱର୍ଗ ଆରୋହଣ ନିଃଶ୍ରେଣୀ ହେ ॥
ପୁଳିନ ରଙ୍ଗସ୍ଥଳ ଶ୍ରୀ ନଟବର । ସଙ୍ଗୀତବିଦ୍ୟାଗୁରୁ ହରକୁମର ହେ ।
ଗିରୁର୍ଯ୍ୟଭଙ୍ଗୀ ସରଘର କଳଶ । ହଠ ନଠ ବିଦ୍ୟାରେ ବିରବିଦୁଷ ହେ ॥
କାନ୍ତିଅର୍ଥିନୀ କାମଧେନୁପାଳକ । ଚନ୍ଦ୍ରା ଭୁଜଙ୍ଗବର ସୁଜାଙ୍ଗଳକ ହେ ।
ଯୁବତୀ ସରସ୍ୱତୀ-ବାଦନ ବୀଣା । ପ୍ରେମଧନଙ୍କ ଭାବଧନରେ କଣା ହେ ॥
ରାଧାବଦନ ଇନ୍ଦୁଧର କନ୍ଦର । ଗୋବିନ୍ଦ ନାମୋଦୟ ଅମୃତକର ହେ ।
ଧୀର ହୃଦୟାନନ୍ଦସିନ୍ଧୁ-ବର୍ଦ୍ଧକ । ନିଖିଳ ଦୀନ ମହାତାପ ହାରକ ଯେ ॥
ସେ ରାଧା କୃଷ୍ଣ ପଦଦ୍ୱନ୍ଦ କମଳ । ଅଭିମନ୍ୟୁ ମାନସ ତହିଁ ଭୃସଲ ଯେ ।
ବିଦଗ୍ଧଚିନ୍ତାମଣି ଏ ଛନ୍ଦ ସ୍ୱର୍ଗ । ଏଥି ବିହର ଧୀର ଅମରବର୍ଗ ହେ ॥

ଦ୍ୱିଚତ୍ୱାରିଂଶ ଛନ୍ଦ

ରାଗ—ବରାଡ଼ୀ । ଆଷାଢ଼ଶୁକ୍ଳବାଣୀ

ଧୀରଚନ୍ଦ୍ର ହୃଦପଦ୍ମ ମିହିର । ରସିକାନନ୍ଦସିନ୍ଧୁ କଳାକର ।
ଗ୍ରାହକ ପ୍ରେମରତନ ପସରା । ମୁମୁକ୍ଷୁ କୈବଲ୍ୟଭଣ୍ଡାରପରା ।
ଏ ଛନ୍ଦକୁ ଭଲ । ପ୍ରେମବିଯୋଗି ଯୋଗଜନ ଥାଳ ॥

ଗିରିବରଧର ସାର ମୋହନ । ରାଧାପ୍ରୀତି ବିନା ମାରେ ମଦନ ।
ଲଜ୍ଜା ମର୍ଯ୍ୟାଦା ଆତୁର ଉଚ୍ଛନ୍ନ । ଲୀଳସେ ବଳାବଳ ଦନୁଦନ ।
ଦିନେ ଛନ୍ଦେ ବନେ । ସଖିଙ୍କୁ କହନ୍ତି ମୃଦୁବଚନେ ॥

କାହୁଁ ଜନମ ହୁଅଇ ପୀରତି । କି ଜାତି ବର୍ଣ୍ଣ ଚିହ୍ନ ଗୁଣ ରୀତି ।
କରିବା କରାଇବା ଶକ୍ତି କେତେ । କାହିଁ ରହି ସଞ୍ଚରଇ କେମନ୍ତେ ।
ଦେଶ କାଳ ପାତ୍ର । କହ ମୋ ଶ୍ରୁତିକି କର ପବିତ୍ର ॥

ଏହା ଶ୍ରବଣେ ହସିବୋଲେ ମଧୁ । ପ୍ରେମାର୍ଥ ଅକଳନା ମହାସିନ୍ଧୁ ।
ସାଧବେ ସିଦ୍ଧାନ୍ତ କରନ୍ତି ଯାହା । କିଛି ଶୁଣିଛି କହିବି ମୁଁ ତାହା ।
ରାଗ ଶବ୍ଦ ଅର୍ଥ । ଅଚିନ୍ତ୍ୟ ଅବ୍ୟକ୍ତ ନିତ୍ୟ ପଦାର୍ଥ ॥

ନିର୍ମଳ ଶୁଦ୍ଧ ବୁଧ ବୋଧୋଦୟ । ସଦାସର୍ବଦା ଅକ୍ଷୟ ଅବ୍ୟୟ ।
ଆତ୍ମାସଂସର୍ଗୀ ଚେତନା ବିକାର । ମନ ବୁଦ୍ଧି ବିବେକରେ ସଞ୍ଚାର ।
କାମ-ଲୋଭସ୍ଥଳେ । ଉଦେ ହୋଏ ନାନା ସମ୍ବନ୍ଧ ବଳେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସ୍ୱାଦୁ ଶୀତଳ ଆହ୍ଲାଦ ଶୋଭା । ବିଧି ଅଧିକ ଅଗମ୍ୟ ପ୍ରତିଭା ।
ଚାଖିବା ଦେଖିବା ସ୍ମରଣ ନାହିଁ । ବିକାରବଳେ ଚିହ୍ନାଯାଏ ସେହି ।
 ଅଗୋଚର ମୂର୍ତ୍ତି । ସ୍ୱଭାବ ଭାବବଳେ ହୋଏ ଶ୍ରୁତି ॥

ଦେହ ଦେଖି ସର୍ବେନ୍ଦ୍ରିୟାଦି ଦେବ । ପ୍ରେମ ଆୟତ୍ତୁଁ କେହ୍ନେ ତରିଯିବ ।
ସ୍ନେହ ଯହିଁକି ମାନସ ନ କରେ । ଦେଖା ଶୁଣା କର୍ମ ନିକି ପ୍ରଚରେ ।
 ସେହି ବିନା ମନ । କାହିଁରେ କେବେହେଁ ନୁହଇ ଲଗ୍ନ ॥

ସନ୍ଧିନୀ ସମ୍ବନ୍ଧିନୀ ଆହ୍ଲାଦିନୀ । ବିକାର ତତ୍ତ୍ୱଗୁଣ ଅଛି ଘେନ ।
କାର୍ଯ୍ୟ କାରଣ ସମ୍ଭବ କାରିଣୀ । ସର୍ବଶକ୍ତିମୂଳ ଏ ଘେନ ଜାଣି ।
 ବିବେଚନା କଲେ । ଅଶେଷ ବ୍ୟାପ୍ତିବନ୍ତ ଦାନ ସ୍ଥଳେ ॥

ପଞ୍ଚ ବିଷୟେ ପଞ୍ଚେନ୍ଦ୍ରିୟ ଲୋଭି । ପଞ୍ଚ ଭୌତିକ ବିକାରକୁ ଲଭି ।
ପଞ୍ଚ ରସ ସାର ଏଘେନ ଘେନ । ଏ ପାଞ୍ଚ ରସେ ମଧୁର ପ୍ରଧାନ ।
 ରତି ସଙ୍ଗ ପ୍ରୀତି । ପ୍ରୀତି ନ ଥିଲେ ନ ଶୋଭଇ ରତି ॥

ପ୍ରେମ ଭଙ୍ଗୀ ହାସ୍ୟ ଲାସ୍ୟାଦି ରୀତି । କୀଟ ପତଙ୍ଗେ ନାହିଁ ପୂର୍ଣ୍ଣ ରୀତି ।
ସ୍ଥାବରେ ଏକାଙ୍ଗ ଅନୁସରଣ । ଅଚେତନ ଶକ୍ତିସ୍ୱଭାବ ଗୁଣ ।
 ଏ ଘେନ ନତ୍ତ୍ନ । ମନୁଷ୍ୟ ପ୍ରୀତି ରୀତି ସ୍ଥିତି-ସ୍ଥାନ ॥

ନାରୀରେ ନାରୀ ପୁରୁଷେ ପୁରୁଷ । ରତିହୀନେ ପ୍ରୀତି ଦିଶେ ନୀରସ ।
ନାରୀପୁରୁଷେ ରତି ପ୍ରୀତି ଜାତ । ସ୍ୱାଦୁ ସମ୍ବନ୍ଧ ମଧୁର ଆଖ୍ୟାତ ।
 ଦୁଇ ମତ ସେହି । ସ୍ୱକୀୟ ପରକୀୟ ଭେଦ ତହିଁ ॥

ବିଷୟ-ସମ୍ବନ୍ଧ ପିରତି ରୀତି । ସ୍ୱକୀୟ ସମ ଯଶ ସେ ବୋଲନ୍ତି ।
ଏଣୁ ସେ ଉଣାପର କୀୟା ସାର । ସେ ପୁଣି ହୁଅଇ ବେନି ପ୍ରକାର ।
 ପ୍ରୟୋଜନାର୍ଥିନୀ । ସାଧାରଣୀ ରୀତି ତାହାଙ୍କୁ ଚିହ୍ନି ॥

ପ୍ରାଣମୂର୍ଚ୍ଛା ରତିସମର୍ଥା ସେହି । ବେନିପ୍ରକାର ଭେଦାଭେଦ ତହିଁ ।
ସମ୍ବନ୍ଧ ଅନୁଗତ ଉଣାମତ । ସମ୍ବନ୍ଧେ ସ୍ୱକୀୟା ଅଧେ ବିଦିତ ।
 ଶୁଦ୍ଧରାଗାନୁଗ । ସ୍ୱଚ୍ଛ ଅଛିଦ୍ର ପ୍ରୟୋଜନ ତ୍ୟାଗ ॥

ଦୁହେଁ ଅନୁରୂପ ହୁଅନ୍ତି ଯେବେ । ରତିପ୍ରୀତି ସୁଖ ବଢ଼ଇ ତେବେ ।
ମହତ୍ ଲୋଭବେ ମର୍ଯ୍ୟାଦା ବୁଦ୍ଧି । ବିଦ୍ୟାବଳେ ହୋଏ ବିଚଏ ବୁଦ୍ଧି ।
 ଯେଡ଼େ ଶୋଭାବନ୍ତ । ତେଡ଼େ ଚିତ୍ତ ଲୋଭ ହୋଏ ବିଦିତ ॥

ଗୁଣବନ୍ତେ ପ୍ରାଣ ହୋଏ ବିକ୍ରୀତ । ଦୁଷ୍ପ୍ରାପ୍ୟ ସ୍ନେହ ବୃଦ୍ଧି ଦ୍ୱିଗୁଣିତ ।
ଯେତେଗୁପତ ତେତେ ବା ନ ବଢ଼େ । ଯେତେ ଭୟ ତେତେ ଭଜଇ ଗାଢ଼େ ;
 ଲଜ୍ଜା ଥାଇଯେତେ । ପିରତି ସୁନ୍ଦର ଦିଶଇ ତେତେ ॥

ମାନ୍ୟ ଭୟ ସ୍ଥାନେ ଏରୀତି ହୋଏ । ଏଣୁ ସେ ପ୍ରୀତି ମହା ସୁଖମୟେ ।
ନବ ଯୁବା କାଳେ ଉଦୟ ପ୍ରୀତି । ପୂର୍ଣ୍ଣ ଯୁବାକାଳେ ଉଦୟ ରତି ।
 ବିଦ୍ୟାବିଦ୍ୟ ମିଶା । ଏ ପ୍ରୀତିମାନ ସଂସାରେ ପ୍ରଶଂସା ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶୋଭା ବୟ ଭଙ୍ଗୀ ବେଶ ଭୂଷଣ । ଏକାନ୍ତ କ୍ରୀଡ଼ା ନାନା ଆଚରଣ ।
ସଙ୍ଗୀତ ଇଙ୍ଗିତ ବାଦ୍ୟ ବିସ୍ତର । ସ୍ରକ ଚନ୍ଦନ ତାମ୍ବୁଲ ଦେବାର ।
ଏ ଆଦରେ ଯେତେ । ଉଦ୍ଦୀପନକାରୀ ଏହି ଜଗତେ ॥

ସ୍ୱାଭାବିକୀ ପ୍ରେମ ମର୍ଯ୍ୟାଦା ଭିନ୍ନେ । ନାମ ମାତ୍ରହିଁ ପଡ଼େ ଯେବେ କର୍ଣ୍ଣେ ।
ଶୋଭା ଭୟ ଭଙ୍ଗୀ ଗୁଣ ଗାରିମା । ନାମ ଅର୍ଥ ବଳେ ଆକର୍ଷେ ସୀମା ।
ନୋହୁଁ ବିଲୋକନ । ତନ୍ମୟଭାବେ ଲଗ୍ନ ମଗ୍ନ ମନ ॥

କାୟକର୍ତ୍ତବ୍ୟ ଜ୍ଞାନେନ୍ଦ୍ରିୟମାନେ । ଅନୁଗତଜ୍ଞାନ ଜ୍ଞାନ ବିହୀନେ ।
ଜାତି ବିଦ୍ୟା ଶୋଭା ଗୁଣ କେ ଜାଣେ । କି ସମ୍ବନ୍ଧ ପରାପର ନ ଗଣେ ।
ବିନା ପ୍ରୟୋଜନେ । ଉତ୍କଣ୍ଠା ବଢ଼ୁଥାଇ ଦରଶନେ ॥

ଦଇବ ଯୋଗେ ସେ ହେଲା ଘଟନା । ଦେହ ସଂସାର ପାସୋରିଏ ସିନା ।
ଆଖି ଲାଖି ରହେ ପଡ଼ିଲାସ୍ଥାନେ । ବିବେକର ଶୋଭା ଭଙ୍ଗି କେସନେ ।
ମହାନନ୍ଦେ ମାତି । ସାରାସାର ଗୁଣ ନ ପାରେ ଚେତି ॥

ଇଚ୍ଛେ ବ୍ରହ୍ମ ନିରୂପଣ ପରାୟେ । ତେମନ୍ତ ସେ ତା ସର୍ବସୁଖମୟେ ।
ଗୁଣ ଶକ୍ତି ବିବେଚନେ କି ହେତୁ । ଅପ୍ରାକୃତ ପ୍ରେମ ଜନିତ ଚିତ୍ତୁଁ ।
କାମ ନାମ ତାର । ତେଣୁ ବଢ଼ାଏ ସୁରତିବିକାର ॥

ଦୟା କୃପା ବିଲୋକନେ ଉଦୟ । ବ୍ୟାଜ ଗାମ୍ଭୀର୍ଯ୍ୟ ମାନସେ ସଞ୍ଚୟ ।
ହାସ୍ୟ ଲାସ୍ୟ କମ୍ପ କୋପ ଓଷ୍ଠରେ । ରୁଷ୍ଟ ହୃଷ୍ଟ ଭଙ୍ଗୀ ସଙ୍ଗୀ ଆସ୍ୟରେ ।
ତନୁ ପୁଲକଇ । ଲୀଳା ଲାଳସ କଳିତ ହୁଅଇ ॥

ବାକ୍ୟଚାତୁରୀ କୌଶଳତା ରସେ । ହର୍ଷେଙ୍ଗିତ ଭଙ୍ଗୀ ସଙ୍ଗୀ ବିଶେଷେ ।
ଭାବସ୍ୱଭାବଜ ଭୂଷା ଭୂଷିତ । ଆନନ୍ଦାର୍ଣ୍ଣବେ ମଗ୍ନ ହୋଏ ଚିତ୍ତ ।
ବ୍ରହ୍ମାନନ୍ଦ ସୁଖ । ସେ କାଳେ ବିଳେ ମିଳିଗଲେ ଦୁଃଖ ॥

ଦେଖିଲେ ତରେ ନ ଦେଖିଲେ ମରେ । ବିଯୋଗାବିଯୋଗ ଏହି ପ୍ରକାରେ ।
ପ୍ରେମସ୍ୱାଦୁ ନିନ୍ଦେ ସୁଧାଶୀକର । ସୁରତି ମୁଣ୍ଡରେ ଶିଏ ଠାକର ।
ସ୍ନେହ ସୁଖ ଯହିଁ । ରତିକି ଅବିନାଶ କାହିଁ ତହିଁ ॥

ମଞ୍ଜିଷ୍ଠାନୁରାଗ ପରାୟେ ସ୍ଥାୟୀ । ମଧୁପରାୟେ ଦ୍ରବ ନ ତେଜଇ ।
ଛିଦ୍ର ରହିତ ମରୁତ ସଂଜାତ । ନିର୍ମଳ ସ୍ନେହ ଯେମନ୍ତ ଅନନ୍ତ ।
ଅଭେଦ ବିଦିତ । ଯେଉଁ ପ୍ରକାରେ ସାଗର ସରିତ ॥

ଧର୍ମ ଚକ୍ରବାଡ଼ ଲଙ୍ଘନ କରେ । ନିନ୍ଦା-ସିନ୍ଧୁ ସ୍ନେହ ପୋତରେ ତରେ ।
କଳଙ୍କ-ମୁକୁଟ ବାନ୍ଧଇ ଶିରେ । ସହିତ-ଗୌରବର ଚୂର୍ଣ୍ଣି କରେ ।
ଲଜ୍ଜାକୁ ଦହଇ । କୁଳାଭିମାନଙ୍କୁ ତଡ଼ିଦିଅଇ ॥

ଭାବ ସାଫଲ୍ୟ କଉତୁକକାରୀ । ନିତ୍ୟେ ନାନାମତେ ଯତ୍ନ କରି ।
ସେ ଯା ହାକରିଏ ଏ ତାହା କରେ । ବଇଶିକଗୁଣା ବୀଣା ବାଦ୍ୟରେ ।
ପରାଧୀନ ପରି । ଭାବ ଭାବନା ତାର ଦିନସରି ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତା ଦାମ୍ପିକଭାବେ ମଗ୍ନ ମାନସ । ଆପେ ତା ହୃଦେ କି ହୃଦେ ତା ବାସ ।
ତା ଦେହ ନେଇ କି ନେଇଛି ସେ ଅଛି । କି ଶ୍ରୁତି ବଚନେ ମିଶି ରହିଛି ।
ସବୁ ଏହିପରି । ବର୍ଣ୍ଣ ଅଚ୍ଛଦ୍ରଭାବେ ଅଛି ପୂରି ॥

ମିତ ହେ ଏମନ୍ତ ପୀରତିଖିତ । ତାହା ପାଲଟୁ କେ ଯିବ ବରତ ।
ମନ ମୀନକୁ ସେ ପ୍ରେମବଡ଼ଶୀ । ଲୋଭସୂତ୍ରେ କାମ ନଏ ଆକର୍ଷି ।
ପଡ଼ି ସଙ୍କଟରେ । . ମୁକ୍ତିପ୍ରାପ୍ତିମତ ମଣେ ଚତୁରେ ॥

ଅକ୍ଷୁନ୍ନ ଅଙ୍କ ହୀନ ପ୍ରେମଶଶୀ । ସ୍ମର ପବନେ ଉଦେ ହୋଏ ଆସି ।
ଆନନ୍ଦ କ୍ଷୀରସିନ୍ଧୁ ଉଚ୍ଛୁଳାଏ ମନ ଚକୋର ସୁଧାପାନ ପାଏ ।
ଜୀବତାପ ନାଶେ । ଆଶା ନିଶା ଯୋଷା ତୋଷ ପ୍ରକାଶେ ॥

ବିଯୋଗେ ସୁଧାଭାନୁ ଚଣ୍ଡଭାନୁ । ଆନନ୍ଦସିନ୍ଧୁ ତନୁ କରେ ତନୁ ।
ଆଶା ନିଶା ଯୋଷା ଦେହ ଦହଇ । ହୃଦ କୁମୁଦ ପ୍ରମୋଦ କରଇ ।
ଜୀବ ତାପ ଜାତ । ଧୀର ଚକୋର ବହୁତ ଦୁଃଖିତ ॥

ଦୁଃଖ ସୁଖ ବିଷାମୃତ ପରିଚୟେ । ଏ ଦୁଇ ସ୍ୱଭାବ ତାର ଉଦୟେ ।
ହୀରା ସମାନ ହୃଦ ହୋଇଥିବ । ପ୍ରୀତି ଛୁଇଁଲେ କି ଫାଟି ନ ଯିବ ।
ବଜ୍ର ହେଲେ ଦେହ । କୃଶାନୁ ପରି କରିଦେବ ଦାହ ॥

ସଂଯୋଗେ ସୁଖତ କହି ନୁହଇ । ବ୍ରହ୍ମା ଇନ୍ଦ୍ର ପଦ ପଦକେ ଥାଇ ।
ପଦ ଶବଦକେ ବିନ୍ୟାସୁ କତଙ୍କ । ବଡ଼ ବୋଲିବା ତହିଁ ମୁକୁତିଙ୍କ ।
କୋଳ କଲକ୍ଷଣି । ଆନନ୍ଦେ ଆହ୍ଲାଦ ମିଶିଲା ମଣି ॥

ମନକୁ ମନ ହୋଏ ମିଶାମିଶି । ବ୍ରହ୍ମେ ଜୀବ ପଶିବାର ଆଭାସି ।
ପରସ୍ପରେ ଏ ଆଶ୍ରୟାଲମ୍ବନ । ଦ୍ରବ୍ୟ କ୍ରିୟାଗୁଣ ତା ଉଦ୍ଦୀପନ ।
ଯେବେ ଭିନ୍ନ ହେବ । ବାଇ ନୋହି କେ ଜୀବନ ଧରିବ ॥

ହାନି ଲାଭ ତହିଁ ଜଣା ନ ଯାଏ । ସେ ପ୍ରୀତି ପାଳିବାର ଅତିଶୟେ ।
ନିରାଧାରେ ଦ୍ରବ୍ୟ ରଖିଲା ବିଧି । ପ୍ରୀତିୟା ପ୍ରୀତି ରଖା ଏଡ଼େ ସିଦ୍ଧି ।
ପ୍ରେମ ପ୍ରେତଗ୍ରସ୍ତ । ମନ୍ତ୍ର ଯନ୍ତ୍ରମାନ ନୋହେ ଆୟତ୍ତ ॥

ନିତ ସଙ୍ଗେ ଥାଇ ସେ ଦେଖା ହେଲେ । ପ୍ରେମ ପ୍ରମାଦ ପଡ଼ଇ ସେକାଳେ ।
ବଳାଉଁ ଗତି ପଦ ନ ଚଳଇ । ଲାଜେ ପୀରତି ବିବାଦ ବଢ଼ଇ ।
ଦେହ ଥିଲେ ତେଣେ ! ମନ ଆକର୍ଷି ହେଉଥାଇ ଏଣେ ॥

କାହାକୁ କି କହିଲା ପରି ହୋଇ । ଟିକିଏ ଟିକିଏ ସେ ରହି ରହି ।
ବାକ୍ ଗାମ୍ଭୀର୍ଯ୍ୟସଙ୍ଗେ ମଣିଯାଇ । ପଦେ ପଦେ ଅଧେ ଅଧେ କହଇ ।
ନ ଗ୍ରହିଁଲା ହୋଇ । ପୋତି ମଥା କଥା ନୟନେ କହି ॥

ସୁଖ ଶ୍ରୁତିରୁ ଲୋଭ ବାର ନୋହେ । ବାରଂ ବାରଂ କମ୍ପ ଜନିତ ଦେହେ ।
ଅଶ୍ରୁ ଆଶ୍ରୟ ଅଧିକ ଆଖିରେ । ଦଶି ନ ଦଶଇ ହାସ ଧରେ ।
ଲାଲସ ଆଳସେ । ଗାଏ ବିବେଷ୍ଟିତ ଜୃମ୍ଭା ପ୍ରକାଶେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ନାଗରୀ ନାଗର ଚରିତ ଏମାନ । ମାନରେ ମିଶିଥାଇ ସନମାନ ।
ରାଗ ସରାଗ ପ୍ରେମାମୃତ ଗୋଳି । ଶ୍ରୀମୁଖ ତାଳି ଦେଇଯାଏ ତାଳି ।
ଭ୍ରୂଭଙ୍ଗୀ ଚଳାଇ । ସ୍ୱୀକାର ବିକାର ଦିଏ ଚହଟାଇ ॥
କମ୍ପେ ଅଧର ଜାତ ହାସ ଭାଷା । ପକାଇ ଶ୍ୱାସ ଡୋଲୁଥାଇ ନାସା ।
ଦିବ ଭ୍ରୂ ବଙ୍କ ଦୃଷ୍ଟିପାତବତ । ହାସ କୁଣ୍ଠିତା ଏକଯୋଗେ ଖ୍ୟାତ ।
ସୁଖ ଦୁଃଖ ଦୁଇ । ଆଶା ନିରାଶାକୁ ଦିଏ ଚହଟାଇ ॥
ଉଭୟ ସୁଖଦାମୀ ପରସ୍ପରେ । ତନୁ ସଜାଡ଼ନ୍ତି ସେହି ହେତୁରେ ।
ମନକୁ ଜ୍ଞାନ ଅଗୋଚର ଥାଇ । ବୁଦ୍ଧି ବିବେକକୁ ବଣା ହୁଅଇ ।
ଯେ ବୋଲଇ ଯାହା । ଶୁଣିଲେ ଜାଣି ନ ପାରଇ ତାହା ॥
ଖାଉଥିଲେ ଦ୍ରବ୍ୟ ସ୍ୱାଦୁ ନ ଜାଣି । ଗନ୍ଧ ଘେନଇ ଉଦାସୀନ ଘେନି ।
ଦେଖୁଥିଲେ ଆଖି ଚହଟଇ ନାହିଁ । ଏ କର୍ମ ବୋଲି ସେ କର୍ମ କରଇ ।
କହୁଁ ଆନ ଭାଷା । ବଳେ ବାହାରେ ପ୍ରୀତିର ପ୍ରଶଂସା ॥
ମୀର କୁହଇ କରେ ଜରଜର । ଧନୀ କୁହଇ ମହାଗର୍ବେଶ୍ୱର ।
ତପୀ କୁହଇ ସୁକୃତ ବହୁତ । ପାପୀ କୁହଇ ଲଭଇ ଦୁରିତ ।
ଅମର କୁହଇ । ସ୍ୱର୍ଗସମ୍ପତ୍ତିଙ୍କ ଭୋଗ କରଇ ॥
ବିଧୁ କୁହେ ସୁଧାଶୀତଳ ଦାୟୀ । ଜ୍ୱର କୁହେ ତାପ କମ୍ପ ବଢ଼ାଇ ।
ବୈଦ୍ୟ କୁହଇ ବ୍ୟାଧି ବିନାଶଇ । ପିତ୍ତ କୁହଇ ତ ବାଇ କରଇ ।
କୁହଇ ମାଦକ । ବିହ୍ୱଳ କରେ ଜୀବ ଥିବାଯାକ ॥
ଚଖା ଦେଖା ନାହିଁ ସ୍ୱାଦୁ ସୁନ୍ଦର । ସର୍ବେନ୍ଦ୍ରିୟାକର୍ଷେ ଲୋଭ ବିସ୍ତାର ।
ଏପରି ବିଚିତ୍ରତା ଅଛି ଯେତେ । ଆହେ ପ୍ରାଣମିତ କହିବ କେତେ ।
ପ୍ରୀତି ମହାଖଣ୍ଡି । କେବଳ କରାଏ ପ୍ରାଣସଙ୍କଟ ॥
ବେଦବାଦୀ ବିଧି ଏ ବେଦବାଦୀ । ଆପଣା ସଂସାର ବଂଶ ସମ୍ବାଦ ।
ଧର୍ମ କର୍ମ କୁଳ ବିବେକ ନାଶେ । ଅପବାଦ କୃଷିଜୀବିକା ରସେ ।
ସେ ପ୍ରୀତିକଣ୍ଟକ । ଯେ ଶଲ୍ୟ ସେ ମଲ୍ଲ ପାଇ ଶାସ୍ତ୍ରିକ ॥
ଦୂରହୁଁ ତାକୁ କର ନମସ୍କାର । ଅମାନୀ ନୋହି ମାନ ଆମ୍ଭ ଗିର ।
ଶ୍ରବଣେ ହସି ବୋଇଲେ ଅଚ୍ୟୁତ । ଆହା କି ବୋଇଲ ପରାଣମିତ ।
ଜୀବ ଥିବାଯାକେ । ସାର ପ୍ରୀତିକି ତେଜି ପାରିବ କେ ॥
ମୋ ମନ ଲୋଭ ଯହିଁ ତାହା ଜାଣ । ତା ଲାଗି ଗଲେ ଯାଉ ପାପୀ ପ୍ରାଣ ।
ପ୍ରେତ ହୋଇ ଯିବି ଏ ବନେ ଥିବ । ତାହା ଦରଶନେ କୃତାର୍ଥ ହେବ ।
ମନେ ଅଛି ଭାବ । ବନ୍ଧୁ ଶ୍ରୀଅଙ୍ଗରେ ଆବେଶ ହେବ ॥
କୀଟପସଂସ୍କୃତ ସାକ୍ଷୀତ ଅଛି । ଶଶିତନୁକୁହିଁ ଶଶ ପାଇଛି ।
ମରଣ ଭୟ ନୋହିଲା ଏଥିକି । ହାତ ଧରି ମୁଁ ମାଗୁଛି ଏତିକି ।
ଜୀବ ଗଲେ ଶବ । ତା ଗତିପଥରେ ପୋତାଇ ଦେବ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବହିକ ମନାଇଁ ମାଧବୀ ହେବ । ବାନ୍ଧବୀ ଶ୍ରୀଅଙ୍ଗ ଭୋଗ ପାଇବ ।
ମୃଗଶାବକାକ୍ଷୀ ପାଦ ଯାବକ । ହେବାକୁ ତୋଷିବ ଲୋକନାୟକ ।
ଥିବାକୁ ଅଙ୍ଗରେ । ମନାସି ଝାସିବ ଗଙ୍ଗାସାଗରେ ॥
ଏମନ୍ତ ବାଞ୍ଛିତ ମିତ ଶୁଣନ୍ତେ । ପ୍ରେମ ଲୋଭକୁ ପ୍ରଶଂସିଲେ ଚତୁରେ ।
ଆଶଭାଷ କହି କଲେ ପ୍ରବୋଧ । ଯେନ ହେ ପ୍ରେମଗ୍ରାମବାସୀ ବୃଧ ।
କବ ଅଭିମନ୍ୟୁ । ଜୀବନ ଯାଉ ଚନ୍ଦ୍ର ରାଧା କାହ୍ନୁ ॥

ସପ୍ତତ୍ରିଂଶ ଛାନ୍ଦ

କଶୋରୀ ସଖୀ ଧୁରରେ ଶୋଭା କଥନ

ରାଗ—କେଦାରଗୌଡ଼ା

ପ୍ରଣୟରେ ଦୁଃଖୀ ହୋଇ ପଦ୍ମଲାକ୍ଷୀ ସଖୀପାଣୀ ଧୀରେ ଧରି ।
ଆନନ୍ଦ ଉତ୍କଣ୍ଠା ଗଦ୍‌ଗଦ ମିଶାଇ କହନ୍ତି ଲାଳସା କରି ଗୋ । ମିତ ।
ବନେ କି ଶୋଭା ଦେଖିଲୁନାହିଁତ ଗୋ । ସେ ତ ମଦନସାମନ୍ତ ସତ ଗୋ ।
ମନ ଧନ ଚୋର ପରଶିତ ଗୋ ॥
କଳାକଞ୍ଜଦଳା ଅଞ୍ଜନ ମର୍କତ ଇନ୍ଦ୍ରନୀଳମଣି ଘନ ।
ସୁଧାଆନନ୍ଦ ଆହ୍ଲାଦ ମାଦକ ଶୃଙ୍ଗାର ପ୍ରେମ ମିଳନ ଗୋ । ପୁଣି ।
ଶୋଭାସମୂହମନ୍ଥା ଲବଣୀ ଗୋ । କୋଟି ସୃଷ୍ଟିକାନ୍ତି ସାରଶ୍ରେଣୀ ଗୋ ।
ମହା ଲାବଣ୍ୟରତନଖଣି ଗୋ ॥
କେତେକାଳ କଳ୍ପି କଳ୍ପି ବିଧି ସିଦ୍ଧ କଲା ବଚନ ପ୍ରତିମା ।
ମୋହନମନ୍ତ୍ରରେ ଜୀବନ୍ୟାସ କରି ଭୂଷିତ କଲା ଭଙ୍ଗିମା ଗୋ । ଭାବ ।
କଲା ଲଳିତମାଧୁର୍ଯ୍ୟାର୍ଣ୍ଣବ ଗୋ । ହେଲା ଗୁଣନିଧିରଖା ଠାବ ଗୋ ।
ମାର ଦେବାର୍ଚ୍ଚନ-ଦେବ ହେବ ଗୋ ॥
କେତକୀପାଖୁଡ଼ା ଗୋଟାମଲ୍ଲୀ ବେଢ଼ା ଚୂଡ଼ା ବୁଡ଼ାଇଛି ଘର ।
ଅର୍ଦ୍ଧଚନ୍ଦ୍ରକ ପରେ କେକଚନ୍ଦ୍ରକ ସାର ଦେଉଛି ସଂସାର ଗୋ । ତହିଁ ।
ନବ ଜାମୁଡାଳ ଖୋସା କେହି ଗୋ । ଖଞ୍ଜା ଗୁଞ୍ଜ ଗୁଞ୍ଜରିମୁଣ୍ଡିହି ଗୋ ।
ପୁଷ୍ପଧ୍ୱଜ ଚୋରି ଲକ୍ଷ କାହିଁ ଗୋ ॥
ଲଳିତ ମାଧୁର୍ଯ୍ୟ ଆହ୍ଲାଦ ପ୍ରସନ୍ନ ସୁଧା ସ୍ୱାଦୁ ଗୁଣ ଥିଲା ।
କୋଟି ପଦ୍ମ ଶଶିଗର୍ବ ଖର୍ବ ଚାରୁମୁଖ ଦେଖା ଦକୁ ହେଲା ଗୋ । ଯେନ ।
ତହିଁ କଳଙ୍କ ଏ ଚିହ୍ନହୀନ ଗୋ । ସେତ କ୍ଷୟ ଏ ଅକ୍ଷୟ ସ୍ଥାନ ଗୋ ।
କଳାକର ସେ ଏ କାଳପୂର୍ଣ୍ଣି ଗୋ ॥
କଉଥିଲବାକୁ ଇଚ୍ଛା କି ବଳବ ଅମଳ କଳାକମଳ ।
ଆନନ୍ଦ ପ୍ରସନ୍ନ ବର୍ଣ୍ଣଜନ-ମନମୋହନ ମାଦକସ୍ଥଳ ଗୋ । ସଖି ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଭଙ୍ଗୀ କମ୍ପନ କାହିଁକ ଦେଖି ଗୋ । ମୁଖସ୍ଫୂର୍ତ୍ତିକ ମୂର୍ଚ୍ଛିବ ଆଖି ଗୋ ।
ଥିକ ଯେ ବୋଲେ ମୁକୁର ଲକ୍ଷେ ଗୋ ॥
ଲଜ୍ଜ ବ୍ୟାଜ ଓଜ ଗାମ୍ଭୀର୍ଯ୍ୟ ଭଙ୍ଗିମା ପ୍ରସନ୍ନାଚ୍ଛନ ଘୂର୍ଣ୍ଣନ ।
ଶ୍ରୀ ମୃଦୁ ମାଦକ ଲାଲସ ଆଲସ ପ୍ରୀତ ଲୋଲ ଲୀଳା ସ୍ଥାନ ସେ । ନେତ୍ର ।
ସୁଧା ଅନୁରାଗ କଳାପାତ୍ର ସେ । ଚନ୍ଦ୍ର ଶତପତ୍ରଗୋତ୍ର ମିତ୍ର ସେ ।
ଲକ୍ଷ ଲକ୍ଷଲକ୍ଷ ମୋକ୍ଷକ୍ଷେତ୍ର ସେ
ବିଷାମୃତ ମିଶା ବିଷମ ବିଶିଖ ଛଟକଗତ ଶୃଙ୍ଗାରୀ ।
ଦୃଷ୍ଟି ବୃଷ୍ଟି ହେବା କୋଟିପୂର୍ବା ସୃଷ୍ଟି ପ୍ରଳୟ ପାରନ୍ତି କରି ତା । ଡୋଳା ।
ରଣତୁରଙ୍ଗ ତରଙ୍ଗଲୀଳା ତା । ଖେଳା ଖଞ୍ଜନ ରଞ୍ଜନ କଳା ତା ।
ରଙ୍ଗେ କୁରଙ୍ଗ ନୋହିବେ ତୁଳା ତା ॥
ଶୃଙ୍ଗାମୃତଗୋଳା କଳାପଦ୍ମ ତୁଳା ବୋଲିବାରେ କେଉଁ ଆଣି ।
ବୁଲାଇବା ବେଳେ ଭୁଲାଇବା କେହି କାମକୁତୁକସାରଣୀ ଗୋ । ମିତ ।
ରତିଭୂତ ମୂର୍ତ୍ତିମନ୍ତ ସେତ ଗୋ । କୋଟି ଲକ୍ଷ୍ମୀ ଜାତ ପଦ୍ମ ସତ ଗୋ ।
ଲୋଳ କଲ୍ଲୋଳ ମାଧୁର୍ଯ୍ୟବନ୍ତ ଗୋ ॥
ସୁତନୁ ତନୁ ଦାରଣ ଫୁଲଧନୁ ଅତନୁଠାରୁ ଛଡ଼ାଇ ।
ଘନ ଘନ ଆମଞ୍ଜନ କଳା ଶୋଭା ପ୍ରଭାକୁ ହସିଦଅଇ ତା । ଭ୍ରୂ ।
କାଳବ୍ୟାଳବାଳଖେଳା ଗୁରୁ ତା । ଧୈର୍ଯ୍ୟ କରୁଣ କରୁଣୀ ଶୃରୁ ତା ।
ଜାତପତ୍ର ଅଶିତ ବୀଜରୁ ତା ॥
ନାସା ପ୍ରଶଂସା ଭାଷାରେ ଧନ୍ୟ ହେବ ତିଳସୁମନ ତୂଣୀର ।
ଅତଜ୍ୟୋତ ମୋତି ବସଣୀକଷଣୀ ଥିଆ କି କାମଦେବର ସେ । ତୋରା ।
କିବା ନଉଛନ୍ତି କରେ ପରା ସେ । ବିଧୁ କୋଳେ କି ରୋହଣୀ ତାରା ସେ ।
କି ସେ ଦେବଗୁରୁ ଧରା କାରା ସେ ॥
କସ୍ତୁରୀତିଳକ ଗୋରଚନା ଚିତ୍ର ଊର୍ଦ୍ଧ୍ୱରେଖା-ରେଖା ହରେ ।
କଣ୍ଠାରୀ ଜରୀ ଉଷ୍ଣୀଷ ଥୋଇବାର ନେତ୍ରଶରେ ସ୍ଥାନ କରେ ସେ । ଶୋଭା ।
ରତି-ପତିମତ ଅତିଲୋଭା ସେ । ରମା ଦେଖି ବଳେ ହେବେ ବିଭ୍ରା ସେ ।
ଶୃହିଁ କେ ରଖିବ ଦମ୍ଭପ୍ରଭା ସେ ॥
ମଞ୍ଜୁଲ ନୀଳ ଅଳକ ଲୋଳ ଲୀଳା ଝୁଲ ଭାଲଦେଶେ ଦଶେ ।
ଅମଳ କଳାକମଳକୁ ଭ୍ରମରଛୁଆ ବେଢ଼ିଛନ୍ତି କି ସେ ସେ । ଭାଲ ।
କଣ୍ଠିବାର କେ କରିବ ମୂଲ୍ୟ ସେ । ଅର୍ଦ୍ଧଫରକ କରିବା ଭୁଲ ତା ।
ଅର୍ଦ୍ଧଚନ୍ଦ୍ରହିଁ କି ଲକ୍ଷ ଭୂଲତା ॥
ଆହ୍ଲାଦ ମନ୍ଦ ସୁନ୍ଦର ମଧୁର ସ୍ୱଚ୍ଛ ମହୋତ୍ସବପ୍ରଦ ।
ପ୍ରସନ୍ନ ସନମତ ମତ୍ତମାଦକ ସୁଗୀତ ଆନନ୍ଦପଦ ତା । ହାସ ।
ନନ୍ଦେ କର୍ପୂର ଦର ପୀୟୂଷ ତା । ଜଣେ କାଶ କୁଶ କଇଳାସ ତା ।
ବଳେ ଶଶିକିରଣ ସାରସ ତା ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରାଗ ଅନୁରାଗ ଅମୃତ ମାଧୁର୍ଯ୍ୟ ଶ୍ରୀସରଘର ଅଧର ।
ପତ୍ରବୃନ୍ତାଧୃତ ଭୃଙ୍ଗ ଜୁରପାଇଁ ଚଳନ ଛଳନ ତାର ଗୋ । ଦନ୍ତ ।
କୁନ୍ଦ କୁରୁବକ ହୀରାବତ ଗୋ । ଜ୍ୟୋତ ମୋତି ପନ୍ତି ଉପମିତ ଗୋ ।
କୁନ୍ଦକଳୀ କରକବଜିତ ଗୋ ॥
ସ୍ମିତ ଅଧର ପରସ୍ପର ସୁନ୍ଦର ଦର୍ପକ-ଦର୍ପବର୍ଦ୍ଧନ ।
ପ୍ରବାଳ ଆଲବାଲରେ କଳ ସୁଧା କନ୍ଦଳ ଜାତ ଶୋଭନ ତା । ତୋରା ।
କ୍ଷୀରେ କ୍ଷାଳିତ ମାଣିକ୍ୟ ପରି ତା । ପ୍ରବାଳରେ ବୃଷ୍ଟି ସୁଧାଧାରି ତା ।
ଶଶି-ସ୍ମର ଆଲିଙ୍ଗନ ଧାରି ତା ॥
ସୁଧାପିଣ୍ଡ ତନଖଣ୍ଡ ପଦ୍ମଗଣ୍ଡ ବନ୍ଧୁକ ଫୁଲ୍ କି ତୁଲ୍ ।
କନ୍ଦ ମାକନ୍ଦ ଆନନ୍ଦ ମକରନ୍ଦ ଥୁଆ କେ କରିବ ମୂଲ୍ ଗୋ । ସଖି ।
ଚବୁକେ କି କ୍ଷୀଣଚନ୍ଦ୍ର ଲକ୍ଷୀ ଗୋ । ଅର୍ଦ୍ଧମାତ୍ର ହେଲେ ହେବ ସାକ୍ଷୀ ଗୋ ।
ଦେଖି ଲେଉଟି ନ ପାରେ ଆଖି ଗୋ ॥
ଶ୍ରୁତିକୀର୍ତ୍ତି ପରତ୍ରର ଚରାଚର ବନ୍ଧପାଶ ମନୋହର ।
ମକରାଙ୍କିତ କୁଣ୍ଡଳ ଆନ୍ଦୋଳନ ଦରବଜେ ମଦନର ଗୋ ।
ଶୋଭା ନନ୍ଦେ ଚନ୍ଦ୍ରାର୍କମଣ୍ଡଳ ପ୍ରଭା ଗୋ । ଗୁରୁ କବି କି ବର୍ଣ୍ଣିବେ ଆଭା ଗୋ ।
ପତ୍ରବୃନ୍ତାପନ୍ତ ମତ୍ତ ଲୋଭା ଗୋ ॥
ଶଙ୍ଖୀ ଶଙ୍ଖ ଶକ୍ତି କପୋତ ପ୍ରମତ୍ତ ହୁଙ୍କୃତ ବେଲ ମଞ୍ଜୁଳ ।
ବିଜଗନ୍ମୋହିବା ଗାମ୍ଭୀର୍ଯ୍ୟଗ୍ରୀବା ତନରେଖା ଦେଖା ପରି ଛଳ ଗୋ । ତହିଁ ।
ଯହିଁ ରତ୍ନ ସାର ହାର କହି ଗୋ । ବନମାଳା ଶୋଭା ଦରଶ କେହି ଗୋ ।
ଯୁବା କେ ବା ବକାଯିବ ନାହିଁ ଗୋ ॥
ବାହୁଦଣ୍ଡ ପୁଣ୍ଡରୀକ ଶୁଣ୍ଡ ପୁଣ୍ଡରୀକ ସଣ୍ଡଦଣ୍ଡକର ।
ବାହୁଟି ବାଘଟି ବାହୁଟିଆ ପର ନାରୀ କରଇ କାତର ଗୋ । କରେ ।
ବଳା ବଳାରିତ ମୋହି ପାରେ ଗୋ । ମୁଦ୍ରୀ ମୁଦିତ ଉଦିତ କରେ ଗୋ ।
ଲୀଳାପଦ୍ମ ଧରି କି ହୃଦରେ ଗୋ ॥
ବର ମରକତ ଯାଉଁଳି କବାଟ ମୁଦା ଉରତଟ ଭାତି ।
ରଙ୍ଗ ମୃତ୍ତିକା ଚହିତ ଅନୁରାଗଲତା ପତ୍ର ପରତିତ ଗୋ । ସ୍ଥଳେ ।
କଉସ୍ତୁଭବରମଣି ଲୁଲେ ଗୋ । ପରିସ୍ଫୁଟିତ କମଳମାଳେ ସେ ।
ଲମ୍ବ କଦମ୍ବମାଳା ରାଗ ତଳେ ସେ ॥
ବିଦ୍ୟୁ ଝଟଝଟ ପର ପୀତପଟ କଟି ତଟରେ ବିରାଜେ ।
ପିନ୍ଧା ପରିପାଟି କବିକୋଟିପାଟି ହେଲେ ବର୍ଣ୍ଣିବ କି ହେଜେ ଗୋ । ଦେନ ।
ମୋଡ଼ା ଦୋଷଡ଼ା ଭିଡ଼ା ଯତନ ଗୋ କୁଞ୍ଚା ରଞ୍ଚା ଧଡ଼ି କି ଶୋଭନ ଗୋ ।
କଣି କଙ୍କିଣୀ ହରେ ଜୀବନ ଗୋ ॥
ପୁରପର-ପର ତୂର କି ନୂପୁର କେୟୂରକାତର ସ୍ୱର ।
ତିରସ୍କାର ପୁରନ୍ଦର ଦ୍ୱିରଦର ଗତି ମତ୍ତବୃଷଭର ଗୋ । ପଦ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅରୁଣଙ୍କୁ ଅରୁଣ ରଣିଦ ଗୋ । ମରଦଇ ସାରସର ମଦ ଗୋ ।
ରମା ଆସ୍ପଦ ସମ୍ପଦ ପଦ ଗୋ ॥
ଚରାଚର ଦ୍ରବକର ମନୋହର ସୁସ୍ୱର ମଧୁର ତର ।
ବିଶ୍ୱଜନ ମନମୋହନ ମାଦକ ଦକ ପତିବ୍ରତୀଙ୍କର ଗୋ । ବଂଶୀ ।
ବଶୀକରଣ ଅଛଇ ମିଶି ଗୋ । ପଞ୍ଚଶର ସ୍ୱରେ ଥାଇ ବସି ଗୋ ।
କୁଞ୍ଚିତଟେ ପଟେ ଥିଲେ ଖୋଷି ଗୋ ॥
ତ୍ରିଭଙ୍ଗିମା ଭଙ୍ଗୀ ସଙ୍ଗୀତ ରଙ୍ଗୀତ ନଟବର ମନୋହର ।
କଟି ପାଦ ପାଣି ଗ୍ରୀବା ମୁଖ ଠାଣି ଚାହାଣି ବଙ୍କିମା ତାର ଗୋ । ସହି ।
କୁଞ୍ଜେ ଲୁଚି ଚାହୁଁଥିଲେ ରହି ଗୋ । କେତେ ଆଶୟ ଦେଖିଲି ତହିଁ ଗୋ ।
ବିଶ୍ୱମୋହନ ମୋହନ ସେହି ଗୋ ॥
ମର୍କତ ଦରପଣେ ହୀରା ମାଣିକ୍ୟ ଇନ୍ଦ୍ର ନୀଳମଣି ଜ୍ୟୋତି ।
ଖଞ୍ଜନଗଞ୍ଜନ ଜଗତରଞ୍ଜନ ପାଇ କର ରତିପତି ଗୋ । ମିତ ।
କୁଞ୍ଜେ କରିଥିଲି କି ଗୁପତ ଗୋ । ମୋର ପ୍ରାଣ ଆକର୍ଷଣ ସେତ ଗୋ ।
କି କହିବା ତା ଶୋଭା ଯେମନ୍ତ ଗୋ ॥
କେକୀ କେକ ଡାକିବାରେ ମୁଁ ସେକ୍ଷଣ ଈକ୍ଷଣ ତେଣିକି ଦେଲି ।
ଚାହାଣି ବିଶିଖ ବନଲୁଚି ବ୍ୟାଧ ଘାତକୁ ହରିଣୀ ହେଲି ଗୋ । ସ୍ମିତ ।
ଜାଲା ଗବାକ୍ଷ ରନ୍ଧ୍ରେ ଭାବିତ ଗୋ । ବନ୍ଦ ପଞ୍ଜରେ କି ରୂପାମୃତ ଗୋ ।
ଜାଲିବାଟେ କି ହୀରା ଆଲୋକିତ ଗୋ ॥
ତମ ବାମରେ କି ରାମଚନ୍ଦ୍ର କାମ ମତ ବର୍ତ୍ତି ଅଙ୍ଗୀକୃତ ।
ତଥାପିତ ଚିତ୍ତ ଭିତ ହିତ ନୋହେ କୁଞ୍ଜାନ୍ତରେ କି ଗୋପିତ ଗୋ । ଅବା ।
ନୀଳ ଚନ୍ଦ୍ରଉଦୟ ଜାଳିବା ଗୋ । ସର୍ବ କଳାକର ବିସ୍ତରିବା ଗୋ ।
ମାର ହରଙ୍କୁ ଲୁଚି ଦେଖିବା ଗୋ ॥
ନୀଳେନ୍ଦ୍ରମଣି କିରଣ ମର୍ଣ୍ଣି କିସଲୟ ସନ୍ଧି ଭେଦକର ।
ବନଭୁବି ପଶୁ ପକ୍ଷୀ ଘନ ପ୍ରତିବିମ୍ବିଲି ପରି ମାଧୁରୀ ଗୋ । ଦେଖ ।
ପ୍ରେମାମୃତ ସିଞ୍ଚେ ଘନ ଘନ ଗୋ । ବ୍ୟାପିଲି କି କାଳନ୍ଦୀ ବର୍ଦ୍ଧନ ଗୋ ।
ରଙ୍ଗ ଲାବଣ୍ୟ ଭଙ୍ଗୀ ଶୋଭନ ଗୋ ॥
ଘନ ଘନ ଘନଶ୍ୟାମଘନ ରସ ବୃଷ୍ଟି ସୃଷ୍ଟି ବୁଡ଼ାଇଲି ।
ଜ୍ଞାନ ବିବେକ ଶଶୀ ସୂର୍ଯ୍ୟ ଅସ୍ତରେ ଭ୍ରମ ତମ ଆଚ୍ଛାଦିଲା ଗୋ । ମିତ ।
ନ ପାଇଲି ଦୃଢ଼ ଧୈର୍ଯ୍ୟ ପୋତ ଗୋ । ହେଲା ଅଥଳ ବ୍ୟାକୁଳ ଚିତ୍ତ ଗୋ ।
ସରିଗଲା କୁଳବତୀ ବ୍ରତ ଗୋ ॥
ସେ କାହିଁ ମୁଁ କାହିଁ ସତ କି ସ୍ୱପନ କହି ବୁଝାଇ କର ମିତ ।
ଜାଣିଲି ଭାବନା ହେଲା ଜୀବଦେନା ଭିନ୍ନ କଲା କି ନିମିତ୍ତ ଗୋ । ଜୀବ ।
ସତ୍ୟ ସତ୍ୟ ନ ପାଇଲେ ଯିବ ଗୋ । ବ୍ରହ୍ମଭୂତ ପାଇ ନ ରହିବ ଗୋ ।
ମଣେ ଆନ ସୁଖ ପରାଭବ ଗୋ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ମିତ ଉତ୍ତର କଲେ କୁହ କାତର ଇତର କଥା ସେ ନୋହେ ।
ଭାଗ୍ୟ ବଶ୍ୟଜାତ ହେଲେ ରସସୃଷ୍ଟି ସର୍ଜନା ହୋଇବ ରହେ ତା । ଭାବ ।
ହୀନ ସାମନ୍ତସିଂହାର କବ ତା । ଜୀବ ଥିବାଯାକ ଦନ ନେବ ତା ।
ଯିବ ରସିକହୃଦୟ ଦ୍ରବ ତା ।।

ଅଷ୍ଟଚତ୍ୱାରିଂଶ ଛାନ୍ଦ

ରାଗ—ଗଡ଼ମାଳିଆ

ରାଧା ଧର ସଖୀକର । ବୋଲନ୍ତି ଆକଟ ଆଉ ନ କର ଗୋ ।
ଲାଜ ଭୟ ଛଡ଼ିଲି ନକର ।। ସଜନି ଗୋ ।
ଘନଶ୍ୟାମ-ଗୁଣମାନ । ରଖିଅଛୁ କି ମୋ ଧୈର୍ଯ୍ୟ ଗୁମାନ ଗୋ ।
ମନ ଦହୁଛି ତା ସନମାନ ।। ସଜନି ଗୋ ।
ରୁଚି ମୋହିବା ମୁନିଙ୍କି । ତାଙ୍କୁ ପ୍ରୀତିପଣେ ଯୋଗ୍ୟ ମୁଁ ନକି ଗୋ ।
ଅଲଙ୍କାର ସେତ ଅବନୀକି ।। ସଜନି ଗୋ ।
ଶୁଣି ତାଙ୍କ କଥା ପଦେ । ରମା ଉମା ପ୍ରାଣ ବ୍ୟକବେ ପଦେ ଗୋ ।
ଶଚୀ ନ ରସିବେ ଇନ୍ଦ୍ର ପଦେ ।। ସଜନି ଗୋ ।
ଅନାଇ ଯାହା ବଦନ । ପର ହେଲେ ହେବ ମୋହି ମଦନ ଗୋ ।
ସୁଖାନନ୍ଦ ଅମୃତ ସଦନ ।। ସଜନି ଗୋ ।
ଦେଖିଲେ ପତିବରତୀ । ଦମ୍ଭ ତେଜି ଆଚରିବେ ପୀରତି ଗୋ ।
ନାଗନାରୀ ଇଚ୍ଛିବେ ସୁରତି ।। ସଜନି ଗୋ ।
ଗତି କରନ୍ତେ ପଥରେ । ଦ୍ରବ ହୋଇ ବହି ଯିବେ ପଥରେ ଗୋ ।
ନ ଭୁଲିବ କେ ମନମଥରେ ।। ସଜନି ଗୋ ।
ଦିନେ ମୋ ନେତ୍ରପଥରେ । ପଡ଼ିଗଲା ବାଙ୍କଚୂଳିଆ ଥରେ ଗୋ ।
ଆଜଯାଏ ମୋ ହୃଦୟ ଥରେ ।। ସଜନି ଗୋ ।
ଦମ୍ଭ ବଳିଲେ ପରକ । ଆଣି ରଖିବ କେ ସେହିଁ ଛବିକ ଗୋ ।
ମୁଁତ ସାରିଲିଣି ମାନ ବକ ।। ସଜନି ଗୋ ।
ନାହିଁ ପୂର୍ବେ ପୁଣ୍ୟ କରି । ସୁମନେ ମନାଇ ନାହିଁ ଶଙ୍କରୀ ଗୋ ।
ହେବ କି କରି ତାଙ୍କ କିଙ୍କରୀ ।। ସଜନି ଗୋ ।
ସେହିଁ ମୁଖ ଦରପଣେ । ବଶ୍ୟ ଭଲ ହେଲେ ମୋପରି ପଣେ ଗୋ ।
ଶୋଭା ନ ଦଶିବେ ଦାସୀପଣେ ।। ସଜନି ଗୋ ।
ମୁରଲୀ ମୁଖେ ସୁନ୍ଦର । ଡୋଳାଖେଳାଇବା ଭଙ୍ଗୀ ହୃଦର ଗୋ ।
ଜାତିସ୍ଥଳ ସେତ ଆନନ୍ଦର ।। ସଜନି ଗୋ ।
ସ୍ମିତ ରଙ୍ଗିମା-ଅଧରେ । ତ୍ରିଭଙ୍ଗି ଛନ୍ଦରେ ମୁରଲୀ ଧରେ ଗୋ ।
ନାହିଁ ସେ ଶୋଭା ଅଧ ଊର୍ଦ୍ଧ୍ୱରେ ।। ସଜନି ଗୋ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅଳକାବୃତ ଲପନ । ବେଳେ ବେଳେ କରଦିଏ କମ୍ପନ ଗୋ ।
ଦେଖି ନ ଦେଖିବ କେ ସ୍ୱପନ ॥ ସଜନି ଗୋ ।
ମକରକୁଣ୍ଡଳ ଗଣ୍ଡ । ଶ୍ରୁତିରେ ଅଗମ୍ୟ ଶ୍ରୁତିସଙ୍ଗତ ଗୋ ।
ଦେଖି ନେତ୍ର ପାରିଯାଏଗଣ୍ଡ ॥ ସଜନି ଗୋ ।
ଗୁଞ୍ଜ ଗୁଞ୍ଜରୀ ଖଞ୍ଜିତ । ଗୋଟାମଲ୍ଲୀ ବେଢ଼ା ଚୂଡ଼ା ରଞ୍ଜିତ ଗୋ ।
କେକିପୁଚ୍ଛ ତହିଁ ବିରାଜିତ ॥ ସଜନି ଗୋ ।
ଯାମୁଡାଳି ଖୋଷିବାର । କଳ୍ପଆପତ୍ର ବେଢ଼ା ତହିଁ ଦେବାର ଗୋ ।
ଦମ୍ଭନାଶନ ତ ସେ ଯୁବାର ॥ ସଜନି ଗୋ ।
ନାଶେ ଗଜମୋତିବର । ଥୋପ ମେଳିଛନ୍ତି କି କାମଧୀବର ଗୋ ।
ଭେଦକ ସେ ନେତ୍ରରାଜୀବର ॥ ସଜନି ଗୋ ।
ଭାଲେ ଚିତା ଗୋରୋଚନା । କସ୍ତୁରୀ ତିଳକ ତହିଁ ରଚନା ଗୋ ।
ବିନାଶକ ମୋ ବାମଲୋଚନା ॥ ସଜନି ଗୋ ।
କଣ୍ଠେ କଉସ୍ତୁଭମଣି । କଳାଘନେ ଉଦେ କି ଦିନମଣି ଗୋ ।
ରତ୍ନହାର ନବଗ୍ରହ ମଣି ॥ ସଜନି ଗୋ ।
ଶୋଭି ପୀତବସନରେ । ବିଜୁଳି ଶୋହେ କି ନବଘନରେ ଗୋ ।
ଦେଖି ମାନ ନ ରହେ ମନରେ ॥ ସଜନି ଗୋ ।
କଟିତଟରେ କିଙ୍କିଣି । କି ଜାତ ମଧୁର ଶୁଭେ ତା-କଣି ଗୋ ।
ବଳାତ୍କାରେ ମନ ନିଏ କିଣି ॥ ସଜନି ଗୋ ।
ପଦେ ରଣିତ ନୂପୁର । ନାଦେ ଚମକଇ ଅମରପୁର ଗୋ ।
କାହା ହୃଦେ ନୋହେ ରସପୂର ॥ ସଜନି ଗୋ ।
ନଟବର ମନୋହର । ଦେଖିଲେ ମୋହିତ ହୋଇବେ ହର ଗୋ ।
ନାରୀ ବାଞ୍ଛା ହେବ ଅଦେହର ॥ ସଜନି ଗୋ ।
ଅଲକ୍ଷ ସଂହନନର । ଶୋଭି ନର ନାରୀ ନାଗ କିନ୍ନର ଗୋ ।
ମୂର୍ତ୍ତିପ୍ରତିମା କି ମଦନର ॥ ସଜନି ଗୋ ।
କିଷ୍ଟର ନରତରୁଣି । ଦେବସ୍ତ୍ରୀରୀ ହେବ ସୁରତେ ରଣି ଗୋ ।
ଶୋଭି ଦେଖି ରସିବେ ବାରୁଣି ॥ ସଜନି ଗୋ ।
ସେଶୋଭାସୃଷ୍ଟି ସାମନ୍ତ । ଅଛନ୍ତି ତହିଁର ଗୁଣ ତେମନ୍ତ ଗୋ ।
ଘେନ ପ୍ରତୀତିଆପଣ କେମନ୍ତ ॥ ସଜନି ଗୋ ।
ମୋତେ ଲଭିବା ହିତରେ । ଅନୁସରିଆନ୍ତି କେତେମତରେ ଗୋ ।
ବଶ ନୋହିବ କେ ତେମନ୍ତରେ ॥ ସଜନି ଗୋ ।
ମୋ ଗତାଗତ ବାଟରେ । ଜଗି ବସିଥାନ୍ତି ସେ କପଟରେ ଗୋ ।
ମାତ୍ର ଦରଶନ ଲମ୍ପଟରେ ॥ ସଜନି ଗୋ ।
ଲେଖନ୍ତି ଗତିପଥରେ । ପ୍ରାଣବଳ୍କା ସରେ ମନମଥରେ ଗୋ ।
ଡ଼ରୁ ମାର ମୋର ବୋଲ ଥରେ ॥ ସଜନି ଗୋ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ମୋ ପଦଚିହ୍ନଧୂଳିକି । ବୋଲି ଦିଅନ୍ତି ସେ ହୃଦସ୍ଥଳୀକି ଗୋ ।
ଲୁଚିଯାଇ ସେ ସ୍ନେହାବଳି କି । ସଜନି ଗୋ ।
କୁସୁମତୋଳି ବନରେ । ଲେଖନ୍ତି କେତକୀ ସ୍ୱଚ୍ଛଦଳରେ ଗୋ ।
ଗଣିସଙ୍ଗେ ଗଣା ମୁଁ ଧ୍ୟାନରେ । ସଜନି ଗୋ ।
ମଧୁପକୁ ମାଧବିକା । ଯେମନ୍ତ ତେମନ୍ତ ଏ ମୋ ଜୀବିକା ଗୋ ।
ସ୍ୱଇଚ୍ଛାରେ ହୋଇଛି ମୁଁ ବିକା । ସଜନି ଗୋ ।
ଏହାପଢ଼ିଲି ଦିନରୁ । ପାସୋରି ନ ଗଲି ଦଣ୍ଡେ ମନରୁ ଗୋ ।
ସେତ ଅଧିକ ମୋ-ଜୀବନରୁ । ସଜନି ଗୋ ।
କହନ୍ତି ମିତ ଆଗରେ । ଝାସ ଦେବ ଯାଇଁ ଗଙ୍ଗାସାଗରେ ଗୋ ।
ତଳ ହେବ ବନ୍ଧୁଶ୍ରୀଅଙ୍ଗରେ । ସଜନି ଗୋ ।
ତା-ନାମ ଗାଇ ତୁଣ୍ଡରେ । ପ୍ରେମଡମ୍ବରୁ ବଜାଇ ଦାଣ୍ଡରେ ଗୋ ।
ଭିକ୍ଷା ମାଗୁଥିବ ବ୍ରହ୍ମାଣ୍ଡରେ । ସଜନି ଗୋ ।
ତା-ନାମ ଲେଖା ସ୍ଥପାରେ । ସ୍ଥିର ହୋଇଥିବ ହୃଦ ଉପରେ ଗୋ ।
ଝାସିଥିବ ତା ହାସ୍ୟରୂପରେ । ସଜନି ଗୋ ।
କେହି ଯାଇ ସନ୍ନିଧିରେ । ଜଣାଇବ ଯାଇ କୃପାନିଧିରେ ଗୋ ।
ଦୟା ହୋଇବ ନାହିଁକି ଧୀରେ । ସଜନି ଗୋ ।
ଏହା ଯେବେ ଶୁଣାଯିବ । ପଥର ହେଲେ ତ ତରଳି ଯିବ ଗୋ ।
ପତିବ୍ରତ କେବା ନ ତେଜିବ । ସଜନି ଗୋ ।
ଭୃଙ୍ଗ ଭୋଗ ଚନ୍ଦ୍ରମଲ୍ଲୀ । ଦେଖି ଦେଖାନ୍ତି ଠାଉଦେଇ ମଲି ଗୋ ।
ଏହା ଦେଖି କାହିଁକି ନ ମଲି । ସଜନି ଗୋ ।
ରଜନୀ ତୋଷି ଧନରେ । ବୋଲୁଥାନ୍ତି କେଡ଼େ ସନମାନରେ ଗୋ ।
ମୋ ବସନ ଅଙ୍ଗମିଳନରେ । ସଜନି ଗୋ ।
ମୋ ସ୍ନାନ ଜଳଘାଟରେ । ଭାସିଲି ବୋଲି ପ୍ଲାବନ୍ତି ହଠରେ ଗୋ ।
ଛଡ଼ାକୁଙ୍କୁମ ଲବ୍ଧିଲଟରେ । ସଜନି ଗୋ ।
ଛଡ଼ାମାଳାକୁ ଲୋଡ଼ାଇ । କି ସ୍ନେହେ ନେଇ ଚୂଡ଼ାରେ ଗୁଡ଼ାଇ ଗୋ ।
ହେଲି ଇନ୍ଦ୍ର କରନ୍ତି ବଡ଼ାଇ । ସଜନି ଗୋ ।
ଚୂତପଲ୍ଲବ ପତର । ହୃଦରେ ଲଗାନ୍ତି ହୋଇ କାତର ଗୋ ।
ବାସ ପରିଧାନ ହିରିତର । ସଜନି ଗୋ ।
ରୋଚନା ତତା ଭାଲରେ । ବସନ୍ତ ପକ୍ଷୀ ଧରନ୍ତି ଜାଲରେ ।
ନେଏସ୍ଥକତ ଷଣଫୁଲରେ । ସଜନି ଗୋ ।
କିସଲୟ ଭାଙ୍ଗି କରେ । ଆଦରେ ଖୋଷନ୍ତି ସେ ମସ୍ତକରେ ଗୋ ।
କରନବେଣନ୍ତି କରକରେ । ସଜନି ଗୋ ।
ଧରି ଅଳି ନଳିନରେ । ମିଳାନ୍ତି ପୁଣି କି ଧ୍ୟେନ ମନରେ ଗୋ ।
ସୁଖୀ ଦେଖି ଖେଳା ଖଞ୍ଜନରେ । ସଜନି ଗୋ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶୁଣି ପିକଭାରତୀଙ୍କ । ଧୀରେ ନବେଶନ୍ତି ଦକ୍ଷଶ୍ରୁତିଙ୍କ ଗୋ ।
କେଡ଼େପ୍ରଶଂସା ହଂସଗତିଙ୍କ ॥ ସଜନି ଗୋ ।
ଦେଖିଲେ ନବତମାଳ । ଖଞ୍ଜି ଦେଉଥାନ୍ତି କୁସୁମମାଳ ଗୋ ।
କରୁଥାନ୍ତି କୋଳକୃତମାଳ ॥ ସଜନି ଗୋ ।
ଗୃହ ପଦ୍ମ ବଂଶୀଧର । ଗୋଜ ହୋଇ ଯାଉଥାଇ ଅଧର ଗୋ ।
ନେତ୍ର ହୋଇଯାଏ ଜଳଧର ॥ ସଜନି ଗୋ ।
ଏଜାତି ମମତାମାନ । କରୁଛ ଏହାକେ କି ଅନୁମାନ ଗୋ ।
ମୁଁ ଦେଖୁଛି ଏତ ସନମାନ ॥ ସଜନି ଗୋ ।
ଦେଖିଶୁଣି ଜାଣିକରି । କେଉଁ ଗୁଆଁରି ନୋହିବ କଙ୍କରୀ ଗୋ ।
ମାନସତ ଅବାରଣ-କରି ॥ ସଜନି ଗୋ ।
ଧରୁଛି ଭୁମୃର କର । ସଖିଗଣ-ଗୁଣ ଏତିକି କର ଗୋ ।
ନେଇ କରାଅ ତା-ପରକର ॥ ସଜନି ଗୋ ।
ସେ ଯେ ତେ ଗୀତ ରଚଇ । ହୃଦଭିତରେ ତ ମୋର ନାଚଇ ଗୋ ।
ତାହା ବନାକି ରାଧା ବଞ୍ଚଇ ॥ ସଜନି ଗୋ ।
ବାଜୁ ଦୂଷଣ ଘୋଷଣ । ହେଲେ ହେବ ପଛେ ନାନା କଷଣ ଗୋ ।
ମୁଁତ କଲଣି ନନ୍ଦାଭୂଷଣ ॥ ସଜନି ଗୋ ।
ଭ୍ରୂକୁ ତେଜ ବହନ । ବେଗେ ଦେଖାଅ ସେ କାମମୋହନ ଗୋ ।
ହେଲା କଲେ ତ ହେଲ ଦହନ ॥ ସଜନି ଗୋ ।
ଶୁଣି କଣୋଖିଭାରତୀ । ସଖୀସମୂହ ହୋଇଲେ ଆରତୀ ଗୋ ।
ହୃଦଭିତରେ ହେଲେ କରତ ॥ ସଜନି ଯେ ।
ହୀନ ଅଭିମନ୍ୟୁ ଜୀବ । ରାଧାଭାବ ଭାବ ବାହାର ଯିବ ହେ ।
ସତେ ଏ ଭାଗ୍ୟ କି ଦେଖାଯିବ ॥ ଗୋବିନ୍ଦ ହେ ।

ଏକପଞ୍ଚାଶ ଛାନ୍ଦ

କଣୋଖିଉତ୍କଣ୍ଠା ଉକ୍ତି ଶୃଙ୍ଖଳା

ରାଗ—ଚୋଖି

ଏଥୁଅନ୍ତେ ଯେନ ରସ ରସବତୀ ସଖୀବଂଶ ବସନ୍ତବାସ ନଗ୍ରଶଭାଷ କଥନ ।
ଥନଥନ ବଚ୍ଛେକ ନ କନକନ ଶୁଣି ମନ ମନମଥରେ ଅବଶ ନାଗ୍ରିରତନ ।
ତନମନ ପ୍ରେମରେ କରି । କଣ୍ଠିନ୍ଦ୍ର ଗତି କହନ୍ତି କର୍ମ ଆଦରି ॥
ଦଶ୍ରୀ ସମାନତ ବାସ ବାସ ନାଗର ସଦୃଶ ଦୃଶ୍ୟରେ ଦୃଶ୍ୟ କେବଳ ଏକା ସେହିତ ।
ହିତ ହେବ ନାହିଁ ଆନ ଆନନ୍ଦ ଦେବାକୁ ଦାନ ଦାନବ ମାନବଦେବ ଯକ୍ଷ ନାଗତ ।
ଗତ ଜନ୍ମ ସୁକୃତରାଶି । ରାଶିରେତ ନାହିଁ ହେବ କି କରି ଦାସୀ ॥
ଦାସୀକର୍ମେ ଥିବା ପାଇଁ ପାଇଛି ଋଷି ରସାଇ ସାଇଁ କରିଥିଲି କେ ତେ ପୁଣ୍ୟ ସଞ୍ଚିତ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଚିତ୍ତରେ କରି ଅସୁରୀ ସୁରୀସାର ସ୍ୱର୍ଗପୁରୀ ପୂରିଲି କୀରତି ଇନ୍ଦ୍ର କୋଳକୁ ଗତି ।
ଗତି ଜନ୍ମ ସୁକୃତି ବିନା । ବିନାଶିଲି ଇହଜନ୍ମ ଅବା ନବୀନା ॥
ବିନାଶନ ବ୍ରତ ଧରି ଧରିତ୍ରୀରେ ସେହିପରି ପରୀକ୍ଷା ଦେଖାଇବି ମୁଁ କୃଷ୍ଣ ଆଶରେ ।
ଶରେତ ଦହୁଛି କାମ କାମନା କରି ଜନମ ନ ମରି ହୋଇବି ଶ୍ୟାମ ଅଛି ମନରେ ।
ନରେ ହେବ କୃଷ୍ଣ ମୋ ପରି । ପରାଧୀନ ଦୁଃଖ ତେବେ ଜାଣିବେ ଧୀରି ॥
ଧୀରି ଧୀରମଧ୍ୟା ଭାଷେ ଭାସେ ସଖୀଏ ବିରସେ ରସେ ମଜ୍ଜିବାରୁ ହେଉଛି ଏ କାମନା ।
ମନାସିଲେ ନିକି ହେବ ହେ ବିରହିବେଶି ଭାବ ଭାବବେଦନା ବଢ଼ିବ-ଛାଡ଼ ଭାବନା ।
ବନାନଳ ଦାହିକୁ ବଳା । ବଳାଗତିମୋହିନୀ ର ଚକ୍ରାବଳୀ ॥
ଭୁଲାଙ୍ଗୀ ଭାଷିଲେ ହର ହରଷେ ଦେବାରୁ ବର ବରଅଙ୍ଗୀ ସୁଦ୍ର‌ୁମ ପାଲଟି ହୋଇଛି ।
ଇଚ୍ଛିପ୍ରୟାଗେ ଝାସିବା ଶିବାଙ୍କୁ ପୂଜି ତୋଷିବା ଶିବାରିକ ବରି ଦେବା ମନରେ ଅଛି ।
ଅଛିଦ୍ର ଏ ବାଞ୍ଛା ହେବ କି । ବଳୀପ୍ରାଣପିଆ କରିବେ କି ସେବକୀ ॥
ବଙ୍କିମା ଗ୍ରହାଣି ତାର, ତାରକ ମାରକ ଶର ଶରଣ ଅଶରଣ ଲୋକର ବିଗ୍ରହ ।
ଗ୍ରହବର୍ଗ ସୁଖପଦ ପଦକେ ଅଛି ବିପଦ ପଦଦାସୀ ହୋଇଲେ ବାଞ୍ଛିବ କି କହ ।
କହକର-ଜିତ ଶ୍ରୀଭୁଜ । ଭୁଜଙ୍ଗରାଜଭୋଗ ବିତର୍କ ସହଜ ॥
ହରିଇ ବିବେକମାନ ମାନବୀ କି ସେ ସମାନ ମାନ ବିକିବେ ଲୋକନେ ସୁରତରୁଣୀ ।
ରୁଣୀ ସୁରତରେ ନାଗନାଗରୀ ହୋଇବେ ଆଗ ଆଗ ଅରଜିବେ ଇଚ୍ଛି କାମଧରଣୀ ।
ରଣିତ ନୂପୁର ନାଦରେ । ଦରେ ଦାସୀ ହେବେ ରମା ଉମାଦି ଖରେ ॥
ଖରେ ଭୂରେ ଅଧଃପୁରେ ପୁରେ ଯଶ ସୁଷମାରେ ମାରେ ଘାରି ନୋହିବ କେ ଦେଖି
ମୂରତି ।
ରତି ଇଚ୍ଛି ପତିବ୍ରତୀ ବର୍ତ୍ତିବେ କି ସନମତି ମତିରେ କେ ବାଞ୍ଛା ନ କରିବ ପୀରତି ।
ରତିପତି ନାରୀ ହେବାରେ । ବାରେବାରେ ମନାସି ଝାସିବ ସାଗରେ ॥
ଗରେ ଯେମନ୍ତ ଆଦର ଦରପଣେ ମୋ ସୁନ୍ଦର ଦରଶନେ ତେମନ୍ତ ମଣିଲି ସଜନ ।
ଜନତ ବିଗ୍ରହ ବାର ବାରଧରକଳେବର ବରଣ ନ କଲେ ଶିରେ ପଡ଼ୁ ଅଶନ ।
ସନ୍ନିପାତି ପରି ଲୋଭିତ । ଭିତର ମନେ ହେଉଛି ରସ ଭାବିତ ॥
ବିତ୍ତପତି ମଘବାର ବାରପତି ଉମାବର ବରଭୃତ ପରାପତି ମଣେ ଇତର ।
ତରଣିଜାତଟେ ବସି ବଂଶୀଧର ପ୍ରେମେ ରସି ରସିକନୀ ହେବାପାଇଁ ଲୋଭ ଅପାର ।
ପାର ଯେବେ ଏମନ୍ତ କର । କର ଧରୁଛି ଏ ଅନାଥିନୀକି ତାର ॥
ତାରପତିମୁଖ ତାର ତାରତମ ମନୋହର ହରଷ ହୋଇବ ତାହା ଦେଖି ଈକ୍ଷଣ ।
କ୍ଷଣକାନ୍ତିକି ସମାନ ମାନସ ଚଞ୍ଚଳ ଆନ ଆନନ ବିନା କାହିଁକି ହେବ ସ୍ମରଣ ।
ରଣରଣ ଦହୁଛି ଦେହ । ଦେହଳୀ ବଳି ଚଳିବା ହେଲା ଦୁର୍ବହ ॥
ବହନ ତା ପଦରଜ ରଞ୍ଜି ମୋ ଦେହର ସଜ ସଂଯତରେ ହୋଏ ଜୀବ ଯିବାକୁ ଅସି ।
ଆଶୀବିଷ ଭ୍ରମ ବାସ ବାସହିଁ କାରି ସଦୃଶ ଦୃଶରେ ଶ୍ୟାମଳରୂପ ଯାଏ ଆଭାସି ।
ଭାସିଗଲି କାମଧୁନରେ । ନରେଖ ପରାସ୍ତେ ରଖ ସଜନ ଥରେ ॥
ଥରେ ଅନାଥ ବିଗ୍ରହ ଗ୍ରହ କରିଛି ଅଦେହ ଦେହ ସେ ପ୍ରେତର ବଳି ହେବ ନିଦାନ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଦାନ ଏତେ ମାଗ୍ର କର କର ଧରୁଛୁ ମିତର ତରଣିଜାରେ ପକାଅ ହେବ ପାବନ ।
ବନଜନ୍ମୀ ହୋଇଛୁ ହେବ । ହେ ବିବେକୀ ତେବେ ତାଙ୍କ ବିକ୍ଷ ଲଭିବ ।
ଭୀ ବିଗତ ହୋଇ ଯିବ ଜୀବଧବପୁର ଜୀବ ଜୀବ ତହିଁକି ବିସ୍ମୃର ନାହିଁ କିଞ୍ଚିତେ ।
ତତ୍ତ୍ୱେ ହୋଏ କେଣେ ଯିବ ଜୀବତେ ନାମ ଭଜିବ ଜୀବିକା ଭାବକୁ କରିଥିବ ଉସତେ ।
ଶତେଜନ୍ମ ଯାଏ ସଂକଳ୍ପ । କଳ୍ପତରୁ ତଳେ ବସି ସାଧିବ ତପ ।
ତପତ ଯିବ କାମର ମରକତକାନ୍ତି ବର ବରଣ କରିବ ଅବା ପରାଣ ଦେବ ।
ଦେବୀଙ୍କି ମନାଇ ବରବର ମାଗିବଇଁ ସାର ସାରସ ପଦ ପାଦୁକା ହୋଇ ସେବିବ ।
ବିବିଧ କାମନା ଏପରି । ପରିପୂର୍ଣ୍ଣ କେ କରିବ କହ ବିସ୍ମୃରି ।
ତ୍ରିବେଦେ ଯଶ ସାର ଶାରଙ୍ଗପିନାକଧର ଧରିତ୍ରୀରେ ପୀରତିଆ ସେହି ରମାର ।
ମାରଦର ନାଶିବାରେ ବାରେ ସେବନ୍ତି ପ୍ରଭୁରେ ଭୃରେ ପ୍ରିତ୍ର ସେ ତାତ ତତ୍ତ୍ୱଜଙ୍କର
କରମକୁ ସେହି ବିପକ୍ଷ । ପକ୍ଷପାତ କେ କରିବ ହେଲ ଅରକ୍ଷ ॥
ରକ୍ଷନାଶ୍ରି ରସିବାରୁ ବାରୁଣୀକି କଲେ ଗୁରୁ ଗୁରୁ କବି ବନ୍ଦନୀୟ ଖ୍ୟାତ ଲୋକରେ ।
କରେ କୀଟଭେଦ ଅଙ୍ଗ ଅଙ୍ଗନା ପୀରତି ସଙ୍ଗ ସଙ୍ଗ ଭଙ୍ଗ ତେବେହେଁ ନ କଲେ ବିଧିରେ ।
ଧୀରେ ପ୍ରଶଂସିଲେ ପ୍ରଭୁରେ । ଭୃରେ କୀରତି ରହିଲା ପ୍ରୀତିଲୋକରେ ॥
କରେ ଶଶୀ ଗଙ୍ଗାଉର ଉରଗ ମଣ୍ଡନ ଯାର ଜାରଣ କି ନ କରିବେ ମୋର ବିପତ୍ତି ।
ପତିକାମେ ପୂଜି ହର ହରଷେ ମାଗିବ ବର ବରଦ ହେବେ ନାହିଁକି ଯେନ ଭଗତ ।
ଗତିଦାତା ଆଉ ନାହିଁତ । ହିତ କେ ହେବ ? ଉପାୟ ଯହିଁ ନାହିଁତ ॥
ହିତ ବିବେକିତ ସହି ସହି ଦୁଃଖ ହେବ କେହି କେ ହୀନଭାଗ୍ୟବେଲକୁ ହେବ ସାହାତ ।
ହାତ ଧରୁଛୁ ଭୁମ୍ବିର ଭ୍ରମ ସାରିଲା ମାର ମାରକତଦ୍ୟୁତିରତି ମତି ଇଚ୍ଛିତ ।
ଛୁ ତ କଲି ସବୁ କାମନା । ମନାନନ୍ଦ ହିତେ ହୁଏ ନାନା ଭାବନା ।
ବନାନଳ ଦାହ ବଲା ବଲାତ୍କାରରେ. ବିକଳା କଳାନିଧି କୃପା ବିନା ନୋହିବ ହେଲା ।
ହେଲା ଲୀଳା ହାବ ଭାବ ଭାବଇଁ ହେବ ସମ୍ଭବ ଭବପର ପରମାର୍ଥ ସୁରତି କଳା ।
କଳା ମାଏଲଭିବ ସତେ । ଶତେ ଜନ୍ମ ଦୁଃଖ ନ ରହିବ କିଞ୍ଚିତେ ॥
ତତ୍ତ୍ୱେ ଭାବନ୍ତେ ଏପରି ପରିପୂର୍ଣ୍ଣ ସ୍ନେହ ଧରି ଧରିତ୍ରୀ ପତନ ବିମୋହରେ ରାଧିକା ।
ଧିକ୍କାର ବିଧିକି ମିତେ ଆଶ୍ୱାସନ୍ତି କେତେ କେ ତେମତ ହୋଇ ମିତେ ନାହିଁ ପ୍ରେମାରାଧିକା ।
ଧୀକାତରେ ଦେଖି ବିଶେଷେ । ଶେଷେ ଚନ୍ଦ୍ର ଦୂତୀ ଗଲା ଗୋବିନ୍ଦ ପାଶେ ।
ପାଶେ ବାନ୍ଧି କୃଷ୍ଣମନ ମନମଥ ଘନଘନ ଘନଲତାପରି ତେଣେ କମ୍ପାଉଥିଛୁ ।
ଅଚ୍ଛିଦ୍ର ପ୍ରୀତି ହେବାର ବାରଣ ନୋହେ ରାଧାର ଧାର ଲୁହ ହାର ହୃଦୟରେ ହୋଇଛୁ ।
ଇଚ୍ଛି ବିଦଗଧା ପୀରତି । ରତିବଶ ହୋଇ ନାନା ଚିନ୍ତା କରନ୍ତି ॥
ରତିଏ ନୋହିବ ତାର ତାର ସମ୍ମାନକୁ ତାର ତାର ବୋଲି ଶରଣ ପଶିବ ପାଦରେ ।
ଦରେ କମ୍ପିବ ଧୀରତି ରତି କରିବ ପୀରତି ରତିରଙ୍ଗେ ସଙ୍ଗେ ରଖ ବୋଲିବ ଖରେ ।
ଖରେ ଯେତେ ଆନ ନାଗରୀ । ଗରିମାପଣ ରଖିବେ ଆଉ କି କରି ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କଣ୍ଠି-ବଳିତ ସୁଗନ୍ଧ ଗନ୍ଧ ଦେବ କି ଭାବନ୍ତି ବର୍ଣ୍ଣଣଦ୍ୱିଗୁଣ କେଳିକଳା ସଞ୍ଚିତ ।
ଚିତ୍ତରେ ଭାଳିବେ ସଂଖ୍ୟା ସଂଖ୍ୟା ତେଜିବାକୁ ବାଞ୍ଛା ବାଞ୍ଛାମି ହୋଇବେ ଅରୁନ୍ଧତୀ ଗୃହିତ ।
ହିତ ମଣି ସେ ଅନସୂୟା । ସୂୟାଭାବ ଯେନ ହେବେ ପ୍ରୀତିଉଦୟା ॥
ଦୟା ଇଚ୍ଛା କରି ବାଣୀ ବାଣୀକି ଭଜିବେ ଆଣି ଆଣି କି ରଖିବେ କଳାନିଧି ରମଣୀ ।
ମଣିବେ ନୋହିବା ସରି ଶରୀରେ ରହିବେ ଶିରୀ ଶିରୀ ବଢ଼ାଇ ରଖିବେ କେଉଁ ତରୁଣୀ ।
ରୁଣୀ ହୋଇ ଗଉରୀ ସତି । ସତତ କାନ୍ତ ଅଙ୍ଗରେ ହେଲେ ଗୋପିତ ॥
ପୀତବାସ ଶ୍ରୀପଦରେ ଦରେ ଲୁଚିଲେ ବିଧିରେ ଧୀରେ ସରି ହେବାପାଇଁ କରି ଗୁମାନ ।
ମାନରେ ଫେରି କେୟୂର ପୁରଟଅଙ୍ଗୀ ସୁନ୍ଦର ଦରଶନ ନାହିଁ କାହିଁ ହେବ ସମାନ ।
ମାନସରେ ଭାଳି ରସଦା । ସଦାଶିବ ଶିରେ ଗୋପ୍ୟ ଲଜ୍ଜେ ବିଶଦା ॥
ସଦା ଘନକୋଳେ ଶମ୍ପା ସମ୍ପାଦନେ ଅନୁକମ୍ପା କମ୍ପାୟମାନ ହେଉଛି ବାଞ୍ଛାବିଗତେ ।
ଗତେ ଯେତେ ଅପସରୀ ସରି ନୋହି ଅପସରି ଶରୀର ରଖିଲେ ପରଭୋଗ ରତିତେ ।
ତନ୍ତେ ସେ କି ହୋଇବେ ତୁଳା । ତୁଳାଙ୍ଗୀ ସୁଶୀଳାତ ଅତୁଳା ପିତୁଳା ॥
ତୁଳାକୋଟି ଦାନେ ଯାର ଜାର ହେବେ ରୁଷିବାର ବାରବେନିବୟସୀ ଅମୂଲ୍ୟ ଦରବ ।
ରବ ଯେ ଶୁଣିବେ ତାର ତାରଣ କି ହେବ ତାର ତାରପତିମୁଖୀତ ମୁକ୍ତମନ୍ଦର ।
ଦ୍ୱିରଦର ବର ସୁଗତି । ଗତି ମୋତେ ଦେବ ସତେ କରି ପୀରତି ॥
ରତିପତିଦାହକର କରନ୍ତି ସେବା ଅପାର ପାରବତୀଙ୍କି ପୂଜନ୍ତି ବଳିଦାନରେ ।
ନରେ ଖ୍ୟାତ ସେ ଅଭିନ୍ନ ଭିନ୍ନ ହେବା ଦୁଃଖମାନ ମାନବର କି କରି ଜାଣିବେ ବିଧିରେ ।
ଧୀରେ ହୋଏ ଏ ଶଙ୍କା ଜାତ । ଯାତନା କାମର କରିବେ କି ନିପାତ ॥
ପାତନା ସୃଷ୍ଟି ଧାତାର ବିବେକ ବିସ୍ତାର ତାର ତାରପତି କଳଙ୍କ ହେବାରୁ ଗୋଚର ।
ଚର ଅଚର ଭିତର ତରସ୍ତୁଟିନି ଚର ତରଣୀ ତରୁଣୀ ବିନା ନାହିଁ ସୁସାର ।
ସାରସାକ୍ଷୀ ଚରଣଯୁଗ । ଯୁଗତେ ଭଜିଣ ଛଡ଼ାଇବ ମୋ-ଆଗ ॥
ଆଗ ହୁଡ଼ିଛି ବୁଦ୍ଧିକି ଧିକ ନାଗର ସିଦ୍ଧିକି ଧିକ ଧିକ କାମାନଳ ଜଳେ ଛାତିରେ ।
ତୀରେ ଶମନ-ସ୍ୱସାର ସାରବାଲି ଆଳୀବାର ବାରବ୍ରତ ଫଳେ ମିଳିଥିଲେ ପାଶରେ ।
ସରେ ନାହିଁ ଦିନ ଯା ପାଇଁ । ପାଇବାକୁ ତାକୁ ହେଲି ନାହିଁ ବିନୟୀ ॥
ନଇଲା ଭୁବନେ ଉତ୍ତର ତରଳାକ୍ଷି ପରିକର କରି ହେଲିନି କଙ୍କର ବିନା ଧନରେ ।
ନରେନ୍ଦ୍ର ହେବା ସୁକୃତ କୃତ ବିନେ ଜ୍ଞାନଚ୍ୟୁତ ବୃଥା ଫିଙ୍ଗି ଦେଲି ବାଇଫଳ-ବୁଦ୍ଧିରେ ।
ଧୀରେ ମୋର ରସିକପଣ । ପଣକର ମୂଲାଇବେ ଯେନ ଦୁର୍ଗୁଣ ॥
ଗୁଣନିଧି ନାମ ଧରି ଧରିତ୍ରୀ ଅଟନ ସାରି ସାରିବା ବିନା କି ଇଚ୍ଛି ସାଧିବି ତପ ।
ତପତି ଯିବ କାମର ମରକତ କେଶୀବର ବରଣ ନ କଲେ ନାଶ ହେବୁ ସ୍ୱରୂପ ।
ରୂପ ଧ୍ୟାନ କରି ସୁଧାର । ଧାରଣ ଯୋଗେ ପରାଣ ଦେବ ନିକର ॥
କରନ୍ତି ଚିନ୍ତା ଏପରି ପରିପୂର୍ଣ୍ଣ ପ୍ରେମେ ହରି ହରିତାଳୀଗୋଷ୍ଠୀ ଧ୍ୟାନେ ସାରନ୍ତି ଦିନ
ହୀନ ସାମନ୍ତ ସିଂହାର ହାର କରି ଭାବିବାର ବାରଣ୍ଟି ଭବର କରିବ ଲଙ୍ଘନ ।
ଘନଶ୍ୟାମ ପ୍ରଣୟ ଭାବ । ଭାବ ସାଧନେ ଲଭିବ ମହା ଉତ୍ସବ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଦ୍ୱିପଞ୍ଚାଶ ଛାନ୍ଦ

ଦୂତୀ ଯୁଗଳ ଅନୁରାଗ କଥନ

ରାଗ—ଶୋକକାମୋଦ

ଶ୍ରୀରାଧାବାଉଳୀ ପ୍ରେମରସାଉଳୀ ଯେଜନ ଚାତୁରୀ ଗ୍ରାହକମାନେ ।
କୃଷ୍ଣ ଅନ୍ତର୍ଧାନେ ଦୂତିକାକୁ ଦିନେ ପରିରମ୍ଭ କରି ଧରି ଛନ୍ଦେ ।
ପ୍ରାଣବନ୍ଧୁ ରୀତି । କହ ମୋ ଶ୍ରୁତିକି କରି ଗତି ।
ହସି ଦୂତୀ ଭାଷେ ପ୍ରେମଜଳେ ଭାସେ ବିହ୍ୱଳିତମତି ଦିବା ରାତି ॥
କାଳିଆକମଳ ଦେଖିଲେ କମଳ ନୟନରେ ହୋଏ ଜରଜର ।
ଦେଖି ନବଘନ ତାର ଅପଘନ ପୁଲକି ହୁଅଇ ଥରଥର ।
ଘନସୁନ୍ଦର ହେ । ଯମୁନା ଯିବାକୁ ତରତର ।
ଏ ଅତି ବିଚିତ୍ର କଜ୍ଜଳରେ ଚିତ୍ର ଲେଖି ଚୁମ୍ବ ଦିଏ ବାରବାର ॥
ଦେଖି ତମାଳକୁ ବିସ୍ତରି କୋଳକୁ ସଜ ହେଉଥାଇ ବାହୁଯୁଗ ।
ଶ୍ୟାମସୁବାସରେ ଆଶ ମାନସରେ କଳାବତୀ ସଙ୍ଗେ ଅନୁରାଗ ।
ରସଶେଖର ହେ । ଭୂଷଣ ନୀଳେନ୍ଦ୍ରମଣିବାର ।
ବସି ରାମାବରି ଫିଟାଇ କବରୀ ଦେଖୁଥାଇ ଥୋଇ ହୃଦେ ତାର ॥
ହେମ ମରକତ ଯୋଖି ଅଶକତ ପରି ନେଇ ମୁଦି ରହେ କ୍ଷଣେ ।
ଦଇବଘଟନ ମୟୂରନଟନ ଦେଖି ସୁଖୀ ହୋଏ କେଉଁ ଗୁଣେ ।
ଭାବବିନୋଦ ହେ । କୃଷ୍ଣବର୍ଣ୍ଣିଶେଷେ ମାଡ଼େ ନିଦ ।
ଶ୍ରୀଅଙ୍ଗଚଳକୁ ଚାହିଁବା ବେଳକୁ ଚିତ୍ତରେ ଜାତ ହୁଅଇ ମୁଦ ॥
କେ ଜାଣେ ଭାବନା ବୃକ୍ଷେ ସମ୍ଭାବନା କେତେ କରେ ବୃନ୍ଦାବନ ଗଲେ ।
ବୋଲଇ ଆଳୀକି ଏ ବନଧୂଳିକି ବୋଳିଦିଅ ମୋର ହୃଦସ୍ଥଳେ ।
ନବନାଗର ହେ । ରଙ୍ଗକମଳରେ ସ୍ନେହ ତାର ।
ଲଗାଇ ହୃଦରେ ଅତିଆନନ୍ଦରେ ଲଦୁଥାଇ ଶିରେ ବାରବାର ॥
ରସି ମଦାଳସୀ ସୁମନା ତୁଳସୀ ଗର୍ଭି କରି ଯେଜୁଥାଇ ନିତି ।
କସ୍ତୂରୀପଙ୍କକ କରିବା ଚନ୍ଦ୍ରକ ବୋଲନ୍ତି ସଖୀ ରହେ ମୁଖ ପୋତି ।
କାମମୋହନ ହେ । କରୁଛି ନିତି ସାରୀ ପଠନ ।
ଦେଖିଲେ କେତକୀ ବୋଲେ ଏ ପାତକୀ ହେଲି କପାଁ ଭୃଙ୍ଗବିନୋଦନ ॥
ସୁବଳ ପାଣିକି ଧରି ସେ ପୁଣି କି ମମତାରେ ପୁଚ୍ଛେ ଥିଲୁ କାହିଁ ।
ଗୋବିନ୍ଦପାଶରେ ଥିଲି ଏ ଭାଷରେ ଉଲ୍ଲସି ଉଠଇ ଚାନ୍ଦମୁହାଁ ।
ଆହେ ଗିରିଧାରୀ । ନନ୍ଦଗ୍ରାମ ଯାଏ ଯେଉଁ ନାରୀ ।
ତାଙ୍କ ପଦ ଧରି ବୋଲେ ବିମ୍ବାଧରୀ ତୁମ୍ଭେ ମୋର ଗୁରୁଜନ ପରି ॥
ଦେଖି ଗୁଞ୍ଜଫଳ ବୋଲଇ ସୁଫଳ ତୋହ ଅନୁରାଗ ଏକା ହେଲା ।
ଗୁଞ୍ଜାରପାଟିକି ତାହାର ପାଟିକି ଆସଇ ସେ ଯେତେ ବର୍ଣ୍ଣିଦେଲା ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଆହେ ଗୋପୀନାଥ । ବର୍ଣ୍ଣିବ ଏ କେଉଁ ମନୋରଥ ।
ହସଇ ଭାଷଇ ସ୍ୱଗୁଣ କହଇ ହା ଚୁମ୍ବିବ୍ରେ ପୋତଇ ମାଥ ।
ଶୁଣି ସେ ଚରିତ ବୋଇଲେ ହରି ତ ହା ହା ଲୁଚ୍ଛ ମରଯାଏଁ ବନ୍ଧୁ ।
ତୋ ପ୍ରୀତିପଣକୁ ମୁଁ ନିଜ ପଣକୁ ବିକା ହେବ ସତେ କୃପାସିନ୍ଧୁ ।
ଆରେ ଗୁଣଗ୍ରାହି । କି କି କରି ନ ପାରଇ ବହି ।
ମୁଁ ଅତି ଦାରୁଣ ତନ୍ ପ୍ରେମଋଣ କୋଟିଜନ୍ମେ ଶୁଝା ଯିବ ନାହିଁ ।
ତୋ ଗୁଣ ସୁମରି ଯେବେ ଯିବ ମରି ସଂସାରେ ପ୍ରଶଂସା ସାର ହେବ ।
ଦାସବତ୍ସଳୀକି ପ୍ରଣୟସ୍ଥଳୀକି ବାନ୍ଧିବା ଉରେ ରହିଛୁ ଜୀବ ।
ଆରେ ଗୁଣବତି । ଏ ଛାରକୁ ବଳାଇଲୁ ମତି ।
ତୋତେ ଚନ୍ଦ୍ରମୁହିଁ କେଉଁ ଗୁଣେ ମୁହିଁ ଯୋଗାଇବ ଏହା ଭଲେ ନିତି ।
ନଲେ ତୁ ସେବକ ଲେଖିବ ଯାବକ ତେଣିକି ଆହ୍ୱାବ ପାରୁ ନାହିଁ ।
ମୋ ହୃଦପୀଠକୁ ଦେବ ତୋ କୋଠକୁ ଯାହା ଇଚ୍ଛା ତାହା କର ଭୁହ ।
ଆରେ ପ୍ରେମଦାନ । ସେ ଯାଏ ଥିଲେ ଏ ଜୀବ ଯେନ ।
ଜାଣଇଁ କୃପଣ ନୋହି ପ୍ରଭୁପଣ ମୋଠାରେ କେତେ କରିବୁ ଧନ ।
ଗୋବିନ୍ଦ ଅଧୀର ଦେଖି ଦୂତୀ ଧୀର କରି କହି ବେଗେ ଚଳିଗଲା ।
ଶ୍ରୀରାଧାପାଶରେ ସୁଅବକାଶରେ ଗୋବିନ୍ଦ-ବିପଦ ଶୁଣାଇଲା ।
ଆରେ ରସନିଧି । ଭାଗ୍ୟକୁ ମିଳଇ ସବୁ ସିଦ୍ଧି ।
ତୋ ପ୍ରେମପସରା କୃଷ୍ଣ ଦାନସରା କେବଳ ତୋ-ଗୁଣେ ବାଇ-ବୁଦ୍ଧି ।
ତୋ ପଦ ପତନ-ଧୂଳି କି ଯତନ ତିଳକ ଯେନଇ କପାଳରେ ।
ଉରି ମନ୍ମଥରେ ତୋ-ଗତପଥରେ ଲେଖିଛି କଙ୍କର କର ବାରେ ।
ଆରେ ଭାବଭୋଳ । ତବ ଝଡ଼ା ପଡ଼ା ଫୁଲ ତୋଳ ।
ଚୂଡ଼ାରେ ଗୁଡ଼ାଇ କରଇ ବଡ଼ାଇ ଏବେ ରସିକେନ୍ଦ୍ର ହେଲି ବୋଲ ।
ତୋ-କେଳିବନରେ କି ଆଚ୍ଛାଦନରେ ଲେଖିଛି କଜ୍ଜାତ ବର୍ଣ୍ଣାବଳୀ ।
ହେଉଛି ନିଧନ ଦୟା ଧର୍ମ ଧନ ଦେଇ କିଣ ମୋତେ ନବବାଳି ।
ଆରେ ପ୍ରେମଶୀଳା । ଗଣ ତୋ ଗଣଙ୍କ ସଙ୍ଗେ ବାଳା ।
ସରୁଛି ମୁଁ ଭୂରେ ତୋ ପଗ ପ୍ରଭୁ ରେ ଥାଉଁ ଥାଉଁ ବୁଡ଼ିଛୁତ ଭେଳା ।
ତବ ତନ୍ତ୍ର କରେ ଲେଖି ବାହୁଲିକରେ ପଦ ଧରି କହେ ଏହି କର ।
କ୍ଷଣକାନ୍ତି ଗତି ଦେଖି ବୋଲେ ଗତି ବେଳେ କର ମୋତେ ଗ୍ରାମାବର ।
ଆରେ ପ୍ରେମୋନ୍ମାଦ । ପିନ୍ଧାପୀତ ବାସ ହୃଦେ ଲଦ ।
ନୟନରୁ ବାରି ବହେ ବାରବାର ଯେମନ୍ତେ ଝରଇ ଗିରିନଦୀ ।
କି ଯେନ ମନରେ ଷଣ ସୁମନରେ ନୟନ ପଡ଼ିଲେ ନ ଚଳଇ ।
ସେ ଅତି ଆଦରେ କୁଙ୍କୁମ ହୃଦରେ ନିରବଧି ବୋଳି ହେଉଥାଇ ।
ଆରେ ପ୍ରୀତିବତି । ରଜନୀରେ କେତେ କରି ସ୍ତୁତି ।
ବଳାଇ ଆଶକୁ ତୋ ପିନ୍ଧାବାସକୁ ଶ୍ରୀଅଙ୍ଗେ ଲଗାଏ ଏ କି ଖ୍ୟାତି ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଯେନ ରେ ସୁମନା ବଳାଇ ସୁମନାମାଳା ଲାଗି ହେଉଅଛୁ ସ୍ନେହେ ।
ଏ କି ରେ ସୁନାଉ ଦେଖିଲେ ସୁନାଙ୍ଗୀ କୋଳ କରଥାଇଁ ହା ହା କହେ ।
ଆରେ ରାଗଲତା । ପିକବଚନେ କି ଆଦରତା ।
ସାରସଗତିକି ଗୃହୁଁ ମୁକ୍ତିକି ପାଇଲା ପରାୟେ ପ୍ରମୋଦ ତା ॥
କମଳସଙ୍ଗରେ ମିଳାଇ ଭୃଙ୍ଗରେ ବୋଲେ ଏପରି କି ସତେ ହେବ ।
ଚୂଡ଼ାରେ ପ୍ରବାଳଅଧର ପ୍ରବାଳ ଖୋଷିବାର ମହା ମହୋତ୍ସବ ।
ଆରେ ପ୍ରେମ ମୂର୍ତ୍ତି । ରାଗପୁଞ୍ଜେ ଅନୁରାଗ ଅତି ।
ସ୍ନେହ ଲମ୍ପଟରେ ତୋ ସ୍ନାନଘାଟରେ ଅବଗାହନ ଆଚରେ ନିତି ॥
ଚମ୍ପକମାଳିକି ଲମ୍ବାଇ ଭାଳି କି ମିତ୍ରରେ ପତ୍ରରେ କି ମାନିଲା ।
ଫୁଲଗୁନ୍ଥାମାଳି ସଙ୍ଗେ ବନମାଳୀ ମିତ୍ର ପୁଣି କାହିଁ ପାଇଁ ହେଲା ।
ଆରେ ପ୍ରେମକଳା । ନାପିତିଠାରୁ କି ଶିକ୍ଷା କଲା ।
ବେଶକାରୀମାନେ ଏବେ ସନମାନେ ଧନ ନେଲେ ବୋଲି ଶୁଣାଗଲା ॥
ହୃଦୟ-ପଦକେ ତୋ ରୂପ-ପଦକେ ଆପଣା ନାମକୁ ଲେଖାଇଛୁ ।
ସିଆଇଁ ଝୁଲିକି ତା ବକ୍ଷସ୍ଥଳୀକି କେଉଁ ମମତାରେ ସମ୍ପାଦଛୁ ।
ଆରେ ପ୍ରେମଜ୍ଞାନ । ବନାଇଛୁ ତାମ୍ରଦରଶନୀ ।
ବସନ ଲୋହିତ ଡମ୍ବରୁ ସହିତ ଗୁପତେ କାହିଁକି ସମ୍ମିଳନ ॥
ଶୁଣି ଏ ବଚନ କିଶୋରୀ-ଲୋଚନକମଳ ଜଳରେ ବୁଡ଼ିଗଲା ।
ଭାଳଇ ରମଣୀ ପ୍ରୀତିଗୁଣମଣି ଦୁଃଖ ଏତେ ସହିଯାଏ ଗଲା ।
ଧିକ ଧିକ ବିହି । ଏଥିକି ସତ ବଳିଲା କେହି ।
ଏତେ ସହିଯାଏ କଥା ପୁଣି ଯାଏ ଏହା ଶୁଣି ପ୍ରାଣ ଅଛୁ ରହି ॥
ମୋହପରି ପଣେ ହେଲେ ଦାସୀପଣେ ପାଦସେବା-ଯୋଗ୍ୟ ହେବେ ନାହିଁ ।
ଏଡ଼େ ଅଭାଗିନୀ ହେବାକୁ ଭୋଗିନୀ ଏଡ଼େ ଆଶା ବଳାଇବ କେହି ।
ଆହେ ପ୍ରାଣପ୍ରଭୁ । ପ୍ରଣୟ-ଆନନ୍ଦ-ସୁଖବିଭୁ ।
ଏ ସ୍ଥିର କୁମ୍ଭିତଠାରେ ଦେଲ ମତି ନ ଜାଣି କରି କି ଲାଭ ଲୋଭୁଁ ॥
ହେବ ଯେବେ ଚଉ ନୃନାରୀ କଣ୍ଟିତ ରମା ଉମା ରତି ଦାସୀ ହେବେ ।
ଗୃହିଁଲେ ମୂରତି ବଲ୍ଲଭ ବରତୀ ରତିଆଶେ ଧୃତି ନ ରଖିବେ ।
ଆହେ ପ୍ରାଣେଶ୍ୱର । ଅମୃତସାଗର ନାମ ଯାର ।
ଶୁଣିଲେ ଗୁଣକୁ ବିବେକପଣକୁ ବେଦମାତା କରିଦେବେ ଦୂର ॥
ଏମନ୍ତ ଦୁର୍ଲ୍ଲଭ କି କରି ସୁଲଭ ହେବ ବୋଲି କଲି ଆଶା ଦୂର ।
ଏ ଭାଗ୍ୟ ବିରଞ୍ଚି ଭାଲେ ଥିଲା ରଚି କି କରି ଜାଣନ୍ତୁ ନାରୀସ୍ଥିର ।
ଆହେ ପ୍ରାଣବନ୍ଧୁ । ସ୍ୱତଃସିଦ୍ଧ ତୁମ୍ଭେ କୃପାସିନ୍ଧୁ ।
ହୀନରେ ସଦୟ ହୋଇଛ ଉଦୟ ଯେମନ୍ତ ନଶିକି ରଙ୍ଗେ ବିଧୁ ॥
ପାଇ ଚିନ୍ତାମଣି ଶିଳକଣା ମଣି ମୁଁ ପାପିଷ୍ଠୀ କଲି କି ନିରାଶ ।
ଯେମନ୍ତ ଦ୍ୱିତୀୟାଚନ୍ଦ୍ରମା ପ୍ରୀତିଆପଣ କଲ ତୁମ୍ଭେ ପରକାଶ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଆହେ ପ୍ରାଣଈଶ । ବୃଦ୍ଧି କଲ ଦିନୁଦିନ ଯଶ ।
ମୋ-ହୃଦକୁମୁଦ କଳାକରମୁଦ କଲ ନ ବିଚାରି ଗୁଣ ଦୋଷ ॥
ଏମନ୍ତ ବିଚାରୁଁ ରାଧାମୁଖରୁ ଅରୁଣ ପରାୟ ଦିଶିଗଲା ।
ପୁଲକ ଗଣ୍ଡରୁ ହା ବନ୍ଧୁ ତୁଣ୍ଡରୁ ବାରୁବାରୁ ବଚନ ବାହାରିଲା ।
ବୋଲେ ଧିକ ଧିକ । ଛି ଛି ରେ ଜୀବନ ଅବିବେକ ।
ନ କଲୁ ସଂଚାର ଏ କେଉଁ ବିଚାର ବୁଡ଼ାଇଲୁ ତାଳେ ପ୍ରୀତିଟେକ ॥
ଅମୃତ ବାରିଧି ତେଜିଲୁ ଆଗରୁ ଅଛୁ ତୁଚ୍ଛ କୁଳ ଲାଜ ଧର୍ମ ।
ପ୍ରଣୟ-କନ୍ଦଳୀ ଦିନୁ ଦେଲୁ ଦଳି ପୋଡ଼ୁ ପୋଡ଼ୁ ଅଭାଗିନୀ କର୍ମ ।
ଆରେ ପାପିମନ । ନେତ୍ରସଙ୍ଗେ ଥିଲୁ ଦେଖାଦିନ ।
ବନ୍ଧୁ ରଖି କରି ଶ୍ରୀପଦେ କଙ୍କଣୀ କୁହାଇଲୁ ନାହିଁ ଏ ବଚନ ॥
ଏପରି ଭାବନା କରୁଁ କରୁଁ ବନାନଳ ପରି ହୃଦ ଦହେ ପ୍ରୀତି ।
ସ୍ୱେଦଜାତିକୁ କମ୍ପିଲା ସୁତନୁ ଆଚରିଲା ଭୂତାବେଶ ରୀତି ।
ଏ ଦଶାକୁ ଦେଖି । ଦୁଃଖରେ ମଣ୍ଡିଲେ ପ୍ରିୟସଖୀ ।
ବୋଇଲେ ଦୂତୀକି ତୋ ଯୋଗୁଁ ଏତିକି ଲାଭ ପାଇଲା ଆଜନ୍ମସୁଖୀ ॥
ସେ ବୋଲେ ରାଧିକା ପ୍ରେମଆରାଧିକା ମୋ ବଚନ ମନେ ଥିଲେ ଯେବେ ।
କେଡ଼େ ବିଭବ ହୁଅନ୍ତାନି ଭିବପରଷ୍ଟର କି କରନ୍ତା ମ୍ଳାନ ।
ଆଗୋ ସଖୀବ୍ରଜ । ଅଙ୍ଗୀକାର ଲେଖ ଲେଖୁ ଆଜ ।
ମଦନ କଦନ କରିବ ଛେଦନ ଭେଟାଇ ଦେବ ରସିକରାଜ ॥
ମନ୍ତ୍ର ଉପଦେଶ ପରାୟ ସନ୍ଦେଶ ମଣି ଗୁଣମଣି ଗୁଣି ଗୁଣି ।
ପ୍ରଣୟ ସିଦ୍ଧିକି ଲକ୍ଷ୍ମୀଜଳଧିକି ବଳେବଳେ ବଳାଇଲା ପୁଣି ।
ମର୍ଯ୍ୟାଦାକୁ ରଖି । ସ୍ମିତେ ଚାହୁଁ ମନ ଜାଣି ସଖୀ ।
ବୋଇଲେ ଦୂତୀକି ତେଣୁ ଏ ରୀତିକି କରିଥ ବୋଧିବା ଚନ୍ଦ୍ରମୁଖୀ ॥
ଭାଳି ଏ ବିଧିକି କୃଷ୍ଣସନ୍ନିଧିକି ଅତିବେଗବେଗି ଚଳିଗଲା ।
ବୋଲଇ ସାମନ୍ତସିଂହାର ସାମନ୍ତ ପୁଣ୍ୟ ଆଜ ମୋର ଧନ୍ୟ ଟି ହେଲା
ଆହେ ଧୀରଜନେ । ଯେନବାର ହେଉ ସାବଧାନେ ।
ପ୍ରସଙ୍ଗ ଶ୍ରୁତିକି ଦେବ ମୁକତିକି ଆରି ଛାନ୍ଦକୁ ରସିଲେ ମନେ ॥

ତ୍ରିପଞ୍ଚାଶ ଛାନ୍ଦ

ଅନ୍ତର୍ନିହିତ ଶୃଙ୍ଖଳା

ରାଗ—ବଙ୍ଗଳାଶ୍ରୀ

ଧୀରେ ଧୀରେ କର ଶ୍ରବଣ ଶ୍ରବଣରଞ୍ଜନ ବଚନରସ ।
ଧରଧର କୁଞ୍ଜେ ବଳେ ଦନେ ଛନ୍ନେ ମଦନେ ହୋଇ ଅବଶ । ମିତର ।
ଉର ଅପସର କର ।
ବାରି ଝରଝର ଝରଇ ନୟନୁ ସୁତନୁଭାବ ସୁମର ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ମଧୁର ମଧୁର ବଚ ବଞ୍ଚନା ଯେ ରଚନା ଶୋଚନା ମୁଞି ।
ଅଧୀର ଧୀର ହେବାର ବାରିଜାକ୍ଷୀ ପାଇବାର ପାଞ୍ଚି ପାଞ୍ଚି । ମିତ ହେ ।
ଶିବ ଶିବ ଏବେ ଭଜ ।
ନବୀନା ବନା ବନାଶନ ନାଶନ ସନମତ ମତ ତେଜ ॥
ଦୁର୍ଘଟ ଘଟନାସଂଘଟ ଘଟନା ଘଟ ଥିଲେ ହେବ ବଧି ।
ବରବରନୀର ନିରନ୍ତକ ତରତର ହେବା ଯିବା ବଧି । ମିତ ହେ ।
ଶ୍ରୁତ ସ୍ମୃତରେ ପଢ଼ିଛୁ ।
ବନ୍ଧୁ କରି କରଗତ ଗତ ଦେବ ଦେବବର-ବର ଅଛୁ ॥
ଦୂଦର ଦର ଦରଶନ ସନକମୋହି ହେଲେ ହେବ ଦୂର ।
ମିତରେ ମିତରେ ଭାଷନ୍ତ ଭାସନ୍ତ ରସରେ ସରେ ସଂସାର । ମିତ ହେ ।
ସୁଧାରଧାର ବଚନ ।
ବାରଣ ରଣରଣ ରଣବାଣକୁ କରି ରଖିଲ ଜୀବନ ॥
ରସିବ ଶିବ ମୋହିତରେ ହିତରେ ବହି ବହିବ କ ସତେ ।
ଜୀବନ ବନଜମୁହାଁ କ ମୁହଁ କ ବୋଲିବ ନୋହୁଛୁ ପ୍ରତେ । ମିତ ହେ ।
ସୁକୃତକୃତ ମୋ କେତେ ।
ଦାସ ତ ସତ ହେବାର ବାରପତ ପତତ ହେବ କେମନ୍ତେ ॥
ପଦ ପଦବୀକି ବଙ୍କ ଯିବ ଜୀବ ଜୀବନଜାକ୍ଷୀକି ପାଇ ।
ଛମୁଦରପଣ ପଣପଣ ବୃତଫଳରୁ ଫଳ ମିଳଇ । ମିତ ହେ ।
ଶ୍ରୀପଦ ଶ୍ରୀପଦଦାୟୀ ।
ସାର୍ଥ ଲୋକର କର କର କରକଦନ୍ତ ସେବା ମାଗିବଇଁ ॥
ଉରୁବରଗୁଳା ଗୁଳାଅଙ୍ଗୀ ଅଙ୍ଗୀକାର ଉରଜ ରଞ୍ଜନ ।
ବଚନ୍ଦ୍ର ଚନ୍ଦ୍ରକର କର ସୁକୃତକୃତ ବଧି ଅଲେଖନ । ମିତ ହେ ।
ସୁମନେ ସୁମନେ କରି ।
ସୁବେଣୀ ସୁବେଣୀ ନବଡ଼ବନ୍ଧନ ଧନଦପଦ କ ସରି ॥
ଅବଳା ବଳା ବଳାଇ ଖଞ୍ଜିବାର ବାରପତ ସିଦ୍ଧି ବଳେ ।
ବାସ ବାସବପଦ ପଦତଳରେ ତଳ କରି ଦେଇ ଛଳେ । ମିତ ହେ ।
ତା-ମୂଳ ତାମ୍ବୂଳ ସେବା ।
ବସନ ସନମାନ ମାନବରତ ବରତଫଳ ଗଣିବା ॥
ଯୋଗଭଙ୍ଗୀ-ଭଙ୍ଗୀମାନ ମାନବତୀ ବତୀଶଦ୍ୱିଗୁଣ ଭାବ ।
କଙ୍କିଣୀ କଣିକଣି କଣିବ ହରପର ପରମାଦ ଯିବ । ମିତ ହେ ।
କର-କରଜ ଚୃଳିବ ।
ଯା ଯା ଅପରାଧୀ ରାଧିକା ଧିକ୍କାର କାରଣ ଶୁଣିଲେ ହେବ ॥
କେଳି କରୁକରୁ କରୁଣାନିଧିରେ ଧୀରେ ଏତେ କହିଦେବ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବିବସନ ସନମତ ମତ୍ତକାଶିନୀର କରତେ ଦେଖିବ । ମିତ ହେ ।
ମନ୍ଦମନ୍ଦ ହାସ କରି ।
ଭୂଷିବ ଶିବର ବର ବରଦର ଦରଶନ କରିପାରି ॥
ଭାବ ଭାବନ ବନଜବଦନୀର କ ରତେ କରି ଏପରି ।
ବାତୁଳ-ତୁଳ ହେବାରେ ବାରେ ସଖୀ ଶଙ୍କା ରଙ୍କ ବୋଧ କରି । ମିତ ହେ ।
କାମ କାମନା ପୂରିବ ।
ଆସିବ ଶିବ ହେଲି ଦୂତୀ ଭୂଷିବ ଶିବପର ହଟିଯିବ ॥
ସୁରନାଗରୀ ଗରିମାମାନ ସତ ମାନସ ତ ଠେଲିପିବ ।
ନାଗରମଣିଙ୍କ ନାଗରମଣୀ କ ମଣି କ ଦେଇ ପୂଜିବ । ମିତ ହେ ।
ସୁନ୍ଦର ଦରଶନରେ ।
ମାନବୀ ଙ୍କ ବଙ୍କ ମାନ ମାନସର ସରଜିବେ ପ୍ରୀତି ଖରେ ॥
ଉମା ରମାର ମାର ମାରଣରେତ ଧୀର ଧୀର ଦୂର ହେବ ।
ଶଶୀତ ଚତ୍ତ୍ୱର ତରସ୍ତ୍ର ଲଭିବା ରତି ରତି ଯାଚ ଦେବ । ମିତ ହେ ।
ଭାବ ଭାବନରେ ନରେ ।
ତରୁଣୀ ତ୍ରିଣିଭାବର ବରଧନ ଧନ ଲୋଭେ ହେବେ ଖରେ ॥
ଠେକାଇ ଛଟା ଛଟଶକୁଳବଧୂ ବନ୍ଧୁତା ରସିକପଣେ ।
ଧ୍ରୁବ ଧ୍ରୁବ ଲୋକ ଲୋକ ଲୋକନରେ ବଙ୍କ ହେବେ ନାରୀଗଣେ । ମିତ ହେ ।
ଦର୍ପ ଦର୍ପକର କେତେ ।
ଦରଶନ ସନକାଦ ଜନ ଜନକାଦ ଭୁଲିବେ ଯୁଗତେ ॥
ଏ ବିଧିରେ ଧୀରେନ୍ଦ୍ରକୁ ସଖୀ ବୋଧି ବୋଧିଦ୍ରୁମ ତଳେ ବସି ।
ପ୍ରେମ ଆରାଧିକା ରାଧିକାଉଦନ୍ତ ଦତ୍ତ କଲା ଦୂତୀ ଆସି । ବୋଇଲା ।
ହେ ବିଧୂ ବିଧୂର ତେଜ ।
ବଶ ବସନ୍ତପଲ୍ଲବାଧରୀ ଧରଣୀଶସୁତା କଲଆଜ ॥
ଅଲେଖା ଲେଖପଦ ପଦତଳରେ ଲେଖ ଲେଖ ପ୍ରାପ୍ତ ହେବ ।
କୀରତ-ରତ ପତର ତରସ୍ଥିତପତାକାକୁ ଉଡ଼ାଇବ । ଗୋବିନ୍ଦ
ହରଷରସ ଶୁଣିଲେ ।
ବାହାର ହାର କରି କରିଗମନା-ମନାଇଲାଜନେ ଦେଲେ ॥
ପାଇ ପରସାଦ ସାଦର ସଖୀ ଶ୍ରୀ ଶ୍ରୀରବର୍ଗଦାନଙ୍କର ।
ଭଙ୍ଗୀର ଗିର ପରଶ୍ରୀରଶ୍ରୀରକ ହୋଇ କଲା ଚତ୍ତ୍ୱହାର । ନାଗର
କଳ୍ପ କଳ୍ପଲତା ପୁଣି ।
ନରତ ରତରତନକୁ ନଦାନ ଦାନ ଦେବ ହେବ ତ୍ରିଣୀ ॥
ସେ ବାସେ ବାରିଜାନନୀଙ୍କ ନଙ୍କ ତା କତବନ୍ତ ହୀନ କରି ।
ମୁକୁତ କତଙ୍କ ଯିବ ଜୀବତରେ ସିନା ପ୍ରକାଶିଲେ ହରି । ଦୂତ ଗୋ
ସୁଅଙ୍ଗୀ ଅଙ୍ଗୀକାରରେ ।
ଜୀବନ ବନଜମୁହାଁଙ୍କ ମୁହାଁ କ ବିକୁଥିବ ଜନ୍ମାନ୍ତରେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବୃତ୍ତି ଉତ୍ତର ତରସ୍ତ ହରି ହରି ଲେଖି ବିରଚନ କରି ।
ପାଇ ସାହା ସାହା ଉତ୍ତମାର ମାର ମାରଣାଙ୍କୁ ତତପର । ଏମନ୍ତ
ଶ୍ରବଣେ ଶ୍ରବଣେ ହରି ।
ଭୂଷା ଭୂ-ସାତକୁମ୍ଭ କୁମ୍ଭସ୍ତନୀଙ୍କ ଦେବା କି ମିତେ ପହର ॥
ମଧୁମଙ୍ଗଳ ମଙ୍ଗଳ ପ୍ରକାଶିତ ଶିତହାସିତ ସିହାଣୀ ।
ମୃଦି ମୃଦୁପଠନଙ୍କୁ ନ ରୁଚେଟି ଚେଠୀ ଭଙ୍ଗିଦେବ ଜାଣି । ମିତହେ ।
ବାଣୀ ବାଣୀଶୀତଯାର ।
ସଙ୍ଗୀ ସଙ୍ଗୀତବିଦଙ୍କୁ କି ବହର ହର କେ ହେବେ ପହର ॥
ଭାବ ଭାବିନୀ ସନ୍ନିଧି ନଧିକୀର୍ତ୍ତିମନ୍ତ ଭୂଷା ଲେଖି ଦେଲେ ।
ସଂହସ୍ତ୍ରୀ ହରମୁଖ ହୁଅ ସୁମୁଖ ମୁଖରେ ଉଚ୍ଚାରି ଚଲେ । ସେ କାଳେ
ମାଧବ ମାଧବ ଭାଷେ ।
ଶ୍ରୁତି ଶ୍ରୁତିଙ୍କ କି ସୁଖ ଦେବ ଦେବ-ଈଶ ଘେନଲେ ଏ ଆଶେ ॥
ପ୍ରାଣ ଆସି ଆସି ଅବଶେ ବଶେ କି ଏମନ୍ତ ମତ ଶ୍ରୀଧର ।
ପ୍ରବଳ ବଳ ଭାବ ଧୀରେ ପ୍ରେମର ମରଦେ ଧୈର୍ଯ୍ୟ କୃଷ୍ଣର । ଅନେକ
ପୀରତି ରତି ତେଜିବ ।
ଅଭିମନ୍ୟୁ ମନୁ ମନ୍ୟୁ ମଲେ ନନ୍ଦନନ୍ଦନ ଭାବ ନ ଯିବ ॥

ଚତୁଃଷଷ୍ଟୀ ଛନ୍ଦ

ଗୋହରଣ ବର୍ଣ୍ଣ

ରାଗ—ବଟିତ ଦେଶାକ୍ଷ

ଏ ଉତ୍ତାରୁ ଘେନ ଧୀରେ ସାବଧାନ ହୋଇ ଧୀରେ
କୃଷ୍ଣ ଗୋରକ୍ଷଣେ ଯିବାବେଳେ ହେ ।
ଆଗରେ କରି ଗୋକୁଳ ପଛେ ସବୁ ସଖାକୁଳ
ବେଣୁ ଶୃଙ୍ଗ ରଙ୍ଗେ ବଜାଇଲେ ହେ ॥
ଶୁଣି ସବୁ ନଗ୍ରଜନ ମାନସ ହେଲା ରଞ୍ଜନ
ଦରଶନ ଉତ୍ସାହେ ଧାଇଁଲେ ହେ ।
ବିଶ୍ୱମନ ଆକର୍ଷିତ କଲା ମୋହନ ବଂଶୀତ
ସ୍ଥିର ଚର ଶୁଣି ମୋହି ହେଲେ ହେ ॥
ବିଯୋଗୀ ତେଜିଲେ ଯୋଗ ସଂଯୋଗୀ ତେଜିଲେ ଯୋଗ
ଭୋଗୀଏ ତେଜିଲେ ଭୋଗବିଧି ହେ ।
ରୋଗୀ ରୋଗ ନ ଗଣିଲେ ରାଗୀଏ ରାଗ ମଣିଲେ
ସକଳ ତେଜିଲେ ଯେହ୍ନା ସିଦ୍ଧି ହେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କେ ହେଉଥିଲା ସୁବେଶ ବଂଶୀନାଦରେ ଆବେଶ
ହୋଇଗଲା ନୋହିଲା ଆଭୋଗ ହେ ।
ସିନ୍ଦୂର ଯାବକ ଭାବ ବିପରୀତ କଲା ଭାବ
କଜ୍ଜଳ କସ୍ତୂରୀ ତଥା ଭୋଗ ହେ ।
ନାନା ବିଚିତ୍ର ଭୂଷଣ ବିପରୀତରେ ଭୂଷଣ
ବିବେକକୁ କାଳ ନ ସହିଲା ହେ ।
ନାଗବଲ୍ଲୀ ବନ୍ଧା ଦଳ ଭୁଞ୍ଜିଲା କେ ତା ବଦଳ
ବୀଣା ବୋଲି କୁଚ ଆଉଁଷିଲା ହେ ।
ସୈରନ୍ଧ୍ରୀ ସୁବେଶ କରେ କଙ୍କତିକା ଧରି କରେ
ଚାମରକୁ ଭ୍ରମେ ଶ୍ୟାମଲୀଲା ହେ ।
ଯାର ଯାଇଥିଲେ ବନେ ଦୂର କରି ନିଧୁବନେ
ଗତ କଲେ ହୋଇ ଅତି ଭୋଳା ହେ ।
ବାଳ ବୃଦ୍ଧ ଏ ବିଧିରେ ଧାଇଁଲେ ଅତି ବୀଧୀରେ
ମଦନମୋହନ ଦେଖିବାରେ ହେ ।
ଛାଡ଼ି ଗୁରୁ ଗଉରବ କରି ଶ୍ୟାମ ଶ୍ୟାମରବ
ନ ମଣିଲେ ପଥ ଅପଥରେ ହେ ।
କୃଷ୍ଣ ମୁଖ ପରସନ୍ନ କରିବାରେ ଦରଶନ
ଯାଉଛି ଆନନ୍ଦ ଅଶ୍ରୁ ଝରି ହେ ।
ଗାତ୍ର ନେତ୍ର ସ୍ତମ୍ଭୀଭୂତ ଚିତ୍ର ନାରୀ କି ସମ୍ଭୃତ
ଭୂତଗ୍ରସ୍ତ ବତ ଚେଷ୍ଟା ତହିଁ ହେ ।
କେ ତହିଁ ଅଶ୍ରୁ ମୁଞ୍ଚଇ କେ ତହିଁ ନାଟ ରଚଇ
କେ ହସଇ କେ ଭାଷଇ ଆହା ହେ ।
କାହା ଛାତି ଦୁଲକଇ କାହା ତନୁ ପୁଲକଇ
ଉତ୍ସାହରେ କେ ଟେକଇ ବାହା ହେ ।
କେ ଗଡ଼ଇ କେ ପଡ଼ଇ କେ ଓଷ୍ଠେ ରଦ ଭିଡ଼ଇ
କେ ବାସବିଶ୍ଳଥ ନ ଜାଣଇ ହେ ।
ଯେ ଯାହାଠାରେ ଆଶାୟୀ ନ ପାରୁ ଥିଲେ ରସାଇ
ସେ ତାକୁ ଦେଖିଲେ ନ ଚାହାଁଇ ହେ ।
ଯୁବତୀକୁଚରେ କର ପଡ଼ିଥିଲେ ରସିକର
ଲାଭ ଲୋଭ ବିବେକିବା ନାହିଁ ହେ ।
ତୁଟି କଣ୍ଠ ରତ୍ନହାର ଦାଣ୍ଡେ କରୁଛି ବିହାର
ସାଉଁଟିବା କଥା ତହିଁ ନାହିଁ ହେ ।
ଚର୍ମପାତ ସୁବେଣୀକି ଲକ୍ଷିତ ଖେଳା ଫଣୀକି
ମୁକ୍ତକେଶ ଚାମର ସମାନ ହେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଲମ୍ବିଛି ସୁମନ ମାଳ ଚନ୍ଦନ ଅହି-ତମାଳ
ଦଳେ କାଛ ଛାଡ଼ିବା ଶୋଭନ ହେ ।
ଗଭାକୁ ପଡ଼େ ସୁମନ ଘେନୁଛି ଏ ପରି ମନ
ନବଘନକୁ କି ତାରା ପତନ ହେ ।
ଉଡ଼ୁଛି କାହା ଅଞ୍ଚଳ ମଦନ-ରଥେ ଚଞ୍ଚଳ
ପତାକା ପରାୟେ ଅନୁମାନ ହେ ॥
ବଗତ ହୋଇ ଅମ୍ବର ନାଚେ କୁଚ ଦଗମ୍ବର
ସପ୍ତକୀବାଦନ ବଳା-ଗାନେ ହେ ।
ଖେଳୁଛି ହୃଦରେ ହାର ପ୍ରଣୀତ ଗଙ୍ଗା ବହାର
ଚୈଳ ଖସି ହୋଇ ପ୍ରତେ ମନେ ହେ ॥
ମୋହନରେ ବନ୍ଧ ତତ୍ ଛାଡ଼ିଲେ ସବୁ ଉଚିତ
ପରସ୍ପରେ କଥନ ପ୍ରଚୁର ହେ ।
ଦେଖ ଏ ଗୋପନଗର ଦାଣ୍ଡମାନେ କି ସାଗର
ଧେନୁ-ବାର ବାର ମନୋହର ହେ ॥
ଗୋମୟ ରାଶି ପଙ୍କତ ମହିଷୀ ମକର ବତ
ମେଷ ଛାଗଲାଦ ସୁଶମ୍ବର ହେ ।
ଅହି ଲଗୁଡ଼ ଚାଳନ ହଣ୍ଡିର ଛଟଏ କଳନ
ଗୋଫେନ ପତନ ରହୁବାର ହେ ॥
ରକ୍ଷକ ଗୋକୁଳ ରଙ୍ଗ ତହିଁ ମାନଇ ତରଙ୍ଗ
କଚ୍ଛପ ଗୋମୟ ଉଜ୍ଜ୍ୱଳତ ଗୋ ।
ଅଙ୍ଗଭୂଷିତ ରତନ ବଡ଼ବାନଳ ଯତନ
ଶିଂଗା ଧ୍ୱନ ଘୋଷା ପରଣିତ ଗୋ ॥
ବାଳକ ଚକାଭଉଁରୀ ପ୍ରଣିତ ଜଳଭଉଁରୀ
ଧେନୁ ପୁଚ୍ଛବାଳ ଶୈବାଳ ଗୋ ।
ଶ୍ରୀରାମ କୃଷ୍ଣ ଆଗମ ଗଙ୍ଗା ଯମୁନା ସଙ୍ଗମ
ଜନ ତତ୍ ଯୋତହିଁ ସମେଳ ଗୋ ॥
ନେତ୍ର ମୀନ ଅନମିଷେ ମଗ୍ନ ହୋଇ ତହିଁ ମିଶେ
ଆଶା ହଂସ ବଶ୍ରାମ ସଦନ ଗୋ ।
ଶ୍ରବଣେ କେଉଁ ସୁବେଣୀ ବୋଇଲ୍ ଏତ ତ୍ରିବେଣୀ
ସଙ୍ଗମ ସଙ୍ଗକୁ ଇଚ୍ଛେ ମନ ଗୋ ॥
ଅଙ୍ଗଦାହ ତାପ ଯିବ ଶୁଚପଦ ଅରଜିବ
ରସରେ ମଜ୍ଜନ ଯେବେ ହେବ ଗୋ ।
ଅମୃତ ସଦନ ସତ ନୋହିବ କେ ବା ଉସତ
ସେ ପରାପତ ହେବାର ଭାବ ଗୋ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଯାଉ ଜାତି ପତି କୁଳ ହେଲେ ହେବ ଲକ୍ଷାକୁଳ
ଏ ଉତ୍ସବ ଇଚ୍ଛା କେ ତେଜିବ ଗୋ ।
ଦଣ୍ଡିଲେ ଦଣ୍ଡନ୍ତୁ ପତି ଦେହାନ୍ତରେ ଜନ୍ମପତି
ଗୁରୁଗଞ୍ଜନେ କି ଛାଡ଼ିଯିବ ଗୋ ।।
କୁମାରୀଏ ସରାଗରେ ହ୍ରାସ-ଦେବାକୁ ସାଗରେ
ମନାସିଲେ ବର ବରିବାକୁ ଯେ ।
ପୁତ୍ରବତୀଏ ଆନନ୍ଦ ବୋଇଲେ କି କରି ନନ୍ଦ
ବରଗିଲେ ଗୋରୁ ରକ୍ଷଣକୁ ଗୋ ।।
ହୋଇଥିଲେ ଆମ୍ଭ ସୁତ ଗଲେ ବାହାରି ଅସୁ
ତ କେ ତେଜନ୍ତା ନୟନ-ପଥରୁ ଗୋ ।
କେ ବୋଇଲା ଆଗୋ ମିତ ଲକ୍ଷ ଲକ୍ଷ ପରିମିତ
ରକ୍ଷକ ରଖନ୍ତୁ ନତି ଗୋରୁ ଗୋ ।।
ବନେ ଏ କରନ୍ତୁ ଗତି ଜନକ ଜନନୀ ଗତି
ଏଥୁଁ ଅଛୁ ଆନ ପୁଣି କାହିଁ ଗୋ ।
ଏହାଙ୍କ ରୀତି ଉଦଣ୍ଡ ଦେବାରୁ ଅସୁର ଦଣ୍ଡ
ଅବାରଣ ରୀତି ଛନ୍ତି ବହି ଗୋ ।।
କେ ବୋଲେ ଶୁଣିଛୁ ମୁହିଁ ଋଷିବାଣୀକି ସୁମୁହିଁ
ନାରାୟଣ ଅନୁସଙ୍ଗୀ ଏହି ଗୋ ।
ଅବନୀ ଭାବକୁ ହରି ବନ୍ଧୁଜନ ତାରି ହରି
ହେବେ ଭକ୍ତଜନ ଭାବଗ୍ରାହୀ ଗୋ ।।
ପତିବ୍ରତ ସରିଯିବ ଅପବାଦ ଉପୁଜିବ
ଜୀବ ଥିଲେ ପୁଣି ଶୁଣାଯିବ ଗୋ ।
ଧନ୍ୟ ପୁଣ୍ୟ ବୃନ୍ଦାବନ ଧନ୍ୟ ଗୋଜନ୍ମ ଜୀବନ
ଦେଖୁଛନ୍ତି ଶ୍ରୀପଦ ପଲ୍ଲବ ଗୋ ।।
ଏହା ଶୁଣି କେ ଭାଷିଲା ସତେ ମତେ ଆଭାସିଲା
ନୋହିଲେ କି କଷ୍ଟ ତରତର ଗୋ ।
ଏ ଯେବେ ହୋଇବ ସତ ଅବନୀ ହୋଇ
ଉଷତ ଜିହ୍ୱା ପାତିଥିବ ଗମନର ଗୋ ।।
ପାଇବ କେତେ ଶ୍ରୀପଦ ଦୁଃଖୀ ନୋହିବ ଶ୍ରୀପଦ
ବିଭ୍ରମନ୍ତେ ତୃଣ ପାଷାଣରେ ଗୋ ।
କହି ଏପରି ବତ୍ସର ଗୋବନ୍ଦ ସଙ୍ଗେ ସଞ୍ଚାର
କରୁଛନ୍ତି ପ୍ରେମଲମ୍ପଟରେ ଗୋ ।।
ଯଶୋଦା ଏହି କାଳରେ ଗୋବନ୍ଦ ଧରି କୋଳରେ
ନେତ୍ରଜଳେ ଗାତ୍ର ଧୋଇ ଦେଲେ ଯେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଚୁମ୍ବ ଦେଇ ଶ୍ରୀମୁଖରେ ସ୍ନେହରେ କହନ୍ତି ଖରେ
କେଉଁ ଲଭ ଗୋରୁ ରଖିଗଲେ ରେ ।
କ୍ଷତହରଣୀ ବଧିରେ ରଦ୍ଧଅସ୍ତ୍ରକୁ ବଧିରେ
ତୋ ଆସିବା ବେଳ ଚାହିଁ ଥାଇଁ ରେ ।
ଦାଣ୍ଡକୁ ଯାଏଁ ଦଉଡ଼ି ତୁ ମୋର ଅଙ୍କ ଲଉଡ଼ି
ତୋହ ବିନା କିଙ୍କର ଜୀଅଇ ରେ ।
ତୁ ମୋର ରଙ୍କପଣରା ତୋ ବିନୁ ନାହିଁ ଦୋସର
କାହା ମୁଖ ଚାହିଁ ନେବ ଦିନ ରେ ।
ବୃଦ୍ଧକାଳରେ ନନ୍ଦନ ତୁ ମୋର ହୃଦଚନ୍ଦନ
କଣ୍ଠହାର ଜୀବର ଜୀବନ ରେ ।
କି ସୁଖ ଘରେ ନାହିଁକି ମୋ ସୁଖ ସାରୁ କାହିଁକି
କାନନକୁ ଯାଉ କାହିଁ ପାଇଁ ରେ ।
ତୁ ମୋର ହୃଦପଦକ ହେଉଥାଇଁ ଦକ ଦକ
ଅସୁରଙ୍କ ଚରିତ ଚତୁରେଇ ରେ ।
କଣ୍ଟା ପାଷାଣ କାନନେ ଖରା ଲାଗି ସଂହନନେ
ଦୁଃଖହେବ ଭାଳୁଥାଇଁ ମନରେ ।
ନ ନେଉ କଠାଉ ଛତ ଯେତେ ଗୋରୁ ରଖିଛନ୍ତି
ବାଇ ନୋହେ କେହି ତୋ ସମାନ ରେ ।
ମୋରାଣଣ୍ଟି ରେ କହାଇଁ ପାୟସ ଦେବ ବନାଇଁ
ଭୁଞ୍ଜିବୁଟି କ୍ଷୁଧା ସମୟରେ ରେ ।
ଦେଉଛୁ ପିତାଙ୍କ ଆନ ନୋହିବୁଟି ଅଗିଆନ
ନ ପଶିବୁ କାନନଭିତରେ ରେ ।
ଆସିବାଯାଏ ତୋହର ସ୍ଥାନ ନାହିଁଟି ମୋହର
ଏ କଥାକୁ ସତ ଜାଣିଥିବୁ ରେ ।
ଏତେ କହି ରାମକରେ ସମର୍ପେ ସ୍ନେହଆଦରେ
ବୋଲେ ଏ ତୋତେ ଲାଗଇ ବାବୁ ରେ ।
ହେ ବାବୁ ମଧୁମଙ୍ଗଳ ଏ ଘନଶ୍ୟାମ ମଙ୍ଗଳ
କରିବ ତୁମ୍ଭଙ୍କୁ ସମର୍ପିଲି ହେ ।
କଲେହେଁ ଦ୍ୱନ୍ଦ୍ୱ ସହିବ ମୋହ ଆଗରେ କହିବ
କାନନେ ନ ପଶି ବିହ କେଳି ହେ ।
ବିବିଧ କଥନାନ୍ତରେ ଜନନୀ ସ୍ନେହଚିତ୍ତରେ
ଅଭୟ ମୁଦ୍ରାକୁ ପକାଇଲେ ଯେ ।
ନୃସିଂହ ରଖନ୍ତୁ ବନେ ବରାହ ରଖନ୍ତୁ ସ୍ଥାନେ
ଅଙ୍ଗରେ କବଚ ନ୍ୟାସ କଲେ ଯେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଏମନ୍ତ ଜାଣି ବହନ ମାତାଙ୍କୁ ବନ୍ଦ ମୋହନ
ମନ୍ଦେ ହସି ଛନ୍ଦରେ ବୋଇଲେ ଗୋ ।
ଭୁମ୍ଭର ସ୍ନାନ ଭୋଜନ ଶୁଣିଲେ ମନ ରଞ୍ଜନ
ଥାସିବ ନ ଆସିବ ନୋହିଲେ ଗୋ ॥
ଦେବ ଯାହା ମୋ ନମିତ୍ତେ ବାଣ୍ଟି କର ଦେବ ମିତେ
ଭୁଞ୍ଜିବ ନାହିଁଟି ଆନ ଅଛୁ ଗୋ ।
ଯେବେ ରଖିବା ଗୋଧନ ଆୟୁଃ ଶ୍ରୀ ଯଶ ବର୍ଦ୍ଧନ
ଏଥିରେ ବକୃତ ନାହିଁ କଛୁ ଗୋ ॥
ଏମନ୍ତ ବାକ୍ୟେ ଶ୍ରୀହର ମାତାଙ୍କର ଚତ୍ତ ହର
ପ୍ରଣାମି ପୁରକୁ ଯାଅ କହ ଯେ ।
ଗୋରୁଙ୍କ ପଛେ ରଙ୍ଗରେ ଗଲେ ସଖାଙ୍କ ସଙ୍ଗରେ
ବ୍ୟାକୁଳ ଜନନୀ ଏହା ଚୃହିଁ ଯେ ॥
ଅମ୍ବା ନମ୍ବା ରୋହଣୀକ ଆଦ ଗୋପତରୁଣୀ କ
ବ୍ୟାକୁଳରେ ମନ୍ଦରରୁ ଗଲେ ଯେ ।
କଶୋଣ୍ଡ ଗଲେ ସ୍ୱପୁରେ ପ୍ରେମାଶ୍ରୁନୟନେ ପୂରେ
ଜଟିଳାକୁ ଭେଟି ଜଣାଇଲେ ଯେ ॥
ଯଶୋଦାଙ୍କ ସନମାନ ଯେତେ ଦେଲେ ଧନମାନ
ଦେଖି ଶୁଣି ବୁଢ଼ୀ ସୁଖୀ ହେଲା ଯେ ।
ବୋଇଲା କୁନ୍ଦଲତାରେ ଲେଖା ଭୁ ପଛବ୍ରତାରେ
ମିତ୍ରପୂଜା ଅସମସ୍ତ ହେଲା ଗୋ ॥
ଶୁଣି ସଖୀଏ ସୁଖରେ ପୂଜାର ସାମଗ୍ରୀ ଖରେ
ସମ୍ପାଦଲେ ଉତ୍କଣ୍ଠିତମନେ ଯେ ।
କଶୋଣ୍ଡ ଆତୁରଚତ୍ତ ନୋହେ କବରେ ରଚତ
ଧେନ ସାଧବଜନେ ସୁମନେ ହେ ॥
ଦୀନ ହୀନ ଅଭିମନ୍ୟୁ ସାମନ୍ତସିଂହାର ମନୁ
ନ ଯାଉ କଶୋଣ୍ଡ କୃଷ୍ଣ ଭବ ହେ ।
ବ୍ରଜଉପାସିକଜନ ଭବେ ହେବ ସୁରଞ୍ଜନ
ସବୁଲାଭ ଏହ ମୋର ହେବ ହେ ॥

ପଞ୍ଚଷଷ୍ଟୀ ଛନ୍ଦ

ରାଗ—ପାହାଡ଼ିଆ କେଦାର

ଧେନ ସୁଧୀରେ ଏ ରସ ଧୀରେ ସଦା ବ୍ୟଥିରେ ବନ୍ଦ୍ୟବ୍ୟଥିରେ
ସେବ୍ୟ ନଥିରେ ବଜପ୍ୱେ ଧୀରେ ସଖାବ୍ୟଥିରେ ଯେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ମନ୍ଦହାସରେ ପରିହାସରେ ମୃଦୁହାସରେ ବେଣୁଘୋଷରେ
ଚତୁର୍ଦ୍ଦଶରେ ନୋହେ ବଶରେ କେ ମାନସରେ ଯେ ।
ଶ୍ରୀରାମ କୃଷ୍ଣ ଗୋଚାରଣ କାଳରେ ଯେ ।
ସୁରନାରୀ ଚାହାନ୍ତେ ପ୍ରେମଭୋଳରେ ଯେ ।
ଗୋପନଗରେ ଜନରଙ୍ଗରେ ବସି ନାଗରେ ଅତିବେଗରେ
ଚାହିଁ ନାଗରେ ଧେନୁ ସଙ୍ଗରେ ମଣ୍ଡି ରାଗରେ ଯେ ।
ଯୋଏ ସଜାଡ଼ି କାଛଟା ଭିଡ଼ି ଧାଡ଼ିକ ଧାଡ଼ି ଆଗେ ଦଉଡ଼ି
ଯୋଡ଼ିକ ଯୋଡ଼ି ବୁଲନ୍ତି ବାଡ଼ି ତନୁକ ଆଡ଼ି ଯେ ।
କେହି ଲଉଡ଼ି ନଅଇ ତଡ଼ି କେହି ବାହୁଡ଼ି ମାରଇ ଓଡ଼ି
ବାହାକୁ ମୋଡ଼ି ଛଡ଼ଇ ରଡ଼ି ଶିବକୁ ଝାଡ଼ି ଯେ ।
କେ ମାଲବନ୍ଧାଣରେ ଯାଉଛି ଗଡ ଯେ ।
କେ କାହା ଉରେ ପୁଣ ବସଇ ମାଡ଼ି ଯେ ।
କେ ମୋଡ଼ାମୋଡ଼ି କେ ଭିଡ଼ାଭିଡ଼ି କେ ଜଡ଼ାଜଡ଼ି କେ ଛଡ଼ାଛଡ଼ି
କେ ପଡ଼ାପଡ଼ି କେ କୋଡ଼ାକୁଡ଼ି କେ ହୁଡ଼ାହୁଡ଼ି ଯେ ॥
କେ ଭଙ୍ଗୀ କରି ଗୋବନ୍ଦପରି ଚୀର ବସ୍ତ୍ରାରି କେ ତହିଁ ନାରୀ
ଠାଣି ଆଦରି କେ ଗର୍ଭିଧାରୀ ତର୍ଜ୍ଜନା କରି ଯେ ।
କେ ତହିଁ ହରି-ବତ୍ସକ ଧରି କେହି ଅଘାରି କେହି ବକାରି
କେହି ସଣ୍ଢାରି କେ ଯାମଳାରି କେହି ତୃଣାରି ଯେ ।
କୃଷ୍ଣ ପ୍ରେମବହ୍ୱଳ ସଖା ଆଦରି ଯେ ।
ଶେଷ ବର୍ଣ୍ଣିନା କଲେ ନ ଯିବ ସରି ଯେ ।
ସବୁ ଚାତୁରୀମାନଙ୍କ ପୁରୀ ତହିଁ ମାଧୁରୀ ନୋହିବ ବାରି
ଗୁଣଲହରୀ ମୁରଲୀଧାରୀ ସଙ୍ଗବିହାରୀ ଯେ ॥
ଶ୍ରେଣୀକ ଶ୍ରେଣୀ ନାଚନ୍ତି ପୁଣି କଟିକଙ୍କିଣୀ ମଧୁର କ୍ୱଣି
ଶ୍ରବଣେ ଶୁଣି ହରଧରଣୀ ହୋଇବେ କଣି ଯେ ।
ଚାରୁବପଣିସ୍ଥିତ ତରୁଣୀ ଦେଇ ଚାହାଣି କହନ୍ତି ବାଣୀ
ଦେଖ ମିତଣି ମନହାରଣୀ ପାଶ ଏ ଠାଣି ଗୋ ।
ବିକା ନ ଯିବେ ଏଥେଁ କେଉଁ ପରାଣୀ ଗୋ ।
ବିଲୋକନେ ଭୁଲିବ ମଦନରାଣୀ ଗୋ ।
ଭୃକୁଧାରଣୀ କାର୍ମୁକ ଆଣି ଚାରୁ ଚାହାଣି ବାଣକୁ ଶାଣି
ବିନ୍ଧୁଛି ଠାଣି କେଉଁ ସୁବେଣୀ ରଖିବ ଆଣି ଗୋ ॥
ପସରା ଚାହିଁ କୃଷ୍ଣଙ୍କୁ ତହିଁ ଭଙ୍ଗୀକ ବହି ସଖୀଏ କହି
ସୁନ୍ଦର ବହି ମନକୁ ମୋହି ଦେଉଛି କେହି ଯେ ।
ଜନକସ୍ନେହୀ ସୁସୀତା॥ ବହି ରମ୍ଭା କେ ରହି ସୁନାଶୀରହିଁ
ଅଛୁତ କେହି ଐରାବତହିଁ ସ୍ୱର୍ଗକ ଏହି ଯେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଗୃହରୁ କମଳା ଦେଖା ଯାଉଛୁ ଯହିଁ ଯେ ।
ତାକୁ ବଇକୁଣ୍ଠ କି ବୋଲିବା ନାହିଁ ଯେ ।
କପର୍ଦ୍ଦୀ ଯହିଁ ଶିବସଂଗ୍ରହି କଇଳାସହିଁ ଅଭାସେ ଏହି
ଦଗ୍ଧର ବହି ଏ ଭାବଗ୍ରାହୀ ମଣତ ସହି ଯେ ॥
କେ ବୋଲେ ଭାଷ ଏ ନୀଳବାସ ଦେଖି ମଣିଲି ମୁଁ ନୀଳବାସ
ହରିତାମ୍ବର ହରିତାମ୍ବର ବେନପ୍ରକାରେ ଯେ ।
ଶଙ୍ଖାର ପର ଦଣେ ଶଙ୍ଖାର ପାଏ ବୈଷ୍ଣବେ ରଙ୍ଗା କଂସାର
ଥିବାରୁ ନାଗ ପରତେ ନାଗଈଶ୍ୱରପୁରୀ ଯେ ।
ପାଠଗ୍ରଣୀଏ କାହିଁ ଅଛନ୍ତି ବସି ଯେ ।
ପାଠଗ୍ରଣୀଙ୍କ ମାନ ଦିଅନ୍ତି ଧ୍ୱଂସି ଯେ ।
ସୁତର ବଣିଜାକୁ କରନ୍ତି କ୍ଷୀରୋଦସ୍ଥାନ ଦେଖାଉଛନ୍ତି
ଅଙ୍ଗୀ ହେବ ନା ସଙ୍ଗୀ ବୋଲନ୍ତି ଭଙ୍ଗୀରେ ହସି ହେ ।
କେ ତହିଁ ହାସେ କେ ତହିଁ ଭାଷେ ରତ୍ନାକର କି ରତ୍ନାକର ଯେ
ବହି ଶିଖର ମେରୁଶିଖରୁ ରୁଚ ଆଭାସେ ଯେ ।
କେ ବୋଲେ ମିତ ବ୍ରଜକଳିତ ବାସବ-ବତ ହୋଏ ପ୍ରତୀତ
ମାରକତକ କଳ ମାନସେ ଯେ ।
ପଦ୍ମରାଗ-ପ୍ରଭା କରେ କି ରଞ୍ଜନ ଯେ ।
ପଦ୍ମରାଗ-ପ୍ରଭାକରେ କି ରଞ୍ଜନ ଯେ ।
କେ ବୋଲେ ନାରୀ ରତନ ସର କାନ୍ତି ଦଶନ ଓଷ୍ଠ ଗୃହରୀ
ହାସ ନୟନ ନଖ ଯତନ ଥିବାରୁ ଘେନ ଯେ ॥
କେ ଭଙ୍ଗୀ କରି କହେ ସୁନାରୀ ଉରଜପସରା କି ଘୁମୁର
ମିଳିଲେ ଧନ କରଜ ଗୋଜଦେବଇଁ ଲେଖି ଗୋ ।
ବାଗ୍ମୀ ଗୃହରୀ ବୋଲେ ତରୁଣୀ ସୁବର୍ଣ୍ଣ କାମ କାମକୁ କର
ନାଗରୀମଣି ଜାଣା ବକାତ ସଦା ଆମ୍ଭର ହେ ।
କରଜ ଡରେ ଲୁଚ ରହେ ସେ ବାସେ ଯେ ।
ତାକୁଧନ ମିଳିବ କାହିଁ କି ଆଶେ ଯେ ।
ରସିକ ଭାଷେ ତନୁ ସୁବର୍ଣ୍ଣ ଦେବାକୁ ନକ ନୁହ ଭାଜନ
ରତିତୁଳନା ନାହିଁ ବଚନ ନାଗରୀ ଭାଷେ ଯେ ॥
କେ ଗନ୍ଧବାଷ ପସରା ଦେଖି କୃଷ୍ଣଙ୍କୁ ଠାର ଦେଉଛୁ ଆକ୍ଷି
ଲକ୍ଷ୍ମୀ ଗଉରୀ ଶାରଦା ରତି କି ଶୋଭା ଦେଖ ଯେ ।
କୃଷ୍ଣ ଭାରତୀ ତାହାଙ୍କ ପତି ସଙ୍ଗରୁ ଛଡ଼ାଛଡ଼ି ନୁହନ୍ତି
ବର୍ତ୍ତର ବ୍ରହ୍ମ ଏବେହେଁ ଛନ୍ତି ନୁହତ ମୂର୍ଖ ଯେ ।
ଗୁଣ ଗୁଣୀଣ ସଖା ବୋଲେ ଜାଣିଲି ଯେ ।
ବଳଦେହୀ ଦୁର୍ଲ୍ଲଭ ଅଛନ୍ତି ମିଳି ଯେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କୃଷ୍ଣ ବୋଇଲେ ସୁରଭି ଅଛି ଅପୂର୍ବ ନୋହେ ପଦାର୍ଥ କିଛି
ସରଳଗନ୍ଧାମୋଦ ମାନସ ହରଣ ସ୍ଥଳୀ ଯେ ॥
ଏମନ୍ତ ଶୁଣି ବୋଲେ ରସିକା ଧନରୁଚିକି ଏକାନ୍ତ ବିକା ।
ଆନ ଜୀବିକା ନାହିଁ ଅଧିକା ଦେବ କି ନେବ ହେ ।
ବୋଇଲେ ହରି ବିକା ସୁନାସ୍ଥି ଯାଉଛି ହରି ଗୁମାନ କରି
କହି ଏପରି ନୋହେ ତ ହରିଭକ୍ତ କି ଦେବ ଯେ ।
   ଛଳ ଛଇଳୀ କହେ ଯେବେ ନ ଥିବ ଯେ ।
   ଉରଜ ରଞ୍ଜନ କିକରି ଦଶିବ ଯେ ।
ମୋ ବାଣୀ ଅର୍ଥ କଲଙ୍କ ବ୍ୟର୍ଥ ତବ କଥନ ହୋଇବ ସାର୍ଥ
ଭିନ୍ନ ପ୍ରଭାବ ମାନସେ ଭାବ କିପାଁ ନୋହିବ ଯେ ॥
ଜାଣି ଗୋବିନ୍ଦ ହେଲେ ଆନନ୍ଦ ଶ୍ରୀମୁଖ ଚନ୍ଦ୍ର ମୋହନଫାନ୍ଦ
ହୃଦକୁମୁଦ କରି ପ୍ରମୋଦ ସେଠାରୁ ଗଲେ ଯେ ।
ଗନ୍ଧିନୀ ଚାହିଁ କହନ୍ତି ରହି ସର୍ବଦା ମୁହିଁ ସୁମନା—ସ୍ନେହୀ
ଜାତିପଦ୍ମିନୀ ହୃଦରେ ବହି ଥିବାକୁ ଭଲେଁ ଯେ ।
   ଫୁଲକାଣ୍ଡ ବଣିଜ ପସରା ଦେଖି ଗୋ ।
   କିଛି ଦେବ ସୁମନ ଭାବ କି ଦେଖି ଗୋ ।
ଅଶୋକ ରଙ୍ଗିଣୀରେ ମନୀଷା କୁଟମାଳକୁ ବଳିଛି ଆଶା
କରୁଣା କର ପାରିଲେ ହେବା ଅତ୍ୟନ୍ତ ସୁଖୀ ଗୋ ॥
ଗନ୍ଧିନୀ ଗିର କି ଆଶେ ମୋର ହେବ ଦେବାର ଏତିକି କର
କଥା ବିସ୍ତର ରସିକସାର ନାଗରବର ହେ ।
କେତକୀ ଅଙ୍ଗୀକୃତ ଚକୁଛି ହେଲେ କି ବରଜିବ ମାଧୁରୀ
ସୁରଭି ମେଳ ହେବାରୁ ବରଭାବ ପ୍ରଚୁର ହେ ।
   କୃଷ୍ଣବାଣୀ ରସିକ ଲେଖା ଭ୍ରମରେ ଗୋ ।
   ହେବ କି ସୁଖ ବୋଲି ଛନ୍ତି ଭ୍ରମରେ ଗୋ ।
ଗନ୍ଧିନୀ ଦତ୍ତ କଳା ଉଦନ୍ତ ଗଣିକରେତ ମଧୁପର ତ
ଏ ଯେନ ଚିତ୍ତ ବଳିଛି ସତ ଯେନ ଆଦରେ ହେ ॥
ସୁମନସରେ ସୁମନସରେ ସୁମନଶରେ ସୁମନ ସରେ
ସେବା ସ୍ଥାନରେ ଲେଖା ସ୍ଥାନରେ ଯେ ।
ଶ୍ରୀ ନନ୍ଦକଣ୍ଠ ବାଚ ପ୍ରକଣ୍ଠ ଅଛିତ ଗଣ୍ଠ କେହି ଲମ୍ପଠ
ପ୍ରୀତିଚହଣ୍ଠ ହେଲେ ସଙ୍କଟ ହେବ ବ୍ୟଥିରେ ଗୋ ।
   ସଦା ମୋଦା ନିବାସରେ ମୋ ମାନସ ଯେ ।
   ବନ୍ଧୁଜୀବ ବନେ କି ହେବ ଉଲ୍ଲାସ ଯେ ॥
ରମଣୀଗିର ମଣି ତ ଗର ଭମ୍ବ କି କର କୁମୁଦିନୀର
ସୁମଧୁପର ପ୍ରୀତିପ୍ରଚୁର ନୋହେ କି ଭାଷ ଯେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶ୍ରୀ ବନମାଳୀ ବୋଇଲେ ଛଳ ଆଗୋ ଛଳଇ କୁନ୍ଦ ମାଧଳ
ଲୋକନେ କଳ ଏଥିକ ଭଳ ହେବ କେ ବଳ ଯେ ।
କର ଦୋହଦ କଦମ୍ବ ମୁଦ କୁରୁଣ୍ଟକଦ ହେଲେତ ଖେଦ
ହୋଇବ ଛେଦ ଆଉ ପ୍ରମୋଦ ନୋହିବ ଭାଳ ଯେ ।
    ନାଗ୍ରି କେହି ଦାସୀରେ ପ୍ରୀତକ ବହି ଯେ ।
    କେଉଁ ଦୋହଦେ କାହା ପ୍ରମୋଦ ବହି ଯେ ।
ପରସ୍ପରଣ ଚୁମ୍ବ ବଶେଷ କୋଳରେ ରସ ସୁମନାବଣ
ହେବ ବକାଶ ଛକାରେ ମୁଦ କ ଆଶେ କହି ଯେ ।
ଗୋବନ୍ଦ ଗିର ମାନସେ ସ୍ମର ମରୁ ଆକାର ଦାନ ଦେବାର
ପ୍ରୀତସଞ୍ଚାର ହେଉ ପ୍ରଚୁର ଲଳନାବର ଗୋ ।
ସୁଗନ୍ଧରଙ୍ଗେ ମାନସ ମନ୍ତ୍ରେ କରବୀରରେ ମନ ସୁମନ୍ତ୍ରେ
ଗ୍ରହଣ କର କେତେ ଗୃଭୁଣି ହେବ ବଚ୍ଚୁର ଯେ ।
    ଅନୁପମ କସ୍ତୁରୀ ଚନ୍ଦ୍ରକମାନେ ଯେ ।
    କାମ ପୂର୍ଣ୍ଣ ହେବ ତ ମନ୍ଦାର ଦାନେ ଯେ ।
ସ୍ଥିତ ବଭୃତ ଅଚ୍ଛର ସ୍ୱଚ୍ଛ ବରହଦାତ ଦେଖାଉଅଛ
ଏଥି ପଡ଼ିବା କାମନା ସତ ନୋହିବ ଧାନେ ଯେ ।
ବାସ ଭୂଷିତ ଦମନକତ ଛୁଇଁଅନାତ ପାଇବ ସତ ଦେଖି
ପାଟଳୀ ଯିବ ପା ଟଳ କେହି କାହାର ଗୋ ।
ତୁଳସୀରତ ଇଚ୍ଛେ କରତ ଅନୁପମାତ ଶିର ଭୂଷିତ
ସଦା ପ୍ରସନ୍ନ କାଞ୍ଚନ ତନୁ ଦାନରେ କର ଗୋ ।
    ବାଲୀ ବୋଲେ ଚମ୍ପାବରଣ ଉଜ୍ଜ୍ୱଳ ଗୋ ।
    ରସିଲେତ ଛଣ ବୋଲାଇବ ଭାଲ ଗୋ ।
ମଲ୍ଲିକା ମଧୁରେତ ନ ରସ ମଧୁପରତ ଯଶ ପ୍ରକାଶ
ପଦ୍ମିନୀ ବନେ କୁଟଜରଙ୍ଗ କେତେ ମଙ୍ଗଳ ଯେ ।
ବନତଗର୍ଭି-ରସଭାରତୀ ଶ୍ରବଣେ ମୁଦ ଗୋକୁଳପତ
ନାଗକେଶ୍ୱର ପାଦତଳକୁ ପକାଇ ଦେଲେ ଯେ ।
ମୁଁ କ ବନତ ଯୋଗ୍ୟ ଭାରତୀ କହି ଯୁବତୀ ପୁଷ୍ପ ସେବତୀ
ପାଦେ ଝଟିତ ଦେଇ ଏ କ୍ଷିତ କରବ ବୋଲେ ହେ ।
    ଆନନ୍ଦରେ ଗୋବନ୍ଦ ସେଠାରୁ ଗଲେ ଯେ ।
    ତାମ୍ବୁଲୀ ବାମାପସରା ପାଶେ ହେଲେ ଯେ ।
ବୋଇଲେ ପରା ଏ ନାଗ ବଲ୍ଲୀ ବଳାସି ନକ ହୋଇଲେ ଭୁଲ
ସୁଧାଂଶୁଯୋଗେ ରାଗ ଜନ୍ମାଇ ମହିଳା ଛଳେ ଯେ ।
ସେଠାରୁ ଯାଇ ପାଟରାଣୀଙ୍କି ବୋଇଲେ ତୁମ୍ଭେ ପାଟରାଣୀ କ
ସୁରାଗ ବାସ ଫିଟାଇ ଥରେ ଦେଖାଅ କନା ଗୋ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଯୁବତୀ ଗିର ସୁ-ବଚନର ବଣିଜ ମୋର ହରିତାମ୍ବର
ବିକା ପ୍ରଶ୍ନର ନେବ କି ସାର ଧନର ବିନା ହେ ।
ମହାଣ ବୋଲୁଅ ପରି ରସିକାରେ ହେ ।
ମହାଣ ଭ୍ରମ କି ତେଣୁ ରସିକାରେ ହେ ।
ହରି ବୋଇଲେ ବୋଇଲ ଭଲ ଦେଖିଲେ ସିନା କରିବା ମୂଲ
ଦିଆଇ ଦେଉ ନାହିଁତ କରି ବାସରେ ଥରେ ଗୋ ॥
କଂସାରୁଣୀକି ବୋଇଲେ ହସି ଭଲ ପାଇଲୁ ଅଦ୍ଭୁତ
ରସି ଭାଷେ ଯୋଷିତ ବଟା ବହୁତ ଏ ବଣିଜରେ ଯେ ।
ଶଙ୍ଖାରୁଣୀକି ବୋଇଲେ ଲୋଡ଼ା ଦେବ କି ଯଉବନ ବାହୁଡ଼ା
ଯୁବତି ଗିର ଦର କର ତା ବେପାର କରେଁ ହେ ।
ଗୁଡ଼ିଆଣୀକି ବୋଲୁଛନ୍ତି କହ୍ନାଇ ଯେ ।
ଆଗୋ ରସିକା ଗଜା ପରି ମଣଇଁ ଗୋ ।
ଯା ଗୁଡ଼କାନ୍ତି ସୀତା ପରିଧ୍ୟେ ମଣିଲ ମୁହିଁ ଉତ୍କଳମଧ୍ୟେ
ସେ ବୋଲେ ବିଧୁକେଳି ବଣିଜ ସର୍ବଦା ଥାଇ ଯେ ।
ରଙ୍ଗାଜୀବିକି ବୋଲନ୍ତି ଗିର ଚନ୍ଦ୍ରପଟଳ ବିଧିକି କରି
ସେ ବୋଲେ ଯୁବାବିକା ବଣିଜ ଏକା ମୋହର ଯେ ।
କାଚରାଣୀକି ବୋଲନ୍ତି ଗିର ରଙ୍ଗ ପଥରେ ବେପାର କର
ସେ ହାସେ ଭାଷେ ବରମାଳତ ଅଛି ସୁନ୍ଦର ହେ ।
ଶିଳ୍ପିକାରୀକି ପୁଣି କହୁଅଛନ୍ତି ଯେ ।
ସଦା ବାଞ୍ଛିତ କାଷ୍ଠାବଳୀ ମୂରତି ଯେ ।
ମଧୁରେ ହସି ବୋଲେ ବିବେକା ବିଚିତ୍ର କୃଷ୍ଣମୂରତି ବିକା
ବିନେ ଜୀବିକା ଆନ କଥାରେ ନ ରସେ ମତି ଯେ ॥
ବୋଇଲେ ପୁଣ ହସି ଗୋପୀଙ୍କି ମୋତେ ଗୋ-ରସ କିଛି ଦେବ କି
ସେ ଦେଲି କହି ଦେବା ଯେ ଦହି ପୂର୍ଣ୍ଣକାମରେ ଯେ ।
ବାଜିକାରୀକି ବାଚ ପ୍ରଶ୍ନର ଗୃହୀତ ସଦା ସୁମନସର
ନେବ କି ବାଣ ଦେବ କି ବାଣ ଏ ପ୍ରଶ୍ନୋତ୍ତର ଯେ ।
ଏହି ଲୋହବୃତ୍ତିକି କଲେ ବଞ୍ଚନା ଯେ ।
ମୁହିଁ ଆନ ନ ଦେବି କୃପାଣ ବିନା ଯେ ।
ସେ ବୋଲେ କପାଁ ଆକାର ନାଶ ତେମନ୍ତ ହେଲେ ହେବ କି ଯଶ
ଧନବିହୀନେ ପୂର୍ଣ୍ଣ ହୋଇବ କିକି କାମନା ଯେ ।
ଭାବର ମିତ ଶ୍ଳେଷେ କଥିତ ସିହାଣୀକି ତ ମିତ୍ର ଇଚ୍ଛିତ
ସୁଚିର କାମ କରଣେ କ୍ଷମ ହେବ କି ଭାଷ ଗୋ ।
ସେ ଭାଷେ ସୁଶେଯରେ ତ ଫୁଲ ପକାଇ ସୂଚିକମକୁ ଭଲ
କରିବାରେ ମୁଁ ସଦା ନିପୁଣ ତୋଷଇ କିସ ଯେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶ୍ୟାମ ସୁରାଗ ବାନା ଉଡ଼େ ଯତନେ ଯେ ।
ମୋହ ହେବେ ବିଚକ୍ଷ କାମରଞ୍ଜନେ ଯେ ।
ସୁରାଜସୁତା ବଶ ନ ହେଲେ ସୁକାମବୃତ ପ୍ରଶଂସା ମିଳେ
ରଙ୍ଗବାସରେ ବର ଆବେଶ ସହଜେ ମାନେ ଯେ ।
କେ ବୋଲୁଅଛୁ ବହୁ ଭଙ୍ଗିକି ବୋଲୁଅ ତୁମ୍ଭେ ଘଟପାଳକ
ବିବେକ ନେବା ଘନରସର ବ୍ୟବହାରକୁ ଯେ ।
ସେ ବୋଲେ ଚକ୍ରୀ ଭକ୍ତୁଁ କରତେ ଏ ଭାଣ୍ଡ ପଣ କର ଯୁଗତେ
ଅମୂଲ୍ୟପାତ୍ର ରୁଚିଲେ ନାଅ ଚାହିଁ ମନକୁ ଯେ ।
କେ ହସି ବୋଲେ ନାପିତାଣୀକି ଶୁଣ ଗୋ ।
ସୁରଙ୍ଗପଦକୀ କୃତରେ ନିପୁଣ ଗୋ ।
ସେ ସେହି ଭାଷେ ଛଳଲି ହାସେ ରାଗ ବଢୁଲା ବଣିକ ଆସେ
ସଦା ରଞ୍ଜନକାମିନୀ ପୁଣ ହେବାର ଜାଣ ହେ ।
କଲବର୍ତ୍ତୀକି ମାଧବ ଗିର କି ରାଜୀବର ବଣିଜ କର
ସେ ତହିଁ ଭାଷେ ଧୀବର-ପଦ ଆଶ୍ରିତ ଦାସୀ ଯେ ।
ଦେଖି ରଙ୍ଗିଣୀ ବୋଇଲେ ବାଣୀ କି ସୂତ୍ର ତନ୍ତୁବାୟିକାରଣୀ
ସେ ଭାଷେ ରାଜସୁତା ରାଗକୁ ସଦା ପ୍ରକାଶି ଯେ ।
ମଧୁ ସର୍ବଦା ରକ୍ଷା ପସରା ଗୃହେଁ ଯେ ।
ମଧୁସ୍ରବଦା ରକ୍ଷା ହେବ କି ଏହି ଯେ ।
ହରି ଭାରତୀ ଶୁଣି ଯୁବତୀ ବୋଲେ ଗ୍ରାହକ ଆଉ
ନାହାନ୍ତି ଶ୍ରୀପଦ ବିତ୍ତେ ଏ ବିକା ଯିବ ବହିତ ଏହି ଯେ ।
ନବନାଗର ପ୍ରେମସାଗର ପାଇବ ପାର କି କବିଷ୍ଠର
ଚିତ୍ତ ପୋତର ବଣିଜ ମୋର ତହିଁ ପ୍ରଚୁର ହେ ।
ପ୍ରେମ ପ୍ରଚୁର ରତନାକାର ପ୍ରାପ୍ତି ହେବାର ଇଚ୍ଛା ଅପାର
ବ୍ରଜ-ବନ୍ଦରବାସୀ ଦେବାର ଶୁଣିଛୁ ବୀର ହେ ।
ସାଧବେ ଏ ଦୀନକୁ ସଙ୍ଗତ କର ହେ ।
ସୁଗତ ମାର୍ଗରେ କରାଅ ସଂଚର ହେ ।
ଯେଉଁ ବଣିଜ ମହାଉଦ୍ଧବ ପାଇ ଅଚନ୍ତା ହେଲେ ଉଦ୍ଧବ
ତାହା ଦାୟକ ଶ୍ରୀରାଧାଧବ ପଦ ସୁନ୍ଦର ହେ ।
ଯେନ ରସିକ ଏ ଛନ୍ଦ ଟେକ ବିକ୍ଷବୋଧକ ଅଜ୍ଞବାଧକ
ରସୋଦଧିର ଫଳ ପ୍ରାପ୍ତିକ କର ବିବେକ ହେ ।
ବାହ୍ୟ କର୍କଶ ସୁଘନରସ ପୂର୍ଣ୍ଣ ବିଶେଷ ଭଙ୍ଗେ ମାନସ
ତୃଷା ବିନାଶ ହେବ ତା ବଶ ହେଲେ ଗ୍ରାହକ ହେ ।
ଏଥି ଶ୍ରମ କଲେ ଯାତନା ହେବ ବିନାଶ ହେ ।
କୃଷ୍ଣକଥା ଏ କର ଶ୍ରବଣ ଆଶ ହେ ।
ଦୀନ ସାମନ୍ତ ସିଂହାର ଚିତ୍ତ ରତି ନିରତ କଲି ରଚିତ
ଗୀତ ଯେନ ହେ ଧୃତ-ଧୀମନ୍ତ ନ ଯେନ ଦୋଷ ହେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଷଟ୍‌ପଦୀ ଛନ୍ଦ

ରାଗ—ଗଉଡ଼ି

ଏ ଉତ୍ତାରୁ ଶୁଣ ଧୀରେ । କୃଷ୍ଣ ବିଜୟ ସୁଧୀରେ ।
ସର୍ବସଖାକୁଳ ସହିତେ ଗୋକୁଳ ମିଳିଲେ ବନରେ ॥
କୃଷ୍ଣ କହନ୍ତି ରାମଙ୍କୁ । ନିଦ୍ରା ଘାରିଲା ଆମ୍ଭଙ୍କୁ ।
ଗୋଚାରଣ ପାଇଁ ଯାଅ ଆଗ ହୋଇ ଘେନାଇଁ ସଖାଙ୍କୁ ॥
ହସି ବୋଇଲେ ଶ୍ରୀରାମ । ଏକା ଥିବ କିଏ ଶ୍ୟାମ ।
ଥାଅ ହେ ସୁବଳ ହେ ମଧୁମଙ୍ଗଳ ଶ୍ରୀଦାମ ସୁଦାମ ॥
କୃଷ୍ଣ ବୋଇଲେ ବଚନ । ସ୍ତୋକ କୃଷ୍ଣ ଅର୍ଜୁନ ।
କିଙ୍କିଣୀ ମରନ୍ଦ ଆଦି ସଖାବୃନ୍ଦ ମୋ ବଚନ ମାନ ॥
ଯାଅ ଅଗ୍ରଜ ସଙ୍ଗରେ । ଗୋଚାରଣକୁ ରଙ୍ଗରେ ।
କ୍ଷଣେ ନିଦ୍ରା କରି ଦେଇ ଶ୍ରାନ୍ତି ସାରି ଯିବି ମୁଁ ବେଗରେ ॥
କହି ରହିଲେ ଶ୍ରୀହରି । ଗଲେ ପ୍ରଲମ୍ବଅରି ।
ଘେନି ଚାରି ମିତ୍ର ଗୋବିନ୍ଦ ଭ୍ରମନ୍ତି କାନନେ ବିହରି ।
ବନ ବନ ଉଦ୍ଦୀପନ । କାମ ମୋହନ ମୋହନ ।
ତରୁ ଲତା ପକ୍ଷୀ ଜୀବ ପୁଷ୍ପ ଦେଖି ବୋଇଲେ ବଚନ ॥
କହ କହ ପ୍ରାଣମିତ । ବନେ ଯିବି କି ଜୀବିତ ।
ପ୍ରେମଆରାଧିକା ମୋ-ବନ୍ଧୁ ରାଧିକା ପରାୟେ ପ୍ରଣୀତ ॥
କାନ୍ତି କେତକୀ କି ଦିଶେ । ମୃଦୁ ଶିରୀଷ ବିକାଶେ ।
ବଦନ କମଳ ନେତ୍ର ନୀଳୋତ୍ପଳ କି ମୁଦ ଆଭାସେ ॥
ଦେଖି ଅଧର ପ୍ରବାଳ । କୋକନଦ କରତାଳ ।
ଚରଣଯୁଗଳ ସୁସ୍ଥଳକମଳ ପରାୟେ ମଞ୍ଜୁଳ ॥
ଚାରୁ ସୁଚିବୁକ ତୁଲ । ମାନଅଛୁ ମୁନିଫୁଲ ।
ଉରଜ ସ୍ତବକ ଗଣ୍ଡୁତ ମଧୁକ ଉପମା କି ଭଲ ॥
ବାଳ ସୁତମାଳଦଳ । ନଖ ନିଆଳୀ କି ଭାଳ ।
ପାଟଳୀକୁସୁମ ଶ୍ରବଣ ସୁଷମ କୁନ୍ଦ ଦନ୍ତକୁଳ ॥
ନାକ ଶୁକଚଞ୍ଚୁ ଟେକ । ବାଣୀ ପ୍ରତେପିକ ଡାକ ।
ହେବ ପୂର୍ଣ୍ଣିକାମ ବାହୁଚମ୍ପାଦାମ ଦେବ କି ବିବେକ ॥
ମିତ ବୋଇଲେ ଉତ୍ତର । କାହିଁ ପାଇଁକି କାତର ।
ସର୍ବ ଲୋକଶ୍ରୀ ଏ ବନରେ ପୂରି ଅଛନ୍ତି ବିସ୍ତର ॥
ସବୁ ସୁଖ ଅନୁଭବ । ଏହି ବନରେ ପାଇବ ।
ବୋଇଲେ ଶ୍ରୀହରି ସାକ୍ଷ୍ୟ ଲକ୍ଷ୍ୟ କରି ଦେଖାଇ କି ଦେବ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ମଧୁ ବୋଇଲା ହେ ଦେଖ । ଶଶୀ ଦେଉଛି କି ସୁଖ ।
ରମ୍ଭା ଐରାବତ ବାସବ ଜୟନ୍ତ ସ୍ୱର୍ଗ କି ନ ଲେଖ ॥
ବୋଲେ ସୁବଳ ଏ ଗିରି । ଦେଖ ଏ କରୁଣାକର ।
ଅଛନ୍ତି କମଳା ସଙ୍ଗତେ ବିମଳା ଏଣୁ ବିଷ୍ଣୁପୁର ॥
ରୁଦ୍ରାକ୍ଷ ତହିଁ ଦିଶୁଛି । ଶିବା ସଙ୍ଗତରେ ଅଛି ।
ନନ୍ଦୀ ମହାକାଳ ବୃଷସ୍କନ୍ଦ ମେଳ କୈଳାସ ମଣୁଛି ॥
ନାଗେଶ୍ୱର ବିରାଜଇ । ବରକୁଣ୍ଡଳ ଅଛନ୍ତି ।
ଅକଳ୍ପିତ ବଳ ଭାର୍ଗବହିଁ ମିଳି ଅଧି ଆଭାସଇ ॥
ସୋମ ସୂର୍ଯ୍ୟ ସୁମନ୍ଦାର । ବୁଧତାରକ ନିକର ।
ତମାଲ ବିପ୍ରଭା ପୁରୁ ଅତି ଶୋଭା ଯେନ ଗ୍ରହପୁର ॥
ମୁନିକଦମ୍ବେ ବିବେକ । ବୋଧିବାରେ ଶୁକ ବାକ୍ୟ ।
ଦେଖିବାରୁ ତର୍କି ନୈମିଷାରଣ୍ୟ କି ଆନନ୍ଦ ଦାୟକ ॥
ସିନ୍ଧୁ ବାରେ ମଧ୍ୟଗତେ । ଅଛି ବରହ୍ମୀ ଯୁଗତେ ।
ବରୁଣ ସଙ୍ଗତେ ସୁଶୀତ ବିଦିତେ ରତ୍ନାକର ପ୍ରତେ ॥
ଶୂଳୀପ୍ରିୟହିଁ ଥିବାରେ । ଯେନ ଅଲକା ପ୍ରକାରେ ।
ଶ୍ରୀହରି କଥିତ ମର୍ତ୍ତ୍ୟର ଚରିତ ଦେଖ ମିତ ଥରେ ॥
ବୋଲେ ଶ୍ରୀଦାମ କି ଶୋଭା । ବର କନ୍ୟାଙ୍କର ବିଭା ।
ବରଜାତି ଫଳ ହୋଇଛି ସୁଫଳ ଉତ୍ସବ କି ଶୋଭା ॥
ଶତ ଶତ ଭିରୁ ସ୍ଥିତ । ବାଜିସୁବାସରେ ଯୁକ୍ତ ।
ଗଜ କୃଷ୍ଣଦାସ ରଞ୍ଜନେ ବିଶେଷ ଚନ୍ଦ୍ରକହିଁ ବ୍ୟକ୍ତ ॥
ତାଳ ତାଳସ ହିଁ ଅଛି । ତାଳମୂଳୀ ବିରାଜିଛି ।
ସୁମଧୁର ଭେରୁ ବାଜିବାରୁ ଶ୍ରୁତି କି ସୁଖ ହେଉଛି ॥
ମିତ ବୋଲେ ଦେଖ ରଙ୍ଗ । ସୁମନାକୁ ଚୁମ୍ବେ ଭୃଙ୍ଗ ।
ପରଭୃତ ଗିର ପଞ୍ଚମ ପ୍ରସ୍ୱର ବନ୍ଦନରେ ଯୋଗ ॥
ରାଜବିଭୂତି ବିସ୍ତର । କଞ୍ଚୁକିନରେ ସୁନ୍ଦର ।
ଲକ୍ଷ୍ମୀ ଯହିଁସ୍ଥିତ କିବା ନାହିଁ ତଥି ଦେଖ ଭଦ୍ରସାର ।
ଦନ୍ତି ଘୋଟକ ଅମାପ । ଗଣୀ ସୁମନା କଳାପ ।
ଦାସୀ ଅପ୍ରମିତ ହୋଇଛନ୍ତି ଯୁତ ଅଛି କି ବିକଳ୍ପ ॥
ବର ନାଗର ବିସ୍ତୃତୁ । କାନ୍ତା ସୁମନା ମେଳରୁ ।
ବର ବିଟପୀର ରାଜ ହୋଇବାର କେ ତୁଳନା କରୁ ॥
ଦେବଦାରୁ ଦେଖ ତୁଷ୍ଟି । ବ୍ରହ୍ମଦଣ୍ଡିବାରୁ ପୁଷ୍ଟି !
ଶ୍ରୀପୁରୁଷୋତ୍ତମ ବିଳାସ ସୁଷମ ହୋଇବ ବଶୀଷ୍ଟି ॥
ବିଭାସୁଁ ନାଶିଯିବ ଏ । ରୁଚିବାସଙ୍ଗେ ଉଦୟେ ।
ମୃଣାଳର ସଙ୍ଗେ ବିରଶାଖା ଲାଗେ ରଙ୍ଗୀତ ପତ୍ରୟେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବେଢ କରି ତରୁଣୀଙ୍କୁ । ଚାମର ଏତ ଶୋଭାକୁ ।
ତାଳବୃନ୍ତମାନ ଖଦିର ଚାଳନ ନୀତ ପ୍ରଭାବକୁ ॥
ସେ ନଗରେ ସୁମନସେ । ଏ ନଗରେ ସୁମନ ସେ ।
ସେ ଭୁବନେ ଜାତ ପଦ୍ମିନୀ ଅଛନ୍ତି ଏଥିରେ ସ୍ଥିତ ସେ ॥
ନତସାମନ୍ତ ବ୍ରତତୀ । ତଥି ଏଥି ସେ ଅଛନ୍ତି ।
ଗଣିକା ସୁମନା ଦୁଇଠାରେ ସିନା ମୁଦକୁ ବଢ଼ାନ୍ତି ॥
ବରବରେ ତ ବରାହ । କେଳି ଦୁଇଠାରେ ଉହ୍ୟ ।
ରସାଳବିଟପୀ ତଥି ଏଥି ବ୍ୟାପି ନାହାନ୍ତି କି କହ ॥
ତଥି ମାଗଧ ସଂଚର । ଏଥି ମାଗଧ ପ୍ରଚର ।
ତଥି ନେଏ କର ଏଥି ବେଏକର ଥିବାର ବିଚର ॥
ବିତ୍ତପତି ତହିଁ କେତେ । ବିତପତି ଏଥି ଯେତେ ।
ବିତପତି ହେବ ଏଥି କଲେ ଭାବ ନ ବିଚର ଚିତ୍ତେ ॥
ମିତ କେତେମତେ ହସ । ଅନଙ୍ଗର କୋଳ କସ ।
ବୋଇଲେ ସୁମନା ବନା ମୋ କାମନା ପୂର୍ଣ୍ଣିକୁ କେ ସର ॥
ହସି ବୋଇଲା ମାଧବ । ତୁମ୍ଭେ ବୋଲାଅ ମାଧବ ।
ହେଲାଣି ମାଧବ ଶ୍ରୀମୂରତି ଧବ ଅବଶ୍ୟ ହୋଇବ ॥
ହରବାକ୍ୟ ଜୀବ ଯିବ । ଆନଜନ୍ମେ ସିନା ହେବ ।
ଶ୍ରବଣେ ଏ ଭାଷ ମିତ ଲଭି ତ୍ରାସ ବୋଲେ ଏକ ଭାବ ॥
ଧୀରେ ମେରୁ ତ ଅଲକ୍ଷ । ସିନ୍ଧୁ ଗଭୀର ପ୍ରତ୍ୟକ୍ଷ ।
ମନ କଲେ ବଶ ହେବ ଚତୁର୍ଦ୍ଦଶ ନାଗରୀଏ ଦକ୍ଷ ॥
ଆସି ଦେଖାଇବ ଆଜ । ଶୁଣି ମୁଦ ଦେବରାଜ ।
ସଖା ସଙ୍ଗେ ରଙ୍ଗେ ବିଜେ ତରି ସଙ୍ଗେ ମୋହନମନୋଜ ॥
ଧନୀ ମିଏ ପୂଜା ଆସେ । ଦେଖି ଭ୍ରମ ବେନି ତୋଷେ ।
ପରସ୍ପରେ ପ୍ରଭା ପ୍ରତିବିମ୍ବ ଶୋଭା କହିତ ନ ଆସେ ॥
ଉମା ହର ହେଲା ଏ କି । ବିଭେଦତା ନୋହେ ତର୍କି ।
ଏ କାଳରେ ରାମ ଡାକିଲେ ହେ ଶ୍ୟାମ ନ ଆସ କାହିଁକି ॥
ବିରହଦୁଃଖ ପବ ପାତ । ଶ୍ରେଷ୍ଠ ତହିଁରୁ ଥିଲାତ ।
ମୁଦ ସିନ୍ଧୁପାନେ ଘଟଜ ସମାନେ ରାମ ଡାକିବାତ ॥
ପ୍ରେମଭଙ୍ଗେ ହରି ଗଲେ । ସଖା ଅଗ୍ରଜେ ଭେଟିଲେ ।
ଧନିଷ୍ଠା ପୀୟୂଷ ଆଣିଥିଲେ ତ୍ରାସ ମିଳି ସର୍ବେ କଲେ ॥
ଯେବେ ସାଧବେ ଏ ରସ । ହେବ ମାନସ ଉଲ୍ଲାସ ।
ଦୀନ ଅଭିମନ୍ୟୁ ଚିନ୍ତେ ରାମ କାହ୍ନୁଶ୍ରୀପଦ ସାରସ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସପ୍ତଷଷ୍ଠୀ ଛନ୍ଦ

କଳାକାଇଁର ବାଣୀରେ ଗାଇବ

ରାଗ—ଜୟନ୍ତ

ଧୀରେ ଧେନ କାନନରେ କୃଷ୍ଣ ବଳମିତ ।
ବାତ୍ସଲ୍ୟ ମମତା ଧେନ ଭଲୁଛନ୍ତ ମାତ । କଳାମାଣିକ ରେ ।
ନଧନ ଶଙ୍ଖାଳି ମୋର ଦରଦ୍ରପସରା ।
ଅନ୍ଧ ଲଉଡ ବାବୁ ରେ ହୃଦରତ୍ନ ହାର । କଳାମାଣିକରେ ।
ମୋ ଜୀବ-ଜୀବନ ତୁହିଁ ନୟନ ପ୍ରତିମା ।
ତୋତେ କ ପାସୋର ହେବ ମୋର ସୁଖସୀମା । କଳାମାଣିକ ରେ । ଧ୍ରୁ ।

ଡରୁଥାଇ ଅନ୍ଧାରକୁ ରଖି ଯାଉ ଗୋରୁ ।
ଜନକ ଜନନୀ ସୁଖ କାହିଁ ପାଇଁ ସାରୁ ।
ବୃଦ୍ଧକାଳେ ତୁ ମୋହର ଏକଇ ନନ୍ଦନ ।
ହୃଦତାପ ବିନାଶନେ ତୁ ହରିଚନ୍ଦନ ।
ଗୋଟିକା ଅଧାମ ଘର ନ ରୁଚଇ ତୋତେ ।
ନାଚ ଲଖି ମାଗୁଥାଉ ଲବଣୀ କେମନ୍ତେ ।
ତୋଳ ମୁଁ ଧଇଲେ ଗୋଳ ହୋଇଯାଉ ତୁହି ।
ତୋ ଦୁର୍ବଳ ଦେଖି କାହିଁ ପଶିବଇଁ ମୁହିଁ ।
ଡାକନୀ ଲୋଭନ୍ତ ବୋଲି ଡରୁଥାଇଁ ମନେ ।
ବାର ବାର ବାରୁଥାଇଁ ଯିବାପାଇଁ ବନେ ।
ନଶାଚର ମାଡବାର ଶୁଭୁଛି ଶ୍ରୁତକ ।
ମୁଁ ଡକ୍କଣୀ ଛଡ଼ିଦେଇ ବନକୁ କାହିଁକ ।
ଝାଳ ବହୁଥିବ ଅଙ୍ଗ ଲାଗି ଝାଙ୍କିଖର ।
ଶ୍ରମ ପାଇ ତରୁତଳେ ବସିଥିବୁ ପଶି ।
ନେଲୁ ନାହିଁ କାହିଁପାଇଁ ତୋ କଠାଉ ଛତା ।
ବନେ କଣ୍ଟା ଲାଗି ହୋଏ ମୃଦୁ ପାଦ ତନ୍ତା ।
କାନ ଡେରିଥାଇଁ ଏକା ତୋ ବେଣୁ ଗୀତକୁ ।
ଆଜ କପାଁ ଶୁଭୁ ନାହିଁ ଭାବୁଛି ମନକୁ ।
ତୋଠାରୁ ଅଧିକ ବାଇ ତୋର ବଡ଼ଭାଇ ।
ବୋଧ କରିଗଲା ନାହିଁ କାହିଁକି ରଖାଇ ।
ତୋ ମାଧୁରୀ ସୁଗୃତୁରୀ ଦେଖି ସୁଖୀ ଆଖି ।
ଅନ୍ଧ କରିଗଲୁ ବଳା କ ମମତା ରଖି ।
ଛଇଳ ଅନାଇ ଛତ ଫୁଲଇ ବିଭଙ୍ଗେ ।
ମୁରଲୀ ବଜାଉଥାଉ କି ଚୃତୁରୀ ରଙ୍ଗେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କୋଳପାଇଁ ଅଳି କରି ଗଡ଼ୁଥୁ ଧୂଳିରେ ।
ବେଶ ହୋଇଥାଉ ରସି କୁସୁମମାଳରେ ॥
ନଟବର ପରିପାଟୀବେଶ ମନୋହର ।
ରଙ୍ଗିମା ଅଧରେ ହାସ କି ଜାତ ସୁନ୍ଦର ॥
ନୟନସୁନ୍ଦର ମାନେ ଭ୍ରୂଲତା ନାଟକୁ ।
ଅଳକା ଆବୃତ ଶୋଭି ଲଲାଟପଟକୁ ॥
ନାକେ କାବ୍ୟତାର ମୋତିବଶଣୀ କି ଶୋଭା ।
ମୋ ଆଖି ଦେଖିବା ପାଇଁ ନରବଧି ଲୋଭ ॥
ମକର କୁଣ୍ଡଳ ଯୁଗ ଆନ୍ଦୋଳେ ଗଣ୍ଡରେ ।
ଦେଖି ଆନନ୍ଦରେ ଭାଷା ନ ଆସେ ତୁଣ୍ଡରେ ॥
ଗୁଞ୍ଜବେଢ଼ା ବାଙ୍କଚୂଡ଼ା ଖୋଷା ଜାମୁଡାଳ ।
କି ସୁନ୍ଦର ଦିଶୁଥାଇ ଆସୁଁ ଚଳ ଚଳ ॥
କେଡ଼େ ସ୍ୱଚ୍ଛ କେକିପୁଚ୍ଛ ସୁଗୁଞ୍ଜାପାନ୍ତି ।
ଆସିବ କାହା ପାଟିକି ତେତେ ପରିପାଟି ॥
କସ୍ତୁରୀତିଳକ ନାସେ ଭାଲେ ଗୋରଚନା ।
ଭାଲରେ ଚନ୍ଦନପାଟି ମନବଶସିନା ॥
ରଙ୍ଗମାଟି କି ରଙ୍ଗରେ ହୃଦରେ ଚର୍ଚ୍ଚିତ ।
କଉସ୍ତୁଭ ବନମାଳ ସୁଷମା ବଢନ୍ତ ॥
କାଞ୍ଚଣ କଙ୍କଣ କରେ କଟିରେ କିଙ୍କିଣୀ ।
ନୂପୁର ଶବଦ ମୋର ମନ ନିଏ କିଣି ॥
ସୁନ୍ଦର ଛନ୍ଦର ଭଙ୍ଗୀ ନ ଦେଖି ତୋହର ।
ବାଇବୁଦ୍ଧି ହୋଇଲାଣି ଆମିତ ମୋହର ॥
କଣ୍ଠା କରଥିଲୁ ପରା କାହିଁକି ନଇଲୁ ।
କାହା ସଙ୍ଗତରେ ଅବା ପୁଣି କଳି କଲୁ ॥
କି ଦୂରବନକୁ ଗଲୁ ତଥ୍ୟ ନ ଜାଣିଲି ।
ମୁଁ ପାପିଣୀ କାହିଁପାଇଁ ତୋ-ସଙ୍ଗେ ନ ଗଲି ॥
ରବିକର ଶୃଙ୍ଗୁଁ ଅଛୁ କ୍ଷତମୃଗୀପରି ।
ଦିନ ସରୁ ନାହିଁ ଲବ ହେଲା ଯୁଗ ସରି ॥
କେ ଯାଇଁ କହନ୍ତା ତୋତେ ମୋହର ବେଦନା ।
ଅବଶ୍ୟ ହୁଅନ୍ତୁ ତୁହି ମାତା-ସ୍ନେହ-ଧେନା ॥
ଦଉଡ଼ିଯିବ କି ବନେ ହେଉଛୁ ଆତୁର ।
ପୟୋଧରୁ କ୍ଷୀର ସ୍ରବିପଡ଼େ ଧାରଧାର ॥
ମନ ଛନ୍ନଛନ୍ନ ବନ ନେଏଁ ନ ରହିଲା ।
ତୋ ଅଇଲା ପଥ ଛାଇ ମୋତେ ଉଚେ ହେଲା ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଖଡମାଳେ ସୁଡମାଳେ ରହିଲା ନୟନ ।
କୁଞ୍ଚିତଭ୍ରୁଷାରେ ମୋର ବନ୍ଦୀ ହେଲା କାନ ॥
ଅନେକ ଆପଦୁଁ ତୋତେ ରଖିଲେ ଅମ୍ବିକା ।
ନାମ ଦେଇଅଛୁ କାହ୍ନୁ କହୁଥା କଣା ବକା ॥
ଅପଢ୍ୟାଣି ବୋଲି ମୁଁ ବନ୍ଧାଇ ନାକ କାନ ।
ଖଞ୍ଜିଲି ବଣଣୀ ବାଲିଲୋକନେ ଶୋଭନ ॥
ମନ୍ଦଦୃଷ୍ଟି ନ ବାଧିବ ବପୁରେ ମୋହର ।
କଳାବିନ୍ଦୁ ଦେଇଥାଇଁ କପାଳେ ତୋହର ॥
ଗୋ ରଜ ଲେପଇଁ ଅଙ୍ଗେ ଆପଦ ହରଣେ ।
ପାଦରଜ ଦେଉଥାନ୍ତି ବୃଦ୍ଧଗୋପୀଗଣେ ॥
ରଙ୍ଗକାଛ ନ ଦିଅଇଁ ଡାକିନୀଙ୍କି ଡରି ।
ଭିକ୍ଷୁ ବେଶ କରିଥାଇ ଲୋଭିକୁ ନ ବାରି ।
କୋଳେ ଶୋଇଥାଉ ନନ୍ଦ ଭଙ୍ଗିଗଲେ ତୋର ।
ଚମକ ମୋ ଗଲା ଛନ୍ଦ ଡାକୁ ମାତା ଗିର ॥
ଏମନ୍ତ ନନ୍ଦନ ପୁଣି ବନବାସୀ ହେବ ।
ଜନନୀ ଜୀବନ ଧରି କେକରି ରହିବ ॥
କାହାକୁ କ ସୁଡ ଦେଇ ନାହିଁ ରେ ଦଇବ ।
ତୋପରି ଅବୁଝା ପୁଣି କେ କାହିଁକି ହେବ ॥
ବିଭ୍ରମରେ ସନ୍ନିକଟ ଦୂର ନ ଜାଣିଲେ ।
ଆସ ବାପ ଭଇ ଧନ ଛଇକ ବୋଇଲେ ॥
ଅୟୃନେ ନୟନ ଦେଲେ ଦଉଡ଼ି ଦାଣ୍ତୁକୁ ।
ହୃଦେ କର ମାରି ଯତ୍ନ ନ କଲେ ପିଣ୍ତୁକୁ ।
ରୋହିଣୀ ବାରରେ ଆସ କହି ବୋଧ କରି ।
ଧୀରେ ଧେନ ଏ ବାତ୍ସଲ୍ୟ ବଚନ ମାଧୁରୀ । କଳାମାଣିକ ରେ ।
ସାମନ୍ତସିଂହାର ଦୀନ କରୁଛି କାମନା ।
କୃଷ୍ଣପ୍ରେମରସ ବନା ହୋଇବ ଭାବନା । କଳାମାଣିକ ରେ ।

ଭ୍ରନସପ୍ତଚ ଛନ୍ଦ

ରାଗ—ଶୋକକାମୋଦୀ

ବ୍ୟଥିତ କଥିତ ଧନୀ ଗିର । ମିତ ମୋତେ ପ୍ରତୀକାର କର ।
ଲୋଭୀ କୃପଣକୁ ଆଶାୟିପଣକୁ କୃଷ୍ଣ ପ୍ରୀତିକଲା ପରଚ୍ଛର ଗୋ । ପ୍ରାଣସଦ୍ର ।
ଶ୍ଳେଷ୍ମରୋଗୀବତ ତୃଷ୍ଣା ଅଛି ବହି ଗୋ ।
ପିତ୍ତରୋଗୀବତ ଉନ୍ମାଦକୀ ମୁହିଁ ଗୋ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପୀରତିର ପୁଣି ଏଡ଼େ ଗୁଣ । କେ ଜାଣିଥିଲା କି ମନେ ପୁଣ ।
କ୍ଷଣକେ ବୁଡ଼ାଏ କ୍ଷଣକେ ପୋଡ଼ାଏ ଲୌହକାର ସଣ୍ଢ଼ଆସି ଗୁଣ ଗୋ । ପ୍ରାଣମିତ ।
ଚିତ୍ତବୃତ୍ତି ହେଲା ଭୂତଗ୍ରସ୍ତ ବତ ଗୋ ।
ପ୍ରାଣ ସ୍ଥିତ ଧୂମଗତ ଅହିବତ ଗୋ ॥

ନ ଛାଡ଼ିଲେ ଆଉ ଗତି ନାହିଁ । ଛାଡ଼ିଲେତ ଛାଡ଼ି ହେଲା ନାହିଁ ।
ବୃଚନ୍ଦ୍ରାଙ୍କୁ ନାଗ ଧରଇଲା ଦୁର୍ଯୋଗ ଦଇବ ସମ୍ବାଦ ଥିଲା କାହିଁ ଗୋ । ପ୍ରାଣସହି ।
ସୁଧାଟଖା ରାହୁ ପରି ହେଲ ମୁହିଁ ଗୋ ।
ଭଗ୍ନପୋତ କାକଗତି ଅଛି ବହି ଗୋ ॥

ଯହିଁରେ ପଡ଼ିଲା ମନ୍ଦ ଆକ୍ଷି । ସେହି କରାଇଲା ମୋତେ ଦୁଃଖୀ ।
ନଭେ କଳାଘନ ଭୂ-ରେ ପାଦ ତନ୍ନ ଗୃହଦ୍ୱାରରେ ତମାଳ ଶାଖୀ ଗୋ । ପ୍ରାଣମିତ ।
ଇନ୍ଦ୍ରଜାଲକ ଶ୍ୟାମ ପୀରତି ସତ ଗୋ ।
ଦଶେ ଦଶେ ସୁଭୂମିକା ପରତୀତ ଗୋ ॥

ପାପୀ ଶ୍ରୁତି ହେଲା ମୋ ଭଗାରି । ବଂଶୀନାଦ ଶୁଣିବାରୁ କରି ।
ସୁଖ ଦୁଃଖ ଜ୍ଞାନ ତପ୍ରେକ୍ଷ ଚର୍ବିତ ହେଲାବେଳେ ହୋଏ ଯେଉଁପରି ଗୋ । ପ୍ରିୟଅଳି ।
ନାସା ଗନ୍ଧ ଆଶା ନ ପାଇଲା ବଳି ଗୋ ।
ହେଲା କେତକୀ ପତନଅଳି-ଭଳି ଗୋ ॥

ଶୁଣିଲା କଥାକୁ ନ ଜାଣିଲି । ଦେଖୁଥିଲେ ଚହ୍ନି ନ ପାରଇ ।
ହେଲେହେଁ ପ୍ରମତ୍ତ ମାଦକୀ ସଂଜାତ ଶୁଣି ପୁଣି ତହିଁ ଲୋଭ କଲି ଗୋ । ସଖୀଗଣ ।
ଶ୍ୟାମଶୋଭା କରାଇଲା ବାଇପଣ ଗୋ ।
କହ ଏଥିକି କେ କି ଉପାୟ ଜାଣ ଗୋ ॥

ବୋଲିବ ଅବା ପୀରତି କରି । କେହି ହେଉ ନାହିଁ ଗୁମ୍ଫ ପରି ।
ଛାଡ଼ିଲେ ଜୀବନ ଛାଡ଼ିବ ଜୀବନ କେହି କିକି ଆଉ ମୀନ ସରି ଗୋ । ସଖୀବ୍ରାତ ।
ଦ୍ରବ୍ୟ ଦେଖିଲେତ କ୍ଷୁଧା ନୋହେ ହତ ଗୋ ।
ସ୍ତୋକ ମୁଦ କି ହୃଥିଇ କେକୀବତ ଗୋ ॥

ଶ୍ୟାମ ଶୋଭା ଗୁଣ ଭଙ୍ଗୀପ୍ରେମ । ବଂଶୀନାଦ ଆଦି ହେଲେ ବାମ ।
ଅଗ୍ନିକି ପବନ ସପକ୍ଷ ସମାନ ବଳ ପାଇଲା ଭଗାରି କାମ ଗୋ । ସଖୀବୃନ୍ଦ ।
ବେଡ଼ି ଥାଣନ୍ତି ମନକୁ ଦଶାପୁଞ୍ଜ ଗୋ ।
ଜନ୍ଦା-ମନ୍ଦା ପାତକୀ ଝିଙ୍କାରି ହେଜ ଗୋ ॥

ବୋଲିବ ବା ପ୍ରୀତି ହେଲେ ହେଉ । ହୋଇ ନ ପାରିଲେ ଛାଡ଼ ଯାଉ ।
ଭୃଙ୍ଗ କଞ୍ଜ କୋଷେ ବନ୍ଦୀ ହୋଏ କି ସେ ମଲେହେଁ ପୋଡ଼ିଯାଏ କି ଆଉ ଗୋ ।
ସଖୀକୁଳେ ।
ଅଗ୍ନି ଜାଳକରି ବାସ ଭାଙ୍ଗି ଦେଲେ ଗୋ ।
ସରଘା କି ମଧୁ ଆଶ ଛାଡ଼େ ତଳେ ଗୋ ॥

ବୋଲିବ ବା ଅବା ଅନୁଭବୀ । ରୀତ କାହିଁକି ମରୁଛୁ ଭାବି ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଜୀବ ପରମର ପୀରତି ବିଶ୍ୱର ଅଗ୍ରୁଁ ବୋଲିଛନ୍ତି ମହାକବି ଗୋ । ସୁସଙ୍ଗିନି ।
ଦେଖ ଆକ୍ଷିକି ଆକ୍ଷି ନ ଥାଇ ଚହ୍ନି ଗୋ ।
ପରିଚୟ ଯେନାଯେନ ଯେନ ବେନି ଗୋ ॥
ବୋଲିବ ଶ୍ୟାମ ନ କଲେ ପ୍ରୀତି । ତୁମ୍ଭେ କିପାଁ ବଳାଉଛ ମତି ।
ମିତ୍ର ଅନାଦର କଲେ ପଦ୍ମିନୀର ସଂସାରେ ଆଉ ତ ନାହିଁ ଗତି ଗୋ । ମିତଯୁତି ।
ଶ୍ୟାମ ବନ୍ଧୁ ମୁହିଁ କୁମୁଦିନୀ ସତି ଗୋ ।
ଯାହା ଯେନ ଯାହା ସୁଖ ଏଥି ତନ୍ତ୍ର ଗୋ ।
ବୋଲିବ ପ୍ରୀତିରେ ବଡ଼ ବାଧ । ଏଥିରେ କିପାଁ ବଳିଛ ସଧ ।
ସ୍ତୋକ ଘନ ଆଶ ଛାଡ଼ିଲ୍ କି ଭାଷ କୁଳଶେ ଆହ୍ୱର ହେଉ ବଧ ଗୋ । ସଖୀଗଣ ।
ଅହି ଯଦ୍ୟପି ଭକ୍ଷିବ ସମୀରଣ ଗୋ ।
ନ ବହିବ କି ମଳୟାଚଳେ ପୁଣ ଗୋ ॥
ବୋଲ ବା ନୁହନ୍ତି ସେ ତୁମ୍ଭର । ତୁମ୍ଭେ କିପାଁ ନିଷ୍ଠା ଏଡ଼େ କର ।
ଲହରୀ ସିନ୍ଧୁର ସିନ୍ଧୁ ଲହରୀର କେ ବୋଲଇ ଏହା ମନେ କର ଗୋ । ସଖିଶ୍ରେଣୀ ।
କାନ୍ତା ବୋଲାଏ କାନ୍ତର ସିନା ପୁଣି ଗୋ ।
ଗଛ ନାମରେ ବିକାଏ ଫୁଲ ଜାଣି ଗୋ ॥
ଦଳିବପୁରୁଷ କି ନିଗୁଣ । ଦେଇ ଭୁଞ୍ଜିବାକୁ ସୁଧାରସ ।
କଲାବେଳେ ଗ୍ରାସ ପକାଇ ପାଉଁଶ ପ୍ରହାରିଲା ପୁଣି ସେ କୁଳଶ ଗୋ । ସଖୀଚୟ ।
ମନ ଲୋଭ ଅଗ୍ନିକି ପତଙ୍ଗ ପ୍ରାୟ ଗୋ ।
ଦେହ ଜଳିଲେ ଆଶା ନୋହିଲା କ୍ଷୟ ଗୋ ॥
ଅତିଶୟ ବଧ କଲେ ସେହି । ଛାଡ଼ିବାର କଥା ହେବ କେହି ।
ଯୋଡ଼ାଏ ବୁଡ଼ାଏ ଯେବେ ଧନଚୟେ ପାଣି ପାବକ ନ ଛାଡ଼େ କେହି ଗୋ । ସଖୀବାର
ଅଗ୍ନିବାରିଦ ସଂଯୋଗ ପରକାର ଗୋ ।
ଦୁହେଁ ଶେଷ ହୋନ୍ତି ନୋହେ ବାଉବାର ଗୋ ॥
କଣ୍ଠାଇ ଖେଳିଲା କାଳୁଁ ମୋତେ । ଅନୁସରିଥିଲେ କେତେମତେ ।
ସାହୁ ଧନେ ଋଣୀ ଦରିଦ୍ରପରାଣୀ ପରାୟେ ହୋଇଲି ଅବିରତେ ଗୋ । ମିତେ ଚନ୍ଦ୍ର ।
ଲାଗିଛନ୍ତି କାମପ୍ରେମ ବଇର ତ ଗୋ ।
ହେଲା ଦକଦକ ନିରବଧି ଚିତ୍ତ ଗୋ ॥
ନାଗର ସାଗର ବୋଲି ମୁହିଁ । ପ୍ରେମପୋତ ମେଲିଥିଲି ତହିଁ ।
ଦୁର୍ଯୋଗ ବତାସ ଉଡ଼ାଉଛି ଆଶ ତୀରତରୁ ପର ଅଛି ରହି ଗୋ । ସୁସଙ୍ଗିନି ।
ମିତ୍ର କାନ୍ତ ଥାଉଁ ପଦ୍ମ ହିମେ ମ୍ଳାନ ଗୋ ।
କର୍ମଦୋଷ କେବେହେଁ ନୁହଇ ହାନି ଗୋ ॥
ଯମୁନାରେ ଦେବି ବୋଲି ଝାସ । ନିକଟେ ହୋଇଲି ପରବେଶ ।
ପ୍ରାପ୍ତି ଆଶାବନ୍ଧ କରଇ ନିଷେଧ ସ୍ୱପ୍ନଧନ ପାଇ ଯଥା ତୋଷ ଗୋ । ପ୍ରାଣସଖି ।
ଘଟଚନ୍ଦ୍ରେ ଚକୋର ଆଶାକୁ ରଖି ଗୋ ।
ଯଥା ତଥାବେଳକୁ ହେଉଛି ଦୁଃଖୀ ଗୋ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ନିରବଧି ହୃଦ ଜଳୁଥାଇ । ତୁଷଅନଳ ପରାୟେ ହୋଇ ।
ନଳି ବନ୍ଦୀ ଶୁକ ପରାୟେ ବିବେକ ଖୋଜିଲେହିଁ ଆଉ ନ ଦିଶଇ ଗୋ । ପ୍ରିୟସଙ୍ଗାତ
ଦିଣେ ଦିଣେ ଦିଣେ ଶ୍ୟାମବନ୍ଧୁ ବିନ୍ତି ଗୋ ।
ଦୃଷ୍ଟିକଲେ ମିତ୍ର-କାନ୍ତା ଦଶା ଜାତ ଗୋ ॥
ବୋଲିବ ବା ଆଶା କରି କରି । ଜୀବ ଗଲେ ଯିବ ସବୁ ସରି ।
ଶଣ ଶଶୀ ଖ୍ୟାତ ଯେନଛି ମୋ ମତି ଅବଶ୍ୟ ଲଭିବ ବେଣୁଧାରୀ ଗୋ । ହିତକାରି ।
ଜୀବ ଯିବ କି ବନ୍ଧୁଙ୍କୁ ଧ୍ୟାନ କରି ଗୋ ।
ହେବ କୁମ୍ଭକାରକୀଟହିତ ପରି ଗୋ ॥
ମନ ପଡ଼ିଅଛି ପ୍ରେମାସ୍ପଦେ । କେତେ ବର୍ଣ୍ଣିବ ପ୍ରଚୁର ପଦେ ।
ବିଧୁକର ପାତ ସମ କୃପାଖ୍ୟାତ ପଦ୍ମିନୀ ବିରସ ଏ ଜଗତେ ଗୋ । ସଖୀପୁଞ୍ଜ ।
କୃପା ଅକୂପାର ଶ୍ରୀରସିକରାଜ ଗୋ ।
ତାଙ୍କ ଦୋଷ କି ବାଛିବ ମନେ ହେଜ ଗୋ ॥
ଘନ ରସ ବୃଷ୍ଟି କରିବାରେ । କେ ମୁଦ ନୁହଇ ଏ ସଂସାରେ ।
ମୌକ୍ତିକ ଶୁକ୍ତିରେ କର୍ପୂର ରମ୍ଭାରେ ଗରଳ ବଢ଼ାଏ ଅହିଠାରେ ଗୋ । ମିତ ଚନ୍ଦ୍ର ।
ମୋହ ଦଶା ପରବର୍ତ୍ତିର ସେହିମତ ଗୋ ।
ତାକୁ ବାଛିଲେ ହୋଇବ ନାରକୀତ ଗୋ ॥
କ୍ରିମି-ପ୍ରତିମାପରି କରି । ପ୍ରେମ ନର୍ତ୍ତିଉଛି ନାନାପରି ।
ତତ୍ତେ ଆତଙ୍କଜାତ ଭାବନା କରିତ ହୋଇଲି ସିନ୍ଧୁଲହରୀପରି ଗୋ । ସଖୀବୃନ୍ଦେ ।
ପରାଯୁତ୍ତ କର୍ମୀ ହେଲେ ଅନୁବାଦେ ଗୋ ।
ଅନାୟତ୍ତ ବନ୍ଧ ବୃଷ ନାଶାଭେଦେ ଗୋ ॥
ବୀଜମଧ୍ୟ ଯଥା ତରୁ ଖ୍ୟାତ । ତଥା ମୋ ହୃଦରେ ଭାବଯୁତ ।
କୁମ୍ଭକାର ଉହା ହୋଏ ଅନ୍ତର୍ଯାହା ବାହ୍ୟେ ପଙ୍କ ଦେଲେ କେଉଁ ହିତ ଗୋ ।
ସଖୀବାର ।
ମୋତେ ସେହିପରି ଭ୍ରମ ଉପରି ।
ଆଜନ୍ଦକୁ ପ୍ରାଣ ଆଶା ଦୂର କର ଗୋ ॥
ସଜନୀ ବୋଇଲେ ଆଶଭାଷ । ମନ କଲେ ନ ମିଳଇ କିସ ।
କମଠ ମଣ୍ଡୁକ ଧ୍ୟାନରେ ବିବେକ କୋଷେ ପଶେ ଦୂର କରି ଆଶ ଗୋ । ଧାରାହାରୀ ।
ବିହିବଳେ ସିନ୍ଧୁ ତଳୁ ହେଲା ପରି ଗୋ ।
ଜୀବ ଥିଲେ କାଳ ହେବ ଦୁଃଖହରି ଗୋ ॥
ମିତଗିର ଶୁଣି ଧୀର ଧନୀ । ଯୀରେ ଯେନ ହେବ ପାପ ହାନି ।
ଦୀନ ଅଭିମନ୍ୟୁ ଚିତ୍ତେ ନନ୍ଦକାହ୍ନୁ ଚନ୍ଦ୍ର-ଚକୋର ଭାବନା ଯେନ ହେ । ଗିରିଧାରି ।
ପାଖେ ରଖ ଏ ଦୀନକୁ ଦାସ କରି ହେ ।
କୃପାସିନ୍ଧୁ କୀର୍ତ୍ତି ଅଛି ବିଶ୍ୱେ ଭରି ହେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଏକସପ୍ତତି ଛାନ୍ଦ

ରାଗ—ଭୂପାଳ

ଦିନେ ଦିନେ ତରୁଣୀ । ପ୍ରେମେ ହୋଇ ଆଗୁଣି ।
ମିତେ ଏକାନ୍ତେ କହନ୍ତି ବଂଶୀ ଗୃଣୁଣି ॥
ଶବ୍ଦ ସରସେ ଜାତ । ସରଳତା ସଂଜାତ ।
ପତିବ୍ରତୀଙ୍କ କରାଉଅଛି ଲଜ୍ଜିତ ॥
ମହାତରେ କଳିତ । ବାଜୁଅଛି ଲଳିତ ।
କି କେ କୁଳବତୀ ମାନ ଦିଏ ଦଳି ତ ॥
ମନ ନିଏ ରସାଇ । ଧୈର୍ଯ୍ୟ ଦିଏ ଭସାଇ ।
ତା ଜାତରେ ନେବ ପରା ଏବେ ମିଶାଇ ॥
ତନୁ ପୋଡ଼ାଇଲା ତ । ମନ ବୁଡ଼ାଇଲା ତ ।
ଶ୍ରବଣ ତା ମଧୁରତା ଲୋଡ଼ାଇଲାତ ॥
ବାସ ପଡ଼ାଇଲାତ । ମତି ଗଡ଼ାଇଲାତ ।
ବିବେକ-ଚେତନା-ବେକ ମୋଡ଼ାଇଲା ତ ॥
ଲୁହ ଗଡ଼ାଇଲା ତ । ଇଚ୍ଛା ଜଡ଼ାଇଲା ତ ।
ଦମ୍ଭତରୁ ସମୂଳରେ ଉଡ଼ାଇଲା ତ ॥
ଲୋଭ ବଢ଼ାଇଲା ତ । ବଳେ କଢ଼ାଇଲା ତ ।
କଳଙ୍କପଙ୍କେ ଗଡ଼ାଇ ଶଢ଼ାଇଲା ତ ॥
କାମେ ଚଢ଼ାଇଲା ତ । ଆଣି ଛେଦାଇଲା ତ ।
ପ୍ରଳୟ ଅଚଳ ହୃଦେ ଲଦାଇଲା ତ ॥
ବାଦ ବସାଇଲା ତ । ମାଝୀ ଖସାଇଲା ତ ।
କରଜ ଲାଙ୍ଗଳେ ମର୍ମ ଚଷାଇଲା ତ ॥
ତାପେ ତପାଇଲା ତ । ନାମ ଜପାଇଲା ତ ।
ନିରବଧି ହୃଦୟକୁ କମ୍ପାଇଲା ତ ॥
ଜ୍ଞାନ ହରାଇଲା ତ । ନୀତି ଉରାଇଲା ତ ।
ଅପଖ୍ୟାତି ଲୋକେ ଅଣି ଭରାଇଲା ତ ॥
ମଧୁ ପିଆଇଲା ତ । ଭ୍ରମ ଦିଆଇଲା ତ ।
ନୂଆ ହଟହଟା-ହାଟ ଥିଆଇଲା ତ ॥
ଆଶା ଜଗାଇଲା ତ । ଆଶ୍ରୁ ଭଙ୍ଗାଇଲା ତ ।
କେ ଜାଣେ କି ଭୂତବାଇ ଲଗାଇଲା ତ ॥
ଧୀର ଶିଖାଇଲା ତ । ସୁଧା ଚଖାଇଲା ତ ।
ମଦନମୋହନ-ମୂରତି ଦେଖାଇଲା ତ ॥
କଣ୍ଠ ଶୁଖାଇଲା ତ । ସୁଖ ରଖାଇଲା ତ ।
ବିକହେବାପତ୍ର ବଳେ ଲେଖାଇଲା ତ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ନିତି ବଖାଣିଲି ତ । ପାଞ୍ଚି ପଖାଣିଲି ତ ।
କେତେ ଜାତି ହଠ ନାଠ ରଚିଲି ତ ॥
ଧୈର୍ଯ୍ୟ ଲୁଟାଇଲି ତ । ବଳ ଗୁଟାଇଲି ତ ।
ଗଞ୍ଜିତ ରଞ୍ଜିତ ଏବେ ଘଟାଇଲି ତ ॥
ପଥ ହୁଡ଼ାଇଲି ତ । ଚେତା ବୁଡ଼ାଇଲି ତ ।
ଆନ ଅଭିଳାଷ ରଙ୍କୁ ଛୁଣ୍ଡାଇଲି ତ ॥
ସେ ଗୋ ଏଡ଼େ ମହତ । କାହିଁ ଥିଲି କହତ ।
ମୋ ଜୀବନ ନଷ୍ଟେଁ ଏବେ କରିବ ହତ ॥
ମିତ କହେ ତ୍ୱରିତ । ଶୁଣ ବଂଶୀ ଚରିତ ।
ମୁନି କହୁଥିଲେ ଦିନେ କେତେପରି ତ ॥
କରି ନାହିଁ ବିହିତ । ଅଲୌକିକ ସେହି ତ ।
ନାରାୟଣ ଚକ୍ରିକି ସେ ସ୍ୱୟଂ ବିହିତ ॥
ଧ୍ୱନି ଯାହାର ବଳି । ଭେଦେ ବ୍ରହ୍ମାଣ୍ଡାବଳୀ ।
ଅବଳା ମାତ୍ର କେ ତହୁଁ ପାରିବ ବଳି ॥
ଯାହା ଶ୍ରବଣେ ବଧି । ସରଜିଲି ଅବଧି ।
ଆଉ କେ ରଖିପାରିବ ଅବା ସ୍ୱବଧି ॥
ଶୁଣି ବ୍ରହ୍ମା ମୁଖରେ । ବେଦ ନ ସ୍ଫୁରେ ଖରେ ।
ସୋମ ସୂର୍ଯ୍ୟାଦି ଗମନ ସ୍ତମ୍ଭନ ଖ-ରେ ॥
ଯାହା ଯଶ ସ୍ମରଣେ । ଶୀତ ଗଙ୍ଗା ସୁରସେ ।
ତେଣୁ ଶିରେ ବହିଛନ୍ତି ହର ହରଷେ ॥
ଜଗତ୍ତ୍ରୟ କାରିଣୀ । ପାପତାପ-ହାରିଣୀ ।
ବ୍ରହ୍ମ ଦ୍ରବ ଦେନି ବିଷ୍ଣୁପଦ ଧାରିଣୀ ॥
ଏଡ଼େ ଗୁଣ ଯାହାର । କଥନ ସେ କାହାର ।
ବିଶ୍ୱ ଦ୍ରବ ହେବ ଏକସ୍ୱରେ ଯାହାର ॥
ଗୁଣ ଅତି ଗହନ । ନାଦ ବିଶ୍ୱମୋହନ ।
ଅସାଧ୍ୟ ସାଧନ୍ତି ଯାହା ଦେନି ମୋହନ ॥
ଜୀବ ତେଜେ ସଜୀବ । ଜୀବ ପାଏ ଅଜୀବ ।
ଜଳ ଶିଳ ବିପରୀତ ଧର୍ମ ଅର୍ଜିବ ॥
ଅଚେତନଙ୍କୁ ହିତ । ଚେତା ହୋଏ ମୋହିତ ।
ଚରାଚରେ ରହିବ କେ ସ୍ତମ୍ଭ ନୋହି ତ ॥
ଆଦି କରି ଗୋଲୋକ । ଯେତେ ଅମର ଲୋକ ।
ଯା ଧ୍ୱନି ଶ୍ରବଣେ ଆସି ହୁଅନ୍ତି ଲୋକ ॥
ପାଏ ତୁମ୍ଭେ ତହିଁକି । ଆନ ଲକ୍ଷ୍ୟ କେହି କି ।
ପରମ ମରମ ନର୍ମ ଲୋଭ ନାହିଁକି ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଏହା ଶୁଣି ରାଧିକା । ହେଲେ ପ୍ରେମାରାଧିକା ।
ବୋଇଲେ ବୁଝାଅ ନ ବହୁ ସେ ଅଧିକା ॥
ବାଦ ଲାଗିଛି ତାର । ମୋତେ ତହିଁରୁ ତାର ।
ମୋ ନାମ କେ ତାହାଆଗେ କଲା ବିସ୍ତାର ॥
ଗୋପେ କେବା ନାହିଁ ତ । ମୋତେ ହେଲା ଅହିତ ।
ନିରବଧି ରାଧା ରାଧା ଡାକେ ସେହି ତ ॥
କହ ଯାଇଁ ତହିଁକ । ପରିହାସୀ ମୁହିଁକ ।
କୁଞ୍ଜବନକୁ ଡାକଇ ମୋତେ କାହିଁକ ॥
ବିନୟରେ କହିବ । ମୋତେ ଦୟା ବହିବ ।
ଗୁରୁଜନ ଥିଲେ ଡାକିବାର ନୋହିବ ॥
କାହିଁପାଇଁ ବସିବ । ଏତେ ମାଏ ବୋଧିବ ।
ରନ୍ଧନ କାଳେ ବାଜିଲେ ବଡ଼ ବାଧିବ ॥
ନ ଦେନଲେ ଭାରତୀ । କି ରହିବ କୀରତି ।
କରଗତ ହେଲେ ସାଉଦେବି ମୂରତି ।
ହସି ସଖୀ ରଚନ । କଲା ଭଙ୍ଗୀବଚନ ।
ତାହା ଯୋଗୁଁ ହେବ କେତେ ସୁଖ ରଚନ ॥
ରାଧା ନାମ ତାହାର । ନିରବଧି ଆହାର ।
ଆଉ ସେ ଭଜିବ ପୁଣି ନାମ କାହାର ॥
କି କରିବ ଦଣ୍ଡନ । ସେ ତ ଦୁଃଖ ଖଣ୍ଡନ ।
ପାଇବ କେତେ ଜାହିରେ ସେ ତ ମଣ୍ଡନ ॥
ଶୁଣି ମୂଢ ବଧିରେ । ଦେନ ଏ ରସ ଧୀରେ ।
'ଅଭିମନ୍ୟୁ' ବଂଶୀଭାବ କହେ ବିଧିରେ ॥

ବାସ୍ତୁଣୀ ଛନ୍ଦ

ରାଗ—ପଞ୍ଚମବରାଡ଼ି

ଧୀରେ ଚଳନେ ବନମାଳୀ ପ୍ରିୟସଖା ସଙ୍ଗେ ମିଳି ଶ୍ରୀରାଧିକା ପ୍ରୀତି ପ୍ରାପ୍ତି ଭାଳି ।
ଦେଖି ବୃନ୍ଦାବନ ଝୁଲ ମିତର ଉରକୁ ଚଳି ବୋଲୁ ଛନ୍ତି ଜୀବ ଯିବ ଠେଲି ହେ ।
ପ୍ରାଣମିତ ।

ଋତୁରାଜ ଇନ୍ଦ୍ର ହେବ କଳି ।
ଉଦ୍ଦୀପନ ଅଗ୍ନିଜାଳି ପରାଗ ହବିକି ଜାଳି ବିରହୀ କରିବ କ୍ରତୁବଳି ହେ ॥

କି ଏ ରାମାୟଣ ରଣ ରାମଚନ୍ଦ୍ର ସଲକ୍ଷଣ ତାରକାଦି ହରିତଭୂଷଣ ।
ବାତ ବଳଜାତଗୁଣ ପରଭଞ୍ଜନ ନିପୁଣ ମନ୍ଦ ଗନ୍ଧମାଦନହିଁ ପୁଣ ହେ । ପ୍ରାଣମିତ । ଘୋଷା
ଜାମ୍ବୁବାନ ବଧିକ ପ୍ରମାଣ ।
ସୁସୂଦନରେ ନିପୁଣ ଦଶରଥ ବିଭୀଷଣ ବୀରମଣି ଅନନ୍ତକଣ୍ଠି ପୁଣ ହେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଯେଣିକର ସୁବସନ୍ତ ପନସ ଚନ୍ଦନ ଶତଦଳ ଦଳନ କି ବର୍ଦ୍ଧନ୍ତିତ ।
କୁନ୍ଦ ଡାଳିମ୍ବ ବନ୍ଦିତ କାଞ୍ଚନ କୁମୁଦ ହିତ କାମୋଦ ଗୁଣ କି କହିବା ତ ହେ ।
ଶୋଭା ବିବିଧ ତରୁ ବିହିତ ।
ବର୍ହିବରେ ତ ହିତ କି ଛଟକେ କେଶରୀତ ଗବୟ ଧାଉଡ଼ି ଅବିରତ ହେ ॥

ମାଳୟ ତ ଆଗତର ଅପୂର୍ବାନଳ ପ୍ରଖର ଖରସେ ତୁରଙ୍ଗ ଗତିକର ।
ସୁଷେଣ ତୁକାରେ ଗିର ସୁରସୁତ ମନୋହର ବଦ୍ରୁମରେ ହୋଇଛି ବିସ୍ତର ହେ ।
ଋକ୍ଷପତି ନଭରେ ପ୍ରସ୍ତର ।
ଦେଖ ଦେଖ ହରିବାର ଅସୁର ସଂହାର କର ମୁଁ ହେଲି ଏଥି ଅଙ୍ଗଦବୀର ହେ ॥

କାହିଁ ଲଙ୍କାରେ ଶମନ ହର ପ୍ରବଳରେ ଯେନ ପ୍ରତିବାସ ପୁରହି ନଦାନ ।
ପର ଭୃତ୍ୟର ବଚନ ସେନାନୀ ହେଲେ ନିଧନ ସୁତମାଳ ବିପ୍ରଭାବ ଭିନ୍ନ ହେ ।
ରାବଣ ତରୁ ତ ବିଭଞ୍ଜନ ।
ସୁମନ ବିମାନେ ପୁନ ବସି ମଧୁପ ନିସ୍ୱନ କରେ ହରେ ସେ ହର ଜୀବନ ହେ ॥

କି ଏ ଭାରତ ଭୂମିତ ଏ ବନ ହୋଏ ପ୍ରତୀତ ଭୀଷ୍ମ ଥିବାରୁ ଯେନୁତ ସତ ।
କୃଷ୍ଣ ସଙ୍ଗେ ହୋଇ ସ୍ଥିତ ଅର୍ଜୁନକାଣ୍ଡ ବନ୍ଦିତ ମନ ମାରୁତ ଗତି ବନ୍ଦିତ ହେ ।
ଦ୍ରୋଣଦର ସୁତରେ ତହିଁତ ।
ନକୁଳରେ ଆକର୍ଷିତ ହେବାରେ ଦ୍ରୋଣ ସ୍ପୃହିଁତ ଆବଳେଶୟକୁ ଭଜୁଛିତ ହେ ॥

ଦର୍ପକର ବିରାଜିତ ଦ୍ୱିଜରାଜହିଁ ଉଦିତ ନାଗରାଜେ ବାଜିବାର ଖ୍ୟାତ ।
ପରଭୃତରେ ମଣ୍ଡିତ ମହାସେନ ବୃମନତ ପଦେ ଶୋହେ ପତିତ ସ୍ୱନ ତ ହେ ।
ନାଗରାଜେ ବାଜିବାର ହିତ ।
ବିରାଟ ଉତ୍ତର ଯୁତ କର ବୀର ଶ୍ରୀଖଣ୍ଡିତ ଦୁର୍ଜୟାଦ ମଣ୍ଡିଅଛୁ ଚିତ୍ତ ହେ ॥

ଶ୍ରବଣେ ମିତ କଥିତ ଗଉରୀ ମହିଷ ରତ ସମରେ ବିଜୟୀ ହୋଇବତ ।
ବରବଣେ ବାସଗତ ଭୋଗ ହେବ ବିଲୋକତ ଚଣ୍ଡୀ ଚିତ୍ତ ହୋଇବ ରଞ୍ଜିତ ହେ ।
ତହିଁରେ ରାଗବୀଜ ବ୍ୟାପିତ ।
ଜୀବନନାଶିନୀ ସେତ କାମିନୀରତ ଅଚ୍ୟୁତ ମୁଦ ହେବ ଦେବୀର ସେ ଖ୍ୟାତ ହେ ॥

ଶୁଣି କେ ମିତ ହସିଲ୍ଲ କୃଷ୍ଣଙ୍କୁ ସ୍ପୃହିଁ ଭାଷିଲ୍ଲ ଏ ସ୍ଥାନେ ପ୍ରତୀତ ନାଟ୍ୟଶାଳା ।
ବାତ ସୂତ୍ରଧାର ହେଲ୍ଲ ଋତୁରାଜ କରେ ଲୀଳା ମୁଦ ଗଣିକା ନର୍ତ୍ତକୀ ଭଲ୍ଲ ହେ ।
ବାସ ବିମଣ୍ଡନହିଁ ମାନିଲ୍ଲ ।
କଳକଣ୍ଠ ଋତ ହେଲ୍ଲ ପଞ୍ଚମସ୍ୱର ଜଣିଲ୍ଲ ଅଭିନୟ କି ପଦ ଚଳିଲ୍ଲ ହେ ॥

କୁମ୍ଭାଣ୍ଡିଆ କରେ ସ୍ୱର ମୁରଜ ବାଦ୍ୟ ପ୍ରସ୍ତର ବୀଣାନାଦ କି ଝିଲ୍ଲିଝଙ୍କାର ।
ମଧୁକ୍ଷୀ ନାଦ ଭ୍ରମର କରୁଅଛୁ ପରସ୍ପର ନାନା ବିକଳିତ ବାଦ୍ୟବାର ହେ ।
ବାକଚନ୍ଦ୍ର ଭଉଁରୀ ବିସ୍ତର ।
ବସନ୍ତପକ୍ଷିର ଶିର ଧ୍ରୁବପଦ ବିଶ୍ରାମର ମାନ ତାନ ଧାରଣ ଆଧାର ହେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରଜାନଙ୍ଗ ପାଶ୍ୱେ ଶଶୀ ନଭ ସଭାମଧ୍ୟେ ବସି ଇଙ୍ଗିତରେ ହୋଇ ଅଭିଳାଷୀ ।
ତୁମ୍ଭେ ରାସରସେ ରସିବାର ଯାଉଛ ଆଭାସି ଦେଖା ଯିବ ପୁଣି ସୁଖରାଶି ହେ ।
ଏ କାଳ ଏଥିକି ଅଛି ଆସି ।
ଏ ରଙ୍ଗକୁ ପରଶଂସି ତାଥିସଙ୍ଗେ ଯିବ ମିଶି ହୋଇଛନ୍ତି ବୃନ୍ଦାବନବାସୀ ହେ ।

ଶୁଣି କହେ କେଉଁ ମିତ ହେଲେ ପ୍ରବୀଣା ସଙ୍ଗୀତ କେତେ ବନ୍ଧ ନାଟ ରଚବତ ।
ମାନ ହେଲେ ବଜନତ ରାଗ ନୋହିବ ଖଣ୍ଡିତ କର ତୁଳନାଭିନୟ ସତ ହେ ।
ହୁଁକୃତ ଗାନରେ ବିଶ୍ରାମିତ ।
ମୂର୍ଚ୍ଛନା କଳା ଚଳିତ ଲୟ ଭେଦ ବିକଳ୍ପିତ ମୁଦ ଲଗି ଗାନ୍ଧାର ସ୍ୱରେତ ହେ ।

ଏମନ୍ତ ସଂଲାପକାଳେ ଦୂତୀ ଆସି ତହିଁ ମିଳେ ଦେଖି ହରି ମୁଦ କବା କଲେ ।
ଆଗରେ ତାଙ୍କୁ ଭାଷିଲେ ବିଦେହରେ ଦେହ ଜଳେ ଘନରସେ ବିରହିତ ଛଳେ ଗୋ ।

ସଞ୍ଚାରକା । ଘୋଷା

ମୋ-ପ୍ରାଣକୁ ହାଣକର ବେଳେ ।
ଶ୍ରବଣେ ଦୂତିକା ଛଳେ ରାଧିକା ସେନେହ ଜଳେ ଭାସିବାର କେ ବାରିବ ବଳେ ହେ ।

ଚନ୍ଦ୍ରାବଳୀ ରସିବାର ଶ୍ରବଣେ ଧନ୍ୟା ଉତ୍ତର ଶଠଶିରୋମଣି ବେଣୁଧର ।
ଗୋବିନ୍ଦ ପ୍ରତିଉତ୍ତର ମୁଖ ହାସ ଭଲ ତାର ଗଣ୍ଡ ଚିବୁକ କରଜ ତାର ଗୋ ।
ଏ ଚନ୍ଦ୍ରାବଳୀକି ମନୋହର ।
ଏଥି ଅଭିଳାଷ ମୋର କରୁଛି ମାନସ ଦର ଆନ ମୋତେ ତାହା ନ ବିସ୍ମର ଗୋ ।

ଶ୍ରବଣେ ବୋଲେ ସଖୀ ପ୍ରତେ ହେଲା ମିଥ୍ୟାପର ପରଖ ଦେବ କି ବେଣୁଧାର ।
ହସି ବୋଇଲେ ମୁରାରି ଧନୀକୁଚ ଘଟପରି ରୋମାଳିକା ଅହି ଅଛି ଭରି ଗୋ ।
କଂଶଙ୍କେ ମୁଁ ତହିଁ କର ଭରି ।
ଏଥିରେ ପ୍ରତୀତି କରିବ ନାହିଁ କି ସହଚରୀ ଏ କି ତୁମ୍ଭ ବୁଝା ଅବିଗ୍ରହ ଗୋ ।

ବୋଇଲେ ବିଶାଖା ମିଳି ଦାବାନଳ ଦେଲେ ଗିଳି ଗରଳ ଶୋଷି ମାଇଲେ ନାରୀ ।
ଇନ୍ଦ୍ର ବଳଭୋଜା ଭୁଞ୍ଜି କାଳୀୟ ଗରବ ଗଞ୍ଜି ଅଘମଣି-ଚୂଡ଼ଦର୍ପ ହରି ଗୋ ।
ସେ ଭୁଜଙ୍ଗରାଜ ଏହି ହରି ।
କେତେ ଜାତି ରୂପ ଧରି ପିତାମହ ଗର୍ବ ହରି ମାୟାରେ ବଞ୍ଚିଲେ ଗର୍ଭଧାରୀ ଗୋ ।

ବୋଇଲେ ମାଧବ ହସି ଚତୁରୀ ତୁମ୍ଭ-ବୟସୀ ନେଲେ ମିତ ଚତୁ ବିଚିତ୍ରରାଶି ।
ଲାଗିଲେ ପ୍ରଣୟ ପାଶୀ ନ ହେବ କି ଲୋକହାସୀ ସମର୍ପଣ କେଲୁଁ ହୃଦ ଆସି ଗୋ ।
ଯାଇଁ ବୁଝାଇ କହ ବିଶେଷି ।
ରତି ରହିକୁ ସୁକେଶୀ ନ ଦେଲେ ହୋଇବ କ୍ଲେଶୀ ଦଶାଦୂତ ଆଣିବେ ଆକର୍ଷି ଗୋ ।

ଶୁଣି ଦୂତୀ କହେ ବେଗେ ନ୍ୟାୟ କାମରାଜା ଆଗେ ହେବାର ହେଲା ଏ କଥା ରାଗେ ।
ଜଣାଉ ପଡ଼ିବ ଯୋଗେ ଯେ ହାରିବ ପରସଙ୍ଗେ ତେତେବେଳେ କାହିଁଥିବ ସଙ୍ଗେ ହେ
ପ୍ରିୟମିତ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଧର ଲଦାଯିବ ହୃଦଭାଗେ ।
ବୁଡ଼ି ପ୍ରେମ ଜଳ ଯୋଗେ ଯାଇବେ ତାଡ଼ନା ଅଙ୍ଗେ ବିକାହେବେ ପୁଣି
ମାନ-ଭଙ୍ଗେ ହେ ।
ଚତୁର ଚପଳ ଗିରି ଚତୁର୍ଭୁଜ ଶୃଭୁଜ ତାର ଶୃଙ୍ଗ ଘନ ଚଉଦଗେ ବର ।
ବିରସ ଯୋଗେ ପ୍ରସ୍ତର ଘୋଟିଲା ଦେହ ସଞ୍ଚାର ଦଶେନ୍ଦ୍ରିୟେ ବିକଳ୍ପାଦ ପୁର ଗୋ ।
ସଞ୍ଚାରିକା ।
ହେଲା ପୃଥ୍ୱୀସହ ମକ୍ଷିକାର ।
ହେବ ପ୍ରଳୟ ପ୍ରାଣର ମନ ମାର୍କଣ୍ଡେୟ ସ୍ଥିର ଧର୍ମ କୋଳ ବଟ ପ୍ରତିକାର ଗୋ ॥
ଦୂତୀ କହିଲା ପ୍ରବୋଧି ଜନ୍ମିଲାଣି ପ୍ରେମବଧି ହେବ ନବରସ ସୃଷ୍ଟି ସିଦ୍ଧି ।
ତୁମ୍ଭେ ସ୍ୱାୟମ୍ଭୁବ ବିଧି ଶତରୂପା ରସନିଧି ଭୋଗୀ ହେବ ମନ୍ୱନ୍ତର ବିଧି ହେ ।
ନାଗରେନ୍ଦ୍ର ! ଘୋଷ ।
ଇନ୍ଦ୍ରିୟରେ ଦେବାପାଇଁ ଆଧି ।
ନିଜ ନିଜ ସୁଖ ସିଦ୍ଧି ଭୁଞ୍ଜିବେ ସେହି ଅବଧି ପ୍ରଳୟ ଦୁଃଖଦ ହେବ ବିଧି ହେ ॥
ହରି ବୋଇଲେ ସଂସ୍ମର ହେଉଛିତ ମୁଁ ଏପରି ପ୍ରାଣବନ୍ଧୁ ରହିଛି କି କରି ।
ଦୂତୀ କହେ ଅଶ୍ରୁ ଝରି ହୃଦୟ ଦ୍ୱିଭାଗ କରି କାଳସୂତ୍ରେ ଅଛନ୍ତି ସେ ଗାନ୍ତ ହେ ।
କରିତବା ପାଇଁକ ବିସ୍ମୃତ ।
ଶଶିକି କରିତ କରି ଆଣିଅଛି ଶମ୍ବରାରି ବସନ୍ତଙ୍କୁ ଘେନି ଦେଇ ତରି ହେ ॥
ହରି ଭାଷି ଅଧୋଗତି ହେଲି ଯାହା ରସବତୀ ତୋ-ସଙ୍ଗ ଗଙ୍ଗା ନୋହିଲା ପ୍ରାପ୍ତି ।
ନିଗେଧି ଭାଷିଲା ଦୂତୀ ସଙ୍ଖ୍ୟାତ ଉଲ୍ଲାସପ୍ରୀତି ଲଭି ହେବ ରସ ସୁରପତି ହେ ।
କୀର୍ତ୍ତିଛନ୍ତି ହୋଇବ ବିଖ୍ୟାତ ।
ଘନରସ ଉତପତ୍ତି ବିଟପ୍ସର ବଶ ବୃତ୍ତି ହୋଇବାର ଦେଖାଯିବ ନିତି ହେ ॥
ଗୋବିନ୍ଦ ବୋଇଲେ ଆହା ମୋତେ କେବା ଦେବ ଏହା ପାପୀ କେହି ହେବ
ମହିନାହା ।
ଦୂତୀ ବୋଲେ ହରି ସାହା ନୋହିବ ନିକ ପାପହା ବାସେ ମୋକ୍ଷ ଲଭି ମାନି କୁହା ହେ ।
ତ୍ରିବର୍ଗ ରହିଲା ଆଉ ଯାହା ।
ଯହିଁ ବଶ କାମଦୁହା ଅପୂର୍ବ କି ହେବ ତାହା ଯହିଁ ହିତ ଭବପାର ମହା ହେ ॥
ହରି ବୋଇଲେ ହରିକି ସତେ ଭଜିବ ହରିକି ଯିବ ଦୁଃଖସାଗର ତରି କି ।
ଦୂତୀ ବୋଇଲା ହରିଙ୍କି କାଳି ପୂଜନ୍ତେ ହରିକି ପ୍ରାପ୍ତ ହେବ ସୁଖଲହରୀକି ହେ ।
କିଛି ଭୟ ନ କର ହରିଙ୍କି ।
କହିଅଛି ଯେଉଁ ହରି ବହିଅଛି ଯେଉଁ ହରି ଦୁଃଖ ଦେବାର ହୋଇବ ହରି ହେ ॥
ବୋଇଲେ ଗୋବିନ୍ଦ ଭାଷ ଅଙ୍ଗୀକାର ନାଶି ବେଶ କଲି ରସବଶରେ ବିଶେଷ ।
ତେବେହେଁ ତୋଷ ମାନସ ନ କଲାତ ଲୋକଇଶ ଆଶା ଘନେ ଦୁର୍ଯୋଗ ବିତାସ
ଗୋ । ସଞ୍ଚାରିକା ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କଲା ଜୀବ ତୃଣକେ ନଗଣ ।
ଦୂତୀ ବୋଲେ ନାଗରେଣ ଶୁଣିବେ ଧନୀ ଅବଶ୍ୟ ଭାବେ ହେବେ ନାହିଁ କି ପୁରୁଷ ହେ ॥
ଶ୍ରବଣେ ଗୋବିନ୍ଦ ଆଶା ବଢିଲା ପାଇ ଭରସା ଯୋଷାଧ୍ୟାନେ ବଞ୍ଚାଇଲେ ନିଶା ।
ରସରାଜ ରସାଳସା ଯୁଗଳପାଦାବ୍ଜେ ବସା କଲେ ଆଉ ନାହିଁଟି ଦୁର୍ଦ୍ଦଶା ହେ ।
ସାଧୁଜନେ ।

ଭଙ୍ଗ ଅଭିମନ୍ୟୁର ମନୀଷା ।
ଦିବ୍ୟ ସ୍ୱାଦୁ ଗନ୍ଧମିଶା କେ କହିବ ପରଶଂସା ଲୋଭୀ ହେଲା ତହିଁ ଦିବା ନିଶା ହେ ॥

ତେସ୍ତରୀ ଛନ୍ଦ

ରାଗ—ମାଳଶ୍ରୀ

ମାଧବ ଯେନ ହେ ବଚନ ରସ । କୃଷ୍ଣ ଦୁଃଖ ଦେଖି ଦୂତୀ ବରସ ।
ରାଧା ସନ୍ନିଧିରେ ହେଲା ପ୍ରବେଶ । ସ୍ୱଭାବ ଉତ୍ତର କଲା ପ୍ରକାଶ ।
ଧନ୍ୟ ଧନ୍ୟ ପ୍ରୀତି କି ନ କରଇ ସେ ମୋହନ ମୋହନ ଯହିଁ ।
ପୁଣି ସହି ରହିବ କେ ବ୍ରହ୍ମାଣ୍ଡେ କାହିଁ ॥
ଧୀର ଧରାଧର ଧରାକୁ ତଳ । ହୃଦୟ ଅପାର ଅପାର ବଳ ।
କନ୍ଦତ ନୁହଇ ଯେତେ ବିକଳ । ଦଳିବାକୁ ଆନ ନାହାନ୍ତି ବଳୀ ।
ଯୋଗ ତେଜି ଯୋଗ ଭଜିଲେ କରତେ ଶିବା ଶିବ ପ୍ରୀତିବଶେ ।
ପୁଣି ଗଙ୍ଗା ଦ୍ୱିବ ସ୍ନେହ ମିଳନ ଆଶେ ॥
କହ ମିତ କେହି ହେବ ମିଳନ । ବେନି ଜନ ଦୁଃଖ ହେବ ଦହନ ।
ଥିବାରୁ ଆମ୍ଭେ ଏତେ ପରିଜନ । ହେଲାଇଁ ଅବା କେଉଁ ପ୍ରୟୋଜନ ।
ଶୁଣି ପ୍ରାଣମିତ କଲା ପ୍ରତିଭାଷ ଉପାୟେ କି ଅଛି ହେଲା ।
ପୁଣି ଦଇବକୁ ନାହିଁ କେହିତ ବଳା ॥
ଭାବ ଭାବ ଭାବବତୀ ଲାଭରେ । ବହି ବହିଥିଲା କେତୁ ତୁଲରେ ।
ରସାଳସା-ଦଶା ରସାଭିତରେ । ନାଶି ସର କର ନାହିଁ ଲକ୍ଷରେ ।
ଜୀବ ଯିବ ବିନା ନବୀନା ଆନନ୍ଦୁ ଆନ ନ ଆସଇ ଭାଷା ।
ପୁଣି କରତେ ବୋଲଇ ଛାଡ଼ ମୋ ଆଶା ॥
ଦୂତୀ ବୋଲେ ଶୂଳ ପୂଜିବା ହର । ପାମର ମାର ଦର ହେବ ଦୂର ।
ଏମନ୍ତ ବଚନ ଯେନ ସମ୍ଭାର । ବନେ ଭେଟିଲେ ଯାଇଁ ଗୋପେଶ୍ୱର ।
ଧୀରା ହୀରା ପୂଜାବସ୍ତୁ ପରସିଦ୍ଧି ପୂଜକ ଖୋଜନ୍ତେ ତହିଁ ।
ପୁଣି ଦୂତୀ ବୋଲେ ଦ୍ୱିଜ ଆଣିବ ମୁହିଁ ॥
କହି ସଖୀ ବିଶାଖିକାଙ୍କୁ ଯେନ । ଭୂଦେବ ଆଣି ଦେଲେ କାମସେନୀ ।
କୃଷ୍ଣେ ବନେ ମଧୁ ମାଧବ ବେନି । ଭେଟି ଝଟିତିରେ କଲା ଦଣ୍ଡିନୀ ।
ଶିବ ହେବ ଶିବଦେବ ପୂଜ ଯିବ ଭୂଦେବମୂରତି ଧର ।
ପୁଣି ବୃଷଭାନୁ ଜେମା ବିରହ ହର ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବିଶାଖିକା ଦେଖି ତାହା ସଙ୍ଗରେ । ଭଜ ନାଗରଜ କଲେ ରଙ୍ଗରେ ।
ଗଉରୀ ପୂଜିବା ଅନୁରାଗରେ । ଚଣ୍ଡୀ ଶାନ୍ତ କରାଇବା ଯୋଗରେ ।
ପୂର୍ଣ୍ଣ କାମପୂର୍ଣ୍ଣ ହୋଇ ହେବ ସିନା ଆନ ଦେବେ କେ କି ଦେବେ ।
ପୁଣି ପ୍ରତିକ୍ଷଣେ ରସକନ୍ୟ ଭଜିବେ ॥
ଦୃଷ୍ଟି ଭିଷେ ଶମ୍ଭୁ ଅଙ୍ଗଦେଶରେ । ପୂଜନ କରିବ ପାଣିପଦ୍ମରେ ।
ଚନ୍ଦ୍ରଚୂଡ଼ ଚିହ୍ନ କରାଇବାରେ । ବର କି ନୋହିବ ଅବା ଶିବରେ ।
ଦିଗବାସ ଦରଶନ କରିବାର ସୁକୃତର ସୀମା ନାହିଁ ।
ପୁଣି ଦକ୍ଷିଣା ପାଇଲେ ଦୁଃଖିତ କାହିଁ ॥
ବିଶାଖା ବୋଲେ ବିପ୍ରଯୋଗ ବଳେ । କାମଦହନତ ହୋଇବ ବଳେ ।
ପ୍ରେମ ସାତ୍ତ୍ୱିକ ଦଶା ଅଙ୍ଗ ଛଳେ । ବିରକତ ଅନ୍ୟାଭିଳାଷେ ଛଳେ ।
ଯୋଗୀ ହେଲେ ଭୋଗୀ କୁହନ୍ତି କି ପୁଣି ଲଭି ବନେ ଫଳ ମୂଳ ।
ପୁଣି ହରି ରସ ଆସ୍ୱାଦନରେ ଭୋଳ ॥
ମିତ ଉତ୍ତରତ ଏ ଦ୍ୱିଜରାଜ । ଶାନ୍ତ ଶୁଚି କର କୀର୍ତ୍ତି ସହଜ ।
ନବଗୁଣ ସୂତ୍ରେ ଉଜ୍ଜ୍ୱଳ ହେଜ । ଅମୃତଦାୟକ ହେବଟି ପୂଜ ।
ସତ ବିଷ୍ଣୁପଦ ଭଜିତ ଅଛନ୍ତି ଭବପରିତାପ ହର ।
ପୁଣି କାମ ପୂର୍ଣ୍ଣିବର କେତେ ମାତର ॥
ଦୀନ ତାପହର କୃପାଳୁବର । ତାର ନାମରେତ ସ୍ନେହ ବିସ୍ତାର ।
ବିଯୋଗ ଶିରଭୂଷଣ ବିଗ୍ରହ । ସତତ ଶ୍ରୀବତ୍ସ ଲକ୍ଷଣଧର ।
ଶୁଣି ପୁଣି ବାଣୀ ଭଣିଲା ମିତଣୀ ହରିତ ଭଜିଥିବାରେ ।
ପୁଣି ସବୁ ଶିରୋଧାର୍ଯ୍ୟ ସିନା ଲୋକରେ ॥
ଏମନ୍ତ ସଂଳାପ ହେବା ବେଳରେ । ଚନ୍ଦ୍ରାବଳୀ ସଖୀ ମିଳି ତହିଠାରେ ।
ବିଶାଖା ବୋଲଇ ତାକୁ ଛଳରେ । ପଡ଼ିଲି ଗୋ ଅସି କେଉଁ ଗୋଳରେ ।
ଏ ପରି ଯଶୋଦାରାଣୀଙ୍କ ନନ୍ଦନ ହନ୍ତିଆ ନାଗର-ଶିର ।
ପୁଣି ତବ ସଙ୍ଗୀ ଭ୍ରମେ ମୋତେ ପୁଚ୍ଛନ୍ତି ॥
ଗଉରୀ ସେବା କରିବା ନିମିତ୍ତେ । ଚନ୍ଦ୍ରାବଳୀକି ଆସିଛନ୍ତି ସଂଗେ ।
ମୁଁ ଏହା ଜାଣିବ ଅବା କେମନ୍ତେ । ମଲ୍ଲ-ସାନଭାଇ ହେବ ଯୁଗତେ ।
ହିତ କି ଇଙ୍ଗିତ କେ ଜାଣଇ ମିତ କି ଦେବା ପ୍ରତିଉତ୍ତର ।
ପୁଣି ଏ ଦଣ୍ଡରୁ ନାହି ବହନ କର ॥
ସଙ୍ଖୋଳିବା ପାଇଁ ଚନ୍ଦ୍ରାବଳୀଙ୍କି । ଯାଉଥିଲି ମୁହିଁ ହୋଇ ଏକାକୀ ।
ପଥରେ ଭେଟିଲି କାମସେନୀକି । ଯାଉଥିଲି ସିନା ମଲ୍ଲପୁରୀକି ।
ବାଟେ ଏ ଲମ୍ପଟେ ବିଟରାଟେ ଭେଟେ ପ୍ରକଟେ ଲାଗିଲା ହଟେ ।
ଏବେ ତୁମ୍ଭ ଆଗମନେ ଗଲା ସଂକଟେ ॥
କହ ତୁମ୍ଭ ସଖୀକୁଶଳ ରୀତି । ବାହୁଡ଼ି ବାରତା ଦେବ ଝଟିତି ।
ସୂର୍ଯ୍ୟପୂଜାକୁ ଆସିବେ ଶ୍ରୀମତୀ । ପଡ଼ିଥିଲା ମୋତେ ମହାବିପତ୍ତି ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶୁଣି ପୁଣି ବ୍ୟାଜ ଜାଣି ସେବ୍ୟା ଭଣି ସେ ରୀତି ଛନ୍ଦାନୁବାଦେ ।
ଶୁଣି ମୁହିଁ ଆସି ପଡ଼ିଥିଲି ପ୍ରମାଦେ ।
ଶୁଣ୍ଥାଇଁ କୃଷ୍ଣ ନନ୍ଦନନ୍ଦନ । ନ ପୁଣ ବୋଲଇ ମନ୍ଦ ବଚନ ।
ପଠାଇଥିଲେ ରମାରତନ । ଶୁଣି ବୃଷଭାନୁସୁତା କଦନ ।
ଭଲ ହେଲା ଭେଟ ପାଇଲି ଭ୍ରମର ଶୁଣି ଯିବ ଶୁଭମାନ ।
ପୁଣି ହେବ ଆଜ ଗୋ ଗଉରୀ ଅର୍ଚ୍ଚନ ॥
ପରୋକ୍ଷାନୁବାଦ ବିରୋଧ ବାଣୀ । ଶଠଶିରୋମଣି ଗୋବିନ୍ଦ ଶୁଣି ।
ଶଠତା ବଚନ ବୋଇଲେ ପୁଣି । ଧନିଷ୍ଠା କହିଗଲା ଏହିକ୍ଷଣି ।
କଂସଦୂତ ଆସିଛନ୍ତି ଗୋକୁଳକୁ ମୋତେ ଧରିନେବା ପାଇଁ ।
ପୁଣି ସ୍ଥାନ ଖୋଜଇଁ ମୁଁ ଲୁଚିବା ପାଇଁ ॥
ଜନକ ଆଜ୍ଞା ଚନ୍ଦ୍ରସେଣାପୁରେ । ନୋହିଲେ ଅଥବା ମଲ୍ଲନଗରେ ।
ଗୋପମାୟୁ ହେବୁଁ ଯାଇଁ ବେଗରେ । ଏହି ଯେନ ପୁଚ୍ଛୁଁ ଉଦବେଗରେ ।
ଭଲ ହେଲା ଭେଟ ହେଲା ଏକଠାରେ ସନ୍ଦେହ ରହିଲା ନାହିଁ ।
ପୁଣି କାହିଁକି ଯିବ ଯାଅ ମୋତେ କହି ॥
ସେ ଦୁହେଁ ଶ୍ରବଣେ ବୋଇଲେ ଗିର । ଆମ୍ଭେ କି ଜାଣିବୁଁ ଏଡ଼େ ବିସ୍ତର ।
ଚନ୍ଦ୍ରସେନାତ ମଉଳା ଭ୍ରମର । ଗୋବର୍ଦ୍ଧନମଲ୍ଲ ଜ୍ୟେଷ୍ଠ ସୋଦର ।
ଇଚ୍ଛା ଯହିଁକି ତହିଁକି ବିଜେ କର କହି ଗଲେ ଏ ବିଧିରେ ।
କୃଷ୍ଣ ନିମନ୍ତିଲେ ତହୁଁ ମହା ଆତୁରେ ॥
ମଧୁସଙ୍ଗ କରି ବ୍ରାହ୍ମଣ ଗଲେ । ଗୋପେଶ୍ୱର ସ୍ଥାନେ ପ୍ରବେଶ ହେଲେ ।
ସେଠାରେ ରାଧା ଦରଶନ ସ୍ଥଳେ । ମୁଖରା ଆସି ହେଲା ତାଙ୍କ ମେଳେ ।
ପଚ୍ଚରଇ ଦ୍ୱିଜ କାହିଁକି ପୂଜିବ ଶିବଙ୍କୁ ଏମନ୍ତ ବଳେ ।
ମଧୁ ମାଧବ ଆସି ସେକ୍ଷଣି ଭେଟିଲେ ॥
ବୁଢ଼ୀ ପୁଚ୍ଛେ ମଧୁ ଏ ଦ୍ୱିଜ ବାସ । କେଉଁଠାରେ ଅଛି ବିଦେଶ ଦେଶ ।
ସେ ଭଷିଲେ ଗାର୍ଗ୍ୟ ଋଷିଙ୍କ ଶିଷ୍ୟ । ସୂର୍ଯ୍ୟକୁଣ୍ଡବନେ ସଦା ନିବାସ ।
ବୁଢ଼ୀ ବୋଲେ ଦେଖିଥିଲା ପରି ପ୍ରତ୍ୟେ ଆଭାସୁଛି ମନେ ମୋର ।
ପୁଣି ଦୁର୍ବଳତ ମୋର ଚକ୍ଷୁ ବିକାର ॥
ଆହେ ବାବୁ ମଧୁ ନାତୁଣୀ ମୋର । କି ବ୍ୟାଧି ହୋଇଛି ନୋହେ ଗୋଚର ।
ହର ପୂଜା କର ସେ ହେଉ ଦୂର । ଦକ୍ଷିଣା ପାଇବ ହେଳା ନ କର ।
ମଧୁ କହେ ସ୍ମର ଅପସ୍ମାର ଏହି ଉନ୍ମାଦ କରାଏ ମନ ।
ପୁଣି କର ଘନରସ ଔଷଧ ଦାନ ॥
ବୁଢ଼ୀ କହେ ପଛେ ହେବ ସେ ଚନ୍ତା । ଆଗେ କର ଯାଇଁ ପୂଜା ଦେବତା ।
ଶ୍ରବଣେ ପୂଜିଲେ ବ୍ରହ୍ମବାଦିତା । ପ୍ରସାଦ ପାଇଲେ ବରବନିତା ।
ବୃଦ୍ଧା କହେ ମୂର୍ଦ୍ଧା ନତ କର ରାଧା ସ୍ତୁତି କର ଦେବତାଙ୍କୁ ।
ପୁଣି ଆଜହୁଁ ଲଭିବ ନାହିଁ ଚନ୍ତାକୁ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଏତେ ସ୍ୱୀକାର ପାଇ କିଶୋରୀ । କରପଦ୍ମ ଯୋଡ଼ି ସ୍ତୁତି ଉଚ୍ଚାରି ।
ଜୟ ଗୋପେଶ୍ୱର କମଳଧାରି । ସଦା ଅଙ୍ଗୀକାର କର ଗଉରୀ ।
ପୂର୍ଣ୍ଣ କାମ କର କାମ ଦର୍ପ ହର ଶିବ ନାମ ଯଶ ରଖ ।
ପୁଣି ପଶୁପତି ଅଛ ହେଳ ନ କରେଖ ॥
ବିନାୟକ ସିଦ୍ଧି ପ୍ରଚୁର କର । ରମା ଅଙ୍ଗୀକାର ଯଶବିସ୍ତାର ।
ନାଥ ସିଦ୍ଧି ପଦେ ଖଟନ୍ତି ଯାର । ମୋ ଦମ୍ପତୀ ପ୍ରେମ ହରତ-ମ୍ବର ।
ନମୋ ନମୋ ଯୋଗ ବିଘ୍ନ ସିଦ୍ଧି ଦାତା କୃପା ଏତେ ମାତ୍ର କର ।
ପୁଣି ଶରଣରକ୍ଷଣ ବିଧୁଶେଖର ॥
ଶ୍ରବଣେ ମଧୁ ବୋଲେ ମହାଦେବ । ଅନୁଗତ ଜନେ ଏ ବର ଦେବ ।
କଞ୍ଜାକ୍ଷପାଦେ କାମନା ହରିବ । ଦିଗମ୍ବର ଭାବେ ପ୍ରସନ୍ନ ହେବ ।
ଗୋପେଶ ନାମହିଁ ପ୍ରସିଦ୍ଧି ତୁମ୍ଭର ଗୋପେ ସିନା ପରମାଣି ।
ପୁଣି କାଳେ କାଳେ ରହୁ ଏ କୀର୍ତ୍ତିଶ୍ରେଣୀ ॥
ପୁଣି କହିଲେ ବ୍ରହ୍ମ ବ୍ରହ୍ମମୂର୍ତ୍ତି । ଅସ୍ତୁ ହେଉ ତୁମ୍ଭ ମହତ୍ତ୍ୱଭକ୍ତି ।
ଶ୍ରବଣେ ଧନୀ ମୁଦ କଲେ ମତି । ବେଗେ ବେଗେ କଲେ ପୁରକୁ ଗତି ।
ବୃନ୍ଦା ବିରୁଦ୍ଧ ହେଲା ରସବୃଦ୍ଧିକି ଅନୁବନ୍ଧେ ବନ୍ଧପର ।
ପୁଣି କଷ୍ଟେ କଷ୍ଟେ ଗଲେ କର୍ମ ଆଦର ॥
ସ୍ୱମନ୍ଦିରେ ମିଳି କିଶୋରୀମଣି । ମିତଣୀମାନଙ୍କୁ ଭଣିଲେ ବାଣୀ ।
ତୁମ୍ଭଠାରୁ ହେଉଅଛି ମେଳଣି । ସଞ୍ଜୁ ସଞ୍ଜୀବନୀପୁର ଯାଜେଣି ।
କରିବା ଜୀବନ ମୋହର ନିଦାନ ହରି-ହରଶିରେ ଯିବ ।
ପୁଣି ହର ହରଷ ହୋଇଲେ ନ ଯିବ ॥
ମିତ କହେ ହିତ ନାହିଁତ ଆଉ । କେତେ ସହିବ ମାରଶର ଦାଉ ।
ଧୀର ଅଧୀର ଏତେପରି ହେଉ । ବଳିର ଏପରି ଦୁଃଖ ନ ପାଉ ।
କହିଲେ କି ହେବ ଦଇବ ଘଟନା ଆନ କାହାବଳେ ହେବ ।
ପୁଣି ସବୁସୁଖ ଜୀବ ଥିଲେ ଘଟିବ ॥
ବୋଧି ରସନାଥ ମିତ୍ରପୂଜନେ । ବଞ୍ଚେ କରାଇଲେ ଶ୍ରୀ ବୃନ୍ଦାବନେ ।
କୃଷ୍ଣଙ୍କୁ ଲୋଡ଼ିଲେ ଦେବପୂଜନେ । ନ ଥିଲେ ଗଲେ ଗଉରୀ ଅର୍ଚ୍ଚନେ
ଏ ବାରତା ଶୁଣି ରସଲତା ଚନ୍ଦ୍ରା ଚତୁଷ୍ପାଦ ବୃଦ୍ଧି ହେଲା ।
ପୁଣି ବିଚେତନ ବିତର୍କେ କଲା ॥
ହିତ ଇଚ୍ଛା କର ବୋଲନ୍ତି ହରି । ହେ ହରହର ଦର ଦାଅହରି ।
ଦୀନବନ୍ଧୁ ନାମ ପରି ତୁମ୍ଭର । ଦୀନ ବଧୁ ଅଛି କେମନ୍ତ କର ।
ଅପୂର୍ବ ଏକଥା ମିତ୍ର ଦେଲେ ବ୍ୟଥା କହିବ କାହାକୁ ଆଉ ।
ପୁଣି ତରଣୀ ବତାଇ ଉଣା ନ ପାଉ ॥
କମଳିନୀପ୍ରିୟ ବୋଲାଉଅଛ । କମଳିନୀ ବଧ କେହି ସହୁଛ ।
ଅନନ୍ତପ୍ରିୟ ସହଜେ ହୋଇଛ । ଅନନ୍ତପ୍ରିୟ ସଙ୍ଗତେ ବାରୁଛ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ମାରଚଣ୍ଡ ହୋଇ ମାର-ଚଣ୍ଡକାର ଦଣ୍ଡକୁ ଲଗାଉଅଛ ।
　　ପୁଣି ବକର୍ତ୍ତନ ବକର୍ତ୍ତନ ଦେଖୁଛ ॥
କହି ଏପରି ବିନତି ବଚନ ।　ବିଜୟି ନିଜପୁରକୁ ବହନ ।
ଚନ୍ଦ୍ରାଗ୍ନିରେ କାମ କରେ ଦହନ ।　ବେଦନା ନିବେଦନ ପୁନଃପୁନଃ ।
ମିତରେ ମିତରେ କହନ୍ତି କାତରେ ଅକଥନ ସେ କଥନ ।
　　ପୁଣି ବୋଲନ୍ତି ଯା ଯା ରେ ପାପିଜୀବନ ॥
ଅଲୌକିକ ଦଶା ଦେଖି ଆରତେ ।　ଦୂତୀ ଚଳିଗଲା କୃଷ୍ଣପୁରତେ ।
ଭେଟିଲା କାନନେ ମିତସଙ୍ଗତେ ।　ତତ୍ତ୍ୱ କେମନ୍ତ ବୁଝିବା ନିମନ୍ତେ ।
ବାଟ ଭଙ୍ଗି ଯାଉଁ ଲକ୍ଷ୍ମୀଶେଖର ତାର ପଛୁ ଯାଇ ଧରି ।
　　ପୁଣି ବୋଇଲେ ଗୋବିନ୍ଦ ଦୟିନୀ କରି ॥
ଦୂତୀକି କହିଲେ ଯେତେ ମୋହନ ।　ସେ କଥା ରସିକ-ମନ ମୋହନ ।
ଏ ଛାନ୍ଦ ଶ୍ରୀଗୁରୁ ଭକ୍ତି ନିଧାନ ।　ଆଉ ଛାନ୍ଦରେ ଶୁଣିବ ବିଧାନ ।
ଦୀନ ଅଭିମନ୍ୟୁ ମନୁ ସଦାବନେ ନ ଯାଉ ସେ ଭାବମାନ ।
　　ପୁଣି ରାଧା କୃଷ୍ଣ ପଦେ ବିକା ଜୀବନ ।

ଚଉସ୍ତ୍ରୀ ଛାନ୍ଦ

ରାଗ—ଶାରଙ୍ଗ

　ଦୂତୀକର ଧରି ହରି ବୋଇଲେ କିଶୋରୀ ।
ମିତ୍ର ପୂଜି ଅସିଥିଲା ଗଲା ତ ପାସୋରି ।　ଦୂତି ଗୋ ।
କହିବୁ ବନ୍ଧୁକୁ ।　କି ଦୋଷରେ ଫିଙ୍ଗି ଦେଲା ମଦନସିନ୍ଧୁକୁ ॥
　କିଣି ପୁଣି ଗୁଣମଣି କଲା ତ ନିରାଶ ।
ଏ ଭାବ ଭାବନା ସିନା ଦେଉଛି ପରାସ ।　ଦୂତି ଗୋ ।
କହିବୁ ଧନୀକି ।　ପରଜନ ଦୀନ ହେଲେ କାହାକୁ ହାନି କି ।
　ରସାଳସା ଆଶା ଧରି ରହିଛି ମୋ ଜୀବ ।
ଶମ୍ଭାଗୋରୀ ଅନୁକମ୍ପା ।　ନ ପାଇଲେ ଯିବ ।　ଦୂତି ଗୋ ।
କହିବୁ ଗୋରୀକି ।　ଦାସ ଦୋଷୀ ହେଲେ ଏତେ ସରିକି କରି କି ॥
　ବାଳକକାଳରୁ କାଳେ ହେଲା ଅନୁସରି ।
ଭଗାରିହାତରେ ଆସି ଯାଉଅଛି ସରି ।　ଦୂତି ଗୋ ।
କହିବୁ ଯୋଷାକୁ !　କାହିଁପାଇଁ କରାଇଲା ଭଗାରିହସାକୁ ॥
　ଧାନଦନେ ଦନେ ବନେ ଧୂଳି ଖେଳିବାରେ ।
ଏ ମୋ ଭଗ ବୋଲି ରାଗଲଢ଼ା ଏ ବେଭାରେ ।　ଦୂତି ଗୋ !
କହିବୁ ଧୀରାକୁ ।　ମହତ ଉତ୍ତର ବଳେ ପାଷାଣ ଗିରିକୁ ॥
　କୁମାର କୁମାରୀ ମେଳେ ଖେଳିବା ବୟସରେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବର ମୁହିଁ କନ୍ୟା ସେହି ହୋଇଛୁ ବୟସରେ । ଦୂତି ଗୋ ।
କହିବୁ ସଖୀଙ୍କ । ସେ ଦିନର ସନମାନ ମନରେ ନାହିକ ॥
ମଧୁଶଯ୍ୟା ହେବ ପରି ପଚାରିଲେ ମୁହିଁ ।
ଆନନ କମ୍ପାଇ ନାହିଁ କଲି ଚନ୍ଦ୍ରମୁହିଁ । ଦୂତି ଗୋ ।
କହିବୁ ସଙ୍ଗୀଙ୍କ । ପାସୋରିପାରିଲି ନାହିଁ ସେ ଦିନଭଙ୍ଗୀକ ॥
ବଧୂଲିସୁମନ ବୋଲେ ଲେଖାଇ ଯାବକ ।
ସେହି ଦିନୁ କରିଅଛୁ ଶ୍ରୀପଦ ସେବକ । ଦୂତି ଗୋ ।
କହିବୁ ବାଳୀଙ୍କ । ଛଡ଼ାଇଲେ ଛୁଡ଼ିବ କି ମୋହର ଅଳକ ॥
ଆଜ୍ଞାକୁ ଅବଜ୍ଞା ଦିନେ କରି ନାହିଁ ମୁହିଁ ।
ଆଣି ଦେଉଥାଏଁ ଯାହା ମାଗେ ଚନ୍ଦ୍ରମୁହିଁ । ଦୂତି ଗୋ ।
କହିବୁ ସଖୀଙ୍କ । ଏଥର ଥରେ ମନରେ ନ କଲି ଦୁଃଖୀଙ୍କ ॥
ପଡ଼ି ଜଡ଼ି ଯାଇଥିଲି ଧୂଳି ଲପନରେ ।
ଲୁଚଯାଇ ବୋଲି ପୋଛିଦେଲି ବସନରେ । ଦୂତି ଗୋ ।
କହିବୁ ରାଧାଙ୍କୁ । କି କରି ପାସୋରିଦେଲି ଢେଢ଼େଶ୍ୱରଧାଙ୍କୁ ॥
ଏହି କୃପା ରହିଥିବଟିକି ବଡ଼ଦିନେ ।
ପଚାରନ୍ତେ ଆଖି ଥନଥନ କଲି ଧିନେ । ଦୂତି ଗୋ ।
କହିବୁଟି ତାଙ୍କୁ । ଏବେତ ଉପାଡ଼ିଅଛୁ ପୀରତି ଲତାଙ୍କୁ ॥
ଶ୍ରୀପଦେ ନୂପୁରଦିନେ ଖଞ୍ଜିବାରେ ମୁହିଁ ।
ନାହିଁ ନାହିଁ କଲି ଆର୍ନ ପକାଇ ସୁମୁହିଁ । ଦୂତି ଗୋ ।
କହିବୁ ପ୍ରିୟାଙ୍କୁ । ବାଳକାଳଁ ଉପାଡ କି ପୀରତି ପୁଆଙ୍କୁ ॥
ନୀଳାମ୍ବୁଜ ଯେନ ଚାହିଁଥାଇ ମୋ ଆନନ ।
ପୁଲକ ପୂରି କି ଶୋଭା ମାନେ ସଂହନନ । ଦୂତି ଗୋ ।
କହିବୁ ଏତିକ । ଏବେ କାହିଁ ଶିକ୍ଷା କଲି ନଷ୍ଠୁର ରୀତିକ ॥
କୃପାଳୁ ହୃଦରୁ ଜାତ ହେଲି ପରବତ ।
କାହିଁକି ନୋହିବ ନଷ୍ଠୁରତା ପରବତ । ଦୂତି ଗୋ ।
କହିବୁଟି ଥରେ । ପ୍ରାଣବକା ପ୍ରାଣ ବହିଅଛନ୍ତି ପଥରେ ॥
କନ୍ୟାସନ୍ଧିକାଳେ ଦିନେ କୁଞ୍ଜଅୟନରେ ।
ଗଣବଣା ଏଣୀ-ଆଣି ରଖି ନୟନରେ । ଦୂତି ଗୋ ।
କହିବୁ ପ୍ରୀତିକ । ଏକାନ୍ତେ ସେ କାନ୍ତେ ବଙ୍କଦେଇଛୁ ମତିକ ॥
ମନ ଜାଣିବାକୁ କଠାଇଲି ନିଧୁବନ ।
ଭାଷାରେ ରସାଇ କିଣି ନେଇଛୁ ଜୀବନ । ଦୂତି ଗୋ ।
ଦେବ ଛତ୍ରଳୀଙ୍କ । ବୋଇଲି ଅଳି କି ରମ୍ଭେ କମଳକଳୀଙ୍କ ॥
ଆଶା ରଖି ମାଳୀ ତୋଳି ନ ନିଏ କଳୀଙ୍କ ।
ବିକାଶିଲେ ତୋଳିବାକୁ ଆନ କେ ଭଜି କି । ଦୂତି ଗୋ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କହ ଅଲ୍ୟଳୀକି । ବୋଇଲା ଶେଫିଲା ପ୍ରୀତି କନ୍ଦଳୀ ଦଳକି ।
ସେ ଭାଷକୁ ଆଶା କରି ରଖିଛି ଜୀବନ ।
ସ୍ୱର ପର ପରାଭବେ ହୋଇ ଭବେ ହୀନ । ଦୂତି ଗୋ ।
କହ ସୁବେଣୀକି । କୃପାଳୁ ତ ପାଳୁ ନାହିଁ କହିଲା ବାଣୀକି ।
ନ ଥିଲି ପଥିକ ହୋଇ ବିଦେହପଥରେ ।
ଏବେ ତାହା ତନ୍ତ୍ରବାରେ ତନୁଯାକ ଥରେ । ଦୂତି ଗୋ ।
କହ ସୁଗତିକି । ଶ୍ରୀମୁଖରେ ଆଜ୍ଞା ହେଉ ଏବେ ମୋ ଗତିକି ।
ଜନ୍ମାନ୍ତର କଥାପରି ନ ଥିଲା ମନରେ ।
ଯେଉଁ ଦିନୁ ନାମ ପୁଣି ପଡ଼ିଲା କର୍ଣ୍ଣରେ । ଦୂତି ଗୋ ।
କହିବୁଟି ବାରେ । ଜାତିସ୍ମରସ୍ଫୂର୍ତ୍ତି ଏବେ ହେଲା ଚେତିବାରେ ।
ଗୋରଚନା ତଡାକାନ୍ତ-ସ୍ନେହରେ ଆଦରେ ।
ପାଦପଦ୍ମ ବୋଲି ସଦା ଭୂଷଣ ହୃଦରେ । ଦୂତି ଗୋ ।
କହ ସୁହାସୀକି । ତା ନାମ ଗାୟନ ସ୍ନେହେ ରସିଛି ବଂଶୀକି ।
ସ୍ୱପ୍ନେ ଭେଟ ହେଲା ଦିନୁ ସେ ଦମ୍ଭହରିକୁ ।
ମୂରୁଛି ନୋହୁଛି ଦିନସରି ପସରିକୁ । ଦୂତି ଗୋ ।
କହିବୁ ରାମାକୁ । ଏମାନେ କି ସନମାନେ ଗଣିମେ ରମାକୁ ।
କାହିଁ କି ତପସ୍ୟା ଥିଲା କେଉଁ ଜନ୍ମାନ୍ତରେ ।
ନାଗରେନ୍ଦ୍ର-କଣ୍ଠ ମାଳା ଦେଇଛି ହୃଦରେ । . ଦୂତି ଗୋ ।
କହିବୁ ରାଧାରେ । ସେକାଳରେ ପ୍ରେମାମୃତ ବୁହାଇଲା ଧାରେ ।
ଆଶା ପୋତ ମେଳିଥିଲି ପ୍ରଣୟ ସାଗରେ ।
ଦୁର୍ଯୋଗବାତ ଯୋଗରେ ଭାଙ୍ଗିଲା ବେଗରେ । ଦୂତି ଗୋ ।
କହିବୁ ବାଳାକୁ । କୃପା ଥିଲେ ତାରୁ ଦେଇଁ ରମ୍ଭୋରୁ ଭେଳାକୁ ।
ବର୍ଯ୍ୟା ମର୍ଯ୍ୟାଦା କି ବାଳା ଦେଇ ନାଶିବାର ।
ହେଳା କଲେ ବାଳ! ହେବ କାଶୀଝାସିବାର । ଦୂତି ଗୋ ।
କହ ପ୍ରବୀଣାକୁ । ପୀରତି କୀରତି ଯାଉଅଛଟି ତୃଣାକୁ ।
ଯୋଗଭଙ୍ଗୀ-ଭଙ୍ଗୀକି ମୁଁ କରିଛି ଜୀବିକା ।
କୃପାବଲୋକନ ଧନେ ହୋଇଅଛି ବିକା । ଦୂତି ଗୋ ।
କହ ସୁମତିକି ! ସେ କି ନ ଜାଣନ୍ତି କହିଦେବି କି ମତିକି !
ଏବେ ଅନାଦର କରି ଦେଉଛି ଭସାଇ ।
ସୁନ୍ଦର ଦଶିବନ୍ତି କି ମଦନେ ଭୂଷାଇ । ଦୂତି ଗୋ ।
କହ ପରିଣଙ୍କୁ । କାହାଦାସ କୁହାଇବ କାମତରଣଙ୍କୁ ।
ପ୍ରୟୋଜନହୀନଲୋକ ଏ ଲୋକଭିତରେ ।
କେଉ ଲୋକ ନ ପାଳନ୍ତ ଅଧରାମୃତରେ । ଦୂତି ଗୋ ।
କହିବୁ ରସାଇ । ପଟ୍ଟରୁ ଆହୁରି ରସିକମାଙ୍କି ବସାଇ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଏକାଳ କାଳ ତ ପୁଣି ମଦନ ଜଞ୍ଜାଳ ।
କେହି କହୁନାହି ତାଙ୍କୁ ଏଥି କପଁା ଜାଳ । ଦୂତି ଗୋ ।
କହ ସୁବାସୀକି । ଫଳ ବେଳେ ଦହି ନକି ପ୍ରଣୟଲୁଷିକି ॥
ରହୁ ନାହିଁ କହୁଅଛି ବୁଝାଇ ପ୍ରାଣକୁ ।
ଦେଖାଇ ପାରିଲି ନାହିଁ ସେବକପଣକୁ । ଦୂତି ଗୋ ।
କହିବୁ ବାଳୀକି । ଏତେବେଳେ ଦେଉ ମୋତେ ଶ୍ରୀପଦଧୂଳିକି ॥
ତୋ ଆସିବାଯାଏ ଆଉ ଥିବ କି ପରାଣ ।
ମିଛ କରି ନ ଢେଳିବ ପକାଉଛି ଗଣ । ଦୂତି ଗୋ ।
କହ ସୁମନାରେ । ମୋ ବାଧ ବାଧିବ ବୋଲି ଅଛି ଭାବନାରେ ॥
ଦୂତି ବୋଲେ ଏ କି ରୀତି ଧୀର ମହୀଧର ।
ଆଜି ଭେଟାଇବି ରାଧା ଯଉଁଥିକୁ ଧର । ଦୂତି ଗୋ ।
ସୁଯଶ ବିସ୍ତାର । ହରି ଉଚ୍ଚାରିଲେ ହରି ଭେଟାଇ ନିସ୍ତାର ॥
ଧୀରେ ଧୀରେନ୍ଦ୍ରଙ୍କୁ ଗିରେ ବୋଧିଣ ସଖୀ ।
ରାଧାଙ୍କୁ କହିଲା ସବୁ ପ୍ରସଙ୍ଗ ବିସ୍ତରି । ଦୂତି ଗୋ ।
କି କହି କହନ । କହିଁ କହିଁ ଧନୀ ହୃଦେ ଜଳିଲା ଦହନ ॥
ବିସ୍ମରଣ ପାଠ ସ୍ଫୂର୍ତ୍ତିବିଧିରେ ରାଧିକା ।
ମନ ହେଲା କ୍ଷଣୀ ହେଲେ ପ୍ରୀତିଆରାଧିକା । ଦୂତି ଗୋ ।
ବୋଇଲେ ସୁଗନ୍ଧି । ମୋ ହସ୍ତର ପାଇଁ ବନ୍ଧୁ ପାଇଲେ ଦୁର୍ଗନ୍ଧି ॥
କହିଁ କହିଁ ରହିଁ ରହିଁ ମୁହୁର୍ମୁହୁ ଦଶା ।
ଢେଳକରି ବଢ଼ାଇଲେ କଶୋରୀ ଦୁର୍ଦ୍ଦଶା । ଦୂତି ଗୋ ।
ମାଗୁଛି ଏତିକି । ଅଭିମନ୍ୟୁ ବୋଲେ କର ମିଳନରୀତିକି ॥

ପଞ୍ଚତ୍ରିଂଶ ଛାନ୍ଦ

ରାଗ—ଲଳିତକାମୋଦ

ଧୀରେ ରାଧା କରି ଧରି କହୁଛନ୍ତି ଦୂତିକି ।
ଜୀବନ ନେବାକୁ ଲଗାଇଛୁ ପାପ-ପ୍ରୀତିକି । ଦୂତି ଗୋ ।
ପ୍ରାଣବନ୍ଧୁଙ୍କୁ କହ ଯାଇଁ ଏତିକି ।
ଦୀକ୍ଷା କରିଛନ୍ତି ପରି ନାରୀମାରି ରୀତିକି ॥
ଯାହା ସେ କହିଲେ ତାହା ସତ ବୋଲି ହେବ କି ।
ଜାଣିଥିଲେ ପୁଣି ବିନାଶନ୍ତେ କେହି ସେବକୀ । ଦୂତି ଗୋ ।
ଦୟାନିଧିଙ୍କି ପରି ଏ ଅବିଧି କି ।
ଅବିଧିକି କଲେ ଅରଜିବେ କେଉଁ ସିଦ୍ଧିକି ॥
ଶ୍ରୀଚରଣେ ସେବି ପ୍ରାଣ ବିକଅଛି ମୁହିଁତ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତାଙ୍କ ଅନୁଗ୍ରହ ବିନା ମୋ-କରମଳହତ । ଦୂତି ଗୋ ।
   ବନ୍ଧୁଙ୍କୁ କହ ଆନ୍ୟଗତି ନାହିଁତ ।
ଦ୍ରବ୍ୟତତ୍ତ୍ୱେ ବର୍ଣ୍ଣିଛନ୍ତି ଯେ ତାହାଙ୍କୁ ବିହିତ ।
ଚନ୍ଦ୍ରବିନା ଚକୋରକୁ ଆନ ଗତି ନାହିଁ କି ।
ଜଳବିନୁ ମୀନ ଧନ ନେବ ପୁଣ କାହିଁକି । ଦୂତି ଗୋ ।
   କହିବୁ ଯାଇଁ ସେ ନାଗରମଣିଙ୍କ ।
ଦାସୀଙ୍କ ପକାଇଦେଲେ କାମ-ସିନ୍ଧୁ ପାଣିକି ।
ନିରବଧି ହୃଦୟକୁ କାମଦେବ ଦହିବ ।
ଅବଳା ମାଏକେ ଏତେ ଦାଉ କେହି ସହିବ । ଦୂତି ଗୋ ।
   ପ୍ରାଣନାଥରେ ଏତେମାଏ କହିବ ।
ରାଧାକୃଷ୍ଣ ଆଦ୍ୟ ବେନିବର୍ଣ୍ଣ ଲୋପ ହୋଇବ ।
ବିଦେହ ପଥଶଙ୍ଖାଳି ପ୍ରାଣଧନ ହୋଇବ ।
କାହାକୁ କି ହେବ କହ ସବୁ କଳଙ୍କ ଦଇବ । ଦୂତି ଗୋ ।
   କହିବୁ ଦାସୀ-ଗୁଣ-କୁଳ ଗାଇବ ।
ନିଲକ୍ଷଣୀ ପାଇ କିପା ଏତେ ଦୁଃଖ ସହିବ ।
ସ୍ନେହ ପରାଧୀନେ ଗୁଣଗ୍ରାହି-ତାପ ବଢ଼ିବ ।
ତା ଭବ ଜୀବନ ଗଲେ ପାପପଙ୍କେ ପଡ଼ିବ । ଦୂତି ଗୋ ।
   କୃଷ୍ଣର ପ୍ରେମ ଲୋଭଶ୍ରୀତ ଭାଙ୍ଗିବ ।
ନୋହିଲେ ମୋହର ପର ପ୍ରେମଭୃତ ଲାଗିବ ।
ତାଙ୍କ ଶ୍ରୀଗୁରୁଙ୍କୁ ମୋହପାଇଁ ବିଦା ମାଗିବ ।
ପଦଧୂଳି ଦତ୍ତ କଲେ ସବୁ ପୁଣ୍ୟ ଜାଣିବ । ଦୂତି ଗୋ ।
   ପ୍ରାଣନାଥରେ ଥରେ ଏହା ଭାଷିବ ।
ଅଭାଗିନୀଙ୍କ ତାରିଲେ ଯଶ ସିନା ଦିଶିବ ।
କହିଥିଲୁ କହିଥିଲେ ପର ଏହା ନାଗର ।
ବିରହ ଅତୁଳ ଧାତ କୋଟିଗୁଣେ ନାଗର । ଦୂତି ଗୋ ।
   ବନ୍ଧୁଙ୍କୁ କହ ଏ କି ଶଠ ଉତ୍ତର ।
ସତ ହୋଇଥିଲେ ମୋତେ କରନ୍ତେ କି ଅନ୍ତର ।
କୁମୁଦିନୀ ବିନା ବାଧା କି ହୁଅଇ ବିଧୁର ।
ସେ ପୁଣି କୁହଇ ନିକି ତାଙ୍କ ବିନା ବିଧୁର । ଦୂତି ଗୋ ।
   ବନ୍ଧୁଙ୍କୁ କହ ଦେଖ ପ୍ରୀତି ଶଶିର ।
କାଳୀ ହେଲେହିଁ ଆଦର ନ ତେଜନ୍ତି ନଶୀର ।
ଦେଖୁଛନ୍ତି ଭୃଙ୍ଗ ସଙ୍ଗରଙ୍ଗ ତାମରସର ।
ଅନୁଗତ ଯେନ ମିତ୍ର ମୁଦେ ପ୍ରତିବାସର । ଦୂତି ଗୋ ।
   କହ ବନ୍ଧୁଙ୍କୁ ରୀତି ଦିଗବାସର ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଭୁଜଙ୍ଗକୁ ଅଙ୍ଗୀକାରି ହେଲେ ଆଶୀବିଷର ॥
କମଳିନୀରେ ବିଳାସ ସର୍ବଦା ଷଟ୍‌ପଦର ।
ବାସଙ୍ଗ ସଙ୍ଗରଙ୍ଗ କି ନ କରଇ ଆଦର । ଦୂତି ଗୋ !
କହ ବନ୍ଧୁଙ୍କୁ ଏହି ରୀତି ବିଚାର ।
ରସିକ ସଂସାରେ ସିନା ହାସ ହେବ ପ୍ରଚାର ॥
ଦାସୀ ଦୋଷୀ ହେଲେ ତେଜିବାର ନୋହେ ସୁନ୍ଦର ।
ଅହଲ୍ୟା ସଙ୍ଗ ଲଭିଲେ ପରା କାନ୍ତ ସାଦର ।' ଦୂତି ଗୋ
ବନ୍ଧୁଙ୍କୁ କହ ଦୋଷ ଥିଲେ ନ ଧର ।
ଶ୍ରୀଚରଣ ଭେଳା ଦେଇ ଭାସୁଅଛି ଉଦ୍ଧର ॥
ସେ ଛାଡ଼ିଲେ ମୁଁ ଛାଡ଼ିତ ନ ପାରିବ ଧନକୁ ।
ସ୍ତନତଳୁ ତର ସ୍ତୋକ ଛାଡ଼ଇ କି ଘନକୁ । ଦୂତି ଗୋ ।
କହ ବନ୍ଧୁଙ୍କୁ ତୃଷି ସୁଧାରସକୁ ।
ଶିରଚ୍ଛେଦ ହେଲା ରାହୁ ନ ଛାଡ଼ିଲା ଆଶାକୁ ॥
ଶତେଜନ୍ମ ପରଯନ୍ତେ ଦୃଢ଼ବ୍ରତ ହୋଇଲା ।
ଅଶାକର ନାଶ ହେବ ବୋଲି ରାଧା ବୋଇଲା । ଦୂତି ଗୋ ।
କହ ବନ୍ଧୁଙ୍କୁ ଭ୍ରମେ ମୃଗ ଧାଇଁଲା ।
ଆଶା କର ନାଶ ହେଲା ଚନ୍ଦ୍ର କି ନ ପାଇଲା ॥
ପତଙ୍ଗ ଦୀକ୍ଷାକୁ ଶିକ୍ଷା ମନ ଏବେ କଲାଣି ।
ଦହହେଲେ ପ୍ରୀତି ତହିଁ ଦେହ ଦେବା ହେଲାଣି । ଦୂତି ଗୋ ।
କହ ବନ୍ଧୁଙ୍କୁ ଆଶା ଲୋଭ ମଲାଣି ।
ଲୋଭ ମନ ଶ୍ରୀପଦକୁ ଦେହ ଛାଡ଼ି ଗଲାଣି ॥
ପ୍ରାଣହିଁ ସେହି ଦୀକ୍ଷାକୁ ଶିକ୍ଷା ଏବେ କରୁଛି ।
ଆନ ଅଭିଳାଷମାନ ଛାଡ଼ି ଦୃଢ଼େ ଧରୁଛି । ଦୂତି ଗୋ ।
କହ ବନ୍ଧୁଙ୍କୁ ସବୁ ପାଞ୍ଚସରୁଛି ।
ଯାହା ଇଚ୍ଛା ତାହା କର ମାଳା ଦେଇ ବରୁଛି ॥
କାନ୍ତସ୍ନେହେ ମୃଗମଦ କଜ୍ଜଳକୁ ରସିଛି ।
କଳଙ୍କିନୀ ଅପବାଦ ବଣିଜରେ ପଶିଛି । ଦୂତି ଗୋ ।
କହ ବନ୍ଧୁଙ୍କୁ କୁଳ ମୂଳ ନାଶିଛି ।
ପ୍ରାଣ ପ୍ରାୟଶ୍ଚିତ୍ତ ଏବେ କରିବାକୁ ବସିଛି ॥
ଦୁର୍ଜନ କୁବଚନ ଶରକୁ ଶିର ଆଡ଼ିଛି ।
କାନ୍ତ ଅନ୍ତ ଉଭୟଙ୍କ ଭୟକୁହିଁ ଏଡ଼ିଛି । ଦୂତି ଗୋ ।
କହ ବନ୍ଧୁଙ୍କୁ ଲୋକାପେକ୍ଷା ଛାଡ଼ିଛି ।
ନଦାନ ମୁଁ ଅଭିମାନ-ପକ୍ଷୀ ବେକ ମୋଡ଼ିଛି ॥
ଜୀବ ଥିଲେ ଭାବ ହେବ ବୋଲି ଦୁଃଖ ସହୁଛି ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପ୍ରୀତି ଫିଟିଯିବ ବୋଲି ଆକଣ୍ଠରେ ରହିଛି । ଦୂତି ଗୋ ।
  କହି ବନ୍ଧୁଙ୍କୁ ମନ୍ଦାକ୍ଷ ମୁଁ ଦହିଛି ।
କୃପାନିଧି ତେଜିବେ କି ଏହି ଦମ୍ଭ ବହିଛି ॥
ଶ୍ରୀଚରଣେ ଭଜିବାକୁ ଆଶା ମନେ ଘେନିଛି ।
କେତେ ଦେବଦେବୀଙ୍କି ମୁଁ କେତେ ବନ୍ଦି ମାନିଛି । ଦୂତି ଗୋ ।
  କହି ବନ୍ଧୁଙ୍କୁ ପରାଣକୁ ଦହୁଛି ।
ଲଭି ରହି ରହିଯାଏ ମଦନକୁ କହୁଛି ॥
ଗତି ଆଉ ନାହିଁ ନାହିଁ ସୃଷ୍ଟି ଯାକ ଖୋଜିଛି ।
ଯାହା ଇଚ୍ଛା ତାହା ହେଉ ଚିନ୍ତାମଣି ଭଜିଛି । ଦୂତି ଗୋ ।
  କହି ବନ୍ଧୁଙ୍କୁ ସବୁ ଦଶା ଘୋଟିଛି ।
କାମ-ଯମ ଜୀବନ ନେବାକୁ ଆସି ହଟିଛି ॥
ହେଳା କଲେ ପ୍ରୀତି ଭେଳା ମୋର ବୁଡ଼ିଯାଉଛି ।
ବର୍ବର କରନ୍ତୁ କେଡ଼େ ଅସୁନ୍ଦର ହେଉଛି । ଦୂତି ଗୋ ।
  କହି ବନ୍ଧୁଙ୍କୁ ଏ ବର୍ବର ହେଉଛି ।
ନାଥ ଥାଉଁ ଅନାଥିନୀ ଦଶା ପରି ଦହୁଛି ॥
ଶୁଣିଥିଲେ ପ୍ରେମବୀଜ ଅଙ୍କୁର ସେ ହୋଇଛି ।
ଘନରସ ଆଶାକରି ଏତେକାଳ ଜୀଇଛି । ଦୂତି ଗୋ ।
  କହି ବନ୍ଧୁଙ୍କୁ କାମ ଜ୍ୱାଳ ଦେଉଛି ।
ତହିଁ ଯେ ବଳୁଛି ପ୍ରୀତି ମୂଳ ଖୋଳି ନେଉଛି ॥
ପ୍ରୀତିପୁରନ୍ଦରଙ୍କୁ ଏ ନିନ୍ଦା ନିକ ନୋହୁଛି ।
ପଛେ ଦୋଷ ନ ବାଛିବେ ବାର ବାର କହୁଛି । ଦୂତି ଗୋ ।
  କହି ବନ୍ଧୁଙ୍କୁ କେହି ଦେହ ସହୁଛି ।
ବର୍ବରନ୍ତୁ ସବୁ ଆଶା ଏହିଠାରୁ ରହୁଛି ॥
ଉଦେ ହେଲା ଶ୍ୟାମ ଘନରସ ବୃଷ୍ଟି ନୋହିଲା ।
ଦୁର୍ଯୋଗ-ବତାସ ପୁଣି କାହୁଁ ଆସି ବହିଲା । ଦୂତି ଗୋ ।
  କହି ବନ୍ଧୁଙ୍କୁ ସବୁ ଆଶା ରହିଲା ।
ପିପାସୀ ଚାତକୀ ଚଉ ଚନ୍ଦ୍ରା-ଚତା ଦହିଲା ॥
ଶରତ ଗତି ନୋହିଲେ ଘନରସ ନୋହିବ ।
ଜ୍ୟେଷ୍ଠତାପରେ କି ଆଉ ପ୍ରେମକୃଷି ରହିବ । ଦୂତି ଗୋ ।
  ପ୍ରାଣବନ୍ଧୁଙ୍କୁ ଏହା ଯାଇଁ ଭାଷିବ ।
ଏଥି ତାଙ୍କ ଦିବ୍ୟ ଅବଧାନକୁ ଯେ ଆସିବ ॥
ଆହୁରି କହିବୁ ଥରେ ମୋ ଦୟିତ୍ନୀ ଏତିକି ।
ଆଉମାନଙ୍କୁ କରିବେ ନାହିଁ ମୋଠା ଛୀତକି । ଦୂତି ଗୋ ।
  କହି ବନ୍ଧୁଙ୍କୁ ଊଣା ହେବ ପ୍ରୀତିକି ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଗୁଣବିଚକ୍ଷଣ ନ ଜାଣନ୍ତି କେଉଁ-ମୀତିକ ॥
କହିବୁ ଆହ୍ନର ଥରେ ଶ୍ରୀଷ୍ଟମୁରେ ନାଥର ।
କି ଉପାୟରେ ଏଥର ହୃଦ କଲେ ପଥର । ଦୂତି ଗୋ ।
କହ ବନ୍ଧୁଙ୍କୁ ଯାଇଁ ମୋର ଉତ୍ତର ।
ରାଧା ମାଗିଛନ୍ତି ଦେବ ପ୍ରେମଛଡ଼ା ମନ୍ତ୍ର ॥
କହୁଁ କହୁଁ ମୁହୁର୍ମୁହୁ ଧନୀ ହେଲେ କାତର ।
ହା ମୋହନ କହି ମୋହଗତି ହେଲା ଚତୁର । ଦୂତି ଗୋ ।
ଏଜାତି ଚିତ୍ତ ପୋଡ଼ୁ ପୋଡ଼ୁ ପ୍ରୀତିର ।
ଦୀନ ଅଭିମନ୍ୟୁ ଭାବେ ପଦ ରସବତ୍ତର ॥

ଚୈତ୍ୟାଣୀ ଛନ୍ଦ

ରାଗ—ଗଡ଼ମାଳିଆ

କୋବିଦବୃନ୍ଦ ଏ ଛନ୍ଦ ବୃନ୍ଦ । ହୃଦ-କୁମୁଦ କରିବ ମୁଦ ।
ଶ୍ରୀରାଧା ଗୋବିନ୍ଦ ନୂତନ ବିନୋଦ ସ୍ୱାଦୁ ନିନ୍ଦଇ ଅମୃତ କନ୍ଦ ।
ଏ ପ୍ରେମପଦ । ତାପ ନାଶନକୁ ଆହ୍ଲାଦ ପଦ ଯେ ॥
ଶ୍ରୀରାଧା ଶ୍ରୀବିଧୁ ରସାଭେଦେ । ଲାଗି କରିଥିଲା ଦିନ ଉଦେ ।
କାମତମ ଘୋଟି ଯିବାର ଚହଟି ଯାଉଛି ଉଜ୍ଜ୍ୱଳ ଆସପଦେ ସେ ।
ରସକଳା । ସ୍ମିତ ସ୍ୱୀକାରେ ହେଲା ଅନନ୍ତ କଳା ସେ ॥
ଘନରସକାଳ ଉପଗତ । ସୁରତରଙ୍ଗିଣୀ ଗତିମନ୍ତ ।
ନାଗର ସାଗର ସଙ୍ଗମତରଙ୍ଗ ବିଭେଦାଲିଙ୍ଗିତ ଖ୍ୟାତ ସତ ସେ ।
ଦ୍ୱନ୍ଦମୁଦ । ପରସ୍ପରେ ହେଲେ ଶୁଚିପଦ ପ୍ରଦ ସେ ॥
ସୁମନେ ସୁବେଶ କି ମାନିଲା । ମଧୁକାଳ ମାଧବରେ ହେଲା ।
ଜ୍ୟେଷ୍ଠମିତ୍ରକର ସ୍ମରଣ ହେବାର ଭାବ ବିମୁଦିତା ପ୍ରକଟିଲା ସେ ।
ଗ୍ରୀଷ୍ମ ମଣି । ଭୋଗେ ଦକ୍ଷିଣା ମରୁତେ ମତ୍ତ ପୁଣି ସେ ॥
ରସ ପ୍ରବୃତ୍ତ ଯହୁଁ ହେଲା । ବରଷା ଲକ୍ଷଣ ଘଟିଗଲା ।
ପାଣିଜ ଚନ୍ଦ୍ରମା ବିଶେଷ ସୁଷମା ବିତରୁଁ ଶରଦ ଆଭାସିଲା ସେ ।
ଏ ବିଷୟରେ । କାଳ କଳିତ ନୋହିଲା ଭାବନାରେ ହେ ॥
ବିଷ୍ଣୁ ସିଦ୍ଧି କରିବାକୁ ପ୍ରୀତି । ରତି କାମ ଯହିଁ ଦୂତ ଦୂତୀ ।
ଭୁବି ଚିନ୍ତାମଣି କଳ୍ପତରୁ ମଣି ବିଟପ ବ୍ରତତୀ ଯେତେ ସ୍ଥିତ ସେ ।
ଖଟିଛନ୍ତି । ନିଜ ଗୁଣଗଣ ଯେନି ଋତୁପନ୍ତି ସେ ॥
ଅନନ୍ତମସ୍ତକଫଣି ପରେ । ଶ୍ରୀସହସ୍ରଦଳ କମଳରେ ।
ରସି ନିୟୁକ୍ତ କେଶର ବିଦିତ ବିଲକ୍ଷିତ କର୍ଣ୍ଣିକାର ପରେ ସେ ।
ବିରଚିତ । ମହା ଯୋଗମାୟାପୀଠ ସୁଘଟିତ ସେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କ୍ରୀଡ଼ାଶୟନରେ ଲୀଳାତୂଳ । ରାଗ ଉପଧାନ ଥାଇ ମିଳ ।
ଭାବ ଚନ୍ଦ୍ରାତପ ଆହ୍ଲାଦ ବିଦିତ ବ୍ୟଜନ କରେ ରଞ୍ଜନ କେଳି ସେ ।
ମହା ତୂଳ । କାନ୍ତି ପ୍ରଦୀପେ ହୁଅଇ ହୀର ଭାଳ ସେ ।
ପ୍ରେମର ଉପକରଣ ଯେତେ । ଭୂଷଣ ମନାଇଁ ଅତି ଦୀପ୍ତେ ।
ସଦା ଅଷ୍ଟଶକ୍ତି ଖଟଣିରେ ସ୍ଥିତ ଆଭରଣେ ଭିନ୍ନ ଭିନ୍ନ ମତେ ସେ ।
କ୍ରୀଡ଼ାବତୀ । ସର୍ବ ନମସ୍କୃତ ମହା ଭାବମୂର୍ତ୍ତି ସେ ।
ସଚ୍ଚିଦାନନ୍ଦ ଆନନ୍ଦକନ୍ଦ । କେ ଜାଣିବ ତାଙ୍କ ପ୍ରେମଭେଦ ।
କୃପଣରତନ ଗୋପନ ସମାନ ଜାଣୁ ନ ଜାଣୁ ବୋଲନ୍ତି ବେଦ ହେ ।
ଯେଉଁ ରସ । ବର୍ଣ୍ଣିବାକୁ ସାହସ ନ କଲେ ଶେଷ ଯେ ।
ଚାରିଦ୍ୱାରେ ଚାରିବର୍ଗ ଜୁର । ଚାରିବେଦ ବନ୍ଦୀ ପରକାର ।
ଚାରିପୁରୁଷାର୍ଥ ଯେନକର ଦ୍ୱାଃସ୍ଥ ଚତୁର୍ଥ ପୁରୁଷ ପରଚାର ସେ ।
ତୁରୀୟାନ୍ତେ । ଗୁଣାତୀତ ଧାମ ଶୋଭା ଅଖଣ୍ଡିତେ ସେ ।
ଇଚ୍ଛାଶକ୍ତି ଆଜ୍ଞା ଚାହିଁ ରହେ । କୋଟି ସୃଷ୍ଟି ଭୃଟିକରେ ବହେ ।
ଯାହାର ଆଭାସ ଯେନ ପରକାଶ ବ୍ରହ୍ମା ବିଷ୍ଣୁ ରୁଦ୍ର ଛଳେ ମୋହେ ସେ ।
ନିରଙ୍କୁଶ । ଇଚ୍ଛାବଳେ ତାଙ୍କ ଲୀଳା ପରକାଶ ସେ ।
ଦାସୀ ଶାଖା ସଖୀ ପତ୍ରଡାଳ । ମୃଦ ସୁମନସ ସୁଖ ଫଳ ।
ମୂଳ ରସ ଯୋଗେ ଉଲ୍ଲାସ ସର୍ବାଙ୍ଗେ ହେବାରୁ ପ୍ରାପ୍ତ ଆହ୍ଲାଦ ଜାଲ ସେ ।
ରାଧା ହରି । ବଭେଦତା ବଭେଦତା ତାଙ୍କୁ କରି ସେ ।
ଧୀରେ ଦୀନ କ୍ଷୁଦ୍ର ନଦୀ ମୁହିଁ । ମହାନଦୀ ତୁଲ୍ୟ ରାଧା ସହି ।
ଧନ୍ୟ ସୁରଧୁନୀ ପୂର୍ବପର୍ବ ଯେନ ମିଳନ କରୁଣୀସିନ୍ଧୁ ତହିଁ ସେ ।
ହେବ ସତେ । ଅବାରିତ ହେବ ତବ ପଦାଶ୍ରିତେ ଗୋ ।
ପୁଷ୍ପପୁଞ୍ଜେ ମାଧବକାକୁଞ୍ଜେ । କୁଞ୍ଜଲତାବୃନ୍ଦେ କି ବିରାଜେ ।
ଗୁଞ୍ଜରନ୍ତି ଭଙ୍ଗେ ରାଧାକୃଷ୍ଣ ରଙ୍ଗେ ପରସ୍ପରେ ଚୁମ୍ବ ଦେବା ସଙ୍କେ ସେ ।
ଆଲୋକନେ । ଦୀନ ଅଭିମନ୍ୟୁ ଭାବେ ଅନୁଦିନେ ସେ ।

ବୟାନବେ ଛାନ୍ଦ

ରାଗ—ବରାଡ଼ୀ । ଆଷାଢ଼ଶୁକ୍ଳ ବାଣୀରେ

ଉତ୍ତମରସିକେ ସୁମନେ ଶୁଣ । ଏ ରସାର୍ଣ୍ଣବ-ଲହରୀ ଲକ୍ଷଣ ।
ନବ କିଶୋରୀ ଗାତ୍ରମାନ ଦେଖି । ବୃନ୍ଦାକୁ ପଚାରନ୍ତି ନାନ୍ଦୀମୁଖୀ ।
ପ୍ରାଣବକ ଯହିଁ । ମାନ କି ଅଣ କରି ଆଣେ ତହିଁ ।
ହସି ହସି ତହିଁ କହିଲେ ବୃନ୍ଦା । କାମ ପ୍ରେମ ରୀତି ବିଷମ ଧନ୍ଦା ।
କାମସାଗର ପ୍ରଣୟ ଲହରୀ । ଭାବ ସାବଲ୍ୟ ତହିଁରେ ଭଉଁରୀ ।
ତହିଁ ପଡ଼ି ମନ । କ୍ଷଣକ୍ଷଣକେ ହୋଏ ଅନୁମାନ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କହିବା ସାବଧାନ ହୋଇ ଶୁଣ । ମାନ ଉତ୍ପତ୍ତି ଶାନ୍ତି ବିବରଣ ।
ନାୟିକା ପଞ୍ଚଦଶ ମୁଖ୍ୟ ଜାଣ । ତହିଁ ଏକା ମୁଗ୍ଧା ସପ୍ତବିଧେଣ ।
ସ୍ୱାଭାବିକ ଧର୍ମ । ନବସଙ୍ଗମେ ନୂତନାଙ୍କ କର୍ମ ॥
ଲୋକଶିକ୍ଷା କୁଳମର୍ଯ୍ୟାଦା ଲଜ୍ଜା । ଅରସଜ୍ଞା ଅପରିଚେ ଭୟ ଯା ।
ହେତୁରୁ ମାନବତୀ ହୋଇଥାଇ । ପ୍ରିୟ ପ୍ରିୟୋକ୍ତି ଅପ୍ରିୟ ମଣଇ ।
ବଳାତ୍କାରେ ଭୋଗେ । ସୁଖାନୁଭବେ ଲାଜ ଭୟ ଭାଙ୍ଗେ ॥
ଦ୍ୱିତୀୟେ ମର୍ଯ୍ୟାଦା ମୁଗ୍ଧା ଲକ୍ଷଣ । ବହୁଭୋଗିନୀ-ନୀତି ଆଚରଣ ।
ମର୍ଯ୍ୟାଦା ଲାଗି ହୋଇଥାଇ ତୂନି । ସାମ ଦାନ ଦଣ୍ଡ ଭେଦାଦି ଘେନି ।
ଉପାୟ ଗୋଟିକେ । ଶାନ୍ତି ଭଜିଯାଏ ଗୃଷ୍ଟୁପଦକେ ॥
ତୃତୀୟେ ପ୍ରୟୋଜନ ମୁଗ୍ଧାରୀତି । ପ୍ରୟୋଜନବଶେ ମାନୀ ହୁଅନ୍ତି ।
ଗୃଷ୍ଟ ଉପାୟରେ ମାନ ନ ତୁଟେ । ପ୍ରୟୋଜନ ପ୍ରାପ୍ତି ମାତ୍ରକେ ହଟେ ।
ଭଙ୍ଗି ମୁଗ୍ଧାରୀତି । ଚତୁର୍ଥ ଶୁଣ ଏବେ ଦେଇ ମତି ॥
କୁତୁକେ କାମ-ଉଦ୍ଦୀପନ ତନ୍ତ୍ର । ମିଛେ ହେଁ ଛଳେ ବହେ ମାନରୀତି ।
ହାସ ପରିହାସ ସମ୍ମାନଦାନ । ପାଇଲାକ୍ଷଣି ତୁଟିଯାଏ ମାନ ।
ବକ୍ରୋକ୍ତି ସରସେ । ପ୍ରସନ୍ନ ହୋଇ ଉଲ୍ଲାସେ ବିକାଶେ ॥
ପଞ୍ଚମେ ଅର୍ଦ୍ଧ-ମୁଗ୍ଧାରୀତି ଚିହ୍ନ । କନ୍ୟାବୟସେ ପତି ପ୍ରାପ୍ତି-ଘେନ ।
ରତି-ପ୍ରୀତିସୁଖ ଅନନୁଭବୀ । କେଉଁ କଥାକୁ କି କରି ଜାଣିବ ।
ଏମନ୍ତ ବିଚାରେ । ପତିରୁ ମତି ଛନ୍ନେ ଦୂର କରେ ॥
ରସ ବିଷୟ ଦଣ୍ଡଭେଦୋପାୟେ । ସେ ମାନ କେବେହେଁ ଶାନ୍ତି ନ ପାଏ ।
ମନ-ଅନୁରୂପ ରମ୍ୟବଚନ ଲାଳନା ଚିତ୍ରଦ୍ରବ୍ୟମାନ ଦାନ ।
ଯେବେ କରେ ପତି । ସେ ମାନ ଶାନ୍ତି ଭଜଇ ଝଟିତି ॥
ଷଷ୍ଠେ ଶୁଣ କାମ୍ୟମୁଗ୍ଧା ଲକ୍ଷଣ । ସେମାନ କାମ-ଉଲ୍ଲାସେ ନିପୁଣ ।
ପଞ୍ଚଉପାୟରେ ଶାନ୍ତି ସେ ରୀତି । ସାମ ଦାନ ଦଣ୍ଡ ଭେଦ ବିନତି ।
ତୋଷ ହୋଏ ଶୁଣି । କାନ୍ତ ସଂଭୋଗ-ଆତୁରତା ଜାଣି ॥
ସପ୍ତମେ କାମମୁଗ୍ଧାରୀତି ଶୁଣ । ଦିବ୍ୟ ସ୍ନେହାଧୀନପ୍ରୀତି ଲକ୍ଷଣ ।
କମଳଦଳ ଜଳବତ ମନ । ଟଳ ଟଳ କରେ ପ୍ରେମପବନ ।
ତେଣୁ କାନ୍ତ ଉଣା । ନ ସହି ମାନୀ-ହୁଅଇ ପ୍ରବୀଣା ॥
ପ୍ରାଣ ବିକି ଗୁମାନ କରଇତ । ପ୍ରାଣ ବୋଲି ହତାଦର କଲେ ତ ।
ଶିରଭୂଷଣ ଏତେ ମାନ କଲେ । ଶିର ଭୂଷଣ କରି ଫିଙ୍ଗିଦେଲେ ।
ବିଚାରେ ଏପରି । ରାଗ ସରାଗ ବଳାବଳ କରି ॥
କାନ୍ତ ସ୍ୱାଧୀନତା ମୁଖବିରସେ । ଔତ୍ସୁକ୍ୟପ୍ରେମପୂର୍ଣ୍ଣ ଦୈନ୍ୟ ଭାଷେ ।
ପ୍ରାଣ ସମର୍ପଣ ରୀତି ଆଶ୍ରୟ । ଆସନ୍ତେ କରେ ସଦୟ ଉଦୟ ।
ଦ୍ରବଇ ହୃଦୟ । ସେ କ୍ଷଣି ମାନ ହୋଇଯାଏ କ୍ଷୟ ॥
ଏ ସପ୍ତ ରୀତି ଗୋ ବୋଲଇ ମାନ । ସେମାନ ପୁଣ ଗୋ ବେନି ବିଧାନ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଈର୍ଷା ପ୍ରଣୟ ନାମ ବହନ୍ତି । ତୁହେଁ ତୁଲ୍ୟଠାରୁ ଜାତ ହୁଅନ୍ତି ।
ଈର୍ଷା ବିଧାନ । ସହେତୁକ ଅହେତୁକ କଥନ ॥
ସହେତୁକମାନ ଜନମ ସ୍ଥାନ । ନାୟକ ଅନ୍ୟ ସଂଭୋଗଲୋକନ ।
ଅନ୍ୟାଭିଲାଷ ତିରିଏ ଶ୍ରବଣ । ଅନ୍ୟ ଆସକ୍ତି ଆଶ୍ରୟ ଲକ୍ଷଣ ।
ଅନୁମାନ କଲେ । ପରିସିନ୍ଧୁ ପ୍ରାୟ ମାନ ଉଚ୍ଛୁଳେ ॥
ସେମାନ ପୁଣି କାମ ବାମୋଥିତା । କାମୋଥିତା ତହିଁ ସକାମ ରତା ।
ସେମାନ ରତି ବିବରଣ ଶୁଣ । ପଞ୍ଚ ଉପାୟ ତହିଁକି ପ୍ରମାଣ ।
ସାମ ଶାନ୍ତି ବାଣୀ । କପଟେ ତୋ ଦାସ ବୋଲେ ସେ ପୁଣି ॥
ଦାନ କରଇ ଚୁମ୍ବ ଆଲିଙ୍ଗନ । ନଖଦନ୍ତ କ୍ଷତ ଦଣ୍ଡ ବିଧାନ ।
ଭେଦ ପରୋକ୍ଷ ସଖୀ ସାକ୍ଷ୍ୟ ଦେବା । ନତି ଶଠମତେ ଫାନ୍ଦେ ପଡ଼ିବା ।
ଏହିମାନେ ଶାନ୍ତି । ତହିମାନଙ୍କୁ ଘେନ ଦେଇ ମତି ॥
ଅବୟବ ପୂରି ପୁଲକ ଥରେ । ଘନଜଘନ ସ୍ତନ ବାହୁ ସ୍ଫୁରେ ।
ଭଙ୍ଗୀ ଆଳସ୍ୟ ଜୃମ୍ଭାଦି ବିକାର । ବଳାତ୍କାରରେ ଜାତ ବାର ବାର ।
ଏ ରୀତିକି ଦେଖି । କାନ୍ତ ହୋଏ ରସ-ଆଳୁରେ ସୁଖୀ ॥
ଏବେ ଶୁଣ ବାମ ଉତ୍ଥିତାମାନ । ସମ୍ଭୋଗେ ପୂର୍ଣ୍ଣି ହୋଇଥିଲେ ମନ ।
ଅନ୍ୟନାୟିକା ଆସକ୍ତ ତହିଁକୁ । ଜାଣିଲକ୍ଷଣି ଭଜଇ ମାନକୁ ।
କାମ ପ୍ରେମ ବିନା । କେବଳ ହୋଏ ଅହଙ୍କାର ଘେନା ॥
ତାହା ଶାନ୍ତି ପଞ୍ଚ ଉପାୟ ବିନେ । ସାମ ମିଥ୍ୟା ଚାଟୁ ସତମାନେ ।
ଦାନ ଦେବା କରେ ବସ୍ତ୍ର ଭୂଷଣ । ଦଣ୍ଡ ପରୋକ୍ଷକୁ ଛଳ ବଚନ ।
ଭେଦ ପରପ୍ରୀତି । ପ୍ରଶଂସା କଥନେ ହରଇ ମତି ॥
ନତି ପଦ ଚୁଳିଶିରେ ଲଗାଏ । ଏତେକେ ତା ମାନ ସାମ୍ୟକୁ ପାଏ ।
ତା ଶାନ୍ତି ତହିଁ ସେବାସ୍ୟକର୍ମନ । କାନ୍ତକର ଧୃତ ଓଷ୍ଠ ଚୁମ୍ବନ ।
ଏ ବିକାର ଦେଖି । ଧୃଷ୍ଟନାୟକ ମନେ ମହାସୁଖୀ ॥
କୋଳେ ଧରି କହେ ମନ ଘେନାଇଁ । ତୋପରି ବିଶ୍ୱେ ଆନ କେହି ନାହିଁ ।
ସତେ ରୁଷିଲେ ନ ରଖିବି ପ୍ରାଣ । ମିଥ୍ୟା କୁହଇ ପକାଉଛୁ ଗୁଣ ।
କଲେ ହତାଦର । ଦେଖିବୁ ନାହିଁ ମୋତେ ଗ୍ରାମାନ୍ତର ॥
ଏବେ ଶୁଣ ଗୋ ଅହେତୁକ ରୀତି । ଚତୁର୍ବିଧ ଆଶ୍ରୟରୁ ଜନ୍ମନ୍ତି ।
କାନ୍ତ ବିଟପଣୁ ସେ କରେ ଆସ୍ୱାଦ । ଯୁବତୀମାନେ ପଡ଼ଇ ପ୍ରମାଦ ।
ବିଟପୀ ପୀରତି । କାନ୍ତ ଧନ ଦେଲେ ମଣଇ ରୀତି ॥
ଯୁବା ଥିବା ପୁର-ପଥରେ ପତି । ଅନ୍ୟ ପ୍ରୟୋଜନେ କଲେହେଁ ଗତି ।
ନାଗରୀ ମନେ ଦକଦକ ହୋଏ । ମିଛକୁ ସତ ମଣି ମାନୀ ହୋଏ ॥
ଅନ୍ୟ ଯୁବତୀଙ୍କ । ପ୍ରଶଂସା କଲେ ରୁଷଇ ପତିଙ୍କ ॥
ଚଞ୍ଚଳା ହୋଇ ସେ ଚଞ୍ଚଳା ବାଣୀ । ଦେଖାଇ ଶିଖାଇ କହଇ ପୁଣି ।
କର୍ମ କରୁଥାଇ କ୍ରୋଧାବିଷ୍ଟରେ । ବଚନ କହେ ପରୋକ୍ଷ ବାଦରେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସେହି ସ୍ଥାନ ଶାନ୍ତ । ବେଳେ ହେଲେ ହୋଏ ମିଥ୍ୟା ପ୍ରତୀତ ॥
ଜାଣଇ ନାହିଁ ଏଥି କାନ୍ତ ଦୋଷ । ମିଛକୁ ସତ ମଣି କଲି ରୋଷ ।
ଏମନ୍ତେ ଭାଳି ଲାଜ ପାଇଥାଏ । ସେକଥା ଭୁଁଲାଇ ମନଯୋଗାଏ ।
ମାନ-ଶାନ୍ତିରୀତି । ଅଟ୍ଟାଟ୍ଟହାସେ ମାଗେ ଯାଚେ ରତି ॥
ଏବେ ପ୍ରଣୟମାନ ରୀତି ଶୁଣ । ପ୍ରେମଜା ଭ୍ରମଜା ଦ୍ୱିବିଧ ଜାଣ ।
ପ୍ରେମଜା ପୁଣ ଦୁଇବିଧି ହୋଏ । ଦୈନ୍ୟଜା ଭଙ୍ଗିଜା ନାମ ଉଦଏ ।
ଦୈନ୍ୟଜା ସ୍ୱରୀତି । ଦୈନ୍ୟରୁ ବାମଜା ହୋଏ ଉତ୍ପତ୍ତି ॥
ସ୍ୱାଧୀନେ ବଲ୍ଲଭ ଧରିଲେ ପଦ । ଅଥବା ବିଞ୍ଚଇ ନାଶନେ ସ୍ୱେଦ ।
କିବା ପଦଧୂଳି ଶିରେ ଲଗାଏ । କି ଅବା ଛଡ଼ାଫୁଲ ଲାଗି ହୋଏ ।
କେବେ ଶିରଷ୍ଟଇ । ମନ ଜାଣି ବାଲା ପଦେ ପକାଇ ॥
ଅଳ୍ପ କଥା ପାଇଁ ମୋ ରାଣ କହେ । ଯାବକେ ସ୍ୱନାମ ଚରଣେ ଲିହେ ।
ଏ ଆଦି ରୀତିମାନ ଯେତେ ଯେତେ । ଏଥୁଁ ସେ ମାନ ଜନମେ ଗୁପତେ ।
ସ୍ନେହାଧୀନାମାନୀ । ବୃନ୍ଦ ବୃନ୍ଦ ହୋଏ ସନ୍ଧ୍ୟା ପଦ୍ମିନୀ ॥
ଏମାନ ଶାନ୍ତିକି ପଞ୍ଚଉପାୟ । ଶ୍ୱାସ ଗଦ୍ଗଦ ପ୍ରେମ ବାକ୍ୟୋଦୟ ।
ଦାନ ତହିଁକି ଆତ୍ମନିବେଦନ । ଦଣ୍ଡ ସ୍ୱଅଙ୍ଗେ ଅଶ୍ରୁ ବରିବର୍ଣ୍ଣି ।
ଭେଦ ପ୍ରେମ ସ୍ଫୂର୍ତ୍ତି । ପଦପ୍ରଶଂସା ଆଲୋକନ ନତି ॥
ବିବେକ ସ୍ନେହାଧୀନା ରସବତୀ । ମାନ ରଖିବ କି ବୃହିଁ ଏ ରୀତି ।
ହା ହା କାହାକୁ ମୁଁ କି ଦଣ୍ଡ ଦେଲି । ମନ୍ଦମତିରେ ମାନ କୁଆଁଇଲି ।
ଏମନ୍ତ ବିଚାର । ସ୍ନେହେ ଲଜ୍ଜାସିନ୍ଧୁ ନ ପାରେ ତର ॥
ଲୀଳା କମଳ ଶିର ସ୍ୱର୍ଣ୍ଣାଙ୍କୁର । ମହୀଲେଖନ ନିବେଦ ବିକାର ।
ଅଶ୍ରୁଜାତ ବିନ୍ଦୁ ଦୁଃଖେ ଲୋକନେ । କମ୍ପଇ ସେ ଅଭିରସା ଉଚ୍ଛନ୍ନେ ।
ଚନ୍ଦ୍ରାଗ୍ନିର ତାପ । ନେତ୍ର ମୁଦ ସ୍ମରେ ପ୍ରେମ ସ୍ୱରୂପ ।
ମାନରୁ ଅଧିକ ନମ୍ର ମଉଳି । ଶ୍ୱାସ ପକାଏ ଚନ୍ଦ୍ର ସ୍ନେହାବଳୀ ।
କି କଲି ବୋଲି କପୋଳ କଣ୍ଡୁଇ । ଦୁଃଖ ନ ସହି ତନୁ ପୁଲକଇ ।
ପ୍ରାତଃପଦ୍ମ ପରି । ଦିଶି ଆସଇ ତ ଶ୍ରୀମୁଖ-ଶିରୀ ॥
ସନ୍ଧ୍ୟା କୁମୁଦ ପରି ନେତ୍ର ମୁଦ । ଲାଜ ଲାଜ ବୃହେଁ ବଲ୍ଲଭ ପଦ ।
ନାସା ତୋଳିଲା ପରି ହେଉଥାଇ । ଚହ୍ନାଏ ଦୁଃଖ ସୀତ୍କାର ଦୁଇ ।
ଏହା ଦେଖି ପତି । ଗୁଚ୍ଛ ମଣେ କରଗତ ମୁକତି ॥
ଭଙ୍ଗିଜାମାନ ରୀତି ଏବେ ଶୁଣ । ସ୍ୱସୁଖାର୍ଥ କାନ୍ତ-ସୁଖାର୍ଥ ଜାଣ
ଅନୁରୂପ ଭଙ୍ଗୀ ବଚନ ସୁଖ । ପାଇଲକ୍ଷଣି ଯାଏ ବ୍ୟାଜଦୁଃଖ ।
ବକ୍ର ବିଲୋକନ । ମନ୍ଦହାସାଦି ମାନହାନି ଚିହ୍ନ ॥
ଏବେ ବିଭ୍ରମଜା ମାନ ଲକ୍ଷଣ । ବେନିପ୍ରକାର ବିବରଣ ଶୁଣ ।
ପ୍ରେମବଇଚିତ୍ର ପ୍ରଥମେ ପୁଣି । ପ୍ରେମ ବଇଚିତ୍ର ଦ୍ୱିତୀୟେ ଜାଣି ।
ପ୍ରେମବଇଚିତ୍ର । କାମ ପ୍ରେମ ବଳାବଳ ଚରିତ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କାନ୍ତା କାନ୍ତ ଚିତ୍ରପଟ ଆସକ୍ତି । ଦେଖି ଭ୍ରମେ ଅନ୍ୟାଭିଳାଷ ସ୍ଥିତି ।
ବେଣୀ ପ୍ରତିବିମ୍ବ କାଚବାଡ଼ିରେ । ସପତ୍ନୀ ମଣେ ଛନ୍ନ ମାନସରେ ।
  ସମ୍ଭୋଗ ଆନିର । ସ୍ୱପ୍ନେ ଦେଖି ମାନ ବଢ଼େ ରମାର ॥
ପକ୍ଷୋପାୟରେ ସେ କୁହଇ ଶାନ୍ତ । ହୋଏ ଯେବେ ତେବେ ମିଥ୍ୟାପ୍ରତୀତ ।
ରୁଷ୍ଟରେ କାନ୍ତ ସେ ମରମ କହେ । ଜାଣିଲାକ୍ଷଣି ଲାଜ ପାଇ ରହେ ।
  କି କଲି ବିରହ । କାନ୍ତ ପଦ ଛୁଇଁ ସ୍ନେହେ ସୁମର ॥
ଗଣ୍ଡପାଳିରେ ପୁଲକ ପୂରାଇ । ବାସ ଆଚ୍ଛାଦ ସ୍ମିତ ପ୍ରକାଶଇ ।
ଦୋଷ ଭୟରେ କାନ୍ତ କୋଳ ତେଜି । ରହେ ଅଳପ ପୁଣ ଚକ୍ଷୁ ବୁଜି ।
  ଏହା ଦେଖି ପତି । କଉତରେ ପାଏ ବାସବ ସମ୍ପତ୍ତି ॥
ପ୍ରେମ ବଇଚିତ୍ରୀତକ ଏବେ । ଶୁଣ ଗୋ ସଜନ ଆନନ୍ଦ ଭାବେ ।
କାନ୍ତ ପ୍ରଣୟାଧୀନସ୍ଥିତ ଚିନ୍ତ । କୋଳେ ଥାଉଁ ଥାଉଁ ବିଭ୍ରମ ମତି ।
  ବିରହରେ ନାଗରୀ । କାହୁଁ ଶିଖିଲେ ପ୍ରେମ ଏତେପରି ॥
ପୂର୍ବ ପରିଚୟ ଅଛି କାନ୍ତର । ମୋତେ କରିଛନ୍ତି ଏତେ ଅନ୍ତର ।
ନ ହସନ୍ତି ତାହା ପ୍ରସଙ୍ଗ ବିନେ । ମୁଁ କି କରିବି ତା ସ୍ନେହ ମଣ୍ଡନେ ।
  ଭାଳି ଭାଳି ଏହା । ସାକ୍ଷାତ୍କାରେ ତା ମଣେ ବିରହା ॥
ପ୍ରଣୟ ଅହି ଦଂଶଇ ମନକୁ । ଉଦ୍ଗାରେ ଆହଙ୍କାର ଗରଳକୁ ।
କାହିଁ କାହିଁ ରୁହିଁ ରୁହିଁ ଅଜ୍ଞାନ । ଅବଶେ ଆରମ୍ଭ କରଇ ମାନ ।
  ବିଷବୈଦ୍ୟ ମତି । ରୁଷ୍ଟମନ୍ତ୍ରେ କରି ନ ପାରେ ଶାନ୍ତ ॥
ସେ ବିଷକୁ ଗଦ ଭୟ ଦର୍ଶନ । ଚମକି କାନ୍ତେ କରେ କୋଳଦାନ ।
ସଚେତ ବଶେ ପ୍ରବେଶ ବିରହ । ବୃଥା କି କଲି ଭାଳି ଲଜ୍ଜାଭର ।
  କାନ୍ତବକ୍ଷେ ମୁଖ । ଲୁଚାଇ ଦିଏ ବ୍ରହ୍ମାନନ୍ଦ ସୁଖ ॥
ଏ ମାନ ପୂର୍ବେ କରିଥିଲେ ଉମା । ରାମ ଧନୁଭଙ୍ଗେ ହୋଇଲା କ୍ଷମା ।
ନାଗରୀ ନାଗର ଜୀବିକା ଧନ । ଏ ମାନ ପ୍ରକରଣ ବିରଚନ ।
  ରାଧା କୃଷ୍ଣ ଚନ୍ଦ୍ର । ସାମନ୍ତସିଂହାର ବିରଚୟିତ ॥

ଚୌରାନବେ ଛାନ୍ଦ

ପ୍ରେମତତ୍ତ୍ୱ ଲକ୍ଷଣ

ରାଗ—ବରାଡ଼ି । ଆଷାଢ଼ଶୁକ୍ଳ

ଧୀରେ ଧେନ ବଦନେ ଦୁର୍ବାସା ମୁନି । ଗୋପେ ମିଳିଲେ ପ୍ରେମଗ୍ରନ୍ଥ ଘେନି ।
ଅଣାଇ ସର୍ବ ପୁରୁଷ କାମିନୀ । ହୋଇଲେ ପ୍ରେମ ଉପଦେଶ-ଦାନୀ ।
  ଏ ରତନ ଚିହ୍ନି । ବାଣିଜ୍ୟ କଲେ ହେବ ମହାଧନୀ ॥
ଈଶ୍ୱର ଆନନ୍ଦଦାୟକ ପ୍ରୀତି । ଖ୍ୟାତ ସାକ୍ଷାତ ଆହ୍ଲାଦିନୀ-ମୂର୍ତ୍ତି ।
ସମ୍ବନ୍ଧିନୀ ସନ୍ଧିନୀ ବ୍ୟାପ୍ତି ସ୍ଥିତି । କାର୍ଯ୍ୟ କାରଣ ମୂଳ ହେତୁ ବୃତ୍ତି ।
  ପ୍ରଣୟି ହୃଦରେ । ସମ୍ବନ୍ଧ ବଳେ ନାନା ମୂର୍ତ୍ତି ଧରେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଏକାଙ୍ଗୀ ଦ୍ୱିଅଙ୍ଗୀ ବହୁଳଅଙ୍ଗୀ ।   ତ୍ରିଗୁଣାତ୍ମକ ବରେଷ୍ଟା-ସଂସର୍ଗୀ ।
ପଦ୍ମ ମୁଦ ହୋଏ ଭାନୁର ସ୍ନେହେ ।   ରସାନ୍ତର ହେଲେ ସେ ତାଙ୍କୁ ଦହେ ।
ଭୃଙ୍ଗ ସଙ୍ଗ ବାଦେ ।   ଏକାଙ୍ଗୀ ପ୍ରୀତିଲକ୍ଷଣକୁ ଛେଦେ ॥
ଏକାଙ୍ଗୀ ଚନ୍ଦ୍ର କୁମୁଦ ପୀରତି ।   ଘଟଇ ନାହିଁତ ଅଛନ୍ତ୍ର ନତି ।
ଚନ୍ଦ୍ରକ୍ଷୟ ଗନ୍ଧେ ମୁଦ କି ନୋହେ ।   କେବଳ ଘଟିତ ଆଭାସ ସ୍ନେହେ ।
ଚକୋର ପ୍ରଣୟୀ ।   ଚନ୍ଦ୍ର ବିନା ଆନମତେ ଜୀଅଇ ॥
ଘନ ଚାତକ ଚନ୍ଦ୍ର ଦିନମଣି ।   ଅନାୟତ୍ତ ବଶ ପୀରତି ପୁଣି ।
କେକୀ ଘନ ଦେଖି ଉଲ୍ଲାସ ହୋଏ ।   ଘନ ବିନା କେ କି ତାହାର କ୍ଷୟେ ।
ଏକାଙ୍ଗିନୀ ଗୁଣ ।   ଜୀବନ କେବଳ ମୀନ ପରାଣ ।
ଧେନୁ ବତ୍ସା ପ୍ରୀତି କୁହଇ ଚର ।   କାର୍ଯ୍ୟ ବଶ ପ୍ରୀତି ଋଷି ପ୍ରକାର ।
ଯୂତ ଖେଳ ପରି ଶଠତା ପ୍ରୀତି ।   ନାବ ତାରଣ ଲୋଭ ଯେଉଁ ରୀତି ।
ଧୂର୍ତ୍ତ ପ୍ରୀତିମତ ।   ସଇକତେ ଜଳ ଦେଲେ ଯେମନ୍ତ ॥
ହେଲେହେଁ ସେ ପ୍ରୀତି ନୋହିଲା ପର ।   କୀଟଗମନ ଘୁଣାକ୍ଷର ପର ।
କୀଟ କାଠୁଁ ଶାଳଗ୍ରାମ ଯେମନ୍ତ ।   ଶଠପୀରତି ଘଟନା ତେମନ୍ତ ।
ଦେଖା ଦେଖି ପ୍ରୀତି । ଜଳକୃତ ରେଖା ପରି ଅସ୍ଥିତି ॥
ରସନା ସ୍ୱାଦୁ ପାଏ ଦନ୍ତଯୋଗେ ।   ବତର୍କି କାଳ ବର୍ଷେ ତାହା ସଙ୍ଗେ ।
ଦେଉଥାଇ ସୁଖ ଯେହ୍ନ ସଦନ ।   ହାବୁଡ଼େ ପଡ଼ିଲେ କରେ ଦଂଶନ ।
ସ୍ୱକାର୍ଯ୍ୟସାଧନେ ।   ଶତ୍ରୁ ମିତ୍ରତା ପ୍ରକାଶେ ଯେସନେ ॥
କ୍ଷଣମନାପ୍ରୀତି ରସନା ଭାବ ।   ଯେଉଁ ରସ ଯେତେବେଳେ ପାଇବ ।
କେତେବେଳ ଯାଏ ସେ ଭାବ ଥାଏ ।   କ୍ଷଣକେ ପୁଣି ଅନ୍ତରକୁ ଯାଏ ।
ଦେହ କଣ୍ଡୁହର ।   କର ବୋଲାଇବ କି ଉପକାରୀ ॥
ଅଭେଦ ଅନ୍ତର୍ଗତ ନେତ୍ର ସତ ।   ଏକ ଗଲେ ପୁଣି ଏକ ରହେତ ।
ଦକ୍ଷିଣ ଭାବ ନ ଘଟିଲା ତହିଁ ।   ଶ୍ୱାସ ଗନ୍ଧ ଯେନ ସମ୍ପୃକ୍ତି ଏହି ।
ପରସ୍ପରେ ସୁଖୀ ।   ମନ ଇନ୍ଦ୍ରିୟ ଭାବନାକୁ ଲକ୍ଷି ॥
ଲବଣ ଷଡ଼ରସେ ସମଭାବ ।   ବଳପଡଲେ ହୁଅଇ ଅଭାବ ।
ଅମ୍ଳ ମଧୁର ଅଭେଦ ପୀରତି ।   ପରସ୍ପର ଗୁଣ ଦୁହେଁ ବହନ୍ତି ।
କଷାୟ ସଙ୍ଗତେ ।   କଟୁ ତିକ୍ତ ପ୍ରୀତି ମିଳେ କଷ୍ଟତେ ॥
ମଧୁର ସଙ୍ଗେ ଯଥୁ ଚୂର ରସ ।   ସୁପାତ୍ର ଯୋଗେ ମିତ୍ରତା ପ୍ରକାଶ ।
ପ୍ରପାନେ ଚେନ୍ନା ମରୀଚ କର୍ପୂର ।   ଯେନ ହୁଅନ୍ତି କେଡ଼େ ରୁଚିକର ।
ସେଠାରେ ଲବଣ ।   ମିଶିଗଲେ ପୁଣି ହୋଏ ଦୁର୍ଗୁଣ ॥
ନ ପାଏ ଅନୁରୂପେ ପ୍ରୀତିପାତ୍ର ।   କାମିନୀର ଭୋଗ କେଉଁ ବିଚିତ୍ର ।
ହିମନ୍ତେ ଯେମନ୍ତେ ଅନଳେ ପ୍ରୀତି ।   କାଳବଳରେ ହୋଏ ସେହି ରୀତି ।
ନିଜପ୍ରୟୋଜନେ ।   ଉଷ୍ଣ ଦ୍ରବ୍ୟ ଭାବ କରନ୍ତି ଜନେ ॥
କୃଷିବୃତ୍ତି କରେ କେଡ଼େ ଆଦରେ ।   ଅନ୍ତରେ ପୁଣି ତା ପରାଣ ହରେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଖଣ୍ଡ ପରଚେ ଏହି ପରିପାଟୀ । ଆମ୍ର ପୋଷଣେ ସ୍ନେହ ଥାଇ ଘଟି ।
ହେଲେ ଅଙ୍ଗଶୁଚି । ଠାଣ କୁଟିଳ ପଙ୍କିଳକୁ ମୁହିଁ ॥
ବିଟପୀ ବ୍ରତତି କର୍ତ୍ତବ୍ୟ ହୀନ । ବସନ୍ତବାତ କାନ୍ତିରେ ପ୍ରସନ୍ନ ।
କରାଇ ପୁଷ୍ପବତୀ ଭୋଗ କରେ । ତା ଗୁଣ ଘେନ * ଗନ୍ଧ ପ୍ରଭା ଧରେ ।
ମଦନକୁ ରତି । ପାଳି ଶିକ୍ଷା ଦେଲା ପ୍ରୀତି ପ୍ରତୀତି ॥
ଉଦେ ଅସ୍ତ ଘନ ସଙ୍ଗେ ବିଜୁଳୀ । ଯେମନ୍ତେ ଶିବା ଶିବ ପ୍ରେମକଳି ।
ତେମନ୍ତ ନିଶି ଚନ୍ଦ୍ର ହେଲେ ହିତ । ଏକ ପରେ ଏକ ରହଇ ସତ ।
ହେଲେହେଁ ବିଚ୍ଛେଦ । ମ୍ଲାନକୁ ବହନ୍ତି ଲଭି ବିଷାଦ ॥
ଶିବ ଶିବା ଗଙ୍ଗା ଶିରେ ବହିଲେ । ଗରଳତାପକୁ ସେ ଶ୍ୟାମ କଲେ ।
ଏ ପରସ୍ପର ବାନ୍ଧବ ସମ୍ବନ୍ଧ । ଉଭୟ ପ୍ରୟୋଜନରେ ନିବନ୍ଧ ।
ପରୋକ୍ଷାନୁଭାବ । ଔଷଧ ଭୁଞ୍ଜିବା ରୋଗ ହରିବ ॥
ପ୍ରିୟା ପ୍ରିୟ ସଙ୍ଗ ଲୋଭକୁ ଦେଖି । ଆଦର ସନମାନ ହୋଏ ସୁଖୀ ।
ତେଣୁ ସ୍ନେହ ପ୍ରତିବିମ୍ବ ଲକ୍ଷଣେ । ତଦୀୟାଭାବ ଏମନ୍ତ ପ୍ରମାଣେ ।
ସୀତା ମଥାମଣି । ରାମ ହୃଦଭୂଷା ହେବାର ଆଣି ॥
ତାହା ଜାଣିବାକୁ ଏହା ଆଦର । ଶୁଦ୍ଧ ନୋହେ ଏ ତଦୀୟ ଆଦର ।
ଜାଣୁ ବା ନ ଜାଣୁ କି କାର୍ଯ୍ୟ ଚିହ୍ନ । ତାହା ସମ୍ବନ୍ଧ ସ୍ନେହ ହୃଦେ ବହି ।
ଶିବ ଯେଉଁପରି । ଶିବା ଭସ୍ମକୁ ଅଛନ୍ତି ଆଦରି ॥
ସଖା ସଖୀ ଦୂତ ଦୂତୀରେ ପ୍ରୀତି । ପରୋକ୍ଷ ପ୍ରୟୋଜନ ତହିଁ ଛନ୍ତି ।
କୂପଜଳ ଉଦ୍ଧାରଣେ ପ୍ରୟୋଗ । କର କୁମ୍ଭ ରଜ୍ଜୁ ଯେମନ୍ତ ଯୋଗ ।
ଜଳ ପ୍ରୟୋଜନ । ଏମାନ ନୋହିଲେ ନୋହେ ସେମାନ ॥
ଶଶି ଉଦୟ ହୁଅଇ ନିଶିରେ । କୁମୁଦ ପ୍ରମୋଦ କୁହୁନିଶାରେ ।
ପଦ୍ମପ୍ରାପ୍ତି ଆଶା ରଖି ହୃଦରେ । କାଳ ହରଇ ଭୃଙ୍ଗ କୁଟଜରେ ।
ଅନେକ ଏଜାତି । ସଂସାରେ ଅଛି ଆଶାବନ୍ଧ ପ୍ରୀତି ॥
ଘଟେ ଜଳ ଥିଲେ ଚନ୍ଦ୍ରମା ଦିଶେ । ଥିଲେହେଁ ନ ଦିଶଇ ଜଳ ଶେଷେ ।
ଘଟ ଜଳ ଚନ୍ଦ୍ର ସମସ୍ତ ଥିବ । ଘନ ଆଚ୍ଛନ୍ନ କଲେ କି ଦିଶିବ ।
ଏଜାତି ପୀରତି । ଛାୟାବିମ୍ବ ପ୍ରତିବିମ୍ବ ବୋଲନ୍ତି ॥

* ଶିବଙ୍କ ନେତ୍ରାନଳରେ କାମ ଭସ୍ମ ହୁଅନ୍ତେ ରତି ବିଳାପ କରିବାରୁ ତାକୁ ଆକାଶବାଣୀ ହେଲା କି ଦ୍ୱାପରେ ଶ୍ରୀକୃଷ୍ଣ ଅବତାର ହେଲେ ତାଙ୍କ କୋଳରେ କାମ ଜନ୍ମିବ ତୁ ଅପେକ୍ଷା କରି ଥା । ରତି ଏହା ଶୁଣି ସମ୍ବରାସୁର ଘରେ ମାୟାବଳରେ ଚଳୁଥାଏ ଶ୍ରୀକୃଷ୍ଣଙ୍କର ଔରସରେ ରୁକ୍ମିଣୀଙ୍କ ଗର୍ଭରେ କାମ ଜନ୍ମ ହେବାରୁ ସମ୍ବର ଜାଣିପାରି ମାୟାରେ ହରଣ କରି ନେଇ ସମୁଦ୍ରରେ ପକାଇଦେଲା । ତାକୁ ମତ୍ସ୍ୟ ଗିଳି କେଉଟର ଜାଲରେ ପଡ଼ନ୍ତେ କେଉଟ ଅତି ବଡ଼ ମାଛ ଦେଖି ରଜା ସମ୍ବରାସୁରକୁ ଭେଟିଲା ତାହାର ସୂପକାର ସେହି ମତ୍ସ୍ୟକୁ କାଟନ୍ତେ ମତ୍ସ୍ୟ ପେଟରେ ଦିବ୍ୟ ବାଳକ ଦେଖି ସନ୍ତାନ ନ ଥିବାରୁ ପୁତ୍ରଭାବରେ ପାଳିବାକାରଣ ରତିକି ନେଇ ଦେଲା । ରତି ନାରଦଙ୍କଠାରୁ ସେହି ବାଳକ ତାହାର ପତି ଥିବାର ଜାଣି ତାକୁ ପାଳି ନାନା ବିଦ୍ୟା ଶିକ୍ଷା କରାଇ ସମ୍ବରକୁ ତାହାଦ୍ୱାରା ବଧ କରାଇଥିଲେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବୀଜରୁ ବୃକ୍ଷ ଯେ ବୃକ୍ଷରୁ ବୀଜ । ଏହି ପ୍ରକାରେ ରତି ପ୍ରୀତି ହେଜ ।
ଏ ଦୁହେଁ କେବଳ ନିମିତ୍ତ ସାକ୍ଷୀ । ଫଳରେ ସ୍ୱାଦୁ ଯେଉଁପରି ଲକ୍ଷି ।
ଜାତ ଯେତେ ଭାବ । ସେହି ପ୍ରୀତିୟା ଆନନ୍ଦାନୁଭବ ॥
ପାତ୍ରଶୁଦ୍ଧିରେ ଶକ୍ତି ଉନ୍ମେ ଧରେ । କାନ୍ତଭାବ ଆବିର୍ଭୂତ ବିଧିରେ ।
ମିତ୍ର-କାନ୍ତ ହୃଦେ ଅନଳ ଜାତ । ଚନ୍ଦ୍ର-କାନ୍ତ ହୃଦ ହୋଏ ଦ୍ରବିତ ।
ନିର୍ମଳ କଳଙ୍କୀ । ଦର୍ପଣେ ପ୍ରତିବିମ୍ବ ଦୃଶ୍ୟ ତର୍କି ॥
ସୁମନଭିତରେ ସୁବାସ ଥାଇ । ବିକାଶ ହେଲେ ଚହଟି ପଡ଼ଇ ।
ସଇକତ ଅନ୍ତଃସ୍ଥିତ ଭୂବନ । ଲୋଡ଼ିଲେ ହୋଏ ଲୋକ ପ୍ରୟୋଜନ ।
ଗାବଦେହେ ଦୁଗ୍ଧ । ଦୁଗ୍ଧ ଘୃତ କର୍ମଯୋଗରେ ସିଦ୍ଧ ॥
ଏମନ୍ତ ସ୍ଥିତ ଘଟନା ପୀରତି । କାଳ କର୍ମବଳେ ଉଦେ ହୁଅନ୍ତି ।
ନ ଥାଇ ହୁଅଇ ଅଛି ଏମନ୍ତ । କାଷ୍ଠ କାଷ୍ଠଯୋଗେ ଅଗ୍ନି ଯେମନ୍ତ ।
ବିଜାତରେ ପ୍ରୀତି । ଲୌହ-ପାଷାଣ ଯୋଗେ ଅଗ୍ନି ଜାତ ॥
ପରତନ୍ତ୍ରେ ହୋଏ ଯେଉଁ ପୀରତି । ବ୍ୟଜନଚାଳନ ପବନ ଜାତ ।
ଚାଳନ ରହିଲେ ପବନ ରହେ । ସୁଖାନୁଭବ ସେ ହୁଅଇ ଦେହେ ।
କୃତ ହସ୍ତବାତ । ଉଭୟମତରେ ନୁହଇ ହିତ ॥
ସିପ ମୁକୁତା ପର୍ଯ୍ୟେ ଦିଶଇ । ବିବେକ କଲେ ମୂଲ୍ୟ ନ ଘଟଇ ।
ବାହ୍ୟପ୍ରୀତି ସେହିସଂଜାତ ସିନା । ଚିତ୍ରକାର ଚିତ୍ରପଟ ଘଟନା ।
ବାହ୍ୟ ତୋଷ ଦିଶେ । ଭିତରେ କୁତ୍ସିତ ଥାଇ ବିଶେଷେ ।
ମିଥ୍ୟାପୀରତି କେବଳ ଆଭାସ । ଅଜାଗଳ ସ୍ତନ ପର୍ଯ୍ୟେ ଦୃଶ୍ୟ ।
କାହାର ହୃଦୟେ କର୍କଟୀ ପରି । ବାହ୍ୟମିଳନ ଦିଶୁଥାଇ ତୋଷି ।
ଖଳଲୋକ-ପ୍ରୀତି । ପ୍ରେତାଳିଙ୍ଗନଗୁଣ ହୋଏ ଖ୍ୟାତ ॥
ବାସ ଭୂଷଣ ପରି ଲଗ୍ନ ଅଙ୍ଗେ । ବିଚ୍ଛେଦ ଭଜଇ ବେଶବିଭଙ୍ଗେ ।
କଣ୍ଠଲଗ୍ନ ହାର ବଳୟେ ବିଧି । କାହାର କାହାର ପ୍ରଣୟେ ସିଦ୍ଧି ।
ପୁଷ୍ପ ସଜ୍ଜାତରେ । ପକାଇଦିଅନ୍ତି ଭୋଗଅନ୍ତରେ ॥
ବଡ଼ ହୋଇ ପୁଣି ସାନ ହୁଅଇ । ଚୋରପାଖରେ ଅନୁସରି ଥାଇ ।
ପାଦତଳେ ପଶେ ଦେହରେ ଲୁଚେ । ଏ ଯାହା କରଇ ସେ ତାହା ରଚେ ।
ଛାଇ ଅଭିମତ । ଅନୁସରଣ ଗୁଣ ମଣ୍ଡନ ତ ॥
ଦୂର ନିକଟ ପୀରତିରେ ନାହିଁ । ମନକୁ ମନ ପାଇଥାଇ ଯହିଁ ।
କମଠକୋଷ ପୋଷଇ ଦୂରରେ । ନିମଗ୍ନ ମନ ଦତ୍ତ କରିବାରେ ।
ନିକଟରେ ଅଛି । ଆଖିକି ଆଖି ଦେଖି ନାହିଁ କିଛି ॥
ମହତ ପ୍ରୀତି ଦୁଃଖରେ ନ ତୁଟେ । ଇକ୍ଷୁଚର୍ବଣରେ ସ୍ୱାଦୁ ପ୍ରକଟେ ।
ଦାହକୁ ପାଇ ସେ ବେଳକୁବେଳ । ଅଧିକେ ଅଧିକେ ବୃଦ୍ଧି ଉଜ୍ଜ୍ୱଳ ।
ଦାହ ତାଡ଼ନରେ । ସୁବର୍ଣ୍ଣ-ବାନ ବଢ଼େ ଅଧିକରେ ॥
କ୍ଷୀର ନୀର ପ୍ରୀତି ଅତି ଅଭେଦ । କ୍ଷୀରଠାରେ ଖ୍ୟାତ ମହତପଦ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତାପ-ଯୋଗେ ଜଳ ପଡ଼େ ଉତ୍ତୁରି । ତା-ସଙ୍ଗୀ ହୁଅଇ ପ୍ରୀତି ଆଦରି ।
ଜଳପ୍ରାପ୍ତି ବିନେ । ଶାନ୍ତ ନ ଭଜଇ କେବେହେଁ ଆନେ ॥
ମଧୁ ସଞ୍ଚିତ ମଧୁକରପନ୍ତ୍ର । ମଧୁ ବିନା ନାହିଁ ତାଙ୍କର ଗତି ।
ଗଙ୍ଗାଯୋଗରେ ସାଗର ପୂରଣ । ସିନ୍ଧୁନୀରରେ ଗଙ୍ଗା ପ୍ରଚରଣ ।
ହୃଦୟ ଅଭେଦ । ଯୁଗଳାଙ୍ଗୀ ପ୍ରୀତି କହୁଛି ବେଦ ॥
ଯେଉଁ ପ୍ରୀତିରେ ନାହି ପରାପର । ସମ୍ବନ୍ଧ ତହିଁରେ ତୃଣ ବିସ୍ତର ।
ପରଧନରେ ଯେ ବାଣିଜ୍ୟ କରେ । ସେ କି ସାଧୁ ନ ବୋଲାଏ ସଂସାରେ ।
ବୃଦ୍ଧି ବିନା କ୍ଷୟେ । ନିରବଧି ଦିକଦିକ ହୃଦୟେ ॥
ଜୀବ ପରମ ପ୍ରଣୟୀରେ ସାର । ଲୀଳାନିମିତ୍ତେ ଭେଦ ପରସ୍ପର ।
କର୍ମକୁ ସାକ୍ଷୀ ପରସ୍ପରେ ସେହି । ଏକ ଗଲେ ଏକ ରହଇ ନାହିଁ ।
ରୀତି ଯାହାର । ପ୍ରୀତି ସଂସାରେ ସେହି ପୁରନ୍ଦର ॥
କୂଳ ବୁଡ଼ାଇ ଅଭିସାର କରେ । ଘନ ରସାଗମେ କାନ୍ତ ଆଶାରେ ।
ଅଭେଦାଲିଙ୍ଗନ ସ୍ୱଭାବ ତେଜେ । ପ୍ରିୟଗୁଣକୁ ଐକ୍ୟ କରି ଭଜେ ।
ନଦୀ ସିନ୍ଧୁ ପରି । ପୀରତିରେ ଧନ୍ୟ ସେହି ନାଗରୀ ॥
ଦୃଢ଼ ଆବରଣ ଅଙ୍ଗେ ଆଦରି । ଘନରସ ରଖେ ହୃଦରେ ଭରି ।
ବାହ୍ୟ ସୁନ୍ଦର ଅନ୍ତଃସ୍ଥ କର୍କଶ । ବାହ୍ୟ ଅନ୍ତଃସ୍ଥେ ସମ ସ୍ୱାଦୁରସ ।
ତ୍ରିବିଧ ଏମନ୍ତ । ଲାଙ୍ଗଲୀ ରସାଳ ଦ୍ରାକ୍ଷା ଯେମନ୍ତ ॥
ଆଦ୍ୟେ ବଡ଼ ହୋଏ କ୍ରମେ ତୁଟଇ । ଆଦ୍ୟନ୍ତେ ତୃଣ ମଧ୍ୟେ ଚହଟଇ ।
ଆଦ୍ୟରେ ତୃଣ କ୍ରମେ କ୍ରମେ ବୃଦ୍ଧି । କୁସୁମ୍ଭି ନାଳୀ ମଞ୍ଜିଷ୍ଠା ତ୍ରିବିଧ ।
ଏ ଜାତି ପୀରତି । ବିବେକାବିବେକମାନେ ଜାଣନ୍ତି ॥
ସ୍ନେହେ ସ୍ମରଣ ଯେ ଯାହାକୁ କରେ । ସାଯୁଜ୍ୟ ପାଏ ସେ ତାହାରିଠାରେ
ବୈରଭାବେ ସାଯୁଜ୍ୟ ଲଭଇ । ଏ ଦୁଇ ଭେଦ ବିବେକୀ ଜାଣଇ ।
ଏମନ୍ତ ଏ ରୀତି । ମୁମୁକ୍ଷୁ କୀଟରେ ସଂସ୍କୃତ ରୀତି ॥
ନ ଥିଲେ ପ୍ରୟୋଜନ ଆତ୍ମା ଲୋଭେ । ଆତ୍ମା ଜନ୍ୟ କେଳି କରଇ ଲୋଭେ ।
କରଇ ହରଇ ବିଳାସ ଅନ୍ତେ । ନବନବ ଭାବ ଜାତ ନିମିତ୍ତେ ।
ଈଶ୍ୱରସମ୍ମତ । ସ୍ୱଭାବ ଜନ୍ୟ ଉର୍ଣ୍ଣନାଭ-ରୀତ ॥
ସ୍ୱଭାବ ଜନ୍ୟ ପ୍ରୀତି ସୁଖଦାୟୀ । ଉତ୍ତମପାତ୍ରେ ଯେବେ ହୁଅଇ ।
କୁତ୍ସିତପାତ୍ରରେ ବିକୃତ ଜାତ । ଔଷଧ ଭୋଗ ବିଧାନେ ଯେମନ୍ତ ।
ଗରଳକୁ ଦେଖ । ସଜ୍ଜନସଙ୍ଗେ କରେ ପ୍ରାଣିସୁଖ ॥
ସ୍ୱପ୍ନକେଳି କି ସୁଖ ନ ଦିଅଇ । ନିଦ୍ରାଭଙ୍ଗବୋଧେ ମିଥ୍ୟା ଅଟଇ ।
ଅନୁଭବ କରେ ଦୁଃଖ ତେମନ୍ତ । ସ୍ୱଭାବଜନ୍ୟରେ ଭେଦ ଏମନ୍ତ ।
ଅଳି ଚନ୍ଦ୍ରକଞ୍ଜେ । ଦେଖି ସୁଖୀ ହେଲେ ସୁଖ କି ଭୁଞ୍ଜେ ॥
ଶୁଦ୍ଧପ୍ରୀତି ହେଲେ ଅଳ୍ପ ବିହୁତ । ବୀଜମଧ୍ୟେ ଯଥା ତରୁ ଗୁପତ ।
କପଟପୀରତି ହେଲେ ବିହ୍ୱତ । ଶରଦଘନାଚ୍ଛନ୍ନ ସ୍ୱନ ମତ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଫଳ ଫଳିଥାଇ । ଧାନ ଅଗାଡ଼ି ସମ ତ ନୁହଇ ॥
ସାନ ସାନ ଶାଖା କଲେ ଛେଦନ । ମୂଳଶାଖା ବୃଦ୍ଧି ହେଲା ବିଧାନ ।
ଅନ୍ୟ ଅଭିଳାଷ ଦୂରକୁ କର । ତେମନ୍ତ ଈଶ୍ୱରେ ପ୍ରୀତି ଆଦର ।
ଦୁଃଖ ସୁଖ ପ୍ରୀତି । ଉତ୍ପ୍ରେକ୍ଷୁତବର୍ଣ୍ଣ ହେଲା ପ୍ରତୀତ ।
ପ୍ରଣାଳୀକ୍ରମେ ଅନୁସଙ୍ଗୀ ପ୍ରୀତି । କ୍ଷୁଦ୍ରନଦୀ ମହାନଦୀ ସଙ୍ଗତ ।
ସିନ୍ଧୁ-ସଙ୍ଗମ ସେ ହୁଅଇ ଯେବେ । କି କର କେ କାହାକୁ ବାରିଦେବେ ।
ବିଭକ୍ତି ଶବଦ । କଦାଚିତେ କେଭେ ନୁହଇ ଭେଦ ॥
କୁସୁମଗନ୍ଧ ପୃଥିବୀ ହରଇ । ପୃଥ୍ୱୀ-ଗନ୍ଧକୁ ପୁଷ୍ପ ନ ବରଇ ।
ଉତ୍ତମ ମଧ୍ୟମ ପ୍ରୀତି ଏମନ୍ତ । ସମସ୍ୱଭାବ ବିନା ପ୍ରୀତିବନ୍ତ ।
ନୁହଇ ଘଟନା । ବାୟୁଗନ୍ଧ ଘେନା ଜନକୁ ସିନା ॥
ଶଶୀ ସୂର୍ଯ୍ୟ ହେଲେ ତମେ ପୀଡ଼ିତ । ଲୋକାଶ୍ରୟୀଙ୍କୁ ହୁଅନ୍ତି ଉଦିତ ।
ତେମନ୍ତ ସିନା ମହତ ପୀରତି । ପ୍ରୀତିୟୀଙ୍କୁ ପ୍ରୀତିମାର୍ଗ ଦେଖାନ୍ତି ।
ହେଲେହେଁ ସେ ଦୁଃଖୀ । ପ୍ରୀତିତନ୍ମୟୀଭାବେ ସଦା ସୁଖୀ ॥
କାଚ ଭାଙ୍ଗିଗଲେ ନୁହଇ ଯୋଡ଼ି । ସୁବର୍ଣ୍ଣ ଯୋଡ଼ି ହୁଏ ଦେଲେ ପୋଡ଼ି ।
ଘୃତଦ୍ରବ୍ୟ ଦ୍ରବ କ୍ଷଣ କ୍ଷଣକେ । ମଧୁ ଦ୍ରବତା ନ ଛାଡ଼େ କାଳକେ ।
ଉଚ୍ଚ ନୀଚ ପ୍ରୀତି । ସିତ କୃଷ୍ଣ ପକ୍ଷ ଚନ୍ଦ୍ରମା ରୀତି ॥
ପ୍ରେମବଳେ ପ୍ରେମୀ ସଦା ଆୟତ୍ତ । ମାଦକୀ ଯେମନ୍ତ ମାଦକେ ମତ୍ତ ।
ପ୍ରେତାବେଶୀ ଚେଷ୍ଟା ପ୍ରେତର କରେ । ପ୍ରେମୀ କର୍ମ କରେ ପ୍ରେମାଧୀନରେ ।
ନିନ୍ଦା ସ୍ତୁତି ଦୁଇ । ସୁସାଧୁ ସମାନେ ସମ ମଣଇ ॥
ସାନକୁ ବଡ଼ ଯେବେ ଗୁରୁ କରେ । ମାନ୍ୟକୁ ଯୋଗ୍ୟ କି ନୋହେ ଈଶ୍ୱରେ
ସାନ ବଡ଼ ପ୍ରୀତିପନ୍ଥାରେ ନାହିଁ । ତୁଳସୀକଳେ ମାନ୍ୟ ତୃଣ କାହିଁ ।
ହେଲେ ଖଣ୍ଡ ଖଣ୍ଡ । ବିଲଗ୍ନ ବୋଲିବା କି ଘନପିଣ୍ଡ ॥
ପରାପରଭାବ ପ୍ରୀତିରେ ନାହିଁ । ସମ୍ବନ୍ଧାସମ୍ବନ୍ଧ ରଖିବ କାହିଁ ।
ରଜ ବୀର୍ଯ୍ୟ ଯୋଗେ ଜାତ ନନ୍ଦନ । ଜାତି ବର୍ଣ୍ଣ ଭିନ୍ନ କେ ତହିଁ ଘେନ ।
ସୂତ୍ରବାସ ରୀତି । ଭେଦ କଲେ ନାମ ତହିଁ ଘେନନ୍ତି ॥
ଧୂଳିପିଣ୍ଡୁଳୀ କେଳିସଙ୍ଗ ରୀତି । ବିବାହ ସମ୍ବନ୍ଧେ ଭିନ୍ନ ପୀରତି ।
ସୁନା ଭୂଷଣ ଗଢ଼ାଇଲେ ଭାଙ୍ଗି । ନାମ ଭିନ୍ନ ସେ ସ୍ଥାନାନ୍ତର ଲାଗି ।
ସେହି ଦ୍ରବ୍ୟ ସେହି । କର୍ମ ଭିନ୍ନରେ ନାମ ଭିନ୍ନ କହି ॥
ମନରୁ ଜନମ ମାନ ପୀରତି । ମନକୁ ଆଚ୍ଛନ୍ନ କରେତ ରୀତି ।
ସ୍ନେହାସ୍ନେହରେ ବଳାବଳ ହୋଏ । ରବି କୁଜ୍ଝଟୀ ଆଚ୍ଛନ୍ନ ପରସ୍ପେ ।
ଶିଳୁଁ ଲୌହ ଜାତ । ଶିଳକୁ ପୁଣି ଭେଦଇ ଯେମନ୍ତ ॥
ପ୍ରୀତିରେ ହାନି ଲାଭ ସମସର । ପୋତବଣିଜାର ଲୋଭିତ ପର ।
ମୁଣ୍ଡ ଗଲା ତୁଣ୍ଡ ସ୍ୱାଦୁରେ ରାହୁ । ଚନ୍ଦ୍ର ସୂର୍ଯ୍ୟଙ୍କୁ କଠାଳଇ ସେହୁ ।
ଲଭିଲେ ତାପକୁ । ପୁଣପୁଣ ଲୌହ ପିଏ ଜଳକୁ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପ୍ରୀତି ଯେ ବଣିକପସରା ପରି । ଗ୍ରାହକ ଇଚ୍ଛା ଦ୍ରବ୍ୟ କ୍ରୟ କରି ।
ତୁଳନା ତୁଳକୁ ଦ୍ରବ୍ୟମୂଲକୁ । ଭାବ ବହୁଲାଙ୍ଗୀ-ପ୍ରୀତିଭାବକୁ ।
    ଅନୁପାନ ଯୋଗେ । ଏକ ଔଷଧ ହରେ ନାନାରୋଗେ ॥
ଅକୈତବପ୍ରୀତି କର୍ପୂରବତ । ଜଳଗଲେହେ ଗନ୍ଧ ନ ଛାଡ଼େ ତ ।
କଇତବୀ ଦୁର୍ଗୁଣକୁ ନ ତେଜେ । ପଲାଣ୍ଡୁପରା ସୌରଭ ନ ଭଜେ ।
    ଦୁଇମିଶା ପ୍ରୀତି । କେତକୀ ଗନ୍ଧ ଯେହ୍ନେ ଆନେ ପ୍ରାପ୍ତି ॥
ସୀତା ପୀତା ଜଳେ ତୃପ୍ତି ନୁହଇ । ହସେ ନାଚେ କାନ୍ଦେ ପଡ଼ି ଗଡ଼ଇ ।
ବାତୂଳବଧିକ ଆତୁର କରେ । ବତୁର ତ୍ରିଦୋଷ ରୋଗବଧିରେ ।
    ପ୍ରେମାଧୃତେ ଥାଇ । କୁଟ୍ଟଣୀ ପ୍ରତିମା ପରି ନାଚଇ ॥
ଜାଣି ନ ଜାଣି କଲେ ସୁଧାପାନ । ତାହା ଗୁଣ କି ସେ ନ କରଇ ଯେନ ।
ଉତ୍ତମ ପୀରତି ତେମନ୍ତ ସିନା । ବୃଥା କି ଦାନକ ଦୀନ-ପ୍ରାର୍ଥନା ।
    ହୀନଜନ-ପ୍ରୀତି । କୁ-ଧେନୁସେବନ ଫଳ ପ୍ରତୀତି ॥
ଏମାନ ସବୁ ପ୍ରୟୋଜନ ପ୍ରୀତି । ସୁନ୍ଦର ନମିତ୍ତେ ବେଶ ହୁଅନ୍ତି ।
କାନ୍ତସୁଖ ହୋଏ ତହିଁରୁ ଜାତ । ଉଭୟ ପ୍ରୟୋଜନ ତହିଁ ସ୍ଥିତ ।
    କାନ୍ତସୁଖ ବଶ । ଉଭୟ ମାନସ କି ନୋହେ ତୋଷ ॥
ଶୁଦ୍ଧ ପ୍ରେମରେ ରୁକ୍ଷଭାଷାମାନ । ମଧୁରେ ଅମ୍ଳ ମିଶିଲା ସମାନ ।
ସ୍ୱଳ୍ପସିଦ୍ଧ ପ୍ରେମ ଶୀତଳ ଦୁଗ୍ଧ । ଦଧି ଯୋଗରେ ସୁବର୍ଣ୍ଣିତା ସିଦ୍ଧ ।
    ଅଶୁଦ୍ଧପୀରତି । ତପ୍ତ ଦୁଗ୍ଧ ଦଧି ସଂଯୋଗ ରୀତି ॥
ଚୁମ୍ବକ ଲୌହ ମାତ୍ର ଦ୍ରବ କରେ । ପରଶ ସୁନା କରେ ସ୍ପରଶରେ ।
କାମି ମନକୁ ହରେ ଚନ୍ତା ମଣି । ସର୍ବତୋଭଦ୍ର କଉସ୍ତୁଭ ମଣି ।
    ନଷ୍ଟାମୀ ଯେ ହେବ । ଏମାନଙ୍କରେ ତାହାର କି ଭାବ ॥
କେକୀ ଘନସ୍ୱନ-ଶ୍ରବଣେ ସୁଖୀ । ଚକୋର ମୁଦ ଚନ୍ଦ୍ରମାକୁ ଦେଖି ।
ଭୃଙ୍ଗ ପଦ୍ମମଧୁ ଭୋଗେ ଆନନ୍ଦ । ଏପରି କେ କାହିଁ ଲଭନ୍ତି ମୁଦ ।
    ଫଣି ଦେଖି ମଣି । ଲୀଳାବନ୍ତ ମତ ନଷ୍ଟାମୀ ଆଣି ॥
ଅଳ୍ପ ତେଜନ୍ତି ବହୁତ ଲୋଭରେ । ଧନୀ ଲକ୍ଷ୍ମୀ ବିଷୟ ବଧିରେ ।
ତୃଷାର୍ତ୍ତ କୂପ ତେଜେ ସିନ୍ଧୁ ଦେଖି । ଶ୍ରମମାତ୍ର ସାର କେବଳ ଦୁଃଖୀ ।
    କି ମହତ ଶଶୀ । ନକ୍ଷତ୍ର ଲୋଭୀ ନ ତେଜଇ ନିଶି ॥
ଯେ ଯାହା ପ୍ରୀତି ସେ ତାହା ଜୀବନ । ଉଚ୍ଚ ନୀଚଲୋଭେ ନୋହେ ବର୍ଜ୍ଜନ ।
ଦେଖ ଦେଖି ଜଳବିନା କି ମୀନ । ସରପଣା ପାଇ ବଞ୍ଚିବ ଦିନ ।
    ରାଗାତ୍ମିକାମାନେ । ଦୃଢ଼ ପୀରତି କରନ୍ତି ଏସନେ ।
ଏ ଯାହା କରଇ ସେ ତାହା କରେ । ସମସ୍ୱଭାବ ମନ ହୋଇବାରେ ।
ତାହା ଦୁଃଖରେ ଏହା ଦୁଃଖ ଖ୍ୟାତ । ଏହା ସୁଖରେ ତାହା ସୁଖ ଜାତ ।
    ଶ୍ରୀମୁଖ ଚନ୍ଦ୍ରତ । ଦର୍ପଣେ ଯେହ୍ନେ ପ୍ରତିବିମ୍ବ ଖ୍ୟାତ ॥
ପ୍ରେମଦ୍ୱନ୍ଦ୍ୱ-ଜନ୍ୟ ରାଗ ବିରାଗ । ଲୁଚିଇଥିଲେ ଫୁଟି ଦିଶେ ଆଗ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସ୍ୱଚ୍ଛମଣିଗୁନ୍ଥା ସୂତ୍ର ସମାନ । ଘନେ ମିତ୍ର ଥିଲେ ନ ଜାଣେ ଦିନ ।
ଫୁଲବାସ ପରି । ଅନାୟତ୍ତେ ଦୂରେ ମନ ସଂଚରି ॥
ସାରପ୍ରୟୋଜନ ରହିତ ପ୍ରୀତି । ପତଙ୍ଗ ପ୍ରାଣ ଅନଳେ ଦିଅନ୍ତି ।
ତତ୍ୱାଦି ଦ୍ରବ୍ୟରେ ବାଳକ ଲୀଳା । ଗୀତ ଶୁଣିଲେ ଅହି କରେ ଖେଳା ।
ଦ୍ରବ୍ୟ ଦାନ ଲାଭ । କିଛୁଦିନହିଁ ବଢ଼ୁଥାଇ ଲୋଭ ॥
ଶୁଦ୍ଧ ପ୍ରୀତି ନୋହେ ଜୀବନ୍ତେ ବାରି । ବାରିଦ ଅନଳ ସଂଯୋଗ ପରି ।
ପ୍ରୀତି କଲେହେଁ ପଡ଼େ ପରମାଦ । କୋଟିଗୁଣେ ବାଧେ ପ୍ରୀତିବିଚ୍ଛେଦ ।
ଦୁଃଖ ଦୁର୍ନିମିତ । ନାଗ ଚୂଚନ୍ଦ୍ରା ଧରିବା ଯେମନ୍ତ ।
ପ୍ରଣୟ ପରିପାଟୀ ଅକଥନ । ମନ ଜାଣିଲେ ନ ଜାଣେ ବଚନ ।
ଜନ୍ମାନ୍ଧ ଜଡ଼ ବଧିର ଯେମନ୍ତ । ସୁଖୀ ହୋଏ ସ୍ୱପ୍ନେ ଦେଖି ସଙ୍ଗୀତ ।
ଭାବି ଭାବି ମନେ କି କହିବ ସେ ବିବେକାନୁମାନେ ॥
ଏ ପ୍ରେମବିଯୋଗିମାନଙ୍କ ଝୋଲି । ପ୍ରେମପଥିକଙ୍କ ପଥସଙ୍ଖାଳି ।
ପ୍ରେମିକ ଦୟିନୀ ଏମାର୍ଗେ ରସ । କ୍ଷୀର ସାରଗ୍ରାହୀ ଯେମନ୍ତ ହଂସ ।
କୃଷ୍ଣପ୍ରେମ ଭାବ ଦୀନ ଅଭିମନ୍ୟୁ ବୋଲାଏ କବି ॥

ସମରତରଙ୍ଗ

BY BRAJANATH BADAJENA

ପ୍ରଥମ ଛାନ୍ଦ

ରାଜାଙ୍କ ପରିଚୟ

ରାଗ—ରସକୋଇଲି

ତାଙ୍କ ତନୁ ସିନ୍ଧୁ ଚନ୍ଦ୍ରମା ପ୍ରାୟ । ରାଜସିଂହ ଭ୍ରମରବର ରାୟ ।
ବ୍ରଜବିହାରୀ କାମ ସମ ରୂପ । ଆଶ୍ରିତଲୋକର କଳ୍ପପାଦପ ସେ ।
ସକଳ ଗୁଣେ ନିପୁଣ ଯେ ।
ଏଥି ଉତ୍ତାରୁ ଯେ ନୃପ ହୋଇଛନ୍ତି ତାଙ୍କ ଯଶ ଗୁଣ ଶୁଣ ଯେ ॥
ଯଦୁବଂଶରେ ଯଥା ପରୀକ୍ଷିତ । ପାଣ୍ଡବେ ଯୁଧିଷ୍ଠିର ଯେଉଁବିତ ।
ସିଂହ ବିଦ୍ୟାଧର କୁଳେ ତେମନ୍ତ । ଉଦୟ ମହା ଦୀପ୍ତି ସୂର୍ଯ୍ୟବିତ ସେ ।
ତ୍ରିଲୋଚନ ନାମେ ଖ୍ୟାତ ଯେ ।
ରାଜା ମହୀନ୍ଦ୍ର ବାହାଦୁର ପଦ ଯା ସଂସାର ମଧ୍ୟେ ବିଦିତ ଯେ ॥
ଢେଙ୍କାନାଳ ମହୀଗଗନଶଶୀ । ଲକ୍ଷଣବନ୍ତ ଦୁଃଖତମ ନାଶି ।
କଳାକର ତାରା ଆନନ୍ଦକର । ଉଦେ ହୋଇ ରାଜେ ସର୍ବ ହୃଦର ସେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଉତ୍କଳକଳା ପ୍ରକାଶେ ଯେ ।
ପଦ୍ମିନୀ ମୁଦ୍ରିତ ହୋଏ ଯା ଲୋକନେ ସୁରଗଣଙ୍କୁ ସେ ତୋଷେ ଯେ ॥
ଯାହାର କୀରତିକାନ୍ତ ପ୍ରବଳେ । ପରିପୂର୍ଣ୍ଣ ହୋଇ ମହୀମଣ୍ଡଳେ ।
ସ୍ଥାନ ନ ପାଇ ବାହାରି ପଡ଼ିଲା । ଦଶଦଗରେ ପରିପୂର୍ଣ୍ଣ ହେଲା ସେ ।
ତହିଁ ସ୍ଥାନ ହୋଏ ନାହିଁ ଯେ ।
ତାରିକୁଳ ଛଳେ ଠାବେ ଠାବେ ଏବେ ଆକାଶେ ଲୋଟନ୍ତି ଯାଇ ଯେ ॥
ପ୍ରଚଣ୍ଡ ବୀର ପ୍ରତାପ-ତପନ । ଶୁଖାଇଲା ଅରି-ଆନନ୍ଦମନ ।
ନୃପତିବଳ ଅନ୍ଧକାର ହରି । ତେଜତ ସକଳ ଭୁବନେ ପୂରି ଯେ ।
ଦୁଷ୍ଟ କୁହୁଡ଼ି ନାଶିଲାଯେ ।
ଅନୁଗତ ଲୋକ ସଜ୍ଜନକମଳକୁଳ ଶୋଭା ବିକାଶିଲା ଯେ ॥
ସେ ପ୍ରତାପବର୍ଣ୍ଣି ହୋଇବ ନାହିଁ । ସହସ୍ର କବି ନ ପାରିବେ କହି ।
ସିନ୍ଧୁବାଲି କେ କରିବ ପ୍ରମାଣ । ଆକାଶ କଳନା ହୋଏ କି ପୁଣ ଯେ ।
ତଥାପି କହିବା କିଛି ଯେ ।
ଏ ନୃପସିଂହ ଚରିତ ବର୍ଣ୍ଣିବାକୁ ଶରଧା ତ ବଳୁଅଛି ଯେ ॥
ବରଗି ଓଡ଼ିଶା କଲେ ଅମଳ । ସରବରି ଦେଉଥିଲେ ଭୂପାଳ ।
ବିହିଯୋଗେ ହେଲା ଅନବନାଉ । ରାଜାରାମ ଘୋଷା କହିଲେ ତହୁଁ ସେ ।
ଫଉଜ କଷିଲେ କୋପେ ଯେ ।
ମଞ୍ଜୁ ଚଉଧୁରୀ ସଙ୍ଗତେ ବର୍ଗିଏ ବାହାର ହୋଇଲେ ଆପେ ଯେ ॥
ମୋଟରି * ନିକଟେ ପଡ଼ିଲେ ବଳ । ଓଡ଼ିଶା ପେଷିଲେ ଅବନୀପାଳ ।
କାହିଁ ପାଇଁ ପୃଥ୍ୱୀ ନାଶିବ ମୋର । ପଇସା ନେଇ ଫେରିଯିଅ ଲସ୍କର ସେ ।
ନ ଯେନ ତା ରାଜାରାମ ଯେ ।
ଦଗା ଦେବା ମନେ ଗୁପତେ ଅରଣ୍ୟେ ବାହାରିଲେ ବହି ତମ ଯେ ॥
ନୃପତି ଜାଣି ସେ କୂଟବର୍ଗିର । ଆଜ୍ଞା ନେଲେ ଦେଖି ଯାଅ ଆମ୍ଭର ।
ରାଜାରାମ ପଣ୍ଡିତଙ୍କୁ ବାଟରେ ସଙ୍ଖୋଳି ଆସ ମର୍ଯ୍ୟାଦା ବେଭାରେ ସେ ।
ହାକିମ ଅଟନ୍ତି ସେହି ଯେ ।
ଭିରି ଗୁଳି ଦେଇ ଭେଟିକ ତାହାଙ୍କୁ ପାସୋରିବେ ନାହିଁ ଆଉ ଯେ ॥
ଆଜ୍ଞାପାଇ କିଛି ଫଉଜ ଗଲେ । ରାଜାରାମଙ୍କୁ ଦରଶନ କଲେ ।
ଦଇବେ ସେତ ପଣ୍ଡିତ ଗୋସାଇ । ବହୁତମତେ ସେବା କଲେ ଯାଇଁ ସେ ।
କୋଶେ ଅନୁସରି ଗଲେ ଯେ ।
କେତେ ଜମାଦାର ସେବାରେ ତାଙ୍କର ଠାବେ ଠାବେ ବସା କଲେ ସେ ॥
ଅତି ଦୟାଳୁ ପଣ୍ଡିତସାହେବେ । ଚଉଧୁରୀ ବଡ଼ଲୋକ ଦଇବେ ।
ରଜାଙ୍କ ଏ ଅନୁସରଣ ଯେନ । ଅତି ପରସନ୍ନ ହୋଇଲେ ବେନି ସେ ।
ଇନାମ ଦେଲେ ବହୁତ ଯେ ।

* ଢେଙ୍କାନାଳ ଗଡ଼ରୁ ମା ୨୪ ଇଲ ଦୂରରେ ଅବସ୍ଥିତ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଗାଡ଼ି ଘୋଡ଼ା ଓଟ ପାଲଙ୍କି କନାଟ ତମ୍ବୁ ଶାଲ ବନାଉତ ଯେ ।।
ଖରଡ଼ ସତରଞ୍ଜି ଖଟ ଝୁଲ । ରେଜାଇ ଗାଲଗ୍ଧ ଶେଯ ମୁରୁଲ ।
ଗଡ଼ୁଆ ଗଗରା କେତେ ବାସନ । କେତେ ଯାଚ ଦେଲେ ହୋଇ ପ୍ରସନ୍ନ ।
ଗ୍ରାହକ ଅଟନ୍ତ ସେତ ଯେ ।
ଗୁଣ ଚହ୍ନି ଅଛ ତରକ୍ଷ ଯାଇ ସେ ବୋଇଲେ କଥ ସମସ୍ତ ଯେ ।

ଦ୍ୱିତୀୟ ଛାନ୍ଦ

ମରହଟ୍ଟା ସୈନ୍ୟମାନଙ୍କ ଢେଙ୍କାନାଳ ପ୍ରବେଶ

ରାଗ—ପାହାଡ଼ିଆ କେଦାର

ସାରିଫଉଜ ହେଲେ ତୟାର ମୁସଦ୍ଦି ମୁସା ହେଲେ ବାହାର
ପାଗା ସୁଆର କି ଜମାଦାର କି ସରଦାର ଯେ ।
ଯେ ଯାହା ମୁରାତବ ସମ୍ଭାର ଦୌଲତ ଘେନ ହେଲେ ହାଜର
ମଜୁରା କର ହୁକୁମ ପାଇ ଯାନ୍ତି ସତ୍ୱର ଯେ ।
କେହୁ ଚଢ଼ିଛି ତାଜିବାଜି ଉପର ଯେ ।
ରଙ୍ଗଅଙ୍ଗା ଅଙ୍ଗକୁ ଦିଶେ ସୁନ୍ଦର ଯେ ।
ତାଲେକ ପୂର ବାମହାତରେ ଭାଲ କଷିଛି ଦକ୍ଷିଣ କରେ
ଲାଲପଗଡ଼ି ଭଲ ମାନିଛି ଶିରକୁ ତାର ଯେ ।।
କେ ଅଛି ତାଜି ବାଜିକି ଚଢ଼ି ଧରି ନେଉଛି ଯୋଡ଼ିକ ଯୋଡ଼ି
ଇଶାରା କଲେ ମହୀକି ଛାଡ଼ି ଯିବ ସେ ଉଡ଼ି ଯେ ।
କେହି ଭୁରୁକ ପିଠିରେ ବସି ତାଲ ବରଛି ଧରିଛି କଷି
କଣ୍ଠିରେ କଣ ଦେଇଛି ଖୋସି ଲମ୍ବିଛି ଦାଢ଼ି ଯେ ।
କେହି ଶୁଆର ହୋଇ ଅଣଆୟତ୍ତ ଯେ ।
ଯେତେ ସମ୍ଭାଳିଲେ ସେ ନୋହେ ସ୍ଥିକତ ଯେ ।
ଫୁଫୁ ଶବଦ ମୁଖ ବାହାର ବଜୁଳିପରି ଚରଣ ତାର
ହୁଅନ୍ତି ଚୁଟୁକାରି ପିଠିରେ ଠୁକୁଛି କର ଯେ ।
ଚାଲି ଚଲାଇ ଚାଲୁଛି କେହି କାହା ଟାଙ୍ଗଣ ଯାଉଛି କହି
କେ ଘୋଡ଼ୀ ଅଡ଼ି ରହନ୍ତେ ଲେଉ ଯୋଡ଼ି ଲଗାଇ ଯେ :
କେଉଁଠି ଚାଲେ ଦୁଇଗୋଡ଼ରେ ସୁଆର ଖସିପଡ଼ିବା ଡରେ
କଣ୍ଠକୁ ଧରି ଭିଡ଼ି ଦୃଢ଼ରେ ସମ୍ଭାଳି ରହି ସେ ।
କାହା ଘୋଡ଼ା ଘୋଡ଼ିକି ଦେଖି ଆଗରେ ଯେ ।
ମତ୍ତେ ମିଶି ଯାଆନ୍ତି ଅତି ବେଗରେ ଯେ ।
ବାଗହାତକୁ ଅଲପ ମୋଡ଼ି ଆଡ଼େ ସଲଖେ ଲଗାନ୍ତି ଲେଢ଼ି
ପବନପରି ଗଲା ସେ ଉଡ଼ି ସେହି ଲାଗରେ ଯେ ।।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କାହା ହ୍ରେଷାର ସ୍ୱନେ ସଂସାର କର୍ଣ୍ଣ ଉଠୁଛି କେହ୍ନୁ ବସାର
ଫର ଛଟକେ କେ ବାଜି ଖୁର ପରି ଗତିରେ ଯେ ।
ଜଳଭଉଁର ପରି କେ ଖର ଫେର ପଡ଼ଇ ଅତିପ୍ରଖର
ବାମ ଦକ୍ଷିଣେ କରଇ ଗତି ଦୁଷ୍ଟମତିରେ ସେ ।
କେହ୍ନୁ ନାଟୁଆ ପରି ଦଶେ ଗତିରେ ଯେ ।
କାହା ଚରଣ ଥୟ ନୋହେ କ୍ଷିତିରେ ଯେ ।
କେ ବକ୍ରେ ଆସେ ଗ୍ରୀବାକୁ ମୋଡ଼ି ତେଲିଁ ଯାଉଛି ଯୋଡ଼ିକି ଯୋଡ଼ି
କେ ସ୍ରୋତ ନଦୀ ନାବ ପରିଯେ ଚଞ୍ଚଳ ଗତିରେ ଯେ ।
ଅତ୍ୟନ୍ତ ମତ୍ତମାତଙ୍ଗକୁଳ ଚଳନ୍ତି ଧୀରେ ହୋଇ ପ୍ରବଳ
କି ସେ ପ୍ରବଳ ପର୍ବତ ମାଳମାଳ ସଂକୁଳ ଯେ ।
କିବା ଧରଣୀ-ତରୁଣୀ ନୀଳଦୁକୂଳ ପିନ୍ଧି ଦଶେ ମଞ୍ଜୁଳ
କି ସେ ଆକାଶୁ ଛୁଡ଼ି ପଡ଼ୁଛି ଜଳଦଜାଳ ଯେ ।
ଏହି ସମୟେ ମଦଜଳ ବରଷେ ଯେ ।
ଅବଲୋକନେ ଆଭାସୁଛି ମାନସେ ଯେ ।
ପୁଣି କି ସିନ୍ଧୁ ମନ୍ଥିଲେ ଦେବେ ସିନ୍ଧୁର କୂଳ ଜନମି
ଏବେ ଅସଂଖ୍ୟ ହୋଇ ଆସୁଅଛନ୍ତି ଅତି ହରଷେ ଯେ ।
କେଉଁ ହସ୍ତୀକି ମୋତିଝାଲର ମାନଛି କାହା ମୁଣ୍ଡେ ସିନ୍ଦୂର
ଘଣ୍ଟି ଧାଗୁଡ଼ି କାହାର ଥୋରହସ୍ତ ବଚନ ଯେ ।
ପ୍ରବଳ ଭୃଙ୍ଗ କେଉଁ ମାତଙ୍ଗ ରଙ୍ଗ ସଜରେ ସାଜିଛି ଅଙ୍ଗ
ଚଞ୍ଚଳ ତାର ଗଙ୍ଗାତରଙ୍ଗ ଯୋଖିବା ମାତ୍ର ଯେ ।
କେଉଁ ଗଜରାଜର ବସନ୍ତ ସଜ ଯେ ।
ପଶ୍ଚ ଭୂଷଣେ ଅତି ଚୋରି କା ତେଜ ଯେ ।
ତାହାଙ୍କ ମତ୍ତଗତିରୁ କର ବଶ୍ୟ ହୋଏ ନଷ୍ଟେ ବଇର-
କୁଳକମଳବନକୁ ଦଳି ଦେବ ଏ ଆଜି ଯେ ।
ଏହି ସମୟେ ଗଣକ ଯାଇଁ ସାଏତ ଧରି କହିଲା ଏହି-
କ୍ଷଣି ପ୍ରୟାଣ କରିବେ ବୀରବରକେଶରୀ ହେ ।
ନେପାଳଦେଶ ଜାତ ସୁନ୍ଦର ଅମାରୁ କଷି କଲା ହାଜର
ତହିଁ ଆରୋହି ରାଜା ଚେମନାବାବୁ ବାହାର ଯେ ।
ଚଞ୍ଚଳ ପାରୁଶେ ପାଗା ସୁଆର ଘେର ଯେ ।
ନାମଖ୍ୟାତ ସିପାହିମାନେ ବାହାରି ଯେ ।
ଲକ୍ଷବନ୍ଧ୍ୟେପଦାରେ ଡାକନ୍ତି କହି ନୋହେ ଏ ଯେଉଁ ସମ୍ପତ୍ତି
କି ଅବା ଛୁଡ଼ିପଡ଼ିଲା ସୁରନଗର ଶିରୀ ହେ ।
ବରଷାକାଳ ନଦୀ ପରିଇ ବାଟେ ଅବାଟେ ଗଲେ ସେ ବହି
ଦଶକୋଶରେ ରହିଲା ନାହିଁ ତରୁ ତୃଣହିଁ ଯେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଚଳନ୍ତେ ତାଙ୍କ ଚରଣ ଘାତେ ମହୀ ସମାନ ହେଲେ ପର୍ବତେ
ପିଇଯିବାରେ ଶୁଖିଲେ କେତେ ପୋଖରୀ ନଈ ଯେ ।
ପଥରହିଁ ରହିଲା ନାହିଁ ପଥରେ ଯେ ।
କାହା ଧୃତି ରହିବ ଅବା ଏଥିରେ ଯେ ।
ଧୂମାନ୍ତ କରି ମୁଲକ ଯାକ ଧନ କାଞ୍ଚନ ଲୁଟି ଅନେକ
ଯାଇଁ ପଡ଼ିଲେ ଷାଠିଏବାଟି * ବଳ ଭିତରେ ଯେ ।
ରାଜନମଣି ପୂର୍ବରୁ ଜାଣି ଅଗାଧପାଣି ଜଳ ନିର୍ମାଣି
ପାଷାଣ କାନ୍ଥି ସଜାଡ଼ି ପୁଣି ମୁରୁଚ୍ କରି ଯେ ।
ଗୁଣ୍ଡ ବାଜିବା ସ୍ଥାନକୁ ହେଜ ଭିଣ୍ଡି କାଙ୍ଗୁରା ଅଛନ୍ତି ସାଜି
ଚଣ୍ଡିପ୍ରସାଦ ଗୁଣ୍ଡକୁ ଖଞ୍ଜିଛନ୍ତି ବର୍ଜ୍ଜ ଯେ ।
କାହିଁ ମୁଲକ ମରଦାନ ତୋପକୁ ଯେ ।
ସଜ କରିଅଛନ୍ତି କୋଣେ ଧାପକୁ ଯେ ।
ଅଲପ ପାଟ କେଉଁ ମୁଣ୍ଡକୁ ରୁପିଅଛନ୍ତି ଖାଲ ମୁଣ୍ଡକୁ
ମଉଡ଼ା ଟେକିଛନ୍ତି କାହାର ଉଚ୍ଚମାପକୁ ଯେ ।
କେଉଁ ମୁରୁଚ୍ଭିଡ଼ିରେ ନଳ ସଜାଡ଼ିଛନ୍ତି ଧାଡ଼ିକ ଧାଡ଼ି
ରୁପିଅଛନ୍ତି ଲାଗିଲେ ଉଡ଼ିଯିବ କଉଡ଼ି ଯେ ।
କାହିଁରେ ସିପା ଲଗାଇ ଭିଡ଼ିଛନ୍ତି ଜଞ୍ଜାଲ ଯୋଡ଼ିକ ଯୋଡ଼ି
ଅର୍ଦ୍ଧକୋଶରେ ବାଜିଲେ ଝଡ଼ିପଡ଼ିବ ଘୋଡ଼ୀ ଯେ ।
ରୂପ କାହିଁରେ ପେଠକଠା କମାଣ ଯେ ।
ତାର ଫିଟିଲେ ଅଛି ଏହି ପ୍ରମାଣ ଯେ ।
କୋଣେ ସଙ୍କ କି ତରୁ ଦାରୁ କିବା ପଥର କି ଅବା ମେରୁ
କି କଥା ନର ବାଜନକର ପୂରିଏ ମାଣ ଯେ ।
କାହିଁରେ ଧାଉଡ଼ିଆ ପହଣ୍ଡ ଜଳା ଭିତରେ ପକାଇ କାଣ୍ଡ
ବନ୍ଧିବା ପାଇଁ ହୋଇଛି ମୁଣ୍ଡଲୁଆଣ ଭିଣ୍ଡି ଯେ ।
କାହିଁ ତଙ୍କୁଣମାପକୁ ଆସି କେତେବେଳରେ ଯିବେ ବା ପଶି
ବୋଲି ତଙ୍କୁଣଅଛନ୍ତି କଷି ଗୁଡ଼ିବେ ଗଣ୍ଡି ଯେ ।
ଆଣ୍ଠୁ କଣ୍ଠାରେ ମାରି ବହଳପଠା ଯେ ।
ଦଗବାରଣଭିଡ଼ି ଗୋଠାକୁ ଗୋଠା ଯେ ।
କେହି ବର୍ତ୍ତିବା ଗଡ଼ଦୁଆର ଶଙ୍କା ନୋହିବ ଅବା କାହାର
ଲଙ୍କାରେ ମାଏ ଥିଲା ସଜାଡ଼ି ଦଶମୁକୁଟା ଯେ ।
ଏହି ସମୟେ ଜଣାଏ ଚୁରି ଭୋ ମହାରାଜା ପ୍ରତାପିବୀର
ତେମଣା ବାବୁ ପଡ଼ିଲେ ତାର ସୈନ୍ୟ ଅପାର ଯେ ।

* ଢେଙ୍କାନାଳର କଜଗଡ଼ ମଧ୍ୟସ୍ଥ ପଶ୍ଚିମଦଗ ଜମି ଅର୍ଥାତ୍ କୁଟୁଣିଆ ପର୍ବତ ତଳରୁ ତଙ୍କୁଣିଆ ସାହି ପର୍ଯ୍ୟନ୍ତ ସମସ୍ତ ଜମିକୁ ଷାଠିଏବାଟି କହନ୍ତି ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ମହିମା ଦିଶୁ ନାହିଁ ଧରଣୀ ରହୁଛି ନାହିଁ ପଥର ପାଣି
ଦେଖିଆସୁଛୁ ମୁଁ ଏହିକ୍ଷଣି ଗଡ଼ ପାଶର ହେ ।
ପୁଣି ପୁଣି କହନ୍ତି ଅନେକଲୋକ ଯେ ।
ମହାରାଜା ବୁଡ଼ିଲା ନଷ୍ଟେ ମୁଲକ ଯେ ।
କେ ବୋଲେ ନଷ୍ଟେ ଗଲାଇଁଧରି କେ ବୋଲେ ରାଜା ଭେଟିବେ ପରି
କେ ବୋଲେ କିଛି ନୋହିବ ମରି ପଡ଼ିବେ ଲୋକ ଯେ ।
ଏମନ୍ତ ଶୁଣି ସେ ନୃପମଣି ଦ୍ୱିତଳ ପରେ ଚାହିଁ ତକ୍ଷଣି
ନ ଦିଶେ ଗଜ ତୁରଙ୍ଗ ପୁଣି କେ ପାରେ ଗଣି ହେ ।
ଦେଖିଲା ଲୋକେ ହୋଇ କାତର କହନ୍ତି ଘୋଟିଆସେ ସାଗର
ଲୋକଚଳନ୍ତେ ବୋଲନ୍ତି ଦେଖ ତରଙ୍ଗପାଣି ହେ ।
ଗଜମାନଙ୍କୁ ବୋଲନ୍ତି ଏ ମଗର ଯେ ।
ଓଟ କୁହନ୍ତି ଭାସୁଛନ୍ତି କୁମ୍ଭୀର ଯେ ।
ଯୋଡବା ଅଶ୍ୱ ଗତକ ଚାହିଁ ବୋଲନ୍ତି ମୀନ ଯାଆନ୍ତି ତେଇଁ
ଫେଣପରିଏ ମଣନ୍ତି ତହିଁ ଶ୍ୱେତଚାମର ଯେ ।
ଉଡ଼ୁଛନ୍ତି ଯା ଧ୍ୱଜା ବୈରଖ ପୁଣି ବୋଲନ୍ତି ମହିମା ଦେଖ
ଏ କେଡ଼େ କେଡ଼େ ଲହଡ଼ିମାନ ଆସୁଛି ଉଠି ଯେ ।
ଗଡ଼ିଶଗଡ଼ ଚଳବା ଚାହିଁ ସୋଲପ ପରି ମଣନ୍ତି ତହିଁ
ତମ୍ବୁମାନଙ୍କୁ ବୋଲନ୍ତି ଦେଖ ବୋହିତ ଏଠି ହେ ।
ଗୁଣ୍ଡ୍ରମାନଙ୍କୁ ସର୍ପ ପରିଏ ମଣି ଯେ ।
ନଳମାନଙ୍କୁ କ୍ଷୁଦ୍ର ମୀନରେ ଗଣି ହେ ।
କେ ବୋଲେ ଆହେ ହେଲ କି ବାଇ ସାକ୍ଷାତେ ସିନ୍ଧୁ ଗର୍ଜିଆସଇ
ମିଶୁଅଛନ୍ତି କେତେ ନୃପତି ସଇତ ପୁଣି ହେ ।
ମହାପ୍ରବଳ ଫଉଜ ଚାହିଁ କାହା ଧର୍ଯ୍ୟ ରହିଲା ନାହିଁ
କେହି ବସିଲେ ବିଷାଦ ହୋଇ ମହୀକି ଚାହିଁ ହେ ।
କେ ଅବା ତହିଁ ମନେ ବିଚାରେ ଅବଶ୍ୟହିଁତ ମରିବା ଥରେ
କେବଳ ହସ୍ତି ପିଟିବା କାଳ ହେବ କି ନାହିଁ ହେ ।
କେହୁ ବୋଲଇ ମରିବାର ପ୍ରମାଣ ଯେ ।
ଛାଡ଼ିଦେଲେ ବାଜିବ ମୋର ତଙ୍କୁଣ ଯେ ।
କେ ବୋଲେ ଆଗୁଁ କହ କି ହେବ ଯାହା କରିବେ ଏ ବଳଦେବ
ମନେ ହଉଛି ଅଖତେ ଯିବ ପରି ପରାଣ ଯେ ।
ଏମନ୍ତ ଶୁଣି ସେ ନୃପବର ବୋଲନ୍ତି ଏ ଯେ ଘୋର ସାଗର
ଘୋଟି ଆସୁଛି କିଛି ବିଚାର ନାହିଁ ମନର ହେ ।
ନଣରେ କର ପକାଇକରି ବୋଲନ୍ତି ହେବ ମନ୍ଦରଗିରି
ମନ୍ଥି ଦେବ କି ଅଛି ବିଚାର ମନେ ଭ୍ରମର ହେ ।

पुस्तकालय

CC-0. In Public Domain. Gurukul Kangri Collection, Haridwar

गुरुकुल ... ड़ी

Digitized by Arya Samaj Foundation Chennai and eGangotri

ଏହି ସିନ୍ଧୁ ମନ୍ଥନ କରବା ଯେବେ ହେ ।
କେତେ ଯଶରତନ ମିଳିବ ତେବେ ହେ ।
କେବଳ ତୁମ୍ଭେ ସୁର ଅସୁର ପରାୟେ ମତେ ଆଣ୍ଡାସି ଧର
କାଳକାଳକୁ କୀରତି ରହିଯିବ ଏ ଭବେ ହେ ॥
ଏମନ୍ତ ବୋଲି ଉଠନ୍ତେ ଫୁଲି ଫାଟିଗଲା କି ଶ୍ରୀଅଙ୍ଗ ଟେକିଲ
ବୋଇଲେ କାଲି ବୁଝିବା ଗୃଳଚରଣ ସବୁ ଯେ ।
ପ୍ରାଣକୁ ଆଶା ରଖୁଛୁ ଯେହୁ କହୁଛୁ ଏତେବେଳୁଁ ସେ ଯାଉ
ମରବା ଲୋକ ମୋ ପାଖେ ଥାଉ ଟେମଣାବାକୁ ଯେ ।
ଭୁଟ୍ଟା ଛୁଣ୍ଡାଉଥାଅ ନଣକୁ ମୋଡ଼ି ଯେ ।
କାଲି ଅଛୁ ଏତିକବେଳକୁ ପଡ ଯେ ।
କେ ପାଢ଼ କେହ୍ନୁ ମରଦ ଚହ୍ଲା ଏହି ଠାବରେ ପଡ଼ିବ ସିନା
ଛାଡ଼ିଣ ଦେବା ଗୋବରା ପରା ପାଠ ଉପାଡ଼ି ଯେ ।
ଶୁଣି ଏମନ୍ତ ବଚନ ତହିଁ ନଶେ ନାଗଙ୍କେ କର ପକାଇ
ସହି ନ ପାର ବୋଇଲେ କେହି ଚହଳା ନାହିଁ ଯେ ।
ଖାମିନ୍ଦ ବୋଲି ବୋଇଲ ଏହା ନୋହିଲେ ନକ ଯାଆନ୍ତା ସୁହା
କେବଳ ଗଣ୍ଡିଦେଖିବ ମୁଣ୍ଡ ଦେଖିବ ନାହିଁ ଯେ ।
ଛାଡ଼ ଦେଖି ଏ ପାଢ଼ମାନଙ୍କୁ ଥରେ ହେ ।
ଗଡ଼ ଭିତରେ କପାଁ ଲୁଚିଛ ଡରେ ହେ ।
ଗର୍ଜ୍ଜନ ମାର ପଚ୍ଛେ ଗୋସାଇଁ ଏ କଥା କେହ୍ନ ପାରବ ସହି
ରଙ୍ଗବଦନ ଅଙ୍ଗ ତାଙ୍କର କ୍ରୋଧରେ ଥରେ ହେ ॥
ଶୁଣି ସାନନ୍ଦ ନରଈଶ୍ୱର ବୋଇଲେ ଏବେ ହେଲା ଗୋଚର
ଏହା ଶୁଣିବାପାଇଁ ପଡ଼ିଲା ସିନା କେବଳ ହେ ।
ପଇସା ଘରେ ନାହିଁ ଆମ୍ଭର ସେହିତ ଦଶ ବଂଶ ହଜାର
ନ ନେବେ ପୁଣି ଯୁଝିବା କଥା ହୋଇଲା ମୂଳ ହେ ।
ଆଜ୍ଞା କର ବଳେୟେ ଶ୍ରୀପାଲଙ୍କିରେ ଯେ ।
ଯାଇ ପ୍ରବେଶ ଗଡ଼ ମୁରୁଚ୍ଛଦ୍ୱାରେ ଯେ ।
ପୂର୍ବରୁ ଜଗିଥିଲେତ ଲୋକ ଯେଉଁ ଠାବକୁ ଯେଉଁ ପାଏକ
ଖଞ୍ଜି ରଖିଲେ ଗଡ଼ନାୟକମାନଙ୍କଠାରେ ଯେ ॥
କାହାକୁ ଚୁହିଁ ବୋଲନ୍ତି ବାପା ମୁଖ ଶୁଖାଇ ଦେଉଛୁ କପାଁ
ଦେବ ସମ୍ମୁଖ ଘୋଡ଼ା ଶିରୋପା ମୁକୁତା ଲୋଳ ରେ ।
କେତେବେଳକୁ ମରଦପଣ ଏହି ଠାବରେ ବୁଝିବା ଠାଣ
ଦେଖି ବସିଛୁ କେତେ କମାଣ ଜଞ୍ଜାଲ ନଳ ରେ ।
ଗୋଡ଼ ବଢ଼ାଇ ସେ କି ଡେଇଁବେ ଜଳ ରେ ।
ଅସୁର ତ ନୁହନ୍ତି ଦେବାକୁ ଗିଳ ରେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପଡଏ ମାଏ ଅନାଥ କନା ପୋଡ଼ିବା ଏକାବେଳକେ ସିନା
ଭଲ କେମନ୍ତେ କାଟିବ ନାହିଁ ଆମ୍ଭର ଗୁଲ୍ଲ ଯେ ॥
ଆର ମୁରୁଚ୍ଚ କଟକ ଯାଇଁ କହନ୍ତି କିଛି ବଚ୍ଚର ନାହିଁ
ପିଠି ଉପରେ ଅଛି ଯେ ମୁହିଁ ଥାଅ ନିଶ୍ଚିନ୍ତ ଯେ ।
ବାନ୍ଧି ସେ ପଛେ ଫଉଜା ବାନା ଯେତେ ହୋଇଲେ ଲଡ଼କା ସିନା ।
କଡ଼କା ରଖି କି କରିବ ନା ମୂଳ ହେମନ୍ତ ହେ ।
ବରଗି ଏ କି ଡେଣାପାଇଲେ ଏବେ ହେ ।
ଜଙ୍ଗଲକାନ୍ତରେ ଆସି ଉଡ଼ିପଡ଼ିବେ ହେ ।
କି ଅବା ତାଙ୍କ ଅଙ୍ଗ ପଥର କାଟିବ ନାହିଁ ଆମ୍ଭର ତୀର
କେ ବକ କେହ୍ନ ଶ୍ୟାମଳ ତାହା ଯିବ ଦଇବେ ହେ ।
କାହା ମୁ ରୁଚ୍ଚ କଟକ ଯାଇଁ ପିଠିରେ ଠୁକ ବୋଲନ୍ତି ଭାଇ
ଏହି ସଲଖେ ଥିବୁଟି ଗୃହ ଅଇଲେ ବାହି ସେ ।
ହାତେ ତୋ ଅଛି ଯେଉଁ ଜମ୍ବୁରା ପୋଡ଼ିବୁ. ଏକା ହୋଇଣ ଧୀର
ହାତୀ ହୋଇଲେ ଲେଉଟିତେ ଣେ ପଡ଼ିବ ଯାଇ ଯେ ।
ମନ୍ଦହାସେ କହନ୍ତି ପୁଣି କାହାକୁ ଯେ ।
ସବୁ ବେଳେତ ଠୁକୁଥାଉ ବାହାକୁ ଯେ ।
ଲୋକଙ୍କୁ ଗୃହିଁ ଛତ ଫୁଲର କହୁତ ଥାଉ ନିଶ ହଲାଇ
ଦେଖିବା ଦେଖି କେତେ ଠାଣ ତୋ ମନ ଲୁହାକୁ ଯେ ॥
ଏମନ୍ତ କଲେ ଖାତରନଶା ସୁଧାକରତ ସିନା ସେ ଭାଷା
ମରମକଥା ଯେଉଁ ପ୍ରଶଂସା ଜୀବନଆଶା ସେ ।
ଛାଡ଼ି ସକଳେ କଲେ ହେମନ୍ତ ଜଗି ରହିଲେ ଯେହ୍ନ ଯେମନ୍ତ
ବଚ୍ଚର କଲେ ନୋହିବା ଭାଇ ଏ ଲୋକହସାରେ ।
ସରଦାର ଯହିଁରେ ଆପେ ନୃପତି ଯେ ।
ମନ କାଅଁଳ ହେଲା ପଥରମତି ଯେ ।
କି ଦିନ ରାତି ଆଠପହର ବାନ୍ଧି ରହିଲେ ଲୋକ କମର
ମୀନକୁ ବକ ଜଗିଲାପରି ଜଗି ଥାଆନ୍ତି ଯେ ।
ଯେହ୍ନ ମାଗିଲା ଯେଉଁ ଆହାର ଆଜ୍ଞାପ୍ରମାଣେ ଦେଲେ ସତ୍ୱର
ପାଏକଲୋକେ ପାଇଲେ ପୁଣି ଯାଉଁଳ ପଡ଼ି ଯେ ।
ଡାଲି କଦଳି ବଡ଼ି ଆଚ୍ଚର ଘୃତ ନବାତ ଦଧି ଶାକର
ଯହିଁକି ଯାହା ମନ ବଳିଲା ନେଲା ସେ ଲୋଡ଼ି ହେ ।
ଅନୁରୂପରେ ଦେଲେ ଗୁଲ୍ଲ ବାରଦ ଯେ ।
ଗୃହପାଖେ ନାଗରା ଠମକ ନାଦ ଯେ ।
ଆର ଛନ୍ଦରେ ବର୍ଣ୍ଣିବା ପୁଣି ଯେମନ୍ତ ହେଲା ଯୁଦ୍ଧକାହାଣୀ
ବ୍ରଜନାଥର ଭରସା କୃଷ୍ଣ କମଳପାଦ ହେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତୃତୀୟ ଛାନ୍ଦ

ଢେଙ୍କାନାଳରେ ଯୁଦ୍ଧ ଓ ମରହଟ୍ଟାଙ୍କ ପରାଜୟ

ରାଗ—ଚକ୍ରକେଳି

ଶୁଣ ସାଧୁଜନେ ତୋଷଚିତ୍ତରେ ।   ଏବେ ସମର ହେଲା ଯେମନ୍ତରେ ।
ଗଡ଼ପାଶରେ ଫଉଜ ପଡ଼ିଲେ ।   କେହି ଲଢ଼ିବା ଏ ବିଚ୍ୟାର କଲେ ।
ବାଣ୍ଡି ହୋଇଲେ ତିନମୁକା ହୋଇ ।   ତିନ ଦିଗରେ ବାହାରିଲେ ସେହି ।
ଘେନି କୃଷ୍ଣମରାଜକୁ ସଙ୍ଗରେ ।   ଚଇତନ୍ୟ * ଦାସ ଗଲେ ଆଗରେ ।
ଅରି କଟାଇ ସେ ବାଟ ଛଡ଼ାଇ ।   ତେଲଙ୍ଗୀଙ୍କୁ ଘେନିଗଲା କଢ଼ାଇ ।
ଏଣେ ସାରି ଲସ୍କର ତିୟାର ।   ଆପେ ତେମଣାବାବୁଏ ବାହାର ।
ପରି ଦେଉଳ † ଉପରେ ଚଢ଼ାଉ ।   ବାଜେ ନାଗରା ଧିଧି ଧାଉ ଧାଉ ।
ପାଉଁ ପିଆଦା ଢାଲ ତରୁଆର ।   ବାହାରିଲେ ଦଶ ବାର ହଜାର ।
ଆଠ ଦଶ ହଜାର ହେଲେ ସଜ ।   ଅତି ପ୍ରବଳ ସେ ବରକନ୍ଦାଜ ।
ଘେନି ତଙ୍କୁଣିଆମାନେ ତଙ୍କୁଣ ।   ପାଞ୍ଚ ସାତ ହଜାର ଗଲେ ପୁଣ ।
ଗଡ଼ଦ୍ୱାର ସନମୁଖେ ଅପାର ।   ହେଲେ ବାହାର ବହୁଅଶ୍ୱଆର ।
ହସ୍ତୀ ପଲ ପଲ କରି ଆଗରେ ।   ଚଳାଇଲେ ବନ୍ଧୁକ କାଣ୍ଡତରେ ।
ଗୁଳି ବାରୁଦ ଗଡ଼ିମାନ ଭରି ।   ଲଦାବଲଦ ନୋହେ ଲେଖା କରି ।
ତୋପମାନ ଚଳାଇଲେ ପ୍ରବଳ ।   ଯୋଗ୍ୟ ମହିଷ ଆଠ ଦଶ ହଳ ।
ଘେନିକମାଣ କନ୍ଧରେ ତୂଣିର ।   କେତେ ତୀରନ୍ଦାଜ ହେଲେ ବାହାର ।
ହସ୍ତୀପରେ ଗଣ୍ଡିଆ ପେଟରିରି ।   ଓଟ ଉପରେ ଜଜାଲ ଜମ୍ବୁରି ।
ଆଗେ ବାଣ ନିଶାଣକୁ ଚଳାଇ ।   ଯହିଁ ସଂସାର ଅନ୍ଧାର ଦିଶଇ ।
ତେଣେ ତେଲଙ୍ଗାବଳଙ୍କ ସଙ୍ଗରେ ।   ଚଇତନ ଦାସ ଫୁଟି ଲଢାରେ ।
ଅର୍ଦ୍ଧଅରିରେ ହେଲେନ ବାହାର ।   ଏହିକାଳେ ସେ ହୋଇଲା ଗୋଧର ।
ଶଏ ପଞ୍ଚାଶ ଲୋକ ଥିଲେ ଜଗି ।   ଆଗେ ଆଖନ୍ଦନନ୍ଦ ଦେଲେ ଦାଗି ।
ବାଲିବନ୍ଧ କି ସମ୍ଭାଳେ ସରିତ ।   ଠେଲା ମାଇଲେ କିଂ ଭାଜେ ପର୍ବତ ।
ସିନ୍ଧୁ ପରିପ୍ରେ ତ ଘୋଟି ଆସନ୍ତୁ ।   ତାଙ୍କ ବଳେ କି ଅଟକି ପାରନ୍ତୁ ।
ପେଲ ପ୍ରବଳେ ଆଗସରି ଗଲେ ।   ଯାଇଁ ଲୋକେ ହଜୁରେ ଜଣାଇଲେ ।
ଅରି ଫୁଟିଲେ ବରଗି ମଣିମା ।   କେତେ ଫଉଜ କି ଅବା ଗଣିମା ।
ଭୋଇସାହିରୁ ଅଇଲେଣି ବଳ ।   ଆମ୍ଭେ ନ ପାରିଲୁଁ ଆଉ ଓଗାଳ ।
ଏହା ଶୁଣି ଆଜ୍ଞା କଲେ ରାଜନ ।   ଦେଖି ଆମ୍ଭ ଲୋକେ ଯାଅ ବହନ ।

---

* ଚଇତନ ଦାସ ଜଣେ ବିଦେଶୀୟ ମଲ୍ଲ, ପ୍ରଥମେ ଢେଙ୍କାନାଳ ମହାରାଜାଙ୍କଠାରେ ଚାକିରୀ କରୁଥିଲା । ତହିଁ ଉତ୍ତାରୁ ରାଜାଙ୍କ ସହିତ ମନାନ୍ତର ହୋଇ ମରହଟ୍ଟାଙ୍କ ଅଧୀନରେ ରହି ଗୁପ୍ତରେ କାର୍ଯ୍ୟ କଲା ।

† ଢେଙ୍କାନାଳ ରାଜାମାନଙ୍କ ସମାଧି ସ୍ଥାନ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତୁମ୍ଭେ ଅଟକ ଥାଅ ମାତ୍ର ଯାଇଁ । ଆମ୍ଭେ ପଛେ ପଛେ ଯାଉଅଛୁଇଁ ॥
ଶୁଣି ଶୂରବୀରମାନେ ବାହାର । ଘେନ ଧାଇଁଲେ ଯେଝା ହତିଆର ॥
ତୋପ ରଡ଼ିରେ ଶୁଭୁ ନାହିଁ କିଛି । ଗୁଳ ବରଷା କେବଳ କରୁଛି ॥
ବୃକ୍ଷମାନଙ୍କରେ ନାହିଁ ପତର । ଫାଟି ଯାଉଅଛି କାଠ ପଥର ॥
ଦାଗି ବନ୍ଧୁକ ହଜାର ହଜାର । ଦଶଦିଗ କରନ୍ତି ଅନ୍ଧକାର ॥
ପେଲି ଆସୁଛନ୍ତି ସେହି ଧୂଆଁରେ । ଯାଇଁ ମିଳିଲେ ବୀରସରଦାରେ ॥
ଦୁଇ ବଳଙ୍କର ମେଣ୍ଟ ପଡ଼ିଲା । ଅତି ପ୍ରବଳ ଲଢ଼ାଇ ହୋଇଲା ॥
ଜଣ ଜଣକୁ ଘେରବନ୍ଦୀ କରି । ତଙ୍କୁଣିଆଁ ବେଢ଼ିଲେ ତିନି ଗୁରି ॥
ଆତହାଣି ରହିଥିଲେ ସମ୍ଭାଳି । ପଶିଗଲା ମରମସ୍ଥାନେ ଗୁଳି ॥
ଜୀବ ଯିବାଯାଏ ନୋହି ନିସତ । ଫିଟିଥିଲା ତାଙ୍କର ଖଣ୍ଡାହସ୍ତ ॥
ଜଣ ଜଣକେ ସେ ଦ୍ରୋଣ ସମାନେ । ରଣ ଯାଗ କଲେ ଅତି ସୁମନେ ॥
ଗୁଳି ଗଳିଗଲାକ କା ହୃଦର । ତେବେ ବୋଲୁଛି ଭାଇ ମାର ମାର ॥
ତୋପ ବସିଲାକ କାହା ମୁଖରେ । ଖଣ୍ଡାହସ୍ତ ସେ ବଞ୍ଚଇ ପ୍ରଖରେ ॥
କାହା ଗୋଡ଼ ଭାଙ୍ଗି ପଡ଼େ ଧରଣୀ । ଯାଇ ଧନୁରୁ ମିଶୁଅଛି ହାଣି ॥
ଗୁଳି ଉପରେ ତ ଗୁଳି ବାଜିଲା । ତେଣୁ ପ୍ରାଣପ୍ରୟାଣ ହୋଇଗଲା ॥
ବଳେ ରାଜା ମହେନ୍ଦ୍ର ବାହାଦୁର । ତେଲଙ୍ଗାଏ ଅଛନ୍ତି ଗହଣର ॥
ପାଣି ସିନା କାଟି ପାରେ ପାଣିକ । ଜାତି ସେହିରୂପେ କାଟେ ଜାତିକ ॥
ଦେବତାଙ୍କ ଗତି ଦେବେ ଜାଣନ୍ତି । ଅସୁରଙ୍କ ମାୟା ଦୈତ୍ୟେ ବୁଝନ୍ତି ।
ଦୁଇବଳ ହୋଇଲେ ମିଶାମିଶି । ଷଣ୍ଢ ଷଣ୍ଢ କି ମେଣ୍ଟ ହେଲେ ଆସି ॥
ଆଡ ଭୂଷି ତଙ୍କୁଣକୁ ତଙ୍କୁଣ । ଚଡ ଛଡ ଦିଅନ୍ତି ପୁଣ ପୁଣ ॥
ଫିଟି ଫିଟି ଛୁଟିକାଇ ଭୂଷନ୍ତି । କଟି ପାଗ ଆଣ୍ଠୁଆଇ ବସନ୍ତି ॥
ଯୋଖି ରଖିଥାନ୍ତି ଅଖିଆଖିରେ । ଦେଖି ଦେଖି କେ ଡାକ ହାକ ମାରେ ॥
ଲାଗି ପଡ଼େ କାହା ହୃଦେ ତଙ୍କୁଣ । ଅଖିବାଟେ ଛୁଟି ଯାଏ ପରାଣ ॥
କେଉଁ ଦୋରା ଗ ରା ବୋଲି ଡାକଇ । ତେଣୁ ତଙ୍କୁଣ ମଝିରେ ଠୁକଇ ॥
ଆଡ଼େ ତେରଛି ଭୂଷିଦେଲା ନେଇ । ଫୁଟି କଙ୍କାଳ ପଡ଼ିଗଲା ମଝି ॥
କୃପା କଲେ ପ୍ରଭୁ ଚନ୍ଦ୍ରଶେଖର । ଲୋକ ବଳି ମାଇଲେ ରାଜାଙ୍କର ॥
ଯାହା ପ୍ରବଳ ହୋଇ ଆସୁଥିଲେ । ଆଗେ ନ ଆସି ଅଟକ ପଡ଼ିଲେ ॥
ଛିନପରତ ହୋଇଗଲେ ରହି । ଚଡ଼ ଚଡ଼ ଆଗ ନଳ ଫିଟାଇ ॥
ପୁଣ ମଝି ଲୋକେ ଆଗ ହୁଅନ୍ତି । ସେହି ସେକେ ସେକେ ଲେଛି ଦିଅନ୍ତି ॥
ପୁଣ ପଛ ଲୋକେ ହୋଇ ହାଜର । ଦାଗି ଦିଅନ୍ତି ସେହି ତରତର ॥
ଆଗ ଲୋକେ ପୁଣି ତୋପ ପକାଇ । ବେଗେ ହାଜର ହୋଇଥାନ୍ତି ଯାଇ ॥
ଦଣ୍ଡେ ମାତ୍ର ନ କରନ୍ତି ବିଶ୍ରାମ । କଲେ ଦେବଙ୍କୁ ଦୁର୍ଲଭ ସଂଗ୍ରାମ ॥
ଗୁଳି ଗୋଟିଏ ନ ପଡ଼େ ତଳରେ । ଯାଇ ବସଇ କାହା କପୋଳରେ ॥
କାହା ଛାତିରେ କଙ୍କାଳେ କାହାର । କାହା ପେଟ ଫୁଟି ଯାଏ ବାହାର ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କେଉଁ ଲୋକର ତଣ୍ଟି ଯାଏ ଫୁଟି । ଭାଙ୍ଗି ପକାଏ କାହାର ଛକାଠି ॥
ଯାଇଁ ବାଜଇ କାହାର ହସ୍ତରେ । ଛୁଟି ବନ୍ଧୁକ ଭଜେ ସେ ଅସ୍ଥିରେ ॥
ଭାଙ୍ଗି ପକାଏ କାହା ଜାନୁହାଡ଼ । ସେ ଯେ ଧୂସୁରେ ହୋଇ ଲଡ଼ବଡ଼ ॥
କାହା ଥାନ ମୁଦ୍‌ଗରେ ହାବୋଡ଼େ । ଫୁଲ୍ ପରାଏ ସେହି ଝଡପଡ଼େ ॥
କାହା ବଦନେ ତେରଛେ ବାଜିଲା । ଫାଳେ ଦାନ୍ତ ପାଟିରୁ ଯେନଗଲା ॥
ଥୁଥୁ କରି ପକାଏ ସେ ରକତ । କଥା କହିବାକୁ ନୋହେ ଶକତ ॥
ବେଳବେଳକେ ପନ୍ଦର ସତର । କେଉଁ ଉଆରେ ଲୋକ ବାର ତେର ॥
କେଉଁଥର ଆଠ ଦଶ ପଡ଼ନ୍ତି । କେଉଁ ଥରବା ପଚଶ ଝଡ଼ନ୍ତି ॥
ତେତେ ଫଉଜ କଷ୍ଟମରାଜର । ପଡିଗଲେ କେତେ ନୋହେ ସୁମାର ॥
ଯେବା ବଞ୍ଚିଲା ଗଲା ଘାଆ ହୋଇ । ଖୁଣ ନୋହି ଗୋଟିଏ ମାତ୍ର ନାହିଁ ॥
କୁଡ଼ କୁଡ଼ ମଡ଼ା ପଡି ଅଛନ୍ତି । ପଙ୍କ ହୋଇଲା ରକତରେ କ୍ଷିତି ॥
ଯେବା ପଛେ ଆସୁଥିଲେ ଭାଜିଲେ । କେତେ ତଙ୍କୁଣ ନଳ ଛାଡିଗଲେ ॥
ପାଗ ମଥାରୁ ଫିଙ୍ଗି କେ ପଳାଏ । କେବା ବାଙ୍କୁ କଟାରି ଫିଙ୍ଗି ଧାଏଁ ॥
କାହାପାଖେ ରାଜାଲୋକେ ମିଳନ୍ତେ । ରଖ ବୋଲି ଚରଣ ଧରେ ଦନ୍ତେ ॥
କେଉଁ ବୀର ତହିଁ ହସ୍ତ ଚଳାଇ । ପ୍ରାଣ ଦେଲା ନସତ ଆଉ ନୋହି ॥
ଏହିରୂପରେ ପ୍ରହରେ ଲଢ଼ାଇ । ଶୂନ୍ୟେ ଉଡି ନ ପାରିଲେ ଚଢ଼ାଇ ॥
ଦଗ ନ ଦିଶିଲା ଧୂଆଁ ହେବାରେ । ନିଶି ପରି ଭ୍ରମ ହେଲା ଦିବାରେ ॥
ବ୍ୟାଘ୍ର ମୃଗଆଦି ଗଲେ ପଳାଇ । ଭୟେ ଦୂରରେ ରହିଲେ ସେ ଯାଇଁ ॥
ପୂର୍ବେ ଲଙ୍କା ଲଢ଼ାଇ ଯା ଗୀତରେ । ଶୁଣୁଥାଇଁ ଏବେ ସେହି ମତରେ ॥
ଗଲା ରକତ ନଦୀ ପରି ବହି । ଶିର ପରି ମଡ଼ା ପଡି ଦିଶଇ ॥
ଦେଖାଗଲା ନାଚବାର କବନ୍ଧ । ଥାଉ ଥାଉ ନୟନ ହେଲା ଅନ୍ଧ ॥
ଯହୁଁ ବରଗି ହାରି ପଳାଇଲେ । ଜୟ କରି ରାଜନ ଲେଉଟିଲେ ॥
ଏଣେ ମୁରୁଣ୍ଡରେ ଗୁଣ୍ଡ୍ର ଦାଗନ୍ତେ । ଉଡିଗଲେ ଫଉଜ ଅବା କେତେ ॥
ଉଡିଗଲେ ବା କେତେ ଘୋଡ଼ା ଘୋଡ଼ୀ । କେତେ ତମ୍ବୁ କନାଟ ନେଲା ଉଡି ॥
ଗୁଳା ଗୋଟିକେ ଦଶ ବାଂଶ ଯହୁଁ । ଉଡି ଯାଆନ୍ତି ଗୁଳା ପ୍ରାୟେ ହୋଇ ॥
ସାରା ଫଉଜ ପଡିଗଲା ହାଲ । ସବୁଠାରେ ଧାଉଆ ପଲ ପଲ ॥
କେତେ ମଲେ ସେ ହେଲା ନାହିଁ କଳ । ଯହିଁ ଶୁଣିବ ଉକା ହାଲହୋଳ ॥
ଗୁଳି ଦାଉରେ ସେଠାରେ ନ ରହି । ସୈନ୍ୟ ପଡିଲେ କୋଣେ ଧସିଯାଇ ॥
କେହି ବୋଲଇ ହେଲା କି କରମ । ଏତେ ଅନର୍ଥ କଲା ରାଜାରାମ ॥
କେହି କାନ୍ଦି ବୋଲେ ମନ୍ତ୍ରୀ କି କଲା । ଢେଙ୍କାନାଳରେ ବଂଶ ବୁଡ଼ାଇଲା ॥
କେହି ବୋଲଇ ହାହା ବେଟା ମୋର । କସେ ଗୁନ ବସୋରୁ ମଇଁ ତୋର ॥
କେହି କାନ୍ଦଇ ହାହା ମୋର ଭାଇ । କଆ ଗୁନା ମୁଜକୁ ଛୋଡ଼ଗଇ ॥
କେହି ବୋଲେ ହା ବେଟି ମେରେ ଛୋଟି । ହାହା ଜୁଆଇଁ ଭୟା ଶିର କାଟି ॥
କେ ବୋଲଇ ହଜାରଟଙ୍କା ଯୋଡ଼ୀ । ଗୟା ମେରା ତୋପକ ମାରେ ଉଡି ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କେ ବୋଲଇ ଖ୍ୱଆ ଖ୍ୱଆ ଖୋଦାଇ । ତାଲୁ ଫୁଟି ଯୋ ଗିରା ମେରା ଭାଇ ।
କେ ବୋଲଇ ଧାଏ ଲହୁଆନାଥି । ଗୁଳି ଲଗି ପାଓ ମୁ ଯାତ ଯାତ ।
କେହୁ ଛାତିପରେ କର ଠୁକଇ । ହାହା ମେରା ବାବା ବୋଲି ଡାକଇ ।
କେହୁ ଭୂମିରେ ପଡ଼େ ହାହା କରି । କେହୁ ଗୋଡ଼ୁ କାଣ୍ଡଫଳ ଉତାରି ।
ତହିଁ କାହାକୁ ଖୁଆଇ ମାଜୁମ । ଗୁଳା କାଢ଼ନ୍ତେ ଯାଉଅଛି ଝାମ ।
କେହୁ ଶ୍ୱଶୁରକୁ ମାଟି ଦେଉଛି । କେହୁ ମଉଳାକୁ ନେଇଁ ଦହୁଛି ।
କେହୁ କାଣ୍ଡକାଢ଼ି ଧାଆ ମିଆଇଁ । କାହା ଧାଆ ରକତ ନ ରହଇ ।
ଏହିରୂପେ ସର୍ବଲୋକେ ଆକୁଳ । ଯହିଁ ଚାହିଁବ ନେତ୍ରେ ଶୋକଜଳ ।
ବସି ପାଞ୍ଚନ୍ତି ଅଠାର ବଜାରି । ଆଜ ରାତିସରକ ନେବେ ମାରି ।
କେ ବୋଲଇ ଚାଲ ଯିବା ପଳାଇ । କେ ବୋଲଇ ବାଟ ପାଇବା ନାହିଁ ।
ଠାବେ ଠାବେ ଜଗିଛନ୍ତି ଚୁହାଡ଼ । ଭାଙ୍ଗି ପକାଉଛନ୍ତି ହାତ ଗୋଡ଼ ।
କେ ବୋଲଇ ମୁଁ ଶୁଣିଲି ଭାଇରେ । ଏହି ଲଟାକାନ୍ଥେ ଛନ୍ତି ରହିରେ ।
ଖାଲି କାଣ୍ଡ ଧନୁ କରେ ତାଙ୍କର । ଛପି ପଡ଼ିଛନ୍ତି ପାଞ୍ଚହଜାର ।
ଜହ୍ନବୁଡ଼ା ସରକ ସେ ମିଶିବେ । ଆଜି ଗୋଟିକଠାରୁ ଦାଇ ଦେବେ ।
କେ ବୋଲଇ ରୁପିଆ ନେବା ପାଇଁ । ଜାଣି ମରିବାକୁ ଆସି ଅଛଇଁ ।
ରାଜାରାମର ଝାଡ଼ିନେଲେ କନା । ପ୍ରାଣଦାନ କି ବୁଝି ଦେଲେ କନା ।
ଏଡ଼େ ଫିଙ୍ଗିତ କାହିଁ ନାହିଁ ରାଜା । ଯିବ ଚେମଣା ବାବୁ ପାଇ ଲଜ୍ଜା ।
କେତେ ଏହିମତେ କେ ତା କହିବ । କହିଲେତ ଲଙ୍କାପୋଥି ହୋଇବ ।
ଆର ଛାନ୍ଦେ ପୁଣି କିଛି ଚରିତ । ଗୀତେ କହିବ କବି ବ୍ରଜନାଥ ।

ଚତୁର୍ଥ ଛାନ୍ଦ

ଯୁଦ୍ଧ ଉତ୍ତାରୁ ମରହଟା ସୈନ୍ୟମାନଙ୍କ ଅବସ୍ଥା

ରାଗ—କଲ୍ୟାଣଆହାରି

ଏମନ୍ତେ ରସିକ ଅତି କଉତୁକ ଚରିତ କହୁଥାଇଁ ଶୁଣ ।
ଦାଗିଲେ ବରଗି ଗଡ଼ଦ୍ୱାର ଭାଙ୍ଗିବାକୁ କେତେମତେ କମାଣ ।
କେ ଗୁଳା । କବାଟରେ ଯାଇ ବାଜିଲା ।
କେଉଁ ଗୁଳା ଭାଡ଼ିପଟା ନେଲା ଉଡ଼ି ପଡ଼ି କେତେ ଗଛ ଭାଙ୍ଗିଲା ।
କେଉଁ ତୋପ ଫୁଟି ଘେନଗଲା ଚାରି ଘୋଡ଼ା ଦୁଇ ଚାରି ଗୋଟାକୁ ।
ଉପରେ ଉପରେ ଚାଲି କେଉଁ ଗୁଳା ଗରଜାଇ ଦେଲା ଲଟାକୁ ।
କେ ବାଜି । ଭାଙ୍ଗି ପକାଇଲା ପଥରେ ।
କେଉଁ ଗୁଳା ଏଡ଼େ ଧାପ ଦେଇଛି ଯେ ଚାଲିହେଉ ନାହିଁ ପଥରେ ।
କେ ଗୁଳା ବାଜିଲା ମୁଣ୍ଡ ଘେନ ଗଲା ଭାଡ଼ି ଉପରୁ ଭାଡ଼ିଆର ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କେଉଁ ଗୁଳା ଆସି ପଶିଯାନ୍ତେ ଲଣି ଗଲା ତେଡ଼େ ବଡ଼ ଦୁଆର ।
ଏରୂପେ । ଦାଗିଲେ ଅନେକ କମାଣ ।
କେ ଅବା ଲାଗିଲା କେହୁ ଉଡ଼ି ଗଲା ଭୟ ପାଇଲେ ପାଇକାଣ ।
ଚତୁରମଣି ଶିରୋମଣି ନୃପତି ପ୍ରତି ମୁରୁବ୍ବି ବୁଲିଯାଇ ।
ଏମନ୍ତ ଅନୁମାନ କରି ବସାଇ ତୋପମାନ ଦେଲେ ଦଗାଇ ।
ଗୋଟିଏ । ଗୁଳା ନ ଛୁଡ଼ାଇ ତଳକୁ ।
ବାଜି ଦଶବଂଶ ଲୋକ କରି ନାଶ ମନ୍ଥିଦେଲା ତେଡ଼େ ବଳକୁ ।
ନାନା ନଟକୁଟ ଛଟପଟ ହଟ ଉପାୟ କଲେ ତାହାଙ୍କର ।
ଶୃଙ୍ଗ ଖୋଲା ଲୋକ ଅଙ୍ଗ ଦଶେ ଯେବେ ଗୁଳି ବାଜଇ ତତପର ।
ମୁରୁବ୍ବି । ବନାଇବେ ଅବା କି କରି ।
ଯଦି ଦଶେ ମୁଣ୍ଡ ସେହି ଠାକୁ ଗୁଣ୍ଡ ମାରନ୍ତି ନଳି ଯୋଖି ଧରି ।
ଆଲା କରି ବାବୁ ଭଲା ବର୍ଚ୍ଛି ଯେ ଚଳାଇ ଆସନ୍ତି ସାହସେ ।
ଶହ ଶହ ହୋଇ ଜମ୍ବୁରା କୁଠାଇ କି ମରି ଗୋଟିଆଇବେ ସେ ।
ଜଳକା । ଦେଖିଲେ ହୁଅନ୍ତି ଜଳକ ।
ନଳକ ଦାଗି ଦେବାବେଳେ ନୃପତି ସବୁଙ୍କୁ ଲାଗଇ ଭେଳକ ।
ଏହିରୂପେ ବନ୍ଦ ନୋହି ତେଡ଼େ ବଳ ଫଉଜ ପଡ଼ିଗଲେ ବନ୍ଦ ।
ଭବାନି କାଳକୁ କେ ରାଜାରାମକୁ ଚଉଧୁରୀଙ୍କ କେବା ନନ୍ଦ ।
ଚେମଣା । ବାବୁ ବରସମତି ହୋଇ ।
ଏହିରୂପେ ବଡ଼ ନରାଣେ କହିଲେ ସବୁ ସରଦାର ଡକାଇ ।

ହିନ୍ଦୀଭାଷା

ଅବ ସବ ସରଦାର ବର୍ଚ୍ଛେରେ । ଏକଠୋ ରଗଡ଼ ହାତ ନ ଅୟା
ଭଲେ ଭଲେ ଘୁମ ଯ୍ୟାରେ ।
ଡାଲ ଡାଲଭର ପଇସା ଲେକେ କୋଇ ଅବ ମାର୍ ଦୋ କଲ୍ଲା ।
ଥୋଡ଼ା ଗଡ଼ ଟୁକଲଡ଼ନେ ନାହିଁ କ୍ୟା କରୁ ଯାକେ ବଙ୍ଗାଲା ।
ରାଜା ମୁଝେ କ୍ୟା କହେଗା କାମ ନହିଁ ବଡ଼ି ଥୋଡ଼ା ।
ଲାଖ ଫଉଜ ଅବ ସାଥ ହେ ମେରା କେତା ହାତିନ ଘୋଡ଼ା ।
ଯାତେ ଯାତେ କେତା କଲ୍ଲା ଲିଆ ତୋପକେ ମାରେ ।
ବିଶ ବିଶ ରୋଜ ସଉଗର ପଡକେ କ୍ୟା କହୁଁ ଭାଇ ଘୁମାରେ ।
ଲକ୍ଲେ ସବ ଘୁମୁ ପାଓଁଉ ଠାକେ ମାରନେକୁ କଲକତା ।
ଜୋର ନ ପାଏ ଉଠାଓନ୍ତିଲା ପାହାଡ଼ତୋଡ଼୍ ମମତା ।
ମୁଛି ଦାଢ଼ି ପର୍ ହାଥ୍ ରଖୋମରି କୁଛୁ କାମ ନହିଁ କିଆ ।
ବାତ ଶୁନ ବ୍ରଜନାଥ କହେ ସରଦାର ଲୋକ ଜଲଗିୟା ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସରଦାରମାନେ ନଷରବଚନେ କର୍ଷିଲେ ପନ୍ନଗ ପରାଇ ।
ବୋଇଲେ ଶୁନୋ ରାଜା ତୁମ୍ କହୋ ଯାହା ମେରା ଗୁଣାକେସେ ଭାଇ ।
ବ୍ରାହ୍ମଣୀ । ରାଜାରାମ ସବୁ ଉଦୟା ।
କୟା କାମ ବଦ କୟା ହୋଓି ରାଜା ସାରଫଉଜ ଝୁଙ୍କଦୟା ।
ସବ ଦୁନିଆଙ୍କ ଖୁଦାଇ ତୁମିହୋ ତୁମାର ପରେହେଁ ଖୁଦାଇ ।
ବନାଆଗମେଆଜ ଘୋଷା ବହେ ଯୋନ ଫତେ ହୁଆ କାମ ଭାଇ ।
ହାମି ଯୋ । ତୁମାର ତହସିଲ ବଟ୍ଟ ।
ବଡ଼ି ଭୋରସେ କାମଦେଖୋ ହାମାରା ଖଡ଼େପାଏ ନେଉଁ ମୁରୁଟ୍ଟ ।
ଏମନ୍ତ କହି ସରଦାର ମଜୁରା କରି ବାହାରିଲେ ବସାକୁ ।
ପହରେ ଗୃହ ଥାଉଁ ଅଣ୍ଟା ବାନ୍ଧିବୁଁ ମୂଳ କଲେ ଏହି ଭାଷାକୁ ।
ଭବାନୀ । କାଲେ ମନ୍ତ୍ରିବର ତହିଁରେ ।
ବଟ୍ଟରେ କାମହିଁ କିଛି ହେବ ନାହିଁ ମାଏ ମାରିବେ ସରଦାରେ ।
ଏତ ରାଜପୁତ ରୋହିଲା ମୁଗଲ ବଘେଲ ଚୁହାଣ ପଠାଣ ।
ଗଡ଼କୁ ବୋଲି ପଶି ଝାସି ପିବେ ଯେ ଜଳ ଲଙ୍ଘିବେ କେହି ପୁଣ ।
ମାରିବେ । ରାଜା ଖବରଦାର ବଡ଼ ।
କେତେ ଲୋକ ମଲେ ଏବେହେଁ ମରିବେ ମାଏ ଛୁଟିବେ ନାହିଁ ଗଡ଼ ।
ଏମନ୍ତ ବଟ୍ଟର ଦେଲେ ମନା କରି ସରଦାରଙ୍କୁ ଏହା କହି ।
ବଟ୍ଟର ଲଢ଼ିଲେ କାମ ହେବ ସିନା ଲୋକ ମାରିବା କାହିଁ ପାଇଁ ।
ଦ ଦନ । ଆଉ ରହି ଥା ସବୁ କରି ।
ଧର୍ମ ଧାଡ଼ିୟାଙ୍କୁ ରାଜାଙ୍କ ଛାମୁକୁ ପେଷିଲେ ଏହିପରି କହି ।
ଏତେ ଅବଟ୍ଟର କାହିଁକି ତୁମ୍ଭର ହାକିମଠାରେ ଥପୁ ଭାବ ।
ଏବେହେଁ ଆମ୍ଭ ଭାଷା ମାନ ଦ ଦନ ଗଡ ତୁମ୍ଭର ଛାଡ଼ି ଯିବ ।
କଲଣି । ଏବେ ତୁମ୍ଭେ ଯେଉଁ ଲଢ଼ାଇ ।
ଆଜଯାଏ ଏହା କେହି କରି ନାହିଁ ରଖିଲ ଓଡ଼ିଶା ବଡ଼ାଇ ।
ମୁଧାଙ୍କ ଆପଣ ଚଢ଼ିଛନ୍ତି ପୁଣ ଯିବେ କି ଗଡ଼ ଫତେ ନୋହି ।
ସାବାସ ତୁମ୍ଭର ବାଦସାରେ ତରୁଆର ବାନ୍ଧି କଲ ଲଢ଼ାଇ ।
ଆଜହିଁ । ଗଡ଼ ଅନ୍ତର ହୋଇ ଯିବ ।
ଏମନ୍ତେ କାଲି ଫଉଜ ଉଠିଯିବେ ହାକିମ ମରଜି ରହିବ ।
ଶୁଣି ନରପତି ନ କଲେ ସମ୍ମତ ବୋଇଲେ ସେ ସିନା ଚତୁର ।
ବନ୍ଧାସୀ ଯେମନ୍ତ ଦଗାକୁ ଦଅନ୍ତି ସେ ପାଠପଢ଼ା ଅଛି ମୋର ।
ନିଳାଦ୍ରି । ଚନ୍ଦ୍ରମାକିରଣ ପାତକ ।
ତମ କଲା ନାଶ ବ୍ରଜନାଥ ଦାସ ଘେନ ହେ ରସିକବିବେକ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପଞ୍ଚମ ଛାନ୍ଦ

ମନ୍ତ୍ରଣା

ରାଗ—ଆଷାଢ଼ଶୁକ୍ଳ

ଏଥୁ ଉତ୍ତରେ ଶୁଣ ହେ ସୁମନ୍ତ । ଗଡ଼ ଛାଡ଼ିବା ଶୁଣି ନରପତି ।
ବିବେକ ପାଏ ମନ୍ତ୍ରୀ ସରଦାର । ଦଳବେହେରା ଯେ ଉତ୍ତମ ନର ।
ସବୁହିଁ ହକାରି । ବୋଇଲେ କହ କହ ହେ ବିଚାରି ॥
କାହା ମନକୁ ଆସୁଛି କେମନ୍ତ । କେଉଁ ବିଚାର କରିବା ନିଶ୍ଚିତ ।
ଲଢ଼ିବା କି ଅବା ଛାଡ଼ିବା ଗଡ଼ । ଦୁଇ କଥାରୁ କେ ବିଚାର ବଡ଼ ।
ଶୁଣି ଏ ବଚନ । କହନ୍ତି କେହି ଶୁଣିମା ରାଜନ ॥
ଗୋସାଇଁଙ୍କ ପୂର୍ବ ସୁକୃତବଳ । ଅଖଣ୍ଡ ହୋଇ ଥିବାରୁ ପ୍ରବଳ ।
ମନେ ନ ଥିବା କଥାମାନ ହୋଇ । ବଇରି ଶିରେ ଚଡ଼କ ପଡ଼ଇ ।
ଏବେ ଯା ହୋଇଲା । କାହା ମନରେ କି ପରତେ ଥିଲା ॥
ଯେଉଁ ଲଢ଼ାଇ ହେଲା ନୃପମଣି । ଧେନଲେ ଛତି ହୋଇଯାଏ ପାଣି ।
ସିଂହଙ୍କୁ ବାନ୍ଧି ରଖିଛି ଅଟକି । କାହା ବେଳେ ଏ କର୍ମ ହୋଏ ନକି ।
ଯା ନାଗର୍ଧାତେ । ଉରେ ଥରହର ନୃପତି ଯେତେ ॥
ଅଠରଦନ ଏବେ ହେଲା ସେହି । ଯଶ ଓ କୀର୍ତ୍ତି ଗଲାଣି ଗୋସାଇଁ ।
ଅଠର ହେଲେଣି ଲଢ଼ିବା ନର । ଗଡ଼ ଭିତରୁ ହୋଇବା ଅନ୍ତର ।
ଶୁଣି ନରସାଇଁ । ଆଚ୍ଛ ବୋଲି ପୁଣ ଆରକୁ ଚାହିଁ ॥
ସେ ହାତଯୋଡ଼ି ବୋଲେ ନୃପମଣି । ଶାସ୍ତ୍ରମାନଙ୍କେ ଏହା ଅଛି ଶୁଣି ।
ଯେ ଯାହାକୁ ବଳେ ବଳେ ଆବର । ତା ସଙ୍ଗେ ଅପ୍ରୀତି ନୁହେ ବିଚାର ।
ଯେବେ ହୋଏ ଦ୍ୱନ୍ଦ୍ୱ । ପ୍ରୀତି କଲେ ପୁଣ ହୋଏ ଆନନ୍ଦ ॥
ହଉ ବୋଲି ପୁଣ କାହାକୁ ଚାହିଁ । ସେହି ପୁଣି ହାତଯୋଡ଼ି ଜଣାଇ ।
ଏକ ଚରିତ ସର୍ବଦା ନ ରହେ । ଆଲୋକେ ଯଥା ଅନ୍ଧକାର ଦହେ ।
କେତେବେଳେ ଯଶ । ହୁଅଇ କେତେବେଳେ ଅପଯଶ ॥
ଅଠରଦନେ ନାହିଁ ଅପଜୟେ । ସଂସାରେ ପ୍ରଶଂସା କଲେ ସଭିଏ ।
ଆଉ କି କଥା କହିବ ଗୋସାଇଁ । ଯେମନ୍ତ ଅବଧାନକୁ ଆସଇ ।
ଶୁଣି ବଚନକୁ । ଗଭା ହଲାଇ କହନ୍ତି ଆନକୁ ॥
ସେ ବୋଇଲା ଯେଉଁ ଜୟ ହୋଇଲା । ତାହାଙ୍କ କାରଣ ପ୍ରଭୁଙ୍କ ହେଲା ।
ମାଇଲଇଁ ଏବେ ମାରିବା ପୁଣି । ଏଥକୁ ଟଳେ ଭୟ ନାହିଁ ଜାଣି ।
ଭଲା ଭଲା ଏବେ । କରନ୍ତୁ ଆଉ ସେ ଯାହା କରିବେ ॥
ଜିନସ ଦାନା ଆମ୍ଭର ନ ଥାନ୍ତା । ବାରୁଦ ଗୁଳି ଅବା ସରିଥାନ୍ତା ।
ତେବେ ବା ହୁଅନ୍ତା ଆମ୍ଭ ଓହର । ବଡେ ନ ଜାଣ କେବଣ ବିଚାର ।
ଶୁଣି ଏହି ବାଣୀ । ବୋଇଲେ ଆଉ କେହି କହି ପୁଣି ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶୁଣି କେ ବୋଲେ ସୀଉକାର କର । ପୃଥ୍ୱୀଥିଲେ ହୋଏଯାହା ବଶ୍ୱର ।
ସେ ଭାଜିଗଲେ କଛୁ କର ନୋହି । ପ୍ରଜାଏ ଥିଲେ ରାଜା ଠେକ ରହି ।
ସେ ହେଲାଣି ଦହି । ଲକ୍ଷ ଲକ୍ଷ ଘୋଡ଼ା ଅଛନ୍ତି ରହି ॥
ଆସ୍ଥ ବୋଲି କାହା ମୁଖ ଚକାନ୍ତେ । ସେ ବୋଲେ ବଶ୍ୱରଟି ଏହିମତେ ।
ଗଡ଼ ଛାଡ଼ି ଦନେ ହେବା ଅନ୍ତର । ଏତେକେ ଲେଉଟିଯିବେ ଲସ୍କର ।
ମୁଲକ ରହିବ । ଯେମନ୍ତ ଦବ୍ୟ ଚଉକୁ ଆସିବ ॥
ଶୁଣି କହନ୍ତି ଚହିଁ ନରସାଇଁ । ଏତେ କଥା କପାଁ କହ ଘୋଡ଼ାଇ ।
ସମସ୍ତେ କହୁଛ ପଳାଇ ଯିବା । କେହିତ କହିଲ ନାହିଁ ରହିବା ।
ମୂ ନ ଯିବ ଛାଡ଼ି । ଭଲା କେମନ୍ତେ ମୋତେ ଦେବ ତଡ଼ି ॥
ହତିଆର ବାନ୍ଧିଥିବା ଲୋକର । ମରିବାକୁ ଯେବେ ହୋଇବ ଡର ।
ହତିଆର ଛାଡ଼ି କ୍ଷତ କମାଉ । ତେବେ ତାହାକୁ କି କହିବା ଆଉ ।
ନସତ ଜୀଇବା । କ୍ଷତ୍ରୀଙ୍କ ଶୋଭା ରଣେ ପ୍ରାଣ ଦେବା ॥
ଭୀମ ଅର୍ଜୁନ ଦ୍ରୋଣ କର୍ଣ୍ଣବୀର । କାହିଁ ଅଛନ୍ତି ଘେନ ଶରୀର ।
ଯଶହିଁ ମାତ୍ର ଯାଇଅଛି ରହି । ନାମରଦଙ୍କୁ କେ ଗୁଣ୍ଡେ ବସାଇ ।
ଏହା ନ ଘେନଲ । ଗଡ଼ ଛାଡ଼ ଛାଡ଼ ସମସ୍ତେ ବୋଲ ॥
କାହାର ପୃଥ୍ୱୀକେ ସଙ୍ଗରେ ନେବ । ଯଶ ଅପଯଶ ଦୁଇ ରହିବ ।
ଯେତେ ରାଜା ଗଲେ ପୃଥ୍ୱୀ ନ ଯାଇ । ଦୁଇ କଥାରେ ନାମ ରହିଥାଇ ।
ଦାତା ଶୂରପଣ । ଏ ଦୁଇ ବିନା ନାମ ନୋହେ ଜାଣ ॥
ଦେଖ ହୋଇଅଛି କେଡ଼େ ମଉଜ । ଲଢ଼ି ରଖିଥାଇ କେଡ଼େ ଫଉଜ ।
କମର ବାନ୍ଧିଥାଇ ଦନ ରାତି । ଏଥୁଁ କି ବଡ଼ ବାସବସମ୍ପତ୍ତି ।
ଛାତି ଉଠେ ଫୁଲି । କେମନ୍ତେ ବୋଲ ଗଡ଼ ଛାଡ଼ ବୋଲି ॥
ଫଉଜ ଭିତରେ ଘୋଡ଼ା ପକାଇ । ମାରେ ବରଛି ନିରଭୟ ହୋଇ ।
ସତ୍ତି ପରାୟେ ପଶି ଝାସିଯିବ । ଫେର ଅଇଲେ ସେ ସକଳ ଭାବ ।
ନୋହିଲେ ସେ ମଲେ । ବାସବ ସଙ୍ଗେ ସେ ବସିବ ଭଲେ ॥
ହାତ ଉଠାଇ ଯେ ମରିବ ବୀର । ତାହାକୁ ମାତ୍ର ସେହି ପଟାନ୍ତର ।
ରଣେ ଯା ଦେହ ହୋଏ ଛିନ୍ନଭିନ୍ନ । ତାହାର ଅଟଇ ସୁଫଳ ଜନ୍ମ ।
ଯେ ନସତ ହୋଏ । ପୁରୁଷ ହେଲେ ସେ ଯୁବତୀ ପ୍ରାୟେ ॥
ବୋଳି ଅଙ୍ଗରେ କର୍ପୂର ଚନ୍ଦନ । ମଣ୍ଡି ହୋଇଥିବ ହେମ ରତନ ।
ଘରେ ଥିବ ଶତ-ପତ୍ନ ସମ୍ପତ୍ତି । ରକତ ଦେଖି ଦୁଲୁକେ ଯା ଛାତି ।
ସେ ମନୁଷ୍ୟ ହୀନ । ଭୋଗ ନୋହେ ତାର ରୋଗ ସମାନ ॥
କାହିଁକି କଲ୍ଲାବଳେ ଏଥି ଥିବା । ଶୂଲ ଢାଲ ଖଣ୍ଡା ହୋଇ ମିଶିବା ।
ହରବୋଳି ଝାସିଁ ଯେହେବ ହେଉ । ଏତେ ବଶ୍ୱରରେ କଫଳ ଆଉ ।
ଏହି କଥା ମୂଳ । କେ ସହିବ ବରଗିଙ୍କ ଜଞ୍ଜାଳ ॥
ଲେଢ଼ିର ଗୂଢ଼ କହୁଣିକ ଗଲେ । କେମନ୍ତ ଘଟଣ ହୁଅଇ ଭଲେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କର ସାରେଣି ଗୁଣ ଗଲେ ଛାଡ଼ି । ହାତକୁ ଆସନ୍ତି କି ଯେବେ ଲୋଡ଼ି ।
ବରଗି କପଟ । ଜାଣିନାହିଁ ତାଙ୍କ ହୃଦର ନଟ ॥
ତାଙ୍କ ଭାଷାରେ ଗଡ଼ ଛାଡ଼ି ଯିବା । ଚୋରଙ୍କ ପରି ଅରଣ୍ୟେ ବୁଲିବା ।
ତହିଁ ଉତ୍ତାରୁ ଗଡ଼ କରି ଫତେ । ବୋଲିବେ ଠଙ୍କା ବୁଦ୍ଧି ଦିଅ ମୋତେ ।
ତେତେବେଳେ ଯାଇଁ । କି ବୁଦ୍ଧି ଏହା ନକହି କିପାଇଁ ॥
ପଦ୍ର ଅନ୍ତ ବାଲି ହୋଇ ଥିବ । ସେ ପୁଣି ହାତ ଗୁଣ୍ଡାରେ ପଶିବ ।
ତେତେବେଳେ ମନେ ପଡ଼ିବ ସିନା । ଯେହେବ ଏତେବେଳେ ହେଉ କିନା ।
ନ ଛାଡ଼ିବା କିଲ୍ଲା । କଥାତ ରହିଯିବ ଭଲ ଭଲ ॥
ଏମନ୍ତ କହି କୋପେ ଗୁରୁତର । ମୁରୁବ୍ବୀଙ୍କୁ ତହିଁ ଦେଲେ ଖବର ।
କାହାର କହିବା ଯୋଗ୍ୟତା ନୋହେ । ନବର୍ତ୍ତି ରହିଲେ ପାତ୍ର ମନ୍ତ୍ରିଏ ।
କେ କହିଲେ ହେଉ । ସବୁ ଦିନେତ ନଜୀଇବା ଆଉ ॥
ନଗରଦିଗେ ଏ ଖବର ହେଲା । ରାଜା ସାହେବଙ୍କୁ କେବଣ କଲା ।
ନରେନ୍ଦ୍ର ସାହେବ ଶୁଣି ଚକିତ । ଭାଙ୍ଗି କହିବାକୁ ନୋହେ ଶକତ ।
ସକଳେ ବିଷାଦ । ବର୍ଗୀରନ୍ତୁ ହେଲା କି ପରମାଦ ॥
ମତ୍ତମାତଙ୍ଗ ହେଲେ ଅବାରଣ । କାହାବଳେ କି ଧରା ଯାଏ ପୁଣ ।
ଆହାରେ ଆଣ୍ଠୁଆସି ଚୋପରେ ଧୀରେ । ଯେମନ୍ତେ ଧରନ୍ତି ନାନା ବିଧିରେ ।
ଏହିମତ ସିନା । ମନ୍ତ୍ରଣା ଉପାୟ କଲେ ଘଟନା ॥
କଥା ଭଙ୍ଗିରେ ଦେଖାଇ ଜଣାନ୍ତି । ନବରୁ ହେଲା ପରାମର୍ଶେ ସମ୍ମତ ।
ଦ୍ୱିଦିନ ଯିବା ଗଡ଼ୁଁ ଦୂର ହୋଇ । ବର୍ଗୀର ଏଠାରେ ରହି ଗୋସାଇଁ ।
ସେ ନ ଯିବେ ଯେବେ । ମୁଲକ ମାଟିତ ଖୋଳି ନ ନେବେ ।
ଠାବେ ଠାବେ ମିଳି କରିବା ହାଲ । ଦାନା ନ ପାଇ ହେବେ କଲବଲ ।
ଘାଟ ବାଟ ଖଣ୍ଡି ଜଗିବା ଯହୁଁ । ରାସ୍ତା କେମନ୍ତେ ଚାଲିବେଟି ଆଉ ।
ଦ୍ରବ୍ୟ ତତ୍ତ୍ୱେ ଘେନ । ଛାଡ଼ିଯିବା ମାତ୍ର ଗଡ଼ ଦ୍ୱିଦିନ ॥
ସାତ କଥାରେ ଭୂଲେ ପରା ସତ୍ତି । ତେତେବେଳେ କଲେ ରାଜାସମ୍ମତ ।
କାହାକୁଟି କେତେ ଲଙ୍ଘିବେ ପୁଣ । ଛାଡ଼ିଗଲେ ଏହିରୂପେ ସେ ଜାଣ ।
କୃଷ୍ଣ ପଦ୍ମପାଦ । ଚିନ୍ତି ବ୍ରଜନାଥ ନାଶେ ବିଷାଦ ॥

ଶରୀରଭେଦ ଭଜନ

By ACHYUTANAND DASS

ଆରେଭଜମନ

ଆରେ ଭଜ ମନ । ଭଜିପାରିଲେ ପାଇବୁ ଦରଶନ । ପଦ
ତତ୍ତ୍ୱ ସଲଖରେ ଧ୍ୱନିଘର, ଧବଳ ତତ୍ତ୍ୱାତାକୁ ଲକ୍ଷ୍ୟ କର ।
ଯାଉଁଅଛୁ ଜୀବ ପରମ ସଙ୍ଗତେ ଧପା ଦେଉଅଛୁ ନିରନ୍ତର ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତ୍ରିବେଣୀ ବହୁଛି ବହୁଛି ତିନିଧାର, ବହନ୍ତା ନଦୀଙ୍କ ଥୟ କର ।
ବଙ୍କନାଳେ ପାଣି ଉଠିବ ଉଜାଣି ଉଡ଼ିଯିବ ତୋର ହଂସାଧରୁ ।
ତ୍ରିବେଣୀ ନଦୀ ପଶ୍ଚିମେ ଯାଇ, ତ୍ରିକୁଟ ସନ୍ଧିରେ ଅଛି ଅଗ୍ନି ।
ସେହି ଅଗ୍ନିବର ଶବଦ ଘାତରେ ପଶି ନ ପାରଇ ତହିଁ କେହି ।
ଦେଉଳ ଭିତରେ ଦେଖ ଠୁଳ, ଦେବତା ଅଛନ୍ତି ହଳ ହଳ ।
ଦେଉଳେ ପଶିଲେ ଦର୍ଶନ ପାଇବୁ, ମୋକ୍ଷ ହୋଇଯିବ ପିଣ୍ଡ ତୋର ।
କହଇ ଅଚ୍ୟୁତ ବ୍ରହ୍ମଜ୍ଞାନ, କୃଷ୍ଣପାଦପଦ୍ମେ ଦେଇ ମନ ।
ସଦା କରୁଅଛି ଏହି ନିବେଦନ କର କୃପା ମୋତେ ସାଧୁଜନ ।

ଗୋପାଳଙ୍କ ଓଗାଳ
ଓ
ଲଉଡ଼ିଖେଳ

BY ACHYUTANAND DASS

ଇନ୍ଦ୍ରପୂଜା—ଶାମଭାଳି

ଜୟ ଜୟ କୃପାସିନ୍ଧୁ କମଳାବର ।
କଉତୁକେ ବଜେ ପ୍ରଭୁ ନୀଳକନ୍ଦର ।
କାହ୍ନୁ ଶଂକର୍ଷଣ ବୋଲି ନାମ ବୋଲାଇଲେ ।
ଲୀଳା କରିବାକୁ ନନ୍ଦଘରେ ବଢ଼ିଲେ ।
ଅନାଥର ନାଥ ପ୍ରଭୁ ବୈକୁଣ୍ଠେ ବାସ ।
ନନ୍ଦଘରେ ବଢ଼ିଣ ଦ୍ୱାଦଶ ବରଷ ।
ବତ୍ସା ଚରାନ୍ତି ପ୍ରଭୁ ନିକୁଞ୍ଜ ବନର ।
ଇନ୍ଦ୍ରପୂଜା ପଡ଼ିଅଛି ନନ୍ଦର ଘର ।
ଗୋପପୁରେ ନନ୍ଦ ଇନ୍ଦ୍ରେ କରନ୍ତି ପୂଜା ।
ପୂଜା ଦେଖିବାକୁ ବଜେ ଦେବାଧିରାଜା ।
ଇନ୍ଦ୍ରପୂଜା ଭଗ୍ନ କଲେ ଶ୍ରୀକୃଷ୍ଣଚନ୍ଦ୍ର ।
ପୂଜା ଭଗ୍ନ ହେବା ସ୍ୱର୍ଗେ ଜାଣିଲେ ଇନ୍ଦ୍ର ।
କୋପେ ଇନ୍ଦ୍ରରଜା ଗୃର ମେଘକୁ ପେଷେ ।
ବିଜୁଳି ଚମକ ଶୀଳା ବରଷି ଆସେ ।
ବଜ୍ରାଘାତେ ଗୋପପୁର କଲେ ସେ ଦୂର ।
ଆତଙ୍ଗେ ଡାକନ୍ତି ରଖ କମଳା-ବର ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଦୋଳରେ ବସିଲେ ଯାଇ ନନ୍ଦକୁମର ।
ଗୋପୀ ଗୋପାଳେ ଆବୋର ଧଇଲେ କୋଳ ॥
ଆଡଙ୍ଗେ ଡାକନ୍ତି ବାହୁ କମଳା ବର ।
ତାଙ୍କ ପଛଆରେ ପ୍ରଭୁ କରନ୍ତି ଭାର ॥
କୁମ୍ଭ ଯେ ବୁଡ଼ାନ୍ତି ନେଇ ଯମୁନା ଜଳେ ।
ଯମୁନାର ନୀର ଘେନ ଗୋପକୁ ଗଲେ ॥
ଗୋପେ ଗୋପାଳୁଣୀମାନେ ଗୃହିଁଣ ଥିଲେ ।
ଦ୍ୱାରେ ପୂର୍ଣ୍ଣକୁମ୍ଭମାନ ନେଇ ସ୍ଥାପିଲେ ॥
ଘରେ ଘରେ ହୁଳହୁଳି ଶବଦ ପୂର ।
କୁମ୍ଭ ଯେ ବନ୍ଦାନ୍ତି ଗୋପ ଯୁବତୀ ମିଳି ॥
ଦାମ ଯେ ସୁଦାମ ବାହୁ ସୁବାହୁ ମେଳେ ।
ଗୋପସୁତ ସଙ୍ଗେ କାହ୍ନୁ ଲଉଡ଼ି ଖେଳେ ॥
ପିନାକୀ ଧନୁର ଶେଷ ଥିଲା ବାଉଂଶ ।
ତାହା ଆଣିଦେଲେ ବ୍ରହ୍ମା ଶ୍ରୀକୃଷ୍ଣ ପାଶ ॥
ଦିବ୍ୟ ବଂଶୀ କରି ହରି ଧରଣ କରେ ।
ଆନନ୍ଦେ ବଜାନ୍ତି ଗୋପସୁତ ମେଳରେ ॥
କୁବେର ଯେ ଆଣିଦେଲେ ଦିବ୍ୟ ପତନୀ ।
ମଣ୍ଡନ ହୋଇଲେ କୃଷ୍ଣ ଅଙ୍ଗରେ ଆଣି ॥
ପାଟ ପତନୀକୁ ଦିବ୍ୟ ଫେଟା ବାନ୍ଧିଲେ ।
ଚୂଳ କରି କୃଷ୍ଣଚନ୍ଦ୍ର ଶିରେ ବାନ୍ଧିଲେ ॥
ଗୋପାଳ ପୁଅଙ୍କୁ ବାନ୍ଧିଦେଲେ ଖୁଲନ୍ତି ।
ମୟୂରପୁଚ୍ଛକୁ ଚୂଳେ ବାନ୍ଧିଲେ ହରି ।
କଣ୍ଠତଟେ ବ୍ୟାଘ୍ରନଖ ପାଦୁକା ଦେଇ ।
ଘରେ ଘରେ ବଜେ ପ୍ରଭୁ ବ୍ରହ୍ମାଣ୍ଡସାଇଁ ॥
ପୂଜାବଧି ବଢ଼ାଇଲେ ଦେବ ଶ୍ରୀଧର ।
ସଙ୍ଗତେ ଘେନଣ ସର୍ବ ଗୋପକୁମର ॥
ସରଳବଣୀ ଭୁଞ୍ଜି ହୋଇଲେ ତୋଷ ।
ଗୀତରେ ଭଣିଲେ ଦୀନ ଅଚ୍ୟୁତ ଦାସ ॥

ଓଗାଳ

ଶୁଣ ହୋ ଗୋପାଳ ଭାଇ ଅପୂର୍ବ କଥା ।
ଉତ୍ତର ନ କହିଲେ ଯେ ନ ଟେକିବ ମଥା ॥
ଜହ୍ନମାମୁ ବୋଲି ନନ୍ଦ କୃଷ୍ଣଙ୍କୁ ଦେଖାଇ ।
ଜଗତର ମାମୁ ଜହ୍ନ କେଉଁପରି ହୋଇ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରାମକୃଷ୍ଣ ବ୍ରତ କୁଣ କାହିଁ ହେଲା ।
ଶଙ୍ଖ ଚକ୍ର ଗଦା ପଦ୍ମ କେହ୍ନୁ ତାଙ୍କୁ ଦେଲା ॥
ନନ୍ଦଘୋଷ ତାଳଧ୍ୱଜ କେହୁ ଦେଲା ପୁଣ ।
ଶ୍ରୀକୃଷ୍ଣ ଭାଇ କିରୂପେ ହୋଇଲେ ଅର୍ଜୁନ ॥
ଶ୍ରୀକୃଷ୍ଣଙ୍କ ଲେଖାରେ ଯେ ସୁଭଦ୍ରା ଭଉଣୀ ।
ଅର୍ଜୁନଙ୍କର କିରୂପେ ହୋଇଲେ ଘରଣୀ ॥
ଏଥିର ଚରିତ ଭାଇ ମୋତେ କହି ଦେବ ।
ଅଚ୍ୟୁତ ବୋଲେ ତେବେ ମଣ୍ଡପକୁ ଯିବ ॥

ଉତ୍ତର

ଶୁଣ ଶୁଣ ଭାଇମାନେ ପଚାରିଲ ଯାହା ।
ଯାହା କିଛି ଜଣାଅଛି କହୁଅଛି ତାହା ॥
ଜହ୍ନମାମୁ ବୋଲି ଲୋକେ ଯାହାଙ୍କ ଡାକନ୍ତି ।
ଲକ୍ଷ୍ମୀଦେବୀ ଜଗତର ଜନନୀ ଅଟନ୍ତି ॥
ଚନ୍ଦ୍ର ଲକ୍ଷ୍ମୀ ଦୁଇଜଣ ସମୁଦ୍ରରୁ ଜାତ ।
ଚନ୍ଦ୍ର ତାଙ୍କର ଅଟନ୍ତି ସହୋଦର ଭ୍ରାତ ॥
ଚନ୍ଦ୍ର ଭ୍ରାତ ଭଗ୍ନୀ ଲକ୍ଷ୍ମୀ ଜଗତମାତା ହେଲେ ।
ତେଣୁ ମାମୁ ବୋଲି ଚନ୍ଦ୍ରେ ଜଗତେ ଡାକିଲେ ॥
ରାମକୃଷ୍ଣ ବ୍ରହ୍ମବ୍ରତ କରୁଥିବା ବେଳେ ।
ଶଙ୍ଖ ଚକ୍ର ଗଦା ପଦ୍ମ ତହିଁରୁ ପାଇଲେ ॥
ନନ୍ଦଘୋଷ ତାଳଧ୍ୱଜ ସେଠାରୁ ପାଇଣ ।
ଆନନ୍ଦେ ବ୍ରତ ସମାପ୍ତ କରିଲେ ହେ ଜାଣ ॥
ଦୈବକୀ ଦୈବତୀ ବେନି ଜଣ ବେନି ଭଗ୍ନୀ ।
ଉଗ୍ରସେନ ସନ୍ତତ ଅଟନ୍ତି ସେ ବେନି ॥
ଯେ ଦୈବତୀ କୋନ୍ତି ସେହି ଉଗ୍ରସେନ ଝିଅ ।
କୃଷ୍ଣ ଦୈବକୀର ପାର୍ଥ ଦୈବତୀ ତନୟ ॥
ମାଉସୀ-ପୁଅ ଭାଇ ଯେ ଏହିପରି ସେହି ।
ପାର୍ଥ ଶିବାଙ୍ଗ ସୁଭଦ୍ରା ଦୁର୍ଗା ବଭା ହୋଇ ॥
ଶିବପୁରାଣ ଭବିଷ୍ୟ ପୁରାଣକୁ ଦେଖ ।
ତହିଁରୁ ଜାଣି ପାରିବ କହନ୍ତି ଅଚ୍ୟୁତ ॥

ବାରମାସୀ ଗୀତ

ଆଦ୍ୟ ମାର୍ଗଶୀର ଶିଶିରେ ଶୀତ । ଶ୍ରୀକୃଷ୍ଣ ଜାଣନ୍ତି ରାଧିକାଚିତ୍ ।
ଦୁଃଖୀର ଜୀବନ ଦୁଃଖିସଙ୍ଗାତ । କାହିଁ ଆଣିଦେବ କମଳାକାନ୍ତ । ମୋକାହ୍ନୁରେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପୌଷେ ଚନ୍ଦ୍ରାବଳୀ ଳପରି ବସି । ହସ୍ତେ ବର୍ଣ୍ଣମାଳା କଣ୍ଠେ ତୁଳସୀ ।
ସେଦିନ ଗାଇବ ଗୋବିନ୍ଦବର । କୃଷ୍ଣ କଥା ଯାକ ପଡ଼େ ମନର । ମୋକାହ୍ନୁରେ ॥
ମାଘରେ ମାଧୋଇ ଆସିବେ ବୋଲି । ଶେଜ ଶେଯାଇଲି ପାଖୁଡ଼ା ମଲ୍ଲୀ ।
ଜାଳି ବସାଇଲି ମାଣିକ୍ୟବତୀ । ଚକ୍ଷୁ ଉଜାଗରେ ପାହିଲା ରାତି । ମୋକାହ୍ନୁରେ ॥
ଫଗୁଣ ମାସରେ ଦୋଳଗୋବିନ୍ଦ । ଫଗୁ ଖେଳୁଥାନ୍ତି ପରମାନନ୍ଦ ।
ଅବିର ସଙ୍ଗେ ଗୁଲେଲି ମିଶାଇ । ଫଗୁ ଖେଳୁଥାନ୍ତି ଯଦୁଗୋସାଇଁ ।
ମୋକାହ୍ନୁରେ ॥
ଚଇତ୍ର ମାସରେ ଫୁଟଇ ମଲ୍ଲୀ । ଚୁଆଚନ୍ଦନକୁ ମୁଁ ଚେଜ୍ୟାକଲି ।
ମଲ୍ଲୀ ପୁଷ୍ପରେ ମୁଁ କରି ବଞ୍ଚଣୀ । ଯୋଗେ ଭେଟ ହେଲେ ଶାରଙ୍ଗପାଣି ।
ମୋକାହ୍ନୁରେ ॥
ବୈଶାଖ ମାସରେ ଖରା ଗ୍ରୀଷମ । ଚନ୍ଦନ କର୍ପୂର ଅଙ୍ଗେ ଲେପନ ।
ଅଲଟ ଚ୍ୱମରଧରନ୍ତି ବାଳୀ । ମୋ ପୁରେ ବିଜୟ ଶ୍ରୀବନମାଳୀ । ମୋକାହ୍ନୁରେ ॥
ଜ୍ୟେଷ୍ଠ ମାସରେ ଏ ଗୁଳଗୁଳି । ସ୍ନାହାନକୁ ବଜେ ଶ୍ରୀବନମାଳୀ ।
ସ୍ନାହାନ ସାରି ଅଣସର ଗଲେ । ଗୋପଯୁବତୀଙ୍କି ଅନାଥ କଲେ । ମୋକାହ୍ନୁରେ ॥
ଆଷାଢ଼ ମାସରେ ଗୁଣ୍ଡିଚ୍ଚ ଜାତ । ରଥେ ବଜେ କଲେ ଶ୍ରୀଜଗନ୍ନାଥ ।
ଆଗେ ବଳଭଦ୍ର ବସିଲେ ଯାଇ । ମଧ୍ୟେ ସୁଭଦ୍ରାଦେବୀ ପଛେ କହ୍ନାଇ ।
ମୋକାହ୍ନୁରେ ॥
ଶ୍ରାବଣ ମାସରେ ଘୋର ବରଷା । ସକଳେ ଛାଡ଼ି କୃଷ୍ଣରେ ଆଶା ।
ନ ରୁଚଇ ମୋତେ ସୁବାସ ବାସ । ଅନ୍ନ ପାଣିଯାକ ଲାଗୁଛି ବିଷ । ମୋକାହ୍ନୁରେ ॥
ଭାଦ୍ରବ ମାସରେ ହରିଜନମ । ପରେ ପରେ ପ୍ରଭୁ ହେଲେ ଜନମ ।
ଜନମ ହୋଇ ଗୋପରେ ବଢ଼ିଲେ । କଂସାସୁରକୁ ଶେଷରେ ନାଶିଲେ ।
ମୋକାହ୍ନୁରେ ॥
ଆଶ୍ୱିନ ମାସରେ କୁଆଁରି ଜହ୍ନ । ପଶା ଖେଳିବାକୁ ବଳୁଛି ମନ ।
ଚନ୍ଦ୍ରକିରଣରେ ଖେଳନ୍ତି ପଶା । କୃଷ୍ଣ କଲେ ମୋତେ ଭଗାଇ ହସା ।
ମୋକାହ୍ନୁରେ ॥
କାର୍ତ୍ତିକେ ସମ୍ପୂର୍ଣ୍ଣ ଏ ବାର ମାସ । ବାଳୁକା ପୂଜା କରନ୍ତି ହବିଷ୍ୟ ।
ଦାମୋଦର ପୂଜାଠାରେ ମୋର ଆଶ । ଭାବରେ ଭଣିଲେ ଅଚ୍ୟୁତ ଦାସ ।
ମୋକାହ୍ନୁରେ ॥

ଲଉଡ଼ିଖେଳ (ବାଡ଼ିବୁଲାଣ)

ରେ ରେ ରାହାକୁ ରାହା ଦେଇ । ବାହାକୁ ବାହା ଦେଇ ॥
ସେହି ଗୋଡ଼ ସେହିଠିଥିବ । ସେହି ହାତ ସେଇଠିଥିବ ।
ଅଣ୍ଟାହଲାଇ, ଛାତିଫୁଲାଇ, ଆସି ମୋର ଭାଇ, ଯାକଯୁକ ହୋଇ ;
ରାଧାକୃଷ୍ଣ ନିତ୍ୟ କେଳିକଦମ୍ବ ମୂଳେ ଭେଟ ॥ (ପ୍ରଥମଖେଳ)
ରେ ରେ ଲାଗିଲା ପେଞ୍ଚାଟ, ଲାଗିଲା ପେଞ୍ଚାଟ, ଛଟ, ବେଛଟ,
ଓଲଟ, ପାଲଟ, କଞ୍ଚକୋଲପ, ବାଡ଼ିବାଜିଲା ମୂଲ୍ୟ କପାଳ ।
ରେ ରେ ରେ ଦୁଷ୍ଟର ଛଟଏ, ପାଟଏ, ବଛଏ, ଢାଲଏ, ସୁମାଳ ଭାରଣିକ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

Typical Selections from Oriya Literature

SECTION IV.

EARLY BRITISH PERIOD.

(1803—1850)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କିଶୋରଚନ୍ଦ୍ରାନନ୍ଦଚମ୍ପୂ

BY BALDEV RATH KAVISURYA.

ଲଳିତା ପ୍ରତି ଶ୍ରୀ କିଶୋରୀ

ରାଗ—ସାବେରୀ । ତାଳ ତ୍ରିପୁଟା

କି ହେଲି ରେ, କହିତ ନୁହଇ ଭାରତୀରେ ।
କାଲି ଯା ଦୂରରୁ ସଖି, କଲନା କଲି ମୋ ଆଖି, କଳାଇନ୍ଦୀବର ଆରତି ରେ । ପଦ
କେଳିକଦମ୍ବଲତାର କୋଳେ କି ଶ୍ୟାମଳ ତାର, ତେଜ ସେ ରବିସୁତାର ତୀରେ ।
କମ୍ପି ମୋର କଳେବର ହୋଇଗଲା ଆରପାର, ଯାହାକୁ ଉଡ଼ଇ ତା-ରତିରେ ।
କୁସୁମକୋଦଣ୍ଡ କାଣ୍ଡ କେତେ କରିଥିଲା ରୁଣ୍ଡ, କର୍କଶ ନୋହିବା ଭାରତୀରେ ।
କହୁଛି ବରଜ ଲଙ୍କା କେବଳ ହେଲା ମୋ ମଙ୍କା, ମଙ୍କିଯିବ କି ଉଭା ରତିରେ ।
କି ମୋହନଲୀଳା ଧରି କୋଟିକାମକଳାଶିରୀ, ପୂରିଛି ସେ ଶ୍ୟାମମୂରତିରେ ।
କୁତ୍ସା କରେ ମୁଁ ଯାହାକୁ କାହିଁକି ସରଜ ତାକୁ, ଚରିତ୍ରୁ ରଖିଲା ଜଗତୀରେ ।
କି ନୀତି କି ଜାତି ଶୀଳ କି କୁଳବରତଫଳ, ଠଉରି ନ ପାରେ ମୋ ମତିରେ ।
କୋମଳତର ମୋହନ କୁଞ୍ଜକୁଞ୍ଜରୁ କି ସ୍ୱନ, ଆସି ଚୁମ୍ବିଦେଲା ମୋ ଶ୍ରୁତିରେ ।
କଳବଳ ଛଟପଟ ହୋଇ ଯାଉଛି କପଟ, ସଂବେଶ-ଅଶନ-ବିରତିରେ ।
କହଇ ଶ୍ରୀ ବାଲୁକେଶ-ଶରଣ-ଧରଣୀଈଶ ଏ କି ଦଣ୍ଡ ବନା ପୀରତିରେ ।

ଶ୍ରୀମତୀଙ୍କ ପ୍ରତି ଲଳିତା

ରାଗ—କେଦାର । ତାଳ ତ୍ରିପୁଟା

ଖରିପତି ହେଲୁ ରେ । ଖେଳା ଲୋଳା ଖଞ୍ଜନାକ୍ଷି କି ସାହସକଲୁ ରେ । ପଦ
ଖର୍ବ ହୋଇ ସୁରତରୁକୁସୁମ ବାଞ୍ଛିଲୁ ରେ ।
ଖେଦବୀଜ ନିଜହୃଦ-କେଦାର ବଞ୍ଛିଲୁ ରେ ।
ଖିଆଲ୍ ପରି କି ଧନ ମନରେ ଭାଳିଲୁ ରେ ।
ଖଳକାର ନୋହି କଳାନାଗକୁ ଚାଳିଲୁ ରେ ।
ଖାଇଦେଇ କି ଅମଳ ଅଚେତା ହୋଇଲୁ ରେ ।
ଖାରିଖଣ୍ଡାଧାରି ଖଟ ବଗୃର ଶୋଇଲୁ ରେ ।
ଖରି ସ୍ମର ଛାଉଁଳିବା ଶ୍ରୀଅଙ୍ଗ ପାଇଲୁ ରେ ।
ଖମଣି ମଣ୍ଡଳକୁ ଭୁ କର ବଢାଇଲୁ ରେ ।
ଖଟେ ଅକ୍ଷି ଦୁର୍ଗନାଥ ତୋ ପାଦେ ପଶିଲୁ ରେ ।
ଖଣ୍ଡିକରେ ଧନ ଦେଇ ପଦେ ନ କହିଲୁ ରେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସଖୀଙ୍କ ପ୍ରତି ରାଧା

ରାଗ—ତୋଡ଼ି ପରଜ । ଆଦିତାଳ

ଗଳ୍ପଣିତ ଗଳ୍ପ କଥା ରେ ସଙ୍ଗୀତ ।

ଗୁପତେ ସିନା ମୁଁ ତୋତେ ପଚାରୁଛି ବଳପଡ଼ିବାରୁ ବ୍ୟଥା ରେ । ପଦ
ଗଙ୍ଗାରୁ ବିଷଦ ଗଭୀର ତୋ ହୃଦ ଗଣ୍ଠିଧନ ତୋର ସ୍ନେହ ।
ଗୋଡ ଖସି ଖେଦ ହେବାର ଦରଜ ଯିବାର ଉପାୟ କହ ରେ ॥
ଗଞ୍ଜାଇକି ଜଣି ଲାଗି ଝାଙ୍କେ ପୁଣି ରଞ୍ଜାଇଲା ମନ ଝଳ ।
ଗୋଲା ଗରଳରୁ କଟୁ ପୀୟୂଷରୁ ସ୍ୱାଦୁଗୁଣ ଗଲା ବଳି ରେ ॥
ଗିଳିଦେଲା ପୁରନ୍ଦର-ନୀଳ-କର କଳିକାମୟ ତିମିର ।
ଗହନ କି ଗୃହ ହୋଇଲା ସନ୍ଦେହ ନିଶ୍ଚୟ ହୋଇଲା ଦୂର ରେ ॥
ଗତାଳସନାଟପଟୁ ଖଞ୍ଜରୀଟ ପରାୟେ ଆସିଲା ଉଡ଼ି ।
ଗନ୍ତ୍ରିଗର୍ଭେ ଗୁଳି ଗଲା ପରି ଗଳି ବିବେକ ଦେଲା ଘଉଡ଼ି ରେ ॥
ଗଗନ କୁସୁମ ପାଇଁ ଏଡ଼େ ଶ୍ରମ ଫଳ ହୋଇବ କି କାଳେ ।
ଗୋଳିଆ ନ ରଖି କହ ଚନ୍ଦ୍ରମୁଖି ଗହଳ ନ ଥିବା ବେଳେ ରେ ॥
ଗୋଳି ଦେଲା ମୋର ବାହାର ଭିତର ସ୍ମର ସେ ଅବା ସରସେ ।
ଗାଏ ଗୋଟିଯାକ ପୂରିଲା ପୁଳକ ଶ୍ରବଣସୀମା ସ୍ପରଶେ ରେ ॥
ଗରିଷ୍ଠ ଅରୁଚି କାହିଁକି କରୁଚି ଅଶନ ବସନ ଦେହେ ।
ଗୁରୁଜନଚିତ୍ତ ଜାଣିଲେ କି ଗତି ଅଷ୍ଟଦୁର୍ଗପତି କହେ ରେ ॥

ରାଧାଙ୍କ ପ୍ରତି ସଖୀ

ରାଗ—କାମୋଦୀ । ଏକତାଳୀ

ଘେନାଇ ଆମ୍ଭେ ଯେତେ କହିଲୁ ଗୋ ।
ଘେନିଲୁ ନାହିଁ ବାଳା ପହିଲୁ ଗୋ ।

ଘୃତଘଟକୁ ଶିଖିଶିଖା ପାଖରେ ରଖି, ଶିରୀଷଦେହା ଏହା ସହିଲୁ ଗୋ । ପଦ
ଘସ୍ରନାଥନନ୍ଦନା-ଅନାଉଣିକି ମନା କରୁ ଯେ ଥାଉଁ ହଠି ଗ୍ରହିଲୁ ଗୋ ।
ଘଟି ସରକି କରେ ନାହିଁ କି-ବିବେକରେ ମହାର୍ଣ୍ଣବରେ ଅବଗାହିଲୁ ଗୋ ॥
ଘୋଟି କତକମୂଳ ଘୋର ଘୋର ଜାଙ୍ଗଳ ଜହର ଭୁଲେ ତାହା ପିଇଲୁ ଗୋ ।
ଘୂମାଇ ମାର ସମ୍ଭବିଲା ନାହିଁକି ଆମ୍ଭ ସୁଯୋଗୁଁ ସିନା ବଞ୍ଚି ଅଛିଲୁ ଗୋ ॥
ଘେନ ଘେନାଇଁ ଯାଇଁ କହିବା ସମୟାଇଁ ଘଟିଲେ ସିନା ଏକା ଜୀଇଲୁଁ ଗୋ ।
ଘଟନା ବିରହରେ ଅବଶ୍ୟତ ଜହରେ ତୋ ଘେନ ଆତ୍ମଘାତୀ ହୋଇଲୁଁ ଗୋ ॥
ଘୋଳାରେ ପଡ଼ିଛ ମରୁ ଆହୁଁ ତୋ ହୁକୁମରୁ ନିକୁଞ୍ଜଦଉଡ଼କୁ ରହିଲୁଁ ଗୋ ।
ଘାଣ୍ଟି ହେଉଛୁଁ ମାଏ ଉନ୍ନିଦ୍ରଶତପତ୍ରନେତ୍ରା ଯା ଆମ୍ଭ ବଶ ନୋହିଲୁ ଗୋ ॥
ଘନେ ଚପଳାଲୀଳା ଗ୍ରହିଁ ଘନକୁନ୍ତଳା ଭୁ କି ଏ ଅଭିଳାଷ ବହିଲୁ ଗୋ ।
ଘାର ହେଲୁ କି ରସେ ଅଷ୍ଟଦୁର୍ଗେଶ ଭାଷେ ଅବଶ୍ୟ ମୋହନକୁ ମୋହିଲୁ ଗୋ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶ୍ରୀକୃଷ୍ଣଙ୍କ ପ୍ରତି ଲଳିତା

ରାଗ—କୁମ୍ଭକାମୋଦୀ । ଏକତାଳୀ

ନୂଆନଟପଟଳୀମୁକୁଟ ହେ ! ନାହିଁ କି ଶ୍ରୀଅଙ୍ଗ ସୁଖ ।
ନିପଟ ନିସ୍ତେଜ ଦିଶୁଛି ତ ଆଜ ନରଳସଚନ୍ଦ୍ରମୁଖ । ପଦ
ନୀଳୋତ୍ପଳ ବାସି ହେଲାପରି ଦିଶି ଯାଉଛି ଦୂରୁଁ ଶ୍ରୀଅଙ୍ଗ ।
ନାସା ନୀଳତିଳଫୁଲରୁ ଅନଳ ପ୍ରସରୁଛି ବେଗ ବେଗ ।
ନୀପଉପବନ ନିକଟ ପବନ ସ୍ମରଣକୁ ଯେବେ ଡର ।
ନଦୀକୂଳ ସ୍ଥଳ ଏ ବଡ଼ ଶୀତଳ କୁହନ୍ତା ଟିକି ବିହାର ।
ନିଦ ନାହିଁ କି ନୟନ ନିଶି-ଦିନ ଆହା ମରଇ ମୋ ଧନ ।
ନବନୀତ ତହୁଁ ମୃଦୁ ଦେହେଁ କାହୁଁ ସମ୍ଭାଳି ଏ କଦନ ।
ନବହେମଦ୍ୟୁତି ଅମଳାଏ ନୀତି ନିଅନ୍ତୁ ଫୁଲ ଏ ବନୁ ।
ନେତ୍ରପଥେ ପଡ଼ି ଗଲେ କି ସେ ଛଡ଼ି ଛଡ଼ି ଯାଉ ନାହିଁ ମନୁ ।
ନ ବିହର ଗୋପସଙ୍ଗାଳି ଏ ପାପଗହନରେ କିଛି ଦିନ ।
ନରେଶମଣ୍ଡନ ଶ୍ରୀ ହରିଚନ୍ଦନ ଜଗଦେବ-ସ୍ତବ ଘେନ ।

କୃଷ୍ଣ

ରାଗ—ପଞ୍ଚମବରାଡ଼ୀ । ତାଳ ତ୍ରିପୁଟା

ଚାହିଁ ଚାହିଁ ତୋ ସରଣୀକ କୁଞ୍ଜକୁ ରେ ତରୁଣୀ ଚିତ୍ରାର୍ପିତ ପରି ଥିଲି ବସି ।
ଚିତ୍ର ମଣିଲି ମୁଁ ତୋତେ ଚାହିଁ ଯା ଅତର୍କିତେ ଚାରଚକ୍ଷୁ ମିଶାଇଲୁ ଆସି ରେ ।
ଚଳାପାଙ୍ଗେ ।
ଚନ୍ଦ୍ରରୁ ଚପୁଡ଼ି ସୁଧାଙ୍କୁର । ଚିରତୃଷିତର ମୁଖେ ଭର ।
ଚାତୁର୍ଯ୍ୟ କୃପାଳୁପଣ ବିଧି ରଖିଲା ମୋ ପ୍ରାଣ ଘେନିଲୁ ତ ଏତେ ସଉ କର ରେ ।
ଚେତା ଥିଲାପରି କିଛି ପ୍ରତୀତ ହେଉଥିଛି ଚକ୍ଷଣତ ଦିଶୁଛି ତୋ ଦେହ ।
ଚିହ୍ନି କି ଲାଞ୍ଛନ ସତେ ଚାମରଚିକୁରା ମୋତେ ତହିଁ କାହିଁ ପଚାରିଲୁ କହ ଗୋ ।
ଚୁମ୍ବି ରବିନନ୍ଦିନୀର ନୀର । ଚନ୍ଦ୍ରିକାଚୟ ତୁଷାର ସାର ।
ଚାରୁ ମାରୁତରୁ ତରୁତଳ ଶୀତଳ ହେତୁରୁ ଚନାଏତ ଖେଦ ନାହିଁ ମୋର ଗୋ ।
ଚାରି ହରିତରେ ଘେରି ଚରାଉଥାନ୍ତି ବାଛୁରି ଚୂଳମୁକୁଟିଆ ସଖାମାନେ ।
ଚରମର ଶୃଙ୍ଗ ବେଣୁ ବାଦ୍ୟନାଦ ଶୁଣୁ ଶୁଣୁ ଶେଷ ହୁଏ ଦିନ ଦିନେ ଦିନେ ଗୋ ।
ଚୁମ୍ବି ବାରୁଣୀକି ଦିନଦ୍ୟୁତି । ତପଲେ ଅମ୍ବର ବରଜନ୍ତି ।
ଚରମଭାଗ ମୋ ଭାରି ଲାଗେ ନାହିଁ ଭ୍ରମେ ଡର ଚମକତ ନାହିଁ ମୋର ଛାତି ଗୋ ।
ଚାମୀକର ଚାରୁଶିରୀ ସୁନ୍ଦରୀ କେଉଁ ଅମରୀ ଚାଖି ନାହିଁ ଦିନେ ମୋ ନୟନ ।
ଚମତ୍କାର କଥା ଦେଖି କପଟ ପେଟରେ ରଖି ତୋତେ ନିକି ନ କହନ୍ତି ଧନ ଗୋ ।
ଚରାଚର ଚାଳି ଭୟମୟ । ଚକଟି ଦେଲୁ ମୋ ହୃଦାଶୟ ।
ଚରଣଯୁଗକୁ ତୋର ବନ୍ଦେ ଅଷ୍ଟଦୁର୍ଗେଶ୍ୱର ଚୋର ନାହିଁ ଥିଲେହେଁ ବଞ୍ଚାଅ ଗୋ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଲଳିତା

ରାଗ—ମୁଖାରୀ । ତାଳ ତ୍ରିପୁଟା

ଛଳବାହ୍ମଣୀ ହେ ! ଛାଡ଼ ଏ ସାହସ ହେ । ପଦ
ଛଳିବାର ଆବଳ ଦଶେ । ଛପିବାରେ ଅଛି କି ସେ ॥
ଛେଳିରୂପ ଚନ୍ଦ୍ରା ବଳି । ଛାତିରେ ଗଲାଣି ଗଳି ॥
ଛୁଟି ଯାଇ ବଚେତନା । ଛଟପଟ ହେବ ସିନା ॥
ଛଣାସୁଧାପରି ଦଶେ । ଛୁଇଁ ଦେଲେ ବସନ୍ତି ସେ ॥
ଛଟା କାହା କଟାକ୍ଷର । ଛୁରୀ ଦେଲାଣି ବକ୍ଷର ॥
ଛନ୍ଦ ମନ ତୁମ୍ଭ ଗୁଣେ । ଛି ଦୁଇ ଦୁର୍ଗେଶ ଭଣେ ॥

କୃଷ୍ଣ

ରାଗ—ପୁନାଗ । ଆଡ଼ତାଳୀ

ଜାଣିଛୁ ଏତେ ମାନ୍ତ୍ର ଗୋ ଲଳିତେ, ଯାହାଇଛା ତୋର ତାହା କର
ଜ୍ୱଳନରୁ ବଳି ସେହି ଦନୁ କେଳି କରେ ବିଭାବରୀନାହାକର । ପଦ
ଜଣକେତେ ବ୍ରଜଶିଶୁ ଥିଲେ ନନ୍ଦପୁରୁଁ ଆସୁଥିଲେ ଖେଳାଇ ସମାଜ ।
ଜମ୍ବାରିଛମଣି ଗିରୀନ୍ଦ୍ରଙ୍କୁ ଜାଣିବାର ପୁଚରେ ହେଲା ମୋ ନଜର ॥
ଜାତ କୁରୁବିନ୍ଦ ବାତାୟନବୃନ୍ଦ ଅନାଇଁ ମୁଁ ଚାଲୁଥିଲି ମନ୍ଦ ମନ୍ଦ ।
ଜଙ୍ଗମ ହେବାର ଜମ୍ବୁନଦସାରଣିରୀ ସ୍ଫୁରିଲା ସେ କି ପ୍ରକାର ॥
ଜୀବନଦ ନୀଳଜଳଜଯୁଗଳ ବିଧୁବିମ୍ବେ ହୋଇ ବିଳାସ ବିଲୋଳ ।
ଜାତ କଲା ଶର-ଜରଜର ଶରନିକର ବରଷା ଖରତର ॥
ଜହରକୁ ଗୋଳି ଦେଲାପରି ଶିଳ ଦେହରେ ମୋହର ପୀଡ଼ା ଗଲା ବଳି ।
ଜୀବନାଶା ଟଳି ଯାଉଅଛି କଳି ପାରୁ ନାହିଁ ମୁଁ ମୋ ହୃଦନ୍ତର ॥
ଜନମନୋହାରୀ ସେ ବିଚକ୍ଷଣୀରୀ କାହା ନେତ୍ରପାତେ ଯାଇ ନାହିଁ ପୂର ।
ଜଗଦ୍ଦେବ ହରିଚନ୍ଦନ ମୋହର ନାମ କହୁଅଛି ନିରନ୍ତର ॥

ଲଳିତା

ରାଗ—ତୋଡ଼ୀପରଜ । ଆଡ଼ତାଳୀ

ଝଗଡ଼ି ମାନ୍ତ୍ର ହେଲ ହେ ଶ୍ୟାମ ।
ଝିମିଟ ହେବାକୁ ସହସ୍ରେ ଯାମ । ପଦ
ଝାଉଁଳିବା ନବତମାଳ ରମା । ଝିଙ୍କିଆଣି ଅଙ୍ଗେ କଲଣି ଜମା ॥
ଝଡ଼ିବ ବଳ କୋମଳ ଛାତିରୁ । ଝସଧ୍ୱଜ ଝାଞ୍ଜି ପୀଡ଼ା ତାତିରୁ ॥
ଝିମିଝିମି ଲୁଠି ପୃଷ୍ଟେ ରସାର । ଝୁରିବାର ଏକା ହୋଇବ ସାର ॥
ଝିଲ ପାଞ୍ଚାଳୀ ଝଟକେ ନାହିଁକି । ଝୋଲା ମାଇଲା ତୁମ୍ଭକୁ କାହିଁକି ॥
ଝଲକ ଗଲ କୃଷ୍ଣ ଅକାରଣେ । ଝାଡ଼ଖଣ୍ଡରସା-ବାଦସା ଭଣେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କୃଷ୍ଣ

ରାଗ—ମୋହନା । ଆଦିତାଳ

ନ ଭାଙ୍ଗ ରେ ଶୁଭାଙ୍ଗି ଭାରତି ହୃଥ ସାହା । ପଦ
ନୋହିଲେ ତୁ ପରିତ୍ରାଣ, ନିର୍ଦ୍ଦୟ ଅତନୁବାଣ, ନିଃଶେଷ କରିବଟି ରତିନାହା ।
ନୀପକୁଞ୍ଜ ଉପକଣ୍ଠେ, ନ୍ୟସ୍ତ କରିଥ ମୋ କଣ୍ଠେ, ନାଗେନ୍ଦ୍ର ନିରୁପମବାହା ।
ନିଷ୍ଠୟ ଏ ଯେବେ ଚିତ୍ତେ, ନ ଜୀଇବ କଦାଚିତେ, ନ ବଢ଼ାଇଲେ ତୁ ସୁଖସାହା ।
ନେତ୍ରାନ୍ତବିଳାସ ତାର, ନିଦାନ ଏ ଅବସ୍ଥାର, ନିରେଖି ଉଚ୍ଛାରୁ ଥରେ ଆହା !
ନାଥ ଅଷ୍ଟଦୁର୍ଗର ଯେ, ନିତି ସେ ତୋ ପାଦେ ଭଜେ, ନିନ୍ଦିବେଟି ନ କଲେତ ତାହା ।

ଲଳିତା

ରାଗ—ବସନ୍ତ । ଏକତାଳି

ଟଙ୍କାର କି ଶ୍ରବସରିକ ବାସବ କୋଦଣ୍ଡରୁ ଚଣ୍ଡ ଧନୁ ।
ଟାଣି ବଙ୍କେ ଶମ୍ବ ସଦୃଶ କଲମ୍ବ ତୁମ୍ଭଙ୍କୁ ଏକା ଅତନୁ ।
ଟେକାଟେକ ମୋତେ କରି ନାନାମତେ ତୁମ୍ଭ କାମନା ପୂରିବ ।
ଟାଣଖୁଣ୍ଟା ଗୁରୁଜନ ଗଞ୍ଜଣାରୁ ମୋ ପ୍ରାଣସଖୀ ସରିବ ।
ଟପାଥିବା ଚିର ବଚନୁ ଗୋଚର ଯେତେ ସମାଚାର ଗୋପେ ।
ଟିପି ଦେଲେ କଂସ ଆଗେ କେ ନୃଶଂସ ନନ୍ଦବନ୍ଦୀ ହେବେ ଟୋପେ ।
ଟେକ ଏ ସୁନ୍ଦର ଶ୍ରୀମୁଖଟି ପର ଘରବୁଡ଼ା ଫରମାସ ।
ଟିକା ଏ ହେଲେ ଯେ ହୃଦୟସରୋଜେ ନୋହିଲା ହାସ ବିଳାସ ।
ଟାକଛ ସୁଧାଂଶୁ କଳାକୁ ଆକାଶୁଁ କରିବାକୁ ପାଣିଗତ ।
ଟୀକାୟିତ ଅଷ୍ଟଦୁର୍ଗ କହଇ ହେ ଶ୍ୟାମ ଏକ ଆଚରିତ ।

ଶ୍ରୀକୃଷ୍ଣ

ରାଗ—ଦେଶାକ୍ଷ । ଆଡ଼ତାଳ

ଠିକ ଠବର୍ତ୍ତୁଳ ଚନ୍ଦ୍ରାନନା ତୋ ଚିତ୍ତରେ । ପଦ
ଠକଶୀଳ ନ ଆଚର, ମୋ ବେଦନାକୁ ବିଚାର,
ଅକପଟ ହାଣବଥି ତୋତେ ଉଚିତରେ ।
ଠୋ କରି ଛଣ୍ଡାଇ ଦେନା, ପ୍ରିୟସଖି ମୋ ବେଦନା,
ନ ଲାଗଇ ତୋତେ ନିକ ହେଲେ କିଞ୍ଚିତରେ ।
ଠାରଦେଲେ ନେତ୍ରାଞ୍ଚଳେ ବିଜନସ୍ଥଳେ ସେ ବଳେ
ବିରାଜିବ କ୍ଷଣରୁଚି ପରି ସୁଚିତ୍ତରେ ।
ଠଣା ଠୁଙ୍କି ଚାପ-ହାସ- ମୁଣ୍ଡେ ମନମଥପାଶ,
ବନ୍ଧନୁ କର ତୁ ସିନା ମୋତେ ମୋ ଚିତ୍ତରେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଠଉରାଇ ଅବସର କଲେ ଭୁ ପ୍ରସଙ୍ଗ ମୋର
ରାଜ ରାଜୀବନେତ୍ରାଙ୍କୁ କରି ଉଚିତରେ ।
ଠାକୁର-ଠାକୁରାଣୀଙ୍କ ପଦାମ୍ବୁଜ ଧ୍ୟାନରଙ୍କ
ନୃପ ଜଗଦ୍ଦେବ କରେ ରସେ ରଚିତରେ ।

ଲଳିତା

ରାଗ—ତୋଡ଼ୀପରଜ । ଆଡ଼ତାଳୀ

ଡ଼ର ନାହିଁ କି ହେ ପରତରୁଣୀ ହରଣୁ ।
ଡ଼ୋର ଲାଗି ଧରି ପଡ଼ିବା ହେବଟି ଚୋରପରି ଆଚରଣୁ । ପଦ
ଡୋଲାପ୍ରତିମାଙ୍କୁ ପରାଏ ତୁମ୍ଭଙ୍କୁ ଯଶୋଦା ଅଛନ୍ତି ପାଳି ।
ଡ଼ୁବିବଟି ଧନ କେଳିକ ମୋହନ ନୋଡ଼ୁଛ ଯେ କୁଳପାଳୀ ॥
ଡକା ଦେବା ଦିନେ ଅରଣ୍ୟେ ଉତ୍ତନେ ଦେଖିଛୁଁ ଶକଟ-ଦଶା ।
ଡ଼ାକମଧ୍ୟମାଙ୍କୁ ଡ଼ାକ ଅଣିମାଙ୍କୁ ଏଠାକୁ କାହା ଭରସା ॥
ଡ଼ବଡ଼ବ ବାରି ନିଃସରିବ ଶୃଙ୍ଗପ୍ରହରେ ନୟନ ଯୁଗୁଁ ।
ଡ଼ହଡ଼ହ ହେବ ମୃଦୁ ଅବୟବ ଶ୍ୟାମ ଶ୍ରୀଅଙ୍ଗୁଁଟି ଭୋଗୁଁ ॥
ଡ଼ାକତ ଜାଣ ମୋହନ ବଂଶୀରବେ ବିହର ସୁଖେ ଏ ବନେ ।
ଡ଼ୁରିଁ ହେଲୁ ସିନା ଆମ୍ଭେ ଫଳ ବିନା ନ ପକା ତା ଆମ୍ଭକାନେ ॥
ଡ଼ାଳମ୍ବମଞ୍ଜିମଞ୍ଜୁଳଦଶନା ସେ ଖେଳୁଥାଇ ତୁମ୍ଭ ଭୁଲେ ।
ଡେଉଁଥାଏ ବନଯାକ ତୁମ୍ଭ ମନ ଶ୍ରୀହରିଚନ୍ଦନ ବୋଲେ ॥

କୃଷ୍ଣ

ରାଗ—ଦେଶାକ୍ଷ । ତାଳ ବିପ୍ରଥା

ତାଲେତ ଡ଼ାକିଲୁ ନାହିଁ କୃପାସୁଧାଙ୍ଗାଙ୍କ ରେ । ପଦ
ଟକ୍କା ବାଜୁଥାଇ ବ୍ରଜେ ଲଳିତାର ହୃଦାମ୍ବୁଜେ,
କରୁଣା ଅଛୁ ବୋଲି ଯେ ନେଲା କେ ତା ହରି କି ରେ ।
ଟୋକାଇ ଦେଲେ ତୃଷିତ ଚକୋର ଚଞ୍ଚୁରେ ଶୀତ,
ଭାନୁଚନ୍ଦ୍ରିକାଙ୍କୁ ବଡ଼ ଯାଏ କିଛୁ ସରି କି ରେ ।
ଟଳାଇଲା ପରି ଟଳ ଟଳେ ପଡ଼ିଯିବା ଭଳି,
ହେଲେଣି ଯେ କୁନ୍ଦକଳୀଦଶନା ଏ ସରି କି ରେ ।
ଟୋକୁଟିକ ସିନା ହିଟି ମୋ ସାର ଯାଉଛି ଗୁଟି,
ପିଇ ଦଧିନ୍ଦ କି ଗୋଟିଯାକ ଯେ କଳଶୋଷୀ କି ରେ ।
ଟବାଟନାବରୁ ଗୋପନଗରୀର ବନ୍ଦେ ଭୂପ,
ବାଲୁଙ୍କେଶ ଦେବ ନପକୁଞ୍ଜପୁଞ୍ଜ ସରି କି ରେ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଲଳିତା

ରାଗ—ସୋମ । ଆଡତାଳୀ

ଅତସୀକୁସୁମ ସମ ଶ୍ୟାମ ହେ ମୁଁ ଗଳିଟି । ପଦ
ଆଜି ଆମ୍ଭର କବାଡ଼ ଅସହ୍ୟ ସେ ଯେ ବଡ଼
ଅବଶ୍ୟ ତା ଛାମୁରେ ମୁଁ ନିବେଦନ କଳିଟି ।
ଆରକତ କଲେ ମୁଖ ଅଖଣ୍ଡସୁଧାମୟୂଖ
ଆବର ସରବ ମୋର ଜୀଇଲେହେଁ ମଳିଟି ।
ଅଧ ଅଧରରେ ସ୍ମିତ ଉଲ୍ଲସି ହେଲେ ଲକ୍ଷିତ
ରହିବ ଏହିଟି ବୋଲି କୃପାକଳ୍ପବଲ୍ଲୀଟି ।
ଅଦୃଷ୍ଟବଳୁଁ କିଶୋରୀ ଅଙ୍ଗୀକାର କଲେ ସର
ଅଭବେ ଉଚ୍ଛନ୍ନ ହେବ ଏ ବଲ୍ଲଭପଲ୍ଲୀଟି ।
ଉଗ୍ର ନିର୍ଦ୍ଦେଶ ନୃପର ଉପବନ ଗୋପପୁର
ଆଶ୍ରୟ ନୋହିବ ଗୋବର୍ଦ୍ଧନଗିରିଦରୀଟି ।
ଅଷ୍ଟଦୁର୍ଗନାଥ ଭାଷେ ଆହା ଧ୍ୟାନେ କି ଶୋଭା ସେ
ଅଖିଳ ଜନନୀ-ନାସା-ମୃଗମଦକଳିଟି ।

ଲଳିତା

ରାଗ—କାନଡ଼ାଗଉଡ଼ା । ତାଳ ବିଷ୍ଠା

ତୋ ଯେଣୁ ତମାଳଶ୍ୟାମ ମୋ ମରଜ କଷିଲା ରେ ।
ତଥପିତ ହେଲେ ହତେ, ତୋ ସ୍ନେହେ ନ ରସିଲା ରେ । ପଦ
ତଳେ ବସନ ପ୍ରସାରି ତୃଣ ଦଶନରେ ଧରି କହିଲି ଯେ ଅନୁସର
ଗଞ୍ଜିତ ନ ଦଶିଲା ରେ ।
ତହିଁକି ବିଷମ ଭାବ ତର୍କିଲା ମୋ ଚିତ୍ତ ଶ୍ରବ-ତଟକୁ ଘଟନ୍ତେ
ଅବଧାନ ବିନା ହସିଲା ରେ ।
ତପନଜାତଟକୁ ତୁ ତରୁଣୀଟା କେଉଁ କୁତୁହଳରୁ ଆସିଲୁ
ହେତୁ କହ ବୋଲି ଘୋଷିଲା ରେ ।
ତାର ତୋର ସୁଲୋଚନା ତାରତମ ବିବେଚନା ଲବ ହୋଇ ନାହିଁ ତହିଁ
ତୋ ଚିତ୍ତ ରସିଲା ରେ !
ତିରସ୍କାର ପୂର୍ବଭାଷା ତରଳାଇ ସ୍ୱଖଆଶା ବୋଟିକି ଚୁମ୍ବିଲା ତୃଷା
ତିମିର ବଳାସିଲା ରେ ।
ତୁଚ୍ଛା ସ୍ନେହ ଜନ ମନ ତୋ ସଙ୍ଗକୁ କି ଭାଜନ ପ୍ରସନ୍ନ ହରିଚନ୍ଦନ
ଜଗଦ୍ଦେବ ଭାଷିଲା ରେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶ୍ରୀରାଧା

ରାଗ—ତୋଡ଼ୀଜଙ୍ଗଲା । ଆଡତାଳୀ

ଥାପି ରେ କହ ତଥାପି, ରେ ପ୍ରିୟସଖି !
ଥିବ କି ଛାଡ଼ିବ ପ୍ରାଣ । ପଦ
ଥିଲାପରି ସ୍ନେହ ଲାଗିଲା କି କହ ଅଛନ୍ତି ତୋତେ ମୋ ରାଣ ।
ଥରେ ହେଲେ ବିକି ହେବ ମୋତେ ନିକି ବଞ୍ଚାଇବ ପଞ୍ଚବାଣ ।
ଥୋକାଏ ମୋ ପ୍ରୀତି-ବଧିକି ସମ୍ମତି ନ କଲେ କି ପରିତ୍ରାଣ ।
ଥକାଇ ତୁ କହ୍ନୁଁ କହ୍ନୁଁ ଧୃତି ରହୁ ନାହିଁଟିରେ ମୋର ଜାଣ ।
ଥୋଇ ହୃଦେ ଛଳ ନ କର ବିକଳ କହେ ଅଷ୍ଟଦୁର୍ଗ ଗଣ ।

ଲଳିତା

ରାଗ—ଭାଟିଆରୀ । ଅଡ଼ତାଳୀ

ଦୁଃଖିଧନ ! ଦୁଃଖମୟ ନ କର ସରସ ମନ ।
ଦମ୍ଭ ଦେଖିବାକୁ ସିନା କଲି ଛନ । ପଦ
ଦୁରୁଁ ମୁଁ ଯିବାର ଜାଣି ହରି । ଦରିଦ୍ର ନିଧି ଲଭିଲା ପରି ।
ଦ୍ୱିଗୁଣ ଆଦରେ ପ୍ରମୋଦନଦରେ ମଜ୍ଜି ଘେନଗଲେ କର ଧରି ।
ଦୟା ଜରଜର କରି ଚିତ୍ତ । ଦନ୍ତବାସେ ରଖି ଦରସ୍ମିତ ।
ଦଶବାର ଅନାମୟ ମୋତେ ଘେନାଘେନ କରି ପଚାରିଲେ ମିତ ।
ଦେଖିଲି ଯାହା ଶ୍ରୀଅଙ୍ଗ ଦ୍ୟୁତି । ଦଳିତ ହୋଇଗଲା ମୋ ଛାତି ।
ଦ୍ୱିତୀୟାର ଶଶିରେଖା ପ୍ରାୟ ଦିଶି ଗଲେଣି ସେ ଇନ୍ଦ୍ର-ନୀଳହାତି ।
ଦୁର୍ବଳ ଆଳସ ଦେଖି ତୁଳ । ଦୂରୁ ହରେ କଛୁ ପଚାରିଲ ।
ଦୀର୍ଘ ତମ ନାସାନିଳ ତେଜନ୍ତେ ଆହା ମରକତ ବର୍ଣ୍ଣହେଲ ।
ଦୁର୍ବାର ତୋ ନେତ୍ରାଞ୍ଚଳ-ଶର । ଦେବାରୁ ଦୁଃଖ ଦୁଃସହତର ।
ଦବାଗ୍ନି ହେବାର ଦେହ ମଧ୍ୟ ସାର ଜାଣି ଯା ହେଲାମାନସ ମୋର ।
ଦେବ ଦାନବ ତୋ ଅଭିମତ । ଦୂର କର ଦ୍ୱାପରକୁ ମିତ ।
ଦିବଷ୍ଟି ଏ କଷ୍ଟଯାକ ହେବ ଅଷ୍ଟଦୁର୍ଗନାଥର ଏ ବିରଚିତ ।

ଶ୍ରୀରାଧା

ରାଗ—ତୋଡ଼ିଜଙ୍ଗଲା । ଆଠତାଳୀ

ଧୀରା ରେ କି ଧନ ତୁ ନ ଦେଲୁ ଆଜ ।
ଧଇଲେ କି ସତେ କର ଯୁବରାଜ । ପଦ
ଧରମବଳୁଁ କି ମୋର ଧୂପି ଦେଇ ନଜ କର
କୋଳକୁ ଆଣିଲୁ କଳାଦ୍ୱିଜରାଜ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଧର୍ମରେ ଯେତେ ପୁରୁଷେ ଧୃଷ୍ଣ ତାହାଙ୍କ ଗୁରୁ ସେ
ଧନରୁ ଯେ ବଳେ ତାହାଙ୍କର ବ୍ୟାଜ ।
ଧୁରନ୍ଧର ସେ ଲଙ୍ଗିତେ ଧରଷିଲୁ କେହି ସତେ
ଧମକାଇଲ୍ କି ତୋତେ କିଛୁ ଲାଜ ।
ଧନ୍ଦ ହୋଇ ବଳହୀନ ଧୂସର ହୋଇବା ମନ
ଧୋଇ ଚନ୍ଦ୍ରା କଳଙ୍କସମାଜ ମାଜ ।
ଧରଣୀନ୍ଦ୍ର ଜଗଦ୍ଦେବ ଧ୍ୟାନେ ବଲ୍ଲଭୀ ବଲ୍ଲଭ
ଧର୍ମଧୂଳି କରେ ମସ୍ତକରେ ଆଜ ।

ଲଳିତା

ରାଗ—କାମୋଦୀ । ଏକତାଳୀ

ନବବିଳାସିନି ରେ ! ନକ୍ଷତ୍ରେଶହାସିନି । ପଦ
ନିଶି ନିଦ ନୟନ ନ ଜାଣଇଁ ନବୀନବିସିନୀଦଳ ଶେଯେ ଯାଇଜଳ ।
ନୀପବନପବନ ନିର୍ଧୂମଶିଖା ଧନଞ୍ଜୟ ଶ୍ୱାସରୁ କରେ କହିଁ କେଳି ।
ନିଷ୍ଠୁରଗୁଣ କୁଳଶରୁ ପଡ଼ିଛୁ ବଳି ନିଶ୍ଚୟ ତନବର୍ତ୍ତି ନାହିଁ ଲେଖି ।
ନାଗରୀବିମୋହନ ମନ୍ତ୍ର ମାହିକ ମନ କପଟସଂପୁଟରେ ଅଛୁ ରଖି ।
ନାହିଁବୋଲିବା ବାଣୀ ନପଟି ନାହିଁ ଶୁଣି ନଳୀନାକ୍ଷେରେ ହୋଇ କସ ହେବ ।
ନନ୍ଦନନ୍ଦନ ପ୍ରେମବଶେ ନୋହିବ ଭ୍ରମ ନିତମ୍ବିନୀଙ୍କିଯେବେ ଗତି ଥିବ ।
ନବବରଷ ତୃଣା କାଳିନ୍ଦି ଅଛୁ ଜଣା ନଖାଗ୍ରେ ଉଦ୍ଧରିଲ ଗୋବର୍ଦ୍ଧନ ।
ନବନୀରଜକୋଷନିଭ ତୋ କୁଚ କସ ଅଣ୍ଟିବ କଣ୍ଠୀରବମଧ୍ୟା ଯେନ ।
ନିରନ୍ତରରେ ରସ ପ୍ରସରଣ ପୀୟୂଷଧାରାସ୍ୱୀକାରକାରୀ ପର ଲାଗେ ।
ନିମିଷକରେ ଜ୍ୱାଳା ଜନ୍ମାଇ ଜିଣି ହଳାହଳକୁ ଯେ ସଙ୍ଗୀଳ ମହାନାଗେ ।
ନିନ୍ଦାର ନିକେତନ ହୋଇବୁ ରେ ନୂତନ ମନ୍ଦାର ବିମ୍ବା କୁନ୍ଦବିମ୍ବାଧରୀ ।
ନିଶାରମଣକର-କନ୍ଦକାଚୟ ତୋର ହୋଇଁଯିବ କଳ୍ପାନ୍ତ କାଳ ଝରି ।
ନିବେଦନ କରୁଛୁ କରକଞ୍ଜ ଧରୁଛୁ ହେଲେ ହେଉ ବରୁଚ ନିଦ୍ରାହାରେ ।
ନରନାଥ ଶ୍ରୀହରିଚନ୍ଦନ ବଚନେ ଗୋରି ନ ରସ ମିଳିବାକୁ ମୁଦ୍ରାହାରେ ।

ଶ୍ରୀରାଧା

ରାଗ—ଭୈରବ । ଆଡ଼ତାଳୀ

ପ୍ରିୟସହି । ପରମାଦ ବଡ଼ ଭୁହି ଗୋ ।
ପାରୁ ରସେ କେତେ ଛନ୍ଦେ ମୋହି ଗୋ । ପଦ
ପରମପଦରେ ନେଇ ଜାଣୁ ତୁ ବସାଇ । ପୁଣି ତହୁଁ ଆଣୁ ତଳାତଳକୁ ଖସାଇ ।
ପାସେ ରାଇ ମନୁ ନାନା କଦନ ଲସାଇ । ପୀଡୁ ଅଶ୍ରୁ ବରଷାଇ ଗୋ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପରବଚନ୍ଦ୍ର ଚପୁଡ଼ି ପିଇବା ପୀୟୂଷ । ପରିଣତ ସମୟେ ସେ ହେବ ଯେବେ ବିଷ ।
 ପ୍ରସନ୍ନ ହେବା ଗଙ୍ଗାରେ ଜନ୍ମିଲେ କଲ୍ମିଷ । ପ୍ରୟୋଗ କରିବା କିସ ଗୋ ॥
ପ୍ରବଞ୍ଚନା କରେ ଜଣା ନ ଥାଏ ସନ୍ଦେହ । ପସନ୍ଦ ନୁହଇ ପରପୁରୁଷରେ ସ୍ନେହ ।
 ପରବେଶ ହେବ ଯେବେ ପ୍ରାଣଗଲେ ଦେହ । ପ୍ରାଣୀ କି କରିବ କହ ଗୋ ॥
ପିଆଇ ଦୁହିଁଙ୍କି ଥରେ ଦୁହିଁଙ୍କ ଅଧର । ପଛେ କହ ଆଚରଣ ପୂତନା-ବଧର ।
 ପୀତପଟ ନଟ ନା ମୋ ଆଗରେ ନ ଧର । ପାଳଏ ମାଏ ଉଦ୍ଧର ଗୋ ॥
ପୁରନ୍ଦରମଣି ଶ୍ୟାମେ ଅଛୁ ମୋର ଆଶ । ପରପରିବାଦ-ମୁଣ୍ଡେ ଠାକର ବରଷ ।
 ପୃଥ୍ୱୀଚକ୍ରବାଳ ପରିବୃତ୍ତ ବାଲୁଙ୍କେଶ । ପ୍ରସରିଲେ ଏ ରସ ଗୋ ॥

ଲଳିତା

ରାଗ—ଭୋଡ଼ିପରଜ । ଏକତାଳୀ

ଫାଟିପଡ଼ିବାର ନିକୁଞ୍ଜସଂଚର ଶ୍ରମୁଁ ମୋ ଚରଣତଳ ।
ଫଗୁରଖୋର ଆଖିରକୁ ହେବାର ଏହି ଏକା ଏଥୁଁ ଫଳ ରେ ।
 କିଶୋରି ! ଫିଟିଗଲା ଯେ ସନ୍ଦେହ ।
ଫୁଲଗଲୁ ଫୁଲଲଲାମ ରସିକା ଜାଣି ପରି ଶ୍ୟାମସ୍ନେହ ରେ ॥
ଫନ୍ଦାଇ ନାନା ବିନୟ କହି ଦନ୍ତେ ତୃଣ ଧରିବାର ଗଲା ।
ଫଟା କପାଳରେ କୁଟିଳ ହୃଦୟା ବୋଲାଇବା ଲେଖାଥିଲା ରେ ।
 କିଶୋରି ! ଫନ୍ଦାଧନ ଭୂତ ମୋର ।
ଫରିଆଦ କାହିଁ କରିବ ତୋ ନାମେ ନିନ୍ଦା କଲେ ପଛେ କର ରେ ॥
ଫରୁଆର ପରି ଉରଜରେ ଭିଡ଼ି ରଖ ସେ ନୀଳମଣିକ ।
ଫଉଜ ଭୁଲେ କୁଞ୍ଜଦ୍ୱାରେ ରଖାଅ କହି ବଲ୍ଲୀଧାରଣୀକି ରେ ।
 କିଶୋରି ! ଫିରମାସ ମନେ ମନେ ।
ଫେରି ଦିଅନ୍ତୁ ସେ ଆବର ମୁଁ ଯେବେ ଯିବ ସେ ଦିଗକୁ ଦିନେ ରେ ॥
ଫଜିତ ହୋଇ ଦୂରରେ ଥିଲେ ହେଲେ ଭଜିଥିବାରତ ସତ ।
ଫେଡ଼ନ୍ତୁ ତୋ କଷ୍ଟ ସୁଖ ଦେଇ ଅଷ୍ଟଶ୍ରୁତ ଏ ଆମ୍ଭ ବାଞ୍ଛିତ ରେ ।
 କିଶୋରି ! ଫୁରୁଣା ହୋଇ ଭୁ ରସ ।
ଫେରି ଆସି ମାଇ ଆମ୍ଭ ଆଗେ ନେଏକଞ୍ଜ ନୀର ନ ବରଷ ରେ ॥
ଫୋଟକା ହେଉଛି ଶ୍ରୀଅଙ୍ଗେ ସିଞ୍ଚିଲେ କର୍ପୂର ଚନ୍ଦନ ବାରି ।
ଫୁଙ୍କିଦେଲେ ଉଡ଼ିଯିବା ସରି ପଡ଼ିଅଛନ୍ତି ତନୁବଲ୍ଲରୀ ରେ ।
 କିଶୋରି ! ଫୁକାର ନୋହୁ ଜଗତେ ।
ଫଗୁଆ ନୁହି ଭୁ ବୋଲେ ଜଗଦ୍ଦେବ ହରିଚନ୍ଦନ ଏ ଗୀତ ରେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରାଧା ସମ୍ବାସଂ

ରାଗ—ସାବେରୀ । ଆଠତାଳୀ

ବିଚକ୍ଷଣା ରେ ! ବିନା ତୋ ପ୍ରୀତି କେ ଗତି ଅଛି ଜଗତରେ । ପଦ
ବୋଲି ଦେଇ ସିନା ଗଲେ ହସି । ବନ୍ଧେ ତୋ ସମେ ନାହିଁ ବିଶ୍ୱାସୀ ।
ବାନ୍ଧିବାକୁ ମୋ ମନ ତୁ ପାଶୀ ।
ବିଶେଷରେ ମୋ ହୃଦନ୍ତର ତୋତେ ଜଣା ରେ ॥
ବିକେ କଣେ ଯେ ଯାହାକୁ ସ୍ନେହେ । ବଡ଼ ତା ଠାରୁ ଜୀବନ ନୁହେ ।
ବିଳ ତାହାଠାରେ ସିନା ରହେ ।
ବିହରଙ୍ଗେ ରହି କୁଳୁଛନ୍ତି ଅଗଣାରେ ॥
ବିଶ୍ୱମୃଗରଜ-ଖେଳା-କାଳିଁ । ବିହି ପ୍ରାଣ ପରି ପରିପାଳୁ ।
ବିଧିବଶୁଁ ନିସର୍ଗ କୃପାଳୁ ।
ବିଜେ ହେଉଛି ଏହି ଉଦ୍ୟମ ବାଜଣା ରେ ॥
ବୋଲେ ବିସୁଦୁର୍ଗର ମଘବା । ବଲ୍ଲୀ ନିକଟକୁ ଚାଲି ଯିବା ।
ବଂଶୀ-ଗୀତ ପୀୟୂଷ ପିଇବା ।
ବିଭାବରୀ ନ ପାହୁଁ ଆସିବା ଅଜଣା ରେ ॥

ଲଳିତା

ରାଗ—କେଦାରଗୌଡ଼ା । ତାଳ ତ୍ରିପୁଟା

ଭଙ୍ଗୀ ଚାହିଁ, ଭୁରୁନୀଳଭୃଙ୍ଗୀ-ଭ୍ରମରଜୀବସଙ୍ଗି । ପଦ
ଭାଗ୍ୟ ଏ ଜନ ଆଖି ଜନନରଟି ସଖି ଜାଣ ରେ ।
ଭରମି ତୁ ନ ଯା ମନ୍ମଥବାଣରେ । ଭୁଜପାଶକୁ ଛନ୍ଦ ମୋ ଗଳେ ।
ଭିଡ଼ି ପାଦ କଞ୍ଜ ଖଞ୍ଜ ଧରଣୀ ତଳେ । ଭୃମଣ୍ଡନା ରେ ! ପଡ଼ି ।
ଭଲି ମାନୁଛି ଦେଖି ସୁଧାମୟୂଖମୁଖ ଅଳକତଳ ଅଖଣ୍ଡିତ
ରୋଚନାରେଖ ତଳକେ ଦୃଷ୍ଟି ରଖ ସଖି ରେ !
କି ଦଶେ ଚଳାଚଳ ଚାରୁ ଚନ୍ଦ୍ରକାଚୂଳ ॥
ଭର୍ତ୍ସିତ ନବରବି କୁଣ୍ଡଳ ଯୁଗ ଛବି ଗଣ୍ଡରେ ।
ଭିଦୁର ଏହିଟି ବିବେକ ମୁଣ୍ଡରେ । ଭବ୍ୟଦାୟକ ମାଣିକ୍ୟବର ।
ଭ୍ରମ ଜାତ କରୁଅଛି ମଧୁରାଧର । ଭୃମଣ୍ଡନା ରେ ! ପଡ଼ି ।
ଭୃଙ୍ଗଭୂଷାବିପକ୍ଷ ପ୍ରକ୍ଷ୍ୱେଡନରୁ ତୀକ୍ଷ୍ଣ ଏ କିଶୋର-କଟାକ୍ଷ
କେବଳ ଏହା ଲକ୍ଷ କନକାଚଳବକ୍ଷ ସଖି ରେ !
କହି ବିଚାରି ଚିତ୍ତେ ଯୁବତି ଧୃତି କେତେ ॥
ଭଙ୍ଗୀତ୍ରୟରେ ଉଭା ହେବାର କେଡ଼େ ଶୋଭା ପ୍ରକାଶେ ।
ଭରିଜି କି ହାର ସେ ବକ୍ଷ ଆକାଶେ । ଭର୍ଗ-ସମାଧି ଭଙ୍ଗ କରିବ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଭଲେ ଏହା କରକମଳ ବଂଶୀରବ । ଭୂମଣ୍ଡନା ରେ ! ପଢ଼ି ।
ଭୂଷଡ଼ିବନ୍ତି ସତ୍ତିବ୍ରତ କଯୂମ ଧୃତ ଶ୍ରୀଅଙ୍ଗ ଶୋଭା ଅତ
ରତ ନାୟିକବ୍ୟୂହ ପଦଦ୍ୱିରଦଗତ ସଖି ରେ !
ଶୋଭାନଥି ତୋ ଗାଏ ନ ତମ୍ଭ ଶ୍ୟାମନେଏ ॥
ଭାଷିଲେ ଅଷ୍ଟାଦୁର୍ଗ କ୍ଷିତ କପଟସ୍ୱର୍ଗ ମଘବା ।
ଏ ଶୃଙ୍ଗାରରସ ବରଷେ ମେଘ ବା । ଭଡ୍ୟପଣରେ ହେଲେ ଏହାର ।
ଭୂଜ ଭୂଜଗେନ୍ଦ୍ର କରନ୍ତା କଣ୍ଠେ ହାର । ଭୂମଣ୍ଡନା ରେ ! ପଢ଼ି ।
ଭକ୍ତଥାନ୍ତ୍ର ରଜନୀ ଦିବସେ ପିକବାଣୀ ଖଟି ଏ କୃପା ଘେନ
ସ୍ୱାର୍ଥ କରନ୍ତା ଜନୀ ସେତ ଜଳଜଯୋନ ସଖି ରେ !
କରବେ ଅନୁଗ୍ରହ ଏ ମୋହନବିଗ୍ରହ ॥

ରାଗ—ମଲୁଆ । ତାଳ ବିଷ୍ଟା

ମଧୁରେ । ମନ୍ଦମନ୍ଦ ହୋଇ ଗନ୍ଧବହ ପ୍ରସରିଲା କଦମ୍ବନିକୁଞ୍ଜ-ସୀମାରେ ।
ମରନ୍ଦ-ସେକେ ଚମକ ଲୋକେ ଭାଷିଲେ ଲଷି ମାରେ ।
ମିଳନ୍ଦ ଲତା-ଦମ୍ଭ-ବନିତା-ବଦନେ ମିଶି ମାରେ ।
ମଣ୍ଡି ହେଲା ସେ ବନସ୍ଥଳ ମହାରଜତ ମହେନ୍ଦ୍ରନୀଳ-
ମୟୂଖଶିଖାମୟ ମଞ୍ଜରୀ ବିଷର ସୁଷମାରେ ପଦ ।
ମିଶିଲା ଗୃହନୟନ ବାରିରୁହ-ବଦନ ଲଭିଲା ବାର ମିଳିଲା ଶ୍ୟାମ ଗଉର ଦୁଇ ମୁହଁ ॥
ମଧୁପପୁବା ଲଭିଲା ଅବା ନବସରସୀରୁହ ।
ମାନସ ଅଙ୍ଗଭେଦ ପ୍ରସଙ୍ଗ ଭଙ୍ଗି ରଚିଲା ସ୍ନେହ ।
ମଉଳି ଗଲା ସେହି ସାତ୍ତ୍ୱିକ ମୃତବଲ୍ଲରୀ ସଂଖ୍ୟକଯାକ
ମଲ୍ଲାଇ ଦେଲା ଦୁହିଙ୍କମନ ମହାମୋଦ-ପ୍ରବାହ ॥
ମଦଦ୍ୱିରଦ ମଥିତ ହ୍ରଦ ମୂର୍ଚ୍ଛିତ ମହୋତ୍ପଳ ଆମୋଦ ଫୁଲପରାଗ ପର ଶ୍ରୀଅଙ୍ଗ ବାସ ।
ମୃଗଲାଞ୍ଛନ ମରୀଚ ପୂର୍ଣ୍ଣଧାବଲ୍ୟ ପରକାଶ ।
ମଧମାଦକଗୁଣସୂଚକ କୋକିଳ କଳ ଘୋଷ ।
ମଣିମଣ୍ଡିତ-ମଞ୍ଜୁ-ମଞ୍ଜିର-ଭୂଷା ଶିଞ୍ଜିତ ରସନାହାର ଶାଙ୍କାର
ପରକଟି ଶ୍ରବଣେ କଲା ବିବେକ ମୋଷ ॥
ମଧୁ ମଧୁର ବଧୂଅଧର କିଶୋରବର ଦଶନାମ୍ବର ବିମ୍ବ ଚୁମ୍ବନ ଚୁଁକୃତ ସ୍ୱନ ମେଳା ।
ମୃଦୁ ମନ୍ମଥଧ୍ୱନି ଜନନ କଲାଟି ଯହିଁ ଖେଳା ।
ମହେନ୍ଦ୍ର-ମଣି ବଳୟ ଶ୍ରେଣୀ ରଟିଲା ହୋଇ ଲୋଳା ।
ମନୋଜ୍ଞ ଗୃଷ୍ଟ ପୀୟୂଷମୟ ମିଶ୍ରିତ ହେଉଁ ସେହି ସମୟ ମାର
ମହତ୍ତ୍ୱ ଗଲା କି ନାହିଁ ହେଲା ସଂଶୟ ଲୋଳା ॥
ମନ୍ଦାରବନ ସେ ବନରସାଚକ୍ରେ ରଚିଲା ସୂନବରଷା
ରସିଲେ ସବୁ ଗନ୍ଧର୍ବମାନେ ଗାନେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ମାତ୍ତି ତାଣ୍ଡବ ରଚଲେ ଦେବଦାସୀଏ ସାବଧାନେ ।
ମର୍ଦ୍ଦଳ ଘୋଷହେଲା ତ୍ରିଦଶମଣ୍ଡଳେ ସବୁ ସ୍ଥାନେ ।
ମୁକତ ପ୍ରାୟ ହେଲା ତ୍ରିଲୋକ-ମାନସ ମ୍ଳାନ କଲେ ପାତକ
ଶ୍ରୀଜଗଦ୍ଦେବ ସେ ମହୋତ୍ସବ ବାଞ୍ଛିର ଧ୍ୟାନେ ଗାନେ ॥

ରାଗ—ମୁଖାରି । ଆଡ଼ତାଳୀ

ଯୋଷାବର ରେ ! ଯଥାର୍ଥରେ ଜାଣ ମୁଁ ତୋହର ରେ ।
ଯାମଲଭୂଧରନଭ ପୟୋଧର-ମରଦନଆ ଶ୍ରୀକର ରେ । ପଦ
ଯାବତ ତୋ ପାଦକଞ୍ଜର ସୁମଦ ଗଜଗତ ମୋ ଶେଖର ରେ ।
ଯତୀନ୍ଦ୍ରସମାଧିଖଣ୍ଡନା ତୁ ନାଥ ମୁଁ ରଙ୍କମାନଙ୍କ ବର ରେ ॥
ଜନକ କ ତୁହି ପୂର୍ଣ୍ଣଚନ୍ଦ୍ର-ମୁହାଁ ମୋ ମହାଶୁଭଦଶାର ରେ
ଯହିଁ ସମ୍ପାଦବା ଚନ୍ତାମଣି ଅବା ମୋ କରେ ଦେଲୁ ସୁସାର ରେ ।
ଯୁବତୀକଦମ୍ବରାଜା ଅବଲମ୍ବ ହୋଇଲ ଯେବେ ନକର ରେ ।
ଯୁଦ୍ଧକୁ ସନ୍ନିଦ୍ଧ ହୋଇ ଅଛ କ୍ରୁଦ୍ଧ ହେଉ ଏବେ ପଞ୍ଚଶର ରେ ॥
ଯମୁନାବାହିନୀତଟରୁହବନୀ ଅବନୀ-ବନାଇବାର ରେ ।
ଯଶ ରଖି ନନ୍ଦା-ପଟଳରୁ ବୃନ୍ଦା କରାଇଲାତ ନବାର ରେ ॥
ଯଶୋଦାକୁମର-ଗିରେ ରାଧା ଶିର ନୁଆଇଁଲେ ଲଜ୍ଜାଭର ରେ ।
ଯୁଗଳବିଗ୍ରହ କର ଅନୁଗ୍ରହ ଅଷ୍ଟଦୁର୍ଗପୁରନ୍ଦର ରେ ॥

ରାଗ—କେଦାର । ଅଡ଼ତାଳୀ

ରସାଳସା ରେ ! ରସି ପୁଣି ଏ କ ଲୋକହସା ରେ । ପଦ
ରକ୍ତିମା ଚୁମ୍ବିଲା ଇନ୍ଦ୍ର-ଆଶାରେ । ରାଜୀବେ ପ୍ରଫୁଲ୍ଲହେଲେ କାସାରେ ॥
ରତନାଥସମର ପ୍ରଶଂସାରେ । ରମଣୀ କେ ନ ରସନ୍ତି ସଂସାରେ ॥
ରସିକେ ରସନ୍ତି ସିନା ନଶାରେ । ରଜନୀ ଶେଷରେ ଏ କ ଦଶାରେ ॥
ରହୁ ନାହିଁ ଯଶ ଆତରୁଷା ରେ । ରସାରୁହରୁ ଲତାକୁ ଖସା ରେ ॥
ରମଣୀୟ ହେମକୁ ସୁଦୃଶା ରେ । ରଖିଲୁ କେଉଁ ନବତେମସାରେ ॥
ରାଜା ଅଷ୍ଟଦୁର୍ଗର ଏ ଭାଷାରେ । ରସେ ଏବେ ବଳେ ହେଉସୁସାରେ ॥

ରାଗ—ଅବକାଶ । ତ୍ରିପୁଟା, ପହପଟ, ଆଡ଼ତାଳୀ

ଲୀଳାନାଥ ହେ ! ଲାଜେ ମୁଁ ଗଲିଟି ସତ ।
ଲୁଚିଇଛ କାହିଁ ଶ୍ୟାମ ହେ ଦଅ ମୋ ଲାଗି ଶାଢୀ । ପଦ
ଲଭ ତୁମ୍ଭଙ୍କୁ ପ୍ରାଣନାଥ କର । ଲୋକହସାରେ ଯେବେ ଯିବ ସର ।
ଲସିବ ଯେବେ ପାଇ ନନ୍ଦାଦାଉ । ଲାଗିଲ ଆପଣଙ୍କୁ କେହି ଆଉ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଲକ୍ଷ ଲକ୍ଷ ଗୁଣ ଅଛନ୍ତି ମୋର । ଲଲାମ ଆଦି ଭୂଷା ସଜ କର ।
ଲଭିଥିବ ଭ୍ରୂମଧ୍ୟ ତିଲକ । ଲେଖିଦିଅ ବେଗେ ନ ଦେଖୁଁ ଲୋକ ॥
ଲୋଭି ଶ୍ରୀଭୁଜବନ୍ଧା ଶିଥିଳାଅ । ଲତା ଗହଳ ଗହଳେ ପଳାଅ ।
ଲାଗିଛି ଲାକ୍ଷାମୁକୁଟଶିଖଣ୍ଡେ । ଲାଜକଥା ଲୋକେ ଦେଖିଲେ ଦାଣ୍ଡେ ॥
ଲଗାଇଛ ଲଟ ଯେଉଁ ରସରେ । ଲୁଟିବ ସିନା କାଲି ପ୍ରଭାତରେ ।
ଲଙ୍ଘି ଆଶ୍ରିତେ ଥିବ କୃପାସିନ୍ଧୁ । ଲାଞ୍ଛୁଅଛି କେତେ ହେଲ ହେ ବନ୍ଧୁ ॥
ଲଳିତା ନୁହେଟି ଯେ ଡାକୁଅଛୁ । ଲକ୍ଷେ ଦୁଷ୍ଟରେ ମୁଁ ରଖିଛି ବାଛି ।
ଲଘୁ କରିବ ସେ ଦେଖିଲାକ୍ଷଣେ । ଲେଖାଥିପ ଅଷ୍ଟଦୁର୍ଗର ଭଣେ ॥

ରାଗ—ସାବେରୀ । ଆଠତାଳୀ

ବିଚିତ୍ରବେଶମଞ୍ଜୁଳା ରେ ବାଳା ! ବିବିଧଚାତୁରୀଶୀଳା ।
ବିଭାବରୀ ଅର୍ଦ୍ଧେ ଏକାକୀ ହୋଇ ତୁ ରଚୁଅଛୁ ଫୁଲତୋଳା ।
ବିଳାସକୁଶଳା ରେ । ବଲ୍ଲୀନିଳୟ-ବିହାର ଲୋଲା ॥
ବାଳକାଳୁଁ ଦାସୀ ପରି ରେ ବାଳା ! ବଞ୍ଚିଥିଲୁଁ ଅନୁସରି ।
ବିଲକ୍ଷଣ ବନବିହାର ଉତ୍ସବ ବେଳେ ତୁ ଦେଲୁ ପାସୋରି ।
ବିଚିତ୍ରରତ ଗୋରି ରେ । ବିଧେ କାହିଁକି ପ୍ରୀତି ଆଚରି ॥
ବଲ୍ଲି ଅନାଇଁ ଦୂରରୁ ରେ ବାଳା । ବାସରେତ ଭୟ କରୁ ।
ବ୍ରଜେ ଆଜ ଶୁଣି ଆସିଲୁଣି ପୁଣି ପ୍ରତଗ୍ରାତ ଆୟୁ ଧରୁ ।
ବିଜନେ ସଞ୍ଚରୁ ରେ । ବଡ଼ ବିଷମ ଏ ଯା ନ ଡରୁ ॥
ବ୍ୟସ୍ତ ହୋଇ ଚନ୍ଦ୍ରମାଛୁ ରେ ବାଳା ! ବ୍ରଣଗଣତ ଦିଶୁଛି ।
ବିମ୍ବାଧରୁ ନବପଲ୍ଲବମାନଙ୍କୁ ବାଣ୍ଟି ଦେଲୁ ତାଙ୍କୁ କଛି ।
ବିଶ୍ଳଥ ହୋଇଛି ରେ । ବାସ ପିନ୍ଧିଥାଉ ପରା କାଛି ॥
ବିନୟ ସୁନୟବତି ରେ ବାଳା ! ବିମୋହନ କଳାବତି ।
ବିରୂପାକ୍ଷଦେବବିପକ୍ଷଙ୍କୁ ଜିଣି ଯଶେ ମଣ୍ଡିଲୁ କି କ୍ଷିତି ।
ବିଲ୍ଲଭିଯୁବତିରେ ! ବନ୍ଦେ ଅଷ୍ଟଦୁର୍ଗଧରାପତି ॥

ରାଗ—ନଳନାଗୌଡ଼ା । ତାଳ ଝୁଲା

ଶ୍ୟାମ ଶିଖଣ୍ଡଚୂଳ ! ଶ୍ରମ କି ଆଜ ଯାକେ ହେଲା ସୁଫଳ । ପଦ
ଶର୍ବରୀ ନିଦ୍ରା ବିନା ଗଲା କିସର । ଶମ୍ବରପରପୁର ଦେଲେ କି କ୍ରୂର ।
ଶ୍ରୀଅଙ୍ଗଦେଶ ଦିଶେ ଏପରି ଆଜ । ଶରଦଚନ୍ଦ୍ରମୁଖେ ନାହିଁକି ଲାଜ ॥
ଶିଶୁ ହେଲେହେଁ ତୁମ୍ଭେ କେଶରୀ ସରି । ଶଶ କିଶୋରୀଟିକି ଦେଲ ଯେ ସାରି ।
ଶିର ସୁନ୍ଦର ଦିଶେ ଯାବକବୋଳେ । ଶରଣ ବୋଲି ପଡ଼ିଲ କି ପାଦତଳେ ।
ଶିରୀଷମାଳା ଦଳି ଦେଇ କୁଠାରେ । ଶଙ୍କା ନ କଲ ସଖୀମାନଙ୍କଠାରେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶରମପ୍ରଦ ଆଜିସରିକି ହେଲ୍ । ଶମନସ୍ୱସା-ତଟ ଅଟବୀ ବୁଲ୍ ।
ଶପଥ ଶତ ଶତ କହିଟି ସତ । ଶ୍ରୀ ବାଲୁଙ୍କେଶ ଦେବ ରଚିଲେ ଗୀତ ।

ରାଗ—ମୁଖାରି । ତାଲ ବିଷୁଟା

ସପତ୍ନୀ ମୋର ରେ । ସହି ଏହି ଥର ରେ । ସାରହାର ମିଶାରମଣୀବର
ପରି ଧରି ବକ୍ଷସ୍ଥଲେ ନିରନ୍ତର ନ ଫିଙ୍ଗ ପୁଣି ହଟି ସୁନ୍ଦର କୁହଇଟି
ବର୍ଗ୍ଗର ଭରସା ବଡ଼ା ଅପରିମିତ । ପଦ

ଶୁଣିଲେ ଆଉ କେ ବ୍ରଜେ । ସରିଯିବ ସିନା ଲ−ଜ ।
ସାହା ତୁ ନୋହିଲେ କିଛି । ସଂସାରେ ମୁଁ ନିକି ଅଛି ।
ସାଧୁଜନ ଲକ୍ଷି କପେ । ସିନା ଭଲ ମନ୍ଦ ଛପେ ।
ସଂହର କ୍ରୋଧ ଉଦୟ । ସହଜେ ତୁ ସୁହୃଦୟ ।
ସାକ୍ଷାତ ଦେଖିଲ୍ ପର । ସାକ୍ଷୀ ଦେବାକୁ ବାହାର ।
ସାମ୍ବବାର ଅର୍ବିଗ୍ଦ୍ରର । ସପତ୍ନୀ ମୁଁ ନୁହେ ଚୋର ।
ସାନ୍ଦୀପନସୁତ ଯତ । ସେ କି ଜାଣେ ବୋଲି ପ୍ରୀତ ।
ସରସେ ପିନ୍ଧିବେ ତନ୍ତ୍ରା । ସମ୍ଭାବିବୁ ଏତେ ଏକା ।
ସମାଂସମୀନା ଅଚ୍ୟୁତେ । ସମର୍ପି ଦେବ ମୁଁ ତୋତେ ।
ସମ୍ଭାଳ ମୋର ଆବୋର । ସର୍ବସ୍ୱ ପରି ତୁ ମୋର ।
ସବୁ ଅନ୍ୟାୟ ଚରିତ । ଶିକ୍ଷାକୁ ଗୁରୁ ତୁ ହିତ ।
ସମୟେ କାଠୁ ତୋଟିକି । ସଖୀ ଲକ୍ଷଣ ଏ ଟିକି ।
ଶୁଣି କିଶୋରବଚନ । ସଖୀ କଲା ଆଲିଙ୍ଗନ ।
ସୁଦାମା ଅଷ୍ଟଦୁର୍ଗର । ସନ୍ତୋଷେ ଯୋଡ଼ିଲେ କର ।

ରାଗ—ମୋହନା । ଏକତାଲୀ

ଷଟ୍‌ପଦନୀଳକେଶି ଆଗୋ ଚାହିଁ ଚାହିଁ । ସଙ୍ଗଂସହାରେ ଖେଳୁଛି ନବବାରିବାହି ।
ସମୀପରେ ତାର ରହି । ସରଜୁ ଅଛନ୍ତି ନୃତ୍ୟ ଅନେକ ବରହି ।
ସଞ୍ଚରଣଶୀଳ ନବତମାଳଭୂରୁହ । ସଙ୍ଗେ ଘେନ ଆସିଛି କି ସଖା ସଖୀବ୍ୟୂହ ।
ଶାରି ଶୁକ ପରଭୃତ । ଶାଖାମାନଙ୍କରେ କରୁଅଛନ୍ତି ସଙ୍ଗୀତ ।
ସୁରେଶ୍ୱରରତନ କି ହେବାରୁ ଜଙ୍ଗମ । ସବୁ ମଣିମାନଙ୍କୁ ମିଳିଲା ସେହି କ୍ରମ ।
ସ୍ୱର୍ଣ୍ଣବର୍ଣ୍ଣୀଏ ଏଣିକି । ସମ୍ଭାବବେ ମୂର୍ତ୍ତିବନ୍ତ ରତନଶ୍ରେଣୀକି ।
ସଜ ହୋଇ ସ୍ମର-ସରଦାର ଅବା ଆସେ । ସ୍ୱକୀୟ ଫଉଜ ଘେନିଅଛି ଚାରିପାଶେ ।
ସାରଦେବ ନଷ୍ଟେ ଆଜ । ସରୋଜ-ସୁନ୍ଦରନେତ୍ରା ଜନମନୁ ଲାଜ ।
ସୁରଧୁନୀତଟରେ ଯେବେ କରିଥିବା ତପ । ଶଙ୍ଖାଳି କରିବା ଏ ତାପିଞ୍ଛଅନାତପ ।
ସୁଖେ ବଞ୍ଚିବା ବସନ୍ତେ । ସାମନ୍ତସୁଧାଂଶୁ ଜଗଦେବ ବୋଲେ ଗୀତେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରାଗ—ଗୌଡ଼ା । ତାଳଝୁଲା

ହରି ଆମ୍ଭର ଗୋ ଏତ ପ୍ରାଣଧନ । ପଦ
ହରିହୃମଣିଙ୍କ ଜିଣୁଛୁ ଅପଘନ ଗୋ ।
ନିନ୍ଦୁଛୁ ଇନ୍ଦୁଙ୍କୁ ସୁବଦନ ଗୋ ।
ହଜାରସଂଖ୍ୟକ ଏକ ହେଲେହେଁ ମଦନ ଗୋ ।
ହେବ କି ଏ ମୋହନ ସମାନ ଗୋ ॥
ହଜ ନ ଯିବ ଜୀମୂତକେଶୀର କି ଜ୍ଞାନ ଗୋ ।
ଶୁଣି ମୃଦୁ ବେଣୁ ଗାନ ଗୋ ॥
ହଟେ ଥରେ କରିଥିବା ରଦାମ୍ବର ପାନ ଗୋ ।
ହେବତ ସଫଳ ଯଉବନ ଗୋ ॥
ହାରମଧ୍ୟରେ ତରଳରତନ ସମାନ ଗୋ ।
ହେବ କି ଏ ଯୁବତୀଜୀବନ ଗୋ ॥
ଦୃଷ୍ଟି ହୁଏ ଅଷ୍ଟଦୁର୍ଗ ନମୁଚି ସୂଦନ ଗୋ ।
ହେଲା ଏ ରସର ବିରଚନ ଗୋ ॥

ରାଗ—କେଦାର । ଆଦିତାଳ

କ୍ଷମାନୁକମ୍ପା ଧର ହେ ! କ୍ଷୀରସାଗରସମ୍ଭବ-କୁଚକୁମ୍ଭଯୁଗଳ-ପରିରମ୍ଭଚତୁର ହେ ।
କ୍ଷିତିଚକ୍ରବାଳ ମହାଭିତିନିବାରଣ ହେ ।
ଶ୍ରୁତିଶିର ଅବତଂସାକୃତ ଶ୍ରୀଚରଣ ହେ ।
ମଙ୍ଗଳବିହରଣ-କଙ୍ଗିଞ୍ଚିତ ଚରଣ ଧରାଭାର-ହରଣ ଚରାଚରଶରଣ
ତମ୍ବରଙ୍କରଣ ବରାବର ଚରଣ ନଖାଂଶୁ ସୁରଗଣ ଶିଖାଭରଣ ହେ ॥
କ୍ଷଣେ ହେଲେ ନାମକୁ ମୁଁ ନ ଭଜେ ତୁମ୍ଭର ହେ ।
କ୍ଷମେ ହେବାରୁ ମୁଁ ପାପିଗଣେ ବଣ୍ଡମ୍ଭର ହେ ।
ମନା ନ କର ହିତ ଅନାଦର ବିହିତ ଅନାଉଛି ନରତ ଚୂନାକରୁ ଦୂରିତ
ଅନାରତ ମୋ ଚିତ୍ତ ମନାସୁଛି ଅହିତ ଜନାର୍ଦ୍ଦନ ପତିତମାନଙ୍କ ହିତ ହେ ॥
କ୍ଷମ ମୁଁ କୁହେତ ଅନୁପମ ଅନୁଭବ ହେ ।
କ୍ଷମଦଣ୍ଡରୁ ମୋ ରକ୍ଷା କେମନ୍ତି ହେବ ହେ ।
କଳାକରଭବନ ବଳାମୁଖଭୁବନ ବଳାହିତରତନ ବଳାବର ଯତନ ବଳାପର
ବୃଜିନଦଳାସୁକୃତ ଧନ୍ୟବଳାଢ୍ୟ ମୁନିଜନକଳାପଧନ ହେ ॥
କ୍ଷମାଧିପ ଜଗଦ୍ଦେବ ବନ୍ଦେ ସମୀପରେ ହେ ।
ଶ୍ରୀମାର୍ତ୍ତ ହେବାରୁ ଭବଭ୍ରମାତିଶୟରେ ହେ ।
ବ୍ୟଥାନିବହ ହର ପ୍ରଥା ଚଳୁ ମିହିର ପଥାନ୍ତରକୁହର ରଥାଦରୁ ଅମର
ମଥାମଣିନିକର ରଥାଙ୍ଗ ଯୁତ କର କଥା ବିନୟ ମୋର ବୃଥା ନ କର ହେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପ୍ରବନ୍ଧପୂର୍ଣ୍ଣଚନ୍ଦ୍ର

By JADUMANI MAHAPATRA.

(Circa 1835–1850.)

ପ୍ରଥମ ଛାନ୍ଦ

ମଙ୍ଗଳାଚରଣ । ଦ୍ୱାରକାପୁର ବର୍ଣ୍ଣନ

ରାଗ—ରସକୁଲ୍ୟା

ମଧୁପୁର-ପଦ-ଅନନ୍ତ ଶେଯେ । ପଦ୍ମା କରର ମଣ୍ଡନତା ସର୍କେ ।
ହଂସ ମତରେ ଜାଣି ଏହି ମୂଳ । ତାର କବଳେ ବର୍କ୍ତିଥାନ୍ତି କୁଳ ସେ ।
ମୀନ-ଧ୍ୱଜ ଶୃପେ ଶୋଭି ଯେ ।
ବିଯୋଗୀ ଯେ ଶୁକ ରଜାର ତାରଣେ ପ୍ରକାଶିତ କରେ ପ୍ରଭି ଯେ ॥
ଅଧାର-ଅଙ୍ଘ୍ରିକ ଅମ୍ବୁଜ କର । ଛବି ବର୍ଣ୍ଣିବାର କବି ଚତୁର ।
ବିରଞ୍ଚି ଦର୍ପକାର ସର୍ପ-ଛିନ୍ନ । ଚତୁର-ପଞ୍ଚ-ସହସ୍ର ବଦନରେ ।
କାହା କୀର୍ତ୍ତିଗୁଣ ଗାଇ ଯେ ।
ଅଷ୍ଟ ପଦର ବଂଶ ଶତ ନେଏକୁ ମୁଦନ୍ତି କାହାକୁ ଧ୍ୟାଇ ଯେ ॥
ବିରଜବଧୂଙ୍କ ଉରଜବଧୂ । ରଜଚନ୍ଦନ ବନ୍ଦନେ କେ ସାଧୁ ।
ଧରା ଆକାଶର ରୁଚସଂକୁଳେ । ଯଶ୍ରି ରହିଲେ କାହା ଗର୍ଭସ୍ଥଳେ ସେ ।
ସନକାଦି ପୂଜ୍ୟନଦୀ ଯେ ।
ଜନକାର୍ଯ୍ୟରୁ କାହିଁରୁ ବଜେକଲେ କନକାଦ୍ରି ହୃଦଭେଦି ଯେ ॥
ସଦ୍ମକରବାରୁ ଅର୍ଦ୍ଧଚନ୍ଦ୍ରମା । ଛଦ୍ମ କରଛନ୍ତି ପଦ୍ମ ମହିମା ।
ଗଉଡ଼ ମତାଗ୍ରୁର୍ଯ୍ୟଙ୍କ ମାଧୁର୍ଯ୍ୟ । ରସତରଙ୍ଗରେ ତାହାଙ୍କ ତେଜ ସେ ।
ଭସାଇ ନେବାରୁ ଯେନ ଯେ ।
ଫନ୍ଦାକର ଧର ରହିଛନ୍ତି ଗିର ଗୋବର୍ଦ୍ଧନ ବୃନ୍ଦାବନ ଯେ ॥
ଏମନ୍ତ ଗୁରୁଗୀର୍ବାଣଙ୍କ ଗିରୁ । କୃଷ୍ଣବର୍ଣ୍ଣ ମୋର କର୍ଣ୍ଣେ ସଞ୍ଚରୁ ।
ସେହି ସୁଧାରସ ଆମୋଦ ସ୍ଥାୟୀ । ହୃଦୟରେ ପରିପୂରଣ ହୋଇ ସେ ।
ମୁଖ ହେଲା ଉଚ୍ଛୁଳତ ଯେ ।
ଦ୍ୱିବିଧ ପୂର୍ଣ୍ଣଚନ୍ଦ୍ରସିଦ୍ଧି ନବକେ ପ୍ରବନ୍ଧ ହୋଇଲା ଖ୍ୟାତ ଯେ ॥
ଜାତ-ବେଦେ ଭୂତବନ୍ତ ସୁବର୍ଣ୍ଣ । ଗ୍ରନ୍ଥମୁଖେ ହୋଇଅଛି ଉତ୍ପନ୍ନ ।
ଶଙ୍କର-ମୁକୁଟେ ଅର୍ଜ୍ଜୁନ ପ୍ରଭା । ବହିର ପବଂରେ ପ୍ରକାଶେ ବିଭା ଯେ ।
ଏହି ଚରତେ ଏ ଗ୍ରନ୍ଥ ଯେ ।
ଗ୍ରନ୍ଥନ ହେବାରୁ ଗ୍ରାନ୍ଥିକ ବହିଲା ପୂର୍ଣ୍ଣଚନ୍ଦ୍ର ପୁରୁଷାର୍ଥ ଯେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶୁଦ୍ଧମୁଖ୍ ଏ ହୋଇଅଛି ବାହାର । ରୌଦ୍ରତା ବହି କେହି ନ ବର୍ତ୍ତିର ।
ବଧୂ ବଧୂବୃନ୍ଦ ଉଚ୍ଛିଷ୍ଟ ଜଣା । ଶିବେ ବାଜେ ଚନ୍ଦ୍ରଚୂଡ଼ ବାଜଣା ସେ ।
ପଦ୍ମାପତିଙ୍କର ପଦ ଯେ ।
ସଂଭବ ସଂପଦ ପଦାର୍ଥରେ ବ୍ୟର୍ଥ ଖଣ୍ଡିବାର ଅପବାଦ ଯେ ॥
ସୁମନ୍ତ ଦେଇଁ ବର୍ତ୍ତିର ସୁମନ୍ତ । ଅମ୍ଭୁଧି ମଧ୍ୟବର୍ତ୍ତୀ ଦ୍ୱାରିବତୀ ।
ପୁରର ଆଶ୍ଚର୍ଯ୍ୟ କଳ୍ପନା ଶିଳ୍ପ । ସଂକଳ୍ପ କର୍ତ୍ତାର ପ୍ରଶଂସା କଳ୍ପ ଯେ ।
ବସିକର କଳ୍ପକଳ୍ପ ଯେ ।
ରମା-କାମକଳ୍ପ-ପାଦପଙ୍କତଳ୍ପ ପ୍ରଜଳ୍ପନେ ହେବ ଅଳ୍ପ ଯେ ॥
ଶତକୋଠୀ କି ଶତକୋଠୀ ଗୁଣେ । ବଳ ବଳିଷ୍ଠ ହୋଇବା ପାଷାଣେ ।
ଘଟଣା ହୋଇଛି ଦୁର୍ଗ ପ୍ରାକାର । ରୁଚିତର ସୁଚିକମ ନକର ସେ ।
ତା କପାଟ ପାତ ଧ୍ୱନ ଯେ ।
ବଳସୁଁ କୈଳାସେ ମନ୍ଦିର ବଳାସେ ଭିଦ୍ୟ ଭଜନ୍ତି ସେନାମୀ ଯେ ।
ଏମନ୍ତ କୋଠର ଗୁମ୍ଫଟ ଦ୍ୱାର । ଯାର ଅହୋରାତ୍ର ପହରୀ ତାର ।
ବୃଶ ପୁଣ୍ଡରୀକ କୁମୁଦ ପର । କୃଶ ପୁଣ୍ଡରୀକ କୁମୁଦ କର ସେ ।
ହେବେ ତା ଗୃପଡ଼ ମାଡ଼େ ଯେ ।
ଦେବତାଙ୍କ ଆୟୁଧର ଧୂଳି କରି ଦେବ ତା ଆୟୁଧ ଏଡ଼େ ଯେ ॥
ଶକଟ ପ୍ରାତ ବନା ସେ କଟକେ । ନ ପ୍ରକଟନ୍ତି ଅରି ଦର ତାକେ ।
ମନ୍ଦସଂସର୍ଗତା ଚନ୍ଦନ ବାତେ । କଳି ଜନ୍ମାନ୍ତି ପୁଷ୍ପ ଲତା ବ୍ରାତେ ସେ ।
ଉଦ୍ବେଗ ମାନ୍ଦ୍ୟକ ପୂଗେ ଯେ ।
ଉପବାସେ ସଦା ରହିଛନ୍ତି ଏକା କେବଳ ବଜାର ବର୍ଗେ ଯେ ॥
ପଦ୍ମ ପଦ୍ମ ଯହିଁ ଅଛଦ୍ମ ଗିର । ପଦ୍ମ ସଦ୍ମ ଭାଗ ଦେଲି ପଦ୍ମାର ।
ଏଣୁ ପରମାନନ୍ଦେ ସାତ ବାରେ । ନୃତ୍ୟନ୍ତି ପ୍ରତି ପୁରେ ସାତବାରେ ସେ ।
ବନାଶରେ ନାହିଁ ଦର ଯେ ।
କୀନାଶ-ପୁରୁ ଗୁରୁପୁତ୍ର ଅଣିବା ବ୍ୟକ୍ତି ବରତବା ପୁର ଯେ ॥
ମହା ଉପକାରୀ ରୈବତ ନାଗ । ବାହାରଛି ବହି ବହ୍ନିକି ଆଗ ।
ଆପେ ଆପଣାର ଜଣେ ଲୁଚିଛି । ତା ଶୀତ ତାପ ବାସିତକୁ ଇଛି ସେ ।
ଏ ପରମ ସାଧୁ ମାତ୍ର ଯେ ।
ଭଣ୍ଡି ଅଖଣ୍ଡିତ ପ୍ରୀତ ହୋଇଛନ୍ତି ରୁଣ୍ଡିଭୂତ ହୋଇଁ ଯତ ଯେ ॥
ମାତଙ୍ଗ କୁମ୍ଭ ଅଗସ୍ତି ସଂସର୍ଗି । ଭୃଗୁ କପିଳ ମରୀଚି ସରାଗି ।
ସାଣ୍ଡିଲ୍ୟ କଉଶିକ ଡାକେ ବ୍ୟାସ । ଭରଦ୍ୱାଜ ଶୁକ ହାରିତ ବଶ ସେ ।
ବରାହ ରୋମାଞ୍ଚ ସଙ୍ଗ ଯେ ।
ରାମ ଶତାନନ୍ଦ ପଣ୍ଡିତ ବଦତ ଜନକ ସଞ୍ଚାର ଭଙ୍ଗ ଯେ ॥
ଚନ୍ଦ୍ରଗୁପ୍ତେ ଲେଖିବାରେ ଜୀବେଶ । ମନୁ ଜନ୍ମାଇ ଅତନୁ ଆବେଶ ।
ଗୃପିଅଧରକୁ ବହଇ ପୀଡ଼ା । ଶମନ ଦୁଃଖ ସମ କାମକ୍ରୀଡ଼ା ସେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବିଶ୍ୱର ଭ୍ରମନ୍ତି ଜ୍ଞାନୀ ଯେ ।
ନିରଞ୍ଜନାଞ୍ଜନେ ନେତ୍ରକୁ ରଞ୍ଜନ କରି ବସିଛନ୍ତି ଧ୍ୟାନୀ ଯେ ।
ବେନି ମଧୁକାଳଙ୍କର ବିହାର । ହାରି ହୃଦୁଁ ନ କରଇ ବାହାର ।
ବିଚିତ୍ର ଶୋଭାଭିରାମ ଆରାମ । ଅବସ୍ଥାରେ ଶସ୍ତା ଯୌବନ ଦାମ ସେ ।
ଅନିଷ୍ଟ ହେବାକୁ ପୂର୍ବୁଁ ଯେ ।
କରିଅଛି ଦେବ-ବନ୍ଦନ ବନକୁ ନନ୍ଦନ ବଶିଷ୍ଠ ବାବୁ ଯେ ।
ସରସୀଜବାସିନୀ ଏ ସରସୀ । ଅଭ୍ୟୁ ବରକୁ ଅଛି ପ୍ରକାଶି ।
ସନ୍ନିପାତ ରୋଗେ ସଲିଲବର୍ଗେ । ଯୋଗ ସାରସ ଯୁଗଳ ସ୍ୱରଗେ ସେ ।
ଚତୁର ନାଗରେ ସ୍ନାନ ଯେ ।
ବିଧାନ ବିଧିରୁ ଏଣୁ ହରି ଭିରୁପରି ହୁଏ ଅନୁମାନ ଯେ ।
ସେ ମହୀ ମହୀନ୍ଦ୍ର ମନ୍ଦିର ଗିରି । ପାଶରେ ଅଛନ୍ତି ଆବାସ କରି ।
ମାତଙ୍ଗ ତୁରଗ ଶତାଙ୍ଗ ସେନା । ବଜାଇ ନିଶାଣ ଉଡ଼ାଇ ବାନା ସେ ।
ଗୁଣିଲେ ତାହାଙ୍କ କୀର୍ତ୍ତି ଯେ ।
ଖଡ଼କାରଗୁଣ୍ଡ ଭିରେ କୁଣ୍ଡଳୀନ୍ଦ୍ର ମୁଣ୍ଡ ବିରଜିବ କ୍ଷିତି ଯେ ।
ଉନ୍ନତରେ କରିଙ୍କ ଗର୍ବ କେଡ଼େ । ବର୍ଣ୍ଣିବ କେ ପୂର୍ବ ପର୍ବତ ଚୂଡ଼େ ।
ନ୍ୟସ୍ତ ହେଲକ୍ଷଣି ରାତି ଅରାତି । ଅସ୍ତଗିରି ଦିଗେ ଯେତେ ଅଛନ୍ତି ସେ ।
ଅଭିସାରି କୋକୀ କୋକ ଯେ ।
ପାହିଗଲା ରାତି ଜାଣି ନ ପାରନ୍ତି ନ ବର୍ଜନ୍ତି କ୍ରୀଡ଼ା ଶୋକ ଯେ ।
ନଭ ଗର୍ଭସ୍ଥଳେ ହିରଣ୍ୟଗର୍ଭ । ନୀଚ ଉଚ୍ଚତା କରିଛି ସନ୍ଦର୍ଭ ।
ପରମ ଉଚ୍ଚ ବିଧାନ କଳ୍ପନା । ନିଧାନ ଏ ବୋଲି ବାନ୍ଧିଛି ବାନା ସେ ।
ମେରୁ କଇଲାସ ନାମ ଯେ ।
ଆଦ୍ୟ ପ୍ରାନ୍ତ କରି ଦ୍ୱିବିଧେ ଘେନିଲେ ବିରାଜନ୍ତି ମେଷ ସମ ଯେ ।
କରିଛି ଶୃଙ୍ଗକୁ ଶିଖୀରେ ଗିରୁ । ବିସୋରିଲା ସୃଷ୍ଟିଚନ୍ଦ୍ରା ଯୋଗରୁ ।
ଉତ୍ତୁଙ୍ଗ ଉତ୍ତମାଙ୍ଗ ଠେକା ରମ୍ଭ । ସର୍ଜିବାର ବର୍ଜିଅଛି ବିଜ୍ରୀଭି ସେ ।
ରଦ ପୀଡ଼ା-ବ୍ରୀଡ଼ା ଯୋଗେ ଯେ ।
ପୁଣି କାଷ୍ଠାଭିରେ ଉନ୍ନତ ସମ୍ପାରେ ଭ୍ରଷ୍ଟ ଅଷ୍ଟନାଗ ସଙ୍ଗେ ସେ ।
ବ୍ୟଗ୍ରତାରେ ଉଗ୍ରତର ତୁରଙ୍ଗେ । କାହା ସକ୍ଷ ଲକ୍ଷ୍ୟ ଦେବ ତରଙ୍ଗେ ।
ସଗର ସାଗର ବାଜୀ କି ଛର । ଶଣା ଆଗେ ହୋଇଅଛି ବାହାର ସେ ।
ତରହେବ ଗୁରୁତର ଯେ ।
ବାମନ କଣା କଙ୍କର ଏହାଙ୍କର ମୁଁ ବାମନ ପରି କର ଯେ ।
କୈରବବନର ଭୈରବ କର । ବିହାର ବିମାନ ଭୈରବଙ୍କର ।
ଅଖପରି ଯଷ୍ଟି ଅବଲମ୍ବନେ । ପାଦକେ ଗିଲନ୍ତି ପଙ୍ଗୁ ସମାନେ ସେ ।
କାହିଁ ପ୍ରକାଶିବେ ଗର୍ବ ଯେ ।
ରଥପତ୍ତି ଯୂଥ ଏହି ମନୋରଥ ବିରଚନ୍ତି ଖର୍ବ ଖର୍ବ ଯେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଚମୁଙ୍କ ନିଶାଣ ଚମକ ଭିଡ଼ । ଧାଇଁ ଝାଇଁ ଝାଲ ଯମୁ ଜନ୍ମାନ୍ତି ।
ନାଶିର ବିହାର ବଇଜୟନ୍ତି । ଜାତକର ବାତ ଶ୍ରାନ୍ତ ହରନ୍ତି ।
ତପନ ରୂପତ ବହି ଯେ ।
ଜ୍ୟେଷ୍ଠରେ ପ୍ରକୃଷ୍ଟ ତପ୍ତାକାର କୃଷ୍ଣ ସେ ସ୍ଥଳେ ପକାନ୍ତି ନାହିଁ ଯେ ॥
ଜଗତ ତତଙ୍କ ଘଞ୍ଚେ ସଞ୍ଚାର । କରନ୍ତେ କି ବାତ ଅରୁଣ କର ।
ବଜ୍ରପାତ ଘାତ ଛେଦନ ବିଧି । ପୂର୍ବରୁ ଯେବେ ନ ଥାନ୍ତେ ଆଗ୍ରହି ସେ ।
ତାଙ୍କ ଧ୍ୱଜ ବାତୋଦୟେ ଯେ ।
ମେରୁମନ୍ଦର କରି ପତ ନ ଥିଲେ ଉଡ଼ିଥାନ୍ତେ ଦେବତାଏ ଯେ ॥
ଦ୍ୱିଜବୃନ୍ଦାନନ୍ଦ ଦାନେ ରଗତା । ବହିବାରେ ତହିଁ କାର ବନିତା ।
ଅବଲାଙ୍କୁ ବଳ କୁହନ୍ତି ପୁଂସେ । ବହିଛନ୍ତି ସିନା କର ଶିରଷେ ସେ ।
ଚଉରେ ବିସ୍ତର କର ହେ ।
କେଶଦୃଶ ନାଶା ଭୂଷା କଣ୍ଠ ସ୍ତନ ଗମନେ ବୁହା ତାଙ୍କର ଯେ ॥
ପତନରେ ବଜ୍ର ବଡ଼ଭି ଶୋହେ । ପତନରେ ବଜ୍ର ବଡ଼ଭି କୁହେ ।
ଧମ୍ମି ମଲ୍ଲମାନେ ଏମନ୍ତ ଭଲ । ଦାମ୍ନି ପଲଙ୍କର ଚରଣ ଧୂଳ ସେ ।
ଦେବଦେବ ଦ୍ରୁମ ମୁଣ୍ଡେ ଯେ ।
କଛୁ କେ ନ ମାଗୁଁ ଇଚ୍ଛିତ ପଦାର୍ଥ ବଞ୍ଚିଦେବା ଧେନ ଦାଣ୍ଡେ ଯେ ॥
ମଧୁକ ମଧୁର ଅମୃତନତ-ଶିର ହେବାଗିର କରନ୍ତି ଜାତ ।
ସିଦ୍ଧିରୁଦ୍ଧିନାଥ ସିଦ୍ଧିରୁ ଧିକ । ଅଧିକ ନୋହିବାରୁ ପ୍ରସିଦ୍ଧି କି ।
ମଣ୍ଡିତ ପଣ୍ଡିତ ଗଣ ଯେ ।
ତୁମ୍ବୁରୁ ନାରଦ ଗାଇଲେ ନାରଦ କରିବା ଗୁଣୀଙ୍କ ଠାଣ ଯେ ॥
ରସାତ୍ମକ ବକ୍ରଉକ୍ତି ଜୀବନ । ପ୍ରଧାନ କରି ତାର ଏ ବିଧାନ ।
ବୟ ବୃନ୍ଦେ ରସ ବିଷୟ ବିଷ ; ଦେଖି ନାହିଁ ନାସ୍ତି ନେଦ୍ଧ ବଳାସ ।
କବିପଦେ ଯାହା ଶୁଦ୍ଧେ ଯେ ।
ଦିବାକର କାକ ବୋଲଏ ଏଡ଼ାକ ବନ୍ଧେ ଜାତ କବି ଚନ୍ଦ୍ରେ ଯେ ॥
ମୋକ୍ଷ କରଦଏ ବେଦ ଶରୀର । ମୋକ୍ଷ ଏ ନବଦ୍ରେ ଭାବମାଙ୍କର ।
ପୁରାଣ ଏ ବୋଲି ନ କର ଡର । ପାଣିନି ବାକ୍ୟେ କରିବେ ଇତର ସେ
ଜଡଛନ୍ତି ଅନ୍ତରେକେ ଯେ ।
ପଢ଼ିଛନ୍ତି ବାତ୍ସ୍ୟାୟନ ଶାସ୍ତ୍ର ଯେଉଁ ଚତୁରାଗୀ ଉପାସିକେ ଯେ ॥
ଦ-ଅଷ୍ଟ ଯୁଗଳ ପୁରାଣେ ଯୋଗ । ସିଦ୍ଧାନ୍ତ ବିଧିବିଧାନେ ବିରାଗ ।
ବହିଛନ୍ତି ମନେ ନଣୀ ଦିବସେ । କହୁଛନ୍ତି କର ନବେଣି ନଣେ ସେ ।
ଉଦ୍ଧାରଣ ଧାମ ଗମା ଯେ ।
ସାକ୍ଷ୍ୟ ପ୍ରତ୍ୟକ୍ଷରେ ମୋକ୍ଷଦ ବକ୍ଷରେ ସୌଖ୍ୟଶୀଳକାନ୍ତି ରମା ଯେ ॥
ଶୋଭା ନ ଦଶନ୍ତି ଗଣିକାହାରେ । ଏମନ୍ତ ଯେ ତାଙ୍କୁ ଗଣି କାହାରେ ।
ବିଟପୀ ଅମୃତପାମ୍ନି ରମ୍ଭାକୁ । ବିଟପୀ ଅମୃତପାମ୍ନି ରମ୍ଭାକୁ ସେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସମ କଲେ ନ ଘଟଇ ଯେ ।
ରସାବଳୀ ତାର ନେତ୍ର ଗଳପଡ଼ି ମନ ମୋହନ କରଇ ଯେ ।
ଧାଇଁ ଧରି ଅଙ୍କୁ ରଙ୍କୁ ଖାଇବେ । ଅତି ଜ୍ୟୋତିକ ଚନ୍ଦ୍ର ଦେଖାଇବେ ।
ପ୍ରଦୀପ ପ୍ରଦୀପ୍ତି ପାଇ ଆଦର । ଆଚରଣ କି ଆଚରେ ତସ୍କର ।
କଣାଦେ ଆଚରି ଭୟ ଯେ ।
ଗାଢ଼ ବନକୁ ଧ୍ୟାନକୁ ନ ଛାଡ଼ନ୍ତ ଥିବାଯାକେ ଚନ୍ଦ୍ରୋଦୟ ଯେ ।।
ଜଗ୍ସନ ହୃଦେ ଧର୍ମକୁ ବର୍ଜି । ଗୁମ୍ମାନେ ଏମାନ ସମୁଦ୍ରେ ସର୍ଜି ।
ମୁଷ୍ଟିକାରି ହରି ବହିରବାର । ଦୃଷ୍ଟିପାତେ ଦେବେ କଲେ ବିସ୍ତର ସେ ।
ଅନଷ୍ଟ ଏ ଦୁଷ୍ଟ ନାଶେ ଯେ ।
ଚକ୍ରୀ ଚକ୍ରବର୍ତ୍ତୀ ଚକ୍ରିଙ୍କ ସଙ୍ଗତ ଲବଣାବ୍ଧି ମଧ୍ୟେ ଦଶେ ଯେ ।।
ଅଜ୍ଞାନୀ ଯେ ଜ୍ଞାନୀ ବିଭଗତରେ । ଲଭେ କି ଚଟକ ବିଭଗତରେ ।
ଯେ କଲେ ପଶୁକୁ ବିଭଗତିରେ । ମଜ୍ଜିଛୁ ଯେ ତାଙ୍କ ବିଭଗତରେ ।
ଗୃତକ ଦୀକ୍ଷାକୁ ଧରି ଯେ ।
ଜ୍ଞାନୀ ସେ ତା ତୋଷ ପ୍ରଦାନେ ଏ ରସ ହକ ବଳାହକ ବାରି ଯେ ।।
ଚତୁର୍ଦ୍ଦଶ ଦ୍ୱାଦଶ ଷୋଡ଼ଶ । ଚକ୍ର ଚଳକୁ ଜାତ ହେବା ଘୋଷ ।
ଶ୍ରୀଗୁଣ୍ଡିଚ୍ଚ ବାହୁଡ଼ାରେ ଚୌରଶି । ଜୟଶଙ୍ଖ ପରି ଯାଏ ଆଭାଷେ ।
ଏମନ୍ତ ଉତ୍ସବ ଇଚ୍ଛି ଯେ ।
ଦିବସ ରଜନୀ ଏ ଭାବ ଭଜନୀ ଗ୍ରନ୍ଥକାର ହୋଇଅଛି ଯେ ।।

ତୃତୀୟ ଛାନ୍ଦ

ରାଗ—ଆହାରୀ

କ୍ଷୀରସାଗର ଉଦର ଆଦରଛି ନବ ମୁଦିର ଜ୍ୟୋତି ସଙ୍ଗ ।
ତଣ୍ଡ୍ରୀ କଣୀଧବ ଧବଳେ ମିଶିଛି ଅଧବଳ ବିଷ କୁରଙ୍ଗ ।
ହାସେ ରମ୍ଭାର । ନୀଳମାର ନାହିଁ ସଞ୍ଚାର ।
ଏପରି ବିଦଗ୍ଧ କୀର୍ତ୍ତି ଯାର ଶୁଦ୍ଧ ସେହି ଏହି କଳା ବିସ୍ତର ।।
ଭିଷ୍ମକ ଆନନ୍ଦ ଜନ୍ମାଇଲା ବନ୍ଦୀ ବନ୍ଦିବା ପଦକ ଭାଷା ଯେ ।
ରୁକ୍ମଣୀ କ୍ରନ୍ଦନେ ନୀଳମଣି ମେଳ ବହନ୍ତେ ପଦକ ଭାଷା ଯେ ।
ଧନ୍ୟ ଦେବୀଙ୍କି । ମଣ୍ଡିବା ଦାସୀଏ ଇଚ୍ଛିଲେ ।
ଡାକିଲାଣି ପିକ ବିପିନେ ଠାଠିକ ସ୍ୱରୂପା ଯିବା କି ଭାଷିଲେ ।।
ମଧୁ ସଙ୍ଗୀ ରତିବନ୍ଧୁ ଥିବ ଜୀବ ନେବ ମୁଁ ଏକାକି ଲଳନା ।
କୁହଇ ଉଚିତ କଣ୍ଟିତ କୁଞ୍ଚିତ କୁନ୍ତଳା କରି ନା ଜଳନା ।
ମହାଅହରେ । ବହଇ ନାହିଁ ସେ ସୋରଷେ ।
ଯେବେ ବା ବହିବ ତେବେ ପଳାଇବ ତବ ଲୋକନେ କଶୋଷି ସେ ।।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପରସ୍ପର ବର୍ଗ ଆଚରିଲେ ମାର୍ଗ ମାର୍ଜ୍ଜନା ସିଦ୍ଧି ବେଗକର ।
ଶିଳ୍ପ କଳ୍ପନାରେ କମଳ କୋମଳ ଦଳ ବହଳ କର ପାର ।
ତାହା ଉପରେ ।   କେତକୀ ଗର୍ଭସ୍ଥ ରଜକୁ ।
ସୁସଞ୍ଚେ ସିଞ୍ଚି ଯେ କରାଇଲେ ବଜେ ଅବଳା ସମାଜ ରାଜକୁ ।
ସନକ ଅଙ୍ଗୀରସବଶୀ କନକ-ଅଙ୍ଗୀ ନୃପଜା କର ସଙ୍ଗୀ ।
ଲଙ୍ଘିତ ବିଦ୍ୟା ବିନୋଦ ଜଣେ ଜଣେ ସଙ୍ଗୀତ ରାଗ ରଙ୍ଗେ ରଙ୍ଗି ।
ମୃଗ ମୟୂର ।   ପୁଚ୍ଛ ପିଚ୍ଛ ଲୀଳା ପ୍ରକଟେ ।
ଊର୍ଦ୍ଧ୍ୱତେଜ ରୁଦ୍ଧ କଲେ ଯାଉଥିଲେ ଶୁଦ୍ଧ ହୀରା ଦ୍ୱିରା ଆଲଟେ ।
ବିଥିକ ମାତ୍ର କନକ ଦଣ୍ଡଛତ୍ର କେଉଁ ଶତପତ୍ର ଲୋଚନା ।
ଠେକିଲି ଡାକିଲି ସାବଧାନେ ଜଣେ ଛଣାମୃତଜଣା ବଚନା ।
ଗିନ ମର୍ଦ୍ଦଳ ।   ବେଣୁ ବୀଣାରବା ଅମୃତ ।
ବାଦକୁ ଗାୟକୁ ବରଷିଲେ ବିନ ବସୁଧାରେ ସୁଧାଂ ପୃଷନ୍ତ ॥
ପତି ଶବରୀଶ ଗତି ବିମର୍ଦ୍ଦନ ହାସ ବିରାଜିତ ଆନନେ ।
ଆଚରି ଚର୍ଚ୍ଚରୀ କେଳିକ ମିଳିଲେ ଯାଇଁ ପାରିଜାତ କାନନେ ।
ରବିବତରେ ।   ବିରାଜନ୍ତ ଅବିରତରେ ।
କବି କଣ୍ଠାଟୀ ମୋଦ ନାନାପତ୍ର ବିରଚିଲି ଅଭିରତରେ ॥
ଦଣ୍ଡୀ ମୋତି ଜ୍ୟୋତି ଖଣ୍ଡି ମଣ୍ଡି ଦେଲି ଚଣ୍ଡୀଶ ଅଗ୍ରତ ତୁଣୀର ।
ସଂଗ୍ରହ ବିଗ୍ରହ ଅନ୍ତବାଣ ବ୍ରାତ ମୁଦ୍ଗର ଆକାରେ ରୁଚିର
କରୁଁ ବିବର୍ତ୍ତି ।   ଲପନ ଚୂର୍ଣ୍ଣି କୁନ୍ତଳକୁ ।
ଉଦିତ ଚନ୍ଦ୍ରମା କରଣ ସୁଷମା ରମା ମୁଖ କଲି ତଳକୁ ॥
ଅଞ୍ଜନ ଲାଞ୍ଛିରେ ରଞ୍ଜନ ହୁଅନ୍ତେ ବହିଲି ଏ ପରିପାଟିକ ।
ଜାବଦେଇଥାନ୍ତି ପାବକରେ ଯଥା ଚକୋର ଶାବକ ଦ୍ୱୋଟିକ ।
ରୋମରେଖ. ତ ।   ଦେଖ ରେ ହୋଇଲି କୃପଣ ।
ସୁରଙ୍ଗ ବନାତ କୋଷରେ ଯେମନ୍ତ ଛପିରହିଥାଏ କୃପାଣ ॥
ହଂସକର ଯଥା ସୁରତ ପତ୍ରିତା କଟୀ ଘଣ୍ଟିରବେ ବଇର ।
ହଂସକର ସ୍ୱନପତ୍ର ହେଲା ବନ ପତନ ହେବାରେ ଅଭିର ।
ରହି ସ୍ଥକିତ ।   ସବେ ସ୍ଥଉଲେ ପିଛୁଡ଼ାକୁ ।
ସ୍ୱୟମ୍ଭୂଦେବୀ ତୟିଙ୍କ ଶୋଭାଯଶ ଦ୍ରୁମେ ଲଗାଇଲେ ତଡ଼ାକୁ ॥
ଧରାଧର ପୟୋଧରା ଧୀରବୃନ୍ଦ ଧରାଧର ହୋଇଁ ବାହାର ।
ନୂପୁର ରମଣୀ ଶ୍ରେଣୀ ଶିରୋମଣି ଉଦବାସ ହାସ ଆଦର ।
ଭଙ୍ଗୀ ରଚନେ ।   ରଙ୍ଗୀ ଯେ ଉଛାଇଲେ ଯେଣୁ ।
ବିପତ୍ତି ପତନ ବିମଳ କମଳେ କୁମୁଦ ବିକାଶିଲି ତେଣୁ ॥
ବୁଧଜା କଥିତ ତା କଥନ ପ୍ରାନ୍ତ ପୁଷ୍ପ ନେତ୍ର ନ କର ମିଳନ ।
ଆଦ୍ୟକୁ ମିଶାଇ ଯେନଲେ ଯେ ହେଲି ତାହା ବର୍ଣ୍ଣି କଲି ମଳନ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତନବର୍ଣ୍ଣିକୁ ।   ବ୍ୟସ୍ତ କଲେ ଯାହା ବାହାରେ ।
ତାଙ୍କ ଶୟନାବ୍ଧି ତରଙ୍ଗେ ବିଶ୍ଳେଷ ହୋଇଲା ଏହି ସମୟରେ ।
ପାନ ପାନକରୁଁ ସୁମୁଖୀ ସଖିଏ ଆଖି ନିକ୍ଷେପିଲେ ଅଧରେ ।
କହିଲା ଏହା ବାଧୀ କେ ସମ୍ମାଦେହା କପାଁ ରଙ୍ଗ ହେଲା କ୍ରୋଧରେ ।
ଭସ୍ମେ ରଙ୍ଗିମା ।   ଛୁପାଇଛନ୍ତି ବିମ୍ବଫଳେ ।
ପଲ୍ଲବ ମନ୍ଦାର ଶରଣ ତୋହର ଚରଣ ଶତପତ୍ର ତଳେ ।
ସନ୍ତତରେ ଚିତ୍ତ ରତ କରି ଗୁତ ବିତରଣ କଲୁ ମନ୍ଦାକ୍ଷ ।
ଯେ ଦତ୍ତ ସେ ପ୍ରାପ୍ତି ପୁରାଣେ ବଦତି ତୋତେ ପ୍ରାପ୍ତ ହେଉ ମନ୍ଦାକ୍ଷ ।
ଏହି ଉତ୍ତର ।   କହି ମହୀପତି କୁମାରୀ ।
କବିପୁତ୍ରୀ-ନେତ୍ରଛବି ଭଙ୍ଗିଦେଲା ଅବୀରରଜ ମାରମାର ।
ଲତାନ୍ତେ ଲୁଚି ଡାକିଲା ଡାକମଧ୍ୟା ବାକ୍ୟେ ଧୀବର ଗୁ ବୋଲାଉ ।
ନାରୀ ନେତ୍ରମୀନ ପଦବୀ ଅଛୁତ ଉଚିତ ତୋର କର ଦାଉ ।
ରାଗି ଶଶୀର ।   ପ୍ରଣୟ ଦୃଢ଼ିମା କେମନ୍ତ ।
ଅବୀରାଙ୍କିତ ଅଶ୍ରୁଜଳଛଳେଟି ସେହି ବାନ୍ତ କଲା ଶୋଣିତ ।
ଅମରଧେତ ଅମରମାର୍ଗେ ଗତ ରଚୁଥିଲେ ଦ୍ୱାରବତିକ ।
ସଙ୍ଗିନୀସଙ୍ଗ ସଙ୍ଗୀତ ଗୀତରଙ୍ଗ ରାଜ ବାଜିଗଲା ଶ୍ରୁତିକ ।
ବାଳା ବିଳାସ ।   ବନେ ପ୍ରବେଶ ହେଲେ ଯାଇଁ ।
ଅଘକର୍ତ୍ତନ କର୍ତ୍ତା କୀର୍ତ୍ତି କୀର୍ତ୍ତନ ନର୍ତ୍ତନେ ରସନା ରସାଇ ।
ବହିଛନ୍ତି ମୁନ ମୁକୁଟପିଙ୍ଗଳ ଜ୍ୟୋତିଜଟଭସ୍ମ ଭୂଷିତେ ।
ଗଇରିକଶୃଙ୍ଗେ ନିଘନ କୌଶିକ ଘନ ହୋଇଥାଇ ଯେମନ୍ତେ ।
ଚନ୍ଦେ ଚନ୍ଦ୍ରିକା—ଚୟୂର ଶୃଗୁଳୀ ଯେସନ ।
କଳିତ କରିଛୁ ବଦନ ଶୋଭାକୁ ପଳିତ ଶ୍ମଶ୍ରୁ ତେସନ ।
କରକଦନ୍ତୀ କରକଞ୍ଜ ଝଟିତ କୋରକିତ ହେଲା ଦେଖି ଯେ ।
ବଲ୍ଲକୀ ଅକ୍ଷମାଳାକୁ କକ୍ଷକଣ୍ଠେ ଅତି ତୂର୍ଣ୍ଣେ ଦେଲେ ରଖି ଯେ ।
ରହି ଆନମ୍ରେ ।   ଅଞ୍ଜଳି କରି କରଦ୍ୱୟ ।
ବହିଜ ବହି ଯତନେ ଏ କଲ୍ୟାଣ ମୋହି ଘେନଗଲେ ହୃଦୟ ।
ଯାହାଙ୍କ ଲୋକକୁ ତ୍ୟକ୍ତ କଲେ ମନୁ ମୁକ୍ତ ହୋଇଯିବା କର୍ମକୁ ।
ନିର୍ବିକାରିତ ପଟୃର ଆଚରିଲେ ଭାରୀ କ୍ଲେଶ ନାହିଁ ଜନ୍ମକୁ ।
ସେହି ମୋହନ ଅପଘନେ ହୃଷ ନିଘନ ।
ବଜୁଳୀ ଝଳ ବିମ୍ବସ୍ଥଳ କଳନ୍ଦଜାଭଳ ଦଶୁ ବଳମର୍ଦ୍ଦନ ।
ଧରଣୀଶିଖୀ ଦକ୍ଷିଣକର ଧର ଥିବା ଜବାଧରୀ ଉତ୍ତର ।
ଚାତକ କୋଟି କଲ୍ପରେ ଅଳ୍ପ ବୃଷ୍ଟି କେଉଁ ପୁଷ୍ଟି ଘନାଘନର ।
ଋଷି ଭାଷିଲେ ।   ହାସେ ମଣ୍ଡିଦେଇ ଅଧର ।
ଶ୍ରୀପତି କୀର୍ତ୍ତି ନର୍ତ୍ତକୀ ନୃତ୍ୟସ୍ଥଳେ ପାଉଦେଲାପରି କର୍ପୂର ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ମହେନ୍ଦ୍ରମଣି ସୁନ୍ଦର ଯଦୁବୃନ୍ଦ ପୁରନ୍ଦର ରୌପ୍ୟକନ୍ଦର ।
ନାଥ ଯା ପାଥୋଜ ପଦାଙ୍କେ ପକାନ୍ତୁ ମଥା ମୁଦ ନେତ୍ର ଷନ୍ଦର ।
ଅଷ୍ଟ ନେତ୍ରର । କଷ୍ଟ ହରଣେ ସେ କୁଶଳ ।
ଯାହା ରୋମମାଳ ଲତା ଆଳବାଳ ସଦୃଶ ବ୍ରହ୍ମାଣ୍ଡ ମଣ୍ଡଳ ॥
ଦ୍ୱାରକାପୁର ତାରକାବରକର ବର ବରଣେ ନାହିଁ ରସି ।
ନଟଖଞ୍ଜରୀଟ ନେତ୍ରୀ ରାଜପୁତ୍ରୀ ଏ ହେବ ତା ପଟ୍ଟମହିଷୀ ।
ଶୁଣି ସନ୍ନ୍ୟାସି- । ଜ୍ଞାନ ବିନାଶୀ ବାମକର ।
ନ୍ୟାସୀ ହେବା ଦାସୀ ରାଗ ମିଶା ମିଶି କରି ଦତ୍ତ କଲା ଉତ୍ତର ।
ଶଙ୍କର-ପରଜରେ ପଡ଼ି ରହିଲେ ଯୋଗ ଅଶାବରୀ ଗଉରୀ ।
ଲଳିତ ବସନ୍ତ ଭୈରବ ହେବାରୁ ବହିବ କୋଳାହଳପୁରୀ ।
ମାଳବରେ ଯେ । ହୋଇବ ଶଙ୍କରାଭରଣ ।
ବିଷଆହାରୀ ହୋଇବୁ ନ ଭେଟିଲେ ମୋହନା ମଙ୍ଗଳ କଲ୍ୟାଣ ॥
ଋଷି ଭାଷେ ମେଘ ମଲ୍ଲାରୁ କେଦାର ପାଳି ତୁ କାମୋଦିତ ହୁଏ ।
ସେହି ତୁ ବିଭାଷ କଳହଂସଗତି ବୃଥା କେଶ ଘଣ୍ଟାରବ ଏ ।
ପୁରବୀଦତ । ପରେ କାଳି ନାଟ ହେବାର ।
ଲୁଚିଲ୍ ମନରେ ଗୁପ୍ତ କରି ଯଥା ତଥା ଏ କଥାକୁ ବିଚାରି ॥
ସୁରଠ ହେଲେ କାଫିକୁ ଲେଉଟାଇ ମୁଖରେ ପ୍ରକାଶ କରିବେ ।
ସାରଙ୍ଗ ସଙ୍ଗବର୍ଜିତ ସେ ମଜିତ ମୁଖୀଙ୍କି ପୁଂନାଗ ହରିବେ ।
ଏହି ଆନନ୍ଦ । ଭୈରବୀ ଦର୍ଶନେ ହେବ ଯେ ।
ବଙ୍ଗଳା ଶ୍ରୀଜଲ ଜନନ ଜଳଜ ପଦ ମୂଳ କରି ଭାବ ଯେ ॥
ରୁଣ୍ଡୀଭୂତ ନାରୀ ମୁଣ୍ଡିଆକୁମାରୀ କ୍ଷଣ୍ଡୀଶ କୁମାରୀ ସଙ୍ଗତେ ।
କଲ୍ୟାଣେ ପ୍ରବୀଣ ବୋଇ ସୁପବାଣ ଯତି ଗତି କରେ ତୁରିତେ ।
ସବେ ମିଳିଲେ । ଏପରି ପ୍ରମୋଦ ନଦରେ ।
ଅଣିମାଦି.ଅଷ୍ଟନିଧିଙ୍କ ଅଦୃଷ୍ଟ ଆଣି ନ ଆଣିଲେ ନଜରେ ॥
ମନମୋହନା ଅଗ୍ରସର ଗହନେ ବହନ ହୋଇଲେ ପ୍ରବେଶ ।
ସ୍ୱାର୍ଦ୍ଧ ସୁଧା ସୀତା ସ୍ୱାଦୁ ଗର୍ବହନ୍ତା ଉକ୍ତି ଦାନେ ହେଲେ ଉଲ୍ଲାସ ।
ଜଣେ ଭଣିଲା । କାମପୂର୍ତ୍ତି ଧାମ ପରିଏ ।
କେମନ୍ତ ? ସୀମନ୍ତ ଶୋଭାଏ ପଚ୍ଛରୁଁ ଉଛାଇଲା ଚ୍ଛରୁଣୀଲାଏ ॥
ବଜ୍ର ବଟାରେ ବିଜୟ କରାଇଛି ବଜ୍ରକୀଟ କଟାଉପଲ ।
କପଟ ତରାଟ ସୌରଭ କରାଟ ଧନେ କୀଣା ହେବା ଭ୍ରସଳ ।
ଦେହେଁ ପରାଗ । ଲାଗିଛି କରି ଯା ବିବେକ ।
କରି ନାଶ ବିଧୁଁ ବନ୍ଧ ଯାଗ କୁଡ ଲଗାଇଛି ମଧୁ ପୂଜକ ॥
ଜଣେ କମାଣଭ୍ରୂରୁ ଭଣେ ପ୍ରମାଣ ଅର୍ଚ୍ଚନ ଅଛି କି ସରିଛି ।
ହେଠେ ଦାଡ଼ିମ୍ବ ରମ୍ଭାଫଳ ପାଖୁଡ଼ା ଡାଳପାତ୍ରୀ ରଖା ହୋଇଛି ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶୁଣି ସେ କହେ ।   ସ୍ୱାନ୍ତରେ ଭ୍ରାନ୍ତ କରି ଧେନ ।
କଂକେଲି ଗୁଚ୍ଛରୁ ଅଳି ଚଳିବାର ଗଛେ ମୀଗ୍ରଜନ ମାଳିନ୍ୟ ।
ଅକାଯ୍ୟ୍କୁ ଥାଯ୍ ଗୁଳି କାଣ୍ଡଚୟ୍ ବରଦ ହେଲେ ଏ ସ୍ୱଚ୍ଛରେ ।
ଯେଷି ଏକାକ ପିଷିତ ଆଣିଅଛୁ ଭୃଙ୍ଗ କରଦ୍ୱୀର ଛିରେ ।
ଶୁଣି ନୃପଜା କର୍ମ ବହିଲେ ଅପଘନେ ।
ଶୈଳମେଳ ବକ୍ଷସ୍ଥଳେ ନେତ୍ରାଞ୍ଚଳ ରଖି କେ ଭାଷିଲ୍ଲି ବଚନେ ।
ପୁଷ୍ପାୟୁଧ ବ୍ୟାଧ ଜାଲ ବନ୍ଧା କୋକ ଯୁଗଳ ହେଲେ ଅଳସାଇ ।
ଏ ଦର ବରଜ ନ କର ଉରଜ ହରଙ୍କୁ ଅଶ୍ରୁଜଳ ଶାୟୀ ।
କାମ୍ୟ କର୍ମରେ ।   ଲେଖିଛୁ ଶୂଲ ଗୋ ଖୋଜିବା ।
ଈଶ୍ୱର ଦାନରେ ମାଧବୀ ମିଳିଲେ ବାନ୍ଧବୀ ଏ ତନ୍ତ୍ରା ହରିବା ।
ଶୀର୍ଣ୍ଣ ମଧ୍ୟାକୁଳ ସ୍ୱର୍ଣ୍ଣ କର୍ଣ୍ଣୋତ୍ପଳ ପ୍ରଥମା ପୋଛିଲେ ଶ୍ରୀମୁଖ ।
କହିଲ୍ଲା ପଦକପର ଏ ପଦକ ହେଲା ନୋହିଲ୍ଲା କ ପରଖ ।
ଅଳୀ ବଧୂଲ୍ଲି ।   କେଳିକ କେ କଲ୍ଲା ବଗ୍ଧର ।
ବନ ବନତାର ଅଞ୍ଜନବନ୍ଦୁଏ ସିନ୍ଦୂର ଚଢାନ୍ତେ ସୁନ୍ଦର ।
କେ କହିଲ୍ଲା ନାଗେଶ୍ୱର ପଦ୍ମତୋଳା ବଦ୍ୟାରେ ନିପୁଣ ମୁଁ ଅଟେ ।
ଶୁଣି ବେନ ଅର୍ଥ ମଣି ରମଣୀ ଏ ବେନ ଅର୍ଥକୁ ରଖି ରଟେ ।
ତେବେ ଭୋଗୀର ।   ବିହାର ବିଧାନ କରିବୁ ।
ରଜନକର ଗ୍ଧଳେ ସେ ନାଗର ଉଗ୍ର ପରତାପ ହରିବୁଁ ।
ବନଭ୍ରମଣ ଶ୍ରମ ଘର୍ମ ହରଣେ ଆଶାରେ କାସାର ତୁଠରେ ।
ହର କୋପନା ସ୍ଥାପନା ବଟଦ୍ରୁମ ବଦ୍ରୁମ ଗୌରୀଣି ପିଠରେ ।
ସର୍ବେ ବସିଲେ ।   ମୋଦ ପୂରିଣ ପରିପୂର୍ଣ୍ଣ ।
କରଣେ ରସିକ ଭାବ ରସିକାଏ ଏ ଭାଷାରେ ହେଲା ପ୍ରବୀଣ ।
କ୍ଷତ୍ରିୟକୁଳସମ୍ଭବା ଯେ ତାହାକୁ ଅବଳା ପଦ ଅସୁନ୍ଦର ।
ବନ୍ଧୁ ପୁଣ୍ଡରୀକ ଆଣତ ଓଠାର କଠାରି କଟାକ୍ଷ ତୋହର ।
ମହା ବଳିଷ୍ଠ ।   ପଦବୀ ବାହାର ବହିରୁ ।
ଦୁର୍ନୀତ ଜାଗ୍ରତ ଜରନ୍ତ ବନିତା ଶ୍ରୁତିରେ ଏ ଉକ୍ତି ବହିରୁ ।
ବିଷ କରଗତ କରିବାରେ ରତ ନଷ୍ଟେଁ ହେଲେ ଏହା ଜାଣିଲ୍ଲା
ସେତ ନୀତିଶାସ୍ତ୍ର ଚନ୍ଦ୍ରର ଚକୋର ନେତ୍ର ରଙ୍ଗ ହେଲା ଭଣିଲ୍ଲା
ଦେଲ୍ଲା ରାଣୀଙ୍କ ।   ରାଣ ଲଙ୍ଘିଲେ ହେବ ଦ୍ୱନ୍ଦ ।
ଅରବିନ୍ଦକନ୍ଦ ଉତ୍ପାଟନେ ପଦଦ୍ୱନ୍ଦ ଚଳନେ କର ବନ୍ଦ ।
ମାରମଦରାଗୀ ମଧୁପସଂସର୍ଗୀ ଏ ସକଳେ ବୁଡ଼ିରହିଛୁ ।
ଭୁମ୍ଭ ଚହଟ ଆରମ୍ଭରୁ ରମ୍ଭରୁ ଦାଢ଼ି ଶୋଭି ମୁଖ କାଢ଼ିଛୁ ।
ଦେଖି ଦେଖିବା ।   ଦେଖାଅ ବୋଲନ୍ତେ ସଖିଏ ।
ମାଣବକ ଅଳୀକେଳି କୂତସ୍ଥଳ କଞ୍ଜେ ନବେଶିଲ୍ଲା ଆଖିଏ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କହେ ଚତୁରୀ ଏକଥା ଶୁଣୁ ଏ ରୁଦ୍ରନେତ୍ରାନଳଭୂତିକି ।
ଭଜିବାର ମାତ୍ରେ ଶମନ ବିକଳେ ଘଟେ କି ଘଟାଉ ଭୀତିକି ।
ବୁଦ୍ଧି ଗଭୀର । ନ ଥିଲେ କିର ବିଦ୍ଧନଦୀ ।
ଏକାଳେ ଅସ୍ତ ଅବସ୍ଥାରେ ପ୍ରଶସ୍ତ ହେଲେ ବିଲୋମ ବିଧିନଦୀ ॥
ଦିଶିଲେ ସିଙ୍ଗାଳ ବଳକବଳିତ ହସନ୍ତୀ ଅନଳ ଆକୃତି ।
ତରମାଚଳେ ଚକୋରଚବଣରେ ଚତୁର ହୋଇଲା ଝଟିତି ।
ଜ୍ୟେଷ୍ଠା ଧନିଷ୍ଠା । କାନ୍ତକାନ୍ତ କର ମଞ୍ଜିଷ୍ଠା ।
ପ୍ରକାଶୁ ପ୍ରକାଶେ ଏଭାଷେ କି ନାଶେ କ୍ଷୀରସାର ମିଠା ପ୍ରତିଷ୍ଠା ॥
କୁଣ୍ଡଳ ଆକୃତି କୁଣ୍ଡ ମଧ୍ୟବର୍ତ୍ତୀ ଚନ୍ଦ୍ର କ୍ରୀଡ଼ା ହୋମ ଦହନ ।
ବିସର୍ଜ୍ଜନ ପ୍ରଧାନକର ପତନ ସ୍ଥଳ ଇଛ ମିଛ ଲାଞ୍ଛନ ।
ଅଙ୍ଗ ସୁରଙ୍ଗ । ଭଙ୍ଗ ପ୍ରସଙ୍ଗକୁ ଲୋଡ଼ୁଛି ।
ଧରିଛି ଧବଳ ବିଭୂତିକି ଯାହା ବିଭୂତି ବିତମା ବଢ଼ୁଛି ॥
ଜାଗ୍ରତ ଉଗ୍ର ହେବ ଭାବି ବ୍ୟଗ୍ରକୁ ଗମନ ସର୍ଜ୍ଜିଲେ ସକଳେ ।
ମହାମଲ୍ଲ ତିକାସାଧନ ଆଶଙ୍କା ଅଙ୍କୁରଇ କୁଚ ଯୁଗଳେ ।
ପୁରେ ପ୍ରବେଶ । ତ୍ରିପୁର ପରବଶା ହୋଇଲେ ।
ବୃତ୍ତି କରଥାନ୍ତି ନିତି ଯେ ମୀତିକି ସେ ସେବା ଆଦର ତିହିଲେ ॥
ମୂର୍ଚ୍ଛି ଲୋଳା ଏଳା ନଳାଚଳ ଲୀଳା ଇଚ୍ଛିତ ପାମର ସଂସର୍ଗ ।
ଖଡ୍ଗ ବରଷାରେ ଧଡ଼ୀ ରହିବାରେ ଦାଣ୍ଡେ ଭଡ଼ଭଡ଼ ସଡ଼ଗ ।
ଗ୍ରନ୍ଥ କର୍ତ୍ତାର । ଉଦ୍ଧାରେ ସେ ଦୟା ଶକଟ ।
ତକା ତକ୍ଷ ତକବାହ୍ନ ଦଣ୍ଡାଲୋକ ଧର ପ୍ରକଟନ୍ତି ଯପଟ ॥

ପଞ୍ଚମ ଛାନ୍ଦ

ରାଗ—ଚୋଖି

ଚତୁରପଣ ପ୍ରବୀଣ ଗଣ ଗଣନା ଭୂଷଣ ମଣି ଏ କଳ ଏକଳା କଳ୍ପନ ଛାଡ଼ି ।
ତାପ ଆପଗା ତରଣୀ ଅଗତି ଗତି ତରଣି ବିଦର୍ଭ ବସୁଧା ପୂର୍ଣ୍ଣି ସୁଧା ଦୀପ୍ତି ।
ବାହାର ବିହାର ସମୟ । ଅନ୍ତେ ଅନ୍ତଃପୁରେ କଲେ ଗମନୋଦୟ ॥
ଶୁଣିଲେ ପଟ୍ଟମହିଷୀ ଯେନ ସଙ୍ଗ ପ୍ରିୟ ଦାସୀ ପରିପାଟି ପୁଷ୍ପ ବାଟି ବିନୋଦ ଅର୍ଥୀ ।
ଅନ୍ତର୍ଗତେ ଥିଲା ଭାବ ଶୁଣାଇଦେଲା ଦଇବ ତୋଷେ ନୃପତି ଗତିକି ରଚିଲେ ତଥି ।
ଗଲେ ଦାସୀ ମହାଦେବୀଙ୍କି । କହିବାକୁ ନୃପାଗମ ପୁଷ୍ପାଟବୀକି ॥
କୁସୁମରେଣୁ ଲମ୍ପଟ ଭୃଙ୍ଗଧାଟିକା ଯପଟ ଲୋକନେ ନୃପ ମୁକୁଟ ହେଲେ ତରସ୍ତ ।
ବିଚାରିଲେ ଅନ୍ତର୍ଗତେ ଏକା ଦେଖି କାମ ମତେ କଲା ମନ୍ତ୍ର ରଜାଙ୍କିତ କାଳସର୍ପାସ୍ତ୍ର ।
ବାମା ଭେଟେ ମନ ବଳିଲା । କାମାନଳ ମରମସ୍ଥଳରେ ଜଳିଲା ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସାରସ ସୌରଭ ଦିଗେ ଗମନ କଲେ ଉଦ୍‌ବେଗେ ଶୁଣିଲେ ଦୂରେ ସୁନ୍ଦରୀବୃନ୍ଦ ଚହଳ।
ବିପିନ ଶୋଭା ଲୋଭରେ ଦୃଷ୍ଟି ଉପମା ପ୍ରଭାରେ କରୁଛନ୍ତି ବଚନାମୃତକୁ ବହଳ ।
ଯଦ୍ଧ୍ୱଂ ରୁଚିରତରେ ରୁଚିଲା । ଶୁଣିବାକୁ ଲତାନ୍ତେ ଭୂପତି ଲୁଚିଲା ।
ଶ୍ରବଣେ ପ୍ରମଦାଜଣେ ଭଣିଲା କୋବିଦାଗୁଣେ ସୁରଦା ତୋର ଶାରଦା ତୁଲେ ଗୁମାନ।
କହି ତେବେ ହେବ କିସ ଭୂପାଳକୁଳାବତଂସ ରମଣୀଙ୍କ ରମଣୀଏ କଲେ ରଚନ ।
ନୋହିବାରୁ ଦୋହିତା ବିଭା । କାନ୍ତ କୀର୍ତ୍ତି ଯଥା ତଥା ପାଉଛି ଶୋଭା ।
ପଡ଼ୁଁ ଏ ଉତ୍ତର କର୍ଣ୍ଣେ ବାହୁଡ଼ାବିଜୟେ ତୂର୍ଣ୍ଣେ ବିଧାନ କରି ଏକାନ୍ତ ନିଧାନେ ରହି ।
ସତିବପୁରୋଧାମେଳେ ସତନ୍ତେ ମାନସେ ଭଲେ ଜେମାଦୁର୍ଲ୍ଲଭ ବଲ୍ଲଭ ଲଭିବେ କେହି ।
ପଟ୍ଟମହିଷୀର ଉତ୍ତର । ଶୁଣିଙ୍କ ମାରୁଛି କାତି ଲେପି ଜହର ।
ଏଡ଼େ ବହ୍ନିଅଛି ପୀଡ଼ା ସର୍ପଦନ୍ତ ଦର୍ପବ୍ରୀଡ଼ା ଲୋଡ଼ା କରିବ ତା ସଙ୍ଗେ ତୁଳିବସିଲେ ।
ଉତ୍ତରତାରେ ଅଗ୍ରସର କୁଗ୍ରହବର କୁମର ମୃଗୟା ବନୋଦ୍ଦୁଁ ଗମି ନମିବସିଲେ ।
ନୃପ ପଚ୍ଚିରିବା ବିସ୍ତୃରେ । ଭ୍ରମାଇଁ ଭ୍ରମାଇଁ ମନ ମନ୍ତ୍ରୀ ଉଚ୍ଚାରେ ।
ଉଦୟାଚଳ ସଂଯୋଗୁଁ ରକ୍ତିମାଲାଞ୍ଛନସଙ୍ଗୁଁ ଗୁଞ୍ଜାଛବି କଞ୍ଜାଟବୀ କଣ୍ଟକ ଧରେ ।
କୁନ୍ଦନାଙ୍ଗୀ ନନ୍ଦନାଙ୍କୁ ତୁଳନ୍ତାଇଁ ଅବା ତାଙ୍କୁ ବହି ବହିଛି ଜନମ ସେହି ବଂଶରେ ।
ଜେମା ସମେ ସର୍ବ ସ୍ଥାବର । ଦିଶୁ ନାହିଁ କାହିଁ ହେ ଭୂକଳ୍ପ ସ୍ଥାବର ।
ପୁରୋଧା କହେ କଷଟି ଶିଳାପଟରେ ଧୂର୍ଜଟି ଗଳାକୁ ଗରଳପାଶେ କରି ଅଛନ୍ତି ।
ବାହ୍ନି ରେଖା ଲେଖା ଯାଉ ସତବ ବଦତ ତହୁଁ ଅର୍ଦ୍ଧାସନବତୀ ହୈମବତୀ ହୁଅନ୍ତି ।
ନୃପ ଭାଷେ ତୁଳ ବସିଲେ । କ କାର୍ଯ୍ୟ ସେ ପୂଜ୍ୟ ରହୁ ମେଳେ ବସିଲେ ।
କଂଶ ବାମା ବଂଶ ନେତ୍ରରଞ୍ଜନ ଅଞ୍ଜନ ଚିତ୍ର ଭଜନ ହୋଇଲା ଯାହା ଜ୍ୟୋତ୍ସ୍ନା ସ୍ମରଣେ ।
ଏମନ୍ତ ମହୀନ୍ଦ୍ର ନୀଳମଣି ଆଣି କରି ମେଳ ଅଛନ୍ତି ଦ୍ୱାରକା ପୁର ମଞ୍ଜୁ ମଞ୍ଜୁଷେ ।
ପ୍ରମାଣ ପ୍ରମାଣ ବଚନ । ବକ୍ତା ହୋଇଥିଲେ ଦୁହେଁ କଲେ ରଚନ ।
କୁମର ଶ୍ରବଣ ନଳ ଯୋଗେ ଏ ବଚନାନିଳ ଜାଳିଦେଲା ମର୍ମସ୍ଥଳ କ୍ରୋଧ ଅନଳ ।
ଉଡ଼ିଲାପରି ସ୍ଫୁଲିଙ୍ଗ ଦିଶିଗଲା ନେତ୍ର ରଙ୍ଗ ତାମ୍ବୂଳ ସଂସର୍ଗେ ଓଷ୍ଠ ଶିଖା ଚଞ୍ଚଳ ।
ଧୂମ୍ର ଠେକିଦେଲା ପ୍ରକାରେ । ବୀରକେଶ ଫୁଲାଇ ଏ ଭାଷା ଉଚ୍ଚାରେ ।
ଦଳିତାଞ୍ଜନ ପ୍ରକାର ପ୍ରତୀକ ରୁଚିରତର ଗୋକୁଳ କୁଳାବତାର ଆୟୁଧ ବେଣୁ ।
ଶିରମଣି କେକିପୁଚ୍ଛ ହୃଦମଣି ଗୁଞ୍ଜିଗୁଚ୍ଛ ତନୁ ଭୂଷଣତ ଧେନୁ ଚରଣ ରେଣୁ ।
ବ୍ରଜଜବାଧରୀ ଲମ୍ପଟ । ଷଣ୍ଢା ବସ୍ତ୍ରା ହତ୍ୟା ଭାରବୁହା ଶକଟ ।
ଏହା ଯୋଗେ ଆମ୍ଭ ବଂଶ ପ୍ରକାଶିବ କେଉଁ ଯଶ ମନ୍ତ୍ରୀ ତୁମ୍ଭ ସନମତ କେହି ଦିଶିଲା ।
କୁଳାଚାର୍ଯ୍ୟଙ୍କୁ କହିବା କିଛି ପ୍ରାଶ୍ଚିତ କରିବା ମହା ଦୁର୍ଯୋଗ କଥା ଏ କର୍ଣ୍ଣେ ବାଜିଲା।
ପୁରୋହିତ ହସେ ହରଷେ । ଦାନକର ହରବର ବିସ୍ତୃତ କ୍ଳେଶେ ।
କହିଲା ଚେଦିନଗର ନଭ ଚନ୍ଦ୍ରମା କୁମର ଗୁଣ ନିକେତନ ବୀରଗଣ କେତନ ।
ଅର୍ଥ ଦାନେ କାମଧେନୁ ସାମର୍ଥ ଦିଶଇ ତନୁ ପୀନଜଘନୀ କୁଳର ମୀନକେତନ ।
ଅସି ଯେବେ କର୍ଷେ ଧରଇ । ମୃତ୍ୟୁ ଦେବ ବୋଲି ମୃତ୍ୟୁଦେବ ଡରଇ ।
ଯୋଗ୍ୟ ହେବାକୁ ଏ ବର ଶୁଣି ଏମନ୍ତ ଉତ୍ତର ଦ୍ୱିଜମନ୍ତ୍ରୀ ଅନାଇଁଲେ ମହୀପତିଙ୍କି ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ମାନସିକେ ସେ ରାଜନ ଦାନବାରିଙ୍କି ପ୍ରଦାନ କରି କପଟ ସଂଯୋଗେ ଦେଲେ ଉକ୍ତିକ।
ଶୀଳ ଦୂତ ଲେଖି ଉଦନ୍ତ। ଆସନ୍ତୁ ସେ ବଳବନ୍ତ କୁଳଦ୍ୱିଦନ୍ତ ॥
ଆଜ୍ଞା ମାନ ପତ୍ର ଧରି ମନ୍ତ୍ରୀ ମୁଦ ନର୍ଭ କରି ଚତୁରବନ୍ତ ଦୂତକୁ ଡକାଇ ଦେଲେ।
ସ୍ୱଂଚିତ ଆଣିବ କହି ଦ୍ୱିଜନୃପେ ମାନ୍ୟ ବହି ମନ ତୁଲ୍ୟ ତୁରଙ୍ଗ ସେ ଆରୋହି ଗଲେ।
ନୃପ ପ୍ରବର୍ତ୍ତିଲେ ନୀତରେ। ଦୂତ ପରବେଶ ଦମଘୋଷ କ୍ଷିତରେ ॥
ବାଜିଙ୍କ ବରଜି କରି କକ୍ଷା ଅରିଦ୍ୱାର ଦ୍ୱାସ୍ଥ ପାଶେ ମିଳି ଭାଷେ ଯାଇଁ କହ ତରସେ।
ବିଦର୍ଭରୁଁ ଆଗତ ଦୂତ ଶୁଣି ସେ ଗମନେ ରତ ହୋଇକରି କହେ ସଦ୍ୟ ଚୈଦ୍ୟ ମହୀଶେ।
କୁଣ୍ଡିନରୁ ଆଗତ ଦୂତେ। ଉଣ୍ଡିଲ ସେ ଲୋଚ୍ଛା ଛାମୁ ଦର୍ଶନବତେ ॥
ଜାଣି ଅଙ୍ଗୀକାର ଗଲା ଆଣି ତାକୁ ଭେଟାଇଲା ନୃପେ ମୁଦ ସମର୍ପି ସେ ନମି ବସିଲେ।
ଭୂପ କରୁଁ ମନ୍ତ୍ରୀ ନେଇ କୁଶଳ ପତ୍ରିକ ଦେଇ ଫେଡ଼ି ଗଣ୍ଠି ପଢ଼ି ଉକ୍ତି ଚତେ ଭାଷିଲେ।
ନନ୍ଦନମଣି କ ସାରସ—ସ୍ୟନ୍ଦନ ମଣ୍ଡେ ଦେବ କ ବନ୍ଦନ ଯଶ ॥
କୁଣ୍ଡିନନଗର କ୍ଷୀରସାଗର ଲକ୍ଷ୍ମୀ ଆମ୍ଭର ମନ୍ଦର ମଣ୍ଡିବେ ଅଛି ଏହି ସମ୍ମତ।
ରିତୁ ପକ୍ଷ ତିଥି ବାର ଶୁଭଯୋଗ ଯୋଗେ ସାର ସ୍ଥାନେ ଅଷ୍ଟମଚନ୍ଦ୍ରାଦିରିଷ୍ଟ କୁହନ୍ତ।
ଶୀରେ ଶୀହୁଁ ଚୈଦ୍ୟଶେଖର। ଉଚ୍ଚାରେ ସେ ଏ ମଧୁରତର ଉତ୍ତର ॥
ଉମାରମଣ ବଢ଼ାଇ ଭ୍ରମା ରସିକ ଛଡ଼ାଇ ଦେଲେ ଗେଲେ ବହି ଯେଉଁ ମୋହନ ମୂର୍ତ୍ତି।
ସେହି ଲକ୍ଷଣ ସନ୍ଦର୍ଭେ କନ୍ୟା ଗୋଟିଏ ବିଦର୍ଭେଶ୍ୱରଙ୍କ ପଟ୍ଟମହିଷୀଗର୍ଭୁଁ ଉତ୍ପତ୍ତି।
ବର କରି କାହାକୁ ଦେବା। ଭଜନୀ ହୋଇଲେ ରାଜା ରଜନୀ ଦବା ॥
ମନ୍ତ୍ରୀ ପୁରୋହିତ ବସି ପ୍ରତିଦରେ ଦୂତ ପେଷି ଆଣିଲେ ନରେନ୍ଦ୍ର ନନ୍ଦନଙ୍କର ନାମ।
ତୁମ୍ଭ ସୁତ ନାମ ମେଳ ହୋଇଥିବାରୁ ସୁଶୀଳ ମରମରେ ବହିକରି ପରମ ପ୍ରେମ।
କାମ୍ୟକର୍ମେ କରି ଉଦ୍ୟମ। ଦେଇ ଆମ୍ଭଙ୍କୁ ଉଦନ୍ତ ବୋଇଲେ ଗମ ॥
ବହି ପ୍ରମୋଦ ରାଜନ କହିଲେ କୁଣ୍ଡିନ ଇନ ଅଗ୍ରତେ କହିବ କହିଅଛନ୍ତି ଏହା।
ତୁମ୍ଭଙ୍କୁ ଆମ୍ଭଙ୍କୁ ଜନ ରଚନ୍ତି ସ୍ତୁତ ବଚନ ଏ ମଣ୍ଡଳରେ ଲୋଚନ ବୋଲନ୍ତି ଯାହା।
ସତେ ଦେଖା ଦେଖିତ ନାହିଁ। ବିଭା ଦର୍ପଣେ ଅ ର୍ଣ କରିଛି ବହି ॥
ପ୍ରେମ ବହି ହେମଦାମେ ଦୂତେ ଦତ୍ତ କରୁଁ ଗମେ ସତବେ ଧୂତଲେ ବରତବା ପ୍ରୟାଣ।
ବଳାରିତ ବଳବନ୍ତ କୁଟେ କୁମ୍ଭର ଦ୍ୱିଦନ୍ତ ଆରୋହିବେ ହୋଇଥିବେ ବଜ୍ରଭୂଷଣ।
ଚଢ଼ ବୃଷଗତ ବିମାନ। ବାହାର ହେବେ ପୁରୋଧା ଯଜ୍ୱା ଈଶାନ ॥
ଆମ୍ଭେତ ସହଜେ ଶୂର ମଣ୍ଡେ ସାରସରେ କର ଦନ ଚକ୍ରେ ତୋଷ ବରଧନ କରିବା।
ଚକ୍ର—ଚରଣ ଆରୋହି ଖରେ ଗମନକୁ ବହି ବରଇ କଇରବକୁ ଭୈରବ ହେବା।
ସୁଖାସନେ ବନ୍ଧୁବାନ୍ଧବେ। ବସିବେ ଆଉ ସମସ୍ତ ବସିବେ ଅବେ ॥
କହିଲେ ଯାହାକୁ ଯାହା ଦେବାକୁ ବସୁଧାନାହା ତାହା ସେହିପରି ମନ୍ତ୍ରୀ ସଦ୍ୟ ସର୍ଜ୍ଜିଲା।
କଶ୍ରି ବାରୁ କରିବାରୁ ଧପଟ ଧୂଳି ମହୀରୁ ଭାସ୍କର କରଭାକୁ ପୁଷ୍କରେ ତର୍ଜ୍ଜିଲା।
ଘନ ଘୋଟିଗଲା ସମାନେ। ସ୍ତନିତ ପରି ଜନିତ ବାଦ୍ୟ ଗର୍ଜନେ ॥
ଆଳାପି ବିଟପୀବେଣୀ କଳାପୀ ନୃତ୍ୟ ସେ କ୍ଷଣି ବହି କରି ମୋହି ଧରି ନେଲା ମାନସେ।
ନୂପୁରଟତରବେତେ ତରବେତେ ଚହଟନ୍ତେ ବିଦ୍ୟୁଦ୍ବସମୂହ ସମାନେ ହେଲେ ବଧୂ ସେ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ମୋଦାଶ୍ରୁ ଜଳରେ ଜବନେ । ମଗ୍ନ ହୋଇ ରହିଲେ ନେତ୍ର ନଳିନେ ।
ଛଏ କରେ ବର୍ଜିଲେ ଛଏକପର ଗର୍ଜିଲେ ହାସରେ ପ୍ରକାଶ ହେଲେ ଯାତି ମାଳତି
ବର୍ଷିନ୍ତେ ମାଣିକ୍ୟ ହୀର ଭରଭର ହେଲା ଧରା ଧଇଲେ ସେ ଇନ୍ଦ୍ରଗୋପ କରକାକୃତ ।
ନଟ ନାଟ କନ୍ଦୁକବାରେ । ହେଲା ଲକ୍ଷ ପ୍ରିୟୁକର ଲୀଳା ପ୍ରକାରେ ।
ଛଇଲୀ ଛାମୁ ଛାଡ଼ିବା ଛଇଲେ ପୁଲକ ଦୁବା ଅଙ୍କୁରିତ ଖରଶ୍ୱାସ ପ୍ରଖର ବାତ ।
କାଦମ୍ବ କଦମ୍ବମାନେ ରସିଲେ ଆଗ ଗମନେ ଉଡ଼ିଲେ ଧବଳପାଗ ବକାଳିବତ ।
ନୀଳରଙ୍ଗ ପୀତ କେତନ । ଉଡ଼ି ଦଶିଲେ ବାସବ ଚାପ ସମାନ ।
ବଦର୍ଭେ ମିଳିଲେ ଯାଇଁ କୁଣ୍ଡିନ ପାଶ୍ୱେଟି ନେଇ ରସା ଶିରଭୂଷାପୁର ଦଶା ବହିଲେ ।
ସନ୍ତୋଷି ସଙ୍ଖାସମ୍ଭାରେ ବିବାହ ତଥି ଆଶାରେ ଚାତକ ଭାବ ସେ ଜାତ କରି ରହିଲେ
ରୁକ୍ମଣୀଙ୍କ ସଖୀ ଏ ବାର୍ତ୍ତା । ଶୁଣି କହିଲେ ଗୋ ଶୋଭାଭୁବନ କର୍ତ୍ତା ।
ଦମଘୋଷାତ୍ମଜ ତମ ସମାନେ ଆସିଛୁ ବାମନେହ୍ୱୀ ବୃନ୍ଦ ପୂର୍ଣ୍ଣିଚନ୍ଦ୍ର ଗ୍ରହଣ ପାଇଁ ।
ଶୁଣିଲା ବେଳରୁ କିଛୁ ସ୍ମରଣେ ମନେ ନୋହୁଛୁ ଜୀବନଧନ ରହିଛୁ ଉତ୍ସର୍ଗ ହୋଇ ।
ସଂଯୋଗରେ ଦାନ ହୋଇବ । କି ଦୁର୍ଯୋଗ ପକାଇଲା ଆଣି ଦଇବ ।
ପରମ ଚିନ୍ତା ଅର୍ଣ୍ଣବେ ମଜ୍ଜିଲେ ସଜନୀ ସର୍ବେ ତୃଟିକ କାଳ କୋଟିଏ କଳ୍ପ କଳ୍ପିଲେ ।
ସଦ୍ମସତ୍ୟ ସମୂହର ପଦ୍ମଜ ପୁତ୍ର ଉତ୍ତର ଛଦ୍ମତ ନୋହିବ କେହି କେହି ଜଳ୍ପିଲେ ।
ଯିବା ଜୀବ ଛଟକାକ୍ଷର । ଝଟକର ଅଟକ ରଖିଲା ଏ ଗିର ।
କୂପ ଗର୍ଭେଁ କୂପସ୍ଥଇ ଯଥା ବାହାର ନୁହଇ ସେପରି ହୃଦରେ ପ୍ରେମ ମଜ୍ଜି ରହିଲେ ।
ବଦର୍ଭ ମଣ୍ଡଳ ଦଣ୍ଡଧର କୁମର ଉଦ୍ଦଣ୍ଡ ଅଧିକାର କି ହକାରି କରି କହିଲେ ।
ଘଟ ଘଟକର ରଥାଙ୍ଗ । ଅର୍ଚ୍ଚନ ଚର୍ଚ୍ଚାରେ ମଣ୍ଡା ମଣ୍ଡାଏ ବେଗ ।
ଚଳିଲା ଚୃଳିଲା ସବୁ ବଧୂ ବଧାନେ ସେ ପବୁ ଗର୍ବିତ ହେବାରେ ଦର ମହିଷୀ ନାଦ ।
ବର୍ତ୍ତିଇଲା ଚେଦପତି ନନ୍ଦନ ମୋ ବେନଶ୍ରୁତ ପାଇଲେ ଅଳକା ପ୍ରଭୁ ସ୍ୱର୍ଗ ସମ୍ପଦ ।
ସମ୍ଭାବରେ ସମ୍ଭାର କୁମ୍ଭ—କାର ପାଇଁ ପୁରେ କଲା ଗମନାରମ୍ଭ ।
ଯଜ୍ଞବେଦୀ ସ୍ନାନବେଦୀ ନୀଳାଦ୍ରି ଭୋଜନଗାଦ ଏଣୁ ସୁଦରଶନଙ୍କ ଧାମଟି ବାମେ ।
ବଳ୍ମି ଅଶନ ଅନ୍ନର ସର୍ଜ୍ଜି ଯାତକୁ ଭୂର୍ଣ୍ଣିର ଅର୍ଜ୍ଜିତ ଦୁରିତଚୟ ଛେଦନ କାମେ ।
ତାଙ୍କୁ ଦକ୍ଷମାର୍ଗେ ଧରନ୍ତି । ଯେ ପ୍ରଭୁ ଗ୍ରନ୍ଥକର୍ତ୍ତାର ସବୁ ସମ୍ପତ୍ତି ।

ଅଷ୍ଟମ ଛାନ୍ଦ

ରାଗ—ବସନ୍ତ

ପ୍ରଧାନ ଗୁଣନିଧାନ ଜନମାନେ ମାନସ କରି ସାବଧାନ ।
ଏ କଳାରେ କବି କଳ୍ପି କଳ୍ପି କରି ଜଳ୍ପିଅଛି ଯେତେ ବିଧାନ ।
ଉଦନ୍ତ । ଚୃଳି ଦେଇ ଆଳୀ ଆସିଲା ।
ଗଳିରେ ମଣ୍ଡଳ ଅତି କ୍ଷିପ୍ରତର ବପ୍ରକୁ ପେଷିଲା ଭାଷିଲା ।
ଶ୍ରବଣେ ରୁକ୍ମଣୀ ଭଣିଲେ ଏ ବାଣୀ ଶୁଣିଲେ ପ୍ରାପ୍ତିତ ଉଚିତ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଜଙ୍ଗମ ଗମନ ମନକୁ ଜବନ ବମନ କଲୁ କି ଦୁରତ ।
ସେ ଭ୍ରଷେ । ଆପଣତ ମନ ପେଷିଛି ।
ସେଠାକୁ ଏଠାକୁ କେ ଆଗ ଆସିବ ଜାଣିବା ତେବେ ସତ ମିଛ ॥
ଝଟତି ଏ ଗିର ଚତୁର୍ଦ୍ଦଶପୁର ମୋହନୀ ମଉନ ହୋଇଲା ।
ନଭ ଧରା ଦେବ ଲୋଭେ ଧରା ଦେବ ଯିବା ମାର୍ଗ ଜଗି ରହିଲା ।
ଏକାଳେ । ଉଦିତ ହେଲେ କୁମୁଦିନୀ ।
ନିଦ୍ରା ମୁଦ୍ରାଧାରୀ ଲୋକନେ ଝଟତି ବଦତି ପ୍ରମୋଦ ବାଦିନୀ ॥
ହରିତ ଅମ୍ବର ଭୂଷିତ ବେଭାର ପ୍ରତୀକରେ କରିଅଛନ୍ତି ।
ଦିନକର ତାପ ହାରକ ଗତିକ ବିଷ୍ଣୁପଦରେ ସଞ୍ଚରନ୍ତି ।
ବିଶାଖା । ତଦା ତୋଷକୀ କୃଷ୍ଣଚନ୍ଦ୍ର ।
ଆସି ଉପସ୍ଥିତ କି ବେଗରେ ଦ୍ରୁତ ହେଲା ଚନ୍ଦ୍ରା-କରୀ ପାରନ୍ତି ॥
ଗୃହିଁ ନବବଧୂ ବଧୂ ନୁହେ ବଧୂ ବଧୂର ଯେ କଲେ ଚେତାକୁ ।
କଳି ଦକ୍ଷ ଆଳୀ ବକ୍ଷରେ ସମ୍ଭାଳି ରଖିଲା ଭୂପ ତନୟାକୁ ।
ବୈଦ୍ୟଜା । ସଦ୍ୟ ଦେଖି ଦୁଃଖୀ ହୋଇଲା ।
ଆପଣା ବୃତ୍ତରେ ସକଳ ବୃତ୍ତାନ୍ତ ମୂର୍ତ୍ତିବନ୍ତ କରି କହିଲା ॥
ଲକ୍ଷ୍ମୀବିଳାସ ବନ୍ୟାସ ବିନା ଲେଶ ଲସିବ ନାହିଁ ଏ ମାରକ ।
କୁସୁମାକର ହିମାଂଶୁ ପୁଷ୍ପାଶୁଗ ଧାରକ ଏ ରୋଗ-କାରକ ।
ଶଶାଙ୍କ । କିରଣ ଉଦୟ ଭାସ୍କର ।
କି କରିବେଟି ଅଛନ୍ତି କଳ୍ପତରୁ କାମଧେନୁ ଚନ୍ଦ୍ରଶେଖର ॥
ସଖିଏ ଭାଷିଲା ଜ୍ୟୋତିଷ ସୁତାକୁ ଫଳ ଫୁଲ ଆମ୍ଭେ ଉଛାରୁ ।
ନ ରଖି ସନ୍ଦେହ ଭଲ ମନ୍ଦ କହ ନାହିଁ କଲା ସେ ଏ ବଚ୍ଚରୁ ।
ମୀଆଳୀ । କଞ୍ଜ ନୀଳକଞ୍ଜ ଅଶୋକ ।
ରସାଳ କେହି କହିଦେଲେ ଅତ୍ୟନ୍ତ କୃଶାଳ ହୋଇଯିବ ଶୋକ ॥
କହିଲା ଅଛି ସଂଶ୍ରଦ୍ଧେ ଧନୁ ମୀନ ମଧ୍ୟେ ସୁଧାଂଶୁ ଯୋଗଠାରେ ।
ଶରଣ ନିଷ୍ଠା ଯେ କରେ ସେ ନ କରେ ଗତିକ ଦକ୍ଷିଣ କାଷ୍ଠାରେ ।
ଏ ବାଳା । ବଳାଇ ଅଛନ୍ତି ବାରଣ ।
ସୁକରଜାରଜା ହଜାଇଛି ମଜ୍ଜା ସେ ରସେ ଲଭିବ ମରଣ ? ॥
ଶ୍ରୁତି ଫୁଙ୍କିବାର ବୃତ୍ତି ସଖିବାର କରିତ ଥିଲା ଏ ଉତ୍ତର ।
ଉଡ଼ି ଯାଇଁ ପଡ଼ି ଗଡ଼ିଲା ମରମୁଁ ଗଡ଼ିତାଙ୍ଗୀ ମୋହ ବକାର ।
କହିଲେ । ଅସୁରସୂଦନ ବହିଲେ ।
ଭୂସୁର କହିବା ଭାରତୀ ଭାରକୁ ଜାଣିବ ଜୀବନେ ରହିଲେ ॥
ଏମନ୍ତ ଶୁଣି କବିସୁତା ଭଣିଲା ଫଣୀ ମସ୍ତକେ ମଣି ଅଛି ।
ଏ ଧେନ ମେଦିନୀ ଭାର ବହିବାରେ ଘୋର ଧୂରନ୍ଧର ହୋଇଛି ।
ନିଦାଘ- । ଧାମ ନାମରେ ସେ ରହନ୍ତେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଭୂଭ୍ରମଣ ଭାର ଧାରଣରେ ପାରଙ୍ଗମ ଏଣୁ ହେଲେ ଜଗତେ ।
ନବ ନବନୀତ ଜିତାଙ୍ଗୀ ଅବଳା ଭୀରୁ ସୁକୁମାରୀ ଆଖ୍ୟାରେ ।
ଥିବାରୁ ବହିଲେ ବକ୍ଷେ ଯେଉଁ ଭାର ଲକ୍ଷ ସେହି ମାଦ୍ରୀ ପ୍ରକ୍ଷାରେ ।
ସେ ଯଦୁ । ସଙ୍ଗୀ ବହିଛନ୍ତି ଜଗତେ ।
ଏଣୁ ସେ ସଗର ଅର୍ବ ଶ୍ରେର ଗର୍ବ ଖର୍ବ କଲେ ଧରି ପର୍ବତେ ।
ଏ ସଙ୍କଟ ଘଟା ଯୋଟା ଚଟାଉଟା ଫିଟାଇ କଟାକ୍ଷ ପକାନ୍ତୁ ।
ପରିକର ପରି ଆଜ୍ଞା ଅବଧାରି ବର୍ତ୍ତରୁ ଅଛୁ ନ ଆସନ୍ତୁ ।
ନୃପଜା । ଦଂଶନ୍ତେ ରସନା ଦଶନେ ।
ଅଖଣ୍ଡିତ ଜ୍ଞାନ ମଣ୍ଡିତ ପ୍ରଧାନ ପଣ୍ଡିତଜା ରସେ କଥନେ ॥
ବିଭିଯୋଗରେ ପଦ୍ମାକର କଞ୍ଜରେ ବନ୍ଦନକୁ ସେ ଯେ ଲଭଇ ।
ଶିବପରଗୁଣେ ସୁଭଗ ସର୍ବଦା ସୁରଭିକ ଦୂର କରଇ ।
ହୋଇଲା । ମଧୁକରତ ମଧୁକର ।
ବଧକରେ ବନ୍ଧା ନୋହିବ ଏ ଲେଖା ପାଠ ଦେଖା ନାହିଁ ଆମ୍ଭର ।
ମର୍ଦ୍ଦଳବିଦ୍ୟାବିନୋଦିନୀ ଭିଷ୍ମକନନ୍ଦିନୀଙ୍କି ଶ୍ରୀହିଁ ଉଚ୍ଚାରେ ।
ଅଡ଼ରେ ଏକତାଳୀପରି ଘଟିବ ସଂଗୀତ ନାସ୍ତିପୂଣ କରେ ।
କହିଲା । ବାଣୀରାଗୀ ରାଗେ ତହିଁକ ।
ମୁନିବରବାଣୀ ଦେଶାକ୍ଷ ବୃଥା ଭୁ ପ୍ରଥା କଥା କହୁ କାହିଁକ ॥
ଇଙ୍ଗିତ ରଚନେ ଭଙ୍ଗୀ ଯେ ବଚନେ ରାଗେ ରାଗିଣୀକୁ ଭାଷିଲା ।
ଯତିସରିମାନେ ଗୁମ୍ଫାନ ଯାହାର ଯତିସରିମାନେ ଭାଷିଲା ।
ଧନାଶ୍ରୀ । କରି ଧରିଅଙ୍କୁ ଆୟୁଧ ।
ଶତେତାଳ ଯେ ପାଣିରେ ପକାଇବ ତା ସଙ୍ଗେ ବିରତୁ ବିରୋଧ ।
ଯାମୁତାଳ ଶିଙ୍ଗା ବେଣୁବେଣ ବର୍ଜି ଅର୍ଜ୍ଜୁନସଂସର୍ଗୀ ପୁନ୍ନାଗ ।
ପାଶେ ସୁନାରୀ ଶ୍ରୀରମିଲୁଁ ଆଗତ ଧୃତ ମଞ୍ଜାରୀ ଶିଶୁରଙ୍ଗ ।
ଚ୍ୟୁତକୁ । ସେ ପଲାଶ ଘେନ ଆସିବ ।
ଅଶୋକ କ୍ଷୀର କଦମ୍ବ ଅଶନରେ କୁମ୍ଭୀ ଗମନକୁ ତୋଷିବ ॥
ଉଚ୍ଛନ ମତ୍ସ୍ୟର ବଡ଼ିଶୀ ମତ୍ସ୍ୟର କଣ୍ଟେ ଦେଖାଇଲା ଭୁଲାଇ ।
ଘୋଟିଥିଲା ବ୍ୟଥା ଦୂର କରି ଦେଲୁ ଏଗଚ୍ଛ ସେଗଚ୍ଛ ଦେଖାଇ ।
ମୋ ଛର । ସମକଚ୍ଛ ନୁହେ କଥାରେ ।
ରାଗ ସେ ରାଗିଣୀ ଉଚ୍ଚାରି ଏ ବାଣୀ ପାଣି ନିବେଶିଲା ମଥାରେ ॥
ନୃପଜାର ଲେଖେ ଗୋପରଜବକ୍ଷେ ବପ୍ର ଉଦ୍‌ବେଗେ ଯୋଗ କରି ।
ଲେଉଟି ଭେଟିଲେ ତାଙ୍କ ଯିବା ବାଟେ ଥିଲା ଯେ ପିଛୁଡ଼ା ନବାରି ।
ଶର୍ବରୀ । ଭାବ ସେ ଚତୁର ଚତୁରୀ ।
ଶିବ ଅଚ୍ୟୁତ ଶିବା ହରିଚରିତ ଭାଷିବାରେ ହେଲେ ବର୍ତ୍ତିରି ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପରଶୁରାମ କଳାକର ବଭୂତ ଶ୍ରୀତେଜ ପ୍ରକାଶ ଯାହାର ।
ଅନ୍ନପୂର୍ଣ୍ଣାଙ୍କୁ ବନାଶେ ଗଉଣ୍ଡ କଲେ କ ତନୁ ଅଙ୍ଗୀକାର ।
 ସର୍ବଦା । ନାଗରପୁରେ ଯା ବହାର ।
ଅସୁର ଶିଶୁ ପାଳନାରେ ପରମ କୋପ ଆରୋପଣ ତାହାର ॥
ସେ ସୁଭାଷି ଭାସିଗଲା ତୋଷରାଶି ସରତ ହେବାରେ ପ୍ରବୃତ୍ତି ।
ମିଳିଲା ତକ୍ଷାଳ ରସନାଥି କୂଳ ପୂର୍ଣ୍ଣସୁଧାନାଥି ସନ୍ନିଧି ।
 ସଚେତ । ଅଚେତନଦ୍ରା ଯାଇଛନ୍ତି ।
ମାତଙ୍ଗାଗ୍ରତାଙ୍କୁ ଭାତ କର ଭଣ୍ଡି ଖଣ୍ଡି ଦେଲା ମଣ୍ଡି ଏ ଉକ୍ତି ।
ବଣ୍ଠରେ ସଞ୍ଚର ପରମ ବଳର ଅଭିମାନେ କଉଶିକର ।
କୁବଳୟନାଗର କରେ ପ୍ରତାପ ପ୍ରକାଶିବାରେ ଅଗ୍ରସର ।
 ଭୁଜଙ୍ଗ । ଭୋଗ ଦଳନରେ କୁଶଳ ।
ଆଶାଙ୍କୁ ଆଦରଲେ ଦ୍ୱିଜବଦନେ ଜନତ ହେଲେ କଳକଳ ॥
ସୁପର୍ବାଣଧୂନୀ ମୂର୍ଦ୍ଧନୀଙ୍କପୁରେ ଦରଧ୍ୱନ ହେଲା ଉପୁଣ୍ଡ ।
ଦିବାକରକର କୁଙ୍କୁମେ ସଞ୍ଚର ଚର ଦେଇଗଲା ସ୍ପଷ୍ଟତ ।
 ରଥାଙ୍ଗ । ବଯୋଗଯୋଗେ ଦ୍ୱିଜରାଜ ।
ପୁଣ୍ୟାହ ବାଚନେ ବୁଣିଥିଲା ଯେଉଁ ଅକ୍ଷତ ନକ୍ଷତ୍ରସମାଜ ॥
ବଦର୍ଭ-ପତ୍ର ସ୍ପଷ୍ଟତ ସାର ମାତ ମୃଗପତଦ୍ୱାର ଜଗତ ।
ଉତ୍ସଙ୍ଗେ ମଣି ସିଂହାସନେ ପ୍ରସନ୍ନେ ବସି ଭାଷିଲେ ଏ ଭାରତ ।
 ମନ୍ତ୍ରିକ । ରୁକ୍ମଣୀ ରୁଦ୍ରାଣୀ ଦର୍ଶନେ ।
ତଳବାବଧି ମାନସରେ ମାନସ ହଂସବଳସା ଅଜବନେ ।
ନୃପଟବରର ଏପର ସଂଶ୍ରର କରନ୍ତେ କର୍ଣ୍ଣେ ସତବର ।
କୋଟି ଶଚୀବର ସମ୍ପତ୍ତି ସମ୍ଭାର ତୃଟିକେ ସର୍ଜିବା କାର୍ଯ୍ୟର
 ମୁଖକୁ । ଅନାଇ ଦାଅନ୍ତେ ନେଏାନ୍ତେ ।
କଳ୍ପଦ୍ରୁମ କାମଧେନୁ ଚନ୍ତାମଣି ଭସାଇ ସେ ଭାଷା ଅମୃତେ ॥
ଦମାମିଧଂସା ନାଗରାଙ୍କୁ ମେଳକ ମାତଙ୍ଗ ବାଜରେ ବାଜିଲେ ।
ପ୍ରତପାଦ୍ୟ ଯେତେ ବାଦ୍ୟ ସମୁଦାୟ ନାନାବର୍ଣ୍ଣି କରେ ରାଜିଲେ ।
 କମ୍ପନ । ଗିରଏ ହୋଇଲେ ତପନ ।
କଲେ ତପୀ ନାମେ ରହିଛୁ ଯେ ଛପି ସେ ଭାଗ୍ୟ ନୋହିଲେ ପତନ ॥
ସହସ୍ରସଂଖ୍ୟା ବଇରେଖ ଉଡ଼ିଲେ ପ୍ରଚଳତ ହେଲା ପବନ ।
ଶ୍ୱେତଦ୍ୱୀପେ ହର ତଳ୍ପସର୍ପାଧିପ ମୁଖବସ୍ତ୍ରାଶ କଲେ ପାନ ।
 ଏ ଭୟେ । ବଡ଼ବାଗ୍ନିଙ୍କ ଏ ବଡ଼ବା ।
ଗ୍ରସ୍ତିସିବ ଯେବେ ଅଗସ୍ତି ପ୍ରଶସ୍ତି ବିସ୍ତାର କରଥାଇ ଅବା ॥
ମର୍ଦ୍ଦଳ ମନ୍ଦରା ସୀତାର ତମ୍ବୂରା ଅମୃତ ସାରଦା ଶାରଙ୍ଗୀ ।
ସଙ୍ଗୀତକେଳ କଉତୁକେ ନର୍ତ୍ତନେ ରଙ୍ଗୀ ହୋଇଥିଲା ନତାଙ୍ଗୀ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଲୋଚନ । ଚୟ ଜୟ ଲକ୍ଷ୍ମୀ ଭ୍ରମଣ ।
ଗାମ୍ଭୀର୍ଯ୍ୟ ରାଜ୍ୟ ଐଶ୍ୱର୍ଯ୍ୟ ଚାତୁର୍ଯ୍ୟ ଆଶ୍ଚର୍ଯ୍ୟ ହୋଇଲ ଆପଣ ।
ଥାଳକ ଥାଳ ମାଳୀଆଳୀ କାଳୀଙ୍କ ମାର୍ଜଣାକୁ ଯାହା ବହିଲେ ।
ଝୁଲ ଶିଳୀମୁଖ ଭଲ ଶତମୁଖ ମୁଖ ହେବ ତାହା ରହିଁଲେ ।
ଅଛୁ ଏ । ଦ୍ରବ୍ୟମାନ ମାନବ ପୁରେ ।
କଷ୍ଟର ମୋ ଭାଗ୍ୟ ଇଚ୍ଛୁ ଆଷ୍ଟଦନେ ଆଷ୍ଟଦତ ହେଲେ ବପୁରେ ।
ଅବରୋଧ ଦ୍ୱାରେ ମିଳ ଦଳବଙ୍କ ରାଜ ଦ୍ୱାରିମୁଖେ ଜୁହାର ।
ଭଣିଲ ବାଣିକ ଜଣାଅ ରାଣୀକି ଶୁଭଲଗ୍ନ କଲା ବହାର ।
ନରେନ୍ଦ୍ର- । ନନ୍ଦନାସମାଜ-ଶିଖାକୁ ।
ବାହାର କରାଅ କହ୍ଲାରକଗର୍ଦ୍ଦ-ମୂର୍ଦ୍ଧାଙ୍କ ଅର୍ଦ୍ଧାଙ୍ଗୀ ଦେଖାକୁ ।
ଶୁଣି ଭୂପତି ପୁରନ୍ଧ୍ରୀ ସରନ୍ଧ୍ରୀକି ପୁଚ୍ଛନ୍ତି ସାରନ୍ତି ଜେମା ବେଶ ।
ସେ ଭାଷେ ଅଞ୍ଜନବତ ବଞ୍ଚାବ୍ରତମଣି ଆଞ୍ଜା କଲ କି ଭାଷ ।
ପଦ୍ମିନୀ । ମଣିର, ସୁବାସ କରଣ ।
ହେବାକୁ ଆକଲ୍ପ କଲ୍ପି ନାହିଁ କଲ୍ପ ବେନକଲ୍ପ ଆପ୍ତ ଧାରଣ ।
ନମ୍ରକରେ ଛତ୍ର ସ୍ଥାପୃ ଯାର କାପୃ ଦପ୍ତାବର୍ଜିତାକୁ ଦଣ୍ଡିଲୁ ।
ଅଲକାଭଣ୍ଡାର ଭଣ୍ଡାର କରବା ଅଲଙ୍କାରେ ତାକୁ ମଣ୍ଡିଲୁଁ ।
ଶ୍ରୀମାନ୍ତ । ଦେବୀ ପର୍ଯ୍ୟନ୍ତ କେହି ଯିବେ ।
କୁହ ଆନ୍ଦୋଳ ଏମନ ହାନ୍ଦୋଳାଏଭଣ୍ଡାରୁ ବାଛି ଆଣ ତେବେ ।
ରାଣୀ ଦେଉ ସୂତ ଶୁଣି କୋଷକୁଞ୍ଚିଧାରଣୀ ଧାଇଁ ଅଣାଇଲେ ।
ପାଣିକର ହୀରା ମାଣିକ୍ୟରେ ତୋରା ଭରାଭର ଯେ ହୋଇଥିଲେ ।
କର୍ପୂର । ଧୂଳ ପୂର୍ଣ୍ଣିତୁଳୀ ମୁଚୁଳୀ ।
ମେଚକ ନଚ୍ଛେଳ ଘୋଡ଼ଣିକି ମେଲ କରି ରୁଚିର କଲେ ବାଳୀ ।
ତାନମାନେ ଗାନ କରେନ୍ତ ମଙ୍ଗଳ କାନ ପାନ କଲେ ଅମୃତ ।
କାନନପ୍ରିୟଭାଷୀଙ୍କ ବସାଇଲେ ଆନନ ବାଦ୍ୟ କରି ଜାତ ।
ସେ ଛବି । କବଚତ୍ତେ କଲା ଏ ଚୂଳ ।
ପତଙ୍ଗଜା ଭୁଙ୍ଗ ତରଙ୍ଗଗର୍ଭରେ ଛପିଲା ପରି ପଦ୍ମକଳୀ ।
ଝୁଲ ଆଲଟ ଫୁଲପଖା ଚାମର ଝରୀଧରୀ ହୋଇ ରହିଲେ ।
ରତ୍ନଧୂପକାଠି ଅନୁଷ୍ଠି ଅନଳେ ଯହିଁ ମଳୟଜ ବହିଲେ ।
ସଧବା । ଦ୍ୱିଜ ନାପିତ ମନୋହାରୀ ।
ଆଗରେ ଦଧିଶାକର ପୂର୍ଣ୍ଣିକୁମ୍ଭ କରେ ଶିରେ ଧରି ବାହାର ।
ରାମାଏ ରାମାୟଣ ଏକ ଲୀଳାଏ ବଜାଇଲା ଧରି ବଲ୍ଲକୀ ।
କଉଶିକେ ମୋକ୍ଷ ଲକ୍ଷ୍ମୀଗଭା ଶିଖ ଦୁର୍ବାଦଳ ଝରା କେତକୀ ।
ପ୍ରଥମ । ରାମଲକ୍ଷଣଙ୍କ ଜନକ ।
ସଭାରେ ଉଭା କରାଇ ଏ ବଚନ ରଚନାରେ ହେଲେ ରସିକ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସୁନ୍ଦ ସୁନ୍ଦରୀଙ୍କୁ ମାରି ସିଦ୍ଧବନେ ଯୋଗ ସିଦ୍ଧ କରି ଚରଣ ।
ମୋଚନ ହରଣ ଲୋଚନା ଶୋଚନା ଲୋଚନାର୍ଥୀ ହେଲେ କମାଣ ।
ଉତ୍ସବ । ଉଚ୍ଛନ୍ନ କରିଛନ୍ତି ମତି ।
ସାକେତ ନାକେଶ୍ୱରଙ୍କର ସୁତ ଏ ଶୁଣି ସେ ଭୂପତି ବଦତି ॥
ଏ କାର୍ମୁକ ଦେଖି ଭ୍ରୂ-ଭଙ୍ଗ ଉପେକ୍ଷି ଭାର୍ଗବ ରଚିଲେ ବନ୍ଦନ ।
ଦଶ ଶତକର ଯଶ ସୁଧାକର ଗ୍ରାସେ ଏ ସିଂହିକା ନନ୍ଦନ ।
କପୀଶ । ବଳ ଛପିଗଲା ଦର୍ଶନେ ।
ବାଲୀ ବାଲୀ ବୋଲି ମାରିବାରେ ତାଙ୍କ ବାଳକ ରହିଲେ ନର୍ତ୍ତନେ ॥
ଅଙ୍ଗାର ସଙ୍ଗେ ସଙ୍ଗାତ ହୋଇଲାଣି ଲଙ୍କେ ଶୂରକୁଳ ତନୁ ଯେ ।
ବ୍ୟର୍ଥ ମନୋରଥ କରି ଆସିଛନ୍ତି ଦଶରଥଙ୍କର ତନୁଜେ ।
ଏ ଜାତ । ହୋଇଅଛନ୍ତି ଯେଉଁବଂଶେ ।
ତାଙ୍କ ପ୍ରଭା ନାଶି ପକାଉଛି ରାଶି ବୋଲାଉଥିବା ଧନୁମାସେ ॥
ଶ୍ରୋତା ଶୁଣି ବୋଧେ ବ୍ୟସ୍ତକୁ ଦ୍ୱିବିଧେ କରି ମକରକୁ ବିଲୋମ ।
କଲେ ହେଲା ଯାହା ତାହା ସର୍ବଂସହା ନନ୍ଦନୀର ଅଟେ ଶ୍ରୀରାମ ।
କରି ସେ । ତୋଷ ପୀୟୂଷସର ॥
ଗାଧିଜଙ୍କ ଆଜ୍ଞା ଆରାଧିବ କହିଥିଲେ ତା ଅଯୋଧ୍ୟା କରତା ।
ଇକ୍ଷ୍ୱାକୁବଂଶ ଅପେକ୍ଷା କରୁଁ ଋଷି ରୁଭୁକ୍ଷା ଭାଷିଲେ କରି ତା ।
ଗମିଲେ । ନମି ବେନି ମୁନିରାଜାଙ୍କୁ ।
ଅମ୍ବିକା କାମୁକ କାର୍ମୁକ ସିଞ୍ଜକ ବର୍ଦ୍ଧିଲା ସର୍ଜ୍ଜିବା ତେଜକୁ ।
ପରମ ଚିନ୍ତା ସନ୍ତାନବନ୍ତ କରି ମରମ ଜନକ କୁମାରୀ ।
କରି ସଖୀସଙ୍ଗ ହୋଇଥିଲେ ଭୃଙ୍ଗ ଅଟ୍ଟାଳୀ ଉତ୍ସଙ୍ଗ ସଞ୍ଚାରୀ ।
ମୋଦାଶ୍ରୁ । ଜନନ ହୁଅନ୍ତେ ଲୋଚନେ ।
ମନ ମାତୃକୁ ଅନୁସୂୟା ଅନାଇ ଅଲକ୍ଷେ ହସି ଜଳ୍ପେ ଏସନେ ॥
ଏ ସୁନ୍ଦର ସାର ଲାବଣ୍ୟ କାସାର ଗର୍ଭ ଗଭୀରେ ଲୋଭି ରଖି ।
କି ବଚନ ସୂତ୍ରେ ମେଲ କରି ତୋଳା ନୀଳୋତ୍ପଳ ନୀଳୋତ୍ପଳାକ୍ଷୀ ।
ପକାଇ । ଆଣିଛି ସେହି ଦେବଲାଗେ ।
ତକାଇ ନାହିଁ ମନ୍ଦାକ୍ଷକୁ ମନ୍ଦାକ୍ଷ ହୋଇ ଗଲାତ ଅନୁରାଗେ ॥
ଭ୍ରାତାଙ୍କୁ ହସ୍ତ ଆୟୁଧ ଦେଇ ଦୃଢ଼େ ବଦଗ୍ଧ ଧରିଲେ କାର୍ମୁକ ।
ଅତିରକ୍ତବନ୍ତ ହେଲା ମୁଠାକଲା ମଞ୍ଜିଷ୍ଠା ପ୍ରତିଷ୍ଠାକୁ ଥିକ ।
ଚତୁରେ । ଏହି ଅନୁମାନେ ରସିଲେ ।
କୃଶାନୁରେତାଙ୍କ ଅନୁରାଗତକ ଧନୁ ଠାରୁ ଯେନ ଆସିଲେ ।
କରେ ଯଥା କଲି ଅଜଗବଦଣ୍ଡ ତଥା ଅଜଗବ ଦଣ୍ଡକୁ ।
ବହି ଶୁଖାଇଲେ ବୈଦେହୀଙ୍କର ଆରତ ସରିତ ଗଣ୍ଡକୁ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସରଣୀ ।   ସମାପ୍ତି ମିଳିଲେ ହରଷେ ।
ରଜତଗିରି ବିହାରୀ ମନୋହାରୀ ବିଜୟ ପ୍ରାସାଦ ପ୍ରଦେଶେ ॥
ବର୍ଜି ସୁଖାସନ ସର୍ଜିଲେ ଗମନ ଅର୍ଜିଲେ ଦେବୀଙ୍କ କଟକ ।
ପୂର୍ବପଶ୍ଚିମ ଉତ୍ତର ଦଶଈଶେ ଅପୂର୍ବ ମଣିବା କୀର୍ତ୍ତିକ ।

ଭଜନ୍ତା ।   ରହି ଅଞ୍ଜଳିଏ ଭେଟିଲେ ।
ଗୁପ୍ତ କରି ତପ୍ତ କାଞ୍ଚନ ଜଡାଙ୍ଗୀ କରଯୁଗ ଯୋଡ଼ି ରହିଲେ ॥
ମୃତ୍ୟୁ ଶତ୍ରୁ ଯେ ଅଟନ୍ତି ସେ ଖଟନ୍ତି କାଣାପରି ତୁମ୍ଭ ଚରଣେ ।
କହି ଯାହାକୁ ଔଷଧୀଶ ତାହାକୁ ବହି ରହିଛ ଅନୁକ୍ଷଣେ ।

ମରଣୁ ।   ରଖ ଦେଇ ଏହି କସ୍ତୁରୀ ।
ପ୍ରଥମୁ ଠକରାଜ୍ଞଛଟି ସଂଯୋଗ ହୋଇ ନ ଥିବ ସଂକଟାରି ॥
ଶିବାଳୟେ ତବେ ଦେଖିଅଛୁଁ ନେତ୍ରେ ପୁରାଣେ କରିଛୁଁ ଶ୍ରବଣ ।
ଶୁଭ୍ର ଅଭ୍ର ଅର୍ଦ୍ଧେ ଅତ୍ୟନ୍ତ ସଂଶ୍ରଦ୍ଧେ ବିଦ୍ୟୁ କରିଛୁ ଆକର୍ଷଣ ।

ସେ ପରି ।   ଅଶୁଭ୍ରଅଭ୍ରରେ ତଡ଼ିତ ।
ଜଡ଼ିବ ଦେଖାଇ ତଡ଼ିଦ୍ଦ୍ୟ ତନ୍ତ୍ରା ସଖିଙ୍କ ଜଣାଣ ଜନିତ ॥
ପୁତ୍ରୋଧା ନନ୍ଦନା ସାରି ବନ୍ଦାପନା ମଣ୍ଡିଦେଇ ଧଣ୍ଡୀ ପ୍ରସାଦ ।
ମୁଣ୍ଡିଆକୁ ଚଣ୍ଡୀ ପାଦେ ପ୍ରଚରାଇ ଗୁଣ ପଣ୍ଡିତାକୁ ପ୍ରାସାଦ ।

ଉଦରୁ ।   ବାହୁଡ଼ା ବିଜୟ କରନ୍ତେ ।
ନନ୍ଦଘୋଷକୁ ଇନ୍ଦୀବର ସୁନ୍ଦର ଛପାଇଛ ଥିଲେ ଅନନ୍ତେ ॥
ଧପଟେ ଲମ୍ଫଟ କରାଇ ତାହାକୁ ପରମ କପଟୀ ଶେଖର ।
ଝଟ କରି ଉଠି ଧରିଲେ ରତନ କଟକ ଶୋଭନୀର କର ।

ନିଃଶଙ୍କେ ।   ନେଇ କଲେ ଅଙ୍କବିହାରୀ ।
ନେଲେ ହରି ହରି ହରନେହାକୁ ବିହରି ଗଲା ଏହି ହରି ॥
ମୋଦାଶ୍ରୁ ବରଷା କରି ପଙ୍କରସା କଲେ ସଙ୍ଗୀ ଯୋଷା ନିକର ।
କ ବିକଳ ଶୋକ କରେ ଏ ସକଳ ଲୋକ ହୃଦେ କଲା ସଞ୍ଚାର ।

କୁଣ୍ଡିନ ।   ଛନ୍ନ ଭଞ୍ଜିଲେ ନୃପତିଙ୍କ ।
ଚେଦୀଶଜ ଲକ୍ଷ୍ମୀ ଭେଦକରି ମସ୍ତାଖେଦ ଘେନଗଲା କ୍ଷିତିଙ୍କ ॥
ରୁକ୍ମ ଶରଘଟା ଜ୍ୟୋଷ୍ଠାତପ ଚେଷ୍ଟା ଚହଟାଇଲା ଅତିଶୟ ।
ବରଷା ରଙ୍ଗରେ ଶର ଶାରଙ୍ଗରେ ସର୍ଜି ଶାରଙ୍ଗୀ କଲେ କ୍ଷୟ ।

ଊର୍ଦ୍ଧ୍ୱଗ ।   ହୋଇ ବସିଲା ହରିଯାନେ ।
ଷଡ଼ ଋତୁଙ୍କୁ ବାଇପରି ଗାଇଲା ସେ ଅସଡ଼ ଅତି ଅଜ୍ଞାନେ ॥
ହିମ ଲୋମ ପରି ପୁଷ୍ପ ନୋହି କ୍ଷିତୀଶ୍ୱର ପୁତ୍ରୀ-କର ଧରିଲୁ ।
ମୋ ଗର୍ବ ଯଶ ଶର୍ବରୀଶ ଦୀପ୍ତି କି ଶରଦ ଲେଉଟାଇ ହେଲୁ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଆଜନ୍ମ । ବହିଛୁ ଧନୁ ଭାରତୀ ।
ଏ ବାର ବର୍ଣ୍ଣି ଏକାର ଧରେ ଧରେ ଯେ ସେ ତୁ ନ କଲୁ ଭୀତକ ॥
ଶିଶିର ବସନ୍ତ ଗ୍ରୀଷମ ବରଷା ଆଦ୍ୟବର୍ଣ୍ଣ ମୋଡ଼ି ପାରଇ ।
ଯାଗ ସ୍ତବ ପରି କରନ୍ତୁ ନିଷେଧ ଅଛୁ ଷଣ୍ଢାର କି ନ ଛୁଇଁ ।
ପରନ୍ତ । ହେବା ଛୁଇଁବା ତେବେ ଆମ୍ଭେ ।
ଭୂଷି ହୃଷୀକେଶ କାନ୍ତି ଦୃଷ୍ଟି ନିଶ ବନ୍ଧନ କଲେ ରଥସ୍ତମ୍ଭେ ॥
ଏକାଳେ ସବଳ ହୋଇ କରି ବଳ ସେଠାରେ ହୋଇଲେ ପ୍ରବେଶ ।
ଚନ୍ଦ୍ରଭାନୁ ପରି ନେତ୍ରଯୁଗ କରି ହରିଠାରେ ହେଲେ ଆବେଶ ।
ବନ୍ଧୁରେ । ବନ୍ଦ୍ୟ ଏ କରିଛି ବନ୍ଦିତ ।
ଅଚ୍ୟୁତଙ୍କୁ ନିନ୍ଦି ଚ୍ୟୁତ କଲେ ବନ୍ଦୀ ତାହାର କାଳିନ୍ଦୀଅହିତ ॥
ଜୟ ଶଙ୍ଖ ଦେଇ ଦୁର୍ଜ୍ଜୟ ଦ୍ୱିଭାଇ ଉଡ଼ାଇ ବଡ଼ାଇ ପତାକା ।
ବ୍ୟଗ୍ର ବିଦ୍ୟାରେ ଅଗ୍ରସର କରାଇ ଗତିକି ମିଳିଲେ ଦ୍ୱାରକା ।
ଦର୍ଭରେ । ବିଦର୍ଭଜା କର ମାଧବ ।
ବନ୍ଧନ ମହି ମହିମା ବହିବାରେ ସେ ମହୀ ହୋଇଲା ସାଧବ ॥
ମଧୁଶଯ୍ୟା ବାସ ଶୌତକ ସଦୃଶ ନବବଧୂ ମଧୁସୂଦନେ ।
ହୃଦ· ପଟଥିଲା ଏକ କରିଦେଲା ସୂତରସସୂତ ଭେଦନେ
ପଦ୍ମକୁ । ଗର୍ବକରି ଦେଲା ବିସ୍ତର ।
ସର୍ବ ପର୍ବତ ସାର୍ବଭୌମତନୁଜା ତନୁ ଯାବ ହେବା ପ୍ରକାର ॥
ଯେଉଁ ଉତ୍ସବେ ହରି ମୁଖ ସୁଷମା ରମା ପଞ୍ଚାଙ୍ଗୁଳି ଦେଖାଇ ।
ଫଲ୍ଗୁର ଛଳେ ଡାକନ୍ତି ପାପିଙ୍କି ଉଦ୍ଧାର ଧନ ଦେବାପାଇଁ ।
ସୁମରି । ମନେ ତା ଗ୍ରନ୍ଥକାର ସଦା ।
ପୁରଟାଚଳକୁ ଜିଣି କୋଟିଗୁଣେ ପ୍ରମୋଦ କରିଅଛି ଗଦା ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

Typical Selections from Oriya Literature

SECTION V.

MODERN WRITINGS IN OLD FORM AND STYLE.

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଓଡ଼ିଆ ସାହିତ୍ୟ-ପରିଚୟ

MISCELLANEOUS SONGS

By

VARIOUS WRITERS OF VARIOUS UNASCERTAINED TIMES.

I.

Raja Somanath of Angul
(Circa 1850).

ରାଗ—ଭାଟିଆରୀ   ଏକତାଳୀ

ନାହା ରହିଲେ କାହା ସଦନେ ଗୋ ।
ମୋର ଯାହା ହେଉଛି ଦେହ ମଦନେ ଗୋ ।
କା ଆଗେ କହିବଇଁ,   ସାହାତ କେହି ନାହିଁ,
ଆହା ବୋଲନ୍ତେ ଚନ୍ଦ୍ରବଦନେ ଗୋ ॥
ଆସିବେ ବୋଲି ନନ୍ଦକୁମର ଗୋ ।
ବେଗେ ମଣ୍ଡନ କଲି କେଳି ମନ୍ଦିର ଗୋ ।
ନାନା କୁସୁମେ ଆଳି-   କରେ ଗୁନ୍ଥାଇ ମାଳି,
ଗୋଳି ରଖିଲି ଚୂଆ ଚନ୍ଦନ ଗୋ ॥
ବାସକ ଶଯ୍ୟା କଲି ସଦନେ ଗୋ ।
ସହି ନଶି ବଞ୍ଚିଲି ଘୋର କର୍ଦ୍ଦନେ ଗୋ ।
ରମଣୀ ଶିରୋମଣି,   କେଉଁ ମାନସ ଜାଣି
ନେଲା କଟିକିଙ୍କିଣି-ବାଦନେ ଗୋ ॥
କୁଶଳେ ଅନୁଗୁଳ ଭୂପତି ଗୋ ।
ସୋମନାଥ ବୀରବର ବଦତି ଗୋ ।
ବୋଲନ୍ତି ରାଜସୁତା   ହୋଇଣ ଉତ୍କଣ୍ଠିତା
ମୋତେ ନବେଶି କେଳି-ସଦନେ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

II.

Padmanav Dev.

ରାଗ—କିଙ୍କିଟ ଝୁଲା

ଗଜଗଜ ଗମନ, ଆଜ କରେ ! ଘୋଷା ॥
ଦଶେ କେତେ ମଳନ ସଞ୍ଜକଞ୍ଜ ବଦନ
ବଳାଉ ନାହିଁ ମନ ବେଶରେ, ହାସରେ, ବାସରେ, ରସରେ ॥
ପ୍ରିୟକୁ ବରଜଣ ରହିବୁ କରେ ଧନ ?
ଥରେ କର ଚନ୍ଦନ ସେ ହୀନ, ମଦନ, କଦନ, ମାନରେ ॥
ନିର୍ଦ୍ଦୟ ରତିପତି ଶ୍ଲଥ ଦଏ କରତି
ବୋଲି କହେ ମୋ ମତି, ସେ ରତି, ବନତି, ମୂରତି, ଅତିରେ ॥
ଲବ ଦୋଷକୁ ମୋର ରୂଷାତ ଗୁରୁତର
ଜାଣି ଥାଚରବାର ଉଚତ, ନୁହେତ, ଭାବତ, ଚତ୍ତରେ ॥
ପଦ୍ମନାଭ ଦେବଙ୍କ ତେଜି ଅଙ୍କ-ପଲଙ୍କ
ଚଳେ ନ ବସ ରଙ୍କ ରତନ, ଏ ଧୀନ, ଜଣାଣ, ଘେନରେ ॥

III.

Banamali Das.

(I)

ବଜାଏ ମୁରଲୀ-ପାଣି ଯେ ଭଲ ଠାଣି । ଘୋଷା ॥
ଦକ୍ଷିଣ ବାମକୁ ଜାଣି ।
ଚାଳନ୍ତି ଅପାଙ୍ଗ, ଶଙ୍ଖାର କରତ,
ପକାନ୍ତି ମରମ ହାଣି ॥
ତନୁ ଇନ୍ଦ୍ର ନୀଳମଣି ।
ବଳକ୍ଷ ପକ୍ଷରେ, ନକ୍ଷତ୍ର-ମାଳିକା,
ତ୍ରିଭଙ୍ଗ ଲୁଚନ୍ତି ଆଣି ॥
ବରଜ-ରାଜ-ରମଣୀ ।
କେତେ ସୁକୃତରେ, ଏ ପୁଅ ପାଇଛୁ,
ଭଲ ଭଲ ସୁଲକ୍ଷଣୀ ॥
ଯେ ଧରବ ଏହା ପାଣି ।
କୃତାର୍ଥ ତାହାର, ରମଣୀ ହେବାର,
ବନମାଳୀ ରସେ ଭଣି ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

(2)

ରାଗ—ମୁଖାରି ଅଠତାଳୀ

କାହାରେ କହିବ ସହି ମୋ ଅନ୍ତର ଦାହାରେ ।
ଯାହାରେ କହିଲେ କେହି ନ ବୋଲିବେ ଆହାରେ । ପଦ ।
ନାହାରେ କି ଦୋଷ କଲି ଚେତିଲେ ସେ ଯାହାରେ ।
ସାହାରେ ପଶିବ କର୍ଣ୍ଣେ ନ ପାଇଲେ ତାହାରେ ।
ଆହାରେ ନାହିଁ ପୀରତି ଖିନ୍ନ ହେଲି ଏହାଁରେ ।
ସାହାରେ ତୁ ହେଲେ ଯିବ ଶରଣ ମୁଁ ତାହାରେ ।
ବାହରେ ପୂରିବ ସତେ ମୋ ଶ୍ରବଣ ଗୁହାରେ ।
ତାହାରେ ହୃଦୟ-ଶେଯ ସତେ ହେବ ବହାରେ ।
ହା ହା ରେ ଚେତିଲି ମୁହିଁ ସବୁ ଆଶା ରାହାରେ ।
ଗୁହାରେ ଯେ ଜାଣେ ପ୍ରୀତି ବନମାଳୀ ଜୁହାରେ ।

(3)

ରାଗ—ଶୌରାଷ୍ଟ୍ର ଝୁଲା

ଦନୁ ଦନୁ ନନ୍ଦ-ତନୟ ଗୋ ନବ ନବ ପରି ମିତ ।
ନିତ ଦେଖୁଥିଲେ ପ୍ରୀତି ବଢ଼ୁଥାଇ ରୂପଇ କୁହଇ ଚିତ୍ତ । ପଦ ।
ହାସରେ ସଖି ଭାଷରେ ତାର   ପୀୟୂଷ ଯେ ଥାଇ ପୂରି
ଶ୍ରୁତରେ ପଡ଼ି ଧୃତି ନାଶଇ ବୃତ୍ତି ଚେତଇ ନାହି ।
ଖଞ୍ଜନ-ମୀନ-ଗଞ୍ଜନ-ମୃଗ-   କଞ୍ଜ-ନୟନ ତାର
ଛୁଟରେ ପଡ଼ କାଢ଼ ମାରଇ ଜାତ ମଦନ ଶର ।
ଛାଡ଼ି ସବୁ ସଜାଡ଼ିଲା ତନୁ   କେତେ କାଳ ବସି ବହି
କାମ ହୋଇଲେ ଝାମ ହୋଇବ ଶ୍ୟାମ ମୂରତି ଏହି ।
ବନମାଳୀ ବୋଲେ ମନ   ମିଳିଗଲେ ବସୋଇ କୁହଇ ଆଖି
ଯେତେ ଚତ୍ତେ ଭାବୁଥିଲେ ପୁଣି ତେତେ ନୂଆ ନୂଆ ଦଶେ ସଖି ।

(4)

ରାଗ—ମାଳବ । ତାଳ ସରିମାନ

ଜୟ ହେ ଜୟ ବ୍ରଜରାଜ ନନ୍ଦନ-ମୋହନ ନଟବର ଭଙ୍ଗିୟା । ଘୋଷା ।
ଦଳିତ କଜ୍ଜ୍ୱଳ ଅମଞ୍ଜୁଳ,   କୁଞ୍ଚିତ ଘନ ନୀଳ କୁନ୍ତଳ ;
ପୁଷ୍ପ ବେଷ୍ଟିତ ଚଳ ପରିମଳ ;   ବରହୀ ଚନ୍ଦ୍ରିକା ଚୂଳୟା ।
ଭାଲେ ଚନ୍ଦନ ବିନ୍ଦୁ ଉଜ୍ଜ୍ୱଳ,   ଶରଦ ଶଶିର ପୂର୍ଣ୍ଣ ମଣ୍ଡଳ ;
କର୍ଣ୍ଣେ ଶୋଭିତ ମକର କୁଣ୍ଡଳ ;   ତରଳ ତର ଭ୍ରୁ ଭଙ୍ଗିୟା ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସାରସ ବଦନ ବିକଶିତ, ମନ୍ଦ ମଧୁର ମୃଦୁ ଯଶସ୍ମିତ ;
କଟୀ ସ୍ୱର୍ଣ୍ଣ କିଙ୍କିଣୀ ଗଞ୍ଜିତ ; ନବୀନ ନଟବର ଭଙ୍ଗିୟା ॥
ହୃଦ ମଣ୍ଡନେ ମଣି ରାଜିତ, କୋଟି ଭାସ୍କର ତେଜ ଗଞ୍ଜିତ ।
କୁସୁମଚୟ ରଞ୍ଜିତ ; ନବ ଯୁବତୀ—ମାନ ଭଙ୍ଗିୟା ॥
କଟୀରେ ପୀତ ପଟ ଭୂଷଣ, ତଡ଼ିତ ଏ ଗତ କାନ୍ତି ମଣ ।
ନୀପ-ମୂଳେ ଧ୍ୱନି ଉଚ୍ଚାରଣ ; ବରଜ-ବାଳକ-ସଙ୍ଗିୟା ॥
ଚରଣ-ପଙ୍କଜ କି ସୁନ୍ଦର, ଭକ୍ତମାନଙ୍କ ସର୍ବଦା ମନ୍ଦିର ।
ସନ୍ତତ ପୀନ ବନମାଳୀର ; ଭକ୍ତ ଲୋକ ସାଦରଙ୍ଗ ରଙ୍ଗିୟା ॥

(5)

ଶଙ୍କରାଭରଣ—ତାଳ ଝୁଲା

ନବ ନାଗର କହ୍ନା ମୁରଲୀ ବଜାଏ ।
ଶୁଖିଲା ତରୁକୁ ପଲ୍ଲବାଏ । ପଦ ॥
ଶୀତ ଋତୁ ନୋହେ ତନୁ କମ୍ପାଏ ।
ବିଶିଖ ନୋହେ ମରମକୁ ପାଏ ।
ଶିଖି ନୋହେ ମାନସ ତତାଏ ॥
କେବା ଜାଣେ କେହୁ ମନ୍ତ୍ର ଗାଏ ।
କର୍ଣ୍ଣେ ବାଜି ଆଉ ନ ଚଳେ ପାଏ ।
ବଳେ ଧରି ମଦନେ ମତାଏ ॥
ହଠ କରି ଜନ ଘାଟକୁ ଯାଏ ।
ଆଭୀରୀ-କୁଳେ କଳଙ୍କ ଲଗାଏ ।
ନୀପ ମୂଳେ ଉଭା ଶୋଭା ପାଏ ॥
ବନମାଳୀ ଏହୁ ରସରେ ଗାଏ ।
ଅସତ କଥାକୁ ସତ କରାଏ ।
ତାହା ଯେନ ଏତେ ଦୁଃଖ ପାଏ ॥

(6)

ରାଗ—କାମୋଦୀ । ଅଠତାଳି

ଦିନେ ନ ଡାକିବୁ ରାଧିକା ବୋଲି ରେ ମୁରଲୀ ତୋରେ ଶରଣ ଗଲି । ଘୋଷା ॥
ସେ ନନ୍ଦସୁତ ମୁଁ ରାଜ-କୁମାରୀ । ବଂଶୀ ଦେଲୁ ସିନା ପରତେ କରି ॥
ଲୁଚି ଲୁଚି ଯାଏ ସଖୀ ସଙ୍ଗତେ । କି ଯେନ ଚହ୍ଲିଲୁ ମୁରଲୀ ମୋତେ ॥
ଜାତି ତୋର କଣ୍ଠା ବାଉଁଶ ଖଣ୍ଡ । ଧ୍ୱନି ସଙ୍ଗେ ଥାଇ କୁସୁମ କାଣ୍ଡ ॥
କୃଷ୍ଣହସ୍ତୁଁ ତୋତେ କେ ଦ୍ୟନ୍ତା ମୋତେ । ଭସାଇ ଦିଅନ୍ତି ଯମୁନା ସ୍ରୋତେ ॥
ମୁରଲୀରେ ତୋର ଏଡ଼େ ବଡ଼ାଇ । ପତିବ୍ରତା-ପଣ ଦେଉ ଛଡ଼ାଇ ॥
ବନମାଳୀ ବୋଲେ ଯୋଡ଼ୁଛି କର । ଆଉ ଦିନେ ମୋର ନାମ ନ ଧର ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

(7)

ରାଗ ଲଳିତା—ଅଠତାଳୀ

ଘନ କାଳିଆରେ ସେ ମୋ ଜୀବ ଜୀବନ ।
ମିତଣୀ ମୋ ବଡ଼ ସବୁ ପୀତ-ଦୁକୁଳିଆ । ପଦ ॥
ଗଲେ ଏ ପରାଣ ଯାଉ, ନ ତେଜିବି ତାଙ୍କୁ ଆଉ ।
ନାହଲେ ନେବେ ସର୍ବଦା କାଳନ୍ଦୀ-କୂଳିଆ ॥
ଲାଗୁ କୁଳରେ କଳଙ୍କ, ଜୀବୀକା ମୋ ପଦ୍ମମୁଖ !
ଦୁଃଖ ପାସୋରା ମନ୍ତ୍ର ଶିଖଣ୍ଡଚୂଳିଆ ॥
ବନାଶିବା ସେ ଆଦର, ମନାସୁଛି ସଙ୍ଗ ତାର ।
ନୟନ ପିଙ୍ଗୁଳା ରଙ୍ଗ କାଉଁଶ ମାଳୀଆ ॥
ହେଜ କହିଲ ଏଣିକି, ସଜନୀ-ଛଳ-ବାଣୀକି ।
ତେଜିବାକୁ ସତେ ମନ ନନ୍ଦଦୁଲାଳିଆ ॥
ଶ୍ରୀମତୀ ଏସନ ବାଣୀ, ପ୍ରିୟ ସଖୀ ଆଗେ ଭଣି ।
କହେ ବନମାଳୀ ଚନ୍ଦ୍ରା ବରଜ-ଧୂଳିଆ ॥

IV.

HRIDANANDA.

ତୋଡ଼ୀପରଜ—ଅଦତାଳ

ଦୀନବନ୍ଧୁ ଜୟ ନୀଳାଦ୍ରିବିହାରୀ ।
ଭକ୍ତଙ୍କର ହିତେ ନାମ ବହିଅଛ
କରେ ଶଙ୍ଖ ଚକ୍ର ଧରି । ଘୋଷା ॥
ସୀତାମାତା-ଧର ସୁତା-ବାହନର
ଭକ୍ଷ, ଡାକନ୍ତା ଆରତେ ।
ରଥାଙ୍ଗ ପେଷିଲ ଅଗ୍ରାହ ନାଶିଲ
ରକ୍ଷା କରିଲ ତ୍ୱରତେ ॥
ନାକଲୋକରାଜ- ତନୁଜ-ଅଗ୍ରଜ-
ଜାୟା ଚନ୍ଦ୍ରନ୍ତା ଆକୁଳେ ।
ଲଜ୍ଜା ନିବାରଣ ଅବଳା ତାରଣ
କରିଅଛ ଅବହେଳେ ॥
ଗିରୀଶଦୁଲାଳ— କନିଷ୍ଠ-ମାତୁଳ
ସଙ୍ଗେ ମଇଏ ହୋଇଲ ।
ବାମନାରି-ଅରି- ଆତ୍ମଜାକୁ ହରି
ଏକା କାଣ୍ଡକେ ବଧିଲ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସମ୍ବରଣ-ପର-   ଧରଧରାସୁର
ବଂଶ ଅଜାମିଳ ଜାତ ।
ଅନ୍ତକାଳେ ଥରେ   ନାମ ଜପିବାରେ
ବଇକୁଣ୍ଠେ କଲା ସ୍ଥିତ ॥
କହେ ହୃଦାନନ୍ଦ   ବେନ ଜନ୍ମ ମନ୍ଦ
ମୁଁ ଅଜାମିଳୁଁ ଅଧିକ ।
କେକ-ପ୍ରିୟ-ପୁଚ୍ଛ-   ଉଭବ-ବାନ୍ଧବ
ଭୁମର ଭୟରୁ ରଖ ॥

V.

BALLAVANANDA.

ରାଗ ସାବେରୀ—ତାଳ ଝୁଲା

ତୋ ଲାଗି ଗୋପଦାଣ୍ଡ ମନାରେ କାଳିଆସୁନା ।
ତୋ ଲାଗି ନ ଯିବ ଯମୁନାରେ । ପଦ ॥
ନିତ ଏହି ବାଟେ ଯାଉରେ କାଳିଆ,   ନିତ ଏହି ବାଟେ ଯାଉ ।
ଘାଟର କଉଡ଼ି ମାଗିଲେ କାଳିଆ,   ମୁରଲୀ ବଜାଉ ଥାଉରେ ॥
ତୁହି ଗୋପପୁରେ ରାଜାରେ କାଳିଆ,   ତୁହି ଗୋପପୁରେ ରାଜା ।
କେମନ୍ତେ ସଜରେ ମୁରଲୀ ବଜାଉ,   ଆହ୍ମର ଟିକଏ ବଜାରେ ॥
ତୁହି ବଡ଼-ଘର-ପୁଅରେ କାଳିଆ,   ମୁହିଁ ବଡ଼-ଘର-ବୋହୂ ।
ସରମ ତୋତେ ତ ନାହିଁରେ କାଳିଆ,.   ମରମ କଥା ତୁ କହୁରେ ॥
ତୁହି ଅଟୁ ନନ୍ଦଗୃଠରେ କାଳିଆ,   ତୁହି ଅଟୁ ନନ୍ଦଗୃଠ ।
ମଥୁରା ହାଟକୁ ଦଧି ବିକ ଗଲେ,   ନିତ ମାଗୁଥାଉ ଘାଟରେ ॥
କହଇ ବଲ୍ଲଭାନନ୍ଦ ସଖିବୃନ୍ଦ,   ଶୁଣ ଆହେ ସଖିବୃନ୍ଦ ;
ଯମୁନା-କୂଳରେ ମୁରଲୀ ବଜାଏ,   ତୁମ୍ଭ ଧେନ କୃଷ୍ଣଚନ୍ଦ୍ର ॥

SELECTIONS FROM GOPALKRISNA'S WRITINGS.

(Author died in 1862.)

(I)

ସ୍ୱାଭିଷ୍ଟଲାଲସା

ଏତେ ଭାଗ୍ୟ ମୋର ହେବକି ?   ହେବ ବୃନ୍ଦାବନେଶ୍ୱରୀ-ସେବକୀ
ଶ୍ରୀଗୁରୁ ଦତ୍ତ ବୀଜମନ୍ତ୍ର କଳପ-ବଲ୍ଲୀରେ ପ୍ରେମ-ଫଳ ଫଳିବ କି ?
ଶ୍ରୀସ୍ୱାମିନୀଙ୍କର ଜାବତ,   ଅଷ୍ଟକାଳ ସେବା ସନ୍ତତ
ଶ୍ରୀରୂପ-ମଞ୍ଜରୀ ଆଜ୍ଞା ଶିରେ ଧରି କରିବ, ମନୋରଥ ପୂରିବ କି ?

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବ୍ରଜରାଜ-କୁଳ-ଚନ୍ଦ୍ରମା, ଦୋଷ କରିବା ପାଇଁ କ୍ଷମା
ମୁଁ ଲଳିତାଙ୍କ ପଦାବ୍ଜେ ପଡ଼ି ଜଣାଇବା ଶୁଭଦଶା ସମ୍ଭବିବ କି ?
ଗୋଷ୍ଠେଶ୍ୱରୀ କୋଳରେ ଧରି, ବଧୂ-ସଧେ ଲାଳନା କରି
ସ୍ନେହେ ଅଶ୍ରୁପୋଛି ସ୍ୱେଶ୍ୱରୀଙ୍କ ଲଜ୍ଜା-ନମ୍ରମୁଖ ବହି ଦେଖାଇବ କି ?
ରାସ-ରସାମୃତାବ୍ଧି ବନ୍ଧୁ, ଅଙ୍କରେ ଜଟିଳାଙ୍କ ବଧୂ
ବଜେ କରିବାର ଦେଖି ମୋ ଆଖିର ସୁଖ ଅକୂପାର ଉଚ୍ଛୁଳିବ କି ?
ହୃଦେ ଧରି ସେ ଦୁଇରୂପ, ଶ୍ରୀମଞ୍ଜରୀ ସଖୀ-କଳାପ
ବୋଲେ ଗୋପାଳକୃଷ୍ଣ ମୁଖେ ଶ୍ରୀରାଧାକୃଷ୍ଣ ବୋଲି ଜୀବ ବରଜିବ କି ?

(2)

ରାଧାଙ୍କ ପ୍ରତି ସଖୀ-ଉକ୍ତି

ଯିବାପରି ପରାଣ-ସଙ୍ଗିନୀ ଉଠି ଆରେ
ଦଣ୍ଡୁଥିବ ଶ୍ୟାମ, ବାମପାଶ ପଡ଼ିଆରେ । ଘୋଷା ॥
ବ୍ରଜ-ହାଟବାଟ, ହେଲାଣି ନିଛାଟ ।
ଜଗିଥିବେ ବ୍ରଜ-ବଧୂ ନିକୁଞ୍ଜ-ଦୁଆରେ ॥
ପବନେ ପଲ୍ଲବ, ଚହଲେ ମାଧବ ।
ପଥ ଚାହିଁ ଛନ୍ତି ଧରି କେଶର ପୁଆରେ ॥
ଆଜ ହେବା ସଜ, ପରାର୍ଦ୍ଧ ତରଜ ।
ନଉଁଛଇ ହେବେ ହୋଇ ପଦତଳଥରେ ॥
ଅନା ଔଷଧୀଶ, ହେଲାଣି ପ୍ରକାଶ ।
ଶୁଣୁନାହୁଁ କୁଞ୍ଜେ ଅଛନ୍ତି ଏ କୁଟିଆରେ ॥
କାମ ହେଲା ଆସି, ଉଠାଉଛି ବସି ।
ଭାଲୁ ଭାଲୁ ଡାକବତ କୁକ୍କୁଟେ କୁଆରେ ॥
ଆଲୀ-କର ଧରି, ଚାହିଁ ଶ୍ରୀକିଶୋରୀ ।
ଗୋପାଳକୃଷ୍ଣ ଭଣେ ହେଟି ସେ କାଳିଆରେ ॥

(3)

ବାସକସଜ୍ଜା

ମୋହନ-ରୀତି ଚହ୍ଲା ପଡ଼ିଲା ମା ।
ଅପାର ରଜନୀ ହେଲାରେ ସଜନୀ ।
ପ୍ରାଣ-ବଧୂକୁ ବଧୂ ଚୁମ୍ବିଲା ମା ॥
କି ଯୋଗରେ ଆଜ ସାଜିଥିଲି ସଜ ।
କାନନ ମଲ୍ଲୀ-ଦଶା ଘୋଟିଲା ମା ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତୋଳି ଦେ ଗୋ ତଳ୍ପ   ପୂରିଲା ସଂକଳ୍ପ ।
ନିକୁଞ୍ଜ ଭାଗ୍ୟ-ଭୋଗ ଅଣ୍ଟିଲା ମା ॥
ପର ପୀରତିକ   ପୁରୁଷ ଜାତିକ ।
ପରତେ କଲା ଫଳ ଫଳିଲା ମା ॥
ଗୋପାଳକୃଷ୍ଣ ସେ   ସେ ସମୟରେ ଭାଷେ ।
ଲୁଚିଛନ୍ତି ସବୁ ଶୁଭିଲା ମା ॥

(4)

ବରହୋଳଣ୍ଡା

ବ୍ରଜ-ବଧୂଙ୍କୁ ପଥ କେ ହୁଡ଼ାଇଲାରେ ।
କେ କସ କହିକ ବଗଡ଼ାଇଲାରେ ॥
ସୁଖେ ପୁଆଇବ ନିଶା   ବୋଲି କରିଥିଲି ଆଶା,
ନ ସହି କେ ମୋର ମନୋରଥ-ଆଶା-ମୂଳ ଉପୁଡ଼ାଇଲା ରେ ॥
ପାଖିବାର ଗଲା କେଣେ   ବେଶ ହେଲା ଅକାରଣେ
ନିକୁଞ୍ଜ-ତଳପତଳେ ପଣନ୍ତରେ ମୋତେ ତ ଗଡ଼ାଇଲା ରେ ॥
ମଦନ ଦାବ ଦହନ   କଦନର ବିମୋଚନ
ପରମ ପ୍ରେମ-ପୀୟୂଷପୂର୍ଣ୍ଣ ଚଷକ କରୁ ଛଡ଼ାଇଲାରେ ॥
ଆହା ତୋଳାର ପିଉଳା   ଗଳାର ମସାର ମାଳା
ଦୁର୍ଦ୍ଦଳିବ ଦୂର କରି ନୟନରୁ ନୀର ନିଗଡ଼ାଇଲାରେ ॥
ଗୋପାଳକୃଷ୍ଣ ଭଣଣ   ଉଠ ଅଇଲେ ରମଣ
ବୋଲି କୁଞ୍ଜ ଦେହଳିକି ତର୍ଜ୍ଜନୀ ବଢ଼ାଇଲାରେ ॥

(5)

ଖଣ୍ଡିତା

ଶ୍ୟାମ ଯାଯା ଜୁହାର ତୋ ପୀରତି କି ।
ତୋର କଥାକୁ କୁଳଜା   ପରତେ କରିଥିବ ଯା
ହୃଦୟରେ ନମାଇ ଧେନ କାଟିକ ॥
ବରଜର ଗାରଉଆ   ଦେଖି ଏ ଭୁରୁ ଡ଼ିଆ
ମନମଥ ଭୂତ ଲଗାଉ ସତୀକ ॥
ମୁଁ ବୁଦ୍ଧି ହୁଡ଼ିଲଣିତ   ହୋଇଲା କାଳେ ବାଲୁତ
ମାର ପକାଇଥିଲା କେ ଯୁବତୀକ ॥
ଗୋବର୍ଦ୍ଧନ-ମଲ୍ଲ ଧରୁ   ଲୁଚି ଅଇଲା ବେଳରୁ
ଚିହ୍ନୁଁ ନଥିଲି ମୁଁ କି ସେ ପଦ୍ଧତିକ ॥
ଗୋପାଳକୃଷ୍ଣ କହଇ   ବୋଲନ୍ତ ସେ ମୁଁ କହିଇ
କୁଆଁ ବୋଇଲେ କୁହିଁବ ଧରଣୀକ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

RAJA BAHADUR PRATAPRUDRA SING DEO, LATE RULING CHIEF OF SONEPUR STATE.

(Born July 1853, Died August 1902.)

(1)

ସଖୀ-ବଚନେ ରାଧିକା, ଶ୍ୟାମ-ପ୍ରେମାଧିକା,
ହୋଇ ନୟନରେ ଭରିବାରି ;
ବୋଲେ ସେ ରୂପ ଦେଖାଅ, ଜୀବନ ରଖାଅ,
ନଦେଖିଲେ ନଷ୍ଟେ ଯିବ ମରି ।
ନାମ ସୁଧାରୁ ମଧୁର, ଲାଗୁଛି ମଧୁର,
ହୋଇଥିବ ଯେତେ ଭଲ ରୂପ ;
ଦେଖି ମୋର ବେନି ନେତ୍ର, ହୋଇବ ପବିତ୍ର,
ଦୂର କର ଚିର କାଳ ପାପ ।
କୃଷ୍ଣ ନାମ ଶୁଣି ତୃଷ୍ଣା, ହେଲାଣି ମୋ କୃଷ୍ଣ
ବର୍ଣ୍ଣ ଚାହୁଁ ଥାନ୍ତି ଅବିରତେ ;
ସୁଧା ଯାହାକୁ ଚଖାଇ, ସେନିକି ନଖାଇ,
ମୁରୁଛି ରହଇ ଯେନ ଚିତ୍ତେ ।
ନାମ ଶୁଣିବାକୁ ମୋତେ, ଶ୍ରବଣ ଅୟୁତେ,
ଦେଇନାହିଁ ସଖି ! ବେଦବର ;
ମୋର ଅନନ୍ତ ରସନା, ହୋଇଥିଲେ ସିନା,
ଗୁଣିବା ମନ ହୁଅନ୍ତା ସ୍ଥିର ।
କୃଷ୍ଣ ନାମକୁ ଶୁଣାଇ, ମରମେ ହାଣାଇ,
କୃପା ନ କରୁଛ କିପାଁ ମୋତେ ;
ମରୀଚିକା ଚାହିଁ ମୃଗ, ଯଥା ଉଦ ବେଗ,
ମିଥ୍ୟାରେ ଭୁଲାଅ ନାକି ମୋତେ ।
ଯେବେ ଶ୍ୟାମ ନାମ ସମ, ସ୍ୱରୂପ ସୁଷମ,
ଅଛି ଦେଖାଇଣ ମୋତେ ରଖ ;
ଯଶ ଅଶେଷ ମହୀରେ, ପ୍ରସ୍ତର ସହରେ,
ଦୁଃଖି ନେତ୍ରକୁ ମୋ ଦେଇ ସୁଖ ।
ରାଧା ବାଣୀ ଶୁଣି ଭଲ, ତହିଁ କେଉଁ ଆଲୀ,
କୃଷ୍ଣଚିତ୍ରପଟ ଆଣିଦେଲା ;
ଚାହିଁ କିଶୋରୀ ଅନ୍ତର- ଗତର କାତର-
ତରଙ୍ଗିଣୀ ବୃଦ୍ଧି ହୋଇଗଲା ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ନିରଖିଣ ଦମ୍ଭ କୁଳ, ଲାଜଭୟ କୂଳ-
ଶୀଳ-ତଟତରୁ ଉପାଡ଼ିଲା ;
ଅଷ୍ଟ ସାତ୍ତ୍ୱିକ ପବନ, ଘାତରେ ଯବନ,
ବିବେକ-ନାବକୁ ବୁଡ଼ାଇଲା ॥
ମାର ପାଇ ଅବସର, ଶାଣଦିଆ ଶର,
କୋଟିକୋଟି ବିନ୍ଧିବାରୁ ବାଜି ;
ଚଳି ନ ପାରି ସେରକ୍ତି, ସ୍ୱେଦଚ୍ଛଳେ ବ୍ୟକ୍ତି,
ଫୁଟି ରୋମାଞ୍ଚ କ ଫୁଲରାଜି ॥
କହୁଁ କହୁଁ ସ୍ୱରଭଙ୍ଗ, ହୋଇ କମ୍ପି ଅଙ୍ଗ,
ଚାହୁଁ ଚାହୁଁ ଭଜିଣ ବିବର୍ଣ୍ଣି ;
ଅଶ୍ରୁ ନୟନରୁ ଗଳି, ନପାରି ସମ୍ଭାଳି,
ନଷ୍ଟଚେଷ୍ଟିତ ହୋଇଗଲା ମୂର୍ତ୍ତି ॥
ଚେତା ଲଭନ୍ତେ ମହିଳା, କେସଖୀ କହିଲା,
ଦେଖ ଶ୍ୟାମ ରୂପ ଦମ୍ଭ ଧରି ;
ହେଲେ କୋଟି କୋଟିମାର, ଅଶ୍ୱିନୀ କୁମାର,
ପାଦ ତଳକୁ ନୋହିବେ ସରି ॥
ସହଚରୀ-ବାଣୀ ଶୁଣି, କହନ୍ତି ରମଣୀ-
ଶିରୋମଣି ଧନ୍ୟଧନ୍ୟ ଚାରୁ ;
ମୋର ନୟନେ ଲକ୍ଷିଲା, ଯେ ଚିତ୍ର ଲେଖିଲା,
ହୋଇଥିବ ବିଶ୍ୱକର୍ମ୍ମା ଗୁରୁ ॥
ନାହିଁ ତ୍ରିପୁରେ ସମାନ, ଚାହିଁଲେ ସମାନ
ହୋ ନରହିବେ ନାରୀ କେହି ;
ଯେବେ ଦେଖି ଦେବ ରତି, ତା ପତି ବରତି-
ପଣ ବରତି ରହିବ ନାହିଁ ॥
ସଖି ମୋହନ ସଦନ, ନିଶ୍ଚେ ଏବଦନ
ପାଇ ନୟନ ଛାଡ଼ିଲା ନାହିଁ ;
ଚନ୍ଦ୍ରାକର ଅହର୍ନିଶେ, ସେ ମୁଖ ମାନସେ,
ସ୍ୱର୍ଣ୍ଣିପୁର ଯୁବରାଜ କହି ॥

ଗୀତ

ରାଧିକା ଅଧିକା ପ୍ରେମରେ କହି ;
ସଂସାରର ସାର ରୂପ ଏସହି ।
ସର୍ବ ଉପମା ଛାଣି ଛାଣି ଆଣି,
ବିହି ଏ ଲାବଣ୍ୟ ପୁରି ନିର୍ମ୍ମାଣି ସେ ।
କରିଛି ନୟନ କାରି ଯେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଚନ୍ଦ୍ରବ୍ୟାଜ ଚନ୍ଦ୍ର ପ୍ରକାଶିତ ନେତ୍ର
ସୁଖ ପାଇ ପଡ଼ି ଧନ୍ୟ ଗୋ ।
ରୂପାସ୍ୱପଣ ମାର ଠାରେ ଥିଲା ;
ବହି ତହିଁରୁ ସିଦ୍ଧି ନ ପାଇଲା ।
ଏବେ ଏହାଙ୍କୁ ତା ଦେଇଛି ଦେଖ,
ଭ୍ରୂ ଲତା ଧନୁ ନେତ୍ର ଶିଳୀମୁଖ ସେ ।
ନାସିକା ତୂଣୀର ସତ ୍ୟ ।
ଚନ୍ଦ୍ର-ହାସ ଧର ଦର୍ଶୁଛି ମାଧୁରୀ
କଣ୍ଠସ୍ୟ ନେତ୍ରାନ୍ତ କାନ୍ତ ଯେ ।
ବାଦେ ଜିଣି ଏ ଅଶ୍ୱିନୀ-କୁମାର ;
ବଳେ ଆଣିଛି ସର୍ବାଙ୍ଗ ସୁନ୍ଦର ।
ଭୃଙ୍ଗ ଘନସାର କଣ୍ଠସ୍ୟ ଏହି ;
ଚପଳାକ୍ଷ କୃଷ୍ଣ ପୁଷ୍କର ସହି ଗୋ ।
ଖଣ୍ଡଧାରୀ ଶ୍ରୀସ୍ୱେ ଦେଖ ଗୋ ।
ଦେହ ଦାହ ରୋଗ ନାଶ କର ବେଗ
ସ୍ନେହୀ ଜନେ ଦେବ ସୁଖ ଗୋ ।
ପୂର୍ଣ୍ଣିମା ଚନ୍ଦ୍ର- ଶିରୀ ବଳେ ହରି ;
ସକଳ ଲକ୍ଷଣେ ଦଶେ ମାଧୁରୀ ।
ଶ୍ୟାମା ସୁଖ ମଣ୍ଡେ ଉଦୟ ଯାର ;
ହରିତ ଅମ୍ବରେ ଦଶେ ରୁଚିର ଗୋ ।
ଚକ୍ଷୁ ଚକୋରକୁ ତୋଷି ଗୋ ।
କରସ୍ପର୍ଶରେ ଏ ଅନାୟାସରେ
ତାପକୁ ଦେବ ବନାଶି ଗୋ ।

(2)

ଚୋଇ

କୃଷ୍ଣ ବିହାର ବନରେ, ହରଷ ମନରେ,
ରାଧାଙ୍କୁ ଘେନି ପ୍ରବେଶ ସଖୀ ।
କୁଳ କୁଳ ଫୁଲ ତୋଳି, କହୁଛନ୍ତି କେଳି,
ନାମ ତରୁ ଲତା ଶୋଭା ଦେଖି ।
ସଖି ଦେଖ ଏ ଦକ୍ଷିଣ, ବାତ ବଚକ୍ଷଣ,
ଦକ୍ଷିଣ ନାୟକ ଗୁଣ ଧରି ।
ସମେ ସୁମନା କୁଳକୁ, ଦେଇ ଆନନ୍ଦକୁ,
ଆଲିଙ୍ଗନ କରି ବାସ ହରି ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କେ ବୋଲେ ରେ ଜବାଧର,   ଦେଖ ଧରାହାର,
ମାଧବୀ ସାଧବୀ ଗୁଣ ଧର ।

ଶଠ ନାୟକ ମିଳନ୍ଦ,   ଆଗରେ ମରନ୍ଦ,
ଲୋଟକ ମୁଖୁଁ ସେବନ କର ।

ଦେଖ ମାଳତୀ ରସିକା,   ସ୍ୱାଧୀନ ଭର୍ତ୍ତୃକା,
ଅଧୀର କର୍ମ ବହୁଛି ରୋଷେ ।

ତବ ଛଳେ ତୁ ସୁମନା,   ମୋର ଗତ ସିନା,
ଭୃଙ୍ଗ ଅନୁକୂଳ ପୁଂସ ଭାଷେ ॥

ଭୃଙ୍ଗ ହୋଇ ନାଗେଶ୍ୱର—   ପରାଗେ ଧୂଷର,
ଧୃଷ୍ଟ ନାୟକ ସ୍ୱଭାବେ ଆମି ।

ଗୃହେଁ ବନ୍ଧୁକ ଖଣ୍ଡିତା,   ଧୀରାକୁ ପଣ୍ଡିତା,
ରବେ ତୁ ମୋ ବନ୍ଧୁଜୀବ ଭାଷି ॥

ଦେଖ ନଃଶଙ୍କ ନର୍ଲ୍ଲଜେ,   ଗର୍ଜିଁ ପୁନ ତର୍ଜ୍ଜେ,
ତୋବକୁ କ ମୋ ପ୍ରେୟସୀ ନାହିଁ ।

ଶାଖାସ୍ଥିତ ଶୁକରବେ,   ଜଣାଗଲା ଏବେ,
ବୋଲି ସେ ବକ୍ର ଉକ୍ତିକ କହି ॥

ଦେଖ ତମାଳ ବଲ୍ଲରୀ,   ତମ ବଭାବରୀ,
ଦେଖି ଜବା ଅଭିସାରୀ ବେଶ ।

ପିଞ୍ଛବନମାଳ ଚେଳ,   ଦଶୁଛି ମଞ୍ଜୁଳ,
ରଙ୍ଗପୁଟେଷ୍ଟ କର କେଶ ବେଶ ॥

ଦେଖ କେତକୀ ବନତା,   କଳହାନ୍ତରିତା,
ଭ୍ରମର ଗୃହୁ ନ ଘେନ ଟେକ୍କା ।

ଚତ୍ତେ ଚନ୍ଦ୍ର ରୂପ ଗୁଣ,   ହେବା ଅକାରଣ,
ପଶ୍ଚାତାପେ ଏବେ ମ୍ଲାନ ଭଜ ॥

ଦେଖ ସଖି ଆଳପ୍ରିୟ,   ଚତ୍ତେ ଚନ୍ଦ୍ରପ୍ରିୟ,
ଯଥା ବରହୋତ୍କଣ୍ଠିତା ନାରୀ ।

ପୁଷ୍ପବ୍ୟାଜେ ରୋମାଞ୍ଚିତ,   ପବନ କମ୍ପିତ,
ବେପଥୁ ମରନ୍ଦ ଅଶ୍ରୁ ଧର ॥

ଦେଖ ଦେଖ ସୁରସିକା,   ପ୍ରୋଷିତ ଭର୍ତ୍ତୃକା-,
ପତ ପରାୟେ ପଲାଶବନ ।

ପୁଷ୍ପ ବ୍ୟାଜରେ ବରହ,   ଜାତ ହୁତବହ,
ଜଳୁଛି ପ୍ରିୟା ବଯୋଗେ ଘେନ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କୁଳ ପାଳକା ବାଳକା, ପରଶେଫାଳିକା,
ଦେଖ ହୋଇଛୁ ବାସକ-ସଜ୍ଜା ।
କଳ ମଣ୍ଡନେ ସୁବେଶ, ହୋଇ ସୁମନସ-
ପାତଛଲେ ସଜାଇଛୁ ଶଯ୍ୟା ।
ଦେଖ କେଶରୀ ସୁମଧ୍ୟା, ଚମ୍ପା ବପ୍ରଲବ୍ଧା,
ବନ ସଂକେତ ସ୍ଥାନରେ ରହି ।
ପୁଂସ ଭ୍ରମର ପାଶରେ, ନୋହୁଁ ପ୍ରବେଶରେ,
ବିରସରେ ଅପମାନ ବହି ।
ଦେଖ ଗଣିକା କଳାପ, ତୃମ୍ବିଣ ମଧୁପ,
ସୁନାଇ ପାଶେ ପ୍ରବେଶ ଆସି ।
ବାତ ପ୍ରକମ୍ପନ ବ୍ୟାଜେ, କମ୍ପକୁ ସେ ଭଙ୍ଗେ,
ତରଙ୍ଗେ କପୋତ ଦଣ୍ଡପାଣୀ ।
ଦେଖ ସେବତୀ ଯୁବତୀ, ନବ ପୁଷ୍ପବତୀ,
ଭ୍ରମର ଯାରେ ଲୋଲୁପ ବହି ।
ଚୁମ୍ବି କରଛନ୍ତି କୋଳ, ହୋଇ ମତ୍ତଭୋଳ,
ସ୍ୱର୍ଣ୍ଣପୁର ଭୂପ-ସୁତ କହି ।

ଗୀତ

ନନ୍ଦ ନନ୍ଦନ ମଦନ ସୁନ୍ଦର ।
ସୁନ୍ଦରୀ-ମାନ— ଉଦଧି-ମନ୍ଦର ।
ଏକାଳେ ମିଳି ରସୋଦଧି ବନେ ।
ସଂଭ୍ରମେ ଭ୍ରମନ୍ତି ବିରହ ଛନ୍ଦେ ସେ ।
ଶୁଣିଲେ ଭୃଙ୍ଗ-ଝଙ୍କାର ଯେ ।
ହୁଅନ୍ତି କାତର, ମଣି ଅନଙ୍ଗର ।
ଧନୁ-ଶିଞ୍ଜିନୀ-ଟଙ୍କାର ସେ ।
ଦେଖି ବିକଚ କିଂଶୁକ ବଦନ ।
ମନେ ପାଅନ୍ତି ଏ ଦାବ ଦହନ ।
ମନ୍ଦଶୀତ ବାତ ଲାଗୁଁ ଜପତ ।
ବିଶ୍ୱଚନ୍ଦ୍ର ତାର ଜ୍ୱାଳା ବ୍ୟାପତ ସେ ।
ଅଙ୍ଗରେ ପଡ଼ୁଁ ପରାଗ ସେ ।
ନ ସହି ତା ଇଷି, ଇଷି ଉଚ୍ଛେ ଭାଷି,
ପରତେ ହୁଏ ସ୍ଫୁଲିଙ୍ଗ ସେ ।
ଭ୍ରମୁଁ ପ୍ରବେଶ କିଶୋରୀ ସନ୍ନିଧି ।
ପାଞ୍ଚିଲେ ଦେଖି ଏତ ରସନିଧି ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଲାବଣ୍ୟକୁ ଭଳି ଜଳ ପୂରିତ ।
ଉଛଳୁଚ ବେନି ମଣିଲେ ପୋତ ସେ ।
ମୀନ ଚଞ୍ଚଳ ନୟନେ ଯେ ।
ଚାରୁ ଭୁଜ ଚାହିଁ ବୀଣ ନଷ୍ଟେଁ ଏହି,
ବୋଲି ବିଚାରନ୍ତି ମନେ ଯେ ॥
ପୁଣି ବିଚାରନ୍ତି ନୋହେ ଏ ସିନ୍ଧୁ ।
ବଦନ ଶରଦ ପୂର୍ଣ୍ଣିମୀ-ଇନ୍ଦୁ ।
ଈଷଦ୍ ହାସ ପୀୟୂଷ ରସ ।
ଜୀବ ଅଜୀବ କରୁଛି ସରସ ସେ ।
ନଷ୍ଟେ ନୋହେ ଆନ ନାରୀ ଯେ ।
ବୃଷଭାନୁ-ଜେମା, ଅତି ଅନୁପମା,
ହେବ ଏ ବନେ ବିହରି ଯେ ॥

VAN-VIHAR.

KALPATARU DAS OF GANJAM.

(From author's Ramalila-jatra.)

ରାମ—ଦେଖ କେତେ ଚମ୍ପାଫୁଲ, ଗୋଟିକୁ କୋଟିଏ ରତନ ମୂଲରେ ।
ନାଗରୀବର । ଦେଲେ ଆଣି ଦେବ ଚାଲ । ନାଗରୀବର ॥
ସୀତା—ରତନ ମୋଠାରେ ନାହିଁ, ଯତନେ ଅଧର ଦେବ ଚଖାଇ ହେ
ମୋ ପ୍ରାଣବନ୍ଧୁ ! ଆଣିଦିଅ ସ୍ନେହବହି । ମୋ ପ୍ରାଣବନ୍ଧୁ ॥
ରାମ—ଦେଖ ଫୁଟିଅଛି କିଆ, ଏହା ମୂଲ ହେବ ଶତେ ସୁନାଆରେ
ନାଗରୀବର । ଦେଖି ହୋଇଥାଅ ଠିଆ । ନାଗରୀବର ॥
ସୀତା—ସୁନାଆ କାହୁଁ ପାଇବ, କରତେ ତୁମ୍ଭପାଦେ ସେବୁଥିବ ହେ
ମୋ ପ୍ରାଣବନ୍ଧୁ । ଆଣିଦିଅ ସ୍ନେହବହି ମୋ ପ୍ରାଣବନ୍ଧୁ ॥
ରାମ—ଧନରେ ଦେଖ ଫୁଟିଛି ମନ୍ଦାର, ଏହା ମୂଲ ହେବ ତୋର ଅଧରରେ
ନାଗରୀବର ! ବୋଇଲେ ଦେବ ସତ୍ୱର, ନାଗରୀବର ॥
ସୀତା—ମୁଁ ବୋଲିବ କେଉଁ ପର, ମୁହିଁ ସିନା ତୁମ୍ଭର ଆଜ୍ଞାକାରୀ ହେ
ମୋ ପ୍ରାଣବନ୍ଧୁ । ମୁଁ ଅଟଇ ମନୋହାରୀ । ମୋ ପ୍ରାଣବନ୍ଧୁ ॥
ରାମ—ଦେଖ ଫୁଟିଛି କଅଳ, ଅଳକା ତଳକୁ ହେବ ଶିଙ୍କୁଳ ରେ
ନାଗରୀବର । କହ ଆଣି ଦେବ ତୋଳି ନାଗରୀବର ॥
ସୀତା—ଅଗତ ହେବ ବାସନା, ପ୍ରଭୁ କି ନ ଜାଣ ମୋର ବେଦନା ହେ
ମୋ ପ୍ରାଣବନ୍ଧୁ । କେ କଳି ତହିଁକ ମନ । ମୋ ପ୍ରାଣବନ୍ଧୁ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରାମ—ଏପରି ଫୁଲର ଶୋଭା, କେତେ କହିବ ମୋ ପ୍ରାଣ-ବଲ୍ଲଭ ରେ
ନାଗେଶ୍ୱର । କ୍ଷଣେ ହୋଇଥାଅ ଉଭା ନାଗେଶ୍ୱର ॥
ଭାବ କଳ୍ପତରୁ ଛନ୍ଦେ, ଭକ୍ତିଭାବେ ମୁଁ ସେବୁଛି ପାଦେ ହେ
ମୋ ପ୍ରାଣବନ୍ଧୁ । ନ ଭସାଅ ଭବାର୍ଣ୍ଣବେ ମୋ ପ୍ରାଣବନ୍ଧୁ ॥

DAK-VAÇAN.

(1) ପୂର୍ବ ମେଘ ଉଇଁ ପଶ୍ଚିମେ ପଣେ,
ସଜ ଗୋବରରେ ଅଂସାଇ ବସେ,
ଡାକ ବୋଲେ ପୂତା ନଷ୍ଟେ ବରଷେ ।
(2) ଆରେ ଜାଲିଆ, ଘୋଚୁକୁ ଲୁହା ଭାଲିଆ ।
(3) ଉଭା ମୁଠି, ଆଡ଼ ଦମୁଠି, କଆଶି ମଝିରେ ପୋତିବୁ କାଠି ।
ବିଲରେ ରଖିବୁ ପାଣି ସମାନ,
ପର୍ବତ-ଶିଖରେ କରିବୁ ଧାନ,
ଯେବେ ନୋହିବ ତହିଁରେ ଧାନ,
ତେବେ କାଟିବୁ ଡାକର କାନ ।
(4) ବଂଶ ଅଙ୍ଗୁଳ କରିବୁ କାଠ,
ତହିଁର ଅଧା କରିବୁ ଲାଠ,
ଯେତେ ଅଙ୍ଗୁଳ ତେତେ ଦଣ୍ଡ,
କି କରିବ ତୋର ପୋଥାଖଣ୍ଡ ।
(5) ସିଂହ ସରୁ ଲାଙ୍ଗୁଡ଼ ମୋଟା,
ଡାକ ବୋଲେ ପାଖେ, ନଯାଅ ବେଟା ।

DHAGAMALA

or

Popular Adages and Sayings.

(1) ଶୃଉଲ ପଛକେ ଅଧୁଆ ହେଉ
ପେଜ ହେଉ ବହଳିଆ,
ଘଇତା ପଛକେ ସନ୍ତୁଆ ହେଉ
ଲୁଗା ହେଉ ତଅଁରିଆ ।
(2) ଚେଇଁ ଶୋଇଥିବ ଯିଏ, ତାକୁ ଉଠାଇବ କିଏ ?
(3) ହାତରେ ବାହି, ଦର୍ପଣେ ଚାହିଁ ।
(4) ମନେ ମନେ ଲୁଚୁଛି, ଗୋଡ଼ ଦୁଇ ଦିଶୁଛି ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

(5) ଘରେ ନାହିଁ ଲେମ୍ବୁ ଲୁଣ, ସଭାରେ ଭଣେ ସାତ ଗୁଣ ।

(6) ଯାହା ନଖାଇଲି ଝିଅ, ତାହା ଜ୍ୱାଇଁ ପଛେ ଦିଅ ।

(7) ପାଖରେ ଶୁଏ କାନରେ କୁହେ, ତା କଥା କି ଅନ୍ୟଥା ହୁଏ ।

(8) ନ ଦେଖିଲି ଅଉ ଛ୍ଟ ଫଡ଼ା ।

(9) ଯାହା ନ ଦେଖିବ ବେନି ନୟନେ,
ପରତେ ନ ଯିବ ଗୁରୁ-ବଚନେ ।

(10) ବୋଝ-ଉପରେ ନଳିତା ବଡ଼େ,
ଶୀତ ଉପାସକୁ ସକାଳ ଗୋଇଠା ।

(11) ପ୍ରୀତି-ପଥ ବଡ଼ ଖପଡ଼ା,
ପଦେ ପଦେ ତହିଁ କଚଡ଼ା ।

(12) ଧୀର ପାଣି ପଥର କାଟେ ।

(13) ଦେହକୁ ଲାଗିଲେ ପୁଅକୁ ପକା ।

(14) ଚୋର-ମନ ଗଣ୍ଠିରେ ।

(15) ବୁଢ଼ା ଶେଉଳ କି କାଞ୍ଜି-ପାଣିରେ ଭୁଲେ ?

(16) ସାତ ଚକଟା ପୋହଳ-ଘଣ୍ଟା,
ବିଭୂତି-ଭୂଷିତ ଦ୍ୱିଗାଳ କଣ୍ଠା,
ତଲ-ପ୍ରସାଦେ ଚଉଦ ଭୁବନ ଦେଖିଲି
ଏବେ ହଲଉ'ଚ ବନଶୀ-କଣ୍ଟା ।

(17) ମାଙ୍କଡ଼ ହାତରେ ଶାଳଗ୍ରାମ,
ନଚାଇ ନଚାଇ ନେଲା ପ୍ରାଣ ।

(18) ଅଖାଇ ପାଲ'ଛି ଇଲିଶି,
ଲାଞ୍ଜି-ମୁଣ୍ଡ କରି ଗଲୁଛି ବସି ।

(19) ଯାହା ନାହିଁ ବାଳକାଳେ, ତାହା ନାହିଁ କାଳେକାଳେ ।

(20) ତୁଳସୀ ଦୁ' ପତ୍ରରୁ ବାସେ,
ବଳୁଆତ ଦୁ' ପତ୍ରରୁ କୁଣ୍ଡିଆ ହୁଏ ।

(21) ନଙ୍କ ନ ଦେଖୁଁ ଲଙ୍ଗଳା ।

(22) ହାଣ୍ଡିରେ ଖାଏ, ଗୋଡ଼ରେ ପଡ଼ିଲେ ଗାଧୋଇ ଯାଏ ।

(23) ଲୁହା ଜାଣି କମାର ପାଣି ଦିଏ ।

(24) ମନରେ ନାହିଁ, ମାଳରେ ନାହିଁ,
ଜପି ଜପି କି ପାଇବୁ କାହିଁ ?

(25) କଂସାରି-ଘର ପାରା କି କୁଳା ତପ ତପ କୁଡ଼ରେ ?

(26) ମୁଣ୍ଡ ଭାଙ୍ଗି, ଗୁଣ୍ଡ କହେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

(27) ଦୁଧ ଗୁଡ଼ ନେଇ, ଲିମ୍ବ ମୂଳେ ଥୋଇ,
ଲିମ୍ବ କି ମଧୁର ହେବ,
ସାତ ପାଞ୍ଚ କଥା, କହିଲେ ବୁଝାଇ,
ପର କି ଆପଣା ହେବ ।

(28) ଭୁଷ୍ଟକୁ ଏତେ,
ମୁଦ ନାହିଁ ଗୋଡ଼ କଣ୍ଡ଼ୁ କେତେ ।

(29) ଯେତିକ କରିବ ଆଉଁସା ଘଷା,
ସେତିକ ହୋଇବେ କୁଟମ୍ବ ପୋଷା ।

(30) ଢେଙ୍ଗା ମୁଣ୍ଡରେ ଠେଙ୍ଗା ।

(31) ଟାଙ୍ଗରା, ବାଙ୍ଗରା, ହିସୁ ଗୋଟି ଗୋଟି ବାଳ,
(ଏହାଙ୍କୁ) ପରତେ ନ ଯିବୁ ଜାଇଥିବ ଯେତେକାଳ !

(32) କଣିଲା ପୁଅ ବସେ ନାହିଁ,
ବସିଲା ପୁଅ କଣେ ନାହିଁ ।

(33) ତୁ ଯେତେ ମାଠିବୁ ମାଠ, ମୁଁ ସେହି ଦରପୋଡ଼ା କାଠ ।

(34) ଅଲସୀ ମାଇର ଫାଲୁଆ ଗୁଣ୍ଡା, ଗୃହିଁ ବସିଥାଏ ଗେରସ୍ଥ ହୁଣ୍ଡା ।

NURSERY RHYMES AND GAME SONGS.

(୧) ଇଚିଡ଼ି ମିଚିଡ଼ି ଜାମୁଚିଡ଼ିଚିଡ଼ି
ପିଲେ ମାଇଲେ ତୋଲ,
ଆଳୁ ଖଇ ଖଣ୍ଡି ପିଠକା ପାଣି
ବୋଉ ଲୋ ! ଏ ଗୋଡ଼ ଖଣ୍ଡି ମୋର ।

(୨) ଆକଲ ମାକଲ ଟାକଲ ଠାଇ
ଗଣେଶ ମାଦଳ ବଜାଏ ତି-ଇ
ରାଇ ରଙ୍ଗ ଫିରିକି ଫୁଲ
ରଜା ବୋଇଲେ ଏଇଟି ଭୁଲ ।

(୩) ଖୁଣ୍ଟିକି ଖୁଣ୍ଟି ପବନ ଖୁଣ୍ଟି
ଚଢେଇ ଦେଉଛା ଖୁଣ୍ଟାଖୁଣ୍ଟି,
ଗୋଟିଏ ମଲା,
ଗୋଟିକ ଉପରେ କୋଡ଼ି ପଡ଼ିଲା ।

(୪) ଟୁକୁ ମୂଷି, ଟୁକାଇ ମୂଷି
ଧାନ ଭରଣକ ଖାଉଥା ବସି
ତୁ ଥା ମୁଁ ଯାଉଚ ରୁଷି !

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

(୫) ଆ ଆ ଜହ୍ନମାମୁ ଶରଦଶଶୀ
କାହ୍ନୁ ହାତେ ମୋର ପଡ଼ରେ ଖସି
ଆ ଆ ଜହ୍ନମାମୁ ଆ ଆ
ପାଠ କାଛଟିଏ ଦେଇଯାଆ
ଗୋଟିଏ ଦେଲେ କାହ୍ନୁ ମୋର ହସିବ
ଯୋଡ଼ିଏ ଦେଲେ ପିଢ଼ା ମାଡ଼ି ବସିବ ।

(୬) ଶଙ୍ଖ ଚିଲ୍ ମହାବଲ୍ ଧୋବଧାଉଳିଆ ପକ୍ଷୀ,
ରାମଚନ୍ଦ୍ର କହ ଯାଇଚନ୍ଦ୍ର ସୀତା ବଡ଼ ଦୁଃଖୀ
ତୋ ଥଣ୍ଟରେ ମାଛ ଥାଉ ମୋ ହାତରେ କାଚ ଥାଉ,
ତୋ ଥଣ୍ଟ ମାଛ ମିଳିଯାଉ ମୋହାତ-କାଚ ବଜ୍ର ହଉ ।

(୭) ବଲୁଆ ନନା ବଲୁଆ ନନା
ଘର ପୋଡ଼ିଗଲା ପଛକୁ ଅନା ।

(୮) ଖରା କରଚ ମେଘ ବର୍ଷୁଚ
ବଲୁଆନନାର ପୁଅ ବାହା ହଉଚ ।

(୯) ମେଘ ପକାଇଲା ଠପର ଠପର କେଶୁର ମାଇଲା ଗଜା,
କେଉଁ ରାଇଜରେ ରହିଲେ ମୋ'ରଜା
ତେଲଙ୍ଗି ବାଇଦ ବଜା ।

(୧୦) ଟିପି ଚଢ଼େଇ ଲୋ ଟିପି ଚଢ଼େଇ,
ଆଣ୍ଠୁକ ପାଣିରେ ବୁଡ଼ି ମରଇ ।

(୧୧) ଖରା ଦିନ ଦାଣ୍ଡ-ଧୂଳି ।
ଉଆଁ-ପିଣ୍ଡାରେ ବସି ଭାଇନା ପଢୁଥିବ ହେ
ହଲୁଥିବ କାନ-ନୋଳି । ମହାପ୍ରଭୁ ସେ । ଘୋଷା ।
ଆଠିକା ଦଉଡ଼ି ଯୋଇ ଥୋଇଲି
ନଗିଡ଼ି ପଡ଼ିଲା ମହୁ ।
ଲୋକେ ପଚାରିଲେ କି ବୋଲି କହିବ
ମୁଁ ତ ଗାଁ-ମକଦମ-ବୋହୂ ।
କଖାରୁ କାଟିଲି ଫାଲେ ।
ଦାଣ୍ଡ-ଦୁଆରେ ଆସି ନନା ଡାକୁଥିବ ହେ
କୁନିହିଅ ମୋର ନାହିଁକି ଘରେ ।
ଶାଗଭାତ ଦେଲି ରଖି ।
ଖାଇବେଲେ ଭାଇନା ମୋର ବାଟ ଚାହୁଁଥିବେ ହେ
ମା ବିମଳାଇ ସାକ୍ଷୀ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ALEKH MAHIMA GURU BHIM BHOY.

D.—1895.

କ୍ଷୀର-ସିନ୍ଧୁବାସୀ ଯେହିରେ ସୁମନ, କ୍ଷୀର-ସିନ୍ଧୁବାସୀ ଯେହି ।
କ୍ଷୀନାନଲେ ଜଗି ଅଛନ୍ତି ରହି (ସୁମନରେ),
କ୍ଷମା ମହିମାଙ୍କୁ ଧ୍ୟାୟି ।
ହରଶିରେ ପଡ଼େ ଝର ରେ ସୁମନ, ହରଶିରେ ପଡ଼େ ଝର ।
ହରଷରେ ଝର ପିଅନ୍ତି ହର (ସୁମନରେ),
ହୋଇଛନ୍ତି ଅଜାମର ।
ସକାର ମକାର ବେନି ରେ ସୁମନ, ସକାର ମକାର ବେନି ।
ସାକାର ସହିତେ ଓଁକାରୁ ଆଣି (ସୁମନରେ),
ସଞ୍ଚରିଲେ ଏ ମେଦିନୀ ।
ଶରଦ ଉଷମ ନାହିଁ ରେ ସୁମନ, ଶରଦ ଉଷମ ନାହିଁ ।
ସଦା ସମ୍ପୂର୍ଣ୍ଣ ସେ ଅରୂପା ଦେହି (ସୁମନରେ),
ଶୂନ୍ୟପୁରେ ଛନ୍ତି ରହି ସୁମନରେ ।
ଶତଦଳ ଅଛି ଫୁଟିରେ ସୁମନ, ଶତଦଳ ଅଛି ଫୁଟି ।
ଶତଦଳେ ଗୁରୁ ଆସନ ଗୁଣ୍ଠି (ସୁମନରେ),
ସେହି ଅମରା ଭୂମିଟି ସୁମନରେ ।
ବଙ୍କନାଳ ଭେଦ ଗଲେ ରେ ସୁମନ, ବଙ୍କନାଳ ଭେଦ ଗଲେ ।
ବସିବୁ ଯାଇ ଅବାୟୁ ମଣ୍ଡଳେ (ସୁମନରେ)
ବ୍ରହ୍ମଙ୍କୁ ପରତେ ହେଲେ ସୁମନରେ ।
ଲାବଣ୍ୟ ନାୟିକ ଅନାରେ ସୁମନ, ଲାବଣ୍ୟ ନାୟିକ ଅନା ।
ଲଲାଟଚକ୍ରେ କାଉଁରି ପାଟଣା (ସୁମନରେ),
ଲାଗିଛି ନାମ ଭଜନା ସୁମନରେ ।
ରହିପୁର ସିଂହାସନ ରେ ସୁମନ, ରହିପୁର ସିଂହାସନ ।
ରଙ୍ଗେ ବ୍ରହ୍ମା ବିଷ୍ଣୁ ରୁଦ୍ର ସଙ୍ଗେଣ (ସୁମନରେ),
ରଷି ଭକ୍ତ ନେବେ ଚିହ୍ନ ସୁମନରେ ।
ଜଗନ୍ନାଥ ଦାସ ଏହି ରେ ସୁମନ, ଜଗନ୍ନାଥ ଦାସ ଏହି ।
ଜିହ୍ୱାମୂଳେ ଜ୍ଞାନ ଦ୍ୟନ୍ତି ବଢାଇ (ସୁମନରେ),
ଜୀବଙ୍କୁ ତାରିବା ପାଇଁ ସୁମନରେ ।
ମରଣ ପଥକୁ ଡରରେ ସୁମନ, ମରଣ ପଥକୁ ଡର ।
ମୂଢ଼ ଭୀମ ଭୋଇ କରେ ଗୁହାରି (ସୁମନରେ),
ମହିମାଙ୍କ ଆଦେଶକର ସୁମନରେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଭାଗ୍ୟରଥୀ ଯେଉଁ ଜନରେ ସୁମନ, ଭାଗ୍ୟରଥୀ ଯେଉଁ ଜନ ।
ଭବଦ୍ୱାରେ ଜଗି ବସିଛି ଯମ (ସୁମନରେ),
ଭ୍ରାନ୍ତ ଯାଉ ଭଜ ବ୍ରହ୍ମ ସୁମନରେ ।।
ବୀଜ ରଜ ସପ୍ତରନ୍ଧ୍ର ରେ ସୁମନ, ବୀଜ ରଜ ସପ୍ତ ରନ୍ଧ୍ର ।
ବହ୍ନି ମାତା ପଦ୍ମେ ଯତ୍ନେ ଗଢନ୍ତ (ସୁମନରେ),
ବ୍ରହ୍ମରେ ଲଗାଉ ମନ ସୁମନରେ ।।
ଫିଟିଛି ତ୍ରିବେଣୀ ଧାର ରେ ସୁମନ, ଫିଟିଛି ତ୍ରିବେଣୀ ଧାର ।
ଫିଟିଥିଲେ କର୍ମ୍ମ ବାସନା ଡୋର (ସୁମନରେ),
ଫୁଙ୍କାବନ୍ଧେ ସ୍ନାନ କର ସୁମନରେ ।।
ପଚିଶ ପ୍ରକୃତି ତେଜ ରେ ସୁମନ, ପଚିଶ ପ୍ରକୃତି ତେଜ ।
ପରମ କଠୋର ଯତନେ ସାଜ (ସୁମନରେ)
ପକା କାଳ ଦଣ୍ଡ ଭାଜି ସୁମନରେ ।।
ନାମକୁ ନିଶାଣି କରରେ ସୁମନ, ନାମକୁ ନିଶାଣି କର ।
ନିତ୍ୟ ସ୍ଥଳରେ ରହାସ ତାର (ସୁମନରେ),
ନାଚନ୍ତି ବ୍ରହ୍ମା ଶଙ୍କର ସୁମନରେ ।।
ଧ୍ରୁବ ମାରକଣ୍ଡ ଆଦିରେ ସୁମନ, ଧ୍ରୁବ ମାରକଣ୍ଡ ଆଦି ।
ଧ୍ରୁବ ମସ୍ତକକୁ ଥିଲେ ସେ ଭେଦି (ସୁମନରେ),
ଧନ୍ୟ ନୀର ସୁରନଦୀ ସୁମନରେ ।।
ଦୁର୍ଲ୍ଲଭ ଜନ୍ମ ତୋ ସିଦ୍ଧିରେ ସୁମନ, ଦୁର୍ଲ୍ଲଭ ଜନ୍ମ ତୋ ସିଦ୍ଧି ।
ଦିନ ଥାଉଁ ଜ୍ଞାନ ପାଇଲେ ସାଧି (ସୁମନରେ),
ଦୟା କରିବେ ଅନାଦି ସୁମନରେ ।।
ଥିଲୁ ନାମ ବ୍ରହ୍ମେ ରସିରେ ସୁମନ, ଥିଲୁ ନାମ ବ୍ରହ୍ମେ ରସି ।
ଥୟ ନପାଇଲୁ ମହୀରେ ଖସି (ସୁମନରେ),
ଥୟ କର ଘୋଷି ଘୋଷି ସୁମନରେ ।।
ତ୍ରିଗୁଣରୁ ତେଜ୍ୟା ହେଲେ ରେ ସୁମନ, ତ୍ରିଗୁଣରୁ ତେଜ୍ୟା ହେଲେ ।
ତ୍ରିବେଣୀ ଘାଟରେ ସ୍ନାହାନ କଲେ (ସୁମନରେ),
ତରିବୁ ପାଦ-କମଳେ ସୁମନରେ ।।
ଅନ୍ଧାର ଉଜ୍ଜ୍ୱଳ ନାହିଁରେ ସୁମନ, ଅନ୍ଧାର ଉଜ୍ଜ୍ୱଳ ନାହିଁ ।
ଅନନ୍ତ ମହିମା ଅଛନ୍ତି ଯହିଁ (ସୁମନରେ),
ଅନ୍ତର୍ଯ୍ୟାମୀ ରୂପ ହୋଇ ସୁମନରେ ।।
ତାଙ୍କୁଣି ଫିଟାଇ ଧରରେ ସୁମନ, ତାଙ୍କୁଣି ଫିଟାଇ ଧର ।
ତାଉ ରଙ୍ଗ ଧର ଲୁଚିଛି ଶ୍ୱେର (ସୁମନରେ),
ତାଳ ପାଣି ହର-ଶିର ସୁମନରେ ।।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଢଙ୍ଗର ବୁଦ୍ଧି ମୋ ହୀନରେ ସୁମନ,   ଢଙ୍ଗର ବୁଦ୍ଧି ମୋ ହୀନ ।
ଡଗରା ଅଛଇ ମହିମା ନାମ (ସୁମନରେ),
ଡାକ କହେ ଭୋଇ ଭୀମ ସୁମନରେ ॥
ଠୁଲ ଶୂନ୍ୟ ଯାହା କହରେ ସୁମନ,   ଠୁଲ ଶୂନ୍ୟ ଯାହା କହ ।
ଠିକଣା ପୁର ସେ ତାଲୁ ଅଛଇ (ସୁମନରେ),
ଠାବ କର ଚତ୍ତ ଦେଇ ସୁମନରେ ॥
ଟାଣ କରୁଅଛୁ କେତେ ରେ ସୁମନ,   ଟାଣ କରୁଅଛୁ କେତେ ।
ଟିଆ କର ଯାକୁ ମାଗିଛୁ ହସ୍ତେ (ସୁମନରେ),
ଟେକ ଧରଛନ୍ତି ତୋତେ ସୁମନରେ ॥
ନିଷ୍କାମ ଗୁରୁଙ୍କୁ ଖଟରେ ସୁମନ   ନିଷ୍କାମ ଗୁରୁଙ୍କୁ ଖଟ ।
ନିଷ୍ଠା ପୁରୁଷକେ ରହିଛୁ ଘଟ (ସୁମନରେ),
ନିତ୍ୟେ ନାମ ବ୍ରହ୍ମେ ରଟ ସୁମନରେ ॥
ଝାଡ଼ ଗହନକୁ ଡେଇଁରେ ସୁମନ,   ଝାଡ଼ ଗହନକୁ ଡେଇଁ ।
ଝାସ ଦେଇ ପଶ ତ୍ରିବେଣୀ ନଈ (ସୁମନରେ),
ଝଲକ ଉଠୁ ତୋ ଦେହି ସୁମନରେ ॥
ଜୀବନ ଯାହାକୁ କହରେ ସୁମନ,   ଜୀବନ ଯାହାକୁ କହ ।
ଜଳରେ ଯେସନେ ମୀନ ଖେଳଇ (ସୁମନରେ),
ଜୀବ ସଙ୍ଗେ ନାହିଁ ଦେହି ସୁମନରେ ॥
ଛନ୍ଦି ନିର୍ବାଣ କରିଲା ରେ ସୁମନ,   ଛନ୍ଦ ନିର୍ବାଣ କରିଲା ।
ଛଡ଼ ଚକ୍ରେ ତୋର ପିଣ୍ଡ ସ୍ଥାପିଲା (ସୁମନରେ),
ଛଡ଼ ବେଦ ବୋଲଇଲା ସୁମନରେ ॥
ଚର୍ମ୍ମ ଦେହକୁ ତୋର ଅନାରେ ସୁମନ,   ଚର୍ମ୍ମ ଦେହକୁ ତୋ ଅନା ।
ଚନ୍ଦ୍ର ସୂର୍ଯ୍ୟ ବେନି ନୟନ ସିନା (ସୁମନରେ),
ଚହିଁଲେ ଙ କାର ଉଣା ସୁମନରେ ॥
ଓଁକାର ଯେଉଁ ଅକ୍ଷରରେ ସୁମନ   ଓଁକାର ଯେଉଁ ଅକ୍ଷର ।
ଉଦେ ହେଲେ ବ୍ରହ୍ମା ବିଷ୍ଣୁ ଶଙ୍କର (ସୁମନରେ),
ଉଇଁ ଅନନ୍ତ ଶରୀର ସୁମନରେ ॥
ଘୋଟିଛି ମାୟା ମୋହଟିରେ ସୁମନ   ଘୋଟିଛି ମାୟା ମୋହଟି ।
ଘାଣ୍ଟି ପକାଉଛୁ ଚର୍ମ୍ମ ଦେହଟି (ସୁମନରେ),
ଘାଟି ମୂଳେ ଦିଅ କାଟି ସୁମନରେ ॥
ଗରଷ୍ଣ ସେବାରେ ଯେବେ ରେ ସୁମନ   ଗରଷ୍ଣ ସେବାରେ ଯେବେ
ଗୁରୁଙ୍କୁ ପରତେ କରିବୁ ତେବେ (ସୁମନରେ),
ଗରବକୁ ଧନ ଦେବେ ସୁମନରେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କ୍ଷିତଙ୍କ କର ଭାବନା ରେ ସୁମନ   କ୍ଷିତଙ୍କ କର ଭାବନା ।
କ୍ଷମା ମହିମାଙ୍କୁ ଘଟରେ ଅନା (ସୁମନରେ),
ଖଣ୍ଡିବେ ତୋ ଦୁର୍ବାସନା ସୁମନାରେ ॥
କହେ ଭୀମ ଭୋଇ ମୂଢ଼ରେ ସୁମନ   କହେ ଭୀମ ଭୋଇ ମୂଢ଼ ।
କରତା ପୁରୁଷ ସଂସାରେ ବଡ଼ (ସୁମନରେ),
କାଳ ଦଣ୍ଡୁ ସ୍ୱାମୀ ଫେଡ଼ ସୁମନରେ ॥

ବ୍ରହ୍ମ - ନିରୂପଣ

ନିଷ୍କାମ ଅସାଧନା

ବହୁଛି ଅବନା ବାଣୀ ଦିବା ନିଶି ଏକ ହୋଇ
କେ ତାଙ୍କୁ କରିଛି ଠାବ ଚହ୍ନି ରଖିଅଛି କାହିଁ ॥
ମହା ଶୂନ୍ୟ ଶୂନ୍ୟେ ବାଟ   ଅରୂପ ଅବନେ ଭେଟ
ପିଣ୍ଡ ବ୍ରହ୍ମାଣ୍ଡରେ ଭେଦ ଧରି ନ ପାଇଲେ କେହି ।
ନାହିଁ ଚେତା ହେତୁ ଦ୍ୱାରେ   ନ ଥାଇ ମନ ଭିତରେ
କାୟା ଛାୟା ମାୟା ଠାରେ, କାହିଁ କିଛି ନ ଲାଗଇ ॥
କାମନା କଳ୍ପନା ଦ୍ୱାରେ   ନ ମିଶେ ହେଜ ପାଖରେ
କେ ତାଙ୍କୁ କରିଛି ଠାବ ଯାର ନାହିଁ ହାଇ ଛାଇ ।
ନିମିଷେ ଶବ୍ଦ ଆକାରେ   ଏକୁଣିପୁର ବାହାରେ
ସାର ବ୍ରହ୍ମ ଏକ ପାଦ ରହିଛି ଗୁପତ ହୋଇ ॥
ସ୍ଥିତି-ବସ୍ତିରେ ନୋହିଲା   କେଉଁ ଭିତରେ ରହିଲା
ତାଙ୍କୁ ଯେ ଦେଖାଇ ଦେବ ତା ପାଦ ଧରିବ ମୁହିଁ ।
ନ ଘେନେ ସେବା ଭକତି   ଦର୍ଶନ-ଭଜନ ନାସ୍ତି
ଭଣେ ଭୀମ ଅରକ୍ଷିତ ବନସ୍ତେ ରହିଲା ଯାଇ ॥

(୨)

ଶୂନ୍ୟ ମନ୍ଦିରେ ବେହାର,   ରୂପ ରେଖ ନାହିଁ ଯାର
ଦୁଇ ପାଦ ନ ମିଶାଇ   ଏକ ପାଦ ଧର ଧର ।
ଅଲେଖ ପାଟନା ପୁର   ସେଠାରେ ତାଙ୍କ ଘର
ନାହିଁ ଶରଦ ଉଷ୍ମ   ସାଧୁ ଜନେ ହେତୁ କର ॥
ନିରାମିଷ ନ ଅଇଁଠା   ପିଣ୍ଡ ଥିଲେ ଲାଗେ ମିଠା
ଦେଖି ତା ଛିଟକ ଚଳ   ଜ୍ଞାନୀ-ମରୁଛନ୍ତି ଭାଳି ।
ଚକ୍ଷୁ ମଠ କର ବେଗ   ବିନ୍ଦୁଳରୁ ଅତିଖର
ତାହାଙ୍କୁ ଯେବଣ ଜନ   ନିବେଦେ କରେ ଦର୍ଶନ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅଖଣ୍ଡିତ ବ୍ରହ୍ମେ ଲୀନ ଜନ୍ମ ମରଣରୁ ପାର
କ୍ରିୟା କର୍ମ ନ ଲାଗଇ ସାଧୁ ସଙ୍ଗ କଲେ ପାଇ ।
ଦୀକ୍ଷା ତା ନିଷ୍କାମ ଧର୍ମ ଭଜନ ଏକା ଅକ୍ଷର
ଯେଉଁଠାରେ ବ୍ରହ୍ମ ଅଛି, ଉଦେ ଅସ୍ତ ନାହିଁ କିଛି
କହେ ଭୀମ ଅରକ୍ଷିତ ନିଗମ ସେ ଅନ୍ଧକାର ।

(୩)

ଅଭୟ ପୁର ମଣ୍ଡଳ ନାହିଁ ଅନ୍ଧାର ଉଜ୍ଜ୍ୱଳ
ଅକଳ୍ପନା ଅଣାକାର ନାହିଁ ତାଙ୍କ ସ୍ଥିତି ଠୂଳ ।
ନାମ ଯହିଁରେ ଦୁଆଣି ଭରସା ଅଛି କାହାର
ନିର୍ଗୁଣ ବ୍ରହ୍ମ ଯେହ୍ନ କି ମିଳିବ ଥଳକୂଳ ।
ସୁସତ୍ୟ ଯହିଁରେ ଦୀପ ଲକ୍ଷ୍ୟ ଦେବା କେଉଁ ରୂପ
ଅକଳ୍ପନା ଅଣାକାର ଆପେ ଆପଣ ନିର୍ମଳ ।
ଧର୍ମ ଯାର ବାମ କରେ ସେ କି କାହାକୁ ପଚାରେ
ଉହଁ ଅଛି ଏତେବେଳେ ବାନା କି ହେବ ନିଷ୍ଫଳ ।
ସେବା ଯାର ନଖ-କୋଣ ଭକ୍ତ ହେବା କଉଁ ଜନ
ପାଇଛି ଦୁର୍ଲ୍ଲଭ ତନୁ ଆଶ୍ରିତ କର ସକଳ ।
ମୁକ୍ତି ଯାର ପୃଷ୍ଠଭାଗେ ସେ କି ସେବା ଭକ୍ତି ମାଗେ
ଅଲେଖ ଯେବଣ ପଦ ଅଣ ଆକାରେ କୁଶଳ
ଏବେ ସେହି ବ୍ରହ୍ମ ଦେଖ ବୈଷ୍ଣବ ମୂରତି ରୂପ
କହେ ଭୀମ ଅରକ୍ଷିତ ସମସ୍ତେ ଧରିବା ଚୂଳ ।

(୪)

ଜଳୁଛି ବ୍ରହ୍ମ-ଅନଳ ଅଲେଖ-କୁଣ୍ଡେ
ଧାପ ଦେଉଅଛି ଏକୋଇଶ ବ୍ରହ୍ମାଣ୍ଡେ ।
ବ୍ରହ୍ମ-ଯୋନି ଭଗ କଲା ଅଧେ ବ୍ରହ୍ମାଣ୍ଡ ରଖିଲା
ଗୁପତ ହୋଇ ରହିଛି ଆହୁର ଖଣ୍ଡେ ।
ଏକ ବ୍ରହ୍ମ ରୂପ ଗୋଟି ତାହିଁ ଚକ୍ଷୁ ଯିବ ଫୁଟି
ଯାହା ମୁଁ ଦେଖିଛି କିସ କହିବ ତୁଣ୍ଡେ ।
କାଠର ପାଉଁଶ ନାହିଁ ଦ୍ରୁମ ଧୂଆଁ ନ ଦିଶଇ
ଗୁଡ଼ ଘୃତ ନାହିଁ ହୁତାଶନ ପ୍ରଚଣ୍ଡେ ।
ସାବଧାନ ହେଲେ ଯାଇ ହସ୍ତ ମାରି ଦେବେ କହି
ଲଲାଟ ପଟରେ ଲେଖା ହୋଇଛି ମୁଣ୍ଡେ ।
ସଦ୍ ବ୍ରହ୍ମ ଏକ ରୂପ ସକଳ ଜୀବଙ୍କ ବାପ
ଆସ୍ଥାନ ତଳରେ ସେବା ଭକତ ଛୁଣ୍ଡେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବସି ଅଚ୍ଛନ୍ତି ଅନାଦି   ଶୂନ୍ୟ ଆସନ ସମାଧି
ଅଣ ଶବଦେ ପ୍ରକାଶ ଅମନ ଦଣ୍ଡେ ।
ହଜି ଯାଇ ଅଛି ସିନା   ଉଦେ କରାଅ ବାସନା
ଯେବଣ ସୁକୃତ ଅଛି କରମ-କାଣ୍ଡେ ।
ନିଗମ ପଥ ଆବୋର   ଅସାଧନାରେ ସୁମର
ଦୃଢ ବନ୍ଧେ ଧର ଜୀବ ଥାଉଁ ଏ ପିଣ୍ଡେ ।
କହେ ଭୀମ ହୀନ ଭୋଇ   କେହି ଅନ୍ତ ପାଇ ନାହିଁ
ଘୋଡ଼ାଇ ରଖିଛି ଶୂନ୍ୟ ଗୁପତ ଭାଣ୍ଡେ ।

(୫)

ଚାଲୁଛି ଶୂନ୍ୟେ ଶବଦ,   ଅନୁମାନ ଚତ୍ତେ ଭେଦ
ଅକଳନା ବାରିନିଧି* ନାମ ମହିମା ଅକାଦି† ।
ଗମ୍ୟ ନାହିଁ ସ୍ଥିର ଧର୍ମ   ଜ୍ୟୋତି ଜ୍ୱାଳା ଊର୍ମ୍ମଧର୍ମ୍ମ‡
ବ୍ରହ୍ମା ବିଷ୍ଣୁ ଶିବ ବଣା   ଏମନ୍ତ ସେ ଯେଉଁ ପାଦ ।
ଯେ ରାମଭଦ୍ର ଅନନ୍ତ   କୃଷ୍ଣଚନ୍ଦ୍ର ଜଗନ୍ନାଥ
ସ୍ଥିରଯୁଗ ଅବତାରେ   ହୋଇ ନ ପାରଲେ ସିଦ୍ଧ ।
ଋକ୍ ଶାମ ଯଜୁ ଅର୍ଥ§   ହ୍ଲିଂ ଶିଲଂ କ୍ଲିଂ ମନ୍ତ୍ର¶
ଦଶ ଆକାଶରେ ଭ୍ରମି ନ ପାଇ ମନେ ବିସ୍ମାଦ ।
ପୃଥୀ ଆପ ତେଜ ବାୟୁ   ଜ୍ୟୋତି ବ୍ରହ୍ମକଳା ବୋହି
ଚନ୍ଦ୍ର ସୂର୍ଯ୍ୟ ଉଦେ ହୋଇ,   ନ ପାଇଲେ ଅନ୍ତ ଆଦ୍ୟ ।
ଛପାନ୍ନ କୋଟି ଜନ୍ତୁ ଜୀବ   କର ନ ପାରଲେ ଠାବ
ମୁନି ତପସ୍ୟାରେ ବସି   ମନରେ ହେଲେ ତ ବାଧ ।
ଅବ୍ୟକ୍ତ ବ୍ରହ୍ମ ଯେହି   ରୂପ-ରଞ୍ଜନାରେ ନାହିଁ
କହେ ଭୀମ ଅରକ୍ଷିତ   ଅନାମେ ରହିଲା ଭେଦ ।

(୬)

ପାଦ ପାଣି ହସ୍ତ ନାହିଁ ଧରିବ କିଏ
ଏମନ୍ତ ବ୍ରହ୍ମ-ମୂରତି ଦେଖା ନ ଯାଏ ।
ନାହିଁ ତାଙ୍କ ପେଟ ଅଣ୍ଟା   ଫଁଟା କି ହୋଇଛି ଗୋଟା ।
ନର ଦେହ ବୋହି କେହି କଳିବା ନୋହେ ।
ତାଙ୍କ ପର ଶାନ୍ତି-ପଣେ   ତ୍ରିଭୁବନେ ନାହିଁ ଜଣେ
ନିନ୍ଦା ସ୍ତୁତି ହାନି ଲାଭ ସକଳ ସହେ ।

---

* ସମୁଦ୍ର । † ଅଚଳ । ‡ ଯୋଗର ବିଷୟ । § ଅଥର୍ବ । ¶ ହ୍ରୀଂ, ଶ୍ରୀଂ, କ୍ଲୀଂ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଭକ୍ଷଣ ନାହିଁ ଆହାର ରଜ ବୀଜରୁ ବାହାର
କ୍ଷୁଧା ତୃଷ୍ଣା କଲେ କ୍ଷୀର ନୀର ନ ପିଏ ।
ଅଙ୍ଗେ ନ ଲାଗଇ ଧୂଳି, ବର୍ଜିତ ଦଶନ୍ତ ଝୁଳି
ନିଦ୍ରା ଘୁମାଇଲେ ଉଭା ଆସନେ ଶୁଏ ।
ଇଚ୍ଛାରେ ଯାଉଛି ଭ୍ରମି ଭକତ ଭାବକୁ ପ୍ରେମି
ଶୁଣି ଚାହିଁବାକୁ କର୍ଣ୍ଣ ଚକ୍ଷୁ ନ ଲାଗେ ।
ନାହିଁ ମୁଖ ଜିହ୍ୱା ନାସା ଉତ୍ତର ନ ଦିଏ ଭାଷା
ଆଗପଛ ଜାଣି ଧୀର ସମୀରେ ରହେ ।
ଉଲଟ ପାଲଟ ନୋହି ମହା ଶୂନ୍ୟ ଶୂନ୍ୟଦେହୀ
ମୁଖ ବାଟେ ଜିହ୍ୱା କଣ୍ଠେ ବଖାଣି ନୋହେ ।
ସଦାନନ୍ଦେ ପୂର୍ଣ୍ଣାନନ୍ଦ ପାଇଲେ ଚରଣ ବନ୍ଦ
ନିରନ୍ତରେ ଆତ୍ମା ତନପୁରେ ଉଦୟେ ।
ନାହିଁ ତାଙ୍କ ବର୍ଣ୍ଣ ଚିହ୍ନ, ଅଶେଷ ରୂପରୁ ଭିନ୍ନ
ସକଳ ଧର୍ମ୍ମ ପ୍ରମାଣେ କରନ୍ତି ନ୍ୟାୟେ ।
ଆସିବା ଯିବା ହେଉଛି କର ସର୍ବ କରାଉଛି
ନିଷ୍କାମ ଯୋଗରେ ନିଜ ନାମକୁ ଥୋଏ ।
ସେ ବ୍ରହ୍ମାର ତେଜ-ଝାସେ ରହି କୁହଇ ପାରୁଣେ
ଅନୁମାନ ପଦେ ମାତ୍ର କରଛି ଲୟେ ।
କହେ ଭୀମ ହୀନ ଭୋଇ ପୂର୍ବ-ଦିଗେ ଛନ୍ତି ରହି
ଦୁଃଖ ସୁଖ ଜଣାଇବ ଭେଟିଲେ ପାୟେ ।

(୭)

ଅଶେଷ ମହିମା ଜାଣି ଭୁବନେ ଖ୍ୟାତ,
ନର ଦେହ ବହି କେହି କରିବ ଅନ୍ତ ।
କହିଁ ମହିମା ଭଜିବ କେବଣ ଭାବେ ମଜ୍ଜିବ,
ସତ-ଚିତ୍ତ ଦୃଢ଼ ବ୍ରତ କେତେ ଶକତ !
ଜନ୍ମ ଲଭି ଗଲେ ବହି ଅଗମୂଳ ପାର ନାହିଁ,
ସରି ଯାଉଅଛି ଯୁଗ କଳ୍ପ କଳ୍ପାନ୍ତ ।
କୁହଇ ଉଶ୍ୱାସ ବୋଝ ବୋହିବାକୁ ବଡ଼ ସହଜ,
ଆଣିବା ନେବାକୁ ଅଛି କେହି ସମର୍ଥ ।
ସ୍ଥିତିରେ ଥୋଇଲେ ନେଇ, ଧରି ହୋଇ ନ ରହଇ
ଅଡ଼ୁଆ ନ ଲାଗେ କୁହେ ଅଳ୍ପ ବହିତ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ନୁହନ୍ତି ଜାତି ଅଜାତି ନାହିଁ ତାଙ୍କ ସଙ୍ଗ ସାଥୀ
ଇଷ୍ଟ ବନ୍ଧୁ ତାତ ମାତ ନ ବସି ମିତ
ନୁହନ୍ତି ସେ ପ୍ରଭୁ, ଯୋନି-ଜନମ ଜାତି ॥
ବିଜାତୀୟା ହେଲେ ଯହିଁ ଉଦେ ହେଲେ ମହାବାହୁ
ଜାତୀୟା କରିବା ଯେତେ ସବୁ ଭକତ ।
ବ୍ରହ୍ମ-ଅନଳେ ଝାଳିବେ ନାମ ଜଳେ ପଖାଳିବେ
ନିର୍ମଳା ସ୍ଥାନେ ଥୋଇବେ କରି ନିର୍ମିତ ॥
ଅଦ୍ଭୁତ ଅମୂର୍ତ୍ତି ଦ୍ୱାର ବାହ୍ୟ ବର୍ତ୍ମ ନକର
ଅଗମ୍ୟରେ ଗମିଲେ ଲଭିବ ମୁକତ ।
ସେହି ପଶିଲେ ହଂସାଇ ଦୟା ହେବ ତେବେ ଯାଇ
ଅନାମିକା-ପଦ ନିଶ୍ଚେ ହେବ ପ୍ରାପତ ॥
ଦୁର୍ଗମ-ଘାଟୀ ଅଛଇ ହସ୍ତ ଗୋଡ଼ ପାଉ ନାହିଁ
ଗଢପତି ହର୍ତ୍ତାକର୍ତ୍ତା ଭକତ-ହିତ ।
କହେ ଭୀମ ହୀନ ଭୋଇ କେ ବୋଲିବ ମିଥ୍ୟା ଏହି
ନାମ ବ୍ରହ୍ମ-ପଦ ଚତୁର ଯୁଗରେ ସତ୍ୟ ॥

(୮)

ପରତେ ହୋଇ ପାରିଲେ ଅଣ ଆକାରେ
ନିଶ୍ଚୟ ପାଇବ ଭେଟ ଅମନ ପୁରେ ॥
ହାଇ ଛାଡ଼ି ସମସ୍ତଙ୍କୁ କ୍ଷୁଧା ତୃଷ୍ଣା ଆୟତଙ୍କୁ
ଆଶା ଭରସାକୁ ସବୁ ଫିଙ୍ଗିବା ଦୂରେ ।
ଅବାୟୁ ମଣ୍ଡଳେ ନେଇ ବାୟୁ ପାରିଲେ ପୂରାଇ
ତେବେ ସେ ପ୍ରବେଶ ହେବ ଗୁରୁ-ଛାମୁରେ ॥
ପିଣ୍ଡ ପ୍ରାଣ ତେଜ୍ୟ କରି ଜନ୍ମ ମୃତ୍ୟୁକୁ ନ ଡରି
କାଳ ବିକାଳକୁ ନିବାରିବ ନିଷ୍ଠାରେ ।
ବ୍ରହ୍ମ-ଆନନ୍ଦ ଦହୁଡ଼ି ଜାଳି ଫିଟାଅ କୁହୁଡ଼ି
ଅର୍ଗଳି କବାଟ ଫେଇଯିବ ସତ୍ୱରେ ॥
ଅବନ୍ଧ ବନ୍ଧରେ ପାଣି ଚଳାଅ ଲହରୀ ଟାଣି
ଅଜପାନନ୍ଦଙ୍କ ପାଦ ଚରଣ କରେ ।
ଚିରକାଳ ସ୍ଥିର ରହି ବ୍ରହ୍ମ ଅଙ୍ଗ-ତେଜ ବୋହି
ଉଲଟ ଉଜାଣି ନଦୀ ସମ୍ପୂର୍ଣ୍ଣେ ଭରେ ॥
ଅଖାଦ୍ୟ ପାଇଲେ ଖାଇ ଅମପା ମାପିଲେ ଯାଇ
ସାଧୁ ସଙ୍ଗ କଲେ ପୂର୍ବ ପାତକ ହରେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅକଳ୍ପନା ବ୍ରହ୍ମେ ଧ୍ୟାନ ଲୟ କଲେ ଗ୍ରସ୍ତ ଦନ
ବଦଳିଲେ ପିଣ୍ଡ ନୂଆ ନବୀନ ଧରେ ।
ଅଜପା ମାପିଲେ ସାର ଅଦେଖା ଦେଖିଲେ ପାର
ଅଚହ୍ନକୁ ଚହ୍ନି ଭଜ ଅଣ ରୂପରେ ।
ତରିବାକୁ ଥିଲେ ଆଶା ନବେଦ କର୍ମ୍ମରେ ଝାସ
ସଦ୍‌ଜ୍ଞାନ ମୁକ୍ତି ପଦ ଗୁରୁ-ଦୁଆରେ ।
ଅଲେଖ ପୁର ଭୁବନ ନାହିଁ ତହିଁ ବଡ଼ ସାନ
ସମାନରେ ଦୟା ଦୃଷ୍ଟି ସର୍ବ ଜୀବରେ ।
କହେ ଭୀମ ହୀନ ଦାସ ଅବନା ମଣ୍ଡଳେ ପଶ
ନିଶୁଣୀ ଲଗାଇ ଉଠ ଶୂନ୍ୟ ଶିଖରେ ।

ଏକୋଇଶ ଭୁବନ ଜିଣି ଯେବେ ଯିବ ହେବ ଅଲେଖର ଭକ୍ତ ।
ଗୃହୀ ଦିଗମ୍ବରୀ ଯେ ଅଛୁ ସଂସାରେ କେ ହେବ ସମର୍ଥ ।
ଅଲେଖ ସ୍ୱାମୀଙ୍କୁ ଯେ ଭଜି ପାରିବ, ନ ପଡ଼ିବ ତାର କାୟା ।
ଚେତା ଚଇତନ ହେତୁ ନ ବୁଡ଼ିବ କରିବେ ସେ ଯେବେ ଦୟା ।
ରଜ ବୀଜରେ ସେ ଜନ୍ମ ନ କରିବ ଯୁଗେ ଯୁଗେ ଅଜାମର ।
ଇଚ୍ଛିଲେ ଦେହ ଅଦେହ ହୋଇପାରେ ଇଷ୍ଟ ମରଣ ତାହାର ।
ଭବାର୍ଣ୍ଣବ ମାୟା ନ ଲାଗଇ ତାକୁ ନ ପଶଇ ଯୋନି ଦ୍ୱାର ।
ମୋ ପିଣ୍ଡ ଗଢ଼ିଲା ଶକତ ମୋ ଅଟେ ଏଥୁଁ ହୋଇଛୁ ବାହାର ।
ମାତାର ପଦ୍ମକୁ ଯେ ଭଜି ପାରୁଛି ପ୍ରଳୟରୁ ହେଲା ପାର ।
ଅଲେଖ ପୁରୁଷ କରନ୍ତି ତାହାଙ୍କୁ ଜନ୍ମ ମରଣରୁ ଉଧାର ।
ମହାସୂକ୍ଷ୍ମ ପାଇ ଅଲେଖ ପୁରୁଷ ଏତେ କର୍ମ୍ମରେ ଯେ ଥିଲେ ।
ଡାକି ଡାକି ତାଙ୍କୁ ଅଲେଖ ପୁରୁଷ ମୁକତି ଦିଅନ୍ତି ବଳେ ।
ଜିହ୍ୱା ସୁସ୍ୱାଦରେ ନଥାଇ ସେ ଜନ ନିତ୍ୟେ ଅସାଧନା ଯୋଗ ।
ମୁକତି ଭଣ୍ଡାରୁ ସେ ଅଲେଖ ପୁରୁଷ ବଳେ ଅଧେ ନେଲେ ଭାଗ ।
ତୁହି ମତେ ଜାଣୁ ମୁହିଁ ତତେ ଜାଣେ ଏଥିରେ ସଂଶୟ ନ ଭାବ ।
ତୁହି ଯହିଁ ଯିବୁ ମୁଇଛୁ ନ ପାର ମୁହିଁ ସଙ୍ଗତରେ ଯିବ ।
ମୁହିଁ ତୋର ପୁତ୍ର ତୁହି ମୋର ପିତା ଏଥିକି ବିଶ୍ୱାସ ନେବ ।
ମତେ ତୁହି ଯହିଁ ବସାଇବୁ ନେଇ ତହିଁ ମୁହିଁ ବସିଥିବ ।
ଏମନ୍ତେ ବୋଲନ୍ତି ଅଲେଖ ପୁରୁଷ ନିଷ୍କାମ ଭକ୍ତଙ୍କ ଗୃହିଁ ।
ତୋର ମୋର ବାବା ! ଯେବଣ ପୀରତି ତ୍ରିଭୁବନେ ଜାଣି ନାହିଁ ।
ନିଷ୍କାମ ଭକତ ଦେଖିଲେ ଅଲେଖ ହସି ପ୍ରସନ୍ନ ହୁଅଇ ।
ଇତର ଦୁଆରକୁ ଆସି ଯାଇ ବ୍ରହ୍ମ କାଦୋ ଉଠି ଯାଉଥାଇ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ନିଷ୍କାମ ଭକ୍ତି ବଳେ ବନ୍ଦୀ ହୁଏ ଏକା କାହିଁ ନୋହିବ ବନ୍ଧନ ।
ଭକ୍ତି ପାଶରୁ ନ ଛିଡ଼ି ଯାଇ ପାରେ ଯେସନେ ଘଟରେ ପ୍ରାଣ ।
ଅଲେଖ ଭକ୍ତିର ଏସନ ବିଧାନ ଶୁଣ ସାଧୁ ସୁଜ୍ଞ ନର ।
ଅଘୋରତ୍ୱ ସାର ଧର୍ମ୍ମ ଭଗତି ପାର୍‌ଅଛ ଯେବେ କର ॥
ଅଖଣ୍ଡ ନିଷ୍ଠା ଭଗତିରେ ଯେ ଜନ ଅମନେ କରିବ ମନ ।
ଆପୃତ୍ତି ନାହିଁ ଅଲେଖ ପୁରୁଷର ହେବେ ତାହାର ଅଧୀନ ॥
କିବା ନରଲୋକ କିବା ଦେବ ଲୋକ କେ କରୁଛି ଭକ୍ତି ଦେଖ ।
କିବା ସୁର ଲୋକ କିବା ରୁଦ୍ର ଲୋକ ଯେ ଅଛନ୍ତି ନିତ୍ୟ ଲୋକ ।
ଅଲେଖ ବ୍ରହ୍ମରେ ଭକତି ହୋଇଲେ ନ ହୁଅଇ କେହି ସାହା ।
ତ୍ରିଭୁବନ ଲୋକେ ସହନ୍ତି ଏକା ଯାଣି ସ୍ତୁତି କର ତାହା ।

Calcutta :—Printed at the Baptist Mission Press.

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

CC-0. In Public Domain. Gurukul Kangri Collection, Haridwar